قُلْ اِنَّ صَلَاتِیْ وَ نُسُکِیْ وَ مَحْیَایَ وَ مَمَاتِیْ لِلّٰہِ رَبِّ الْعَالَمِیْنَ

# ନବୀ ଶିରୋମଣି

## ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଜୀବନ

(ତାହାଙ୍କ ପ୍ରତି ଅଲ୍ଲାହ୍‌ଙ୍କ ଶାନ୍ତି ଓ କରୁଣା ହେଉ)

ମୂଳ ଉର୍ଦ୍ଦୁ : **ନବିୟୋଁ କା ସର୍‌ଦାର୍**

**ଲେଖକ**


## ହଜରତ ମିର୍ଜା ବଶିରୁଦ୍ଦିନ୍ ମହମୁଦ ଅହମଦ୍

(ଖଲିଫତୁଲ ମସିହ ଦ୍ୱିତୀୟ[ରଅ])

**خلیفۃ المسیح الثانی المصلح الموعود**

ପୁସ୍ତକର ନାମ : **ନବୀ ଶିରୋମଣି (Nabi Shiromani)**
ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଜୀବନ

ମୂଳ ଉର୍ଦ୍ଦୁ : **ନବିୟୋଁ କା ସରଦାର (Life of Muhammad)**

ଲେଖକ : **ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ**
ଅହମଦିୟା ମୁସଲିମ ସଂପ୍ରଦାୟର ଦ୍ୱିତୀୟ ଖଲିଫା

ଅନୁବାଦକ : ସୟଦ ନୟର୍ ଅହମଦ M.A

ସମୀକ୍ଷକ : ଇଂ. ରୌଶନ୍ ଖାନ୍, ଅଧ୍ୟକ୍ଷ ରିଭ୍ୟୁ କମିଟି, ଓଡିଶା

ପ୍ରକାଶକ : ନଜାରତ ନଶରୋ ଇଶାଅତ୍
ସଦର ଅଞ୍ଜୁମନ ଅହମଦିୟା, କାଦିୟାନ
ଜିଲ୍ଲା: ଗୁରୁଦାସ୍‌ପୁର, ପଞ୍ଜାବ

ପ୍ରକାଶନ ବର୍ଷ : 2017, ପ୍ରଥମ ଓଡିଆ ସଂସ୍କରଣ

ମୁଦ୍ରଣ ସଂଖ୍ୟା : 2000

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ
ଜିଲ୍ଲା: ଗୁରୁଦାସ୍‌ପୁର, ପଞ୍ଜାବ - 143516

ISBN

*No part of this publication may be reproduced or transmitted in any form or by any means, electronic or mechanical, including photocopy, recording or any information storage and retrieval system, without prior written permission from the Publisher.*

*For further information please visit:*

*www. alislam.org*
*www. ahmadiyyamuslimjamaat.in*

ଅଧିକ ଜାଣିବା ପାଇଁ ସଂପର୍କ କରନ୍ତୁ:

**Noor-ul-Islam TOLL FREE 18001802131**

# ବିଷୟ ସୂଚୀ


- ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଜୀବନ 1
- ହଜରତ ମୁହମ୍ମଦ[ସଅ]ଙ୍କ ସମୟରେ ପ୍ରତିମା ପୂଜା 3
- ମଦ୍ୟପାନ ଓ ଜୁଆ 5
- ବାଣିଜ୍ୟ ବ୍ୟବସାୟ 5
- ଆରବୀୟମାନଙ୍କ ଅନ୍ୟାନ୍ୟ ଅଭ୍ୟାସ ଓ ସ୍ୱଭାବ 6
- ମୁହମ୍ମଦ ମୁସ୍ତଫା[ସଅ]ଙ୍କ ଜନ୍ମ 8
- ହିଲ୍‌ଫୁଲ୍ ଫୁଜୁଲ୍ ସମିତିରେ ତାଙ୍କର ସଦସ୍ୟତା ଗ୍ରହଣ 9
- ହଜରତ ମୁହମ୍ମଦ[ସଅ] ଙ୍କ ସହିତ ଖଦିଜା[ରଅ]ଙ୍କ ବିବାହ 11
- କ୍ରୀତଦାସମାନଙ୍କ ମୁକ୍ତି ଓ ଜଏଦଙ୍କ ପ୍ରସଙ୍ଗ 13
- ହିରା ଗୁମ୍ଫାରେ ଉପାସନା 14
- କୁରଆନର ପ୍ରଥମ ଐଶିବାଣୀ 15
- ଅବୁବକର୍[ରଅ]ଙ୍କର ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ବିଶ୍ୱାସ ସ୍ଥାପନ 17
- ବିଶ୍ୱାସକାରୀମାନଙ୍କ ଏକ କ୍ଷୁଦ୍ର ସଂପ୍ରଦାୟ 18
- ମକ୍କାର ମୁଖିଆ ଦଳପତିମାନଙ୍କର ବିରୁଦ୍ଧାଚରଣ 18
- ବିଶ୍ୱାସକାରୀ ଦାସମାନଙ୍କ ଉପରେ ମକ୍କାବାସୀଙ୍କ ଅନ୍ୟାୟ, ଅତ୍ୟାଚ୍ଚର 20
- ସ୍ୱାଧୀନ ମୁସଲମାନମାନଙ୍କ ଉପରେ ଅତ୍ୟାଚ୍ଚର 24
- ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ଅତ୍ୟାଚାର 26
- ଇସ୍‌ଲାମର ମଧୁମୟ ବାର୍ତ୍ତା 27
- ଅବୁତାଲିବଙ୍କ ନିକଟରେ ମକ୍କାର ଅବିଶ୍ୱାସକାରୀଙ୍କ ଅଭିଯୋଗ ଏବଂ ହଜରତ ମୁହମ୍ମଦ[ସଅ]ଙ୍କ ଦୃଢ ସଂକଳ୍ପ 30
- ହବ୍‌ଶା ଆଡକୁ ହିଜରତ୍ (ଦେଶାନ୍ତର ଗମନ) 32
- ହଜରତ୍ ଉମର[ରଅ]ଙ୍କ ଇସ୍‌ଲାମ ଧର୍ମ ଗ୍ରହଣ 35
- ମୁସଲମାନମାନଙ୍କୁ ସାମାଜିକ ବାସନ୍ଦ 39
- ହଜରତ ଖଦିଜା ଓ ଅବୁତାଲିବଙ୍କ ମୃତ୍ୟୁ ପରେ ପ୍ରଚାରରେ ବାଧା ଏବଂ ମୁହମ୍ମଦ[ସଅ]ଙ୍କ ତାୟଫ୍ ଅଭିମୁଖେ ଯାତ୍ରା 40
- ମଦିନାର ବାସିନ୍ଦାମାନଙ୍କ ଇସ୍‌ଲାମ ଧର୍ମ ଗ୍ରହଣ 47
- ଇସରା (ସ୍ୱପ୍ନାବସ୍ଥାରେ ରାତ୍ରୀକାଳୀନ ଯାତ୍ରା) 51
- ରୋମ ବିଜୟର ଭବିଷ୍ୟତବାଣୀ 52
- ମକ୍କାରୁ ମଦିନାକୁ ହିଜ୍‌ରତ୍ 59
- ମୁହମ୍ମଦ[ସଅ]ଙ୍କୁ ଧରିବା ପାଇଁ ସୁରାକାର ପଶ୍ଚାତ୍ ଧାବନ ଏବଂ ତାଙ୍କ ସମ୍ବନ୍ଧରେ ଭବିଷ୍ୟତବାଣୀ 62
- ମୁହମ୍ମଦ[ସଅ]ଙ୍କ ମଦିନାରେ ପ୍ରବେଶ 65
- ଅବୁ ଅୟୁବ୍[ରଅ] ଅନ୍‌ସାରୀଙ୍କ ଗୃହରେ ଅବସ୍ଥାନ 68
- ହଜରତ ମୁହମ୍ମଦ[ସଅ]ଙ୍କ ସେବକ ଅନସ୍[ରଅ]ଙ୍କ ସାକ୍ଷ୍ୟ 69
- ମକ୍କାରୁ ନିଜର ପରିବାରବର୍ଗଙ୍କୁ ଡାକରା ଓ ମସଜିଦ୍-ଏ-ନବ୍‌ୱିର ଭିତ୍ତି ପ୍ରସ୍ତର ସ୍ଥାପନ 70
- ମଦିନାର ବହୁ ଈଶ୍ୱରବାଦୀ ଜନଜାତିଙ୍କ ଇସଲାମ ଧର୍ମ ଗ୍ରହଣ 70
- ମକ୍କାବାସୀଙ୍କର ମୁସଲମାନମାନଙ୍କୁ ପୁନଃ ନିର୍ଯ୍ୟାତନା ଦେବାର ଯୋଜନା 72
- ଅନ୍‌ସାର୍ ଓ ମୁହାଜେରୀନ୍‌ଙ୍କ ମଧ୍ୟରେ ଭ୍ରାତୃଭାବ 73
- ମୁହାଜେରୀନ୍, ଅନସାର୍ ତଥା ଇହୁଦିମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା 74
- ମକ୍କାବାସୀଙ୍କ ପକ୍ଷରୁ ପୁନଃ ଅଭିନବ ଉପଦ୍ରବ 77
- ହଜରତ ମୁହମ୍ମଦ[ସଅ]ଙ୍କର ସୁରକ୍ଷାତ୍ମକ ଯୋଜନା 79

- ମଦିନାରେ ଇସ୍‌ଲାମୀୟ ଶାସନର ମୂଳଭିତ୍ତି 80
- କୁରୈଶର ବଣିକ ଦଳର ଆଗମନ ଏବଂ ବଦର ଯୁଦ୍ଧ 81
- ଏକ ମହାନ ଭବିଷ୍ୟତ ବାଣୀ ପୂରଣ 89
- ବଦରର ଯୁଦ୍ଧବନ୍ଦୀ 91
- ଉହଦ୍ ଯୁଦ୍ଧ 94
- ବିଜୟର ଟୀକା : ପରାଜୟର ଆବରଣ ଭିତରେ 95
- ଉହଦ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ଏବଂ ମଦିନାବାସୀଙ୍କ ତ୍ୟାଗପୂତ ଭାବନା 103
- ମଦ୍ୟପାନ ଉପରେ ନିଷେଧାଜ୍ଞା ଓ ଏହାର ପ୍ରଭାବ 107
- ଉହଦ୍‌ର ଯୁଦ୍ଧପରାନ୍ତ ଅବିଶ୍ୱାସକାରୀ ଗୋଷ୍ଠୀ ପକ୍ଷରୁ ଜଘନ୍ୟ ଷଡଯନ୍ତ୍ର 110
- ବନି ମୁସ୍ତଲିକ୍ ଯୁଦ୍ଧ 116
- ମଦିନା ଉପରେ ଆରବୀୟଙ୍କ ଚଢ଼ାଉ ଓ ଖନ୍ଦକ ଯୁଦ୍ଧ 119
- ଖନ୍ଦକ ଯୁଦ୍ଧ ସମୟରେ ଇସଲାମୀ ସେନାଙ୍କ ପ୍ରକୃତ ସଂଖ୍ୟା 123
- ବନୁ କୁରୈଜାର ବିଶ୍ୱାସଘାତକତା 126
- ମୁନାଫିକ(କପଟାଚାରୀ) ଓ ମୋମିନ୍ (ବିଶ୍ୱାସକାରୀ)ଙ୍କ ଅସଲ ରୂପ 131
- ଇସ୍‌ଲାମରେ ମୃତକର ଶବକୁ ସମ୍ମାନ 134
- ବିରୋଧୀ ସେନାଙ୍କ ମୁସଲମାନଙ୍କ ଉପରେ ସଂଘବଦ୍ଧ ଆକ୍ରମଣ 135
- ବନୁ କୁରୈଜା ମୂର୍ତ୍ତିପୂଜକଙ୍କ ସହିତ ମିଶି ମିଳିତ ଆକ୍ରମଣ ପାଇଁ ପ୍ରସ୍ତୁତି ଓ ସେଥିରେ ଅସଫଳତା 137
- ବନୁ କୁରୈଜାର ବିଶ୍ୱାସଘାତକତା ପାଇଁ ଶାସ୍ତି 141
- ବନୁ କୁରୈଜାଙ୍କ ମଧ୍ୟସ୍ଥି ସାଦ୍‌ଙ୍କ ନିଷ୍ପତ୍ତି ତୋରାହ୍ ଅନୁଯାୟୀ ଥିଲା 143
- ମୁସଲମାନମାନଙ୍କ ବିଜୟର ଅୟମାରମ୍ଭ 148
- ଯୁଦ୍ଧ ସଂକ୍ରାନ୍ତରେ ଇହୁଦି ଓ ଖ୍ରୀଷ୍ଟଧର୍ମର ଶିକ୍ଷା 152
- ଯୁଦ୍ଧ ସମ୍ବନ୍ଧରେ ଇସଲାମର ଶିକ୍ଷା 154
- ଖାଇଯୁଦ୍ଧ ପରେ ଅବିଶ୍ୱାସକାରୀଙ୍କ ପକ୍ଷରୁ ମୁସଲମାନମାନଙ୍କ ଉପରେ ଆକ୍ରମଣ 170
- ପନ୍ଦର ଶହ ଅନୁଚରଙ୍କ ସହିତ ମୁହମ୍ମଦ[ସଅ]ଙ୍କ ମକ୍କା ଅଭିମୁଖେ ପ୍ରସ୍ଥାନ 172
- ହୁଦୈବିୟା ସନ୍ଧିପତ୍ରର ସର୍ତ୍ତାବଳୀ 176
- ସମ୍ରାଟମାନଙ୍କ ନାମରେ ଚିଟାଉ 180
- ରୋମ୍‌ର ବାଦଶାହ୍ ହିରକଲ୍‌ଙ୍କ ନାମରେ ପତ୍ର 181
- ମୁହମ୍ମଦ[ସଅ]ଙ୍କୁ ସତ୍ୟନିଷ୍ଠ ଅବତାର ରୂପେ ରୋମ୍ ସମ୍ରାଟଙ୍କ ନିଷ୍କର୍ସ 183
- ହିରକଲ୍‌ଙ୍କ ନାମରେ ମୁହମ୍ମଦ[ସଅ]ଙ୍କ ବାର୍ତ୍ତାମୂଳକ ପତ୍ର 185
- ଇରାନ୍‌ର ସମ୍ରାଟଙ୍କ ପାଖକୁ ପତ୍ର 187
- ହବ୍‌ଶାର ବାଦଶାହ୍ ନଜ୍ଜାସୀଙ୍କ ନାମରେ ପତ୍ର 191
- ମିଶରର ସମ୍ରାଟ ମକୁକସ୍‌ଙ୍କ ନାମରେ ପତ୍ର 193
- ବାହାରୀନ୍‌ର ମୁଖ୍ୟ ମୁନ୍‌ଜିର୍ ତୈମିଙ୍କ ନାମରେ ବାର୍ତ୍ତା 196
- ଖୈବର ଦୁର୍ଗ ଉପରେ ବିଜୟ 198
- ତିନୋଟି ଆଶ୍ଚର୍ଯ୍ୟଜନକ ଘଟଣା 200
- କା'ବାର ପରିକ୍ରମା 204
- ମୁହମ୍ମଦ[ସଅ]ଙ୍କ ବହୁପତ୍ନୀ ବିବାହ ଉପରେ ଆରୋପର ଉତ୍ତର 205
- ଖାଲିଦ୍ ବିନ୍ ୱଲିଦ୍ ଓ ଉମ୍‌ର ବିନ୍ ଅଲ୍ ଆସଙ୍କ ଇସଲାମ୍ ଗ୍ରହଣ 207
- ମୌତଃ ଯୁଦ୍ଧ 207

- ମକ୍କାବିଜୟ 214
- ହୁନୈନ୍ ଯୁଦ୍ଧ 233
- ମକ୍କା ବିଜୟ ଓ ହୁନୈନ୍ ଯୁଦ୍ଧ ପରବର୍ତ୍ତୀ ଘଟଣା 240
- ତବୁକ୍ ଯୁଦ୍ଧ 242
- ହୁଜଜତୁଲ ୱିଦା ଏବଂ ମୁହମ୍ମଦ[ସଅ]ଙ୍କ ସାରଗର୍ଭିକ ଭାଷଣ 248
- ହଜରତ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ନିଧନ 252
- ମୁହମ୍ମଦ[ସଅ]ଙ୍କ ନିଧନ ପରେ ଅନୁଚରମାନଙ୍କ ଦଶା 259
- ହଜରତ୍ ମୁହମ୍ମଦ[ସଅ]ଙ୍କ ଆଦର୍ଶ ଚରିତ୍ର 263
- ହଜରତ ମୁହମ୍ମଦ[ସଅ]ଙ୍କ ବାହ୍ୟ ଓ ଅନ୍ତରୀଣ ସ୍ୱଚ୍ଛଗୁଣ 264
- ଖାଦ୍ୟପେୟରେ ସରଳତା ଓ ସନ୍ତୁଳନ 266
- ବସ୍ତ୍ର ତଥା ଆଭୁଷଣରେ ସଂଯମ ରକ୍ଷା ଓ ଶାଳୀନତା 271
- ସାଧାରଣ ବିଛଣା 272
- ସାଧାସିଧା ବାସଗୃହ ଓ ସରଳ ଜୀବନଯାପନ 273
- ଈଶ୍ୱର ପ୍ରେମ ଓ ତାହାଙ୍କ ଉପାସନା 273
- ଈଶ୍ୱରଙ୍କ ଉପରେ ଭରସା 278
- ମୁହମ୍ମଦ[ସଅ]ଙ୍କ ମାନବଜାତି ପ୍ରତି ବ୍ୟବହାର 285
- ଆଦର୍ଶ ଚରିତ୍ରବାନ୍ ବ୍ୟକ୍ତିତ୍ୱ 287
- ସହନଶୀଳତା 288
- ନ୍ୟାୟ 291
- ଭାବନାର ଆଦର 293
- ଦରୀଦ୍ରଙ୍କ ପ୍ରତି ସହାନୁଭୂତି ତଥା ଭାବନାକୁ ସମ୍ମାନ 293
- ଦରୀଦ୍ରମାନଙ୍କ ସମ୍ପତ୍ତିର ସୁରକ୍ଷା 298
- ଦାସମାନଙ୍କ ସହିତ ସଦ୍‌ବ୍ୟବହାର 299
- ମାନବ ସମାଜର ସେବକମାନଙ୍କ ପ୍ରତି ସମ୍ମାନ 301
- ପତ୍ନୀମାନଙ୍କ ସହିତ ସଦ୍‌ବ୍ୟବହାର 301
- ମୃତ୍ୟୁପ୍ରାପ୍ତ ଲୋକମାନଙ୍କ ସମ୍ବନ୍ଧରେ ଆଦର୍ଶାଚରଣ 305
- ପ୍ରତିବେଶୀଙ୍କ ସହିତ ସଦ୍‌ବ୍ୟବହାର 306
- ପିତାମାତା ଓ ଅନ୍ୟ ବଂଧୁ ପରିଜନଙ୍କ ସହିତ ସଦ୍‌ବ୍ୟବହାର 307
- ସତ୍‌ସଂଗ 311
- ଲୋକଙ୍କ ବିଶ୍ୱାସର ସୁରକ୍ଷା ପ୍ରତି ଚେତନା 312
- ଅନ୍ୟମାନଙ୍କ ଦୋଷ ଘୋଡାଇବା 312
- ଧୈର୍ଯ୍ୟଶୀଳତା 316
- ପାରସ୍ପରିକ ସହଯୋଗ 317
- ଦୋଷତ୍ରୁଟିକୁ ଅଣଦେଖା କରିବା 318
- ସତ୍ୟର ପୁଜାରୀ 318
- ପରଛିଦ୍ରାନ୍ୱେଷର ନିଷେଧାଜ୍ଞା ତଥା ସଦ୍‌ଭାବନାର ଆଦେଶ 320
- ବେପାର ବଣିଜରେ ଠକାମି ପ୍ରତି ଘୃଣା 321
- ନୈରାଶ୍ୟ ଭାବ 322
- ପଶୁମାନଙ୍କ ପ୍ରତି ଦୟା 322
- ଧାର୍ମିକ ସହିଷ୍ଣୁତା 323
- ବୀରତ୍ୱ ପ୍ରଦର୍ଶନ 323
- ସ୍ୱଳ୍ପବୁଦ୍ଧି ସଂପନ୍ନ ବ୍ୟକ୍ତିଙ୍କ ସହିତ ଅମାୟିକ ବ୍ୟବହାର 324
- ପ୍ରତିଶ୍ରୁତି ପାଳନ 324

# ମର୍ଯ୍ୟାଦାସୂଚକ ଉକ୍ତି

ସଅ - (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ - (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ - (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧିକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ - (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ - (ଅୟଦହୁଲ୍ଲାହୁ ତା' ଲା ବେ ନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ଅଭିମତ

ମୂଳ ଉର୍ଦ୍ଦୁ ପୁସ୍ତକ "ନବିୟୋଁ କା ସରଦାର୍" ବିଶ୍ୱବ୍ୟାପ୍ତ ଅହମଦିୟା ମୁସଲିମ ସଂପ୍ରଦାୟର ଦ୍ୱିତୀୟ ଖଲିଫା-ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ୍ ଅହମଦ[ରଅ]ଙ୍କ ଦ୍ୱାରା ରଚିତ ପ୍ରବନ୍ଧ 'ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଜୀବନ' (Life of Muhammad), ଯାହା ତାଙ୍କର ମହାନ ଗ୍ରନ୍ଥ-'ଦିବାଚଃ ତଫ୍‌ସିରୁଲ୍ କୁର୍‌ଆନ୍' ଅର୍ଥାତ 'ପବିତ୍ର କୁର୍‌ଆନ୍ ବ୍ୟାଖ୍ୟାଜନିତ ଭୂମିକା'ର ଏକ ଅଂଶବିଶେଷ । ଏହି ଭାଗରେ ହଜରତ ମୁହମ୍ମଦ[ସଅ] (ଅଲ୍ଲାଃ ତାଙ୍କ ପ୍ରତି ଶାନ୍ତି ଓ କୃପାଶୀଷ କରନ୍ତୁ)ଙ୍କ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ବୃତ୍ତାନ୍ତ ସଂକ୍ଷେପରେ ଏପରି ସୁଲଳିତ, ହୃଦୟସ୍ପର୍ଶୀ ଓ ମାର୍ମିକ ଶୈଳୀରେ ବର୍ଣ୍ଣନା କରାଯାଇଛି ଯେ ତାହା ସ୍ୱୟଂ ଏକ ଅମୂଲ୍ୟ ଉଦାହରଣର ସ୍ୱାକ୍ଷର ବହନ କରିଛି । ଏହି ପୁସ୍ତକରେ ଏକ ପକ୍ଷେ ଇସଲାମ୍ ଧର୍ମର ପ୍ରାଣ ପ୍ରତିଷ୍ଠାତା ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଜୀବନର ମହତ୍ୱପୂର୍ଣ୍ଣ ଘଟଣାବଳୀ ଓ ଗତିବିଧିକୁ କ୍ରମାନ୍ୱୟରେ ପ୍ରସ୍ତୁତ କରାଯାଇଛି ତ ଅନ୍ୟ ପକ୍ଷେ ମହାନୁଭବଙ୍କ ଦିବ୍ୟ ଜୀବନ ଚରିତ୍ର ଉପରେ ନିରାଧାର ଆରୋପକୁ ମଧ୍ୟ ଅକାଟ୍ୟ ଯୁକ୍ତି ଓ ବଳିଷ୍ଠ ପ୍ରମାଣ ଦ୍ୱାରା ଖଣ୍ଡନ କରାଯାଇଛି । ବର୍ତ୍ତମାନ ଯୁଗରେ ପରମେଶ୍ୱରଙ୍କ ଅଲୌକିକ ମହିମାକୁ ଏହି ସଂପୂର୍ଣ୍ଣ ମାନବଙ୍କ ପ୍ରତି ଯେପରି ଉପହାସର ପାତ୍ର କରିବା ପାଇଁ ଅସଫଳ ଉଦ୍ୟମ କରାଯାଇଛି, ସେହି ପରିପ୍ରେକ୍ଷୀରେ ଚଳିତ ଯୁଗରେ ଦିବ୍ୟ ଅବତାରଙ୍କର ପ୍ରକୃତ ପ୍ରେମାସକ୍ତ ତଥା ଅହମଦିୟା ଜମାଅତର ପଞ୍ଚମ ଖଲିଫା-ହଜରତ ମିର୍ଜା ମସରୁର ଅହମଦ ସାହେବ (ଅଲ୍ଲାଃ ତାଙ୍କର ସହାୟକ ହୁଅନ୍ତୁ)ନିଜର ପ୍ରିୟତମ ମୁନିବ ମୁହମ୍ମଦ[ସଅ]ଙ୍କ ଆଦର୍ଶ ଜୀବନ ଚରିତ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ପୁସ୍ତକଟିକୁ ବ୍ୟାପକ ସ୍ତରରେ ପ୍ରକାଶିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଆପଣମାନଙ୍କ ହସ୍ତରେ ରହିଥିବା ଏହି ପୁସ୍ତକ-'ନବୀ ଶିରୋମଣି' ହେଉଛି, ଉର୍ଦ୍ଦୁ ରଚନାର ଓଡିଆ ରୂପାନ୍ତର ଯାହାକୁ ସୟଦ ନୟର ଅହମଦ ଏମ୍.ଏ ଅନୁବାଦ କରିଛନ୍ତି । ଏହି ସଂସ୍କରଣରେ ଇସଲାମୀୟ ପରିଭାଷାଗତ ଶବ୍ଦାବଳୀର ଅଧିକ ପ୍ରୟୋଗ କରାଯାଇଛି । ଏଥିପ୍ରତି ବିଶେଷ ଧ୍ୟାନ ନ ଦେଇ ପାଠକମାନେ ପୁସ୍ତକରେ ରହିଥିବା ସତ୍ ଆଭିମୁଖ୍ୟ ଓ ଗଭୀର ଭାବକୁ ବୁଝିବା ପାଇଁ ଯଥାସମ୍ଭବ ପ୍ରୟାସ କରିବେ ବୋଲି ଆଶା କରାଯାଏ ।

ସେ ସମସ୍ତଙ୍କୁ ଧନ୍ୟବାଦ, ଯେଉଁମାନେ ଏହି ପ୍ରବନ୍ଧକୁ ସରଳ, ବୋଧଗମ୍ୟ ତଥା ସୁଖପାଠ୍ୟ କରିବା ପାଇଁ ପ୍ରୟାସ କରିଛନ୍ତି । ବିଶେଷତଃ ଏହାର ସଂଶୋଧନ ଓ ସମୀକ୍ଷା ପାଇଁ ଇଂଜିନିୟର ରୌଶନ୍ ଖାନ୍‌ଙ୍କ ଉଦ୍ୟମ ପ୍ରଶଂସନୀୟ । ସେ କେବଳ ଏହାକୁ ତ୍ରୁଟିରହିତ କରିବା ଓ ଭାଷାଗତ ଶୁଦ୍ଧତା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି ତା' ନୁହେଁ, ବରଂ ପୁସ୍ତକର ଶେଷ ଭାଗ- 'ମୁହମ୍ମଦ ରସୁଲୁଲ୍ଲାହ୍ଙ୍କ ଆଦର୍ଶ ଚରିତ୍ର'ର ମଧ୍ୟ ଅନୁବାଦ କରିଛନ୍ତି । ଏହାକୁ ସରସ, ସୁନ୍ଦର କରିବାରେ ଅହମଦୀୟା ସମୀକ୍ଷା କମିଟି, ଓଡିଶା (Review Committee, Odisha)ର ସକ୍ରୀୟ ସଦସ୍ୟ ମୌଲାନା ମକସୁଦ୍ ଅଲି ଅହମଦ, ଏଚ୍.ଏ. ତଥା ବରିଷ୍ଠ ଆଇନ୍‌ଜୀବି ଶ୍ରୀଯୁକ୍ତ ମନଓ୍ୱର ଅହମଦ ପ୍ରମୁଖ ସହଯୋଗ କରିଛନ୍ତି । ଶବ୍ଦ ଅଳଙ୍କରଣ ଶ୍ରୀଯୁକ୍ତ ବିବେକାନନ୍ଦ ଗୁରୁ, ଏ.ବି.ସି ରିପ୍ରଡକ୍ସନ ସେଣ୍ଟର, ସମ୍ବଲପୁରଙ୍କ ଦ୍ୱାରା ହୋଇଛି ।

ପରମେଶ୍ୱରଙ୍କ ଠାରେ ଏତିକି ପ୍ରାର୍ଥନା ଯେ ଏହି ପ୍ରୟାସକୁ ପ୍ରତ୍ୟେକ ଦୃଷ୍ଟିକୋଣରୁ ମାନବ ସମାଜ ପାଇଁ ଅତ୍ୟନ୍ତ କଲ୍ୟାଣକାରୀ ତଥା ମାର୍ଗଦର୍ଶନ ସାବ୍ୟସ୍ତ କରନ୍ତୁ । ତତ୍‌ସହିତ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସଅ]ଙ୍କ ସତ୍ୟତା, ମହନୀୟତା ଓ ସର୍ବୋତ୍କୃଷ୍ଟ ସ୍ଥାନ ସମ୍ବନ୍ଧରେ ପରିଚିତ କରାନ୍ତୁ ଏବଂ ଆମ ସମସ୍ତଙ୍କୁ ସେହି ମହାନ ଆତ୍ମାଙ୍କ ସର୍ବୋତ୍ତମ ଆଦର୍ଶରେ ଅନୁପ୍ରାଣୀତ କରାନ୍ତୁ । ତାହାଙ୍କ ନୈତିକ ଓ ଆଧାତ୍ମିକ ମାନବବାଦର ଶିକ୍ଷା ଉପରେ ଆଚରଣ କରିବା ପାଇଁ ପରମେଶ୍ୱର ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯାହାକୁ ଅନୁସରଣ କରି ଆମମାନଙ୍କ ଜୀବନ ଧନ୍ୟ ହେବ ତଥା ଈଶ୍ୱରଙ୍କ ପ୍ରସନ୍ନତା ଓ ପ୍ରେମ ଲାଭ କରିବାର ସୌଭାଗ୍ୟ ପ୍ରାପ୍ତ ହେବ ।

ଅଲ୍ଲାଃ ପରମବ୍ରହ୍ମ ତାହା ହିଁ କରନ୍ତୁ ।

ବିନୟାବନତ

**ହାଫିଜ୍ ମଖଦୁମ୍ ଶରୀଫ୍**

ନାଜର୍ ନଶରୋ ଇଶାଅତ୍, କାଦିୟାନ

بسم الله الرحمن الرحيم

# ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଜୀବନ

ଏହା ଈଶ୍ୱରଙ୍କର ଏକ ବଡ ନିଦର୍ଶନ ଓ ଇସଲାମର ସତ୍ୟତାର ଏକ ଜ୍ୱଳନ୍ତ ପ୍ରମାଣ ଯେ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ଜୀବନ ଚରିତ ଯେତେ ବ୍ୟାପକ ଭାବରେ ପ୍ରକାଶ ପାଇଛି, ଅନ୍ୟ କୌଣସି ଅବତାରଙ୍କ ଜୀବନାବସ୍ଥା ସମ୍ପର୍କରେ ସେପରି ସ୍ୱଷ୍ଟ ରୂପେ ପ୍ରକାଶ କରାଯାଇନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପରି ବିସ୍ତାର ପୂର୍ବକ ବର୍ଣ୍ଣନା ଯୋଗୁଁ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଯେତେ ଅଧିକ ଆରୋପର କାଳିମା ଲଗା ଯାଇଛି, ଅନ୍ୟ କୌଣସି ଅବତାର ସେପରି ଭାବରେ ଲାଞ୍ଛନାର ଶିକାର ହୋଇ ନାହାନ୍ତି । କିନ୍ତୁ ଏହା ମଧ୍ୟ ନିଃସନ୍ଦେହରେ କୁହାଯାଇପାରେ ଯେ ସେହି ସବୁ ମିଥ୍ୟା ଅଭିଯୋଗର କାଳିମା ଦୂର ହୋଇଯିବା ପରେ ତାଙ୍କର ମହାନ ବ୍ୟକ୍ତିତ୍ୱ ପ୍ରତି ଜଣେ ବ୍ୟକ୍ତି ଯେପରି ସ୍ୱଚ୍ଛତା ଓ ଆନ୍ତରିକତାର ସହିତ ପ୍ରେମ କରିପାରେ, ସେ ଅନ୍ୟ କୌଣସି ବ୍ୟକ୍ତିତ୍ୱଙ୍କ ପ୍ରତି ସେପରି ପ୍ରେମ କଦାପି କରିପାରିବ ନାହିଁ । କାରଣ ଯାହାଙ୍କ ଜୀବନ ଗୋପନ ରହସ୍ୟାବୃତ୍ତ ରହିଥାଏ, ତାଙ୍କୁ ପ୍ରେମ କରିବାରେ ବିଘ୍ନ ଘଟିବାର ଆଶଙ୍କା ରହିଥାଏ । ହଜରତ ମୁହମ୍ମଦ[ସଅ]ଙ୍କ ଜୀବନ ତ ଏକ ଖୋଲା ପୁସ୍ତକ ଥିଲା । ଶତ୍ରୁମାନଙ୍କ ଅଭିଯୋଗର ସମାଧାନ ହୋଇଯିବା ପରେ ଏପରି କୌଣସି ବିଷୟ ଦେଖିବାକୁ ମିଳିବ ନାହିଁ, ଯାହା ଉପରେ ଦୃଷ୍ଟି ପକାଇଲେ ତାଙ୍କ ଜୀବନର କୌଣସି ନୂତନ ଦୃଷ୍ଟିଭଙ୍ଗୀ ଆମ ସାମ୍ନାକୁ ଆସିପାରିବ । ନା କୌଣସି ଏପରି ରହସ୍ୟ ଦୃଷ୍ଟି ଆଢୁଆଳରେ ରହିଯିବ, ଯାହାକୁ ଉନ୍ମୋଚନ କରିବା ପରେ ତାଙ୍କ ସମ୍ବନ୍ଧରେ ଆଉ କିଛି ବାସ୍ତବିକତା ଆମ ଉପରେ ପ୍ରକଟିତ ହେବ । ଏହା ମଧ୍ୟ ସୁସ୍ୱଷ୍ଟ ଯେ ଐଶ୍ୱରିକ ପୁସ୍ତକର ପ୍ରକୃତ ଭାବାର୍ଥକୁ ଲୋକମାନଙ୍କ ମସ୍ତିଷ୍କରେ ଦୃଢତା ପୂର୍ବକ ପ୍ରବେଶ କରାଇବା ପାଇଁ ଏହା ଅନିବାର୍ଯ୍ୟ ହୋଇପଡେ ଯେ ସେହି ମନୁଷ୍ୟ ଏକ ଉଚ୍ଚ ଆଦର୍ଶ ସମ୍ପନ୍ନ ଓ ଉତ୍ତମ ଚରିତ୍ରର ଅଧିକାରୀ ହୋଇଥିବ, ଯାହାଙ୍କ ପ୍ରତି ସେହି ପୁସ୍ତକ ଅବତୀର୍ଣ୍ଣ କରା ଯାଇଥିବ ।

ଏହି ବିଷୟଟି ଏକ ଦର୍ଶନତତ୍ତ୍ୱ ଭିତ୍ତିକ ପ୍ରସଙ୍ଗ, ଯାହାକୁ ଅନ୍ୟ ଧର୍ମାବଲମ୍ବୀମାନେ ବୁଝିବାରେ ସକ୍ଷମ ହୋଇ ନାହାନ୍ତି । ହିନ୍ଦୁ ଧର୍ମାବଲମ୍ବୀମାନେ ବେଦକୁ ଉପସ୍ଥାପନ କରନ୍ତି ସତ, କିନ୍ତୁ ବେଦକୁ ଆଣିଥିବା ଋଷି, ମୁନିଙ୍କ ଜୀବନ

କାହାଣୀ କିମ୍ବା ତାହାଙ୍କ ଇତିହାସ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ଭାବେ ଉଦାସୀନ ରହିଥାନ୍ତି । ଏହାର ଆବଶ୍ୟକତାକୁ ହିନ୍ଦୁ ବିଦ୍ୱାନ ମାନେ ଏ ପର୍ଯ୍ୟନ୍ତ ହୃଦୟଙ୍ଗମ କରି ନାହାନ୍ତି । ଅନ୍ୟ ପକ୍ଷରେ ଇହୁଦି ଓ ଖ୍ରୀଷ୍ଟିୟାନ ଧର୍ମଯାଜକମାନେ ଇସ୍ରାଇଲୀୟ ଧର୍ମରେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥିବା ନବୀ, ଦେବଦୂତ ଓ ଅବତାରମାନଙ୍କ ଜୀବନୀ ପ୍ରତି ବିନା ଦ୍ୱିଧାରେ କଟାକ୍ଷ କରି କାହାର କେତେ ଦୋଷ ତ୍ରୁଟି ଅଛି, ସମସ୍ତଙ୍କ ସମ୍ମୁଖରେ ତାହାର ଚର୍ଚ୍ଚା କରି ଥାଆନ୍ତି । ଏହି ଧର୍ମ ଯାଜକମାନେ ଏକଥା ବୁଝି ପାରୁ ନାହାନ୍ତି ଯେ ଈଶ୍ୱରଙ୍କ ପ୍ରଦତ୍ତ ପୁସ୍ତକ ପାଇଁ ଯାହାଙ୍କୁ ପ୍ରେରଣ କରାଯାଇଛି, ସେ ଯଦି ସ୍ୱୟଂ ତ୍ରୁଟିଶୂନ୍ୟ ହୋଇ ପାରିଲେ ନାହିଁ, ସେ ଅନ୍ୟମାନଙ୍କୁ କ'ଣ ଶିକ୍ଷା ଦେବେ ? ଏବଂ କେଉଁ କାରଣ ସକାଶେ ଈଶ୍ୱର ଉକ୍ତ ବ୍ୟକ୍ତିଙ୍କୁ ଜନସାଧାରଣଙ୍କ ପାଇଁ ପ୍ରେରଣ କଲେ ? କୌଣସି ଅନ୍ୟ ବ୍ୟକ୍ତିଙ୍କୁ କାହିଁକି ପ୍ରେରଣ କଲେ ନାହିଁ ? ଈଶ୍ୱରଙ୍କ ପକ୍ଷେ ଏହା କାହିଁକି ଅନିବାର୍ଯ୍ୟ ଥିଲା ଯେ ଜବୁର (PSalm)ପୁସ୍ତକ ସକାଶେ ଦାଉଦଙ୍କୁ ଚୟନ କରାଗଲା ? ଅଥଚ ଇସ୍ରାଲୀୟ ଜାତିମାନଙ୍କ ମଧ୍ୟରୁ ଅନ୍ୟ କାହାକୁ ହୁଏତ ଚୟନ କରାଯାଇ ପାରିଥାଆନ୍ତା । ଦେଖିବାକୁ ଗଲେ ଏହି ଦୁଇଟି ଯାକ ପ୍ରଶ୍ନ ଅବାନ୍ତର । ପ୍ରେରିତ ଐଶି ଦୂତଙ୍କ ଉପରେ ଯେଉଁ ଐଶ୍ୱରିକ ପୁସ୍ତକ ଅବତୀର୍ଣ୍ଣ କରାଗଲା, ତା'ପରେ ସେହି ଦୂତଙ୍କର କୌଣସି ସଂସ୍କାର ହେଲା ନାହିଁ ବୋଲି କହିବା ଅତ୍ୟନ୍ତ ହାସ୍ୟାସ୍ପଦ କଥା । ବିଭିନ୍ନ ଧର୍ମର ମୂଳତତ୍ତ୍ୱ ଠାରୁ ଦୂରେଇ ଯିବା ଦ୍ୱାରା ଏପରି ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଛି । ଅନ୍ୟ ପକ୍ଷରେ ଏହା ମଧ୍ୟ କୁହାଯାଇ ପାରେ ଯେ ମାନବ ମସ୍ତିଷ୍କର ସମ୍ପୂର୍ଣ୍ଣ ବିକାଶ ନହେବା ଯୋଗୁଁ ପ୍ରାଚୀନ ଯୁଗରେ ଏପରି ବିରୋଧାତ୍ମକ ଧାରଣା ସୃଷ୍ଟି ହୋଇ ଥାଇପାରେ । କିନ୍ତୁ ଇସ୍‌ଲାମ ଧର୍ମରେ ମୂଳରୁ ଏହି ବିଷୟଟି ପୁଙ୍ଖାନୁପୁଙ୍ଖ ଭାବେ ଚର୍ଚ୍ଚିତ ହୋଇଛି । ହଜରତ ମୁହମ୍ମଦ[ସଅ]ଙ୍କ ଧର୍ମ ପତ୍ନୀ ହଜରତ୍ ଆୟେଶା[ରଅ] ତେର ଚଉଦ ବର୍ଷ ବୟସରେ ରସୁଲୁଲ୍ଲାଃଙ୍କୁ ବିବାହ କରିଥିଲେ ଓ ସାତବର୍ଷ ପର୍ଯ୍ୟନ୍ତ ତାଙ୍କ ସହିତ ଜୀବନ ଅତିବାହିତ କରିଥିଲେ । ହଜରତ ମୁହମ୍ମଦ[ସଅ]ଙ୍କ ମୃତ୍ୟୁବେଳକୁ ତାଙ୍କ ବୟସ ୨୧ ବର୍ଷ ହୋଇଥିଲା । ସେ କିଛି ପାଠଶାଠ ପଢ଼ି ନଥିଲେ । ତଥାପି ଜୀବନ ଦର୍ଶନ ଉପରେ ତାଙ୍କର ଗଭୀର ଜ୍ଞାନ ଥିଲା । ଏକଦା କେହି ଜଣେ ବ୍ୟକ୍ତି ହଜରତ ମୁହମ୍ମଦ[ସଅ]ଙ୍କ ଚରିତ୍ର ବିଷୟରେ ଜିଜ୍ଞାସା କରିବାରୁ ହଜରତ୍ ଆୟେଶା[ରଅ] କହିଥିଲେ "ଖୁଲ୍‌କୁହୁ କୁଲ୍ଲୋହୁଲ୍ କୁର୍‌ଆନ" ଅର୍ଥାତ୍ 'ହଜରତ ମୁହମ୍ମଦ[ସଅ]ଙ୍କ ସଦାଚ୍ଚରିତା ବିଷୟରେ ଯଦି ଜାଣିବାକୁ ଚାହଁ, ତା'ହେଲେ କୁରଆନ୍ ପାଠ କର ।' ସେ ଯାହା କହୁଥିଲେ କୁରଆନ୍‌ରେ ସେହିସବୁ ଆଦେଶ ରହିଛି । କୁରଆନ୍‌ରେ ବର୍ଣ୍ଣିତ ପ୍ରତ୍ୟେକ ଶିକ୍ଷା ହିଁ ତାଙ୍କର ଆଚାର ସଂହିତା ଥିଲା । ଏହି ଉତ୍ତର

କେତେ ସଂକ୍ଷିପ୍ତ ଅଥଚ କେତେ କୌତୁହଳପୂର୍ଣ୍ଣ । ହଜରତ ମୁହମ୍ମଦ[ସଅ]ଙ୍କ ବ୍ୟକ୍ତିତ୍ୱ ଓ ଏକ ସଫଳ ପୌରୁଷର ଚାରିତ୍ରିକ ପ୍ରମାଣ ଜଣେ ଅଶିକ୍ଷିତା ଯୁବତୀଙ୍କର କେବଳ ଗୋଟିଏ ମାତ୍ର ଉତ୍ତରରେ ହିଁ ଲିପିବଦ୍ଧ ହୋଇପାରେ, ଯାହାକୁ ବଡ଼ ବଡ଼ ଖ୍ରୀଷ୍ଟିୟାନ, ଇହୁଦି ତଥା ହିନ୍ଦୁ ପଣ୍ଡିତମାନଙ୍କୁ ବୁଝିବା ପାଇଁ ସମୟ ଲାଗିବ । ଜଣା ପଡୁଛି ଯେ ରସୁଲେ କରିମ୍[ସଅ]ଙ୍କ ଶିଷ୍ଟାଗ୍ରର ଏତେ ବିଶାଳ ଓ ଉଚ୍ଚକୋଟୀର ଥିଲା ଯେ ପାଠଶାଠ ପଢି ନଥିବା ଜଣେ ଯୁବତୀଙ୍କ ଧ୍ୟାନ ସେହି ଆଚରଣ ପ୍ରତି ଆକୃଷ୍ଟ ହୋଇଗଲା, ଯାହାକୁ ସେମାନେ ବୁଝି ପାରଲେ ନାହିଁ । ଏକ ଛୋଟ ପ୍ରତିଶବ୍ଦରେ ହିଁ ଏହା ପ୍ରମାଣିତ ହୋଇ ପାରିଛି ଯେ କିପରି ଏକ ସତ୍ୟନିଷ୍ଠ ମହାପୁରୁଷ ସ୍ୱୟଂ ପବିତ୍ର କୁରଆନ୍‌ର ଶିକ୍ଷାରେ ପରିପୂର୍ଣ୍ଣତା ଲାଭ କରିବା ସହିତ ସମଗ୍ର ଜଗତକୁ ଶିକ୍ଷା ପ୍ରଦାନ କରିବାରେ ସକ୍ଷମ ହୋଇ ପାରନ୍ତି । ଯାହାଙ୍କର କହିବା ଓ କରିବାରେ କୌଣସି ପ୍ରଭେଦ ନଥିଲା । ଯାହା ସେ କହୁଥିଲେ ତାହା କରୁଥିଲେ ଓ ଯାହା କରୁଥିଲେ ତାହା ପ୍ରକାଶ କରୁଥିଲେ । ଯାହାଙ୍କର ଚରିତ୍ରକୁ ଅନୁଧ୍ୟାନ କରିବା ପାଇଁ କୌଣସି ଇତିହାସର ସହାୟତା ନେବାର ଆବଶ୍ୟକତା ନାହିଁ । ଆମେ ତାଙ୍କୁ ଠଉରାଇ ନେଇ କୁରଆନକୁ ବୁଝି ପାରିଲୁ । ତେଣୁ ତୁମେମାନେ ପରେ ଆସିଛ, ପବିତ୍ର କୁରଆନ୍ ପାଠ କର, ଯଦ୍ଦ୍ୱାରା ନିର୍ଦ୍ଦେଶ ପାଳନ ପୂର୍ବକ ହଜରତ ମୁହମ୍ମଦ[ସଅ]ଙ୍କୁ ବୁଝି ପାରିବ ।

## ହଜରତ ମୁହମ୍ମଦ[ସଅ]ଙ୍କ ସମୟରେ ପ୍ରତିମା ପୂଜା

ଯେଉଁ ଯୁଗରେ ହଜରତ ମୁହମ୍ମଦ[ସଅ] ମକ୍କାରେ ଜନ୍ମ ଗ୍ରହଣ କରିଥିଲେ ସେହି ସମୟର ଆରବର ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରିବା ଅତ୍ୟନ୍ତ ଜରୁରୀ ମନେ କରାଯାଏ । କାରଣ ହଜରତ ମୁହମ୍ମଦ[ସଅ]ଙ୍କ ଜୀବନର ଗତିବିଧି ସହିତ ସେ ସମୟର ସାମାଜିକ ବ୍ୟବସ୍ଥା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲା, ଯାହା ଦ୍ୱାରା ତାଙ୍କ ଚରିତ୍ର ସମ୍ବନ୍ଧରେ ଯେ କୌଣସି ବ୍ୟକ୍ତି ଭଲ ଭାବେ ବୁଝିବାରେ ସକ୍ଷମ ହୋଇ ପାରିବ । ହଜରତ ମୁହମ୍ମଦ[ସଅ] ସୌର ଗଣନାନୁସାରେ ୫୭୦ ମସିହା ଅଗଷ୍ଟ ମାସରେ ଜନ୍ମଗ୍ରହଣ କରିଥିଲେ । ମହାଭାଗଙ୍କ ଜନ୍ମ ସମୟରେ ତାଙ୍କ ନାମ 'ମୁହମ୍ମଦ' ରଖାଗଲା । ଯାହାର ଅର୍ଥ 'ପ୍ରଶଂସନୀୟ' । ସେ ସମୟରେ ସମଗ୍ର ଆରବ ଜଗତ କେବଳ ଅଳ୍ପ କେତେକ ଅଞ୍ଚଳକୁ ଛାଡ଼ି ସର୍ବତ୍ର ପ୍ରତିମା ପୂଜକ ଭାବେ ପରିଚିତ ଥିଲେ ଓ ନିଜକୁ ହଜରତ ଇବ୍ରାହିମ୍[ଅସ]ଙ୍କ ବଂଶଧର ବୋଲି ଦାବି କରୁଥିଲେ । ଏହା ମଧ୍ୟ ମାନୁଥିଲେ ଯେ ଯଦିଓ ହଜରତ ଇବ୍ରାହିମ୍ ପ୍ରତିମା ପୂଜାର ବିରୋଧି ଥିଲେ, ତାହା ସତ୍ତ୍ୱେ ବହୁ ଦେବ ପୂଜା କରୁଥିଲେ । ପ୍ରଭୁ ଅତ୍ୟନ୍ତ ଗୌରବଶାଳୀ ଥିଲେ ମଧ୍ୟ ପ୍ରଚଣ୍ଡ,

ପରାକ୍ରମୀ ଥିବାରୁ ତାଙ୍କ ପାଖରେ ପହଞ୍ଚିବା ଓ ତାହାଙ୍କ ପରମସତ୍ତାଙ୍କୁ ଜାଣିବା ସାଧାରଣ ମନୁଷ୍ୟ ପକ୍ଷେ ସମ୍ଭବ ନୁହେଁ । ସେଥିପାଇଁ ତାହାଙ୍କ ନିକଟବର୍ତ୍ତୀ ହୋଇଥିବା ସମ୍ପୂର୍ଣ୍ଣ ମାନବମାନଙ୍କ ସାନ୍ନିଧ ଲାଭ କଲାପରେ ଯାଇ ଈଶ୍ୱରଙ୍କୁ ପାଇ ପାରିବା । ଏଣୁ ଆରବୀୟମାନେ ସେହି ଲୋକମାନଙ୍କର ପ୍ରତିମା ତିଆରି କରି ପୂଜାପାଠ କରିବା ପ୍ରଥା ପ୍ରଚଳନ କରିଥିଲେ । ଅପର ପକ୍ଷେ କହିବାକୁ ଗଲେ ଏହି ବଡ଼ ବଡ଼ ଲୋକମାନଙ୍କ ମାଧମରେ ଗଲେ ଈଶ୍ୱର ପ୍ରାପ୍ତିର ମାର୍ଗ ପ୍ରଶସ୍ତ ହୋଇଥାଏ ବୋଲି ଆରବୀୟ ମାନଙ୍କ ଅଖଣ୍ଡ ବିଶ୍ୱାସ ଥିଲା । କିନ୍ତୁ ଏହି ଧାରଣା ପଛରେ ଯେଉଁ କେତେକ ଅନ୍ଧ ବିଶ୍ୱାସ ତଥା ତ୍ରୁଟିପୂର୍ଣ୍ଣ ଅପସଂସ୍କୃତିର ବାଧା ବିଘ୍ନ ରହିଥିଲା, ସେ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ । ସେମାନଙ୍କ ମାର୍ଗଦର୍ଶନ ସକାଶେ ପ୍ରକୃତ ମାର୍ଗଦର୍ଶକ ମିଳି ନଥିଲେ । ପ୍ରତିମା ପୂଜା ରୂପକ ଅନ୍ଧବିଶ୍ୱାସ ଯଦି ଥରେ ଆରମ୍ଭ ହୋଇଯାଏ, ତାହା ପ୍ରବଳ ମାତ୍ରାରେ ପ୍ରସାରିତ ହୋଇଥାଏ । ତାହା ଏକରୁ ଦୁଇ ଓ ଦୁଇରୁ ତିନି ଏମିତି ବଢ଼ି ବଢ଼ି ଚାଲେ । ଐତିହାସିକମାନଙ୍କ ମତରେ 'ଖାନେ କାବା' ଉପାସନା ଗୃହ ଯାହା ବର୍ତ୍ତମାନ ମୁସଲମାନମାନଙ୍କ ପବିତ୍ର ମସଜିଦ ରୂପେ ଶୋଭା ପାଉଛି, ହଜାର ହଜାର ବର୍ଷ ତଳେ ହଜରତ୍ ଇବ୍ରାହିମ୍ ତାଙ୍କ ପୁତ୍ର ହଜରତ୍ ଇସ୍‌ମାଇଲଙ୍କ ମିଳିତ ପ୍ରଚେଷ୍ଟାରେ ତାହାର ପୁନଃ ନିର୍ମାଣ କରା ଯାଇଥିଲା । ଆରବର ଲୋକମାନେ ଚନ୍ଦ୍ରମାସ ଗଣନାନୁଯାୟୀ ପ୍ରତ୍ୟେକ ଦିନ ଅର୍ଥାତ୍ ୩୬୦ ଦିନ ୩୬୦ଟି ଦେବତାଙ୍କ ବିଗ୍ରହ ରଖି ତାକୁ ପ୍ରତିଷ୍ଠା କରି ପୂଜାପାଠ ଆରମ୍ଭ କରି ଦେଇଥିଲେ । ଅର୍ଥାତ୍ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ଦେବାଦେବୀ ପୂଜା ପାଇବାରେ ଲାଗିଲେ । ତାହା ବ୍ୟତୀତ ନିକଟବର୍ତ୍ତୀ ଅନ୍ୟାନ୍ୟ ଗ୍ରାମମାନଙ୍କରେ ମଧ ବିଭିନ୍ନ ପ୍ରକାର ଦେବାଦେବୀଙ୍କ ପୂଜା କରା ଯାଉଥିଲା । ସମଗ୍ର ଆରବର ଗଳି କନ୍ଦିରେ ପ୍ରତିମା ପୂଜା ପ୍ରସିଦ୍ଧି ଲାଭ କରିଥିଲା । ସାରା ଆରବରେ ଦୃଷ୍ଟି ବୁଲାଇ ଦେଲେ ମାତ୍ର ଗୋଟିଏ ବିଦ୍ୟାଳୟ ମଧ ନଥିଲା । ମକ୍କାରେ ହାତ ଗଣତିରେ କେତେଜଣ ଲୋକ ଲେଖାପଢ଼ା ଜାଣିଥିଲେ । କିନ୍ତୁ ଆରବର ଲୋକମାନେ ନିଜ ମଧରେ କଥିତ ଭାଷାରେ କଥାବାର୍ତ୍ତା କରିବାରେ ବହୁତ ଯତ୍ନବାନ ଥିଲେ । କଥାବାର୍ତ୍ତାରେ ଉଚ୍ଚ କୋଟୀର ଭାଷା ବ୍ୟବହାର କରିବା ପାଇଁ ମଧ ଅନେକ ପ୍ରୟାସ କରାଯାଉଥିଲା । ଇତିହାସ, ଭୂଗୋଳ କିମ୍ବା ଗଣିତ କୌଣସି ଗୋଟିଏ ହେଲେ ବିଷୟ ସମ୍ବନ୍ଧରେ ସେମାନଙ୍କର ଲେଶମାତ୍ର ଜ୍ଞାନ ନଥିଲା । ଅବଶ୍ୟ ମରୁସ୍ଥଳର ବାସିନ୍ଦା ହୋଇଥିବା ଯୋଗୁଁ ଓ ତହିଁରେ ଆତଯାତ ହେବା ଯୋଗୁଁ ସେମାନେ ଖଗୋଳ ବିଦ୍ୟାରେ ପାରଙ୍ଗମ ଥିଲେ । ନୈତିକତା ଦୃଷ୍ଟିକୋଣରୁ ଆରବୀୟମାନେ ପରସ୍ପର ବିରୋଧୀ ବିଚ୍ଚରଧାରା ରଖିଥିବା ଏକ ବିଚିତ୍ର ଜାତି ଥିଲେ ।

ସେମାନଙ୍କ ମଧ୍ୟରେ କେତେକ ଅତ୍ୟନ୍ତ ଭୟାନକ ଓ କୁତ୍ସିତ ପାପାଚାରୀ ଥିବାବେଳେ ଅନ୍ୟ କେତେକ ବ୍ୟକ୍ତିଙ୍କ ଠାରେ ଅନେକ ସଦଗୁଣ ମଧ୍ୟ ପରିଲକ୍ଷିତ ହେଉଥିଲା । ଯାହା ସେମାନଙ୍କ ଜାତି ପାଇଁ ମାନ ମର୍ଯ୍ୟାଦା ଓ ଗୌରବ ଆଣି ଦେଇଥିଲା ।

## ମଦ୍ୟପାନ ଓ ଜୁଆ

ଆରବୀୟର ଲୋକମାନେ ଭୀଷଣ ମଦ୍ୟପୀ ଥିଲେ ଓ ମଦ୍ୟପାନ କରି ଚେତା ହରାଇବା, ଏଣୁତେଣୁ ଗପିବା ଇତ୍ୟାଦି ସ୍ୱଭାବ ସେମାନଙ୍କ ପକ୍ଷେ ଦୋଷାବହ ନଥିଲା । ବରଂ ଏହି ପ୍ରକାରର ଅଭ୍ୟାସକୁ ଏକ ଉତ୍ତମ ଗୁଣ ରୂପେ ବିବେଚନା କରାଯାଉଥିଲା । ସାଙ୍ଗସାଥୀ ଓ ପଡ଼ୋଶୀଙ୍କୁ ପ୍ରଚୁର ମଦ୍ୟପାନ କରାଇବା, ଜଣେ ଭଦ୍ର ଆରବୀୟ ବ୍ୟକ୍ତିର ସଭ୍ୟତାର ପ୍ରତୀକ ସ୍ୱରୂପ ଥିଲା । ଏକ ସମ୍ଭ୍ରାନ୍ତ ଆରବୀୟ ପାଞ୍ଚଥର ମଦର ଆସର ଜମାଇବାରେ କୌଣସି ବ୍ୟକ୍ତିଙ୍କୁ ନିୟୋଜିତ କରିବା ସେମାନଙ୍କ ସମାଜରେ ନିହାତି ଜରୁରୀ ବିଷୟ ମନେ କରାଯାଉଥିଲା । ଏହା ସେମାନଙ୍କ ଜାତିର ମଉଜ ମଜଲିସ୍‌ର ଅନ୍ତର୍ଭୁକ୍ତ ଥିଲା । ଜୁଆ ଖେଳକୁ ପ୍ରୋତ୍ସାହନ ଦେଇ ସେଥିରୁ ଧନ ସଞ୍ଚୟ କରିବାର ମାର୍ଗ ପ୍ରଶସ୍ତ କରିବାରେ ଏମାନେ ଯତ୍ନବାନ ଥିଲେ । ଯେଉଁ ବ୍ୟକ୍ତି ଜୁଆ ଖେଳରେ ପ୍ରଚୁର ଧନ ଅର୍ଜନ କରୁଥିଲା, ସେ ନିଜ ଖର୍ଚ୍ଚରେ ଅନ୍ୟଙ୍କୁ ଆପ୍ୟାୟିତ କରିବା ପାଇଁ ଚୁକ୍ତିବଦ୍ଧ ହେଉଥିଲା । ଯୁଦ୍ଧର ଖର୍ଚ୍ଚ ତୁଲାଇବା ପାଇଁ ମଧ୍ୟ ଜୁଆ ଖେଳ କରାଯାଉଥିଲା । ଯୁଦ୍ଧ ସକାଶେ ଆଜିକାଲିର ଲଟେରୀ ଖେଳ ସଦୃଶ ତତ୍‌କାଳୀନ ଆରବୀୟମାନେ ଜୁଆ ମାଧ୍ୟମରେ ଧନ ସଞ୍ଚୟ କରୁଥିଲେ । ସାମ୍ପ୍ରତିକ ୟୁରୋପୀୟ ଓ ଆମେରିକୀୟ ଦେଶମାନେ ଏହା ଜାଣି ରଖିବା ଉଚିତ ଯେ ଲଟେରୀ ପ୍ରଥା ସେମାନେ ଆରବୀୟମାନଙ୍କ ଠାରୁ ହିଁ ଶିଖିଛନ୍ତି । ଯୁଦ୍ଧ ସମୟରେ ବିଭିନ୍ନ ଆରବୀୟ ଗୋଷ୍ଠୀ ପରସ୍ପର ମଧ୍ୟରେ ଜୁଆ ଖେଳୁଥିଲେ । ଯେଉଁ ବ୍ୟକ୍ତିର ଜୁଆରେ ଜିତାପଟ ହେଉଥିଲା ସେ ଯୁଦ୍ଧର ଅଧିକାଂଶ ଖର୍ଚ୍ଚ ବହନ କରୁଥିଲା । ଏହିପରି ସଂସାରର ସମସ୍ତ ସୁଖ ଓ ସ୍ୱାଚ୍ଛନ୍ଦ୍ୟରୁ ବଞ୍ଚିତ ହେବା ପରିବର୍ତ୍ତେ ଆରବୀୟମାନେ ଭରପୁର ମଜା ଉଠାଉ ଥିଲେ ।

## ବାଣିଜ୍ୟ ବ୍ୟବସାୟ

ଆରବୀର ଲୋକ ବାଣିଜ୍ୟ ବ୍ୟାପାର କରୁଥିଲେ । ସେଥିପାଇଁ ସେମାନଙ୍କ ବାଣିଜ୍ୟ ଗୋଷ୍ଠୀ ବହୁ ଦୂର ଦୂରାନ୍ତକୁ ଯାତ୍ରା କରୁଥିଲେ । ସେମାନେ ଆର୍ବିସିନିୟା (ଇଥୋପିଆ) ଦେଶକୁ ବାଣିଜ୍ୟ କରିବା ପାଇଁ ଯାଉଥିଲେ । ସିରିଆ ଓ

ପାଲେଷ୍ଟାଇନରେ ମଧ୍ୟ ବାଣିଜ୍ୟ ବ୍ୟବସାୟ କରୁଥିଲେ । ଭାରତ ସହିତ ମଧ୍ୟ ସେମାନଙ୍କର ବାଣିଜ୍ୟିକ ସମ୍ପର୍କ ରହିଥିଲା । ଭାରତରେ ନିର୍ମିତ ଖଣ୍ଡା ଆରବୀର ସମ୍ଭ୍ରାନ୍ତ ଲୋକଙ୍କ ନିକଟରେ ବିଶେଷ ଆଦୃତ ହୋଇଥିଲା । ଏମାନେ ୟେମନ୍ ଓ ସିରିଆରୁ ଲୁଗାପଟା ଆଣୁଥିଲେ । ଆରବର ସହରାଞ୍ଚଳର ଲୋକମାନଙ୍କ ହାତରେ ବାଣିଜ୍ୟ ବ୍ୟାପାର ଚାଲୁଥିଲା । କିନ୍ତୁ ଆରବର ଉତ୍ତର ଖଣ୍ଡ ତଥା ୟେମନ୍ ବ୍ୟତୀତ ଅନ୍ୟ ସମସ୍ତ ଆରବର ଲୋକ ଯାଯାବର ଜୀବନଯାପନ କରୁଥିଲେ । ନା ଏମାନଙ୍କର କୌଣସି ସହର ଥିଲା ନା କୌଣସି ନିଜସ୍ୱ ଗ୍ରାମ । ଦଳଗତ କବିଲା ଭାବରେ ସେମାନେ ସମଗ୍ର ଅଞ୍ଚଳକୁ ଭାଗ ଭାଗ କରି ଅସ୍ଥାୟୀ ଜନବସତି ରୂପେ ସେହି ସ୍ଥାନରେ ବିଚରଣ କରୁଥିଲେ । ଯେଉଁଠାରେ ପାନୀୟ ଜଳ ଶେଷ ହୋଇଯାଉଥିଲା, ସେହି ସ୍ଥାନ ଛାଡ଼ି ଅନ୍ୟ ଯେଉଁଠାରେ ଜଳ ମିଳି ଯାଉଥିଲା, ସେଠାକୁ ଯାଇ ସେମାନେ ନିଜର ବସତି ସ୍ଥାପନ କରୁଥିଲେ । ଓଟ, ଛେଳି ଓ ମେଣ୍ଢା ସେମାନଙ୍କର ସମ୍ବଳ ଥିଲା । ମେଣ୍ଢାର ପଶମ ତଥା ଓଟର ବାଳରୁ ତିଆରି ସୂତାରେ ସେମାନେ ଲୁଗାପଟା ଓ ଚମଡ଼ାରୁ ତମ୍ବୁ ପ୍ରସ୍ତୁତ କରୁଥିଲେ । ଯେଉଁ ଭାଗ ବଳକା ରହିଯାଉଥିଲା ତାକୁ ନିକଟସ୍ଥ ବଜାରରେ ବିକ୍ରି କରି ଦେଉଥିଲେ ।

## ଆରବୀୟମାନଙ୍କ ଅନ୍ୟାନ୍ୟ ଅଭ୍ୟାସ ଓ ସ୍ୱଭାବ

ଆରବୀୟମାନେ ସୁନାରୂପା ପ୍ରତି ଆକୃଷ୍ଟ ହେଉ ନଥିଲେ । କିନ୍ତୁ ଏହା ସେମାନଙ୍କ ପାଇଁ ଅତି ଦୁର୍ଲଭ ବସ୍ତୁ ରୂପେ ପରିଗଣିତ ହେଉଥିଲା । ଏପରିକି ସାଧାରଣ ଅଧିବାସୀ ତଥା ଗରୀବ ଶ୍ରେଣୀର ଲୋକ କଉଡି ଓ ସୁଗନ୍ଧିତ ମସଲାରୁ ଜାତ ଦ୍ରବ୍ୟକୁ ନିଜର ଅଳଙ୍କାର ରୂପେ ବ୍ୟବହାର କରୁଥିଲେ । ଲବଙ୍ଗ, ତରଭୁଜ ଓ କାକୁଡ଼ି ଆଦିର ମଞ୍ଜିରୁ ହାର ତିଆରି କରି ତଥା ସେହି ଧରଣର ଅନ୍ୟ ବସ୍ତୁରୁ ପ୍ରସ୍ତୁତ ଆଭୁଷଣ ପିନ୍ଧି ମହିଳାମାନେ ଆତ୍ମ ସନ୍ତୋଷ ଲାଭ କରୁଥିଲେ । ଦୁଷ୍କର୍ମ ଓ କଳହ ଅତି ମାତ୍ରାରେ ବ୍ୟାପି ଯାଇଥିଲା । ଚୋରି କମ୍ ଥିଲା କିନ୍ତୁ ଲୁଟମାର ପ୍ରବଳ ଥିଲା । ପରସ୍ପର ଠାରୁ ଲୁଟି କରି ନେଇ ଯିବା ସେମାନଙ୍କର ଜାତିଗତ ଅଧିକାର ବୋଲି ଭାବୁଥିଲେ । କିନ୍ତୁ ଏହା ସହିତ ଯେଉଁଳି ଭାବରେ ପ୍ରତିଶ୍ରୁତି ଓ ବଚନବଦ୍ଧତା ସେମାନଙ୍କ ମଧ୍ୟରେ ଦେଖା ଯାଉଥିଲା, ତାହାର ରକ୍ଷା କ୍ଷେତ୍ରରେ ଆରବୀୟମାନଙ୍କ ଦୃଷ୍ଟାନ୍ତ ଅନ୍ୟ କୌଣସି ଜାତିରେ ଦେଖିବାକୁ ମିଳେ ନାହିଁ । ଯଦି କୌଣସି ନିର୍ବଳ ଲୋକ କୌଣସି ଶକ୍ତିଶାଳୀ ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କ ନିକଟରେ ଆସି କହୁଥିଲା ଯେ 'ମୁଁ ଆପଣଙ୍କ ନିକଟରେ ଶରଣ ପଶୁଛି' । ତା'ହେଲେ ସେହି ଶକ୍ତି ସମ୍ପନ୍ନ ବ୍ୟକ୍ତି କିମ୍ବା ଗୋଷ୍ଠୀ ନିଜର ସମସ୍ତ ଶକ୍ତି

ବଳରେ ତାକୁ ଶରଣ ଦେବା ନିଜର ପରମ କର୍ତ୍ତବ୍ୟ ବୋଲି ଭାବିବାକୁ ବାଧ ହେଉଥିଲେ । ଯଦି ଶରଣ ଦେଉ ନଥିଲେ, ତା'ହେଲେ ସେହି ବ୍ୟକ୍ତି ବା ଜାତି ପାଇଁ ତାକୁ ଶରଣ ଦେବାକୁ ମନା କରି ଦେଉଥିଲେ, ସେହି ବ୍ୟକ୍ତି  ସମଗ୍ର ଆରବରେ ଲାଞ୍ଛିତ ଓ ଅପମାନିତ ହୋଇ ଯାଉଥିଲା । ଆରବ ସମାଜରେ କବିମାନଙ୍କର ଉଚ୍ଚ ପ୍ରତିଷ୍ଠା ରହିଥିଲା । ଏପରିକି ସେମାନେ ଜନନାୟକ ରୂପେ ପରିଗଣିତ ହେଉଥିଲେ । ନେତାମାନଙ୍କ ସୁନ୍ଦର ଭାଷା ଶୈଳୀକୁ ଉଚ୍ଚକୋଟୀର କରିବା ସେମାନଙ୍କ ପାଇଁ ଅନିବାର୍ଯ୍ୟ ଥିଲା । ଯଥା ସମ୍ଭବ ସେମାନେ କବି ହେବା ଆବଶ୍ୟକ ମନେ କରାଯାଉଥିଲା । ଅତିଥି ସତ୍କାର ଏକ ମହାନ୍ ପରମ୍ପରା ହୋଇ ରହିଥିଲା । ବଣ ଜଙ୍ଗଲରେ ବାଟବଣା ହୋଇ ଦିଗହରା ପଥିକ ଯଦି କୌଣସି ଏକ ଗୋଷ୍ଠୀ (କବିଲା)ର ବସ୍ତିରେ  ପହଞ୍ଚି ଘୋଷଣା କରୁଥିଲା ଯେ ସେ ଅତିଥି ହୋଇ ଆସିଛି, ତା'ହେଲେ ବିନା ଆପତ୍ତିରେ  ସେହି ବ୍ୟକ୍ତିଙ୍କ ପାଇଁ ସମସ୍ତ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରା ଯାଉଥିଲା । ସେମାନେ ତା'ର ବ୍ୟକ୍ତିତ୍ୱରେ କୌଣସି ରୁଚି ରଖୁ ନଥିଲେ । ଅତିଥିଙ୍କର କେବଳ ଆଗମନ ହିଁ ସେମାନଙ୍କର ମାନସମ୍ମାନ ବୃଦ୍ଧିର କାରଣ ଥିଲା । ସେହି ଜାତିର ଏହା କର୍ତ୍ତବ୍ୟ ହୋଇ ଯାଉଥିଲା ଯେ ତା'ର ସମ୍ମାନ କଲେ ନିଜର ସମ୍ମାନ ବଢିଯିବ । ଆରବ ସମାଜରେ ନାରୀ ଜାତିର ସ୍ଥିତି ଅତି ଦୟନୀୟ ଥିଲା । ମହିଳାମାନଙ୍କର କୌଣସି ପ୍ରକାର ସାମାଜିକ ଅଧିକାର ନଥିଲା । କେତେକ ଯାଯାବରଙ୍କ ଦଳରେ ପିତା ନିଜର ଶିଶୁ କନ୍ୟାକୁ ହତ୍ୟା କରିବା ଏକ ମର୍ଯ୍ୟାଦାପୂର୍ଣ୍ଣ କାର୍ଯ୍ୟ ବୋଲି ବିବେଚନା କରାଯାଉଥିଲା । କିନ୍ତୁ ସମଗ୍ର ଆରବରେ ଏପରି ଜଘନ୍ୟ କାର୍ଯ୍ୟ  ହେଉ ନଥିଲା । ତଥାପି ଐତିହାସିକ ମାନଙ୍କ ଭ୍ରାନ୍ତ ଧାରଣା ରହିଛି ଯେ ସବୁଠାରେ  ଶିଶୁ କନ୍ୟାଙ୍କୁ ହତ୍ୟା କରା ଯାଉଥିଲା । ଏପରି କୁପ୍ରଥାକୁ ତ ସ୍ୱାଭାବିକ ଭାବରେ ସମଗ୍ର ଦେଶରେ ହେବା ସମ୍ଭବ ନୁହେଁ । ସେପରି ହେଲେ କୌଣସି ଲୋକ ଆଉ ଜନ୍ମ ଗ୍ରହଣ କରି ବଂଶ ବିସ୍ତାର କରି ପାରିବେ ନାହିଁ । ପ୍ରକୃତ କଥା ହେଉଛି ଯେ ଭାରତ ଓ ଅନ୍ୟାନ୍ୟ ଦେଶମାନଙ୍କରେ ଏହି ଶିଶୁ ହତ୍ୟାର ପ୍ରଚଳନ କାଁ ଭାଁ ଦେଖାଯାଉଥିଲା । ନିଜ ଆଭିଜାତ୍ୟ ଓ ବଂଶର ମର୍ଯ୍ୟାଦା କାଳେ ପଦାରେ ପଡ଼ିଯିବ, ତେଣୁ ଶିଶୁକନ୍ୟାକୁ ହତ୍ୟା କରିବାରେ ସେମାନେ ପଛଘୁଞ୍ଚା ଦେଉ ନଥିଲେ । ସେହିପରି ଗରୀବ ପିତା ନିଜର ଆର୍ଥିକ ଓ ସାମାଜିକ ଚାପର ବଶବର୍ତ୍ତୀ ହୋଇ କାଳେ ଝିଅ ନିଜ ଠାରୁ ଛୋଟ ଘରେ ବିବାହ ହୋଇଯିବ, ଏଥିପାଇଁ କନ୍ୟା ଶିଶୁକୁ ହତ୍ୟା କରିବା ସକାଶେ ବାଧ ହେଉଥିଲେ । ଆରବର ଲୋକେ ସେମାନଙ୍କ ଶିଶୁ କନ୍ୟାକୁ ଜୀବନ୍ତ ସମାଧି ଦେଉଥିଲେ ଓ କେତେକ ବ୍ୟକ୍ତି ତାଙ୍କୁ ତଣ୍ଟି ଚିପି ହତ୍ୟା କରୁଥିଲେ ।

ନିଜର ଗର୍ଭରୁ ଜାତ ମାଆ ଛଡ଼ା ଅନ୍ୟ କୌଣସି ମାଆକୁ ମାଆ ବୋଲି ସେମାନେ ଜାଣୁ ନଥିଲେ । ପିତାଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ସାବତ ମାଆମାନଙ୍କୁ ବିବାହ କରିବାରେ କୌଣସି ଦ୍ୱିଧା ବୋଧ କରୁ ନଥିଲେ । ବହୁ ବିବାହର ପ୍ରଚଳନ ଏକ ସାଧାରଣ କଥା ଥିଲା ଓ ଏହାର କୌଣସି ସୀମା ନଥିଲା । ଏକରୁ ଅଧିକ ଉଭଣୀମାନଙ୍କୁ ମଧ୍ୟ ଏକା ସମୟରେ ବିବାହ କରୁଥିଲେ । ଯୁଦ୍ଧରେ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ଅତ୍ୟାଚାର କରୁଥିଲେ । ଯଦି କେବେ ଅସୂୟା ଓ ବିଦ୍ୱେଷ ଭାବ ଯୁଦ୍ଧ ବେଳେ ଉପୁଜୁଥିଲା, ତା'ହେଲେ ପ୍ରତିଶୋଧରେ ଜର୍ଜରିତ ହୋଇ ପ୍ରବଳ କ୍ରୋଧରେ ଶତ୍ରୁର ପେଟ ଚିରି କଲିଜା ଚୋବାଇବାର ଦୃଷ୍ଟାନ୍ତ ମଧ୍ୟ ରହିଛି । ମୃତ ଶତ୍ରୁର ନାକ କାନ କାଟି ଦେଉଥିଲେ । ଆଖି ତାଡ଼ି ନେଉଥିଲେ । ଦାସତ୍ୱ ପ୍ରଥାର ବହୁଳ ପ୍ରଚଳନ ଥିଲା । ପାଖ ଆଖର କବିଲା (ଦଳଗତ ବସତି)ରୁ ଜୋର ଜବରଦସ୍ତି ଲୋକମାନଙ୍କୁ ଛଡ଼ାଇ ଆଣି ଦାସତ୍ୱର ଫାଶରେ ଆବଦ୍ଧ କରୁଥିଲେ ଏବଂ ଦାସ କିମ୍ୱା ଦାସୀର କୌଣସି ମୌଳିକ ଅଧିକାର ନଥିଲା । ମାଲିକ ଯେପରି ଚାହିଁବ ବ୍ୟବହାର କରିପାରିବ । ସେଥିପାଇଁ ତାକୁ କେହି କିଛି କହି ପାରିବେ ନାହିଁ । ଯଦି କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିର ଦାସକୁ ହତ୍ୟା ମଧ୍ୟ କରିଦେବ, ତା'ହେଲେ ତାକୁ ହତ୍ୟାର ଦୋଷ ଲାଗୁ ନଥିଲା ଓ ସେ ହତ୍ୟାକାରୀ ଆରୋପିତ ହେଉ ନଥିଲା । ମାଲିକ କ୍ଷତିପୂରଣ ସ୍ୱରୂପ କିଛି ଧନରାଶି ଦେଇ ମୁକ୍ତ ହୋଇ ଯାଉଥିଲେ । ନିଜର ପାଶବିକ ଲାଳସାକୁ ଚରିତାର୍ଥ କରିବା ପାଇଁ ଦାସୀମାନଙ୍କୁ ବ୍ୟବହାର କରିବାରେ ତାଙ୍କ ମାଲିକମାନଙ୍କର କୌଣସି ପ୍ରତିବନ୍ଧକ ନଥିଲା ଓ ଏହି ଦୁଷ୍କର୍ମକୁ ସେମାନଙ୍କ ଅଧିକାର ମନେ କରା ଯାଉଥିଲା । ଏହି ଦାସୀମାନଙ୍କ ଠାରୁ ଜନ୍ମିତ ସନ୍ତାନ ମଧ୍ୟ ଦାସତ୍ୱ ପ୍ରଥାରେ ଗଣା ହେଉଥିଲେ । ଜ୍ଞାନ ଓ ପ୍ରଗତିରେ ଆରବ ସମାଜ ବହୁ ପଛରେ ପଡ଼ିଥିଲା । ଆନ୍ତର୍ଜାତିକ ସ୍ତରରେ ଦୟା ଓ ସେବା ମନୋଭାବ ତଥା ପରସ୍ପର ପ୍ରତି ଭାଇଚାରାର ସଂପର୍କ ସ୍ଥାପନ କରିବାରେ ଅନଗ୍ରସର ଥିଲେ । ବହୁତ କ୍ୱଚିତ ବୀର ଓ ଭଦ୍ରୋଚିତ ସ୍ୱଭାବର ଲୋକେ ଅବଶ୍ୟ ଆରବ ସମାଜରେ ଥିଲେ ଯାହାଙ୍କର ଅନ୍ୟ କେହି ସମକକ୍ଷ ନଥିଲେ ।

## ମୁହମ୍ମଦ ମୁସ୍ତଫା[ସଅ]ଙ୍କ ଜନ୍ମ

ଏହିପରି ଏକ ଅପ୍ରିତିକର ବାତାବରଣରେ ତାଙ୍କର ଜନ୍ମ ହୋଇଥିଲା । ସେ ଜନ୍ମ ଗ୍ରହଣ କରିବା ପୂର୍ବରୁ ହିଁ ତାଙ୍କ ପିତା ଯାହାଙ୍କ ନାମ ଅବ୍ଦୁଲା ଥିଲା, ତାଙ୍କର ଦେହାନ୍ତ ହୋଇଗଲା । ତାଙ୍କୁ ଓ ତାଙ୍କ ମାତା ହଜରତ୍ ଆମେନାଙ୍କୁ ପିତାମହ ଅବ୍ଦୁଲ୍ ମୁତାଲିବ୍ ନିଜ ଦାୟିତ୍ୱରେ ରଖି ଲାଳନ ପାଳନର ବ୍ୟବସ୍ଥା କରିଥିଲେ । ଆରବର

ସାମାଜିକ ବ୍ୟବସ୍ଥାନୁସାରେ ଶିଶୁ ମୁହମ୍ମଦଙ୍କୁ କ୍ଷୀର ଖୁଆଇ ବଢାଇବା ପାଇଁ ତାଇଫ ଅଞ୍ଚଳର 'ହଲିମା' ନାମ୍ନୀ ଜଣେ ଧାଈଙ୍କ ଅଧୀନରେ ଛାଡ଼ି ଦିଆଯାଇଥିଲା । ଆରବର ଲୋକ ନିଜ ପିଲାମାନଙ୍କୁ ଗ୍ରାମୀଣ ଇଲାକାରେ ଏଥିପାଇଁ ଛାଡ଼ି ଦେଉଥିଲେ ଯେପରି ପିଲାଟିର ସ୍ୱାସ୍ଥ୍ୟରେ ଉନ୍ନତି ହେବା ସଂଗେ ସଂଗେ ତାର କଥିତ ଭାଷାର ଶୁଦ୍ଧତାରେ ମଧ୍ୟ ଉନ୍ନତି ପରିଲକ୍ଷିତ ହେବ । ମହାଭାଗ ଯେତେବେଳେ ଛଅ ବର୍ଷ ବୟସରେ ପଦାର୍ପଣ କଲେ, ତାଙ୍କ ମାତା ହଜରତ ଆମେନା[ରଅ] ନିଜର ମାତୃକ ବାସସ୍ଥାନ ମଦିନା ସହରରୁ ମକ୍କାକୁ ଫେରିବା ବାଟରେ ମୃତ୍ୟୁବରଣ କରିଥିଲେ ଓ ସେହିଠାରେ ତାଙ୍କୁ କବର ଦିଆଯାଇଥିଲା । ଶିଶୁ ମୁହମ୍ମଦଙ୍କୁ ତାଙ୍କର ଜଣେ ପରିଚାରିକା ସଂଗରେ ଆଣି ମକ୍କାରେ ତାଙ୍କର ଜେଜେବାପା ହଜରତ୍ ମୁତାଲିବ୍‌ଙ୍କ ନିକଟରେ ପହଞ୍ଚାଇ ଦେଇଥିଲା । ମୁହମ୍ମଦ[ସଅ]ଙ୍କୁ ଆଠ ବର୍ଷ ବୟସ ହୋଇଥିବା ସମୟରେ ତାଙ୍କ ଜେଜେବାପାଙ୍କ ମୃତ୍ୟୁ ହୋଇଥିଲା । ହଜରତ୍ ଅବ୍ଦୁଲ୍ ମୁତାଲିବ୍‌ଙ୍କ ଶେଷ ଇଚ୍ଛାନୁସାରେ ତାଙ୍କ ପୁଅ (ହଜରତ ମୁହମ୍ମଦଙ୍କ ପିତୃବ୍ୟ) ଅବୁତାଲିବ୍ ନିଜ ପୁତୁରାର ମୁରବୀ ଭାବେ ଭରଣ ପୋଷଣ ଦାୟୀତ୍ୱ ବହନ କଲେ । ହଜରତ୍ ମୁହମ୍ମଦ[ସଅ] ତାଙ୍କ ଜୀବନ କାଳରେ ଆରବ ଠାରୁ ଦୂର ଦେଶକୁ ତିନିଥର ବଣିଜ ବେପାର ପାଇଁ ଯାଇଥିଲେ । ଥରେ ନିଜ ପିତୃବ୍ୟ ଅବୁତାଲିବ୍‌ଙ୍କ ସହିତ ବାରବର୍ଷ ବୟସରେ ବାଣିଜ୍ୟ କରିବା ପାଇଁ ସିରିଆ ଯାତ୍ରା କରିଥିଲେ । ଏହି ଯାତ୍ରା ସିରିଆର ଦକ୍ଷିଣ ପୂର୍ବସ୍ଥିତ ଅଞ୍ଚଳରେ ହିଁ ସୀମିତ ଥିଲା । କାରଣ ଏହି ଯାତ୍ରାରେ ପାଲେଷ୍ଟାଇନ୍‌ର ପବିତ୍ର ପୀଠ ବୈତୁଲ୍ ମୋକଦ୍‌ଦସ୍‌ର ନାମ ବାଣିଜ୍ୟ ପେଣ୍ଠ ମଧ୍ୟରେ ଉଲ୍ଲେଖ ନଥିଲା । ଏହାପରେ ମହାଭାଗ ନିଜ ଯୌବନାବସ୍ଥା ମକ୍କାରେ ହିଁ ଅତିବାହିତ କରିଥିଲେ ।

## ହିଲ୍‌ଫୁଲ୍ ଫୁଜୁଲ୍ ସମିତିରେ ତାଙ୍କର ସଦସ୍ୟତା ଗ୍ରହଣ

ଶୈଶବ କାଳରୁ ହିଁ ପ୍ରତ୍ୟେକ ବିଷୟରେ ସେ ଚିନ୍ତନ ମନନ ପ୍ରବୃତ୍ତି ରଖୁଥିଲେ । ଲୋକଙ୍କ ମାଡ଼ପିଟ, ଝଗଡାଝାଣ୍ଟିରେ ସେ ହସ୍ତକ୍ଷେପ କରୁ ନଥିଲେ । ଏହାର ନିବାରଣ କରିବାର ପ୍ରୟାସରେ ଅବଶ୍ୟ ଆଗଭର ହେଉଥିଲେ । ତେଣୁ ମକ୍କା ଓ ଏହାର ଆଖପାଖ ବିଭିନ୍ନ ଜନଜାତି ଗୋଷ୍ଠୀମାନଙ୍କ ମଧ୍ୟରେ ହେଉଥିବା ଗଣ୍ଡଗୋଳରେ ବିବ୍ରତ ହୋଇ ଏହାର ନିରାକରଣ ପାଇଁ ମକ୍କାର କେତେକ ଯୁବକ ଏକ ଅନୁଷ୍ଠାନ ଗଢ଼ିଥିଲେ, ଯାହାର ଉଦ୍ଦେଶ୍ୟ ଥିଲା ପ୍ରତ୍ୟେକ ପୀଡିତ ବ୍ୟକ୍ତିକୁ ସାହାଯ୍ୟ କରିବା ଓ ତାଙ୍କୁ ନ୍ୟାୟ ପ୍ରଦାନ କରିବା । ସେଥିରେ ସକ୍ରୀୟ ଅଂଶଗ୍ରହଣ କରି ସେମାନଙ୍କ ସହିତ ହଜରତ ମୁହମ୍ମଦ[ସଅ] ଏହିପରି ଶପଥ ନେଇଥିଲେ:

"ସେମାନେ ପୀଡିତଙ୍କ ସହାୟତା କରିବେ ଓ ତାଙ୍କର ନ୍ୟାଯ୍ୟ ଅଧିକାର ତାଙ୍କୁ ସେ ପର୍ଯ୍ୟନ୍ତ ପ୍ରଦାନ କରିବେ, ଯେଉଁ ପର୍ଯ୍ୟନ୍ତ ସମୁଦ୍ରରେ ଏକ ଜଳବିନ୍ଦୁ ରହିଛି । ଯଦି ସେମାନେ ଏପରି ନକରି ପାରିବେ, ତା'ହେଲେ ନିଜ ତରଫରୁ ପୀଡିତଙ୍କ ଅଧିକାର ପୂରଣ କରିବେ ।"

ଏହି ପ୍ରତିଜ୍ଞାକୁ କାର୍ଯ୍ୟକାରୀ କରିବା ପାଇଁ ହଜରତ ମୁହମ୍ମଦ[ସଅ]ଙ୍କ ବ୍ୟତୀତ ଅନ୍ୟ କାହାକୁ ଅବସର ମିଳି ନଥିଲା । ଯେତେବେଳେ ସେ ଅଲ୍ଲାଃଙ୍କ ନିର୍ଦ୍ଦେଶରେ ନିଜକୁ ଅବତାର ବୋଲି ଘୋଷଣା କଲେ, ସେତେବେଳେ ସମଗ୍ର ମକ୍କାବାସୀ ତଥା ଆରବ ଜଗତ ତାଙ୍କୁ ତୀବ୍ର ବିରୋଧ କରିଥିଲେ । ଏହି ବିରୋଧରେ ମକ୍କାର ସର୍ଦ୍ଦାର 'ଅବୁଜହେଲ୍' ନେତୃତ୍ୱ ନେଇଥିଲା । ତା'ର ନିର୍ଦ୍ଦେଶ ଥିଲା ଯେ ମକ୍କା ସହରର କୌଣସି ବ୍ୟକ୍ତି ମୁହମ୍ମଦ[ସଅ]ଙ୍କ ସହିତ କଥାବାର୍ତ୍ତା କରିବ ନାହିଁ କି ତାଙ୍କର କୌଣସି କଥା ମାନିବ ନାହିଁ ଏବଂ ଯଥା ସମ୍ଭବ ତାଙ୍କୁ ଅପମାନିତ କରିବା ପାଇଁ ପ୍ରୟାସ କରାଯିବ । ସେତିକିବେଳେ ଜଣେ ବ୍ୟକ୍ତି ଯାହାଠାରୁ ଅବୁଜହେଲ ଧାର ସୂତ୍ରରେ କିଛି ଧନରାଶି ନେଇଥିଲା, ସେ ତାହା ଫେରସ୍ତ ନେବା ପାଇଁ ମକ୍କା ଆସିଲା ଓ ଅବୁଜହେଲଙ୍କୁ ନିଜ ପଇସା ପରିଶୋଧ କରିବାକୁ ଦାବି କଲା । କିନ୍ତୁ ଅବୁଜହେଲ ସେହି ଲୋକଟିକୁ ଫେରସ୍ତ କରିବାକୁ ରୋକ୍‌ଠୋକ୍ ମନା କରିଦେଲା । ସେହି ଲୋକ ନିରାଶ ହୋଇ ମକ୍କାବାସୀଙ୍କ ନିକଟରେ ଅଭିଯୋଗ କଲା । ଏହି ସମୟରେ ସେଠାରେ ଉପସ୍ଥିତ କେତେକ ଯୁବକ ମଜା ଦେଖିବା ପାଇଁ ସେ ଲୋକଟିକୁ ମୁହମ୍ମଦ[ସଅ]ଙ୍କ ଠିକଣା ଦେଇ କହିଲେ, 'ସେ ତୁମ କାମ କରିଦେବେ, ତୁମେ ତାଙ୍କ ପାଖକୁ ଯାଅ ।' ସେହି ଯୁବକମାନେ ଦେଖିବାକୁ ଚାହୁଁଥିଲେ ଯେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ସାଧାରଣତଃ ମକ୍କାବାସୀଙ୍କ ପକ୍ଷରୁ ଓ ବିଶେଷତଃ ଅବୁଜହେଲ ପକ୍ଷରୁ ହେଉଥିବା ବିରୁଦ୍ଧାଚରଣ ଦୃଷ୍ଟିକୋଣରୁ ସେ ସାହାଯ୍ୟ କରିବାକୁ ମନା କରିଦେବେ । ଫଳରେ ପ୍ରତିଜ୍ଞା ଭଙ୍ଗ କରିବା ଯୋଗୁଁ ଆରବ ମଧ୍ୟରେ ଲାଞ୍ଛିତ ଓ ଉପହସିତ ହୋଇଯିବେ । ନତୁବା ସେହି ବ୍ୟକ୍ତିଙ୍କୁ ଫେରାଦ ନେଇ ଅବୁଜହେଲଙ୍କ ନିକଟକୁ ଯିବେ, ଯିଏ ମୁହମ୍ମଦଙ୍କ ପ୍ରତି ଶତ୍ରୁତା ଯୋଗୁଁ ଭର୍ତ୍ସନା କରି ତାଙ୍କୁ ଘରୁ ବାହାର କରିଦେବେ । ସୁତରାଂ ସେହି ଲୋକଟି ମୁହମ୍ମଦ[ସଅ]ଙ୍କୁ ନିଜର ଆପତ୍ତି ଜଣାଇବାକୁ ତାଙ୍କ ଘରକୁ ଗଲା ଏବଂ ଅବୁଜହେଲ ନେଇଥିବା କରଜ ବିଷୟରେ ସମସ୍ତ କଥା କହିଲା । ଏହା ଶୁଣି ମହାଭାଗ ନିଃସଙ୍କୋଚରେ ଉଠି ତତ୍‌କ୍ଷଣାତ୍ ତାକୁ ନେଇ ଅବୁଜହେଲ ନିକଟକୁ ଗଲେ । ଅବୁଜହେଲର ଘର କବାଟ ଠକ୍ ଠକ୍ କରିବାରୁ ସେ ବାହାରକୁ ଆସି ଦେଖିଲା ଯେ ମହାଭାଗ ସେହି କରଜଦାତାଙ୍କୁ ନେଇ ତା' ଘର ସାମ୍ନାରେ ଠିଆ ହୋଇଛନ୍ତି ।

ମହାଭାଗ ତାଙ୍କ ଧ୍ୟାନ ଫେରାଇ କହିଲେ, 'ଏହି ବ୍ୟକ୍ତି ଠାରୁ ତୁମେ ଅମୁକ ଅମୁକ କରଜ ନେଇଛ, ତାକୁ ତୁରନ୍ତ ଫେରାଇ ଦିଅ ।' ଅବୁଜହେଲ ବିନା କୌଣସି ପ୍ରତିବାଦରେ ସେହି ଲୋକର ସମସ୍ତ ଋଣ ପରିଶୋଧ କରିଦେଲା । ଏହା ଦେଖି ମକ୍କା ସହରର ମୁଖିଆ ଲୋକ, ସେତେବେଳେ ଅବୁଜହେଲକୁ ତାଚ୍ଛଲ୍ୟ କରି କହିଲେ, 'ତୁମେ ତ ମୁହମ୍ମଦ[ସଅ]ଙ୍କୁ ଅସମ୍ମାନ କରିବା ଓ ଲାଞ୍ଛିତ କରିବା ତଥା ତାଙ୍କ ସହିତ କୌଣସି ସମ୍ପର୍କ ନ ରଖିବା ପାଇଁ ବଡ ବଡ କଥା କହୁଥିଲ । ଆଜି କେମିତି ତୁମେ ନିଜେ ତାଙ୍କ କଥା ମାନିଗଲ ଓ ତାଙ୍କର ସ୍ୱାଭିମାନ ତଥା ପ୍ରତିଷ୍ଠାକୁ ବଜାୟ ରଖିଲ ?' ଅବୁଜହେଲ ଉତ୍ତର ଦେଲା, 'ଭଗବାନଙ୍କ ରାଣ ! ତୁମେମାନେ ଯଦି ମୋ ସ୍ଥାନରେ ଥା'ନ୍ତ, ତୁମେ ମଧ୍ୟ ଅବିକଳ ସେହିପରି କରିଥାଆନ୍ତ ଯାହା ଆଜି ମୁଁ କରିଛି । ମୁଁ ଦେଖିଲି, ମୁହମ୍ମଦ[ସଅ]ଙ୍କ ଦକ୍ଷିଣ ଓ ବାମ ପାର୍ଶ୍ୱରେ ବିଶାଳକାୟ ବଣୁଆ ଓଟ ଭୟଙ୍କର ଭାବେ ମୋ ବେକକୁ ମୋଡ଼ି ମୋତେ ମାରିଦେବା ପାଇଁ ଉଦ୍ୟତ ହେଉଛନ୍ତି । ଯଦି ମୁଁ କଦାଚିତ୍ ଋଣ ପରିଶୋଧ କରିବା ପାଇଁ ମନା କରି ଦେଇଥା'ନ୍ତି, ତା'ହେଲେ ସେମାନେ ମୋତେ ନିଶ୍ଚୟ ମାରି ପକାଇ ଥାଆନ୍ତେ ।' ଅବୁଜହେଲର ଏହି ଉକ୍ତିଟି କେତେ ଦୂର ସତ, ତାହା ଈଶ୍ୱରଙ୍କୁ ଭଲ ଭାବରେ ଜଣାଥିବ । ଏହି ଘଟଣା ଦ୍ୱାରା ଅଲ୍ଲାଃତାଲା ତାଙ୍କର କୌଣସି ନିଦର୍ଶନ ଦେଖାଇଥିବେ କିମ୍ବା ଏହି ଆଲୌକିକ ଘଟଣା ଦ୍ୱାରା ଅବୁଜହେଲ ହୃଦୟରେ ସତ୍ୟତାର ଆତଙ୍କିତ ପ୍ରଭାବ ଖେଳି ଯାଇଥିବ । ସେ ଏହା ମଧ୍ୟ ଦେଖିଥିବ ଯେ ସମଗ୍ର ମକ୍କାବାସୀଙ୍କ କୋପର ଶୀକାର ହୋଇଥିବା ଜଣେ ଅସହାୟ ପୀଡିତ ଲୋକର ସହାୟତା କରିବାର ଆବେଗରେ ଆସି କୌଣସି ବାହ୍ୟ ସାହାଯ୍ୟ ବିନା ଜଣେ ନିନ୍ଦିତ ବ୍ୟକ୍ତି ଅବୁଜହେଲକୁ ଆହ୍ୱାନ କରି କହୁଛି ଯେ ଏହି ବ୍ୟକ୍ତିର କରଜ ତୁରନ୍ତ ଶୁଝିଦିଅ ଯାହାଫଳରେ ସତ୍ୟର ପ୍ରଚଣ୍ଡ ପ୍ରଭାବର ବଶବର୍ତ୍ତୀ ହୋଇ ଅବୁଜହେଲର ମିଥ୍ୟା ଦର୍ପ ଓ ଅହଂକାର ଚୂର୍ଣ୍ଣ ହୋଇଥିଲା ଓ ତାଙ୍କୁ ସତ୍ୟର ସାମ୍ନାରେ ମୁଣ୍ଡ ନୁଆଁଇବାକୁ ପଡିଲା ।

## ହଜରତ ମୁହମ୍ମଦ[ସଅ] ଙ୍କ ସହିତ ଖଦିଜା[ରଅ] ଙ୍କ ବିବାହ

ଦିବ୍ୟ ଅବତାର ହଜରତ ମହମ୍ମଦ[ସଅ]ଙ୍କୁ ଯେତେବେଳେ ପଚିଶ ବର୍ଷ ବୟସ ତାଙ୍କର ସାଧୁତା ଓ ସଚ୍ଚୋଟପଣିଆ ସମଗ୍ର ଅଞ୍ଚଳରେ ସୁଖ୍ୟାତି ଲାଭ କରିଥିଲା । ଲୋକମାନେ ତାଙ୍କ ଆଡ଼କୁ ସଙ୍କେତ କରି କହୁଥିଲେ ଯେ 'ଦେଖ, ଏକ ସତ୍ୟବାଦୀ ଓ ଆସ୍ଥାବାନ ବ୍ୟକ୍ତି ଯାଉଛି ।' ଏହି ଖବର ମକ୍କାର ଏକ ସମ୍ଭ୍ରାନ୍ତଶୀଳ ଧନାଢ୍ୟ ବିଧବା ମହିଳା 'ଖଦିଜା'ଙ୍କ କାନକୁ ଗଲା । ସେ ମୁହମ୍ମଦ[ସଅ]ଙ୍କ ପିତୃବ୍ୟ ଅବୁ ତାଲିବ୍‌ଙ୍କୁ ଡକାଇ

କହିଲେ, 'ସିରିୟା ଅଭିମୁଖେ ବାଣିଜ୍ୟ କାରବାର ପାଇଁ ଯାଉଥିବା ଯାତ୍ରୀଦଳର ପରିଚାଳନା ଦାୟିତ୍ୱ ଯଦି ହଜରତ ମୁହମ୍ମଦ[ସଅ] ଯଦି ସମ୍ଭାଳନ୍ତେ, ତା'ହେଲେ ଅତି ଉତ୍ତମ ହୁଅନ୍ତା । ଏହି ପ୍ରସ୍ତାବକୁ କକା ଅବୁତାଲିବ୍ ଗ୍ରହଣ କରିବାରୁ ହଜରତ ମୁହମ୍ମଦ[ସଅ] ସେହି ବାଣିଜ୍ୟରେ ସାମିଲ୍ ହୋଇ ସିରିୟା ଅଭିମୁଖେ ଯାତ୍ରା କରିଥିଲେ ଓ ତହିଁରେ ପ୍ରଚୁର ଲାଭ କରି ମକ୍କାକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଫଳତଃ ହଜରତ୍ ଖଦିଜାଙ୍କ ବିଶ୍ୱାସ ହୋଇଗଲା ଯେ ଏହି ଲାଭ କେବଳ ବାଣିଜ୍ୟ କାରବାର ଯୋଗୁଁ ସମ୍ଭବ ହୋଇନାହିଁ, ବରଂ ଏହାର ନେତୃତ୍ୱ ନେଇଥିବା ବ୍ୟକ୍ତିର ସଚ୍ଚୋଟ ପଣିଆ ଓ ସାଧୁତା ଯୋଗୁଁ ହିଁ ସମ୍ଭବ ହୋଇଛି । ହଜରତ ଖଦିଜାଙ୍କ ଜଣେ କ୍ରୀତଦାସ 'ମେଶର' ଯିଏ କି ହଜରତ ମୁହମ୍ମଦ[ସଅ]ଙ୍କ ସହଯାତ୍ରୀ ଥିଲେ, ତାଙ୍କ ଠାରୁ ସେ ପଚ୍ଚରି ବୁଝିଥିଲେ । ମେଶର ହଜରତ ମୁହମ୍ମଦ[ସଅ]ଙ୍କ ସାଧୁତା ଓ ବିଶ୍ୱସ୍ତତାର ସାକ୍ଷ୍ୟ ଦେଇ କହିଥିଲେ ଯେ ସେହି ଯାତ୍ରାରେ ହଜରତ ମୁହମ୍ମଦ[ସଅ] ସମସ୍ତଙ୍କ ପ୍ରତି ଯେପରି ସ୍ନେହ ଓ ପ୍ରେମପୂର୍ଣ୍ଣ ବ୍ୟବହାର ଦେଖାଇଥିଲେ, ଏହି ଲାଭାଂଶ ତାହାର ଏକ ଅର୍ଘ୍ୟ ମାତ୍ର । ଏହି କଥା ହଜରତ ଖଦିଜା[ରଅ]ଙ୍କ ମାନସ ପଟରେ ଗଭୀର ରେଖାପାତ କରିଥିଲା । ଖଦିଜାଙ୍କ ବୟସ ସେତେବେଳେ ଚ୍ଚାଳିଶ ବର୍ଷ । ଇତ୍ୟବସରରେ ସେ ଦୁଇ ଥର ବିଧବା ମଧ୍ୟ ହୋଇ ସାରିଥିଲେ । ତଥାପି ଖଦିଜା ନିଜର ସଙ୍ଗୀନୀଙ୍କ ହାତରେ ହଜରତ ମୁହମ୍ମଦ[ସଅ]ଙ୍କ ନିକଟକୁ ନିଜର ବିବାହ ପ୍ରସ୍ତାବ ପଠାଇ ଥିଲେ । ତହୁଁ ସେ ଯାଇ ହଜରତ ମୁହମ୍ମଦ[ସଅ]ଙ୍କୁ ସାକ୍ଷାତ କରି କହିଲେ, 'ଆପଣ ଏ ପର୍ଯ୍ୟନ୍ତ କାହିଁକି ବିବାହ କରି ନାହାନ୍ତି ?' ହଜରତ ମୁହମ୍ମଦ[ସଅ] ଉତ୍ତର ଦେଲେ, 'ମୋ ପାଖରେ ଏତେ ଧନ ସମ୍ପତ୍ତି କାହୁଁ ଆସିବ ଯେ ମୁଁ କାହାକୁ ବିବାହ କରିବି ?' ଖଦିଜାଙ୍କ ସଙ୍ଗୀନି କହିଲେ, 'ଯଦି ଏହି ଧନର ପ୍ରତିବନ୍ଧକ ଦୂର ହୋଇଯିବ, ତା'ହେଲେ ତ ଆପଣ ବିବାହ କରି ପାରିବେ ? ଯଦି କୌଣସି ସମ୍ଭ୍ରାନ୍ତ ବଂଶର ଜଣେ ଧନିକ ଭଦ୍ର ମହିଳାଙ୍କ ସହିତ ଆପଣଙ୍କ ବିବାହ ହୋଇଯାଏ, ତେବେ ଆପଣଙ୍କର କିଛି ଆପତ୍ତି ଅଛି କି' ? ତହୁଁ ହଜରତ ମୁହମ୍ମଦ[ସଅ] ପଚାରିଲେ 'କିଏ ସେହି ମହିଳା ?' ସେ କହିଲେ 'ଖଦିଜା' । ହଜରତ ମୁହମ୍ମଦ[ସଅ] ପୁନଶ୍ଚ ପ୍ରଶ୍ନ କଲେ 'ତାଙ୍କ ନିକଟକୁ ଯାଇ କିପରି ପ୍ରସ୍ତାବ ଦେବି ?' ଏହାର ଉତ୍ତରରେ ଖଦିଜାଙ୍କ ସଙ୍ଗିନୀ କହିଲେ, 'ଏକଥା ଆପଣ ମୋ ଉପରେ ଛାଡି ଦିଅନ୍ତୁ' । ହଜରତ ମୁହମ୍ମଦ[ସଅ] ଏହି ପ୍ରସ୍ତାବରେ ରାଜି ହୋଇଗଲେ ଓ ଖଦିଜା ଯୁବକ ମୁହମ୍ମଦଙ୍କ ପିତୃବ୍ୟ ଅବୁତାଲିବଙ୍କ ମାଧ୍ୟମରେ ଉକ୍ତ ପ୍ରସ୍ତାବକୁ ପକ୍କା କଲେ । ଏହିପରି ଭାବରେ ତାଙ୍କ ବିବାହ ଖଦିଜା[ରଅ]ଙ୍କ ସହିତ ସମ୍ପନ୍ନ ହୋଇଗଲା । ଏକ ଗରୀବ ଓ ଅନାଥ ଯୁବକଙ୍କ ସକାଶେ ଧନ ଦୌଲତର ପ୍ରଥମ ଦ୍ୱାର ଖୋଲିଲା । କିନ୍ତୁ

ଏହି ଧନ ସମ୍ପତ୍ତି ପାଇବା ପରେ ଏହାର ବ୍ୟବହାର କିପରି କରାଗଲା, ତାହା ସମଗ୍ର ମାନବ ଜଗତ ପାଇଁ ଏକ ଦୃଷ୍ଟାନ୍ତ ହୋଇ ରହିଗଲା ।

## କ୍ରୀତଦାସମାନଙ୍କ ମୁକ୍ତି ଓ ଜଏଦଙ୍କ ପ୍ରସଙ୍ଗ

ତାଙ୍କ ବିବାହୋପରାନ୍ତେ ଯେତେବେଳେ ଖଦିଜା[ରଅ] ଅନୁଭବ କଲେ ହଜରତ ମୁହମ୍ମଦ[ସଅ]ଙ୍କ ପରି ଏକ ସମ୍ବେଦନଶୀଳ ବ୍ୟକ୍ତିଙ୍କ ଜୀବନ ଏପରି ଧନର ପ୍ରାଚୁର୍ଯ୍ୟ ମଧ୍ୟରେ କେବେ ଶାନ୍ତି ପ୍ରାପ୍ତ କରିବ ନାହିଁ ଯେ ତାଙ୍କ ପତ୍ନୀ ଧନବାନ ଥିବ ଓ ସେ ତାଙ୍କ ଆଶ୍ରୀତ ହୋଇ ରହିବେ,ଏହା ଚିନ୍ତା କରି ସେ ମନକଥା କହିଲେ ଯେ ତାଙ୍କର ସମସ୍ତ ଅଚଳାଚଳ ସଂପତ୍ତି ଓ ଦାସଦାସୀମାନଙ୍କୁ ତାଙ୍କ ଶ୍ରୀଚରଣରେ ସମର୍ପିତ କରିବା ପାଇଁ ସେ ଚାହାନ୍ତି । ମୁହମ୍ମଦ[ସଅ] ପ୍ରଶ୍ନ କଲେ, 'ଖଦିଜା କ'ଣ ଏହା ବାସ୍ତବରେ ହେବ ?' ପୁଣି ଥରେ ସେ ଏହା ସ୍ୱୀକାର କରିବାରୁ ମହାଭାଗ ଉତ୍ତର ଦେଲେ 'ଏହା ମୋର ପ୍ରଥମ କର୍ତ୍ତବ୍ୟ ହେବ ଯେ ସମସ୍ତ ଦାସଦାସୀଙ୍କୁ ଦାସତ୍ୱର ଶୃଙ୍ଖଳରୁ ମୁକ୍ତ କରିବି ।' ପୁଣି ସେହି ମୁହୂର୍ତ୍ତରେ ମୁହମ୍ମଦ[ସଅ] ଖଦିଜା[ରଅ]ଙ୍କ ଅଧିନରେ ଥିବା ସମସ୍ତ କ୍ରୀତ ଦାସଦାସୀଙ୍କୁ ଡକାଇ ପଠାଇଲେ ଓ ଘୋଷଣା କଲେ 'ଆଜି ଠାରୁ ତୁମେମାନେ ସମସ୍ତେ ମୁକ୍ତ ହୋଇଗଲ'। ଏହା ବ୍ୟତୀତ ଏକ ବିରାଟ ଅଂଶଧନକୁ ଗରିବଙ୍କ ମଧ୍ୟରେ ବିତରଣ କରାଗଲା । ଯେଉଁମାନଙ୍କୁ ମୁକ୍ତ କରାଗଲା ସେମାନଙ୍କ ମଧ୍ୟରେ 'ଜୈଦ' ନାମକ ଜଣେ କ୍ରୀତଦାସ ମଧ୍ୟ ଥିଲେ । ସେ ଅନ୍ୟ କ୍ରୀତଦାସଙ୍କ ଅପେକ୍ଷା ଅଧିକ ବିଚକ୍ଷଣ ଓ ବୁଦ୍ଧିମାନ ବାଳକ ଥିଲେ । ଉଚ୍ଚ ପରିବାର ସହିତ ସମ୍ବନ୍ଧିତ ସେହି ବାଳକକୁ ପିଲାଦିନେ ଏକ ଡାକୁ ଚୋରାଇ ନେଇଥିଲା । ବିଭିନ୍ନ ସ୍ଥାନରେ ତାକୁ ବିକ୍ରି କରାଯିବ । ପରେ ଶେଷରେ ସେ ମକ୍କାରେ ପହଞ୍ଚିଥିଲେ । ନିଜ ବୁଦ୍ଧିମତ୍ତା ବଳରେ ଏହି ବାଳକ ଅନୁଭବ କରିପାରିଲେ ଯେ ସ୍ୱାଧୀନ ହେବା ଅପେକ୍ଷା ହଜରତ ମୁହମ୍ମଦ[ସଅ]ଙ୍କ ଦାସତ୍ୱ ସ୍ୱୀକାର କରିବା ଅଧିକ ଶ୍ରେୟସ୍କର । ଯେତେବେଳେ ହଜରତ ମୁହମ୍ମଦ[ସଅ] ସମସ୍ତ କ୍ରୀତଦାସଙ୍କୁ ମୁକ୍ତି ପ୍ରଦାନ କରିଥିଲେ, ସେତେବେଳେ ଜଏଦ୍ କହିଥିଲେ 'ଆପଣ ମୋତେ ମୁକ୍ତି ପ୍ରଦାନ କରିଛନ୍ତି ସତ, କିନ୍ତୁ ମୋର ସ୍ୱାଧୀନତା ଲୋଡ଼ା ନାହିଁ । ମୁଁ ଆପଣଙ୍କ ସଙ୍ଗେ ରହିବାକୁ ଚାହୁଁଛି' । ସୁତରାଂ ସେ ମୁହମ୍ମଦ[ସଅ]ଙ୍କ ସହଚର୍ଯ୍ୟରେ ରହିଲେ । ଦିନକୁ ଦିନ ତାଙ୍କ ସ୍ନେହ ଓ ମମତାର ବନ୍ଧନରେ ଆବଦ୍ଧ ହେବାକୁ ଲାଗିଲେ । ଯେହେତୁ ସେ ଏକ ଧନୀ ଘରେ ଜନ୍ମ ହୋଇଥିଲେ, ତେଣୁ ତାଙ୍କ ପିତା ବହୁ ଦିନ ଧରି ଡାକୁମାନଙ୍କ ପିଛା କରି କରି ଜଏଦ୍‌କୁ ଖୋଜି ଖୋଜି ମକ୍କାରେ ଆସି ପହଞ୍ଚିଲେ । ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ବିନତୀ କରି କହିଲେ 'ଆପଣ

ଯେତେ ଧନ ନେବା ପାଇଁ ଚାହିବେ ନିଅନ୍ତୁ ପଛକେ, ଆମ ପୁଅ ଜଏଦକୁ ଛାଡ଼ି ଦିଅନ୍ତୁ ।' ହଜରତ ମୁହମ୍ମଦ[ସଅ] କହିଲେ 'ମୁଁ ତାକୁ କେବେ ଠାରୁ ମୁକ୍ତ କରି ସାରିଲିଣି । ଏବେ ସେ ସ୍ୱାଧୀନ ଭାବରେ ଯେଉଁଠାକୁ ଚାହିବ ଯାଇ ପାରିବ । ଆପଣ ଅତି ଖୁସିରେ ତାକୁ ନେଇ ଯାଇ ପାରନ୍ତି' । ଏହାପରେ ମହାଭାଗ ଜଏଦକୁ ଡାକି ତାର ପିତା ଓ ପିତୃବ୍ୟଙ୍କ ସହିତ ଭେଟ କରାଇଦେଲେ । ପିଲାଟିକୁ ଦେଖି ସେମାନଙ୍କୁ କୋଟିନିଧି ପାଇଗଲା ପରି ଲାଗିଲା ଓ ମିଳନର ଆନନ୍ଦାଶ୍ରୁ ବୋହିଗଲା । ପୁଣି କହିଲେ, 'ବାବୁରେ ଚାଲ, ତୋ' ମାଆ ତୋତେ ଦେଖିବା ପାଇଁ ଆତୁର ନୟନରେ ତୋର ବାଟ ଗ୍ୱହିଁ ବସିଛି । ଏହି ସୁଶୀଳ ବ୍ୟକ୍ତିଟି ତୋର ଯିବା ମାର୍ଗକୁ ପ୍ରଶସ୍ତ କରି ଦେଇଛନ୍ତି ଓ ତୋତେ ମୁକ୍ତି ଦେଇଛନ୍ତି । ମାଆ ପାଖରେ ଶୀଘ୍ର ଯାଇ ତା'ର ମନକୁ ତୃପ୍ତ କର' । ଉତ୍ତରରେ ଜଏଦ୍ କହିଲେ 'ବାପା ମାଆ କାହାକୁ ପ୍ରିୟ ନୁହନ୍ତି । ମୋ ହୃଦୟ ମଧ୍ୟ ତାଙ୍କ ପ୍ରେମରୁ ଖାଲି ନାହିଁ । କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ପ୍ରେମ ମୋ ହୃଦୟରେ ଏପରି ବସା ବାନ୍ଧିଛି ଯେ ମୁଁ ତାଙ୍କ ଠାରୁ କଦାପି ଅଲଗା ହୋଇ ରହି ପାରିବି ନାହିଁ । ତୁମମାନଙ୍କ ସହିତ ମିଶି ମୁଁ ବହୁତ ପ୍ରସନ୍ନ ହୋଇଛି । କିନ୍ତୁ ମହମ୍ମଦ[ସଅ]ଙ୍କ ଠାରୁ ବିଚ୍ଛେଦ ହେବା ମୋ ସାମର୍ଥ୍ୟ ବାହାରେ' । ସୁତରାଂ ତାକୁ ଯିବା ପାଇଁ ସେମାନେ ଜୋର୍ କଲେ, କିନ୍ତୁ ସେ ଅସ୍ୱୀକାର କଲା । ବାଳକର ଏପରି ପ୍ରେମାତୁର ଭାବ ଦେଖି ମହାଭାଗ ଛିଡା ହୋଇ ଘୋଷଣା କଲେ 'ଜଏଦ୍ ତ ପ୍ରଥମେ ସ୍ୱାଧୀନ ଥିଲା, କିନ୍ତୁ ମୁଁ ଆଜି ତାକୁ ମୋର ପୁତ୍ର ରୂପେ ଗ୍ରହଣ କରୁଛି' । ଏହା ଦେଖି ଜଏଦ୍‌ର ପିତା ଓ କକା ନିଜ ଦେଶକୁ ଫେରିଗଲେ ଏବଂ ଜୈଦ୍ ସବୁଦିନ ପାଇଁ ମକ୍କାର ବାସିନ୍ଦା ହୋଇ ରହିଗଲେ ।

## ହିରା ଗୁମ୍ଫାରେ ଉପାସନା

ହଜରତ ମୁହମ୍ମଦ[ସଅ]ଙ୍କ ବୟସ ଯେତେବେଳେ ତିରିଶ ବର୍ଷ ଅତିକ୍ରାନ୍ତ ହେଲା, ତାଙ୍କ ହୃଦୟରେ ଅଲ୍ଲାଃଙ୍କ ଉପାସନା ପ୍ରତି ଅନୁରାଗ ପ୍ରଥମରୁ ଅଧିକ ପ୍ରବଳ ହେବାରେ ଲାଗିଲା । ସେ ମକ୍କାବାସୀଙ୍କ ଦୁରାଚ୍ଚର, ଉପଦ୍ରବ ଓ ଦୁଷ୍ଟାମି ପ୍ରତି ବିତସ୍ପୃହ ହୋଇ ମକ୍କା ସହରରୁ ଦୁଇ ତିନି ମାଇଲ ଦୂରରେ ଥିବା ପାହାଡର ଶୀର୍ଷରେ 'ହିରା' ନାମକ ଏକ ଛୋଟ ଗୁମ୍ଫାରେ ଈଶ୍ୱରଙ୍କୁ ଉପାସନା କରିବାରେ ନିମଗ୍ନ ହେଲେ । ହଜରତ୍ ଖଦିଜା[ରଅ] ତାଙ୍କ ପାଇଁ କିଛି ଦିନର ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରି ଦେଉଥିଲେ । ତାକୁ ନେଇ ସେ ସେହି ଗୁମ୍ଫାକୁ ଚାଲି ଯାଉଥିଲେ ଓ ସେହି ଦୁଇ ତିନୋଟି ପଥର କନ୍ଦିରେ ବସି ରହି ଅଲ୍ଲାଃଙ୍କ ଉପାସନାରେ ଅହର୍ନିଶି ଧ୍ୟାନମଗ୍ନ ରହୁଥିଲେ ।

# କୁରଆନର ପ୍ରଥମ ଐଶିବାଣୀ

ତାଙ୍କ ବୟସ ଚାଳିଶ ବର୍ଷ ହୁଅନ୍ତେ ଦିନେ ଅର୍ଦ୍ଧ ନିମିଳିତ ଅବସ୍ଥାରେ ଏକ ଦୃଶ୍ୟ ଦେଖିଲେ ଯେ ଜଣେ ବ୍ୟକ୍ତି ତାଙ୍କ ସମ୍ମୁଖରେ ବିରାଜମାନ ହୋଇ କହୁଛି 'ପଢ଼' । ତହୁଁ ସେ କହିଲେ 'ମୁଁ ତ ପଢ଼ି ଜାଣି ନାହିଁ ।' ଏହା ପରେ ସେହି ଜିବ୍ରାଇଲ ଦେବଦୂତ ଦ୍ୱିତୀୟ ଥର ଓ ତୃତୀୟ ଥର ଏହାକୁ ଦୋହରାଇଲେ । ଶେଷରେ ନିମ୍ନୋକ୍ତ ପାଞ୍ଚୋଟି ବାକ୍ୟ ତାଙ୍କ ମୁଖରେ ସେ ଆବୃତ୍ତି କରାଇଲେ:

اِقْرَأْ بِاسْمِ رَبِّكَ الَّذِی خَلَقَ ۔ خَلَقَ الْإِنسَانَ مِنْ عَلَقٍ ۔ اِقْرَأْ وَرَبُّكَ

الْأَكْرَمُ ۔ الَّذِی عَلَّمَ بِالْقَلَمِ عَلَّمَ الْإِنسَانَ مَا لَمْ يَعْلَمْ

ଇକ୍‌ରା ବିସ୍‌ମେ ରବ୍‌ବିକଲ୍ ଲଜି ଖଲକ ଖଲକଲ୍ ଇନ୍‌ସାନା ମିନ୍ ଅଲକ୍ । ଇକ୍‌ରା ୱ୍‌ ରବ୍‌ବୁକଲ୍ ଅକ୍‌ରମୋ । ଅଲ୍ଲଜି ଅଲ୍ଲମ ବିଲ୍ କଲମ୍ । ଅଲ୍ଲମଲ୍ ଇନ୍‌ସାନ ମାଲମ୍ ୟାଲମ୍ । (ଅଲ୍ ଅଲକ ୨-୬)

ଏହା ପବିତ୍ର କୁରଆନ୍ ଗ୍ରନ୍ଥର ସେହି ପ୍ରାରମ୍ଭିକ ପଙ୍‌କ୍ତି (ଆୟତ) ଯାହା ଐଶ୍ୱରିକ ବାଣୀ ରୂପେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଅବତୀର୍ଣ୍ଣ ହୋଇଥିଲା । ଏହାର ଭାବାର୍ଥ ହେଉଛି 'ନିଜ ପ୍ରତିପାଳକଙ୍କ ନାମ ନେଇ ପଢ, ଯିଏ ତୁମକୁ ଓ ସମଗ୍ର ସର୍ଜନା କରିଛନ୍ତି, ଏହି ସ୍ୱର୍ଗୀୟ ବାର୍ତ୍ତା ସମଗ୍ର ସଂସାରକୁ ଶୁଣାଇ ଦିଅ । ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ମାନବ ଜାତିର ହୃଦୟରେ ସୃଷ୍ଟି ଓ ସ୍ରଷ୍ଟାଙ୍କ ମଧ୍ୟରେ ସେ ଯେଉଁ ପ୍ରେମର ବୀଜ ବପନ କରିଛନ୍ତି, ସେହି ସମସ୍ତ ପ୍ରଶଂସାର ଯୋଗ୍ୟ ଈଶ୍ୱର ତୁମ ସହିତ ରହିଛନ୍ତି । ଏବଂ ଯିଏ ଲୋକମାନଙ୍କୁ ଶିକ୍ଷା ଦେବା ପାଇଁ 'କଲମ' ପ୍ରସ୍ତୁତ କରିଛନ୍ତି ଓ ସମସ୍ତ ପ୍ରକାର ତତ୍ତ୍ୱ ଜ୍ଞାନ ପ୍ରଦାନ କରିବାକୁ, ଆଗଭର ହୋଇ ଆସିଛନ୍ତି । ଯେଉଁ ଜ୍ଞାନ ଏ ପର୍ଯ୍ୟନ୍ତ କାହାକୁ ଜଣା ନଥିଲା ।' ପବିତ୍ର କୁରଆନର ଉକ୍ତି ହେଉଛି ସମସ୍ତ ଶିକ୍ଷା ଠାରୁ ଉତ୍କୃଷ୍ଟ, ଯାହା ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ଭବିଷ୍ୟତରେ ଅବତୀର୍ଣ୍ଣ ହେବା ନିମନ୍ତେ ମୂଳଭିତ୍ତି ରୂପେ ପଡି ସାରିଥିଲା । ତାହାର ବୀଜ ଉପରୋକ୍ତ ଉକ୍ତିମାନଙ୍କରେ ନିହିତ ଅଛି । ତେବେ ଏହାର ବିସ୍ତୃତ ବର୍ଣ୍ଣନା ପବିତ୍ର କୁରଆନ୍‌ରୁ ଉଦ୍ଧାର କରି ପରବର୍ତ୍ତି ସମୟରେ ବ୍ୟାଖ୍ୟା କରାଯିବ । କିନ୍ତୁ ବର୍ତ୍ତମାନ ସକାଶେ ଏହାର ବିବରଣୀ ପ୍ରଦାନ କରିବାର ପ୍ରୟୋଜନ ଏପରି ରହୁଛି ଯେ ଏହି ଉକ୍ତିଗୁଡ଼ିକ ହଜରତ ମୁହମ୍ମଦ[ସଅ]ଙ୍କ ଜୀବନର ମହତ୍ତ୍ୱପୂର୍ଣ୍ଣ ଘଟଣା ଏବଂ ପବିତ୍ର କୁରଆନର ଭିତ୍ତି ପ୍ରସ୍ତର ସ୍ୱରୂପ ବିବେଚନା ଯୋଗ୍ୟ । ମହାଭାଗଙ୍କ ଉପରେ ଯେତେବେଳେ ଏହି ବାଣୀ ଅବତୀର୍ଣ୍ଣ ହେଲା, ତାଙ୍କ ମନରେ ଭୟ ଜାତ ହେଲା ଯେ କାଳେ ଏହି ମହାନ କର୍ତ୍ତବ୍ୟର

ବୋଝ ବହନ କରିବାର ସାମର୍ଥ୍ୟ ସେ ରଖିବେ କି ନାହିଁ । ଆଉ କେହି ହୋଇଥିଲେ ଅଭିମାନ ଓ ଅହଂକାର ବଶତଃ କହି ବୁଲନ୍ତା ଯେ ସାମର୍ଥ୍ୟବାନ ପ୍ରଭୁ ମୋ ଉପରେ ଏହି ଗୁରୁ ଦାୟୀତ୍ୱ ନ୍ୟସ୍ତ କରିଛନ୍ତି । ହଜରତ ମୁହମ୍ମଦ[ସଅ] କର୍ମବୀର ଥିଲେ ଓ ଦାୟିତ୍ୱ ତୁଲାଇବା କ'ଣ ତାହା ଜାଣିଥିଲେ । କିନ୍ତୁ ବାହ୍ୟ ପ୍ରଦର୍ଶନ କରିବା, ଗର୍ବ କରିବା ସେ ଜାଣି ନଥିଲେ । ଦୈବୀ ପ୍ରକଟନ ଗ୍ରହଣ କରିବା ପରେ ସେ ସଙ୍ଗେ ସଙ୍ଗେ ନିଜ ଧର୍ମପତ୍ନୀ ଖଦିଜାଙ୍କ ନିକଟକୁ ଆସିଲେ । ତାଙ୍କ ଚେହେରା ବିବର୍ଣ୍ଣ ଦେଖା ଯାଉଥିଲା ଓ ସେଥିରେ ସେ ଅତ୍ୟନ୍ତ ବ୍ୟସ୍ତ ଓ ବିଚଳିତ ହୋଇ ପଡିଥିବାର ଜଣା ପଡୁଥିଲା । ହଜରତ ଖଦିଜା[ରଅ] ପ୍ରଶ୍ନ କଲେ 'ତୁମର କ'ଣ ହୋଇଛି ?' ସେ ସମସ୍ତ ବିଷୟ ଶୁଣାଇ ସାରି କହିଲେ, 'ମୋ ପରି ଜଣେ ଅତି ଦୁର୍ବଳ ବ୍ୟକ୍ତି ଏପରି ବୋଝକୁ କିପରି ସମ୍ଭାଳିବ ?' ତହୁଁ ହଜରତ ଖଦିଜା[ରଅ] କହିଲେ,

كَلَّا وَاللّٰهِ مَا يُخْزِيْكَ اللّٰهُ اَبَدًا اِنَّكَ لَتَصِلُ الرَّحِمَ وَتَحْمِلُ
الْكَلَّ وَتَكْسِبُ الْمَعْدُوْمَ وَتَقْرِى الضَّيْفَ وَتُعِيْنُ عَلٰى نَوَائِبِ الْحَقِّ

କଲ୍ଲା ୱଲ୍ଲାହି ମା ୟୂଖ୍‌ଜିକଲ୍ଲାହୁ ଅବଦନ୍ । ଇନ୍ନକା ଲତୁସେଲୁର୍ ରହିମା ୱତହ୍‌ମେଲୁଲ୍‌କଲ୍ଲା । ୱତକ୍‌ସିବୁଲ୍ ମାଆଦୁମା ୱ ତକ୍ୱରିଜ୍ ଜୈଫା ୱତୁୟିନୁ ଆଲା ନୱାଏବିଲ୍ ହକ୍‌କେ ।। (ବୁଖାରି, କିତାବି ବଦଉଲ୍ ୱହୀ)

ପ୍ରଭୁଙ୍କ ରାଣ, ଏହି ଦୈବୀବାଣୀ ଆପଣଙ୍କ ଉପରେ ଏଥିପାଇଁ ପ୍ରକଟିତ ହୋଇନାହିଁ ଯେ ଆପଣ ଅସଫଳ ଓ ନିରାଶ ହୁଅନ୍ତୁ । ଏବଂ ପ୍ରଭୁ ତୁମକୁ ଛାଡିଦେବେ । କାରଣ ଆପଣ ତ ଆତ୍ମୀୟ ସ୍ୱଜନ ଓ ନିକଟ ସମ୍ପର୍କୀୟଙ୍କ ସହିତ ଉତ୍ତମ ବ୍ୟବହାର କରନ୍ତି ଏବଂ ଅସହାୟ ଓ ନିଃସ୍ୱ ଲୋକଙ୍କୁ ସାହାଯ୍ୟ କରି ଥାଆନ୍ତି । ଯେଉଁ ଶିଷ୍ଟାଚାର ଦେଶରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲା, ଆପଣଙ୍କ ବ୍ୟକ୍ତିଗତ ପ୍ରୟାସ ଦ୍ୱାରା ତାହାର ପୁନର୍ବାର ପ୍ରତିଷ୍ଠା ହୋଇଛି । ଆପଣ ଅତିଥି ମାନଙ୍କର ସତ୍କାର କରୁଛନ୍ତି ଓ ସଙ୍କଟରେ ପଡିଥିବା ଲୋକଙ୍କୁ ସାହାଯ୍ୟ କରୁଛନ୍ତି । କ'ଣ ଏଭଳି ମନୁଷ୍ୟକୁ ପ୍ରଭୁ ବିପତ୍ତିରେ ପକାଇ ଦେବେ ? ଏହାପରେ ହଜରତ ଖଦିଜା[ରଅ] ନିଜ ସ୍ୱାମୀଙ୍କୁ ନିଜ କକା ପୁଅ ଭାଇ ଓରକା ବିନ୍ ନୌଫେଲ୍‌ଙ୍କ ନିକଟକୁ ନେଇଗଲେ । ଯିଏ କି ଅତି ବୃଦ୍ଧ ଥିଲେ ଓ ଖ୍ରୀଷ୍ଟିୟାନ ହୋଇ ଯାଇଥିଲେ । ସେ ସେତେବେଳେ ସମସ୍ତ ଘଟଣା ଶୁଣିଲେ ସହସା କହି ଉଠିଲେ, ଆପଣଙ୍କ ଉପରେ ସେହି ଦେବଦୂତ ଅବତୀର୍ଣ୍ଣ ହୋଇଛନ୍ତି, ଯିଏ ମୋସେସ୍‌ଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲେ । ଏହି ବିଷୟଟି ବାଇବେଲ ପୁରାତନ ଇସତ୍‌ସନା ଅଧ୍ୟାୟ (୧୮:୧୮)ରେ ଉଲ୍ଲେଖ ଥିବା ଭବିଷ୍ୟତ ବାଣୀ ଆଡ଼କୁ ଇଙ୍ଗିତ

କରୁଥିଲା (ବୁଖାରି, ବଦଉଲ୍ ଓ୍ୱହି) ଏହି ସୂଚନା ପାଇବା ପରେ ଦାସତ୍ୱରୁ ମୁକ୍ତ ୨୫-୩୦ ବର୍ଷ ବୟସ୍କ ଯୁବକ ଜଏଦ୍ ରଅ ଏବଂ ୧୧ ବର୍ଷର ବାଳକ ହଜରତ ମୁହମ୍ମଦ ସଅ ଙ୍କ କକା ପୁଅ ହଜରତ୍ ଅଲ୍ଲୀ ଉଭୟେ ସର୍ବ ପ୍ରଥମେ ଦୀକ୍ଷା ନେଇ ଇସଲାମ ଗ୍ରହଣ କଲେ ।

# ଅବୁବକର୍ ରଅ ଙ୍କର ହଜରତ ମୁହମ୍ମଦ ସଅ ଙ୍କ ଉପରେ ବିଶ୍ୱାସ ସ୍ଥାପନ

ହଜରତ୍ ଅବୁବକର ହଜରତ ମୁହମ୍ମଦ ସଅ ଙ୍କ ପିଲାଦିନର ଘନିଷ୍ଠ ବନ୍ଧୁ ଥିଲେ । ସେ ସହରରୁ ବାହାରକୁ ଯାଇଥିଲେ । ଯେତେବେଳେ ସେ ପ୍ରତ୍ୟାବର୍ତ୍ତନ କରି ସହରରେ ପ୍ରବେଶ କଲେ, ମକ୍କାବାସୀ କହିଲେ, 'ତୁମ ବନ୍ଧୁ ପାଗଳ ହୋଇ ଯାଇଛି । ସେ କହୁଛି ଆକାଶରୁ ଦେବଦୂତମାନେ ଓହ୍ଲାଇ ଆସି ତାଙ୍କ ସହିତ କଥାବାର୍ତ୍ତା କରୁଛନ୍ତି ।' ଏହା ଶୁଣି ଅବୁବକର ରଅ ସିଧାସଳଖ ତାଙ୍କ ଘର ଆଡକୁ ମୁହାଁଇଲେ ଓ କବାଟ ଠକ୍ ଠକ୍ କଲେ । ଯେତେବେଳେ ମୁହମ୍ମଦ ସଅ ଦ୍ୱାର ଖୋଲିଲେ, ସେ ତାଙ୍କୁ ପଚ୍ଚରିଲେ 'ଘଟଣା ସତ୍ୟାସତ୍ୟ କଣ ତାହା ବତାନ୍ତୁ ।' ନିଜ ପିଲାଦିନର ସାଥି ହୋଇଥିବା ଯୋଗୁଁ ସେ ଯେପରି କୌଣସି ଭୂଲ ଧାରଣାର ବଶବର୍ତ୍ତୀ ନ ହେବ ଏହା ଭାବି ମୁହମ୍ମଦ ସଅ ସେହି ବିଷୟରେ ସ୍ୱଷ୍ଟୀକରଣ ଦେବାକୁ ଚ୍ଚହିଁଲେ । ଅବୁବକର୍ ରଅ ତାଙ୍କ ବନ୍ଧୁଙ୍କୁ ତହିଁରୁ ରୋକିଲେ ଓ ପଚ୍ଚରିଲେ 'କେବଳ ମୋତେ ଏତିକି ଉତ୍ତର ଦିଅନ୍ତୁ ଯେ କ'ଣ ଆପଣ ଘୋଷଣା କରିଛନ୍ତି ଯେ ପ୍ରଭୁଙ୍କ ଦେବଦୂତ ଆପଣଙ୍କ ନିକଟକୁ ଆସିଛନ୍ତି ଓ ସେ ଆପଣଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି ?' ସେ ପୁଣି କଥା ସ୍ୱଷ୍ଟ କରିବାକୁ ଚ୍ଚହିଁବାରୁ ଅବୁବକର ରଅ ତାଙ୍କୁ ରାଣ ଦେଇ ପଚ୍ଚରିଲେ, 'କେବଳ ଏତିକି ପ୍ରଶ୍ନର ଉତ୍ତର ଦିଅନ୍ତୁ । ଅନ୍ୟ କିଛି କୁହନ୍ତୁ ନାହିଁ ।' ତହୁଁ ମହାଭାଗ କହିଲେ 'ହଁ, କଥାଟି ପ୍ରକୃତରେ ସତ୍ୟ ।' ଏହା ଶୁଣି ଅବୁବକର ରଅ ତତ୍‌କ୍ଷଣାତ୍ କହି ଉଠିଲେ 'ଆପଣ ସାକ୍ଷୀ ରହନ୍ତୁ । ମୁଁ ଆଜି ଆପଣଙ୍କ ଉପରେ ବିଶ୍ୱାସ ସ୍ଥାପନ କରୁଛି ।' ପୁନଶ୍ଚ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ତର୍କ ଦ୍ୱାରା ମୋର ବିଶ୍ୱାସକୁ ଦୁର୍ବଳ କରିବାକୁ ଯାଉଥିଲେ । ଯିଏ ଆପଣଙ୍କ ଜୀବନକୁ ଅତି ନିକଟରୁ ଦେଖିଛି, ତାକୁ କ'ଣ ଆପଣଙ୍କ ସତ୍ୟତା ପାଇଁ ଅନ୍ୟ କୌଣସି ପ୍ରମାଣର ଆବଶ୍ୟକତା ପଡ଼ିବ ?

## ବିଶ୍ୱାସକାରୀମାନଙ୍କ ଏକ କ୍ଷୁଦ୍ର ସଂପ୍ରଦାୟ

ଏହା ଏକ ଅତି କ୍ଷୁଦ୍ର ସଂପ୍ରଦାୟ ଥିଲା, ଯାହାକୁ ନେଇ ଇସଲାମ ଧର୍ମର ଭିତ୍ତି ପ୍ରସ୍ତର ପ୍ରତିଷ୍ଠା ହୋଇଥିଲା । ଏକ ବୟସ୍କ ମହିଳା ଯିଏ କି ନିଜର ବୃଦ୍ଧାବସ୍ଥାକୁ ମଧ୍ୟ ଅତିକ୍ରମ କରିବାକୁ ଯାଉଥିଲେ, ଗୋଟିଏ ଏଗାର ବର୍ଷ ବୟସର ବାଳକ, ଗୋଟିଏ ସଦ୍ୟମୁକ୍ତ ଯୁବକ କ୍ରୀତଦାସ ଯିଏ ଆସି ବିଦେଶରେ ରହିଥିଲା ଓ ଯାହାର ଆପଣାର ବୋଲି କେହି ନଥିଲେ, ଏବଂ ଏକ ଯୁବବନ୍ଧୁ ତଥା ସେ ସ୍ୱୟଂ ଦିବ୍ୟ ପ୍ରକଟନ ଲାଭ କରିଥିବା ଅଲ୍ଲାଃଙ୍କ ପ୍ରେରିତ ରସୁଲ ଏହିମାନଙ୍କୁ ନେଇ ଏକ କ୍ଷୁଦ୍ର ଦଳର ଜୟ ଯାତ୍ରା ଥିଲା । ଯାହା ଦୁନିଆରେ ଆଧ୍ୟାତ୍ମିକ ଜ୍ୟୋତି ବିଚ୍ଛୁରଣ କରିବା ପାଇଁ ଅଧର୍ମ ଓ ତମସାଚ୍ଛନ୍ନ କ୍ଷେତ୍ର ଆଡକୁ ଅଗ୍ରସର ହେଲା । ଲୋକମାନେ ଯେତେବେଳେ ଏକଥା ଶୁଣିଲେ ଅଟ୍ଟହାସ୍ୟ କରିବାକୁ ଲାଗିଲେ ଏବଂ ପରସ୍ପରକୁ ଆଖିର ଠାରରେ ସଂକେତ ଦେଉଥିଲେ ଯେ ଏମାନେ ସତରେ ପାଗଳ ହୋଇ ଗଲେଣି । ଏମାନଙ୍କ କଥାରେ ଆଶ୍ଚର୍ଯ୍ୟ ହୁଅ ନାହିଁ, ବରଂ ଶୁଣ ଓ ମଜା ଉଠାଅ । କିନ୍ତୁ ସତ୍ୟ ପୂର୍ଣ୍ଣ ଠାଣି ଓ ଗୌରବ ସହକାରେ ପ୍ରତିପାଦିତ ହେବାକୁ ଲାଗିଲା । ବାଇବେଲ୍‌ର ପୁରାତନ ନିୟମ ଇସାୟାଃ ଅଧ୍ୟାୟର ୨୮:୧୩ ରେ ରହିଥିବା ଭବିଷ୍ୟତ ବାଣୀ ‘ଆଦେଶ ପରେ ଆଦେଶ’ ‘ନିୟମ ପରେ ନିୟମ’ ଲାଗୁ ହେଲା ପୁଣି ‘କିଛି ଏଠି କିଛି ସେଠି’ ଓ ‘ଅଚିହ୍ନା ଭାଷା’ ଯହିଁରୁ ଆରବର ଲୋକ ଅନଭିଜ୍ଞ ଥିଲେ, ତଦନୁସାରେ ସତ୍ୟ ବିକଶିତ ହେଲା । ଏବଂ ହଜରତ ମୁହମ୍ମଦ[ସଅ]ଙ୍କ ଦ୍ୱାରା ଆରବୀୟଙ୍କ ସହିତ ଈଶ୍ୱର ବାର୍ତ୍ତାଳାପ କରିବାରେ ଲାଗିଲେ । ଯୁବକମାନଙ୍କ ହୃଦୟରେ ଏକ ସ୍ପନ୍ଦନ ଜାତ ହେଲା । ସତ୍ୟାନ୍ୱେଷୀମାନଙ୍କ ଦେହରେ ଅପୂର୍ବ ଶିହରଣ ସୃଷ୍ଟି ହେଲା । ଅବିଶ୍ୱାସୀକାରୀମାନଙ୍କ ଅଟ୍ଟହାସରେ ଭକ୍ତିଭାବର ରୁଚି ଜାତ ହେବାରେ ଲାଗିଲା ତଥା ସେମାନଙ୍କ ସ୍ୱରରେ ଧିରେ ଧିରେ ପ୍ରଶଂସା ତଥା କୃତଜ୍ଞତାର ଜୟଘୋଷ ଆରମ୍ଭ ହେବାକୁ ଲାଗିଲା । ଯୁବକ, କ୍ରୀତଦାସ ଓ ଅତ୍ୟାଚାରରେ ପୀଡିତ ମହିଳାଙ୍କ ଏକ ଗୋଷ୍ଠୀ ତାଙ୍କ ଚତୁଃପାର୍ଶ୍ୱରେ ରୁଣ୍ଡ ହେବାକୁ ଲାଗିଲେ । କାରଣ ତାଙ୍କ ସ୍ୱରରେ ନାରୀ ଜାତି ନିଜ ଅଧିକାରର ସୁରକ୍ଷା ଦେଖୁଥିଲେ । କ୍ରୀତଦାସ ନିଜର ମୁକ୍ତିର ଘୋଷଣା ଶୁଣି ପାରୁଥିଲେ ଏବଂ ଯୁବକମାନେ ବଡ ବଡ ଆଶା ଓ ଉନ୍ନତିର ମାର୍ଗ ଖୋଲୁଥିବାର ଅନୁଭବ କରି ପାରୁଥିଲେ ।

## ମକ୍କାର ମୁଖିଆ ଦଳପତିମାନଙ୍କର ବିରୁଦ୍ଧାଚରଣ

ଯେବେ ଥଟ୍ଟା ଓ ପରିହାସର ସ୍ୱର ମଧ୍ୟରୁ ଏକେଶ୍ୱରବାଦର ଗୁଣଗାନ ଓ ତାଙ୍କ ପ୍ରେରିତ ନବୀଙ୍କ ପ୍ରଶଂସାରେ ଶତମୁଖରୁ ଅନ୍ତରାତ୍ମାର ସ୍ୱର ଗୁଞ୍ଜରିତ ହେଲା,

ମକ୍କାର ମୁଖିଆ ଓ ଦଳପତି ଅତ୍ୟନ୍ତ ଘାବରା ହୋଇଗଲେ । ଶାସକମାନଙ୍କ ମନରେ ଭୟ ଓ ଶଙ୍କା ଜାତ ହେଲା । ସେମାନେ ସମସ୍ତେ ଏକଜୁଟ ହୋଇଗଲେ । ସେମାନେ ପରସ୍ପର ମଧ୍ୟରେ ପରାମର୍ଶ କଲେ ଓ ଦୃଢ ପ୍ରତିବାଦମୂଳକ ଯୋଜନା ତିଆରି କଲେ । ଉପହାସ ପରିବର୍ତ୍ତେ ଅନ୍ୟାୟ ଅତ୍ୟାଚାର ଓ ସାମାଜିକ ବାଛନ୍ଦ ଆଦି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ବର୍ତ୍ତମାନ ସମଗ୍ର ମକ୍କା ଅତି ଗମ୍ଭୀରତା ସହକାରେ ଇସ୍‌ଲାମ୍ ବିରୁଦ୍ଧରେ ଟକ୍‌କର ଦେବା ପାଇଁ ନିଷ୍ପତ୍ତି ନେଇ ସାରିଥିଲା । ଯେଉଁମାନଙ୍କୁ ପାଗଳ ବୋଲି ସେମାନେ ଭାବୁଥିଲେ, ସେମାନଙ୍କ ଧର୍ମ ଅଭିଯାନ ଯଥାର୍ଥ ରୂପେ ପ୍ରଗତିଶୀଳ ଆନ୍ଦୋଳନର ରୂପ ଧାରଣ କଲା । ଏହା ମକ୍କାର ରାଜନୀତି ଓ ସଭ୍ୟତା ପାଇଁ ତଥା ମକ୍କାର ସାମାଜିକ ଚଳଣୀ ଓ ରୀତିନୀତି ପ୍ରତି ବିପଦ ରୂପେ ଦେଖା ଦେଇଥିଲା । ଇସଲାମ ଏକ ନୂତନ ଆକାଶ ଓ ନୂତନ ପୃଥିବୀର ନିର୍ମାଣ କରି ଚାଲିଥିବାର ଦେଖା ଦେଉଥିଲା, ଯାହା ଫଳରେ ମକାବାସୀ ସେମାନଙ୍କ ପୁରାତନ ଆକାଶ ଓ ପୃଥିବୀ ଅଧଃପତନ ହେଉଥିବାର ଦେଖୁଥିଲେ । ବର୍ତ୍ତମାନ ଏହିପରି ମକ୍କାବାସୀଙ୍କ ପାଇଁ ଆଉ ପରିହାସର ବିଷୟ ନଥିଲା, ଏଣିକି ଏହା ଜୀବନ ମରଣର ସମସ୍ୟା ରୂପେ ଉଭା ହୋଇଥିଲା । ସେମାନେ ଇସ୍‌ଲାମର ଆହ୍ୱାନକୁ ଗ୍ରହଣ କରିଥିଲେ ଓ ସେ ଏହି ଭାବନା ନେଇ ଯେପରି ଭାବରେ ପୂର୍ବତନ ନବିମାନଙ୍କ ବିରୋଧିଗଣ ତତ୍‌କାଳୀନ ଆହ୍ୱାନକୁ ସ୍ୱୀକାର କରି ଆସୁଥିଲେ । ସତ୍ୟର ପ୍ରମାଣ ପାଇଁ ତର୍କର ଉତ୍ତର ତର୍କରେ ନୁହେଁ, ବରଂ ତୀର ଓ ତରବାରୀରେ ଦେବା ପାଇଁ ସେମାନେ ତତ୍ପର ହୋଇ ଉଠିଲେ । ଇସଲାମର କଲ୍ୟାଣମୟ ଶିକ୍ଷା ଓ ସମାଜ ସେବାର ଉତ୍ତର ସେପରି ଉଚ୍ଚକୋଟୀର ଶିଷ୍ଟାଚାରରେ ନୁହେଁ, ବରଂ ଗାଲିଗୁଲଜ ଓ ଅପଶବ୍ଦରେ ଦେବା ପାଇଁ ସ୍ଥିର କଲେ । ପୁଣି ଥରେ ଧର୍ମ ଓ ଅଧର୍ମ ମଧ୍ୟରେ ଯୁଦ୍ଧର ଘୋଷଯାତ୍ରା ଆରମ୍ଭ ହୋଇଗଲା । ପୁଣି ଥରେ ଆସୁରୀୟ ଶକ୍ତିବାହୀ ଦୁଷ୍ଟ ସେନାଙ୍କ ଉପରେ ଚଢ଼ାଉ ଆରମ୍ଭ କରିଦେଲେ । ହାତ ଗଣତି ଲୋକଙ୍କର ଶକ୍ତି କେତେ ଯେ ମକ୍କାବାସୀଙ୍କ ସମ୍ମୁଖରେ ତିଷ୍ଠି ପାରନ୍ତେ । ଅବଳା ନାରୀମାନଙ୍କୁ ନିର୍ଲଜତା ପୂର୍ବକ ଅତି ଜଘନ୍ୟ ଭାବେ ହତ୍ୟା କରାଗଲା । ପୁରୁଷମାନଙ୍କ ଗୋଡ଼କୁ ଦୁଇ ବିପରିତ ଦିଗ ଆଡକୁ ଫାଡି ଅତି ବିଭତ୍ସ୍ୟ ଭାବେ ବଧ କରାଗଲା । କ୍ରୀତଦାସମାନଙ୍କୁ ଉତପ୍ତ ବାଲିରେ ଶୁଆଇଲେ ଓ ମାଙ୍କଡା ପଥର ଉପରେ ଏପରି କଦର୍ଯ୍ୟ ରୂପେଘୋଷାଡ଼ି ଘୋଷାଡ଼ି ମାରି ଦିଆଗଲା । ଏହାର ଫଳ ସ୍ୱରୂପ ସେମାନଙ୍କ ମାନବ ଚର୍ମ ଏକ ପଶୁର ଚମଡ଼ାରେ ପରିଣତ ହୋଇଗଲା । ଦୀର୍ଘଦିନ ଅତିକ୍ରାନ୍ତ ହେବା ପରେ ଯେତେବେଳେ ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ଇସ୍‌ଲାମର ପତାକା ଫର ଫର ହୋଇ ଉଡୁଥିଲା, ଥରେ ହଜରତ୍

ଖୁବାବ୍ [ରଅ] ଙ୍କ ପିଠି ଫୁଙ୍ଗୁଳା ଥିବା ବେଳେ ତାଙ୍କ ଚର୍ମକୁ ଦେଖି ସମସ୍ତେ ହତବାକ ହୋଇଥିଲେ । କାରଣ ସେ ପିଠିର ଚମଡା ମନୁଷ୍ୟର ନୁହେଁ, ପଶୁର ଚମଡା ଭଳି ଦେଖା ଯାଉଥିଲା । ସେମାନେ ଘାବରା ହୋଇ ପଚ୍ଚରିଲେ, 'ଆପଣଙ୍କୁ କେଉଁ ରୋଗ ହୋଇଛି ?' ହଜରତ୍ ଖୁବାବ୍ [ରଅ] ହସି ହସି କହିଲେ ଏହା କୌଣସି ରୋଗ ନୁହେଁ । 'ଏହା ସେହି ସ୍ମୃତିର ଚିହ୍ନ, ଯେତେବେଳେ ଇସଲାମ୍ ଧର୍ମ ଗ୍ରହଣ କରିବାର ପରିଣତି ସ୍ୱରୂପ ଆରବର ଲୋକ ନବ ଦୀକ୍ଷିତ ମୁସଲମାନମାନଙ୍କୁ ମକ୍କାର ଗଳିରେ ଶକ୍ତ ଗୋଡିଆ ପଥର ଉପରେ ଘୋଷାରି ନେଉଥିଲେ ଓ ଆମ ଉପରେ ଏହିପରି ଅତ୍ୟାଚ୍ଚର ବାରମ୍ବାର ହେଉଥିଲା । ଫଳ ସ୍ୱରୂପ ମୋ ପିଠିର ଚମଡା ଏପରି ବିକୃତ ହୋଇ ଯାଇଛି ।'

## ବିଶ୍ୱାସକାରୀ ଦାସମାନଙ୍କ ଉପରେ ମକ୍କାବାସୀଙ୍କ ଅନ୍ୟାୟ, ଅତ୍ୟାଚ୍ଚର

ଯେଉଁ କ୍ରୀତଦାସମାନେ ହଜରତ ମୁହମ୍ମଦ [ସଅ] ଙ୍କ ପ୍ରତି ବିଶ୍ୱାସ ସ୍ଥାପନ କଲେ, ସେମାନେ ବିଭିନ୍ନ ଜାତି ଓ ସମ୍ପ୍ରଦାୟ ମଧ୍ୟରୁ ଆସିଥିଲେ । ଏଥିରେ ନିଗ୍ରୋ ଜାତିର ଲୋକ ମଧ୍ୟ ଥିଲେ । ସେମାନଙ୍କ ମଧ୍ୟରେ ବିଲାଲ [ରଅ] ଙ୍କ ନାମ ଉଲ୍ଲେଖ ଯୋଗ୍ୟ । ଏଥିରେ ରୋମୀୟ ମଧ୍ୟ ଥିଲେ ଯେପରିକି ସୁହେବ [ରଅ] । ପୁଣି ଖ୍ରୀଷ୍ଟଧର୍ମରୁ ଆସିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଜୁବେର୍ [ରଅ] ଓ ସୁହେବ [ରଅ] । ପୁଣି ମୁଶରିକ (ମୂର୍ତ୍ତୀ ଉପାସକ)ଙ୍କ ମଧ୍ୟରେ ବିଲାଲ୍ [ରଅ] ଓ ଅମ୍ମାର [ରଅ] । ବିଲାଲଙ୍କୁ ତାଙ୍କ ମୁନିବ ଉଲଗ୍ନ କରି ଉତ୍ତପ୍ତ ବାଲି ଉପରେ ଶୁଆଇ ଦେଇ କେବେ ପଥର ଲଦି ଦେଉଥିଲା ତ ଆଉ କେବେ ମକ୍କାର ଯୁବକମାନଙ୍କୁ ଡାକି ତାଙ୍କ ପିଠି ଉପରେ ଚଢ଼ି ନାଚିବା କୁଦିବା ପାଇଁ ନିୟୋଜିତ କରୁଥିଲା । ନିଗ୍ରୋ ବଂଶୀୟ ବିଲାଲ [ରଅ] ଙ୍କ ମୁନିବ ଉମ୍ମେୟା ବିନ୍ ଖଲ୍‌ଫ୍ ମକ୍କାର ଜଣେ ଜମିଦାର ଥିଲେ, ସେ ବିଲାଲ [ରଅ] ଙ୍କୁ ଗ୍ରୀଷ୍ମ ଋତୁରେ ଦ୍ୱିପ୍ରହରର ପ୍ରଚଣ୍ଡ ରୌଦ୍ର ତାପରେ ମକ୍କା ବାହାରକୁ ନେଇ ଯାଇ ଉଲଗ୍ନ କରି ଉତ୍ତପ୍ତ ବାଲି ଉପରେ ଶୁଆଇ ଦେଉଥିଲା ଏବଂ ବଡ ବଡ ଗରମ ପଥର ଛାତି ଉପରେ ଲଦି ଦେଇ କହୁଥିଲା, 'ମକ୍କାର ପିତୁଳା ଠାକୁର ଲାତ୍ ଓ ଉଜ୍ଜାକୁ ସ୍ୱୀକାର କର ଓ ମୁହମ୍ମଦ [ସଅ] ଙ୍କ ଠାରୁ ପୃଥକ ହେବାର ଘୋଷଣା କର । ଏହାର ଉତ୍ତର ଦେଇ ବିଲାଲ୍ [ରଅ] କହୁଥିଲେ 'ଅହଦ୍', 'ଅହଦ୍' ଅର୍ଥାତ୍ 'ଅଲ୍ଲାଃ ଏକ, ଅଲ୍ଲାଃ ଏକ' । ବାରମ୍ବାର ଏହି ଜବାବ୍ ଶୁଣି ଉମ୍ମେୟା ଆହୁରି କ୍ରୋଧିତ ହେଉଥିଲା । ସେ ଅଗ୍ନିବାଣ ହୋଇ ବିଲାଲଙ୍କ ବେକରେ ଦଉଡି ବାନ୍ଧି ବାଳୁଙ୍ଗା

ଟୋକାମାନଙ୍କ ହାତରେ ଛାଡି ଦେଉଥିଲା । ସେମାନେ ତାଙ୍କୁ ନେଇ ମକ୍କାର ଗଳିରେ ଉତ୍ତପ୍ତ ଦନ୍ତୁରିତ ପଥର ଓ ବାଲିଉ ପରେ ଘୋଷାରି ନେଉଥିଲେ । ଫଳରେ ବିଲାଲଙ୍କ ଶରୀର ଲହୁଲୁହାଣ ହୋଇ ଯାଉଥିଲା ଓ ଶରୀରରୁ ଅବିରତ ରକ୍ତସ୍ରାବ ହେଉଥିଲା । ତଥାପି ସେ ଚିତ୍କାର କରି କହୁଥିଲେ 'ଅଲ୍ଲାଃ ଏକ ଓ ଅଦ୍ୱିତୀୟ ।' ଏହି ଘଟଣାର ବହୁବର୍ଷ ପରେ ଅଲ୍ଲାଃଙ୍କ କୃପାରୁ ତେଣେ ମଦିନାରେ ମୁସଲମାନମାନଙ୍କୁ ଶାନ୍ତି ଓ ସହାବସ୍ଥାନ ସହ ରହିବାକୁ ଦିଆଗଲା ଏବଂ ସେମାନେ ସ୍ୱାଧୀନ ଭାବରେ ନିଜର ଧର୍ମପାଳନ ଓ ଉପାସନା କରିବା ପାଇଁ ଯୋଗ୍ୟ ହୋଇଗଲେ, ସେତେବେଳେ ହଜରତ ମୁହମ୍ମଦ[ସଅ] 'ଅଜାନ' (ନମାଜ ପାଇଁ ଉଚ୍ଚ ସ୍ୱରରେ ଡାକିବା) ଦେବା ସକାଶେ ବିଲାଲଙ୍କୁ ନିଯୁକ୍ତ କରିଥିଲେ । ଜଣେ ନିଗ୍ରୋ କ୍ରୀତଦାସ ଆରବୀ ଶବ୍ଦ أَشْهَدُ اَنْ لَآ اِلٰهَ اِلَّا اللّٰه 'ଅଶ୍‌ହଦୋ ଅଲ୍ଲା ଇଲାହା ଇଲ୍ଲଲାହ୍', ପରିବର୍ତ୍ତେ أَسْهَدُ اَنْ لَآ اِلٰهَ اِلَّا 'ଅସ୍‌ହଦୋ ଅଲ୍ଲା ଇଲାହା ଇଲ୍‌ଲହା' (ଅର୍ଥାତ୍ 'ଶ' ବଦଳରେ 'ସ' ଉଚ୍ଚାରଣ କରିବା ଯୋଗୁଁ ମଦିନାର ବାସିନ୍ଦା ଯିଏ ତାଙ୍କ ପରିସ୍ଥିତି ସମ୍ବନ୍ଧରେ ପରିଚିତ ନଥିଲେ) ତାଚ୍ଛଲ୍ୟ କରି ହସିବାରେ ଲାଗୁଥିଲେ । ଥରେ ହଜରତ ମୁହମ୍ମଦ[ସଅ] ଲୋକମାନଙ୍କୁ ବିଲାଲ୍‌ଙ୍କ ଅଜାନ୍ ଉପରେ ଅଟ୍ଟହାସ୍ୟ କରୁ ଥିବାର ଦେଖି ସେମାନଙ୍କ ଆଡକୁ ମୁହଁ ବୁଲାଇ କହିଲେ, 'ତୁମେ ବିଲାଲ୍‌ଙ୍କ ଅଜାନ୍ ଶୁଣି ହସୁଛ, ମାତ୍ର ଅଲ୍ଲାଃତାଲା ସିଂହାସନ ଉପରେ ଉପବେଶନ ହୋଇ ଖୁସି ହୁଅନ୍ତି । ତୁମ୍ଭେମାନେ ବିଲାଲ୍‌ର 'ଶ' ବଦଳରେ 'ସ' ଉଚ୍ଚାରଣକୁ ଦେଖି ପାରିଲ, କିନ୍ତୁ ତାର ଛାତିକୁ ଯୋତାରେ ଦଳି ଯେତେବେଳେ ମକ୍କାର ଉତ୍ତପ୍ତ ଗଳିରେ ଘୋଷାରି ନିଆଯାଉଥିଲା ଓ ପଥରା ଯାଉଥିଲା, ଯେ ଏବେ ବି ତୁମର ଜ୍ଞାନୋଦୟ ହେଲା କି ନାହିଁ । କିନ୍ତୁ ଶ ଓ ସ ଭିତରେ କ'ଣ ଅଛି । ସେତେବେଳେ ମଧ ସେ ଈଶ୍ୱରଙ୍କ ଅଦୈତ୍ୟବାଦକୁ ଯାହାର ବଡ଼ 'ହ' ବଦଳରେ ଛୋଟ 'ହ' ଉଚ୍ଚାରଣ କରି 'ଅହଦ୍' ଅର୍ଥାତ୍ 'ଈଶ୍ୱର ଏକ, ଈଶ୍ୱର ଏକ' ବୋଲି କହି ଈଶ୍ୱରଙ୍କ ଏକତ୍ୱର ଘୋଷଣା କରୁଥିଲେ । ନିଜର ଅନୁରକ୍ତି, ଏକେଶ୍ୱରବାଦ ଉପରେ ଆସ୍ଥା ଓ ନିଜ ହୃଦୟରେ ଦୃଢତାର ପ୍ରମାଣ ଦେଇଥିଲେ । ତାଙ୍କର (ଅସହ୍‌ଦୁ) ଆରବୀୟ ଲୋକଙ୍କ (ଅଶହ୍‌ଦୁ) ଅପେକ୍ଷା ଅଧିକ ମୂଲ୍ୟବାନ୍ ।

ଏଭଳି ଶୋଷଣ ଓ ଅତ୍ୟାଚାରରେ ବ୍ୟଥିତ ହୋଇ ହଜରତ ଅବୁବକ୍କର[ରଅ] କ୍ରୀତଦାସ ବିଲାଲ୍[ରଅ]ଙ୍କ ମାଲିକ ଉମ୍ମେୟାଙ୍କୁ ବହୁ ଅର୍ଥ ଦେଇ ବିଲାଲଙ୍କୁ ତାଙ୍କ କବଳରୁ ମୁକ୍ତ କରିଥିଲେ । ଏପରି ବହୁତ କ୍ରୀତଦାସଙ୍କୁ ବିକ୍ରି ମୂଲ୍ୟ ବିନିମୟରେ ଅବୁବକର[ରଅ] ମୁକ୍ତ କରିଥିଲେ । ବିଲାଲ୍ ଗରୀବ ଥିଲେ, କିନ୍ତୁ କ୍ରୀତଦାସରୁ ମୁକ୍ତ ସୁହେବ[ରଅ] ଯିଏ କି ପରବର୍ତ୍ତୀ ସମୟରେ ପ୍ରଚୁର ଧନର ମାଲିକ ହୋଇ ପାରିଥିଲେ ଏବଂ ମକ୍କାର ଧନାଢ଼୍ୟ

ଲୋକଙ୍କ ମଧ୍ୟରେ ଗଣା ଯାଉଥିଲେ, ତଥାପି ମକ୍କାର କୋରୈଶ୍ ତାଙ୍କୁ ପିଟି ପିଟି ବେହୋସ୍ କରି ଦେଉଥିଲେ । ହଜରତ ମୁହମ୍ମଦ[ସଅ]ଙ୍କ ମଦିନା ହିଜରତ୍(ଦେଶାନ୍ତର ଗମନ) କରିବା ପରେ ସୁହେବ ମଧ ମଦିନା ଯିବା ପାଇଁ ପ୍ରସ୍ତୁତ ହେବାରୁ ମକ୍କାବାସୀ କହିଲେ 'ଯେଉଁ ଧନ ସମ୍ପତ୍ତି ତୁମେ ଏହିଠାରେ ଉପାର୍ଜନ କରିଛ, ତାକୁ ମକ୍କାରୁ ବାହାରକୁ କିପରି ନେଇପାରିବ ? ଆମେ ତୁମକୁ ମକ୍କାରୁ ଯିବାକୁ ଦେବୁ ନାହିଁ ।' ହଜରତ୍ ସୁହେବ[ରଅ] କହିଲେ 'ଯଦି ମୋର ସମସ୍ତ ସମ୍ପତ୍ତି ଛାଡି ଦିଏ, ତା'ହେଲେ ତୁମେମାନେ କ'ଣ ମୋତେ ଯିବାକୁ ଦେବ ?' ସେମାନେ ସେଥିରେ ରାଜି ହୋଇଗଲେ । ଏବଂ ସୋହେବ[ରଅ] ନିଜର ଧନ ଦୌଲତ ମକ୍କାବାସୀଙ୍କୁ ଅର୍ପଣ କରି ଶୂନ୍ୟ ହସ୍ତରେ ଚାଲିଗଲେ ଏବଂ ହଜରତ ମୁହମ୍ମଦ[ସଅ]ଙ୍କ ଛାମୁରେ ଉପସ୍ଥିତ ହେଲେ । ହଜରତ ମୁହମ୍ମଦ[ସଅ] ତାଙ୍କୁ କହିଲେ, 'ସୁହେବ ! ମକ୍କାବାସୀଙ୍କ ସହିତ ତୁମର ଏହି ସଉଦା ଅତୀତର ସମସ୍ତ ସଉଦା ଅପେକ୍ଷା ଅଧିକ ଲାଭପ୍ରଦ । ଅର୍ଥାତ୍ ପ୍ରଥମେ ତୁମେ ବାଣିଜ୍ୟ ଦ୍ରବ୍ୟ ଦେଇ ଅର୍ଥ ଉପାର୍ଜନ କରୁଥିଲ । କିନ୍ତୁ ଏବେ ସେହି ମୁଦ୍ରା ପରିବର୍ତ୍ତେ ତୁମେ ବିଶ୍ୱାସ ପ୍ରାପ୍ତ କରିଛ ।'

ଏହି କ୍ରୀତଦାସମାନଙ୍କ ମଧ୍ୟରେ ଅଧିକାଂଶ ବ୍ୟକ୍ତି ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଉଭୟ ରୂପେ ଇସ୍‌ଲାମ୍ ଧର୍ମ ପ୍ରତି ଦୃଢ ସଂକଳ୍ପ ରହିଥିଲେ । କିନ୍ତୁ କେତେକ କ୍ରୀତଦାସଙ୍କର ବାହ୍ୟରେ ଦୁର୍ବଳତା ପ୍ରକାଶ ପାଇଥିଲା । ଅତ୍ୟାଚାରର ତାଡ଼ନାରେ ବଶବର୍ତ୍ତୀ ହୋଇ କୌରେଶଙ୍କ ନିକଟରେ ହାର ମାନି ଯାଉଥିଲେ । ସୁତରାଂ ଏକଦା ହଜରତ ମୁହମ୍ମଦ[ସଅ] ବାଟରେ ଯାଉଥିବା ବେଳେ ଦେଖିଲେ, ଅମ୍ମାର ନାମକ ଜଣେ କ୍ରୀତଦାସ କୋହ ଧରି କାନ୍ଦୁଛନ୍ତି ଓ ଅଶ୍ରୁ ପୋଛିବାରେ ଲାଗିଛନ୍ତି । ସେ ପଚାରିଲେ 'କଥା କ'ଣ ?' ଅମ୍ମାର[ରଅ] ଆଖି ପୋଛି କହିଲେ 'ୟା ରସୁଲୁଲ୍ଲାଃ ! (ହେ ଅଲ୍ଲାଃଙ୍କ ବାର୍ତ୍ତାବହ !) ବହୁତ କଷ୍ଟ ଦାୟକ ଅବସ୍ଥା ହେଲାଣି । ମୋତେ ସେମାନେ ବହୁତ ମାରିଛନ୍ତି, ଯନ୍ତ୍ରଣା ଦେଇଛନ୍ତି ଓ ମୋ ଉପରେ ଜୋର ଜୁଲୁମ୍ କରିଛନ୍ତି । ଆପଣଙ୍କ ବିରୁଦ୍ଧରେ ବକିବା ସେପର୍ଯ୍ୟନ୍ତ ଛାଡି ନଥିଲେ ଯେ ପର୍ଯ୍ୟନ୍ତ ମୋ ମୁହଁରୁ ଆପଣଙ୍କ ବିରୁଦ୍ଧରେ ତଥା ଦେବାଦେବୀ ମାନଙ୍କ ସମର୍ଥନରେ ବାକ୍ୟ କୁହାଇ ନଥିଲେ । ସେପରି ବାଧ୍ୟତାମୂଳକ ପରିସ୍ଥିତି ଯୋଗୁଁ ମୁଁ ପଶ୍ଚାତାପର ଅଶ୍ରୁ ଗଡାଉଛି ।' ତହୁଁ ହଜରତ ମୁହମ୍ମଦ[ସଅ] ପଚାରିଲେ 'କିନ୍ତୁ ତୁମ ଅନ୍ତରାତ୍ମା କ'ଣ କହୁଥିଲା ?' ସେ ଉତ୍ତର ଦେଲେ 'ହେ ଅଲ୍ଲାଃଙ୍କ ରସୁଲ ! ମୋର ହୃଦୟରେ ତ ବିଶ୍ୱାସର ଉତ୍ତାଳ ତରଙ୍ଗ ଉଦ୍‌ବେଳିତ ହେଉଥିଲା ।' ତହୁଁ ମୁହମ୍ମଦ[ସଅ] କହିଲେ, 'ହେ ଅମ୍ମାର ! ଯଦି ତୁମ ହୃଦୟ ବିଶ୍ୱାସରେ ଆତ୍ମଶାନ୍ତି ଲାଭ କରିଥିଲା, ତା'ହେଲେ ତୁମର ସେହି କ୍ଷଣିକ ଦୁର୍ବଳତାକୁ ପରମ

ଦୟାଳୁ ଅଲ୍ଲାଃ କ୍ଷମା କରିଦେବେ' । ଅମ୍ମାରଙ୍କ ପିତା ୟାସିର୍[ରଅ] ଓ ମାତା ସୁମୟା[ରଅ]ଙ୍କୁ ମଧ୍ୟ ଅମାନ୍ୟକାରୀ ମକ୍କାବାସୀ ଅନେକ ନିର୍ଯ୍ୟାତନା ଦେଇଥିଲେ । ଥରେ ଅତ୍ୟାଚାର ଭୋଗ କରୁଥିବା ସମୟରେ ମହାଭାଗ ସେହି ବାଟ ଦେଇ ଯାଉଥିଲେ । ୟାସିର୍ ଓ ସୁମୟାଙ୍କ ଦୁଃଖ ଯନ୍ତ୍ରଣାକୁ ଦେଖି ତାଙ୍କ ହୃଦୟ ଅଧିର ହୋଇ ଉଠିଲା । ସେ ବାଷ୍ପରୁଦ୍ଧ କଣ୍ଠରେ କହିଲେ 'ସବର୍‌ନ୍ ଆଲେ ୟାସିର୍ ଫଇନ୍ନା ମଓଅଦୋ କୁମୁଲ୍ ଜନ୍ନତା' ଅର୍ଥାତ୍ 'ହେ ୟାସିର୍‌ଙ୍କ ପରିବାର ! ଧୈର୍ଯ୍ୟ ଧର । ତୁମ ପାଇଁ ସ୍ୱର୍ଗର ପାରିଜାତ ପ୍ରସ୍ତୁତ ହୋଇ ରହିଛି' । ଏହି ଘଟଣାର ଅଳ୍ପ ଦିନ ମଧ୍ୟରେ ୟାସିର୍ ବାରମ୍ବାର ନିର୍ଘାତ ମାଡ଼ ଖାଇବା ଫଳରେ ତାଙ୍କର ସ୍ୱର୍ଗବାସ ହୋଇଗଲା । (ଇବ୍‌ନେ ହିଶାମ୍, ପ୍ରଥମ ଭାଗ, ପୃଷ୍ଠା ୧୧୦) ମାତ୍ର ଏତିକି ସନ୍ତୁଷ୍ଟ ନହୋଇ ପ୍ରଚଣ୍ଡ କ୍ରୋଧ ବଶତଃ ଅବୁଜହେଲ ୟାସିର୍‌ଙ୍କ ବୃଦ୍ଧା ପତ୍ନୀଙ୍କ ଜଙ୍ଘ ଉପରେ ବର୍ଚ୍ଛାରେ ବିଦ୍ଧ କଲା । ତାହା ଜଙ୍ଘକୁ ଚିରି ପେଟରେ ଯାଇ ପଶିଗଲା । ଫଳରେ ସୁମୟା ଛଟପଟ ହୋଇ ସେହିଠାରେ ପ୍ରାଣତ୍ୟାଗ କରିଥିଲେ ।

ନବିରା[ରଅ] ଏକ କ୍ରୀତଦାସୀ ଥିଲେ । ତାକୁ ଅବୁଜହେଲ ଏପରି ପ୍ରହାର କଲା ଯେ ତାଙ୍କ ଚକ୍ଷୁଯୁଗଳ ତତ୍‌କ୍ଷଣାତ୍ ନଷ୍ଟ ହୋଇଗଲା । ସେହିପରି ଅବୁ ଫକିହା[ରଅ] ସଫ୍‌ଫାନ୍ ବିନ୍ ଉମୟାଙ୍କ ଦାସ ଥିଲେ । ତାଙ୍କୁ ମାଲିକ ଓ ଗୃହର ଲୋକମାନେ ଉତ୍ତପ୍ତ ବାଲୁକାମୟ ଭୁମି ଉପରେ ଜୋର ଜବରଦସ୍ତି ଶୁଆଇ ଦେଇ ଛାତିରେ ବଡ ବଡ ତାତିଲା ପଥର ଲଦି ଦେଉଥିଲା । ଯାହା ଫଳରେ ଅବୁ ଫକିହାଙ୍କ ଜିଭ ବାହାରକୁ ଚାଲି ଆସୁଥିଲା । ଏହିପରି ଅବସ୍ଥା ଅନ୍ୟ କ୍ରୀତଦାସମାନଙ୍କର ମଧ୍ୟ ଥିଲା ।

ନିଃସନ୍ଦେହରେ ଏହି ସବୁ ଅତ୍ୟାଚାର ଅତ୍ୟନ୍ତ ଅମାନବୀୟ ଓ ଅସହନୀୟ ଥିଲା । ମାତ୍ର ଯାହାଙ୍କ ଉପରେ ଅତ୍ୟାଚାର କରା ଯାଉଥିଲା, ସେମାନେ ପ୍ରକାଶ୍ୟରେ ମନୁଷ୍ୟ ଥିଲେ ସତ କିନ୍ତୁ ଅନ୍ତରାଳରେ ଦେବଦୂତ ଥିଲେ । ପବିତ୍ର କୁରଆନ୍‌ର ଦିବ୍ୟବାଣୀ କେବଳ ହଜରତ ମୁହମ୍ମଦ[ସଅ]ଙ୍କ ହୃଦୟ ଓ କର୍ଣ୍ଣରେ ଅବତୀର୍ଣ୍ଣ ହୋଇ ନଥିଲା, ବରଂ ଏହାର ସ୍ୱର ପ୍ରକୃତ ଧାର୍ମିକ ଲୋକଙ୍କ ହୃଦୟ କନ୍ଦରରେ ଝଂକୃତ ହେଉଥିଲା । କେବେ କୌଣସି ଧର୍ମ ବା ସଂପ୍ରଦାୟ ପ୍ରତିଷ୍ଠିତ ହୋଇ ସଫଳତା ମାର୍ଗରେ କଦାପି ଅଗ୍ରସର ହୋଇ ପାରିବ ନାହିଁ । ଯେଉଁ ପର୍ଯ୍ୟନ୍ତ ପ୍ରାରମ୍ଭିକ ଅବସ୍ଥାରେ ମାନୁଥିବା ଧର୍ମବିଶ୍ୱାସୀଙ୍କ ହୃଦୟ ମଧ୍ୟରେ ଈଶ୍ୱରଙ୍କ ବାଣୀ ପ୍ରତିଧ୍ୱନିତ ହେଉ ନଥିବ । ଯେତେବେଳେ ମଣିଷ ସେମାନଙ୍କୁ ତ୍ୟାଗ କରିଦିଅନ୍ତି ଓ ବନ୍ଧୁ ପରିଜନ ମୁହଁ ମୋଡ଼ି ଚାଲି ଯାଆନ୍ତି, ସେତେବେଳେ ପ୍ରଭୁ ତାଙ୍କ ହୃଦୟରେ କହୁଥିବେ 'ମୁଁ ତୁମ ସହିତ ଅଛି ଓ ମୁଁ କେବଳ ତୁମ ନିକଟରେ ଅଛି । ଏହା ହିଁ ଦୁଃଖ ଓ ଅତ୍ୟାଚାରରେ ଜର୍ଜରିତ

ଧର୍ମାତ୍ମାମାନଙ୍କୁ ସାନ୍ତ୍ୱନାମୂଳକ ବାଣୀ ମାଧ୍ୟମରେ ଆତ୍ମତୃପ୍ତି ପ୍ରଦାନ କରୁଥିଲା । ପଥରର ଯନ୍ତ୍ରଣା ମଲମର କାମ କରୁଥିଲା । ଗାଳି ଓ ଭର୍ତ୍ସନାର କୁତ୍ସିତ ପ୍ରୟୋଗ ପ୍ରାର୍ଥନା ଓ ଆଶୀର୍ବାଦର ମହାର୍ଘ୍ୟ ରୂପ ଧାରଣ କରିଥିଲା । ବିରୁଦ୍ଧାଚରଣ ଓ ଶତ୍ରୁତା ବଢି ଚାଲିଥିଲା ସତ ମାତ୍ର ଏହା ସହିତ ଧର୍ମବିଶ୍ୱାସ ମଧ୍ୟ ଉନ୍ନତି କରିଚାଲିଲା । ଏଣେ ଅତ୍ୟାଚାର ଚରମ ସୀମାରେ ପହଞ୍ଚିଗଲା ତ ତେଣେ ନୈତିକ ଆଦର୍ଶ ମଧ୍ୟ ସେହି ଅନୁପାତରେ ଅତୀତର ସମସ୍ତ ସୀମାରେଖା ପାର କରି ଉର୍ଦ୍ଧ୍ୱକୁ ଉଠି ଚାଲିଲା ।

## ସ୍ୱାଧୀନ ମୁସଲମାନମାନଙ୍କ ଉପରେ ଅତ୍ୟାଚାର

ସ୍ୱାଧୀନ ମୁସଲମାନଙ୍କ ଉପରେ କିଛି କମ ଅତ୍ୟାଚାର ହେଉ ନଥିଲା । ସେମାନଙ୍କ ପରିବାରର ବଡ ବଡିଆ ଲୋକଙ୍କୁ ମଧ୍ୟ ବିଭିନ୍ନ ପ୍ରକାରର ଉତ୍ପିଡନ ଓ କଷଣ ଦିଆ ଯାଉଥିଲା । ହଜରତ ଉସ୍‌ମାନ[ରଅ] ୪୦ବର୍ଷ ପାଖାପାଖି ବୟସର ଥିଲେ ଓ ଏକ ଧନଶାଳୀ ବ୍ୟକ୍ତି ଥିଲେ । ଏହା ସତ୍ତ୍ୱେ ଯେତେବେଳେ ମକ୍କାର କୋରୈଶ ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରିବାକୁ ସିଦ୍ଧାନ୍ତ ନେଲେ, ସେତେବେଳେ ତାଙ୍କ କକା ହକମ୍ ତାଙ୍କୁ ଦୌଡିରେ ବାନ୍ଧି ଖୁବ୍ ପିଟିଲେ । ଜୁବୈର ବିନ୍ ଅଲ ଅୱାମ୍ ଜଣେ ବୀର ଓ ସାହସୀ ଯୁବକ ଥିଲେ । ସେ ଇସଲାମର ବିଜୟ କାଳରେ ଜଣେ ଦକ୍ଷ ସେନାପତି ବା ଶକ୍ତିଶାଳୀ କମାଣ୍ଡର ରୂପେ ସିଦ୍ଧି ଲାଭ କରିଥିଲେ । ତାଙ୍କୁ ମଧ୍ୟ ତାଙ୍କର କକା ବହୁତ କଷ୍ଟ ଦେଇଥିଲା । ମସିଣାରେ ଗୁଡାଇ ଦେଇ ତଳୁ ଧୂଆଁ ଭରି ଦେଉଥିଲା, ଯେପରିକି ତାଙ୍କର ଶ୍ୱାସରୁଦ୍ଧ ହୋଇଯିବ । କହୁଥିଲା, ଏବେ ମଧ୍ୟ ଇସଲାମ ପରିତ୍ୟାଗ କରିବୁ ନା ନାହିଁ ? କିନ୍ତୁ ସେ ସମସ୍ତ ଅତ୍ୟାଚାରକୁ ସହ୍ୟ କରି କହୁଥିଲେ ଯେ ଥରେ ସତ୍ୟକୁ ଚିହ୍ନିବା ପରେ ଏହାକୁ ଅମାନ୍ୟ କରି ପାରିବି ନାହିଁ ।

ହଜରତ୍ ଅବୁଜର[ରଅ] ଗଫ୍‌ଫାର ନାମକ ଜନଜାତି ଗୋଷ୍ଠୀର ସଦସ୍ୟ ଥିଲେ । ସେଠାରେ ସେ ଶୁଣିବାକୁ ପାଇଲେ ଯେ ମକ୍କାରେ ଜଣେ ବ୍ୟକ୍ତି ଈଶ୍ୱରଙ୍କ ତରଫରୁ ଆସିଛନ୍ତି ବୋଲି ଦାବି କରିଛନ୍ତି । ଏହି ବିଷୟ ଜାଣିବା ପାଇଁ ସେ ମକ୍କା ଆସିଲେ ଓ ମକ୍କାବାସୀ ତାଙ୍କୁ ବହକାଇ କହିଲେ 'ମୁହମ୍ମଦ[ସଅ] ଆମର ବନ୍ଧୁବାନ୍ଧବ । ଆମେମାନେ ଜାଣିଛୁ ଯେ ସେ ଏକ ଦୋକାନ ଖୋଲି ବସିଛି ।' କିନ୍ତୁ ଅବୁଜର୍[ରଅ]ଙ୍କ ନିଜ ସଂକଳ୍ପରୁ ବିଚ୍ୟୁତ ନହୋଇ ଅଟଳ ନରହି କୌଶଳ କ୍ରମେ ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ଯାଇ ପହଞ୍ଚିଗଲେ । ସେ ଇସ୍‌ଲାମର ଶିକ୍ଷା ବିଷୟରେ ଅବଗତ କରାଇଲେ ଓ ଅବୁଜର୍[ରଅ] ତତ୍କ୍ଷଣାତ୍ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ । ସେ ଯିବା ପାଇଁ ଅନୁମତି

ଗ୍ରହିଁଲେ ଓ ପ୍ରଶ୍ନ କଲେ 'ୟା ରସୁଲୁଲ୍ଲା ! ଯଦି ମୁଁ ନିଜ ଗୋଷ୍ଠୀରେ ଇସ୍‌ଲାମ୍ ସମ୍ବନ୍ଧରେ କିଛିଦିନ ଗୋପନ ରଖେ ସେଥିରେ କିଛି ଅସୁବିଧା ହେବକି' ? ହଜରତ ମୁହମ୍ମଦ[ସଅ] କହିଲେ 'ଯଦି କିଛି ଦିନ ନୀରବ ରହିବ ତା'ହେଲେ କିଛି ଅସୁବିଧା ନାହିଁ ।' ଏହାପରେ ସେ ମୁହମ୍ମଦ[ସଅ]ଙ୍କ ଠାରୁ ଆଜ୍ଞା ନେଇ ନିଜ ଜାତିଙ୍କ ପାଖକୁ ବାହୁଡିବା ବାଟରେ  ମନେ ମନେ ସ୍ଥିର କଲେ ଯେ କିଛି ସମୟ ଅଟକି ଯାଇ ପରିସ୍ଥିତିକୁ ସୁଧାରି ନେବି ଓ ତା'ପରେ ଯାଇ ସମସ୍ତଙ୍କ ଆଗରେ ଇସ୍‌ଲାମ୍ ବିଷୟ ପ୍ରକଟ କରିବି । ଯେତେବେଳେ ସେ ମକ୍କା ରାସ୍ତା ଦେଇ ଯାଉଥିଲେ, ସେ ଦେଖିଲେ ଯେ ମକ୍କାର ମୁଖିଆ ଓ ନେତାଗଣ ଇସ୍‌ଲାମ୍ ଧର୍ମ ବିରୁଦ୍ଧରେ ଗାଳିଗୁଲଜ କରୁଛନ୍ତି । ଏହା ଦେଖି କିଛିଦିନ କଥାକୁ ଗୋପନ ରଖିବା ଚିନ୍ତାଧାରା ତାଙ୍କ ହୃଦୟରୁ ଅପସରି ଗଲା ଏବଂ ସେ ଉପସ୍ଥିତ  ମକ୍କାବାସୀଙ୍କ ସମ୍ମୁଖରେ ସହସା ଏହି ଘୋଷଣା କଲେ,

اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَاشَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

'ଅଶ୍‌ହଦୁଅଲ୍ଲା ଇଲାହା ଇଲ୍ଲଲଲ୍ଲାହୋ ଓ୍ୱହଦହୁ ଲାଶରିକାଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବଦୋହୁ ଓ ରସୁଲହୁ ।'

ଅର୍ଥାତ୍ ମୁଁ ସାକ୍ଷୀ ଦେଉଛି; 'ଅଲ୍ଲାଃ ଏକ ଅଟନ୍ତି । ତାଙ୍କର କେହି ସମକକ୍ଷ ନାହିଁ ଏବଂ ପୁନଶ୍ଚ ସାକ୍ଷୀ ଦେଉଛି ଯେ ମୁହମ୍ମଦ[ସଅ] ହେଉଛନ୍ତି ଅଲ୍ଲାଃଙ୍କ ଭକ୍ତ ତଥା ରସୁଲ୍ (ବାର୍ତ୍ତାବହ) ।'

ବିରୋଧି ଶତ୍ରୁମାନଙ୍କ ଉକ୍ତ ସଭାରେ ଏପରି ଘୋଷଣା କରିବା ଦ୍ୱାରା ସମସ୍ତେ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଏପରି ପ୍ରହାର କଲେ ଯେ ସେ ସଂଜ୍ଞାହୀନ ହୋଇ ତଳେ ପଡ଼ିଗଲେ । ତଥାପି ଅତ୍ୟାଚାରୀଙ୍କ ହାତ ଥମି ନଥିଲା ଓ ତାଙ୍କୁ  ମାରି ଚାଲିଥିଲେ । ଏହି ସମୟରେ ହଜରତ ମୁହମ୍ମଦ[ସଅ]ଙ୍କ କକା ଅବ୍‌ବାସ୍ ଯିଏକି ସେତେବେଳ ପର୍ଯ୍ୟନ୍ତ ଇସ୍‌ଲାମ ଗ୍ରହଣ କରି ନଥିଲେ, ସେଠାରେ ଆସି ପହଞ୍ଚିଗଲେ । ସେ ସେମାନଙ୍କୁ ବୁଝାଇ ସୁଝାଇ କହିଲେ 'ତୁମମାନଙ୍କ ଖାଦ୍ୟଦ୍ରବ୍ୟ ନେଇ ଆସୁଥିବା ଦଳ ଗଫ୍‌ଫାର ଗୋଷ୍ଠୀଙ୍କ ମଧ୍ୟ ଦେଇ ମକ୍କାରେ ପ୍ରବେଶ କରେ । ଯଦି ସେହି ଜାତିର ଲୋକ ତାଙ୍କୁ ଏପରି ପିଟିବା ଘଟଣା ଜାଣିବେ, ତା'ହେଲେ ମକ୍କାର ଲୋକ ଭୋକ ଉପାସରେ ମରିଯିବେ । ଏହା ଶୁଣି ସେମାନେ ଅବୁଜର୍‌ଙ୍କୁ ଛାଡି ଦେଲେ । ଗୋଟିଏ ଦିନ ପର୍ଯ୍ୟନ୍ତ ସେ ସେହିଠାରେ ହିଁ ରହି ବିଶ୍ରାମ କଲେ । ତା'ପରଦିନ  ପୁନଶ୍ଚ ସେହି ସଭାସ୍ଥଳୀକୁ ଆସିଲେ । ସେଠାରେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଅଶ୍ରାବ୍ୟ ଭାଷାରେ ପାଟିତୁଣ୍ଡ କରିବା ସେମାନଙ୍କର ନିତିଦିନିଆ କାର୍ଯ୍ୟରେ ପରିଣତ ହୋଇଥିଲା ।

ଯେତେବେଳେ ସେ 'କାବା' ଗୃହ ଆଡ଼କୁ ଅଗ୍ରସର ହେଲେ, ସେଠାରେ ମଧ୍ୟ ସେହି ଚର୍ଚ୍ଚା ଚାଲିଥିଲା । ସେଠାରେ ପୁଣି ଛିଡ଼ା ହୋଇ ସେ ଈଶ୍ୱରଙ୍କ ପ୍ରତି ଆସ୍ଥା ପୋଷଣର ପୁନର୍ବାର ଘୋଷଣା କରନ୍ତେ ସେମାନେ ଉତ୍ତେଜିତ ହୋଇ ତାଙ୍କୁ ପୁଣି ମାରପିଟ ଆରମ୍ଭ କରିଦେଲେ । ଏହି ପ୍ରକାର ଦମନ ଲୀଳା ତିନି ଦିନ ପର୍ଯ୍ୟନ୍ତ ଚାଲିଲା । ଚତୁର୍ଥ ଦିନ ସେ ନିଜ ଜାତିର ଲୋକ ଗଫ୍‌ଫାର ଅଭିମୁଖେ ପ୍ରସ୍ଥାନ କଲେ ।

# ହଜରତ ମୁହମ୍ମଦ[ସଅ] ଙ୍କ ଉପରେ ଅତ୍ୟାଚାର

ସ୍ୱୟଂ ହଜରତ ମୁହମ୍ମଦ[ସଅ] ବ୍ୟକ୍ତିଗତ ଭାବେ ଏହି ଅତ୍ୟାଚାରରୁ ମଧ୍ୟ ବର୍ତ୍ତିପାରି ନଥିଲେ । ତାଙ୍କୁ ସକଳ ପ୍ରକାର ଦୁଃଖ ନିର୍ଯ୍ୟାତନା ଦିଆ ଯାଇଥିଲା । ଥରେ ସେ ଉପାସନାରେ ରତ ଥିବା ବେଳେ କେତେକ ଦୁଷ୍ଟ ଲୋକ ତାଙ୍କ ବେକରେ ଗାମୁଛା ବାନ୍ଧି ଏପରି ଭିଡ଼ିବାରେ ଲାଗିଲେ ଯେ ତାଙ୍କ ଚକ୍ଷୁଯୁଗଳ ପଦାକୁ ବାହାରି ଆସିଲା । ଏହି ସମୟରେ ହଜରତ୍ ଅବୁବକର[ରଅ] ଦୌଡ଼ି ଆସି ତାଙ୍କୁ ସେମାନଙ୍କ କବଳରୁ ରକ୍ଷା କରି କହିଲେ 'ହେ ଲୋକମାନେ ! ତୁମେ କ'ଣ ଜଣେ ମନୁଷ୍ୟକୁ ଏପରି ଅପରାଧ ପାଇଁ ମରଣାତ୍ମକ ଆକ୍ରମଣ କରୁଛ ଯେ ସେ କେବଳ ଏହା କହୁଛି କି ପ୍ରଭୁ ମୋର ଏକ ମାତ୍ର ସ୍ୱାମୀ ।' (ବୁଖାରୀ, ଭାଗ ୧, ପୃ ୫୪୪, ମୁୟ୍‌ତବି ଅବ୍‌ୱବ୍ ବୁନିୟାନୁଲ୍ କାବା)

ପୁଣି ଏକଦା ସେ ନମାଜ ପଢୁଥିବା ସମୟରେ ଏକ ଓଟର ପେଟ ଉଝୁଡି ଆଣି ତାଙ୍କ ପିଠି ଉପରେ ଲଦି ଦେଲେ ଓ ଏହାର ବୋଝ ଯୋଗୁଁ ସେ ପର୍ଯ୍ୟନ୍ତ ନିଜ ମୁଣ୍ଡ ଟେକି ପାରିଲେ ନାହିଁ, ଯେ ପର୍ଯ୍ୟନ୍ତ କେତେକ ଭଦ୍ରଲୋକ ସେଠାରେ ପହଞ୍ଚି ସେହି ଅନ୍ତଃବୁଜୁଳାକୁ ତାଙ୍କ ପାଶ୍ଚାତ୍ ଭାଗରୁ ହଟାଇ ଦେଇ ନଥିଲେ । (ବୁଖାରୀ କିତାବୁଲସ୍ ସଲାତ୍ ଭାଗ ଅଲମୁଜାତ ତତ୍‌ରହୁମିନଲ୍ ମୁସଲ୍ଲି ଶୈୟନ୍ ମିନଲ୍ ଅଜା)

ଥରେ ବଜାର ମଧ୍ୟରେ ଯାଉଥିବା ସମୟରେ କେତେକ ଲୋକଙ୍କ ଏକ ଗୋଷ୍ଠୀ ତାଙ୍କୁ ଘେରିଗଲେ ଓ ଚାପୁଡା ଉପରେ ଚାପୁଡା ମାରି ମାରି ନେଇ ଯାଉଥିଲେ ଓ ଲୋକଙ୍କୁ କହୁଥିଲେ; 'ଦେଖ, ୟେ ସେହି ଲୋକ, ଯିଏ ନିଜକୁ କହୁଛି ମୁଁ ଅଲ୍ଲାଃଙ୍କ ରସୁଲ୍ । (ଈଶ୍ୱରଙ୍କ ବାର୍ତ୍ତାବହ) । ଏହିପରି ରାସ୍ତା ଯାକ ତାଙ୍କ ବେକକୁ ଚିପି ଧରିଲେ । ଆଖପାଖ ଘରୁ ତାଙ୍କ ବାସଗୃହ ଉପରକୁ ଅନବରତ ଟେକା ପଥର ଫିଙ୍ଗା ଯାଉଥିଲା । ତାଙ୍କ ରୋଷେଇଶାଳ ଭିତରକୁ ମଇଳା ଫିଙ୍ଗା ଯାଉଥିଲା । ଯହିଁରେ ଛେଳି ଓ ଓଟର ପେଟ ଉଝୁଡି ମଧ୍ୟ ରହିଥିଲା । ନିଜ ଗୃହରେ ନମାଜ ପାଠ କରିବା ସମୟରେ ଧୂଳି ପାଉଁଶ ଇତ୍ୟାଦି ଅବର୍ଜନା ତାଙ୍କ ଉପରେ ପକାଯାଉଥିଲା । ଏପରିକି ସେ ବାଧ୍ୟ ହୋଇ

ଏକ ଚଟାଣ ତଳର ପଥର ଫାଙ୍କ ମଧ୍ୟରେ ଲୁଚି ଛପି ତାଙ୍କୁ ନମାଜ ପଢ଼ିବାକୁ ପଡୁଥିଲା । କିନ୍ତୁ ଏପରି ଅତ୍ୟାଚାର ଅକାରଣ ଯାଇ ନଥିଲା । ଭଦ୍ର ସ୍ୱଭାବର ବ୍ୟକ୍ତିମାନେ ସେମାନଙ୍କ କାର୍ଯ୍ୟକଳାପକୁ ଦେଖୁଥିଲେ ଓ ସ୍ୱତଃପ୍ରବୃତ୍ତ ଭାବେ ଇସ୍‌ଲାମ୍ ଆଡ଼କୁ ଆକର୍ଷିତ ହେଉଥିଲେ ।

ଏକଦା ହଜରତ ମୁହମ୍ମଦ[ସଅ] କାବା ନିକଟସ୍ଥ 'ସଫା' ନାମକ ପାହାଡ଼ ଶିଖରରେ ଚୁପ୍‌ଚାପ ବସିଥିଲେ । ଏହି ସମୟରେ ତାଙ୍କର ସବୁଠାରୁ ବଡ ଶତ୍ରୁ ଅବୁଜହେଲ ସେହି ବାଟ ଦେଇ ଯାଉଥିଲା । ହଜରତ ମୁହମ୍ମଦ[ସଅ]ଙ୍କୁ ଦେଖି ସେ ଅତ୍ୟନ୍ତ କଟୁ ଭାଷାରେ ତାଙ୍କୁ ବହୁ ସମୟ ଧରି ଗାଳିଗୁଲଜ କଲା । ହଜରତ ମୁହମ୍ମଦ[ସଅ] କୌଣସି ଉତ୍ତର ଦେଲେ ନାହିଁ । ଧୀରସ୍ଥିର ହୋଇ ଅତି ନୀରବରେ ସେଠାରୁ ଚାଲିଗଲେ । ତାଙ୍କ ପରିବାରର ଜଣେ କ୍ରୀତଦାସୀ ଏ ସମସ୍ତ ଘଟଣା ଦେଖୁଥିଲା । ସଂଧ୍ୟାବେଳେ ହଜରତ ମୁହମ୍ମଦ[ସଅ]ଙ୍କ ଅନ୍ୟତମ ଜଣେ କକା ହଜରତ ହମଜା[ରଅ] ଯିଏକି ନିର୍ଭୀକ ବାହାଦୁର ବ୍ୟକ୍ତି ଥିଲେ । ତାଙ୍କର ସାହାସ ଓ ବୀରତ୍ୱ ଯୋଗୁଁ ସହରର ଲୋକ ତାଙ୍କୁ ଭୟ କରୁଥିଲେ, ଶିକାରରୁ ଫେରି ସଗର୍ବେ ଧନୁତୀର ନିଜ କାନ୍ଧରେ ଲଟକାଇ ଗୃହ ମଧ୍ୟକୁ ପ୍ରବେଶ କଲେ । ସେହି କ୍ରୀତଦାସୀର ମନ ସକାଳର ସେହି ଘଟଣା ଯୋଗୁଁ ବହୁତ ଦୁଃଖି ଥିଲା । ସେ ହମ୍‌ଜା[ରଅ]ଙ୍କର ଏହି ରୂପ ଦେଖି ଆଉ ସହ୍ୟ କରି ପାରିଲା ନାହିଁ । ତାଙ୍କୁ ବିଦ୍ରୂପ କରି ଚିଡ଼ାଇ କହିଲା, 'ନିଜେ ତ ବଡ଼ ବାହାଦୁର କହି ଅସ୍ତ୍ରଶସ୍ତ୍ର ଧରି ବୁଲୁଛ ! ଏଣେ ଅବୁଜହେଲ ତୁମ ପୁତୁରାକୁ କ'ଣ କରିଛି କିଛି ଖବର ରଖିଛ ?' ହମ୍‌ଜା ପଚାରିଲେ, 'କ'ଣ କରିଛି ?' ସେ ପ୍ରଭାତର ସମସ୍ତ ଘଟଣା ବିସ୍ତୃତ ଭାବେ ବର୍ଣ୍ଣନା କଲା । ହମ୍‌ଜା ଯଦିଚ ମୁସଲମାନ ନଥିଲେ, ତଥାପି ଜଣେ ହୃଦୟବାନ ଭଦ୍ର ମଣିଷ ନିଶ୍ଚୟ ଥିଲେ । ଇସ୍‌ଲାମ ଧର୍ମ ବିଷୟରେ ତ ଶୁଣିଥିଲେ ଓ ବୋଧହୁଏ ତାଙ୍କ ହୃଦୟରେ ଏହାର କିଛି ପ୍ରଭାବ ମଧ୍ୟ ପଡିଥିବ । ତଥାପି ନିଜର ବେପରୁଆ ଜୀବନଯାପନ ତାଙ୍କୁ ଏ ବିଷୟରେ ଗଭୀର ଭାବେ ଚିନ୍ତା କରିବା ପାଇଁ ସୁଯୋଗ ଦେଇ ନଥିଲା । କିନ୍ତୁ କ୍ରୀତଦାସୀ ଠାରୁ ଏହି ଘଟଣା ଶୁଣି ତାଙ୍କ ସ୍ୱାଭିମାନ ଜାଗି ଉଠିଲା । ଆଖିରୁ ଅଜ୍ଞାନତାର ପରଦା ହଟିଗଲା ଓ ତାଙ୍କୁ ଏପରି ଅନୁଭବ ହେଲା ସତେ ଯେପରି ଏକ ବହୁମୂଲ୍ୟ ମୁହୂର୍ତ୍ତଟି ତାଙ୍କର ହାତଛଡ଼ା ହୋଇ ଯାଉଛି । ସେହି ମୁହୂର୍ତ୍ତରେ ସେ ଘରୁ ବାହାରି ଆସିଲେ ଓ କାବା ଆଡ଼କୁ ଅଗ୍ରସର ହେଲେ, ଯେଉଁଠାରେ ସଭା ଚାଲିବାର ବିଶେଷ ସ୍ଥାନ ରହିଥାଏ । କାନ୍ଧରୁ ଧନୁତୀର ବାହାର କରି ଅବୁଜହେଲକୁ ପ୍ରହାର କରି କହିଲେ, 'ଶୁଣ, ମୁଁ ମଧ୍ୟ ହଜରତ ମୁହମ୍ମଦ[ସଅ]ଙ୍କ ଧର୍ମ ଗ୍ରହଣ କରୁଛି । ତୁମେ ତାଙ୍କୁ ଅକାରଣରେ ଆଜି ସକାଳେ ଗାଳି

ଦେଇଛ । ଯେହେତୁ ସେ କାହାକୁ କେବେ ଜବାବ ଦିଏ ନାହିଁ । ଯଦି ତୁମର ଶକ୍ତି ଅଛି ତା'ହେଲେ ତୁମେ ମୋ ମାଡର ଜବାବ୍ ଦିଅ ।' ଏ ଘଟଣା ଏଭଳି ଅପ୍ରତ୍ୟାଶିତ ଥିଲା ଯେ ତତ୍କ୍ଷଣାତ୍ ଅବୁଜହେଲ ମଧ୍ୟ ଘାବରା ହୋଇଗଲା । ତା'ର ସାଥୀମାନେ ଲଢ଼େଇ ପାଇଁ ପ୍ରସ୍ତୁତ ହେବାରୁ ଅବୁଜହେଲ ଭାବିଲା ଯେ ହମ୍‌ଜାଙ୍କ ସହିତ ସଂଘର୍ଷ କଲେ ପରିଣାମ ଭୟାବହ ହେବ । ଏଣୁ ନିଜ ସାଥୀମାନଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ କହି ଏହିପରି କଥାକୁ ଟାଳି ଦେଲା 'ଛାଡ଼, ଯିବାକୁ ଦିଅ । ମୁଁ ପ୍ରକୃତରେ ତାଙ୍କ ପୁତୁରାଙ୍କୁ ଅଯଥାଟାରେ ବହୁତ ଗାଳି ଦେଇଛି ।' (ଇବ୍‌ନେ ହିଶାମ୍ ପ୍ରଥମ ଭାଗ, ପୃଷ୍ଠା-୯୯/ ତିବରି, ତୃତୀୟ ଭାଗ ପୃଷ୍ଠା-୧୧୮୭)

# ଇସ୍‌ଲାମର ମଧୁମୟ ବାର୍ତ୍ତା

ଏକ ପକ୍ଷେ ବିରୁଦ୍ଧାଚରଣ ଅତିଶୟ ଉଗ୍ର ରୂପ ଧାରଣ କଲା, ଅପର ପକ୍ଷେ ହଜରତ ମୁହମ୍ମଦ[ସଅ] ଓ ତାଙ୍କ ସହଚରଗଣ ମକ୍କାବାସୀଙ୍କୁ ପ୍ରଭୁଙ୍କର ବାର୍ତ୍ତା ପହଞ୍ଚାଇବା କାର୍ଯ୍ୟ ଏହିପରି ଆରମ୍ଭ କଲେ ଯେ ପରମ ସ୍ରଷ୍ଟା ଅଲ୍ଲାଃ ଏକ ଓ ଅନ୍ୟ କେହି ଉପାସ୍ୟ ନୁହନ୍ତି । ପୂର୍ବରୁ ଯେତେସବୁ ଅବତାର ଆସିଥିଲେ, ସମସ୍ତେ ଏକେଶ୍ୱରବାଦର ଏହି ବାଣୀକୁ ହିଁ ପ୍ରଚାର କରିଥିଲେ ଓ ନିଜ ଜାତିର ଲୋକଙ୍କୁ ଏହି ଶିକ୍ଷା ଅବଲମ୍ବନ କରିବା ପାଇଁ ଆଦେଶ ଦେଉଥିଲେ । ଏଣୁ ତୁମେ ମଧ୍ୟ ଏକ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ସ୍ଥାପନ କର । ଏହି ପାଷାଣ ପ୍ରତିମାର ପୂଜା କରିବା ଛାଡ଼ିଦିଅ । କାରଣ ଏସବୁ ବ୍ୟର୍ଥ ଠାକୁର ଯାହାଙ୍କ ଠାରେ କୌଣସି ଶକ୍ତି ନାହିଁ । ହେ ମକ୍କାବାସୀ ! ତୁମେମାନେ କ'ଣ ଦେଖି ପାରୁନାହଁ ଯେ ଏହି ପ୍ରତିମା ସମ୍ମୁଖରେ ଯେଉଁ ଭୋଗ ପ୍ରସାଦ ଅର୍ପଣ କରାଯାଉଛି, ସେଥିରେ ବସିଥିବା ମାଛିମାନଙ୍କୁ ଉଡାଇ ଦେବାର ଶକ୍ତି ମଧ୍ୟ ଏମାନଙ୍କ ଠାରେ ନାହିଁ । ଯଦି କୌଣସି ବ୍ୟକ୍ତି ଏମାନଙ୍କୁ ପ୍ରହାର କରେ, ତାହା କବଳରୁ ଏମାନେ ନିଜକୁ ରକ୍ଷା କରି ପାରନ୍ତି ନାହିଁ । ଯଦି କେହି ପ୍ରଶ୍ନ କରେ ଓ ଏମାନଙ୍କୁ ନିଜର ଦୁଃଖ ଜଣାଏ, ତାହାର କୌଣସି ଉତ୍ତର ଦେଇପାରନ୍ତି ନାହିଁ । ଯଦି କେହି ଏମାନଙ୍କ ଠାରୁ ସାହାଯ୍ୟ ଭିକ୍ଷା କରି ଥାଆନ୍ତି, ଏମାନେ ତାଙ୍କର ସହାୟତା ମଧ୍ୟ କରି ପାରନ୍ତି ନାହିଁ । କିନ୍ତୁ ଏକ ମାତ୍ର ଈଶ୍ୱରଙ୍କୁ ମାଗୁଣୀ କରୁଥିବା ବ୍ୟକ୍ତିର ସେ ଅଭାବ ପୂରଣ କରନ୍ତି । ପ୍ରଶ୍ନ କର୍ତ୍ତାଙ୍କ ପ୍ରଶ୍ନର ଉତ୍ତର ଦେଇଥାନ୍ତି । ସାହାଯ୍ୟ ଭିକ୍ଷାକାରୀର ସହାୟତା କରନ୍ତି ଏବଂ ନିଜର ଶତ୍ରୁଙ୍କୁ ପରାଜିତ କରିଥାନ୍ତି । ତାହାଙ୍କ ଉପାସକମାନଙ୍କ ସାମଗ୍ରିକ ବିକାଶ କରିଥାନ୍ତି । ଈଶ୍ୱର ନିଜ ପ୍ରାର୍ଥନାକାରୀଙ୍କୁ ଅବଶ୍ୟ ଜ୍ୟୋତି ପ୍ରଦାନ କରିଥାନ୍ତି । ତେଣୁ କାହିଁକି ଏଭଳି ଜୀବନ୍ତ ଈଶ୍ୱରଙ୍କୁ ଛାଡ଼ି ନିଷ୍ପ୍ରାଣ ପ୍ରତିମାଙ୍କ ଆଗରେ ଓଳଗି ହେଉଛ ? ଏବଂ

ନିଜର ବୟସ ଅପଚୟ କରିଚାଲିଛ ? କ'ଣ ତୁମେ ଦେଖି ପାରୁନାହଁ ଯେ ଏକ ଈଶ୍ୱରଙ୍କ ଏକତ୍ୱକୁ ପରିତ୍ୟାଗ କରିବା ଦ୍ୱାରା ତୁମର ଚିନ୍ତାଧାରା କଳୁଷିତ ଓ ହୃଦୟ ଅନ୍ଧକାରରେ ପରିପୂର୍ଣ୍ଣ ହୋଇଯାଇଛି ? ତୁମେ ବିଭିନ୍ନ ପ୍ରକାର କୁପ୍ରବୃତ୍ତି ତଥା ଅସତ୍ ଶିକ୍ଷାର ବଶବର୍ତ୍ତୀ ହୋଇଯାଇଛ । ବୈଧ ଓ ଅବୈଧ ମଧ୍ୟରେ ପ୍ରଭେଦ ତୁମମାନଙ୍କୁ ଜଣାନାହିଁ । ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ତୁମକୁ ଜଣାନାହିଁ । ନିଜ ମାତାଙ୍କୁ ଅସମ୍ମାନ କରୁଛ, ନିଜ ଭଉଣୀ ଓ ଝିଅମାନଙ୍କ ଉପରେ ଅତ୍ୟାଚାର କରୁଛ । ତାଙ୍କର ଅଧିକାର ତାଙ୍କୁ ଦେଉନାହଁ । ତୁମେ ନିଜ ପତ୍ନୀ ପ୍ରତି ଉତ୍ତମ ବ୍ୟବହାର କରୁନାହଁ । ଅନାଥଙ୍କ ଅଧିକାର ଛିନ୍ନ କରୁଛ । ବିଧବା ପ୍ରତି ଅସଦ୍ ଆଚରଣ କରୁଛ । ନିଃସ୍ୱ ଓ ଦୁର୍ବଳମାନଙ୍କ ଉପରେ ଅତ୍ୟାଚାର କରୁଛ । ଅନ୍ୟର ଅଧିକାର ଛଡାଇ ନେଇ ନିଜର ବଡ଼ପଣିଆ ଜାହିର୍ କରୁଛ । ମିଥ୍ୟା କହିବା ଓ ଛଳ କପଟ କରିବାରେ ତୁମମାନଙ୍କୁ ଲଜ୍ଜ୍ୟା ବୋଧ ହେଉନାହିଁ । ଚୋରି ଓ ଲୁଟ୍‌ମାର କରିବା ପ୍ରତି ତୁମର ଘୃଣାଭାବ ନାହିଁ । ଜୁଆ ଖେଳିବା ଓ ମଦ୍ୟପାନ ଆଦି ଧନ୍ଦା ତୁମର ଚିରାଚରିତ ଅଭ୍ୟାସରେ ପରିଣତ ହୋଇଛି । ଜ୍ଞାନ ଆହରଣ କରିବା ଓ ନିଜ ଜାତିର ଉନ୍ନତି କରିବା ପ୍ରତି ତୁମର ନଜର ନାହିଁ । ଆଉ କେତେ ଦିନ ପର୍ଯ୍ୟନ୍ତ ତୁମେ ଈଶ୍ୱରଙ୍କ ପ୍ରତି ବିମୁଖ ରହିବ ? ଆସ, ଶୀଘ୍ର ନିଜର ସୁଧାର କର ଓ ଅତ୍ୟାଚାର ପ୍ରବୃତ୍ତିକୁ ପରିତ୍ୟାଗ କର । ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଅଧିକାର ଦିଅ । ଯଦି ପ୍ରଭୁ ତୁମକୁ ଧନଶାଳୀ କରିଛନ୍ତି, ତା'ହେଲେ ଦେଶ ଓ ଜାତିର ସେବା କର । ଗରିବ ଓ ଅସହାୟଙ୍କୁ ଉତ୍‌ଥାନ କରିବାରେ ସେହି ଧନକୁ ବ୍ୟୟ କର । ସ୍ତ୍ରୀ ଜାତିର ସମ୍ମାନ କର । ଏମାନଙ୍କର ଅଧିକାର ବଜାୟ ରଖ । ଅନାଥମାନଙ୍କୁ ଈଶ୍ୱରଙ୍କ ଅନବୀଦ୍ୟ ସୃଷ୍ଟି ବୋଲି ଭାବ ଓ ସେମାନଙ୍କ ରକ୍ଷଣାବେକ୍ଷଣ କରିବାକୁ ଶ୍ରେଷ୍ଠ ସେବା ବୋଲି ମନେରଖ । ବିଧବା ମାନଙ୍କୁ ଆଶ୍ରୟ ଦିଅ ଶୁଭକାର୍ଯ୍ୟ ଓ ସଂଯମତାକୁ ଜୀବନର ଆଭୂଷଣ କର । କେବଳ ନ୍ୟାୟ ଓ କ୍ଷମା ନୁହେଁ, ବରଂ ଦୟା ଓ ଉପକାରକୁ ମଧ୍ୟ ନିଜର ଆଚରଣ କର । ଏହି ପୃଥିବୀକୁ ଆସିବା ବ୍ୟର୍ଥ ନହେଉ ଓ ତୁମ ଜନ୍ମ ସାର୍ଥକ ହେଉ । ନିଜ ପଛରେ ଆଦର୍ଶ ଛାଡି ଯାଅ, ଯଦ୍ଦ୍ୱାରା ଶାଶ୍ୱତ ପୁଣ୍ୟର ବୀଜରୋପଣ ହେବ ଓ ସେବାଭାବକୁ ଦୁନିଆରେ ଛାଡି ଯାଅ, ଯାହା ଫଳରେ ପୃଥିବୀ ପୃଷ୍ଠରେ ସତ୍ୟ ଓ ଧର୍ମ ପ୍ରତିଷ୍ଠା ହୋଇ ପାରିବ ।

ତ୍ୟାଗର ମାହାତ୍ମ୍ୟକୁ ବୁଝ ଓ ତ୍ୟାଗ କର । ପ୍ରଭୁଙ୍କ ଭକ୍ତଙ୍କ ପ୍ରତି ପରହିତକାରୀ ତ୍ୟାଗର ଏପରି ଦୃଷ୍ଟାନ୍ତ ପ୍ରସ୍ତୁତ କର, ଯାହା ଫଳରେ ପ୍ରଭୁଙ୍କ ନିକଟରେ ତୁମର ଅଧିକାର ଅକ୍ଷୁର୍ଣ୍ଣ ରହିବ । ଆମେମାନେ ନିଃସନ୍ଦେହରେ ଅତ୍ୟନ୍ତ ଦୁର୍ବଳ ପ୍ରାଣୀ, କିନ୍ତୁ ଆମର ଦୁର୍ବଳତାକୁ ଦେଖ ନାହିଁ । ସତ୍ୟର ସାମ୍ରାଜ୍ୟ ପ୍ରତିଷ୍ଠା

ହେବା ପାଇଁ ଆକାଶରୁ ନିଷ୍ପତ୍ତି ହୋଇ ସାରିଛି । ଏବେ ମୁହମ୍ମଦ ରସୁଲୁଲ୍ଲାଃଙ୍କ ମାଧମରେ ନ୍ୟାୟୀକ ବିଚ୍ଛରର ମାପଦଣ୍ଡ ପ୍ରସ୍ତୁତ ହେଉଛି ଏବଂ ନ୍ୟାୟ ଓ କୃପାର ଶାସନ ପ୍ରତିଷ୍ଠା ହେବ । ଯେଉଁଠାରେ କାହା ଉପରେ ଅତ୍ୟାଚାର କରାଯିବ ନାହିଁ । ଧର୍ମ ସଂକ୍ରାନ୍ତରେ ହସ୍ତକ୍ଷେପ କରାଯିବ ନାହିଁ । ନାରୀ ଜାତି ଓ କ୍ରୀତଦାସମାନଙ୍କ ଉପରେ ଚାଲିଥିବା ଅତ୍ୟାଚାରର ବିଲୋପ କରାଯିବ । ଏବଂ ଶୈତାନର ଶାସନ ବଦଳରେ ଈଶ୍ୱରଙ୍କ ସାମ୍ରାଜ୍ୟ ପ୍ରତିଷ୍ଠା ହେବ ।

## ଅବୁତାଲିବଙ୍କ ନିକଟରେ ମକ୍କାର ଅବିଶ୍ୱାସକାରୀଙ୍କ ଅଭିଯୋଗ ଏବଂ ହଜରତ ମୁହମ୍ମଦ (ସଅ) ଙ୍କ ଦୃଢ ସଂକଳ୍ପ

ଯେତେବେଳେ ଏହି ଶିକ୍ଷା ଦ୍ୱାରା ମକ୍କାବାସୀଙ୍କୁ ବାରମ୍ବାର ଉଦ୍‌ବୁଦ୍ଧ କରାଗଲା, ମକ୍କାର କେତେକ ଭଦ୍ରଲୋକ ଏଥି ପ୍ରତି ଆକର୍ଷିତ ହୋଇଥିଲେ । ତେଣୁ ଥରେ ମକ୍କାର ମୁଖିଆ ଲୋକ ଏକଜୁଟ ହୋଇ ତାଙ୍କ ପିତୃବ୍ୟ ଅବୁତାଲିବ୍‌ଙ୍କ ନିକଟରେ ଅଭିଯୋଗ କଲେ ଏବଂ କହିଲେ 'ଦେଖନ୍ତୁ ଆଜ୍ଞା ! ଆପଣ ଆମର ସର୍ଦ୍ଦାର ଓ ମୁଖିଆ । ଆପଣଙ୍କ ଯୋଗୁଁ ଆମେ ଏପର୍ଯ୍ୟନ୍ତ ଆପଣଙ୍କ ପୁତୁରାଙ୍କୁ କିଛି ହେଲେ କହିନାହୁଁ । ବର୍ତ୍ତମାନ ଆପଣଙ୍କ ସହିତ ଆମର ଶେଷ ନିଷ୍ପତ୍ତି ଗ୍ରହଣ କରିବା ସମୟ ଆସିଯାଇଛି । ଯଦି ପାରୁଛନ୍ତି ତା'ହେଲେ ତାକୁ ବୁଝାନ୍ତୁ ଯେ ପ୍ରକୃତରେ ଆମ ଠାରୁ ସେ କ'ଣ ଚାହୁଁଛି ? ଯଦି ସେ ଉଚ୍ଚ ସମ୍ମାନର ଅଧିକାରୀ ହେବା ପାଇଁ ବ୍ୟଗ୍ର, ତା'ହେଲେ ଆମେମାନେ ତାକୁ ଆମର ସର୍ଦ୍ଦାର କରିଦେବାକୁ ପ୍ରସ୍ତୁତ ଅଛୁ । ଯଦି ସେ ଧନଶାଳୀ ହେବାକୁ ଚାହୁଁଛି, ତା'ହେଲେ ଆମେ ପ୍ରତ୍ୟେକ ବ୍ୟକ୍ତି ନିଜ ଧନର କିଛି ଅଂଶ ତାକୁ ଦେବାକୁ ପ୍ରସ୍ତୁତ ଅଛୁ । ଯଦି ସେ ବିବାହ ପାଇଁ ଇଚ୍ଛା କରୁଛି ତା'ହେଲେ ମକ୍କା ସହରର ପ୍ରତ୍ୟେକ ଝିଅ ମଧ୍ୟରୁ ଯାହାକୁ ସେ ପସନ୍ଦ କରିବ, ଆମେ ତାହା ସହିତ ବିବାହ କରିଦେବା ପାଇଁ ପ୍ରସ୍ତୁତ ଅଛୁ । କିନ୍ତୁ ତାହାର ପ୍ରତି ବଦଳରେ ଆମେ ମୁହମ୍ମଦ (ସଅ) ଙ୍କ ଠାରୁ କିଛି ଚାହୁଁନା ଓ କୌଣସି ଅନ୍ୟ କଥାରୁ ତାଙ୍କୁ ରୋକୁ ନାହୁଁ । ଆମେ ଏତିକି କେବଳ ଚାହୁଁଛୁ ଯେ ସେ ଆମର ଦେବାଦେବୀଙ୍କୁ ଖରାପ ବୋଲି କହିବା ଛାଡିଦେଉ । ନିଃସନ୍ଦେହରେ ସେ ଏହା କହୁ ଯେ ଈଶ୍ୱର ଏକ । କିନ୍ତୁ ଏହା ନ କହୁ ଯେ ଆମର ଦେବାଦେବୀମାନଙ୍କ ପ୍ରତିମା ଉପାସନା ପାଇଁ ଅଯୋଗ୍ୟ । ଯଦି ସେ ଆମର ଏତିକି ମାତ୍ର କଥାକୁ ସ୍ୱୀକାର କରିନେବ, ଆମର ତା'ସହିତ ମୈତ୍ରୀ ସମ୍ପର୍କ ରହିବ । ନଚେତ୍ ଆପଣଙ୍କୁ ନିଜ ପୁତୁରାକୁ ତେଜ୍ୟ କରିବାକୁ ପଡିବ । କିମ୍ବା ଆପଣଙ୍କ ସମାଜ ସର୍ଦ୍ଦାର

ହୋଇ ରହିବାର ଜାଗିରରୁ ଆପଣଙ୍କୁ ବହିଷ୍କାର କରିବେ ।' ଅବୁତାଲିବ୍‌ଙ୍କ ପାଇଁ ଏକଥା ଅତ୍ୟନ୍ତ କଷ୍ଟକର ଥିଲା । ଆରବୀୟ ମାନଙ୍କ ନିକଟରେ ପଇସା ପତ୍ର ବହୁତ କମ୍ ଥିଲା ସତ, କିନ୍ତୁ ସେମାନଙ୍କ ସମସ୍ତ ପ୍ରସନ୍ନତା ମୁଖିଆଗିରି କରିବାରେ ମିଳୁଥିଲା । କାରଣ ସର୍ଦ୍ଦାର ନିଜ ଜାତି ପାଇଁ ଓ ଜାତି ତାଙ୍କ ପାଇଁ ଜୀବିତ ରହୁଥିଲେ । ସୁତରାଂ ପୁତୁରାଙ୍କ ବିଷୟରେ ଏପରି କଥା ଶୁଣି ଆବୁତାଲିବ୍ ବଡ଼ ବ୍ୟସ୍ତ ହୋଇପଡ଼ିଲେ । ସେ ମୁହମ୍ମଦ ରସୁଲୁଲ୍ଲାଃଙ୍କୁ ଡକାଇ କହିଲେ 'ହେ ମୋର ପୁତୁରା, ଶୁଣ ! ମୋ ଜାତିର ଲୋକମାନେ ମୋ ପାଖକୁ ଆସି ମୋତେ ଏହି ବାର୍ତ୍ତା ଦେଇଛନ୍ତି । ଏବଂ ଏ କଥା ମଧ୍ୟ କହିଛନ୍ତି ଯେ ତୁମ ପୁତୁରାଙ୍କ ପାଇଁ ପ୍ରତ୍ୟେକ ପ୍ରକାର ପ୍ରସ୍ତାବ ରଖାଯାଇ ଥିଲେ ସୁଦ୍ଧା ଯଦି ସେସବୁ ମଧ୍ୟରୁ କୌଣସି ଗୋଟିଏ କଥା ଉପରେ ବି ସେ ସହମତ ନ ହେବ ଓ ନିଜ ଅନୁସୃତ ମାର୍ଗରୁ ନ ହଟିବାକୁ ଅଡି ବସିବ, ତା'ହେଲେ ଆମେ ଆପଣଙ୍କ ନେତୃତ୍ୱକୁ ପ୍ରତ୍ୟାଖ୍ୟାନ କରିବୁ । ଯଦି ଆପଣ ତାକୁ ଛାଡିବେ ନାହିଁ ଆମେ ମଧ୍ୟ ଆପଣଙ୍କୁ ଛାଡି ଦେବୁ । ଏ କଥା କହୁଥିବା ବେଳେ ଅବୁତାଲିବ୍‌ଙ୍କ ଆଖିରୁ ଧାରଧାର ଅଶ୍ରୁ ବୋହିବାରେ ଲାଗିଲା । ସେ କାନ୍ଦୁଥିବାର ଦେଖି ହଜରତ ମୁହମ୍ମଦ[ସଅ]ଙ୍କ ଆଖି ମଧ୍ୟ ଲୋତକରେ ପୂର୍ଣ୍ଣ ହୋଇଗଲା । ସେ କହିଲେ 'ହେ ମୋର ପ୍ରିୟ କକା ! ମୁଁ କଦାପି କହିବି ନାହିଁ ଯେ ଆପଣ ନିଜ ଜାତିକୁ ତ୍ୟାଗ କରନ୍ତୁ ଓ ମୋ ସହିତ ରୁହନ୍ତୁ ଓ ମୋତେ ସମର୍ଥନ କରନ୍ତୁ । ନିଃସଙ୍କୋଚରେ ମୋର ସଂସର୍ଗ ତ୍ୟାଗ କରନ୍ତୁ ଓ ନିଜ ଲୋକଙ୍କ ସହିତ ମିଶି ଯାଆନ୍ତୁ । କିନ୍ତୁ ସେହି ସର୍ବବ୍ୟାପକ ଏକାଧିଶ୍ୱରଙ୍କ ରାଣ ଖାଇ କହୁଛି ଯେ **'ଯଦି ସୂର୍ଯ୍ୟକୁ ମୋର ଦକ୍ଷିଣ ହସ୍ତରେ ଓ ଚନ୍ଦ୍ରକୁ ମୋର ବାମହସ୍ତରେ ଆଣି ରଖିଦିଆଯାଏ, ତଥାପି ମୁଁ ଏକେଶ୍ୱରବାଦର ଗୁଣଗାନରେ କେବେ ହେଲେ ପଶ୍ଚାତପଦ ହେବି ନାହିଁ । ମୁଁ ମୋ କର୍ତ୍ତବ୍ୟ ପଥରେ ଆଗେଇ ଚାଲିବି ଯେ ପର୍ଯ୍ୟନ୍ତ ମୋର ମୃତ୍ୟୁ ହୋଇନାହିଁ ।'** ଆପଣା ହିତକୁ ନିଜେ ଦେଖନ୍ତୁ । ଏପରି ଆଧ୍ୟାତ୍ମିକତାର ଉଦ୍‌ଘୋଷ ଦୃଢ ବିଶ୍ୱାସ ଓ ସ୍ୱଚ୍ଛତାରେ ଭରପୁର ସାବଲୀଳ ନୀତିବାକ୍ୟ, ଅବୁତାଲିବଙ୍କ ଜ୍ଞାନ ରୂପୀ ଚକ୍ଷୁ ଖୋଲିଦେବା ପାଇଁ ଯଥେଷ୍ଟ ଥିଲା । ସେ ଏକଥାକୁ ଉତ୍ତମ ରୂପେ ବୁଝି ପାରିଲେ ଯେ ଯଦିଓ ସେ ଇସଲାମ ଧର୍ମ ଉପରେ ବିଶ୍ୱାସ ସ୍ଥାପନ କରିବାର ଏ ପର୍ଯ୍ୟନ୍ତ ସାମର୍ଥ୍ୟ ହାସଲ କରିପାରି ନାହାନ୍ତି, ତଥାପି ହଜରତ ମୁହମ୍ମଦ[ସଅ]ଙ୍କ ଦ୍ୱାରା ଧର୍ମ ବିଶ୍ୱାସରେ ଦୃଢ ଅଟଳ ରହିବାର ଦୃଶ୍ୟ ଦେଖିବାର ସାମର୍ଥ୍ୟ ପ୍ରାପ୍ତ ହେବା ସବୁ ସମ୍ପତ୍ତି ଠାରୁ ବଳି ବଡ ସମ୍ପଦ ହୋଇ ଯାଇଥିଲା । ସେ ବିନା ଦ୍ୱିଧାରେ ଘୋଷଣା କଲେ 'ହେ ମୋର ପୁତୁରା ! ତୁ ନିଜ କର୍ତ୍ତବ୍ୟ ପାଳନ କରିବାରେ ଲାଗିପଡ । ଯଦି ମୋ ଜାତିର ଲୋକ ମୋତେ ଛାଡି ଦେବାକୁ ଚାହୁଁଛନ୍ତି, ତା'ହେଲେ

ଅବଶ୍ୟ ଛାଡି ଦିଅନ୍ତୁ । କିନ୍ତୁ ମୁଁ ତୋତେ ଛାଡ଼ି ରହିପାରିବି ନାହିଁ ।' (ସିରତ୍ ଇବ୍ନ ହିଶାମ, ଖଣ୍ଡ-୧, ପୃ ୨୮୪, ୨୮୫)

# ହବ୍‌ଶା ଆଡକୁ ହିଜରତ୍ (ଦେଶାନ୍ତର ଗମନ)

ଯେତେବେଳେ ମକ୍କାବାସୀଙ୍କ ଅତ୍ୟାଚାର ଚରମ ସୀମାରେ ପହଞ୍ଚିଗଲା, ହଜରତ ମୁହମ୍ମଦ[ସଅ] ଦିନେ ନିଜର ଅନୁଚରମାନଙ୍କୁ ଡାକି କହିଲେ, 'ପଶ୍ଚିମ ଦିଗରେ ସମୁଦ୍ର ଆର ପାରିରେ ଏକ ଦେଶ ଅଛି । ଯେଉଁଠି ଈଶ୍ୱରଙ୍କ ଉପାସନାକୁ କେନ୍ଦ୍ର କରି କୌଣସି ପ୍ରକାର ଅତ୍ୟାଚାର କରାଯାଏ ନାହିଁ କିମ୍ୱା ଧର୍ମ ପରିବର୍ତ୍ତନ ପାଇଁ ଲୋକଙ୍କୁ ହତ୍ୟା କରାଯାଏ ନାହିଁ । ସେଠାରେ ଜଣେ ନ୍ୟାୟବନ୍ତ ରାଜା ଅଛନ୍ତି, ତୁମେ ସମସ୍ତେ ସେଠାକୁ ଚାଲିଯାଅ । କାଳେ ସେଠାରେ ତୁମପାଇଁ କୌଣସି ସୁଗମର ପଥ ବାହାରିବ ।' ସୁତରାଂ ଏହି ଆଦେଶକୁ ମାନି କେତେକ ମୁସଲମାନ ନିଜ ସ୍ତ୍ରୀ ପିଲାଙ୍କୁ ନେଇ ଅବିସିନିଆ ଆଡ଼କୁ ଚାଲିଗଲେ । ମକ୍କାରୁ ବାହାରିଯିବା ସେମାନଙ୍କ ପାଇଁ କୌଣସି ସହଜ କଥା ନଥିଲା । କାରଣ ମକ୍କାବାସୀ ନିଜକୁ ମକ୍କାରେ ଥିବା ଖା'ନା କାବା(କାବା ଗୃହ)ର ତତ୍ତ୍ୱାବଧାରକ ବୋଲି ଭାବୁଥିଲେ ଏବଂ ମକ୍କା ଛାଡ଼ି ଚାଲିଯିବା ସେମାନଙ୍କ ପ୍ରତି ଅତ୍ୟନ୍ତ ଦାରୁଣ ବ୍ୟଥାର ବିଷୟ ଥିଲା । କେବଳ ସେହି ବ୍ୟକ୍ତି କାବାରୁ ବିଦାୟ ନେବାକୁ କହି ପାରୁଥିଲା, ଯାହାର ସଂସାରରେ ଅନ୍ୟ କୌଣସି ବିକଳ୍ପ ପନ୍ଥା ନଥିଲା । ସୁତରାଂ ଏହି ପରିପ୍ରେକ୍ଷୀରେ ମକ୍କା ଛାଡି ଚାଲି ଯିବା ସେମାନଙ୍କ ସକାଶେ ଅତ୍ୟନ୍ତ ହୃଦୟ ବିଦାରକ ବିଷୟ ଥିଲା । ପୁଣି ସେମାନେ ସେଠାରୁ ବାହାରି ପାରିବା ଅତ୍ୟନ୍ତ ଗୋପନ ଭାବେ କରାଗଲା । କାରଣ ମକ୍କାବାସୀ ଯଦି ସେମାନଙ୍କର ଏହି ଲୁଚି ଛପି ଯିବା ଘଟଣାକୁ ଜାଣିଦେବେ, ତା'ହେଲେ ବାହାରିବାକୁ ଦେବେ ନାହିଁ । ଏହି କାରଣରୁ ନିଜର ସାଙ୍ଗସାଥୀ ଓ ବନ୍ଧୁ ପ୍ରିୟଜନଙ୍କୁ ଶେଷଥର ଦେଖା କରିବାରୁ ମଧ୍ୟ ସେମାନେ ବଞ୍ଚିତ ହୋଇ ଯାଉଥିଲେ । ସେମାନଙ୍କ ହୃଦୟରେ ବିତୁଥିବା କରୁଣ ଦୃଶ୍ୟ ଦେଖୁଥିବା ଲୋକମାନେ ମଧ୍ୟ ଦୁଃଖ ଓ କୋହରେ ଭାଙ୍ଗି ପଡୁଥିଲେ । ତେଣୁ ଯେତେବେଳେ ଏହି ଦଳ ନିଜର ଭିଟାମାଟିକୁ ଛାଡ଼ି ଯାଉଥିଲେ, ସେ ସମୟରେ ହଜରତ ଉମର ଯିଏକି ଜଣେ ବଡ଼ ଅମାନ୍ୟକାରୀ ତଥା ଇସଲାମର ଜଣେ ପରମ ଶତ୍ରୁ ଥିଲେ ଏବଂ ମୁସଲମାନଙ୍କୁ ଯାତନା ଦେବାରେ ସର୍ବାଗ୍ରେ ରହିଥିଲେ, ସଂଯୋଗ ବଶତଃ ଗୃହତ୍ୟାଗୀ ଦଳର କେତେକ ଲୋକଙ୍କ ସହିତ ତାଙ୍କର ସାକ୍ଷାତ ହୋଇଗଲା । ଏହି ଲୋକମାନଙ୍କ ମଧ୍ୟରେ ଉମ୍ମେ ଅବଦୁଲ୍ଲା ନାମ୍ନୀ ଜଣେ ମହିଳା ମଧ୍ୟ ଥିଲେ । ଅଶ୍ୱ ପୃଷ୍ଠରେ ବନ୍ଧା ହୋଇଥିବା ପେଡି ପୁଟୁଳାକୁ ଦେଖି ଯୁବକ ଉମର ବୁଝିଗଲେ ଯେ

ଏମାନେ ସମସ୍ତ ମକ୍କା ଛାଡି ଚାଲି ଯାଉଛନ୍ତି । ତାକୁ ଦେଖି ସେ ପ୍ରଶ୍ନ କଲେ 'ଉମ୍ମେ ଅବଦୁଲ୍ଲା ! ଜଣାପଡୁଛି ଏସବୁ ଜିନିଷ ପଳାୟନ ସକାଶେ ପ୍ରସ୍ତୁତ ହେଉଛି ?' ସେ ଉତ୍ତର ଦେଲେ, 'ହଁ, ପ୍ରଭୁଙ୍କ ରାଣ ! ଆମେମାନେ ଅନ୍ୟ ଏକ ଦେଶକୁ ଚାଲିଯାଉଛୁ । କାରଣ ତୁମେ ଆମକୁ ବହୁତ କଷ୍ଟ ଦେଇଛ, ଜୁଲୁମ୍ କରିଛ । ଆମେ ସେ ପର୍ଯ୍ୟନ୍ତ ଏ ଦେଶକୁ ଫେରିବୁ ନାହିଁ, ଯେ ପର୍ଯ୍ୟନ୍ତ ପ୍ରଭୁ ଆମ ପାଇଁ ଅନ୍ୟ କୌଣସି ସାଧନର ସୁବ୍ୟବସ୍ଥା କରିନାହାନ୍ତି ।' ଉମ୍ମେ ଅବଦୁଲ୍ଲା ବର୍ଣ୍ଣନା କରିଛନ୍ତି ଯେ ଏକଥା ଶୁଣି ହଜରତ୍ ଉମର[ରଅ] କହିଲେ 'ଈଶ୍ୱର ତୁମମାନଙ୍କ ସହିତ ସର୍ବଦା ରହିଥାଆନ୍ତୁ' । ଏହି ବାକ୍ୟ କହିଲା ବେଳକୁ ତାଙ୍କ କଣ୍ଠରୁଦ୍ଧ ହୋଇଗଲା । ଅତୀତରେ ଉମରଙ୍କ ଏପରି କୋହପୂର୍ଣ୍ଣ ହୃଦୟର ଆର୍ଦ୍ରତାକୁ ସେ କେବେ ଅନୁଭବ କରି ନଥିଲେ । ପୁଣି ସେ ଅତି ଶୀଘ୍ର ମୁହଁ ଫେରାଇ ସେଠାରୁ ଚାଲି ଯାଇଥିଲେ । ସେ କହୁଥିଲେ ଯେ ସତେ ଯେପରି ସେହି ଦିନର ଘଟଣାରେ ହଜରତ ଉମରଙ୍କ ମନ ଅତ୍ୟନ୍ତ ବ୍ୟଥିତ ହୋଇ ଉଠିଥିଲା ।

ଯେବେ ସେହି ଲୋକମାନଙ୍କ ପଳାୟନ ଖବର ମକ୍କାବାସୀମାନଙ୍କ ନିକଟରେ ପହଞ୍ଚିଗଲା, ସେମାନେ ତାଙ୍କୁ ଧରିବାକୁ ତାଙ୍କର ପଶ୍ଚାତ ଧାବନ କଲେ । ସମୁଦ୍ର ତଟରେ ପହଞ୍ଚିଲା ବେଳକୁ ଆବିସିନିଆ ଅଭିମୁଖେ ଯାଉଥିବା ଯାତ୍ରୀଦଳ ସମୁଦ୍ର ପାର ହୋଇ ସାରିଥିଲା । ମକ୍କାବାସୀମାନଙ୍କୁ ଏହା କ୍ଷୁବ୍ଧ କଲା । ସୁତରାଂ ସେମାନେ ସ୍ଥିର କଲେ ଯେ ସେ ମାନଙ୍କର ଏକ ପ୍ରତିନିଧି ଦଳ ହବ୍‌ଶାର ରାଜାଙ୍କୁ ଭେଟିବ ଓ ଏହି ଦେଶାନ୍ତର ଲୋକମାନଙ୍କ ବିରୁଦ୍ଧରେ ସମ୍ରାଟଙ୍କୁ ଉସକାଇବ । ସେମାନଙ୍କୁ ମକ୍କା ପ୍ରତ୍ୟାର୍ପଣ କରିବା ପାଇଁ ପ୍ରରୋଚିତ କରାଯିବ, ଯଦ୍ୱାରା ସେମାନେ ନିଜ ଦେଶ ତ୍ୟାଗ କରି ହବ୍‌ଶା ପଳାଳନ କରିବାର ଯେଉଁ ଧୃଷ୍ଟତା କରିଛନ୍ତି, ସେମାନଙ୍କୁ ଉପଯୁକ୍ତ ଶାସ୍ତି ଦିଆ ଯାଇପାରିବ । ଏହି ପ୍ରତିନିଧି ମଣ୍ଡଳୀର ଦଳପତି ରୂପେ ଉମର୍ ଅଲ୍ ଆସ୍ ମଧ୍ୟ ଥିଲେ ଯିଏ ପରବର୍ତ୍ତୀ ସମୟରେ ଇସଲାମ ଧର୍ମ ଗ୍ରହଣ କରି ମିଶର ଦେଶକୁ ଜୟ କରିଥିଲେ । ଏହି ପ୍ରତିନିଧି ଦଳ ଆବିସିନିୟାର ସମ୍ରାଟଙ୍କୁ ସାକ୍ଷାତ କରି ଉକ୍ତ ମୁସଲମାନମାନଙ୍କ ବିପକ୍ଷରେ ଚାପ ପକାଇବା ପାଇଁ ପ୍ରବଳ ଚେଷ୍ଟା କରିଥିଲେ । କିନ୍ତୁ ମକ୍କାର ପରିଷଦ ବର୍ଗଙ୍କ ଚାପର ବଶବର୍ତ୍ତୀ ନ ହୋଇ ସେହି ଉଦାରଚେତା ସମ୍ରାଟ ଦେଶତ୍ୟାଗୀ ଅସହାୟ ଶରଣାର୍ଥୀମାନଙ୍କୁ ମକ୍କାର କ୍ରୁର ଅବିଶ୍ୱାସକାରୀମାନଙ୍କ ହାତରେ ପ୍ରତ୍ୟାର୍ପଣ କରିବାକୁ ରୋକ୍‌ଠୋକ୍ ମନା କରିଦେଲେ । ସୁତରାଂ ସେଠାରୁ ବିଫଳ ମନୋରଥ ହୋଇ ଫେରିବା ପରେ ସେମାନେ ମୁସଲମାନମାନଙ୍କୁ ସେଠାରୁ ଫେରାଇ ଆଣିବା ପାଇଁ ଅନ୍ୟ ଯୋଜନା ପ୍ରସ୍ତୁତ କଲେ । ହବଶା ଯାଉଥିବା କେତେକ ବଣିକ ଦଳ ମଧ୍ୟରେ ଏକ ଗୁଜବ ସୃଷ୍ଟି କରିଦେଲେ ଯେ

ମକ୍କାର ସବୁଲୋକ ଇସଲାମ ଧର୍ମ ଗ୍ରହଣ କରି ମୁସଲମାନ ହୋଇ ଯାଇଛନ୍ତି । ଏହି ଗୁଜବକୁ ଶୁଣି ଆବିସିନିଆରେ ଥିବା ଅଧିକାଂଶ ଶରଣାର୍ଥୀ ମୁସଲମାନ ଖୁସି ମନରେ ମକ୍କା ପ୍ରତ୍ୟାବର୍ତ୍ତନ କରିଥିଲେ । କିନ୍ତୁ ମକ୍କାରେ ଆସି ଦେଖିଲେ ଯେ ଏହା ଦୁଷ୍ଟ ଲୋକଙ୍କର ଏକ ଚାଲ୍ ଥିଲା । ଫଳରେ ସେମାନଙ୍କ ମଧ୍ୟରୁ ଅନେକ ଲୋକ ପୁନଶ୍ଚ ଆବିସିନିଆ ପଳାଇଗଲେ ଓ ଅନ୍ୟ କେତେକ ଲୋକ ମକ୍କାରେ ହିଁ ରହିଗଲେ । ସେଠାରେ ରହିଯାଇଥିବା ମୁସଲମାନମାନଙ୍କ ମଧ୍ୟରେ ଜନୈକ ଉସମାନ ବିନ୍ ମଜ୍‌ଉନ୍ ଥିଲେ, ଯିଏ କି ଜଣେ ବଡ ସର୍ଦ୍ଦାରଙ୍କ ପୁତ୍ର ଥିଲେ । ଏଥର ତାଙ୍କ ପିତାଙ୍କ ବନ୍ଧୁ ୱଲିଦ୍ ବିନ୍ ମୁଗିରଃ ଉସ୍‌ମାନଙ୍କୁ ନିଜ ପାଖରେ ଶରଣ ଦେଇଥିଲେ ଓ ଶାନ୍ତିର ସହିତ ମକ୍କାରେ ରହିବାକୁ ଲାଗିଲେ । ଏହି ସମୟରେ ଉସ୍‌ମାନ ଦେଖିଲେ ଯେ ଅନ୍ୟ ମୁସଲମାନମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଛି ଓ ସେମାନଙ୍କୁ କଠୋର ଶାସ୍ତି ମଧ୍ୟ ଦିଆଯାଉଛି । ଏହା ସ୍ୱାଭିମାନୀ ଯୁବକ ଉସ୍‌ମାନଙ୍କ ହୃଦୟକୁ ବିଚଳିତ କଲା । ସେ ନିଜର ଆଶ୍ରୟ ଦାତା ୱଲିଦ୍‌ଙ୍କୁ କହିଲେ, 'ମୁଁ ଆପଣଙ୍କ ଶାନ୍ତିପ୍ରଦ ଆଶ୍ରୟରୁ ମୁକ୍ତ ହେଉଛି । କାରଣ ମୋର ଅନ୍ୟ ମୁସଲମାନ ଭାଇମାନେ ଏଠାରେ ନାନାପ୍ରକାର ନିର୍ଯ୍ୟାତନା ସହ୍ୟ କରୁଛନ୍ତି, ଅଥଚ ମୁଁ ଏଠାରେ ଆରାମରେ ରହିବି । ଏହା ମୁଁ କଦାପି ବରଦାସ୍ତ କରିପାରିବି ନାହିଁ । ତହୁଁ ୱଲିଦ୍ ଘୋଷଣା କଲେ 'ଉସମାନ ଏଣିକି ମୋର ଶରଣାପନ୍ନ ନୁହେଁ' । ଏହାପରେ ଲବିଦ୍ ନାମକ ଜଣେ ମହାନ କବି ମକ୍କାର ସର୍ଦ୍ଦାରମାନଙ୍କ ଗହଣରେ ବସି ନିଜ କବିତା ଶୁଣାଉଥିଲେ । କବିତାର ପଙ୍‌କ୍ତି ଏହିପରି ଥିଲା:

وَكُلُّ نَعِيْمٍ لَا مَحَالَةَ زَائِلُ

'ୱକୁଲ୍‌ଲୁ ନୟିମିନ୍ ଲା ମହାଲତା ଜାଏଲୁନ୍ ।'

ଅର୍ଥାତ୍ 'ପ୍ରତ୍ୟେକ ସୌଖୀନ ଯୁକ୍ତ ଉପହାର ସାମଗ୍ରୀର ଦିନେ ନା ଦିନେ ବିନାଶ ହେବ ।'

ଉସ୍‌ମାନ ସେଠାରେ ବସିଥିଲେ ଓ କହି ଉଠିଲେ, 'ନାଁ, ଏହା ଠିକ୍ ନୁହେଁ ସ୍ୱର୍ଗୀୟ ସୁଖ ଚିରସ୍ଥାୟୀ ଓ ଏହାର କେବେ ବିନାଶ ନାହିଁ' । ଲବିଦ୍ ଜଣେ ଲବ୍ଧ ପ୍ରତିଷ୍ଠିତ କବି ଓ ଜଣେ ବିଶିଷ୍ଟ ଲୋକ ଥିଲେ । ସେ ଅତିଶୟ କ୍ରୋଧରେ ଚିତ୍କାର କରି କହିଲେ, 'ହେ ମକ୍କାବାସୀ ! ଏହା ପୂର୍ବରୁ ତ ତୁମ ଅତିଥିଙ୍କୁ ଏପରି ଅପମାନ କରା ଯାଉ ନଥିଲା । କିନ୍ତୁ ଏହି ପ୍ରଥା କେବେ ଠାରୁ ଚାଲୁ ହେଲାଣି ?' ଏହାର ଉତ୍ତରରେ ଜଣେ ବ୍ୟକ୍ତି କହିଲା 'ସେ ଏକ ନିର୍ବୋଧ ବ୍ୟକ୍ତି, ତା' କଥା ଶୁଣନ୍ତୁ ନାହିଁ ।' ଉସ୍‌ମାନ

କିନ୍ତୁ ନିଜ କଥା ଦୋହରାଇ ଥିଲେ ଓ କହିଲେ 'ଏଥିରେ ନିର୍ବୋଧତାର କେଉଁ କଥା କହିଛି ? ବରଂ ମୁଁ ଯାହା କହିଛି, ତାହାହିଁ ସତ୍ୟ' । ଏଥିରେ ଉତ୍ୟକ୍ତ ହୋଇ ଜଣେ ଲୋକ ଉସମାନଙ୍କ ମୁହଁରେ ଏପରି ଏକ ଶକ୍ତ ଚାପୁଡା ମାରିଲା ଯେ ତାଙ୍କର ଗୋଟିଏ ଆଖି ପଦାକୁ ବାହାରି ଆସିଲା । ଓ୍ୱଲିଦ୍ ମଧ୍ୟ ସେହି ସଭାରେ ଉପସ୍ଥିତ ଥିଲେ । ଯେହେତୁ ଉସମାନଙ୍କ ପିତାଙ୍କର ସେ ଘନିଷ୍ଠ ବନ୍ଧୁ ଥିଲେ, ନିଜ ସ୍ୱର୍ଗୀୟ ବନ୍ଧୁଙ୍କ ପୁଅର ଏପରି ଦୁର୍ଦ୍ଦଶା ସେ ଦେଖି ପାରି ନଥିଲେ । ତଥାପି ମକ୍କାର ପ୍ରଥାନୁସାରେ ଉସମାନ ତାଙ୍କର ଆଶ୍ରୟାଧୀନ ନଥିବା ଯୋଗୁଁ ସହାୟତା କରି ପାରୁ ନଥିଲେ । ଅତି ଭଗ୍ନ ହୃଦୟରେ ସେ କହିଲେ, 'ହେ ମୋର ଭାଇର ପୁତ୍ର ! ତୁ ଏହା ପୂର୍ବରୁ ଏକ ଶକ୍ତିଶାଳୀ ରକ୍ଷା କବଚର ଅଧୀନରେ ଥିଲୁ ଯଦ୍ୱାରା ଆଜି ଏହି ଆଘାତରୁ ତୋଚକ୍ଷୁର ରକ୍ଷା ଅବଶ୍ୟ କରାଯାଇ ପାରିଥାନ୍ତା, ଯଦି ତୁ ସେହି ଶରଣାର୍ଥି ଜୀବନକୁ ପରିତ୍ୟାଗ କରି ନଥାନ୍ତୁ । କିନ୍ତୁ ଆଜି ଏହି ଦିନ ତୋତେ ଦେଖିବାକୁ ପଡିଲା' । ଲହୁ ଲୁହାଣରେ ଜର୍ଜରିତ ଉସମାନ ଉତ୍ତରରେ କହିଲେ; 'ଯାହା କିଛି ଆଜି ମୋ ସହିତ ଆଜି ହୋଇଛି, ଅନେକ ଦିନରୁ ଏହା ହେବାର ଅଭିଳାଷ ମୋର ଅବଶ୍ୟ ଥିଲା । ତୁମେ ମୋର ଫୁଟି ଯାଇଥିବା ଆଖି ପାଇଁ ଶୋକ ପ୍ରକାଶ କରୁଛ । କିନ୍ତୁ ମୋର ଅନ୍ୟ ସ୍ୱଷ୍ଟ ଚକ୍ଷୁଟି ପ୍ରଶ୍ନ ପଚାରୁଛି ଯେ ଯେଉଁ ଦୁର୍ଦ୍ଦଶା ମୋର ଭଉଣୀର ହେଲା, ତାହା ମୋ ସହିତ କାହିଁକି ହେଉନାହିଁ ? କାରଣ ହଜରତ୍ ମୁହମ୍ମଦ ସଅ ଙ୍କ ଆଦର୍ଶ ମୋ ପାଇଁ ଯଥେଷ୍ଟ । ଯଦି ସେ ସ୍ୱୟଂ ଯାବତୀୟ କଷ୍ଟ ଭୋଗ କରୁଛନ୍ତି, ତା'ହେଲେ ମୁଁ କାହିଁକି ଏହି କଷ୍ଟ ଉଠାଇ ପାରିବି ନାହିଁ ? ମୋ ନିମନ୍ତେ ଅଲ୍ଲାଃଙ୍କ ସହୟତା ଯଥେଷ୍ଟ ।'

## ହଜରତ୍ ଉମର ରଅ ଙ୍କ ଇସ୍‌ଲାମ ଧର୍ମ ଗ୍ରହଣ

ସେହି ଯୁଗରେ ମକ୍କାରେ ଏପରି ଏକ ଘଟଣା ଘଟିଥିଲା, ଯାହା ସମଗ୍ର ମକ୍କାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଉମର ନାମକ ଜଣେ ଯୁବକ ଯିଏ କି ପରେ ଇସଲାମ ଧର୍ମ ଗ୍ରହଣ କରିଥିଲେ ଏବଂ ଇସଲାମର ପ୍ରାରମ୍ଭିକ କାଳରେ ସେ ଇସଲାମର କଠୋର ବିରୋଧୀ ଥିଲେ ଓ ଏହାକୁ ମୂଳୋତ୍ପାଟନ କରିବା ପାଇଁ ବଦ୍ଧ ପରିକର ହୋଇଥିଲେ । ସେ ଥରେ ବସି ଥାଉଁ ଥାଉଁ ଚିନ୍ତା କଲେ ଯେ ଯେତେ ଯାହା ଉଦ୍ୟମ କଲେ ମଧ୍ୟ ଇସଲାମର ମୂଳୋତ୍ପାଟନ ହେବା ସମ୍ଭବ ହୋଇ ପାରିଲାନାହିଁ । ଏହାର ପ୍ରତିଷ୍ଠାତାଙ୍କ ଅସ୍ତିତ୍ୱକୁ ଯଦି ଲୋପ କରି ଦିଆଯାଏ, ତା'ହେଲେ ଏହି ସମସ୍ୟା ଅଚିରେ ଦୂର ହୋଇଯିବ । ଏହା ଚିନ୍ତା କରି ହାତରେ ତରବାରୀ ଧରି ସେ ମୁହମ୍ମଦଙ୍କ ସନ୍ଧାନରେ ଘରୁ ବାହାରି ପଡିଲେ । ରାସ୍ତାରେ ତାଙ୍କର ଜଣେ ବନ୍ଧୁଙ୍କ ସହିତ ସାକ୍ଷାତ

ହେଲା । ଉମରଙ୍କ ଏପରି ଭୟଙ୍କର ରୂପ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କୁ ପଚାରିଲେ, 'ଉମର କୁଆଡେ ଯାଉଛ ?' 'ମୁଁ ମୁହମ୍ମଦ[ସଅ]ଙ୍କୁ ମାରି ଦେବାକୁ ଯାଉଛି ।' ବନ୍ଧୁ ପ୍ରଶ୍ନ କଲେ ତୁମେ ମୁହମ୍ମଦଙ୍କୁ ବଧ କରି କ'ଣ ତାଙ୍କ କବିଲା(ଗୋଷ୍ଠୀ)ଙ୍କ କବଳରୁ ରକ୍ଷା ପାଇପାରିବ ? ପ୍ରଥମେ ନିଜ ଘର ସମ୍ଭାଳ । କାରଣ ତୁମ ନିଜ ଭଉଣୀ ଓ ଭିଣୋଇ ମୁସଲମାନ ହୋଇ ସାରିଲେଣି' । ଏ ଖବର ଶୁଣି ତାଙ୍କ ଉପରେ ଯେମିତି ଚଡ଼କ ପଡ଼ିଗଲା । ଉମର ଚିନ୍ତା କଲେ ଯେ ମୁଁ ତ ଇସଲାମ୍‌ର ପରମ ଶତ୍ରୁ । ମୁହମ୍ମଦ[ସଅ]ଙ୍କୁ ଜୀବନରୁ ଶେଷ କରି ଦେବାକୁ ବାହାରିବା ବେଳକୁ ଦେଖୁଛି ଯେ ନିଜର ଭଉଣୀ ଓ ଭିଣୋଇ ମୁସଲମାନ ହୋଇ ସାରିଲେଣି । ସେଥିପାଇଁ ପ୍ରଥମେ ଭଉଣୀ ଓ ଭିଣୋଇଙ୍କୁ ସଫା କରିଦିଏଁ, ତା'ପରେ ଯାଇ ମୁହମ୍ମଦ[ସଅ]ଙ୍କ କଥା ବୁଝାଯିବ ।' ଏହି ନିଷ୍ପତ୍ତି ନେଇ ସେ ଘର ଆଡ଼କୁ ଚାଲିଲେ । ଘରର ଦ୍ୱାର ମୁହଁରେ ପହଞ୍ଚି ଶୁଣିବାକୁ ପାଇଲେ ଯେ କେହି ଜଣେ ସୁଲଳିତ କଣ୍ଠରେ କିଛି ଆବୃତ୍ତି କରୁଛି । ସେହି ଆବୃତ୍ତି କରୁଥିବା ବ୍ୟକ୍ତିଜଣକ ତାଙ୍କ ହଜରତ୍ ଖୁବାବ୍[ରଅ] ଯେକି ଭଉଣୀ ଓ ଭିଣୋଇଙ୍କୁ କୁରଆନ ବାଣୀ ଶିଖାଉଥିଲେ । ଘର ଭିତରକୁ ତ୍ୱରିତ ବେଗରେ ଉମର ପ୍ରବେଶ କରନ୍ତେ, ତାଙ୍କ ପାଦଶବ୍ଦ ଶୁଣି ଖୁବାବ୍[ରଅ] ଘରର ଏକ କୋଣରେ ଲୁଚିଗଲେ ଓ ଉମରଙ୍କ ଭଉଣୀ ଯାହାଙ୍କ ନାମ ଫାତିମା ଥିଲା, ସେ କୁରଆନର ପୃଷ୍ଠାଗୁଡ଼ିକୁ ଯାହା ପାଠ କରାଯାଉଥିଲା, ଗୋଟାଇ ଆଣି ଲୁଚାଇ ଦେଲେ । ହଜରତ୍ ଉମର ଗୃହରେ ପ୍ରବେଶ କରି କ୍ରୋଧାନ୍ୱୀତ ହୋଇ ପ୍ରଶ୍ନ କଲେ, 'ମୁଁ ଶୁଣୁଛି ତୁମେ ନିଜ ଧର୍ମରୁ ଫେରିଯାଇଛ ?' ଏତିକି କହି ତାଙ୍କ ଭିଣୋଇଙ୍କୁ ଯିଏ ତାଙ୍କ କକାପୁଅ ଭାଇ ମଧ୍ୟ ଥିଲେ, ପ୍ରଚଣ୍ଡ କ୍ରୋଧରେ ଆକ୍ରମଣ କରନ୍ତେ, ତାଙ୍କ ହାତରେ ନିଜ ସ୍ୱାମୀଙ୍କ ଆସନ୍ନ ମୃତ୍ୟୁ ଦେଖି ଭଉଣି ଫାତିମା ତତ୍‌କ୍ଷଣାତ୍ ଦୌଡ଼ିଯାଇ ଉମରଙ୍କ ସମ୍ମୁଖରେ ଛିଡା ହୋଇଗଲେ । ଏବେ ଭାଇର ହାତ ଉଠି ଭିଣୋଇ ପରିବର୍ତ୍ତେ ସାମନାରେ ଥିବା ଭଉଣୀ ମୁହଁରେ ଜାଇ ଜୋରରେ ଯାଇ ବାଜିଲା । ପ୍ରଚଣ୍ଡ ଆଘାତ ଯୋଗୁଁ ତାଙ୍କ ନାକ ଫାଟି ପ୍ରବଳ ରକ୍ତସ୍ରାବ ହେଲା । ଫାତିମା ମାଡ ତ ଖାଇଲେ କିନ୍ତୁ ନିର୍ଭୀକ ଭାବେ କହିଲେ, 'ଉମର ! ଏହା ସତ୍ୟ ଯେ ଆମେ ଇସଲାମ ଧର୍ମ ଗ୍ରହଣ କରିଛୁ । ମନେରଖ ! ଆମେ ଏହି ଧର୍ମକୁ କଦାପି ଛାଡି ପାରିବୁ ନାହିଁ । ଯାହା ଆପଣଙ୍କ ହାତରେ ହୋଇପାରୁଛି, ତାହା କରନ୍ତୁ ।' ଉମର ଜଣେ ଅତ୍ୟନ୍ତ ସାହସୀ ଯୋଦ୍ଧା ଥିଲେ । କିନ୍ତୁ ଆଜିର ଅତ୍ୟାଚାର ଘଟଣା ତାଙ୍କ ବୀରତ୍ୱକୁ ଅବଶ କରିଦେଇ ନଥିଲା । ଜଣେ ଅବଳା ନାରୀ ପୁଣି ନିଜ ଭଉଣୀଙ୍କୁ ନିଜ ହାତରେ ଆଘାତ କରି ରକ୍ତାକ୍ତ ଅବସ୍ଥାରେ ଦେଖି ନିଜକୁ ଅତି ଲଜ୍ଜିତ ମନେ କଲେ । ତାଙ୍କ ଭଉଣୀଙ୍କ ଜେହରୁ ରକ୍ତଧାର ଧାର ହୋଇ ବୋହୁ

ଥିବାର ଦେଖି ତାଙ୍କ ମୁଣ୍ଡ ଆପେ ଆପେ ନଇଁଗଲା ଓ ମନରୁ ରାଗ କୁଆଡେ ଉଭାଇ ଗଲା । ଉମର୍ ନିଜ ଭଉଣୀଙ୍କୁ କ୍ଷମା ଯାଚନା ପାଇଁ ବାହାନା ଖୋଜିବାରେ ଲାଗିଲେ । କହିଲେ 'ଆଚ୍ଛା ମୋତେ ସେ ପଙ୍କ୍ତି ଆଣି ଶୁଣାଅ, ଯାହାକୁ ତୁମେମାନେ ବର୍ତ୍ତମାନ ପଢୁଥିଲ ?' ଫାତିମା କହିଲେ, 'ମୁଁ ତାକୁ ଦେଖାଇବି ନାହିଁ, ଆପଣ ତାକୁ ଚିରି ଫିଙ୍ଗି ଦେବେ' । ଉମର କହିଲେ 'ନାଁ, ଭଉଣୀ ! ମୁଁ ଏପରି କରିବି ନାହିଁ ।' ଫାତିମା ପୁଣି କହିଲେ, 'ତୁମେ ଅପବିତ୍ର ଅଛ, ପ୍ରଥମେ ସ୍ନାନ କରି ଆସ । ତା'ହେଲେ ଯାଇ ଦେଖାଇବି' । ତହୁଁ ଉମର୍ ଅତ୍ୟନ୍ତ ଲଜ୍ଜ୍ୟାବଶତଃ ସବୁ କିଛି କରିବାକୁ ପ୍ରସ୍ତୁତ ଥିଲେ । ସେ ସ୍ନାନ କରିବାକୁ ମଧ୍ୟ ରାଜି ହୋଇଗଲେ । ଉମର୍ ସ୍ନାନ କରି ଆସିଲେ; ଫାତିମା ତାଙ୍କ ହାତରେ ପବିତ୍ର କୁରଆନର ପୃଷ୍ଠା ଧରାଇ ଦେଲେ । ଏହା ସୁରଃ ତାହା (ଅଧ୍ୟାୟ ୨୦)ର କିଛି ଉଦ୍ଧୃତାଂଶ ଥିଲା । ଉମର୍ ଉକ୍ତ ପରିଚ୍ଛେଦ ପଢୁ ପଢୁ ହଠାତ୍ ଏହି ଆୟତରେ ପହଞ୍ଚିଲେ;

إِنَّنِي أَنَا اللَّهُ لَا إِلَٰهَ إِلَّا أَنَا فَاعْبُدْنِي وَأَقِمِ الصَّلَاةَ لِذِكْرِي ۔ إِنَّ السَّاعَةَ آتِيَةٌ أَكَادُ أُخْفِيهَا لِتُجْزَىٰ كُلُّ نَفْسٍ بِمَا تَسْعَىٰ

ଇନ୍ନନୀ ଅନଲ୍ଲାହା ଲା'ଇଲାହା ଇଲ୍ଲା ଅନା ଫାଆବୁଦୁନୀ ଓ୍ୱ ଅକିମିସ୍ ସଲାତା ଲି ଜିକ୍ରି ଇନ୍ନସ୍ସାଆତା ଆତିତୁଂ ଅକାଦୁ ଉଖ୍ଫିହା ଲି ତୁଜ୍ଜା କୁଲ୍ଲୁ ନଫସିମ୍ ବିମା ତସ୍ଆ । **(ତାହା:୧୫,୧୬)**

'ନିଶ୍ଚୟ ଆମ୍ଭେ ହେଉଛୁ ଅଲ୍ଲାଃ ।' ଆମ୍ଭ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ । ଏଣୁ ହେ ସମ୍ବୋଧିତ ବ୍ୟକ୍ତି ! ଆମ୍ଭର ଉପାସନା କର, ନମାଜ ପଢ଼ ଓ ଅନ୍ୟ ସାଥୀମାନଙ୍କ ସହିତ ମିଳିତ ହୋଇ ଆମ୍ଭର ଉପାସନାକୁ ଚିର ଶାଶ୍ୱତ କରିଦିଅ । ପରମ୍ପରା ଗତ ଭାବରେ ନୁହେଁ, ବରଂ ତାହା ଆମ୍ଭର ସାର୍ବଭୌମତ୍ୱ ଗୌରବକୁ ସଂସାରରେ ସ୍ଥାପନକାରୀ ଉପାସନା । ମନେରଖ ଏହି ଐଶ୍ୱରୀୟ ବାଣୀକୁ ସ୍ଥାପନ କରିବା ସମୟ ଆସୁଛି । ଅବିଳମ୍ବେ ଆମ୍ଭେ ଏହାକୁ ପ୍ରକଟ କରିବାର ସାଧନ ସୃଷ୍ଟି କରୁଛୁ, ଯାହାର ପରିଣାମ ଏହା ହେବ ଯେ ପ୍ରତ୍ୟେକ ପ୍ରାଣ ଯେପରି କର୍ମ କରୁଛି, ତଦନୁସାରେ ତାହାର ପ୍ରତିଫଳ ତାକୁ ଅବଶ୍ୟ ପ୍ରାପ୍ତ ହେବ ।'

ହଜରତ୍ ଉମର[ରଅ] ଯେତେବେଳେ ଏହି ପଙ୍କ୍ତି ଠାରେ ପହଞ୍ଚିଲେ, ତାଙ୍କ ମୁଖରୁ ସତଃସ୍ଫୁର୍ତ ଭାବେ ଉଚ୍ଚାରିତ ହେଲା 'ଆହା ! କି ଚମତ୍କାର, କିପରି ଅଦ୍ଭୁତ ଓ ପବିତ୍ର ବାଣୀ !' । ଉମର୍ଙ୍କ ମୁଖରୁ ଏକଥା ଶୁଣି ଖୁବାବ୍ ଯିଏ ହଜରତ ଉମର୍ଙ୍କ ଆସିବା ଯୋଗୁଁ କବାଟ କୋଣରେ ଲୁଚି ଯାଇଥିଲେ, ହଠାତ୍ ବାହାରି ଆସି କହିଲେ,

'ଆଜି ଆପଣଙ୍କ ଇସ୍‌ଲାମ ପ୍ରତି ଅନୁରାଗ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରାର୍ଥନାର ଫଳ ସ୍ୱରୂପ । ମୁଁ ଈଶ୍ୱରଙ୍କ ରାଣ ପକାଇ କହୁଛି, ଗତକାଲି ହଜରତ ମୁହମ୍ମଦ[ସଅ] ଅଲ୍ଲାଃଙ୍କ ନିକଟରେ ଏହା ହିଁ ପ୍ରାର୍ଥନା କରୁଥିବାର ମୁଁ ଶୁଣିଥିଲି ଯେ ଅଲ୍ଲାଃ ! ଉମର୍ ବିନ୍ ଖତ୍‌ତାବ କିମ୍ବା ଉମର୍ ବିନ୍ ହିଶାମ୍ (ଅବୁଜହେଲ) ମଧ୍ୟରୁ କୌଣସି ଜଣେ ଉମର୍‌ଙ୍କୁ ଇସଲାମ ପ୍ରତି ମାର୍ଗ ଦର୍ଶନ କରାଅ । ଉମର୍ ଠିଆ ହୋଇ ପଡ଼ିଲେ ଓ ଖୁବାବ୍‌ଙ୍କୁ ପ୍ରଶ୍ନ କଲେ, 'କୁହ, ବର୍ତ୍ତମାନ ମୁହମ୍ମଦ କେଉଁଠି' ?

ଯେବେ ତାଙ୍କୁ ଅବଗତ କରାଗଲା ଯେ ଦା'ରେ ଅରକମ୍' ନାମକ ସ୍ଥାନରେ ସେ ଅବସ୍ଥାନ କରୁଛନ୍ତି, ସେହି ଅବସ୍ଥାରେ ସେ ନଗ୍ନ ତରବାରୀ ହାତରେ ଧରି ସେଠାରେ ପହଞ୍ଚିଗଲେ । ହଜରତ ମୁହମ୍ମଦ[ସଅ]ଙ୍କ ଅନୁଚରମାନେ କବାଟ ଫାଙ୍କରୁ ଉମର୍‌ଙ୍କୁ ନଗ୍ନ ତରବାରୀରେ ଉଭା ହୋଇଥିବାର ଦେଖିଲେ । ଦ୍ୱାର ଖୋଲି ଦେଲେ କାଳେ ଉମର୍ ଭିତରେ ପଶି କୌଣସି ଉତ୍ପାତ ଆରମ୍ଭ କରିଦେବେ ବୋଲି ସେମାନେ ଆଶଙ୍କା ପ୍ରକାଶ କଲେ । କିନ୍ତୁ ହଜରତ ମୁହମ୍ମଦ[ସଅ] କହିଲେ, 'କ'ଣ ହୋଇଗଲା ? ଦ୍ୱାର ଖୋଲିଦିଅ' । ତେବେ ଉମର୍ ସେହି ତରବାରୀ ଧରି ଗୃହ ମଧ୍ୟରେ ପ୍ରବେଶ କଲେ । ହଜରତ ମୁହମ୍ମଦ[ସଅ] ଆଗେଇ ଆସି ତାଙ୍କୁ ପ୍ରଶ୍ନ କଲେ, 'ଉମର୍ କେଉଁ ଉଦ୍ଦେଶ୍ୟରେ ଏଠାକୁ ଆସିଛ ? ଉମର୍ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଇସଲାମ୍ ଧର୍ମ ଗ୍ରହଣ କରିବାକୁ ଆସିଛି' । ହଜରତ ମୁହମ୍ମଦ[ସଅ] ଏହି ଉତ୍ତର ଶୁଣି ଉଚ୍ଚ ସ୍ୱରରେ କହି ଉଠିଲେ 'ଅଲ୍ଲାଃ ହୋ ଅକବର' ଅର୍ଥାତ୍ ଅଲ୍ଲାଃ ହିଁ ସର୍ବଶ୍ରେଷ୍ଠ । ତାଙ୍କ ସହଚର ଗଣ ମଧ୍ୟ ସେହି ଶବ୍ଦକୁ ଜୋରରେ ଦୋହରାଇଲେ । ଏପରିକି ସେହି ପ୍ରଚଣ୍ଡ ଧ୍ୱନିରେ ମକ୍କାର ପର୍ବତମାଳା ଗୁଞ୍ଜରିତ ହୋଇଉଠିଲା । ଅଳ୍ପ ସମୟ ମଧ୍ୟରେ ସମଗ୍ର ମକ୍କା ସହରରେ ଅଗ୍ନି ରୂପେ ଏହି ସମ୍ବାଦ ବ୍ୟାପିଗଲା । ତଦୁପରାନ୍ତ ଉମରଙ୍କ ଉପରେ ମଧ୍ୟ ସେହି ନିଷ୍ଠୁର ବ୍ୟବହାର ଆରମ୍ଭ ହେଲା, ଯାହା ଅନ୍ୟମାନଙ୍କ ପ୍ରତି ହୋଇଥିଲା । ସେହି ଉମର୍ ଯିଏ ଅନ୍ୟକୁ ମାରପିଟ କରିବା, ଉତ୍ପୀଡନ ଓ ହତ୍ୟା କରିବାରେ ଆତ୍ମ ସନ୍ତୋଷ ଲାଭ କରୁଥିଲେ, ସେ ବର୍ତ୍ତମାନ ସ୍ୱୟଂ ମାଡ ଗାଳିଖାଇବା, ଉତ୍ପୀଡନ ସହ୍ୟ କରିବା ଓ ଯାବତୀୟ ପ୍ରକାର କଷ୍ଟକୁ ଆନନ୍ଦର ସହିତ ସ୍ୱୀକାର କରିବାକୁ ଶ୍ରେୟସ୍କର ମନେ କଲେ । ଉମର୍‌ଙ୍କୁ ନିଜେ ଏହା କହୁଥିବାର ଶୁଣାଗଲା ଯେ ସତ୍ ବିଶ୍ୱାସ ଗ୍ରହଣ କରିବା ପରେ ମକ୍କାର ଗଳିକନ୍ଦିରେ ସେ କେବଳ ମାଡ ହିଁ ଖାଉଥିଲେ ।

# ମୁସଲମାନମାନଙ୍କୁ ସାମାଜିକ ବାସନ୍ଦ

ତେବେ ନିଷ୍କର୍ଷ ହେଉଛି ଯେ ଅତ୍ୟାଚାର ଏବେ ସବୁ ସୀମା ଟପିବାକୁ ବସିଥିଲା । କେତେକ ପରିବାର ମକ୍କା ଛାଡ଼ି ଅନ୍ୟ ସ୍ଥାନକୁ ପଳାୟନ କରିଥିଲେ । କିନ୍ତୁ ଯେଉଁମାନେ ରହି ଯାଇଥିଲେ ସେମାନଙ୍କ ଉପରେ ପୂର୍ବାପେକ୍ଷା ଅଧିକ ଉତ୍ପୀଡ଼ନ ଆରମ୍ଭ ହୋଇ ଯାଇଥିଲା । କିନ୍ତୁ ଏହାଦ୍ୱାରା ଅତ୍ୟାଚାରୀମାନଙ୍କ ହୃଦୟ ତଥାପି ଶାନ୍ତ ହୋଇ ନଥିଲା । ଯେବେ ସେମାନେ ଦେଖିଲେ ଯେ ସେମାନଙ୍କ ପୂର୍ବର ଅତ୍ୟାଚାର ଦ୍ୱାରା ମୁସଲମାନଙ୍କ ଦମ୍ଭ ଭାଙ୍ଗି ନାହିଁ, ଧର୍ମଭାବ ପ୍ରଭାବିତ ହୋଇ ନାହିଁ । ବରଂ ଏକ ପରମେଶ୍ୱରଙ୍କ ଉପାସନା କରିବାରେ ସେମାନେ ଅଧିକ ଅଗ୍ରସର ହେଉଛନ୍ତି । ଅଧିକ ବଢ଼ିବାରେ ଲାଗିଛନ୍ତି । ଏବଂ ପିତୁଳା ପୂଜା ପ୍ରତି ଅଧିକ ବିମୁଖ ହୋଇ ଉଠିଛନ୍ତି ତଥା ଅସୂୟା ଭାବ ପ୍ରଦର୍ଶନ କରୁଛନ୍ତି । ଏଣୁ ସେମାନେ ଏକ ପରାମର୍ଶଦାତା କମିଟି ଗଠନ କଲେ ଏବଂ ପରାମର୍ଶଦାତାମାନେ ଘୋଷଣା କଲେ ଯେ ମୁସଲମାନମାନଙ୍କ ପ୍ରତି ସମ୍ପୂର୍ଣ୍ଣ ସାମାଜିକ ବାସନ୍ଦ ବ୍ୟବସ୍ଥା ଲାଗୁ କରାଯିବ । କୌଣସି ବ୍ୟକ୍ତି ସେମାନଙ୍କ ସହିତ ପଣ୍ୟ ଦ୍ରବ୍ୟ କ୍ରୟ କରିବେ ନାହିଁ । କୌଣସି ବ୍ୟକ୍ତି ମୁସଲମାନଙ୍କ ନିକଟରେ ନେଣ ଦେଣ କାରବାର କରିବେ ନାହିଁ ଇତ୍ୟାଦି । ସେହି ସମୟରେ ମୁହମ୍ମଦ ରସୁଲୁଲ୍ଲାଃ [ସଅ] ଙ୍କ ଅନୁଚର ଓ ସେମାନଙ୍କ ପରିବାର ଲୋକଙ୍କ ସହିତ ତଥା ଏପରି କେତେକ ନିକଟ ସମ୍ପର୍କୀୟ ଲୋକଙ୍କ ସହିତ ଯେଉଁମାନେ ମୁସଲମାନ ନହେଇ ଥିଲେ ସୁଦ୍ଧା ହଜରତ ମୁହମ୍ମଦ [ସଅ] ଙ୍କୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ, ସେମାନେ ଏକ ପୃଥକ ଆଶ୍ରୟ ସ୍ଥଳ ଯାହା ଅବୁତାଲିବଙ୍କ ଅଧିକାରରେ ଥିଲା, ସେଠାକୁ ଯାଇ ଶରଣ ନେବା ପାଇଁ ବିବଶ ହୋଇଗଲେ ଏବଂ ଏକ ପ୍ରକାର ବନ୍ଦୀ ଜୀବନ ଯାପନ କରିବାକୁ ବାଧ୍ୟ ହେଲେ । (ଇବ୍‌ନେ ହିଶାମ୍, ପ୍ରଥମ ଭାଗ, ପୃଷ୍ଠା ୧୩୦ ତଥା ଜୁରକାନୀ, ଦ୍ୱିତୀୟ ଭାଗ, ପୃଷ୍ଠା ୨୭୯)

ସେହି ଲୋକମାନଙ୍କ ନିକଟରେ ନା ଧନ ଦୌଲତ ଥିଲା ନା କୌଣସି ଖାଦ୍ୟ ସାମଗ୍ରୀର ଭଣ୍ଡାର ଥିଲା, ଯାହା ସାହାଯ୍ୟରେ ସେମାନେ ଜୀବନ ଧାରଣ କରି ପାରି ଥାଆନ୍ତେ । ଏଭଳି ନାହିଁ ନଥିବା ଅଭାବ ଓ ଅନାଟନ ଅବସ୍ଥାରେ କେଉଁଭଳି ପରିସ୍ଥିତିରେ ସେମାନେ ଦିନ କାଟୁଥିଲେ ତାହା ଅନ୍ୟ ବ୍ୟକ୍ତିଙ୍କ ପାଇଁ କଳ୍ପନା କରିବା ଅସମ୍ଭବ । ପ୍ରାୟ ତିନି ବର୍ଷ ପର୍ଯ୍ୟନ୍ତ ଏପରି ପରିସ୍ଥିତି ଯଥାବତ ଲାଗି ରହିଲା ଏବଂ ମକ୍କାରେ ତଥା କଥିତ ସାମାଜିକ ବାସନ୍ଦରେ କୌଣସି ପ୍ରକାର କୋହଳ କରାଗଲା ନାହିଁ । କିନ୍ତୁ ସେହି ତିନି ବର୍ଷ ପରେ ମକ୍କାର ପାଞ୍ଚଜଣ ସୁସଭ୍ୟ ଲୋକଙ୍କ ହୃଦୟରେ ନିରୀହ ବନ୍ଦୀ ମୁସଲମାନ ଓ ସେମାନଙ୍କ ସମର୍ଥକଙ୍କ ଉପରେ ହେଉଥିବା ଅତ୍ୟାଚାର

ବିରୁଦ୍ଧରେ ଚେତନା ଜାଗ୍ରତ ହେଲା । ସେମାନେ ସୁଏବ୍ ଅବୁତାଲିବ୍ ଗୃହର ଦ୍ୱାର ମୁହଁରେ ଯାଇ ଘୋଷଣା କଲେ 'ଆପଣମାନେ ବାହାରି ଆସନ୍ତୁ, ଆମେ ସାମାଜିକ ବାସନ୍ଦ ସମ୍ପର୍କୀତ ପ୍ରତିଜ୍ଞା ପତ୍ର ଉଲଂଘନ କରିବା ପାଇଁ ପ୍ରସ୍ତୁତ ଅଛୁଁ' । ଅବୁତାଲିବ୍ ଯିଏ ଅନ୍ୟମାନଙ୍କ ସହିତ ଦୀର୍ଘ ଦିନ ଧରି ବନ୍ଦୀ ଜୀବନ ଯାପନ କରୁଥିଲେ ଓ ଭୋକ ଉପାସରେ ତାଙ୍କର ଶରୀର ବହୁତ ଦୁର୍ବଳ ହୋଇ ଯାଇଥିଲା, ସେ ବାହାରକୁ ଆସି ମକ୍କାବାସୀଙ୍କୁ ଭର୍ତ୍ସନା କରି କହିଲେ ଯେ ସେମାନଙ୍କର ଏତେ ଦୀର୍ଘ ସମୟର ସାମାଜିକ ବାସନ୍ଦ କୌଣସି ପ୍ରକାରେ ଆଦୌ ନ୍ୟାୟୋଚିତ ବିଷୟ ନୁହେଁ । ଏହି ପାଞ୍ଚଜଣ ଭଦ୍ରଲୋକଙ୍କର ବିଦ୍ରୋହ ଭାବ ସମଗ୍ର ମକ୍କାରେ ବିଜୁଳି ବେଗରେ ପ୍ରସାରିତ ହେଲା । ମାନବିକତା ପୁଣି ନିଜ ମୁଣ୍ଡ ଟେକିବା ଆରମ୍ଭ କଲା ଓ ଅନ୍ତରାତ୍ମା ଜାଗି ଉଠିଲା ତଥା ବିବେକ ଉଦ୍ରେକ ହେଲା । ଫଳତଃ ମକ୍କାବାସୀ ଏହି କୁତ୍ସିତ ନିଷ୍ପତ୍ତିକୁ ଭଙ୍ଗ କରିବାକୁ ବାଧ୍ୟ ହେଲେ । ଚୁକ୍ତି ଭଙ୍ଗ ତ ସମାପ୍ତ ହୋଇଗଲା, କିନ୍ତୁ ଦୀର୍ଘ ତିନି ବର୍ଷର ଭୋକ ଉପାସ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବା ଆରମ୍ଭ କରିଦେଲା । ଅଳ୍ପ ଦିନ ମଧ୍ୟରେ ମୁହମ୍ମଦ[ସଅ]ଙ୍କ ଅତି ଆପଣାର ଅନୁରକ୍ତ ଅର୍ଦ୍ଧାଙ୍ଗିନୀ ହଜରତ୍ ଖଦିଜା[ରଅ]ଙ୍କର ଏହି ବହିଷ୍କୃତ ଦିନମାନଙ୍କରେ ଅନାହାର ଯୋଗୁଁ ମୃତ୍ୟୁ ହୋଇଥିଲା । ଏହାର ଏକ ମାସ ପରେ ନିଜ କକା ଅବୁତାଲିବ ମଧ୍ୟ ପରଲୋକ ଗମନ କଲେ ।

## ହଜରତ ଖଦିଜା ଓ ଅବୁତାଲିବଙ୍କ ମୃତ୍ୟୁ ପରେ ପ୍ରଚାରରେ ବାଧା ଏବଂ ମୁହମ୍ମଦ[ସଅ]ଙ୍କ ତାୟଫ୍ ଅଭିମୁଖେ ଯାତ୍ରା

ହଜରତ ମୁହମ୍ମଦ[ସଅ] ଓ ତାଙ୍କ ଅନୁଚରଗଣ ଅବୁତାଲିବ୍ଙ୍କ ପରି ଜଣେ ମେଳାପୀ ପରାମର୍ଶଦାତାଙ୍କୁ ହରାଇଲେ । ହଜରତ ମୁହମ୍ମଦ[ସଅ]ଙ୍କ ପାରିବାରିକ ଜୀବନ ସଂଗିନୀ ଖଦିଜା ମଧ୍ୟ ତାଙ୍କୁ ବିରହ ବେଦନାର ସାଗରରେ ଭସାଇ ଇହଲୋକ ସମ୍ବରଣ କଲେ । ଏହି ଦୁଇଜଣଙ୍କ ନିଧନ ହେବା ଦ୍ୱାରା ସେମାନଙ୍କ ସହାନୁଭୂତିର ପ୍ରଭାବ ମଧ୍ୟ ମୁହମ୍ମଦ[ସଅ] ଓ ତାଙ୍କ ଅନୁଚର ବର୍ଗଙ୍କ ମଧ୍ୟରେ ସ୍ୱାଭାବିକ ଭାବରେ ହ୍ରାସ ପାଇଲା । ଯେଉଁ ସମ୍ପର୍କ ଯୋଗୁଁ ଉତ୍ପୀଡନକାରୀଙ୍କ ଅତ୍ୟାଚ୍ଚର କବଳରୁ ସେମାନେ ରକ୍ଷା ପାଉଥିଲେ । ତେବେ ଅବୁତାଲିବଙ୍କ ସଦ୍ୟ ମୃତ୍ୟୁର ଆଘାତ ଯୋଗୁଁ ତାଙ୍କର ଇଚ୍ଛାପତ୍ର ଅନୁସାରେ ତାଙ୍କ ସାନ ଭାଇ ଅବୁଲହବ୍ କିଛି ଦିନ ଅବଶ୍ୟ ସହଯୋଗ କଲେ । କିନ୍ତୁ ଯେତେବେଳେ ମକ୍କାର ବିରୋଧୀ ଲୋକମାନେ ଅବୁଲହବ୍ଙ୍କୁ ଏହା କହି ଉତ୍ତେଜିତ କଲେ ଯେ ଯେଉଁମାନେ ଏକେଶ୍ୱରବାଦକୁ ସ୍ୱୀକାର କରୁ ନାହାନ୍ତି,

ଅପରାଧରେ ଦଣ୍ଡିତ ହେବା ଯୋଗ୍ୟ ବୋଲି କହୁଛନ୍ତି । ସୁତରାଂ ନିଜ ପୂର୍ବଜମାନଙ୍କ ସ୍ୱାଭିମାନର ଆବେଗରେ ଆସି ଅବୁଲହବ୍ ହଜରତ୍ ମୁହମ୍ମଦ[ସଅ]ଙ୍କ ସଙ୍ଗ ପରିତ୍ୟାଗ କଲା ଓ ପଣ କଲା ଯେ ଭବିଷ୍ୟତରେ ମଧ୍ୟ ସେ ପୂର୍ବପେକ୍ଷା ଆହୁରି ଅଧିକ ମାତ୍ରାରେ ଶତ୍ରୁତା ଆଚରଣ କରିବ । ଦୀର୍ଘ ତିନି ବର୍ଷ ଧରି ଜ୍ଞାତି କୁଟୁମ୍ବଙ୍କୁ ଛାଡି ଅନ୍ୟ ଜାଗାରେ ନିର୍ବାସିତ ଗୃହବନ୍ଦୀ ପରି ସଂପର୍କ ଛିନ୍ନ କରି ରହିବା ଦ୍ୱାରା ସେମାନଙ୍କ ରକ୍ତ ସମ୍ପର୍କରେ ସେତେଟା ଉଷ୍ମତା ନଥିଲା । ମକ୍କାବାସୀ ମୁସଲମାନମାନଙ୍କ ସହିତ କଥାବାର୍ତ୍ତା ବନ୍ଦ କରି ଦେବାରେ ଅଭ୍ୟସ୍ତ ଥିଲେ । ସେଥିପାଇଁ ପ୍ରଚ୍ଚର କାର୍ଯ୍ୟର ପରିସର ସୀମିତ ହୋଇ ରହିଗଲା । ଏହି ଦୃଶ୍ୟ ଦେଖି ହଜରତ ମୁହମ୍ମଦ[ସଅ] ମକ୍କା ପରିବର୍ତ୍ତେ ତାୟିଫ୍ ସହରର ଜନସାଧାରଣଙ୍କ ନିକଟକୁ ଯାଇ ଇସଲାମ୍ ଧର୍ମ ଆଡ଼କୁ ନିମନ୍ତ୍ରଣ କରିବା ସକାଶେ ଚିନ୍ତା କରୁଥିଲେ । ତାଙ୍କର ଏହି ଚିନ୍ତାଧାରା ଜନିତ ସଂକଳ୍ପକୁ ମକ୍କାବାସୀଙ୍କ ବିରୁଦ୍ଧାଚରଣ ଆହୁରି ଅଧିକ ଦୃଢ଼ିଭୂତ କରିଦେଲା । ପ୍ରଥମତଃ ମକ୍କାବାସୀ ତାଙ୍କର କୌଣସି କଥା ଶୁଣିବା ପାଇଁ ପ୍ରସ୍ତୁତ ନଥିଲେ । ଦ୍ୱିତୀୟତଃ ସେମାନଙ୍କର ଏହା ଦୈନନ୍ଦିନ ଅଭ୍ୟାସ ହୋଇଗଲା ଯେ ମୁହମ୍ମଦ[ସଅ] ଙ୍କ ମକ୍କାରେ ବିଚରଣ କରିବାକୁ ଦିଆଯିବ ନାହିଁ । ଯଦି ସେ ଘରୁ ବାହାରକୁ ବାହାରୁଥିଲେ, ମକ୍କାର ଅମାନ୍ୟକାରୀ ତାଙ୍କ ମୁଣ୍ଡରେ ମାଟି ଓ ଆବର୍ଜନା ଆଦି ଫିଙ୍ଗୁଥିଲେ ଯେପରି ସେ କୌଣସି ବ୍ୟକ୍ତିଙ୍କ ସହିତ ସାକ୍ଷାତ୍ କରି ପାରିବେ ନାହିଁ । ଥରେ ଏପରି ଅବସ୍ଥାରେ ମହାଭାଗ ଗୃହକୁ ଫେରିବାରୁ ତାଙ୍କର ଜଣେ ଝିଅ ପିତାଙ୍କ ମୁଣ୍ଡରୁ ମାଟିକୁ ଝାଡ଼ି ସଫା କରୁ କରୁ କାନ୍ଦିବାରେ ଲାଗିଲା । ସେ ଝିଅକୁ ସାନ୍ତ୍ୱନା ଦେଇ କହିଲେ, 'ହେ ମୋର ଗେହ୍ଲା ଝିଅ ! ତୁ କାନ୍ଦନା, କାରଣ ଅଲ୍ଲାଃ ତୋ ବାପାଙ୍କ ସହିତ ଅବଶ୍ୟ ଅଛନ୍ତି (ଇବନେ ହିଶାମ୍, ପ୍ରଥମ ଭାଗ ପୃଷ୍ଠା ୧୪୫ରୁ ଉଦ୍ଧୃତ) ।'

ସେ ଦୁଃଖଜନିତ ପୀଡା ଯୋଗୁଁ ଘାବରା ହେଉ ନଥିଲେ । କିନ୍ତୁ ଏ ବିଷୟରେ କଷ୍ଟ ତାଙ୍କୁ ବେଶୀ ବାଧୁଥିଲା ଯେ ଲୋକମାନେ ତାଙ୍କ କଥା ଶୁଣିବା ପାଇଁ ପ୍ରସ୍ତୁତ ନଥିଲେ । ଦୁଃଖ କଷ୍ଟ ତ ତାଙ୍କର ଦେହସୁହା ହୋଇ ଯାଇଥିଲା । କିନ୍ତୁ ଯେଉଁ ଦିନ ତାଙ୍କୁ କୌଣସି ବ୍ୟକ୍ତି କଷ୍ଟ ଦେଉ ନଥିଲା, ସେହି ଦିନଟି ତାଙ୍କୁ ସର୍ବାଧିକ ଦୁଃଖ ଦେଉଥିଲା । ଏହା ଲେଖାଅଛି ଯେ ଦିନେ ସେ ମକ୍କାର ଗଳିରେ ପ୍ରଚ୍ଚର କରିବା ସକାଶେ ବାହାରିଲେ । କିନ୍ତୁ କୌଣସି ଯୋଜନାନୁଯାୟୀ ତାଙ୍କ ସହିତ କେହି ଜଣେ ହେଲେ ବ୍ୟକ୍ତି ମଧ୍ୟ କଥାବାର୍ତ୍ତା କଲା ନାହିଁ କି କୌଣସି ପ୍ରକାର ଗାଳିମନ୍ଦ କଲା ନାହିଁ ନା କୌଣସି ଦାସ ନା କେହି ଦାସତ୍ୱରୁ ମୁକ୍ତ ବ୍ୟକ୍ତି । ଏହା ଦେଖି ସେ ଅତି ମନ ଦୁଃଖରେ ଆସି ଘର ଭିତରେ ଚୁପ୍‌ଚାପ ଶୋଇ ପଡିଲେ । ଏପରିକି ଅଲ୍ଲାଃ ସ୍ୱୟଂ ବିରାଜମାନ

ହୋଇ ତାଙ୍କୁ ଶାନ୍ତ୍ୱନା ଦେଲେ ଓ କହିଲେ, 'ଯାଅ, ପୁନଶ୍ଚ ନିଜର ଲୋକଙ୍କୁ ଧର୍ମକଥା ଶୁଣାଅ, ବାରମ୍ବାର ଶୁଣାଅ । ପୁନର୍ବାର ସାବଧାନ କରାଅ ଓ ସେମାନଙ୍କ ଅଣଦେଖା ଓ ବେଖାତିର ଭାବ ପ୍ରତି କୌଣସି ଧ୍ୟାନ ଦିଅ ନାହିଁ । ସୁତରାଂ ରସୁଲେ କରିମ୍ (ଦିବ୍ୟ ବାର୍ତ୍ତାବହ)[ସଅ]ଙ୍କୁ ଏହା ଖରାପ ଲାଗୁ ନଥିଲା ଯେ ତାଙ୍କୁ ଲୋକମାନେ ଦୁଃଖ ଓ ଯାତନା ଦେଉଥିଲେ । ତଥାପି ସେଥିରେ ସେ ମ୍ରିୟମାଣ ହୋଇ ନଥିଲେ । କିନ୍ତୁ ଈଶ୍ୱରଙ୍କ ପ୍ରେରିତ ଦୂତ ଯିଏ ସଂସାରର ପ୍ରକୃତ ମାର୍ଗଦର୍ଶନ କରିବା ପାଇଁ ଆସନ୍ତି, ସେ କଦାପି ଏହା ସହ୍ୟ କରି ପାରନ୍ତି ନାହିଁ ଯେ ଲୋକମାନେ ତାଙ୍କ ସହିତ ବାର୍ତ୍ତାଳାପ କରିବେ ନାହିଁ କିମ୍ବା ତାଙ୍କ କଥା ଶୁଣିବା ପାଇଁ ପ୍ରସ୍ତୁତ ହେବେ ନାହିଁ । ଏପରି ନିରର୍ଥକ ଓ କର୍ମହୀନ ଜୀବନ ତାଙ୍କ ପକ୍ଷେ ଅତି ଦୁର୍ବିସହ ଓ ସର୍ବାଧିକ କଷ୍ଟଦାୟକ ଥିଲା । ଏହି ପରିପ୍ରେକ୍ଷୀରେ ସେ ଅନ୍ୟ ଏକ ସହର ତାୟଫ ଅଭିମୁଖେ ଯିବା ପାଇଁ ବଦ୍ଧ ପରିକର ହେଲେ ଏବଂ ତାୟଫର ଲୋକମାନଙ୍କୁ ଈଶ୍ୱରଙ୍କ ବାର୍ତ୍ତା ପହଞ୍ଚାଇବା ପାଇଁ ସ୍ଥିର କଲେ । କାରଣ ନବିମାନଙ୍କର ଏହା କର୍ତ୍ତବ୍ୟ ହେଉଛି ଯେ ସେମାନେ ଭିନ୍ନ ଭିନ୍ନ ଜାତିଙ୍କୁ ସମ୍ବୋଧିତ କରିବା ପାଇଁ ଇତଃସ୍ତତ ଭାବରେ ଭ୍ରମଣ କରିଥାନ୍ତି । ଏଥି ପୂର୍ବରୁ ଈଶ୍ୱରଙ୍କ ଅନ୍ୟ ଏକ ନବୀ ଇହୁଦୀ ଧର୍ମରେ ହଜରତ ମୁସା (ମୋସେସ୍) ମଧ୍ୟ କେବେ ମିଶରର ଫିରଔନ୍ (ଫାରୋ ରାଜା)ଙ୍କ ଲୋକଙ୍କ ଆଡକୁ ତ କେବେ ଇସହାକ୍‌ଙ୍କ ଅନୁଗାମୀଙ୍କୁ । ପୁଣି କେବେ ମଦୟନର ଲୋକଙ୍କ ପାଖକୁ ଧର୍ମ ପ୍ରଚ୍ଚର ଉଦ୍ଦେଶ୍ୟରେ ଯାଉଥିଲେ । ସେହିପରି ଯୀଶୁଖ୍ରୀଷ୍ଟ (ହଜରତ ଇସା) ମଧ୍ୟ ଧର୍ମ ପ୍ରଚ୍ଚର ସକାଶେ କେବେ ଗାଲିଲି ଆଡକୁ ତ କେବେ ୟରଦୁନ ସେପାରିର ଲୋକଙ୍କ ପାଖକୁ । କେବେ ପୁଣି ଜେରୁଜେଲମ୍ ଆଡକୁ ତ ଆଉ କେବେ ଅନ୍ୟାନ୍ୟ ଜନବସତି ଅଭିମୁଖେ ଯିବାକୁ ପଡିଥିଲା । ଯେବେ ମକ୍କାର ଲୋକମାନେ ତାଙ୍କ କଥାକୁ କର୍ଣ୍ଣପାତ କରିବା ବନ୍ଦ କରିଦେଲେ, ମାଡଗାଳି ଦେବାକୁ ମନରେ ସ୍ଥିର କରିନେଲେ, ସେତେବେଳେ ମୁହମ୍ମଦ[ସଅ] ମକ୍କାରୁ ପ୍ରାୟ ୬୦ମାଇଲ ଦୂରରେ ଥିବା ତାୟଫ୍ ନାମକ ସହର ଯାହା ନିଜର ଉର୍ବର ଜମି ତଥା ଫଳ ବଗିଚ୍ଚ ପାଇଁ ପ୍ରସିଦ୍ଧି ଲାଭ କରିଥିଲା, ସେଠାକୁ ଯିବାକୁ ମନସ୍ଥ କଲେ । ଏହି ସହର ମଧ୍ୟ ବହୁଦେବ ପୂଜା ବିଧି ସକାଶେ ମକ୍କା ଠାରୁ କିଛି କମ୍ ନଥିଲା । କାବା ମନ୍ଦିରରେ ରଖା ଯାଇ ଥିବା ଲାତ୍ ନାମକ ଏକ ବୃହଦାକାର ପ୍ରତିମା ତାୟଫ୍‌ର ଖ୍ୟାତିର କାରଣ ଥିଲା । ଏହାର ଦର୍ଶନ ପାଇଁ ସମଗ୍ର ଆରବର ବହୁ ଦୂର ଦୂରାନ୍ତରୁ ଦର୍ଶନାର୍ଥୀ ଆସୁଥିଲେ । ତାୟଫର ଲୋକମାନଙ୍କ ସହିତ ମକ୍କାବାସୀଙ୍କର ଅନେକ ସୁସମ୍ପର୍କ ରହିଥିଲା । ମକ୍କା ଓ ତାୟଫ ସହର ମଧ୍ୟରେ ଥିବା ମରୁଦ୍ୟାନ ଓ ଅନ୍ୟାନ୍ୟ ସବୁଜିମା ଅଞ୍ଚଳରେ ମକ୍କାବାସୀଙ୍କର ଜମିଜମା ସମ୍ପତ୍ତି ମଧ୍ୟ ରହି ଥିଲା ।

ଯେତେବେଳେ ହଜରତ ମୁହମ୍ମଦ[ସଅ] ତାୟଫରେ ପହଞ୍ଚିଲେ, ସାକ୍ଷାତ କରିବା ପାଇଁ ତାୟଫର ବହୁ ସମ୍ଭ୍ରାନ୍ତ ମୁଖିଆ ସର୍ଦ୍ଦାରମାନେ ଆସିବାକୁ ଲାଗିଲେ । କିନ୍ତୁ କୌଣସି ବ୍ୟକ୍ତି ସତ୍ୟକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନଥିଲା । ଜନସାଧାରଣ ମଧ୍ୟ ସେମାନଙ୍କର ନିଜ ସର୍ଦ୍ଦାରମାନଙ୍କ କଥାକୁ ସମର୍ଥନ କଲେ । ଈଶ୍ୱରଙ୍କ ବାର୍ତ୍ତାକୁ ହୀନ ଚକ୍ଷୁରେ ଦେଖିଲେ ଓ ବସ୍ତୁବାଦ ଆଧାରରେ ବିଚାର କଲେ । ଭୌତିକ ଦୁନିଆର ଲୋକମାନଙ୍କ ଦୃଷ୍ଟିରେ ସେହି ନିଃସହାୟ, ନିରୀହ ପ୍ରତିପତ୍ତି ବିହୀନ ନବୀ ତିରସ୍କୃତ ହୋଇଥାନ୍ତି । ସାଂସାରିକ ଲୋକ ତ ଅସ୍ତ୍ରଶସ୍ତ୍ରର ଝଙ୍କାର ଓ ସେନାବାହିନୀର ରଣହୁଙ୍କାର ଶୁଣିବା ପାଇଁ ଚାହାନ୍ତି । ହଜରତ ମୁହମ୍ମଦ[ସଅ]ଙ୍କ ବିଷୟରେ ପୂର୍ବରୁ ସେମାନେ ସବୁ ଜାଣି ସାରିଥିଲେ । ସେମାନେ ଦେଖିଲେ ଯେ ତାଙ୍କ ସହିତ କୌଣସି ଦଳବଳ କିମ୍ବା ସଶସ୍ତ୍ର ସେନାବାହିନୀ ଆସିଥାନ୍ତେ । କିନ୍ତୁ ସେପରି ସ୍ଥଳେ ଏକମାତ୍ର ସାଥୀ ଜୈଦ୍ ସହିତ ମୁହମ୍ମଦ[ସଅ] ଆସି ତାୟଫ୍‌ର ପ୍ରସିଦ୍ଧ କ୍ଷେତ୍ରରେ ଧର୍ମ ପ୍ରଚାର କରୁଛନ୍ତି । ସେହି ଅଜ୍ଞାନରେ ଅନ୍ଧ ହୃଦୟହୀନ ବ୍ୟକ୍ତିଙ୍କ ସମ୍ମୁଖରେ ସେ ଈଶ୍ୱର ପ୍ରେରିତ ନବୀ ନଥିଲେ ବରଂ ସେମାନଙ୍କ ଦୃଷ୍ଟିରେ ଘୃଣାର ପାତ୍ର ସ୍ୱରୂପ ଥିଲେ, ଯାହାଙ୍କୁ ସେ ଅତି ହେୟ ମନେ କରୁଥିଲେ । ତେଣୁ ଏହି ଲୋକମାନେ ଭାବିଲେ ଯଦି ଏହିପରି ଏକ ତୁଚ୍ଛ ମାନବକୁ ଯନ୍ତ୍ରଣା ଦିଆଯାଏ, ତା'ହେଲେ ସର୍ଦ୍ଦାରମାନଙ୍କ ଚକ୍ଷୁରେ ଆମେ ସମ୍ମାନିତ ବ୍ୟକ୍ତି ରୂପେ ବିବେଚିତ ହେବୁ । ଏହା କରିବା ଦ୍ୱାରା ସେମାନେ ନିଜର ବଡ଼ପଣ ଦେଖାଇ ପାରିବେ । ଏହିପରି ଚିନ୍ତା କରି ସମସ୍ତେ ଦିନେ ଏକଜୁଟ ହେଲେ । ପଞ୍ଚାଏ କୁକୁରଙ୍କୁ ସାଥୀରେ ନେଲେ । ବାଲୁଙ୍ଗା ଟୋକାମାନଙ୍କୁ ମତାଇଲେ ଓ ନିଜ ଥଳିରେ ଟେକା ପଥର ଭର୍ତ୍ତି କଲେ ଏବଂ ଅତି ନିଷ୍ଠୁର ଭାବେ ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ପଥର ବର୍ଷା ଆରମ୍ଭ କରିଦେଲେ । ଅତି ଅମାନୁଷିକ ଭାବେ ଆକ୍ରମଣ କରି ଲହୁଲୁହାଣ କରି ଦେଲେ ଓ ତାଙ୍କୁ ଘଉଡାଇ ସହରର ଶେଷ ମୁଣ୍ଡରେ ନେଇ ଛାଡି ଦେଲେ । ଜୈଦ୍[ରଅ] ତାଙ୍କୁ ବଞ୍ଚାଇବାକୁ ଯାଇ ନିଜେ ମଧ୍ୟ ଗୁରୁତର ଭାବେ ଆହତ ହେଲେ । ସେତିକିରେ ମଧ୍ୟ ସେମାନଙ୍କ ହୃଦୟ ଶାନ୍ତ ହେଲାନାହିଁ । ଯଦ୍ୱାରା ସେ ଦୁହିଁଙ୍କୁ ସହର ଠାରୁ ବହୁ ଦୂର ପାହାଡ ପର୍ଯ୍ୟନ୍ତ ଧାଇଁବାକୁ ପଡିଲା । ତାଙ୍କ ପଛରେ ଗୋଡାଇ ଗୋଡାଇ ପାପିଷ୍ଠମାନେ ଆକ୍ରମଣ କରି ଚାଲିଥିଲେ । ତଥାପି ସେମାନେ ତାଙ୍କର ଆଦୌ ପିଛା ଛାଡିଲେ ନାହିଁ । ଯେତେବେଳେ ସେମାନେ ଉଭୟଙ୍କ ପଶ୍ଚାତଧାବନ କରୁଥିଲେ, ହଜରତ ମୁହମ୍ମଦ[ସଅ] ବିବ୍ରତ ହୋଇ ଏହି ଭୟରେ ଆକାଶ ମାର୍ଗକୁ ବାରମ୍ବାର ଦେଖୁଥିଲେ ଯେ କାଳେ ଈଶ୍ୱରଙ୍କ ପ୍ରକୋପ ଏମାନଙ୍କ ଉପରେ ପଡିଯିବ । ସେ ଆକାଶକୁ ଚାହିଁ ବିଦଗ୍ଧ ପ୍ରାଣରେ ଏହିପରି ଆକୁଳ ହୋଇ ପ୍ରାର୍ଥନା କରୁଥିଲେ; 'ହେ

ଈଶ୍ୱର ! ଏମାନଙ୍କୁ କ୍ଷମା କରନ୍ତୁ । ଏମାନେ ଅଜ୍ଞ କିଛି ଜାଣି ପାରୁ ନାହାନ୍ତି ଯେ ଏମାନେ କ'ଣ କରୁଛନ୍ତି ।' କ୍ଷତାକ୍ତ ଶରୀର, ବିଦଗ୍ଧ ବଦନ, କ୍ଲାନ୍ତ ଶ୍ରାନ୍ତ ମନ ଓ ଲାଞ୍ଛିତ, ତିରସ୍କୃତ ନିଷ୍ପାପ ପ୍ରାଣକୁ ନେଇ ସେହି ମହାମାନବଟି ନିକଟସ୍ଥ ଏକ ଅଙ୍ଗୁର ଉଦ୍ୟାନର ଛାୟାରେ ଯାଇ ଆଶ୍ରୟ ନେଲେ । ସେହି ଉଦ୍ୟାନର ମାଲିକ ମକ୍କାର ଦୁଇଜଣ ସର୍ଦ୍ଦାର ଥିଲେ । ସେମାନେ ସେଦିନ ତାଙ୍କ ଅଙ୍ଗୁର ଉଦ୍ୟାନରେ ଉପସ୍ଥିତ ଥିଲେ । ସେହି ସର୍ଦ୍ଦାର ଦ୍ୱୟ ହଜରତ ମୁହମ୍ମଦ[ସଅ]ଙ୍କ ପୁରୁଣା ଦୁର୍ଦ୍ଦାନ୍ତ ଶତ୍ରୁ ଥିଲେ, ଯେଉଁମାନେ ଦୀର୍ଘ ଦଶ ବର୍ଷ କାଳ କଠୋର ଶତ୍ରୁତା ଆଚରଣ ପୂର୍ବକ ଜୀବନ ଅତିବାହିତ କରିଥିଲେ । କିନ୍ତୁ ଆଜି ତାୟଫ୍ ଲୋକମାନେ ମକ୍କାର ସେହି ବ୍ୟକ୍ତିଙ୍କୁ ଏପରି କ୍ଷତାକ୍ତ କରି ଦେଇଥିଲେ, ଯାହା ସେମାନଙ୍କୁ ହୃଦୟରେ ଗଭୀର ଭାବେ ରେଖାପାତ କଲା । ଏହା ସେହି ମୁହୂର୍ତ୍ତ ଥିଲା ଯେବେ କିଞ୍ଚିତ ପୂଣ୍ୟର ଭାବନା ତାଙ୍କ ହୃଦୟରେ ଜାଗି ଉଠିଲା । ତେଣୁ ସେମାନେ ଏକ ଥାଳିରେ ଥାଳିଏ ହେବ ସଦ୍ୟ ପକ୍ୱ ଅଙ୍ଗୁର ନିଜର କ୍ରୀତଦାସ ଅଦାସଙ୍କ ହାତରେ ଦେଇ କହିଲେ, 'ଯାଅ, ସେହି ପଥଚ୍ଚାରୀ ଦ୍ୱୟଙ୍କୁ ଦେଇଆସ ।' ଅଦାସ ନୈନୁଓ୍ୱା (ନିନେଭା) ଦେଶର ଏକ ଖ୍ରୀଷ୍ଟିୟାନ ଯୁବକ ଥିଲା । ସେ ଫଳଭରା ଥାଳିକୁ ନେଇ ତାଙ୍କୁ ଅର୍ପଣ କରିବାରୁ ମହମ୍ମଦ[ସଅ] କହିଲେ, 'ଅଶେଷ ଦୟାବାନ ଓ ସଦା କରୁଣାମୟ ପରମେଶ୍ୱରଙ୍କ ନାମ ଧରି ମୁଁ ଏହାକୁ ଗ୍ରହଣ କରୁଛି ।' ଏହା ଶୁଣି ଏହା ଦେଖି ଅଦାସର ଧାର୍ମିକ ଭାବନା ପୁନଃ ଜାଗୃତ ହେଲା ଏବଂ ସେ ଅନୁଭବ କଲା ଯେ ତା' ସମ୍ମୁଖରେ ଈଶ୍ୱରଙ୍କ ଜଣେ ନବୀ ବିରାଜିତ  ହୋଇଛନ୍ତି, ଯିଏ ଇସ୍ରାଇଲୀୟ ନବିଙ୍କ ଭାଷାରେ ବାର୍ତ୍ତାଳାପ କରୁଛନ୍ତି । ହଜରତ ମୁହମ୍ମଦ[ସଅ] ଅଦାସକୁ ପ୍ରଶ୍ନ କଲେ, 'ଆପଣ କେଉଁ ଦେଶର ବାସିନ୍ଦା ?' ସେ ଉତ୍ତର ଦେଲା, 'ଆଜ୍ଞା ମୁଁ ନିନେଭରୁ ଆସିଛି ।' ଏହା ଶୁଣି ସେ କହିଲେ 'ତୁମେ ସେହି ସ୍ଥାନରୁ ଆସିଛ ଯେଉଁଠାରେ ପୂଣ୍ୟାତ୍ମା ୟୁନୁସ୍ (ମାଥ୍ୟୁଙ୍କ ସନ୍ତାନ)ଙ୍କ ଜନ୍ମସ୍ଥାନ ଓ ସେ ନିନେଭର ବାସିନ୍ଦା । ସେ ମୋ ସଦୃଶ ଈଶ୍ୱରଙ୍କ ତରଫରୁ ଜଣେ ଶାନ୍ତିଦୂତ ହୋଇ ଆସିଥିଲେ ।' ପୁଣି ସେ ନିଜ ଧର୍ମର ସାରତତ୍ୱ ଆଦାସକୁ ବୁଝାଇବାରେ ଲାଗିଲେ । ଏହା ଶୁଣି ଅଦାସଙ୍କ କୌତୁହଳତା କ୍ଷଣିକ ମଧ୍ୟରେ ଆଶ୍ଚର୍ଯ୍ୟରେ ପରିବର୍ତ୍ତିତ ହୋଇଗଲା । ବର୍ତ୍ତମାନ ସେହି ଆଶ୍ଚର୍ଯ୍ୟ ତାକୁ ବିଶ୍ୱାସରେ ପରିଣତ କରିଦେଲା । କିଛି କ୍ଷଣ ମଧ୍ୟରେ ସେହି ଅପରିଚିତ ଦାସ ଅଶ୍ରୁଭରା ନୟନରେ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କୁ କୁଣ୍ଢାଇ ପକାଇ ତାଙ୍କ ହସ୍ତ ପଦାଦିକୁ ଚୁମ୍ବନ ଦେବାରେ ଲାଗିଲା । ଅଦାସଙ୍କ କଥାରୁ କ୍ଷାନ୍ତ ହୋଇ ସେ ଅଲ୍ଲାଃଙ୍କ ପ୍ରତି ଧ୍ୟାନମଗ୍ନ ପୂର୍ବକ ନିମ୍ନମତେ ପ୍ରାର୍ଥନା କଲେ;

اَللّٰهُمَّ اِلَيْكَ اَشْكُوْ ضُعْفَ قُوَّتِيْ وَقِلَّةَ حِيْلَتِيْ وَ هَوَانِيْ عَلَى
النَّاسِ يَاۤاَرْحَمَ الرَّاحِمِيْنَ اَنْتَ رَبُّ الْمُسْتَضْعَفِيْنَ وَاَنْتَ رَبِّيْ اِلٰى
مَنْ تَكِلُنِيْ اِلٰى بَعِيْدٍ يَتَجَهَّمُنِيْ اَمْ اِلٰى عَدُوٍّ مَلَّكْتَهٗ اَمْرِيْ اِنْ لَّمْ
يَكُنْ بِكَ عَلَيَّ غَضَبٌ فَلَا اُبَالِيْ وَلٰكِنْ عَافِيَتُكَ هِيَ اَوْسَعُ لِيْ۔
اَعُوْذُ بِنُوْرِ وَجْهِكَ الَّذِيْ اَشْرَقَتْ لَهُ الظُّلُمٰتُ وَصَلُحَ عَلَيْهِ
اَمْرُ الدُّنْيَا وَالْاٰخِرَةِ مِنْ اَنْ تُنَزِّلَ بِيْ غَضَبَكَ اَوْيَحِلَّ عَلَيَّ سَخَطُكَ
لَكَ الْعُقْبٰى حَتّٰى تَرْضٰى وَلَا حَوْلَ وَلَا قُوَّةَ اِلَّا بِكَ

ଅଲ୍ଲାହୁମ୍ମା ଇଲୈକା ଅଶ୍‌କୋ ଜୁଉଫା କୁଓ୍ୱତି ଓ୍ୱ କିଲ୍‌ଲତା ହିଲତି ଓ୍ୱ ହଓ୍ୱାନି ଅଲନ୍‌ନାସି ୟା ଅର୍‌ହମର୍ ରାହେମିନ୍ । ଅନ୍‌ତା ରବ୍‌ବୁଲ୍ ମୁସତଜ୍ ଅଫିନା ଓ୍ୱ ଅନ୍‌ତା ରବ୍‌ବି ଇଲା ମନ୍ ତକେଲୁନି ଇଲା ବଇଦିନ୍ ୟତଜହ୍‌ହମୁନି ଅମ୍‌ଇଲା ଅଦୁଓ୍ୱିନ୍ ମଲକ୍‌ତହୁ ଅମରୀ ଇନ୍‌ଲମ୍ ୟକୁନ୍ ବେକା ଅଲୟା ଗଜବୁନ୍ ଫଲା ଉବାଲି ଓ୍ୱଲାକିନ୍ ଆଫିୟତୁକା ହେୟା ଅଓସଉଲି ଆଉଜୋ ବିନୁରେ ଓ୍ୱଜ୍‌ହିକଲ୍ଲଜି ଅଶ୍‌ରକତ୍ ଲହୁଜ୍ ଜୋଲୋମାତୋ ଓ୍ୱସ୍‌ଲୋହା ଅଲୈହି ଅମ୍‌ରୁଦ୍ଦୁନ୍‌ୟା ଓ୍ୱଲ୍ ବିଲ୍ ଆଖିରତେ ମିନ୍ ଅନତୁନଜ୍ଜିଲା ବିଗଜବକା ଅଓ ୟହିଲ୍ଲା ଅଲୟା ସଖତୁକା ଲକଲ୍ ଉକ୍‌ବା ହତ୍‌ତା ତର୍‌ଜା ଓ୍ୱଲାହୌଲା ଓ୍ୱଲା କୁଓ୍ୱତା ଇଲ୍ଲାବିକା ।

(ସିରତ୍ ଇବ୍‌ନେ ହିଶାମ୍, ପ୍ରଥମ ଭାଗ, ପୃଷ୍ଠା ୧୪୭)

ଅର୍ଥାତ୍ "ହେ ମୋର ଅଲ୍ଲାଃ ! ମୁଁ ମୋର ସାଧନର ଅଭାବ ଓ ଲୋକମାନଙ୍କ ଦ୍ୱାରା ତିରସ୍କୃତ ହୋଇ ଓ ନିରୁପାୟ ହେବାରେ ଦୟନୀୟ ଅବସ୍ଥା ସକାଶେ ତୁମ୍ଭ ନିକଟରେ ଗୁହାରୀ କରୁଛି । ତୁମ୍ଭେ ଅସହାୟ ଓ ଦୁର୍ବଳର ସହାୟକ । ତୁମ୍ଭେ ମୋର ମଧ୍ୟ ପ୍ରଭୁ । ମୋତେ ତୁମ୍ଭେ କେଉଁ ପ୍ରକାର ଲୋକଙ୍କ ହାତରେ ଛାଡିଦେବ ? କଣ ଅଚିହ୍ନା ଲୋକଙ୍କ ହାତରେ ଯେଉଁମାନେ ମୋତେ ଏଣେତେଣେ ଧକ୍କା ମାରି ଚାଲିବେ ? କଣ ସେହି ଶତ୍ରୁଙ୍କ ହାତରେ ଯେଉଁମାନେ ମୋ ନିଜ ମାତୃଭୂମି ଉପରେ କବଜା କରି ସାରିଛନ୍ତି ? ଯଦି ମୋ ପ୍ରତି ତୁମ୍ଭର କୌଣସି ରୋଷ ନାହିଁ, ତା'ହେଲେ ମୁଁ ଦୁନିଆକୁ ଖାତିର୍ କରୁନାହିଁ । ତୁମ୍ଭର ମୋ ଉପରେ ଦୟା ଦୃଷ୍ଟି ଅତୁଟ ରହିଥିଲେ ତାହା ମୋ ପାଇଁ ସର୍ବୋତ୍କୃଷ୍ଟ ସୁରକ୍ଷା କବଚ । ମୁଁ ତୁମ୍ଭର ଶରଣ ଭିକ୍ଷା କରୁଛି

ଓ ମୁଁ ତୁମ୍ଭ ଚରଣାଶ୍ରୀତ । ସମ୍ମୁଖର ଅନ୍ଧକାରକୁ ତୁମ୍ଭେ ଜ୍ୟୋତିରେ ବଦଳାଇ ଦିଅ । ନିଜର ପ୍ରକୋପିତ ସ୍ୱାଭିମାନ ତଥା ଆକ୍ରୋଶର ଜ୍ୱାଳାରୁ ଆମ୍ଭକୁ ସୁରକ୍ଷିତ ରଖ । ତୁମ୍ଭର ମହାକୋପ ଯଦି କେବେ ପଡିଯିବ, ତାହା ଏଥିପାଇଁ ହେଉ ଯେ ପରକ୍ଷଣରେ ପୁଣି ତାହା ନିଜ ଭକ୍ତଙ୍କ ଉପରେ ପ୍ରସନ୍ନତା ପ୍ରକଟ କରୁ । ତୁମ୍ଭ ବ୍ୟତୀତ ନା କୌଣସି ପ୍ରକୃତ ସହାୟକ ଶକ୍ତି ଅଛି ନା କୌଣସି ଶରଣର ସ୍ଥାନ ।"

(ଇବ୍‌ନେ ହିଶାମ୍, ପ୍ରଥମ ଭାଗ, ପୃଷ୍ଠା ୧୪୭)

ଉପରୋକ୍ତ ପ୍ରାର୍ଥନା ଉପରାନ୍ତେ ସେ ମକ୍କା ସହର ଆଡ଼କୁ ଅଗ୍ରସର ହେଲେ । କିନ୍ତୁ ରାସ୍ତା ମଝିରେ ସେ ନଖଲା ନାମକ ସ୍ଥାନରେ ଅଟକି ଗଲେ । ସେଠାରେ କିଛି ଦିନ ବିଶ୍ରାମ ନେଇ ପୁଣି ମକ୍କା ଆଡ଼କୁ ପଦଯାତ୍ରା କଲେ । କିନ୍ତୁ ଆରବର ପ୍ରଥାନୁସାରେ ଯୁଦ୍ଧ ଯୋଗୁଁ ମକ୍କା ଛାଡ଼ି ଚାଲିଯାଇ ଥିବାରୁ ସେ ଆଉ ମକ୍କାର ନାଗରିକ ହୋଇ ରହିଲେ ନାହିଁ । ଏବେ ମକ୍କାବାସୀଙ୍କ ଏହା ଅଧିକାର ଥିଲା ଯେ ତାଙ୍କୁ ସେମାନେ ମକ୍କା ଭିତରକୁ ପ୍ରବେଶ କରିବା ପାଇଁ ଅନୁମତି ଦେବେ କି ନାହିଁ । ସେଥିପାଇଁ ମହାଭାଗ ମକ୍କାର ଏକ ସର୍ଦ୍ଦାର ମୋତଅମ୍ ବିନ୍ ଅଦି'ଙ୍କ ନିକଟକୁ ସନ୍ଦେଶ ପଠାଇଲେ ଯେ ମୁଁ ମକ୍କାରେ ପ୍ରବେଶ କରିବା ପାଇଁ ଅନୁମତି ଚାହୁଁଛି । କ'ଣ ତୁମେ ମକ୍କାରେ ପ୍ରଚଳିତ ନିୟମାନୁସାରେ ମୋତେ ଆସିବାକୁ ଅନୁମତି ଦେବ ? ମୁତଅମ୍ ତାଙ୍କର ପରମ ଶତ୍ରୁ ହୋଇଥିଲେ ସୁଦ୍ଧା ସେ ଜଣେ ସୁଶୀଳ ସ୍ୱଭାବଯୁକ୍ତ ବ୍ୟକ୍ତି ମଧ୍ୟ ଥିଲା । ସେହି ମୁହୂର୍ତ୍ତରେ ସେ ନିଜର ପୁତ୍ର ଓ ପରିଜନମାନଙ୍କୁ ଏକତ୍ରୀତ କରିବା ସହିତ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଖା'ନା କାବା ପ୍ରାଙ୍ଗଣରେ ଉପସ୍ଥିତ ହୋଇ ହଜରତ ମୁହମ୍ମଦ[ସଅ]ଙ୍କ ନିକଟକୁ ଖବର ଦେଲା ଯେ ସେ ମହାଭାଗଙ୍କୁ ମକ୍କା ଆସିବାକୁ ଅନୁମତି ପ୍ରଦାନ କରୁଛି । ହଜରତ ମୁହମ୍ମଦ[ସଅ] ମକ୍କାରେ ପ୍ରବେଶ କରି କା'ବା ଗୃହ ପରିକ୍ରମା(ତଓ୍ୱାଫ୍)କଲେ । ଏହାପରେ ମୁତଅମ୍ ନିଜ ସନ୍ତାନ ଓ ପରିଜନଙ୍କ ସହିତ ନଗ୍ନ ତରବାରୀ ଉତ୍ତୋଳନ ପୂର୍ବକ ହଜରତ ମୁହମ୍ମଦ[ସଅ]ଙ୍କୁ ତାଙ୍କ ଘର ପର୍ଯ୍ୟନ୍ତ ସୁରକ୍ଷିତ ଅବସ୍ଥାରେ ନେଇ ପହଞ୍ଚାଇ ଦେଇଥିଲେ । ଏହା ତାଙ୍କ ପାଇଁ ଶରଣ ନଥିଲା, କାରଣ ଏହାପରେ ମଧ୍ୟ ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ଇସଲାମ ଧର୍ମର ପ୍ରଚାର କାରଣରୁ ନିରନ୍ତର ଅତ୍ୟାଚାର ହେଉଥିଲା । କିନ୍ତୁ ସେତେବେଳେ ମୁତଅମ୍ କୌଣସି ସୁରକ୍ଷା ପ୍ରଦାନ କରି ନଥିଲା । ବରଂ ତାହା କେବଳ ମକ୍କାରେ ପ୍ରବେଶ କରିବା ପାଇଁ ବିଧି ସଂଗତ ଅନୁମତି ମିଳିଥିଲା । ତାଙ୍କର ତାୟଫ୍ ଯାତ୍ରା ସମ୍ବନ୍ଧରେ ଶତ୍ରୁଙ୍କୁ ମଧ୍ୟ ଏହା ସ୍ୱୀକାର କରିବାକୁ ପଡିଲା ଯେ ସେହି କରୁଣାର ବାର୍ତ୍ତାବହ ମୁହମ୍ମଦ[ସଅ] ନିଜର ଅସୀମ ଧୈର୍ଯ୍ୟ ଓ ବଳିଦାନର ଅଭୂତପୂର୍ବ ଆଦର୍ଶ ପ୍ରଦର୍ଶନ କରିଥିଲେ । ସୁତରାଂ ସାର

ୱିଲିୟମ୍ ମିୟୋର ନିଜ ପୁସ୍ତକ 'ମହମ୍ମଦ'ରେ ଲେଖିଛନ୍ତି,

"ମୁହମ୍ମଦ[ସଅ]ଙ୍କ ତାୟଫ ଯାତ୍ରାରେ ଏକ ଉତ୍କୃଷ୍ଟ ବିରତ୍ୱର ପରିଚୟ ମିଳେ । ଏକାକୀ ବ୍ୟକ୍ତି, ଯାହାକୁ ନିଜ ଜାତିର ଲୋକ ତିରସ୍କାର ଦୃଷ୍ଟିରେ ଦେଖୁଥିଲେ ଓ ତାଙ୍କୁ ସାମାଜିକ ବହିଷ୍କାର ମଧ କରିଦେଲେ । ସେ ଈଶ୍ୱରଙ୍କ ନାମରେ ଈଶ୍ୱରଙ୍କ ବାର୍ତ୍ତା ପହଞ୍ଚାଇବା ପାଇଁ ଠିକ୍ ନିନେଭାର ଯୋନାହ ନବିଙ୍କ ସଦୃଶ ଏକ ପ୍ରତିମା ପୂଜକ ସହରରେ କ୍ଷମା ମାଗିଲେ । ସେ ଆପଣାକୁ ପୂର୍ଣ୍ଣତଃ ଈଶ୍ୱର ପ୍ରେରିତ ବୋଲି ବୁଝି ଥିବାର ସେହି ଦୃଢ ବିଶ୍ୱାସ ଉପରେ ଏହି ଘଟଣା ପ୍ରଚଣ୍ଡ ଭାବରେ ପ୍ରକାଶ ପକାଉଛି ।"

(Life of Muhammad by Willium Muir pp 112,113 Endinburg)

ମକ୍କା ପୁଣି ଥରେ ସେମାନଙ୍କୁ ନିକ୍ଷେପିତ ଓ ଉପହସିତ କରିବାର ଦ୍ୱାର ଖୋଲିଦେଲା । ପୁଣି ଥରେ ଈଶ୍ୱରଙ୍କ ନବିଙ୍କ ପାଇଁ ତାଙ୍କ ମାତୃଭୂମି ନର୍କର ଗହ୍ୱର ହୋଇଗଲା । ତଥାପି ମକ୍କାର ଗଳିରେ 'ଈଶ୍ୱର ଏକ, ଈଶ୍ୱର ଏକ'ର ନିନାଦ ଗୁଞ୍ଜରିତ ହୋଇ ଉଠିଲା । ପ୍ରେମ, ସ୍ନେହ ଓ କଲ୍ୟାଣକାରୀ କାର୍ଯ୍ୟ ଦ୍ୱାରା ମାନବସେବା କରିବା ପୂର୍ବକ ମୂର୍ତ୍ତିପୂଜା ବିରୁଦ୍ଧରେ ସେ ସଦୁପଦେଶ ଦେଉଥିଲେ । ଲୋକମାନେ ମୁହଁ ମୋଡି ଚାଲି ଯାଉଥିଲେ, କିନ୍ତୁ ସେ ତାଙ୍କ ପଛରେ ପଡି ଯାଇଥିଲେ । ଲୋକ ତାଙ୍କ ପ୍ରତି ବିମୁଖ ହୋଇ ଅସୁୟା ଭାବ ପ୍ରଦର୍ଶନ କରୁଥିଲେ । ଅଥଚ ସେ ଅଲ୍ଲାଃଙ୍କ ବାଣୀ ଶୁଣାଇ ଚାଲିଥିଲେ । ସତ୍ୟ ଧୀରେ ଧୀରେ ହୃଦୟରେ ବସା ବାନ୍ଧୁଥିଲା । ସେହି ଅଳ୍ପ ସଂଖ୍ୟକ ମୁସଲମାନ ଯେଉଁମାନେ ହବ୍‌ଶାକୁ ଦେଶାନ୍ତର ହେବାରୁ ବଞ୍ଚିତ ରହି ମକ୍କାରେ ଆସି ରହି ଯାଇଥିଲେ, ସେମାନେ ନିଜର ବନ୍ଧୁ ବାନ୍ଧବ ଓ ପ୍ରିୟଜନଙ୍କୁ ଭିତରେ ଭିତରେ ଧର୍ମପ୍ରଚାର କରିଥିଲେ । କେତେକ ଲୋକଙ୍କ ପକ୍ଷେ ସତ୍ୟକୁ ଗ୍ରହଣ କରିବାରେ କୌଣସି ଦ୍ୱିଧା ଉପୁଜି ନଥିଲା ଓ ସେମାନଙ୍କ ବିଶ୍ୱାସରେ ଜ୍ୟୋତି ଭରି ଯାଇଥିଲା । କିନ୍ତୁ ଅନ୍ୟ କେତେକ ଲୋକ ଧର୍ମର ସତ୍ୟତାକୁ ହୃଦୟଙ୍ଗମ କରିଥିଲେ ସୁଦ୍ଧା ସେମାନଙ୍କୁ ଗ୍ରହଣ କରିବାର ସୌଭାଗ୍ୟ ମିଳି ନଥିଲା । କେବେ ସେ ଦିନ ଆସିବ, ସେମାନଙ୍କ ସାମ୍ରାଜ୍ୟ ପ୍ରତିଷ୍ଠା ହେବ । ତା'ପରେ ଯାଇ ସେମାନେ ସେଥିରେ ଅନ୍ତର୍ଭୁକ୍ତ ହେବେ, ସେହି ଦିନର ପ୍ରତୀକ୍ଷାରେ ସେମାନେ ରହିଥିଲେ ।

## ମଦିନାର ବାସିନ୍ଦାମାନଙ୍କ ଇସ୍‌ଲାମ ଧର୍ମ ଗ୍ରହଣ

ଏହି ଅବଧିରେ ହଜରତ ମହମ୍ମଦ[ସଅ]ଙ୍କୁ ଈଶ୍ୱରଙ୍କ ତରଫରୁ ବାରମ୍ବାର ସୂଚନା ଦିଆ ଯାଇଥିଲା ଯେ ତୁମର ଦେଶାନ୍ତର ଗମନ ବା 'ହିଜରତ୍'ର ଦିନ

ପାଖେଇ ଆସୁଛି ତଥା ଏହା ମଧ୍ୟ ସ୍ପଷ୍ଟ ରୂପେ ତାଙ୍କ ଉପରେ ପ୍ରକଟ କରାଗଲା ଯେ ତାଙ୍କର ହିଜରତ ଏପରି ଏକ ସହରକୁ ହେବ, ଯେଉଁଠାରେ ଜଳକୂପ ଅଛି ଓ ଖଜୁରୀ ଗଛର ମରୁଦ୍ୟାନ ମଧ୍ୟ ରହିଛି । ମହାଭାଗ ଏହାକୁ ୟମନ୍ ବୋଲି ଭାବିଲେ, ଯେଉଁ ସ୍ଥାନକୁ ହିଜରତ୍ କରିଯାଇ ହେବ । କିନ୍ତୁ ହୃଦୟରେ ଏହି ବିଚାରରେ ଅତି ଶୀଘ୍ର ପରିବର୍ତ୍ତନ ଆସିଲା । ଅଲ୍ଲାଃଙ୍କ ନିର୍ଦ୍ଦେଶ କ୍ରମେ ଏପରି ଏକ ସ୍ଥାନକୁ ଯିବାକୁ ପଡ଼ିପାରେ, ଯେଉଁଠାରେ ଇସଲାମ୍ ଧର୍ମର ସୁରକ୍ଷା ଅବଶ୍ୟ ରହିଥିବ ଓ ଇସଲାମର କେନ୍ଦ୍ରଭୂମି ରୂପେ ଈଶ୍ୱର ଏହାକୁ ପ୍ରସ୍ତୁତ କରିବେ ।

ଇତି ମଧ୍ୟରେ ହଜ୍ ଯାତ୍ରାର ପର୍ବ ଆରମ୍ଭ ହୋଇଗଲା । ଆରବର ଚତୁଃଦିଗରୁ ହଜ୍ ତୀର୍ଥ ପାଇଁ ଲୋକମାନେ ଆସି ମକ୍କାରେ ଏକଜୁଟ୍ ହେବାକୁ ଲାଗିଲେ । ହଜରତ ମୁହମ୍ମଦ[ସଅ] ନିଜ ସ୍ୱଭାବ ଅନୁସାରେ ଯେଉଁଠାରେ ତୀର୍ଥ ଯାତ୍ରୀ ଏକତ୍ରୀତ ହୋଇଥିବାର ଦେଖୁଥିଲେ, ସେମାନଙ୍କ ନିକଟକୁ ଯାଇ ଚିରାଚରିତ ଢଙ୍ଗରେ ଏକେଶ୍ୱରବାଦର ବାଣୀକୁ ଶୁଣାଇବାରେ ଲାଗି ପଡୁଥିଲେ । ଈଶ୍ୱରଙ୍କ ସାମ୍ରାଜ୍ୟ ଅବିଳମ୍ବେ ପ୍ରତିଷ୍ଠା ହେବାର ଶୁଭ ସମ୍ବାଦ ଦେଉଥିଲେ । ସେହିପରି ଅତ୍ୟାଚାର, ବିଶୃଙ୍ଖଳା, ବ୍ୟଭିଚାର ଓ ଦୁଷ୍କାମି ଆଦି ପ୍ରବୃତ୍ତିରୁ ନିଜକୁ ରକ୍ଷା କରିବା ପାଇଁ ପ୍ରବଚନ ଦେଉଥିଲେ । ହଜ କରିବାକୁ ଆସିଥିବା କେତେକ ଲୋକ ଏହାକୁ ଶୁଣୁଥିଲେ ଓ ଆଶ୍ଚର୍ଯ୍ୟ ପ୍ରକଟ କରି ଅଲଗା ବାଟରେ ଚାଲି ଯାଉଥିଲେ । ଯେଉଁ କେତେକ ଲୋକ ଧ୍ୟାନ ଦେଇ ଶୁଣୁଥିଲେ, ସେମାନଙ୍କୁ ମକ୍କାବାସୀ ତୁରନ୍ତ ତଡ଼ି ଦେଉଥିଲେ । ଅନ୍ୟ କେତେକ ଲୋକ ଯେଉଁମାନେ ମକ୍କାବାସୀଙ୍କ ଠାରୁ ତାଙ୍କ ବିରୁଦ୍ଧରେ ପୂର୍ବରୁ ଶୁଣି ସାରିଥିଲେ, ସେମାନେ ଏହି ବାଣୀକୁ ହସରେ ଉଡାଇ ଦେଇ ଚାଲି ଯାଉଥିଲେ । ଏହି ପରିସ୍ଥିତିରେ ମିନା ନାମକ ଘାଟିରେ ସେ ଭ୍ରମଣ କରୁଥିବା ବେଳେ ଛଅ ସାତ ଜଣ ଯାତ୍ରୀ ଯେଉଁମାନେ ମଦିନାର ବାସିନ୍ଦା ଥିଲେ, ସେମାନଙ୍କୁ ଦେଖି ମହାଭାଗ ପଚାରିଲେ, 'ଆପଣମାନେ କେଉଁ କବିଲାର (ଜନଜାତି ଗୋଷ୍ଠୀର ଲୋକ)' ? ସେମାନେ ଉତ୍ତର ଦେଲେ 'ଆମେ ଖଜ୍‌ରଜ୍ କବିଲାର' । ତହୁଁ ହଜରତ ମୁହମ୍ମଦ[ସଅ] ପଚାରିଲେ 'ସେହି କବିଲା ଇହୁଦୀମାନଙ୍କ 'ହଲିଫ୍' ଭାବରେ ନେତୃତ୍ୱ ନେଇଛନ୍ତି ? (ଏପରି ଦୁଇ ସଦସ୍ୟ ଯେଉଁମାନେ ପରସ୍ପରର ସହାୟତା ପାଇଁ ପ୍ରତିଜ୍ଞା କରିଛନ୍ତି) । ସେମାନେ କହିଲେ 'ହଁ' । ହଜରତ ମୁହମ୍ମଦ[ସଅ] କହିଲେ 'କ'ଣ ଆପଣମାନେ କିଛି ସମୟ ଏଠାରେ ବସି ମୋ' କଥା ଟିକିଏ ଶୁଣିବେ ?' ଯେହେତୁ ସେହି ଲୋକମାନେ ଏଥିପୂର୍ବରୁ ହଜରତ ମୁହମ୍ମଦ[ସଅ]ଙ୍କ ବିଷୟରେ ଶୁଣିଥିଲେ ଓ ତାଙ୍କ ଦାବୀ ସମ୍ପର୍କରେ ସେମାନେ ଅଧିକ ଜାଣିବା ପାଇଁ ଉତ୍ସୁକ ଥିଲେ । ତେଣୁ ତାଙ୍କ କଥାକୁ

ସ୍ୱୀକାର କଲେ ଓ ହଜରତ ମୁହମ୍ମଦ[ସଅ]ଙ୍କ ବାଣୀ ଶୁଣିବାକୁ ଲାଗିଲେ । ସେ ସେମାନଙ୍କୁ ଅବଗତ କରାଇଲେ ଯେ ଈଶ୍ୱରଙ୍କ ସାମ୍ରାଜ୍ୟ ପ୍ରତିଷ୍ଠା ହେବାର ସମୟ ଆସନ୍ନ । ସଂସାରରୁ ମୂର୍ତ୍ତୀପୂଜାର ଅବସାନ ଘଟିବ ଓ ଏକେଶ୍ୱରବାଦ ପ୍ରତିଷ୍ଠା ହେବ । ପୁଣ୍ୟ ଓ ସତ୍‌କର୍ମର ପୁନର୍ବାର ପୃଥିବୀରେ ଜୟ ଜୟକାର ହେବ । କ'ଣ ମଦିନାର ଲୋକେ ଏଭଳି ମହାନ୍ ପୁରସ୍କାର ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି ? ସେମାନେ ଏହି କଥା ଶୁଣି ଅତ୍ୟନ୍ତ ପ୍ରଭାବିତ ହେଲେ । ଏବଂ କହିଲେ 'ଆପଣଙ୍କ ଶିକ୍ଷାକୁ ତ ଆମେ ସ୍ୱୀକାର କରୁଛୁ । କିନ୍ତୁ କଥା ହେଉଛି ଯେ ମଦିନା ଆପଣଙ୍କୁ  ଶରଣ ଦେବା ପାଇଁ ପ୍ରସ୍ତୁତ ଅଛି କି ନାହିଁ ? ଏଥିପାଇଁ ଆମେମାନେ ମଦିନା ଯାଇ ନିଜ ସଂପ୍ରଦାୟ ସହିତ ଆଲୋଚନା କରିବୁ । ପୁଣି ଆଗାମୀ ବର୍ଷ ହଜ୍ ଯାତ୍ରା ସମୟରେ ଆମ ଜାତିର ନିଷ୍ପତ୍ତି ସମ୍ବନ୍ଧରେ ଆପଣଙ୍କୁ ଆସି ବତାଇବୁ ।'        (ଇବନେ ହିଶାମ୍, ପ୍ରଥମ ଭାଗ, ପୃଷ୍ଠା ୧୫୦ରୁ ୧୫୬)

ଏହି ହଜ ଯାତ୍ରୀଗଣ ମଦିନା ପ୍ରତ୍ୟାବର୍ତ୍ତନ କଲେ ଓ ସେଠାରେ ସେମାନେ ନିଜର ଭାଇବନ୍ଧୁ, ଜ୍ଞାତିକୁଟୁମ୍ବ ତଥା ସାଙ୍ଗ ସାଥୀମାନଙ୍କୁ ହଜରତ ମୁହମ୍ମଦ[ସଅ]ଙ୍କ ଶିକ୍ଷା ସମ୍ବନ୍ଧରେ ଅବଗତ କରାଇଲେ । ଏହି ସମୟରେ ମଦିନାରେ ଦୁଇଟି ଆରବୀୟ କବିଲା (ଜନଜାତି ଗୋଷ୍ଠୀ) ଅଓସ୍ ଓ ଖଜରଜ୍ ବସବାସ କରୁଥିଲେ । ସେହିପରି ତିନୋଟି ଇହୁଦୀ କବିଲା ବନୁ କୁରୈଜା, ବନୁ ନଜିର୍ ଓ ବନୁ କୈନ୍‌କାଓ ମଧ୍ୟ ରହୁଥିଲେ । ଅଓସ୍ ଓ ଖଜରଜ୍ ମଧ୍ୟରେ ସର୍ବଦା କଳହ ଲାଗି ରହିଥିଲା । ବନୁ କୁରୈଜା ଓ ବନୁ ନଜିର ଅଓସ୍ ଗୋଷ୍ଠୀ ସହିତ ଏବଂ ବନୁ କୈନ୍‌କାଓ ଖଜରଜ୍ ଗୋଷ୍ଠୀରେ ସାମିଲ୍ ଥିଲେ । ସେମାନେ ଶେଷରେ ଅନୁଭବ କଲେ ଯେ ସେମାନଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ରହି ଆସିଥିବା ମନୋମାଳିନ୍ୟ ଦୂର କରିବା ତଥା ଆପୋଷରେ ମିଳାମିଶା କରିବା ଉଚିତ ହେବ । ଶେଷରେ ପରସ୍ପର ବିଚ୍ଚର ବିମର୍ଷ କରି ନିଷ୍ପତ୍ତି ଗ୍ରହଣ କଲେ ଯେ ଅବ୍ଦୁଲ୍ଲା ବିନ୍ ଉବୟ ବିନ୍ ଯିଏ ଖଜରଜ୍ ଗୋଷ୍ଠୀର  ସର୍ଦ୍ଦାର ଥିଲା, ତାକୁ ସମଗ୍ର ମଦିନାର ରାଜା ତଥା ଉଭୟ ଅଓସ୍ ଓ ଖଜରଜ୍ ଦଳର ଦଳପତି ରୂପେ ସ୍ୱୀକାର କରାଯାଉ । ଇହୁଦୀ ସମ୍ପ୍ରଦାୟ ସହିତ ସମ୍ପର୍କ ରହିଥିବା ଯୋଗୁଁ ଅଓସ୍ ଓ ଖଜରଜ୍ ଗୋଷ୍ଠୀର ଲୋକମାନେ ବାଇବେଲର ପୁରାତନ ନିୟମରେ ଥିବା ଭବିଷ୍ୟତ ବାଣୀ ଶୁଣୁଥିଲେ । ଯେବେ ଇହୁଦୀମାନେ ନିଜର ସଂକଟ ଓ କଷ୍ଟର ସମୟକୁ ବର୍ଣ୍ଣନା କରୁଥିଲେ, ତାହା ସହିତ ଏହା ମଧ୍ୟ କହି ଦେଉଥିଲେ ଯେ ବାଇବେଲର ଭବିଷ୍ୟତବାଣୀ ଅନୁଯାୟୀ ହଜରତ ମୁସା(ମୋସେସ)ଙ୍କ ଅନୁରୂପରେ ଜଣେ ଦୂତଙ୍କ ଆବିର୍ଭାବ ହେବାର ଅଛି ଓ ସେହି ସମୟ ନିକଟତର ହେଉଛି । ଯେବେ ସେ ଆସିବେ, ପୁଣି ଥରେ ଆମେମାନେ ସଂସାର ଉପରେ ବିଜୟ ପ୍ରାପ୍ତ କରିବା । ୟୁହୁଦି ମାନଙ୍କ

ଶତ୍ରୁଙ୍କୁ ବିନାଶ କରାଯିବ । ସେହି ହଜ୍ ଯାତ୍ରୀମାନଙ୍କ ଠାରୁ ଯେତେବେଳେ ମଦିନାବାସୀ ହଜରତ ମୁହମ୍ମଦ(ସଅ)ଙ୍କ ଦାବୀ ସମ୍ବନ୍ଧରେ ଶୁଣିଲେ, ସେତେବେଳେ ତାଙ୍କର ସତ୍ୟତା ସେମାନଙ୍କ ହୃଦୟରେ ସ୍ଥାପିତ ହୋଇଗଲା । ସେମାନେ କହିଲେ 'ଯେ ତ ସେହି ନବୀ ଜଣା ପଡୁଛନ୍ତି, ଯାହାଙ୍କ ଆସିବା ସମ୍ବନ୍ଧରେ ୟୁହୁଦି ମାନେ ଆମମାନଙ୍କୁ ସମ୍ବାଦ ଦେଉଥିଲେ । ସୁତରାଂ ଅନେକ ଯୁବକ ମୁହମ୍ମଦ(ସଅ)ଙ୍କ ଶିକ୍ଷାର ସତ୍ୟତା ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କର ସହାୟକ ସିଦ୍ଧ ହେଲା । ଏହାର ପରବର୍ତ୍ତୀ ବର୍ଷ ମଦିନାରୁ ଲୋକମାନେ ହଜ କରିବା ପାଇଁ ମକ୍କା ଆସିଥିଲେ । ଏଥର ଆସିଥିବା ବାର ଜଣ ବ୍ୟକ୍ତି ଏହି ଲକ୍ଷ୍ୟ ନେଇ ଆସିଥିଲେ ଯେ ସେମାନେ ମହମ୍ମଦ(ସଅ)ଙ୍କ ଧର୍ମରେ ସମ୍ମିଳିତ ହୋଇଯିବେ । ସେମାନଙ୍କ ଧରେ ଦଶ ଜଣ ଖଜ୍‌ରଜ୍ ଗୋଷ୍ଠୀର ଓ ଦୁଇଜଣ ଅଓସ୍ ଗୋଷ୍ଠୀର ଥିଲେ । ମିନା ନାମକ ସ୍ଥାନରେ ସେମାନେ ହଜରତ ମୁହମ୍ମଦ(ସଅ)ଙ୍କ ହାତରେ ଦୀକ୍ଷା ନେବା ସହିତ ଏହା ମଧ୍ୟ ଶପଥ ନେଇଥିଲେ ଯେ ଏକ ଈଶ୍ୱରଙ୍କ ବ୍ୟତୀତ ସେମାନେ ଅନ୍ୟ କାହାର ଉପାସନା କରିବେ ନାହିଁ । ସେମାନେ ଚୋରି କରିବେ ନାହିଁ, ବ୍ୟଭିଚାର କରିବେ ନାହିଁ, ନିଜ କନ୍ୟାମାନଙ୍କୁ ହତ୍ୟା କରିବେ ନାହିଁ, ସେମାନେ ପରସ୍ପର ମଧ୍ୟରେ ମିଥ୍ୟା ଆରୋପ ଲଗାଇବେ ନାହିଁ । ସେମାନେ କସ୍ମିନ୍ କାଳେ ପ୍ରଭୁ ଦୂତ ନବିଙ୍କ ଶାଶ୍ୱତ ଶିକ୍ଷାର ଅବଜ୍ଞା ମଧ୍ୟ କରିବେ ନାହିଁ । ଏହି ବ୍ୟକ୍ତିମାନେ ମଦିନାକୁ ଫେରିବା ପରେ ସେଠାରେ ଜୋର୍‌ସୋର୍‌ରେ ପ୍ରଚାର ଆରମ୍ଭ କରିଦେଲେ । (ଇବନେ ହିଶାମ, ପ୍ରଥମ ଭାଗ, ପୃଷ୍ଠା ୧୫୦-୧୫୬)

ଏହାର ପରିଣାମ ସ୍ୱରୂପ ମଦିନାର ଗୃହମାନଙ୍କର ପ୍ରତିମାଗୁଡିକ ଫିଙ୍ଗା ହେବାରେ ଲାଗିଲା । ମୂର୍ତ୍ତି ଆଗରେ ନତମସ୍ତକ ହେଉଥିବା ଲୋକମାନେ ଏଣିକି ଏକ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହା ଆଗରେ ନତମସ୍ତକ ହେବାକୁ ପ୍ରସ୍ତୁତ ନ ଥିଲେ । ସେମାନେ ଏହି କାର୍ଯ୍ୟରେ ଗର୍ବ ଅନୁଭବ କରୁଥିଲେ ଯେ ଶହ ଶହ ବର୍ଷ ଧରି ସେମାନଙ୍କ ବନ୍ଧୁତା ତଥା ଧର୍ମ ପ୍ରଚାର କରାଯିବା ଦ୍ୱାରା ଯେଉଁ ପରିବର୍ତ୍ତନ ହୋଇପାରୁ ନଥିଲା, ଆଜି ଇସଲାମ୍ ସେହି ପରିବର୍ତ୍ତନ ସ୍ୱଳ୍ପ କେତେକ ଦିନରେ କରି ଦେଖାଇଲା । ଏହା ଆଶ୍ଚର୍ଯ୍ୟର କଥା ନୁହେଁ ତ ଆଉ କ'ଣ ? ଏକେଶ୍ୱରବାଦର ଉପଦେଶ ମଦିନାର ଜନସାଧାରଣଙ୍କ ହୃଦୟରେ ବାସ କରିଗଲା । ଜଣ ଜଣ ହୋଇ ଲୋକମାନେ ଆସୁଥିଲେ ଓ ମୁସଲମାନଙ୍କୁ କହୁଥିଲେ 'ଆମକୁ ତୁମ ଧର୍ମବାଣୀର ଶିକ୍ଷା ଦିଅ' । କିନ୍ତୁ ମଦିନାସ୍ଥିତ ଇସଲାମ୍‌ରେ ନବି ଦୀକ୍ଷିତ ମୁସଲମାନମାନେ ନା ନିଜେ ଇସଲାମୀୟ ଶିକ୍ଷା ସମ୍ବନ୍ଧରେ ସମ୍ପୂର୍ଣ୍ଣ ପରିଚିତ ଥିଲେ ନା ସେମାନଙ୍କ ସଂଖ୍ୟା ଏପରି ଥିଲା ଯେ

ସେମାନେ ହଜାର ହଜାର ଲୋକଙ୍କୁ ଇସଲାମ ସମ୍ବନ୍ଧରେ ବିସ୍ତାର ପୂର୍ବକ କହି ପାରିବେ । ସେଥିପାଇଁ ସେମାନେ ମକ୍କାକୁ ଲୋକ ପଠାଇ ଜଣେ ପ୍ରଚାରକ ପ୍ରେରଣ କରିବା ପାଇଁ ଅନୁରୋଧ କଲେ । ଦିବ୍ୟ ରସୁଲ[ସଅ] ଜଣେ ପ୍ରଚାରକ ମୁସଅବ୍[ରଅ]ଙ୍କୁ ଯିଏ କି ହବ୍‌ସା(ଆବିସିନିଆ)ରୁ ପ୍ରତ୍ୟାବର୍ତ୍ତନ କରିଥିଲେ, ମଦିନାକୁ ଇସଲାମର ପ୍ରଥମ ପ୍ରଚାରକ ରୂପେ ପ୍ରେରଣ କରିଥିଲେ । ମୁସଅବ୍[ରଅ] ମକ୍କା ବାହାରେ ଇସଲାମ ଧର୍ମର ପ୍ରଥମ ପ୍ରଚାରକ ରୂପେ ଖ୍ୟାତି ଅର୍ଜନ କରିଥିଲେ ।

## ଇସରା (ସ୍ୱପ୍ନାବସ୍ଥାରେ ରାତ୍ରୀକାଳୀନ ଯାତ୍ରା)

ଏହି ଦିନମାନଙ୍କରେ ପରମେଶ୍ୱର ହଜରତ ମୁହମ୍ମଦ[ସଅ]ଙ୍କୁ ଆଗାମୀ ସମୟ ସମ୍ବନ୍ଧରେ ଏକ ଅନ୍ୟ ଭବିଷ୍ୟତ ବାଣୀର ମହାନ ସୁସମାଚାର ଦେଲେ । ତାଙ୍କୁ ଏକ କଶଫ୍ (ଅର୍ଦ୍ଧ ନିମିଳିତ ନିଦ୍ରାବସ୍ଥା)ରେ ଯାତ୍ରା କରିଥିବାର ଅଲୌକିକ ଦୃଶ୍ୟ ଦେଖାଇ ଦିଆଗଲା ଯେ ସେ ଜେରୁଜେଲମ୍ ଗସ୍ତରେ ଯାଇଛନ୍ତି ।

(ଇବନେ ହିଶାମ୍, ପ୍ରଥମ ଭାଗ, ପୃଷ୍ଠା ୩୮ ଜୁରକାନୀ, ପ୍ରଥମ ଭାଗ, ପୃଷ୍ଠା ୩୦୬)

ଏଠାରେ ଜେରୁଜଲମ୍ ତାତ୍ପର୍ଯ୍ୟ ମଦିନାଙ୍କୁ ବୁଝାଇଥିଲା ଯାହା ଭିବଷ୍ୟତକୁ ଏକ ବ୍ରହ୍ମ ଉପାସନାର କେନ୍ଦ୍ରଭୂମି ହେବ । ତାଙ୍କ ପଛରେ ବିଭିନ୍ନ ଅବତାର ନମାଜ ପଢୁଥିବାର ଅର୍ଥ ହେଉଛି ଯେ ଭିନ୍ନ ଭିନ୍ନ ଧର୍ମ ଓ ଜାତିର ଲୋକ ତାଙ୍କ ଧର୍ମରେ ଆସି ମିଳିତ ହେବେ । ଏବଂ ତାଙ୍କ ଧର୍ମ ଇସଲାମ ଏକ ଆନ୍ତର୍ଜାତିକ ଧର୍ମ ରୂପେ ସାର୍ବଭୌମତ୍ୱ ଲାଭ କରିବ । ସୁତରାଂ ଏପରି ଏକ ସମୟରେ ମକ୍କାର ମୁସଲମାନ ଏକ କଠିନ ପରିସ୍ଥିତି ମଧ୍ୟଦେଇ ଗତି କରୁଥିଲେ । ତାଙ୍କ ଅନୁଚରମାନଙ୍କ ଉପରେ ଅତ୍ୟାଚାର ଓ ଉତ୍ପୀଡନ ଚରମ ସୀମାରେ ପହଞ୍ଚି ଯାଉଥିଲା । ସେତେବେଳେ ଉକ୍ତ କଶଫ୍‌ର ଘଟଣା ମକ୍କାର ବିରୋଧି ଲୋକଙ୍କ ପାଇଁ ଉପହାସ ଓ ତାଚ୍ଛଲ୍ୟର କାରଣ ହୋଇଗଲା । ସେମାନେ ନିଜ ଟୁଙ୍ଗୀରେ ଅର୍ଦ୍ଧ ନିଦ୍ରାବସ୍ଥାରେ ହୋଇଥିବା ଅଲୌକିକ ଦୃଶ୍ୟକୁ ଶୁଣାଇ ଥଟ୍ଟା ପରିହାସରେ ମାତିଗଲେ । କିନ୍ତୁ କିଏ ଜାଣିଥିଲା ଯେ ଏହି କଶଫ୍‌ର ଦୃଶ୍ୟ ନୂତନ ଜେରୁଜେଲମ୍ ନିର୍ମାଣର ଅୟମାରମ୍ଭ ହେବ ? ପ୍ରାଚ୍ୟ ଓ ପାଶ୍ଚାତ୍ୟର ବ୍ୟକ୍ତିସମୂହ ଈଶ୍ୱରଙ୍କ ଅନ୍ତିମ ବାର୍ତ୍ତାବହଙ୍କ ଅମୃତବଚନ ଶୁଣିବା ପାଇଁ ଅଧିର ହୋଇ କାନ ପାତି ବସିଛନ୍ତି ?

# ରୋମ ବିଜୟର ଭବିଷ୍ୟତବାଣୀ

ଏହି ସମୟରେ ରୋମ ଓ ଇରାନ୍ ସାମ୍ରାଜ୍ୟ ମଧ୍ୟରେ ଏକ ଭୟଙ୍କର ଯୁଦ୍ଧ ସଂଘଟିତ ହେଲା ଓ ଏଥିରେ ଇରାନ୍‌ର ବିଜୟ ହେଲା । ସିରିୟାରେ ଇରାନୀ ସେନା ବିସ୍ତାରିତ ହେଲେ । ଜେରୁଜେଲମ୍‌କୁ ଧ୍ୱଂସ କରି ଦିଆଗଲା । ଏପରିକି ସୈନ୍ୟବାହିନୀ ଗ୍ରୀକ୍ ତଥା ଏସିଆର ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବେଶ କଲେ । ଇରାନୀ ସେନାପତିମାନେ ବାସ୍‌ଫୋରସ୍‌ର ଆରମ୍ଭରେ କଷ୍ଟନଟାଇନ୍‌ର ଦଶ ମାଇଲ ଦୂରରେ ନିଜର ଯୁଦ୍ଧ ଶିବିର ସ୍ଥାପନ କରିଥିଲେ । ଏହି ଘଟଣାରେ ମକ୍କାବାସୀ ଅତ୍ୟନ୍ତ ଆନନ୍ଦ ଉପଭୋଗ କଲେ ଯେ ପ୍ରଭୁଙ୍କ ଲୀଳା ପ୍ରକଟ ହୋଇଗଲା । ମୂର୍ତ୍ତି ପୂଜକ ଇରାନୀୟମାନେ ଖ୍ରୀଷ୍ଟିଆନ୍ ରୋମାନ୍‌ମାନଙ୍କୁ ପରାଜିତ କରିଛନ୍ତି । କିନ୍ତୁ ଏହି ସମୟରେ ଅଲ୍ଲାଃ ହଜରତ ମୁହମ୍ମଦ[ସଅ] ଙ୍କୁ ସୂଚନା ଦେଲେ:

غُلِبَتِ الرُّومُ ۔ فِيٓ أَدْنَى الْأَرْضِ وَهُم مِّنۢ بَعْدِ غَلَبِهِمْ سَيَغْلِبُونَ ۔ فِي بِضْعِ سِنِينَ لِلَّهِ الْأَمْرُ مِن قَبْلُ وَمِنۢ بَعْدُ ۚ وَيَوْمَئِذٍ يَفْرَحُ الْمُؤْمِنُونَ ۔ بِنَصْرِ اللَّهِ ۚ يَنصُرُ مَن يَشَاءُ ۖ وَهُوَ الْعَزِيزُ الرَّحِيمُ ۔ وَعْدَ اللَّهِ ۖ لَا يُخْلِفُ اللَّهُ وَعْدَهُ وَلَٰكِنَّ أَكْثَرَ النَّاسِ لَا يَعْلَمُونَ

ଗୁଲିବତୀର୍ ରୁମ୍ ଫିଁ ଅଦ୍‌ନଲ୍ ଅରଜି ଓ୍ୱ ହୁମ୍ ମିମ୍‌ବାଦି ଗଲବେହିମ୍ ସୟଗ୍‌ଲେବୁନ । ଫିଁ ବିଜ୍‌ଇ ସେନୀନ୍, ଲିଲ୍ଲାହିଲ୍ ଅମରୁ ମିନ୍ କବଲୁ ଓ୍ୱମିନ୍ ବାଆଦି ଓ୍ୱୟୋମଏଜିଂ ୟଫ୍‌ରହୁଲ୍ ମୁ'ମେନୁନ୍ । ବେ ନସରିଲ୍ଲାହ; ୟନସୁରୁ ମୈଁୟଶା'ଓ ଓ୍ୱହୁଅଲ୍ ଅଜିଜୁର୍ ରହିମ୍ । ଓ୍ୱ ଆଦଲ୍ଲାହି ଲା ୟୁଖ୍‌ଲେଫୁଲ୍ଲାହୁ ଓ୍ୱାଦହୁ ଓ୍ୱଲାକିନ୍ନା ଅକ୍‌ସରନ୍ ନାସି ଲା ୟା' ଲମୁନ୍।

(ରୁମ୍: ୩-୫)

ଅର୍ଥାତ୍ 'ରୋମର ସେନାବାହିନୀ ଆରବ ନିକଟବର୍ତ୍ତୀ ଦେଶମାନଙ୍କରେ ପରାଜିତ ହୋଇଛନ୍ତି । କିନ୍ତୁ ପରାଜୟ ପରେ ଅଳ୍ପ ସମୟ ମଧ୍ୟରେ ସେମାନଙ୍କୁ ବିଜୟ ପ୍ରାପ୍ତ ହେବ । ଈଶ୍ୱରଙ୍କ ବିଧାନଯୁକ୍ତ ପ୍ରଶାସନ ସଂସାରରେ ପ୍ରଥମେ ବି ପ୍ରଚଳିତ ଥିଲା ଓ ଭବିଷ୍ୟତରେ ଏହା ମଧ୍ୟ ଚ୍ଲିବ । ଯେବେ ସେହି ବିଜୟ ମୁହୂର୍ତ୍ତ ଆସିବ, ସେତେବେଳେ ବିଶ୍ୱାସକାରୀଙ୍କୁ ମଧ୍ୟ ପ୍ରଭୁଙ୍କ କୃପାରୁ ପ୍ରସନ୍ନତା ପ୍ରାପ୍ତ ହେବ । ଈଶ୍ୱର ଯାହାଙ୍କୁ ମନୋନୀତ କରନ୍ତି,ତାକୁ ହିଁ ସାହାଯ୍ୟ କରିଥାନ୍ତି । ଈଶ୍ୱର ଅପାର ତେଜସ୍ୱୀ ଓ

କରୁଣାମୟ । ଏହା ସେହି ଈଶ୍ୱରଙ୍କ ସଂକଳ୍ପ, ଯାହାକୁ କେବେ ଭଙ୍ଗ କରନ୍ତି ନାହିଁ । କିନ୍ତୁ ବହୁତ ଲୋକେ ଈଶ୍ୱରଙ୍କ ଅପାର ଶକ୍ତିର ପରିଚୟ ପାଇ ନାହାନ୍ତି ।' (ରୁମ୍: ୩-୫)

କିଛି ବର୍ଷ ପରେ ପ୍ରଭୁ ଉପରୋକ୍ତ ଭବିଷ୍ୟତ ବାଣୀ ପୂରଣ କରିଥିଲେ । ଏକ ପକ୍ଷେ ଲୋକମାନେ ସାମ୍ରାଜ୍ୟକୁ ପରାଜିତ କରି ନିଜ ଦେଶକୁ ସ୍ୱତନ୍ତ୍ର କଲେ । ଅପର ପକ୍ଷେ ଯେପରି କୁହାଯାଇଛି, ସେହି ସମୟରେ ମୁସଲମାନଙ୍କ ପାଇଁ ମକ୍କା ବିରୋଧରେ ଧୀରେ ଧୀରେ ବିଜୟର ପଥ ଉନ୍ମୁକ୍ତ ହେବାକୁ ଲାଗିଲା । ଯଦିଚ ମକ୍କାର ଜନସାଧାରଣ ଏହା ବୁଝିଥିଲେ ଯେ ସେମାନେ ଲୋକମାନଙ୍କୁ ମୁସଲମାନମାନଙ୍କ କଥା ଶୁଣିବାରେ ଏବଂ ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରିବା ପାଇଁ ଉତ୍ତେଜିତ କରି ଇସଲାମ ଧର୍ମର ମୂଳୋତ୍ପାଟନ କରିବାରେ ସଫଳ ହୋଇଛନ୍ତି । ଅଥଚ ଈଶ୍ୱରଙ୍କ ବାଣୀ ନିରନ୍ତର ଭାବରେ ଇସଲାମର ବିଜୟର ସୂଚନା ପ୍ରଦାନ କରୁଥିଲା । ଏହା ମଧ୍ୟ ବତାଉଥିଲା ଯେ ଅବିଶ୍ୱାସକାରୀ ମକ୍କାବାସୀଙ୍କ ବିନାଶର ସମୟ ନିକଟରୁ ନିକଟତର ହୋଇ ଆସୁଛି । ସୁତରାଂ ସେହି ଦିନ ମାନଙ୍କରେ ହଜରତ ମୁହମ୍ମଦ[ସଅ] ସଶକ୍ତ ସ୍ୱରରେ ପବିତ୍ର କୁରଆନ୍‌ର ନିମ୍ନୋକ୍ତ ଐଶୀବାଣୀର ଘୋଷଣା ପ୍ରକାଶ କଲେ । وَقَالُوا لَوْلَا يَأْتِينَا بِآيَةٍ مِّن رَّبِّهِ ۚ أَوَلَمْ

تَأْتِهِم بَيِّنَةُ مَا فِي الصُّحُفِ الْأُولَىٰ ۔ وَلَوْ أَنَّا أَهْلَكْنَاهُم بِعَذَابٍ مِّن قَبْلِهِ لَقَالُوا

رَبَّنَا لَوْلَا أَرْسَلْتَ إِلَيْنَا رَسُولًا فَنَتَّبِعَ آيَاتِكَ مِن قَبْلِ أَن نَّذِلَّ وَنَخْزَىٰ ۔ قُ

لْ كُلٌّ مُّتَرَبِّصٌ فَتَرَبَّصُوا ۖ فَسَتَعْلَمُونَ مَنْ أَصْحَابُ الصِّرَاطِ السَّوِيِّ وَمَنِ اهْتَدَىٰ

ଓ୍ୱ କା'ଲୁ ଲୌଲା ଆୟାତି'ନା ବେ ଆୟାତିମ୍ ମିର୍ ରବ୍‌ବେହି, ଅଓଲମ୍ ତା'ତିହିମ୍ ବୟେନତୁ ମା' ଫିସ୍‌ସୋହୋ ଫିଲ୍ ଉ'ଲା । ଓ୍ୱଲୌ ଅନ୍ନା ଅହଲକ୍‌ନାହୁମ୍ ବି ଅଜାବିମ୍ ମିନ୍ କବ୍‌ଲିହି ଲକାଲୁ ରବ୍‌ବନା ଲୌଲା ଅର୍‌ସଲ୍‌ତା ଇଲୈନା ରସୁଲନ୍ ଫନ୍‌ତତ୍‌ବିଆ ଆୟାତିକା ମିନ୍ କବ୍‌ଲି ଅନ୍‌ନଜିଲ୍ଲା ଓ୍ୱ ନଖ୍‌ଜାଃ । କୁଲ୍ କୁଲ୍‌ଲୁନ୍ ମୁତରବ୍‌ବିସୁନ୍ ଫତରବ୍‌ବସୁ ଫସତାଆଲମୁନା ମନ୍ ଅସ୍‌ହାବୁସ୍ ସିରାତିସ୍ ସଓ୍ୱି ୟେ ଓ୍ୱମନିହ୍‌ତଦା ।'

ଅର୍ଥାତ୍ 'ମକ୍କାବାସୀମାନେ କହୁଛନ୍ତି ଯେ ହଜରତ ମୁହମ୍ମଦ[ସଅ] ନିଜ ପ୍ରଭୁଙ୍କ ଠାରୁ କାହିଁକି ଆମ ପାଇଁ କୌଣସି ଚିହ୍ନ ଆଣି ପାରୁନାହିଁ ? କ'ଣ ଅତୀତରେ ଆସିଥିବା ନବୀମାନଙ୍କ ଭବିଷ୍ୟତବାଣୀ ଯାହା ସେମାନଙ୍କ ସପକ୍ଷରେ ଅଛି, ତାହା ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଚିହ୍ନ ନୁହେଁ କି ? ଯଦି ଆମ୍ଭେ ନିଜ ସନ୍ଦେଶ ଦ୍ୱାରା ମକ୍କାବାସୀଙ୍କୁ ପୂର୍ଣ୍ଣ

ରୂପେ ଅବଗତ କରିବା ବିନା ସେମାନଙ୍କୁ ଧ୍ୱଂସ କରି ଦେଇଥା'ନ୍ତୁ, ତା'ହେଲେ ମକ୍କାବାସୀ କହି ପାରିଥାନ୍ତେ ଯେ 'ହେ ପ୍ରଭୁ ! ତୁମ୍ଭେ କାହିଁକି ଆମ ନିକଟକୁ ଏକ ରସୁଲ ପ୍ରେରଣ କଲନାହିଁ ? ଯାହା ଫଳରେ ଆଜି ଆମେ ମାନସମ୍ମାନ କ୍ଷୁର୍ଣ୍ଣ ହେବା ଦ୍ୱାରା ତିରସ୍କୃତ ହୋଇଯିବା ପୂର୍ବରୁ ତୁମ୍ଭ ଆଦେଶ ପାଳନ କରିଥାନ୍ତୁ ।' ତୁମେ କହିଦିଅ, ପ୍ରତ୍ୟେକ ବ୍ୟକ୍ତି ପାଇଁ ଏକ ସମୟ ନିର୍ଦ୍ଧାରିତ ହୋଇଛି, ଯାହାର ପ୍ରତୀକ୍ଷା କରିବାକୁ ପଡ଼ିଥାଏ । ତେଣୁ ତୁମେମାନେ ମଧ୍ୟ ସେହି ସମୟ ପ୍ରତୀକ୍ଷା କର । ଯେତେବେଳେ ବୁଝାଇବାର ପ୍ରୟାସ ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚିଯିବ, ସେତେବେଳେ ତୁମେ ନିଶ୍ଚୟ ଜାଣିପାରିବ ଯେ ପ୍ରଭୁଙ୍କ ପ୍ରଦର୍ଶିତ ମାର୍ଗରେ କିଏ ପରିଚାଳିତ ହେଉଛି ?' (ତାହା: ୧୩୪-୧୩୬)

ଦିନ ପ୍ରତିଦିନ ଅଲ୍ଲାଃଙ୍କ ନିକଟରୁ ନିତ୍ୟ ନୂତନ ଐଶୀ ବାଣୀ ଅବତୀର୍ଣ୍ଣ ହେଉଥିଲା, ଯାହା ଇସଲାମର ପ୍ରଗତିର ଧାରା ଓ ଅବିଶ୍ୱାସକାରୀମାନଙ୍କ ବିନାଶ ହେବା ସମ୍ବାଦ ପ୍ରଦାନ କରୁଥିଲା । ଏକ ପକ୍ଷେ ମୁହମ୍ମଦ[ସଅ] ଓ ତାଙ୍କ ଅନୁଚରମାନଙ୍କ ଦୁର୍ଦ୍ଦଶା ଓ ଦୁର୍ବଳତା ଦେଖୁଥିଲେ । ପୁନଶ୍ଚ ମୁହମ୍ମଦ[ସଅ]ଙ୍କ ଦିବ୍ୟବାଣୀରେ ମୁସଲମାନମାନଙ୍କ ସଫଳତାର ସମ୍ବାଦ ପଢୁଥିଲେ ସତ କିନ୍ତୁ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଭାବୁଥିଲେ ଯେ କ'ଣ ସେମାନେ ପାଗଳ ହୋଇ ଗଲେଣି ନଚେତ ମୁହମ୍ମଦ[ସଅ] ସ୍ୱୟଂ ପାଗଳ ହୋଇ ଗଲାଣି । ମକ୍କାବାସୀ ତ ମନରେ ଏହି ଆଶା ବାନ୍ଧି ବସିଥିଲେ ଯେ ଆମର ଅତ୍ୟାଚାର ଓ ଆମର ଅନ୍ୟାୟ ଆଚରଣର ଧୃଷ୍ଟତା କାରଣରୁ ମୁସଲମାନ ମାନେ ହତୋତ୍ସାହ ହୋଇ ଆମ ଆଡକୁ ଆସିଯିବା ଉଚିତ୍ ହେବ । ସ୍ୱୟଂ ତାଙ୍କୁ ଓ ତାଙ୍କ ଅନୁଚର ବର୍ଗଙ୍କୁ ତାଙ୍କ ଦାବି ସମ୍ବନ୍ଧରେ ସନ୍ଦେହ ସୃଷ୍ଟି ହୋଇଯିବା ଉଚିତ୍ ହେବ । ହଜରତ ମୁହମ୍ମଦ[ସଅ] ଏହିପରି ଘୋଷଣା କରୁଥିଲେ: فَلَآ أُقْسِمُ بِمَا تُبْصِرُونَ ۔ وَمَا لَا تُبْصِرُونَ ۔ إِنَّهُۥ لَقَوْلُ رَسُولٍ كَرِيمٍ ۔ وَمَا هُوَ بِقَوْلِ شَاعِرٍ ۚ قَلِيلًا مَّا تُؤْمِنُونَ ۔ وَلَا بِقَوْلِ كَاهِنٍ ۚ قَلِيلًا مَّا تَذَكَّرُونَ ۔ تَنزِيلٌ مِّن رَّبِّ الْعَالَمِينَ ۔ وَلَوْ تَقَوَّلَ عَلَيْنَا بَعْضَ الْأَقَاوِيلِ ۔ لَأَخَذْنَا مِنْهُ بِالْيَمِينِ ۔ ثُمَّ لَقَطَعْنَا مِنْهُ الْوَتِينَ ۔ فَمَا مِنكُم مِّنْ أَحَدٍ عَنْهُ حَاجِزِينَ ۔ وَإِنَّهُۥ لَتَذْكِرَةٌ لِّلْمُتَّقِينَ ۔ وَإِنَّا لَنَعْلَمُ أَنَّ مِنكُم مُّكَذِّبِينَ ۔ وَإِنَّهُۥ لَحَسْرَةٌ عَلَى الْكَافِرِينَ ۔ وَإِنَّهُۥ لَحَقُّ الْيَقِينِ ۔ فَسَبِّحْ بِاسْمِ رَبِّكَ الْعَظِيمِ

ଫଲାଆ ଉକ୍‌ସେମୁଁ ବିମା ତୁବ୍‌ସେରୁନ୍ । ଓ୍ୱମା ଲା ତୁବସେରୁନ୍ । ଇନ୍ନହୁ ଲା କଉଲୋ ରସୁଲିନ୍ କରିମ୍ । ଓ୍ୱମାହୁଆ ବିକୌଲେ ଶାଏରିନ୍; କଲିଲମ୍ ମା ତୁ'ମିନୁନ୍ । ଓ୍ୱଲା ବିକଓଲେ କାହେନିନ୍; କଲିଲମ୍ମା ତଜକ୍କରୁନ୍ । ତନଜିଲୁନ୍ ମିର୍‌ରବ୍‌ବିଲ୍ ଆ'ଲମିନ୍ । ଓ୍ୱଲୌ ତକଓ୍ୱଲା ଆଲୈନା ବାଜଲ ଅକାଓ୍ୱିଲ୍ । ଲା' ଅଖଜ୍‌ନା ମିନହୁ ବିଲ୍ ୟମିନ୍ । ସୁମ୍ମା ଲକତା'ନା ମିନହୁଲ୍ ଓ୍ୱତିନ୍ । ଫମା ମିନ୍‌କୁମ୍ ମିନ୍ ଅହଦିନ୍ ଅନହୁ ହାଜେଜିନ୍ । ଓ୍ୱ ଇନ୍ନହୁ ଲତଜ୍‌କିରତୁଲ୍ ଲିଲ୍ ମୁତ୍‌ତକିନ୍ । ଓ୍ୱ ଇନ୍ନା ଲ ନା'ଲମୁ ଅନ୍ନା ମିନ୍‌କୁମ୍ ମୁକଜ୍‌ଜେବିନ୍ । ଓ୍ୱ ଇନ୍ନହୁ ଲହସ୍‌ରତୁନ୍ ଅଲଲ୍ କାଫିରୀନ୍ । ଓ୍ୱ ଇନ୍ନହୁ ଲହକ୍‌କୁଲ୍ ୟକିନ୍ । ଫସବ୍‌ବେହ୍ ବେଇସ୍‌ମେ ରବ୍‌ବିକଲ୍ ଅଜିମ୍ ।

ଅର୍ଥାତ୍ ହେ ମକ୍କାବାସୀ ! ଯେଉଁ ଚିନ୍ତାଧାରାରେ ତୁମେ ପଡି ରହିଛ, ତାହା ଠିକ୍ ନୁହେଁ । ମୁଁ ଶପଥ କରି କହିପାରେ ଯେ ସେ ସମସ୍ତ ପଦାର୍ଥ ଯାହା ତୁମକୁ ଦେଖା ଯାଉଛି ଓ ଯାହା ତୁମ ଦୃଷ୍ଟିର ଅନ୍ତରାଳେ ରହିଛି ଯେ ଏହି କୁରଆନ୍‌ର ପଙ୍‌କ୍ତି ଏକ ଆଦରଣୀୟ ନବିଙ୍କ ମୁଖରୁ ତୁମମାନଙ୍କୁ ଶୁଣାଇ ଦିଆଯାଉଛି । ଏହା କୌଣସି କବିର କବିତା ନୁହେଁ, କିନ୍ତୁ ତୁମ ହୃଦୟରେ ଧର୍ମବିଶ୍ୱାସ କିଞ୍ଚିତ ଉଦ୍ରେକ ହେଉଛି । ଏହା କୌଣସି ଜ୍ୟୋତିଷର ଚାଟୁକଥା ନୁହେଁ । କିନ୍ତୁ ତୁମେମାନେ କ୍ୱଚିତ୍ ପରାମର୍ଶ ଗ୍ରହଣ କରୁଛ । ଏହି ବାଣୀ ବିଶ୍ୱର ସମସ୍ତ ଲୋକ ସ୍ରଷ୍ଟା ପ୍ରଭୁଙ୍କ ତରଫରୁ ଅବତୀର୍ଣ୍ଣ ହୋଇଛି । ଆମେ ଯେଉଁ ସମଗ୍ର ବିଶ୍ୱଲୋକର ପ୍ରତିପାଳକ ତୁମ ନିକଟରେ ଘୋଷଣା କରୁଛୁ ଯେ ଯଦି କୌଣସି ଗୋଟିଏ ଆୟତକୁ ମିଥ୍ୟା ରଚନା କରି ଆମ୍ଭ ସହିତ ସମ୍ବନ୍ଧିତ କରନ୍ତି, ତା'ହେଲେ ଆମ୍ଭେ ତାର ଦକ୍ଷିଣ ହସ୍ତକୁ ଧରି ନିଅନ୍ତୁ ଓ ତାର କଣ୍ଠର ଧମନୀକୁ କାଟି ଦିଅନ୍ତୁ । ପରନ୍ତୁ ଏହି କୁରଆନ୍ ଈଶ୍ୱରଭୟ ରଖୁଥିବା ବ୍ୟକ୍ତିଙ୍କ ପାଇଁ ଏକ ଉପଦେଶ ଓ ଆମ୍ଭେ ଜାଣିଛୁ ଯେ ତୁମମାନଙ୍କ ମଧ୍ୟରେ ଏହି କୁରଆନବାଣୀକୁ ଅବଜ୍ଞା କରୁଥିବା ବ୍ୟକ୍ତି ମଧ୍ୟ ଅଛନ୍ତି । କିନ୍ତୁ ଆମ୍ଭେ ଏହା ମଧ୍ୟ ଜାଣୁ ଯେ ଏହାର ଶିକ୍ଷା ଏହାକୁ ଅମାନ୍ୟ କରୁଥିବା ବ୍ୟକ୍ତିମାନଙ୍କ ହୃଦୟରେ ଈର୍ଷା ଜାତ କରାଉଛି । କିନ୍ତୁ ସେମାନେ କହୁଛନ୍ତି ଯେ 'ହାୟ, ଏଭଳି ଶିକ୍ଷା ଆମ ପାଖରେ ଥାଆନ୍ତା କି ?' ଆମେ ଏହା ମଧ୍ୟ ଜାଣୁ, ଯେଉଁ ବାଣୀ କୁରଆନ୍‌ରେ ଲିପିବଦ୍ଧ ହୋଇ ରହିଛି, ତାହା ଅକ୍ଷରେ ଅକ୍ଷରେ ପୂରଣ ହୋଇ ରହିବ । ଏଣୁ ହେ ମୁହମ୍ମଦ[ସଃ] ଶତ୍ରୁଙ୍କ ବିରୁଦ୍ଧାଚରଣକୁ ଭ୍ରୂକ୍ଷେପ କରନାହିଁ । ବରଂ ନିଜର ମହାନତମ ପାଳନକର୍ତ୍ତାଙ୍କ ନାମର ମହିମା ଗାନ କରି ଚାଲ ।

(ହାକ୍‌କଃ : ୪୧-୫୩)

ଇତି ମଧ୍ୟରେ ଇସଲାମ ଆବିର୍ଭାବ ହେବାର ତୃତୀୟ ବର୍ଷରେ ହଜର ସମୟ ଉପସ୍ଥିତ ହୁଅନ୍ତେ ମଦିନାର ନବଦୀକ୍ଷିତ ମୁସଲମାନମାନଙ୍କର ହଜ କରିବା ପାଇଁ ଏକ ବିରାଟ ଅଭିଯାତ୍ରୀ ଦଳ ମକ୍କାରେ ପହଞ୍ଚିଲା । ମକ୍କାବାସୀଙ୍କ ବିରୋଧ ହେତୁ ମଦିନାର ଲୋକମାନେ ପୃଥକ ଭାବରେ ଅନ୍ୟ ଏକ ନିଭୃତ ସ୍ଥାନରେ ହଜରତ ମୁହମ୍ମଦ[ସଅ]ଙ୍କୁ ସାକ୍ଷାତ କରିବା ପାଇଁ ଇଚ୍ଛା ପ୍ରକଟ କଲେ । ଏବେ ହଜରତ ମୁହମ୍ମଦ[ସଅ]ଙ୍କ ହୃଦବୋଧ ହେଉଥିଲା ଯେ ସେ ବୋଧହୁଏ ହିଜରତ (ଦେଶାନ୍ତର ଗମନ)କରି ମଦିନାକୁ ହିଁ ଯାଇ ପାରନ୍ତି, ଯାହାର ଆଭାସ ତାଙ୍କୁ ମିଳୁଥିଲା । ସେ ନିଜ ବିଶ୍ୱସ୍ତ ପରିଜନମାନଙ୍କ ନିକଟରେ ନିଜର ଏହି ବିଚାର ପ୍ରକାଶ କଲେ । କିନ୍ତୁ ସେମାନେ ହଜରତ ମୁହମ୍ମଦ[ସଅ]ଙ୍କୁ ଏହି ଚିନ୍ତାଧାରାରୁ କ୍ଷାନ୍ତ ହେବା ପାଇଁ କହି ବୁଝାଇଲେ । ମକ୍କାବାସୀ ଶତ୍ରୁ ହୋଇଥାନ୍ତୁ ପଛକେ କିନ୍ତୁ ସେମାନଙ୍କ ମଧ୍ୟରେ ହଜରତ ମୁହମ୍ମଦ[ସଅ]ଙ୍କ ବଡ ବଡ ପ୍ରଭାବଶାଳୀ ବ୍ୟକ୍ତି ମଧ୍ୟ ରହିଛନ୍ତି । ଜଣାନାହିଁ ମଦିନାର ପରିସ୍ଥିତି କ'ଣ ଥିବ ? ତାଙ୍କ ପରିଜନ ତାଙ୍କର ସହାୟତା କରିପାରିବେ କି ନାହିଁ । ଯେହେତୁ ସେ ଏହା ବୁଝି ସାରିଥିଲେ ଯେ ମଦିନାକୁ ହିଜରତ କରି ଚାଲିଯିବା ଅଲ୍ଲାଃଙ୍କର ଏକମାତ୍ର ଇଚ୍ଛା ଓ ଏହା ବିଧି ନିର୍ଦ୍ଦିଷ୍ଟ ହୋଇ ସାରିଛି, ତେଣୁ ନିଜର ସମ୍ପର୍କୀୟଙ୍କ ପ୍ରସ୍ତାବ ରଦ୍ଦ କରିଦେଲେ ।

ମଧ୍ୟ ରାତ୍ରୀ ହେବାପରେ ଅକ୍ୱା ଘାଟିରେ ହଜରତ ମୁହମ୍ମଦ[ସଅ] ଓ ମଦିନାରୁ ଆସିଥିବା ମୁସଲମାନମାନେ ଏକତ୍ରୀତ ହେଲେ । ମହାଭାଗଙ୍କ ସାଥୀରେ ତାଙ୍କ କକା ଅବ୍ବାସ ମଧ୍ୟ ଥିଲେ । ଏଥର ମଦିନାରୁ ଆସିଥିବା ମୁସଲମାନ ମାନଙ୍କ ସଂଖ୍ୟା ସର୍ବମୋଟ ୭୩ ଥିଲା । (ଇବନେ ହିଶାମ୍, ପ୍ରଥମ ଭାଗ, ପୃଷ୍ଠା ୧୫୪) । ଏଥିରେ ମଦିନା ଖଜରଜ କବିଲାରୁ ୬୨ଜଣ ଓ ଅଓସ କବିଲାରୁ ୧୧ ଜଣ ରହିଥିଲେ । ତନ୍ମଧ୍ୟରେ ଦୁଇଜଣ ମହିଳା ମଧ୍ୟ ସମ୍ମିଳିତ ଥିଲେ । ଜଣେ ମହିଳା ବନି ନିୟ୍ୟାର ଜନଜାତି ଗୋଷ୍ଠୀର ଉମ୍ମେ ଅମ୍ମାରାଃ[ରଅ] ଅନ୍ତର୍ଭୁକ୍ତ । ଯେହେତୁ ମୁସଅବ୍‌ଙ୍କ ଦ୍ୱାରା ସେମାନଙ୍କ ନିକଟରେ ଇସଲାମ ଧର୍ମର ବିସ୍ତୃତ ଶିକ୍ଷା ପହଞ୍ଚି ସାରିଥିଲା, ତେଣୁ ମଦିନାର ସେହି ମୁସଲମାନ ଏହି ଧର୍ମ ପ୍ରତି ଆସ୍ଥା ଓ ବିଶ୍ୱାସରେ ପରିପୂର୍ଣ୍ଣ ହୋଇ ଯାଇଥିଲେ । ପରବର୍ତ୍ତୀ ଘଟଣାବଳୀ ଏହା ପ୍ରମାଣିତ କରିଥିଲା ଯେ ଏହି ଲୋକମାନେ ଭବିଷ୍ୟତରେ ଦୃଢ ସ୍ତମ୍ଭ ରୂପେ ପରିଚିତ ହେବେ । ସେହି ଦଳରେ ଅନ୍ତର୍ଭୁକ୍ତ ଏହି ମହିୟସୀ ମହିଳା ଉମ୍ମେ ଅମ୍ମାରାଃ[ରଅ] ନିଜ ସନ୍ତାନମାନଙ୍କ ମଧ୍ୟରେ ଇସଲାମ ପ୍ରେମର ଭାବନାକୁ ଏପରି ସ୍ତରରେ ଭରି ଦେଇଥିଲେ ଯେ ତାଙ୍କ ପୁତ୍ର-ହବିବ[ରଅ] ଯେବେ ରସୁଲୁଲ୍ଲାଃଙ୍କ ସ୍ୱର୍ଗବାସ ହେବା ପରେ ମୁସୈଲିମା କଜାବ୍‌ର ସେନା ଦ୍ୱାରା ନିହତ ହେଲେ, ମୁସୈଲିମା ତାଙ୍କୁ ଡକାଇ ପଚାରିଲା, 'କ'ଣ ତୁ ସାକ୍ଷ୍ୟ ଦେଉଛୁ ଯେ ମୁହମ୍ମଦ

ଅଲ୍ଲାଃଙ୍କ ରସୁଲ ?' ହବିବ୍ [ରଅ] କହିଲେ, 'ହଁ' । ପୁଣି ମୁସୈଲିମା ପ୍ରଶ୍ନ କଲା, 'କ'ଣ ତୁ ସାକ୍ଷ୍ୟ ଦେଉଛୁ ଯେ ମୁଁ ଅଲ୍ଲାଃଙ୍କ ରସୁଲ ?' ହବିବ୍ [ରଅ] କହିଲେ, 'ନାଁ' ଏହି କଥା ଶୁଣି ସେ ଆଦେଶ ଦେଲା ଯେ ହବିବ୍ [ରଅ]ଙ୍କ ଗୋଟିଏ ଅଙ୍ଗକୁ ଛେଦନ କରି କାଟି ଦିଆଯାଉ ।' ତେବେ ସେ ପୁଣି ପ୍ରଶ୍ନ କଲା, 'ଏଥର ମଧ୍ୟ କଣ ତୁ ସାକ୍ଷ୍ୟ ଦେଉଛୁ ଯେ ମୁହମ୍ମଦ [ସଅ] ଅଲ୍ଲାଃଙ୍କ ରସୁଲ ?' ହବିବ୍ ପୁଣି ଉତ୍ତର ଦେଲେ, 'ହଁ' । ପୁଣି ଥରେ ସେ ପଚାରିଲା, 'ଆଚ୍ଛା, ମୁଁ ଅଲ୍ଲାଃଙ୍କ ରସୁଲ୍ ବୋଲି କ'ଣ ତୁ ସାକ୍ଷ୍ୟ ଦେବୁ ?' ହବିବ୍ କହିଲେ 'ନାଁ' । ଏହା ଶୁଣି ତାଙ୍କର ଅନ୍ୟ ଏକ ଅଙ୍ଗକୁ ଛେଦନ କରିବା ପାଇଁ ଆଦେଶ ଦେଲା । ଏହି ପରି ଗୋଟି ଗୋଟି କରି ଶରୀରର ପ୍ରତ୍ୟେକ ଅଙ୍ଗ କଟା ଯିବା ପରେ ସେ ବାରମ୍ବାର ପଚାରୁଥାଏ ଓ ହବିବ୍ ମଧ୍ୟ କହି ଚାଲିଥାନ୍ତି ଯେ ହଜରତ ମୁହମ୍ମଦ [ସଅ] ହେଉଛନ୍ତି ଅଲ୍ଲାଃଙ୍କ ରସୁଲ୍, ମାତ୍ର ମୁସୈଲିମା କଜ୍ଜାବ୍ ନୁହେଁ । ଏହିପରି ସମସ୍ତ ଅଙ୍ଗ କାଟି ଦିଆଗଲା ଓ ଶେଷରେ ହବିବଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ସେହି ବିକ୍ଷିପ୍ତ ଅଙ୍ଗଗୁଡିକ ନିଜ ବିଶ୍ୱାସର ଘୋଷଣା ବହନ କରି ନିଜ ପ୍ରଭୁଙ୍କ ନିକଟରେ ପହଞ୍ଚିଗଲେ । ଧନ୍ୟ ତାଙ୍କ ମାତା, ଧନ୍ୟ ସେହି ପୁତ୍ର ! ଉମ୍ମେ ଅମ୍ମାରାଃ [ରଅ] ସ୍ୱୟଂ ରସୁଲୁଲ୍ଲାଃଙ୍କ ସହିତ ଅନେକ ଧର୍ମଯୁଦ୍ଧରେ ସମ୍ମିଳିତ ହୋଇଥିଲେ । କହିବା ବାହୁଲ୍ୟ ଯେ ମଦିନାରୁ ଆସିଥିବା ଏହି ଦଳ ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ଶୁଦ୍ଧ ବିଶ୍ୱାସୀ ଭକ୍ତଙ୍କ ଦଳ ଥିଲା; ଯାହାର ସଦସ୍ୟଗଣ ହଜରତ ମୁହମ୍ମଦ [ସଅ]ଙ୍କ ଠାରୁ କୌଣସି ଧନ ସମ୍ପତ୍ତି ମାଗିବାକୁ ଆସି ନଥିଲେ । କିନ୍ତୁ ଆସିଥିଲେ ତାଙ୍କର ସତସଙ୍ଗ ଲାଭ କରି ନିଜ ବିଶ୍ୱାସ ଭିକ୍ଷା କରିବାର ଆଶାୟୀ ହୋଇ । ହଜରତ ମୁହମ୍ମଦ [ସଅ]ଙ୍କ କକା ଅବ୍‌ବାସ୍ ସେମାନଙ୍କୁ ସମ୍ବୋଧିତ କରି କହିଲେ, 'ହେ ମଦିନାର ଖଜରଜ କବିଲାର ଲୋକମାନେ ! ଇଯେ ମୋର ଅତି ଆପଣାଇ ପୁତୁରା ! ଆମ ଗୋଷ୍ଠୀରେ ଏକ ପ୍ରତିଷ୍ଠାବାନ ମହିମାମୟ ସିଦ୍ଧ ପୁରୁଷ । ତାଙ୍କ ଜାତିର ଲୋକ ମୁସଲମାନ ହୋଇଥାନ୍ତୁ କି ନ ହୋଇଥାନ୍ତୁ କିନ୍ତୁ ୟାଙ୍କୁ ଅବଶ୍ୟ ରକ୍ଷା କରଥାନ୍ତି । କିନ୍ତୁ ଏବେ ସେ ତୁମ ଗହଣରେ ମଦିନା ଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି । 'ହେ ଖଜରଜର ଲୋକମାନେ ! ଯଦି ସେ ତୁମ ନିକଟକୁ ଚାଲିଯିବ, ତା'ହେଲେ ତୁମ ବିପକ୍ଷରେ ସମଗ୍ର ଆରବ ଛିଡା ହୋଇଯିବ । ତେଣୁ ତୁମେ ନିଜ ଦାୟିତ୍ୱକୁ ବୁଝିବ ତଥା ସେହି ଆସନ୍ନ ବିପଦର ଆଶଙ୍କା ପ୍ରତି ସଚେତନତା ଅବଲମ୍ବନ କରିବା କାରଣ ତା'ର ଧର୍ମର ସୁରକ୍ଷା ପାଇଁ ତୁମକୁ ଶତ୍ରୁଙ୍କ ବିରୁଦ୍ଧାଚରଣର ସମ୍ମୁଖୀନ ହେବାକୁ ପଡିବ । ତେଣୁ ଯଦି ମୁହମ୍ମଦ [ସଅ]ଙ୍କୁ ନେଇ ଯିବାକୁ ଚାହୁଁଛ ତ ଖୁସିର ସହିତ ନିଅ, ନଚେତ୍ ଏହି ବିଚାରରୁ କ୍ଷାନ୍ତ ହୁଅ ।'

'ଅଲବରା' ଏହି ୭୩ଜଣ ଲୋକଙ୍କ ଦଳପତି ଥିଲେ । ସେ ଅବ୍‌ବାସଙ୍କୁ କହିଲେ, 'ଆମେ ଆପଣଙ୍କ କଥା ଶୁଣିଲୁ । ଆମେମାନେ ନିଜ ସଂକଳ୍ପରେ ଦୃଢ ରହିଛୁ । ଆମର ଏହି ପ୍ରାଣ ପ୍ରଭୂ ଦୂତଙ୍କ ଚରଣରେ ସମର୍ପିତ । ବର୍ତ୍ତମାନ ସବୁ କଥା ତାଙ୍କ ଇଚ୍ଛା ଉପରେ ନିର୍ଭର କରେ । ସେ ଯାହା ସିଦ୍ଧାନ୍ତ ଗ୍ରହଣ କରିବେ, ତାହା ଆମପାଇଁ ଶିରୋଧାର୍ଯ୍ୟ' । ଏହା ଶୁଣି ହଜରତ ମୁହମ୍ମଦ[ସଅ] ସେମାନଙ୍କୁ ଇସ୍‌ଲାମ ଧର୍ମର ସାରତତ୍ତ୍ୱ ବୁଝାଇଥିଲେ । ଈଶ୍ୱର ଏକ ବୋଲି ହୃଦୟରେ ଆସ୍ଥା ପୋଷଣ କରିବା ପାଇଁ ଉପଦେଶ ଦେଲେ । ଏବଂ କହିଲେ, 'ଯଦି ଇସଲାମ୍‌ର ସୁରକ୍ଷା ଆପଣମାନେ ନିଜ ପତ୍ନୀ ଓ ସନ୍ତାନଙ୍କ ପରି କରିବା ପାଇଁ ପଣ କରିବେ, ତା'ହେଲେ ମୁଁ ତୁମ ସହିତ ଯିବାକୁ ପ୍ରସ୍ତୁତ ଅଛି ।' ମହାଭାଗଙ୍କ ମୁହଁରୁ କଥା ନସରୁଣୁ ଜୀବନର ବାଜି ଲଗାଇବା ପାଇଁ ପ୍ରତିଜ୍ଞାବଦ୍ଧ ମଦିନାର ସମସ୍ତ ୭୨ଜଣଯାକ ବ୍ୟକ୍ତି ଏକ ସ୍ୱରରେ ଚିତ୍କାର କରି କହିଲେ 'ହଁ, ହଁ, ନିଶ୍ଚୟ' । ଏବେ ସେମାନଙ୍କର ଏହି ଭାବାବେଗ ଜନିତ ଉଦ୍ଦୀପନା ଯୋଗୁଁ ମକ୍କାବାସୀଙ୍କ ଉତ୍ପାତ ବିଷୟରେ ସେମାନେ ଅବଗତ ନଥିଲେ । ଏବଂ ସେମାନଙ୍କ ଚିତ୍କାର ସମଗ୍ର ଉପତ୍ୟକାରେ ଗୁଞ୍ଜରିତ ହୋଇ ଉଠିଲା । ସୁତରାଂ ଅବ୍‌ବାସ୍ ସେମାନଙ୍କୁ ସାବଧାନ କରି କହିଲେ, 'ଆପଣମାନେ ଚୁପ୍ ରୁହନ୍ତୁ ! ଏପରି ନ ହେଉ କି ମକ୍କାବାସୀଙ୍କୁ ଏହି ଘଟଣାର ସୂଚନା ମିଳିଯିବ ।' କିନ୍ତୁ ସେମାନେ ଧର୍ମଭାବର ବିଶ୍ୱାସ ପ୍ରାପ୍ତ କରି ସାରିଥିଲେ ଏବଂ ମୃତ୍ୟୁ ସେମାନଙ୍କ ଆଗରେ ଅତି ତୁଚ୍ଛ ମନେ ହେଉଥିଲା । ଅବ୍‌ବାସଙ୍କ କଥା ଶୁଣି ତାଙ୍କର ଜଣେ ସର୍ଦ୍ଦାର କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ଆମ୍ଭେ ଭୟ କରୁନାହୁଁ । ଆପଣ ଆଜ୍ଞା ଦିଅନ୍ତୁ । ଆମେ ବର୍ତ୍ତମାନ ମକ୍କାବାସୀଙ୍କ ସହିତ ଲଢି ଆପଣଙ୍କ ଉପରେ ହୋଇଥିବା ଅତ୍ୟାଚାରର ପ୍ରତିଶୋଧ ନେବା ପାଇଁ ପ୍ରସ୍ତୁତ ଅଛୁ ।' ତହୁଁ ରସୁଲୁଲ୍ଲାଃ[ସଅ] କହିଲେ, 'ଏବେ ସେମାନଙ୍କ ବିରୁଦ୍ଧରେ ମୁକାବିଲା କରିବା ପାଇଁ ଅଲ୍ଲାଃ ମୋତେ ନିର୍ଦ୍ଦେଶ ଦେଇ ନାହାନ୍ତି ।' ଏହାପରେ ମଦିନାରୁ ଆସିଥିବା ସେହି ହଜ୍ ଯାତ୍ରୀମାନେ ହଜରତ ମୁହମ୍ମଦ[ସଅ]ଙ୍କ ହାତରେ ବୟତ୍ (ଦୀକ୍ଷା) ନେଇଥିଲେ ଓ ଏହାପରେ ସଭାଭଙ୍ଗ ହୋଇଥିଲା ।

ମକ୍କାବାସୀଙ୍କ ନିକଟରେ ଏହି ଘଟଣାର ଉଡା ଖବର ପହଞ୍ଚି ଯାଇଥିଲା । ସେମାନେ ମଦିନାର ସର୍ଦ୍ଦାରଙ୍କ ନିକଟକୁ ଏହି ଘଟଣାର ଅଭିଯୋଗ ନେଇ ପହଞ୍ଚି ଗଲେ । ସେଠାକାର ମୁଖ୍ୟ ଦଳପତି ଅବ୍ଦୁଲ୍ଲା ବିନ୍ ଉବୟ ବିନ୍ ସୁଲୁଲ୍ ଯିଏ ସେ ବିଷୟରେ କିଛି ଜାଣି ନଥିଲା, ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲା 'ଆପଣମାନେ ଯାହା ଶୁଣିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ନିରାଧାର । ସେମିତି କିଛି ହୋଇନାହିଁ । ମକ୍କାବାସୀ ତୁଚ୍ଛାଟାରେ ଗୁଜବ ସୃଷ୍ଟି କରୁଛନ୍ତି । କାରଣ ମୋ ପରାମର୍ଶ ବିନା

ମଦିନାରେ କୌଣସି କାର୍ଯ୍ୟ କରାଯାଏ ନାହିଁ ।' କିନ୍ତୁ ସେ କ'ଣ ଜାଣିଥିଲା ଯେ ବର୍ତ୍ତମାନ ମଦିନାବାସୀଙ୍କ ହୃଦୟରେ ଈଶ୍ୱରଙ୍କ ସାମ୍ରାଜ୍ୟ ପ୍ରତିଷ୍ଠିତ ହୋଇ ସାରିଛି ! ତତ୍‌ପଶ୍ଚାତ୍ ମଦିନା ଯାତ୍ରୀଦଳ ସେଠାରୁ ପ୍ରସ୍ଥାନ କଲା ।

# ମକ୍କାରୁ ମଦିନାକୁ ହିଜ୍‌ରତ୍ (ଦେଶାନ୍ତର ଗମନ)

ଦିବ୍ୟ ବାର୍ତ୍ତାବହ[ସଅ] ଓ ତାଙ୍କ ଅନୁଚରଗଣ ମକ୍କାରୁ ପଳାୟନ କରି ମଦିନାକୁ ହିଜରତ୍ (ଦେଶାନ୍ତର ଗମନ) କରିବା ପାଇଁ ପ୍ରସ୍ତୁତ ହେଉଥିଲେ । ଗୋଟିଏ ପରେ ଗୋଟିଏ ପରିବାର ମକ୍କାରୁ ଅନ୍ତର୍ଦ୍ଧାନ ହେବାକୁ ଲାଗିଲା ଏବଂ ଯେଉଁମାନେ ଅଲ୍ଲାଃଙ୍କର ସାମ୍ରାଜ୍ୟ ପ୍ରତିଷ୍ଠା ହେବା ପ୍ରତୀକ୍ଷାରେ ରହିଥିଲେ, ସେମାନେ କ୍ରମଶଃ ନିର୍ଭୀକ ହେବାକୁ ଲାଗିଲେ । ଏଭଳି ପରିସ୍ଥିତି ହେଲା ଯେ ଅନେକ ଥର ଗୋଟିଏ ରାତ୍ରୀରେ ମକ୍କାର ସାହି ପରେ ସାହି ସମ୍ପୂର୍ଣ୍ଣ ରୂପେ ଗୃହଶୂନ୍ୟ ହୋଇ ତାଲା ପଡି ଯାଉଥିଲା । ସକାଳ ହେବା ବେଳକୁ ସହରର ଲୋକ ସାହିର ନିସ୍ତବ୍ଧତାକୁ ଦେଖି କାରଣ ପଚାରି ବୁଝିଲା ପରେ ଜଣା ପଡୁଥିଲା ଯେ ଗତ ରାତ୍ରୀରେ ଏଠାରୁ ସମସ୍ତ ଲୋକ ସ୍ୱଗୃହ ଛାଡି ମଦିନାକୁ ହିଜରତ କରି ଯାଇଛନ୍ତି । ଇସ୍‌ଲାମର ଏହି ଗଭୀର ପ୍ରଭାବକୁ ଦେଖି ଯାହା ମକ୍କାବାସୀଙ୍କର ଅନ୍ତରାତ୍ମାକୁ ସ୍ପର୍ଶ କରୁଥିଲା, ସେଥିରେ ସେମାନେ ସ୍ତବ୍ଧ ହୋଇ ରହି ଯାଉଥିଲେ ।

ଶେଷରେ ମକ୍କା ମୁସଲମାନ ଶୂନ୍ୟ ହୋଇଗଲା । କେବଳ ସେଠାରେ ରହିଗଲେ ହଜରତ ମୁହମ୍ମଦ[ସଅ], ହଜରତ୍ ଅବୁବକର[ରଅ], ହଜରତ ଅଲି[ରଅ] ଓ କେତେକ କ୍ରୀତଦାସ ଭକ୍ତଗଣ । ଯେବେ ମକ୍କାବାସୀ ଦେଖିଲେ ଯେ ଶୀକାର ତାଙ୍କର ହାତଛଡ଼ା ହେବାକୁ ଯାଉଛି, ମକ୍କାର ଦଳପତିମାନେ ଏକଜୁଟ ହେଲେ । ବିଚାର ବିମର୍ଷ ପରେ ଏହି ସିଦ୍ଧାନ୍ତ ଗ୍ରହଣ କଲେ ଯେ ବର୍ତ୍ତମାନ ହଜରତ ମୁହମ୍ମଦ[ସଅ]ଙ୍କୁ ହତ୍ୟା କରିବା ହିଁ ଉଚିତ ହେବ । କିନ୍ତୁ ଈଶ୍ୱରଙ୍କ ବିଚିତ୍ର ଲୀଳା ଦେଖନ୍ତୁ, ପ୍ରସ୍ତାବିତ ହତ୍ୟାଦିନ ହିଁ ତାଙ୍କ ହିଜ୍‌ରତ୍‌ର ଅନୁକୂଳରେ ପଡୁଥିଲା । ଯେଉଁ ସମୟରେ ମକ୍କାର ଲୋକ ତାଙ୍କ ଗୃହ ସମ୍ମୁଖରେ ହତ୍ୟା କରିବା ପାଇଁ ଦଳବଦ୍ଧ ହୋଇ ରୁଣ୍ଡ ହୋଇଥିଲେ, ଠିକ୍ ସେହି ସମୟରେ ସେ ରାତ୍ରୀର ଘନ ଅନ୍ଧକାର ମଧ୍ୟରେ ମଦିନା ଚାଲିଯିବା ସକାଶେ ନିଜ ଘରୁ ବାହାରୁଥିଲେ । ମକ୍କାବାସୀମାନେ ଅବଶ୍ୟ ଆଶଙ୍କା କରୁଥିବେ ଯେ ତାଙ୍କର ହତ୍ୟା ଯୋଜନା ସମ୍ପର୍କରେ ହଜରତ ମୁହମ୍ମଦ[ସଅ]ଙ୍କୁ ସୂଚନା ମିଳି ଯାଇଥିବ । କିନ୍ତୁ ଏହା ସତ୍ତ୍ୱେ ସ୍ୱୟଂ ତାଙ୍କ ସମ୍ମୁଖରେ ଯେବେ ସେ ବାହାରି ଚାଲି ଯାଉଥିଲେ, ସେମାନେ ଭାବିଲେ

ବୋଧହୁଏ ଅନ୍ୟ କେହି ବ୍ୟକ୍ତି ଯାଉଛି । ସେମାନେ ମୁହମ୍ମଦ[ସଅ]ଙ୍କୁ ଆକ୍ରମଣ କରିବା ପରିବର୍ତ୍ତେ ନିଜ ଚୋରମନ ଧରା ପଡିଯିବା ଭୟରେ ତାଙ୍କ ଠାରୁ ଅତି ସନ୍ତର୍ପଣରେ ନିଜ ମୁହଁ ଲୁଚାଇବାକୁ ଲାଗିଲେ । ଯଦ୍ଦ୍ୱାରା ସେମାନଙ୍କ ଷଡଯନ୍ତ୍ରର ସୂଚନା ହଜରତ ମୁହମ୍ମଦ[ସଅ]ଙ୍କୁ ମିଳି ନ ପାରିବ । ଗୋଟିଏ ଦିନ ପୂର୍ବରୁ ହଜରତ୍ ଅବୁବକର[ରଅ]ଙ୍କୁ ଏହା ଜଣାଇ ଦିଆଗଲା ଯେ ସେ ମଧ ହଜରତ ମୁହମ୍ମଦ[ସଅ]ଙ୍କ ସହିତ ମଦିନା ହିଜରତ୍ କରି ଚାଲିଯିବେ । ସେଥିପାଇଁ ସେ ପ୍ରସ୍ତୁତ ହୋଇ ସେହି ରାତ୍ରୀରେ ମହାଭାଗଙ୍କ ସହିତ ଯିବା ପାଇଁ ସଜବାଜ ହେଲେ । ଅଳ୍ପ ସମୟ ମଧରେ ମକ୍କାରୁ ବାହାରି ସେ ଦୁହେଁ ସେଠାରୁ ତିନି ଚାରି ମାଇଲ ଦୂରରେ ଥିବା ସୌର୍ ନାମକ ପର୍ବତ ଶିଖରର ଏକ ଗୁମ୍ଫାରେ ଯାଇ ଆଶ୍ରୟ ନେଲେ । (ବୁଖାରି, ଭାଗ ହିଜରତୁନ୍ ନବୀ)

ଯେବେ ମକ୍କାର ବାସିନ୍ଦାଙ୍କୁ ଏହା ଜଣା ପଡିଲା ଯେ ମୁହମ୍ମଦ[ସଅ] ମକ୍କାରୁ ପଳାୟନ କରିଛନ୍ତି, ସେମାନେ ଏକ ସୈନ୍ୟ ଦଳକୁ ଏକତ୍ରୀତ କଲେ ଓ ସେ ଦୁହିଁଙ୍କୁ ଅନୁସରଣ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଚଳାଇଲେ । ସେମାନେ ଏକ 'ଖୋଜି' ବା ଠାବକାରୀ ବ୍ୟକ୍ତିଙ୍କୁ ସାଙ୍ଗରେ ନେଲେ ଓ ଶେଷରେ ହଜରତ ମୁହମ୍ମଦ[ସଅ] ତଥା ତାଙ୍କ ସାଥୀ ଅବୁବକ୍କର୍[ରଅ] ଗୋପନରେ ଲୁଚି ରହିଥିବା ସୌର ପର୍ବତ ନିକଟରେ ପହଞ୍ଚିଲେ । ସେମାନେ ଏହି ଗୁମ୍ଫା ନିକଟକୁ ଆସି ପୂର୍ଣ୍ଣ ବିଶ୍ୱାସରେ କହିଲେ, ମୁହମ୍ମଦ ହୁଏତ ଏହି ଗୁମ୍ଫାରେ ଅଛନ୍ତି, ନଚେତ୍ ଆକାଶକୁ ଚଢି ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି । ଠାବକାରୀର ଏହି ଘୋଷଣାକୁ ହଜରତ ମୁହମ୍ମଦ[ସଅ] ଓ ତାଙ୍କ ସହଚର ବନ୍ଧୁ ଅବୁବକ୍କର୍[ରଅ] ଶୁଣି ପାରି ଥିବାରୁ ତାଙ୍କ ହୃଦୟର ସ୍ପନ୍ଦନ ବଢ଼ିଗଲା ଓ ସେ ଧୀର କଣ୍ଠରେ ହଜରତ ମୁହମ୍ମଦ[ସଅ]ଙ୍କୁ କହିଲେ,'ଶତ୍ରୁ ଆମମାନଙ୍କ ମୁଣ୍ଡ ଉପରକୁ ଆସିଗଲାଣି ଓ କିଛି କ୍ଷଣ ମଧରେ ଗୁମ୍ଫା ମଧରେ ପ୍ରବେଶ କରିପାରେ ।' ତହୁଁ ମୁହମ୍ମଦ[ସଅ] ଅବିଚଳିତ କଣ୍ଠରେ କହିଲେ'ଲା ତହଜନ୍ ଇନ୍ନଲ୍ଲାଃ ମାଆନା' ଅର୍ଥାତ୍ 'ହେ ଅବୁବକ୍କର ! ଭୟ କର ନାହିଁ । ଆମ ଦୁଇଜଣଙ୍କ ସହିତ ଅଲ୍ଲାଃ ଅଛନ୍ତି ।

(ବୁଖାରି, ଭାଗ ମୁନାକିବଲ୍ ମହାଜରାନ୍)

ତହୁଁ ହଜରତ ଅବୁବକ୍କର ଉତ୍ତର ଦେଲେ, 'ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ନିଜ ପ୍ରାଣ ପାଇଁ ଭୟ କରୁନାହିଁ । କାରଣ ମୁଁ ତ ଏକ ସାଧାରଣ ମଣିଷ । ମୁଁ ମରିବି ତ କେବଳ ଜଣେ ଲୋକ ମରିବ । କିନ୍ତୁ ହେ ଅଲ୍ଲାଃଙ୍କ ରସୁଲ ! ମୋତେ ତ କେବଳ ଏହି ଭୟ ଲାଗୁଛି ଯେ ଯଦି ଆପଣଙ୍କ ଜୀବନ ପ୍ରତି କୌଣସି ବିପତ୍ତି ପହଞ୍ଚିବ, ତା'ହେଲେ ପୃଥିବୀରୁ ଆଧ୍ୟାତ୍ମିକତା ଓ ଧର୍ମର ଅସ୍ତିତ୍ୱ ସବୁ ଦିନ ସକାଶେ ଲୋପ ପାଇଯିବ ।' ତହୁଁ ହଜରତ ମୁହମ୍ମଦ[ସଅ] କହିଲେ, 'କୌଣସି ଭୟ ନାହିଁ, ଏଠାରେ ଆମେ କେବଳ

ଦୁଇଜଣ ନାହୁଁ । ତୃତୀୟରେ ଅଲ୍ଲାଃ ମଧ୍ୟ ଆମମାନଙ୍କ ସାଥୀରେ ଅଛନ୍ତି ।' ଯେହେତୁ ସମୟ ଆସି ଯାଇଥିଲା ଯେ ପରମେଶ୍ୱର ଇସଲାମର ଅଭିବୃଦ୍ଧି ଓ ପ୍ରଗତି ପଥରେ ଅଗ୍ରସର କରାଇବେ । ଯଦି ଭଲ ଦଶା ଅଛି, ତା'ହେଲେ ମକ୍କାବାସୀ ସୁଧୁରି ଯିବା ପାଇଁ ଯେଉଁ ଅବସର ଦିଆଯାଇଥିଲା, ସେହି ସମୟ ସମାପ୍ତ ହୋଇ ସାରିଛି । ସୁତରାଂ ସେହି ଗୁମ୍ଫା ପର୍ଯ୍ୟନ୍ତ ପିଛା କରିଥିବା ମକ୍କାର ଲୋକମାନଙ୍କ ଆଖିରେ ପ୍ରଭୁ ପରଦା ପକାଇ ଦେଲେ । ସେମାନେ ଠାବକାରୀଙ୍କୁ ଉପହାସ କରି କହିଲେ, କଣ ସେ ଦୁହେଁ ଏପରି ଏକ ଖୋଲା ଜାଗାରେ ଆଶ୍ରୟ ନେବେ, ଯେଉଁ ଗୁମ୍ଫା ଭିତରେ ସାପ, ବିଛା ଆଦି ସରୀସୃପ ରହିଥିବେ । ସେଠାରେ କୌଣସି ବୁଦ୍ଧିମାନ ଲୋକ କେବେ କ'ଣ ଲୁଚି ପାରିବ ? ସେମାନେ ଥରେ ହେଲେ ମଧ୍ୟ ଗୁମ୍ଫାକୁ ନିରେଖି ନ ଦେଖିବା ଭିତରକୁ ଟିକେ ନ ଉଣ୍ଡି ଖୋଜିର କଥାକୁ ହସରେ ଉଡ଼ାଇ ଦେଲେ ଓ ନିଜ ଘରକୁ ଫେରିଗଲେ । ଦୁଇଦିନ ଧରି ଏହି ଗୁମ୍ଫାରେ ଉଭୟ ପ୍ରତୀକ୍ଷା କରିବା ପରେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ରାତ୍ରୀ ସମୟରେ ଗୁମ୍ଫା ନିକଟରେ ଯାତ୍ରୀ ବାହକଙ୍କୁ ପହଞ୍ଚାଇ ଦିଆଗଲା । ଦୀର୍ଘ ଯାତ୍ରା ପାଇଁ ପ୍ରସ୍ତୁତ ଦୁଇଟି ଓଟରେ ହଜରତ ମୁହମ୍ମଦ[ସଅ] ଓ ତାଙ୍କ ସାଥୀ ବସି ସେଠାରୁ ପ୍ରସ୍ଥାନ କଲେ । ଗୋଟିକରେ ହଜରତ୍ ମୁହମ୍ମଦ ଓ ଅନ୍ୟଟିରେ ହଜରତ ଅବୁବକ୍କର[ରଅ] ତଥା ତାଙ୍କର ଜଣେ ଦାସ ଆମେର୍ ବିନ୍ ଫୁହେରାଃ ବସିଲେ ।

ମଦିନା ଅଭିମୁଖେ ପ୍ରସ୍ଥାନ କରିବା ପୂର୍ବରୁ ହଜରତ ମୁହମ୍ମଦ[ସଅ] ନିଜ ମୁଖ ମଣ୍ଡଳକୁ ମକ୍କା ଆଡ଼କୁ ବୁଲାଇ ଚାହିଁଲେ । ସେହି ପବିତ୍ର ସହର ଯେଉଁଠାରେ ସେ ଜନ୍ମ ଗ୍ରହଣ କଲେ, ତାଙ୍କର ଅବତାରତ୍ୱ ଜୀବନର ଅୟମାରମ୍ଭ ହେଲା ଓ ଯେଉଁଠାରେ ହଜରତ ଇସ୍‌ମାଇଲଙ୍କ ଯୁଗ ଠାରୁ ତାଙ୍କ ପୂର୍ବଜ ବଂଶଧର ବାସ କରି ଆସୁଥିଲେ । ସେ ସେହି ସହର ଉପରେ ଅନ୍ତିମ ଦୃଷ୍ଟି ପକାଇଲେ ଓ ଅତ୍ୟନ୍ତ ଭାବ ବିହ୍ୱଳିତ କଣ୍ଠରେ କହିଲେ, 'ହେ ମକ୍କାର ବସ୍ତି ! ତୁ ମୋତେ ଅନ୍ୟ ସବୁ ସ୍ଥାନ ଠାରୁ ଅଧିକ ପ୍ରିୟ । କିନ୍ତୁ ତୋର ଲୋକମାନେ ଏଠାରେ ମୋତେ ରହିବା ପାଇଁ ଅବସର ଦେଲେ ନାହିଁ ।' ଏହି ସମୟରେ ହଜରତ ଅବୁବକ୍କର[ରଅ] ମଧ୍ୟ ଦୁଃଖରେ ଅତ୍ୟନ୍ତ ମ୍ରିୟମାଣ ହୋଇ କହି ଉଠିଲେ, 'ଏହି ଲୋକମାନେ ନିଜସ୍ୱ ନବିଙ୍କୁ ତଡ଼ି ଦେଇଛନ୍ତି । ଏଥର ସେମାନେ ଅବଶ୍ୟ ବିନାଶ ହେବେ । (ଜରକାନୀ, ପ୍ରଥମ ଭାଗ, ପୃଷ୍ଠା ୩୨୮, ମୁସନଦ୍ ଓ ତିରମିଜି)

# ମୁହମ୍ମଦ[ସଅ]ଙ୍କୁ ଧରିବା ପାଇଁ ସୁରାକାର ପଶ୍ଚାତ୍ ଧାବନ ଏବଂ ତାଙ୍କ ସମ୍ବନ୍ଧରେ ଭବିଷ୍ୟତ ବାଣୀ

ଯେତେବେଳେ ମକ୍କାବାସୀ ତାଙ୍କୁ ଖୋଜିବାରେ ବିଫଳ ହେଲେ, ସେମାନେ ଘୋଷଣା କଲେ ଯେ ଯଦି କୌଣସି ବ୍ୟକ୍ତି ହଜରତ ମୁହମ୍ମଦ[ସଅ] କିମ୍ବା ଅବୁବକ୍କର[ରଅ]ଙ୍କୁ ଜୀବିତ କିମ୍ବା ମୃତ ଧରି ଆଣିବ, ତା'ହେଲେ ତାକୁ ଶହେ ଗୋଟି ଓଟ ପୁରସ୍କାର ସ୍ୱରୂପ ଦିଆଯିବ ।' ଏହି ଘୋଷଣାର ସୂଚନା ମକ୍କାର ଆଖପାଖରେ ବାସ କରୁଥିବା ଜନଜାତି ଗୋଷ୍ଠୀଗୁଡିକୁ ଜଣାଇ ଦିଆ ଯାଇଥିଲା । ସୁତରାଂ ସୁରାକା ବିନ୍ ମାଲିକ ନାମକ ଜଣେ ବେଦୁଇନ୍ ସର୍ଦ୍ଦାର ପୁରସ୍କାର ଲୋଭରେ ହଜରତ ମୁହମ୍ମଦ[ସଅ]ଙ୍କ ପଛରେ ଗୋଡାଇଲା । ତାଙ୍କୁ ଖୋଜି ଖୋଜି ଶେଷରେ ମଦିନାକୁ ଯାଉଥିବା ମାର୍ଗରେ ଦେଖି ପକାଇଲା । ଦୁଇଟି ଓଟରେ ଯାଉଥିବା ଯାତ୍ରୀଦ୍ୱୟଙ୍କୁ ଦେଖି ସେ ବୁଝି ପାରିଲା ଯେ ସେମାନେ ନିଶ୍ଚିତ ରୂପେ ମୁହମ୍ମଦ[ସଅ] ଓ ତାଙ୍କର ସାଥୀ ହୋଇଥିବେ । ତେଣୁ ସେ ନିଜ ଅଶ୍ୱକୁ ତୀବ୍ର ବେଗରେ ଝପଟାଇ ମୁହମ୍ମଦ[ସଅ]ଙ୍କୁ ଧରିବା ପାଇଁ ଚେଷ୍ଟା କଲା । କିନ୍ତୁ ଯିବା ବାଟରେ ସୁରାକାର ଅଶ୍ୱ ହଠାତ୍ ଜୋର୍‌ରେ ଝୁଣ୍ଟି ପଡ଼ିଲା ଓ ସେ ଆଘାତ ପ୍ରାପ୍ତ ହୋଇ ଘୋଡାରୁ ତଳେ ପଡ଼ିଗଲା । ସେ ଦିନର ଏହି ଘଟଣାର ବୃତ୍ତାନ୍ତ ସେ ସ୍ୱୟଂ ବର୍ଣ୍ଣନା କରି ଏହିପରି କହିଛି; 'ଯେତେବେଳେ ମୁଁ ଅଶ୍ୱଉପରୁ ପଡିଗଲି, ଆରବୀୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନିଜ ତୀରର ମୁନରେ ମୋରପଡି ଯିବାର ଅର୍ଥ ବାହାର କଲି, । ଯାହା ଅଶୁଭ ସଂକେତ ହୋଇ ବାହାରିଲା । କିନ୍ତୁ ପୁରସ୍କାର ଲୋଭରେ ପୁନଶ୍ଚ ମୁଁ ଅଶ୍ୱରେ ବସି ତାଙ୍କ ପଛରେ ଧାଇଁଲି । କିନ୍ତୁ ହଜରତ ମୁହମ୍ମଦ[ସଅ] ନିର୍ବିକାର ଭାବେ ବୀର ଦର୍ପରେ ଓଟ ପିଠିରେ ବସି ଗନ୍ତବ୍ୟ ପଥରେ ଚାଲିଥିଲେ । ସେ ପଛକୁ ବୁଲି ମୋତେ ଦେଖି ନଥିଲେ । କିନ୍ତୁ ଅବୁବକ୍କର[ରଅ] ବାରମ୍ବାର ପଛକୁ ଏଥିପାଇଁ ଦେଖୁଥିଲେ ଯେ, କାଳେ କେବେ କୌଣସି ବିପଦ ମହାଭାଗଙ୍କ ଉପରେ ପଡିଯିବ ! ସେ ବାରମ୍ବାର ନିଜ ମୁହଁ ବୁଲାଇ ମୋତେ ଦେଖୁଥିଲେ । ଯେବେ ଦ୍ୱିତୀୟ ଥର ମୁଁ ସେମାନଙ୍କ ନିକଟରେ ପହଞ୍ଚିଲି, ପୁନର୍ବାର ମୋର ଅଶ୍ୱ ଜୋର୍‌ରେ ଝୁଣ୍ଟିଲା ଓ ମୁଁ ତଳେ ପଡ଼ିଗଲି । ମୁଁ ପୁନଶ୍ଚ ତୀର ମୁନରେ ଜ୍ୟୋତିଷ ନିୟମରେ ଝୁଣ୍ଟିବାରେ ଅର୍ଥ ବାହାର କଲି । ତାହା ପୁଣି ଅଶୁଭ ଦେଖାଇଲା । ମୁଁ ଦେଖିଲି ଯେ ବାଲିମଧ୍ୟରେ ମୋର ଘୋଡ଼ାର ଗୋଡ଼ ଧସେଇ ପଶି ଯାଇଛି । ଯାହାକୁ ବାହାର କରିବା ମୋ ପାଇଁ ଅତ୍ୟନ୍ତ କଷ୍ଟସାଧ ଥିଲା । ଏଣୁ ମୁଁ ବୁଝିଗଲି ଯେ ଏହି ବ୍ୟକ୍ତିମାନେ ଈଶ୍ୱରଙ୍କ ସୁରକ୍ଷା ବଳୟରେ ଅଛନ୍ତି । ମୁଁ ବଡ଼ ପାଟିରେ ଚିତ୍କାର କରି କହିଲି, 'ରହିଯାଅ, ମୋ କଥା ଟିକେ ଶୁଣ' !

ଯେତେବେଳେ ସେମାନେ ମୋ ପାଖରେ ପହଞ୍ଚିଲେ, ମୁଁ ତାଙ୍କୁ ସବୁକଥା ଜଣାଇଲି ଯେ ମୁଁ ଏହି ମନ୍ଦଭାବନା ନେଇ ଆସିଥିଲି । କିନ୍ତୁ ବର୍ତ୍ତମାନ ମୋର ଅଭିପ୍ରାୟ ବଦଳି ଯାଇଛି ଓ ମୁଁ ଏବେ ଫେରି ଯାଉଛି । କାରଣ ମୋର ବିଶ୍ୱାସ ହୋଇଗଲା ଯେ ଈଶ୍ୱର ଆପଣମାନଙ୍କ ସହିତ ଅଛନ୍ତି ।' ଏହା ଶୁଣି ଦିବ୍ୟ ବାର୍ତ୍ତାବହ[ସଅ] କହିଲେ, 'ଅତି ଉତ୍ତମ, ତୁମେ ଯାଇପାର । କିନ୍ତୁ କାହାରିକୁ ଆମ ବିଷୟରେ କୌଣସି ସୂଚନା ଦେବ ନାହିଁ ।' ଏହି ସମୟରେ ମୋ ମନରେ ଏକ ବିଚାର ଆସିଲା, ଯେହେତୁ ଏହି ବ୍ୟକ୍ତି ସତ୍ୟନିଷ୍ଠ ଦିନେ ନା ଦିନେ ସେ ନିଶ୍ଚିତ ରୂପେ ସଫଳତା ଲାଭ କରିବେ । ଏହି ଚିନ୍ତାଧାରା ନେଇ ମୁଁ କହିଲି, 'ଯେତେବେଳେ ଆପଣଙ୍କୁ ପ୍ରଭୁତ୍ୱ ପ୍ରାପ୍ତି ହେବ ଓ ଆପଣ ଜୟ ଲାଭ କରିବେ, ସେହି ସମୟ ପାଇଁ ଆପଣ ମୋ ନିରାପତ୍ତାର ଅଭୟ ସୂଚକ ପତ୍ର ଲେଖି ଦେଇ ଯାଆନ୍ତୁ । ସୁତରାଂ ହଜରତ ମୁହମ୍ମଦ[ସଅ] ହଜରତ ଅବୁବକ୍କରଙ୍କ ସେବକ ଆମିର୍ ବିନ୍ ଫୁହେରାକୁ ଏହି ଅଭୟ ସୂଚକ ବାର୍ତ୍ତା ଲେଖିବା ପାଇଁ ନିର୍ଦ୍ଦେଶ ଦେଲେ । ତାହାଥିଲା ସୁରାକା ପାଇଁ ଅଭୟ ପ୍ରଦାନ ସୂଚକ ଲିଖିତ ପତ୍ର ।

(ବୁଖାରୀ, ଭାଗ ହିଜରତୁନ୍ ନବୀ)

ଯେତେବେଳେ ସୁରାକା ପଶ୍ଚାତ୍‌ପଦ ହୋଇ ଲେଉଟି ଯିବାକୁ ବାହାରିଲା, ସେହି ସମୟରେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଅଲ୍ଲାଃଙ୍କ ତରଫରୁ ଭାବୀ ପରିସ୍ଥିତିର ପରୋକ୍ଷ ସୂଚନା ପ୍ରକଟିତ ହେଲା । ତଦନୁସାରେ ମହାଭାଗ କହିଲେ, 'ହେ ସୁରାକା, ସେ ସମୟରେ ତୁମର ମାନସିକ ଅବସ୍ଥା କିପରି ହେବ, ଯେତେବେଳେ ତୁମ ହସ୍ତରେ କିସ୍‌ରା (ଇରାନ୍ ସାମ୍ରାଜ୍ୟ)ର ସୁନାର କଙ୍କଣ ପିନ୍ଧାଇ ଦିଆଯିବ ?' ସୁରାକା ଆଶ୍ଚର୍ଯ୍ୟ ଚକିତ ହୋଇ ପ୍ରଶ୍ନ କଲା 'କିସ୍‌ରା ବିନ୍ ହୁର୍‌ମୁଜ୍' ଅର୍ଥାତ୍ କ'ଣ ଇରାନ ବାଦ୍‌ଶାହଙ୍କର ?' ମହାଭାଗ ଉତ୍ତର ଦେଲେ, 'ହଁ' । (ଅସ୍‌ସିରତୁଲ୍ ହଲବିୟାଃ, ଭାଗ ୨, ପୃଷ୍ଠା ୫୦) ସୁତରାଂ ହଜରତ ମୁହମ୍ମଦ[ସଅ] ଙ୍କର ଏହି ଭବିଷ୍ୟତବାଣୀ ପ୍ରାୟ ଷୋହଳ ସତର ବର୍ଷ ପରେ ଅକ୍ଷରେ ଅକ୍ଷରେ ପୂରଣ ହୋଇଥିଲା । ସୁରାକା ମୁସଲମାନ ହୋଇ ମଦିନାକୁ ଆସିଲା । ହଜରତ ମୁହମ୍ମଦ[ସଅ]ଙ୍କ ଦେହାନ୍ତ ପରେ ହଜରତ ଅବୁବକ୍କର[ରଅ] ଓ ତାଙ୍କ ପରେ ହଜରତ୍ ଉମ୍ମର[ରଅ] ଉତ୍ତରାଧିକାରୀ ସୂତ୍ରେ ଇସ୍‌ଲାମର ଦ୍ୱିତୀୟ ଖଲିଫା ହୋଇଥିଲେ । ଇସଲାମର ପ୍ରଗତି ହେବା ଦେଖି ଇରାନୀୟମାନେ ଆରବ ଉପରେ ଆକ୍ରମଣ ଆରମ୍ଭ କରିଦେଲେ । କିନ୍ତୁ ଇସଲାମକୁ ଧ୍ୱଂସ ଓ ପଦ ଦଳିତ କରିବା ପାଇଁ ରଣହୁଙ୍କାର ଦେଉଥିବା ସେହି ଲୋକମାନେ ନିଜେ ହିଁ ପଦ ଦଳିତ ହୋଇଗଲେ । କିସ୍‌ରାର ରାଜଧାନୀକୁ ଇସଲାମୀୟ ସେନାବାହିନୀର ଅଶ୍ୱାରୋହୀଙ୍କ ଘୋଡାର ଟାପୁ ତଳେ ଦଳି ଚକଟି ଖିନ୍‌ଭିନ୍ କରିଦେଲେ । ଏବଂ ଇରାନର କୋଷାଗାର

ମୁସଲମାନମାନଙ୍କ କବ୍‌ଜାକୁ ଆସିଲା, ଯେଉଁ ରତ୍ନ ଭଣ୍ଡାର ଇରାନ ଶାସନ ଅଧୀନରୁ ସେମାନଙ୍କ ଅଧିକାରକୁ ଆସିଥିଲା, ସେଥି ମଧ୍ୟରେ ସେହି ସୁନାର କଙ୍କଣ ମଧ୍ୟ ଥିଲା । ଯାହାକୁ ଇରାନୀୟ ପ୍ରଥାନୁଯାୟୀ ସିଂହାସନ ଆରୋହଣ କଲା ବେଳେ ଇରାନର ସମ୍ରାଟ ନିଜ ହାତରେ ପିନ୍ଧୁଥିଲେ । ସୁରାକା ମୁସଲମାନ ହେବା ପରେ ମଦିନାରେ ଥିବା ସମୟରେ ହଜରତ୍ ମୁହମ୍ମଦ[ସଅ] ତାହାରି ପାଇଁ କରିଥିବା ଭବିଷ୍ୟତ ବାଣୀ ସମ୍ପର୍କରେ କହି ବୁଲୁଥିଲା । ମୁସଲମାନ ମାନେ ଏହି ବିଷୟରେ ଆଗରୁ ଅବଗତ ଥିଲେ ଯାହା ହଜରତ ମୁହମ୍ମଦ[ସଅ] ତାଙ୍କୁ ସମ୍ବୋଧିତ କରି କହିଥିଲେ 'ହେ ସୁରାକା ! ତୋର ଅବସ୍ଥା ସେତେବେଳେ କଣ ହେବ, ଯେବେ ଇରାନ୍ ସମ୍ରାଟ ପିନ୍ଧୁଥିବା ସୁନା କଙ୍କଣ ତୋ ହାତରେ ପିନ୍ଧାଇ ଦିଆଯିବ !' ହଜରତ ଉମର(ଦ୍ୱିତୀୟ ଖଳିଫା)ଙ୍କ ସମ୍ମୁଖକୁ ଯେତେବେଳେ ପରାଜିତ ଇରାନୀୟ ଶତ୍ରୁଙ୍କ ଠାରୁ ବାଜ୍ୟାପ୍ତ କରାଯାଇଥିବା ସମସ୍ତ ସମ୍ପତ୍ତି ଆଣି ଠୁଳ କରାଗଲା, ସେହି ସୁନା କଙ୍କଣ ଉପରେ ସମସ୍ତଙ୍କ ନଜର ପଡିଗଲା । ସେତିକିବେଳେ ତାଙ୍କ ଆଖି ଆଗରେ ସମସ୍ତ ଦୃଶ୍ୟ ହଠାତ୍ ଘୂରିଗଲା । ସେହି ଦୁର୍ଦ୍ଦିନ ସମୟରେ ଯେତେବେଳେ ଇସଲାମ୍ ଅତି ଦୁର୍ବଳ ତଥା ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥା ଦେଇ ଗତି କରୁଥିଲା, ଯାହା ଫଳରେ ଈଶ୍ୱରଙ୍କ ବାର୍ତ୍ତାବହଙ୍କୁ ନିଜ ଗୃହ ତ୍ୟାଗ କରି ମଦିନା ଆସିବାକୁ ପଡ଼ିଥିଲା । ପୁଣି ସେହି ସୁରାକା ତଥା ଅନ୍ୟ ସାଥୀମାନେ ହଜରତ ମୁହମ୍ମଦ[ସଅ]ଙ୍କ ପଛରେ ଘୋଡା ଦୌଡାଇ କେବଳ ତାଙ୍କୁ ହତ୍ୟା କରି କିମ୍ବା ଜୀବିତାବସ୍ଥାରେ ବନ୍ଦୀ କରି ମକ୍କାବାସୀଙ୍କ ଠାରୁ ସେହି ପୁରସ୍କାର ପାଇବା ଆଶାରେ ଯେ ସେ ଶହେ ଓଟର ସ୍ୱାମୀ ହୋଇଯିବେ । ସେହି ସମୟରେ ମୁହମ୍ମଦ[ସଅ]ଙ୍କୁ ସୁରାକାଙ୍କ ପ୍ରତି ଏପରି କହିବା ଯେ 'ସୁରାକା ତୁମର ଅବସ୍ଥା କିପରି ହେବ, ଯେତେବେଳେ ବିଶାଳ ଇରାନ୍ ସାମ୍ରାଜ୍ୟର ନୃପତିଙ୍କ ସୁନା କଙ୍କଣ ତୁମ ହାତରେ ପିନ୍ଧାଇ ଦିଆଯିବ ?' ବାସ୍ତବିକ ତାହା କେତେ ବଡ଼ ଗୌରବଶାଳୀ ଭବିଷ୍ୟତ ବାଣୀ ? କେତେ ଉଜ୍ଜ୍ୱଳମୟ ତାଙ୍କର ଭବିଷ୍ୟତ ? ହଜରତ୍ ଉମର[ରଅ] ନିଜ ସମ୍ମୁଖରେ ଇରାନ୍ ସମ୍ରାଟଙ୍କ ସେହି ସୁନା କଙ୍କଣକୁ ଦେଖିବା କ୍ଷଣି ଈଶ୍ୱରଙ୍କ ଅପାର ମହିମା ତାଙ୍କ ଦୃଶ୍ୟପଟରେ ଖେଳିଗଲା । ସୁରାକାଙ୍କୁ ଡକାଗଲା ଓ ହଜରତ ଉମର[ରଅ] ଆଦେଶ ଦେଲେ, 'କିସ୍‌ରାର ସୁନା କଙ୍କଣ ସୁରାକା ନିଜ ହାତରେ ପିନ୍ଧନ୍ତୁ ।' ସୁରାକା କହିଲେ, 'ହେ ରସୁଲଙ୍କ ଖଲିଫା ! ସୁନାର ଅଳଙ୍କାର ପିନ୍ଧିବା ମୁସଲମାନ ପୁରୁଷମାନଙ୍କ ପାଇଁ ବର୍ଜିତ । ହଜରତ ଉମର ଉତ୍ତର ଦେଲେ, 'ହଁ, ଅବଶ୍ୟ ବର୍ଜିତ ଅଛି ସତ କିନ୍ତୁ ଆଜିର ଏହି ଅବସର ପାଇଁ ନୁହେଁ । କାରଣ ସ୍ୱୟଂ ଅଲ୍ଲାଃ ମୁହମ୍ମଦ[ସଅ]ଙ୍କୁ ତୁମ ହସ୍ତରେ ସୁନାର କଙ୍କଣ ପିନ୍ଧିଥିବାର ଦୃଶ୍ୟ ଦେଖାଇ ଥିଲେ । ତୁମେ ଏହାକୁ ପିନ୍ଧିବ ନଚେତ୍ ମୁଁ ତୁମକୁ ଦଣ୍ଡ ଦେବାକୁ ବାଧ

ହେବି ?' ସୁରାକା ଏଥିରେ ଆପତ୍ତି କରିବା ଶରୀୟତ୍ (ଆଇନଗତ) ସମସ୍ୟା ଯୋଗୁଁ ଥିଲା । ଅନ୍ୟଥା ତା'ର ମନରେ ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟତ ବାଣୀ ପୂରଣ ହେଉଥିବାର ଦେଖିବା ପାଇଁ ପ୍ରବଳ ଉତ୍ସୁକତା ରହିଥିଲା । ସୁରାକା ସେହି କଙ୍କଣକୁ ନିଜ ହାତରେ ପିନ୍ଧିଲେ ଓ ସମବେତ ମୁସଲମାନ ସେହି ମହାନ୍ ଭବିଷ୍ୟତ ବାଣୀ ପୂରଣ ହେଉଥିବାର ଦୃଶ୍ୟ ଦେଖିଲେ ।

## ମୁହମ୍ମଦ[ସଅ] ଙ୍କ ମଦିନାରେ ପ୍ରବେଶ

ମକ୍କାରୁ ନିର୍ଯ୍ୟାତିତ ହୋଇ ପଳାୟନ କରିଥିବା ରସୁଲ ବର୍ତ୍ତମାନ ବିଶ୍ୱ ଜଗତର ସମ୍ରାଟ ହୋଇ ସାରିଥିଲେ । ମହାଭାଗ ସ୍ୱୟଂ ଏହି ସଂସାରରେ ବିଦ୍ୟମାନ ନଥିଲେ, କିନ୍ତୁ ଇସଲାମର ଦାସ ଓ ସେବକଗଣ ତାଙ୍କର ଭବିଷ୍ୟତବାଣୀକୁ ପୂରଣ ହେବାର ଦୃଶ୍ୟ ଅବଶ୍ୟ ଦେଖିଲେ । ସୁରାକାକୁ ବିଦାୟ ଦେଇ କିଛି ଦୂର ଅତିକ୍ରମ କଲା ପରେ ହଜରତ ମୁହମ୍ମଦ[ସଅ] ମଦିନାରେ ପହଞ୍ଚିଲେ । ମଦିନାର ଲୋକମାନେ ବହୁତ ଉତ୍ସୁକତାର ସହିତ ତାଙ୍କର ପ୍ରତୀକ୍ଷା କରିଥିଲେ । ଏହାଠାରୁ ବଳି ସୌଭାଗ୍ୟର ବିଷୟ ଆଉ କଣ ହୋଇପାରେ ଯେ ଯେଉଁ ସୂର୍ଯ୍ୟ ମକ୍କାରୁ ବାହାରି ଥିଲା, ତାହା ମଦିନାର ଜନସାଧାରଣଙ୍କ ନିକଟରେ ଯାଇ ଉଦୟ ହେଲା ।

ଯେଉଁ ଦିନଠାରୁ ସେମାନେ ଶୁଣିଥିଲେ ଯେ ଅଲ୍ଲାଃଙ୍କ ବାର୍ତ୍ତାବହ ମକ୍କାରୁ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି, ସେହି ଦିନଠାରୁ ସେମାନେ ଅତି ବ୍ୟଗ୍ର ଭାବରେ ତାଙ୍କ ଦର୍ଶନ ଅପେକ୍ଷାରେ ଥିଲେ । ଅନେକ ଲୋକ ଦଳ ଦଳ ହୋଇ ମଦିନା ବାହାରକୁ ତାଙ୍କୁ ପାଛୋଟି ଆଣିବା ପାଇଁ ଅନେକ ଦୂର ପର୍ଯ୍ୟନ୍ତ ଚାଲି ଯାଉଥିଲେ ଓ ସନ୍ଧ୍ୟା ବେଳକୁ ନିରାଶ ହୋଇ ମଦିନାକୁ ଫେରୁଥିଲେ । ଯେତେବେଳେ ସେ ମଦିନା ନିକଟରେ ପହଞ୍ଚିଲେ, ଏହା ମନସ୍ଥ କଲେ ଯେ ଏହାର ପାର୍ଶ୍ୱବର୍ତ୍ତୀ ଏକ ଗ୍ରାମ 'କବା'ରେ କିଛି ସମୟ ବିଶ୍ରାମ ନେବେ । ଜଣେ ଇହୁଦୀ ସମ୍ପ୍ରଦାୟର ବ୍ୟକ୍ତି ତାଙ୍କ ଓଟକୁ ଦେଖି ଜାଣି ପାରିଲା ଯେ ଏହା ହଜରତ ମୁହମ୍ମଦ[ସଅ]ଙ୍କ ଦଳ । ସେ ଏକ ବଡ଼ ବାଲୁକା ସ୍ତୁପରେ ଚଢ଼ିଯାଇ ଉଚ୍ଚ ସ୍ୱରରେ ଡାକ ଦେଲା 'ହେ କୈଲାର ସନ୍ତାନମାନେ ! (ଏହା ମଦିନାର ଏକ ଘାଟି) ତୁମେମାନେ ଯାହାଙ୍କ ଅପେକ୍ଷାରେ ଥିଲ, ସେ ଆସି ପହଞ୍ଚି ଯାଇଛନ୍ତି ।' ଏହି ଡାକ ଶୁଣି ମଦିନାର ପ୍ରତ୍ୟେକ ଲୋକ କବା ଆଡ଼କୁ ଦୌଡ଼ିବାକୁ ଲାଗିଲେ । କବା ନିବାସୀଙ୍କ ମନ ଆନନ୍ଦରେ କୁଣ୍ଢେମୋଟ ହୋଇ ଯାଉଥିଲା ଯେ ଈଶ୍ୱରଙ୍କ ନବୀ ତାଙ୍କ ଗହଣରେ ବିରାଜମାନ ହୋଇଛନ୍ତି ଓ ତାଙ୍କ ସହିତ ରହିବା ପାଇଁ ଆସିଛନ୍ତି ।

ଏହି ସମୟରେ ଏପରି ଏକ ଘଟଣା ଘଟିଲା, ଯାହା ହଜରତ ମୁହମ୍ମଦ[ସଅ]ଙ୍କ ନିରାଡ଼ମ୍ବର ଓ ସରଳ ବ୍ୟକ୍ତିତ୍ୱ ଉପରେ ଏକ ଅମିଟ୍ୟ ପ୍ରକାଶ ପକାଇଲା । ମଦିନାର ଅଧିକାଂଶ ଲୋକ ତାଙ୍କୁ ସ୍ୱଚକ୍ଷୁରେ କେବେ ଦେଖି ନଥିଲେ । ସେ 'କବା'ର ବାହାରେ ଥିବା ଏକ ଗଛ ମୂଳରେ ବିରାଜମାନ ହେଲେ ଏବଂ ତାଙ୍କର ଦର୍ଶନ ପାଇଁ ଲୋକମାନେ ବହୁ ଦୂର ଦୂରାନ୍ତରୁ ଧାଇଁବାରେ ଲାଗିଲେ । ଯେହେତୁ ମୁହମ୍ମଦ[ସଅ] ଅତ୍ୟଧିକ ସାଧାସିଧା ଓ ସରଳ ସ୍ୱଭାବର ସାଧାରଣ ବ୍ୟକ୍ତି ପରି ସେଠାରେ ବସିଥିଲେ । ହଜରତ୍ ଅବୁବକ୍କର[ରଅ] ଯଦିଚ ତାଙ୍କ ଠାରୁ ବୟସରେ ଛୋଟ ଥିଲେ ଓ ସେ ପିନ୍ଧିଥିବା ବସ୍ତ୍ର ଅପେକ୍ଷାକୃତ ଉତ୍କୃଷ୍ଟ ଥିଲା, ତଥାପି ତାଙ୍କ ସ୍ମଶ୍ରୁରେ କିଛି ଧଳା ବାଳ ଥିବା ଦେଖି ସେମାନେ ଭାବିଲେ ବୋଧହୁଏ ଏହି ବୟୋଜ୍ୟେଷ୍ଠ ବ୍ୟକ୍ତି ହିଁ ମୁହମ୍ମଦ[ସଅ] ହୋଇଥିବେ । ସୁତରାଂ ଭକ୍ତଗଣ ହଜରତ ଅବୁବକ୍କର[ରଅ]ଙ୍କ ଆଡକୁ ମୁହଁ କରି ଅତି ଶାଳୀନତାର ସହିତ ତାଙ୍କ ଆଗରେ ଆସି ବସିଗଲେ । ଅବୁବକ୍କର[ରଅ] ଯେତେବେଳେ ଦେଖିଲେ ଯେ ଲୋକଙ୍କର ଭୁଲ ଧାରଣା ହୋଇ ଗଲାଣି । ତେଣୁ ସେ ତତ୍‌କ୍ଷଣାତ୍ ଉଠି ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ପଡୁଥିବା ସୂର୍ଯ୍ୟ କିରଣ ଦିଗକୁ ନିଜର ଚାଦର ଟେକି ଆଢୁଆଳ କରି କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଆପଣଙ୍କ ଉପରେ ଖରା ପଡୁଛି । ତେଣୁ ମୁଁ ଆପଣଙ୍କୁ ଛାୟା ପ୍ରଦାନ କରୁଛି ।'(ବୁଖାରି, ଭାଗ ହିଜରତୁନ୍ ନବୀ ଓ୍ୱ ଅସହାବିହି ଇଲଲ୍ ମଦିନା) ଏହିପରି ଏକ ଉତ୍ତମ ଉପାୟ ଦ୍ୱାରା ସେ ଲୋକମାନଙ୍କୁ ସେମାନଙ୍କ ଭୁଲ୍‌ର ଆଭାସ ଦେଇଥିଲେ । କବାରେ ଦଶ ଦିନ ରହିବା ପରେ ମଦିନାର ଲୋକମାନେ ଦିବ୍ୟ ବାର୍ତ୍ତାବହଙ୍କୁ ମଦିନା ନେଇଗଲେ । ଯେତେବେଳେ ସେ ମଦିନାରେ ପ୍ରବେଶ କଲେ, ସେଠାକାର ସମସ୍ତ ମୁସଲମାନ କି ପୁରୁଷ କି ମହିଳା, କି ଶିଶୁ କି ଯୁବକ, ସବୁ ଗଳି କନ୍ଦିରେ ଛିଡା ହୋଇ ତାଙ୍କର ଅଭିବାଦନ କରୁଥିଲେ । ପିଲା ଓ ମହିଳାମାନେ ଏହି କାବ୍ୟ ପଙ୍‌କ୍ତିକୁ ସ୍ୱାଗତ ଗୀତିକା ରୂପେ ଗାଉଥିଲେ:

طَلَعَ الْبَدْرُ عَلَيْنَا مِنْ ثَنِيَّاتِ الْوِدَاعِ
وَجَبَ الشُّكْرُ عَلَيْنَا مَا دَعَا لِلّٰهِ دَاعِ
اَيُّهَا الْمَبْعُوْثُ فِيْنَا جِئْتَ بِالْاَمْرِ الْمُطَاعِ

ତ୍ୱଲାଆ ଅଲ୍ ବଦରୁ ଅଲୈନା ମିନ୍ ସନିୟାତିଲ୍ ଓ୍ୱିଦାୟି ॥
ଓ୍ୱଜବଶ୍ ଶୁକ୍‌ରୁ ଅଲୈନା ମାଦାଆ ଲିଲ୍ଲାହି ଦା'ୟି ॥
ଆୟୋହଲ୍ ମବ୍‌ଉସୋ ଫିଇନାଜେ'ତା ବିଲ୍ ଅମରିଲ୍ ମୁତା'ଇ ॥

ଅର୍ଥାତ୍ ଚତୁର୍ଦ୍ଦଶ ରାତ୍ରୀର ପୂର୍ଣ୍ଣ ଚନ୍ଦ୍ର ଆମ ଉପରେ 'ଓ୍ୱଦାଅ' କୋଣରୁ ଉଦୟ ହୋଇଛନ୍ତି ଏବଂ ଯେ ପର୍ଯ୍ୟନ୍ତ ଈଶ୍ୱରଙ୍କ ତରଫରୁ କେହି ଜଣେ ଆହ୍ୱାନକାରୀ ସଂସାରରେ ବିଦ୍ୟମାନ ରହିଥିବେ, ଆମ ପ୍ରତି ଏହି ଅନୁଗ୍ରହ ପାଇଁ ତାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିବା ଆମମାନଙ୍କ ପକ୍ଷେ ଅନିବାର୍ଯ୍ୟ ହୋଇ ଯାଇଛି । ତେଣୁ ହେ ଈଶ୍ୱରଙ୍କ ପ୍ରେରିତ ଦୂତ ! ଯାହାଙ୍କୁ ପ୍ରଭୁ ଆମ ନିକଟକୁ ପଠାଇଛନ୍ତି, ତୁମ ଆଦେଶକୁ ସମ୍ପୂର୍ଣ୍ଣ ରୂପେ ଅବଶ୍ୟ ପାଳନ କରାଯିବ ।

ଅଲ୍ଲାହ୍‌ଙ୍କ ଦିବ୍ୟ ବାର୍ତ୍ତାବହ[ସଅ] ଯେଉଁ ଦିଗରୁ ମଦିନାକୁ ପ୍ରବେଶ କରିଥିଲେ, ତାହା ପୂର୍ବ ଦିଗ ନଥିଲା । କିନ୍ତୁ ଚତୁର୍ଦ୍ଦଶ ରାତ୍ରୀର ପୂର୍ଣ୍ଣିମା ଚନ୍ଦ୍ର ତ ପୂର୍ବ ଦିଗରୁ ହିଁ ଉଇଁଥାଏ । ତେଣୁ ମଦିନାବାସୀଙ୍କ କବିତାର ତାତ୍ପର୍ଯ୍ୟରେ ପ୍ରକୃତ ଚନ୍ଦ୍ର ଆଧ୍ୟାତ୍ମିକ ଚନ୍ଦ୍ରମା ହୋଇଥାଏ । ଆମେ ତ ଆଜି ପର୍ଯ୍ୟନ୍ତ ଅଧର୍ମର ଘୋର ଅନ୍ଧକାରରେ ରହିଥିଲୁ । ବର୍ତ୍ତମାନ ଆମ ସକାଶେ ଚନ୍ଦ୍ରମା ଏପରି ଦିଗରୁ ଉଦୟ ହୋଇଛନ୍ତି, ଯେଉଁ ଦିଗରେ ସେ କେବେ ଉଦିତ ହୁଅନ୍ତି ନାହିଁ । ସେହି ଦିନଟି ସୋମବାର ଥିଲା, ଯେଉଁଦିନ ଦିବ୍ୟ ବାର୍ତ୍ତାବହ ମଦିନାରେ ପ୍ରବେଶ କରିଥିଲେ । ସେହି ସୋମବାର ଦିନ ମଧ୍ୟ ସୌର ଗୁମ୍ଫାରୁ ସେ ସୁରକ୍ଷିତ ବାହାରିଥିଲେ । ବଡ ବିଚିତ୍ର କଥା ଯେ ସୋମବାର ଦିନ ହିଁ ତାଙ୍କ ଦ୍ୱାରା ମକ୍କା ବିଜୟ ହୋଇଥିଲା । (ଜରକାନୀ, ପ୍ରଥମ ଭାଗ, ପୃଷ୍ଠା ୩୫)

ଯେତେବେଳେ ସେ ମଦିନାରେ ପ୍ରବେଶ କଲେ ପ୍ରତ୍ୟେକ ବ୍ୟକ୍ତିଙ୍କର ଅଭିଳାଷ ରହିଥିଲା ଯେ ମହାଭାଗ ତାଙ୍କ ଘରେ ଆତିଥ୍ୟ ଗ୍ରହଣ କରନ୍ତୁ । ତାଙ୍କ ଓଟ ମଦିନାର ଯେଉଁ ଗଳିରେ ଯାଉଥିଲା,ସେହି ଗଳିର ଭିନ୍ନ ଭିନ୍ନ ପରିବାରର ଲୋକ ନିଜ ଘର ସମ୍ମୁଖରେ ଛିଡା ହୋଇ ହଜରତ ମୁହମ୍ମଦ[ସଅ]ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଥିଲେ । ଏବଂ କହୁଥିଲେ 'ହେ ଅଲ୍ଲାହ୍‌ଙ୍କ ରସୁଲ ! ଏହା ଆମ ଘର । ଏହି ସମ୍ପତ୍ତି ଆମର ଓ ଏହି ଜୀବନ ଆମର, ଯାହା ଆପଣଙ୍କ ସେବାରେ ଉତ୍ସର୍ଗ ହେବା ପାଇଁ ପ୍ରସ୍ତୁତ । ହେ ଅଲ୍ଲାହ୍‌ଙ୍କ ବାର୍ତ୍ତାବହ ! ଆମେ ଆପଣଙ୍କ ସୁରକ୍ଷା ସକାଶେ ନିଜକୁ ଯୋଗ୍ୟ ମନେ କରୁଛୁ । ଆଜି ଆପଣ ଆମ ଗହଣରେ ରହିଯାଆନ୍ତୁ' । କେତେକ ଲୋକ ଅତି ଭାବାବେଗରେ ଆସି ହଜରତ ମୁହମ୍ମଦ[ସଅ]ଙ୍କ ଓଟର ଲଗାମ ଦଉଡ଼ିକୁ ଧରି ପକାଉଥିଲେ ଯଦ୍ଦ୍ୱାରା ତାଙ୍କ ଘରେ ସେ କାଳେ ଓହ୍ଲାଇ ପଡନ୍ତେ କି ! କିନ୍ତୁ ମହାଭାଗ ସମସ୍ତଙ୍କୁ ଗୋଟିଏ ଉତ୍ତର ଦେଉଥିଲେ, 'ମୋର ଓଟକୁ ଛାଡ଼ିଦିଅ, ସେ ଆଜି ଈଶ୍ୱରଙ୍କ ଆଦେଶରେ କାର୍ଯ୍ୟ କରୁଛି । ସେ ସେହି ଠାରେ ଛିଡା ହେବ, ଯେଉଁଠାରେ ପ୍ରଭୁ ଇଚ୍ଛା କରିବେ ।'

ଶେଷରେ ସେହି ଓଟଟି ମଦିନାର ଶେଷ ପ୍ରାନ୍ତରେ ଥିବା ବନୁ ନଜ୍ଜାରଙ୍କ ଅନାଥମାନଙ୍କ ଏକ ଜମି ପାଖରେ ଯାଇ ଅଟକି ଗଲା । ମହାଭାଗ କହିଲେ ପ୍ରଭୁଙ୍କ ଏହି ଇଚ୍ଛା ଜଣା ପଡୁଛି ଯେ ଆମେ ଏହି ସ୍ଥାନରେ ରହିବୁ । ପୁନଶ୍ଚ କହିଲେ 'ଏହି ଜମିଟି କାହାର ?' ଜମିଟି କେତେକ ଅନାଥ ପିଲାମାନଙ୍କର ଥିଲା । ସେମାନଙ୍କ ଅଭିଭାବକ ଆଗକୁ ବଢି କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ଏହା ଅମୁକ ଅମୁକ ଅନାଥ ପିଲାଙ୍କ ଭୂମି ତଥା ଆପଣଙ୍କ ସେବାରେ ସମର୍ପିତ । ତହୁଁ ସେ ଉତ୍ତର ଦେଲେ 'ଆମେ କାହାର ଧନ ସମ୍ପତ୍ତି ମାଗଣାରେ ନେବୁ ନାହୁଁ' । ଶେଷରେ ସେହି ଜମିଟିର ମୂଲ୍ୟ ନିର୍ଦ୍ଧାରଣ କରାଗଲା ଓ ସେ ଏହି ସ୍ଥାନରେ ମସଜିଦ୍ (ପ୍ରାର୍ଥନା ଗୃହ) ଓ ନିଜ ପାଇଁ ବାସଗୃହ ନିର୍ମାଣ କରିବା ସକାଶେ ନିଷ୍ପତ୍ତି ନେଲେ ।

## ଅବୁ ଅୟୁବ୍ [ରଅ] ଅନ୍‌ସାରୀଙ୍କ ଗୃହରେ ଅବସ୍ଥାନ

ଏହାପରେ ସେ କହିଲେ, 'ସବୁଠାରୁ ନିକଟବର୍ତ୍ତୀ ଘର କାହାର ?' ଅବୁ ଅୟୁବ ଅନ୍‌ସାରୀ ଆଗକୁ ଆସି କହିଲେ, 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ଘର ସବୁଠାରୁ ନିକଟରେ ତଥା ଆପଣଙ୍କ ସେବାରେ ପ୍ରସ୍ତୁତ ହୋଇ ରହିଛି ।' ତହୁଁ ସେ ଆଦେଶ ଦେଲେ 'ଘରକୁ ଯାଅ ଓ ମୋ ପାଇଁ ଏକ କଠୋରୀ ପ୍ରସ୍ତୁତ କର ।' ଅବୁ ଅୟୁବଙ୍କ ବାସଗୃହଟି ଦୁଇ ମହଲା ବିଶିଷ୍ଟ ଥିଲା । ସେ ରସୁଲୁଲ୍ଲାଃଙ୍କ ରହଣୀ ପାଇଁ ଉପର ମହଲାକୁ ସ୍ଥିର କରିଥିବା ବେଳେ ମୁହମ୍ମଦ [ସଅ] ଭକ୍ତଙ୍କ ଦର୍ଶନ ଯୋଗୁଁ ତଳ ମହଲାକୁ ପସନ୍ଦ କଲେ । ମଦିନାର ଅନସାର୍‌ମାନଙ୍କ ହୃଦୟରେ ହଜରତ ମୁହମ୍ମଦ [ସଅ]ଙ୍କ ପ୍ରତି ନିବିଡ ପ୍ରେମ ଜାଗୃତ ହୋଇଥିଲା । ତାହାର ଜ୍ୱଳନ୍ତ ନିଦର୍ଶନ ଏହି ଅବସରରେ ମଧ୍ୟ ଦେଖିବକୁ ମିଳିଲା । ସୁତରାଂ ଅଲ୍ଲାଃଙ୍କର ବାର୍ତ୍ତାବହଙ୍କ ଆଗ୍ରହକୁ ଦେଖି ଅବୁ ଅୟୁବ ମାନିଗଲେ ଯେ ମହାଭାଗ ତଳ ମହଲାରେ ରହିବେ । କିନ୍ତୁ ସାରା ରାତି ପତି ପତ୍ନୀଙ୍କୁ ଏହି ବିଷୟ ବ୍ୟାକୁଳ କଲା ଯେ ତଳ ମହଲାରେ ଅଲ୍ଲାଃଙ୍କ ରସୁଲ ଶୋଇଛନ୍ତି, ଅଥଚ ସେମାନେ କିପରି ତାହାର ଉପର ମହଲାରେ ରାତିରେ ଶୋଇ ପାରିବେ ? ତେବେ ସେହି ରାତିରେ ଗୋଟିଏ ବାସନରୁ ପାଣି ପଡ଼ିଗଲା । ତାହା କାଳେ ଛାତ ତଳକୁ ବୋହିଯାଇ ତାଙ୍କ ଉପରେ ପଡ଼ିଯିବ, ସେହି ଆଶଙ୍କାରେ ଅବୁ ଅୟୁବ [ରଅ] ଶୀଘ୍ର ଦୌଡ଼ି ଯାଇ ନିଜ ଚାଦରଟିକୁ ପାଣିରେ ଭିଜାଇ ଶୁଖାଇ ଦେଲେ, ଯେପରିକି ପାଣି ତଳ ମହଲାକୁ ଗଡ଼ିବ ନାହିଁ । ପ୍ରଭାତ ହେବାରୁ ଅବୁ ଅୟୁବ୍ [ରଅ] ହଜରତ ମୁହମ୍ମଦ [ସଅ]ଙ୍କ ସେବାରେ ଉପସ୍ଥିତ ହୋଇ ପୂର୍ବ ରାତ୍ରୀର ସମସ୍ତ ଘଟଣା ବର୍ଣ୍ଣନା କଲେ । ଯଦ୍ଦ୍ୱାରା ଏହା ହୃଦୟଙ୍ଗମ କରି ଅଲ୍ଲାଃଙ୍କ ବାର୍ତ୍ତାବହ ଉପର ମହଲାକୁ ଯିବା

ପାଇଁ ରାଜି ହୋଇଗଲେ । ହଜରତ ଅବୁ ଅୟୁବ[ରଅ] ପ୍ରତିଦିନ ଖାଦ୍ୟ ପ୍ରସ୍ତୁତ କରି ତାଙ୍କ ପାଖକୁ ପଠାଉଥିଲେ ଓ ବଳକା ରହି ଯାଉଥିବା ଅଇଁଠା ଖାଦ୍ୟକୁ ଘରର ସମସ୍ତ ସଦସ୍ୟ ଖାଉଥିଲେ । କିଛି ଦିନ ଉତ୍ତାରୁ ଅନ୍ୟ ଅନସାର୍‌ମାନେ ଅତିଥି ସେବା ପାଇଁ ନିଜର ଦାବୀ ଉପସ୍ଥାପନ କଲେ । ଯେପର୍ଯ୍ୟନ୍ତ ହଜରତ ମୁହମ୍ମଦ[ସଅ]ଙ୍କ ନିଜସ୍ୱ ଗୃହର ବ୍ୟବସ୍ଥା ହୋଇ ନଥିଲା, ସେମାନେ ପାଳି କରି ତାଙ୍କ ଘରେ ଖାଦ୍ୟ ପହଞ୍ଚାଉ ଥିଲେ ।

(ବୁଖାରି, ଭାଗ ହିଜରତୁନ୍ ନବି[ସଅ] ଜରକାନୀ, ପ୍ରଥମ ଭାଗ, ହିଜରତ ଘଟଣା)

## ହଜରତ ମୁହମ୍ମଦ[ସଅ]ଙ୍କ ସେବକ ଅନସ୍[ରଅ]ଙ୍କ ସାକ୍ଷ୍ୟ

ମଦିନାର ଜଣେ ବିଧବା ମହିଳାଙ୍କର ଏକ ମାତ୍ର ପୁତ୍ର ଥିଲେ ଅନସ । ତାଙ୍କ ବୟସ ଆଠ କିମ୍ବା ନଅ ବର୍ଷ ହୋଇଥିବା ବେଳେ ସେ ହଜରତ ମୁହମ୍ମଦ[ସଅ]ଙ୍କ ସେବାରେ ତାଙ୍କୁ ଅର୍ପଣ କରି କହିଲା, 'ହେ ଅଲ୍ଲାଃଙ୍କ ରସୁଲ ! ମୋର ଏହି ପୁଅଟିକୁ ଆପଣଙ୍କ ସେବା ପାଇଁ ସ୍ୱୀକାର କରନ୍ତୁ । ସେହି ମହିଳା ମୁହମ୍ମଦ[ସଅ]ଙ୍କ ପ୍ରତି ନିଜ ପୁତ୍ରକୁ ବଳିଦାନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରୁଥିଲା । ସେ କ'ଣ ଜାଣିଥିଲା ଯେ ସେହି ବାଳକଟିକୁ ବଳିଦାନ ପାଇଁ ନୁହେଁ, ବରଂ ସାରା ଜୀବନ ସକାଶେ ତାହାର ଆତ୍ମୋତ୍ସର୍ଗକୁ ସ୍ୱୀକାର କରାଯିବ ।

ବାଳକ ଅନସ୍ ହଜରତ ମୁହମ୍ମଦ[ସଅ]ଙ୍କ ସାନ୍ନିଧ ଲାଭ କରି ଇସଲାମର ଏକ ମହାନ ବିଦ୍ୱାନ ରୂପେ ପରିଚିତ ହେଲେ ଓ ଧୀରେ ଧୀରେ ସେ ଅଜସ୍ର ସମ୍ପତ୍ତିର ଅଧିକାରୀ ମଧ୍ୟ ହୋଇଥିଲେ । ସେ ଶହେ ବର୍ଷରୁ ଉର୍ଦ୍ଧ୍ୱ ଆୟୁ ପ୍ରାପ୍ତ ହୋଇଥିଲେ ଓ ଇସଲାମ ଶାସନର ଜଣେ ଅତି ସମ୍ମାନସ୍ପଦ ବ୍ୟକ୍ତି ରୂପେ ପରିଗଣିତ ହୋଇଥିଲେ । ହଜରତ୍ ଅନସ[ରଅ] ନିଜେ କୁହନ୍ତି 'ମୁଁ ଅତି ଛୋଟ ବୟସରୁ ହିଁ ହଜରତ ମୁହମ୍ମଦ[ସଅ]ଙ୍କ ସେବାରେ ନିଯୁକ୍ତ ଥିଲି । ସେ କଦାପି ମୋ ପ୍ରତି କଠୋର ପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରି ନଥିଲେ କି କୌଣସି ଗାଳିମନ୍ଦ ବା ଆକଟ କରି ନଥିଲେ । ଏପରି କୌଣସି କାର୍ଯ୍ୟ କରିବାକୁ କହି ନଥିଲେ, ଯାହା ମୋର ସାଧ୍ୟ ବାହାରେ ଥିଲା । (ମୁସଲିମ୍, ଦ୍ୱିତୀୟ ଭାଗ, କିତାବୁଲ୍ ଫଜାଏଲ୍) ଅଲ୍ଲାଃଙ୍କ ବାର୍ତ୍ତାବହଙ୍କ ମଦିନା ରହଣୀ କାଳରେ ତାଙ୍କୁ କେବଳ ଅନସ[ରଅ]ଙ୍କ ଠାରୁ ସେବା ଗ୍ରହଣ କରିବାର ଅବସର ପ୍ରାପ୍ତ ହୋଇଥିଲା । ତେବେ ଏହି ନିୟମିତ ସେବକ ହଜରତ ଅନସ[ରଅ]ଙ୍କର ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଆଚରଣ ସମ୍ପର୍କିତ କୌଣସି ସାକ୍ଷ୍ୟ ବହୁମୂଲ୍ୟ ଆଦର୍ଶ ବହନ କରିଥାଏ, ଯାହା ମୁହମ୍ମଦ[ସଅ]ଙ୍କ ଚରିତ୍ର ଉପରେ ଗଭୀର ଆଲୋକପାତ କରିଥାଏ ।

# ମକ୍କାରୁ ନିଜର ପରିବାରବର୍ଗଙ୍କୁ ଡାକରା ଓ'ମସଜିଦ୍-ଏ-ନବ୍ୱିର' ଭିତ୍ତି ପ୍ରସ୍ତର ସ୍ଥାପନ

କିଛି ସମୟ ଅତିକ୍ରାନ୍ତ ହେବା ପରେ ସେ ନିଜ ଦ୍ୱାରା ଦାସତ୍ୱରୁ ମୁକ୍ତ ହୋଇଥିବା କ୍ରୀତଦାସ ଜୈଦ୍‌ଙ୍କୁ ମକ୍କା ପଠାଇଲେ । ନିଜ ପରିବାର ବର୍ଗଙ୍କୁ ମଦିନା ଆଣିବା ଏହାର ଉଦ୍ଦେଶ୍ୟ ଥିଲା । ତେଣେ ମକ୍କାବାସୀ ହଜରତ ମୁହମ୍ମଦ[ସଅ]ଙ୍କର ହଠାତ୍ ହିଜରତ୍ କରି ମକ୍କା ଛାଡି ମଦିନାକୁ ପଳାୟନ କରିଥିବା ଯୋଗୁଁ ଘାବରା ହୋଇ ଯାଇଥିଲେ । ସେଥିପାଇଁ କିଛି କାଳ ପର୍ଯ୍ୟନ୍ତ ସେମାନଙ୍କ ଅତ୍ୟାଚାରର ଧାରା ବନ୍ଦ ହୋଇ ଯାଇଥିଲା । ସେହି କାରଣରୁ ହଜରତ ମୁହମ୍ମଦ[ସଅ] ଓ ହଜରତ ଅବୁବକ୍କର[ରଅ]ଙ୍କ ପରିବାରବର୍ଗଙ୍କୁ ମକ୍କା ଛାଡି ମଦିନା ଯିବା ପଥରେ ସେମାନେ କୌଣସି ବାଧକ ସାଜିଲେ ନାହିଁ । ତେବେ ସେହି ଲୋକମାନେ କୁଶଳତା ପୂର୍ବକ ମଦିନାରେ ପହଞ୍ଚିଗଲେ । ଏହି ଅବଧିରେ ମଦିନାରେ ଯେଉଁ ଜମି ରସୁଲୁଲ୍ଲାଃ କ୍ରୟ କରିଥିଲେ, ସେଠାରେ ସେ ସର୍ବପ୍ରଥମେ ଏକ ମସଜିଦ୍‌ର ଶିଳାନ୍ୟାସ କରିଥିଲେ । ଏହାପରେ ମହାଭାଗ ନିଜ ପାଇଁ ଓ ନିଜ ସାଥୀମାନଙ୍କ ପାଇଁ ବାସଗୃହ ନିର୍ମାଣ କଲେ, ଯାହା ପାଇଁ ସାତମାସ ସମୟ ଲାଗିଲା । (ବୁଖାରି, ଭାଗ ହିଜରତୁନ୍‌ନବି ତଥା ଜରକାନୀ, ପ୍ରଥମ ଭାଗ, ପୃଷ୍ଠା ୩୬୯)

# ମଦିନାର ବହୁଈଶ୍ୱରବାଦୀ ଜନଜାତିଙ୍କ ଇସଲାମ ଧର୍ମ ଗ୍ରହଣ

ହଜରତ ମୁହମ୍ମଦ[ସଅ]ଙ୍କ ମଦିନାରେ ପ୍ରବେଶ କରିବା ପରେ ସ୍ୱଳ୍ପ ଦିନ ମଧ୍ୟରେ ଅନେକେଶ୍ୱର ପୂଜକ ମଧ୍ୟରୁ ଅଧିକାଂଶ ଜନଜାତି ଗୋଷ୍ଠୀ ମୁସଲମାନ ହୋଇଗଲେ । ଯେଉଁମାନେ ଆନ୍ତରିକତାରୁ ମୁସଲମାନ ହୋଇ ନଥିଲେ, ସେମାନେ ଲୋକ ଦେଖାଣିଆ ଭାବେ ନିଜକୁ ମୁସଲମାନ ବୋଲି ପ୍ରଚାର କଲେ । ଏହିପରି ଭାବେ ଇସଲାମରେ ସର୍ବପ୍ରଥମେ ମୁସଲମାନମାନଙ୍କ ମଧ୍ୟରେ'ମୁନାଫିକ୍' (କପଟ ବିଶ୍ୱାସୀ)ଙ୍କ ଏକ ସଂଗଠନର ମୂଳଦୁଆ ପଡ଼ିଥିଲା । ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ଅନେକ ଯଥାର୍ଥ ଭାବରେ ନୈଷ୍ଠିକ ମୁସଲମାନ ହୋଇ ଯାଇଥିଲେ । କିନ୍ତୁ ଅନ୍ୟ କେତେକ ନିଜକୁ ପ୍ରକାଶ୍ୟରେ ମୁସଲମାନ ବୋଲାଉ ଥଲେ ସୁଦ୍ଧା ଭିତରେ ଭିତରେ ମୁସଲମାନମାନଙ୍କ ବିରୁଦ୍ଧରେ ନାନା ପ୍ରକାର ଯୋଜନା ତିଆରି କଲେ ଓ ଷଡଯନ୍ତ୍ରରେ ଲିପ୍ତ ରହିଲେ । ଅନ୍ୟ କେତେକ ଏପରି ମଧ୍ୟ ଥିଲେ ଯେଉଁମାନେ ପ୍ରତ୍ୟକ୍ଷ ରୂପେ

ଇସଲାମ ଗ୍ରହଣ କଲେ ନାହିଁ, କିନ୍ତୁ ମଦିନାରେ ଇସଲାମର ବୈଭବ ଓ ପ୍ରଗତିକୁ ସହ୍ୟ କରି ନପାରି ମକ୍କା ପଳାୟନ କଲେ । ଏହିପରି ଭାବରେ ମଦିନା ସଂସାରର ସର୍ବପ୍ରଥମ ସହର ଥିଲା, ଯେଉଁଠାରେ ଶୁଦ୍ଧ ପୂତ ଭାବରେ ଏକ ଈଶ୍ୱରଙ୍କ ଉପାସନା କରାଗଲା ଏବଂ ନିଶ୍ଚିତ ରୂପେ ଏହି ସହର ବ୍ୟତୀତ ପୃଥିବୀର ପରଦାରେ ଅନ୍ୟ କୌଣସି ସହର କିମ୍ବା ଗ୍ରାମ ଦେଖା ଯାଉ ନଥିଲା ଯେଉଁଠାରେ ସମ୍ପୂର୍ଣ୍ଣ ଶୁଦ୍ଧତାର ସହିତ ଏକେଶ୍ୱର ଉପାସନା କରା ଯାଉଥିଲା ।

ମୁହମ୍ମଦ[ସଅ] ଙ୍କ ପାଇଁ ଏହା ଯେ କେତେ ବଡ ଗୌରବ ଓ ଖୁସିର ବିଷୟ ଥିଲା ତାହା ଉଲ୍ଲେଖ କରାଯାଇ ନପାରେ । ତାଙ୍କ ସାଥୀମାନଙ୍କ ସକାଶେ ମଧ୍ୟ ଏହା ଏକ ମହାନ ସଫଳତା ଥିଲା । ମକ୍କାରୁ ହିଜରତ କରିବାର ଅଳ୍ପ ଦିନ ମଧ୍ୟରେ ହିଁ ଈଶ୍ୱର ସେମାନଙ୍କ ମାଧ୍ୟମରେ ଏକ ନଗରକୁ ସର୍ବଶକ୍ତିମାନ ଈଶ୍ୱରଙ୍କ ଉପାସକର ଅର୍କ କ୍ଷେତ୍ର କରିଦେଲେ । ଯେଉଁଠାରେ ଅନ୍ୟ କୌଣସି ପ୍ରତିମା ପୂଜା କରାଯାଉ ନଥିଲା । ନା ପ୍ରତ୍ୟକ୍ଷ ଭାବରେ ନା ପରୋକ୍ଷ ଭାବରେ ପ୍ରତିମାର ପୂଜା ସ୍ଥାନ ପାଉଥିଲା । କିନ୍ତୁ ଏହି ପରିବର୍ତ୍ତନର ଅର୍ଥ ନୁହେଁ ଯେ ମୁସଲମାନଙ୍କ ପାଇଁ ଶାନ୍ତି ଓ ସ୍ଥିରତା ଆସି ଯାଇଥିଲା । ମଦିନାରେ ଆରବୀୟ ସମାଜ ମଧ୍ୟରୁ କପଟ ବିଶ୍ୱାସୀଙ୍କ ଏପରି ଏକ ସଂପ୍ରଦାୟ ମଧ୍ୟ ରହିଥିଲା, ଯିଏ ହଜରତ ମୁହମ୍ମଦ[ସଅ] ଙ୍କ ଜୀବନର ପରମ ଶତ୍ରୁ ସାଜି ଉଭା ହୋଇଥିଲା । ଇହୁଦୀମାନେ ମଧ୍ୟ ଗୋପନ ଭାବରେ ଷଡ଼ଯନ୍ତ୍ର ରଚନା କରୁଥିଲେ । ସୁତରାଂ ଏହି ବିପଦର ଆଭାସ ପାଇ ସେ ସ୍ୱୟଂ ସତର୍କ ରହୁଥିଲେ ଓ ନିଜର ଅନୁଚରମାନଙ୍କୁ ମଧ୍ୟ ସତର୍କ ରହିବା ପାଇଁ ଜୋର୍ ଦେଉଥିଲେ । ପ୍ରାରମ୍ଭରେ କେତେକ ଦିନ ଏପରି ମଧ୍ୟ ଆସିଲା ଯେ ମହାଭାଗଙ୍କୁ ରାତି ସାରା ଉଜାଗର ରହିବାକୁ ପଡ଼ିଥିଲା । ଥରେ ଏପରି ଅବସ୍ଥାରେ ମହାଭାଗ ଜାଗ୍ରତ ରହିବା କାରଣରୁ କ୍ଳାନ୍ତ ଅନୁଭବ କରି କହିଲେ,'ଏହି ସମୟରେ ଯଦି କେହି ଜଣେ ବିଶ୍ୱସ୍ତ ବ୍ୟକ୍ତି ପହରା ଦିଅନ୍ତା, ତା'ହେଲେ ମୁଁ ଟିକିଏ ଶୋଇ ପଡନ୍ତି' । କିଛି କ୍ଷଣ ପରେ ଅସ୍ତ୍ରର ଝଙ୍କାର ଶୁଣାଯିବାରୁ ମହାଭାଗ ପ୍ରଶ୍ନ କଲେ 'ତୁମେ କିଏ ?' ଉତ୍ତର ମିଳିଲା 'ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ସାଦ୍ ବିନ୍ ଅବି ଓ୍ୱକାସ, ଆପଣଙ୍କୁ ପହରା ଦେବା ପାଇଁ ଆସିଛି' । ଏହା ପରେ ହଜରତ ମୁହମ୍ମଦ[ସଅ] ନିଶ୍ଚିନ୍ତରେ ବିଶ୍ରାମ ନେଲେ । ଅନସାର (ସାହାଯ୍ୟକାରୀ ମଦିନାର ମୁସଲମାନ)ମାନେ ମଧ୍ୟ ଏହା ସ୍ୱୟଂ ଉପଲବ୍ଧି କଲେ ଯେ ମଦିନାରେ ହଜରତ ମୁହମ୍ମଦ[ସଅ] ଙ୍କ ରହିବା ନିବାସ ଆମମାନଙ୍କ କାନ୍ଧରେ ଗୁରୁଦାୟୀତ୍ୱ ପକାଉଛି । ଯେହେତୁ ସେ ଶତ୍ରୁମାନଙ୍କ ଆକ୍ରମଣରୁ ସୁରକ୍ଷିତ ନୁହନ୍ତି, ଏଣୁ ସେମାନେ ପରସ୍ପର ମଧ୍ୟେ ବିଚାର କରି ବିଭିନ୍ନ ଗୋଷ୍ଠୀ ପକ୍ଷରୁ ପାଳି କରି ପ୍ରହରୀ ନିଯୁକ୍ତ କଲେ । ପ୍ରତ୍ୟେକ ଗୋଷ୍ଠୀର ସାହି ଭିତରୁ ନିଜ ନିଜର ପାଳିର ବ୍ୟବସ୍ଥା ଅନୁସାରେ ତାଙ୍କର ଗୃହରକ୍ଷୀ ଭାବେ ସେହି ବାସଭବନର ଚତୁର୍ପାର୍ଶ୍ୱରେ ପହରା ଦେବା ଆରମ୍ଭ କରିଦେଲେ ।

ସୁତରାଂ ମକ୍କା ଓ ମଦିନାର ଜୀବନ ଶୈଳୀ ମଧ୍ୟରେ କେବଳ ଏତିକି ପ୍ରଭେଦ ରହିଗଲା ଯେ ଏଣିକି ମୁସଲମାନମାନେ ଅଲ୍ଲାଃଙ୍କ ନାମରେ ନିର୍ମାଣ କରାଯାଇଥିବା ମସଜିଦ୍‌ରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ହସ୍ତକ୍ଷେପ ବିନା ଅନାୟାସରେ ପାଞ୍ଚବେଳା ନମାଜ ପାଠ କରି ପାରୁଥିଲେ ।

## ମକ୍କାବାସୀଙ୍କର ମୁସଲମାନମାନଙ୍କୁ ପୁନଃ ନିର୍ଯାତନା ଦେବାର ଯୋଜନା

ଦୁଇ ବା ତିନି ମାସର ଅନ୍ତରାଳରେ ମକ୍କାବାସୀଙ୍କ ମାନସିକ ବିଷାଦ ଦୂର ହେଲା ଓ ସେମାନେ ମୁସଲମାନମାନଙ୍କୁ ଦୁଃଖକଷ୍ଟ ଦେବା ପାଇଁ ନୂତନ ଯୋଜନା ସ୍ଥିର କରିବାକୁ ଚିନ୍ତା କଲେ । ବିସ୍ତୃତ ବିମର୍ଶ ପରେ ସେମାନେ ଅନୁଭବ କଲେ ଯେ କେବଳ ମକ୍କା ଓ ଏହାର ଆଖପାଖରେ ଥିବା ମୁସଲମାନମାନଙ୍କୁ ନିଷ୍ପେସିତ କରିବା ଦ୍ୱାରା ସେମାନଙ୍କ ଉଦ୍ଦେଶ୍ୟ ମୂଳକ ହୀନ ଚକ୍ରାନ୍ତ କୌଣସି ସଫଳତା ପ୍ରଦାନ କରିପାରିବ ନାହିଁ । ସେମାନେ ସେତେବେଳେ ଯାଇ ଇସଲାମକୁ ଲୋପ କରିପାରିବେ, ଯେବେ ମଦିନାରୁ ମୁହମ୍ମଦ[ଅସ]ଙ୍କୁ ବିତାଡିତ କରିଦେବେ । ତେଣୁ ପରାମର୍ଶ କରି ମକ୍କାବାସୀ ମଦିନାର ମୁଖିଆ ଅବ୍ଦୁଲ୍ଲାଃ ବିନ୍ ଉବୟ ବିନ୍ ସୁଲୁଲ୍‌ଙ୍କ ନାମରେ ଯାହାଙ୍କ ସମ୍ବନ୍ଧରେ ପୂର୍ବରୁ କୁହାଯାଇଛି ଯେ ମୁହମ୍ମଦ[ସଅ]ଙ୍କ ମଦିନା ଆଗମନ ପୂର୍ବରୁ ମଦିନାବାସୀ ନିଜର ସମ୍ରାଟ କରି ବସାଇବାର ନିଷ୍ପତ୍ତି ନେଇଥିଲେ, ତାଙ୍କୁ ଏକ ଆକ୍ରୋଶ ମୂଳକ ପତ୍ର ଲେଖି ଜଣାଇ ଦିଆଗଲା ଯେ ମୁହମ୍ମଦ[ସଅ] ମଦିନାକୁ ଚାଲିଯିବା ଯୋଗୁଁ ମକ୍କାର ଲୋକମାନଙ୍କ ମନରେ ବହୁତ ଆଘାତ ପହଞ୍ଚିଛି । ଏହା ମଦିନାବାସୀଙ୍କ ପକ୍ଷେ ଉଚିତ ନଥିଲା ଯେ ମୁହମ୍ମଦ[ସଅ] ଏବଂ ତାଙ୍କ ଅନୁଚରଗଣଙ୍କୁ ସେମାନେ ମଦିନାରେ ଶରଣ ଦେଇଛନ୍ତି । ଚିଠିର ଶେଷାଂଶରେ ଏଭଳି ଲେଖାଥିଲା:

اِنَّكُمْ اٰوَيْتُمْ صَاحِبَنَا وَاِنَّا نُقْسِمُ بِاللّٰهِ لَتُقَاتِلُنَّهٗ اَوْ تُخْرِجُنَّهٗ اَوْلَنُسِيْرَنَّ
اِلَيْكُمْ بِاَجْمَعِنَا حَتّٰى نَقْتُلَ مُقَاتِلَتَكُمْ وَنَسْتَبِيْحَ نِسَاءَكُمْ

ଇନ୍‌ନକୁମ୍ ଆଓ୍ୱଏତୁମ ସାହିବନା ଓ୍ୱଇନ୍ନା ତୁକ୍‌ସିମୋ ବିଲ୍ଲାହି ଲାତୁକାତିଲନ୍ନହୁ ଅଓ ତୁଖରିଜୁନ୍ନହୁ ଅଓଲ ନୁସୟିରନ୍ନା ଇଲୈକୁମ୍ ବି ଅଜ୍‌ମୟେନା ହତ୍ତା ନକ୍‌ତୁଲା ମୁକାତିଲାତକୁମ୍ ଓ୍ୱ ନସ୍‌ତବିହା ନିସାଅକୁମ୍

ଅର୍ଥାତ୍ 'ଏବେ ଯେତେବେଳେ ତୁମେମାନେ ଆମ ଲୋକ (ଅର୍ଥାତ୍ ମୁହମ୍ମଦ[ସଅ])କୁ ନିଜ ଘରେ ଶରଣ ଦେଇଛ, ଆମେ ପ୍ରଭୁଙ୍କ ଶପଥ କରି ଏହା ଘୋଷଣା କରୁଛୁ ଯେ ଯଦି ଭଲ ଦଶା ଅଛି, ତେବେ ତୁମେ ମଦିନାର ଲୋକମାନେ ସେହି ଲୋକ ସହିତ ଯୁଦ୍ଧ କର କିମ୍ବା ତାଙ୍କୁ ନିଜ ସହରରୁ ବାହାର କରିଦିଅ। ଅନ୍ୟଥା ଆମେ (ମକ୍କାବାସୀମାନେ) ଏକଜୁଟ ହୋଇ ମଦିନା ଉପରେ ଆକ୍ରମଣ କରିବୁ ଓ ସେଠାକାର ସମସ୍ତ ଲୋକଙ୍କୁ ହତ୍ୟା କରିବୁ ତଥା ସ୍ତ୍ରୀମାନଙ୍କୁ ଦାସୀ କରିଦେବୁ।' ଏହି ପତ୍ର ପାଇବା ପରେ ଅବ୍ଦୁଲ୍ଲାଃ ବିନ୍ ଉବୟ ବିନ୍ ସୁଲୁଲ୍‌ଙ୍କ ମନରେ ଏକ ଦୁଷ୍ଟ ଭାବନା ଜାତ ହେଲା। ମଦିନାରେ ଥିବା ଅନ୍ୟାନ୍ୟ ମୁନାଫିକ୍‌ମାନଙ୍କ ସଙ୍ଗେ ପରାମର୍ଶ କରି ସେ ଏହି ସିଦ୍ଧାନ୍ତରେ ଉପନୀତ ହେଲା ଯେ ଯଦି ହଜରତ ମୁହମ୍ମଦ[ସଅ]ଙ୍କୁ ଏଠାରେ ରହିବାକୁ ଦିଆଯାଏ, ତା'ହେଲେ ଆମମାନଙ୍କ ପାଇଁ ବିପଦର ଦ୍ୱାର ଖୋଲିଯିବ । ଏଣୁ ଏହା ଆବଶ୍ୟକ ଯେ ଆମେମାନେ ମୁହମ୍ମଦ[ସଅ]ଙ୍କ ସହ ଲଢିବୁ ତଥା ମକ୍କାବାସୀଙ୍କୁ ସନ୍ତୁଷ୍ଟ କରିବୁ । ହଜରତ ମୁହମ୍ମଦ[ସଅ]ଙ୍କୁ ଏହି ସୂଚନା ମିଳିଯିବାରୁ ସେ ଅବ୍ଦୁଲ୍ଲାଃ ବିନ୍ ଉବୟ ବିନ୍ ସୁଲୁଲ୍‌ଙ୍କ ପାଖକୁ ଗଲେ ଓ ତାଙ୍କୁ ବୁଝାଇଲେ ଯେ ତୁମର କୃତକର୍ମ ତୁମ ପାଇଁ ହାନିକାରକ ହେବ । କାରଣ ତୁମେ ଜାଣିଛ ଯେ ମଦିନାର ଅଧିକାଂଶ ଲୋକ ମୁସଲମାନ ହୋଇ ସାରିଛନ୍ତି ତଥା ଇସ୍‌ଲାମ ପାଇଁ ନିଜ ଜୀବନ ଦେବାକୁ ପ୍ରସ୍ତୁତ ଅଛନ୍ତି । ଯଦି ତୁମେ ଏପରି କରିବ, ସେହି ଲୋକମାନେ 'ମୁହାଜେରିନ୍' (ମକ୍କାର ଶରଣାର୍ଥୀ ମୁସଲମାନ)ଙ୍କ ସହିତ ମିଶିଯିବେ ଏବଂ ତୁମେମାନେ ଯୁଦ୍ଧ କରି ନିଜେ ହିଁ ନିଜ ବିନାଶର କାରଣ ହେବ। ଏହା ଶୁଣି ଅବ୍ଦୁଲ୍ଲାଃ ବିନ୍ ଉବୟ ବିନ୍ ସୁଲୁଲ୍‌ର ଚେତା ପଶିଲା ଓ ସେ ନିଜର ଭୁଲ୍ ବୁଝି ପାରି ଯୁଦ୍ଧ କରିବା ପ୍ରସ୍ତାବରୁ ପଛକୁ ହଟିଗଲା।

## ଅନ୍‌ସାର୍ ଓ ମୁହାଜେରୀନ୍‌ଙ୍କ ମଧ୍ୟରେ ଭ୍ରାତୃଭାବ

ଇତ୍ୟବସରରେ ଅଲ୍ଲାଃଙ୍କ ରସୁଲ୍ ଅନ୍ୟ ଏକ ଉପାୟ ଚିନ୍ତା କଲେ ଯଦ୍ଦ୍ୱାରା ଇସଲାମର ଦୃଢ଼ୀକରଣ ସମ୍ଭବ ହୋଇ ପାରିବ । ସେହି ଉପାୟ ଦ୍ୱାରା ସେ ସମସ୍ତ ମୁସଲମାନଙ୍କୁ ଏକତ୍ରୀତ କଲେ ଓ ଦୁଇ ଦୁଇ ଜଣ ବ୍ୟକ୍ତିଙ୍କୁ ପରସ୍ପର ଭାଇ ଭାଇରେ ପରିଣତ କରିଦେଲେ । ମୁହାଜେରୀନ୍ ଓ ଅନସାରଙ୍କ ମଧ୍ୟରେ ହୋଇଥିବା ଭ୍ରାତୃତ୍ୱର ଏହି ନିଦର୍ଶନକୁ ମଦିନାର ଅନସାର୍ ମୁସଲମାନ ଏପରି ପ୍ରସନ୍ନତାର ସହିତ ଗ୍ରହଣ କରି ଅଭିନନ୍ଦନ ଜଣାଇଲେ ଯେ ପ୍ରତ୍ୟେକ ଅନସାର୍ (ମଦିନାର ସାହାଯ୍ୟକାରୀ ମୁସଲମାନ) ମୁହାଜେରୀନ୍ (ମକ୍କାର ଶରଣାର୍ଥୀ) ଭାଇଙ୍କୁ ସାଙ୍ଗରେ ନିଜ ଗୃହକୁ ନେଇଗଲେ ଓ ନିଜର ସମସ୍ତ ସମ୍ପତ୍ତିକୁ ତାଙ୍କ ସମ୍ମୁଖରେ ଠୁଳ କରିଦେଲେ, ଯେପରି

ତାକୁ ସମାନ ଭାବରେ ଅଧା ଅଧା କରି ବାଣ୍ଟି ଦିଆଯିବ । ଜନୈକ ଅନସାର୍ ନିଜର ପ୍ରବାସୀ ଭାଇଙ୍କୁ ଏପରି ସଦ୍‌ବ୍ୟବହାର ପ୍ରଦର୍ଶନ କଲେ ଯେ ବିନା ଦ୍ୱିଧାରେ କହିଲେ, ମୋର ଦୁଇ ଜଣ ପତ୍ନୀଙ୍କ ମଧ୍ୟରୁ ମୁଁ ଜଣକୁ ତଲାକ୍ (ଛାଡପତ୍ର) ଦେଉଛି, ତୁମେ ନିଜର ଭାଇ ସହିତ ତାକୁ ବିବାହ କର । ମୁହାଜେରୀନ୍ ତାଙ୍କର ଏହି ନିଷ୍କପଟ ଭାବନା ପାଇଁ କୃତଜ୍ଞତା ପ୍ରକଟ କରି ଏହି ପ୍ରସ୍ତାବକୁ ଅସ୍ୱୀକାର କରିଥିଲେ ଓ ସମ୍ପତ୍ତିର ଅର୍ଦ୍ଧେକ ମଧ୍ୟ ନେବାକୁ ମନା କରିଦେଲେ । ତଥାପି ସେହି ଅନସାର ଭାଇ ନିଜ ଜିଦ୍‌ରେ ଅଟଳ ରହିଥିଲେ । ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ଅଝଟ କରି କହିଲେ 'ଯେବେ ଏହି ମୁହାଜିର୍ ଆମର ଭାଇ ହୋଇଗଲେ, ତେବେ ଏହା କିପରି ସମ୍ଭବ ହେବ ଯେ ଆମ ସମ୍ପତ୍ତିରୁ ସେମାନେ ଭାଗୀଦାର ହେବେ ନାହିଁ ? ଏହା ସତ୍ୟ ଯେ ମକ୍କାରୁ ଆସିଥିବା ମୁହାଜେରୀନ୍ ଭାଇମାନେ ଜମିବାଡି ଓ ଚାଷ କାର୍ଯ୍ୟ ସମ୍ବନ୍ଧରେ ପରିଚିତ ନୁହନ୍ତି, କିନ୍ତୁ ବେପାର ବଣିଜ ତ ଅବଶ୍ୟ କରିଛନ୍ତି । ଯଦି ସେମାନେ ଆମ ଜମିରୁ ଉତ୍ପାଦିତ ଭାଗ ନେବେ ନାହିଁ, କିନ୍ତୁ ସେମାନଙ୍କୁ ଆମ ଜମିରୁ କୃଷିଜାତ ଦ୍ରବ୍ୟରେ ତ ଭାଗିଦାର କରାଯାଇ ପାରିବ । ମହାଜିର୍‌ମାନେ ଏହି ପ୍ରସ୍ତାବରେ ମଧ ସହମତ ହୋଇ ନଥିଲେ ଓ ନିଜର ପୈତୃକ ପେଷା ବାଣିଜ୍ୟ ବ୍ୟବସାୟରେ ବ୍ୟସ୍ତ ହୋଇଗଲେ । ଅଳ୍ପ ସମୟ ମଧ୍ୟରେ ଅନେକ ଲୋକ ବିପୁଳ ସମ୍ପତ୍ତିର ମାଲିକ ମଧ୍ୟ ହୋଇଗଲେ । କିନ୍ତୁ ଅନସାର୍‌ମାନେ  ନିଜ ସମ୍ପତ୍ତିର ଅଧା ମୁହାଜିର୍‌ମାନଙ୍କୁ ଦେବା ପାଇଁ ଜିଦ୍ ଧରି ବସିଲେ । ଏପରିକି ଯେଉଁ ଅନସାର୍ ଭାଇଙ୍କ ମୃତ୍ୟୁ ହୋଇ ଯାଉଥିଲା, ସେମାନଙ୍କ ସନ୍ତାନମାନେ ଆରବର ପ୍ରଥାନୁଯାୟୀ ମୁହାଜିର୍ ଭାଇକୁ ସ୍ୱର୍ଗବାସୀ ଲୋକଙ୍କ ସମ୍ପତ୍ତିରୁ ଭାଗ ଦେଇ ଯାଉଥିଲେ  । ଏପରି ବ୍ୟବସ୍ଥା ଉପରେ ଅନେକ ବର୍ଷ ପର୍ଯ୍ୟନ୍ତ ପାଳନ କରାଗଲା । ଏପରିକି ପବିତ୍ର କୁରଆନ୍‌ରେ ଏହି ପ୍ରଥାର ଅବସାନ ଘଟାଇବା ପାଇଁ ନାସ୍ତିବାଣୀ ସୂଚକ ଆଦେଶ ଲାଗୁ ହେଲା ।

## ମୁହାଜେରୀନ୍, ଅନସାର୍ ତଥା ଇହୁଦିମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା

ମୁହାଜେରିନ୍ (ମକ୍କାରୁ ଆସିଥିବା ଶରଣାର୍ଥୀ ମୁସଲମାନ) ଅନସାର (ମଦିନାର ସାହାଯ୍ୟକାରୀ ମୁସଲମାନ)ମାନଙ୍କ ମଧ୍ୟରେ ଭାଇଚାରା ପ୍ରତିଷ୍ଠା ହେବା ସହିତ ହଜରତ ମୁହମ୍ମଦ[ସଅ] ଇହୁଦି ସମ୍ପ୍ରଦାୟ ତଥା ଅନ୍ୟାନ୍ୟ ଆରବୀୟ ସର୍ଦ୍ଦାର ମାନଙ୍କ ମଧ୍ୟରେ ଏକ ଉତ୍ତମ ବୁଝାମଣାର ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ

ସମସ୍ତଙ୍କୁ ନିମନ୍ତ୍ରଣ ଦେଇ ଏକତ୍ରୀତ କଲେ ଓ କହିଲେ ଯେ ଏହି ମଦିନାରେ ପୂର୍ବରୁ ଦୁଇ ଗୋଷ୍ଠୀର ଲୋକ ରହୁଥିଲେ । କିନ୍ତୁ ବର୍ତ୍ତମାନ ତାହା ତିନୋଟି ଗୋଷ୍ଠୀରେ ପରିଣତ ହୋଇଛନ୍ତି ।  ଅର୍ଥାତ୍ ପୂର୍ବେ ଏଠାରେ ଇହୁଦି ଓ ମଦିନାସ୍ଥିତ ଆରବର ଜନଜାତି ବସବାସ କରୁଥିଲେ । କିନ୍ତୁ ବର୍ତ୍ତମାନ ମକ୍କାରୁ ଆସିଥିବା ମୁହାଜେରିନ ମିଶି ଯିବାରୁ ସେମାନେ ତିନି ଗୋଷ୍ଠୀରେ ବିଭକ୍ତ ହୋଇ ଯାଇଛନ୍ତି । ଏହି ଦୃଷ୍ଟିରେ ପରସ୍ପର ମଧ୍ୟରେ ଏକ ସନ୍ଧି ବା ବୁଝାମଣାମୂଳକ ଚୁକ୍ତି ପତ୍ର ପ୍ରସ୍ତୁତ ହେବା ଜରୁରୀ । ସୁତରାଂ ଏକ ସନ୍ଧିପତ୍ର ନିମ୍ନମତେ ଲେଖାଗଲା । ତାହାର ପଙ୍କ୍ତି ଏହିପରି:

**ମୁହମ୍ମଦ ରସୁଲୁଲ୍ଲାଃ, ବିଶ୍ୱାସକାରୀ ତଥା ସେ ସମସ୍ତ ଲୋକ ଯେଉଁମାନେ ପ୍ରସନ୍ନତା ପୂର୍ବକ ସମ୍ମିଳିତ ହେବା ଆବଶ୍ୟକ – ସେମାନଙ୍କ ମଧ୍ୟରେ ବୁଝାମଣା ପତ୍ର;**

✷ ମୁହାଜିର୍ (ପ୍ରବାସୀ)ଙ୍କ ମଧ୍ୟରୁ ଯଦି କାହା ଦ୍ୱାରା ଅନ୍ୟକୁ ହତ୍ୟା କରାଯାଏ, ତା'ହେଲେ ସେ ନିଜେ ତାହାର ଉତ୍ତରଦାୟୀ ରହିବ । ସେ ନିଜ ବନ୍ଦୀମାନଙ୍କୁ ମୁକ୍ତ କରିବେ ତଥା ମଦିନାର ବିଭିନ୍ନ ମୁସଲମାନ ଗୋଷ୍ଠୀ ମଧ୍ୟ ଏହି ଧରଣର ଆଚରଣ ପାଇଁ ଦାୟୀ ରହିବେ ।

✷ ଯେଉଁ ବ୍ୟକ୍ତି ଉପଦ୍ରବ ଭିଆଉଥିବ ବା ଶତ୍ରୁତାକୁ ଜନ୍ମ ଦେଉଥିବ ତଥା ବ୍ୟବସ୍ଥା ଭଙ୍ଗ କରୁଥିବ, ତେବେ ବୁଝାମଣା କରୁଥିବା ସମସ୍ତ ବ୍ୟକ୍ତି ତା' ବିରୁଦ୍ଧରେ ଛିଡା ହେବେ । ତା'ର ନିଜସ୍ୱ ପୁତ୍ର ହେଲେ ସୁଦ୍ଧା ଏହା କରାଯିବ ।

✷ ଯଦି କୌଣସି ବିଧର୍ମୀର ମୁସଲମାନ ହାତରେ ବଧ ହୋଇଯାଏ, ତାହାର ପରିଜନ ବଦଳା ନେବେ ନାହିଁ, ନା' କୌଣସି ମୁସଲମାନର ମୁକାବିଲା କରି ସେହି ବିଧର୍ମୀଙ୍କୁ ସାହାଯ୍ୟ କରିବେ ।

✷ ଯଦି କୌଣସି ଇହୁଦୀ ଆମ ସହିତ ମିଳିତ ହୋଇ ଯାଆନ୍ତି, ତା'ହେଲେ ଆମେ ସମସ୍ତେ ତାଙ୍କର ସହାୟତା କରିବୁ । ଇହୁଦୀମାନଙ୍କୁ କୌଣସି ପ୍ରକାର କଷ୍ଟ ଦିଆଯିବ ନାହିଁ । ନା'ତାଙ୍କର କୌଣସି ବିରୋଧୀ ଶତ୍ରୁଙ୍କୁ ସହାୟତା କରାଯିବ ।

✷ କୌଣସି ଅଣବିଶ୍ୱାସୀ ମକ୍କାର ଲୋକଙ୍କୁ ନିଜ ଘରେ ଶରଣ ଦେବେ ନାହିଁ, ନା' ତା'ର ସମ୍ପତ୍ତିକୁ ନିଜ ପାଖରେ ଅମାନତ ସ୍ୱରୂପ ରଖିବ । ନା' କୌଣସି କାଫିର୍ ଓ ମୋମିନ୍ (ବିଧର୍ମୀ ଓ ବିଶ୍ୱାସକାରୀ)ଙ୍କ ମଧ୍ୟରେ ଚାଲୁଥିବା ଯୁଦ୍ଧରେ ହସ୍ତକ୍ଷେପ କରିବେ ।

✸ ଯଦି କୌଣସି ବ୍ୟକ୍ତି ମୁସଲମାନଙ୍କୁ ଅନୁଚିତ ଭାବେ ହତ୍ୟା କରେ, ତା'ହେଲେ ସମସ୍ତ ମୁସଲମାନ ଏକଜୁଟ ହୋଇ ତା'ବିରୁଦ୍ଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

✸ ଯଦି କୌଣସି ମୂର୍ତ୍ତି ପୂଜକ ଶତ୍ରୁ ମଦିନା ଉପରେ ଆକ୍ରମଣ କରନ୍ତି, ସେଭଳି କ୍ଷେତ୍ରରେ ଇହୁଦିମାନେ ମୁସଲମାନଙ୍କ ସହିତ ସଙ୍ଘବଦ୍ଧ ହୋଇ ରହିବେ ଓ ତାଙ୍କୁ ସହଯୋଗ କରିବେ । ଭାଗିଦାରୀ ଅନୁସାରେ ନିର୍ଦ୍ଧାରିତ ଅଂଶଧନ ମଧ୍ୟରୁ ଯୁଦ୍ଧର ବ୍ୟୟଭାରକୁ ମଧ୍ୟ ବହନ କରିବେ ।

✸ ଏହା ପୂର୍ବରୁ ଇହୁଦୀ କବିଲା ଯେଉଁମାନେ ମଦିନାରେ ବସବାସ କରୁଥିବା ବିଭିନ୍ନ କବିଲା ସହିତ ବୁଝାମଣା ଭିତ୍ତିକ ଚୁକ୍ତିରେ ଆବଦ୍ଧ ହୋଇ ସାରିଛନ୍ତି, ସେମାନଙ୍କ ଅଧିକାର ସବୁ ମୁସଲମାନଙ୍କ ଅଧିକାର ସହିତ ସମାନ ବିବେଚିତ କରାଯିବ ।

✸ ଇହୁଦିମାନେ ନିଜ ଧର୍ମ ସହିତ ଏବଂ ମୁସଲମାନ ନିଜ ଧର୍ମ ସହିତ ସଂଯୁକ୍ତ ହୋଇ ରହିବେ ତଥା ସ୍ୱ ସ୍ୱ ଧର୍ମକୁ ସ୍ୱାଧୀନ ଭାବେ ପାଳନ କରିବେ ।

✸ ଯେଉଁସବୁ ଅଧିକାର ଇହୁଦିମାନଙ୍କୁ ମିଳିବ, ସେସବୁ ତାଙ୍କ ଅନୁଗାମୀମାନଙ୍କୁ ମଧ୍ୟ ପ୍ରାପ୍ତ ହେବ ।

✸ ମଦିନାର କୌଣସି ନାଗରିକ ହଜରତସ ମୁହମ୍ମଦ[ସଅ]ଙ୍କ ବିନାନୁମତିରେ କାହାର ବିପକ୍ଷରେ ଯୁଦ୍ଧ ଆରମ୍ଭ କରିପାରିବେ ନାହିଁ କିନ୍ତୁ । ଏହିସର୍ତ୍ତ ଅନ୍ତର୍ଗତ ବ୍ୟକ୍ତିଗତ ଅନ୍ୟାୟର ପ୍ରତିଶୋଧ ନେବାରୁ ତାକୁ ବଞ୍ଚିତ କରାଯାଇ ପାରିବ ନାହିଁ । ଇହୁଦିମାନେ ନିଜ ସଂଗଠନ ପାଇଁ ହେଉଥିବା ଖର୍ଚ୍ଚ ନିଜେ ବହନ କରିବେ ଏବଂ ମୁସଲିମ୍‌ମାନେ ନିଜ ସଂଗଠନ ସକାଶେ । କିନ୍ତୁ ଯୁଦ୍ଧକାଳୀନ ଅବସ୍ଥାରେ ଦୁହେଁ ମିଳିତ ଭାବେ ଖର୍ଚ୍ଚ ଭାର ସମ୍ଭାଳିବେ ।

✸ ମଦିନା ସହର ସେମାନଙ୍କ ପାଇଁ ଏକ ମର୍ଯ୍ୟାଦା ଜନକ ପ୍ରତିଷ୍ଠିତ ସ୍ଥାନ ହୋଇ ରହିବ, ଯେଉଁମାନେ ଏହି ବୁଝାମଣା ମୂଳକ ଚୁକ୍ତିରେ ଆବଦ୍ଧ ହୋଇଛନ୍ତି ।

✸ ଯେଉଁ ଅପରିଚିତ ଲୋକ ଏହି ସହରର ସୁରକ୍ଷା ତଥା ସାହାଯ୍ୟ ପାଇଁ ଆଗଭର ହୋଇ ଆସନ୍ତି, ସେମାନଙ୍କ ସହିତ ସେହି ବ୍ୟବହାର କରାଯିବ, ଯେପରି ବ୍ୟବହାର ମୂଳ ବାସିନ୍ଦାଙ୍କ ସହିତ ହେବ । କିନ୍ତୁ ମଦିନାର ଲୋକଙ୍କୁ ଏହି ଅନୁମତି ଦିଆଯିବ ନାହିଁ ଯେ କୌଣସି ଅନ୍ୟ ମହିଳାକୁ ତା'ର ପରିଜନଙ୍କ ବିନା ଅନୁମତିରେ ନିଜ ଘରେ ଆଣି ରଖିବ ।

✸ ସମସ୍ତ କଳି ଝଗଡାର ମିମାଂସା କରିବା ପାଇଁ ସେହି ବିଷୟକୁ ପ୍ରଭୁ ଓ ତାଙ୍କ ରସୁଲଙ୍କ ନିକଟରେ ଉପସ୍ଥାପନ କରାଯିବ ।

✸ ଏହି ବୁଝାମଣାରେ ସମ୍ମିଳିତ ହୋଇଥିବା ବ୍ୟକ୍ତି ବା ଗୋଷ୍ଠୀ ମକ୍କାବାସୀ ତଥା ସେମାନଙ୍କ ସମର୍ଥିତ ଗୋଷ୍ଠୀଙ୍କ ସହିତ କୌଣସି ପ୍ରକାର ବୁଝାମଣା କରିବେ ନାହିଁ । କାରଣ ଏହି ବୁଝାମଣାରେ ସାକ୍ଷରିତ ବ୍ୟକ୍ତିମାନେ ମଦିନାର ଶତ୍ରୁପକ୍ଷଙ୍କ ବିରୁଦ୍ଧରେ ଏହି ସନ୍ଧିପତ୍ର ଦ୍ୱାରା ସହମତ ହୋଇ ସାରିଛନ୍ତି ।

✸ ଯେଉଁପରି ଯୁଦ୍ଧ ପୃଥକ ଭାବରେ କରାଯିବ ନାହିଁ, ସେହିପରି ସନ୍ଧି ମଧ୍ୟ ପୃଥକ ରୂପେ କରାଯିବ ନାହିଁ । କିନ୍ତୁ ଅନ୍ୟ କାହାକୁ ଯୁଦ୍ଧରେ ସାମିଲ୍ ହେବା ପାଇଁ ବାଧ କରାଯିବ ନାହିଁ ।

✸ ହଁ, ଯଦି କୌଣସି ବ୍ୟକ୍ତି ଅତ୍ୟାଚାର ମୂଳକ ଆଚରଣ କରିବ, ତେବେ ତାହା ଅବଶ୍ୟ ଦଣ୍ଡନୀୟ ହେବ । ପ୍ରଭୁ ନିଶ୍ଚିତ ରୂପେ ସଦାଚାରୀ ଓ ଧର୍ମନିଷ୍ଠ ବ୍ୟକ୍ତିର ରକ୍ଷକ ଓ ହଜରତ ମୁହମ୍ମଦ[ସଅ] ଈଶ୍ୱର ପ୍ରେରିତ ବର୍ତ୍ତାବହ ।

(ଇବ୍ନେ ହିଶାମ୍, ପ୍ରଥମ ଭାଗ, ପୃଷ୍ଠା ୧୭୮)

ଉପରୋକ୍ତ ଲିଖିତ ବିବୃତ୍ତି ବୁଝାମଣା ପତ୍ରର ସାରାଂଶ ଥିଲା । ଏହି ଚୁକ୍ତିପତ୍ରରେ ବାରମ୍ବାର ସାଧୁତା ତଥା ସ୍ୱଚ୍ଛତା ଉପରେ ଅଧିକ ଜୋର ଦିଆଯାଇ ଥିଲା । ଅତ୍ୟାଚାରୀ ବ୍ୟକ୍ତି ନିଜର ଅତ୍ୟାଚାର ପାଇଁ ସ୍ୱୟଂ ଉତ୍ତରଦାୟୀ ରହିବ । ଏହି ଚୁକ୍ତି ଦ୍ୱାରା ସ୍ପଷ୍ଟ ହୋଇଗଲା ଯେ ରସୁଲୁଲ୍ଲାଃଙ୍କ ପକ୍ଷରୁ ଏପରି ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା, ଯଦ୍ଦ୍ୱାରା ଇହୁଦି ଓ ମଦିନାର ସେହି ବାସିନ୍ଦା ଯେଉଁମାନେ ଇସଲାମ୍ ଧର୍ମ ଗ୍ରହଣ କରି ନଥିଲେ ସୁଦ୍ଧା ସେମାନଙ୍କ ସହିତ ସ୍ନେହ, ପ୍ରେମ ଓ ସହାନୁଭୂତିର ବ୍ୟବହାର ପ୍ରଦର୍ଶନ କରାଯିବ । ପରନ୍ତୁ ଏହାପରେ ଇହୁଦୀମାନଙ୍କ ସହିତ ଯେତେ ଯାହା କଳହ ସୃଷ୍ଟି ହୋଇଥିଲା, ସେଥିପାଇଁ ଇହୁଦିମାନେ ହିଁ ଉତ୍ତରଦାୟୀ ଥିଲେ ।

## ମକ୍କାବାସୀଙ୍କ ପକ୍ଷରୁ ପୁନଃ ଅଭିନବ ଉପଦ୍ରବ

ଯେପରି ପୂର୍ବରୁ ବର୍ଣ୍ଣନା କରାଯାଇଛି ଯେ ଦୁଇ ତିନିମାସ ପରେ ଯେତେବେଳେ ମକ୍କାବାସୀମାନଙ୍କ ମାନସିକ ଦୁଶ୍ଚିନ୍ତା ଦୂର ହୋଇଗଲା, ସେମାନେ ପୁଣି ଥରେ ଇସଲାମ ବିରୁଦ୍ଧରେ ଏକ ନୂଆ ମୋର୍ଚ୍ଚା ଗଠନ କଲେ । ଏହି ସମୟରେ ମଦିନାର ଜନୈକ ସମ୍ଭ୍ରାନ୍ତ ବ୍ୟକ୍ତି 'ସାଆଦ୍ ବିନ୍ ମଆଜ୍' ଯିଏକି ଅଓସ ଗୋଷ୍ଠୀର

ସର୍ଦ୍ଦାର ଥିଲେ, ମକ୍କାରେ ଥିବା କା'ବା ଗୃହର ପରିକ୍ରମା (ତୌଆଫ) କରିବା ପାଇଁ ମକ୍କା ଗଲେ । ତାଙ୍କୁ ଦେଖି ମକ୍କାର ସର୍ଦ୍ଦାର ଅବୁଜହେଲ କ୍ଷୁବ୍ଧ ହୋଇ କହିଲା 'ତୁମେମାନେ କ'ଣ ଧର୍ମରୁ ବିମୁଖ ମୁହମ୍ମଦ[ସଅ]ଙ୍କୁ ଶରଣ ଦେଲା ପରେ ଶାନ୍ତିପୂର୍ବକ କା'ବାରେ ଆସି ତୱାଫ୍ କରିପାରିବ ? ତୁମେମାନେ କ'ଣ ଭାବିଛ ଯେ ସବୁଦିନ ପାଇଁ ତାହାର ସୁରକ୍ଷା ଓ ସହାୟତା ପ୍ରଦାନ କରିବାର ଶକ୍ତି ସାମର୍ଥ୍ୟ ରଖିଥିବ ? ପ୍ରଭୁଙ୍କ ସୌଗନ୍ଧ ! ଯଦି ଅବୁ ସଫ୍ୱାନ୍ ନ ଥାଆନ୍ତା, ତା'ହେଲେ ତୁ ନିଜ ପରିବାର ନିକଟକୁ ବଞ୍ଚି କରି ଯାଇପାରି ନଥାନ୍ତୁ ।' ଏହା ଶୁଣି ସାଆଦ୍ ବିନ୍ ମାଆଜ୍ କହି ଉଠିଲେ, 'ପ୍ରଭୁଙ୍କ ରାଣ ! ଯଦି ତୁମେ କା'ବାର ପ୍ରଦକ୍ଷିଣ ବିଧି ପାଳନ କରିବାରୁ ଆମକୁ ଅଟକାଇବ, ତା'ହେଲେ ମନେରଖ ! ତୁମେମାନେ ଯେଉଁ ରାସ୍ତାରେ ସିରିଆ ଯାଉଛ, ତୁମମାନଙ୍କୁ ଶାନ୍ତିରେ ଯିବାକୁ ଦିଆଯିବ ନାହିଁ ।' ଇତ୍ୟବସରରେ ମକ୍କାର ଅନ୍ୟତମ ସର୍ଦ୍ଦାର ୱଲିଦ ବିନ୍ ମୁଗିରାଃ ଅସୁସ୍ଥ ହୋଇଗଲା ଓ ଭାବିଲା ଯେ ମୃତ୍ୟୁ ତା'ର ସନ୍ନିକଟ । ଦିନେ ମକ୍କାର ବଡ ବଡ ଧନଶାଳୀ ବ୍ୟକ୍ତି ତା' ନିକଟରେ ବସିଥିଲେ । ହଠାତ୍ ସେ କାନ୍ଦିବାକୁ ଲାଗିଲା । ସେହି ଲୋକମାନେ ଆଚମ୍ବିତ ହୋଇ ପ୍ରଶ୍ନ କଲେ, 'ଆପଣ ଏପରି କାନ୍ଦୁଛନ୍ତି କାହିଁକି ?' ୱଲିଦ୍ କହିଲା, 'କ'ଣ ତୁମେ ଭାବୁଛ ଯେ ମୁଁ ମୃତ୍ୟୁକୁ ଭୟ କରି କାନ୍ଦୁଛି ?' ପ୍ରଭୁଙ୍କ ଦ୍ୱାହି ଦେଇ କହୁଛି ଯେ ମୁଁ କଦାପି ମୃତ୍ୟୁର ଭୟରେ କାନ୍ଦୁ ନାହିଁ । ମୋତେ ତ ଏହି ଚିନ୍ତା ଲାଗିଛି ଯେ କେବେ ଏପରି ନହେଉ ଯେ ମୁହମ୍ମଦ[ସଅ]ଙ୍କ ଧର୍ମ ବ୍ୟାପିଯିବ ଓ ମକ୍କା ବି ତାହାର ଅଧିକାରକୁ ଚାଲିଯିବ ।' ଏହାଶୁଣି ଅବୁ ସୁଫିୟାନ ନାମକ ମକ୍କାର ଅନ୍ୟତମ ପ୍ରତିପତ୍ତିଶାଳୀ ନେତା କହି ଉଠିଲା, 'ଏଥି ପାଇଁ ଚିନ୍ତା କର ନାହିଁ । ଯେଉଁ ପର୍ଯ୍ୟନ୍ତ ଆମେ ଜୀବିତ ଅଛୁଁ, ଏପିର କଦାପି ହେବ ନାହିଁ । ଆମେମାନେ ସେଥିପାଇଁ ବଚନବଦ୍ଧ ।'

ଏ ସମସ୍ତ ଘଟଣାରୁ ସାବ୍ୟସ୍ତ ହେଉଛି ଯେ ଅନ୍ୟାୟ ଅତ୍ୟାଚାରର କ୍ରମାଗତ ଅମାନୁଷିକ ଲୀଳାର ଯେଉଁ ଅନ୍ତରାଳ ସୃଷ୍ଟି ହୋଇଥିଲା, ତାହା କ୍ଷଣସ୍ଥାୟୀ ଥିଲା । ବାସ୍ତବରେ ଶତ୍ରୁପକ୍ଷ ଦ୍ୱାରା ଅତ୍ୟାଚାର କରିବା ପାଇଁ ନିଜ ସମାଜକୁ ପ୍ରୋତ୍ସାହିତ କରାଯାଉଥିଲା । ମରଣ ଶଯ୍ୟାରେ ଶୋଇ ରହିଥିବା ଧନାଢ୍ୟ ବ୍ୟକ୍ତିମାନେ ମଧ୍ୟ ହଜରତ ମୁହମ୍ମଦ[ସଅ]ଙ୍କ ବିରୁଦ୍ଧାଚରଣ କରିବା ପାଇଁ ପଣ କରିଥିଲେ । ମଦିନାର ଲୋକମାନଙ୍କୁ ମଧ୍ୟ ହଜରତ ମୁହମ୍ମଦ[ସଅ]ଙ୍କ ବିରୁଦ୍ଧରେ ଲଢେଇ କରିବା ପାଇଁ ପ୍ରସ୍ତୁତ କରା ଯାଉଥିଲା । ସେମାନେ ବାରଣ କଲେ ସେମାନଙ୍କୁ ଧମକ ଚମକ ଦେଇ କୁହା ଯାଉଥିଲା ଯେ ମକ୍କାବାସୀ ଓ ଅନ୍ୟାନ୍ୟ ମିତ୍ରଗୋଷ୍ଠୀ ମିଳିତ ଭାବେ ମଦିନା ଆକ୍ରମଣ କରିବେ । ମଦିନାର ପୁରୁଷମାନଙ୍କୁ ହତ୍ୟା କରିବେ ଓ ସେମାନଙ୍କର ସ୍ତ୍ରୀ ଲୋକମାନଙ୍କୁ ଦାସୀ କରି ସାଙ୍ଗରେ ନେଇଯିବେ ।

# ହଜରତ ମୁହମ୍ମଦ[ସଅ] ଙ୍କର ସୁରକ୍ଷାତ୍ମକ ଯୋଜନା

ଏପରି ଉଦ୍‌ବେଗଜନକ ପରିସ୍ଥିତିରେ ମଦିନାର ସୁରକ୍ଷାର ବ୍ୟବସ୍ଥା କରିବାର ଗୁରୁଦାୟିତ୍ୱ ହଜରତ ମୁହମ୍ମଦ[ସଅ] ଙ୍କ ଉପରେ ପଡିଲା । ଏଣୁ ମହାଭାଗ ନିଜ ସହଚରମାନଙ୍କୁ କ୍ଷୁଦ୍ର କ୍ଷୁଦ୍ର ଦଳରେ ବିଭକ୍ତି କରି ମକ୍କାର ଆଖପାଖକୁ ପଠାଇବାକୁ ଆରମ୍ଭ କଲେ, ଯଦ୍ୱାରା ମକ୍କାବାସୀଙ୍କ ଗତିବିଧି ଜାଣିହେବ । ଅନେକ ଥର ସେହିସବୁ ଦଳ ମକ୍କାର ଯାତ୍ରୀ ଦଳ ସହିତ ମୁହାଁମୁହିଁ ମଧ୍ୟ ହୋଇ ଯାଉଥିଲା । ପରସ୍ପରକୁ ଭେଟ ହେଲାପରେ ଯୁଦ୍ଧ ହେବା ପର୍ଯ୍ୟନ୍ତ କଥା ଯାଉଥିଲା । ଏହାକୁ ନେଇ ଖ୍ରୀଷ୍ଟିୟାନ ଲେଖକମାନେ ଉଲ୍ଲେଖ କରିଛନ୍ତି ଯେ ହଜରତ ମୁହମ୍ମଦ[ସଅ] ଙ୍କ ତରଫରୁ ଏପରି କାଣ୍ଡ ସୃଷ୍ଟି କରା ଯାଉଥିଲା । କିନ୍ତୁ ପ୍ରଶ୍ନ ଉଠେ ଯେ କ'ଣ ଏହା ଅନ୍ୟାୟ ନୁହେଁ କି ଯେ ମକ୍କାରେ ମୁସଲମାନମାନଙ୍କୁ ଦୀର୍ଘ ତେରବର୍ଷ ପର୍ଯ୍ୟନ୍ତ ନିର୍ଯ୍ୟାତନା ଦିଆଯିବା ସ୍ଥଳେ ମଦିନାର ଲୋକଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଛିଡା କରାଯାଉଥିଲା ଓ ମଦିନା ଉପରେ ଆକ୍ରମଣ କରିବାକୁ ଧମକ ଦିଆ ଯାଉଥିଲା । ଏହି ସବୁ ଘଟଣାର ସମସ୍ତ ପ୍ରମାଣର ଉପସ୍ଥିତିରେ କିପରି କୁହାଯାଇ ପାରିବ ଯେ ହଜରତ ମୁହମ୍ମଦ[ସଅ] ଙ୍କ ପକ୍ଷେ ସତର୍କତା ଅବଲମ୍ବନ କରିବା ଓ ଆତ୍ମ ରକ୍ଷା ସକାଶେ ଛୋଟ ଛୋଟ ଦଳଙ୍କୁ ପଠାଇବା ଇତ୍ୟାଦି ଗଣ୍ଡଗୋଳ ସୃଷ୍ଟି କରିବାର କାରଣ ଥିଲା । ପୃଥିବୀର କେଉଁ ଆଇନରେ ଲେଖାଅଛି ଯେ ମକ୍କାର ୧୩ବର୍ଷର ଅତ୍ୟାଚ୍ଚର ପରେ ମଧ୍ୟ ମୁସଲମାନ ଓ ମକ୍କାବାସୀଙ୍କ ମଧ୍ୟରେ ବିବାଦ ପାଇଁ ଅଧିକ ପ୍ରମାଣର ଆବଶ୍ୟକତା ଅଛି ? ଆଜି ପାଶ୍ଚାତ୍ୟ ଦେଶମାନେ ନିଜକୁ ବହୁତ ମାର୍ଜିତ ବୋଲି ଗର୍ବ ଅନୁଭବ କରୁଛନ୍ତି । ମକ୍କାରେ ଯାହାସବୁ ଅତ୍ୟାଚ୍ଚରର ଦମନଲୀଳା ଘଟିଗଲା, କ'ଣ ତାହାର ଅର୍ଦ୍ଧେକ ଘଟଣାକୁ ଆଧାର କରି କୌଣସି ଜାତି ଯଦି ଲଢେଇ କରେ, ତା'ହେଲେ ଆମେ ତା'କୁ ଅପରାଧି ବୋଲି କହିପାରିବା ? କଦାପି ନୁହେଁ । ଯଦି କୌଣସି ସରକାର ଅନ୍ୟ ଦେଶର ଲୋକଙ୍କୁ ଏକ ବ୍ୟକ୍ତି ସମୂହର ହତ୍ୟା କରିବା କିମ୍ବା ନିଜ ଦେଶରୁ ବହିଷ୍କୃତ କରିବା ପାଇଁ ବାଧ୍ୟ କରେ, ସେପରି କ୍ଷେତ୍ରରେ ସେହି ଅତ୍ୟାଚ୍ଚରିତ ବ୍ୟକ୍ତି ସମୂହଙ୍କର କଣ ଏହା ଅଧିକାର ନାହିଁ ଯେ ତାଙ୍କ ବିରୁଦ୍ଧରେ ଯୁଦ୍ଧର ଘୋଷଣା କରିପାରିବ ? ତେଣୁ ମଦିନାରେ ଇସ୍‌ଲାମୀୟ ଶାସନ ପ୍ରତିଷ୍ଠା ପରେ ବିବାଦ ପାଇଁ କୌଣସି ନୂତନ କାରଣର ଆବଶ୍ୟକତା ନଥିଲା । ମକ୍କାର ନିର୍ଯ୍ୟାତନାର ଘଟଣା ନିଶ୍ଚିତ ରୂପେ ମୁସଲମାନମାନଙ୍କୁ ମକ୍କାବାସୀଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ସମ୍ପୂର୍ଣ୍ଣ ଅଧିକାର ଦେଉଥିଲା । କିନ୍ତୁ ହଜରତ ମୁହମ୍ମଦ[ସଅ] ଏହା କରିବାକୁ ଚାହୁଁ ନଥିଲେ । ସେ ଧୈର୍ଯ୍ୟର

ସହିତ ଅପେକ୍ଷା କଲେ ଓ ଶତ୍ରୁର ଗତିବିଧି ଉପରେ ଦୃଷ୍ଟି ରଖିବା ପର୍ଯ୍ୟନ୍ତ ନିଜ ପ୍ରୟାସକୁ ସୀମିତ ରଖିଲେ । ପରନ୍ତୁ ଯେତେବେଳେ ମକ୍କାର ଲୋକ ମଦିନାର ଆରବ ଜନଜାତିର ଲୋକଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ବାରମ୍ବାର ଉତ୍ତେଜିତ କଲେ, ସେମାନଙ୍କୁ ହଜ୍ କରିବାରୁ ରୋକିଦେଲେ, ଏପରିକି ସିରିୟାକୁ ଯାଇଥିବା ବାଣିଜ୍ୟ ଦଳ ସିଧା ମାର୍ଗ ଛାଡ଼ି ମଦିନାର ଆଖପାଖ ଗୋଷ୍ଠୀମାନଙ୍କ ମଧ୍ୟ ଦେଇ ଗଲାବେଳେ ସେହି ଲୋକମାନଙ୍କୁ ମଦିନାବାସୀଙ୍କ ବିରୁଦ୍ଧରେ ଉସୁକାଇବା ଆରମ୍ଭ କଲେ, ତଥା ସେମାନଙ୍କ ମନରେ ଅହେତୁକ ଭୀତି ସଂଚ୍ଚର କଲେ, ସେତେବେଳେ ମଦିନାର ସୁରକ୍ଷା ସକାଶେ ମୁସଲମାନମାନଙ୍କର ଏହା ନିଶ୍ଚିତ ରୂପେ କର୍ତ୍ତବ୍ୟ ହେଉଛି ଯେ ସେମାନେ ମକ୍କାବାସୀଙ୍କର ସେହି ଲଢ଼େଇର ଆହ୍ୱାନକୁ ସ୍ୱୀକାର କରିବେ, ଯେପରି ମକ୍କବାସୀ ସେମାନଙ୍କୁ ୧୪ ବର୍ଷ କାଳ ଅହରହ ଯୁଦ୍ଧର ଆହ୍ୱାନ ଦେଇ ଆସୁଥିଲେ । ଶତ୍ରୁଙ୍କ ପକ୍ଷରୁ ଲଢ଼େଇ ପାଇଁ କରାଯାଇଥିବା ଆହ୍ୱାନକୁ ସ୍ୱୀକାର କରାଗଲେ, ସଂସାରର କୌଣସି ବ୍ୟକ୍ତିର ଏହା ଅଧିକାର ନାହିଁ ଯେ ସେ ଏଥିପାଇଁ ଆପତ୍ତି ଉଠାଇବ ।

# ମଦିନାରେ ଇସ୍‌ଲାମୀୟ ଶାସନର ମୂଳଭିତ୍ତି

ହଜରତ ମୁହମ୍ମଦ[ସଅ] ଯେପରି ମଦିନାର ବାହ୍ୟ ପରିସ୍ଥିତି ପ୍ରତି ନଜର ରଖୁଥିଲେ, ସେହିପରି ମଦିନାର ସୁଧାର ତଥା ସାମାଜିକ ସଂସ୍କାର ପ୍ରତି ମଧ୍ୟ ସଚେତନ ଥିଲେ । ଆଗରୁ ଏହା କୁହାଯାଇଛି ଯେ ମଦିନାର ଅଧିକାଂଶ ବହୁ ଦେବାଦେବୀ ଉପାସକ ଶୁଦ୍ଧପୂତ ହୃଦୟରେ ଇସଲାମ ଗ୍ରହଣ କରିଥିଲେ ଓ ଅନ୍ୟ କେତେକ କପଟ ବିଶ୍ୱାସୀ ଭାବରେ ମୁସଲମାନ ହୋଇ ଯାଇଥିଲେ । ସେଥିପାଇଁ ସେମାନଙ୍କ ମଧ୍ୟରେ ଇସଲାମୀୟ ଶାସନ ପ୍ରଣାଳୀର ପ୍ରଚଳନ ଆରମ୍ଭ କରାଗଲା । ଆରବୀୟମାନଙ୍କ ପୂର୍ବବର୍ତ୍ତୀ ନିୟମାନୁସାରେ ଲୋକମାନେ ଗଣ୍ଡଗୋଳ ଭିଆଇ ନିଜର ଅଧିକାରକୁ ନିଜ କ୍ଷମତା ଦ୍ୱାରା ସାବ୍ୟସ୍ତ କରୁଥିଲେ । କିନ୍ତୁ ବର୍ତ୍ତମାନର ପ୍ରଚଳିତ ନିୟମରେ କାଜି (ବିଚ୍ଚରପତି) ନିଯୁକ୍ତ କରାଗଲା, ଯାହାଙ୍କ ନିଷ୍ପତ୍ତି ବ୍ୟତିରେକେ କୌଣସି ବ୍ୟକ୍ତି ଅନ୍ୟଠାରୁ ନିଜ ସତ୍ୱାଧିକାର ହାସଲ କରି ପାରିବ ନାହିଁ । ମଦିନାରେ ଏହା ପୂର୍ବରୁ ଶିକ୍ଷା ପ୍ରତି ଲୋକଙ୍କ ଧ୍ୟାନ ନଥିଲା । ବର୍ତ୍ତମାନ ନୂତନ ଶିକ୍ଷା ବ୍ୟବସ୍ଥା ଅନୁସାରେ ଯେଉଁମାନେ ଶିକ୍ଷିତ ଅଛନ୍ତି, ସେମାନେ ଅଶିକ୍ଷିତ ଲୋକମାନଙ୍କୁ ଶିକ୍ଷା ଦେବା ଆରମ୍ଭ କରିବେ । ପୁଣି ସମାଜର ଅନ୍ୟାୟ, ଅତ୍ୟାଚ୍ଚର ଓ ଅନୀତିକୁ ରୋକି ଦିଆଗଲା । ମହିଳାମାନଙ୍କ ଅଧିକାରକୁ ନିଶ୍ଚିତ କରାଗଲା । ସମସ୍ତ ଧନଶାଳୀ

ଲୋକଙ୍କ ଉପରେ ଶରୀୟତ (ଆଇନ) ଅନୁସାରେ ସମ୍ପତ୍ତି କର ନିର୍ଦ୍ଧାରଣ କରାଗଲା । ଯେଉଁ ଅର୍ଥ ଆଦାୟ ହେଉଥିଲା ତାକୁ ଗରୀବ ଶ୍ରେଣୀର ଜନତାଙ୍କ ବିକାଶ ନିମନ୍ତେ ତଥା ସହରର ସର୍ବସାଧାରଣଙ୍କ ନିମନ୍ତେ ବ୍ୟୟ କରାଗଲା । ଶ୍ରମିକ ବର୍ଗର ଲୋକମାନଙ୍କ ଅଧିକାରର ସୁରକ୍ଷା ପାଇଁ ନିୟମ ଲାଗୁ କରାଗଲା । ଅନାଥମାନଙ୍କ ପାଇଁ ଶିକ୍ଷାର ଉପଯୁକ୍ତ ବ୍ୟବସ୍ଥା ରହିଲା । ଦେଣ ନେଣ କାରବାରକୁ ଲିଖିତ ରୂପାୟନ କରିବା ତଥା ବୁଝାମଣାରେ କଟକଣା ବ୍ୟବସ୍ଥା ଲାଗୁ ହେଲା । କ୍ରୀତଦାସମାନଙ୍କ ଉପରେ ହେଉଥିବା ଅନ୍ୟାୟମୂଳକ ନିଷ୍ପତ୍ତି ଓ କ୍ରୁରତା ପୂର୍ଣ୍ଣ ବ୍ୟବହାରକୁ କଠୋର ଭାବେ ଦମନ କରାଗଲା । ସ୍ୱଚ୍ଛତା ତଥା ସ୍ୱାସ୍ଥ୍ୟରକ୍ଷାଭିତ୍ତିକ ନିୟମ ଉପରେ ଜୋର ଦିଆଗଲା । ଜନଗଣନା ଆରମ୍ଭ କରାଗଲା । ପ୍ରତ୍ୟେକ ଗଳି ରାସ୍ତା ଓ ସଡକର ପ୍ରଶସ୍ତିକରଣର ଆଦେଶ ଲାଗୁ ହେଲା । ରାସ୍ତାଗୁଡିକୁ ସଫା ସୁତୁରା ରଖିବା ପାଇଁ ନିର୍ଦ୍ଦେଶ ଦିଆଗଲା । ଫଳତଃ ସାମାଜିକ ଓ ପାରିବାରିକ ଜୀବନ ଶୈଳୀକୁ ପରିମାର୍ଜିତ କରିବା ପାଇଁ ସମସ୍ତ ସିଦ୍ଧାନ୍ତକୁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଇ କାର୍ଯ୍ୟକାରୀ କରାଗଲା ଓ ସେଗୁଡିକୁ କ୍ରମାନ୍ୱୟରେ ରୂପାୟନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଗଲା । ପ୍ରଥମ ଥର ପାଇଁ ଆରବୀୟମାନେ ଏକ ବ୍ୟବସ୍ଥିତ ଓ ସଭ୍ୟ ସମାଜଭିତ୍ତିକ ନିୟମ ସହିତ ପରିଚିତ ହେଲେ ।

ଏଣେ ହଜରତ ମୁହମ୍ମଦ[ସଅ] ଆରବୀୟଙ୍କ ପାଇଁ ଏଭଳି ଏକ ଶୃଙ୍ଖଳିତ ଆଇନ ପ୍ରସ୍ତୁତ କରୁଥିଲେ, ଯାହା କେବଳ ସେହି ଯୁଗ ପାଇଁ ନୁହେଁ, ବରଂ ସଦା ସର୍ବଦା ପାଇଁ ପ୍ରଯୁଜ୍ୟ ଥିଲା । ତାହା କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା, ବରଂ ସମଗ୍ର ସଂସାରର ଅନ୍ୟାନ୍ୟ ଦେଶ ଓ ଜାତି ପାଇଁ ମଧ୍ୟ ସମ୍ମାନ, ପ୍ରତିଷ୍ଠା, ଶାନ୍ତି ତଥା ପ୍ରଗତିର ପ୍ରେରକ ଥିଲା । କିନ୍ତୁ ଅନ୍ୟ ପକ୍ଷେ ମକ୍କାବାସୀ ଇସଲାମ ବିରୁଦ୍ଧରେ ସୁପରିକଳ୍ପିତ ଯୋଜନା ଅନୁଯାୟୀ ସୁସଜ୍ଜିତ ହୋଇ ଏକ ଚୂଡାନ୍ତ ଯୁଦ୍ଧ ସକାଶେ ପ୍ରସ୍ତୁତ ହେଉଥିଲେ । ଯାହାର ପରିଣାମ ବଦର ଯୁଦ୍ଧର ରୂପ ଧାରଣ କରି ପ୍ରକଟିତ ହେଲା ।

## କୁରୈଶର ବଣିକ ଦଳର ଆଗମନ ଏବଂ ବଦର ଯୁଦ୍ଧ

ହିଜ୍‌ରତ (ଦେଶାନ୍ତର ଗମନ)ର ତ୍ରୟୋଦଶ ମାସରେ ସିରିୟାରୁ ଏକ ବ୍ୟବସାୟୀ ଦଳ ଅବୁ ସୁଫିୟାନର ନେତୃତ୍ୱରେ ଆସୁଥିଲା । ଏହାର ସୁରକ୍ଷା ବାହାନାରେ ମକ୍କାବାସୀ ଆକ୍ରୋଶ ମୂଳକ ଭାବେ ଏକ ଶକ୍ତିଶାଳୀ ସେନାଦଳକୁ ମଦିନା ଆଡକୁ ନେଇଯିବା ପାଇଁ ସିଦ୍ଧାନ୍ତ କଲେ । ରସୁଲୁଲ୍ଲା[ସଅ]ଙ୍କୁ ଏହାର ସୂଚନା ମିଳିଗଲା ତଥା ଅଲ୍ଲାଃଙ୍କ ତରଫରୁ ମଧ୍ୟ ତାଙ୍କୁ ଐଶିବାଣୀ ପ୍ରାପ୍ତ ହେଲା ଯେ ଶତ୍ରୁଙ୍କ

ଆକ୍ରମଣ ଓ ଅତ୍ୟାଚ୍ଚରର କଡା ଜବାବ୍ ଅସ୍ତ୍ର ଦ୍ୱାରା ଦିଆଯାଉ । ମନରେ ଏହି ସଂକଳ୍ପ କରି ସେ ମଦିନାର କେତେକ ସହଚରଙ୍କୁ ନେଇ ବାହାରିଲେ । ମହାଭାଗ ମଦିନାରୁ ବାହାରିଲା ବେଳେ ଏକଥା ସ୍ପଷ୍ଟ ହୋଇ ନଥିଲା ଯେ ତାଙ୍କର ମୁକାବିଲା କ'ଣ ସିରିୟାରୁ ଫେରୁଥିବା ମକ୍କାର ବଣିକଦଳ ସହିତ ହେବ ନା ମକ୍କାର ସଶସ୍ତ୍ର ସେନାବାହିନୀଙ୍କ ସହିତ ହେବ ? ଏହି ଦ୍ୱନ୍ଦ୍ୱ ମଧ୍ୟରେ ରହି କେବଳ ତିନିଶହ ଲୋକ ମହାଭାଗଙ୍କ ସହିତ ମଦିନାରୁ ବାହାରିଲେ ।

ଏହା ଭାବିବା ଉଚିତ ହେବ ନାହିଁ ଯେ ମକ୍କାର ବଣିକ ଦଳ କେବଳ ଓଟ ଉପରେ ଧନଦ୍ରବ୍ୟ ଲଦି ଯାଉଥିଲେ, ବରଂ ଏହି ଦଳ ସହିତ ଏକ ଶକ୍ତିଶାଳୀ ସେନା ଦଳ ମଧ୍ୟ ପଠାଉ ଥିଲେ । କାରଣ ସେହି ଦଳ ମାଧ୍ୟମରେ ମୁସଲମାନମାନଙ୍କୁ ଆତଙ୍କିତ କରିବାକୁ ମଧ୍ୟ ସେମାନେ ଚ୍ଚହୁଁ ଥିଲେ । ସୁତରାଂ ଏହି ବଣିକ ଦଳ ପୂର୍ବରୁ ଆଉ ଦୁଇଟି ଦଳ ସମ୍ବନ୍ଧରେ ମଧ୍ୟ ଇତିହାସରେ ବର୍ଣ୍ଣନା କରାଯାଉଛି । ସେହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳ ସକାସେ ଦୁଇଶହ ସୈନିକ ଓ ଅନ୍ୟ ଦଳ ପାଇଁ ତିନିଶହ ସୈନିକ ନିୟୋଜିତ ହୋଇଥିଲେ । ଖ୍ରୀଷ୍ଟିୟାନ ଲେଖକମାନେ ଏପରି ଲେଖିବା ଯେ ମୁହମ୍ମଦ[ସଅ] ତିନିଶହ ସିପାହୀ ନେଇ ମକ୍କାର ଆସୁଥିବା ଏକ ଅଣସୈନିକ ଶସ୍ତ୍ର ବିହୀନ ଦଳକୁ ଲୁଣ୍ଠନ କରିବା ପାଇଁ ବାହାରିଥିଲେ, ଏକ ପ୍ରତାରଣା ମାତ୍ର । କାରଣ ମକ୍କାରୁ ବାହାରିଥିବା ଦଳ ବହୁତ ବିଶାଳ ଥିଲା ଓ ଏହି ଦଳକୁ ଦେଖିଲେ ବୁଝିହେବ ଯେ ତାହା ସହିତ ଚାରି ପାଞ୍ଚଶହ ଅଶ୍ୱାରୋହୀ ମଧ୍ୟ ଥିଲେ । ଏପରି ବିଶାଳ ଦଳର ସମ୍ମୁଖୀନ ହେବା ପାଇଁ ମଦିନାର ଇସଲାମୀ ସେନା, ଯାହା ମାତ୍ର ତିନିଶହ ଅସ୍ତ୍ର ବିହୀନ ଲୋକ ଉପରେ ଆଧାରିତ ଥିଲା ଏବଂ ଯାହାଙ୍କ ନିକଟରେ ପର୍ଯ୍ୟାପ୍ତ ଯୁଦ୍ଧ ସରଞ୍ଜାମ ନଥିଲା । ଏହି ନିରସ୍ତ୍ର ଲୋକଙ୍କୁ ଲୁଣ୍ଠନର ନାମ ଦେବା ଏକ ପକ୍ଷପାତ, ଜିଦ୍‌ଖୋର୍ ମନୋଭାବ ଓ ଅନ୍ୟାୟ ଚିନ୍ତାଧାରା ନୁହେ ତ ଆଉ କ'ଣ ? ଯଦି କେବଳ ମକ୍କାର ସେହି ସଶସ୍ତ୍ର ଦଳର ପ୍ରଶ୍ନ ହୋଇଥାନ୍ତା, ତାଙ୍କ ସହିତ ଲଢେଇ କରିବା ମଧ୍ୟ ଯୁଦ୍ଧ ବୋଲାଇଥା'ନ୍ତା, ଯାହା ଆତ୍ମରକ୍ଷା ମୂଳକ ହୋଇଥାନ୍ତା । କାରଣ ମଦିନାର ଏହି ସେନାଦଳ ଅତ୍ୟନ୍ତ ଦୁର୍ବଳ ଥିଲା । କେବଳ ସେହି ଉପଦ୍ରବ ରୋକିବାକୁ ବାହାରିଥିଲା, ଯଦ୍ଦ୍ୱାରା ମକ୍କାର ଶତ୍ରୁ ଦଳ ମଦିନାବାସୀଙ୍କ ବିରୁଦ୍ଧରେ ଆଖପାଖ ଅଞ୍ଚଳବାସୀଙ୍କ ଉସୁକାଇ ହିଂସା, ଦ୍ୱେଷ ଓ ବିଶୃଙ୍ଖଳା ଜନିତ ପରିସ୍ଥିତି ସୃଷ୍ଟି କରିଥିଲେ । କିନ୍ତୁ ପବିତ୍ର କୁରଆନରୁ ଜଣାପଡ଼େ ଯେ ଏହା କେବଳ ଈଶ୍ୱରଙ୍କ ଇଚ୍ଛା ଥିଲା ଯେ ବଣିକ ଦଳ ସହିତ ନୁହେଁ, କେବଳ ସେମାନେ ମକ୍କାର ଅସଲ ସୈନ୍ୟଙ୍କ ସହିତ ମୁକାବିଲା କରନ୍ତୁ । ମଦିନାର ମୁସଲମାନମାନଙ୍କୁ ଭକ୍ତି ଓ ବିଶ୍ୱାସରେ ନିଷ୍ଠାର ଭାବ ଦର୍ଶାଇବା ପାଇଁ ପ୍ରଥମରୁ ହିଁ ଏହି

ବିଷୟକୁ ପ୍ରକଟ ହେବାକୁ ଦିଆଗଲା ନାହିଁ । କାରଣ ସେମାନେ ଯୁଦ୍ଧ ବିଷୟରେ ବିନ୍ଦୁ ବିସର୍ଗ କିଛି ହେଲେ ଜାଣି ନଥିଲେ । କିନ୍ତୁ ଯେବେ ଏହି ମୁସଲମାନ ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେବା ବିନା ଏବଂ ଯଥେଷ୍ଟ ଯୁଦ୍ଧ ସରଞ୍ଜାମ ବିନା ମଦିନାରୁ ବାହାରି ପଡିଲେ, ସେତେବେଳେ କିଛି ଦୂର ଯିବା ପରେ ମୁହମ୍ମଦ[ସଅ] ନିଜ ଅନୁଚର ମାନଙ୍କୁ ଏହା ସ୍ପଷ୍ଟ କଲେ ଯେ ଅଲ୍ଲାଃଙ୍କ ଇଚ୍ଛା ହେଉଛି, ମକ୍କାରୁ ଆସୁଥିବା ଅସଲ ସେନାଙ୍କ ସହିତ ସେମାନେ ସମ୍ମୁଖୀନ ହେବେ । ସେନାଙ୍କ ସମ୍ବନ୍ଧରେ ମକ୍କାରୁ ମିଳିଥିବା ସୂଚନା ଅନୁଯାୟୀ ସେହି ସୈନ୍ୟମାନଙ୍କ ସଂଖ୍ୟା ଏକ ହଜାରରୁ ଉର୍ଦ୍ଧ୍ୱ ଥିଲା ଓ ସେମାନେ ସମସ୍ତେ ପ୍ରଶିକ୍ଷଣ ପ୍ରାପ୍ତ ଓ ଯୁଦ୍ଧନୀତିରେ ଅଭିଜ୍ଞ ଯୋଦ୍ଧା ଥିଲେ । ହଜରତ ମୁହମ୍ମଦ[ସଅ]ଙ୍କ ସହିତ ଆସିଥିବା ଲୋକଙ୍କ ସଂଖ୍ୟା କେବଳ ୩୧୩ ଥିଲା । ସେମାନଙ୍କ ଭିତରେ ବହୁତ ଲୋକ ଯୁଦ୍ଧକଳା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିଲେ । ପୁଣି ସେମାନଙ୍କ ପାଖରେ ଯୁଦ୍ଧ ସରଞ୍ଜାମ ମଧ ପର୍ଯ୍ୟାପ୍ତ ନଥିଲା । ଅଧିକାଂଶ ଲୋକ ଖାଲି ପାଦରେ ତ ଅନ୍ୟ କେତେକ ଓଟ ପିଠିରେ ଯାଉଥିଲେ । ଗୋଟିଏ ମାତ୍ର ଘୋଡ଼ା ଥିଲା । ଏଣୁ ଏହି ସାଧନ ବିହୀନ ଏକ କ୍ଷୁଦ୍ର ସେନାଦଳ ଏକ ଅଭିଜ୍ଞତା ସଂପନ୍ନ ଶତ୍ରୁଙ୍କ ମୁକାବିଲା କରିବା, ଯେଉଁମାନଙ୍କ ସଂଖ୍ୟା ତିନିଗୁଣରୁ ଅଧିକ ଥିଲା, ଏହା ଅତ୍ୟନ୍ତ ବିପଦ ଶଙ୍କୁଳ ବିଷୟ । ସେଥିପାଇଁ ମହାଭାଗ ଚାହୁଁ ନଥିଲେ ଯେ କୌଣସି ବ୍ୟକ୍ତିଙ୍କୁ ନିଜ ଇଚ୍ଛା ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ବିବଶ କରାଯାଉ । ଏଣୁ ସିଧା ସଳଖ ଭାବରେ ସେ ଅନୁଚର ସାଥୀମାନଙ୍କୁ ସମ୍ବୋଧନ କରି କହିଲେ, 'ଏବେ ମକ୍କାର ବଣିକ ଦଳ ସହିତ ନୁହେଁ, କେବଳ ସେନାବାହିନୀଙ୍କ ସହିତ ହିଁ ମୁକାବିଲା ହେବ । ଏଣୁ ମୋତେ ପରାମର୍ଶ ଦିଅନ୍ତୁ କଣ କରାଯାଇ ପାରେ ?' ଜଣକ ପରେ ଜଣେ ମୁହାଜିର୍ (ପ୍ରବାସୀ ଶରଣାର୍ଥୀ) ଛିଡା ହୋଇ କହିବାକୁ ଲାଗିଲେ 'ଯଦି ଶତ୍ରୁ ଆମ ଘର ଉପରେ ଚଢ଼ାଉ କରିବାକୁ ଚାହୁଁଛି, ସେଥିପାଇଁ ଆମେ ଆଦୌ ଭୟଭୀତ ନୋହୁଁ । ତାଙ୍କ ସହିତ ଯୁଦ୍ଧ କରିବାକୁ ଆମେ ପ୍ରସ୍ତୁତ ଅଛୁ । ପ୍ରତ୍ୟେକ ବ୍ୟକ୍ତିର ଏହିପରି ଉତ୍ତର ଶୁଣି ସେ ବାରମ୍ବାର କହି ଚାଲିଥିଲେ 'ମୋତେ ପରାମର୍ଶ ଦିଅନ୍ତୁ, ପରାମର୍ଶ ଦିଅନ୍ତୁ' । କିନ୍ତୁ ସେ ପର୍ଯ୍ୟନ୍ତ ମଦିନାର ସ୍ଥାୟୀ ବାସିନ୍ଦା ନୀରବ ହୋଇ ରହିଥିଲେ । କାରଣ ମଦିନାକୁ ଆସୁଥିବା ଆକ୍ରମଣକାରୀ ସେନା ମୁହାଜିର୍‌ମାନଙ୍କ ନିକଟ ସମ୍ପର୍କୀୟ ଥିଲେ । ସେମାନଙ୍କର ଆଶଙ୍କା ଥିଲା ଯେ କାଳେ ମୁହାଜିର୍‌ମାନଙ୍କ ହୃଦୟରେ ଆଘାତ ପହଞ୍ଚିବ, ତେଣୁ ସଙ୍କୋଚ କରି କିଛି କହୁ ନଥିଲେ । ଅଲ୍ଲାଃଙ୍କ ରସୁଲ୍ ବାରମ୍ବାର ପରାମର୍ଶ ମାଗୁ ଥିବାରୁ ଜଣେ ଅନସାର୍(ମଦିନା ନିବାସୀ ମୁସଲମାନ)ର ଦଳପତି ଛିଡା ହୋଇ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ବୋଧହୁଏ ଆମ ଅନସାର୍‌ମାନଙ୍କ ଠାରୁ ପରାମର୍ଶ

ଲୋଡୁଛନ୍ତି ।’ ସେ କହିଲେ ‘ହଁ ।’ ତହୁଁ ସେହି ସର୍ଦ୍ଦାର କହିଲା, ‘ଆପଣ ମଦିନା ଆସିବା ପୂର୍ବରୁ ଆମର ଆପଣଙ୍କ ମଧ୍ୟରେ ଏହି ଚୁକ୍ତି ହୋଇଥିଲା ଯେ ଯଦି ମଦିନା ଭିତରେ ଆପଣଙ୍କ ଉପରେ କିମ୍ବା ଆପଣଙ୍କ ସହିତ ମକ୍କାରୁ ଆସିଥିବା ମୁହାଜେରୀନ୍‌ଙ୍କ ଉପରେ କୌଣସି ଆକ୍ରମଣ ହୁଏ, ସେପରି ସ୍ଥଳେ ଆମେ ଆପଣଙ୍କୁ ସୁରକ୍ଷା ପ୍ରଦାନ କରିବୁ । କିନ୍ତୁ ବର୍ତ୍ତମାନ ଆପଣ ମଦିନା ବାହାରେ ଅଛନ୍ତି । ତେଣୁ ସେହି ଚୁକ୍ତିନାମା ବର୍ତ୍ତମାନ ପରିସ୍ଥିତିରେ ଲାଗୁ ହୋଇ ନପାରେ । ହେ ଅଲ୍ଲାଃଙ୍କ ରସୁଲ ! ଯେଉଁ ସମୟରେ ଏହି ଚୁକ୍ତି ସାକ୍ଷରିତ ହୋଇଥିଲା, ସେତେବେଳେ ଆପଣଙ୍କ ଧର୍ମର ବାସ୍ତବିକତାକୁ ଆମେ ଭଲ ରୂପେ ହୃଦୟଙ୍ଗମ କରି ପାରି ନଥିଲୁ । କିନ୍ତୁ ଆପଣଙ୍କ ବ୍ୟକ୍ତିତ୍ୱ ଓ ମହାନୁଭବତା ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ ହୋଇ ସାରିଛି । ତେଣୁ ହେ ଅଲ୍ଲାଃଙ୍କ ରସୁଲ୍ ! ବର୍ତ୍ତମାନ ସେହି ଚୁକ୍ତିପତ୍ରର ଆଉ କୌଣସି ଆବଶ୍ୟକତା ନାହିଁ । ଆମେମାନେ ଇହୁଦିଙ୍କ ରସୁଲ୍ ମୋସେସ୍‌ଙ୍କ ସାଥୀମାନଙ୍କ ପରି କହିବୁ ନାହିଁ - اِذْهَبْ اَنْتَ وَرَبُّكَ فَقَاتِلَآ اِنَّا هٰهُنَا قٰعِدُوْنَ

ଇଜ୍‌ହବ୍ ଅନ୍‌ତା ଓ୍ୱ ରବ୍‌ବୁକା ଫକାତିଲା ଇନ୍ନା ହାହୁନା କାଏଦୁନ୍ ।

ଅର୍ଥାତ୍ ‘ହେ ମୁସା ! ତୁ ଓ ତୋର ପାଳନକର୍ତ୍ତା ଯାଅ ଏବଂ ଶତ୍ରୁଙ୍କ ସହିତ ଯୁଦ୍ଧ କରୁଥାଅ । କିନ୍ତୁ ଆମେ ତ ହାତ ଉପରେ ହାତ ବାନ୍ଧି ଏହିଠାରେ ହିଁ ବସି ରହୁଛୁ ।

ଆମେମାନେ କିନ୍ତୁ ଆପଣଙ୍କ ଡାହାଣ ପଟରୁ ବି ଲଢ଼ିବୁ, ଆପଣଙ୍କ ବାମ ପଟରୁ ବି ଲଢିବୁ । ଆପଣଙ୍କ ଆଗରୁ ବି ଲଢ଼ିବୁ ଓ ଆପଣଙ୍କ ପଛରୁ ବି ଲଢ଼ିବୁ । ହେ ଅଲ୍ଲାଃଙ୍କ ରସୁଲ ! ଯିଏବି ଆପଣଙ୍କୁ କ୍ଷତି ପହଞ୍ଚାଇବାକୁ ଠାଣି ନେଇଛି, ଆପଣଙ୍କ ପର୍ଯ୍ୟନ୍ତ ସେ କଦାପି ପହଞ୍ଚିପାରିବ ନାହିଁ, ଯେ ପର୍ଯ୍ୟନ୍ତ ସେ ଆମମାନଙ୍କ ମୃତ ଶବକୁ ଡେଇଁ ପାର ନକରିଛି । ହେ ଅଲ୍ଲାଃଙ୍କ ରସୁଲ ! ଯୁଦ୍ଧ ତ ଏକ ସାଧାରଣ କଥା । ଏହା ଠାରୁ ଅଳ୍ପ ଦୂରରେ ସମୁଦ୍ର ରହିଛି । ଆପଣ ଆମକୁ ଆଦେଶ ଦିଅନ୍ତୁ ଯେ ସମୁଦ୍ର ଗର୍ଭରେ ଘୋଡ଼ାମାନଙ୍କୁ ନେଇ ପକାଇ ଦିଅ । ତା’ହେଲେ ଆମେ ନିଃସଙ୍କୋଚରେ ଆମର ସମସ୍ତ ଘୋଡ଼ାମାନଙ୍କୁ ସମୁଦ୍ରରେ ନିକ୍ଷେପ କରିଦେବୁ ।’

(ଇବ୍‌ନେ ହିଶାମ୍, ୨ୟ ଭାଗ, ପୃଷ୍ଠା ୧୨)

ଏହା ଥିଲା ସେହି ଶ୍ରଦ୍ଧା ତ୍ୟାଗ ଓ ବଳିଦାନର ଆଦର୍ଶ, ଯାହାର ଦୃଷ୍ଟାନ୍ତ କୌଣସି ପୂର୍ବକାଳୀନ ନବୀ ପ୍ରସ୍ତୁତ କରି ପାରି ନାହାନ୍ତି । ମୁସା[ଅସ]ଙ୍କ ଅନୁଚରମାନଙ୍କ ପରିଚୟ ତ ସେମାନେ ସ୍ୱୟଂ ହି ଦେଖାଇ ଦେଇଥିଲେ । ଯୀଶୁଖ୍ରୀଷ୍ଟଙ୍କ ୧୩ଜଣ ଶିଷ୍ୟ ଶତ୍ରୁମାନଙ୍କ ମୁକାବିଲାରେ ଯେଉଁ ଦୃଷ୍ଟାନ୍ତ ଦେଖାଇ ଥିଲେ, ତାହା ବାଇବେଲ୍‌ର

ନୂତନ ନିୟମରେ ବର୍ଣ୍ଣିତ ହୋଇଛି । ଯୀଶୁଙ୍କ ଜନୈକ ଶିଷ୍ୟ ତ କିଛି ମୁଦ୍ରା ବିନିୟମରେ ନିଜର ଗୁରୁ ଯୀଶୁ ମସିହଙ୍କୁ ଶତ୍ରୁଙ୍କ ହାତରେ ବିକ୍ରୟ କରି ଦେଇଥିଲା । ଆଉ ଜଣେ ଅନୁଚର ଶତ୍ରୁଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ଯୀଶୁଙ୍କ ଉପରେ ଅଭିଶାପ ବର୍ଷଣ କରିଥିଲା ଏବଂ ଯୀଶୁଙ୍କୁ କ୍ରୁଶବିଦ୍ଧ ହେଲାପରେ ଦଶଜଣ ଶିଷ୍ୟ ଇତଃସ୍ତତ ହୋଇ ପଳାୟନ କରିଥିଲେ । କିନ୍ତୁ ମୁହମ୍ମଦ[ସଅ]ଙ୍କ ସାଥୀମାନେ କେବଳ ଦେଢବର୍ଷ ସଂଗତିରେ ଆସି ବିଶ୍ୱାସରେ ଏପରି ଦୃଢତା ଅବଲମ୍ବନ କଲେ ଯେ ତାଙ୍କର କହିବା ମାତ୍ରେ ହିଁ ଉତ୍ତାଳ ସମୁଦ୍ର ଗର୍ଭରେ ଲମ୍ଫ ପ୍ରଦାନ କରିବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇ ଯାଇଥିଲେ ।

ଏହି ପରାମର୍ଶ କେବଳ ଏଥିପାଇଁ ଲୋଡ଼ା ଯାଇଥିଲା ଯଦ୍ୱାରା ସେମାନଙ୍କ ମଧ୍ୟରୁ ଯେଉଁମାନେ ଭକ୍ତି ଓ ବିଶ୍ୱାସରେ ଦୁର୍ବଳମନା ହୋଇଥିବେ, ସେମାନଙ୍କୁ ଯୁଦ୍ଧଭୂମି ଛାଡି ଫେରିଯିବା ପାଇଁ ଅନୁମତି ଦିଆଯିବ । କିନ୍ତୁ ଯେତେବେଳେ ଅନସାର୍ ଓ ମୁହାଜିର୍ ଜଣେ ଅନ୍ୟଠାରୁ ବଳି ଭକ୍ତି ଓ ବିଶ୍ୱାସର ଆଦର୍ଶ ଦେଖାଇଲେ ଏବଂ ଉଭୟ ପକ୍ଷ ଏପରି ସହମତି ପ୍ରକାଶ କଲେ ଯେ ସେମାନେ ଈଶ୍ୱରଙ୍କ ପ୍ରତିଶ୍ରୁତି ଅନୁସାରେ ଶତ୍ରୁ ସଂଖ୍ୟାରେ କେବଳ ଏକ ତୃତୀୟାଂଶ ହୋଇଥିବା ସତ୍ତ୍ୱେ ତଥା ବହୁଗୁଣରେ କମ୍ ହତିଆର ଥିବା ସତ୍ତ୍ୱେ ନିର୍ଭୀକ ପଣରେ ପଛଘୁଞ୍ଚା ଦେବେନାହିଁ । ବରଂ ଈଶ୍ୱରଙ୍କ ଧର୍ମର ପ୍ରତିଷ୍ଠା ଓ ସ୍ୱାଭିମାନ ବଜାୟ ରଖିବା ପାଇଁ ସେମାନେ ରଣଭୂମିରେ ସହର୍ଷରେ ନିଜର ପ୍ରାଣର ବଳିଦାନ ଦେବେ । ସୁତରାଂ ସେମାନେ ଯୁଦ୍ଧଭୂମି ଆଡକୁ ଅଗ୍ରସର ହେଲେ । ଯେତେବେଳେ ସେମାନେ ବଦର ନାମକ ସ୍ଥାନରେ ପହଞ୍ଚିଲେ, ଜଣେ ଅନୁଚରଙ୍କ ପରାମର୍ଶ କ୍ରମେ ଶତ୍ରୁଙ୍କ ପାଖ ଦେଇ ଯାଇଥିବା ବଦରର ଝରଣା ପାର୍ଶ୍ୱରେ ଇସଲାମୀୟ ସେନାର ଛାଉଣୀ ପକାଇଲେ । ଝରଣା କୂଳ ସନ୍ନିକଟ ଅଞ୍ଚଳ ତ ନିଜ ଅଧୀନକୁ ଆସିଗଲା, କିନ୍ତୁ ଯେଉଁ କ୍ଷେତ୍ର ମୁସଲମାନମାନଙ୍କ ଭାଗରେ ପଡିଲା, ତାହା ବାଲିଚର ଭୂମି ହୋଇଥିବା ଯୋଗୁଁ ଯୁଦ୍ଧର ଗତିବିଧି ପାଇଁ ଅତ୍ୟନ୍ତ ହାନୀକାରକ ସିଦ୍ଧ ହେଲା । ତେଣୁ ଅନୁଚରମାନେ ଘାବରା ହୋଇଗଲେ । ଅଲ୍ଲାଃଙ୍କ ରସୁଲ୍ ରାତିସାରା ପ୍ରାର୍ଥନା କରୁଥିଲେ ଓ ବାରମ୍ବାର ପ୍ରଭୁଙ୍କ ଠାରେ ଅତ୍ୟନ୍ତ ବିନତୀ କରୁଥିଲେ, 'ହେ ଅଲ୍ଲାଃ ! ଆଜି ସାରା ପୃଥିବୀ ପୃଷ୍ଠରେ ତୁମ୍ଭର ଏକାନ୍ତ ଭାବେ ଉପାସନା ପାଇଁ କେବଳ ଏହି ଲୋକମାନେ ଅଛନ୍ତି । ହେ ମୋର ପାଳନ କର୍ତ୍ତା ! ଆଜି ଯଦି ଏମାନେ ଯୁଦ୍ଧରେ ମରିଯିବେ, ତେବେ ସଂସାରରେ ତୁମ୍ଭ ନାମ ନେବାକୁ ଆଉ କେହି ରହିବେ ନାହିଁ ।'

(ଜରକାନୀ, ପ୍ରଥମ ଭାଗ, ପୃଷ୍ଠା ୪୧୯, ଇବ୍‌ନେ ହିଶାମ୍, ଦ୍ୱିତୀୟ ଭାଗ, ପୃଷ୍ଠା ୧୭)

ଅଲ୍ଲାଃ ପରମବ୍ରହ୍ମ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରାର୍ଥନା ଶୁଣିଲେ ଓ ସେହି ରାତିରେ ଅସରାଏ ବର୍ଷା ହୋଇଗଲା । ଏହାର ପରିଣାମ ଏପରି ହେଲା ଯେ ଯେଉଁ ପଡିଆରେ ମୁସଲମାନ ଥିଲେ ତାହା ବାଲୁକାମୟ ଭୂମି ହୋଇଥିବା ଯୋଗୁଁ ସେହି ସ୍ଥାନ ଜମି ଯାଇ ଶକ୍ତ ଚଟାଣରେ ପରିଣତ ହୋଇଗଲା । ଏବଂ ଶତ୍ରୁମାନଙ୍କ ପଟେ ଚିକ୍କଣ ମାଟି ଥିବା ସ୍ଥାନ ଅତି ଖସଡା ହୋଇଗଲା । ମୁସଲମାନମାନେ ପହଞ୍ଚିବା ପୂର୍ବରୁ ମକ୍କାର ଶତ୍ରୁଦଳ ଆସି ଏହି ଶକ୍ତ ମସୃଣ ସ୍ଥାନକୁ ବାଛିବାର କାରଣ କ୍ଷୀପ୍ର ଗତିରେ ଯୁଦ୍ଧ ଚାଳନା ସମ୍ଭବପର ହୋଇପାରିବ । ଏବଂ ସେମାନେ ସାମନାରେ ଥିବା ବାଲୁକାମୟ ସ୍ଥାନ ମୁସଲମାନମାନଙ୍କ ପାଇଁ ଏଥିପାଇଁ ଛାଡ଼ି ଦେଇଥିଲେ ଯେ ସେମାନଙ୍କ ଗୋଡ ବାଲି ଭିତରେ ଧସିଯିବ ଓ ସେମାନେ ଯୁଦ୍ଧଚାଳନା କରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହେବେ । କିନ୍ତୁ ସେହି ରାତାରାତି ଲୀଳାମୟ ପ୍ରଭୁ ପଟ୍ଟ ପରିବର୍ତ୍ତନ କରିଦେଲେ । ବର୍ଷା ଦ୍ୱାରା ବାଲୁକାମୟ ସ୍ଥାନ ଦୃଢ଼ ଚଟାଣରେ ପରିବର୍ତ୍ତିତ ହୋଇଗଲା ଓ ଟାଣ ଭୂମି ପିଚ୍ଛିଳ ହୋଇ ଖସଡା ଭୂମିର ରୂପ ନେଲା । ସେହି ରାତିରେ ଅଲ୍ଲାଃତାଲା ମହାଭାଗଙ୍କୁ ଏହି ଶୁଭ ସନ୍ଦେଶ ମଧ ଦେଲେ ଯେ ତୁମର ଅମୁକ ଅମୁକ ଶତ୍ରୁ ନିହତ ହେବେ ଓ ଅମୁକ ଅମୁକ ସ୍ଥାନରେ ମରି ପଡିବେ । ସୁତରାଂ ଯୁଦ୍ଧରେ ତାହା ହିଁ ଘଟିଲା । ତାଙ୍କୁ ସୂଚନା ଦିଆଯାଇ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଦିଷ୍ଟ ଶତ୍ରୁମାନେ ଟଳି ପଡି ମୃତ୍ୟୁବରଣ କରିଥିଲେ । ଯେତେବେଳେ ଉଭୟ ପକ୍ଷ ପରସ୍ପର ମୁହାଁମୁହିଁ ହେଲେ, ଅନୁଚରମାନେ ସେଠାରେ ଯେପରି ଶ୍ରଦ୍ଧା ଓ ବୀରତ୍ୱ ପ୍ରଦର୍ଶନ କଲେ ତାହା ନିମ୍ନଲିଖିତ ଉଦାହରଣରୁ ଜଣାପଡେ ।

ଇସ୍‌ଲାମୀୟ ବାହିନୀରେ କେତେକ ଅଭିଜ୍ଞ ସେନାପତି ଥିଲେ । ସେଥିମଧ୍ୟରୁ ହଜରତ ଅବ୍ଦୁର ରହମାନ ବିନ୍ ଅଓଫ୍ ଅନ୍ୟତମ, ଯିଏ ମକ୍କାର ଜଣେ ସର୍ଦ୍ଦାର ଥିଲେ । ସେ ନିଜର ଯୁଦ୍ଧକାଳୀନ ଅନୁଭୂତି ବର୍ଣ୍ଣନା କରି କହିଛନ୍ତି ଯେ ମୁଁ ଭାବୁଥିଲି ଆଜି ମୋ ଉପରେ ବହୁତ ବଡ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହିପରି ଚିନ୍ତା କରୁ କରୁ ମୁଁ ଦେଖିଲି ଯେ ମୋର ବାମ ଓ ଦକ୍ଷିଣ ପାର୍ଶ୍ୱରେ ମଦିନାର ଦୁଇଜଣ ନବୀଯୁବକ ଦଣ୍ଡାୟମାନ ହୋଇ ରହିଛନ୍ତି । ସେମାନଙ୍କୁ ଦେଖି ମୁଁ ଅତ୍ୟନ୍ତ ନିରାଶ ହେଲି । ବୀର ସେନାନୀ ପାଇଁ ଜଣେ ସେନାପତିର ଦୁଇ ପାଖରେ ଦୁଇଟି ମଜବୁତ୍ ଦକ୍ଷ ଯୋଦ୍ଧାଙ୍କ ଆବଶ୍ୟକତା ଥାଏ । ଯେଉଁମାନଙ୍କ ସହଯୋଗରେ ଶତ୍ରୁଙ୍କ ଦୁର୍ଗ ମଧ୍ୟକୁ ପ୍ରବେଶ କରିବା ସମ୍ଭବପର ହୋଇଥାଏ । କିନ୍ତୁ ଆଜି ମୋ ପାଖରେ ମଦିନାର ଦୁଇଟି ଅନୁଭବହୀନ ଚପଳମତି ବାଳକ । ଏହି ସ୍ଥିତିରେ ନିଜର ଯୁଦ୍ଧ କୌଶଳର ପ୍ରଦର୍ଶନ ମୁଁ କେଉଁ ପ୍ରକାରେ କରିବି । ଏପରି ଭାରାକ୍ରାନ୍ତ ସ୍ଥିତିରେ ଥିବାବେଳେ ମୋର ଗୋଟିଏ

ପାର୍ଶ୍ୱରେ ଦଣ୍ଡାୟମାନ ଥିବା ତହିଁରୁ ଜଣେ ଯୁବକ ମୋ ପଞ୍ଜରାକୁ ନିଜ କହୁଣି ମାରି ତୁନି ତୁନି ମୋ କାନରେ କହିଲା 'ଆମେ ଶୁଣୁଛୁ ଅବୁଜହେଲ ନାମକ ବ୍ୟକ୍ତି ହଜରତ ମୁହମ୍ମଦ[ସଅ]ଙ୍କୁ ବହୁତ କଷ୍ଟ ଦେଇଛି । ମୋର ଇଚ୍ଛା ହେଉଛି ଆଜି ମୁଁ ତା' ସହିତ ମୁକାବିଲା କରିବି । ଆପଣ ମୋତେ ବତାନ୍ତୁ ସେ ଲୋକଟି କିଏ ?' ସେ ଏହାର ଉତ୍ତର ଦେବା ପୂର୍ବରୁ ଅନ୍ୟ ପାର୍ଶ୍ୱରେ ଦଣ୍ଡାୟମାନ ବାଳକଟି ଅବ୍ଦୁର ରହମାନ୍ ବିନ୍ ଅଓଫଙ୍କୁ କହୁଣି ମାରି ସେହି ଏକା ପ୍ରଶ୍ନ କଲା । ମୁଁ ସେମାନଙ୍କ ସାହାସ ଦେଖି ସ୍ତବ୍ଧ ହୋଇଗଲି । ମୁଁ ନିଜେ ଜଣେ ଅନୁଭବୀ ସିପାହୀ ହୋଇ ମଧ୍ୟ ଭାବି ପାରୁ ନଥିଲି ଯେ ଶତ୍ରୁର ସୁରକ୍ଷା କବଚକୁ ଭେଦ କରି ମୁଁ ଏକାକୀ ଯାଇ ଶତ୍ରୁସୈନ୍ୟଙ୍କ ସେନାପତି ଅବୁଜହେଲକୁ ଆକ୍ରମଣ କରି ପାରିବି । ସେ କହନ୍ତି ତଥାପି ମୁଁ ନିଜ ଅଙ୍ଗୁଳି ଦେଖାଇ ସେହି ବାଳକମାନଙ୍କୁ କହିଲି ଯେ ସେହି ବ୍ୟକ୍ତିକୁ ଦେଖ ! ଯିଏ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଲୌହ ସାଞ୍ଜୁ ଦ୍ୱାରା ଆବଦ୍ଧ ହୋଇ ସମସ୍ତଙ୍କ ପଛରେ ଛିଡା ହୋଇଛି । ଏବଂ ଯାହାର ସମ୍ମୁଖ ଭାଗରେ ଦୁଇଜଣ ଅଭିଜ୍ଞ ଯୋଦ୍ଧା ନଗ୍ନ ଖଡ୍‌ଗ ଧରି ସୁରକ୍ଷା ଘେରରେ ତାକୁ ରଖିଛନ୍ତି । ସେହି ବ୍ୟକ୍ତିଟି ହେଉଛି ଅବୁଜହେଲ୍ । ଅବ୍ଦୁର୍ ରହମାନ ବିନ୍ ଅଓଫ୍ ପୁଣି କହନ୍ତି 'ମୁଁ ଅବୁଜହେଲ ଆଡ଼କୁ ଇସାରା କରିଥିବା ମୋ ଆଙ୍ଗୁଳି ତଳକୁ କରିନାହିଁ ଯେ ତା' ପୂର୍ବରୁ ଏହି ଦୁଇଜଣ ବାଳକ ବିଜୁଳି ବେଗରେ ଅବୁଜହେଲ ଉପରକୁ ଝାମ୍ପି ପଡିଲେ, ଯେପରି କ୍ଷୀପ୍ର ଗତିଶୀଳ ଏକ ବାଜପକ୍ଷୀ ଗୋଟିଏ ଛୋଟ ଚଢ଼େଇ ଉପରେ ଆକ୍ରମଣ କରିଥାଏ । ସେମାନଙ୍କ ଆକ୍ରମଣ ଏପରି ଅପ୍ରତ୍ୟାଶିତ ଥିଲା ଯେ କୌଣସି ବ୍ୟକ୍ତି ନିଜ ତରବାରୀ ଉଠାଇବାକୁ ଅବସର ପାଇ ନଥିଲେ । ସେହି ବାଳକ ଦ୍ୱୟ ତୀର ବେଗରେ ଅବୁଜହେଲ ନିକଟରେ ପହଞ୍ଚି ଯାଇଥିଲେ । ତା'ର ଅଙ୍ଗରକ୍ଷକ ଜଣେ ବାଳକ ଉପରେ ତରବାରୀ ଦ୍ୱାରା ପ୍ରହାର କଲା । କିନ୍ତୁ ତାହା ବ୍ୟର୍ଥ ଗଲା । ଅନ୍ୟ ଜଣେ ରକ୍ଷାକର୍ମୀର ତରବାରୀ ଦ୍ୱାରା ଗୋଟିଏ ବାଳକର ହାତ କଟିଗଲା । ତଥାପି କୌଣସି ଖାତିର ନକରି ଦୁଇଜଣ ଯାକ ବାଳକ ଅବୁଜହେଲ ଉପରେ ପ୍ରଚଣ୍ଡ ଆକ୍ରମଣ କରି ତାକୁ ଧରାଶାୟୀ କରିଦେଲେ ତଥା ତାକୁ ଗୁରୁତର ଭାବେ ଆହତ କଲେ । କିନ୍ତୁ ସେହି ଦୁଇଜଣଙ୍କର ତରବାରୀ ଚାଳନାରେ କୌଣସି ଅଭିଜ୍ଞତା ନଥିବାରୁ ସେମାନେ ଅବୁଜହେଲକୁ ହତ୍ୟା କରି ପାରି ନଥିଲେ ।

ଏହି ଘଟଣାରୁ ଜଣା ପଡୁଛି ଯେ ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ଯେଉଁ ଅତ୍ୟାଚାର ମକ୍କାରେ କରାଯାଉଥିଲା, ତାହା ଏତେ ଭୟଙ୍କର ଥିଲା ଯେ ନିକଟରୁ ଦେଖିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଦୃଷ୍ଟିରେ ସେମାନେ ନରହନ୍ତା ରାକ୍ଷସ ସଦୃଶ ପ୍ରତୀୟମାନ ହେଉଥିଲେ । ଏବେ ମଧ୍ୟ ସେହି ଅତ୍ୟାଚାରର ଲୋମହର୍ଷଣକାରୀ ଇତିହାସ ପଢ଼ି

ଜଣେ ସଜ୍ଜନ ବ୍ୟକ୍ତିଙ୍କ ହୃଦୟ ପ୍ରକମ୍ପିତ ହୁଏ ଓ ଲୋମ ଟାଙ୍କୁରି ଉଠେ । ମଦିନାର ଲୋକମାନେ ତ ସେମାନଙ୍କ ମୁହଁରୁ ଏହି ଅତ୍ୟାଚାରର ବୃତ୍ତାନ୍ତ ଶୁଣୁଥିଲେ, ଯେଉଁମାନେ ସେହି ଅତ୍ୟାଚାରକୁ ସ୍ୱଚକ୍ଷୁରେ ଦେଖିଥିଲେ । ଏକ ପକ୍ଷେ ବିଶ୍ୱବନ୍ଦିତ ନବୀ ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଓ ମୈତ୍ରୀ ଭାବାପନ୍ନ ଜୀବନକୁ ଅବଲୋକନ କରୁଥିଲେ ତ ଅପର ପକ୍ଷେ ମକ୍କାବାସୀଙ୍କ ଅମାନବୀୟ ଓ ନୃଶଂସ ଘଟଣା ଶୁଣିଥିଲେ । ଫଳତଃ ସେମାନଙ୍କ ହୃଦୟ ଦୁଃଖରେ ଏପରି ମ୍ରିୟମାଣ ହେଉଥିଲା ଯେ ନିଜର ସହାନୁଭୂତିଶୀଳ ଓ ଶାନ୍ତ ସ୍ୱଭାବ ଯୋଗୁଁ ହଜରତ ମୁହମ୍ମଦ[ସଅ] ସେଥିରେ କୌଣସି ପ୍ରତିକ୍ରୀୟା ପ୍ରଦର୍ଶନ କଲେ ନାହିଁ । ଆହା ! ସେମାନେ ଆମ ସମ୍ମୁଖକୁ ଆସି ଯାଆନ୍ତେ ତ ଆମେ ସେମାନଙ୍କୁ ବତାଇ ପାରନ୍ତୁ ଯେ ଯଦି ସେମାନଙ୍କ ଅତ୍ୟାଚାରର ପ୍ରତ୍ୟୁତ୍ତର ଦିଆଯାଇ ନାହିଁ । ତା'ର ଅର୍ଥ ଏହା ନୁହେଁ ଯେ ମୁସଲମାନମାନେ  ଦୁର୍ବଳ ଥିଲେ । ବରଂ ଏହାର କାରଣ ହେଉଛି ତାଙ୍କର ସମୁଚିତ ଉତ୍ତର ଦେବା ପାଇଁ ଅଲ୍ଲାଃଙ୍କ ତରଫରୁ କୌଣସି ଆଦେଶ ପ୍ରକଟ ହୋଇ ନଥିଲା । ମୁସଲମାନଙ୍କର ମାନସିକ ଅବସ୍ଥା ଓ ହୃଦୟର ଦଶା ଏହି ଘଟଣାରୁ ମଧ୍ୟ ଅନୁମାନ କରାଯାଇ ପାରେ ଯେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଅବୁଜହେଲ ଜଣେ ବେଦୁଇନ୍ ସର୍ଦ୍ଦାରକୁ ମୁସଲମାନ ସୈନ୍ୟମାନଙ୍କ ସଂଖ୍ୟାର ଆକଳନ କରିବାକୁ ପଠାଇଥିଲା । ସେ ଅନୁଧ୍ୟାନ କରି ଫେରିଆସି ତାଙ୍କୁ କହିଲା ଯେ ମୁସଲମାନମାନଙ୍କ ସଂଖ୍ୟା ତିନିଶହ କିମ୍ୱା ତିନିଶହ ପଚିଶ ପାଖାପାଖି ହେବ । ଏହା ଶୁଣି ଅବୁଜହେଲ ଓ ତା'ର ସାଥୀଗଣ ପ୍ରସନ୍ନତା ବ୍ୟକ୍ତ କଲେ ଓ ଖୁସିରେ କହିଉଠିଲେ ଯେ ମୁସଲମାନମାନେ ଆମ ଠାରୁ କଦାପି ବର୍ତ୍ତି ଯାଇପାରିବେ ନାହିଁ । କିନ୍ତୁ ସେହି ସର୍ଦ୍ଦାର ସେମାନଙ୍କୁ ଗମ୍ଭୀର ସ୍ୱରରେ କହିଲେ, 'ହେ ମକ୍କାବାସୀ ! ମୋର ତୁମମାନଙ୍କୁ ଏତିକି ଉପଦେଶ ଯେ ତୁମେ ସେମାନଙ୍କ ସହିତ ଯୁଦ୍ଧ କରନାହିଁ । କାରଣ ମୁଁ ମୁସଲମାନମାନଙ୍କ ଯେତେ ସଂଖ୍ୟକ ଲୋକ ସେଠାରେ ଦେଖି ଆସିଛି, ସେମାନଙ୍କୁ ଦେଖି ମୋ ଉପରେ ଏହି ପ୍ରଭାବ ପଡିଛି ଯେ ଓଟ ପିଠିରେ କୌଣସି ମନୁଷ୍ୟ ବସି ନଥିଲେ ବରଂ ସାକ୍ଷାତ ମୃତ୍ୟୁଦୂତ ବସିଥିଲେ । ଅର୍ଥାତ୍ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ମରିବା ପାଇଁ ଏହି ରଣଭୂମିକୁ ପ୍ରସ୍ତୁତ ହୋଇ ଆସିଛି । ଜୀବିତ ହୋଇ ଫେରିବାକୁ ଆସିନାହିଁ । ଯେଉଁ ବ୍ୟକ୍ତି ମୃତ୍ୟୁକୁ ନିଜ ପାଇଁ ସହଜଲଭ୍ୟ କରିଦିଏ ଓ ମୃତ୍ୟୁକୁ ଆଲିଙ୍ଗନ କରିବାକୁ ସର୍ବଦା ତତ୍ପର ହୋଇଯାଏ, ତାଙ୍କର ସାମ୍ନା କରିବା କୌଣସି ସାଧାରଣ ବିଷୟ ନୁହେଁ ।

# ଏକ ମହାନ ଭବିଷ୍ୟତ ବାଣୀ ପୂରଣ

ଯେବେ ଯୁଦ୍ଧ ଆରମ୍ଭ ହେବା ସମୟ ଆସିଲା, ହଜରତ ମୁହମ୍ମଦ[ସଅ] ଯେଉଁ ସ୍ଥାନରେ ବସି ପ୍ରାର୍ଥନା କରୁଥିଲେ,ସେଠାରୁ ଉଠି ବାହାରକୁ ଆସିକହିଲେ, 'ସୟୂହ୍‌ଜମୁଲ୍ ହମ୍‌ଉ ଓ୍ୱ ୟୋଅଲ୍ଲୁନଦ୍‌ଦୋବର' ଅର୍ଥାତ 'ଶତ୍ରୁ ସେନା ପରାଜିତ ହୋଇଯିବେ ଓ ପଛଘୁଞ୍ଚା ଦେଇ ରଣଭୂମି ଛାଡି ପଳାୟନ କରିବେ ।' ତାଙ୍କର ଏହି କଥିତ ଶବ୍ଦରେ ପବିତ୍ର କୁରଆନ୍‌ର ଏକ ଭବିଷ୍ୟବାଣୀ ଥିଲା, ଯାହା ମକ୍କାରେ ଅବତୀର୍ଣ୍ଣ ହୋଇଥିଲା । ଯେତେବେଳେ ମୁସଲମାନମାନେ ଅବିଶ୍ୱାସକାରୀଙ୍କ ଅତ୍ୟାଗ୍ଚରର ଶିକାର ହୋଇଥିଲେ ଓ ତହିଁରୁ ରକ୍ଷା ପାଇବା ପାଇଁ ଏଣେ ତେଣେ ହିଜରତ କରି ଗ୍ଚଲି ଯାଉଥିଲେ, ଠିକ୍ ସେହି ସମୟରେ ଅଲ୍ଲାଃଙ୍କ ରସୁଲଙ୍କ ପ୍ରତି ଏହି ପଙ୍କ୍ତି ଅବତୀର୍ଣ୍ଣ ହୋଇଥିଲା ।

وَلَقَدْ جَآءَ آلَ فِرْعَوْنَ النُّذُرُ ۔ كَذَّبُوا بِآيَاتِنَا كُلِّهَا فَأَخَذْنَاهُمْ أَخْذَ عَزِيزٍ مُّقْتَدِرٍ ۔ أَكُفَّارُكُمْ خَيْرٌ مِّنْ أُولَٰئِكُمْ أَمْ لَكُم بَرَاءَةٌ فِي الزُّبُرِ ۔ أَمْ يَقُولُونَ نَحْنُ جَمِيعٌ مُّنتَصِرٌ ۔ سَيُهْزَمُ الْجَمْعُ وَيُوَلُّونَ الدُّبُرَ ۔ بَلِ السَّاعَةُ مَوْعِدُهُمْ وَالسَّاعَةُ أَدْهَىٰ وَأَمَرُّ ۔ إِنَّ الْمُجْرِمِينَ فِي ضَلَالٍ وَسُعُرٍ ۔ يَوْمَ يُسْحَبُونَ فِي النَّارِ عَلَىٰ وُجُوهِهِمْ ذُوقُوا مَسَّ سَقَرَ ۔

ଓ୍ୱଲକଦ୍ ଯାଆ ଆ'ଲେ ଫିର୍‌ଅଓନନ୍ ନୁଜୁର୍ । କଜ୍‌ଜବୁ ବି ଆୟାତେନା କୁଲ୍ଲେହା ଫାଅଖଜ୍ ନାହୁମ୍ ଅଖ୍‌ଜା ଅଜିଜିମ୍ ମୁକ୍‌ତଦିର୍ । ଅକୁଫ୍‌ଫାରୋକୁମ୍ ଖୈରୁମ୍ ମିମନ୍ ଉ'ଲା ଇକୁମ୍ ଅମ୍ ଲକୁମ୍ ବରାଆତୁମ୍ ଫି ଜ୍ଜୁବୁରେ । ଅମ୍ ୟକୁଲୁନା ନହ୍‌ନୋ ଯମିଉମ୍ ମୁନ୍‌ତସିର । ସୟୁହ୍‌ଜମୁଲ୍ ଜମଉ ଓ୍ୱ ୟୁଓ୍ୱଲ୍ଲୁନଦ୍ ଦୋବୋର୍ । ବଲିସ୍ ସାଆତୁ ମୌଇଦୁହୁମ୍ ଓ୍ୱସ୍‌ସାଆତୁ ଅଦ୍‌ହା ଓ୍ୱ ଅମର୍‌ରୋ ଇନ୍ନଲ୍ ମୁଜ୍‌ରିମିନା ଫି ବଲାଲିମ୍ ଓ୍ୱ ସୁଉରେ । ୟୋମା ୟୁସ୍‌ହବୁନା ଫିନ୍ନାରେ ଅଲା ଓ୍ୱଜୁହେହିମ୍; ଜୁକୁମସ୍‌ସା ସକର୍ । (ଅଲ୍ କମର୍, ୪୨-୪୯)

ଅର୍ଥାତ୍ 'ହେ ମକ୍କାବାସୀ ! ଫିରୌନ୍ ନିକଟକୁ ମଧ୍ୟ ଅଲ୍ଲାଃଙ୍କ ତରଫରୁ ସତର୍କ ସୂଚନାକାରୀ ଆସିଥିଲେ । କିନ୍ତୁ ଫରୌନ୍ ଆମ୍ଭର ସମସ୍ତ ନିଦର୍ଶନକୁ ପ୍ରତ୍ୟାଖ୍ୟାନ କରିଦେଲା । ଏଣୁ ଆମ୍ଭେ ତାକୁ ଏଭଳି ଭାବେ କରାୟତ କଲୁଁ ଯେପରି

ଏକ ସଶକ୍ତ ବିଜେତା କରାୟତ କରିଥାଏ । (ହେ ମକ୍କାବାସୀ) ତୁମେ କୁହ, କ'ଣ ତୁମ ପରି ଅବିଶ୍ୱାସକାରୀ ସେମାନଙ୍କ ଠାରୁ ଉତ୍ତମ । ଅଥବା କ'ଣ ତୁମମାନଙ୍କ ସକାଶେ ଅତୀତର ଧର୍ମ ପୁସ୍ତକରେ କୌଣସି ବଚନ ଦିଆଯାଇଛି ? ସେମାନେ କହୁଛନ୍ତି ଯେ ଆମେ ତ ଏକ ମହାନ ଶକ୍ତିର ଅଧିକାରୀ, ଯିଏ କି ଶତ୍ରୁଠାରୁ କେବେ ପରାସ୍ତ ହୁଅନ୍ତି ନାହିଁ । ମାତ୍ର ଶତ୍ରୁଙ୍କ ଠାରୁ ପ୍ରତିଶୋଧ ନିଅନ୍ତି । କିନ୍ତୁ ପ୍ରକୃତ ପକ୍ଷରେ ଏମାନେ (ମକ୍କାବାସୀ) ଗୋଟିଏ ସ୍ଥାନରେ ଏକତ୍ରୀତ ହେବେ ଓ ସେମାନଙ୍କୁ ପରାଜୟ ବରଣ କରିବାକୁ ପଡିବ । ସେମାନେ ପଛଘୁଞ୍ଚା ଦେଇ ପଳାୟନ କରିବେ । ସେତିକି ନୁହେଁ, ଅଲ୍ଲାଃଙ୍କ ତରଫରୁ ବିନାଶର ପ୍ରତିଶ୍ରୁତି ରହିଛି ଓ ସେହି ବିନାଶର ଦୁର୍ଦ୍ଦିନ ସମୟ ବହୁତ ଦାରୁଣ, ଦୁଃଖପୂର୍ଣ୍ଣ ଓ ଅସହନୀୟ ହେବ । ସେହିଦିନ ଅପରାଧି ଅତ୍ୟନ୍ତ ବ୍ୟାକୁଳ ଓ ଦୁର୍ଦ୍ଦଶାଗ୍ରସ୍ତ ହେବେ ଏବଂ ସେମାନଙ୍କ ମୁହଁକୁ ଭୂମିରେ ମଡାଇ ଘୋଷାଡି ନିଆଯିବ ଓ ଅଗ୍ନି କୁଣ୍ଡରେ ନିକ୍ଷେପ କରାଯିବ ଓ କୁହାଯିବ ଏବେ ମହା ପ୍ରକୋପର ସ୍ୱାଦ ଚାଖ'।

ଉପରୋକ୍ତ ଆୟତ୍ (ପଙ୍କ୍ତି) ସୁରଃ କମର୍‌ର ଅନ୍ତର୍ଭୁକ୍ତ ଏବଂ ସମସ୍ତ ଐତିହାସିକ ମତାନୁଯାୟୀ ମକ୍କାରେ ହିଁ ଅବତୀର୍ଣ୍ଣ ହୋଇଥିଲା । ମୁସଲିମ ବିଦ୍ୱାନମାନେ ଏହି ସୁରଃ ଅବତୀର୍ଣ୍ଣ ହେବାକୁ ନବୁଅତ୍(ଅବତାରତ୍ୱ) ପରଠାରୁ ପାଞ୍ଚରୁ ଦଶ ବର୍ଷ ମଧ୍ୟରେ କହିଛନ୍ତି; ଅର୍ଥାତ୍ ହିଜରତ (ପ୍ରସ୍ଥାନ)ର ଅନ୍ତତଃ ପକ୍ଷେ ତିନିବର୍ଷ ପୂର୍ବରୁ ସୁରଃ ଅବତୀର୍ଣ୍ଣ ହୋଇଥିଲା । ୟୁରୋପୀୟ ଗବେଷକମାନେ ଏହି ବିଷୟକୁ ସମର୍ଥନ କରିଥାନ୍ତି । ଜର୍ମାନୀ ବିଦ୍ୱାନ୍ ନୋଲ୍‌ଡିକେ ଏହି ଅଧ୍ୟାୟକୁ ନବୁଓ୍ୱତ ଘୋଷଣାର ପଞ୍ଚମ ବର୍ଷରେ ଅବତୀର୍ଣ୍ଣ ହେବାର ଲେଖିଛନ୍ତି । କିନ୍ତୁ ରେଭେରେଣ୍ଡ ହ୍ୱେରୀ ନବୁଅତ୍ ପ୍ରାପ୍ତିର ଷଷ୍ଠ କିମ୍ବା ସପ୍ତମ ବର୍ଷ ଶେଷରେ ଅବତୀର୍ଣ୍ଣ ସମୟ ନିର୍ଦ୍ଦିଷ୍ଟ କରିଛନ୍ତି । ତେବେ ସେ ଯାହା ହେଉ, ମୁସଲମାନମାନଙ୍କ ଶତ୍ରୁମାନେ ମଧ୍ୟ ସ୍ୱୀକାର କରନ୍ତି ଯେ ଏହି ସୁରଃ ହିଜରତର ବହୁବର୍ଷ ପୂର୍ବରୁ ଅବତୀର୍ଣ୍ଣ ହୋଇଥିଲା । ତତ୍‌କାଳୀନ ଯୁଗରେ ଏତେ ଆଗରୁ ଶତ୍ରୁମାନଙ୍କ ବିରୁଦ୍ଧରେ ଯୁଦ୍ଧର ସୂଚନା କିପରି ସ୍ପଷ୍ଟ ଶବ୍ଦରେ ଦିଆଯାଇଛି ତଥା ଅବିଶ୍ୱାସକାରୀଙ୍କୁ ପରିଣାମ ସମ୍ବନ୍ଧରେ ସୂଚିତ କରାଯାଇଛି, ତାହା ପ୍ରକୃତରେ ସମସ୍ତଙ୍କ ମନରେ ବିସ୍ମୟ ସୃଷ୍ଟି କରିଥାଏ । ପୁଣି କିପରି ଅଲ୍ଲାଃଙ୍କ ବାର୍ତ୍ତାବହ ବଦର ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଉପରୋକ୍ତ ଆୟାତ ଗୁଡିକ ପଢି ମୁସଲମାନମାନଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ ଈଶ୍ୱରଙ୍କ ପ୍ରତିଜ୍ଞା ପୂରଣ ହେବାର ସମୟ ଆସି ଯାଇଛି ।

ଏହାର ବହୁପୂର୍ବରୁ ବାଇବେଲରେ ମଧ୍ୟ ଇସାୟା ନବିଙ୍କ ଭବିଷ୍ୟତବାଣୀର ଉଲ୍ଲେଖ ଥିଲା । (ଇସାୟାଃ ୨୧, ୧୩ - ୧୭) ସେହିପରି ଯେହେତୁ କୁରଆନରେ ମଧ୍ୟ 'ସୁରଃ କମର'ରେ ଯୁଦ୍ଧ ପ୍ରାରମ୍ଭର ଛଅ କିମ୍ବା ଆଠ ବର୍ଷ ପୂର୍ବରୁ ଏହି

ଭବିଷ୍ୟତବାଣୀ କରା ଯାଇଥିଲା । ତାହା ସତ୍ତ୍ୱେ ମୁସଲମାନ ଯୁଦ୍ଧ ପାଇଁ ପ୍ରସ୍ତୁତ ନଥିଲେ ତଥା ଅବିଶ୍ୱାସକାରୀଙ୍କୁ ସେମାନଙ୍କର କେତେକ ସାଥି ଯୁଦ୍ଧ ନ କରିବା ପାଇଁ ପରାମର୍ଶ ଦେଉଥିଲେ । ତଥାପି ଯୁଦ୍ଧ ହେଲା, ଯହିଁରେ ତିନିଶହ ତେର ଜଣ ମୁସଲମାନମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କୁ ଯୁଦ୍ଧ କଳାର ଅନୁଭୂତି ନଥିଲା, ସେହି ନିରସ୍ତ୍ର ସାଧନ ବିହୀନ ଲୋକମାନେ ମକ୍କାର ବିଶାଳ ସେନାବାହିନୀ ବିପକ୍ଷରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ଘମାଘୋଟ ଯୁଦ୍ଧ ହେଲା ଓ ଅଳ୍ପ କେତେକ ଘଣ୍ଟା ମଧ୍ୟରେ ମକ୍କାର ବଡ ବଡ ସେନାପତି ଯୁଦ୍ଧରେ ନିପାତ ହେଲେ । ବାଇବେଲରେ ଇସାୟାଃର ଭବିଷ୍ୟତବାଣୀ ଅନୁଯାୟୀ 'କୈଦାରର ଗାରୀମା ଧୂଳିସାତ ହୋଇଗଲା ତଥା ମକ୍କାର ସେନା କେତେକ ମୃତକଙ୍କ ଶବ ଓ ଯୁଦ୍ଧବନ୍ଦୀମାନଙ୍କୁ ଛାଡି ଦେଇ ନିଜପ୍ରାଣ ବଞ୍ଚାଇ ଯୁଦ୍ଧ ଭୁମିରୁ ପଳାୟନ କଲେ । ସେହି ଯୁଦ୍ଧବନ୍ଦୀମାନଙ୍କ ମଧ୍ୟରେ ହଜରତ ମୁହମ୍ମଦ[ସଅ]ଙ୍କ ନିଜର ପିତୃବ୍ୟ ଅବ୍‌ବାସ ମଧ ଥିଲେ, ଯିଏ ମକ୍କାରେ ସବୁ ସମୟରେ ତାଙ୍କୁ ସମର୍ଥନ କରୁଥିଲେ । ତାଙ୍କୁ ବାଧ୍ୟ କରି ବଦର ଯୁଦ୍ଧ କ୍ଷେତ୍ରକୁ ଅଣା ଯାଇଥିଲା ଓ ଅନ୍ୟାନ୍ୟ ଯୁଦ୍ଧବନ୍ଦୀ ରୂପେ ସ୍ୱୟଂ ହଜରତ ମୁହମ୍ମଦ[ସଅ]ଙ୍କ ବଡ ଜାମାତା ଅବୁଲ୍ ଆସ୍' ମଧ ଥିଲେ । ମୃତକମାନଙ୍କ ମଧ୍ୟରେ ମକ୍କାର ସୈନ୍ୟବାହିନୀର ମୁଖ୍ୟ ସେନାପତି ଅବୁଜହେଲ ନିହତ ହୋଇ ମରି ପଡିଥିଲା ।

## ବଦରର ଯୁଦ୍ଧବନ୍ଦୀ

ଏହି ବିଜୟରେ ହଜରତ ମୁହମ୍ମଦ[ସଅ] ଏଥିପାଇଁ ପ୍ରସନ୍ନତା ବ୍ୟକ୍ତ କରିଥିଲେ ଯେ ଅଲ୍ଲାଃଙ୍କ ଭବିଷ୍ୟତ ବାଣୀ ଯାହାର ନିରନ୍ତର ପ୍ରଚ୍ଚର ତାଙ୍କ ଦ୍ୱାରା ଚଉଦ ବର୍ଷ ହେଲା କରାଯାଇ ଆସୁଥିଲା, ତାହା ସତ୍ୟରେ ପରିଣତ ହେଲା । ସେହି ସବୁ ଭବିଷ୍ୟତବାଣୀ ପୂର୍ବକାଳୀନ ନବିଙ୍କ ଦ୍ୱାରା ମଧ ସେହି ଯୁଦ୍ଧ ସମ୍ବନ୍ଧରେ ପୂର୍ବରୁ ସୂଚନା ଦିଆ ଯାଇଥିଲା । ତେବେ ମକ୍କାର ଇସଲାମ୍ ବିରୋଧୀ ଶତ୍ରୁଙ୍କ ଭୟାବହ ପରିଣତି ତାଙ୍କ ଦୃଷ୍ଟି ସମ୍ମୁଖରେ ଥିଲା । ଯଦି ତାଙ୍କ ପରିବର୍ତ୍ତେ ଅନ୍ୟ କୌଣସି ବ୍ୟକ୍ତି ଥାଆନ୍ତା, ତା'ହେଲେ ଆନନ୍ଦରେ ଉଛୁଳି ଉଠୁଥାନ୍ତେ । କିନ୍ତୁ ତାଙ୍କ ସମ୍ମୁଖରେ ଦଉଡିରେ ବନ୍ଧା ମକ୍କାର କଏଦୀ ଯେତେବେଳେ ଯାଉଥିଲେ, ସେତେବେଳେ ସେ ଓ ତାଙ୍କ ଅତି ବିଶ୍ୱସ୍ତ ବନ୍ଧୁ ହଜରତ୍ ଅବୁବକ୍କରଙ୍କ ଚକ୍ଷୁରୁ ଲୋତକ ଝରି ପଡ଼ିଲା । ଏହି ସମୟରେ ହଜରତ ଉମର[ରଅ] ଯିଏକି ତାଙ୍କର ଦ୍ୱିତୀୟ ଅଧିକାରୀ ହୋଇଥିଲେ, ସେ ଆଶ୍ଚର୍ଯ୍ୟ ହୋଇ କହିଲେ ଯେ ବିଜୟର ଏହି ମୁହୂର୍ତ୍ତରେ ଆନନ୍ଦରେ ଉତ୍‌ଫୁଲ୍ଲ ହେବା ସ୍ଥଳେ ଆପଣମାନେ କାନ୍ଦୁଛନ୍ତି କାହିଁକି ? ଏଣୁ ସେ ପ୍ରଶ୍ନ କଲେ ହେ ଅଲ୍ଲାଃଙ୍କ ରସୁଲ ! ଏପରି

ଆନନ୍ଦ ମୁହୂର୍ତ୍ତରେ ମୋର ଯଦି କାନ୍ଦିବାର ପ୍ରୟୋଜନ ଥାଏ, ତା'ହେଲେ ମୋତେ ଆଦେଶ ଦିଅନ୍ତୁ, ମୁଁ ମଧ କାନ୍ଦିବି । ଅନ୍ତତଃ ଆପଣଙ୍କ ସଙ୍ଗରେ କାନ୍ଦିବାର ଅଭିନୟ ତ କରିପାରିବି ?' ହଜରତ ମୁହମ୍ମଦ[ସଅ] କହିଲେ, 'ତୁମେ କ'ଣ ଦେଖୁନାହଁ ଯେ ଅଲ୍ଲାଃଙ୍କ ଆଦେଶର ବିରୁଦ୍ଧାଚରଣ କରି ଆଜି ଏହି ମକ୍କାବାସୀଙ୍କ ଦଶା କିପରି ହୋଇଛି ?'

ହଜରତ ମୁହମ୍ମଦ[ସଅ]ଙ୍କ ନ୍ୟାୟ ଭିତ୍ତିକ ଅଦାଲତ ବିଷୟରେ ବାଇବେଲର ପୁରାତନ ନିୟମରେ 'ଇସାୟାଃ' ନବୀ ବାରମ୍ବାର ଭବିଷ୍ୟତବାଣୀ କରିଛନ୍ତି । ଏହି ଅବସରରେ ତାହାର ଏକ ରହସ୍ୟମୂଳକ ପ୍ରମାଣ ପ୍ରାପ୍ତ ହେଲା । ମଦିନା ଫେରିବା ପରେ ରାତିରେ ଶୋଇବା ପାଇଁ ଯେତେବେଳେ ସେ ବିଛଣାକୁ ଗଲେ, ଅନୁଚରମାନେ ଦେଖିଲେ ଯେ ତାଙ୍କୁ ନିଦ ହେଉନାହିଁ ଓ ସେ ବାରମ୍ବାର କଡ଼ ଲେଉଟାଉଛନ୍ତି । ସେମାନେ ଚିନ୍ତା କଲେ ଯେହେତୁ ଦଉଡିରେ ବନ୍ଧା ହୋଇ ରହିଥିବା ତାଙ୍କ କକା ଅବ୍‌ବାସ ଶୋଇ ପାରୁନାହାନ୍ତି, ସେଥିପାଇଁ ପୁତୁରାଙ୍କୁ ମଧ ନିଦ ହେଉନାହିଁ । ତେଣୁ ସେମାନେ ଅବ୍‌ବାସଙ୍କ ବନ୍ଧନ କୋହଳ କରିଦେଲେ, ଯଦ୍ଦ୍ୱାରା ଅବ୍‌ବାସ ସୁଖ ନିଦ୍ରାରେ ଶୋଇ ପଡ଼ିଲେ ଓ ତାଙ୍କ ଚିତ୍କାର ର ସ୍ୱର ଆଉ ଶୁଣାଗଲା ନାହିଁ । ତେଣୁ ହଜରତ ମୁହମ୍ମଦ[ସଅ] ମଧ ନିଶ୍ଚିନ୍ତରେ ଶୋଇପଡ଼ିଲେ । କିଛି ସମୟ ପରେ ମହାଭାଗ ହଠାତ୍ ନିଦରୁ ଉଠି ଘାବରା ହୋଇ ପ୍ରଶ୍ନ କଲେ 'ଅବ୍‌ବାସ ନୀରବ କାହିଁକି ?' ତାଙ୍କ ମନରେ ଏହି ଚିନ୍ତା ଘାରିଥିଲା କାଳେ କଷ୍ଟ ସହ୍ୟ କରି ନପାରି ସେ ଚେତାଶୂନ୍ୟ ହୋଇଯାଇ ଥିବେ । ଅନୁଚରମାନେ କହିଲେ, 'ତାଙ୍କ କଷ୍ଟ ଦ୍ୱାରା ଆପଣଙ୍କ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେଉଥିଲା । ତେଣୁ ଆମେମାନେ ଅବ୍‌ବାସଙ୍କ ଦଉଡିକୁ ଟିକିଏ ଢ଼ିଲା କରିଦେବାରୁ ସେ ଶୋଇ ପଡ଼ିଛନ୍ତି ।' ଅଲ୍ଲାଃଙ୍କ ରସୁଲ୍ କହିଲେ, 'ନାହିଁ ନାହିଁ, ଏହା ଅନ୍ୟାୟ । ଯେପରି ଅବ୍‌ବାସ ମୋର କୁଟୁମ୍ବର ଲୋକ, ଅନ୍ୟ କଏଦୀମାନେ ମଧ କାହାର ନିକଟ ସମ୍ପର୍କୀୟ ହୋଇ ଥାଇପାରନ୍ତି । ଏଣୁ ଯଦି ଚାହୁଁଛ ସମସ୍ତଙ୍କର ଦଉଡି ଢ଼ିଲା କରିଦିଅ । ଯଦ୍ଦ୍ୱାରା ସମସ୍ତେ ଆରାମରେ ଶୋଇଯାଆନ୍ତୁ । ନଚେତ୍ ଅବ୍‌ବାସଙ୍କ ଦଉଡିକୁ ଶକ୍ତ କରି ପୁନଶ୍ଚ ବାନ୍ଧି ଦିଅ' । ତହୁଁ ହଜରତ ମୁହମ୍ମଦ[ସଉ]ଙ୍କ ଅନୁଚରମାନେ ସମସ୍ତଙ୍କ ବନ୍ଧା ହୋଇଥିବା ଦଉଡିକୁ ଢ଼ିଲା କରିଦେଲେ ଓ ସୁରକ୍ଷାର ସମସ୍ତ ଦାୟିତ୍ୱ ନିଜ ଉପରକୁ ନେଇଗଲେ । ଯେଉଁ ବନ୍ଦୀମାନେ ଶିକ୍ଷିତ ବର୍ଗର ଥିଲେ, ହଜରତ ମୁହମ୍ମଦ[ସଅ] ସେମାନଙ୍କୁ କହିଲେ 'ସେମାନେ ପ୍ରତ୍ୟେକେ ମଦିନାର ଦଶ ଜଣ ଲେଖାଏଁ ବାଳକଙ୍କୁ ପଢା ଲେଖା ଶିଖାଇ ଦଅନ୍ତୁ । ସେମାନେ ବନ୍ଧନ ମୁକ୍ତ ହେବେ ।' ଅର୍ଥାତ୍ ଯେଉଁମାନଙ୍କୁ ମୁକ୍ତ କରିବାର ମୂଲ୍ୟ ଦେବା ପାଇଁ କେହି ନଥିଲେ, ସେମାନଙ୍କୁ ଏହିପରି ବିନା ମୁକ୍ତି ମୂଲ୍ୟରେ ମୁକ୍ତ କରି

ଦିଆଗଲା । ଧନବାନ ବ୍ୟକ୍ତି ଯେଉଁମାନେ ମୁକ୍ତି ମୂଲ୍ୟ ଦେବାର ସାମର୍ଥ୍ୟ ରଖିଥିଲେ, ସେମାନଙ୍କ ଠାରୁ ନାମକୁ ମାତ୍ର କିଛି ମୁଣ୍ଡ ଜାମିନ୍‌ର ରାଶି ବିନିମୟରେ ଛାଡ଼ି ଦିଆଗଲା । ଯଦ୍ୱାରା ବନ୍ଦୀମାନଙ୍କୁ କ୍ରୀତଦାସ କରି ରଖିବାର ପୁରୁଣା ପ୍ରଥାକୁ ସେ ସବୁଦିନ ପାଇଁ ସମାପ୍ତ କରିଦେଲେ ।

## ଉହଦ୍ ଯୁଦ୍ଧ

ପରାଜିତ ମକ୍କାବାହିନୀ ପଳାୟନ ସମୟରେ ଏହା ଚେତାବନୀ ଦେଇ ଯାଇଥିଲେ ଯେ ଆଗାମୀ ବର୍ଷ ସେମାନେ ପୁଣି ଥରେ ମଦିନା ଉପରେ ଆକ୍ରମଣ କରିବେ ଏବଂ ମୁସଲମାନମାନଙ୍କ ଠାରୁ ପରାଜୟର ପ୍ରତିଶୋଧ ଅବଶ୍ୟ ନେବେ । ତେଣୁ ଏକ ବର୍ଷ ପରେ ସେମାନେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ମଦିନା ଉପରେ ପୁନର୍ବାର ଆକ୍ରମଣ କଲେ । ମକ୍କାରେ ଏକ ପ୍ରକାର ଆପାତଃକାଳୀନ ଘୋଷଣା କରାଯାଇଥିଲା ଯେ ବଦର ଯୁଦ୍ଧରେ ନିହତ ହୋଇଥିବା ଲୋକଙ୍କ ପାଇଁ କାନ୍ଦିବାର ଆଜ୍ଞା ଦିଆଯିବ ନାହିଁ ଏବଂ ବାଣିଜ୍ୟ ବେପାରର ସମସ୍ତ ଆୟ ଆଗାମୀ ଯୁଦ୍ଧ ପାଇଁ ମହଜୁଦ୍ କରିରଖାଯିବ । ଏହିପରି ଭାବରେ ତିନି ହଜାରରୁ ଉର୍ଦ୍ଧ୍ୱ ସଶସ୍ତ୍ର ସୈନ୍ୟବାହିନୀ ସେନାପତି ଅବୁସୁଫିଆନ୍‌ଙ୍କ ନେତୃତ୍ୱରେ ମଦିନା ବିରୁଦ୍ଧରେ ଯୁଦ୍ଧ ଅଭିଯାନ ପାଇଁ ଏକ ବିରାଟ ପଟୁଆର ପ୍ରସ୍ତୁତ କରାଗଲା । ତେଣେ ହଜରତ ମୁହମ୍ମଦ[ସଅ] ନିଜ ଅନୁଚରମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ଯେ କ'ଣ ଆମେ ମଦିନାରେ ଥାଇ ଯୁଦ୍ଧ କରିବୁ ନା ମଦିନା ବାହାରକୁ ଯାଇ ଶତ୍ରୁଙ୍କ ମୁକାବିଲା କରାଯିବ ? ମୁହମ୍ମଦ[ସଅ]ଙ୍କ ଏହି ଉଦ୍ଦେଶ୍ୟ ଥିଲା ଯେ ମକ୍କାସେନାଙ୍କୁ ପ୍ରଥମେ ଆକ୍ରମଣ କରିବାର ସୁଯୋଗ ଦିଆଯାଉ । ଯଦ୍ୱାରା ଯୁଦ୍ଧ ଆରମ୍ଭ କରିବା ପାଇଁ ସେମାନଙ୍କୁ ଦାୟୀ କରାଯିବ । ଏବଂ ମୁସଲମାନ ମଦିନାରେ ନିଜ ଘରେ ବସି ସହଜ ଉପାୟରେ ଯୁଦ୍ଧର ସାମ୍ନା କରିପାରିବେ । ସେଠାରେ ଉପସ୍ଥିତ ଯୁବକମାନଙ୍କ ମଧ୍ୟରୁ ଯେଉଁମାନେ ବଦର ଯୁଦ୍ଧରେ ଅଂଶ ଗ୍ରହଣ କରି ନଥିଲେ ଓ ଯେଉଁମାନଙ୍କମନରେ ଶହୀଦ୍ ହେବାର ଉଚ୍ଚ ଆକାଂକ୍ଷା ଥିଲା, ସେମାନେ ଏହି ସୁଯୋଗକୁ ହାତଛଡ଼ା କରିବା ପାଇଁ ଚାହୁ ନଥିଲେ । ସୁତରାଂ ସେମାନଙ୍କ କଥାକୁ ହଜରତ ମୁହମ୍ମଦ[ସଅ] ଗ୍ରହଣ କରିନେଲେ ।

କିନ୍ତୁ ପରାମର୍ଶ କରିବା ସମୟରେ ସେ ଦେଖିଥିବା ଏକ ସ୍ୱପ୍ନାନୁଭୂତିକୁ ସେହି ଯୁବକମାନଙ୍କୁ ଶୁଣାଇଥିଲେ । ସ୍ୱପ୍ନଟି ଏହିପରି ଥିଲା; 'ମୁଁ ସ୍ୱପ୍ନରେ କେତେକ ଗାଈଙ୍କୁ ଦେଖିଲି, ପୁନଶ୍ଚ ଦେଖିଲି ମୋ ତରବାରୀର ମୁନ ଭାଙ୍ଗିଯାଇଛି । ତା'ପରେ ଦେଖିଲି ସେହି ଗାଈମାନଙ୍କୁ ବଧ କରାଯାଉଛି ଓ ମୋ ହାତ ଏକ ଶକ୍ତିଶାଳୀ ଲୌହ

ଖୋଳ ମଧ୍ୟରେ ରହିଛି । (ଇବନେ ହିଶାମ୍, ଖଣ୍ଡ ୨,ପୃଷ୍ଠା ୭୭) ପୁନଶ୍ଚ ଦେଖିଲି ଯେ ମୁଁ ଏକ ମେଣ୍ଢା ଉପରେ ବସିଛି । (ତବକାତ୍ ଇବନେ ସାଆଦ୍,ଦ୍ୱିତୀୟ ଭାଗ ପୃଷ୍ଠା ୨୭) ଏହି ସ୍ୱପ୍ନର ତାତ୍ପର୍ଯ୍ୟ କ'ଣ ହୋଇପାରେ ବୋଲି ଉପସ୍ଥିତ ଅନୁଚରମାନେ ତାଙ୍କୁ ପ୍ରଶ୍ନ କଲେ ।

ଗାଈ ବଧ କରାଯିବାର ତାତ୍ପର୍ଯ୍ୟ ହେଉଛି 'ମୋର ଅନୁଚରମାନଙ୍କ ମଧ୍ୟରୁ କେତେଜଣ ଯୁଦ୍ଧରେ ଶହୀଦ୍ ହୋଇଯିବେ । ମୋର ତରବାରୀର ମୁନ ଭାଙ୍ଗିବା ଅର୍ଥ ମୋର କେହି ଜଣେ ଅତି ନିକଟ ସମ୍ପର୍କୀୟଙ୍କ ମୃତ୍ୟୁ ହେବ, ଯାହା ମୋତେ ବହୁତ କ୍ଳେଶ ଦେବ । ମୋର ହସ୍ତ ଲୌହ କବଚ ମଧ୍ୟରେ ପୁରାଇବା ଅର୍ଥ ମଦିନାରେ ରହିବା ଅଧିକ ସମୀଚିନ ହେବ ତଥା ଯୁଦ୍ଧ ପରିଚାଳନା କରିବା ଅତି ଉତ୍ତମ ହେବ । ମୋର ମେଣ୍ଢା ଉପରେ ବସିବାର ସ୍ୱପ୍ନର ତାତ୍ପର୍ଯ୍ୟ ହେଉଛି ଅବିଶ୍ୱାସକାରୀମାନଙ୍କ ସର୍ଦ୍ଦାରଙ୍କ ଉପରେ ଅବଶ୍ୟ ଆମେ ବିଜୟ ଲାଭ କରିବୁ ଏବଂ ସେମାନେ ମୁସଲମାନଙ୍କ ହାତରେ ନିହତ ହେବେ । ଯଦ୍ୟପି ଏହି ସ୍ୱପ୍ନରେ ମୁସଲମାନମାନଙ୍କ ଉପରେ ସ୍ୱଷ୍ଟ କରି ଦିଆ ଯାଇଥିଲା ଯେ ମଦିନାରେ ହିଁ ରହି ଯୁଦ୍ଧ କରିବା ଉଚିତ ହେବ । କିନ୍ତୁ ଏହି ସ୍ୱପ୍ନ ହଜରତ ମୁହମ୍ମଦ[ସଅ]ଙ୍କ ନିଜସ୍ୱ ବ୍ୟକ୍ତିଗତ ଥିଲା ଓ ଏହା ଦୈବିକୃତ ସ୍ୱପ୍ନବାଣୀର ସଂକେତ ନଥିଲା । ତେଣୁ ସହରଚମାନଙ୍କ ବହୁମତକୁ ସ୍ୱୀକାର କରି ମଦିନା ବାହାରକୁ ଯାଇ ଯୁଦ୍ଧ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଯେତେବେଳେ ସେ ବାହାରକୁ ଗଲେ, ଯୁବ ମୁସଲମାନ ଗୋଷ୍ଠୀ ନିଜର ଭୁଲବୁଝି ପାରି ଲଜ୍ଜିତ ଅନୁଭବ କଲେ । ସେମାନେ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଆପଣଙ୍କ ପରାମର୍ଶ ଠିକ ଥିଲା । ଆମକୁ ମଦିନାରେ ହିଁ ରହି ଶତ୍ରୁର ମୁକାବିଲା କରିବା ଉଚିତ ଥିଲା ।' ମହାଭାଗ କହିଲେ, 'ଅଲ୍ଲାଃଙ୍କ ନବୀ ଯୁଦ୍ଧ ପୋଷାକ ପିନ୍ଧି ସାରିନା ପରେ ଆଉ ତାକୁ ଓହ୍ଲାଏ ନାହିଁ । ତେଣିକି ଯାହା ହୋଇଗଲେ ବି ଆମେ ଆଗକୁ ଅଗ୍ରସର ହେବାକୁ ପଡିବ । ଯଦି ତୁମେମାନେ ଧୈର୍ଯ୍ୟର ସହିତ କାର୍ଯ୍ୟ କରିବ, ପ୍ରଭୁଙ୍କ ସହାୟତା ଅବଶ୍ୟ ତୁମକୁ ମିଳିବ ।' ଏତିକି କହି ମହାଭାଗ ଏକ ହଜାର ମୁସଲିମ୍ ସେନାଙ୍କ ସହିତ ମଦିନାରୁ ବାହାରି ପଡିଲେ । ଏବଂ ଅଳ୍ପ ଦୂର ଯାଇ ରାତ୍ରୀଯାପନ କରିବା ପାଇଁ ଏକ ସ୍ଥାନରେ ଶିବିର ପକାଇଲେ । ଶତ୍ରୁଙ୍କର ନିକଟବର୍ତ୍ତୀ ହୋଇ ନିଜ ସେନାଙ୍କୁ ବିଶ୍ରାମ କରିବାପାଇଁ ଅବସର ଦେବା ତାଙ୍କର ଏକ ନୀତିଗତ ନିୟମ ଥିଲା । ଯଦ୍ଦ୍ୱାରା ସେମାନେ ନିଜର ଲଢିବା ସରଞ୍ଜାମ ପ୍ରସ୍ତୁତ କରିପାରିବେ । ପ୍ରାତଃ କାଳରେ ନମାଜ ପାଠ କରିବା ପାଇଁ ଯେତେବେଳେ ସେ ବାହାରିଲେ, ତାଙ୍କୁ ଜଣା ପଡିଲା ଯେ କେତେକ ଇହୁଦି ସଂପ୍ରଦାୟର ଲୋକ ନିଜର କବିଲା ସହିତ କରିଥିବା ବୁଝାମଣାର ଚୁକ୍ତି ଅନୁସାରେ ସାହାଯ୍ୟ କରିବା

ବାହାନାରେ ଆସି ପହଞ୍ଚିଛନ୍ତି । ଯେହେତୁ ତାଙ୍କୁ ଇହୁଦୀମାନଙ୍କର ଷଡଯନ୍ତ୍ର ସମ୍ପର୍କରେ ଆଗରୁ ଖବର ମିଳି ଯାଇଥିଲା, ତେଣୁ ସେ କହିଲେ ସେହି ଇହୁଦିମାନେ ଫେରି ଚାଲି ଯାଆନ୍ତୁ । ଏହା ଦେଖି ମୁନାଫିକ୍ (କପଟ ବିଶ୍ୱାସୀ)ଙ୍କ ସର୍ଦ୍ଦାର ଅବ୍ଦୁଲ୍ଲା ବିନ୍ ଉବୟ ବିନ୍ ସୁଲୁଲ୍ ନିଜର ତିନିଶହ ସାଥୀଙ୍କୁ ଧରି ଚାଲି ଯିବା ବେଳେ କହିଲା, 'ତୁମର ଏହି ଯୁଦ୍ଧ ଅକାରଣ ଯିବ । କାରଣ ଏହା ତ ବିନାଶକୁ ଆମନ୍ତ୍ରଣ କରିବାର କାରଣ ହେବ । ପରିଣାମ ସ୍ୱରୂପ ମୁସଲମାନମାନଙ୍କ ସଂଖ୍ୟା ଏକ ହଜାରରୁ ତଳକୁ ଖସି ସାତଶହ ହୋଇଗଲା । ଯାହା ମକ୍କାର ଅବିଶ୍ୱାସକାରୀମାନଙ୍କ ସଂଖ୍ୟା ତୁଳନାରେ ଏକ ଚତୁର୍ଥାଂଶରୁ ମଧ୍ୟ କମ୍ ହୋଇଗଲା । ଯୁଦ୍ଧ ସାମଗ୍ରୀ ଦୃଷ୍ଟିରୁ ଅଧିକ ଦୁର୍ବଳ ଜଣାପଡୁଥିଲା । କାରଣ ମକ୍କାର ସୈନ୍ୟବାହିନୀରେ ସାତଶହରୁ ଅଧିକ ଲୌହ କବଚ ପରିହିତ ସାଞ୍ଜୁଆ ବାହିନୀ ଥିଲେ । ମୁସଲମାନମାନଙ୍କର କେବଳ ଶହେଜଣ କବଚଧାରୀ ଅଥଚ ଶତ୍ରୁଙ୍କ ସେନାରେ ଦୁଇଶହ ଅଶ୍ୱାରୋହୀ ଥିଲେ । ଏହିପରି ଦୁର୍ବଳ ସ୍ଥିତିରେ ସେ ନିଜ ଲୋକଙ୍କ ସହିତ ଉହଦ୍ ନାମକ ସ୍ଥାନରେ ପହଞ୍ଚିଲେ । ସେଠାରେ ସେ ଦୁଇପଟେ ପାହାଡ ମଝିରେ ଥିବା ଖାଇ ରାସ୍ତା ଉପରେ ପଚାଶ ଜଣ ସୈନ୍ୟଙ୍କୁ ପହରା ଦେବାପାଇଁ ନିଯୁକ୍ତ କଲେ । ସେନାଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଯେ ମୁସଲମାନ ସୈନ୍ୟ ଯୁଦ୍ଧରେ ମୃତ୍ୟୁ ମୁଖରେ ପଡୁ କି ଜୟଲାଭ କରୁ ଏହି ଖାଇ ରାସ୍ତାରୁ ତୁମେମାନେ କଦାପି ହଟିବ ନାହିଁ । (ଇବ୍‌ନେ ହିଶାମ୍, ଭାଗ ୨, ପୃ ୭୮) ଏପରି କଡ଼ା ନିର୍ଦ୍ଦେଶ ଦେଇ ସେ ଅବଶିଷ୍ଟ ଛଅଶହ ପଚାଶ ଜଣ ସୈନ୍ୟଙ୍କୁ ନେଇ ଯୁଦ୍ଧଚାଳନା ପାଇଁ ପ୍ରସ୍ତୁତ ହେଲେ ଓ ଶତସେନାଙ୍କ ସମ୍ମୁଖୀନ ହୋଇଥିଲେ, ଯାହା ଏବେ ଶତ୍ରୁସୈନ୍ୟଙ୍କ ସଂଖ୍ୟାର ଏକ-ପଞ୍ଚମାଂଶ ହୋଇ ଯାଇଥିଲା । ଯୁଦ୍ଧ ହେଲା, ଅଲ୍ଲାଃଙ୍କ ସାହାଯ୍ୟ ଓ ସହଯୋଗ ତଥା ଦୈବୀ ସମର୍ଥନ ମିଳିବା ଯୋଗୁଁ ଅତି ଅଳ୍ପ ସମୟ ମଧ୍ୟରେ ଉକ୍ତ ଛଅଶହ ପଚାଶ ମୁସଲମାନଙ୍କ ମୁକାବିଲାରେ ମକ୍କାର ତିନି ହଜାର ଅଭିଜ୍ଞ ସୈନିକଙ୍କ ବିଶାଳ ବାହିନୀ ପରାଜୟ ବରଣ କରି ତ୍ୱରିତ ବେଗରେ ପଛଘୁଞ୍ଚା ଦେବାକୁ ବାଧ୍ୟ ହେଲା ।

## ବିଜୟର ଟୀକା :ପରାଜୟର ଆବରଣ ଭିତରେ

ମୁସଲମାନ ସୈନ୍ୟ ସେମାନଙ୍କ ପିଛା କରିବା ଆରମ୍ଭ କଲେ । ଯେଉଁ ପଚାଶ ଜଣ ସୈନ୍ୟ ପାହାଡର ଖାଇ ରାସ୍ତାରେ ପହରା ଦେଉଥିଲେ, ସେମାନେ ନିଜ ସେନାଧିକାରୀଙ୍କୁ କହିଲେ 'ଯେହେତୁ ଶତ୍ରୁ ପରାସ୍ତ ହୋଇ ପଳାୟନ କରୁଛି ଓ ସେଥିପାଇଁ ଆମମାନଙ୍କୁ ମଧ୍ୟ ଏହି ଧର୍ମ ଯୁଦ୍ଧରେ ଭାଗ ନେଇ ପୁଣ୍ୟ ପ୍ରାପ୍ତ କରିବାର

ସୁଯୋଗ ଦିଅନ୍ତୁ ।' ତହୁଁ ଅଫିସର ପ୍ରତିବାଦ କରି ସେମାନଙ୍କୁ ମୁହମ୍ମଦ[ସଅ]ଙ୍କ ସେହି ଉକ୍ତିକୁ ମନେ ପକାଇ ଦେଲେ ସେହି ପଚାଶ ଜଣ ଜଗୁଆଳି ସୈନ୍ୟ କହିଲେ 'ହଜରତ ମୁହମ୍ମଦ[ସଅ] ଆମକୁ କେବଳ ଜାଗ୍ରତ ପ୍ରହରୀ ରୂପେ ରହିବା ପାଇଁ ତଥା କସ୍ମିନ୍ କାଳେ ଏହି ପାହାଡିଆ ରାସ୍ତାକୁ ନ ଛାଡିବା ପାଇଁ କହିଥିଲେ । ଏହା ତ କହି ନଥିଲେ ଯେ ଶତ୍ରୁ ପଳାଇ ଗଲାପରେ ମଧ୍ୟ ଏହିଠାରେ ଠାରେ ଉପସ୍ଥିତ ରୁହ ?' ଏହା କହି ସେମାନେ ଜାଣିଥିବା ସେହି ଖାଇ ରାସ୍ତାକୁ ଛାଡି ଦେଇ ଯୁଦ୍ଧ କରିବାକୁ ଡେଇଁ ପଡିଲେ । ପଛଘୁଞ୍ଚା ଦେଇ ଦୌଡୁଥିବା ମକ୍କାର ଶତ୍ରୁସୈନ୍ୟଙ୍କ ମଧ୍ୟରେ ଖାଲିଦ୍ ବିନ୍ ୱଲିଦ୍ ଯିଏକି ପରବର୍ତ୍ତୀ କାଳରେ ଇସଲାମ ଧର୍ମ ଗ୍ରହଣ କରି ଅଜେୟ ଇସ୍‌ଲାମ ସୈନ୍ୟବାହିନୀର ଏକ ସଫଳ ସେନାପତି ହୋଇଥିଲେ, ତାଙ୍କର ଦୃଷ୍ଟି ସେହି ଖାଲିଥିବା ଖାଇ ରାସ୍ତା ଉପରେ ପଡିଲା, ଯେଉଁଠାରେ କେବଳ ଜଣେ ସୁରକ୍ଷା ସେନାପତିଙ୍କ ସହ ଅଳ୍ପ କେତେଜଣ ଜଗୁଆଳି ସୈନ୍ୟ ଉପସ୍ଥିତ ଥିଲେ । ଖାଲିଦ୍ ନିଜ ଦଳରେ ଥିବା ଅନ୍ୟ ଜଣେ ସେନାପତି ଉମର୍ ବିନ୍ ଅଲ୍ ଆସ୍‌ଙ୍କୁ ଡାକି କହିଲେ 'ପଛରେ ଥିବା ପାହାଡ଼ିଆ ଖାଇ ରାସ୍ତା ଆଡ଼କୁ ଟିକିଏ ଚାହଁ ।' ଉମର ବିନ୍ ଅଲ୍ ଆସ୍ ଯେବେ ସେହି ଜାଗା ଉପରେ ଦୃଷ୍ଟି ପକାଇଲେ, ମନେ ମନେ ଭାବିଲେ ମୋ ଜୀବନରେ ଏକ ସ୍ୱର୍ଣ୍ଣିମ ଅବସର ପ୍ରାପ୍ତ ହୋଇଛି । ଦୁଇଜଣ ଯାକ ସେନାପତି ନିଜର ପଳାୟନ ପନ୍ଥୀ ସୈନ୍ୟମାନଙ୍କୁ ସମ୍ଭାଳିଲେ ଏବଂ ଇସଲାମୀ ସୈନ୍ୟଙ୍କର ପ୍ରଭୂତ କ୍ଷୟ କ୍ଷତି ଘଟାଇ ଚାଲିଲେ । ସେହି ପାହାଡ ଉପରକୁ ଚଢି ଯେଉଁ ରାସ୍ତାର ସୁରକ୍ଷା ପାଇଁ ଅଳ୍ପ କେତେକ ମୁସଲମାନ ଛିଡା ହୋଇଥିଲେ, ସେମାନଙ୍କ ଉପରେ ଅଚାନକ ତୀବ୍ର ଗତିରେ ଚଢାଉ କଲେ । ଏହି ଚଢାଉ ଏତେ ପ୍ରଚଣ୍ଡ ଓ ଅକସ୍ମାତ୍ ଥିଲା ଯେ ସେଠାରେ ଜଗିଥିବା ମୁସଲମାନମାନଙ୍କୁ ଖଣ୍ଡ ବିଖଣ୍ଡିତ କରି ପଛପଟରୁ ଇସଲାମୀ ସେନାଙ୍କ ଉପରେ ଝାମ୍ପି ପଡିଲେ । ସେମାନଙ୍କ ବିଜୟ ନାଦ ଶୁଣି ଶତ୍ରୁପକ୍ଷର ସେନା ରଣଭୂମି ଆଡକୁ ପୁନର୍ବାର ଲେଉଟି ପଡିଲେ । ଶତ୍ରୁଙ୍କୁ ଘଉଡାଇବା ପାଇଁ ପିଛା କରୁଥିବା ଯୋଗୁଁ ମୁସଲମାନ ଏପରି ଇତଃସ୍ତତ ହୋଇ ବିଛାଡି ପଡିଲେ ଯେ ଶତ୍ରୁଙ୍କ ମୁକାବିଲା କରିବା ପାଇଁ ଇସଲାମୀୟ ସିପାହୀଙ୍କୁ କେଉଠି ଦେଖିବାକୁ ମିଳିନଥିଲା । ଶତ୍ରୁଙ୍କ ଆକ୍ରମଣରେ ବହୁଲୋକ ମୃତାହତ ହେଲେ । ଅବଶିଷ୍ଟ ଲୋକ ଅତିଶୟ ଅସଂଜମସରେ ପଡି ପ୍ରାଣ ବିକଳରେ ପଛମୁହାଁ ହୋଇ ଧାଇଁଲେ । କେତେକ ଅନୁଚର ହଜରତ ମୁହମ୍ମଦ[ସଅ]ଙ୍କୁ ସୁରକ୍ଷା ଦେବା ପାଇଁ ବେଢି ରହିଲେ । ସେମାନଙ୍କ ସଂଖ୍ୟା ଅତି ବେଶୀରେ ତିରିଶରୁ ଅଧିକ ନଥିଲା । (ଜରକାନି, ଦ୍ୱିତୀୟ ଭାଗ,ପୃଷ୍ଠା ୩୫)ଉକ୍ତ ସ୍ଥାନରୁ ଶତ୍ରୁପକ୍ଷ ହଜରତ ମୁହମ୍ମଦ[ସଅ]ଙ୍କ ଉପରକୁ ପ୍ରଚଣ୍ଡ ଆକ୍ରମଣ କଲେ, ଯେଉଁଠାରେ ସେ ଛିଡା ହୋଇଥିଲେ ।

ଜଣକ ପରେ ଜଣେ ତାଙ୍କୁ ରକ୍ଷା କରିବାକୁ ଯାଇ ସେହିଠାରେ ଟଳି ପଡିଲେ । ଶତ୍ରୁଙ୍କ କୃପାଣଧାରୀଙ୍କ ବ୍ୟତୀତ ଧନୁଷଧାରୀ ମଧ ପାହାଡ ଶିଖରରେ ଛିଡା ହୋଇ ରସୁଲୁଲ୍ଲାଃଙ୍କ ଆଡକୁ ଆଖିବୁଜା ତୀର ବାଣ କଲେ । ତଲ୍‌ହାଃ ନାମକ ମକ୍କାର ବାସିନ୍ଦା ଯିଏ ହଜରତ ମୁହମ୍ମଦ[ସଅ]ଙ୍କ ପରି ମଦିନାର ମୁହାଜିର୍ ଥିଲେ, ସେ ଶତ୍ରୁଙ୍କ ସବୁ ତୀର ହଜରତ ମୁହମ୍ମଦ[ସଅ]ଙ୍କ ମୁଖ ଆଡକୁ ବର୍ଷଣ ହେଉଥିବାର ଦେଖି ନିଜ ହାତକୁ ତାଙ୍କ ଶ୍ରୀମୁଖର ସାମ୍ନାରେ ରଖିଦେଲେ । ଯେଉଁ ତୀର ସଠିକ ଲକ୍ଷ୍ୟ ଭେଦ କରି ପଡୁଥିଲା, ତାହା ତଲ୍‌ହାଃଙ୍କ ହାତ ଉପରେ ପଡି ବିଦ୍ଧ ହେବାକୁ ଲାଗିଲା । କିନ୍ତୁ ପ୍ରାଣର ବାଜି ଲଗାଇଥିବା ସେହି ବିଶ୍ୱସ୍ତ ସିପାହୀ ନିଜ ହାତ ପାପୁଲିକୁ ଟିକିଏ ହେଲେ ବି ହଲାଇ ଦେଇ ନଥିଲେ । ଏହିପରି କ୍ରମାଗତ ଭାବେ ତୀର ସବୁ ହାତରେ ବାଜି ତଲ୍‌ହାଙ୍କ ହାତ ଖଣ୍ଡିଆ ଖାବରା ହୋଇ ଶେଷରେ ଅକର୍ମଣ୍ୟ ହୋଇଗଲା ଏବଂ ତାଙ୍କର ଅନ୍ୟ ହାତଟି ହିଁ କେବଳ ବାକି ରହିଲା । ଏହି ଘଟଣାର ବହୁବର୍ଷ ପରେ ହଜରତ ମୁହମ୍ମଦ[ସଅ]ଙ୍କ ମୃତ୍ୟୁ ଉପରାନ୍ତେ ତାଙ୍କର ଚତୁର୍ଥ ଉତ୍ତରାଧିକାରୀଙ୍କ ଖିଲାଫତ କାଳରେ ଘଟିଥିବା ନିଜ ପାରିବାରିକ ଅନ୍ତର୍ଯୁଦ୍ଧ ସମୟରେ ଶତ୍ରୁପକ୍ଷର କୌଣସି ଜଣେ ବ୍ୟକ୍ତି ତଲ୍‌ହାଙ୍କୁ 'ପଙ୍ଗୁ' 'ପଙ୍ଗୁ' ବୋଲି ଆକ୍ଷେପ କରନ୍ତେ, ଅନ୍ୟ ଜଣେ ଅନୁଚର ଏହା ଶୁଣି କହିଲେ, 'ହଁ ସେ ପଙ୍ଗୁ ତ ନିଶ୍ଚୟ, କିନ୍ତୁ ସେହି 'ପଙ୍ଗୁ' କେତେ ଗୌରବଶାଳୀ ସତେ ! ତୁମେ କ'ଣ ଜାଣିଛ ଯେ ତଲ୍‌ହାଙ୍କ ହାତ ହଜରତ ମୁହମ୍ମଦ[ସଅ]ଙ୍କ ଶ୍ରୀମୁଖ ମଣ୍ଡଳକୁ ରକ୍ଷା କରିବାକୁ ଯାଇ ପଙ୍ଗୁ ହୋଇଯାଇଛି । ଉହଦ୍‌ର ଯୁଦ୍ଧ ପରାନ୍ତରେ କୌଣସି ଏକ ବ୍ୟକ୍ତି ତଲ୍‌ହା[ରଅ]ଙ୍କୁ ପ୍ରଶ୍ନ କରିଥିଲା, 'ଯେତେବେଳେ ଆପଣଙ୍କ ହାତରେ ତୀରବିଦ୍ଧ ହେଉଥିଲା, ସେତେବେଳେ କ'ଣ ଆପଣଙ୍କୁ କଷ୍ଟ ହେଉ ନଥିଲା ? ଓ କ'ଣ ମୁହଁରୁ 'ଉଫ୍' ବୋଲି ଶବ୍ଦ ବାହାରୁ ନଥିଲା ?' ତଲ୍‌ହା[ରଅ] ଉତ୍ତର ଦେଲେ, 'ପ୍ରବଳ କଷ୍ଟ ହେଉଥିଲା ସତ ମାତ୍ର ମୋ ମୁହଁରୁ ଉଫ୍ ଶବ୍ଦ ମୁଁ ଏଥିପାଇଁ ଉଚ୍ଚାରଣ କରୁ ନଥିଲି ଯଦ୍ଦ୍ୱାରା ହାତ ହଲିଯିବ ଓ କାଳେ ତୀର ମାଡ ହଜରତ ମୁହମ୍ମଦ[ସଅ]ଙ୍କ ଶ୍ରୀମୁଖରେ ଯାଇ ବାଜିଯିବ' ।

ଅଳ୍ପ ସଂଖ୍ୟକ ସୈନ୍ୟ କେତେ ସମୟ ପର୍ଯ୍ୟନ୍ତ ଅବା ଶତ୍ରୁକୁ ଅଟକାଇ ପାରିଥାଆନ୍ତେ । ସୁତରାଂ କୁଫ୍‌ଫାର (ମକ୍କାର ବିଧର୍ମୀ) ସୈନ୍ୟବାହିନୀର ଗୋଟିଏ ବିରାଟ ଦଳ ଆଗକୁ ଅଗ୍ରସର ହେବାକୁ ଲାଗିଲା ଏବଂ ହଜରତ ମୁହମ୍ମଦ[ସଅ]ଙ୍କ ଅଙ୍ଗରକ୍ଷୀମାନଙ୍କୁ ଧକ୍କା ମାରି ପଛକୁ କରିଦେଲା । ହଜରତ ମୁହମ୍ମଦ[ସଅ] ଏକ ପାହାଡ଼ ସଦୃଶ ଦଣ୍ଡାୟମାନ ହୋଇଥିଲେ । କିନ୍ତୁ ଅନତି ଦୂରରୁ ଶତ୍ରୁପଟରୁ ଏକ ବଡ଼ ପଥର ତାଙ୍କ ମୁଖରେ ଆସି ଜୋର୍‌ରେ ବାଜିଲା ଓ ସେ ପିନ୍ଧିଥିବା ଲୌହ ଟୋପି (Security Cap)ର ଏକ କୀଳା ମସ୍ତକରେ ପଶିଗଲା । ଯାହା ଫଳରେ ସେ ଚେତାଶୂନ୍ୟ ହୋଇ

କେତେକ ଅନୁଚରମାନଙ୍କ ମୃତ ଶରୀର ଉପରେ ପଡିଗଲେ । ଯେଉଁମାନେ ତାଙ୍କ ଚାରିପଟେ ଯୁଦ୍ଧ କରି ଶେଷରେ ଶହୀଦ ହୋଇଥିଲେ । (ଇବ୍‌ନେ ହିଶାମ୍, ଦ୍ୱିତୀୟ ଭାଗ, ପୃଷ୍ଠା ୮୪)

ଏହାପରେ ଅନ୍ୟାନ୍ୟ ଅନୁଚରଗଣ ମଧ୍ୟ ତାଙ୍କ ଶ୍ରୀଅଙ୍ଗ ରକ୍ଷା କରିବାକୁ ଯାଇ ନିହତ ହେଲେ ଓ ସେମାନଙ୍କ ମୃତ ଶରୀର ହଜରତ ମୁହମ୍ମଦ[ସଅ]ଙ୍କ ଚେତାଶୂନ୍ୟ ଶରୀର ଉପରେ ପଡିବାରେ ଲାଗିଲା । ଶତ୍ରୁମାନେ ତାଙ୍କ ଶରୀରକୁ ଅନ୍ୟ ଶବଗୁଡିକର ତଳେ ଦବି ରହିଥିବା ଦେଖି ଭାବିଲେ, ସେ ମଧ୍ୟ ନିହତ ହୋଇ ଯାଇଛନ୍ତି । ଏଣୁ ମକ୍କାର ସୈନ୍ୟବାହିନୀ ନିଜର ପୁନର୍ଗଠନ ଉଦ୍ଦେଶ୍ୟରେ ପଛକୁ ଫେରି ଯାଇ ଏକତ୍ରୀତ ହେବାକୁ ଲାଗିଲେ । ହଜରତ ମୁହମ୍ମଦ[ସଅ]ଙ୍କୁ ଘେରି ରହିଥିବା ଯେଉଁ ଅନୁଚରମାନଙ୍କ ସୁରକ୍ଷା ବାହିନୀଙ୍କୁ ଶତ୍ରୁସେନା ଧକ୍କା ଦେଇ ପଛକୁ ନେଇ ଯାଇଥିଲେ, ସେମାନଙ୍କ ମଧ୍ୟରେ ହଜରତ ଉମର ବିନ୍ ଫାରୁକ୍[ରଅ] ମଧ୍ୟ ଥିଲେ । ଯେତେବେଳେ ସେ ଦେଖିଲେ ଯେ ଯୁଦ୍ଧଭୂମିରେ ଲଢୁଥିବା ସୈନ୍ୟ ଜନଶୂନ୍ୟ ହୋଇ ପଡିଛି, ସେତେବେଳେ ତାଙ୍କର ଧାରଣା ହେଲା ଯେ ହଜରତ ମୁହମ୍ମଦ[ସଅ] ମଧ୍ୟ ବୀରଗତିକୁ ପ୍ରାପ୍ତ ହୋଇ ଯାଇଛନ୍ତି । ସେହି ପରାକ୍ରମଶାଳୀ ଉମର ଯିଏକି ପରବର୍ତ୍ତୀ ସମୟରେ ବିଶାଳ ରୋମାନ ଓ ଇରାନୀୟ ସୈନ୍ୟବାହିନୀକୁ ପରାସ୍ତ କରିଥିଲେ ଓ ଯାହାଙ୍କର ହୃଦୟ କେବେ ଦ୍ରବୀଭୂତ ହୋଇ ନଥିଲା କି ଭୟଭୀତ ହୋଇ ନଥିଲା । ସେହି ବ୍ୟକ୍ତି ଗୋଟିଏ ପ୍ରସ୍ତର ଶୀଳା ଉପରେ ବସି ଛୋଟ ଛୁଆ ପରି କାନ୍ଦୁଥିବାର ଦେଖାଗଲା । ଇତି ମଧ୍ୟରେ 'ମାଲିକ' ନାମକ ଜଣେ ଅନୁଚର ଯିଏ ପୂର୍ବ ରାତ୍ରୀରୁ କ୍ଷୁଧାର୍ତ୍ତ ଥିବା ଯୋଗୁଁ ଇସଲାମୀୟ, ସେନାବାହିନୀଙ୍କ ଜୟଯାତ୍ରା ପରେ ପଛକୁ ହଟିଯାଇ କିଛି ଖାଦ୍ୟ ଅନ୍ୱେଷଣ ପାଇଁ ଯାଇଥିଲେ ଏବଂ କେତେକ ଖଜୁରୀ କୋଳି ଖାଇ ଖାଇ ବିଜୟ ଉଲ୍ଲାସରେ ଘୂରିଆଡେ ଘୁରି ବୁଲୁଥିଲେ । ସେତେକି ବେଳେ ସେ ଦେଖିଲେ ଯେ ହଜରତ ଉମର[ରଅ] ବସି କାନ୍ଦୁଛନ୍ତି । ଏଥିରେ ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କଲେ ଉମର ! ଆପଣଙ୍କର କ'ଣ ହୋଇଛି ? ବିଜୟର ଖୁସିରେ ଆପଣ ପ୍ରସନ୍ନତା ବ୍ୟକ୍ତ କରିବା ଉଚିତ ନା କ୍ରନ୍ଦନ କରିବା ଉଚିତ ?' ଉମର ଉତ୍ତର ଦେଲେ 'ମାଲିକ୍, ତୁମେ ବୋଧହୁଏ ଯୁଦ୍ଧ ବିଜୟର ତୁରନ୍ତ ପରେ ପଛକୁ ହଟି ଯାଇଥିଲ । ତୁମକୁ ଜଣାନାହିଁ ଯେ ଇତି ମଧ୍ୟରେ ଶତ୍ରୁ ପାହାଡ଼ର ପଛ ରାସ୍ତା ଦେଇ ପୁନର୍ବାର ଇସଲାମୀୟ ସେନା ଉପରେ ଅତର୍କିତ ଆକ୍ରମଣ କରି ସମ୍ପୂର୍ଣ୍ଣ ରୂପେ ଅସ୍ତବ୍ୟସ୍ତ କରି ଦେଇଛି । ତେଣୁ ହଜରତ ମୁହମ୍ମଦ[ସଅ] ତାଙ୍କର ଅନୁଚରଙ୍କ ସହିତ ତାଙ୍କର ଦୃଢ ମୁକାବିଲା କରିବା ଦ୍ୱାରା ସେ ଯୁଦ୍ଧରେ ଶହୀଦ୍ ହୋଇ ଯାଇଛନ୍ତି । ମାଲିକ ଉତ୍ତର

ଦେଲେ, 'ଯଦି ଏକଥା ସତ, ତା'ହେଲେ ଆପଣ ଏଠି ବସି କାନ୍ଦୁଛନ୍ତି କ'ଣ ? ଯେଉଁ ସ୍ୱର୍ଗଲୋକକୁ ଆମର ପ୍ରିୟତମ ଚାଲି ଯାଇଛନ୍ତି, ଆମେମାନେ ମଧ୍ୟ ସେଠାକୁ ଚାଲିଯିବା ଉଚିତ ।' ସେ ଖାଉଥିବା ସେହି ଶେଷ ଖଜୁରୀ ଟିକକକୁ ହାତରୁ ନେଇ ମୁହଁରେ ନ ପକାଇ ଏହା କହି ତତ୍‌କ୍ଷଣାତ୍ ଫିଙ୍ଗି ଦେଲେ 'ହେ ଖଜୁରୀ ! ମାଲିକ ଏବଂ ସ୍ୱର୍ଗ  ମଧ୍ୟରେ ତୋ ବ୍ୟତୀତ ଆଉ କେଉଁ ବସ୍ତୁ ପ୍ରତିବନ୍ଧକ ସାଜିଛି ?' ଏହା କହି ହାତରେ ଖଣ୍ଡା ଧରି ତଡିତ୍ ବେଗରେ ଶତ୍ରୁଙ୍କ ସେନା ମଧ୍ୟରେ ଧସେଇ ପଶିଗଲେ । ତିନି ହଜାର ସେନାଙ୍କ ମୁକାବିଲାରେ ଏକମାତ୍ର ଲୋକ କ'ଣ ବା କରି ପାରିଥାନ୍ତା ! କିନ୍ତୁ ଏକେଶ୍ୱର ଉପାସନାର ଭାବନା ବ୍ୟାପକ ସଂଖ୍ୟକ ଲୋକଙ୍କ ଉପରେ ଚଡ଼କ ସଦୃଶ ଭାରୀ ପଡିଲା । ମାଲିକ୍ ଏପରି ବୀରତ୍ୱ ଓ ନିର୍ଭୀକ ଭାବରେ ଯୁଦ୍ଧ କଲେ ଯେ ତାହା ଦେଖି ଶତ୍ରୁ ଆଶ୍ଚର୍ଯ୍ୟ ଚକିତ ଓ ସ୍ତବ୍ଧ ହୋଇଗଲା । ସେ ଆହତ ହୋଇ ତଳେ ପଡିଗଲେ, ତଥାପି ଉଠିପଡି ପୁନର୍ବାର ଆକ୍ରମଣ କରି ଚାଲିଥିଲେ । ଯାହାର ପରିଣାମ ସ୍ୱରୂପ ମକ୍କାର ଅବିଶ୍ୱାସକାରୀ ଶତ୍ରୁଗଣ ମିଳିତ ହୋଇ ଏପରି ଭୟାନକ ଭାବେ ତାଙ୍କ ଉପରେ ଚଢାଉ କଲେ ଯେ ଯୁଦ୍ଧ ପରେ ତାଙ୍କ ଶରୀରର ସତୁରୀ ଖଣ୍ଡ ଟୁକୁଡା ମିଳିଲା । ଏପରିକି ତାଙ୍କ ଶବକୁ ମଧ୍ୟ କେହି ଚିହ୍ନି ପାରିଲେ ନାହିଁ । ଶେଷରେ ତାଙ୍କର ଏକ ଅଙ୍ଗୁଳିକୁ ଠଉରାଇ ତାଙ୍କ ଭଉଣୀ କହିଲେ, 'ଏହା ହେଉଛି ମୋ ଭାଇର ଶବ ।'

ସେହି ଅନୁଚରଗଣ ଯେଉଁମାନେ ମୁହମ୍ମଦ ରସୁଲୁଲ୍ଲା[ସଅ]ଙ୍କ ଚତୁପାର୍ଶ୍ୱରେ ଘେରି ରହିଥିଲେ ଏବଂ ଶତ୍ରୁ ଯେତେବେଳେ ପଛକୁ ହଟି ନିଜର ସ୍ଥାନ ଦୃଢ଼ କରିବାକୁ ଲାଗିଲା, ଶତ୍ରୁ ସୈନ୍ୟଙ୍କ ଧକ୍କା ଖାଇ ପଛକୁ ଚାଲି ଯାଇଥିଲେ । ଶତ୍ରୁଙ୍କ ପଶ୍ଚାତ୍‌ପଦ ହେବା ଯୋଗୁଁ ସେମାନେ ପୁଣି ଥରେ ହଜରତ ମୁହମ୍ମଦ[ସଅ]ଙ୍କ ଚାରିପଟେ ରୁଣ୍ଡ ହୋଇଗଲେ ଓ ତାଙ୍କର ଚେତାଶୂନ୍ୟ ଶରୀରକୁ ଉଠାଇଲେ । ଜଣେ ବିଶ୍ୱସ୍ତ ଅନୁଚର ହଜରତ ଉବୈଦା ବିନ୍ ଜରାଃ[ରଅ] ନିଜର ଦାନ୍ତ ଦ୍ୱାରା ମୁହମ୍ମଦ[ସଅ]ଙ୍କ ମୁଣ୍ଡ ଭିତରେ ପଶି ଯାଇଥିବା ଲୁହା କୀଳାକୁ ଜୋର୍‌ରେ ଟାଣି ବାହାର କରିଦେଲେ । ଯାହା ଫଳରେ ତାଙ୍କର ଦୁଇଟି ଦାନ୍ତ ଭାଙ୍ଗିଗଲା । ଅଳ୍ପ ସମୟ ପରେ ମହାଭାଗଙ୍କ ଚେତା ଫେରିଲା । ଅନୁଚରଗଣ ରଣକ୍ଷେତ୍ରରେ ସେ ଜୀବିତ ଥିବାର ସୂଚନା ଦେବା ପାଇଁ ଲୋକଙ୍କୁ ଚାରିଆଡେ ଦଉଡାଇ ଦେଲେ । ଯେପରି କି ମୁସଲମାନ ସୈନ୍ୟ ପୁନଶ୍ଚ ଏକତ୍ରୀତ ହୋଇଯିବେ । ତା'ପରେ ହଜରତ ମୁହମ୍ମଦ[ସଅ] ମୁସଲମାନ ସେନାଙ୍କୁ ନେଇ ପର୍ବତର ଆଢୁଆଳକୁ ଚାଲିଗଲେ । ଯେତେବେଳେ ପାହାଡ଼ର ପାଦଦେଶରେ ଏହି ବିକ୍ଷିପ୍ତ ଅବଶିଷ୍ଟ ସେନା ଛିଡା ହୋଇଥିଲେ, ତାକୁ ଲକ୍ଷ୍ୟ କରି ମକ୍କାବାହିନୀର ସେନାପତି ଅବୁସୁଫିଆନ୍ ବଡ଼ ପାଟିରେ କହିଲା, 'ଆମେମାନେ ହଜରତ ମୁହମ୍ମଦ[ସଅ]ଙ୍କୁ

ମାରିଦେଲୁ ।' ରସୁଲୁଲ୍ଲାଃ[ସଅ] ଅବୁ ସୁଫିଆନର କଥାର କୌଣସି ଉତ୍ତର ଦେଲେ ନାହିଁ । କାରଣ ଏହା ନହେଉ ଯେ ଶତ୍ରୁମାନେ ମୁସଲମାନଙ୍କ ପ୍ରକୃତ ଅବସ୍ଥିତି ଜାଣି ପାରି କାଳେ ପୁନର୍ବାର ଆକ୍ରମଣ କରିଦେବେ ଏବଂ ଆହତ ହୋଇଥିବା ମୁସଲମାନ ସୈନ୍ୟ ପୁଣି ଥରେ ଶତ୍ରୁଙ୍କ ଆକ୍ରମଣର ଶିକାର ହୋଇଯିବେ । ଯେବେ ଇସଲାମୀ ସେନାଙ୍କ ଆଡୁ କୌଣସି ଉତ୍ତର ମିଳିଲା ନାହିଁ, ଅବୁସୁଫିଆନ୍‌ର ବିଶ୍ୱାସ ହୋଇଗଲା ଯେ ତା'ର ଅନୁମାନ ଠିକ୍ ଅଛି । ପୁଣି ସେ ଉଚ୍ଚ ସ୍ୱରରେ କହିଲା, 'ଆମେମାନେ ଅବୁବକ୍କରଙ୍କୁ ମଧ୍ୟ ମାରି ଦେଇଛୁ ।' ହଜରତ ମୁହମ୍ମଦ[ସଅ] ଅବୁବକ୍କରଙ୍କୁ ଆଦେଶ ଦେଲେ ଯେ ଏହାର ତୁମେ କୌଣସି ଉତ୍ତର ଦିଅନାହିଁ । ଏହା ଦେଖି ଅବୁ ସୁଫିୟାନ୍ ପୁଣି ବଡ଼ ପାଟିରେ କହିଲା, 'ଆମେମାନେ ଉମରଙ୍କୁ ମଧ୍ୟ ମାରି ଦେଇଛୁ ।' ହଜରତ ଉମର ଯିଏ କି ଜଣେ ସାହସୀ ଓ ବୀର ଯୋଦ୍ଧା ଥିଲେ, ସେ ଏହା ଘୋଷଣା କରିବା ପାଇଁ ଚାହୁଁଥିଲେ ଯେ ଆମେମାନେ ସମସ୍ତେ ଈଶ୍ୱରଙ୍କ ଆଶୀର୍ବାଦରୁ ଜୀବିତ ଅଛୁ ଏବଂ ମକ୍କାର ବିଧର୍ମୀମାନଙ୍କ ସହିତ ଉପଯୁକ୍ତ ମୁକାବିଲା କରିବା ପାଇଁ ଏବେ ମଧ୍ୟ ପ୍ରସ୍ତୁତ ଅଛୁ ।' ହଜରତ ମୁହମ୍ମଦ[ସଅ] ତାଙ୍କୁ ତହିଁରୁ ନିବୃତ୍ତ ରହିବା ପାଇଁ ଏହି କାରଣରୁ କହିଲେ ଯେ ଏଭଳି ପରିସ୍ଥିତିରେ ମୁସଲମାନମାନଙ୍କୁ ଅଧିକ କଷ୍ଟ ଦିଆ ନଯାଉ ଓ ନୀରବତା ଅବଲମ୍ବନ କରାଯାଉ । ଏଥର ମଧ୍ୟ କୌଣସି ଜବାବ ନ ମିଳିବାରୁ ମକ୍କା ବାହିନୀକୁ ଏହି କଥାର ଦୃଢ ବିଶ୍ୱାସ ହୋଇଗଲା ଯେ ଆମେମାନେ ଇସଲାମ୍‌ର ପ୍ରବର୍ତ୍ତକ ତଥା ତାଙ୍କର ଦକ୍ଷିଣ ଓ ବାମ ପାର୍ଶ୍ୱରେ ଘେରି ଥିବା ସେନାଙ୍କୁ ମଧ୍ୟ ମୃତ୍ୟୁଲୋକରେ ପହଞ୍ଚାଇ ଦେଲୁ । ତେଣୁ ଅବୁ ସୁଫିଆନ୍ ଓ ତାଙ୍କ ସାଥୀମାନେ ଆନନ୍ଦରେ ସ୍ଲୋଗାନ୍ ଦେଇ କହିଲେ, 'ଉଲୁ ହୁବୁଲ୍-ଉଲୁ ହୁବୁଲ୍' । ଅର୍ଥାତ୍ 'ଆମ ହୁବୁଲ୍ ଦେବତାଙ୍କ ଜୟ ହେଉ' । ଯିଏ ଇସଲାମ ଧର୍ମର ଆଜି ମୂଳୋତ୍ପାଟନ କରି ଦେଇଛି । ସେହି ହଜରତ ମୁହମ୍ମଦ[ସଅ] ଯିଏ କି ନିଜ ମୃତ୍ୟୁ ଖବର, ଅବୁବକ୍କରଙ୍କ ମୃତ୍ୟୁ ଖବର ତଥା ଉମରଙ୍କ ମୃତ୍ୟୁ ହୋଇ ଯାଇଥିବାର ଘୋଷଣା ଶୁଣି ଚୁପ୍ ରହିବାକୁ ଏଥିପାଇଁ ନିର୍ଦ୍ଦେଶ ଦେଲେ ଯେ ମୁଷ୍ଟିମେୟ ମୁସଲମାନ ଶତ୍ରୁଙ୍କ ହାତରେ କାଳେ ଧ୍ୱଂସ ହୋଇ ନ ଯାଆନ୍ତୁ । କିନ୍ତୁ ଏବେ ଯେତେବେଳେ ଏକେଶ୍ୱର ଅଲ୍ଲାଃଙ୍କ ପ୍ରତିଷ୍ଠା ଓ ସମ୍ମାନର ପ୍ରଶ୍ନ ଉଠିଲା ଓ ଯୁଦ୍ଧ କ୍ଷେତ୍ରରେ ଅନେକେଶ୍ୱର ବା ଦ୍ୱୈତବାଦ ଜୟଘୋଷ କରାଗଲା, ସେତେବେଳେ ତାଙ୍କ ଆତ୍ମା ବିଚଳିତ ହୋଇ ଉଠିଲା । ସେ ଅତ୍ୟନ୍ତ ଉନ୍ମାଦନା ବଶତଃ ରଣ ହୁଙ୍କାର ଦେଇ କହି ଉଠିଲେ, 'ତୁମେମାନେ ଉତ୍ତର କାହିଁକି ଦେଉନାହଁ ?' ଅନୁଚର ମାନେ କହିଲେ, 'ହେ, ଅଲ୍ଲାଃଙ୍କ ରସୁଲ ! କ'ଣ ଆମେ କହିବୁ ?' ସେ କହିଲେ, اَللّٰهُ اَعْلٰى وَاَجَلُّ اَللّٰهُ اَعْلٰى وَاَجَلُّ 'ଅଲ୍ଲାଃହୁ ଆ'ଲା ଓ୍ୱ ଅଜଲ୍‌ଲୁ ।' (ଅସିରାତୁଲ୍ ହଲବିୟ୍ୟଃ,

ଭାଗ ୨, ପୃଷ୍ଠା ୨୭୦) ଅର୍ଥାତ୍ 'ତୁମେମାନେ ମିଥ୍ୟା କହୁଛ ଯେ ହୁବୁଲ୍ ଦେବ ପ୍ରତୀମାର ମାହାତ୍ମ୍ୟ ବଢ଼ିଛି । କିନ୍ତୁ ଈଶ୍ୱର ଏକ ଓ ତାଙ୍କର କେହି ସମକକ୍ଷ ସାଥୀ ନାହାନ୍ତି । ସେ ପ୍ରତିଷ୍ଠାବାନ ଓ ଉଚ୍ଚ ମହିମାର ଅଧିକାରୀ ।' ଏହି ଘୋଷଣା ଦ୍ୱାରା ସେ ନିଜର ଜୀବିତ ରହିଥିବାର ସୂଚନା ଶତ୍ରୁଙ୍କ ନିକଟରେ ପହଞ୍ଚାଇ ଦେଲେ । ଏପରି ବୀରୋଚିତ ଓ ନିର୍ଭୀକତାପୂର୍ଣ୍ଣ ଉତ୍ତର ଏପରି ଗଭୀର ପ୍ରଭାବ ପକାଇଲା ଯେ ଶତ୍ରୁସେନା ସ୍ତବ୍ଧ ହୋଇଗଲା । ସେମାନଙ୍କ ବିଜୟ କ୍ଷଣିକ ମଧ୍ୟରେ ମାଟିରେ ମିଶିଗଲା । ସମ୍ମୁଖରେ କେତେକ ହତାହତ ମୁଷ୍ଟିମେୟ ମୁସଲମାନ ସୈନ୍ୟ, ଯାହାଙ୍କ ଉପରେ ପୁଣି ଥରେ ଆକ୍ରମଣ କରି ଅଳ୍ପ ଚେଷ୍ଟାରେ ନିଶ୍ଚିହ୍ନ କରି ଦିଆଯାଇ ପାରିଥାନ୍ତା । କିନ୍ତୁ ସେମାନେ ସେତିକି ମଧ୍ୟ ଦୁଃସାହାସ କରି ପାରିଲେ ନାହିଁ । ଯତ୍‌କିଞ୍ଚିତ୍ ବିଜୟ ସେମାନଙ୍କୁ ପ୍ରାପ୍ତ ହୋଇଥିଲା, ତାହାର ଜୟଗାନ କରି ସେମାନେ ମକ୍କା ପ୍ରତ୍ୟାବର୍ତ୍ତନ କରିଥିଲେ । ଏହିପରି ବିଜୟ ଆଢୁଆଳରେ ପରାଜୟର ସ୍ୱାଦ ଚାଖି ମକ୍କାବାହିନୀ ପଳାୟନ କରିଥିଲେ । କିନ୍ତୁ ଏହି ଯୁଦ୍ଧ ହଜରତ ମୁହମ୍ମଦ[ସଅ]ଙ୍କ ସତ୍ୟତାର ଏକ ମହାନ୍ ଚମତ୍କାରୀତା ଥିଲା । ତାଙ୍କ ଭବିଷ୍ୟତବାଣୀ ଅନୁସାରେ ଏହି ଯୁଦ୍ଧରେ ମୁସଲମାନମାନେ ପ୍ରଥମେ ବିଜୟ ପ୍ରାପ୍ତ କରିଥିଲେ । ପୁନଶ୍ଚ ତାଙ୍କର ଅତି ଆପଣାର ପିତୃବ୍ୟ ହଜରତ୍ ହମଜାଙ୍କ ମୃତ୍ୟୁ ହୋଇଥିଲା । ନିଜର ଭବିଷ୍ୟତ ବାଣୀ ଅନୁସାରେ ସେ ମଧ୍ୟ ସ୍ୱୟଂ ଯୁଦ୍ଧରେ ଗୁରୁତର ଭାବେ ଆହତ ହୋଇଥିଲେ ଓ ତାଙ୍କର ଅନେକ ବିଶ୍ୱସ୍ତ ଅନୁଚରମାନେ ମଧ୍ୟ ଶହୀଦ ହୋଇଥିଲେ । ଏହା ବ୍ୟତୀତ ମୁସଲମାନମାନଙ୍କୁ ଏପରି ଆତ୍ମଶୁଦ୍ଧି ଓ ନିଷ୍ଠାପୂର୍ଣ୍ଣ ଆସ୍ଥା ପ୍ରଦର୍ଶନର ଅବସର ପ୍ରାପ୍ତ ହୋଇଥିଲା, ଯାହାର ଦୃଷ୍ଟାନ୍ତ ଇତିହାସ ପୃଷ୍ଠାରେ ଅନ୍ୟ କେଉଁଠାରେ ଦେଖାଯାଏ ନାହିଁ । ଏପରି ବିଶ୍ୱାସ ଓ ଅନୁରକ୍ତି ପ୍ରଦର୍ଶନର କେତେକ ଘଟଣା ତ ପୂର୍ବରୁ ବର୍ଣ୍ଣନା କରା ଯାଇଛି । କିନ୍ତୁ ତେବେ ଅନ୍ୟ ଏକ ଉଲ୍ଲେଖନୀୟ ଘଟଣାରୁ ଏହା ପ୍ରମାଣିତ ହୋଇଗଲା ଯେ ତାଙ୍କ ସାନ୍ନିଧ ଅନୁଚରମାନଙ୍କ ହୃଦୟରେ ଦୃଢ଼ ବିଶ୍ୱାସ ଓ ଭକ୍ତିର ଏକ ଅଭେଦ୍ୟ ଦୁର୍ଗ ପ୍ରତିଷ୍ଠା କରିଥିଲା । ହଜରତ ମୁହମ୍ମଦ[ସଅ] କେତେକ ଅନୁଚରଙ୍କୁ ସାଥିରେ ନେଇ ଯେତେବେଳେ ପାହାଡର ପାଦଦେଶ ଆଡ଼କୁ ଅଗ୍ରସର ହେଲେ ଓ ଶତ୍ରୁ ପଛଘୁଞ୍ଚା ଦେଉଥିଲେ, ସେତେବେଳେ ସେ ଅନୁଚରମାନଙ୍କୁ ଯୁଦ୍ଧଭୂମିକୁ ଯାଇ ଆହତ ସୈନ୍ୟଙ୍କ ସେବା ସୁଶ୍ରୁଷା କରିବା ପାଇଁ ନିର୍ଦ୍ଦେଶ ଦେଲେ । ଜଣେ ଅନୁଚର ଯୁଦ୍ଧଭୂମିରେ ଆହତ ସୈନ୍ୟମାନଙ୍କୁ ଖୋଜୁଥିବା ସମୟରେ ଜଣେ ଅନସାରୀ (ମଦିନାର ସାହାଯ୍ୟକାରୀ ମୁସଲମାନ) ମୁମୁର୍ଷୁ ଅବସ୍ଥାରେ ପଡ଼ିଥିବାର ଦେଖିଲେ । ତାଙ୍କର ଜୀବନ ଦୀପ ଲିଭି ଆସୁଥିଲା । ସେହି ଅନୁଚର ତାଙ୍କ ନିକଟରେ ପହଞ୍ଚିଲେ ଓ ଅସ୍‌ସଲାମୋ ଆଲୈକୁମ୍

କହିଲେ । ସେ ନିଜ କମ୍ପିତ ହସ୍ତ ଉପରକୁ ଉଠାଇଲେ ଓ ତାଙ୍କ ହାତଧରି କହିଲେ, 'ମୁଁ ଅପେକ୍ଷା କରୁଥିଲି କି କେହି ଜଣେ ଭାଇ ମୋତେ ମିଳି ଯାଆନ୍ତୁ । ' ଅନୁଚର ଜଣକ ଉତ୍ତର ଦେଲେ, 'ଭାଇ ! ଆପଣଙ୍କ ଅବସ୍ଥା ତ ବଡ଼ ଶୋଚନୀୟ ଜଣା ପଡୁଛି । ନିଜର ବନ୍ଧୁ ପରିଜନଙ୍କୁ କ'ଣ କିଛି ଖବର ଦେବାର ଅଛି ?' ଏହି ଆସନ୍ନ ମୃତ୍ୟୁ ପଥର ଯାତ୍ରୀ କହିଲେ, 'ହଁ, ମୋର ପରିଜନଙ୍କୁ ମୋର ସଲାମ ଜଣାଇ କହିବ ମୁଁ ତ ମରିବାକୁ ଯାଉଛି, କିନ୍ତୁ ମୋ ପଛରେ ଅଲ୍ଲାଃଙ୍କର ପ୍ରିୟତମ ଦୂତ ହଜରତ ମୁହମ୍ମଦ[ସଅ]ଙ୍କ ଏପରି ଏକ ପବିତ୍ର ଅମାନତ ଓ ବ୍ୟକ୍ତିତ୍ୱ ତୁମ ଗହଣରେ ଛାଡ଼ି ଚାଲି ଯାଉଛି । ହେ ମୋ ଭାଇବନ୍ଧୁ ଓ ଆତ୍ମୀୟ ସ୍ୱଜନ ! ସେ ପ୍ରଭୁଙ୍କର ଜଣେ ସତ୍ୟନିଷ୍ଠ ରସୁଲ । ମୁଁ ଆଶା କରୁଛି ଯେ ତାଙ୍କ ସୁରକ୍ଷା ନିମିତ୍ତ ନିଜ ପ୍ରାଣ ଉତ୍ସର୍ଗ କରିବାକୁ ପଡିଲେ ମଧ୍ୟ ତୁମେ କଦାପି କୁଣ୍ଠାବୋଧ କରିବ ନାହିଁ । ଏବଂ ମୋର ଏହି ମୃତ୍ୟୁକାଳୀନ ଇଚ୍ଛାକୁ ସର୍ବଦା ମନେ ରଖିବ ।' (ମୁଅତ୍ତା ଓ ଜରକାନୀ)

ମୃତ୍ୟୁ ପୂର୍ବରୁ ମନୁଷ୍ୟ ହୃଦୟରେ ପରିଜନଙ୍କ ନିକଟରେ ଅନ୍ତିମ ବାର୍ତ୍ତା ପହଞ୍ଚାଇବା ପାଇଁ ହଜାରେ ପ୍ରକାର ଅଭିଳାଷ ଜାଗ୍ରତ ହୋଇଥାଏ । କିନ୍ତୁ ଏହି ଲୋକମାନେ ହଜରତ ମୁହମ୍ମଦ[ସଅ]ଙ୍କ ସଂଗତିରେ ନିଜକୁ ଏପରି ବିସ୍ମୃତ କରି ଦେଇଥିଲେ ଯେ ନା ସେମାନଙ୍କୁ ନିଜ ପୁତ୍ର ମନେ ପଡୁଥିଲା ନା ସେମାନଙ୍କୁ ପତ୍ନୀ ମନେ ପଡୁଥିଲେ । ନା ଧନ ଦୌଲତ ନା ବୈଭବ ସେମାନଙ୍କୁ ସ୍ମୃତିପଟରେ ରହିଥିଲା । ଯଦି କିଛି ସ୍ମରଣ ରହିଯାଇ ଥିଲା, ତାହାଥିଲା ହଜରତ ମୁହମ୍ମଦ[ସଅ]ଙ୍କ ଆଦର୍ଶ ବ୍ୟକ୍ତିତ୍ୱ । ସେମାନେ ଜାଣିଥିଲେ ଯେ ସଂସାରର ଉଦ୍ଧାର ହେବା ଏହି ବ୍ୟକ୍ତିଙ୍କ ଯୋଗୁଁ ହି ସମ୍ଭବ । ଆମର ମୃତ୍ୟୁ ପରେ ଯଦି ଆମ ସନ୍ତାନ ଜୀବିତ ରହିବେ, ସେମାନେ ତ କୌଣସି ବଡ଼ କାର୍ଯ୍ୟ କରିପାରିବେ ନାହିଁ । କିନ୍ତୁ ଏହି ମୁକ୍ତିଦାତାଙ୍କ ସକାଶେ ଯଦି ଆମ ସନ୍ତାନମାନେ ପ୍ରାଣ ବିସର୍ଜନ କରିବେ, ତା'ହେଲେ ଅବଶ୍ୟ ଆମର ବଂଶ ଲୋପ ପାଇଯିବ ସତ, କିନ୍ତୁ ସଂସାର ଜୀବିତ ହୋଇ ଉଠିବ । ଶୈତାନର ମାୟାଜାଲ କବଳରେ ଫସିଥିବା ମନୁଷ୍ୟ ପୁଣିଥରେ ମୁକ୍ତି ପାଇଯିବ । କାରଣ ଆମ ବଂଶଧରଙ୍କ ଜୀବନ ଠାରୁ ହଜାରେ ଗୁଣ ଅଧିକ ମୂଲ୍ୟବାନ ହେଉଛି, ସମଗ୍ର ଲୋକଙ୍କ ଜୀବନ ଓ ଜଗତର ମୋକ୍ଷ ।

ସୁତରାଂ ହଜରତ ମୁହମ୍ମଦ[ସଅ] ଉହଦ ରଣକ୍ଷେତ୍ରରେ ବିକ୍ଷିପ୍ତ ହୋଇ ପଡି ରହିଥିବା ସମସ୍ତ ଶହୀଦଙ୍କ ମୃତ ଶରୀର ଓ କ୍ଷତ ହୋଇଥିବା ବ୍ୟକ୍ତି ମାନଙ୍କୁ ଏକତ୍ରୀତ କଲେ । ଆହତମାନଙ୍କ କ୍ଷତ ସ୍ଥାନରେ ମଲମ ପଟି କରାଗଲା । ଶହୀଦ ମାନଙ୍କ ଶବକୁ ଅନ୍ତେଷ୍ଟି କ୍ରିୟା ପରେ କବର ଦିଆଗଲା । ଏହି ସମୟରେ ଦେଖାଗଲା ଯେ ମକ୍କାର

ଅତ୍ୟାଚାରୀ ସୈନ୍ୟମାନେ ବିଭତ୍ସ ରୂପେ ମୁସଲମାନ ଶହୀଦଙ୍କ ନାକ କାନ କାଟି ପକାଇଛନ୍ତି । ଯେଉଁମାନଙ୍କର ନାକ କାନ କଟାଯାଇଥିଲା ସେମାନଙ୍କ ମଧ୍ୟରେ ସ୍ୱୟଂ ମୁହମ୍ମଦ[ସଅ]ଙ୍କ ପିତୃବ୍ୟ ହମ୍‌ଜାଙ୍କ ଶବ ମଧ୍ୟ ବାଦ ପଡି ନଥିଲା । ଏହି ଦୃଶ୍ୟ ଦେଖି ସେ ଅତ୍ୟନ୍ତ ମର୍ମାହତ ହୋଇଥିଲେ ଓ କହିଲେ, 'କୁଫାର (ଅବିଶ୍ୱାସକାରୀ)ଗଣ ନିଜର ପାପାଚରିତ କର୍ମ ଦ୍ୱାରା ଏହି ପ୍ରତିଶୋଧକୁ ନିଜ ପାଇଁ ପ୍ରଯୁଜ୍ୟ କରି ଦେଇଛନ୍ତି । ଯାହାକୁ ଆମେ ଅନୁଚିତ ବୋଲି ଭାବୁଥିଲୁ । ପରନ୍ତୁ ଈଶ୍ୱର ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ସେହି ସମୟରେ ଐଶିବାଣୀ କଲେ ଯେ 'କୁଫାର ଯାହା କରିଛନ୍ତି ତାହା ତାକୁ କରିବାକୁ ଦିଅନ୍ତୁ । ତୁମେ ସର୍ବଦା ଦୟା, କ୍ଷମା ଓ ନ୍ୟାୟର ପଥରେ ଅଗ୍ରସର ହୁଅ ।'

## ଉହଦ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ଏବଂ ମଦିନାବାସୀଙ୍କ ତ୍ୟାଗପୂତ ଭାବନା

ଯେତେବେଳେ ଇସଲାମୀୟ ସେନା ମଦିନାରୁ ଫେରୁଥିଲେ, ସେତେବେଳକୁ ମୁହମ୍ମଦ[ସଅ]ଙ୍କ ସ୍ୱୟଂ ବୀରଗତିକୁ ପ୍ରାପ୍ତ ହେବାର ମିଥ୍ୟା ଗୁଜବ ତଥା ଇସଲାମୀୟ ସେନାଙ୍କ ଯୁଦ୍ଧଭୂମିରେ ଅସ୍ତବ୍ୟସ୍ତ ହୋଇ ଏଣେତେଣେ ପଳାୟନ ଖବର ମଦିନାରେ ପହଞ୍ଚି ସାରିଥିଲା । ମଦିନାର ମହିଳା ଓ ପିଲାମାନେ ପାଗଳ ଉନ୍ମତ୍ତ ପ୍ରାୟ ହୋଇ ଉହଦ ଯୁଦ୍ଧକ୍ଷେତ୍ର ଆଡ଼କୁ ଦୌଡ଼ିବାରେ ଲାଗିଲେ । ଅଧିକାଂଶ ଲୋକଙ୍କୁ ଯିବା ବାଟରେ ହିଁ ଏହି ସୂଚନା ମିଳି ଯାଇଥିଲା, ଯଦ୍ୱାରା ସେମାନେ ସେହିଠାରେ ହିଁ ଅଟକି ଗଲେ । କିନ୍ତୁ ବନୁ ଦିନାର ଗୋଷ୍ଠୀର ଜଣେ ମହିଳା ଉନ୍ମତ୍ତ ହୋଇ ରଣକ୍ଷେତ୍ର ପର୍ଯ୍ୟନ୍ତ ଯାଇ ପହଞ୍ଚିଗଲେ । ଯେତେବେଳେ ସେ ପାଗଳି ପରି ଅଣନିଃଶ୍ୱାସୀ ହୋଇ ଦୌଡୁଥିଲେ, ଉହଦ୍ ଯୁଦ୍ଧରେ ତାଙ୍କର ସ୍ୱାମୀ, ଭାଇ ଓ ବାପା ସମସ୍ତେ ଶହୀଦ୍ ହୋଇ ବୀରଗତିକୁ ପ୍ରାପ୍ତ ହୋଇଥିଲେ । ଅନ୍ୟ ଏକ ସୂତ୍ରରୁ ଜଣାପଡ଼େ ଯେ ଏହି ମହିଳାଙ୍କ ଏକ ପୁତ୍ର ମଧ୍ୟ ଯୁଦ୍ଧଭୂମିରେ ପ୍ରାଣବଳୀ ଦେଇଥିଲେ । ଯେତେବେଳେ ତାଙ୍କୁ ତାଙ୍କ ବାପାଙ୍କ ମୃତ୍ୟୁ ଖବର ଦିଆଗଲା, ସେ ପ୍ରଶ୍ନ କଲେ, 'ମୋତେ କହନ୍ତୁ, ମୁହମ୍ମଦ[ସଅ]ଙ୍କ ଅବସ୍ଥା କିପରି ଅଛି ?' ଯେହେତୁ ଉକ୍ତ ଖବରଦାତା ମୁହମ୍ମଦ[ସଅ]ଙ୍କ ଜୀବିତ ଥିବା ବିଷୟରେ ନିଶ୍ଚିନ୍ତ ଥିଲା, ତେଣୁ ସେ ଜଣ ଜଣ କରି ସେହି ମହିଳାଙ୍କ ପୁତ୍ରର ମୃତ୍ୟୁ, ସ୍ୱାମୀଙ୍କ ମୃତ୍ୟୁ ଓ ଭାଇଙ୍କ ମୃତ୍ୟୁ ଖବର ନିରନ୍ତର ଦେଇ ଚାଲିଥିଲେ । କିନ୍ତୁ ସେ ବାରମ୍ବାର କେବଳ ଏହା କହି ଚାଲିଥିଲେ,

مَا فَعَلَ رَسُوْلُ اللّٰہِ صَلَّی اللّٰہُ عَلَیْہِ وَسَلَّمْ

'ମା ଫାଆଲା ରସୁଲୁଲ୍ଲାହେ ସଲ୍ଲଲ୍ଲାହୋ ଅଲୈହେ ଓ୍ୱସଲ୍ଲମ୍' 'ଆହାଃ ! ଅଲ୍ଲାଙ୍କ ରସୁଲ୍ ତୁମେ ଏ କ'ଣ କଲ ?' ସାଧାରଣତଃ ଦେଖିବାକୁ ଗଲେ ମହିଳାଙ୍କ ଏହି ବାକ୍ୟର ଭୁଲ୍ ଅର୍ଥରେ ପ୍ରୟୋଗ ହୋଇଥିବାର ପ୍ରତୀତ ହୁଏ । ଏହି କାରଣ ଯୋଗୁଁ ଐତିହାସିକମାନେ ଲେଖିଛନ୍ତି ଏହାର ଅର୍ଥ ହେଉଛି, ମୁହମ୍ମଦ[ସଅ]ଙ୍କ ଦ୍ୱାରା ଯେ କଣ ସବୁ ଘଟିଗଲା ? କିନ୍ତୁ ପ୍ରକୃତ ପକ୍ଷେ ମହିଳାଙ୍କ ଏହି ବାକ୍ୟର ପ୍ରୟୋଗ କଦାପି ଭୁଲ ନଥିଲା । ବାସ୍ତବିକତା ହେଉଛି ଯେ ସ୍ତ୍ରୀ ଲୋକମାନଙ୍କ ପ୍ରଚଳିତ ଲୋକଭାଷାରେ ଏପରି ବାକ୍ୟ କହିବା ସମ୍ପୂର୍ଣ୍ଣ ଠିକ୍ ଥିଲା । କାରଣ ଜଣେ ନାରୀର ସମ୍ବେଦନାପୂର୍ଣ୍ଣ ଭାବ ବିହ୍ୱଳତା ଅତି ତୀବ୍ର ହୋଇଥାଏ । ଏବଂ ସେମାନେ ମୃତକଙ୍କୁ ଜୀବିତ ଭାବି କଥା କହି ଥାଆନ୍ତି । ଯେପରିକି କେତେକ ସ୍ତ୍ରୀ ଲୋକଙ୍କ ପତି ଓ ପୁତ୍ରଙ୍କ ନିଧନ ହୋଇଗଲେ, ସେମାନେ ବିଳାପରେ ଆର୍ତ୍ତନାଦ କରନ୍ତି; 'ମୋତେ କାହା ପାଖରେ ଛାଡ଼ି ଚାଲିଯାଉଛ ?' କିମ୍ୱା ସେହିପରି 'ଧନରେ ମୋର ଏହି ବୃଦ୍ଧାବସ୍ଥାରେ ମୋ ଠାରୁ କାହିଁକି ମୁହଁ ମୋଡ଼ିନେଲୁ ?' ଇତ୍ୟାଦି । ଶୋକାତୁର ଅବସ୍ଥାରେ ଏପରି ଭାବଉଦ୍ରେକ ନିଦର୍ଶନ ଦେଖିବାକୁ ମିଳିଥାଏ ।

ତେଣୁ ମୁହମ୍ମଦ[ସଅ]ଙ୍କ ମୃତ୍ୟୁ ସମାଚାର ଶୁଣି ଉକ୍ତ ମହିଳାଙ୍କ ଏପରି ଅବସ୍ଥା ହୋଇଥିଲା । ସେଥିପାଇଁ ତାଙ୍କୁ ମୃତକ ରୂପେ ସ୍ୱୀକାର କରିବାକୁ ସେ ଆଦୌ ପ୍ରସ୍ତୁତ ନଥିଲେ । ଅପର ପକ୍ଷେ ଉକ୍ତ ସୂଚନାକୁ ସେ ଖଣ୍ଡନ ବି କରି ପାରି ନଥିଲେ । ତେଣୁ ଦୁଃଖରେ ମର୍ମାହତ ହୋଇ ସେ କହି ଚାଲିଥିଲେ, 'ଆରେ, ହେ ଅଲ୍ଲାଃଙ୍କ ରସୁଲ ! ତୁମେ ଇୟେ କ'ଣ କରିଦେଲ ।' ଅର୍ଥାତ୍ ଏଭଳି ଜଣେ ମହାନୁଭବ ବ୍ୟକ୍ତି ଆମକୁ ଏହି ଆଘାତ ପହଞ୍ଚାଇବାରେ କଣ ପାଇଁ ସହମତ ହୋଇଗଲେ ?'

ଯେତେବେଳେ ଲୋକମାନେ ଦେଖିଲେ ଯେ ସେହି ମହିଳାଙ୍କୁ ନିଜ ପିତା, ପତି ଓ ଭାଇଙ୍କ ଜୀବନପ୍ରତି କୌଣସି ପ୍ରକାର ଭ୍ରୁକ୍ଷେପ ନାହିଁ, ସେତେବେଳେ ସେମାନେ ତା'ର ସତ୍ୟ ଭାବନାକୁ ବୁଝିଗଲେ ଓ ବଡ ପାଟିରେ କହିଲେ, 'ହେ ଅମୁକର ମାତେ ! ରସୁଲୁଲ୍ଲାଃ ତ ଯେପରି ତୁ ଚାହୁଁଛୁ ସେହିପରି ଅଲ୍ଲାଃଙ୍କ କୃପାରୁ ସର୍ବକୁଶଳରେ ଅଛନ୍ତି ।' ଏହା ଶୁଣି ସେ ମହିଳା କହିଲେ, 'କାହିଁ କେଉଁଠି ଅଛନ୍ତି ମୋତେ ଦେଖାଅ ?' ଲୋକମାନେ କହିଲେ,'ଆଗକୁ ଟିକିଏ ଚାଲିଯାଅ, ସେ ଛିଡା ହୋଇଛନ୍ତି ।' ସେ ମହିଳା ଜଣକ ଦୌଡି ଯାଇ ତାଙ୍କ ପାଖରେ ପହଞ୍ଚିଲେ ଓ କୋଟିନିଧି ପାଇଲା ପରି ତାଙ୍କ ଅଙ୍ଗବସ୍ତ୍ରକୁ ଧରି କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ମୋର ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ଯେବେ ଆପଣ ନିରାପଦ, ଅଛନ୍ତି ତେଣିକି ଆଉ କେହି ମଲେ ପରବାୟ ନାହିଁ ।

ପୁରୁଷମାନେ ଯୁଦ୍ଧରେ ନିଜ ବିଶ୍ୱାସ ଓ ଆନୁଗତ୍ୟର ଅଭୂତପୂର୍ବ ଆଦର୍ଶ ଦେଖାଇଥିଲେ ଏବଂ ମହିଳାମାନେ ମଧ୍ୟ ଶ୍ରଦ୍ଧା ଓ ଭକ୍ତିର ଏପରି ଦୃଷ୍ଟାନ୍ତ ପ୍ରଦର୍ଶନ କଲେ, ଯାହାର ଉଦାହରଣ ମୁଁ ବର୍ତ୍ତମାନ ବର୍ଣ୍ଣନା କଲି । କିନ୍ତୁ ଖ୍ରୀଷ୍ଟିୟାନ ଜଗତ ମରିୟମ ମଗ୍‌ଦଲିନୀ ଓ ତାଙ୍କ ସାଥୀ ମହିଳାଙ୍କ ସେହି ବୀରତ୍ୱ ଉପରେ ଗର୍ବ କରେ ଯେ ସେମାନେ ଯାଇ ଯୀଶୁଙ୍କ କବର ନିକଟରେ ପ୍ରାତଃକାଳରେ ଲୁଚି ଛପି ପହଞ୍ଚିଥିଲେ । କିନ୍ତୁ ମୁଁ ପଚାରୁଛି, ଆସ ! ଟିକିଏ ମୋର ପ୍ରିୟତମଙ୍କ ଅନୁରକ୍ତମାନଙ୍କୁ ଓ ପ୍ରାଣର ବଳିଦାନ କରୁଥିବା ଭକ୍ତମାନଙ୍କୁ ଦେଖ ! କିଭଳି ପରିସ୍ଥିତିରେ ସେମାନେ ତାଙ୍କର ସାଥିରେ ରହି ସହଚର୍ଯ୍ୟ ପାଳନ କରିଥିଲେ ଓ କିଭଳି ସଙ୍କଟପୂର୍ଣ୍ଣ ଅବସ୍ଥାରେ ମଧ୍ୟ ଏକେଶ୍ୱରବାଦର ଧ୍ୱଜା ଉଡାଇଥିଲେ ।

ଏଭଳି ତ୍ୟାଗପୂତ ଭାବନା ଉପରେ ପର୍ଯ୍ୟବସିତ ଅନ୍ୟ ଏକ ଉଦାହରଣ କେତେକ ଇତିହାସ ପୁସ୍ତକରେ ଆମକୁ ମିଳିଥାଏ । ଯେତେବେଳେ ମୁହମ୍ମଦ[ସଅ] ଶହୀଦମାନଙ୍କୁ ସମାଧି ଦେଇ ମଦିନା ପ୍ରତ୍ୟାବର୍ତ୍ତନ କଲେ, ସେତେବେଳେ ମଦିନାର ଆବାଳ ବୃଦ୍ଧ ବନିତା ବିଶେଷତଃ ମହିଳା ଓ ପିଲାମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ବାହାରକୁ ଚାଲି ଆସିଥିଲେ । ଯେଉଁ ଓଟରେ ହଜରତ ମୁହମ୍ମଦ[ସଅ] ଆରୋହଣ କରିଥିଲେ, ତା'ର ଦଉଡ଼ି ମଦିନାର ସମ୍ଭ୍ରାନ୍ତ ବର୍ଗର ନେତା ସାଆଦ୍ ବିନ୍ ମାଆଜ[ରଅ] ଧରିଥିଲେ ଏବଂ ସେ ଗର୍ବରେ ଉତ୍‌ଫୁଲ୍ଲିତ ହୋଇ ଆଗକୁ ଧାଇଁ ଚାଲିଥିଲେ । ବୋଧହୁଏ ସେ ଦୁନିଆକୁ ଜଣାଇ ଦେବାକୁ ଚାହୁଁଥିଲେ ଯେ ଦେଖ, ଆମେ ହଜରତ ମୁହମ୍ମଦ[ସଅ]ଙ୍କୁ କୁଶଳରେ ଓ ନିରାପଦ ପୂର୍ବକ ମଦିନା ଫେରାଇ ଆଣିଛୁ । ସହରର ଏକ ପାର୍ଶ୍ୱରେ ସାଆଦ୍ ବିନ୍ ମାଆଜ୍‌ଙ୍କ ମାଆ ବୁଢ଼ି ଯାହାଙ୍କର ଦୃଷ୍ଟିଶକ୍ତି କମି ଯାଇଥିଲା, ସେ ମହମ୍ମଦ[ସଅ]ଙ୍କୁ ଆସୁଥିବାର ଦେଖିଲେ । ଏହି ବୃଦ୍ଧାଙ୍କର ଅନ୍ୟ ଏକ ପୁତ୍ର ଉମର ବିନ୍ ମାଆଜ୍ ଯୁଦ୍ଧଭୂମିରେ ଶହୀଦ୍ ହୋଇ ଯାଇଥିଲେ । ନିଜ ମାଆଙ୍କୁ ଦେଖାଇ ସାଆଦ୍ ବିନ୍ ମାଆଜ୍ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ହେଇ, ଯେ ମୋର ମାତାଶ୍ରୀ ଆସୁଛନ୍ତି' । ମୁହମ୍ମଦ[ସଅ] କହିଲେ, 'ଅଲ୍ଲାଃଙ୍କ ଆଶୀର୍ବାଦ ନେଇ ଆସନ୍ତୁ ।' ବୃଦ୍ଧା ଆଗକୁ ଆସିଲେ, ନିଜର କ୍ଷୀଣ ଶକ୍ତିହୀନ ନୟନ ଯୁଗଳରେ ଏଣେ ତେଣେ ନିରେଖି ଦେଖିବାକୁ ଲାଗିଲେ । କାଳେ କେଉଁଠି ହଜରତ ମୁହମ୍ମଦ[ସଅ]ଙ୍କ ଚେହେରା ଦେଖାଯିବ । ଶେଷରେ ସେ ଶ୍ରୀମୁଖ ଦର୍ଶନ କଲେ ଓ ରସୁଲୁଲ୍ଲାଃଙ୍କ ସୁଦର୍ଶନ ଚେହେରା ଦେଖି ଅତ୍ୟନ୍ତ ଉଲ୍ଲସିତ ହୋଇ ଉଠିଲେ । ହଜରତ ମୁହମ୍ମଦ[ସଅ] କହିଲେ, 'ମାତେ ! ତୁମ ପୁଅ ଶହୀଦ ହେବା ଯୋଗୁଁ ତୁମ ପ୍ରତି ମୁଁ ଗଭୀର ସମବେଦନା ବ୍ୟକ୍ତ କରୁଛି ।' ତହୁଁ ବୃଦ୍ଧା କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ମୁଁ

ଆପଣଙ୍କୁ କୁଶଳରେ ଥିବାର ଦେଖି ମୋର ପୁତ୍ର ବିୟୋଗର ସମସ୍ତ ଦୁଃଖକଷ୍ଟକୁ ଭୁଞ୍ଜି ଖାଇ ଦେଇଛି ।' ଅର୍ଥାତ୍ ମୋତେ ତିଳ ତିଳ କରି ଦଗ୍‌ଧ କରୁଥିବା ପୁତ୍ର ବିରହର ବେଦନାକୁ ମୁଁ ପିଇ ଯାଇଛି । ସେହି ପ୍ରଚଳିତ ଲୋକଭାଷାରେ ତାଙ୍କ ମୁଖରୁ ଉଚ୍ଚାରିତ ବାକ୍ୟ କେତେ ବିଚିତ୍ର ସତେ ! ଯାହା ପ୍ରେମର ଅଗାଧ ଭାବକୁ ଦର୍ଶାଉଛି । ଶୋକ ତ ମଣିଷକୁ ଖାଇଦିଏ । ଏହି ଶୋକ ସନ୍ତପ୍ତ ମହିଳା ଯାହାଙ୍କ ବୃଦ୍ଧାବସ୍ଥାରେ ଛିଡା ହୋଇଥିବା ତାଙ୍କ ପୁତ୍ରବଳର ସାହାରା ଆଜି ଭାଙ୍ଗି ଯାଇଛି । ସେ କିପରି ବାହାଦୁରୀର ସହ କହୁଛି, 'ମୋ ପୁଅର ମୃତ୍ୟୁର ଶୋକ ମୋତେ କ'ଣ ଖାଇବ ? ଯଦି ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଜୀବିତ ଅଛନ୍ତି, ତା'ହେଲେ ମୋର ସମସ୍ତ ଦୁଃଖ ପୀଡାକୁ ମୁଁ ଖାଇଯିବି । ମୋ ପୁତ୍ରର ମୃତ୍ୟୁ ମୋତେ ମାରିବାର କାରଣ ହୋଇପାରିବ ନାହିଁ । ବରଂ ମୋ ପୁଅ ଆଜି ରସୁଲୁଲ୍ଲାଃ[ସଅ]ଙ୍କ ପାଇଁ ନିଜର ପ୍ରାଣ ବିସର୍ଜନ କରିଛି, ତାହା ମୋ ମନୋବଳକୁ ବଢାଇବାର କାରଣ ହେବ । ହେ ଅନସାର ! ମୋର ଜୀବନ ତୁମ ପାଇଁ ଉତ୍ସର୍ଗୀକୃତ, ସତରେ ତୁମେମାନେ କେତେ ପୁଣ୍ୟ ପାଇଗଲ !'

ସୁତରାଂ ହଜରତ ମୁହମ୍ମଦ[ସଅ] ସକୁଶଳରେ ମଦିନାରେ ପହଞ୍ଚିଲେ । ଯଦ୍ୟପି ଏହି ଯୁଦ୍ଧରେ ବହୁ ମୁସଲମାନ ନିହତ ହୋଇଥିଲେ ଓ ଅନେକ ଗୁରୁତର ଭାବେ ଆହତ ମଧ୍ୟ ହୋଇଥିଲେ, ତଥାପି ଉହଦ୍ ଯୁଦ୍ଧକୁ ପରାଜୟ ବୋଲି କୁହାଯାଇ ପାରିବ ନାହିଁ । ଯେଉଁ ଘଟଣାବଳୀକୁ ମୁଁ ଉପରେ ଉଲ୍ଲେଖ କରିଛି, ତାକୁ ଦୃଷ୍ଟିରେ ରଖିଲେ ଏହା ଏକ ମହାନ ବିଜୟ ବୋଲି କୁହାଯିବ । ଏଭଳି ବିଜୟ ଯାହାକୁ ମୁସଲମାନମାନେ ପ୍ରଳୟ ପର୍ଯ୍ୟନ୍ତ ସ୍ମରଣ କରି ନିଜର ଧର୍ମ ବିଶ୍ୱାସକୁ ବୃଦ୍ଧି କରିବାରେ ସମର୍ଥ ହେବେ । ମଦିନାରେ ପହଞ୍ଚି ସେ ପୁନର୍ବାର ନିଜର ମୌଳିକ କର୍ତ୍ତବ୍ୟ ଅର୍ଥାତ୍ ଚରିତ୍ରଗତ ପ୍ରଶିକ୍ଷଣ, ଶିକ୍ଷା ଦୀକ୍ଷା, ସାମାଜିକ ସଂସ୍କାର ଓ ଆତ୍ମଶୁଦ୍ଧିମୂଳକ କାର୍ଯ୍ୟ ଆରମ୍ଭ କରିଦେଲେ । କିନ୍ତୁ ଏହି କାର୍ଯ୍ୟ ଏତେ ସହଜ ଓ ସୁଗମ ନଥିଲା । ଉହଦ୍ ଘଟଣା ପରେ ପଡୋଶୀ ଇହୁଦି ସମ୍ପ୍ରଦାୟରେ ଅଧିକ ଦୌରାତ୍ମ୍ୟ ଦେଖାଦେଲା ଓ ମୁନାଫିକ୍‌ମାନେ ଆହୁରି ଅଧିକ ମୁଣ୍ଡ ଟେକିବା ଆରମ୍ଭ କଲେ । ସେମାନଙ୍କୁ ଏକ ଦୁଃସାହାସିକ ଭାବନା ଆସିଲା ଯେ ମୁସଲମାନମାନଙ୍କ ବିଲୋପ ସାଧନ କରିବା ମଣିଷ ଶକ୍ତିର ଭିତରେ ହିଁ ସମ୍ଭବପର । ସୁତରାଂ ଇହୁଦିମାନେ ମୁହମ୍ମଦ[ସଅ]ଙ୍କୁ ବିଭିନ୍ନ ଆଳରେ ପୀଡା ଓ ନିର୍ଯ୍ୟାତନା ଦେବା ଆରମ୍ଭ କରିଦେଲେ । ବିଭିନ୍ନ ପ୍ରକାର ଅଶ୍ଳୀଳ କବିତାର ଛନ୍ଦ ତିଆରି କରି ତହିଁରେ ତାଙ୍କ ବଂଶର ନିନ୍ଦା କରା ଯାଉଥିଲା । ଥରେ କୌଣସି ଏକ ବିବାଦର ମିଂମାସା କରିବା ପାଇଁ ତାଙ୍କୁ ଇହୁଦିମାନଙ୍କ ଏକ ଦୁର୍ଗକୁ ଯିବାକୁ ପଡିଲା ଓ ଷଡଯନ୍ତ୍ର କରାଗଲା ଯେ ସେହି ସ୍ଥାନରେ ଯେତେବେଳେ ବସିଥିବେ, ତାହା ଉପରେ

ଗୋଟିଏ ବଡ ପଥର ଶୀଳାକୁ ପକାଇ ତାଙ୍କୁ ହତ୍ୟା କରାଯିବ । କିନ୍ତୁ ଠିକ୍ ଏହା ପୂର୍ବରୁ ଅଲ୍ଲାଃ ତାଙ୍କୁ ସେ ସଂକ୍ରାନ୍ତରେ ସୂଚନା ଦେବାରୁ ସେ ହଠାତ୍ ଉଠିପଡି ସେଠାରୁ ଚ୍ଛଲି ଆସିଲେ । ଏହାର ପରବର୍ତ୍ତୀ ସମୟରେ ଇହୁଦିମାନେ ନିଜର ଏହି ଦୋଷକୁ ସ୍ୱୀକାର କରିଥିଲେ । ମୁସଲମାନ ନାରୀମାନଙ୍କ ପ୍ରତି ରାସ୍ତା ଘାଟରେ ଓ ବଜାରରେ ଅଶାଳୀନ ବ୍ୟବହାର ପ୍ରଦର୍ଶନ ପୂର୍ବକ ଅପମାନିତ କରା ଯାଉଥିଲା । ଥରେ ଏହାର ପ୍ରତିବାଦ କରିବାରୁ ଝଗଡା ହୋଇ ଜଣେ ମୁସଲମାନଙ୍କୁ ନିଜ ଜୀବନ ହରାଇବାକୁ ପଡିଥିଲା । ଏକଦା ଜଣେ ଇହୁଦି ଜଣେ ମୁସଲମାନ ବାଳିକାର ମୁଣ୍ଡକୁ ପଥରରେ ଛେଚି ଦେବାରୁ ସେ ଛଟପଟ ହୋଇ ମରିଗଲା । ଏହି ସବୁ କାରଣରୁ ମୁସଲମାନମାନଙ୍କୁ ଇହୁଦିଙ୍କ ସହିତ ମଧ୍ୟ ଯୁଦ୍ଧ କରିବାକୁ ପଡିଥିଲା । କିନ୍ତୁ ଆରବ ଓ ଇହୁଦିମାନଙ୍କ ଆଇନ ଅନୁସାରେ ମୁସଲମାନ ତାଙ୍କୁ ମୃତ୍ୟୁଦଣ୍ଡ ଦେଲେ ନାହିଁ । ବରଂ ମଦିନାରୁ ପଳାୟନ କରିବା ସର୍ତ୍ତରେ ସେମାନଙ୍କୁ ଛାଡି ଦିଆଗଲା । ସୁତରାଂ ସେହି ଦୁଇଗୋଷ୍ଠୀ ମଧ୍ୟରୁ ଗୋଟିଏ ଭାଗ ସିରିୟା ଆଡକୁ ପଳାୟନ କଲେ । ଅନ୍ୟ ଗୋଟିଏ ଗୋଷ୍ଠୀର କିଛି ଭାଗ ମଧ୍ୟ ସିରିୟା ଦେଶକୁ ଚ୍ଛଲିଗଲେ ଏବଂ ତୃତୀୟ ଭାଗ ମଦିନାର ଉତ୍ତରାଞ୍ଚଳରେ ଅବସ୍ଥିତ ଖୈବର ନାମକ ଏକ ନଗର ଅଭିମୁଖେ ଯାତ୍ରା କଲେ, ଯାହାକୁ ଇହୁଦିମାନଙ୍କ କେନ୍ଦ୍ର ଓ ଅଭେଦ୍ୟ ଦୁର୍ଗ ବୋଲି କୁହାଯାଉଥିଲା ।

## ମଦ୍ୟପାନ ଉପରେ ନିଷେଧାଜ୍ଞା ଓ ଏହାର ପ୍ରଭାବ

ଉହଦ୍ ଯୁଦ୍ଧ ତଥା ଏହା ପରେ ହେବାକୁ ଥିବା ଯୁଦ୍ଧଗୁଡିକର ଅନ୍ତରାଳରେ ସମଗ୍ର ସଂସାର ଇସଲାମର ଅନୁଗାମୀମାନଙ୍କ ଉପରେ ପଡିଥିବା ଏକ ନୂତନ ପ୍ରଭାବକୁ ଅତି ଉତ୍ସୁକତାର ସହିତ ଦେଖୁଥିଲା, ଯାହା ଏକ ସ୍ୱଷ୍ଟ ଉଦାହରଣ ସୃଷ୍ଟି କରିଥିଲା । ଆମର ଅଭିପ୍ରାୟ ମଦିରା ପାନର ନିଷେଧ ଘୋଷଣା ସମ୍ବନ୍ଧରେ । ଇସଲାମର ଆଗମନ ପୂର୍ବରୁ ଆରବୀୟଙ୍କ ଦଶା ବର୍ଣ୍ଣନା କରି ଆମେ ପାଠକଙ୍କୁ ଜଣାଇ ଦେଇଥିଲୁ ଯେ ଆରବର ଲୋକମାନେ ମଦ୍ୟପାନରେ ଅଭ୍ୟସ୍ତ ଥିଲେ । ପ୍ରତ୍ୟେକ ପ୍ରତିଷ୍ଠିତ ଆରବୀୟ ବଂଶରେ ଦିନରେ ପାଞ୍ଚଥର ମଦ୍ୟପାନ କରା ଯାଉଥିଲା ତଥା ମଦ ନିଶାରେ ଚୁର ହୋଇ ଚେତା ହରାଇବା ସେମାନଙ୍କ ପାଇଁ ମାମୁଲି କଥା ଥିଲା । ଯେଉଁଥି ପାଇଁ ସେମାନେ ଟିକିଏ ହେଲେ ବି ଲଜ୍ୟା ଅନୁଭବ କରୁ ନଥିଲେ । ବରଂ ଏହାକୁ ଏକ ଶୁଭ କର୍ମ ବୋଲି ଭାବୁଥିଲେ । ଯଦି କୌଣସି ଅତିଥି ଘରକୁ ଆସୁଥିଲେ, ଗୃହପତ୍ନୀଙ୍କ ଏହା କର୍ତ୍ତବ୍ୟ ହେଉଥିଲା ଯେ ଅତିଥିଙ୍କୁ ମଦ୍ୟପାନ ଦ୍ୱାରା ଆପ୍ୟାୟିତ କରିବା । ଏଭଳି ଲୋକଙ୍କ ଠାରୁ ଏହି ମାରାତ୍ମକ କୁପ୍ରଥାକୁ ହଟାଇବା

ସହଜ କଥା ନଥିଲା । କିନ୍ତୁ ହିଜରତ୍‌ର ୪ର୍ଥ ବର୍ଷରେ ମୁହମ୍ମଦ ସଅ ଙ୍କୁ ଅଲ୍ଲାଃଙ୍କ ଆଦେଶ ପ୍ରାପ୍ତ ହେଲା ଯେ ମଦ୍ୟପାନ ନିଷିଦ୍ଧ କରାଗଲା । ଏହି ଆଦେଶର ଘୋଷଣା ହେବା କ୍ଷଣି ସେମାନେ ମଦ ପିଇବା ସମ୍ପୂର୍ଣ୍ଣ ରୂପେ ଛାଡିଦେଲେ । ସୁତରାଂ ହଦିସ୍ (ମୁହମ୍ମଦ ସଅ ଙ୍କ ମୁଖ ନିଃସୃତ ବାଣୀ ସମ୍ବଳିତ ପୁସ୍ତକ)ରେ ବର୍ଣ୍ଣିତ ଅଛି, ଯେତେବେଳେ ମଦ ଅବୈଧ ହୋଇଗଲା ବୋଲି ତାଙ୍କ ପ୍ରତି ଦୈବିବାଣୀ ଅବତୀର୍ଣ୍ଣ ହେଲା, ହଜରତ ମୁହମ୍ମଦ ସଅ ନିଜର ଜଣେ ସହଚରଙ୍କୁ ନିର୍ଦ୍ଦେଶ ଦେଲେ ଯେ ମଦିନାର ପ୍ରତ୍ୟେକ ଗଳିକନ୍ଦିରେ ଏହି ମଦ୍ୟପାନର ନିଷେଧାତ୍ମକ ଘୋଷଣାକୁ ପହଞ୍ଚାଇ ଦିଅ । ଠିକ୍ ସେହି ସମୟରେ ଜଣେ ଅନସାର୍ (ମଦିନାର ମୂଳ ବାସିନ୍ଦା)ଙ୍କ ଘରେ ମଦ୍ୟର ଏକ ଆସର ଜମିଥିଲା । ଏଥିପାଇଁ ବହୁତ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଗୋଟିଏ ବଡ଼ ମାଟି ହାଣ୍ଡିରେ ଥିବା ମଦ ଖାଲି ହୋଇ ସାରିଥିଲା ଓ ଦ୍ୱିତୀୟ ମଦ ହାଣ୍ଡି ଆରମ୍ଭ ହେବାକୁ ଯାଉଥିଲା । ଲୋକମାନେ ମଦ ପିଇ ମତୁଆଲା ହୋଇ ଯାଇଥିଲେ । ଇତି ମଧ୍ୟରେ ମଦ୍ୟପାନ ନିଷେଧାଦେଶର ଘୋଷଣା ସେମାନଙ୍କ କାନରେ ପଡ଼ିଲା । ହଜରତ ମୁହମ୍ମଦ ସଅ ଆଦେଶ ଦେଇଛନ୍ତି ଯେ ଆଜିଠାରୁ ମଦକୁ ଅବୈଧ କରାଯାଇଛି । ଜଣେ ମଦ୍ୟପୀ ଉଠି ପଡ଼ି କହିଲା 'ରହିଯାଅ, କ'ଣ ଘୋଷଣା କରାଯାଇ ଢେଙ୍ଗୁରା ଦିଆ ଯାଉଛି, ସେକଥା ଜାଣିବା' । ଏତିକିବେଳେ ଅନ୍ୟ ଏକ ଲୋକ ଉଠିଲା ଓ ନିଜ ବାଡି ଦ୍ୱାରା ମଦରେ ପରିପୂର୍ଣ୍ଣ ମାଟିହାଣ୍ଡି ଗୁଡିକୁ ବାଡେଇ ଚୁରମାର କରିଦେଲା ଓ କହିଲା, 'ପ୍ରଥମେ ଆଜ୍ଞା ପାଳନ କର, ତା'ପରେ ଏଥି ସମ୍ବନ୍ଧିତ ସର୍ବଶ୍ରେଷ୍ଠ ତଥ୍ୟ ସମ୍ବନ୍ଧରେ ପଚ୍ଚରି ବୁଝ । ଏହା ଆମ ପାଇଁ ଯଥେଷ୍ଟ ଯେ ଏହି ଘୋଷଣା ଆମେ ଶୁଣିନେଲୁ । ଏହା ଆଦୌ ଉଚିତ ହେବ ନାହିଁ ଯେ ଆମେ ମଦପିଇ ଚ୍ଚଲିଥିବା ଓ ତା'ପରେ ଯାଇ ପଚ୍ଚରି ବୁଝିବା । ତାହା ପୂର୍ବରୁ ମଦିନାର ଗଳିରେ ତାହାକୁ ବୁହାଇବାକୁ ଦେବା, ପୁଣି ଘୋଷଣା ସମ୍ବନ୍ଧରେ ଅବଗତ ହେବା ।

(ବୁଖାରୀ, ଅଲ ଅଶ୍ରବା)

ସେହି ମୁସଲମାନମାନଙ୍କ ଚିନ୍ତାଧାରା ଯଥାର୍ଥ ଥିଲା । କାରଣ ଯଦି ମଦକୁ ଅବୈଧ ଘୋଷଣା କରାଯାଇ ସାରିଥିଲା, ତା'ପରେ ଯଦି ମଦ୍ୟପାନ ଚ୍ଚଲୁ ରହିଥାନ୍ତା, ତା'ହେଲେ ଅଲ୍ଲାଃଙ୍କ ନିକଟରେ ତାହା ଅକ୍ଷମଣୀୟ ପାପ ବୋଲି ଧରାଯାଇ ଥା'ନ୍ତା । କିନ୍ତୁ ଯଦି ନିଷେଧାଦେଶ ଜାରି କରାଯାଇ ନଥାନ୍ତା, ତା'ହେଲେ ତାକୁ ବୁହାଇ ଦେବା ସେତେଟା ହାନିପ୍ରଦ ନୁହେଁ, ଯାହାକୁ ସହ୍ୟ କରା ଯାଇପାରିବ ନାହିଁ । ତେବେ ଏହି ଘୋଷଣା ପରେ ମୁସଲମାନଙ୍କ ଠାରୁ ମଦ ପିଇବା ଅଭ୍ୟାସ ସମ୍ପୂର୍ଣ୍ଣ ରୂପେ ଦୂର ହୋଇଗଲା । ଏହି ପ୍ରକାର ବିରାଟ ବୈପ୍ଳବିକ ପରିବର୍ତ୍ତନ ପାଇଁ କୌଣସି ବିଶେଷ

ପ୍ରୟାସ ଓ ପରାକ୍ରମର ଆବଶ୍ୟକତା ପଡିଲା ନାହିଁ । ଏବଂ ଯେଉଁ ମୁସଲମାନ ସେହି ଆଦେଶକୁ ଶୁଣିଲେ ଓ ତାହାକୁ ତୁରନ୍ତ ପାଳନ କଲେ, ସେମାନେ ମଧ୍ୟ ଏହାର ସୁଫଳକୁ ଦେଖିଥିଲେ ଯେ ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ରୂପେ ସତୁରି ଅଶୀ ବର୍ଷ ପର୍ଯ୍ୟନ୍ତ ଜୀବିତ ଥିଲେ । କିନ୍ତୁ ସେମାନଙ୍କ ମଧ୍ୟରେ ଜଣେ କେହି ବ୍ୟକ୍ତି ନଥିଲେ, ଯିଏ ଏହି ଆଦେଶ ଗ୍ରହଣ କରିବା ପରେ ମଧ୍ୟ ଏହାର ଅବମାନନା କିମ୍ବା ଅବହେଳା କରିଥିଲେ । ଯଦି କାଁଭାଁ ସେପରି ଘଟିଥିବ, ତେବେ ସେହି ବ୍ୟକ୍ତି ଜଣକ ହଜରତ ମୁହମ୍ମଦ[ସଅ] ଙ୍କ ଠାରୁ ଉଚିତ ପ୍ରଶିକ୍ଷଣ ଗ୍ରହଣ କରିବାରୁ ବଞ୍ଚିତ ହୋଇ ଥାଇପାରେ । କିନ୍ତୁ ଯଦି ଆମେ ଏହାର ତୁଳନା ଆମେରିକାର ମଦ ବିରୋଧି ଆନ୍ଦୋଳନ ସହିତ କରିବା ତଥା ସେହି ସବୁ ପ୍ରୟାସକୁ ଦେଖିବା, ଯାହା ସେହି ସରକାରୀ ଆଦେଶକୁ ଲାଗୁ କରିବା ପାଇଁ କରାଯାଇଥିବ ଅଥବା ୟୁରୋପ ଓ ଆମେରିକାରେ ବର୍ଷ ବର୍ଷ ଧରି ଯାହାର କଟକଣା ଜାରି କରାଯାଉଛି, ତା'ହେଲେ ଏହା ସ୍ପଷ୍ଟ ରୂପେ ଆମକୁ ଦେଖାଯାଉଛି ଯେ ଏକ ପକ୍ଷେ ହଜରତ ମୁହମ୍ମଦ[ସଅ] ଙ୍କ ଏକ ମାତ୍ର ଘୋଷଣା ଯଥେଷ୍ଟ ଥିଲା ଯେ ଏହି ସାମାଜିକ କଳଙ୍କ ଓ ଅପ ସଂସ୍କୃତିକୁ ଆରବର ଲୋକମାନଙ୍କ ଠାରୁ ନିମିଷକ ମଧ୍ୟରେ ଦୂରୀଭୂତ କରି ଦେଇଥିଲା । କିନ୍ତୁ ଅନ୍ୟ ପକ୍ଷରେ ଯେଉଁ ସବୁ ମଦ୍ୟପାନ ନିଷେଧ ଆଇନ ପ୍ରଣୟନ କରାଗଲା, ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ । ପୋଲିସ୍ ସେନା ତଥା ଅବକାରୀ ବିଭାଗର କର୍ମଚ୍ଚରୀଙ୍କ ମିଳିତ ଉଦ୍ୟମରେ ପରିଚ୍ଚଳିତ ଏହି ମଦ ବିରୋଧି ଅଭିଯାନ ନିଷ୍ଫଳ ପ୍ରମାଣିତ ହୋଇଛି ଓ ସେମାନଙ୍କୁ ଏହି ବିଫଳତା ସ୍ୱୀକାର କରିବାକୁ ପଡିଛି। । ଦୁର୍ଭାଗ୍ୟ ବଶତଃ ସୁରାପାନର ବିଜୟ ହେଲା ଓ ଏହାକୁ କଦାପି ଦୂର କରାଯାଇ ପାରିଲା ନାହିଁ । ଆଜିକାର ଯୁଗକୁ ଏକ ପ୍ରଗତିଶୀଳ ଯୁଗ ବୋଲି କୁହାଯାଉଛି । କିନ୍ତୁ ଯେବେ ଆମେ ଏହାକୁ ଚଉଦ ଶହ ବର୍ଷ ପୂର୍ବରୁ ଇସଲାମର ପ୍ରାରମ୍ଭିକ କାଳ ସହିତ ତୁଳନା କରୁଛୁ, ତା'ହେଲେ ଆମେ ନିର୍ବିକାର ଓ ଆଚମ୍ଭିତ ହୋଇ ଯାଉଛୁ ଯେ ଏହି ଦୁଇଟିରୁ ଉନ୍ନତିର ଯୁଗ ବୋଲି ଆମେ କାହାକୁ କହିବା । ଆମର ଏହି ଆଧୁନିକ ଯୁଗ ନା ଇସଲାମର ସେହି ଯୁଗ, ଯାହା ଏତେ ବଡ ସାମାଜିକ କ୍ରାନ୍ତିକୁ ଜନ୍ମ ଦେଇଥିଲା ! !

## ଉହଦ୍‌ର ଯୁଦ୍ଧପରାନ୍ତ ଅବିଶ୍ୱାସକାରୀ ଗୋଷ୍ଠୀ ପକ୍ଷରୁ ଜଘନ୍ୟ ଷଡଯନ୍ତ୍ର

ଉହଦ୍ ଯୁଦ୍ଧର ଘଟଣା ଏପରି ନଥିଲା, ଯାହାକୁ ସହଜରେ ଭୁଲି ହେବ । ମକ୍କାବାସୀ ଭାବୁଥିଲେ ଯେ ଏହା ସେମାନଙ୍କର ଇସଲାମ ବିରୁଦ୍ଧରେ ପ୍ରଥମ ବିଜୟ ।

ସେମାନେ ଏହି ସମ୍ବାଦକୁ ସମଗ୍ର ଆରବରେ ପ୍ରସାରିତ କରିଦେଲେ ଏବଂ ଆରବର ଅନ୍ୟାନ୍ୟ ଗୋଷ୍ଠୀ ଓ ଜାତି ସମୂହକୁ ଇସଲାମ ବିରୁଦ୍ଧରେ ଉସୁକାଇଲେ । ସେମାନଙ୍କ ମନରେ ଏହି ବିଶ୍ୱାସ ଜନ୍ମାଇଲେ ଯେ ମୁସଲମାନ ଅଜେୟ ନୁହନ୍ତି ଓ ସେମାନଙ୍କୁ ପରାସ୍ତ କରିବା କୌଣସି କଠିନ ବ୍ୟାପାର ନୁହେଁ । ଯଦି ସେମାନେ ଉନ୍ନତି କରି ଚ୍ଲିଛନ୍ତି, ତାହାର କାରଣ ସେମାନଙ୍କ ଶକ୍ତି ନୁହେଁ, ବରଂ ଏହା ଆରବୀୟ ଗୋଷ୍ଠୀମାନଙ୍କର ଉଦାସୀନତାର କାରଣ । ଯଦି ଆରବୀୟମାନେ ସଂଯୁକ୍ତ ରୂପେ ପ୍ରୟାସ କରିବେ, ତା'ହେଲେ ମୁସଲମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବା କୌଣସି କଷ୍ଟସାଧ କାର୍ଯ୍ୟ ହେବନାହିଁ । ଏହିପରି ପ୍ରଚାର ଫଳରେ ମୁସଲମାନଙ୍କ ପ୍ରତି ଆରବର ଅନ୍ୟାନ୍ୟ ଗୋଷ୍ଠୀ ସମୂହଙ୍କ ବହୁତ ବଳ ମିଳିଗଲା ଓ ସେମାନେ ମୁସଲମାନମାନଙ୍କୁ ହଇରାଣ ହରକତ କରିବାରେ ଲାଗିଲେ । ଏପରିକି ସେମାନେ ମକ୍କାର ଅବିଶ୍ୱାସକାରୀ ମାନଙ୍କ ଠାରୁ ମଧ ବଳି ପଡିଲେ ଓ ଅଧିକ ଜୋର୍‌ସୋର୍‌ରେ ମୁସଲମାନଙ୍କୁ କଷ୍ଟ ଦେବା କାର୍ଯ୍ୟରେ ଭାଗ ନେଲେ । କେତେକ ଗୋଷ୍ଠୀ ପ୍ରତ୍ୟକ୍ଷ ରୂପେ ଆକ୍ରମଣ କଲେ ଓ ଅନ୍ୟ କେତେକ ପରୋକ୍ଷ ଭାବେ ସେମାନଙ୍କୁ କ୍ଷତି ପହୁଞ୍ଚାଇବା ଆରମ୍ଭ କଲେ ।

ହିଜରତ୍‌ର ଚତୁର୍ଥ ବର୍ଷ ଆରବର ଦୁଇଟି ଜନଜାତି ଗୋଷ୍ଠୀ ଯଥା 'ଅଜଲ' ଓ 'କାରହ' । (ବୁଖାରୀ, ଭାଗ ୨, କିତାବୁଲ୍ ମଗାଜି ଏବଂ ଜୁରକାନୀ, ଭାଗ ୨, ପୃଷ୍ଠା ୬୫, ଦ୍ରଷ୍ଟବ୍ୟ ୬୬) ନିଜର ପ୍ରତିନିଧିଙ୍କୁ ମୁହମ୍ମଦ ରସୁଲୁଲ୍ଲା[ସଅ]ଙ୍କ ନିକଟକୁ ପଠାଇ କହିଲେ 'ଆମ ଗୋଷ୍ଠୀର ବହୁତ ଲୋକ ଇସଲାମ ଧର୍ମ ଆଡକୁ ମନ ବଳାଇଛନ୍ତି ।' ଏବଂ ଅନୁରୋଧ କଲେ ଯେ ଇସଲାମର ଶିକ୍ଷାରେ ପାରଙ୍ଗମ କେତେକ ବିଦ୍ୱାନଙ୍କୁ ସେମାନଙ୍କ ଶିକ୍ଷାଦାନ ପାଇଁ ପଠାଯାଉ । କିନ୍ତୁ ବାସ୍ତବରେ ଏହା ଏକ ଷଡଯନ୍ତ୍ର ଥିଲା, ଯାହା ଇସଲାମର ପରମ ଶତ୍ରୁ ବନୁ ଲହୟାନ୍ ଦ୍ୱାରା ରଚନା କରା ଯାଇଥିଲା । ତାଙ୍କର ଉଦ୍ଦେଶ୍ୟ ଥିଲା, ଯେବେ ସେହି ପ୍ରତିନିଧି ମୁସଲମାନ ମାନଙ୍କୁ ନେଇ ଆସିବେ, ସେମାନଙ୍କୁ ହତ୍ୟା କରି ସୁଫୟାନ୍ ବିନ୍ ଖାଲିଦର ପ୍ରତିଶୋଧ ନେବେ । ସେଥିପାଇଁ ଅଜଲ୍ ଓ କାରହର ପ୍ରତିନିଧିଙ୍କୁ ପୁରସ୍କାରର ପ୍ରଲୋଭନ ଦେଖାଇ ମୁହମ୍ମଦ[ସଅ]ଙ୍କ ସେବାରେ ପଠା ଯାଇଥିଲା । ମହାଭାଗ ଏହି ଲୋକମାନଙ୍କ ଉପରେ ବିଶ୍ୱାସ କରି ୧୦ଜଣ ମୁସଲିମ୍ ବିଦ୍ୱାନଙ୍କୁ ଧର୍ମ ଶିକ୍ଷା ଦେବା ପାଇଁ ସେମାନଙ୍କ ସହିତ ପଠାଇ ଦେଲେ । ଯେତେବେଳେ ଏହି ଦଳ ବନୁ ଲହୟାନ୍‌ର ଅଧିକୃତ ଅଞ୍ଚଳରେ ପ୍ରବେଶ କଲେ, ଅଜଲ ଓ କରାହର ଲୋକମାନେ ବନୁ ଲହୟାନ୍‌କୁ ସୂଚନା ଦେଲେ ଯେ ଏହି ଦଶଜଣ ମୁସଲମାନଙ୍କୁ ବନ୍ଦୀ କରାଯାଉ ଅଥବା ସେମାନଙ୍କୁ ହତ୍ୟା କରାଯାଉ । ଏହି ଜଘନ୍ୟ ଷଡଯନ୍ତ୍ର ଅନୁଯାୟୀ ବନୁ ଲହୟାନ୍‌ର ଦୁଇଶହ ସଶସ୍ତ୍ର ଲୋକ

ମୁସଲମାନମାନଙ୍କ ପିଛା କରି ରଜିଃ ନାମକ ସ୍ଥାନରେ ଆସି ଘେରାଉ କଲେ । ଦଶ ଜଣ ମୁସଲମାନ ଓ ଦୁଇ ଶହ ସଶସ୍ତ୍ର ବାହିନୀଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା । ମୁସଲମାନମାନେ ଆଧ୍ୟାତ୍ମିକ ଜ୍ୟୋତିରେ ପରିପୂର୍ଣ୍ଣ ଥିଲେ । କିନ୍ତୁ ତାଙ୍କ ବିପକ୍ଷରେ ଷଡ଼ଯନ୍ତ୍ରକାରୀଙ୍କ ବିଶ୍ୱାସହୀନ ଦୁଇ ଶହ ରକ୍ତ ପିପାସୁ ଲୋକ । ସେହି ଦଶ ଜଣ ଯାକ ମୁସଲମାନ ଏକ ଛୋଟିଆ ପାହାଡ଼ ଚୂଳ ଉପରେ ଚଢିଗଲେ ଓ ଦୁଇ ଶହ ଲୋକଙ୍କୁ ମୁକାବିଲା ପାଇଁ ଆହ୍ୱାନ କଲେ । ଶତ୍ରୁମାନେ ନିଜର ରଣ କୌଶଳ ବଦଳାଇ ସେମାନଙ୍କୁ ଧୋକାରେ ବନ୍ଦୀ କରିବା ପାଇଁ କହିଲେ, 'ଆପଣମାନେ ତଳକୁ ଓହ୍ଲାଇ ଆସନ୍ତୁ । ଆମେ ଆପଣମାନଙ୍କର କିଛି କ୍ଷତି କରିବୁ ନାହିଁ ।' କିନ୍ତୁ ସେମାନଙ୍କ ଅମୀର(ନେତା) କହିଲେ, 'ଅବିଶ୍ୱାସକାରୀମାନଙ୍କ ପ୍ରତିଜ୍ଞା ଓ ବଚନକୁ ଆମେ ଖୁବ୍ ବୁଝି ପାରିଛୁ ଓ ଭଲରେ ପରଖି ନେଇଛୁ ।' ତା'ପରେ ସେ ଆକାଶକୁ ଲକ୍ଷ୍ୟ କରି କହିଲେ, 'ହେ ଅଲ୍ଲାଃ ! ତୁମ୍ଭେ ଆମମାନଙ୍କ ଅବସ୍ଥା ଦେଖୁଛ । ନିଜର ରସୁଲ୍ ମୁହମ୍ମଦ[ସଅ]ଙ୍କୁ ଏହି ଖବର ପହଞ୍ଚାଇ ଦିଅ ।' ବିଧର୍ମୀଗଣ ଯେତେବେଳେ ଦେଖିଲେ ଯେ ମୁସଲମାନମାନଙ୍କ ସେହି କ୍ଷୁଦ୍ର ଦଳ ଉପରେ ସେମାନଙ୍କ କଥାର କୌଣସି ପ୍ରଭାବ ପଡୁନାହିଁ ଓ ସେମାନେ ତଳକୁ ଓହ୍ଲାଉ ନାହାନ୍ତି, ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କରିଦେଲେ । ମୁସଲମାନମାନେ ନିର୍ଭୀକ ଭାବରେ ଦୁଇ ଶହ ସଶସ୍ତ୍ର ଶତ୍ରୁଙ୍କ ସହିତ ଲଢ଼ିବାକୁ ଲାଗିଲେ । ଯହିଁରେ ଦଶ ଜଣଙ୍କ ମଧ୍ୟରୁ ସାତ ଜଣ ମୁସଲିମ ବିଦ୍ୱାନ ଶହୀଦ ହୋଇଗଲେ । ଅବଶିଷ୍ଟ ତିନି ଜଣଙ୍କୁ ଶତ୍ରୁମାନେ ପୁନଶ୍ଚ ପ୍ରତିଶ୍ରୁତି ଦେଇ କହିଲେ, 'ତୁମେମାନେ ଯଦି ତଳକୁ ଓହ୍ଲାଇ ଆସିବ, ତୁମ ପ୍ରାଣ ବଞ୍ଚିଯିବ ।' କିନ୍ତୁ ଯେତେବେଳେ ସେହି ବିଧର୍ମୀମାନଙ୍କ କଥାରେ ବିଶ୍ୱାସ କରି ସେମାନେ ତଳକୁ ଆସିଲେ, ସେହି ତିନିଜଣଙ୍କୁ ଶତ୍ରୁମାନେ ଧନୁର ପ୍ରତ୍ୟଞ୍ଚା ଦଉଡିରେ ଶକ୍ତ ଭାବେ ଭିଡି ବାନ୍ଧିଦେଲେ । ତିନି ଜଣଙ୍କ ମଧ୍ୟରୁ ଜଣେ କହିଲେ, 'ଏହା ତୁମର ପ୍ରଥମ ଅବଜ୍ଞା, ଯାହା ତୁମେ ନିଜ ବୁଝାମଣା ପତ୍ରରେ ଦର୍ଶାଇଥିଲ । ଅଲ୍ଲାଃ ହିଁ ଜାଣନ୍ତି ତୁମେମାନେ ଆମର କ'ଣ ଦଶା କରିବ ।' ଏତିକି କହି ସେ ଶତ୍ରୁମାନଙ୍କ ସହିତ ଯିବାକୁ ବାରଣ କଲେ । ବିଧର୍ମୀମାନେ ତାଙ୍କୁ ଘୋଷାରି ନେଇ ମାରିବାକୁ ଲାଗିଲେ । କିନ୍ତୁ ତାଙ୍କର ପ୍ରାଣମୂର୍ଚ୍ଛା ମୁକାବିଲା କରିବା ଓ ସାହାସକୁ ଦେଖି ସେମାନେ ଏପରି ହତୋତ୍ସାହ ହୋଇଗଲେ ଯେ ସେହିଠାରେ ହିଁ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଦେଲେ । ଅନ୍ୟ ଦୁଇ ଜଣଙ୍କୁ ଜୀବନ୍ତ ଅବସ୍ଥାରେ ବାନ୍ଧି ନିଜ ସଂଗରେ ନେଇ ଗଲେ ଓ କ୍ରୀତଦାସ ରୂପେ ମକ୍କାବାସୀଙ୍କୁ ବିକ୍ରି କରିଦେଲେ । ତାଙ୍କ ଭିତରୁ ଜଣକର ନାମ 'ଖୁବୈବ୍' ଓ ଅନ୍ୟ ଜଣଙ୍କ ନାମ 'ଜୈଦ୍' । ଖୁବୈବ୍[ରଅ]ଙ୍କୁ କ୍ରୟ କରିଥିବା ବ୍ୟକ୍ତି ନିଜର ପିତାର ପ୍ରତିଶୋଧ

ନେବା ପାଇଁ ଯାହାକୁ ବଦର ଯୁଦ୍ଧରେ ଖୁବୈବ୍ ବଧ କରିଥିଲେ, ସେ କ୍ରୋଧ ପରାୟଣ ହୋଇ ଖୁବୈବ୍‌ଙ୍କୁ ହତ୍ୟା କରିବା ପାଇଁ ଚାହୁଥିଲା । ଦିନେ ନିଜର ନିତ୍ୟକର୍ମ ପାଇଁ ତାଙ୍କୁ ଖୁର ଦିଆଯାଇଥିଲା । ଏହି ସମୟରେ ସେହି ଘରର ଗୋଟିଏ ଛୋଟ ଶିଶୁ ଗୁରୁଣ୍ଡି ଗୁରୁଣ୍ଡି ଖୁବୈବ୍[ରଅ]ଙ୍କ ନିକଟରେ ପହଞ୍ଚିଗଲା । ଖୁବୈବ୍ ତାକୁ ନିଜ ଜଙ୍ଘ ଉପରେ ନେଇ ବସାଇ ଦେଲେ । ଏହା ଦେଖି ତାଙ୍କ ମାଆ ଭୟଭୀତ ହୋଇ ଉଠିଲେ ଓ ଭାବିଲେ ଖୁବୈବ୍ ମୋ ଛୁଆକୁ ନିଶ୍ଚୟ ହତ୍ୟା କରିଦେବ । କାରଣ ସେମାନେ ଖୁବୈବ୍[ରଅ]ଙ୍କୁ କିଛି ଦିନ ମଧ୍ୟରେ ହତ୍ୟା କରିବାକୁ ମନସ୍ଥ କରିଥିଲେ । ଏଣେ ତା' ହାତରେ ଧାରୁଆ ଖୁର ଥିଲା, ଯଦ୍ଦ୍ୱାରା ସେ ଯେ କୌଣସି ମୁହୂର୍ତ୍ତରେ ପିଲାଟିକୁ ଜୀବନରୁ ମାରି ଦେଇ ପାରେ । ମାତ୍ର ଖୁବୈବ୍[ରଅ] ମାଆର ଚେହେରାକୁ ପଢି ତା'ର ବ୍ୟାକୁଳତାକୁ ଅନୁଭବ କରି ପାରିଲେ ଓ କହିଲେ 'ତୁମେ କଣ ଭାବୁଛ ଯେ ମୁଁ ତୁମ ଛୁଆକୁ ହତ୍ୟା କରିବି ? ହୃଦୟରେ ଏହି ବିଗ୍ରର କଦାପି ଆଣନାହିଁ । ମୁଁ ଏପରି ଜଘନ୍ୟ କାମ କେବେ ବି କରି ପାରିବି ନାହିଁ । କାରଣ ମୁସଲମାନ ଧୋକାବାଜ ନୁହନ୍ତି ।' ସେହି ମହିଳା ଖୁବୈବ୍‌ଙ୍କ ଅଭୟ ବାଣୀ ଶୁଣି ଓ ବିଶ୍ୱସ୍ତପଣିଆ ଦେଖି ବିଶେଷ ଭାବରେ ପ୍ରଭାବିତ ହେଲା । ଏହି କଥାକୁ ସେ ଆଜୀବନ ମନେ ରଖିଥିଲା ଓ ସବୁବେଳେ କହୁଥିଲା ଯେ ଖୁବୈବ୍ ପରି ବନ୍ଦୀ ଆମେ କେବେ ଦେଖିନାହୁଁ ।

ଶେଷରେ ମକ୍କାର ଲୋକ ଖୁବୈବ[ରଅ]ଙ୍କୁ ଏକ ଖୋଲା ପଡିଆକୁ ନେଇଗଲେ । ଯଦ୍ଦ୍ୱାରା ତାଙ୍କୁ ହତ୍ୟା କରି ତାଙ୍କ ମୃତ୍ୟୁର ନାରକୀୟ କାଣ୍ଡ ଦେଖି ହର୍ଷୋଲ୍ଲାସର ଉତ୍ସବ ପାଳନ କରିବେ । ଯେବେ ତାଙ୍କୁ ବଧ କରିବା ସମୟ ଆସିଲା, ଖୁବୈବ୍[ରଅ] ନିଜ ମୃତ୍ୟୁ ପୂର୍ବରୁ ସେହି ହତ୍ୟାକାରୀକୁ କହିଲେ ଯେ ତାଙ୍କୁ ଅଲ୍ଲାଃଙ୍କ ଦରବାରରେ ଦୁଇ ରକାତ୍ ନମାଜ୍ ପାଠ କରିବା ପାଇଁ ଅନୁମତି ଦିଆଯାଉ । ମକ୍କାବାସୀ କୁରୈଶ ତାଙ୍କର ଏହି କଥା ସ୍ୱୀକାର କଲେ । ଖୁବୈବ୍[ରଅ] ସମସ୍ତଙ୍କ ଉପସ୍ଥିତିରେ ଏହି ଭବ ସଂସାରରେ ଶେଷ ଥର ପାଇଁ ଅଲ୍ଲାଃଙ୍କ ଉପାସନା କରିଥିଲେ । ଯେବେ ସେ ନମାଜ ପାଠ ଶେଷ କଲେ, ଏହିପରି କହିଲେ, 'ମୁଁ ଚାହୁଥିଲି ଅଧିକ ସମୟ ମୋ ପ୍ରାର୍ଥନାକୁ ଅବ୍ୟାହତ ରଖିବି । କିନ୍ତୁ ମୁଁ ଏହି ବିଗ୍ରର ଯୋଗୁଁ ଶୀଘ୍ର ପ୍ରାର୍ଥନା ଶେଷ କରିଦେଲି କାଳେ ତୁମେମାନେ ଏହା ଭାବିନେବ ଯେ ଖୁବୈବ୍ ମୃତ୍ୟୁକୁ ଭୟ କରି ପ୍ରାର୍ଥନାରେ ବିଳମ୍ବ କରୁଛି ।' ଏହାପରେ ସେ ଶୀର ଛେଦନ ସକାଶେ ହତ୍ୟାକାରୀଙ୍କ ସମ୍ମୁଖରେ ନିଜ ମୁଣ୍ଡ ରଖିଦେଲେ । ଏବଂ ନିମ୍ନୋକ୍ତ ଆରବୀ କବିତା ପାଠ କରିଥିଲେ;

وَلَسْتُ اُبَالِیْ حِیْنَ اُقْتَلُ مُسْلِمًا     عَلٰی اَیِّ جَنْبٍ کَانَ لِلّٰهِ مَصْرَعِیْ

وَذٰلِکَ فِیْ ذَاتِ الْاِلٰهِ وَاِنْ یَّشَأْ     یُبَارِکْ عَلٰی اَوصَالِ شِلْوٍ مُمَزَّعٍ

ଓ୍ୱ ଲସ୍‌ତୁ ଉବାଲି ହିଇନା ଉକ୍‌ତଲୁ ମୁସଲିମନ୍
ଅଲା' ଐୟେ ଜନ୍‌ବିଂ କାନା ଲିଲ୍ଲାହି ମସ୍‌ରୟି ।
ଓ୍ୱ ଜାଲିକା ଫି ଜାତିଲ୍ ଇଲାହି ଓ୍ୱଇଁୟଶାଉ
ୟୁବାରିକ ଅଲା ଅଓ୍ୱଶାଲି ଶିଲଓ୍ୱିନ୍ ମୁମଜ୍ଜୟି ॥

(ବୁଖାରୀ କିତାବୁଲ୍ ମଗାଜି)

ଅର୍ଥାତ୍ 'ମୁଁ ମୁସଲମାନ ହେବା ସ୍ଥିତିରେ ମୋର ବଧ କରାଯାଉଛି, ଏଣୁ ମୋତେ ପରବାୟ ନାହିଁ ଯେ ମୋ ଶରୀର କେଉଁ ପାର୍ଶ୍ୱରେ ଯାଇ ପତୀତ ହେବ । ମୋର ସର୍ବସ୍ୱ ଅଲ୍ଲାଃଙ୍କ ଠାରେ ସମର୍ପିତ । ଅଲ୍ଲାଃ ଯଦି ଚାହିବେ, ତା'ହେଲେ ମୋର କଟା ଯାଇଥିବା ଶରୀରର ଅଂଶ ଉପରେ ତାଙ୍କର ଆଶିଷ ଭରିଦେବେ ।'

ଏହି କବିତା ତାଙ୍କ ମୁହଁରୁ ନ ସରୁଣୁ ହତ୍ୟାକାରୀର ଶାଣିତ ତରବାରୀ ତାଙ୍କ ବେକ ଉପରେ ପଡିଲା ଓ ତାଙ୍କ ଶୀର ଛେଦନ ହେଲା । ଯେଉଁମାନେ ଏହି ବିଭତ୍ସ କାଣ୍ଡ ଦେଖୁଥିଲେ, ସେମାନଙ୍କ ମଧ୍ୟରେ ଜନୈକ ସଇଦ୍ ବିନ୍ ଆମେର୍ ମଧ୍ୟ ଥିଲା, ଯିଏ ପରବର୍ତ୍ତୀ ସମୟରେ ଇସଲମ ଧର୍ମ ଗ୍ରହଣ କରିଥିଲା । କୁହାଯାଏ ଯେ ଯେବେ କେତେବେଳେ ସଇଦ୍‌ଙ୍କ ନିକଟରେ ଖୁବୈବ୍[ରଅ]ଙ୍କ ବଧ କରାଯିବା ଘଟଣାର ଚର୍ଚ୍ଚା ହେଉଥିଲା, ସେ ଚେତାଶୂନ୍ୟ ହୋଇ ପଡୁଥିଲା ।

ଅନ୍ୟ ଏକ କଏଦୀ ଜୈଦ୍‌ଙ୍କୁ ମଧ୍ୟ ହତ୍ୟା କରିବା ପାଇଁ ବାହାରକୁ ନିଆଗଲା । ଏହି ହତ୍ୟାର ନୃଶଂସ ଦୃଶ୍ୟ ଦେଖିବା ପାଇଁ ମକ୍କାର ମୁଖିଆ ଅବୁ ସୁଫିୟାନ ସେଠାରେ ଉପସ୍ଥିତ ଥିଲା । ସେ ଜୈଦ୍‌ଙ୍କୁ ପ୍ରଶ୍ନ କଲା, 'ତୁମେ କ'ଣ ଚାହୁନାହଁ ଯେ ଆଜି ତୁମ ସ୍ଥାନରେ ମୁହମ୍ମଦ[ସଅ] ରହି ଥାଆନ୍ତୁ ଓ ତୁମେ ନିଜ ଘରେ ଆରାମରେ ବସି ରହିବ ?' ହଜରତ ଜୈଦ୍ ପ୍ରଚଣ୍ଡ କ୍ରୋଧ ମୁଦ୍ରାରେ ଉତ୍ତର ଦେଲେ, 'ଅବୁ ସୁଫିୟାନ ତୁମେ ଯେ କଣ କହୁଛ ? ପ୍ରଭୁଙ୍କ ସୌଗନ୍ଧ ! ମୋର ମରିବା ସେହି କଥାଠାରୁ ଅଧିକ ଶ୍ରେୟସ୍କର ହେବ, ଯଦି କେବେ ମୁହମ୍ମଦ[ସଅ]ଙ୍କ ପାଦରେ ମଦିନାର ଗଳିରେ ଏକ ମାମୁଲି କଣ୍ଟା ବି ପଶିଯିବ !' (ଇବନେ ହିଶାମ୍, ଭାଗ ୨, ପୃଷ୍ଠା ୧୨୨) ଶ୍ରଦ୍ଧାପ୍ଲୁତ ତ୍ୟାଗର ଅପୂର୍ବ ଭାବନାକୁ ଦେଖି ଅବୁ ସୁଫିୟାନ ଏ କଥାରେ ପ୍ରଭାବିତ ନ ହୋଇ ରହି ପାରିଲା ନାହିଁ । ସେ ଜୈଦ୍ ଆଡକୁ ଆଶ୍ଚର୍ଯ୍ୟ ଚକିତ ଚାହାଣୀରେ ଦେଖିଲା ଓ ମୃଦୁ ସ୍ୱରରେ କହି

ଉଠିଲା, 'ଭଗବାନ ସାକ୍ଷୀ, ମହମ୍ମଦ[ସଅ] ଙ୍କ ସହିତ ତାଙ୍କ ସାଥୀମାନେ ଯେପରି ପ୍ରେମ କରୁଛନ୍ତି, ଏପରି ପ୍ରେମ କରୁଥିବାର ମୁଁ ଅନ୍ୟ କୌଣସି ଠାରେ ଦେଖିନାହିଁ।' (ଇବ୍ନେ ହିଶାମ, ଖଣ୍ଡ ୨, ପୃଷ୍ଠା ୧୨୬ – ୧୬୦, ଜୁରକାନ୍, ଖଣ୍ଡ ୨, ପୃଷ୍ଠା ୭୪)

ଇତ୍ୟବସରରେ ନଯଦ୍ ଅଞ୍ଚଳର କେତେକ ବ୍ୟକ୍ତି ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଙ୍କୁ ସାକ୍ଷାତ କରି କହିଲେ ଯେ ତାଙ୍କ ସହିତ କେତେକ ମୁସଲମାନ ବିଦ୍ୱାନଙ୍କୁ ପଠାଯାଉ, ଯେଉଁମାନେ ଇସ୍‌ଲାମ ଧର୍ମର ଶିକ୍ଷା ଦେବେ । କିନ୍ତୁ ସେ ତାଙ୍କ କଥାକୁ ବିଶ୍ୱାସ କଲେ ନାହିଁ । ଅବୁ ବରା ବୋଲି ଜଣେ ମଦିନା ବାସିନ୍ଦା କହିଲା, 'ଆପଣ ନିଶ୍ଚିନ୍ତ ହୋଇ ମୁସଲମାନ ହାଫିଜ୍‌ଙ୍କୁ ପଠାନ୍ତୁ, ଏଥିପାଇଁ ମୁଁ ଉତ୍ତରଦାୟୀ ହୋଇ ରହିଲି ଯେ ସେମାନେ କୌଣସି ଦୁଷ୍ଟାମି କରିବେ ନାହିଁ ।' ଏହାପରେ ସେ ସତୁରି ଜଣ ହାଫିଜ୍ (ପବିତ୍ର କୁରଆନ୍ କଣ୍ଠସ୍ଥ କରିଥିବା ବ୍ୟକ୍ତି)ଙ୍କୁ ସେହି କାର୍ଯ୍ୟ ପାଇଁ ନଯଦ୍ ପଟାଇବା ପାଇଁ ବାଛିଲେ । ଯେବେ ଏହି ଦଳ ବେର୍‌ଏମଉନରେ ପହଞ୍ଚିଲେ, ସେଠାରେ ହରାମ୍ ବିନ୍ ମଲ୍‌ହାନା[ରଅ] ଆମେର୍ ଗୋଷ୍ଠୀର ମୁଖିଆଙ୍କ ନିକଟକୁ ଗଲେ ଯିଏକି 'ଅବୁବରାର ପୁତୁରା ଥିଲା । ଯଦ୍ଦ୍ୱାରା ତାକୁ ଇସ୍‌ଲାମ ଧର୍ମ ସମ୍ବନ୍ଧରେ ଉପଦେଶ ଦିଆ ଯାଇପାରିବ । ପ୍ରତ୍ୟକ୍ଷ ରୂପେ କବିଲାର ଜନସାଧାରଣ ଉପର ଠାଉରିଆ ଭାବେ ହରାମ୍‌ଙ୍କୁ ସ୍ୱାଗତ ଜଣାଇଥିଲେ । କିନ୍ତୁ ଯେତେବେଳେ ସେ ସର୍ଦ୍ଦାର ସମ୍ମୁଖରେ ଇସ୍‌ଲାମ ସମ୍ବନ୍ଧରେ ଭାଷଣ ଦେଉଥିଲେ, ସେହି ସମୟରେ ଜଣେ ଆତତାୟୀ ତାଙ୍କ ପଛରୁ ଆସି ବର୍ଚ୍ଛାରେ ଆକ୍ରମଣ କଲା । ହରାମ୍‌ଙ୍କର ସେହିଠାରେ ହିଁ ମୃତ୍ୟୁ ହୋଇଥିଲା । ଯେତେବେଳେ ବର୍ଚ୍ଛାଟି ତାଙ୍କ ଗଳା ଭେଦ କଲା, ସେ ଏହା ଉଚ୍ଚାରଣ କରୁଥିବାର ଶୁଣାଗଲା; **'ଅଲ୍ଲାଃହୁ ଅକ୍‌ବରୁ ଫଜ୍‌ତୁ ଓ୍ୱରବ୍‌ବିଲ୍ କାବ୍‌ବାତେ'** ଅର୍ଥାତ୍ 'ଅଲ୍ଲାଃ ହିଁ ସର୍ବଶ୍ରେଷ୍ଠ । କା'ବାର ପାଳନକର୍ତ୍ତାଙ୍କ ରାଣ, ମୁଁ ନିଜର ମନୋକାମନାରେ ସଫଳତା ଲାଭ କରି କୃତାର୍ଥ ହୋଇଗଲି ।'

ଏପରି ପ୍ରତାରଣା କରି ହରାମ୍‌ଙ୍କୁ ହତ୍ୟା କରିବା ପରେ ସେହି ଗୋଷ୍ଠୀର ସର୍ଦ୍ଦାରମାନେ ଅନ୍ୟ ସମସ୍ତ ମୁସଲିମ ଶିକ୍ଷକମାନଙ୍କର ସାମୁହିକ ହତ୍ୟା କରିବା ପାଇଁ କବିଲାର ଅଧିବାସୀମାନଙ୍କୁ ଉତ୍ତେଜିତ କଲେ । କିନ୍ତୁ ସେମାନେ କହିଲେ 'ଆମମାନଙ୍କର ମଦିନାସ୍ଥିତ ସର୍ଦ୍ଦାର ଅବୁବରା ଏମାନଙ୍କ ପାଇଁ ମୁଣ୍ଡ ଜାମିନ୍ ରୂପେ ଉତ୍ତର ଦାୟୀତ୍ୱ ସ୍ୱୀକାର କରିଛନ୍ତି । ତେଣୁ ଆମେ ଏହି ଦଳ ଉପରେ ଆକ୍ରମଣ କରିପାରିବୁ ନାହିଁ ।' ମାତ୍ର ସେହି କବିଲାର ସର୍ଦ୍ଦାର ମୁସଲମାନ ଶିକ୍ଷକମାନଙ୍କୁ ଆଣିବାକୁ ଯାଇଥିବା ଦୁଇ ଗୋଷ୍ଠୀର ସହାୟତାରେ ମିଶି ସେମାନଙ୍କ ଉପରେ

ଆକ୍ରମଣ କରିଦେଲେ । ମୁସଲମାନମାନେ ଯେତେ ନେହୁରା ହୋଇ କହୁଥିଲେ ସୁଦ୍ଧା ଯେ 'ଆମେ ଆପଣମାନଙ୍କୁ ଇସ୍‌ଲାମୀୟ ଶିକ୍ଷା ଦେବା ପାଇଁ ଆସିଥିଲୁ । ଆପଣଙ୍କ ସହିତ ଯୁଦ୍ଧ କରିବାକୁ ଆସିନାହୁଁ ।' ସେମାନଙ୍କ ମିନତୀ କୌଣସି କାମ ଦେଲା ନାହିଁ । ଅବିଶ୍ୱାସକାରୀଙ୍କ ଆକ୍ରମଣରେ କେବଳ ତିନିଜଣଙ୍କୁ ଛାଡିଦେଲେ ବାକି ସମସ୍ତ ଶିକ୍ଷକ ନିଷ୍ଠୁର ହତ୍ୟାର ଶିକାର ହେଲେ । ଏହି ମୁସଲମାନମାନଙ୍କ ଦଳ ଭିତରେ ଜଣେ ଛୋଟା ବ୍ୟକ୍ତି ମଧ୍ୟ ଥିଲେ, ଯିଏ ଏହି ସଂଘର୍ଷ ପୂର୍ବରୁ ପାହାଡ ଉପରକୁ ଚଢି ଯାଇଥିଲେ ତଥା ଅନ୍ୟ ଦୁଇଜଣ ଓଟ ଚରାଇବା ପାଇଁ ଜଙ୍ଗଲ ଭିତରକୁ ଚାଲି ଯାଇଥିଲେ । ସେଠାରୁ ଫେରି ଦେଖିଲା ବେଳକୁ ତାଙ୍କର ଛଅଷଠି ଜଣ ସାଥୀଙ୍କ ମୃତ ଶବ ପଡିଆରେ ପଡିରହିଛି । ସେ ଦୁଇ ଜଣ ନିଜ ମଧ୍ୟରେ ବିଚାର ବିମର୍ଶ କଲେ । ଜଣେ କହିଲେ, ବର୍ତ୍ତମାନ ଆମକୁ ମୁହମ୍ମଦ[ସଅ]ଙ୍କ ସେବାରେ ଉପସ୍ଥିତ ହୋଇ ଏ ସମସ୍ତ ଘଟଣା ବର୍ଣ୍ଣନା କରିବା ଉଚିତ । ଅନ୍ୟ ଜଣକ କହିଲେ, 'ଯେଉଁ ମୁସଲିମ ଶିକ୍ଷକଙ୍କୁ ଆମର ଦଳପତି ରୂପେ ହଜରତ ମୁହମ୍ମଦ[ସଅ] ଏଠାକୁ ପଠାଇ ଥିଲେ, ତାଙ୍କୁ ମଧ ହତ୍ୟା କରାଯାଇଛି । ତେଣୁ ମୁଁ ଏହି ସ୍ଥାନ ଛାଡ଼ି କଦାପି ଯାଇପାରିବି ନାହିଁ ।' ଏହା କହି ସେ ଏକାକୀ ଅବିଶ୍ୱାସକାରୀଙ୍କ ଉପରେ କୁଦି ପଡିଲେ । ତାଙ୍କ ସହିତ ଲଢେଇ କରି ଶେଷରେ ପ୍ରାଣ ବିସର୍ଜନ କଲେ । ଅନ୍ୟ ଜଣକୁ ଗିରଫ କରାଗଲା । କିନ୍ତୁ ପରେ ଜଣେ ନେତାଙ୍କ ପ୍ରତିଜ୍ଞାନୁସାରେ ତାଙ୍କୁ ଛାଡି ଦିଆଗଲା । ହତ୍ୟା କରାଯାଇଥିବା ବିଦ୍ୱାନ ବ୍ୟକ୍ତିମାନଙ୍କ ମଧ୍ୟରେ ଆମିଦ୍ ବିନ୍ ଫୁହେରାଃ ମଧ ଥିଲେ । ସେ ପୂର୍ବରୁ ହଜରତ ଅବୁବକ୍କର[ରଅ]ଙ୍କ ଦ୍ୱାରା ଦାସତ୍ୱରୁ ମୁକ୍ତ ହୋଇଥିଲେ । ତାଙ୍କୁ ବଧ କରିଥିବା ବ୍ୟକ୍ତି ଜବ୍‌ବାର ବିନ୍ ସଲମା ପରେ ମୁସଲମାନ ହୋଇ ଯାଇଥିଲେ । ଜବ୍‌ବାର ଏହା ସ୍ୱୀକାର କରି କହୁଥିଲା ଯେ ଆମିର୍‌ଙ୍କୁ ହତ୍ୟା କରିବା ହିଁ ମୋର ମୁସଲମାନ ହେବାର କାରଣ ହତ୍ୟା କରିବା ବେଳେ ତାଙ୍କ ମୁହଁରୁ ଏହା ଶୁଣିବାକୁ ପାଇଲି 'ଫଜ୍‌ତୁ ଓ୍ୱଲ୍ଲାହି' ଅର୍ଥାତ୍ 'ମୋର ମନୋକାମନା ପୂରଣ ହୋଇଗଲା ।' ଏହାପରେ ମୁଁ ଜଣେ ଲୋକଙ୍କୁ ପଚାରିଲି, 'ଜଣେ ମୁସଲମାନ ଯେବେ ମୃତ୍ୟୁର ସମ୍ମୁଖୀନ ହୁଏ, ସେ ଏପରି କାହିଁକି କହିଥାଏ ?' ସେହି ଲୋକଟି ଉତ୍ତର ଦେଲା, 'ଜଣେ ମୁସଲମାନ ଈଶ୍ୱରଙ୍କ ମାର୍ଗରେ ମୃତ୍ୟୁ ଲାଭ କରିବାକୁ ଶ୍ରେଷ୍ଠ ପୁରସ୍କାର ଓ ବିଜୟ ମଣ୍ଡିତ ସ୍ୱର୍ଗପ୍ରାପ୍ତିର ଗୌରବ ରୂପେ ବିବେଚନା କରିଥାଏ । ହତ୍ୟାକାରୀ ଜବ୍‌ବାରଙ୍କ ଉପରେ ଏହି ଉତ୍ତର ଏପରି ଭାବେ ପ୍ରଭାବିତ କରିଥିଲା ଯେ ସେ ନିୟମିତ ରୂପେ ଇସ୍‌ଲାମ ଧର୍ମ ସମ୍ବନ୍ଧରେ ଅଧ୍ୟୟନ କରିବା ଆରମ୍ଭ କରିଦେଲା । ଫଳ ସ୍ୱରୂପ ଇସଲାମ ସ୍ୱୀକାର କରି ଜଣେ ନୈଷ୍ଠିକ ମୁସଲମାନ ହୋଇଗଲା । (ଅସଦୁଲ୍ ଗାବା, ଇବନେ ହିଶାମ୍, ପୃଷ୍ଠା ୧୨୭) ଉପରୋକ୍ତ

ହୃଦୟ ବିଦାରକ ଘଟଣା ଦ୍ୱୟର ସୂଚନା ଯହିଁରେ ପ୍ରାୟ ଅଶି ଜଣ ମୁସଲମାନ ଏକ ପୂର୍ବ ନିର୍ଦ୍ଧାରିତ ଷଡ଼ଯନ୍ତ୍ର ଫଳରେ ଶହୀଦ୍ ହୋଇଥିଲେ ମଦିନାରେ ପହଞ୍ଚିଗଲା । ମୃତକ ଶହୀଦ୍‌ମାନେ କୌଣସି ସାଧାରଣ ଲୋକ ନଥିଲେ, ବରଂ ହାଫିଜ୍ ବିଦ୍ୱାନ ଥିଲେ । ସେମାନେ କୌଣସି ଅପରାଧ କରି ନଥିଲେ ନା କାହାକୁ କେବେ କ୍ଳେଶ ଦେଇଥିଲେ ନା ସେମାନେ ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲେ । କିନ୍ତୁ ଈଶ୍ୱରଙ୍କ ଧର୍ମ ନାମରେ ମିଥ୍ୟା ପ୍ରତାରଣାର କବଳରେ ପକାଯାଇ ଶତ୍ରୁମାନଙ୍କ ହାତରେ ସେମାନଙ୍କୁ ଅର୍ପଣ କରାଗଲା । ଏହି ଜଘନ୍ୟ ଘଟଣାରୁ ଏହା ନିଃସନ୍ଦେହରେ ପ୍ରମାଣସିଦ୍ଧ ହେଉଛି ଯେ ବିରୋଧୀମାନଙ୍କୁ ଇସ୍‌ଲାମ ବିରୁଦ୍ଧରେ ପ୍ରବଳ ଶତ୍ରୁତା ରହିଥିଲା ଓ ଏହାର ବିପରୀତରେ ଇସଲାମ ପ୍ରତି ମୁସଲମାନମାନଙ୍କ ମନରେ ଅଗାଧ ଶ୍ରଦ୍ଧା ଓ ସୁଦୃଢ ଆସ୍ଥା ଉଦ୍‌ବେଳିତ ହେଉଥିଲା ।

# ବନି ମୁସ୍ତଲିକ୍ ଯୁଦ୍ଧ

ଉହଦ୍ ଯୁଦ୍ଧ ପରେ ମକ୍କାରେ ଭୀଷଣ ମରୁଡ଼ି ପଡ଼ିଲା । ମକ୍କାବାସୀଙ୍କୁ ହଜରତ ମୁହମ୍ମଦ[ସଅ]ଙ୍କ ସହିତ ଯେଉଁ ଶତ୍ରୁତା ଥିଲା ଏବଂ ତାଙ୍କ ବିରୁଦ୍ଧରେ ଘୃଣା ଓ କୁତ୍ସାରଟନା କରିବା ପାଇଁ ସାରା ଦେଶରେ ଯେଉଁଭଳି ଭାବରେ ବିଭିନ୍ନ ଉପାୟ କରା ଯାଉଥିଲା, ତାକୁ ଖାତିର ନକରି ହଜରତ ମୁହମ୍ମଦ[ସଅ] ଏହି ଉତ୍କଟଜନକ ପରିସ୍ଥିତିରେ ମକ୍କାସ୍ଥିତ ଦୀନ ଦରୀଦ୍ରଙ୍କ ସହାୟତା ସକାଶେ ଧନରାଶି ଏକତ୍ରୀତ କରିଥିଲେ । କିନ୍ତୁ ଏହି କଲ୍ୟାଣକର କାର୍ଯ୍ୟ ମକ୍କାବାସୀଙ୍କ ଉପରେ କୌଣସି ପ୍ରଭାବ ପକାଇ ନଥିଲା ତଥା ସେମାନଙ୍କ ଶତ୍ରୁତା ଆଚରଣରେ କୌଣସି ଫରକ ଦେଖାଗଲା ନାହିଁ । ବରଂ ସେମାନେ ଆହୁରି ଉଗ୍ର ହୋଇ ବିରୁଦ୍ଧାଚରଣ କରିବାକୁ ଲାଗିଲେ । ଏପରି ଗୋଷ୍ଠୀ ଯେଉଁମାନେ ମୁସଲମାନମାନଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ, ସେମାନେ ମଧ୍ୟ ମକ୍କାର ବିଧର୍ମୀ ଲୋକମାନଙ୍କ ପ୍ରଚାରର ପ୍ରଭାବରେ ଆସି ମୁସଲମାନମାନଙ୍କ ସହିତ ପ୍ରବଳ ଶତ୍ରୁତା ଆଚରଣ କରିଥିଲେ । ଏଭଳି ଏକ ଗୋଷ୍ଠୀ ବନି ମୁସ୍ତଲିକ୍‌ଙ୍କର ପ୍ରଥମରୁ ମୁସଲମାନଙ୍କ ସହିତ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ସଂପର୍କ ରହିଥିଲା । ପରନ୍ତୁ ସେମାନେ ମଦିନା ଉପରେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ଯେତେବେଳେ ହଜରତ ମୁହମ୍ମଦ[ସଅ]ଙ୍କୁ ସେମାନଙ୍କ ପ୍ରସ୍ତୁତ ହୋଇ ରହିଥିବା ସମ୍ବାଦ ପ୍ରାପ୍ତ ହେଲା, ସେ ଏହାର ସତ୍ୟତା ଜାଣିବା ସକାଶେ କେତେକ ଲୋକଙ୍କୁ ପଠାଇଲେ । ଏହି ବ୍ୟକ୍ତିମାନେ ଘଟଣାଟି ସତ୍ୟ ବୋଲି ମୁହମ୍ମଦ[ସଅ]ଙ୍କୁ ଜଣାଇଲେ । ହଜରତ ମୁହମ୍ମଦ[ସଅ] ସ୍ଥିର କଲେ ଯେ ସେ ସ୍ୱୟଂ ଏହି ଯୁଦ୍ଧର ନେତୃତ୍ୱ

ନେବେ ଓ ସେମାନଙ୍କ ଆକ୍ରମଣର ସମ୍ମୁଖୀନ ହେବେ । ଏକ ସେନା ଦଳ ପ୍ରସ୍ତୁତ କରି ସେ ବନି ମୁସ୍ତଲିକ୍ ଅଭିମୁଖେ ଯୁଦ୍ଧ ଅଭିଯାନ ଆରମ୍ଭ କଲେ । ଯୁଦ୍ଧ କ୍ଷେତ୍ରରେ ପରସ୍ପର ମୁହାଁମୁହିଁ ହେବା ପରେ ସେମାନେ କିପରି ଯୁଦ୍ଧ ନ କରି ପଛକୁ ହଟିଯିବେ, ସେଥିପାଇଁ ହଜରତ ମୁହମ୍ମଦ[ସଅ] ପ୍ରୟାସ କଲେ । କିନ୍ତୁ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଲେ । ଏହାପରେ ଯୁଦ୍ଧ ହେଲା ଓ ଶତ୍ରୁପକ୍ଷଙ୍କୁ ପରାଜୟର ମୁଖ ଦେଖିବାକୁ ପଡିଲା ।

ଯେହେତୁ ମକ୍କାର ବିଧର୍ମୀଗଣ ମୁସଲମାନମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଦୃଢ ପରିକର ଥିଲେ ତଥା ଅନେକ ମିତ୍ରଗୋଷ୍ଠୀ ମଧ୍ୟ ଶତ୍ରୁ ହୋଇଗଲେ, ସେଥିପାଇଁ ଧୋକା ଦେଉଥିବା ମୁନାଫିକ୍ ଯେଉଁମାନେ ମୁସଲମାନମାନଙ୍କ ସହିତ ପକ୍ଷଭୁକ୍ତ ହୋଇ ରହିଥିବାର ଅଭିନୟ କରୁଥିଲେ, ସେମାନେ ମଧ୍ୟ ଏହି ଅବସରରୁ ଲାଭ ଉଠାଇବାକୁ ସାହାସ ବାନ୍ଧିଲେ ଯେ ସେମାନେ ମୁସଲମାନମାନଙ୍କ ସହିତ ଯୁଦ୍ଧରେ ଅଂଶ ଗ୍ରହଣ କରିବେ । ଏହାଦ୍ୱାରା ସେମାନେ ଯୋଜନା କରିଥିଲେ ଯେ ମୁସଲମାନମାନଙ୍କୁ କ୍ଷତି ପହଞ୍ଚାଇବାର ସେମାନଙ୍କୁ ଅବସର ମିଳିଯିବ । କିନ୍ତୁ ବନି ମୁସ୍ତଲିକ୍‌ଙ୍କ ସହିତ ହୋଇଥିବା ଯୁଦ୍ଧ ମାତ୍ର କେତେ ଘଣ୍ଟା ମଧ୍ୟରେ ସମାପ୍ତ ହୋଇଗଲା । ଏହି ଯୁଦ୍ଧରେ ମୁନାଫିକ୍ ଗୋଷ୍ଠୀଙ୍କୁ ଉପଦ୍ରବ କରିବାର କୌଣସି ସୁଯୋଗ ମିଳି ପାରିଲା ନାହିଁ । ଏହାପରେ ବନି ମୁସ୍ତଲିକ ବସ୍ତିରେ ସେ କିଛି ଦିନ ଅବସ୍ଥାନ କରିବା ପାଇଁ ସ୍ଥିର କଲେ । ତାଙ୍କର ସେଠାରେ ଅସ୍ଥାୟୀ ରହଣୀ କାଳରେ କୂଅରୁ ପାଣି କାଢିବାକୁ ନେଇ ମକ୍କାରୁ ଆସିଥିବା ମୁହାଜେରିନ୍ ଏବଂ ମଦିନାର ଅନସାର୍‌ମାନଙ୍କର ଦୁଇପକ୍ଷର ଲୋକଙ୍କ ମଧ୍ୟରେ ଝଗଡା ହୋଇଗଲା । ମକ୍କାର ଲୋକଟି ସଂଯୋଗବଶତଃ କ୍ରୀତଦାସରୁ ମୁକ୍ତ ସେହି ବ୍ୟକ୍ତି ଥିଲା, ଯିଏ ମଦିନାର ମୁସଲମାନଙ୍କ ସହିତ ମାରପିଟ କରିବାକୁ ଲାଗିଲା । ଫଳରେ ବିବାଦଗ୍ରସ୍ତ ସେହି ମଦିନାର ବ୍ୟକ୍ତିଜଣକ ମଦିନାର ସମସ୍ତ ଅନସାର୍ ଭାଇମାନଙ୍କୁ ଡାକିଲା । ସେହିପରି ମକ୍କାନିବାସୀ ମୁସଲମାନଜଣକ ମଧ୍ୟ ନିଜର ସମସ୍ତ ମୁହାଜେରିନ୍‌ଙ୍କୁ ଡାକି ଏକତ୍ର କଲା । ଏହା ଦ୍ୱାରା ଉଭୟ ପକ୍ଷଙ୍କ ପରସ୍ପର ମଧ୍ୟରେ ଉତ୍ତେଜନା ବ୍ୟାପିଗଲା । କିନ୍ତୁ କେହି ଜାଣିବାକୁ ଚେଷ୍ଟା କଲେ ନାହିଁ ଯେ ପ୍ରକୃତ ଘଟଣାଟି କଣ ? ଦୁଇପକ୍ଷର ଯୁବକମାନେ ତରବାରୀ ବାହାର କରି ସଂଘର୍ଷ କରିବାକୁ ଆଗେଇ ଆସିଲେ । ମୁନାଫିକ୍‌ମାନଙ୍କ ନେତା ଅବ୍ଦୁଲ୍ଲା ବିନ୍ ଉବୟ ବିନ୍ ସଲୁଲ୍ ଭାବିଲା ଯେ ଏହି ସୁଯୋଗ ପ୍ରଭୁଙ୍କ ତରଫରୁ ତାକୁ ମିଳି ଯାଇଛି । ସେ ଜଳନ୍ତା ଅଗ୍ନିରେ ଘୃତ ଢ଼ାଳିବା ସଦୃଶ କଳି ବଢାଉବୀ ପାଇଁ ଇଚ୍ଛା କଲା । ସେ ମଦିନାବାସୀଙ୍କୁ ଉତ୍ତେଜିତ କରି କହିଲା 'ଏହି

ମୁହାଜେରିନ୍ ପ୍ରତି ତୁମମାନଙ୍କ ସହାନୁଭୂତି ସମସ୍ତ ସୀମାକୁ ପାରି କରି ସାରିଲାଣି । ତୁମର ସଦ୍ ବ୍ୟବହାର ସେମାନଙ୍କ ମୁଣ୍ଡକୁ ବିଗାଡ଼ି ଦେଇଛି । ଏମାନେ ଦିନକୁ ଦିନ ତୁମ ମୁଣ୍ଡ ଉପରେ ବସିବାରେ ଲାଗିଛନ୍ତି । ଏହି କଟାକ୍ଷପୂର୍ଣ୍ଣ ଭାଷଣର ପ୍ରଭାବ ଝଗଡାକୁ ବଢାଇ ଦେବାସ୍ଥିତିକୁ ଯାଇଥିଲା ଯାହା ଅବଦୁଲ୍ଲା ବିନ୍ ଉବୟ ବିନ୍ ସୁଲୁଲ୍ ଚାହୁଥିଲା । କିନ୍ତୁ ତାହା ଫଳ ପ୍ରତି ହେଲା ନାହିଁ । ସେ ଭାବିଥିଲା ଯେ ତା'ର ସେହି ଉତ୍ତେଜକ ଭାଷଣ ଅନସାର୍‌ମାନଙ୍କ ଉପରେ ବିଶେଷ ଭାବରେ ପ୍ରଭାବ ପକାଇବ । ତେଣୁ ସେ ଦୁଷ୍ଟାମିରେ ଆଉ ପାଦେ ଆଗେଇ ଯାଇ କହିଲା 'ଏଠାରୁ ଫେରି ପ୍ରଥମେ ଆମେ ମଦିନାରେ ପହଞ୍ଚି ଯାଉ, ତା'ପରେ ପୁଣି ସେଠାରେ ଯେଉଁ ବ୍ୟକ୍ତି ଅତ୍ୟନ୍ତ ସମାଦୃତ ଓ ସମ୍ମାନଯୋଗ୍ୟ ଥିରେ, ସେ ଅତ୍ୟନ୍ତ ତିରସ୍କୃତ ଓ ଅସମ୍ମାନୀୟ ବ୍ୟକ୍ତିକୁ ବାହାର କରିଦେବ ।' ଏହାଦ୍ୱାରା ସେ ସୂଚାଇ ଦେବାକୁ ଚାହୁଥିଲା ଯେ ସେ ହେଉଛି ସମ୍ମାନସ୍ପଦ ବ୍ୟକ୍ତି ଓ ହଜରତ ମୁହମ୍ମଦ[ସଅ] ଜଣେ ଅସମ୍ମାନୀୟ ବ୍ୟକ୍ତି । ଯେମିତି ଏହି ଶବ୍ଦ ତା' ମୁହଁରୁ ବାହାରିଲା, ବିଶ୍ୱାସକାରୀଙ୍କ ସମ୍ମୁଖରେ ତା'ର ବାସ୍ତବିକତା ଜଣା ପଡ଼ିଗଲା । ସେମାନେ କହିଲେ 'ଏହା କୌଣସି ସାଧାରଣ କଥା ନୁହେଁ, ବରଂ ଶୈତାନର କଥନ, ଯିଏ ଆମକୁ ପଥଭ୍ରଷ୍ଟ କରାଉଛି ।' ତହୁଁ ଜଣେ ଯୁବକ ଠିଆ ହେଲେ ଓ ନିଜର ପିତୃବ୍ୟଙ୍କ ମାଧ୍ୟମରେ ଏହି ସୂଚନା ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ପହଞ୍ଚାଇ ଦେଲେ । ଏହି ସୂଚନା ପାଇ ସେ ଅବଦୁଲ୍ଲାଃ ବିନ୍ ଉବୟ ବିନ୍ ସୁଲୁଲ୍ ଓ ତାଙ୍କ ସାଥୀମାନଙ୍କୁ ଡାକି ପଠାଇଲେ ଓ ପଚାରିଲେ 'କଥା କ'ଣ ହୋଇଛି ?' ଅବଦୁଲ୍ଲାଃ ଓ ତା'ର ସାଥୀମାନେ ସଫା ସଫା ମନା କରି କହିଲେ 'ଯେଉଁ ଘଟଣାରେ ଆମକୁ ସମ୍ପୃକ୍ତ କରାଯାଇଛି, ତାହା ମୂଳରୁ ଘଟିନାହିଁ ।' ଏହା ଶୁଣି ସେ ଅବଶ୍ୟ କିଛି କହିଲେ ନାହିଁ, କିନ୍ତୁ ସତ୍ୟ ପ୍ରଘଟ ହୋଇଗଲା । କିଛି ସମୟ ମଧ୍ୟରେ ଅବଦୁଲ୍ଲାଃ ବିନ୍ ଉବୟ ବିନ୍ ସୁଲୁଲ୍‌ର କଥା ତା'ର ନିଜ ପୁତ୍ର ଅବଦୁଲ୍ଲାଃଙ୍କ ନିକଟରେ ପହଞ୍ଚିଗଲା । ସେ ସେହି ମୁହୂର୍ତ୍ତରେ ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ବାପା ଆପଣଙ୍କ ପ୍ରତି ଅବଜ୍ଞା କରିଛନ୍ତି ଓ ଆପଣଙ୍କୁ ଅପମାନିତ କରିଛନ୍ତି । ମୃତ୍ୟୁ ହିଁ ଏହାର ଶାସ୍ତି । ମୋତେ ଆଦେଶ ଦିଅନ୍ତୁ, ମୁଁ ମୋ ବାପାଙ୍କ ଶୀର ଛେଦନ କରିବି । ଯଦି ଆପଣ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଆଦେଶ ଦେବେ ଓ ମୋ ପିତା ତାଙ୍କ ହାତରେ ମରିବ, ତା'ହେଲେ ଏହା ହୋଇପାରେ ଯେ ସେ ବ୍ୟକ୍ତିଙ୍କୁ ହତ୍ୟା କରି ମୋର ପିତାର ପ୍ରତିଶୋଧ ନେବି । ଯଦ୍ୱାରା ପ୍ରଭୁଙ୍କ ଅସନ୍ତୋଷର କାରଣ ହେବି ।' ହଜରତ ମୁହମ୍ମଦ[ସଅ] କହିଲେ, 'ମୋର ତୁମ ପିତାଙ୍କ ପ୍ରତି ସେମିତି ପ୍ରତି ହିଂସାର ମନୋଭାବ ନାହିଁ । ମୁଁ ତାଙ୍କ ସହିତ ଦୟା ଓ ସହାନୁଭୂତିର ବ୍ୟବହାର

କରିବି ।' (ଇବ୍‌ନେ ହିଶାମ୍, ୨ୟ ଖଣ୍ଡ, ପୃଷ୍ଠା ୧୬୯) ଯେବେ ଅବଦୁଲ୍ଲାଃ ନିଜ ପିତାର ବିଶ୍ୱାସଘାତକତା ଓ କଟୁକ୍ତି ସହିତ ମୁହମ୍ମଦ[ସଅ]ଙ୍କର ତାଙ୍କ ପ୍ରତି ରହିଥିବା ଅନୁରାଗ ଓ ସହାନୁଭୂତିକୁ ତୁଳନା କଲା, ତାହାର ଧର୍ମଭାବ ଏବଂ ବିଶ୍ୱାସ ଆହୁରି ପ୍ରଶସ୍ତ ହୋଇଗଲା ଓ ତା'ର ପିତାଙ୍କ ବିରୁଦ୍ଧରେ କ୍ରୋଧ ଆହୁରି ବଢ଼ିଗଲା । ଯେତେବେଳେ ମୁସଲମାନ ସୈନ୍ୟବାହିନୀ ନଦୀ ନିକଟରେ ପହଞ୍ଚିଲା, ସେ ଆଗକୁ ବଢି ପିତାଙ୍କ ବାଟ ଓ ଗାଳି କହିଲା, 'ସେ ପର୍ଯ୍ୟନ୍ତ ମୁଁ ତୁମକୁ ମଦିନାରେ ପ୍ରବେଶ କରାଇ ଦେବି ନାହିଁ, ଯେ ପର୍ଯ୍ୟନ୍ତ ତୁମେ ସେହି ବାକ୍ୟକୁ ଫେରାଇ ନନେବ ଯାହା ତୁମେ ହଜରତ ମୁହମ୍ମଦ[ସଅ]ଙ୍କ ବିରୁଦ୍ଧରେ ପ୍ରୟୋଗ କରିଥିଲ । ଯେଉଁ ମୁହଁରୁ ବାହାର କରିଥିଲ ଯେ ଅଲ୍ଲାଃଙ୍କ ରସୁଲ୍ ଅସମ୍ମାନୀୟ ଆଉ ତୁମେ ସମ୍ମାନସ୍ପଦ ବ୍ୟକ୍ତି, ସେହି ମୁହଁରେ ଏବେ କହିବ ଯେ ତୁମେ ଜଣେ ଅସମ୍ମାନୀୟ ବ୍ୟକ୍ତି ଓ ହଜରତ ମୁହମ୍ମଦ[ସଅ] ଜଣେ ଅତି ସମ୍ମାନସ୍ପଦ ବ୍ୟକ୍ତି ।' ପୁତ୍ରର ଏକଥା ଶୁଣି ଅବଦୁଲ୍ଲାଃ ବିନ୍‌ଉବୟ ବିନ୍ ସୁଲୁଲ୍ ହତବାକ୍ ହୋଇ ରହିଗଲା । ଅତ୍ୟନ୍ତ ଭୟଭୀତ ହୋଇ କହିଲା, 'ପୁଅ, ମୁଁ ତୁମ କଥାରେ ସହମତି ପ୍ରକାଶ କରୁଛି ଯେ ମୁହମ୍ମଦ[ସଅ] ଅତି ସମ୍ମାନସ୍ପଦ ଓ ଗୌରବଶାଳୀ ବ୍ୟକ୍ତି, ମାତ୍ର ମୁଁ ଜଣେ ନିକୃଷ୍ଟତର ଓ ଅପମାନିତ ବ୍ୟକ୍ତି ।' ଯୁବକ ଅବୁଦଲ୍ଲାଃ ଏହାପରେ ତା'ର ବାପାକୁ ଛାଡ଼ି ଦେଇଥିଲା । (ତବ୍‌କାଆତ କିବର୍ ଲିବ୍‌ନେ ସାଆଦ୍, ଭାଗ ୨, ପୃଷ୍ଠା ୪୬)

## ମଦିନା ଉପରେ ଆରବୀୟଙ୍କ ଚଢ଼ାଉ ଓ ଖନ୍ଦକ ଯୁଦ୍ଧ

ଏହା ପୂର୍ବରୁ ମଦିନାର ଇହୁଦି ସଂପ୍ରଦାୟରେ ଦୁଇଗୋଷ୍ଠୀ ସମ୍ବନ୍ଧରେ ଆଲୋଚନା କରାଯାଇଛି । ଯେଉଁମାନେ ଯୁଦ୍ଧ, ଉପଦ୍ରବ, ହିଂସା, ଉତ୍ପାତ ଓ ହତ୍ୟା ଷଡଯନ୍ତ୍ରର ଯୋଜନା କାରଣରୁ ମଦିନାରୁ ନିର୍ବାସିତ ହୋଇଥିଲେ, ତାଙ୍କ ମଧ୍ୟରେ ବନୁ ନଜିର୍ ଗୋଷ୍ଠୀର କେତେକ ବ୍ୟଦ୍ଧ ସିରିୟା ଦେଶ ଆଡ଼କୁ ପଳାୟନ କରିଥିଲେ ଓ ଅନ୍ୟ କେତେକ ଲୋକେ ମଦିନାର ଉତ୍ତର ଦିଗରେ ଥିବା ଖୈବର ନାମକ ଏକ ସହରକୁ ପଳାୟନ କରିଥିଲେ । ତାହା ଇହୁଦିମାନଙ୍କ ଏକ ବଡ଼ କେନ୍ଦ୍ର ଥିଲା ଓ ସୁରକ୍ଷିତ ଦୁର୍ଗ ଭାବେ ପରିବେଷ୍ଟିତ ଏକ ନଗର ଥିଲା । ବନୁ ନଜିର୍ ଗୋଷ୍ଠୀ ସେଠାରେ ପହଞ୍ଚି ସମସ୍ତ ଆରବ ଜଗତକୁ ମୁସଲମାନଙ୍କ ବିରୁଦ୍ଧରେ ପ୍ରରୋଚିତ କରିବାକୁ ଲାଗିଲା । ମକ୍କାବାସୀଙ୍କ ହୃଦୟରେ ମୂଳରୁ ତ ପ୍ରତିହିଂସାର ଜ୍ୱାଳା ହୁତହୁତ ହୋଇ ଜଳୁଥିଲା । ତାହାକୁ ଅଧିକ ପ୍ରଜ୍ୱଳିତ କରିବା ପାଇଁ ଅନ୍ୟ ଉତ୍ତେଜନାର ଆବଶ୍ୟକ ନ ଥିଲା । ସେହିପରି ଗତ୍‌ଫାନ ନାମକ ନଜଦ୍‌ର ଗୋଷ୍ଠୀ ଯାହା ଆରବୀୟ ଗୋଷ୍ଠୀ ସମୂହ ମଧ୍ୟରେ ଅତ୍ୟନ୍ତ ପ୍ରଭାବଶାଳୀ ଓ ପ୍ରତିଷ୍ଠା ରଖିଥିଲା ସେ ମଧ୍ୟ ମକ୍କାର ବିଧର୍ମୀମାନଙ୍କ

ସହିତ ବଂଧୁତା ଯୋଗୁଁ ଇସଲାମର ଶତ୍ରୁତାରେ ଆଗଭର ହୋଇ ରହୁଥିଲା । ଏବେ ଇହୁଦିମାନେ ମକ୍କାର କୁରୈଶ୍ ଓ ନଜଦ୍‌ର ଗତଫାନ୍ ଗୋଷ୍ଠୀଙ୍କୁ ଉତ୍ତେଜିତ କରିବାରେ ସଫଳ ହେବା ସହିତ ବନୁ ସଲିମ୍ ଓ ବନୁ ଅସଦ୍ ନାମକ ଦୁଇଟି ଅନ୍ୟ ଶକ୍ତିଶାଳୀ ଗୋଷ୍ଠୀଙ୍କୁ ମଧ୍ୟ ମୁସଲମାନମାନଙ୍କ ବିରୁଦ୍ଧରେ କ୍ରୋଧିତ କରିବା ଆରମ୍ଭ କରିଦେଲେ । ସେହିପରି ଇହୁଦିମାନଙ୍କୁ ସମର୍ଥନ କରୁଥିବା ବନୁ ଅସଦ୍ କବିଲାକୁ ମଧ୍ୟ ସେମାନେ ମକ୍କାର ବିଧର୍ମୀମାନଙ୍କ ସହିତ ସହଯୋଗର ହାତ ବଢାଇବା ପାଇଁ ପ୍ରସ୍ତୁତ କରାଇଲେ । ଏହିପରି ଏକ ଦୀର୍ଘ ପ୍ରସ୍ତୁତି ପରେ ମକ୍କାର ପାଶ୍ୱବର୍ତ୍ତୀ ଅଞ୍ଚଳରେ ରେ ବସବାସ କରୁଥିବା ଗୋଷ୍ଠୀ ସମୂହ ମଧ୍ୟ ଏଥିରେ ସମ୍ମିଳିତ ହେଲେ । ଯହିଁରେ ନଯଦ୍ ଓ ମଦିନାର ଉତ୍ତର ଦିଗରେ ବସବାସ କରୁଥିବା ଗୋଷ୍ଠୀ ତଥା ଇହୁଦୀମାନେ ମଧ୍ୟ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ । ଏହି ସମସ୍ତ ଗୋଷ୍ଠୀଗୁଡିକ ସଂଗଠିତ ହୋଇ ମଦିନା ଉପରେ ଆକ୍ରମଣ କରିବା ପାଇଁ ଏକ ବିଶାଳ ସେନା ଗଠନ କରିଥିଲେ । ଏହା ମୁସଲିମ୍ ଅବ୍ଦ ସଓ୍ୱାଲ ମାସର ପାଞ୍ଚ ହିଜ୍ରି ବର୍ଷର ଶେଷ ଭାଗରେ ଅର୍ଥାତ୍ ୬୨୭ ମସିହା ଫେବୃୟାରୀ ଓ ମାର୍ଚ୍ଚ ମାସର ଘଟଣା । ଅନେକ ଐତିହାସିକ ଏହି ସୈନ୍ୟବାହିନୀର ସଂଖ୍ୟା ଦଶ ହଜାରରୁ ଚବିଶ ହଜାର ପର୍ଯ୍ୟନ୍ତ ଆକଳନ କରିଛନ୍ତି । ସମଗ୍ର ଆରବ ଜଗତ ଏକତ୍ରିତ ହେବା ଘଟଣାକୁ ଦେଖିଲେ ଚବିଶ ହଜାରର ଆକଳନ ନିର୍ଭୁଲ ଜଣାପଡୁଛି । କିଛି ନହେଲେ ବି ଏହି ସଂଖ୍ୟା ଅନ୍ତତଃ ଅଠର କିମ୍ବା କୋଡ଼ିଏ ହଜାର ନିଶ୍ଚିତ ହୋଇଥିବାର ଅନୁମାନ କରାଯାଉଛି । କିନ୍ତୁ ମଦିନା ଏକ ଅତି ସାଧାରଣ ବସ୍ତି ଥିଲା । ଏପରି ଏକ ଛୋଟ ଗ୍ରାମ ବିରୁଦ୍ଧରେ ସମଗ୍ର ଆରବର ଆକ୍ରମଣ କୌଣସି ସାଧାରଣ ଆକ୍ରମଣ ନଥିଲା । ମଦିନାର ସମସ୍ତ ପୁରୁଷଙ୍କୁ ଏକତ୍ରୀତ କଲେ (ଯେଉଁମାନଙ୍କ ମଧ୍ୟରେ ଶିଶୁ, ଯୁବକ ଓ ବୃଦ୍ଧ ଅନ୍ତର୍ଭୁକ୍ତ ଥିଲେ) ତା'ର ସମୁଦାୟ ସଂଖ୍ୟା ତିନି ହଜାରରୁ ଉର୍ଦ୍ଧ୍ୱ ନଥିଲା । ଏହାର ବିପରୀତରେ ଶତ୍ରୁ ସେନାଙ୍କ ସଂଖ୍ୟା କୋଡ଼ିଏରୁ ଚବିଶ ହଜାର ମଧ୍ୟରେ ଥିଲା । ତା'ଛଡ଼ା ସେମାନେ ସମସ୍ତେ ସଶସ୍ତ୍ର ଯୋଦ୍ଧା ଥିଲେ । ସମସ୍ତ ଯୁବକ ଯୁଦ୍ଧ କରିବାରେ ପାରଙ୍ଗମ ଥିଲେ । କାରଣ ଯଦି ସୁରକ୍ଷା ପାଇଁ ସହର ମଧ୍ୟରେ ରହି ମୁକାବିଲା କରିବା ପ୍ରଶ୍ନ ଉଠୁଛି, ତା'ହେଲେ ସେଥିରେ ବାଳକ ଓ ବୃଦ୍ଧ ଲୋକମାନେ ମଧ୍ୟ ସମ୍ମିଳିତ ହୋଇଯା'ନ୍ତି । କିନ୍ତୁ ଯଦି କୌଣସି ସୁଦୂର ସ୍ଥାନକୁ ଏହି ସେନା ଶତ୍ରୁ ଉପରେ ଚଢାଉ କରିବାକୁ ଯିବେ, ସେଥିରେ କେବଳ ନବୀ ଯୁବକ ଓ ବଳବାନ ପୁରୁଷମାନେ ରହିବାକଥା । ଏଥିରୁ ସୁସ୍ପଷ୍ଟ ଯେ କାଫିର୍‌ମାନଙ୍କ ସଂଗଠିତ ଶତ୍ରୁ ସେନା ମଧ୍ୟରେ କୋଡ଼ିଏ କି ପଚିଶ ହଜାର ଯେତେ ସଂଖ୍ୟକ ଲୋକ ରହିଥିଲେ, ସେମାନେ ସମସ୍ତେ ଶକ୍ତିଶାଳୀ ଯୁବକ ଓ ଅଭିଜ୍ଞ

ସେନା ଥିଲେ । କିନ୍ତୁ ଏହା ତୁଳନାରେ ମଦିନାର ସମସ୍ତ ପୁରୁଷଙ୍କ ସଂଖ୍ୟା ଓ ବିକଳାଙ୍ଗ ମାନଙ୍କୁ ମିଶାଇ ତିନି ହଜାର ପାଖାପାଖି ଥିଲା । ତୁଳନାତ୍ମକ ବିବରଣୀ ଅନୁସାରେ ଯଦି ମଦିନାର ସୈନ୍ୟସଂଖ୍ୟା ତିନି ହଜାର ବୋଲି ଧରାଯାଏ, ତା'ହେଲେ ଯୁଦ୍ଧକରିବା କ୍ଷମତାଦୃଷ୍ଟିରୁ ଶତ୍ରୁଙ୍କ ସଂଖ୍ୟା ଚାଳିଶ ହଜାର ବୋଲି ମାନି ନେବାକୁ ପଡିବ । କିନ୍ତୁ ଯଦି ଶତ୍ରୁଙ୍କ ସଂଖ୍ୟା କୋଡ଼ିଏ ହଜାର ବୋଲି ଧରାଯିବ, ତା'ହେଲେ ମୁସଲମାନ ସୈନ୍ୟସଂଖ୍ୟା କେବଳ ଦେଢ ହଜାର ବୋଲି ବୁଝିବାକୁ ହେବ । ସୁତରାଂ ଶତ୍ରୁଙ୍କ ଏହି ବିଶାଳ ସେନା ଏକତ୍ରିତ ହେବାର ସୂଚନା ଯେତେବେଳେ ମୁହମ୍ମଦ ରସୁଲୁଲ୍ଲା[ସଅ]ଙ୍କୁ ମିଳିଲା, ସେ ସମସ୍ତ ମଦିନାବାସୀଙ୍କୁ ଠୁଳ କରି ସେମାନଙ୍କ ପରାମର୍ଶ ଲୋଡ଼ିଲେ ଯେ ଏପରି ସ୍ଥିତିରେ କ'ଣ କରା ଯାଇପାରେ । ଅନୁଚରମାନଙ୍କ ମଧ୍ୟରେ ଜନୈକ ସାହାବୀ ସଲମାନ୍ ଫାରସୀ (ପାରସ୍ୟରୁ ଆସିଥିବା ସର୍ବପ୍ରଥମ ଦୀକ୍ଷାଧାରୀ ମୁସଲମାନ)ଙ୍କୁ ସେ ପ୍ରଶ୍ନ କଲେ 'ତୁମ ଦେଶରେ ଏଭଳି ପରିସ୍ଥିତିରେ କଣ କରାଯାଏ ?' ତହୁଁ ସେ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ୍ ! ଯଦି ସହର ଅସୁରକ୍ଷିତ ଥାଏ ଓ ଅଳ୍ପ ସୈନିକ ଥାଆନ୍ତି, ତା'ହେଲେ ଆମ ଦେଶର ଲୋକ ସହର ଚତୁଃପାର୍ଶ୍ୱରେ ଖନ୍ଦକ (ବଡ ବଡ ଖାଇ) ଖୋଳି ତାହା ମଧ୍ୟରେ ଘେରାବନ୍ଦୀ ହୋଇ ରହନ୍ତି । ଅଲ୍ଲାଃଙ୍କ ବାର୍ତ୍ତାବହ[ସଅ] ସଲମାନ[ରଅ]ଙ୍କ ଏହି ପ୍ରସ୍ତାବକୁ ପସନ୍ଦ କଲେ । ମଦିନାର ତିନି ପାର୍ଶ୍ୱ ମଧ୍ୟରୁ ଗୋଟିଏ ପଟେ ଛୋଟ ମୁଣ୍ଡିଆ ଥିଲା, ଦ୍ୱିତୀୟ ପାର୍ଶ୍ୱରେ ବାସଗୃହଗୁଡ଼ିକ ଲଗାଲଗି ହୋଇ ରହିଥିଲା, ଯାହାର ଗଳି ମଧ୍ୟରେ ଶତ୍ରୁ ପ୍ରବେଶ କରି ପାରୁ ନ ଥିଲା । ତୃତୀୟ ଦିଗରେ କେତେକ ବାସଗୃହ, ଉଦ୍ୟାନ ଓ ଅନତି ଦୂରରେ ବନୁ କୁରୈଜା ନାମକ ଇହୁଦି ଗୋଷ୍ଠୀର ଦୁର୍ଗ ଥିଲା । ଯେହେତୁ ଏହି ଗୋଷ୍ଠୀ ମୁସଲମାନମାନଙ୍କ ସହିତ ଏକତାର ସୁତ୍ରରେ ବାନ୍ଧିହୋଇ ରହିବାପାଇଁ ସନ୍ଧିପତ୍ର ସ୍ୱାକ୍ଷର କରିଥିଲା, ତେଣୁ ଏହି ଦିଗଟି ସୁରକ୍ଷିତ ବୋଲି ଧରି ନିଆଗଲା । ଚତୁର୍ଥ ପାର୍ଶ୍ୱଟି ଏକ ଖୋଲା ପ୍ରାନ୍ତର ଥିଲା, ଯେଉଁ ଦିଗରୁ ବିପଦର ଆଶଙ୍କା ରହିଥିଲା । ତେଣୁ ରସୁଲୁଲ୍ଲା[ସଅ] ଏହି ନିଷ୍ପତ୍ତି ଗ୍ରହଣ କଲେ ଯେ ଏହି ଖୋଲା ମଇଦାନ ପଟରେ ଖନ୍ଦକ ବା ଖାଇ ଖୋଦନ କରାଯାଉ, ଯଦ୍ୱାରା ଶତ୍ରୁ ଅଚାନକ ସହର ମଧ୍ୟକୁ ପ୍ରବେଶ କରି ପାରିବ ନାହିଁ । ଦଶ ଗଜ ଲେଖାଏଁ ଖାଇ ଖୋଳିବା ପାଇଁ ଦଶ ଜଣ ଲେଖାଏଁ ଲୋକଙ୍କୁ ନିଯୁକ୍ତ କରାଯାଇ ଥିଲା । ଏହିପରି ଭାବେ ସେ ଏକ ମାଇଲ ଦୀର୍ଘ ଖାଇ ଖୋଳାଇ ପାରିଥିଲେ । ଖାଇ ଖୋଳୁଥିବା ସମୟରେ ଭୂଗର୍ଭରେ ଏକ ବଡ଼ ପଥର ପଡ଼ିଲା, ଯାହାକୁ କେହି ହେଲେ ମଧ୍ୟ ଭାଙ୍ଗି ପାରିଲେ ନାହିଁ । ତାଙ୍କ ବିଶ୍ୱସ୍ତ ଅନୁଚରମାନେ ଏହି ବିଷୟ ତାଙ୍କ ଦୃଷ୍ଟିକୁ ଆଣିଲେ । ସେ ସେହି ସ୍ଥାନକୁ ଗଲେ ଓ କୋଦାଳ ଧରି ସେହି

ପଥର ଉପରେ ଏକ ଶକ୍ତ ପ୍ରହାର କଲେ । କୋଦାଳ ଚୋଟ ଦ୍ୱାରା ଏଥିରୁ ଝଲସାଏ ନିଆଁର ସ୍ଫୁଲିଙ୍ଗ ବାହାରିଲା ଓ ତତ୍‌କ୍ଷଣାତ୍ ତାଙ୍କ ଶ୍ରୀମୁଖରୁ 'ଅଲ୍ଲାଃ ହୋ ଅକବର' (ଅଲ୍ଲା ହିଁ ସର୍ବଶ୍ରେଷ୍ଠ)ର ଶବ୍ଦ ଉଚ୍ଚାରିତ ହେଲା । ପୁନଶ୍ଚ ଦ୍ୱିତୀୟ ଥର ତାହା ଉପରେ ସେ ଚୋଟ ପକାଇଲେ, ପୁଣି ତହିଁରୁ ଆଲୋକ ବିଚ୍ଛୁରିତ ହେଲା । ପୁଣି ସେ ଉଚ୍ଚ ସ୍ୱରରେ କହିଲେ 'ଅଲ୍ଲାଃ ହୋ ଅକବର' (ଅଲ୍ଲା ହିଁ ସର୍ବଶ୍ରେଷ୍ଠ) । ପୁନଶ୍ଚ ତୃତୀୟ ଥର ଯେତେବେଳେ ସେ କୋଦାଳରେ ଚୋଟ ପକାଇଲେ, ସେହିପରି ଝଲସାଏ ଆଲୋକ ବାହାରି ପଥର ଚଟାଣଟି ଖଣ୍ଡ ଖଣ୍ଡ ହୋଇଗଲା । ସେ ପୁନର୍ବାର କହିଉଠିଲେ 'ଅଲ୍ଲାଃ ହୋ ଅକବର' (ଅଲ୍ଲା ହିଁ ସର୍ବଶ୍ରେଷ୍ଠ) । ଅନୁଚରମାନେ ପ୍ରଶ୍ନ କଲେ. 'ହେ ଅଲ୍ଲାଃଙ୍କ ରସୁଲ ! ଆପଣ ତିନିଥର ଅଲ୍ଲାଃ ହୋ ଅକବର କ'ଣ ପାଇଁ କହିଲେ ?' ସେ ଉତ୍ତର ଦେଲେ, 'ପଥର ଚଟାଣ ଉପରେ ଯେଉଁ କୋଦାଳର ପ୍ରହାର ଦ୍ୱାରା ତିନି ଥର ଆଲୋକର ପ୍ରକାଶ ବାହାରିଲା, ସେଥିରେ ଅଲ୍ଲାଃ ମୋତେ ତିନିଥର ଇସଲାମର ଆଗାମୀ ଭବିଷ୍ୟତର ଉନ୍ନତିର ଦୃଶ୍ୟ ଦେଖାଇଲେ । ପ୍ରଥମ ପ୍ରକାଶ ମାଧ୍ୟମରେ ରୋମାନ୍ ସାମ୍ରାଜ୍ୟ ଅନ୍ତର୍ଗତ ସିରିୟା ଦେଶର ରାଜ ପ୍ରାସାଦର ଦୃଶ୍ୟ ଦେଖାଗଲା, ଯାହାର ଚାବିକାଠି ମୋତେ ଦିଆଗଲା । ଦ୍ୱିତୀୟ ଥର ପ୍ରକାଶମାନ ଆଲୋକର ବିଚ୍ଛୁରଣରେ ମଦୟନ୍‌ର ଶ୍ୱେତ ମହଲ ଦୃଷ୍ଟିଗୋଚର ହେଲା ଓ ଇରାନ ସାମ୍ରାଜ୍ୟର ଚାବିକାଠି ମୋତେ ପ୍ରଦାନ କରାଗଲା । ତୃତୀୟ ଥର ଆଲୋକର ପ୍ରକାଶ ମାଧ୍ୟମରେ ସନାଅର ମୁଖ୍ୟ ଫାଟକକୁ ମୋତେ ଦର୍ଶନ କରାଇଦିଆଗଲା ଓ ୟେମନ୍ ଦେଶର ଚାବିକାଠି ମୋତେ ଅର୍ପଣ କରାଗଲା । ସୁତରାଂ ତୁମେମାନେ ଅଲ୍ଲାଃଙ୍କ ପ୍ରତିଶ୍ରୁତି ଉପରେ ଆସ୍ଥା ସ୍ଥାପନ କର । ଶତ୍ରୁ ତୁମର କିଛି ହେଲେ ବିଗାଡି ପାରିବ ନାହିଁ । (ଅଲ ସିରୁତଲ୍ ହଲବିୟ୍ୟଃ, ଭାଗ ୨, ପୃଷ୍ଠା ୨୪୩ ତଥା ଜରକାନୀ, ଭାଗ ୨, ଇବ୍‌ନେ ହିଶାମ୍, ଭାଗ ୨, ପୃଷ୍ଠା ୧୪୦) । ଏତେ ଅଳ୍ପ ସଂଖ୍ୟକ ଲୋକଙ୍କ ପକ୍ଷେ ଫୌଜି ନିୟମାନୁସାରେ ଏତେ ବଡ ଖାଇକୁ ଖୋଳିବା ସମ୍ଭବପର ନଥିଲା । ତଥାପି ଏହି ଖାଇ ଖୋଦନ ହେବା ଅନିର୍ବାର୍ଯ୍ୟ ହୋଇ ପଡିଲା ଯଦ୍ୱାରା ଶତ୍ରୁମାନେ ହଠାତ୍ ପ୍ରବେଶ କରି ପାରିବେ ନାହିଁ । ଅନ୍ୟଥା ଏହି ଖାଇକୁ ଅତିକ୍ରମ କରିବା କେବେ ଅସମ୍ଭବ ନଥିଲା । ସୁତରାଂ ଏବେ ଯେଉଁ ଘଟଣା ବର୍ଣ୍ଣନା କରାଯିବ, ସେଥିରୁ ଏହି କଥା ସିଦ୍ଧ ହେଉଛି । ଶତ୍ରୁ ମଧ୍ୟ ମଦିନାର ଭୌଗୋଳିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଖୋଲା ଯାଇଥିବା ଗାଇ ପାର୍ଶ୍ୱରୁ ଆକ୍ରମଣର ଯୋଜନା କରି ସମର ସଜ୍ଜା କରୁଥିଲା । ଶତ୍ରୁର ବିଶାଳ ସୈନ୍ୟବାହିନୀ ଏହି ଦିଗରୁ ପ୍ରବେଶ କରିବା ପାଇଁ ଅଗ୍ରସର ହେଲା । ଇତି ମଧ୍ୟରେ ଅଲ୍ଲାଃଙ୍କ ରସୁଲଙ୍କୁ ଏହି ସୂଚନା ମିଳିଗଲା । ସେ କେତେକ ଲୋକଙ୍କୁ ସହରର ଅନ୍ୟ ଭାଗରେ ସୁରକ୍ଷା

ପାଇଁ ନିଯୁକ୍ତ କରିଦେଲେ । ଅବଶିଷ୍ଟ ଲୋକଙ୍କୁ ସାଥିରେ ନେଇ ଖାଇପଟର ସୁରକ୍ଷା ପାଇଁ ଚାଲିଗଲେ, ଯେଉଁମାନଙ୍କ ସଂଖ୍ୟା ପ୍ରାୟ ବାରଶହ ଥିଲା ।

## ଖନ୍ଦକ ଯୁଦ୍ଧ ସମୟରେ ଇସଲାମୀ ସେନାଙ୍କ ପ୍ରକୃତ ସଂଖ୍ୟା

ଏହି ଯୁଦ୍ଧରେ ଭାଗ ନେଇଥିବା ମୁସଲମାନ ସୈନ୍ୟଙ୍କ ପ୍ରକୃତ ସଂଖ୍ୟା କେତେ ସେ ସଂକ୍ରାନ୍ତରେ ଐତିହାସିକମାନଙ୍କ ମଧ୍ୟରେ ମତଭେଦ ରହିଛି । କେତେକ ବ୍ୟକ୍ତି ଏହି ସେନାଙ୍କ ସଂଖ୍ୟା ତିନି ହଜାର ଲେଖିଛନ୍ତି । ଅନ୍ୟ କେତେକଙ୍କ ମତରେ ଏହା ବାର-ତେର ଶହ ବୋଲି କହୁଥିବା ବେଳେ ଅନ୍ୟ କେହି ଏହାକୁ ସାତ ଶହ ବୋଲି ମଧ୍ୟ କହନ୍ତି । ଏଥିରେ ଏତେ ବଡ ମତ ପାର୍ଥକ୍ୟ ରହିଛି ଯେ ଯାହାକୁ ବ୍ୟାଖ୍ୟା କରିବା କଷ୍ଟକର ବିଷୟ । ଐତିହାସିକମାନେ ମଧ୍ୟ ଏହାର ସମାଧାନ କରି ପାରି ନାହାନ୍ତି । କିନ୍ତୁ ମୁଁ ଏହାର ବାସ୍ତବିକ ରୂପରେଖ ପାଇ ଯାଇଛି । ବାସ୍ତବରେ ଏହି ତିନି ପ୍ରକାର ସଂଖ୍ୟାର ମତାମତ ସମ୍ପୂର୍ଣ୍ଣ ଠିକ୍ ବୋଲି ଜଣାପଡେ । ଆଗରୁ କୁହାଯାଇଛି ଯେ ଉହଦ୍ ଯୁଦ୍ଧ ସମୟରେ ମୁନାଫିକ୍ (କପଟ ବିଶ୍ୱାସୀ) ଲୋକମାନେ ଯୁଦ୍ଧକୁ ପ୍ରତ୍ୟାହାର କରି ଚାଲିଯିବା ଯୋଗୁଁ ମୁସଲମାନ ସୈନ୍ୟଙ୍କ ସଂଖ୍ୟା କେବଳ ସାତ ଶହ ଉପରେ ଆଧାରିତ ଥିଲା । ଅହଜାବ୍ (ଖାଇ ଯୁଦ୍ଧ) ଏହାର ଦୁଇବର୍ଷ ପରେ ସଂଘଟିତ ହେଲା । ଏହି ଅବଧିରେ କୌଣସି ବଡ ଗୋଷ୍ଠୀ ଇସଲାମ ଗ୍ରହଣ କରି ମଦିନାରେ ବାସ କରି ନଥିଲା । ଏଣୁ ସାତ ଶହ ବିଶିଷ୍ଟ ଏହି ସଂଖ୍ୟା ହଠାତ୍ ତିନି ହଜାରକୁ ପହଞ୍ଚିବା ଅନୁମାନର ବିପରୀତ ଲାଗୁଛି । ଦ୍ୱିତୀୟତଃ ଏହା ମଧ୍ୟ ଯୁକ୍ତି ସଂଗତ ନୁହେଁ ଯେ ଇସଲାମର ଉନ୍ନତି ହେବା ସତ୍ତ୍ୱେ ଦୁଇବର୍ଷ ପରେ ମଧ୍ୟ ଉହଦ୍‌ରେ ସାମିଲ ସମାନ ସଂଖ୍ୟକ ଯୁଦ୍ଧ କରିବା ଯୋଗ୍ୟ ମୁସଲମାନ ସେନା ରହିଥିବେ । ଏହି ଦୁଇ ପ୍ରକାରର ଆକଳନ ପରେ ଖାଇ ଯୁଦ୍ଧ ସମୟରେ ଯୁଦ୍ଧ ପାଇଁ ପ୍ରସ୍ତୁତ ବାର ଶହ ସୈନିକ ହିଁ ଥିଲେ ବୋଲି ମତ ପ୍ରକାଶ ପାଇବା ଆପାତତଃ ଠିକ୍ ବୋଲି ଧରାଯାଏ । କିନ୍ତୁ ଏବେ ପ୍ରଶ୍ନ ଉଠୁଛି କେହି ଏହାକୁ ତିନି ହଜାର ଓ ଅନ୍ୟ କେହି ସାତ ଶହ କାହିଁକି ଲେଖିଲେ ? ଏହାର ଉତ୍ତର ହେଉଛି, ଏହି ଦୁଇଟି ଯାକ ସଂଖ୍ୟାଗତ ବର୍ଣ୍ଣନା ଭିନ୍ନ ଭିନ୍ନ ପରିସ୍ଥିତି ଓ ଦୃଷ୍ଟିକୋଣ ଭିତ୍ତିକ କାରଣରୁ କରାଯାଇଛି । ଅହଜାବ୍ ଯୁଦ୍ଧ (ଯାହାକୁ ଖନ୍ଦକ ବା ଖାଇ ଯୁଦ୍ଧ ମଧ୍ୟ କୁହାଯାଏ)କୁ ତିନୋଟି ଭାଗରେ ବିଭକ୍ତ କରାଯାଇ ପାରେ । ଗୋଟିଏ ଭାଗ ଏପରି ଥିଲା, ଯେତେବେଳେ ଶତ୍ରୁ ମଦିନା ଆଡ଼କୁ ଆସି ନଥିଲା ଓ ଖନ୍ଦକ ଖୋଳା ଚାଲିଥିଲା । ଏହି ଭୂମି ଖୋଦନ କାର୍ଯ୍ୟରେ କମ୍ ବୟସ୍କ ପିଲାମାନେ ସାଧାରଣତଃ ମାଟି ବୋହି ଥାଆନ୍ତି ଏବଂ ସ୍ତ୍ରୀ ଲୋକମାନେ ମଧ୍ୟ ଏଥିରେ ନିଜର ସହଯୋଗ

ଦେଇଥାନ୍ତି । ତେଣୁ ଯେଉଁ ପର୍ଯ୍ୟନ୍ତ ଖାଇ ଖୋଳା କାର୍ଯ୍ୟ ଚାଲିଥିଲା, ସେଥିରେ ନିୟୋଜିତ ମୁସଲମାନ ସେନାଙ୍କ ସଂଖ୍ୟା ତିନି ହଜାର ପର୍ଯ୍ୟନ୍ତ ଥିଲା । ଯେଉଁଥିରେ ବାଳକ ସାମିଲ ଥିଲେ ଓ ହଜରତ ମୁହମ୍ମଦ[ସଅ]ଙ୍କ ମହିଳା ଅନୁଚର ବର୍ଗଙ୍କ ତେଜସ୍ୱୀ ଭାବନା ଦେଖି ଆମେ କହିପାରିବା ଯେ କେତେକ ସ୍ତ୍ରୀ ଲୋକ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ସେମାନେ ଖାଇକୁ ନ ଖୋଳିଲେ ମଧ୍ୟ ଅନ୍ୟାନ୍ୟ କାର୍ଯ୍ୟରେ ଅନ୍ତତଃ ସହଯୋଗ କରୁଥିଲେ । ଏହା କେବଳ ମୋର ବ୍ୟକ୍ତିଗତ ଚିନ୍ତାଧାର ନୁହେଁ, ଇତିହାସ ମଧ୍ୟ ଏହି ବିଚାରକୁ ସାବ୍ୟସ୍ତ କରିଛି । ତେଣୁ ଲେଖାଅଛି, ଯେତେବେଳେ ଖାଇ ଖୋଦନ କରିବା ସମୟ ଉପସ୍ଥିତ ହେଲା, ସମସ୍ତ ବାଳକଙ୍କୁ ଏକତୀତ୍ର କରାଗଲା ଓ ସମସ୍ତ ପୁରୁଷ ସେ ବଡ଼ ହୁଅନ୍ତୁ କି ଛୋଟ ହୁଅନ୍ତୁ, ସମସ୍ତେ ଖାଇ ଖୋଳିବାରେ ଲାଗିଥିଲେ କିମ୍ବା ଏହି କାର୍ଯ୍ୟରେ ସହାୟତା କରୁଥିଲେ । ପୁଣି ଯେତେବେଳେ ଶତ୍ରୁ ଆସିଗଲେ ଓ ଯୁଦ୍ଧ ଆରମ୍ଭ ହେଲା ରସୁଲୁଲ୍ଲା[ସଅ] ସମସ୍ତ ୧୫ବର୍ଷ ବୟସ୍କ ବାଳକମାନଙ୍କୁ ଅନୁମତି ଦେଲେ ଯେ ସେମାନେ ଯୁଦ୍ଧ ପାଇଁ ରହି ପାରନ୍ତି କିମ୍ବା ଚାଲି ଯାଇ ପାରନ୍ତି । (ଅଲ୍ ସିରତୁଲ୍ ହଲବିୟା, ଭାଗ ୨, ପୃଷ୍ଠା ୩୪୪)

ଉପରୋକ୍ତ ବର୍ଣ୍ଣନାରୁ ଜଣାପଡ଼େ ଯେ ଖାଇ ଖୋଳାଯିବା ସମୟରେ ମୁସଲମାନଙ୍କ ସଂଖ୍ୟା ଅଧିକ ଥିଲା । କିନ୍ତୁ ଯୁଦ୍ଧ ଆରମ୍ଭ ହେଲା ବେଳକୁ ଏହା କମ୍ ହୋଇଗଲା । କାରଣ ନାବାଳକମାନଙ୍କୁ ଯୁଦ୍ଧ ଭୂମିରୁ ଫେରିଯିବା ପାଇଁ ଆଦେଶ ଦିଆଯାଇ ଥିଲା । ଏଣୁ ଯେଉଁମାନଙ୍କ ମତରେ ଏହି ସଂଖ୍ୟା ତିନିହଜାର ବୋଲି ଦର୍ଶାଯାଇଛି, ତାହା ସେମାନଙ୍କର ଖାଇ ଖୋଳିବା ସମୟର ସଂଖ୍ୟାକୁ ସୂଚାଉଛି, ଯହିଁରେ ଛୋଟ ଛୋଟ ପିଲା ମଧ୍ୟ ସମ୍ମିଳିତ ଥିଲେ । ପୁନଶ୍ଚ ମୁଁ ଯେହେତୁ ଅନ୍ୟାନ୍ୟ ଯୁଦ୍ଧକୁ ବିଚାରକୁ ନେଇ ସୈନ୍ୟ ସଂଖ୍ୟାର ଆକଳନର ପ୍ରୟାସ କରିଛି, ଯେଉଁଥିରେ କେତେକ ମହିଳା ମଧ୍ୟ ସାମିଲ୍ ଥିଲେ । କିନ୍ତୁ ବାରଶହ ସଂଖ୍ୟା ସେହି ସମୟର ଥିଲା, ଯେତେବେଳେ ଯୁଦ୍ଧ ଆରମ୍ଭ ହୋଇଥିଲା ଏବଂ କେବଳ ବୟସ୍କ ପୁରୁଷ ହିଁ ରହିଗଲେ । ବର୍ତ୍ତମାନ ଅନ୍ୟ ଏକ ସଂଖ୍ୟାଗତ ପ୍ରଶ୍ନ ରହିଯାଉଛି, କେବଳ ସାତଶହ ସୈନ୍ୟଙ୍କର । ଏହି ସଂଖ୍ୟାର ବର୍ଣ୍ଣନା ମଧ୍ୟ ଉଚିତ ଦେଖା ଯାଉଛି । ଏହାର ଉତ୍ତର ହେଉଛି, ଏହି ବର୍ଣ୍ଣନାଭିତ୍ତିକ ଇତିହାସ ଲେଖକ ଇବନେ ଇସ୍‌ହାକ୍ ଯିଏକି ଅତ୍ୟନ୍ତ ବିଶ୍ୱସନୀୟ ଭାଷ୍ୟକର ଥିଲେ । ସେହିପରି ପ୍ରସିଦ୍ଧ ଐତିହାସିକ ଇବ୍‌ନେ ହଜ୍‌ମ ମଧ୍ୟ ଏହି ସାତଶହ ସଂଖ୍ୟାକୁ ସମର୍ଥନ କରିଛନ୍ତି । ତେଣୁ ଏହି ସଂଖ୍ୟା ଉପରେ କୌଣସି ସନ୍ଦେହର ଆଶଙ୍କା କରାଯାଇ ନ ପାରେ । ଇତିହାସକୁ ଯଦି ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରାଯାଏ, ତା'ହେଲେ ଏଥିରୁ ସୂଚନା ମିଳୁଛି ଯେ ଇହୁଦି ସମ୍ପ୍ରଦାୟର ବନୁ କୁରୈଜା

ଗୋଷ୍ଠୀ ଶତ୍ରୁମାନଙ୍କ ସହିତ ମିଶିଗଲେ ଓ ମଦିନା ଉପରେ ଅଚାନକ ଆକ୍ରମଣ କରିବାର ଯୋଜନା କଲେ । ଫଳରେ ତାଙ୍କ କଳୁଷିତ ଭାବନାର ରହସ୍ୟ ପ୍ରକଟ ହୋଇଯିବା ଦ୍ୱାରା ମହମ୍ମଦ[ସଅ] ମଦିନାର ସେହି ପାର୍ଶ୍ୱର ସୁରକ୍ଷା ବ୍ୟବସ୍ଥା କରିବା ଆବଶ୍ୟକ ମନେ କଲେ । କାରଣ ସେହିପଟେ ବନୁ କୁରୈଜା ଗୋଷ୍ଠୀ ବସବାସ କରୁଥିଲେ ଓ ପୂର୍ବରୁ ସେମାନଙ୍କ ପକ୍ଷରୁ ସେମାନଙ୍କ କୌଣସି ଭୟର ଆଶଙ୍କା ନଥିଲା । ଯେହେତୁ ସେମାନେ ଆମର ବନ୍ଧୁ ଥିଲେ, ତେଣୁ ଶତ୍ରୁଙ୍କୁ ସେହି ଦିଗରୁ ଆସିବାକୁ ପ୍ରଶୟ ଦେବେ ନାହିଁ ବୋଲି ଆଶା କରାଯାଉଥିଲା । ସେହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମହିଳାମାନଙ୍କୁ ସେପଟେ ଜଗିବା ପାଇଁ କୁହା ଯାଇଥିଲା । ଇତିହାସ ପୃଷ୍ଠାରୁ ଜଣାଯାଏ ଯେ ଯେତେବେଳେ ବନୁ କୁରୈଜା ଗୋଷ୍ଠୀର ହାବଭାବରୁ ଏହା ସୁସ୍ପଷ୍ଟ ହେଲା ଯେ ସେମାନେ ମଧ୍ୟ ବିଦ୍ରୋହ ଆରମ୍ଭ କରି ଦେଇଛନ୍ତି । ତେଣୁ ସେମାନଙ୍କ ଠାରୁ କୌଣସି ସହଯୋଗର ଆଶା କରିବା ବୃଥା । ଏହା ଫଳରେ ଯେଉଁ ମହିଳାମାନଙ୍କୁ ବନୁ କୁରୈଜା ଗୋଷ୍ଠୀଙ୍କ ଦୁର୍ଗ ପଟରେ ରଖାଯାଇଥିଲା, ବର୍ତ୍ତମାନ ସେମାନେ ଅସୁରକ୍ଷିତ ହୋଇ ପଡ଼ିଲେ । ସୁତରାଂ ଦୁଇଟି ସୈନ୍ୟଦଳ ପ୍ରସ୍ତୁତ କରାଯାଇ ମୁହମ୍ମଦ[ସଅ]ଙ୍କ ଆଦେଶ କ୍ରମେ ସ୍ତ୍ରୀ ଲୋକମାନଙ୍କ ସୁରକ୍ଷା ସକାଶେ ସେମାନଙ୍କୁ ଦୁଇ ଭାଗରେ ବିଭକ୍ତ କରି ମୁତୟନ କରାଗଲା । ମୁସଲିମା ବିନ୍ ଅସଲମ୍[ରଅ]ଙ୍କ ନେତୃତ୍ୱରେ ଦୁଇ ଶହ ସୈନିକ ଏବଂ ଜୈଦ୍ ବିନ୍ ହାରିଶ୍[ରଅ]ଙ୍କ ଅଧୀନରେ ତିନିଶହ ସୈନିକ ଯୋଗାଇ ଦେଇ ଦୁଇଟି ସ୍ଥାନରେ ନିଯୁକ୍ତ କରାଗଲା । ସେମାନଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ସେମାନେ ଥରକୁ ଥର 'ଅଲ୍ଲାଃ ହୋ ଅକବର'ର ଉଦ୍‌ଘୋଷ କରିବେ । ତଦ୍ୱାରା ମହିଳାମାନେ ସୁରକ୍ଷିତ ଅଛନ୍ତି ବୋଲି ଜଣା ପଡିବ । ଏହିପରି ଭାବରେ ଐତିହାସିକ ଇବ୍‌ନେ ଇଶ୍‌ହାକ୍‌ଙ୍କ ଏହି ବର୍ଣ୍ଣନରେ ଖନ୍ଦକ ଯୁଦ୍ଧରେ କାହିଁକି ମୁସଲମାନ ସୈନ୍ୟସଂଖ୍ୟା ସାତଶହ ଥିଲା ବୋଲି ସେ କହୁଛନ୍ତି, ତାହାର ସହଜ ସମାଧାନ ସହଜରେ ହୋଇଗଲା । କାରଣ ବାରଶହ ସୈନ୍ୟଙ୍କ ମଧ୍ୟରୁ ଯଦି ପାଞ୍ଚ ଶହଙ୍କୁ ମହିଳାଙ୍କ ସୁରକ୍ଷା ପାଇଁ ପଠାଇ ଦିଆଗଲା, ତା'ହେଲେ ଆଉ ସାତଶହ ରହିଯିବେ । ଏହିପରି ଭାବରେ ଖନ୍ଦକ ଯୁଦ୍ଧର ମୁସଲମାନ ସୈନ୍ୟ ସଂଖ୍ୟା ଆକଳନ ସମ୍ବନ୍ଧରେ ଇତିହାସରେ ଯେଉଁ ବିବାଦ ଉପୁଜିଥିଲା, ତାହାର ନିବାରଣ ହୋଇଗଲା ।

ସାରାଂଶ ହେଉଛି, ଏହି ବିଷମ ସଙ୍କଟମୟ ପରିସ୍ଥିତିରେ ଖାଇର ସୁରକ୍ଷା ପାଇଁ ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ କେବଳ ସାତଶହ ଲୋକ ଉପସ୍ଥିତି ଥିଲେ । ଖାଇ ଖୋଦନ କରିଥିଲେ ସୁଦ୍ଧା ଶତ୍ରୁର ଏଭଳି ବିରାଟ ସୈନ୍ୟବାହିନୀ ତୁଳନାରେ ଏତେ ଅଳ୍ପ ସଂଖ୍ୟକ ଲୋକ ସେମାନଙ୍କୁ ଅଟକାଇବା ଦୁରୂହ ବ୍ୟାପାର ଥିଲା । କିନ୍ତୁ

ଅଲ୍ଲାଃଙ୍କ ଅଲୌଲିକ ସହାୟତାର ସାହାରା ନେଇ ଏହି କ୍ଷୁଦ୍ର ମୁଷ୍ଟିମେୟ ସୈନ୍ୟ ନିଜର ଧର୍ମନିଷ୍ଠା ତଥା ବିଶ୍ୱାସକୁ ପାଥେୟ କରି ଖାଇ ପଛରେ ଶତ୍ରୁର ବିଶାଳ ସେନାବାହିନୀର ପ୍ରତୀକ୍ଷାରେ ରହିଥିଲେ । ମହିଳା ଓ ପିଲାମାନଙ୍କୁ ଦୁଇଟି ଅଲଗା ସ୍ଥାନରେ ଏକତ୍ରୀତ କରି ରଖାଗଲା । ଶତ୍ରୁ ଯେତେବେଳେ ଖାଇ ନିକଟରେ ପହଞ୍ଚି ଗଲେ, ଖାଇ ଭିତ୍ତିକ ପ୍ରତିରକ୍ଷା ଯୋଜନା ସେମାନଙ୍କୁ ନୂଆ ଲାଗିଲା ଓ ତାକୁ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । ଯେହେତୁ ଆରବୀୟମାନଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ନୂଆ କଥା ଥିଲା, ଏଣୁ ସେମାନେ ଖାଇର ଅପର ପାର୍ଶ୍ୱରେ ରହି ନିଜର ଶିବିର ସ୍ଥାପନ କରିବାକୁ ବାଧ ହେଲେ ଏବଂ ଖାଇକୁ ଡ଼େଇଁ ମଦିନା ମଧ୍ୟକୁ ପ୍ରବେଶ କରିବାର ବିକଳ୍ପ ଉପାୟ ଚିନ୍ତା କରିବାକୁ ଲାଗିଲେ ।

## ବନୁ କୁରୈଜାର ବିଶ୍ୱାସଘାତକତା

ଯେହେତୁ ମଦିନାର ଏକ ବୃହତ୍ ଭାଗ ଖନ୍ଦକ ଦ୍ୱାରା ପରିବେଷ୍ଟିତ ହୋଇ ସୁରକ୍ଷିତ ଅବସ୍ଥାରେ ଥିଲା, ତଥା ଅନ୍ୟ ଦିଗମାନଙ୍କରେ ଛୋଟ ମୁଣ୍ଡିଆପାହାଡ଼, ପକ୍କାଗୃହ ଓ କେତେକ ଫଳ ଉଦ୍ୟାନ ଆଦି ଦ୍ୱାରା ଘେରି ହୋଇ ରହିଥିଲା, ସେଥିପାଇଁ ଶତ୍ରୁ ସୈନ୍ୟ ତୁରନ୍ତ ଆକ୍ରମଣ କରି ପାରୁ ନଥିଲା । ତେଣୁ ସେମାନେ ପରାମର୍ଶ କରି ଏକ ଉପାୟ ଚିନ୍ତା କଲେ ଯେ ଯଦି କୌଣସି ପ୍ରକାରେ ମଦିନାରେ ବାକି ରହି ଯାଇଥିବା ଇହୁଦିଙ୍କ ତୃତୀୟ ଗୋଷ୍ଠୀ ବନୁ କୁରୈଜାକୁ ନିଜ ପକ୍ଷରେ ମିଶାଇ ଦେବା ପାଇଁ ଉଦ୍ୟମ କରାଯାଏ, ତା'ହେଲେ ସେହି ଦିଗରୁ ମଦିନା ଭିତରକୁ ପହଞ୍ଚିବା ପାଇଁ ପଥ ସୁଗମ ହେବ । ଏହି ଆଲୋଚନା ପରେ ସେମାନେ ମଦିନାରୁ ନିର୍ବାସିତ ବନୁ ନଜିର୍ ଗୋଷ୍ଠୀର ନେତା ହୁୟି ଇବ୍‌ନେ ଅଖ୍‌ତବ୍ ଯାହାର ପ୍ରରୋଚନାରେ ସମଗ୍ର ଆରବ ଜଗତ ଏକତା ହୋଇ ମଦିନା ଆକ୍ରମଣ କରିଥିଲେ, ତାହା ସହିତ କୁଫ୍‌ଫାରଙ୍କ ସେନାପତି ଅବୁ ସୁଫିୟାନ କଥାବାର୍ତ୍ତା କରିବା ପରେ ବନୁ କୁରୈଜା ଗୋଷ୍ଠୀକୁ ଯେମିତି ହେଲେ ତାଙ୍କ ସହିତ ଯୋଗ ଦେବା ପାଇଁ ସେ ପ୍ରବର୍ତ୍ତାଇଲା । ତେଣୁ ହୁୟି ଇବ୍‌ନେ ଅଖତବ୍ ଇହୁଦିମାନଙ୍କ ଦୁର୍ଗ ଆଡ଼କୁ ଗଲା । ସେ ବନୁ କୁରୈଜା ସହିତ ସାକ୍ଷାତ କରିବା ପାଇଁ ଚାହିବାରୁ ତାକୁ ମନା କରିଦିଆ ଗଲା । କିନ୍ତୁ ସେ ଯେତେବେଳେ ସେମାନଙ୍କୁ ବୁଝାଇଲା ଯେ 'ବର୍ତ୍ତମାନ ସାରା ଆରବ ମୁସଲମାନମାନଙ୍କୁ ନିଶ୍ଚିହ୍ନ କରିବାକୁ ମେଣ୍ଟ ହୋଇ ଆସିଛି ଓ ଏହି କ୍ଷୁଦ୍ର ବସ୍ତିଟି ମିଳିତ ସେନାବାହିନୀର କୌଣସି ପ୍ରକରେ ମୁକାବିଲା କରିପାରିବ ନାହିଁ । ବର୍ତ୍ତମାନ ଯେଉଁ ସୈନ୍ୟବାହିନୀ ମୁସଲମାନମାନଙ୍କ ବିରୁଦ୍ଧରେ ଛିଡା ହୋଇଛି, ତାକୁ ସେନାବାହିନୀ କୁହା ନଯିବା

ଉଚିତ ବରଂ ଏକ ଉତ୍ତାଳ ତରଙ୍ଗାୟିତ ସମୁଦ୍ର ସଦୃଶ ଲମ୍ଫ ପ୍ରଦାନ କରିବାକୁ ଉଦ୍ୟତ ହେଉଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।' ଏହି କଥାର ବଶବର୍ତ୍ତୀ ହୋଇ ବନୁ କୁରୈଜା ଗୋଷ୍ଠୀ ମୁସଲମାନମାନଙ୍କ ସହିତ ପୂର୍ବରୁ ହୋଇଥିବା ଶାନ୍ତି ଚୁକ୍ତି ଭଙ୍ଗ କରିବାରେ ସମର୍ଥ ହୋଇଥିଲା । ଫଳତଃ ବିଶ୍ୱାସଘାତକତା କରିବା ପାଇଁ ସେମାନେ ପ୍ରସ୍ତୁତ ହୋଇଗଲେ । ଏହା ମଧ୍ୟ ସିଦ୍ଧାନ୍ତ ନିଆଗଲା ଯେ ଆରବୀୟ ସୈନ୍ୟମାନେ ଖାଇକୁ ଅତିକ୍ରମ କରିବା ପାଇଁ ଚେଷ୍ଟା କରିବେ ଓ ଯଦି ସେମାନେ ଖାଇ ପାର କରିବାରେ ସଫଳ ହୋଇଯା'ନ୍ତି, ସେତେବେଳେ ବନୁ କରୈଜାର ସୁରକ୍ଷା ବଳୟରେ ରହିଥିବା ମଦିନାର ମୁସଲମାନ ମହିଳା ଓ ଶିଶୁମାନଙ୍କ ଉପରେ ସେହି ପଟରୁ ବନୁ କୁରୈଜା ଗୋଷ୍ଠୀ ପ୍ରତାରଣା ମୂଳକ ଭାବେ ଆକ୍ରମଣ କରିଦେବେ । ଏହି ପ୍ରକାର ଯୋଜନା ଦ୍ୱାରା ମୁସଲମାନମାନଙ୍କ ଶକ୍ତିକୁ ଚୁରମାର କରାଯାଇ ପାରିବ ଓ ଏକା ଥରକେ ସମସ୍ତ ମୁସଲମାନ ପୁରୁଷ, ସ୍ତ୍ରୀ ଓ ପିଲାମାନଙ୍କୁ ମାରିଦିଆ ଯାଇପାରିବ । ଏହା ନିଶ୍ଚିତ କଥା ଯେ ଯଦି ଏହି ଯୋଜନାରେ ଶତ୍ରୁପକ୍ଷକୁ କିଞ୍ଚିତ ସଫଳତା ବି ମିଳିଯାଏ, ତା'ହେଲେ ମୁସଲମାନମାନଙ୍କ ସୁରକ୍ଷା ସକାଶେ ବଞ୍ଚି ରହିବା ପାଇଁ ଆଉ କୌଣସି ସ୍ଥାନ ବାକି ରହି ନ ଥାଆନ୍ତା । ବନୁ କୁରୈଜା ଗୋଷ୍ଠୀ ମୁସଲମାନମାନଙ୍କ ସହିତ ବନ୍ଧୁତାପୂର୍ଣ୍ଣ ଚୁକ୍ତି ଦ୍ୱାରା ଆବଦ୍ଧ ହୋଇଥିଲେ । ଯଦି ସେମାନେ ଏହିପରି ଖୋଲାଖୋଲି ଯୁଦ୍ଧରେ ସମ୍ମିଳିତ ହୋଇ ବିନଥା'ନ୍ତେ, ତେବେ ମଧ୍ୟ ମୁସଲମାନମାନେ ସେମାନଙ୍କ ଠାରୁ ଏହା ଆଶା କରୁଥିଲେ ଯେ ସେମାନଙ୍କ ଦିଗରୁ ଅନୁପ୍ରବେଶ କରି ମଦିନା ଉପରେ କେହି ହେଲେ ଆକ୍ରମଣ କରିପାରିବେ ନାହିଁ। ଏହି କାରଣରୁ ସେହି ପାର୍ଶ୍ୱକୁ ସମ୍ପୂର୍ଣ୍ଣ ରୂପେ ଅସୁରକ୍ଷିତ କରି ଛାଡ଼ି ଦିଆ ଯାଇଥିଲା । ବନୁ କୁରୈଜା ଗୋଷ୍ଠୀ ଓ ଅବିଶ୍ୱାସକାରୀଙ୍କ ମିଳିତ ସୈନ୍ୟଜଳ ଏହିଁ ପରିସ୍ଥିତିକୁ ଲକ୍ଷ୍ୟ କରି ସ୍ଥିର କରିଥିଲେ ଯେ ଯେବେ ବନୁ କୁରୈଜା ଶତ୍ରୁଙ୍କ ସହିତ ମିଶିଗଲେ, ତା'ହେଲେ ପ୍ରତ୍ୟକ୍ଷ ଭାବରେ ସେମାନେ ବିଧର୍ମୀ ସେନାଙ୍କୁ ସହାୟତା ଦେବେ ନାହିଁ । ଯଦ୍ଦ୍ୱାରା ଏପରି ନହେଉ ଯେ ଖୋଲାଖୋଲି ଭାବରେ ସେମାନେ ଯୁଦ୍ଧରେ ଅଂଶଗ୍ରହଣ କରିବା ଦ୍ୱାରା ମୁସଲମାନ ବନୁ କୁରୈଜାର ସେହି କ୍ଷେତ୍ରକୁ ଲାଗିଥିବା ଅଞ୍ଚଳର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରିନେବେ । ଶତ୍ରୁମାନଙ୍କର ଏହି ଯୋଜନା ଅତ୍ୟନ୍ତ ଭୟଙ୍କର ଥିଲା । ମୁସଲମାନମାନଙ୍କୁ ଏହି ବିଷୟରେ ଅନ୍ଧାରରେ ରଖି ତାଙ୍କ ଅସାବଧାନତାରୁ ଲାଭ ଉଠାଇ ବନୁ କୁରୈଜାର ଏପରି ବିପଦଜନକ ସ୍ଥିତିରେ ଶତ୍ରୁଙ୍କ ସହିତ ଯାଇ ମିଶିବା, ଯେଉଁମାନେ ମୁସଲମାନଙ୍କ ଉପରେ ଭୟଙ୍କର ଆକ୍ରମଣ କରିବାକୁ ଉଦ୍ୟତ, ସେପରି ଭୟାନକ ପରିସ୍ଥିତିରେ ମଦିନାର ସେହି ବନୁ କୁରୈଜା ଦୁର୍ଗ ପଟର ସୁରକ୍ଷା ଦେବା

ଅସମ୍ଭବ ମନେ ହେଉଥିଲା । ଏହିପରି ଭାବରେ ମୁସଲମାନମାନଙ୍କ ଉପରେ ଦୁଇପଟରୁ ଆକ୍ରମଣର ସମ୍ଭାବନା ଦେଖାଯିବା ପରେ ମକ୍କାର ମିଳିତ ସେନା ଖାଇ ଉପରକୁ ଆକ୍ରମଣ କରିଦେଲେ । ଶତ୍ରୁମାନେ ପ୍ରଥମେ ପ୍ରଥମେ ତ କିଛି ବୁଝିପାରିଲେ ନାହିଁ ଯେ ଖାଇକୁ କିପରି ପାର କରିବୁ ? କିନ୍ତୁ ଦୁଇ ଚାରି ଦିନ ପରେ ସେମାନେ ଏକ ଉପାୟ କଲେ । ସୁରକ୍ଷାରେ ମୁତୟନ ଥିବା ମୁସଲମାନ ସୈନ୍ୟମାନେ ଯେଉଁମାନେ ଅଳ୍ପ ବ୍ୟବଧାନରେ ବସି ରହି ଖାଇର ସୁରକ୍ଷା କରୁଥିଲେ । ମୁସଲମାନଙ୍କ ଉପରେ ଖାଇର ଅପରପାର୍ଶ୍ୱରୁ ଗୋଟିଏ ଉଚ୍ଚ ସ୍ଥାନରେ ଧନୁଷଧାରୀମାନେ ଛିଡା ହୋଇ ଭୀଷଣ ଭାବେ ତୀର ବର୍ଷଣ କଲେ । ଏହି ତୀର ମାଡ ହେବା ଯୋଗୁଁ ମୁସଲମାନ ସୈନ୍ୟ ଖାଇର ଭିତରପଟରୁ ପଛକୁ ହଟିବା ପାଇଁ ବିବଶ ହେଉଥିଲେ । ସେତେବେଳେ କ୍ଷୀପ୍ର ଗତିଶୀଳ ଉନ୍ନତ ଧରଣର ଅଶ୍ୱା ରୋହୀ ଖାଇ ଉପରକୁ ଲମ୍ଫ ପ୍ରଦାନ କରି ଏହାକୁ ଅତିକ୍ରମ କରିବା ପାଇଁ ପ୍ରୟାସ କରୁଥିଲେ । ଏହିପରି କ୍ରମାଗତ ଭାବେ ତୀର ବୃଷ୍ଟି ଓ ଅଶ୍ୱଚାଳନା ଦ୍ୱାରା ହେଉଥିବା ଆକ୍ରମଣର ପରିଣାମ ସ୍ୱରୂପ ସେମାନେ ଉଦ୍ୟମରତ ଥିଲେ ଯେ କୌଣସି ଏପରି ସ୍ଥାନ ବାହାରିଯିବ, ଯଦ୍ଦ୍ୱାରା ପଦାତିକ ସେନା ସେହି ପଥରେ ପାଦରେ ଚାଲି ଅଧିକ ସଂଖ୍ୟାରେ ଖାଇକୁ ପାର କରିପାରିବେ । ଏହି ଆକ୍ରମଣ ନିରନ୍ତର ଭାବରେ ଏପରି ବ୍ୟାପକ ରୂପେ କରା ଯାଉଥିଲା ଯେ ଅନେକ ଥର ମୁସଲମାନ ସୈନ୍ୟମାନଙ୍କୁ ନିଶ୍ୱାସ ନେବା ପାଇଁ ମଧ୍ୟ ସମୟ ମିଳି ନଥିଲା । ଦିନେ ଏପରି ଜଟିଳ ପରିସ୍ଥିତି ସୃଷ୍ଟି ହେଲା ଯେ ଶତ୍ରୁର ତୀବ୍ର ଆକ୍ରମଣ ଫଳରେ ମୁସଲମାନଙ୍କ ଦ୍ୱାରା କେତେକ ନମାଜ ଠିକ୍ ସମୟରେ ପାଠ କରା ଯାଇପାରିଲା ନାହିଁ । ହଜରତ ମୁହମ୍ମଦ[ସଅ]ଙ୍କ ହୃଦୟରେ ଏହାର ଏପରି ଆଘାତ ପହଞ୍ଚିଲା ଯେ ସେ ବ୍ୟଥିତ ହୋଇ କହି ଉଠିଲେ, 'ହେ ଈଶ୍ୱର ! ଏହି ବିଧର୍ମୀମାନଙ୍କୁ ଶାସ୍ତି ପ୍ରଦାନ କର, ଏମାନେ ଆମ (ଉପାସନା) ନମାଜକୁ ନଷ୍ଟ କରିଛନ୍ତି ।'

(ବୁଖାରୀ, ୨ୟଖଣ୍ଡ, କିତାବୁଲ୍ ମଗାଜି, ଗଜୱ୍ୱାତୁଲ୍ ଖନ୍ଦକ୍)

ଯଦିଚ ମୁଁ ଏହି ବୃତ୍ତାନ୍ତକୁ ଶତ୍ରୁ ଆକ୍ରମଣର ଭୟାବହତା ପ୍ରକାଶ କରିବା ପାଇଁ ବର୍ଣ୍ଣନା କରିଥିଲି, କିନ୍ତୁ ଏହାଦ୍ୱାରା ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଜୀବନ ଚରିତ ଉପରେ ଅତ୍ୟଧିକ ପ୍ରକାଶ ପଡୁଛି । ବିଦିତ ହୁଏ ଯେ ସଂସାରରେ ତାଙ୍କର ଈଶ୍ୱର ଉପାସନା ହିଁ ସବୁଠାରୁ ପ୍ରିୟ ବସ୍ତୁ ଥିଲା । ଏପରି ସ୍ଥିତିରେ ଯେବେ କି ଶତ୍ରୁ ମଦିନାକୁ ଚତୁଃପାର୍ଶ୍ୱରୁ ଘେରି ରଖିଥିଲା, ଯେତେବେଳେ ମଦିନାର ପୁରୁଷ ଲୋକଙ୍କ କଥା ଛାଡ଼ନ୍ତୁ ମହିଳା ଓ ଶିଶୁମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା, ପୁଣି ଯେବେ କି

ପ୍ରତ୍ୟେକ ମୁହୂର୍ତ୍ତରେ ମଦିନାର ଲୋକଙ୍କ ହୃଦୟ ଏହି ଆଶଙ୍କାରେ ଭୀତତ୍ରସ୍ତ ଥିଲା ଯେ ଶତ୍ରୁ କେଉଁ ପଟରୁ କେତେବେଳେ ଆସି ମଦିନା ମଧ୍ୟରେ ପ୍ରବେଶ କରିପାରେ । ଠିକ୍ ସେତିକି ବେଳେ ହିଁ ହଜରତ ମୁହମ୍ମଦ[ସଅ]ଙ୍କ ମନରେ ଏହି ଇଚ୍ଛା ଉଦବେଳିତ ହୋଇଉଠୁଥିଲା ଯେ ନମାଜକୁ କିପରି ଠିକ୍ ସମୟରେ ଓ ଉତ୍ତମ ରୂପେ ସମ୍ପାଦନ କରାଯିବ । ମୁସଲମାନମାନଙ୍କ ଉପାସନା ପଦ୍ଧତି ଇହୁଦୀ, ଖ୍ରୀଷ୍ଟିୟାନ୍ ଓ ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କ ପରି ସାପ୍ତାହିକ ବା ଗୋଟିଏ ଦିନ ପାଇଁ ହୁଏ ନାହିଁ । ବରଂ ସେମାନଙ୍କ ଉପାସନା ଦୈନିକ ପାଞ୍ଚବେଳା ହୋଇଥାଏ । ଏହିପରି ସଙ୍କଟପୂର୍ଣ୍ଣ ଯୁଦ୍ଧକାଳୀନ ପରିସ୍ଥିତିରେ ପାଞ୍ଚବେଳା ତ ଦୂରେ ଥାଉ, ଥରେ ହେଲେ ମଧ୍ୟ ସୁଚାରୁ ରୂପେ ପୁଣି ସାମୂହିକ ଭାବେ ନମାଜ ପଢ଼ିବା ଅସମ୍ଭବ ହୋଇ ପଡୁଥିଲା । ତଥାପି ମୁହମ୍ମଦ[ସଅ] ପାଞ୍ଚବେଳା ନମାଜ ନିର୍ଦ୍ଧାରିତ ସମୟରେ ପାଠ କରୁଥିଲେ । କିନ୍ତୁ ଯଦି ଦିନେ ହେଲେ ବି ଶତ୍ରୁଙ୍କ ପ୍ରଚଣ୍ଡ ଆକ୍ରମଣ ଯୋଗୁଁ ସେ ନିଜ ପାଳନକର୍ତ୍ତାଙ୍କ ନାମ ଆତ୍ମସନ୍ତୋଷ ପୂର୍ବକ ନେଇ ଶାନ୍ତିରେ ନମାଜ ପାଠ କରି ପାରୁ ନଥିଲେ, ତାହେଲେ ତାଙ୍କୁ ଅତ୍ୟଧିକ ମାନସିକ କ୍ଳେଶ ପହଞ୍ଚୁଥିଲା ।

ସେହି ସମୟରେ ସମ୍ମୁଖ ଭାଗରୁ ଶତ୍ରୁର ପ୍ରଚଣ୍ଡ ଆକ୍ରମଣ ହେଉଥିଲା ତଥା ପଶ୍ଚାତ ଭାଗରୁ ବନୁ କୁରୈଜା ଏହି ଅବସର ଖୋଜିବାରେ ଲାଗିଥିଲେ ଯେ ମୁସଲମାନମାନଙ୍କ ମଧ୍ୟରେ କୌଣସି ପ୍ରକାର ସନ୍ଦେହ ସୃଷ୍ଟି ନକରି ମଦିନା ଭିତରେ ପ୍ରବେଶ କରି ସେଠାକାର ମହିଳା ଓ ଶିଶୁମାନଙ୍କୁ ହତ୍ୟା କରିବେ । ସୁତରାଂ ଦିନେ ବନୁ କୁରୈଜା ନିଜର ଜଣେ ଗୁପ୍ତଚରକୁ ଏହି ଖବର ନେବା ପାଇଁ ପଠାଇଲେ ଯେ ସେହି ସ୍ଥାନରେ ମହିଳା ଓ ଶିଶୁମାନେ ଏକାକୀ ଅଛନ୍ତି ନା ସେମାନଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପରିମାଣରେ ସିପାହୀ ନିଯୁକ୍ତ ହୋଇଛନ୍ତି । ବିପଦର ଆଶଙ୍କା ଦେଖି ସେହି ନିର୍ଦ୍ଦିଷ୍ଟ ସ୍ଥାନରେ କେତେକ ସମ୍ଭ୍ରାନ୍ତ ପରିବାରର ମହିଳା ଓ ଶିଶୁମାନଙ୍କୁ ଆଣି ଏକତ୍ର ରଖା ଯାଇଥିଲା । ସେମାନଙ୍କ ନିକଟରେ ଏକ ଗୁପ୍ତଚର ଆସି ଏଣେ ତେଣେ ଘୂରି ବୁଲି ନିରୀକ୍ଷଣ କରୁଥିଲା ଯେ କାଳେ କୌଣସି ମୁସଲମାନ ସେନା ଲୁଚି ରହିନାହିଁ ତ ! ଠିକ୍ ସେତିକିବେଳେ ହଜରତ ମୁହମ୍ମଦ[ସଅ]ଙ୍କ ପିଇସୀ ହଜରତ୍ ସାଫିଆ[ରଅ] ତାକୁ ଦେଖି ପକାଇଲେ । ଦୈବାତ୍ ସେଠାରେ କେବଳ ଜଣେ ମାତ୍ର ମୁସଲମାନ ପୁରୁଷ ଅସୁସ୍ଥ ଅବସ୍ଥାରେ ଥିଲେ । ସାଫିଆ[ରଅ] ତାଙ୍କୁ କହିଲେ 'ଏହି ଲୋକଟି ମହିଳାମାନଙ୍କ ଇଲାକାରେ ବହୁ ସମୟ ଧରି ଘୂରି ବୁଲୁଛି । ମୋଟେ ଯିବାର ନାମ ନେଉନାହିଁ, କେବଳ ଗ୍ଟରିଆଡେ ଆଖି ବୁଲାଉଛି । ତୁମେ ଯାଅ ତାକୁ ଧର । ଏପରି ନହେଉ କି ଶତ୍ରୁ ଏଠାକାର ସ୍ଥିତି ପ୍ରତି ଅବଗତ ହୋଇ କାଳେ ଆକ୍ରମଣ କରି ନଦେଉ' । ତେବେ ସେହି

ରୋଗଗ୍ରସ୍ତ ଲୋକଟି ଯିବାକୁ ଅମଙ୍ଗ ହେଲା । ତେଣୁ ହଜରତ୍ ସାଫିଆ[ରଅ] ଗୋଟିଏ ବଡ଼ ବାଉଁଶ ବାଡ଼ି ଧରି ସେହି ଗୁପ୍ତଚରର ମୁକାବିଲା କଲେ ଓ ଅନ୍ୟାନ୍ୟ ମହିଳାମାନଙ୍କ ସହାୟତାରେ ତାକୁ କାବୁ କରି ତା'ର ପ୍ରାଣନାଶ କଲେ । ଅନୁସନ୍ଧାନ ପରେ ଜଣା ପଡିଲା ଯେ ଏହି ଇହୁଦି ବ୍ୟକ୍ତିଟି ବନୁ କୁରୈଜା ଗୋଷ୍ଠୀର ଗୁପ୍ତଚର ଥିଲା । ଏହା ଶୁଣି ମୁସଲମାନମାନେ ଆହୁରି ଘାବରା ହୋଇଗଲେ ଓ ଭାବିନେଲେ ଯେ ମଦିନାର ଏହି ଦିଗଟି ମଧ୍ୟ ସୁରକ୍ଷିତ ନୁହେଁ । କିନ୍ତୁ ସମ୍ମୁଖ ଭାଗରୁ ଶତ୍ରୁର ଆକ୍ରମଣ ଏପରି ପ୍ରଚଣ୍ଡ ହେଉଥିଲା ଯେ ସେଠାରୁ ଯାଇ ସେହି ପଟର ସୁରକ୍ଷାର କୌଣସି ବ୍ୟବସ୍ଥା କରାଯାଇ ପାରୁନଥିଲା । ଏହା ସତ୍ତ୍ୱେ ରସୁଲୁଲ୍ଲା[ସଅ] ନାରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଲେ । ଏବଂ ଯେପରି ବର୍ଣ୍ଣନା କରାଯାଇଛି, ବାରଶହ ସୈନିକ ମଧ୍ୟରୁ ପାଞ୍ଚଶହ ଜଣଙ୍କୁ ସେମାନଙ୍କ ସୁରକ୍ଷା ପାଇଁ ସହରରେ ନିଯୁକ୍ତ କରିଦେଲେ । ଖନ୍ଦକର ସୁରକ୍ଷା ତଥା ଅଠରରୁ କୋଡିଏ ହଜାର ଶତ୍ରୁ ସେନାଙ୍କ ବିରୁଦ୍ଧରେ ମୁକାବିଲା କରିବା ପାଇଁ କେବଳ ସାତଶହ ସୈନିକ ମାତ୍ର ରହିଗଲେ । ଏହି ପରିସ୍ଥିତିରେ ମୁସଲମାନମାନେ ଘାବରା ହୋଇ ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ପହଞ୍ଚି କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ପରିସ୍ଥିତି ବର୍ତ୍ତମାନ ଅତ୍ୟନ୍ତ ଭୟାନକ ରୂପ ଧାରଣ କରିଛି । ଏବେ ପ୍ରକାଶ୍ୟ ରୂପେ ମଦିନାକୁ ବଞ୍ଚାଇବାର କୌଣସି ଆଶା ଦେଖା ଯାଉନାହିଁ । ଆପଣ ଈଶ୍ୱରଙ୍କ ନିକଟରେ ବିଶେଷ ଭାବରେ ପ୍ରାର୍ଥନା କରନ୍ତୁ ଓ ଆମମାନଙ୍କୁ ମଧ୍ୟ ଦୟା ପୂର୍ବକ ପ୍ରାର୍ଥନା ଶିଖାଇ ଦଅନ୍ତୁ । ଯାହାକୁ ପଢି ପ୍ରାର୍ଥନା କଲେ ଆମ୍ଭମାନଙ୍କ ଉପରେ ଈଶ୍ୱରଙ୍କ କୃପା ବାରିଧି ବର୍ଷା ହେବ' । ତହୁଁ ହଜରତ ମୁହମ୍ମଦ[ସଅ] କହିଲେ, 'ତୁମେମାନେ ଆଦୌ ଘାବରା ହୁଅ ନାହିଁ । ତୁମେମାନେ ଅଲ୍ଲାଃଙ୍କ ନିକଟରେ ଏହି ପ୍ରାର୍ଥନା କର ଯେ ତୁମର ଦୋଷ ଦୁର୍ବଳତାକୁ ସେ ଢ଼ାଙ୍କି ଦିଅନ୍ତୁ । ତୁମ ହୃଦୟକୁ ଦୃଢତା ପ୍ରଦାନ କରନ୍ତୁ । ତୁମର ବ୍ୟଗ୍ରତାକୁ ଦୂର କରି ଦିଅନ୍ତୁ ।' ପୁଣି ସେ ସ୍ୱୟଂ ଏହିପରି ପ୍ରାର୍ଥନା କଲେ,

اَللّٰهُمَّ مُنْزِلَ الْكِتٰبِ سَرِيْعَ الْحِسَابِ اِهْزِمِ الْاَحْزَابَ اَللّٰهُمَّ اهْزِمْهُمْ وَزَلْزِلْهُمْ

ଅଲ୍ଲାହୁମ୍ମା ମୁନଜିଲଲ୍ କିତାବି ସରିଅଲ୍ ହିସାବି ଇହ୍‌ଜିମିଲ୍ ଅହଜାବା, ଅଲ୍ଲାହୁମ୍ମହ୍ ଜିମହୁମ୍ ଓ୍ୱଜଲ୍‌ଜିଲହୁମ୍ । (ବୁଖାରୀ ଦ୍ୱିତୀୟ, ଭାଗ, ଅଲ୍ ମୁଗାଜି, ଗଜ୍‌ଓ୍ୱତୁଲ୍ ଖନ୍ଦକ)

ପୁନଶ୍ଚ ଏହିପରି ମଧ୍ୟ ପ୍ରାର୍ଥନା କଲେ,

يَا صَرِيْخَ الْمَكْرُوْبِيْنَ يَا مُجِيْبَ الْمُضْطَرِّيْنَ اكْشِفْ هَمِّيْ وَ غَمِّيْ
وَ كَرْبِيْ فَاِنَّكَ تَرٰى مَا نَزَلَ بِيْ وَ بِاَصْحَابِيْ

ୟା ସରିଖଲ୍ ମକରୁବିନା ୟା ମୁଜିବଲ୍ ମୁଜତର୍‌ରିନା ଅକଶିଫ୍ ହମ୍ମି ଓ୍ୱଗମ୍ମି ଓ୍ୱକର୍‌ବି ଫଇନ୍ ନକାତରା ମା ନଜଲା ଓ୍ୱ ବିଅସ୍‌ହାବି ।

(ଅସ୍‌ସିରତୁଲ୍ ହଲ୍‌ବିୟା, ୨ୟ ଖଣ୍ଡ, ପୃଷ୍ଠା ୩୫୩)

ଅର୍ଥାତ୍ 'ହେ ଅଲ୍ଲାଃ ! ଯିଏ ମୋ ଉପରେ ପବିତ୍ର କୁରଆନ୍ ଅବତୀର୍ଣ୍ଣ କରିଛନ୍ତି, ଯିଏ ଅତି ଶୀଘ୍ର ନିଜ ଭକ୍ତମାନଙ୍କ ଠାରୁ ହିସାବ ନେଇ ପାରନ୍ତି । ଏହି ଗୋଷ୍ଠୀ ଯିଏ ସଂଗଠିତ ହୋଇ ଆସିଛନ୍ତି, ସେମାନଙ୍କୁ ପରାଜିତ କରନ୍ତୁ । ହେ ଅଲ୍ଲାଃ ! ମୁଁ ପୁନଶ୍ଚ ବିନତୀ କରୁଛି ଯେ ତୁମ୍ଭେ ସେମାନଙ୍କୁ ପରାଜିତ କର ଓ ଆମମାନଙ୍କୁ ସେମାନଙ୍କ ଉପରେ ବିଜୟ ପ୍ରଦାନ କର ଏବଂ ସେମାନଙ୍କ ଉଦ୍ୟମକୁ ଭଙ୍ଗୁର କରି ଛିନ୍ନ ଭିନ୍ନ କରିଦିଅ । ହେ ଦୁଃଖି ଅରକ୍ଷିତ ମାନଙ୍କ ଗୁହାରୀ ଶ୍ରବଣକାରୀ ! ହେ ବିବଶ ଓ ଅସହାୟ ଲୋକଙ୍କ ଆର୍ତ୍ତନାଦ ଗ୍ରହଣକାରୀ ! ମୋର ବ୍ୟାକୁଳତା ଓ ଚିନ୍ତାକୁ ନିବାରଣ କର । ତୁମ୍ଭେ ସେହି ସଂକଟକୁ ଜାଣିଛ, ଯାହାକୁ ମୁଁ ଓ ମୋର ସାଥୀମାନେ ସମ୍ମୁଖୀନ ହେଉଛନ୍ତି ।'

# ମୁନାଫିକ(କପଟାଚାରୀ) ଓ ମୋମିନ୍ (ବିଶ୍ୱାସକାରୀ)ଙ୍କ ଅସଲ ରୂପ

ଏପରି ଦୂରାବସ୍ଥାରେ (ମୁନାଫିକ୍) କପଟ ବିଶ୍ୱାସୀ ଏଭଳି ଭାବେ ଘାବରା ହୋଇ ପଡିଲେ ଯେ ସେମାନଙ୍କ ଜାତିଗତ ସ୍ୱାଭିମାନ ନିଜ ସହର, ନିଜ ପତ୍ନୀ ଓ ପିଲାମାନଙ୍କ ସୁରକ୍ଷାର ଭାବନା ମଧ୍ୟ ହୃଦୟରୁ ପାଶୋରି ଦେଲେ । କିନ୍ତୁ ସେମାନେ ନିଜ ଜାତି ନିକଟରେ ଅପମାନିତ ହେବାକୁ ମଧ୍ୟ ଚାହୁଁ ନଥିଲେ । ସେଥିପାଇଁ ସେମାନେ କୌଣସି ବାହାନା ଦେଖାଇ ସେନାବାହିନୀରୁ ପଳାୟନ କରିବାର ଉପାୟ ଚିନ୍ତା କଲେ । ପବିତ୍ର କୁରଆନ୍‌ରେ ଆସୁଛି,

وَيَسْتَأْذِنُ فَرِيقٌ مِّنْهُمُ النَّبِيَّ يَقُولُونَ إِنَّ بُيُوتَنَا عَوْرَةٌ
وَمَا هِيَ بِعَوْرَةٍ ۖ إِن يُرِيدُونَ إِلَّا فِرَارًا

ଓ୍ୱ ୟସ୍‌ତାଜିନୁ ଫରିକୁମ୍ ମିନ୍‌ହୁମୁନ୍ ନବୀୟା ୟକୁଲୁନା ଇନ୍ନା ବୋୟୁତନା ଔରତୁନ୍; ଓ୍ୱମା ହେୟା ବି ଔରତିନ୍ ଇଁ ୟୋରିଦୁନା ଇଲ୍ଲା ଫେରାରା ।

(ଅଲ୍-ଅହଜାବ ୧୪୭)

ଅର୍ଥାତ୍ 'ସେମାନଙ୍କ ମଧ୍ୟରୁ ଏକ ଦଳ ହଜରତ ମୁହମ୍ମଦ [ସଅ] ଙ୍କ ନିକଟକୁ ଆସିଲା ଓ ତାଙ୍କ ଠାରୁ ଅନୁମତି ଭିକ୍ଷା କଲା ଯେ ସେମାନଙ୍କୁ ରଣଭୂମିରୁ ଫେରି ଯିବା

ପାଇଁ ଆଜ୍ଞା ଦିଆଯାଉ । କାରଣ ସେମାନେ କହିଲେ (ବର୍ତ୍ତମାନ ଇହୁଦିମାନେ ମଧ୍ୟ ବିରୋଧୀ ହୋଇଗଲେଣି ଓ ସେମାନଙ୍କ ପକ୍ଷରୁ ସୁରକ୍ଷାର କୌଣସି ସାଧନ ନାହିଁ) । ଆମ ଘର ସେହି କ୍ଷେତ୍ର ପଟରୁ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇ ରହିଛି । (ଏଣୁ ଆମକୁ ଅନୁମତି ଦିଆଯାଉ ଯେ ଆମେ ଯାଇ ନିଜ ଘରମାନଙ୍କର ସୁରକ୍ଷା କରି ପାରିବୁ) । କିନ୍ତୁ ସେମାନଙ୍କର ଏପରି କହିବା ଯେ ଆମ ଗୃହଗୁଡ଼ିକ ଅସୁରକ୍ଷିତ ଅବସ୍ଥାରେ ପଡିଛି, ତାହା ସଂପୂର୍ଣ୍ଣ ଭୁଲ୍ ଥିଲା । ସେମାନଙ୍କ ଗୃହ ସୁରକ୍ଷା ବିହୀନ ଓ ଅପରିତ୍ୟକ୍ତ ଅବସ୍ଥାରେ ନଥିଲା । (କାରଣ ମଦିନାର ସୁରକ୍ଷା ପାଇଁ ସ୍ୱୟଂ ଈଶ୍ୱର ଛିଡା ହୋଇଛନ୍ତି) ଏହି ଲୋକମାନେ ତ କେବଳ ଯୁଦ୍ଧ ଯୋଗୁଁ ଭୟଭୀତ ହୋଇ ଭୀରୁତାପଣ ଦେଖାଇ ଯୁଦ୍ଧକ୍ଷେତ୍ରରୁ ପଳାୟନ କରିବା ପାଇଁ ବାହାନା ଖୋଜୁଥିଲେ । ସେହି ସମୟରେ ମୁସଲମାନମାନଙ୍କ ଯେଉଁ ଦଶା ଥିଲା, ତାହାର ଚିତ୍ରଣ କରି ପବିତ୍ର କୁରଆନ ଏହିପରି ଉଲ୍ଲେଖ କରିଛି : إِذْ جَاءُوكُم مِّن فَوْقِكُمْ وَمِنْ

أَسْفَلَ مِنكُمْ وَإِذْ زَاغَتِ الْأَبْصَارُ وَبَلَغَتِ الْقُلُوبُ الْحَنَاجِرَ وَتَظُنُّونَ بِاللَّهِ الظُّنُونَا ۔ هُنَالِكَ ابْتُلِيَ الْمُؤْمِنُونَ وَزُلْزِلُوا زِلْزَالًا شَدِيدًا ۔ وَإِذْ يَقُولُ الْمُنَافِقُونَ وَالَّذِينَ فِي قُلُوبِهِم مَّرَضٌ مَّا وَعَدَنَا اللَّهُ وَرَسُولُهُ إِلَّا غُرُورًا ۔ وَإِذْ قَالَت طَّائِفَةٌ مِّنْهُمْ يَا أَهْلَ يَثْرِبَ لَا مُقَامَ لَكُمْ فَارْجِعُوا

ଇଜ୍ ଯାଉକୁମ୍ ମିନ୍ ଫଓକିକୁମ୍ ୱ୍ୱ ମିନ୍ ଅସ୍‌ଫଲା ମିନ୍‌କୁମ୍ ୱ୍ୱଇଜ୍ ଜାଗତିଲ୍ ଅବସାରୋ ୱ୍ୱ ବଲଗତିଲ୍ କୋଲୁବୁଲ୍ ହନାଯିରା ୱ୍ୱ ତଜୁନ୍‌ନୁନା ବିଲ୍ ଲାହିଜ୍ ଜୁନୁନା । ହୁନାଲିକବ୍ ତୁଲିୟଲ୍ ମୁ'ମେନୁନା ୱ୍ୱ ଜୁଲ୍‌ଜେଲୁ ଜିଲ୍‌ଜାଲନ୍ ଶଦିଦା । ୱ୍ୱ ଇଜ୍ ୟକୁଲୁଲ୍ ମୁନାଫେକୁନା ୱ୍ୱଲ୍‌ଲଜିନା ଫି କୁଲୁବେହିମ୍ ମରଜୁନ୍ ମାୱ୍ୱ ଅ଼ଦନଲ୍ଲାହୁ ୱ୍ୱ ରସୁଲୋହୁ ଇଲ୍ଲା ଗରୁରା । ୱ୍ୱ ଇଜ୍‌କାଲତ୍ ତ୍ୱ ଏଫତୁମ୍ ମିନ୍‌ହୁମ୍ ୟା ଅହଲା ୟସରିବା ଲା ମୁକାମା ଲକୁମ୍ ଫରଯେଉ ।

(ଅଲ୍ ଅହଜାବ ୧୧-୧୪) ।

ଅର୍ଥାତ୍ 'ତୁମେ ଥରେ ମନେ ତ ପକାଅ ! ଯେତେବେଳେ ତୁମ ଉପରେ ସେନା ଚଢ଼ାଉ କରିଥିଲେ, ନିମ୍ନ ଭାଗରେ କୁଫ୍‌ଫାର୍ ଏବଂ ଉପରି ଭାଗରେ ଇହୁଦୀ, ଯାହାକୁ ଦେଖି ଭୟ ଓ ଆତଙ୍କରେ ସେମାନଙ୍କ ଆଖି ତୀର୍ଯ୍ୟକ୍ ହୋଇଗଲା । ଓ ହୃଦ୍‌କମ୍ପନ ସୃଷ୍ଟି ହୋଇ କଲିଜା ମୁହଁକୁ ଆସିଗଲା ଏବଂ ତୁମମାନଙ୍କ ମଧ୍ୟରୁ ଅନେକ ଲୋକଙ୍କ ହୃଦୟରେ ଈଶ୍ୱରଙ୍କ ସମ୍ବନ୍ଧରେ ଅଶୁଭ ଧାରଣା ଉତ୍ପନ୍ନ ହେବାକୁ ଲାଗିଲା ।

ସେହି ସମୟରେ ବିଶ୍ୱାସକାରୀ ଭକ୍ତଙ୍କ ପରୀକ୍ଷା ନିଆ ଯାଇଥିଲା । ଯଦ୍ୱାରା ବିଶ୍ୱାସକାରୀଙ୍କ ଆପାଦ ମସ୍ତକ ପୂର୍ଣ୍ଣତଃ ଦୋହଲିଗଲା । ଏବଂ ସ୍ମରଣ କର, ଯେବେ ମୁନାଫିକ୍ ଓ ସେହି ଲୋକ ଯେଉଁମାନେ ମାନସିକ ବିକାର ଗ୍ରସ୍ତ ରୋଗୀ ଥିଲେ, ସେମାନେ କହିବାକୁ ଆରମ୍ଭ କରିଦେଲେ ଯେ 'ଅଲ୍ଲାଃ ଓ ତାହାଙ୍କ ରସୁଲ ଆମମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ' ଏବଂ ସେ କଥାକୁ ମଧ୍ୟ ସ୍ମରଣ କର, ଯେବେ ସେମାନଙ୍କ ମଧ୍ୟରୁ ଏକ ଗୋଷ୍ଠୀ ଏପରି ସୀମା ଉଲଘଂନ କଲା ଯେ ବିଶ୍ୱାସକାରୀ ମୁସଲମାନମାନଙ୍କୁ ଥରକୁ ଥର ଭେଟି ଏହା କହିବା ଆରମ୍ଭ କରିଦେଲେ ଯେ ତୁମମାନଙ୍କୁ ଆଜି କୌଣସି ସେନାଚୌକି କିମ୍ୱା ଦୁର୍ଗ ରକ୍ଷା କରିପାରିବ ନାହିଁ । ତେଣୁ ଏଠାରୁ ପଳାଇ ଯାଅ । କିନ୍ତୁ ଅଲ୍ଲାଃ ସ୍ୱୟଂ ବିଶ୍ୱାସକାରୀମାନଙ୍କ ସମ୍ବନ୍ଧରେ ଏହା ଘୋଷଣା କଲେ, وَلَمَّا رَأَى الْمُؤْمِنُونَ الْأَحْزَابَ قَالُوا هَٰذَا مَا وَعَدَنَا اللَّهُ وَرَسُولُهُ وَصَدَقَ اللَّهُ وَرَسُولُهُ ۚ وَمَا زَادَهُمْ إِلَّا إِيمَانًا وَتَسْلِيمًا ۔ مِنَ الْمُؤْمِنِينَ رِجَالٌ صَدَقُوا مَا عَاهَدُوا اللَّهَ عَلَيْهِ ۖ فَمِنْهُمْ مَنْ قَضَىٰ نَحْبَهُ وَمِنْهُمْ مَنْ يَنْتَظِرُ ۖ وَمَا بَدَّلُوا تَبْدِيلًا ۔۔

ଓ୍ୱ ଲମ୍ମା ରାଅଲ୍ ମୁ'ମେନୁନଲ୍ ଅହାଜାବା କା'ଲୁ ହାଜା ମାଆ ଓ୍ୱ ଆଦନ ଲ୍ଲାହୁ ଓ୍ୱ ରସୁଲହୁ ଓ୍ୱ ସଦକଲ୍ଲାହୁ ଓ୍ୱ ରସୁଲୁହୁ ଓ୍ୱମା ଜାଦହୁମ୍ ଇଲ୍ଲା ଇମାନୌଁ ଓ୍ୱ ତସ୍‌ଲିମା । ମିନଲ ମୁମେନିନା ରେଜାଲୁନ୍ ସଦକୁ ମାଆହଦୁଲ୍ଲାହା ଆଲୈହେ; ଫମିନ୍‌ହୁମ୍ ମନ୍‌କଜା ନହ୍‌ବହୁ ଓ୍ୱମିନ୍‌ହୁମ୍ ମୈଁୟନ୍‌ତଜେରୁ ଓ୍ୱମା ବଦ୍‌ଦଲୁ ତବ୍‌ଦିଲା । (ଅଲ୍-ଅହଜାବ୍, ୨୩-୨୪)

ଅର୍ଥାତ୍ କପଟାଚାରୀ ଓ ଦୁର୍ବଳ ବିଶ୍ୱାସ ରଖିଥିବା ମୁସଲମାନମାନଙ୍କ ତୁଳନାରେ ବିଶ୍ୱାସକାରୀଙ୍କ ଅବସ୍ଥା ଏପରି ଥିଲା । ଯେତେବେଳେ ସେମାନେ ଶତ୍ରୁଙ୍କର ବିଶାଳ ସେନାବାହିନୀଙ୍କୁ ଦେଖିଲେ, ସେମାନେ କହିଲେ 'ଏହି ସେନାଙ୍କ ସମ୍ବନ୍ଧରେ ତ ଆମମାନଙ୍କୁ ଅଲ୍ଲାଃ ଓ ତାଙ୍କ ରସୁଲ ଅନେକ ପୂର୍ବରୁ ସୂଚନା ଦେଇ ସାରିଛନ୍ତି । ଏହି ସେନାଙ୍କ ଆକ୍ରମଣ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ସତ୍ୟତାର ନିଦର୍ଶନ ହେବା' । ତେବେ ଏହି ବିଶାଳ ସେନା ସେମାନଙ୍କ ଭକ୍ତିଭାବକୁ ଦୋହଲାଇ ପାରି ନଥିଲା । ପରନ୍ତୁ ବିଶ୍ୱାସ ଓ ଶ୍ରଦ୍ଧାରେ ସେମାନେ ଆହୁରି ଅଧିକ ପ୍ରଗତି କରିଗଲେ । ବିଶ୍ୱାସକାରୀଙ୍କ ଅବସ୍ଥା ଏପରି ଯେ ସେମାନେ ଅଲ୍ଲାଃଙ୍କ ନାମରେ ଯାହା ପ୍ରତିଜ୍ଞା କରିଥିଲେ, ତାହାକୁ ଅବଶ୍ୟ ସେମାନେ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରୁଥିଲେ । ତେଣୁ

ସେମାନଙ୍କ ମଧ୍ୟରୁ କେତେକ ଏପରି ଅଛନ୍ତି, ଯେଉଁମାନେ ପ୍ରାଣର ଆହୁତି ଦେଇ ନିଜ ଲକ୍ଷ୍ୟ ହାସଲ କରିଥିଲେ । ଅନ୍ୟ କେତେକ ପ୍ରାଣବଳୀ ଦେବାର ଅବସର ପାଇ ନଥିଲେ ମଧ୍ୟ ଇଶ୍ୱରଙ୍କ ମାର୍ଗରେ ପ୍ରାଣ ବିସର୍ଜନ କରିବା ପାଇଁ ପ୍ରତୀକ୍ଷାରେ ରହିଥିଲେ । ପ୍ରଥମ ଦିନରୁ ହିଁ ଇଶ୍ୱରଙ୍କ ନିକଟରେ କରିଥିବା ପ୍ରତିଜ୍ଞା ଅବଶ୍ୟ ପାଳନ କରୁଥିଲେ ।

## ଇସ୍‌ଲାମରେ ମୃତକର ଶବକୁ ସମ୍ମାନ

ଶତ୍ରୁ ପକ୍ଷର ଯେଉଁ ଯୋଦ୍ଧା ଆକ୍ରମଣ କରୁଥିଲା, ସେ କୌଣସି ପ୍ରକାରରେ ଖାଇ ପାର କରିବା ପାଇଁ ଅଶ୍ୱ ଦ୍ୱାରା ଲମ୍ଫ ପ୍ରଦାନ କରୁଥିଲା ଓ ସେଥିରେ କେତେକାଂଶରେ ସଫଳ ମଧ୍ୟ ହେଉଥିଲା । ସୁତରାଂ ଦିନେ ସେମାନଙ୍କ କେତେକ ବଡ଼ ବଡ଼ ସେନାପତି ଲମ୍ଫ ପ୍ରଦାନ ପୂର୍ବକ ଖାଇର ଅପର ପଟକୁ ଚାଲି ଯିବାରେ ସଫଳ ହୋଇଗଲେ । କିନ୍ତୁ ମୁସଲମାନମାନେ ପ୍ରାଣର ବାଜି ଲଗାଇ ଏପରି ଆକ୍ରମଣ କଲେ ଯେ ସେମାନଙ୍କ ପାଇଁ ସେଠାରୁ ଫେରିଯିବା ବ୍ୟତୀତ ଅନ୍ୟ କୌଣସି ଚାରା ନଥିଲା । ଖାଇ ପାର ହେବା ସମୟରେ ବିଧର୍ମୀମାନଙ୍କ ଜଣେ ବଡ ସର୍ଦ୍ଦାର ନୌଫିଲର ମୁସଲମାନମାନଙ୍କ ହାତରେ ପ୍ରାଣନାଶ ହେଲା । ସେ ଏତେ ବଡ ସର୍ଦ୍ଦାର ଥିଲା, ଯାହା ପାଇଁ ଶତ୍ରୁ ଶିବିରରେ ଏକ ଆଲୋଡ଼ନ ସୃଷ୍ଟି ହୋଇଗଲା ଯେ ଯଦି ମୃତ ଶବ ପ୍ରତି ମୁସଲମାନ ମାନଙ୍କ ଦ୍ୱାରା କୌଣସି ଅସମ୍ମାନ ପ୍ରଦର୍ଶନ କରାଯିବ, ତା'ହେଲେ ଆରବରେ ସେମାନେ ଆଉ ମୁହଁ ଦେଖାଇ ପାରିବେ ନାହିଁ । ତେଣୁ ସେମାନେ ହଜରତ ମୁହମ୍ମଦ[ସଅ]ଙ୍କ ନିକଟକୁ ବାର୍ତ୍ତା ପଠାଇଲେ ଯେ ଯଦି ଆମ ସେନାପତିଙ୍କ ମୃତ ଶରୀରକୁ ସସମ୍ମାନେ ଫେରାଇ ଦିଆଯିବ, ତା'ହେଲେ ଆମେ ଏକ ହଜାର ଦିରହମ୍‌ର ଅର୍ଥ ରାଶି ଦେବାପାଇଁ ପ୍ରସ୍ତୁତ ଅଛୁ ।

ସେମାନେ ଭାବିଥିଲେ ଯେ ଯେପରି ଆମେ ଉହଦ୍ ଯୁଦ୍ଧରେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରିୟ କକାଙ୍କ ନାକ କାନ କାଟି ଦେଇଥିଲୁ, ନିଶ୍ଚିତ ରୂପେ ଆଜି ମୁସଲମାନମାନେ ତାହାର ପ୍ରତିଶୋଧ ସ୍ୱରୂପ ଆମର ଏହି ସର୍ଦ୍ଦାରଙ୍କ ନାକ, କାନ କାଟିଦେଇ ଆମ ଜାତିର ଅପମାନ କରିବେ । କିନ୍ତୁ ଇସ୍‌ଲାମର ଆଦେଶ ତ ଏହାର ସମ୍ପୂର୍ଣ୍ଣ ବିପରୀତ ଥିଲା । ଇସଲାମ ଧର୍ମ କୌଣସି ମୃତ ଶବକୁ ଅପମାନ କରିବାର ଅନୁମତି ଦିଏ ନାହିଁ । ତେବେ ଶତ୍ରୁଙ୍କ ଏହି ବାର୍ତ୍ତା ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ଆସି ପହଞ୍ଚିଲା । ମହାଭାଗ କହିଲେ, 'ଏହି ମୃତ ଶରୀର ଆମର କେଉଁ କାର୍ଯ୍ୟରେ ଆସିବ ଯେ ଏହା ବିନିମୟରେ ଆମେ ତୁମଠାରୁ କୌଣସି ମୂଲ୍ୟ ନେବୁ ? ବଡ ଆରାମରେ ଏହି ମୃତ ଶରୀରକୁ ତୁମେ ଉଠାଇ ନେଇ ଯାଇପାର, ଆମର କୌଣସି ଆପତ୍ତି ନାହିଁ ।' (ଅସ୍ ସିରତୁଲ୍ ହଲବିୟାଃ, ଦ୍ୱିତୀୟ ଖଣ୍ଡ, ପୃଷ୍ଠା ୩୪୫)

# ବିରୋଧୀ ସେନାଙ୍କ ମୁସଲମାନଙ୍କ ଉପରେ ସଂଘବଦ୍ଧ ଆକ୍ରମଣ

ସେହି ଦିନମାନଙ୍କରେ ଅବିଶ୍ୱାସକାରୀ ଶତ୍ରୁଗଣ ଯେଉଁ ଆବେଗପୂର୍ଣ୍ଣ ଭାବରେ ଓ ତୀବ୍ରତା ସହକାରେ ଆକ୍ରମଣ କରୁଥିଲେ, ତାହାର ଏକ ଦୃଶ୍ୟାଙ୍କନ କରି ଜଣେ ୟୁରୋପୀୟ ଐତିହାସିକ ମ୍ୟୋର ନିମ୍ନମତେ ବର୍ଣ୍ଣନା କରିଛନ୍ତି;

ଦ୍ୱିତୀୟ ଦିବସରେ ମୁହମ୍ମଦ[ସଅ] ଦେଖିଲେ ଯେ ସଂଯୁକ୍ତ ସେନାବାହିନୀ ସଂଘବଦ୍ଧ ଭାବେ ତାଙ୍କ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଛନ୍ତି । ସେମାନଙ୍କ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଅତ୍ୟଧିକ ସଜାଗ ଓ କ୍ଷତପ୍ରତି କ୍ଷଣ ସତର୍କ ରହିବା ଆବଶ୍ୟକ ଥିଲା । କେବେ ସେମାନେ ସାମୂହିକ ଭାବେ ଆକ୍ରମଣ କରୁଥିଲେ, ତ ଆଉ କେବେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ବିଭିନ୍ନ ଚଉକି ଉପରେ ଆକ୍ରମଣ କରୁଥିଲେ । ଯଦି କୌଣସି ସେନାପୋଷ୍ଟକୁ ଦୁର୍ବଳ ହେବାର ଲକ୍ଷ୍ୟ କରୁଥିଲେ ସେଠାରେ ନିଜର ସଂପୂର୍ଣ୍ଣ ସେନାକୁ ସେହିଠାରେ ଏକତ୍ରୀତ କରି ଦେଉଥିଲେ । ଭୀଷଣ ତୀର ବୃଷ୍ଟି କରି ତା'ର ଆଳରେ ଖାଇକୁ ଅତିକ୍ରମ କରିବା ପାଇଁ ପ୍ରୟାସ କରୁଥିଲେ । ଖାଲିଦ୍ ଓ ଉମର ପରି ବଳିଷ୍ଠ ସେନା ନାୟକଙ୍କ ନେତୃତ୍ୱରେ ଶତ୍ରୁ ସେନା ମଦିନା ସହର ଭିତରକୁ ପ୍ରବେଶ କରିବା ସକାଶେ ବୀର ଦର୍ପରେ ଅସ୍ତ୍ର ଚାଳନା କରୁଥିଲେ । ଏକଦା ସ୍ୱୟଂ ମୁହମ୍ମଦ[ସଅ]ଙ୍କ ଶିବିର ତ ସେମାନଙ୍କ ଲକ୍ଷ୍ୟଭେଦ କରି ତାଙ୍କ ଦ୍ୱାରା କବଳିତ ହେଲା । କିନ୍ତୁ ମୁସଲମାନମାନଙ୍କ ଆତ୍ମୋତ୍ସର୍ଗର ଭାବନା ସହ ପ୍ରାଣମୂର୍ଚ୍ଛା ଲଢେଇ ଓ ସେମାନଙ୍କ ତୀବ୍ର ତୀର ଚାଳନା ଯୋଗୁଁ ଆକ୍ରମଣକାରୀମାନଙ୍କୁ ପଛଘୁଞ୍ଚା ଦେବାକୁ ପଡ଼ିଥିଲା । ଏହି ଆକ୍ରମଣ ଦିନସାରା ଚାଲୁ ରହିଥିଲା । ଯେହେତୁ ମୁସଲମାନମାନଙ୍କ ସମସ୍ତ ସେନା ମିଳିତ ହୋଇ ଅତି କଷ୍ଟରେ ଖାଇର ସୁରକ୍ଷା କରି ପାରୁଥିଲେ, ତେଣୁ ମୁସଲମାନମାନଙ୍କୁ ଟିକିଏ ହେଲେ ବିଶ୍ରାମ ନେବାର ଅବସର ମିଳିଲା ନାହିଁ । ଇତି ମଧ୍ୟରେ ରାତି ହୋଇଗଲା, କିନ୍ତୁ ରାତିରେ ମଧ୍ୟ ସେନାପତି ଖାଲିଦ୍‌ଙ୍କ ନେତୃତ୍ୱରେ ଶତ୍ରୁ ଦଳ ଯୁଦ୍ଧ ଅବ୍ୟାହତ ରଖିଲେ । ଫଳରେ ମୁସଲମାନ ସେନା ନିଜର ଛାଉଣିକୁ ରାତ୍ରୀର ଅନ୍ଧକାର ମଧ୍ୟରେ ମଧ୍ୟ ଜଗିବାକୁ ବାଧ୍ୟ ହୋଇଥିଲେ । ତଥାପି ଶତ୍ରୁର ସମସ୍ତ ପ୍ରୟାସ ବ୍ୟର୍ଥ ହେଲା । ଏହି ଖାଇକୁ ଅଧିକାଂଶ ଶତ୍ରୁ ସୈନ୍ୟ ଆଦୌ ପାର କରି ପାରିଲେ ନାହିଁ । (The Life of Mohammad by Mr. M. William Muir, P 32)

ଦୁଇଦିନ ଧରି ଅବିରାମ ଭାବରେ ଯୁଦ୍ଧ ଜାରି ରହିଥିବା ସତ୍ତ୍ୱେ ଉଭୟ ପକ୍ଷର ସୈନ୍ୟମାନେ ପରସ୍ପର ମୁହାଁମୁହିଁ ହୋଇ ପାରି ନଥିଲେ । ସେଥିପାଇଁ ଚବିଶ ଘଣ୍ଟା ଧରି ଚାଲିଥିବା ଏହି ଯୁଦ୍ଧରେ ଶତ୍ରୁର ମିଳିତ ସେନା ବାହିନୀର ମାତ୍ର ତିନିଜଣ ଲୋକ ମୃତ୍ୟୁବରଣ କଲେ ଏବଂ ମୁସଲମାନମାନଙ୍କର ପାଞ୍ଚ ଜଣ ଶହୀଦ ହୋଇଥିଲେ । ଏହି ଯୁଦ୍ଧରେ ରସୁଲୁଲ୍ଲାଃ[ସଅ]ଙ୍କ ପାଇଁ ପ୍ରାଣୋତ୍ସର୍ଗ କରିଥିବା ଅନୁଚର ତଥା ଅଓସ ଗୋଷ୍ଠୀର ସର୍ଦ୍ଦାର ସାଆଦ୍ ବିନ୍ ମଆଜ୍[ରଅ] ଅତି ଗୁରୁତର ଭାବେ ଆହତ ହୋଇଥିଲେ । ଶତ୍ରୁର ବାରମ୍ବାର ଆକ୍ରମଣ ଫଳରେ ଖାଇର କିଛି ଅଂଶ ଭାଙ୍ଗିଗଲା । ଫଳରେ ବିପରୀତ ଦିଗରୁ ଆକ୍ରମଣ ହେବାର ସମ୍ଭାବନା ବଢିଗଲା । ରସୁଲୁଲ୍ଲାଃ[ସଅ]ଙ୍କ ଅଦମ୍ୟ ସାହାସ ଓ ମୁସଲମାନଙ୍କ ପ୍ରତି ଆନ୍ତରିକ ଶ୍ରଦ୍ଧା ମନୋଭାବର ଏପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା ଯେ ସେ ରାତିବେଳା ବାରମ୍ବାର ଉଠି ସେହି ଭାଙ୍ଗି ଯାଇଥିବା ଖାଇ ଆଡ଼କୁ ସ୍ୱୟଂ ଦୌଡ଼ିଯାଇ ପହରା ଦେଉଥିଲେ । ତାଙ୍କ ଧର୍ମପତ୍ନୀ ହଜରତ ଆଇଶାଃ[ରଅ] କୁହନ୍ତି ଯେ ସେ ପହରା ଦେଉ ଦେଉ କ୍ଲାନ୍ତ ହୋଇ ପଡୁଥିଲେ ଓ ଶୀତର ପ୍ରବଳ ପ୍ରକୋପରେ ନିଶ୍ଚଳ ହୋଇଯିବା ହେତୁ ସେଠାରୁ ଫେରି ଆସି ମୋ ସହିତ କିଛି ସମୟ କମ୍ବଳରେ ଘୋଡ଼ି ହୋଇ ବିଛଣାରେ ଗଡ଼ି ପଡୁଥିଲେ । କିନ୍ତୁ ପର ମୁହୂର୍ତ୍ତରେ ଟିକିଏ ଉଷ୍ମତା ଅନୁଭବ କରିବା ପରେ ପୁନର୍ବାର ସେହି ଜାଗାର ସୁରକ୍ଷା ଦେବା ପାଇଁ ଧାଇଁ ଯାଉଥିଲେ । ଏହିପରି ଥରେ ରାତିବେଳା ନିରନ୍ତର ଉଜାଗର ରହି ପହରା ଦେଉ ଦେଉ ହାତଗୋଡ କୋଲ ମାରିଯିବା ଯୋଗୁଁ ସେ ସମ୍ପୂର୍ଣ୍ଣ ନିଶ୍ଚଳ ହୋଇ ପଡ଼ିଲେ ଏବଂ କହିଲେ, 'ହାୟ, ଯଦି ଏହି ସମୟରେ ମୋର କୌଣସି ବିଶ୍ୱସ୍ତ ଭକ୍ତ ଭଗ୍ନ ଖାଇକୁ ଜଗିବା ପାଇଁ ଆସନ୍ତା, ତା'ହେଲେ ମୁଁ ଟିକିଏ ଆରାମରେ ଶୋଇ ପଡ଼ନ୍ତି ।' ଏହି ସମୟରେ ବାହାରୁ ଶାଆଦ୍ ବିନ୍ ଓକାଶଙ୍କ କଣ୍ଠସ୍ୱର ଶୁଭିଲା । ହଜରତ ମୁହମ୍ମଦ[ସଅ] ପ୍ରଶ୍ନ କଲେ, 'ତୁମେ ଏଠାକୁ କାହିଁକି ଆସିଛ ?' ସେ ଉତ୍ତର ଦେଲେ, 'ଆପଣଙ୍କୁ ପହରା ଦେବାପାଇଁ ଆସିଛି ।' ମୁହମ୍ମଦ[ସଅ] କହିଲେ, 'ମୋତେ ସୁରକ୍ଷା ଦେବା ଦରକାର ନାହିଁ, ବରଂ ତୁମେ ଖାଇର ସେହି ଭଗ୍ନାଂଶ ସ୍ଥାନକୁ ଯାଇ ପହରା ଦିଅ, ଯାହା ଦ୍ୱାରା ମୁସଲମାନମାନେ ସୁରକ୍ଷିତ ରହି ପାରିବେ ।' ଏହାପରେ ଶାଆଦ୍ ସେହି ସ୍ଥାନକୁ ପହରା ଦେବାପାଇଁ ଚାଲିଗଲେ ଓ ମୁହମ୍ମଦ[ସଅ] ଗାଢ ନିଦ୍ରାରେ ଶୋଇ ପଡିଲେ । ଅତି ବିଚିତ୍ର କଥା ହେଉଛି, ଯେଉଁ ପ୍ରାରମ୍ଭିକ ସମୟରେ ହଜରତ ମୁହମ୍ମଦ[ସଅ] ମକ୍କାରୁ ପ୍ରସ୍ଥାନ କରି ମଦିନାରେ ପଦାର୍ପଣ କରିଥିଲେ, ସେତେବେଳେ ଅନେକ ବିପଦର ଆଶଙ୍କା ଦେଖା ଦେଇଥିଲା । ଏହି ଶାଆଦ୍ ବିନ୍ ଓକାଶ୍ ମଧ୍ୟ ତାଙ୍କ ସୁରକ୍ଷା ପାଇଁ ଆଗେଇ ଆସିଥିଲେ । ଏହି ଦିନମାନଙ୍କରେ ପୁଣିଥରେ ରାତ୍ରୀର ଅନ୍ଧକାରରେ

ଅସ୍ତ୍ରଶସ୍ତ୍ରର ଝଙ୍କାର ଶୁଣାଯିବାରୁ ମୁହମ୍ମଦ[ସଅ] ପ୍ରଶ୍ନ କଲେ, 'କିଏ ତୁମେ ?' ଉତ୍ତର ମିଳିଲା, 'ମଣିମା ! ମୁଁ ଏବାଦାଃ ବିନ୍ ବଶୀର୍ ।' ତହୁଁ ମହାଭାଗ ପୁନଶ୍ଚ ପ୍ରଶ୍ନ କଲେ, 'ତୁମ ସହିତ ଆଉ କିଏ ଅଛି ?' ଏବାଦାଃ କହିଲେ, 'ଅନୁଚରମାନଙ୍କ ଏକ ଜମାଅତ ଏଠାରେ ଆପଣଙ୍କ ଶିବିରର ସୁରକ୍ଷା ନିମନ୍ତେ ଉପସ୍ଥିତ ଅଛି ।' ସେ କହିଲେ, 'ବର୍ତ୍ତମାନ ପ୍ରତିମା ପୂଜକ ଗୋଷ୍ଠୀ ଖାଇକୁ ଡେଇଁ ଏପଟକୁ ଆସିବା ପାଇଁ ଉଦ୍ୟମ କରୁଛନ୍ତି । ତୁମେମାନେ ସେଠାକୁ ଯାଅ ଓ ସେମାନଙ୍କ ମୁକାବିଲା କର । ମୋର ଶିବିରକୁ ସେହିପରି ରହିବାକୁ ଦିଅ ।'

## ବନୁ କୁରୈଜା ମୂର୍ତ୍ତିପୂଜକଙ୍କ ସହିତ ମିଶି ମିଳିତ ଆକ୍ରମଣ ପାଇଁ ପ୍ରସ୍ତୁତି ଓ ସେଥିରେ ଅସଫଳତା

ଯେପରି ଉପରେ ଉଲ୍ଲେଖ କରାଯାଇଛି, ଇହୁଦିମାନେ ମଦିନାରେ ଗୁପ୍ତ ଭାବରେ ପ୍ରବେଶ କରିବା ପାଇଁ ପ୍ରୟାସ କରିଥିଲେ, ଯହିଁରେ ସେମାନଙ୍କର ଜଣେ ଗୁପ୍ତଚର ନିହତ ହୋଇଥିଲା । ଯେବେ ଇହୁଦିଙ୍କୁ ଏହା ଜଣା ପଡିଲା ଯେ ସେମାନଙ୍କ ଷଡ଼ଯନ୍ତ୍ର ପ୍ରଘଟ ହୋଇଯାଇଛି, ସେମାନେ ଅତ୍ୟଧିକ ନିର୍ଭୀକ ହୋଇ ଆରବୀୟଙ୍କୁ ସହାୟତା କରିବା ଆରମ୍ଭ କରିଦେଲେ । ସେମାନେ ସାମୂହିକ ଭାବରେବ ମଦିନାର ପଛପଟୁ ଆକ୍ରମଣ କରି ପାରିଲେ ନାହିଁ, ଯେହେତୁ ସେଠାକାର ଯୁଦ୍ଧକ୍ଷେତ୍ର ଛୋଟ ଥିଲା ତଥା ମୁସଲମାନଙ୍କ ଉପସ୍ଥିତି ଯୋଗୁଁ ସେହି ପଟରୁ କୌଣସି ବଡ ଆକ୍ରମଣ ହେବା ଅସମ୍ଭବ ମନେ ହେଉଥିଲା । ତଥାପି ଖାଇ ଯୁଦ୍ଧର କିଛି ଦିନ ବିତି ଗଲା ପରେ ଏହି ନିଷ୍ପତ୍ତି ନିଆଗଲା ଯେ ଇହୁଦି ଓ ମଶ୍‌ରିକ୍‌ଙ୍କ ସେନା ଦ୍ୱାରା ଏକ ନିର୍ଦ୍ଧାରିତ ସମୟରେ ଓ ଏକ ସଙ୍ଗେ ମୁସଲମାନମାନଙ୍କ ଉପରେ ଚଢ଼ାଉ କରାଯିବ । କିନ୍ତୁ ଏପରି ଘଡ଼ିସନ୍ଧି ସମୟରେ ମୁସଲମାନମାନଙ୍କ ପ୍ରତି ଅଲ୍ଲାଃଙ୍କ ସହାୟତା ଅତି ଅଦ୍ଭୁତ ରୂପରେ ପ୍ରକଟିତ ହେଲା, ଯାହାର ଏହିପରି ଭାବରେ ବିସ୍ତୃତ ବର୍ଣ୍ଣନା କରାଯାଇଛି;

ଗତଫାନ୍ ଗୋଷ୍ଠୀର ନଇମ୍ ନାମକ ଜନୈକ ବ୍ୟକ୍ତି ଅନ୍ତରରେ ମୁସଲମାନ ହୋଇ ଯାଇଥିଲା । ବିଧର୍ମୀ ସେନାଙ୍କ ସହିତ ସେ ଯୁଦ୍ଧକ୍ଷେତ୍ରକୁ ଆସିଥିଲା । ସେ ଏହି ସୁଯୋଗର ଅପେକ୍ଷାରେ ରହିଥିଲା ଯେ କିପରି ସେ ମୁସଲମାନମାନଙ୍କୁ ସାହାଯ୍ୟ କରିପାରିବ । କିନ୍ତୁ ସେ ଏକାକୀ କ'ଣ ବା କରିପାରିବ ? ସେ ଯେତେବେଳେ ଦେଖିଲା ଶତ୍ରୁ ସୈନ୍ୟଙ୍କ ସହିତ ଇହୁଦିମାନେ ମିଶିଯାଇଛନ୍ତି, ଏବେ ମୁସଲମାନମାନଙ୍କ ସୁରକ୍ଷାର କୌଣସି ସାଧନ ପ୍ରକାଶ୍ୟ ରୂପେ ଦେଖା ଯାଉନାହିଁ । ଏହି ପରିସ୍ଥିତକୁ ଦେଖି

ସେ ଏପରି ପ୍ରଭାବିତ ହେଲା ଯେ ସେ ମନରେ ପାଞ୍ଚିଲା ଏହି ଷଡଯନ୍ତ୍ରକୁ ରୋକିବା ପାଇଁ ତାକୁ ଯେ କୌଣସି ପରିସ୍ଥିତିରେ କିଛି ନା କିଛି କରିବାକୁ ପଡ଼ିବ । ଏହା ଚିନ୍ତା କରି ନଇମ୍ ପ୍ରଥମେ ବନୁ କୁରୈଜାର ଇହୁଦି ସେନାଙ୍କ ପାଖକୁ ଗଲା ଏବଂ ସେମାନଙ୍କ ମୁଖିଆମାନଙ୍କୁ ପ୍ରଶ୍ନ କଲା 'ଯଦି ଆରବୀୟ ସୈନ୍ୟବାହିନୀ ହଠାତ୍ ପଳାୟନ କରନ୍ତି, ତା'ହେଲେ କୁହ, ମୁସଲମାନ ତୁମମାନଙ୍କ ସହିତ କ'ଣ ବ୍ୟବହାର କରିବେ ? ତୁମେମାନେ ବୁଝାମଣା ଭିତ୍ତିକ ଚୁକ୍ତିପତ୍ର ଅନୁଯାୟୀ ସେମାନଙ୍କ ସହିତ ଆଗରୁ ରହିଆସିଛ । ଚୁକ୍ତିଭଙ୍ଗକାରୀ ରୂପେ ସେହି ସନ୍ଧିପତ୍ରକୁ ଉଲଙ୍ଘନ କଲେ ତୁମମାନଙ୍କୁ ଯେଉଁ ଦଣ୍ଡ ଦିଆଯିବ, ତୁମେମାନେ ତାହା ଭଲ ରୂପେ କଳ୍ପନା କର ।' ଏହା ଶୁଣି ସେମାନଙ୍କ ହୃଦୟରେ ଭୟ ସୃଷ୍ଟି ହେଲା । ସୁତରାଂ ସେମାନେ ପ୍ରଶ୍ନ କଲେ, 'ତା'ହେଲେ ପୁଣି ଆମେ କ'ଣ କରିବୁ' ? ନଇମ୍ କହିଲା, 'ଯେବେ ଆରବ ସଂଯୁକ୍ତ ସଂଘବଦ୍ଧ ଆକ୍ରମଣ କରିବା ପାଇଁ ତୁମକୁ କହିବେ ତୁମେ ସେମାନଙ୍କ ଠାରେ ଦାବୀ କର ଯେ ସତୁରୀ ଜଣ ସୈନ୍ୟଙ୍କୁ ଆମ ନିକଟରେ ବନ୍ଧକ ସ୍ୱରୂପ ଛାଡିଦିଅ, ସେମାନେ ଦୁର୍ଗର ସୁରକ୍ଷା କରିବେ । ଏବଂ ଆମେମାନେ ମଦିନା ପଛପଟରୁ ଆକ୍ରମଣ କରିଦେବୁ ।' ପୁଣି ସେଠାରୁ ବାହାରି ସେ ଅନେକେଶ୍ୱର ପୂଜକଙ୍କ ସର୍ଦ୍ଦାରଙ୍କ ନିକଟକୁ ଯାଇ କହିଲା, 'ସେହି ଇହୁଦିମାନେ ତ ମଦିନାର ବାସିନ୍ଦା । ଉପଯୁକ୍ତ ସମୟ ଆସିଲେ ସେମାନେ ତୁମ ସହିତ ବିଶ୍ୱାସଘାତକତା କରିପାରନ୍ତି, ତା'ହେଲେ ତୁମେମାନେ କ'ଣ କରିବ ? ଯଦି ସେମାନେ ମୁସଲମାନମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଓ ନିଜ ଅପରାଧର କ୍ଷମା କରାଇବା ପାଇଁ ତୁମଠାରୁ ତୁମ ଲୋକଙ୍କୁ ବନ୍ଧକ ସ୍ୱରୂପ ମାଗନ୍ତି ତଥା ସେମାନଙ୍କୁ ମୁସଲମାନଙ୍କ ହସ୍ତରେ ଅର୍ପଣ କରିଦିଅନ୍ତି, ସେପରି ସ୍ଥଳେ ତୁମେମାନେ କ'ଣ କରିପାରିବ ? ତୁମେ ସେମାନଙ୍କୁ ଅବଶ୍ୟ ପରୀକ୍ଷା କରିବା ଉଚିତ୍ ଯେ ସେମାନେ ନିଜ କଥାରେ ଦୃଢ଼ ଅଛନ୍ତି କି ନାହିଁ । ଅତିଶୀଘ୍ର ସେମାନଙ୍କୁ ତୁମ ସହିତ ମିଶି ଯୁଦ୍ଧ କରିବା ପାଇଁ ଆମନ୍ତ୍ରଣ କର' । ବିଧର୍ମୀମାନଙ୍କ ସେନାପତି ଏହି ପରାମର୍ଶକୁ ଉଚିତ ମନେ କରି ତହିଁ ଆରଦିନ ଇହୁଦିମାନଙ୍କ ନିକଟକୁ ସନ୍ଦେଶ ପଠାଇଲେ ଯେ ଆମେମାନେ ଏକ ସଂଯୁକ୍ତ ଆକ୍ରମଣ କରିବା ପାଇଁ ଚାହୁଛୁ । ତୁମେମାନେ ମଧ୍ୟ ନିଜର ସେନାଙ୍କ ସହିତ ଆସନ୍ତା କାଲି ମଦିନା ଉପରେ ଆକ୍ରମଣ କରିଦିଅ ।' ବନୁ କୁରୈଜାର ଇହୁଦି ଗୋଷ୍ଠୀ କହିଲେ 'ଆସନ୍ତା କାଲି ଯେହେତୁ ଶନିବାର ସବତ୍ ପର୍ବର ଦିନ, ତେଣୁ ଆମେ ଯୁଦ୍ଧ କରି ପାରିବୁ ନାହିଁ । ଦ୍ୱିତୀୟତଃ ଆମେମାନେ ମଦିନାର ବାସିନ୍ଦା ଓ ତୁମେମାନେ ବାହାରୁ ଆସିଛ । ଯଦି ତୁମେମାନେ ଯୁଦ୍ଧଭୂମି ଛାଡ଼ି ପଳାୟନ କରିବ, ତା'ହେଲେ ଆମମାନଙ୍କର ଅବସ୍ଥା କଣ ହେବ ? ଏଣୁ ତୁମେମାନେ ପଣବନ୍ଦୀ ସ୍ୱରୂପ

ସତୁରୀ ଜଣ ସୈନ୍ୟ ଆମକୁ ଦେବ, ତାହାହେଲେ ଆମେମାନେ ମିଳିତ ଯୁଦ୍ଧରେ ଭାଗ ନେବୁ ।' ବିଧର୍ମୀମାନଙ୍କ ମନରେ ଆଗରୁ ତ ସନ୍ଦେହର ବୀଜ ବପନ ହୋଇ ସାରିଥିଲା । ତେଣୁ ସେମାନେ ବନୁ କୁରୈଜାର ସର୍ତ୍ତ ମାନିବାକୁ ମନା କରିଦେଲେ ଓ କହିଲେ, 'ତୁମ ଆମ ମଧ୍ୟରେ ଏକତା ରକ୍ଷାକରିବା ସତ୍ୟ ଭାବନା ଉପରେ ଆଧାରିତ ଥିଲା, ତା'ହେଲେ ଏହିପରି ଦାବୀର କୌଣସି ଯଥାର୍ଥତା ନାହିଁ ।' ଏହି ଘଟଣା ପରେ ଇହୁଦିମାନଙ୍କ ମନରେ ସନ୍ଦେହ ଉଙ୍କି ମାରିଲା । କଥାରେ ଅଛି ଯଦି ଥରେ ସନ୍ଦେହ ଉତ୍ପନ୍ନ ହୋଇଯାଏ, ତା'ହେଲେ ବିରତ୍ୱର ଭାବନା ସମାପ୍ତ ହୋଇଯାଏ । ଏହି ପ୍ରକାର ସନ୍ଦେହ ଓ ଆଶଙ୍କା ଘେରରେ ରହି କୁଫ୍‌ଫାର ସୈନ୍ୟମାନେ ରାତ୍ରୀରେ ବିଶ୍ରାମ ନେବା ସକାଶେ ନିଜ ନିଜର ଶିବିର ମଧ୍ୟରେ ପ୍ରବେଶ କଲେ । ଏଣେ ଅଲ୍ଲାଃ ନିଜ ଭକ୍ତମାନଙ୍କୁ ସାହାଯ୍ୟ କରିବା ସକାଶେ ଆକାଶରୁ ଏକ ମାର୍ଗ ଖୋଲିଦେଲେ । ରାତିରେ ଭୀଷଣ ଝଡବାତ୍ୟା ଆସିଲା । ସେନା ଛାଉଣୀରେ ଶିବିରର ପରଦା ଫାଟି ନଷ୍ଟ ହୋଇଗଲା । ଚୁଲି ଉପରୁ ହାଣ୍ଡି ଓଲଟିଗଲା । କେତେକ ଶତ୍ରୁ ଗୋଷ୍ଠୀଙ୍କ ଜଳୁଥିବା ନିଆଁ ଲିଭିଗଲା । ଆରବର ମୂର୍ତ୍ତି ଉପାସକଙ୍କ ଏକ ପ୍ରଥା ଥିଲା ଯେ ସେମାନେ ରାତିସାରା ନିଆଁ ଲଗାଇ ରଖିଲେ ତାହା ଶୁଭ ବୋଲି ବିବେଚନା କରାଯାଏ । ତେଣୁ ଯାହାର ନିଆଁ ଲିଭି ଯାଉଥିଲା, ତା' ପାଇଁ ଏହା ଅଶୁଭ ଲକ୍ଷଣ ହେଉଥିଲା ଓ ସେହି ବ୍ୟକ୍ତି ନିଜ ଶିବିରକୁ ପଛକୁ ଘୁଞ୍ଚାଇ ଦେବାକୁ ପଡୁଥିଲା । ସୁତରାଂ ଯେଉଁ ଗୋଷ୍ଠୀର ଶିବିରର ନିଆଁ ଲିଭିଗଲା, ସେମାନେ ତାଙ୍କ ପ୍ରଥାନୁସାରେ ନିଜ ଶିବିର ହଟାଇ ଯୁଦ୍ଧକ୍ଷେତ୍ରରୁ ପଛକୁ ଉଠାଇ ନେଇଗଲେ । ଯେପରି କି ଗୋଟିଏ ଦିନ ପଛରେ ରହି ପ୍ରତୀକ୍ଷା କଲାପରେ ପୁନଶ୍ଚ ଆସି ଯୁଦ୍ଧରେ ସାମିଲ୍ ହୋଇ ପାରିବେ । କିନ୍ତୁ ଯେହେତୁ ସେଦିନ ଇହୁଦିମାନଙ୍କ ସହିତ ବିବାଦ ହେବା ଯୋଗୁଁ ସେନାଙ୍କ ସର୍ଦ୍ଦାର ମାନଙ୍କ ମନରେ ଆଶଙ୍କା ଉପୁଜୁଥିଲା, ତେଣୁ ଯେଉଁ ଗୋଷ୍ଠୀ ପଛକୁ ହଟିଗଲେ, ସେମାନଙ୍କ ଆଖପାଖ ଗୋଷ୍ଠୀମାନେ ଭାବିଲେ ଯେ ବୋଧହୁଏ ଇହୁଦିମାନେ ମୁସଲମାନ ସୈନ୍ୟମାନଙ୍କ ସହ ମିଳିତ ହୋଇ ରାତିରେ ଚଢାଉ କରିଛନ୍ତି ଓ ଆମ ପାର୍ଶ୍ୱବର୍ତ୍ତୀ ଗୋଷ୍ଠୀମାନେ ପଳାଇବାରେ ଲାଗିଛନ୍ତି । ତେଣୁ ସେମାନେ ମଧ୍ୟ ଶୀଘ୍ର ଶୀଘ୍ର ନିଜର ଡେରା ଉଠାଇ ଯୁଦ୍ଧକ୍ଷେତ୍ରରୁ ପଳାୟନ କରିବା ଆରମ୍ଭ କରିଦେଲେ । ଶତ୍ରୁମାନଙ୍କ ସେନାପତି ଅବୁ ସୁଫିୟାନ୍ ନିଶ୍ଚିନ୍ତ ହୋଇ ନିଜ ଶିବରରେ ବିଶ୍ରାମ କରୁଥିଲା । ତାକୁ ମଧ୍ୟ ଏହି ପଳାୟନ ଖବର ମିଳିଲା । ସେ ପ୍ରାଣ ବିକଳରେ ଉଠି ପଡ଼ି ବନ୍ଧା ହୋଇଥିବା ଅବସ୍ଥାରେ ଓଟ ଉପରକୁ ଚଢିଯାଇ ନିଜ ଗୋଇଠିରେ ଏଡା ମାରିବାକୁ ଲାଗିଲା । ଶେଷରେ ମିତ୍ରଗଣ ତା'ର ଧ୍ୟାନ ଫେରାଇ କହିଲେ, 'ଏପରି ବୋକାଙ୍କ ପରି କାହିଁକି

ହେଉଛ ?' ଓଟର ବନ୍ଧା ଦୌଡ଼ି ଖୋଲି ଦେବାରୁ ସେ ମଧ ତା'ର ଅନ୍ୟ ସାଥୀମାନଙ୍କ ସହିତ ଯୁଦ୍ଧଭୂମିରୁ ପଳାୟନ କଲା ।

ରାତ୍ରୀର ଅନ୍ତିମ ପ୍ରହରରେ ସେହି ରଣକ୍ଷେତ୍ର ଯେଉଁଠାରେ ବିଧର୍ମୀ ପକ୍ଷର କୋଡିଏ ପଚିଶି ହଜାର ସୈନ୍ୟ ଛାଉଣୀ ପକାଇଥିଲେ, ପଳାୟନ ପରେ ତାହା ଏକ ପରିତ୍ୟକ୍ତ ଜଙ୍ଗଲ ସଦୃଶ ନିର୍ଜନ ଦେଖାଗଲା । ଏହି ସମୟରେ ହଜରତ ମୁହମ୍ମଦ[ସଅ]ଙ୍କୁ ଐଶିବାଣୀ ମାଧ୍ୟମରେ ଅଲ୍ଲାଃ ଜଣାଇଲେ 'ତୁମ ଶତ୍ରୁଙ୍କୁ ଆମ୍ଭେ ବିତାଡ଼ିତ କରି ଦେଇଛୁ ।' ତେବେ ସେ ପ୍ରକୃତ ସ୍ଥିତି ଜାଣିବା ପାଇଁ ଜଣେ ବ୍ୟକ୍ତିଙ୍କୁ ଘଟଣା ସ୍ଥଳକୁ ପଠାଇବା ପାଇଁ ଇଚ୍ଛା କଲେ ତଥା ଚତୁଃପାର୍ଶ୍ୱରେ ବସିଥିବା ଅନୁଚରମାନଙ୍କୁ ନିଜପାଖକୁ ଡାକିଲେ । କିନ୍ତୁ ପ୍ରବଳ ଶୀତ ହେଉଥିବା ଯୋଗୁଁ ମୁସଲମାନମାନେ ଥରୁଥିଲେ ଓ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଶୀତବସ୍ତ୍ର ନଥିଲା । ଶୀତର ପ୍ରକୋପରେ ସେମାନଙ୍କ ମୁହଁ ଖନି ମାରି ଯାଉଥିଲା । କେତେକ ଅନୁଚର କହନ୍ତି, 'ଆମେ ରସୁଲୁଲ୍ଲାଃ[ସଅ]ଙ୍କ ଡାକ ଶୁଣିଛୁ ତଥା ଉତ୍ତର ଦେବାକୁ ମଧ ଚାହୁଁଥିଲୁ । କିନ୍ତୁ ମୁହଁରୁ ଶବ୍ଦ ବାହାରୁ ନଥିଲା । କେବଳ ହୋଜୈଫା[ରଅ] ଉତ୍ତର ଦେବାକୁ ସକ୍ଷମ ହୋଇଥିଲେ ଓ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! କେଉଁ କାର୍ଯ୍ୟ ଅଛି ଦୟାକରି କୁହନ୍ତୁ ।' ସେ କହିଲେ, 'ତୁମେ ନୁହଁ, ମୋର ଅନ୍ୟ ଜଣେ ବ୍ୟକ୍ତି ଆବଶ୍ୟକ ।' ପୁନଶ୍ଚ ସେ କହିଲେ, 'ଆଉ କେହି ଅଛି କି ?' କିନ୍ତୁ ଏଥର ମଧ କେହି ଉତ୍ତର ଦେବାକୁ ସମର୍ଥ ହେଲେ ନାହିଁ । ତେଣୁ ହୋଜୈଫା[ରଅ] ପୁନଶ୍ଚ କହିଲେ, 'ମୁଁ ଏଠାରେ ଉପସ୍ଥିତ ଅଛି ।' ସୁତରାଂ ମୁହମ୍ମଦ[ସଅ] ତାଙ୍କୁ କହିଲେ, 'ଅଲ୍ଲାଃ ମୋତେ ସୁସମ୍ବାଦ ଦେଇଛନ୍ତି, ତୁମମାନଙ୍କ ଶତ୍ରୁଙ୍କୁ ଆମେ ତଡ଼ି ଦେଇଛୁ । ତୁମେ ଯାଅ ଓ ଦେଖ ଶତ୍ରୁର କେଉଁ ଦଶା ହୋଇଛି । ତହୁଁ ହୋଜୈଫା[ରଅ] ଖାଇ ଆଡ଼କୁ ଗଲେ ଓ ଦେଖିଲେ ଯେ ଯୁଦ୍ଧକ୍ଷେତ୍ରଟି ସମ୍ପୂର୍ଣ୍ଣ ରୂପେ ଖାଲି ପଡିଛି । ଶତ୍ରୁସୈନ୍ୟ କେହି ହେଲେ ନାହାନ୍ତି । ସେ ଫେରି ଆସି ଶାହାଦତ୍‌ର କଲମା (ସାକ୍ଷ୍ୟ ପ୍ରଦାନକାରୀ ମୂଳମନ୍ତ୍ର) ଉଚ୍ଚାରଣ ପୂର୍ବକ ମୁହମ୍ମଦ[ସଅ] ଅଲ୍ଲାଃଙ୍କ ରସୁଲ ହୋଇଥିବାର ଦ୍ୱାହି ଦେଇ ସତ୍ୟପାଠ କଲେ ଏବଂ ସୂଚନା ଦେଲେ ଯେ ଶତ୍ରୁପକ୍ଷ ଯୁଦ୍ଧକ୍ଷେତ୍ର ପରିତ୍ୟାଗ କରି ପଳାୟନ କରିଛି । ପ୍ରଭାତ ହୁଅନ୍ତେ ମୁସଲମାନ ସୈନ୍ୟମାନେ ଶିବିର ଉଠାଇ ନିଜ ଗୃହ ଅଭିମୁଖେ ପ୍ରସ୍ଥାନ କଲେ । (ଅସ୍ ସିରତୁଲ୍ ହଲବିୟା, ଦ୍ୱିତୀୟ ଖଣ୍ଡ, ପୃଷ୍ଠା ୩୫୪)

# ବନୁ କୁରୈଜାର ବିଶ୍ୱାସଘାତକତା ପାଇଁ ଶାସ୍ତି

କୋଡ଼ିଏ ଦିନ ପରେ ମୁସଲମାନମାନେ ଶାନ୍ତିରେ ନିଃଶ୍ୱାସ ମାରିଲେ । କିନ୍ତୁ ଏବେ ବନୁ କୁରୈଜା ପ୍ରସଙ୍ଗ ଉପରେ ସମାଧାନ କରିବା ବାକି ଥିଲା । ସେମାନଙ୍କର ବିଶ୍ୱାସଘାତକତା ଏପରି ବିଷୟ ନଥିଲା ଯାହାକୁ ଉପେକ୍ଷା କରାଯିବ । ଯୁଦ୍ଧଭୂମିରୁ ପ୍ରତ୍ୟାବର୍ତ୍ତନ ପରେ ହଜରତ ମୁହମ୍ମଦ[ସଅ] ନିଜ ଅନୁଚରମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ ନିଜ ଘରେ ବିଶ୍ରାମ ନ କରି ସନ୍ଧ୍ୟା ପୂର୍ବରୁ ବନୁ କୁରୈଜା ଗୋଷ୍ଠୀ ରହୁଥିବା ଦୁର୍ଗ ପର୍ଯ୍ୟନ୍ତ ପହଞ୍ଚି ଯାଅ ସେ ହଜରତ ଅଲି[ରଅ]ଙ୍କୁ ବନୁ କୁରୈଜା ନିକଟକୁ ଏହି ନିର୍ଦ୍ଦେଶ ଦେଇ ପଠାଇଲେ ଯେ ତୁମେ ସେମାନଙ୍କୁ ପଚାର ଯେ ସେମାନେ ସନ୍ଧିପତ୍ର ବିରୁଦ୍ଧରେ ଏପରି ବିଶ୍ୱାସଘାତକତା କାହିଁକି କଲେ ? ତେବେ ମାନବକତା ଦୃଷ୍ଟିରୁ ସେମାନଙ୍କ ପାଇଁ ଏହା ଉଚିତ ଥିଲା ଯେ ସେମାନେ ନିଜର ଭୁଲ୍ ସ୍ୱୀକାର କରି କ୍ଷମା ମାଗିବା  କିମ୍ବା ଲଜ୍ଜିତ ହେବା ପରିବର୍ତ୍ତେ ହଜରତ୍ ଅଲି[ରଅ] ଓ ତାଙ୍କ ସାଥୀମାନଙ୍କୁ ଅଶ୍ରାବ୍ୟ ଭାଷାରେ କଟୁକ୍ତି କରିବା ଆରମ୍ଭ କରିଦେଲେ । ମୁହମ୍ମଦ[ସଅ] ତଥା ତାଙ୍କ ବଂଶର ଭଦ୍ର ମହିଳାମାନଙ୍କୁ ମଧ୍ୟ ଗାଳିଗୁଲଜ କଲେ ଏବଂ କହିଲେ 'ମୁହମ୍ମଦ[ସଅ] କିଏ ତାହା ଆମେ ଜାଣୁନା । ତାଙ୍କ ସହିତ ଆମର କୌଣସି ବୁଝାମଣା ହୋଇନାହିଁ' । ସେମାନଙ୍କ ଏହି ଉତ୍ତର ନେଇ ଫେରୁଥିବା ସମୟରେ ଅଲି[ରଅ] ଦେଖିଲେ ସ୍ୱୟଂ ରସୁଲୁଲ୍ଲାଃ[ସଅ] ନିଜର ଅନୁଚରମାନଙ୍କ ସହିତ ଇହୁଦିମାନଙ୍କ ଦୁର୍ଗ ଆଡକୁ ଯାଉଛନ୍ତି । ଯେହେତୁ ଇହୁଦିମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ ତଥା ହଜରତ ମୁହମ୍ମଦ[ସଅ]ଙ୍କ ଧର୍ମପତ୍ନୀ ଓ କନ୍ୟାମାନଙ୍କ ସମ୍ବନ୍ଧରେ ଅପଶବ୍ଦ ପ୍ରୟୋଗ କରୁଥିଲେ, ଏହାକୁ ଶୁଣିଲେ କାଳେ ତାଙ୍କୁ କଷ୍ଟ ହେବ ବୋଲି ବିଚାର କରି ହଜରତ ଅଲ୍ଲି କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଆପଣ କାହିଁକି କଷ୍ଟ କରୁଛନ୍ତି ? ଆମେମାନେ ଏହି ଲଢେଇ ପାଇଁ ଯଥେଷ୍ଟ । ଆପଣ ଫେରି ଯାଆନ୍ତୁ ।' ହଜରତ ମୁହମ୍ମଦ[ସଅ] କହିଲେ, 'ମୁଁ ବୁଝି ପାରୁଛି ଯେ ସେମାନେ ଗାଳିଗୁଲଜ କରୁଛନ୍ତି ଓ ତୁମେ ଚାହୁଁନା ଯେ ସେହି ଗାଳି ମୋ କାନରେ ପଡୁ ?' ହଜରତ୍ ଅଲ୍ଲି[ରଅ] କହିଲେ, 'ହେ ଅଲ୍ଲାଃଙ୍କ ବାର୍ତ୍ତାବାହ ! ସେହି କଥାହିଁ ମୁଁ କହୁଛି' । ତହୁଁ ମୁହମ୍ମଦ ରସୁଲୁଲ୍ଲାଃ କହିଲେ, 'ଯଦି ଗାଳି ଦେଉଛନ୍ତି ତ କ'ଣ ହୋଇଯିବ ? ହଜରତ ମୋସେସ୍[ଅସ] ଏମାନଙ୍କଜାତିର ଆପଣାର ଲୋକଥିଲେ । କିନ୍ତୁ ଏମାନେ ତାଙ୍କୁ  ମୋ ଠାରୁ ମଧ୍ୟ ଅଧିକ କଷ୍ଟ ଦେଉଥିଲେ ।' ଏହା କହି ସେ ଇହୁଦିମାନଙ୍କ ଦୁର୍ଗ ଆଡକୁ ଚାଲିଗଲେ । କିନ୍ତୁ ଇହୁଦିମାନେ ଦୁର୍ଗର ଫାଟକ ବନ୍ଦ କରି ସମସ୍ତ ଦୁର୍ଗକୁ ଅବରୋଧ କରିଦେଲେ ଓ ମୁସଲମାନମାନଙ୍କ ସହିତ ସଂଘର୍ଷ ଆରମ୍ଭ କରିଦେଲେ । ଏପରିକି ସେମାନଙ୍କ ସ୍ତ୍ରୀମାନେ ମଧ୍ୟ ଲଢେଇରେ ସମ୍ମିଳିତ ହେଲେ ।

ଦୁର୍ଗର ନିମ୍ନ ଭାଗରେ କେତେକ ମୁସଲମାନ ବସିଥିଲେ । ତାହା ଦେଖି ଜଣେ ଇହୁଦି ମହିଳା ଉପରୁ ପଥର ପକାଇ ଜଣେ ମୁସଲମାନଙ୍କୁ ମାରି ଦେଲା । କିନ୍ତୁ କିଛି ଦିନ ଦୁର୍ଗ ଅବରୋଧ କରାଯିବା ପରେ ଇହୁଦିମାନେ ଅନୁଭବ କଲେ ଯେ ସେମାନେ ବେଶୀ ଦିନ ଦୁର୍ଗରେ ଅବରୁଦ୍ଧ ହୋଇ ରହିବା ସମ୍ଭବ ନୁହେଁ ତଥା ଦୀର୍ଘ ଦିନ ଧରି ମୁସଲମାନମାନଙ୍କ ସହିତ ମୁକାବିଲା କରିପାରିବେ ନାହିଁ । ତେଣୁ ସେମାନଙ୍କ ନେତାମାନେ ନିଜର ଇଚ୍ଛା ପ୍ରକଟ କରି ମୁହମ୍ମଦ[ସଅ]ଙ୍କୁ ଜଣାଇଲେ ଯେ ଅଓସ୍ ଗୋଷ୍ଠୀର ସର୍ଦ୍ଦାର ତଥା ସେମାନଙ୍କ ବନ୍ଧୁ ଅବୁ ଲୁବାବଃ ଅନସାରୀଙ୍କୁ ତାଙ୍କ ନିକଟକୁ ପରାମର୍ଶ କରିବା ପାଇଁ ପଠାନ୍ତୁ । ସୁତରାଂ ଅବୁ ଲବାବଃଙ୍କୁ ପଠାଯିବାରୁ ତାଙ୍କୁ ଇହୁଦିମାନେ ଏହି ପରାମର୍ଶ ଦେଲେ ଯେ 'କ'ଣ ' ମୁହମ୍ମଦ ରସୁଲୁଲ୍ଲାଃଙ୍କ ଏହି ଦାବୀକୁ ସ୍ୱୀକାର କରି ନିଷ୍ପତ୍ତି ତାଙ୍କ ହାତରେ ଛାଡିଦେବୁ ଓ ଆମେ ହତିଆର ସମର୍ପଣ କରିଦେବୁ ?' ଅବୁ ଲବାବଃ ତ ମୁହଁରେ କହିଲେ, 'ହଁ ।' କିନ୍ତୁ ବେକରେ ଏପରି ହାତ ଫେରାଇଲେ ଯାହା ହତ୍ୟା କରାଯିବାର ଇଙ୍ଗିତ ଦେଉଥିଲା । ମାତ୍ର ଏ ପର୍ଯ୍ୟନ୍ତ ମୁହମ୍ମଦ[ସଅ] ସେପରି କୌଣସି ନିଷ୍ପତ୍ତି ବ୍ୟକ୍ତ କରି ନଥିଲେ । କିନ୍ତୁ ଅବୁ ଲବାବଃ ହୃଦୟରେ ବିଗ୍ଭରୁଥିଲେ ଯେ ଇହୁଦିମାନଙ୍କ ଏତାଦୃଶ ବିଶ୍ୱାସଘାତକତାର ଶାସ୍ତି ମୃତ୍ୟୁ ଛଡା ଅନ୍ୟ କିଛି ହୋଇ ନପାରେ । କୌଣସି ପର୍ଯ୍ୟାଲୋଚନା ନ କରି ଏଭଳି ସାଙ୍କେତିକ ଭାଷାରେ ସେମାନଙ୍କୁ ଇଙ୍ଗିତ ଦେବା ଦ୍ୱାରା ଅବୁ ଲବାବଃ ଏମିତି ଏକ କଥା କହିଦେଲେ ଯାହା ଇହୁଦିମାନଙ୍କ ବିନାଶର କାରଣ ହେଲା । ଇହୁଦିମାନେ ଯଦି ମୁହମ୍ମଦ[ସଅ]ଙ୍କ ନିଷ୍ପତ୍ତି ମାନି ନେଇଥାନ୍ତେ, ତା'ହେଲେ ଅନ୍ୟ ଇହୁଦି ଗୋଷ୍ଠୀମାନଙ୍କୁ ପରି ସେମାନଙ୍କୁ ଅତି ବେଶୀରେ ମଦିନାରୁ ନିର୍ବାସିତ କରି ଦିଆଯାଇଥାନ୍ତା । କିନ୍ତୁ ଏହା ସେମାନଙ୍କ ଦୁର୍ଭାଗ୍ୟ ଯେ ସେମାନେ କହିଲେ ଆମେମାନେ ମୁହମ୍ମଦ[ସଅ]ଙ୍କ ନିଷ୍ପତ୍ତି ମାନିବାକୁ ପ୍ରସ୍ତୁତ ନୋହୁଁ । ଏହା ପରିବର୍ତ୍ତେ ଆମେମାନେ ନିଜର ମିତ୍ରଗୋଷ୍ଠୀ ଅଓସ୍ କବିଲାର ସର୍ଦ୍ଦାର ସାଆଦ୍ ବିନ୍ ମାଆଜଙ୍କ ନିଷ୍ପତ୍ତି ସ୍ୱୀକାର କରିବୁ । ସେ ଯାହା ନିଷ୍ପତ୍ତି ନେବେ ତାହା ଆମର ଶୀରୋଧାର୍ଯ୍ୟ ହେବ । କିନ୍ତୁ ଏହି ବିଷୟକୁ ନେଇ ଇହୁଦିମାନଙ୍କ ମଧ୍ୟରେ ମତଭେଦ ହୋଇଗଲା । ଇହୁଦିମାନଙ୍କ ମଧ୍ୟରୁ କେତେକ ଲୋକ କହିଲେ, ଆମ ଜାତି ମୁସଲମାନଙ୍କ ସହିତ ବିଶ୍ୱାସଘାତକତା କରିଛି ଏବଂ ମୁସଲମାନମାନଙ୍କ ଆଚରଣରୁ ଏହା ସିଦ୍ଧହେଉଛି ଯେ ତାଙ୍କ ଧର୍ମ ସତ୍ୟ । ଏହା ପରେ ସେହି ବ୍ୟକ୍ତିମାନେ ସ୍ୱଧର୍ମ ତ୍ୟାଗ କରି ଇସଲାମ ଗ୍ରହଣ କଲେ । ବନୁକୁରୈଜା ଅନ୍ୟତମ ମୁଖିଆ ଉମରୋ ବିନ୍ ସାଆଦି ନିଜ ଗୋଷ୍ଠୀକୁ ଭର୍ତ୍ସନା କରି କହିଲା, 'ତୁମେମାନେ ବିଶ୍ୱାସଘାତକତା କରିଛ । ଚୁକ୍ତିଭଙ୍ଗ କରିଛ, ଯଦି ପାରୁଛ ମୁସଲମାନ ହୋଇଯାଅ କିମ୍ବା ସୁରକ୍ଷାଜନିତ

କର ଦେବା ପାଇଁ ସହମତ ହୋଇଯାଅ ।' ଇହୁଦିମାନେ କହିଲେ, 'ନା ଆମେ ମୁସଲମାନ ହେବୁ ନା ଶୁଳ୍କ ଦେବୁ । ଏହାଠାରୁ ଆମେ ମୃତ୍ୟୁବରଣ କରିବା ଶ୍ରେୟସ୍କର । ପୁଣି ଉମରୋ ବିନ୍ ସାଆଦ୍ ତାଙ୍କୁ କହିଲା, 'ଠିକ୍ ଅଛି, ମୁଁ ତୁମମାନଙ୍କ ପାଖରୁ ଦୂରେଇ ଯାଉଛି ।' ଏହା କହି ସେ ଦୁର୍ଗରୁ ବାହାରି ଚାଲି ଆସିଲା । ସେ ଦୁର୍ଗରୁ ବାହାରିବା ସମୟରେ ମୁସଲମାନଙ୍କ ଏକ ଦଳର ସେନାପତି ମୁହମ୍ମଦ ବିନ୍ ମୁସଲିମା ତାକୁ ଦେଖି ପକାଇଲେ ଓ ପ୍ରଶ୍ନ କଲେ, 'ତୁମେ କିଏ' ? ସେ ଉତ୍ତର ଦେଲା, 'ମୁଁ ଅମୁକ ଲୋକ ।' ତହୁଁ ସେ କହିଲେ, 'ଅଲ୍ଲାହୁମ୍ମା ଲା ତହରିମ୍‌ନି ଆକାଲତା ଅସରାତିଲ୍ କିରାମୀ' ଅର୍ଥାତ୍ ଆପଣ ନିରାପଦରେ ଯାଇ ପାରନ୍ତି । (ଅସ୍ ସିରତୁଲ ହଲବିୟା, ଦ୍ୱିତୀୟ ଖଣ୍ଡ, ପୃଷ୍ଠା ୩୬୩) ଏହାପରେ ସେ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରି କହିଲେ, 'ହେ ମୋର ଉପାସ୍ୟ ଅଲ୍ଲାଃ ! ମୋତେ ସଜ୍ଜନମାନଙ୍କ ଦୋଷ ତ୍ରୁଟିଉପରେ ପରଦା ପକାଇବାର ଶୁଭ କର୍ମରୁ କଦାପି ବଞ୍ଚିତ କରନ୍ତୁ ନାହିଁ । ଅର୍ଥାତ୍ ଏହି ବ୍ୟକ୍ତି ଯେହେତୁ ନିଜ କୃତ ମନ୍ଦକର୍ମ ତଥା ନିଜ ଜାତିର ଅପକର୍ମ ପାଇଁ ପଶ୍ଚାତାପ କରୁଛି, ତେଣୁ ଆମର ଏହା ନୈତିକ କର୍ତ୍ତବ୍ୟ ଯେ ଆମେ ତାକୁ କ୍ଷମା କରିଦେବା । ଏଣୁ ମୁଁ ତାକୁ ଗିରଫ କରୁନାହିଁ ଓ ତାକୁ ଯିବାକୁ ଦେଲି । ଈଶ୍ୱର ମୋତେ ସର୍ବଦା ଏହିପରି ପୁଣ୍ୟ କାର୍ଯ୍ୟ କରିବା ପାଇଁ ଶକ୍ତି ଦିଅନ୍ତୁ ।' ଯେବେ ହଜରତ ମୁହମ୍ମଦ[ସଅ] ଙ୍କୁ ଏହି ଘଟଣା ଜ୍ଞାତ ହେଲା ଯେ ଜଣେ ଇହୁଦିକୁ ସେ କାହିଁକି ଛାଡିଦେଲେ, ସେଥିପାଇଁ ସେ ମୁସ୍‌ଲିମାକୁ ଆକଟ କଲେ ନାହିଁ, ବରଂ ସେ ତା'ର ଏହି କାର୍ଯ୍ୟକୁ ପ୍ରଶଂସା କଲେ ।

## ବନୁକୁରୈଜାଙ୍କ ମଧ୍ୟସ୍ଥି ସାଦ୍‌ଙ୍କ ନିଷ୍ପତ୍ତି ତୋରାହ୍ ଅନୁଯାୟୀ ଥିଲା

ଉପରୋକ୍ତ ଘଟଣା ସବୁ ବ୍ୟକ୍ତିଗତ ବୋଲି କୁହାଯାଇପାରେ । ବନୁ କୁରୈଜା ଗୋଷ୍ଠୀ ଜାତିର ମାନ ରଖିବା ଦୃଷ୍ଟିରୁ ନିଜ ଜିଦ୍‌ରେ ଅଟଳ ରହିଥିଲେ ଏବଂ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଙ୍କ ଆଦେଶକୁ ପ୍ରତ୍ୟାଖ୍ୟାନ କରି ସାଆଦ୍[ରଅ] ଙ୍କ ନିଷ୍ପତ୍ତି ପାଇଁ ଅଡ଼ି ବସିଲେ । ମୁହମ୍ମଦ[ସଅ] ମଧ୍ୟ ତାଙ୍କର ଏହି ଆଗ୍ରହକୁ ସ୍ୱୀକାର କରିନେଲେ । ତତ୍ ସହିତ ସାଆଦ[ରଅ] ଯୁଦ୍ଧରେ ଆହତ ଥିବା ଅବସ୍ଥାରେ ତାଙ୍କୁ ସୂଚନା ଦିଆଗଲା ଯେ 'ବନୁ କୁରୈଜା ତୁମ ନିଷ୍ପତ୍ତିକୁ ଗ୍ରହଣ କରୁଛନ୍ତି । ତେଣୁ ତୁମେ ଆସି ନିଷ୍ପତ୍ତି କର ।' ସୁତରାଂ ତାଙ୍କର ନିଷ୍ପତ୍ତି ଘୋଷଣା ହେବା କ୍ଷଣି ଅଓସ ଗୋଷ୍ଠୀ ଯେଉଁମାନେ ବନୁ କୁରୈଜାଙ୍କ ସହିତ ବହୁ ଦିନରୁ ବନ୍ଧୁ ଭାବ ରଖିଥିଲେ, ସେ ସାଆଦ୍‌ଙ୍କ ନିକଟକୁ ଦୌଡ଼ିଯାଇ କହିଲେ, 'ଯେହେତୁ ଖଜରଜ୍ କବିଲା ନିଜର ବନ୍ଧୁ ଇହୁଦିମାନଙ୍କୁ ସବୁବେଳେ

ଶାସ୍ତିରୁ ମୁକ୍ତ କରି ଆସୁଛନ୍ତି, ଆଜି ଆପଣ ମଧ୍ୟ ନିଜ ମିତ୍ର ଗୋଷ୍ଠୀ ବନୁ କୁରୈଜାଙ୍କ ସପକ୍ଷରେ ନିଷ୍ପତ୍ତି ଶୁଣାନ୍ତୁ।'

ଯୁଦ୍ଧରେ ଆହତ ହୋଇଥିବା ଯୋଗୁଁ ସାଆଦ୍‌ଙ୍କୁ ସବାରୀରେ ବନୁ କୁରୈଜାଙ୍କ ନିକଟକୁ ନିଆଗଲା । ତାଙ୍କ ସମ୍ପ୍ରଦାୟର ଲୋକ ତାଙ୍କ ବାମ ଓ ଦକ୍ଷିଣ ପଟରେ ଦୌଡ଼ି ଦୌଡ଼ି ଯାଉଥିଲେ ତଥା ଜୋର୍ ଦେଇ କହୁଥିଲେ, 'ଦେଖନ୍ତୁ, ବନୁ କୁରୈଜା ଲୋକଙ୍କ ବିପକ୍ଷରେ ନିଷ୍ପତ୍ତି ନିଅନ୍ତୁ ନାହିଁ।' କିନ୍ତୁ ସାଆଦ କେବଳ ଏତିକି କହିଲେ, ଯାହାଙ୍କୁ ବିଚାର କରିବା ନିମନ୍ତେ ନିଯୁକ୍ତ କରାଯାଏ ସେ ନିରପେକ୍ଷ ଭାବେ ବିଚାର କରିଥାଏ । ମୁଁ ବିଚାର କରିବା ସମୟରେ ସାଧୁତା ଅବଲମ୍ବନ କରିବି । ଯେତେବେଳେ ସାଆଦ୍[ରଅ] ଇହୁଦିଙ୍କ ଦୁର୍ଗ ନିକଟରେ ପହଞ୍ଚିଲେ, ସେଠାରେ ଏକ ପାଶ୍ୱରେ ବନୁ କୁରୈଜା ଗୋଷ୍ଠୀର ଲୋକ ଦୁର୍ଗର କାନ୍ଥକୁ ଲାଗି ଛିଡା ହୋଇ ସାଆଦଙ୍କ ପ୍ରତୀକ୍ଷା କରୁଥିଲେ। ଅନ୍ୟ ପାର୍ଶ୍ୱରେ ମୁସଲମାନଙ୍କୁ ବସିଥିବାର ଦେଖିଲେ। ସୁତରାଂ ସାଆଦ୍ ପ୍ରଥମେ ଇହୁଦି ଜାତିର ଲୋକଙ୍କୁ ପ୍ରଶ୍ନ କଲେ, 'କ'ଣ ଆପଣମାନେ ଏହାର ପ୍ରତିଶ୍ରୁତି ଦେବେ ଯେ ମୁଁ ଯାହା ନିଷ୍ପତ୍ତି ନେବି, ଆପଣମାନେ ତାହା ଗ୍ରହଣ କରିନେବେ ?' ସେମାନେ କହିଲେ, 'ହଁ ।' ପୁଣି ସେ ସଲ୍ଲଜ ଭାବେ ନିଜ ଚକ୍ଷୁକୁ ଅବନତ କରି ଯେଉଁଠାରେ ହଜରତ ମୁହମ୍ମଦ[ସଅ] ବିରାଜମାନ ହୋଇଥିଲେ, ସେ ଆଡକୁ ଲକ୍ଷ୍ୟ କରି କହିଲେ, 'କ'ଣ ଏପଟେ ବସିଥିବା ବ୍ୟକ୍ତିମାନେ ମଧ୍ୟ ସେହି ଏକା ପ୍ରତିଶ୍ରୁତି ଦେବେ କି ?' ତହୁଁ ଅଲ୍ଲାଃଙ୍କ ରସୁଲ କହିଲେ, 'ହଁ।' ଏହାପରେ ସାଆଦ୍ ବାଇବେଲର ପୁରାତନ ନିୟମରେ ଉଲ୍ଲିଖିତ ଆଦେଶାନୁଯାୟୀ ନିଜର ନିଷ୍ପତ୍ତି ଶୁଣାଇଲେ । (ସିରତୁଲ୍ ହଲବିୟା, ୨ୟ ଖଣ୍ଡ, ପୃଷ୍ଠା ୩୬୫-୩୬୬) । ବାଇବେଲରେ ଲେଖାଅଛି;

'ଏବଂ ଯେବେ ତୁ କୌଣସି ସହର ନିକଟରେ ତାଙ୍କ ସହିତ ଯୁଦ୍ଧ କରିବାକୁ ଆସି ପହଞ୍ଚିବୁ, ପ୍ରଥମେ ସେଠାରେ ଶାନ୍ତି ପାଇଁ ସନ୍ଧି ଚୁକ୍ତିର ପ୍ରସ୍ତାବ ଦେବୁ । ଯଦି ସେମାନେ ସନ୍ଧି ସ୍ୱୀକାର ପୂର୍ବକ ତୋ' ପାଇଁ ଦ୍ୱାର ଉନ୍ମୁକ୍ତ କରି ଦିଅନ୍ତି, ତା'ହେଲେ ଉକ୍ତ ସହରରେ ଯେଉଁମାନେ ଥିବେ, ସେ ସମସ୍ତ ପ୍ରଜା ତୋତେ ସୁରକ୍ଷା କର (ଶୁଳ୍କ) ଦେବାକୁ ବାଧ୍ୟ ହେବେ ତଥା ତୋର ସେବା ମଧ୍ୟ କରିବେ। କିନ୍ତୁ ଯଦି ସେ ସନ୍ଧି ନ କରି ତୋ ସହିତ ଯୁଦ୍ଧ କରନ୍ତି, ତା'ହେଲେ ତୁ ସେମାନଙ୍କୁ ଚତୁଃପାର୍ଶ୍ୱରୁ ଘେରାଉ କର । ଏବଂ ପ୍ରଭୁପଦ ଈଶ୍ୱର ଯେବେ ସେମାନଙ୍କୁ ତୋର ଅଧୀନସ୍ଥ କରି ଦିଅନ୍ତି, ସେପରି ସ୍ଥଳେ ସେଠାକାର ପ୍ରତ୍ୟେକ ପୁରୁଷକୁ ତରବାରୀ ଧାରରେ ହତ୍ୟା କର । ମହିଳା, ଶିଶୁ, ପଶୁ ତଥା ଯାହା କିଛି ସେହି ସହରରେ ଅଛି, ସେସବୁକୁ ଲୁଟି ନେଇ ନିଜ

ନିୟନ୍ତ୍ରଣକୁ ନେଇଆସ । ଶତ୍ରୁମାନଙ୍କ ଠାରୁ ଲୁଣ୍ଠିତ ସମସ୍ତ ଧନ ଦ୍ରବ୍ୟ ଯାହା ଈଶ୍ୱର ତୋତେ ଦେଇଛନ୍ତି, ତାହାକୁ ଅବଶ୍ୟ ଭକ୍ଷଣ କର । ଏହିପରି ଅନ୍ୟ ସବୁ ସହର ଯାହା ତୋ ଠାରୁ ବହୁତ ଦୂରରେ ରହିଛି ଓ ଯାହା ସେହି ଜାତିମାନଙ୍କ ସହର ମଧ୍ୟରେ ଅନ୍ତର୍ଭୁକ୍ତ ନୁହନ୍ତି, ସେମାନଙ୍କ ପ୍ରତି ମଧ୍ୟ ଏହିପରି ଦଶା କର । କିନ୍ତୁ ସେହି ଜାତିମାନଙ୍କ ସହରରେ ଯାହାକୁ ତୁମ ପ୍ରଭୁପଦ ସ୍ୱାମୀ ତୁମ ପୈତୃକ ସମ୍ପତ୍ତି କରି ଦେଇଛନ୍ତି, ସେ ସମସ୍ତ ଦ୍ରବ୍ୟକୁ ମଧ୍ୟ ନିଃଶ୍ୱାସ ମାରିବା ପାଇଁ ଛାଡ ନାହିଁ । ବରଂ ତୁ ସେଗୁଡିକୁ ନଷ୍ଟ କରିଦେ । ହିତ୍ତୀ, ଅମୁରୀ, କିନ୍ଆନୀ, ଫରଜ୍ଜି, ଜୱି ଓ ବୟୁସୀ (ଇତ୍ୟାଦି ସହର)କୁ ଯେପରିକି ପ୍ରଭୁପଦ ଈଶ୍ୱର ତୁମକୁ ଆଦେଶ ଦେଇଛନ୍ତି, ଯଦ୍ୱାରା ସେମାନେ ନିଜର ସମସ୍ତ ଘୃଣିତ କାର୍ଯ୍ୟ ଅନୁସାରେ ଯାହା ସେମାନେ ନିଜ ଉପାସ୍ୟ ଦେବାଦେବୀଙ୍କ ପ୍ରତି କରିଛନ୍ତି, ତାହା ପାଳନ କରିବା ପାଇଁ ତୁମକୁ ନ ଶିଖାନ୍ତୁ । ନଚେତ୍ ତୁମେ ପ୍ରଭୁପଦ ଆପଣା ପ୍ରଭୁଙ୍କ ସମ୍ମୁଖରେ ପାପୀ ହୋଇଯିବ ।' (ଇସତସ୍ନା, ଅଧ୍ୟାୟ ୨୦, ପଙ୍କ୍ତି ୧୦ – ୧୮)

ବାଇବେଲର ଉପରୋକ୍ତ ନିଷ୍ପତ୍ତିରୁ ଏହା ସ୍ପଷ୍ଟ ହେଉଛି, ଯଦି ଇହୁଦି ଯୁଦ୍ଧରେ ବିଜୟ ଲାଭ କରିଥାନ୍ତେ ଓ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ପରାଜିତ ହୋଇ ଯାଇଥାନ୍ତେ, ତା'ହେଲେ ବାଇବେଲ୍ର ଏହି ନିୟମାନୁସାରେ ପ୍ରଥମତଃ ସମସ୍ତ ମୁସଲମାନଙ୍କୁ ହତ୍ୟା କରାଯାଇଥାନ୍ତା । ପୁରୁଷ, ସ୍ତ୍ରୀ, ଶିଶୁ କାହାକୁ ହେଲେ ବି ଛଡା ଯାଇ ନଥାନ୍ତା । ଯେପରିକି ଇତିହାସରୁ ଏହା ସିଦ୍ଧ ହେଉଛି, ଯେ ଇହୁଦିମାନଙ୍କର ଏହି ଇଚ୍ଛା ଥିଲା ଯେ ସ୍ତ୍ରୀ, ପୁରୁଷ ଓ ଛୁଆ ସମସ୍ତଙ୍କୁ ତୁରନ୍ତ ହତ୍ୟା କରାଯାଉ । କିନ୍ତୁ ଯଦି ସେମାନେ ଅତ୍ୟନ୍ତ ନରମି ଯାଇ ଯେତେ ବଡ଼ କୋହଳ ନୀତି ଅବଲମ୍ବନ କରିଥିଲେ ସୁଦ୍ଧା ବାଇବେଲର ପୁରାତନ ନିୟମ ଇସ୍ତସ୍ନା ଭାଗରେ ଥିବା ନିର୍ଦ୍ଦେଶ ଅନୁଯାୟୀ ସେମାନେ ଦୂରବର୍ତ୍ତୀ ଦେଶର ଜାତିମାନଙ୍କ ପରି ସମାନ ବ୍ୟବହାର କରିଥା'ନ୍ତେ ଓ ଏହି ମୁସଲମାନମାନଙ୍କ ପ୍ରତି ମଧ୍ୟ ସେହିଭଳି ଆଚରଣ ପ୍ରଦର୍ଶନ କରିଥା'ନ୍ତେ । ସମସ୍ତ ପୁରୁଷଙ୍କୁ ବଧ କରିଥାନ୍ତେ । ମହିଳା ଓ ଶିଶୁଙ୍କୁ ଶୋଷଣ କରିଥା'ନ୍ତେ ତଥା ସମସ୍ତ ପଣ୍ୟ ଦ୍ରବ୍ୟକୁ ଲୁଟି ନେଇ ଯାଇଥା'ନ୍ତେ । ସାଆଦ୍[ରଅ] ଯିଏକି ବନୁ କୁରୈଜାର ବଚନବଦ୍ଧ ସହଯୋଗୀ ତଥା ସେମାନଙ୍କ ବନ୍ଧୁ ଥିଲେ, ଯେତେବେଳେ ସେ ଦେଖିଲେ ଯେ ଇହୁଦିମାନେ ଇସଲାମ ଶରିୟତ୍(ଧର୍ମ ବିଧାନ)ର ଆଇନ ଅନୁଯାୟୀ ମୁହମ୍ମଦ ରସୁଲୁଲ୍ଲାଃଙ୍କ ନିଷ୍ପତ୍ତିକୁ ଗ୍ରହଣ କଲେ ନାହିଁ, ଯାହା ନିଶ୍ଚୟ ସେମାନଙ୍କ ପ୍ରାଣର ସୁରକ୍ଷା କରିଥାନ୍ତା ଏବଂ ତାହାର ଘୋର ବିରୋଧ କଲେ । ସୁତରାଂ ସାଆଦ୍ ସେହି ନିଷ୍ପତ୍ତି ଇହୁଦିଙ୍କ ସଂକ୍ରାନ୍ତରେ କଲେ, ଯାହାକୁ ମୋସେସ୍[ଅସ] ଇସ୍ତସ୍ନା ଅଧ୍ୟାୟରେ ପ୍ରଥମରୁ

ହିଁ ଏହି ଅବକାଶ ଓ ପରିସ୍ଥିତି ପାଇଁ ନୀତି ପ୍ରଣୟନ କରିଥିଲେ । ଏହି ନିଷ୍ପତ୍ତିର ଉତ୍ତରଦାୟୀ ମୁହମ୍ମଦ[ସଅ] କିମ୍ବା ମୁସଲମାନ ହେବେ ନାହିଁ। ବରଂ ଏଥିପାଇଁ ମୋସେସ୍, ତୋରାହ୍ ଗ୍ରନ୍ଥ ତଥା ଇହୁଦି ହିଁ ଦାୟୀ ରହିବେ । କାରଣ ସେ କହିଥିଲେ, 'ଆମେ ମୁହମ୍ମଦଙ୍କ କଥା ଶୁଣିବୁ ନାହିଁ, ସାଆଦ୍‌ଙ୍କ କଥା ଶୁଣିବୁ ।' ଯେବେ ସାଆଦ[ରଅ] ମୋସେସ୍‌ଙ୍କ ବାଣୀ ଅନୁସାରେ ନିଷ୍ପତ୍ତି ଶୁଣାଇଲେ, ଆଜି ଖ୍ରୀଷ୍ଟଜଗତ ପାଟି କରୁଛନ୍ତି ଯେ ମୁହମ୍ମଦ[ସଅ] ଅନ୍ୟାୟ କଲେ। ଅଥଚ ମୋସେସ୍[ଅସ]ଙ୍କ ଆଦେଶ ଯାହାକି ହଜାର ବର୍ଷ ପୂର୍ବେ ଅନ୍ୟ ବିଜାତୀୟ ମାନଙ୍କ ବିପକ୍ଷରେ ଲାଗୁ କରାଯାଇଥିଲା । କିନ୍ତୁ ଯେଉଁମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରିବାକୁ ଚେଷ୍ଟା କରାଗଲା, ସେମାନେ ତାକୁ ପ୍ରତ୍ୟାଖ୍ୟାନ କରିଦେଲେ ଏବଂ ଜିଦ୍ ଧରି ବସିଲେ ଯେ ଆମେ ମୁହମ୍ମଦ[ସଅ]ଙ୍କ କଥା ଶୁଣିବୁ ନାହିଁ ଅନ୍ୟ ଜଣେ ଅମୁକ ବ୍ୟକ୍ତିର କଥା ଶୁଣିବୁ । କ'ଣ ଖ୍ରୀଷ୍ଟିୟାନ ଲେଖକମାନେ ଦେଖି ପାରୁ ନାହାନ୍ତି ଯେ ମୁହମ୍ମଦ[ସଅ] ଅନ୍ୟ କୌଣସି ଅବସରରେ କାହିଁକି ଅନ୍ୟାୟ କଲେ ନାହିଁ ? ଶତ୍ରୁମାନେ ଶତାଧିକ ବାର ମୁହମ୍ମଦ[ସଅ]ଙ୍କ ଦୟା ଉପରେ ଆପଣାକୁ ସମର୍ପିତ କରିଦେଲେ । ଏବଂ ପ୍ରତ୍ୟେକ ଥର ସେ ଶତ୍ରୁମାନଙ୍କୁ କ୍ଷମା ପ୍ରଦାନ କରିଥିଲେ । କିନ୍ତୁ ଏହା ଗୋଟିଏ ଅବସର ଥିଲା ଯେ ଶତ୍ରୁମାନେ ଅଡି ବସିଲେ ଯେ ସେମାନେ ମୁହମ୍ମଦ ରସୁଲୁଲ୍ଲାଃଙ୍କ ଶରଣ ପଶିବେ ନାହିଁ କି ତାଙ୍କ ନିଷ୍ପତ୍ତି ଶୁଣିବେ ନାହିଁ। କିନ୍ତୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ନିଷ୍ପତ୍ତି ଯାହା ହୋଇ ଥାଉନା କାହିଁକି ସେମାନେ ତାହା ସ୍ୱୀକାର କରିବେ । ସେହି ବିଚାରକ ନିଷ୍ପତ୍ତି କରିବା ପୂର୍ବରୁ ମୁହମ୍ମଦ[ସଅ]ଙ୍କ ଠାରୁ ମଧ୍ୟ ଅଙ୍ଗୀକାର ଗ୍ରହଣ କରିଥିଲେ ଯେ ସେ (ସାଆଦ୍) ଯାହା ନିଷ୍ପତ୍ତି ନେବେ, ତାକୁ ସେ ମଧ୍ୟ ମାନିବାକୁ ବାଧ୍ୟ ହେବେ । ଏହି ବିଚାରକ ଯିଏ କି ଇହୁଦି ସଂପ୍ରଦାୟରୁ ଆସି ଇସଲାମ ଧର୍ମ ଗ୍ରହଣ କରିଥିଲେ ସେ ନିଜେ କିଛି ନିଷ୍ପତ୍ତି ଗ୍ରହଣ କରି ନଥିଲେ, ବରଂ ଇହୁଦି ଧର୍ମଗ୍ରନ୍ଥ ତୋରାହ୍(ପୁରାତନ ସମାଚାର)ରେ ଇହୁଦିଙ୍କ ଅବତାର ହଜରତ ମୋସେସ୍[ଅସ] ଯାହା ନିର୍ଦ୍ଦେଶ ଦେଇଥିଲେ, ତାହାକୁ କେବଳ ଦୋହରାଇ ଥିଲେ । ଇହୁଦିମାନେ ଆପଣାକୁ ସେହି ଧର୍ମାବଲମ୍ବୀ ବୋଲି ଅବଶ୍ୟ ଦାବୀ କରନ୍ତି । ତେଣୁ ଯେଉଁମାନେ ଅତ୍ୟାଚାର କଲେ, ସେମାନେ ସ୍ୱୟଂ ଇହୁଦି ସମ୍ପ୍ରଦାୟର ଥିଲେ । ଯଦି କିଏ ଅନ୍ୟାୟ କରିଛି ସେ ମୋସେସ୍ ହୋଇପାରନ୍ତି । ଯିଏ ବନ୍ଦୀ ଅବସ୍ଥାରେ ଘେରାଉ କରି ରଖିଥିବା ଶତ୍ରୁଙ୍କ ସମ୍ବନ୍ଧରେ ପ୍ରଭୁଙ୍କ ଆଦେଶ ପାଇ ତୋରାହ୍‌ରେ ଏହି ଶିକ୍ଷା ଦେଇଥିଲେ । ଯଦି ଏହା ଅନ୍ୟାୟ ଥିଲା ତେବେ ଖ୍ରୀଷ୍ଟିୟାନ ଲେଖକଙ୍କ ଏହା କର୍ତ୍ତବ୍ୟ ହେଉଛି, ମୋସେସ୍‌ଙ୍କୁ ଅନ୍ୟାୟକାରୀ ଓ ଅତ୍ୟାଚାରୀ ରୂପେ ଦର୍ଶାନ୍ତୁ । ଅଧିକନ୍ତୁ ମୋସେସ୍‌ଙ୍କ ପ୍ରଭୁଙ୍କୁ ଅତ୍ୟାଚାରୀ ବୋଲି କହନ୍ତୁ, ଯିଏ ସ୍ୱୟଂ ତୋରାହ୍ ଗ୍ରନ୍ଥରେ ଏହି ଶିକ୍ଷା ଦେଇଛନ୍ତି ।

ଅହଜାବ୍ (ଖାଇ) ଯୁଦ୍ଧ ଶେଷହେବା ପରେ ହଜରତ୍ ମୁହମ୍ମଦ[ସଅ] ଘୋଷଣା କଲେ ଯେ ଆଜି ଠାରୁ ମୁଶରିକ୍ (ପ୍ରତିମା ପୂଜକ) ଆମ ଉପରେ ଆଉ କେବେ ଆକ୍ରମଣ କରି ପାରିବେ ନାହିଁ । ଏବେ ଇସଲାମ ସ୍ୱୟଂ ଏହାର କୃତ ଜବାବ ଦେବ । ଯେଉଁ ଜାତିମାନେ ଆମ ଉପରେ ଆକ୍ରମଣ କରିଥିଲେ, ସେହି ଜାତିମାନଙ୍କ ଉପରେ ଚଢାଉ ଜାରି ରହିବ । (ବୁଖାରୀ, କିତାବୁଲ୍ ମଗାଜି, ଭାଗ-ଗଜୁଅତୁଲ୍ ଖନ୍ଦକ) ସୁତରାଂ ଏହା ହିଁ ହୋଇଥିଲା । ଅହଜାବ୍ ଯୁଦ୍ଧରେ ଅବିଶ୍ୱାସକାରୀ ଶତ୍ରୁଙ୍କର କ'ଣ ଅବା କ୍ଷତି ହୋଇଥିଲା । ସାମାନ୍ୟ କେତେଜଣ ଲୋକ ହିଁ ମୃତ୍ୟୁବରଣ କରିଥିଲେ । ସେଇମାନେ ହିଁ ତା' ପର ବର୍ଷ ପୁଣିଥରେ ଯୁଦ୍ଧ କରିବାପାଇଁ ପ୍ରସ୍ତୁତ ହୋଇ ଆସିଥାନ୍ତେ । କୋଡିଏ ହଜାର ସେନାଙ୍କ ସ୍ଥନରେ ଚାଳିଶ-ପଚାଶ ହଜାର ସୈନ୍ୟ ଆଣି ପାରିଥାନ୍ତେ । ଏପରିକି ଅଧିକ ଯୋଗାଡ କରି ଲକ୍ଷେ-ଦେଢଲକ୍ଷ ସୈନ୍ୟ ଏକତ୍ର କରିବା ସେମାନଙ୍କ ପାଇଁ କୌଣସି କଠିନ କାର୍ଯ୍ୟ ନଥିଲା । କିନ୍ତୁ ଦୀର୍ଘ ଏକୋଇଶ ବର୍ଷ କାଳ ଶତତ ପ୍ରଚେଷ୍ଟା ପରେ ସେମାନେ ଏହା ହୃଦୟଙ୍ଗମ କରିପାରିଲେ ଯେ ଈଶ୍ୱର ହଜରତ୍ ମୁହମ୍ମଦ[ସଅ]ଙ୍କ ସହିତ ଅଛନ୍ତି । ସେମାନଙ୍କ ପ୍ରତିମା ମିଥ୍ୟା ଓ ସଂସାରର ସୃଷ୍ଟିକର୍ତ୍ତା ହେଉଛନ୍ତି ଏକମାତ୍ର ଈଶ୍ୱର । ସେମାନଙ୍କ ଶରୀର ତ ଯଥାବତ୍ ଥିଲା, ମାତ୍ର ସେମାନଙ୍କ ହୃଦୟ ଭଗ୍ନ ହୋଇ ଯାଇଥିଲା । ଉପର ଠାଉରିଆ ଭାବେ ସେମାନେ ଦେବାଦେବୀଙ୍କ ପ୍ରତିମା ଆଗରେ ଦଣ୍ଡବତ ହେଉଥିଲେ ସତ, କିନ୍ତୁ ସେମାନଙ୍କ ହୃଦୟରେ 'ଲାଇଲାହା ଇଲ୍ଲଲାଃ' (ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ)ର ସ୍ୱର ଗୁଞ୍ଜରିତ ହୋଇଥିଲା ।

# ମୁସଲମାନମାନଙ୍କ ବିଜୟର ଅଭ୍ୟୁଦୟ

ଏହି ଯୁଦ୍ଧରୁ ନିବୃତ୍ତ ହେବା ପରେ ହଜରତ୍ ମୁହମ୍ମଦ[ସଅ] ଘୋଷଣା କଲେ ଯେ ଆଜିଠାରୁ ଆମ ଉପରେ କାଫିର୍ (ଅବିଶ୍ୱାସକାରୀ) ମାନେ ଆଉ କେବେ ଆକ୍ରମଣ କରିବେ ନାହିଁ । ଅର୍ଥାତ୍ ମୁସଲମାନମାନଙ୍କ ଦୁର୍ଦ୍ଦଶା ଜନିତ ଅଗ୍ନି ପରୀକ୍ଷା ଏବେ ଚରମ ସୀମାରେ ପହଞ୍ଚି ଯାଇଛି । ବର୍ତ୍ତମାନ ସେମାନଙ୍କର ବିଜୟର ଯୁଗ ଆରମ୍ଭ ହେବାକୁ ଯାଉଛି । ସେହି ସମୟ ପର୍ଯ୍ୟନ୍ତ ଯେତେଗୁଡିଏ ଯୁଦ୍ଧ ହୋଇଥିଲା ସେ ସବୁ ଏହିପରି ଥିଲା ଯେ ବିଧର୍ମୀ ଲୋକ ମଦିନା ଉପରେ ଆକ୍ରମଣ କରିବାକୁ ଆସିଥିଲେ ଅଥବା ସେମାନଙ୍କ ଆକ୍ରମଣର ଉଦ୍ୟମିକୁ ରୋକିବା ବା ଭଣ୍ଡୁର କରିବା ପାଇଁ ମୁସଲମାନ ମଦିନା ବାହାରକୁ ଯାଉଥିଲେ । ମାତ୍ର ମୁସଲମାନ କେବେ ହେଁ ନିଜ ଆଡୁ ଯୁଦ୍ଧ ଅବ୍ୟାହତ ରଖିବା ପାଇଁ ପ୍ରୟାସ କରି ନଥିଲେ । ବରଂ ସେହି ଯୁଦ୍ଧ ଆତ୍ମରକ୍ଷା ମୂଳକ ଥିଲା । ସୁତରାଂ ନିୟମ ଅନୁସାରେ ଯେତେବେଳେ ଗୋଟିଏ ଯୁଦ୍ଧ ଆରମ୍ଭ ହେଉଥିଲା, ଏହାର ଅନ୍ତ ଦୁଇ ପ୍ରକାରର ହେଉଥିଲା । ପ୍ରଥମତଃ ସନ୍ଧି ହୋଇ ଯାଉଥିଲା, ନଚେତ୍ ଗୋଟିଏ ପକ୍ଷ ହତିଆର ପକାଇ ଦେଉଥିଲା ଓ ଆତ୍ମ ସମର୍ପଣ କରୁଥିଲା । କିନ୍ତୁ ଏଠାରେ ସେପରି ଗୋଟିଏ ବି ଅବସର ମିଳି ନଥିଲା । ପ୍ରାଚୀନ ପ୍ରଥାନୁସାରେ ଯୁଦ୍ଧରେ କିଛି ସମୟ ପାଇଁ ବିରାମ ପଡୁଥିଲା । କିନ୍ତୁ ଯୁଦ୍ଧ ନିରନ୍ତର ଭାବେ ଚାଲୁ ରହୁଥିଲା । ଏହି ଦୃଷ୍ଟିରୁ ମୁସଲମାନମାନଙ୍କ ଅଧିକାର ଥିଲା ଯେ ସେମାନେ ଯେବେ ଚାହଁଥନ୍ତେ ଶତ୍ରୁ ଉପରେ ଆକ୍ରମଣ କରି ହତିଆର ପକାଇବା ପାଇଁ ବିବଶ କରି ଦେଇଥାନ୍ତେ । କିନ୍ତୁ ମୁସଲମାନ ମାନେ ଏପରି କଲେ ନାହିଁ । କିଛି ଦିନ ପାଇଁ ଯୁଦ୍ଧ ବିରତି ହେଉଥିଲା ତ ମୁସଲମାନମାନେ ମଧ୍ୟ ଏହା ଭାବି ନୀରବ ହୋଇ ଯାଉଥିଲେ ଯେ କାଳେ ଯୁଦ୍ଧ ସମାପ୍ତ କରିବା ପାଇଁ ଶତ୍ରୁପକ୍ଷ ଆଗଭର ହୋଇ ସନ୍ଧି ପ୍ରସ୍ତାବ ରଖିବେ କି ! ଯାହା ଫଳରେ ଯୁଦ୍ଧ ସମାପ୍ତ ହୋଇଯିବ ଓ ଦେଶରେ ଶାନ୍ତି ସ୍ଥାପିତ ହେବ । କିନ୍ତୁ ଦୀର୍ଘ ସମୟ ଅତିବାହିତ ହେବା ପରେ ମଧ୍ୟ ବିଧର୍ମୀମାନଙ୍କ ତରଫରୁ ସେପରି କୌଣସି ଶାନ୍ତିର ପ୍ରସ୍ତାବ ଆସିଲା ନାହିଁ କି ସେମାନେ ଅସ୍ତ୍ର ତ୍ୟାଗ କଲେ ନାହିଁ । ଅନ୍ୟ ପକ୍ଷରେ ସେମାନେ ଅଧିକ ଉତ୍ସାହିତ ହୋଇ ମୁସଲମାନଙ୍କ ବିରୁଦ୍ଧାଚରଣ କରିବାରେ ଲାଗିଥିଲେ । ତେଣୁ ବର୍ତ୍ତମାନ କେବଳ ଗୋଟିଏ ମାତ୍ର ବିକଳ୍ପ ଥିଲା ଯେ ଉଭୟ ପକ୍ଷରୁ ଶାନ୍ତିର ପ୍ରସ୍ତାବ ଆସିବା ଉଚିତ କିମ୍ବା ଗୋଟିଏ ପକ୍ଷ ସମ୍ପୂର୍ଣ୍ଣ ଭାବେ ଅସ୍ତ୍ର ତ୍ୟାଗ କରିବା

ଉଚିତ । ସୁତରାଂ ଏହି ଅହଜାବ୍ ଯୁଦ୍ଧ ପରେ ହଜରତ୍ ମୁହମ୍ମଦ[ସଅ] ଘୋଷଣା କଲେ ଯେ ଉପରୋକ୍ତ ଦୁଇଟି ବିକଳ୍ପରୁ ଗୋଟିଏ ଅବଶ୍ୟ ପୂରଣ କରିବାକୁ ପଡିବ । ପ୍ରଥମତଃ ଆମ ସହିତ କୁଫ୍‌ଫାର ମାନଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରିବାକୁ ହେବ, ନଚେତ୍ ଆମ ଉଭୟ ପକ୍ଷଙ୍କ ମଧ୍ୟରୁ ଗୋଟିଏ ପକ୍ଷ ଅସ୍ତ୍ର ସମର୍ପଣ କରିଦେବେ । ଏହା ସ୍ପଷ୍ଟ ହୋଇ ଯାଇଥିଲା ଯେ ହତିଆର ପକାଇବା ସ୍ଥିତିରେ ରହୁଥିବା ଯଗୁଁ କୁଫ୍‌ଫାରମାନେ ହିଁ ଅସ୍ତ୍ର ତ୍ୟାଗ କରି ପାରିଥାନ୍ତେ । କାରଣ ଇସଲାମର ବିଜୟ ସମ୍ବନ୍ଧରେ ଅଲ୍ଲାଃଙ୍କ ତରଫରୁ ସୂଚନା ପ୍ରାପ୍ତ ହୋଇଥିଲା ଏବଂ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଏହାର ଘୋଷଣା ମକ୍କାରେ ଥିବା ସମୟରେ ହିଁ କରି ଦେଇଥିଲେ । ବାକି ରହିଲା ସନ୍ଧି ପ୍ରସ୍ତାବ । ଶାନ୍ତିର ପ୍ରସ୍ତାବ ସମ୍ବନ୍ଧରେ ଏହା ବୁଝି ନେବାକୁ ହେବ ଯେ ସନ୍ଧି ପ୍ରସ୍ତାବ ବିଜେତା ପକ୍ଷରୁ ଅଥବା ପରାଜିତ ଦଳ ପକ୍ଷରୁ ହୋଇଥାଏ । ପରାଜିତ ଜଳ ପକ୍ଷରୁ ତାହା କରାଗଲେ ସେ ନିଜ ଦେଶର କେତେକ ଭାଗ କିମ୍ବା ଆମଦାନୀର କିଛି ଅଂଶ ସ୍ଥାୟୀ କିମ୍ବା ଅସ୍ଥାୟୀ ଭାବରେ ଚୁକ୍ତି ସ୍ୱରୂପ ବିଜେତା ପକ୍ଷକୁ ଦେବାକୁ ବାଧ୍ୟ ହେବେ କିମ୍ବା ଅନ୍ୟ ପରିସ୍ଥିତିରେ ତାଙ୍କ ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକକୁ ସେ ସ୍ୱୀକାର କରିବେ । ବିଜେତା ପକ୍ଷରୁ ଯଦି ସନ୍ଧିର ପ୍ରସ୍ତାବ ଆଗତ କରାଯିବ, ତେବେ ତାହାର ତାତ୍ପର୍ଯ୍ୟ ହେଉଛି ଯେ ପରାଜିତ ପକ୍ଷକୁ ସେମାନେ ଧରାଶାୟୀ କରିଦେବେ କିମ୍ବା ଲୋପ କରିଦେବେ । ଯଦି ତୁମେ କିଛି ସର୍ତ୍ତ ସହିତ ଆମର ଆଜ୍ଞାକାରୀତା କିମ୍ବା ବଶଃତା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଆଦେଶ ପାଳନ କରିବ, ତା'ହେଲେ ଆମେ ତୁମର ସ୍ୱତନ୍ତ୍ର ସତ୍ତା କିମ୍ବା ଅର୍ଦ୍ଧ ସ୍ୱତନ୍ତ୍ର ସତ୍ତାକୁ ବଜାୟ ରଖିବାର ଅନୁମତି ଦେଇପାରୁ । ସବୁ ଥର ଏହା ଦେଖାଯାଇଥିଲା ଯେ ମକ୍କାର ବିଧର୍ମୀ ତଥା ମୁହମ୍ମଦ[ସଅ]ଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧରେ ବିଧର୍ମୀମାନଙ୍କର ବାରମ୍ବାର ପରାଜୟ ହୋଇଥିଲା । କିନ୍ତୁ ଏହି ପରାଜୟର ଅର୍ଥ ଏତିକି ଥିଲା ଯେ ସେମାନଙ୍କ ଆକ୍ରମଣ ଅସମର୍ଥ ହୋଇଥିଲା । ପ୍ରକୃତ ପରାଜୟ ତାକୁ କୁହାଯାଏ, ଯେତେବେଳେ ପ୍ରତିରକ୍ଷା ମୂଳକ ଶକ୍ତି କ୍ଷୀଣ ହୋଇଯାଏ । ତେଣୁ ଆକ୍ରମଣ ବ୍ୟର୍ଥ ହେବାର ତାତ୍ପର୍ଯ୍ୟ ବାସ୍ତବ ପରାଜୟ ନୁହେଁ । ତାହା କେବଳ ଏତିକି ଯେ ଯଦ୍ୟପି ଆକ୍ରମଣକାରୀ ବିଫଳ ମନୋରଥ ହୁଏ, ପରନ୍ତୁ ପୁନଶ୍ଚ ଦ୍ୱିତୀୟ ଥର ଆକ୍ରମଣ କରି ସେ ନିଜର ଲକ୍ଷ୍ୟକୁ ପ୍ରାପ୍ତ କରିନିଏ । ସୁତରାଂ ଯୁଦ୍ଧର ଆଗ୍ରର ସଂହିତା ଅନୁଯାୟୀ ମକ୍କାବାସୀ ପରାଜିତ ହୋଇ ନଥିଲେ । କିନ୍ତୁ ସେମାନଙ୍କ ସ୍ଥିତି ଏତିକି ମାତ୍ର ଥିଲା ଯେ ଏପର୍ଯ୍ୟନ୍ତ ସେମାନଙ୍କ ଆକ୍ରମଣର କାର୍ଯ୍ୟଧାରା ଲକ୍ଷ୍ୟ ପୂରଣ କରି ପାରି ନଥିଲା । ଏହା ତୁଳନାରେ ମୁସଲମାନମାନେ ଯୁଦ୍ଧ ଦୃଷ୍ଟିରୁ ଯଦିଚ ସେମାନଙ୍କ ପ୍ରତିରକ୍ଷା ମୂଳ ଶକ୍ତି ଅତୁଟ ରହିଥିଲା, ତଥାପି ସେମାନେ ପରାଜିତ ବୋଲାଇବାର ପାତ୍ର ଥିଲେ ।

କାରଣ ପ୍ରଥମତଃ ସେମାନଙ୍କ ସଂଖ୍ୟା ଅତି ନ୍ୟୁନ ଓ କ୍ଷୁଦ୍ର ସେନାଦଳ ଉପରେ ଆଧାରିତ ଥିଲେ । ଦ୍ୱିତୀୟତଃ ସେମାନେ ସେ ସମୟ ପର୍ଯ୍ୟନ୍ତ କୌଣସି ଆକ୍ରମଣାତ୍ମକ କାର୍ଯ୍ୟ କରି ନଥିଲେ, ଅର୍ଥାତ୍ ଆକ୍ରମଣ କରିବାରେ ପ୍ରଥମେ ନିଜ ଆଡୁ କୌଣସି ପଦକ୍ଷେପ ଉଠାଇ ନଥିଲେ, ଯଦ୍ୱାରା ଏହା ବୁଝା ପଡିବ ଯେ ସେମାନେ ବିଧର୍ମୀମାନଙ୍କ ପ୍ରାଦୁର୍ଭାବ କବଳରୁ ନିସ୍ତାର ପାଇଗଲେ । ଏହି ପରିସ୍ଥିତିରେ ମୁସଲମାନମାନଙ୍କ ଦ୍ୱାରା ସନ୍ଧି ପ୍ରସ୍ତାବର ଅର୍ଥ ଏୟା ହୋଇ ପାରିଥାନ୍ତା ଯେ ଆତ୍ମରକ୍ଷା ପାଇଁ ଯୁଦ୍ଧ କରି ଏବେ ସେମାନେ ବୀତସ୍ପୃହ ହୋଇ ପଡିଛନ୍ତି । ଏବଂ କିଛି ମୁହଁଯଚା ପାରିତୋଷିକ ଦେଇ ଯୁଦ୍ଧରୁ ନିସ୍ତାର ଚାହୁଁଛନ୍ତି । ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଏହା ଚିନ୍ତା କରିପାରେ ଯେ ଯଦି ଏହି ପରିସ୍ଥିତିରେ ମୁସଲମାନମାନେ ସନ୍ଧିର ପ୍ରସ୍ତାବ ନେଇ କୁଫ୍‌ଫାରମାନଙ୍କ ପାଖକୁ ଯାଇଥା'ନ୍ତେ, ତେବେ ତା'ର ପରିଣାମ ଅତ୍ୟନ୍ତ ଭୟାନକ ବିପଦ ସୃଷ୍ଟି କରିଥାନ୍ତା ।  ଏହି ପଦକ୍ଷେପ ମୁସଲମାନଙ୍କ ଅସ୍ତିତ୍ୱକୁ ଲୋପ କରିଦେବା ପାଇଁ ଯଥେଷ୍ଟ ହୋଇଥାନ୍ତା । ଆରବର ବିଧର୍ମୀ ନିଜ ପକ୍ଷରୁ ଆକ୍ରମଣାତ୍ମକ କାର୍ଯ୍ୟ ନିର୍ବାହ ଦ୍ୱାରା ବାରମ୍ବାର ବିଫଳ ହେବା ଯୋଗୁଁ ଯେଉଁ ନୈରାଶ୍ୟ ଭାବ ଉତ୍ପନ୍ନ ହୋଇ ଯାଇଥିଲା, ସନ୍ଧି ପ୍ରସ୍ତାବ ଫଳରେ ସେମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଉଦ୍ଦୀପନା ଭରିଦେବା ସହିତ ତାହା ନୂତନ ଆଶାରେ ପରିବର୍ତ୍ତିତ ହୋଇଯାଆନ୍ତା । ଏବଂ ଏହା ବୁଝା ପଡନ୍ତା ଯେ ମୁସଲମାନ ମଦିନାକୁ ବିନାଶରୁ ରକ୍ଷା କରିବା ସତ୍ତ୍ୱେ ନିଜର ଅନ୍ତିମ ସଫଳତାରୁ ନିରାଶ ହୋଇ ଯାଇଛନ୍ତି । ସୁତରାଂ ସନ୍ଧିର ପ୍ରସ୍ତାବ ମୁସଲମାନମାନଙ୍କ ପକ୍ଷରୁ କୌଣସିମତେ ପ୍ରସ୍ତୁତ କରାଯାଇ ପାରି ନଥା'ନ୍ତା । ଯଦି କେହି ସନ୍ଧିର ପ୍ରସ୍ତାବ ଆଗତ କରିବା ପାଇଁ ଯୋଗ୍ୟ ଥିଲେ, ସେମାନେ କେବଳ ମକ୍କାବାସୀହିଁ କରି ପାରିଥାନ୍ତେ । କିମ୍ବା କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥି ହୋଇ ଏହା କରି ପାରିଥାନ୍ତା । କିନ୍ତୁ ଆରବରେ ଅନ୍ୟ କୌଣସି ଏପରି ଜାତି ନଥିଲେ । ଗୋଟିଏ ପଟେ ମଦିନା ଥିଲା ଓ ଅନ୍ୟ ପଟେ ସମଗ୍ର ଆରବ । ସୁତରାଂ ଏହି ପରିସ୍ଥିତିରେ ବିଧର୍ମୀମାନେ ହିଁ ଥିଲେ, ଯେଉଁମାନେ ଏହି ପ୍ରସ୍ତାବକୁ ପ୍ରସ୍ତୁତ କରିପାରି ଥାଆନ୍ତେ । କିନ୍ତୁ ସେମାନଙ୍କ ପକ୍ଷରୁ କୌଣସି ସନ୍ଧିର ପ୍ରସ୍ତାବ ଆସୁ ନଥିଲା । ଏହିପରି ସ୍ଥାଣୁ ଅବସ୍ଥା ଯଦି ଶହେ ବର୍ଷ ପର୍ଯ୍ୟନ୍ତ ଲାଗି ରହିଥାନ୍ତା, ତେବେ ଯୁଦ୍ଧର ନିୟମାନୁସାରେ ଗୃହଯୁଦ୍ଧ ଜାରି ରହିଥାନ୍ତା । ତେବେ ମକ୍କାବାସୀ ସନ୍ଧି ନ କରିବା ଓ ମଦିନାର ଲୋକ ଆରବର ଅବିଶ୍ୱାସକାରୀଙ୍କ ପରାଧୀନତାକୁ କୌଣସି ପରିସ୍ଥିତିରେ ସ୍ୱୀକାର କରିବାକୁ ପ୍ରସ୍ତୁତ ନଥିଲେ । ତେଣୁ ଏକମାତ୍ର ପନ୍ଥା ଥିଲା ସେହି ମଦିନା, ଯିଏକି ସମଗ୍ର ଆରବର ମିଳିତ ସୈନ୍ୟବାହିନୀର ଆକ୍ରମଣକୁ ପ୍ରତିହତ କରିପାରିଲା, ତାକୁ ହିଁ ଏବେ ବାହାରକୁ

ବାହାରିବାକୁ ପଡିବ । ଏବଂ କୁଫ୍‌ଫାର୍ ମାନଙ୍କୁ ଏଥିପାଇଁ ବିବଶ କରିଦେବ ଯେ ସେମାନେ ମଦିନାର କରାଗତ ହୁଅନ୍ତୁ କିମ୍ବା ତାଙ୍କ ସହିତ ସନ୍ଧି ସ୍ଥାପନ କରନ୍ତୁ । ଦିବ୍ୟ ବାର୍ତ୍ତାବହ ମୁହମ୍ମଦ[ସଅ] ଏହି ପନ୍ଥା ଅବଲମ୍ବନ କଲେ । ଏହି ମାର୍ଗ ହିଁ ପ୍ରତ୍ୟକ୍ଷ ରୂପେ ଯୁଦ୍ଧର ରୂପ ନେଲା । ପ୍ରକୃତ ପକ୍ଷେ ଶାନ୍ତି ପ୍ରତିଷ୍ଠା ପାଇଁ ଅନ୍ୟ କୌଣସି ବିକଳ୍ପ ପନ୍ଥା ନଥିଲା । ଯଦି ହଜରତ୍ ମୁହମ୍ମଦ[ସଅ] ଏହି ପଦକ୍ଷେପ ଗ୍ରହଣ କରି ନଥାନ୍ତେ, ତା'ହେଲେ ଏହି ଗୃହଯୁଦ୍ଧ ଶହେ ବର୍ଷ ପର୍ଯ୍ୟନ୍ତ ଜାରି ରହିଥାନ୍ତା । ଯେପରି ପ୍ରାଚୀନ କାଳରେ ଏହି ପରିସ୍ଥିତିରେ ଏପରି ଯୁଦ୍ଧ ଶହ ଶହ ବର୍ଷ ଧରି ଚାଲୁଥିଲା । ଏବଂ ଆରବରେ ମଧ୍ୟ ତିରିଶ ଚାଳିଶ ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିଥିବାର ଦୃଷ୍ଟାନ୍ତ ରହିଛି । କ୍ରମାଗତ ଭାବେ ଯୁଦ୍ଧ ଜାରି ରହିବାର କାରଣ ଥିଲା ଯେ ଏହାକୁ ସମାପ୍ତ କରିବା ପାଇଁ କୌଣସି ସମାଧାନର ପନ୍ଥା ବା କୌଣସି ସାଧନ ଅବଲମ୍ବନ କରା ଯାଉ ନଥିଲା । ଯେପରି ମୁଁ ପୂର୍ବରୁ କହିଛି, ଯୁଦ୍ଧର ଅବସ୍ଥାନ ପାଇଁ ଦୁଇଟି ବିକଳ୍ପ ପନ୍ଥା ରହିଛି । ଏପରି ନିର୍ଣ୍ଣାୟକ ଯୁଦ୍ଧ କରିବା ଜରୁରୀ, ଯହିଁରେ ଅତିଶୀଘ୍ର ଗୋଟିଏ ପକ୍ଷ ଅସ୍ତ୍ର ସମ୍ବରଣ କରିବାକୁ ବାଧ୍ୟ ହେବ । ତା' ନ ହେଲେ ପରସ୍ପର ମଧ୍ୟରେ ସନ୍ଧି ସ୍ଥାପନ କରି ଚୁକ୍ତି ପତ୍ର ସାକ୍ଷରିତ ହେବ । ଅବଶ୍ୟ ମୁହମ୍ମଦ ରୁସୁଲୁଲ୍ଲାଃ[ସଅ] ଏପରି ମଧ୍ୟ କରି ପାରିଥାନ୍ତେ ଯେ ସେ ନିଜେ ମଦିନାରେ ବସି ରହିଥାନ୍ତେ ଓ ଆକ୍ରମଣ କରିବାକୁ ଯୋଜନା କରି ନଥାନ୍ତେ । କିନ୍ତୁ ଯେହେତୁ ଆରବର ଅବିଶ୍ୱାସକାରୀ ଯୁଦ୍ଧର ଡାକରା ଦେଇ ଏହାର ମୂଳଭିତ୍ତି ପକାଇ ଦେଇଥିଲେ । ସେପରି ସ୍ଥଳେ ସେ ନୀରବରେ ବସି ରହିବା କାପୁରୁଷପଣିଆ ଏବଂ ଏହାର କଦାପି ଅର୍ଥ ନୁହେଁ ଯେ ଯୁଦ୍ଧ ସମାପ୍ତ ହୋଇଗଲା । ବରଂ ଏହାର ଅର୍ଥ ଏପରି ହୋଇଥାନ୍ତା ଯେ ଯୁଦ୍ଧର ଦ୍ୱାର ସବୁଦିନ ପାଇଁ ଉନ୍ମୁକ୍ତ ରଖା ଯାଇଛି । ଯଦ୍ଦ୍ୱାରା ଆରବର ଅବିଶ୍ୱାସକାରୀ ଯେତେବେଳେ ଚାହିଁବେ, ମଦିନା ଉପରେ ବିନା କାରଣରେ ଆକ୍ରମଣ କରି ପାରିବେ ତଥା ସେହି ସମୟର ପ୍ରଥାନୁସାରେ ସେ ସତ୍ୟ ଉପରେ ପ୍ରତିଷ୍ଠିତ ହୋଇ ରହିଛନ୍ତି ବୋଲି ବିବେଚିତ ହୋଇଥାନ୍ତେ । କାରଣ ଯୁଦ୍ଧ ବିରାମ ହେବା ସେ କାଳରେ ଯୁଦ୍ଧର ଅନ୍ତ ନହୋଇ ସେହି ଅନ୍ତରାଳକୁ ଯୁଦ୍ଧର ଏକ ଅଂଶ ରୂପେ ଗଣନା କରା ଯାଉଥିଲା ।

ଏହି ଅବସରରେ କେତେକ ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି ହୋଇପାରେ ଯେ ଏକ ସତ୍ୟଧର୍ମ ପକ୍ଷରେ ଯୁଦ୍ଧ କରିବା କ'ଣ ସମୀଚିନ ?

# ଯୁଦ୍ଧ ସଂକ୍ରାନ୍ତରେ ଇହୁଦି ଓ ଖ୍ରୀଷ୍ଟଧର୍ମର ଶିକ୍ଷା

ମୁଁ ଏଠାରେ ଏହି ପ୍ରଶ୍ନର ଉତ୍ତର ଦେବା ଆବଶ୍ୟକ ମନେ କରୁଛି । ଯେତେ ଦୂର ଧର୍ମର ପ୍ରଶ୍ନ ଉଠୁଛି, ଯୁଦ୍ଧ ସମ୍ପର୍କରେ ଭିନ୍ନ ଭିନ୍ନ ଶିକ୍ଷା ରହିଛି । ଯୁଦ୍ଧ ସଂବନ୍ଧରେ ମୋସେସ୍ [ଅସ] (ଇହୁଦି ଧର୍ମର ଅବତାର)ଙ୍କ ନିର୍ଦ୍ଦେଶିତ ଶିକ୍ଷା ପ୍ରଥମରୁ ଉଲ୍ଲେଖ କରାଯାଇ ସାରିଛି । ତୋରାହ୍ (ବାଇବେଲର ପୁରାତନ ସମାଚ୍ର)ରେ ମୋସେସ୍ [ଅସ]ଙ୍କୁ ଆଦେଶ ଦିଆଯାଇଥିଲା ଯେ 'କିନ୍ଆନ ପ୍ରଦେଶରେ ବଳ ପୂର୍ବକ ପଶିଯାଅ ଓ ସେଠାକାର ସ୍ଥାନୀୟ ଲୋକଙ୍କୁ ପରାଜିତ କରି ନିଜ ଜାତିକୁ ନେଇ ସେଠାରେ ଅବସ୍ଥାପିତ କର' । (ଇସତସ୍ନା, ଅଧ୍ୟାୟ ୨୦, ପଙ୍କ୍ତି ୧୦ ରୁ ୧୮) ମାତ୍ର ଏହାର ଶିକ୍ଷା ମୋସେସ୍ ଦେଇଥିବା ସତ୍ତ୍ୱେ ଏବଂ ଯୋଶୁଦା, ଦାଉଦ ତଥା ଅନ୍ୟ ନବୀଗଣ ନିରନ୍ତର ଭାବରେ ଏହି ଶିକ୍ଷା ଉପରେ ଆଚରଣ ପ୍ରଦର୍ଶନ କରିଥିବା ସତ୍ତ୍ୱେ ଇହୁଦି ଓ ଖ୍ରୀଷ୍ଟିୟାନମାନେ ସେମାନଙ୍କୁ ଈଶ୍ୱର ପ୍ରେରିତ ଅବତାର ଓ ତୋରାହ୍ ଗ୍ରନ୍ଥକୁ ଐଶୀ ପୁସ୍ତକ ରୂପେ ବିବେଚନା କରନ୍ତି । ମୋସେସ୍ଙ୍କ ଧର୍ମ ପ୍ରଣୟନର ଶେଷରେ ହଜରତ ଇସା [ଅସ] (ଯୀଶୁ)ଙ୍କ ବିରୁଦ୍ଧରେ ମୁକାବିଲା କରନାହିଁ । ବରଂ ଯିଏ ଡାହାଣ ଗାଲକୁ ଚ୍ପୁଡା ମାରିବ, ତୁମେ ଅନ୍ୟ ଗାଲଟିକୁ ମଧ୍ୟ ଦେଖାଇ ଦିଅ ।' (ମାଥିଉ, ଅଧ୍ୟାୟ ୫, ପଙ୍କ୍ତି ୩୯) ଏଥିରୁ ଖ୍ରୀଷ୍ଟିୟାନମାନେ ପରିଣାମ ବାହାର କରି ଦାବି କରନ୍ତି ଯେ ଯୀଶୁଖ୍ରୀଷ୍ଟ ନିଜ ଜାତିମାନଙ୍କୁ ଯୁଦ୍ଧ କରିବାକୁ ବାରଣ କରିଛନ୍ତି । କିନ୍ତୁ ଯଦି ପ୍ରକୃତ ପକ୍ଷେ ଦେଖାଯାଏ, ତେବେ ବାଇବେଲର ନୂତନ ନିୟମରେ ଏହି ଶିକ୍ଷାର ବିପରୀତରେ ଅନ୍ୟ ଶିକ୍ଷାର ଉଲ୍ଲେଖ ରହିଛି । ଉଦାହରଣ ସ୍ୱରୂପ ଇଂଜିଲ୍ରେ ଲେଖାଅଛି,

> 'ଏହା ମନେ କରନାହିଁ ଯେ ମୁଁ ପୃଥିବୀରେ ଶାନ୍ତି ଦେବାକୁ (ସନ୍ଧି ସ୍ଥାପନ କରିବାକୁ) ଆସିଅଛି ।' (ମାଥିଉ, ଅଧ୍ୟାୟ ୧୦, ପଙ୍କ୍ତି ୩୪)

ସେହିପରି ଲେଖାଅଛି

> 'ମାତ୍ର ଏବେ ଯାହାର ଗାଞ୍ଜିଆ ଅଛି ସେ ତାହାହେଉ, ସେହି ପ୍ରକାରେ ସେ ଝୋଲି ମଧ୍ୟ ଦେଉ ଓ ଯାହାର ନାହିଁ ସେ ଆପଣା ଚ୍ଦର ଖଣ୍ଡକ ବିକି ଖଣ୍ଡା କିଣୁ ।' (ଲୁକ, ଅଧ୍ୟାୟ ୨୨, ପଙ୍କ୍ତି ୩୬)

ଏହି ଅନ୍ତିମ ଦୁଇଟି ଶିକ୍ଷା ପ୍ରଥମ ଶିକ୍ଷାର ସମ୍ପୂର୍ଣ୍ଣ ବିପରୀତ । ଯଦି ଯୀଶୁ ଯୁଦ୍ଧ କରିବା ପାଇଁ ଆସିଥିଲେ, ତା'ହେଲେ ଗୋଟିଏ ଗାଲରେ ଚ୍ପୁଡା ଖାଇ ଅନ୍ୟ ଗାଲକୁ ଦେଖାଇବାର ଅର୍ଥ କ'ଣ ? ତେବେ ହୋଇପାରେ ଯେ ଏହି ଶିକ୍ଷା ପରସ୍ପର ବିରୋଧି

ରହିଛି କିମ୍ବା ଏହି ଦୁଇ ପ୍ରକାର ଶିକ୍ଷାର ମଧ୍ୟରୁ ଗୋଟିଏ ଶିକ୍ଷା ଅବିକଳ ଅର୍ଥକୁ କାଢିଦେଇ ଏହାର ଅନ୍ୟ କୌଣସି ବ୍ୟାଖ୍ୟା କରିବାକୁ ପଡିବ । ମୁଁ ଏହି ବିବାଦରେ ପଡିବାକୁ ଚାହୁଁନାହିଁ ଯେ ଗୋଟିଏ ଗାଲରେ ଚାପୁଡା ଖାଇ ଅନ୍ୟ ଗାଲଟିକୁ ଦେଖାଇବାର ଶିକ୍ଷା ବ୍ୟାବହାରିକ ହୋଇ ପାରିବ କି ନାହିଁ । କିନ୍ତୁ ମୁଁ ଏଠାରେ କହିବାକୁ ଚାହେଁ ଯେ ପ୍ରାଥମିକ କାଳର ଖ୍ରୀଷ୍ଟଜଗତ ନିଜର ସାରା ଇତିହାସରେ ଯୁଦ୍ଧ କରିବାକୁ କେବେ ସଙ୍କୋଚ କରିନାହିଁ । ଏପରିକି ଖ୍ରୀଷ୍ଟଧର୍ମ ଉଦ୍ଭବ ହେବାର ପ୍ରାରମ୍ଭରେ ଯେତେବେଳେ ରୋମରେ ଏହାର ଆଧିପତ୍ୟ ରହିଥିଲା, ସେତେବେଳେ ମଧ୍ୟ ଅନ୍ୟାନ୍ୟ ଜାତିମାନଙ୍କ ସହିତ ଯୁଦ୍ଧରେ ଲିପ୍ତ ଥିଲେ । କେବଳ ସୁରକ୍ଷାତ୍ମକ ନୁହେଁ, ଆକ୍ରମଣାତ୍ମକ ମଧ୍ୟ । ଏବେ ଯେତେବେଳେ ଖ୍ରୀଷ୍ଟଧର୍ମ ସମଗ୍ର ପୃଥିବୀରେ ପ୍ରଭୁତ୍ୱ ବିସ୍ତାର କରିଛି । ଯୁଦ୍ଧ କରିବାରେ ମାତିଛନ୍ତି ଓ ଯୁଦ୍ଧଖୋର ନୀତି ଆପଣାଇଛନ୍ତି । ପୁଣି ତାହା ପ୍ରତିରକ୍ଷା ମୂଳକ ନୁହେଁ, ଆକ୍ରମଣାତ୍ମକ । ଫରକ କେବଳ ଏତିକି ଯେ ଯୁଦ୍ଧରେ ଯେଉଁ ଗୋଷ୍ଠୀ ବିଜୟ ଲାଭ କରୁଛନ୍ତି, ତାଙ୍କ ସମ୍ବନ୍ଧରେ କହି ଦିଆଯାଉଛି ଯେ ସେମାନେ ଖ୍ରୀଷ୍ଟିୟାନ ସଭ୍ୟତାର ବଶବର୍ତ୍ତୀ ଥିଲେ । Christian Civilization (ଖ୍ରୀଷ୍ଟିୟ ସଭ୍ୟତା) ସେହି ଯୁଗରେ କେବଳ ବିଜୟ ଏବଂ ପ୍ରଭୁତ୍ୱ ପ୍ରାପ୍ତ ଜାତିର କାର୍ଯ୍ୟଶୈଳୀର ନାମ । ତେଣୁ ଏହି ଶବ୍ଦର ବାସ୍ତବ ଅର୍ଥ ଏବେ ଜାଣିବାର କୌଣସି ପ୍ରୟୋଜନୀୟ ଅବସର ରହିନାହିଁ । ଯେବେ ଦୁଇଟି ଜାତି ପରସ୍ପର ଯୁଦ୍ଧ କରୁଥାନ୍ତି, ସେତେବେଳେ ସେହି ବିଜୟ ପ୍ରାପ୍ତ ଜାତିର କାର୍ଯ୍ୟଶୈଳୀ ହିଁ ଖ୍ରୀଷ୍ଟିୟ ସଭ୍ୟତା । ମାତ୍ର ପ୍ରତ୍ୟେକ ପରିସ୍ଥିତିରେ ଯୀଶୁଖ୍ରୀଷ୍ଟଙ୍କ ସମୟରୁ ଆଜି ପର୍ଯ୍ୟନ୍ତ ଖ୍ରୀଷ୍ଟିୟାନ ସଂପ୍ରଦାୟ ନିରନ୍ତର ଯୁଦ୍ଧ କରି ଆସୁଛି । ଏବଂ ତାଙ୍କ ଯୁଦ୍ଧଖୋର୍ ନୀତିର ଲକ୍ଷଣ ଆମକୁ ଏହା ସୂଚାଏ ଯେ ଏହି ଯୁଦ୍ଧ ଆଗକୁ ମଧ୍ୟ ଚାଲୁ ରହିଥିବ । ସୁତରାଂ ଯେତେଦୂର ଖ୍ରୀଷ୍ଟ ଜଗତର ନିଷ୍ପତ୍ତିର ପ୍ରଶ୍ନ ରହିଛି, ସେଥିରୁ ଏହା ବିଦିତ ହୁଏ ଯେ 'ତୁମେ ଲୁଗା ବିକି ତରବାରୀ କିଣ ଓ ମୁଁ ଶାନ୍ତି ପାଇଁ ଆସିନାହିଁ, ତରବାରୀ ଚାଳନା ପାଇଁ ଆସିଛି' ଶିକ୍ଷା ଦିଆ ଯାଉଥିବ । ଏହା ହିଁ ପ୍ରକୃତ ବିଧାନ ଏବଂ ଗୋଟିଏ ଗାଲରେ ଚାପୁଡା ଖାଇ ଅନ୍ୟ ଗାଲ ଦେଖାଇବା ନୀତି ପ୍ରାରମ୍ଭିକ କାଳର ଖ୍ରୀଷ୍ଟିୟାନ ସମାଜର ଦୁର୍ବଳତା ସମୟରେ ବୋଧହୁଏ ନିଜ ହିତ ଦୃଷ୍ଟିରୁ ଗ୍ରହଣ କରା ଯାଇଥିଲା । କିମ୍ବା ଖ୍ରୀଷ୍ଟିୟାନ ଲୋକଙ୍କର ପରସ୍ପର ମଧ୍ୟରେ ସମ୍ପର୍କକୁ ସୀମିତ ରଖିବା ପାଇଁ ଏହି ଆଇନ ପ୍ରଣୟନ କରା ଯାଇଥିଲା । କିନ୍ତୁ ଦେଶର ସରକାରୀ କାର୍ଯ୍ୟକ୍ରମରେ ଅଥବା ଜାତିଗତ ସମ୍ପର୍କ ପାଇଁ ଏହି ନୀତି କେବେ ଚରିତାର୍ଥ ହୁଏନାହିଁ । ଦ୍ୱିତୀୟତଃ ଯଦି ଧରି ନିଆଯିବ ଯେ ଯୀଶୁଖ୍ରୀଷ୍ଟଙ୍କ ମୌଳିକ ଶିକ୍ଷା ଯୁଦ୍ଧନୀତି ପାଇଁ ନୁହେଁ ବରଂ ମୈତ୍ରୀ ରକ୍ଷା ପାଇଁ ଥିଲା,

ତଥାପି ଏହି ଶିକ୍ଷାରୁ ଏହି ନିଷ୍କର୍ସ ବାହାରୁ ନାହିଁ ଯେ ଯେଉଁ ବ୍ୟକ୍ତି ଏହି ଶିକ୍ଷାର ବିପରୀତ କାର୍ଯ୍ୟ କରୁଛି, ସେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ କଦାପି ହୋଇ ପାରିବ ନାହିଁ। କାରଣ ଖ୍ରୀଷ୍ଟିୟାନ ସମାଜ ଏ ପର୍ଯ୍ୟନ୍ତ ମୋସେସ୍, ଯୀଶୁଦା ଓ ଦାଉଦଙ୍କୁ ଈଶ୍ୱର ପ୍ରେରିତ ବୋଲି ଗ୍ରହଣ କରୁଛନ୍ତି । ବରଂ ସ୍ୱୟଂ ଖ୍ରୀଷ୍ଟିୟାନ ଶାସନ ସମୟର ବହୁ ପ୍ରତିଷ୍ଠିତ ବୀର ନାୟକ ଯେଉଁମାନେ ଜାତି ପାଇଁ ନିଜ ଜୀବନକୁ ବିପନ୍ନ କରି ଶତ୍ରୁଙ୍କ ସହିତ ଯୁଦ୍ଧ କରିଛନ୍ତି, ବିଭିନ୍ନ ସମୟରେ ସେମାନେ ପୋପ୍‌ମାନଙ୍କ ଅଧାଦେଶ ଦ୍ୱାରା ସେଣ୍ଟ (SAINT) ନାମରେ ଘୋଷିତ ହୋଇଛନ୍ତି।

## ଯୁଦ୍ଧ ସମ୍ବନ୍ଧରେ ଇସଲାମର ଶିକ୍ଷା

ଇସଲାମ ଉପରୋକ୍ତ ଦୁଇ ପ୍ରକାର ଶିକ୍ଷାର ମଧ୍ୟବର୍ତ୍ତୀ ସନ୍ତୁଳିତ ଶିକ୍ଷା ପ୍ରଦାନ କରିଥାଏ । ନା ତ ମୋସେସ୍‌ଙ୍କ ପରି କୁହେ ଯେ ତୁମେ ଆକ୍ରମଣାତ୍ମକ ଭାବେ କୌଣସି ଦେଶ ଭିତରେ ପଶିଯାଅ ଓ ସେହି ଜାତିର ପ୍ରାଣନାଶ କରିଦିଅ । ନା ସେ ଏହି ଯୁଗର ବିଗିଡି ଯାଇଥିବା ଖ୍ରୀଷ୍ଟଧର୍ମ ପରି ସମସ୍ୱରରେ ଚିତ୍କାର କରେ କି ଯଦି କେହି ତୁମର ଗୋଟିଏ ଗାଲରେ ଚାପୁଡ଼ା ମାରେ, ତେବେ ତୁମେ ଅନ୍ୟ ଗାଲଟିକୁ ମଧ୍ୟ ଦେଖାଇ ଦିଅ । ଏପରିକି ନିଜ ସାଥୀଙ୍କ କାନରେ ଚୁପ୍ କରି ଏହା ମଧ୍ୟ କହିବାକୁ ଚାହୁଥାଏ ଯେ 'ତୁମେ ନିଜ ଲୁଗା ବିକ୍ରି କରି ମଧ୍ୟ ତରବାରୀ କିଣି ପକାଅ' । କିନ୍ତୁ ଇସଲାମ ଏହି ଶିକ୍ଷା ପ୍ରସ୍ତୁତ କରିଥାଏ ଯାହା ମାନବ ପ୍ରକୃତିର ସର୍ବଥା ଅନୁକୂଳ ଓ ଯାହା ଶାନ୍ତି ଓ ମୈତ୍ରୀକୁ ସ୍ଥାପନ କରିବା ପାଇଁ ଏକମାତ୍ର ଉପାୟ ହୋଇପାରେ । ତାହା ହେଉଛି, ତୁମେ କାହା ଉପରେ ଆକ୍ରମଣ କର ନାହିଁ। କିନ୍ତୁ ଯଦି କୌଣସି ବ୍ୟକ୍ତି ତୁମ ଉପରେ ଆକ୍ରମଣ କରେ, ତାହାର ମୁକାବିଲା କରନାହିଁ । କିନ୍ତୁ ଯଦି ତାହା ଉପଦ୍ରବ ବଢ଼ିବାର କାରଣ ହୋଇ ଦେଖାଦିଏ ତଥା ତାହା ଦ୍ୱାରା ସତ୍ୟ ଓ ଶାନ୍ତି ଭଙ୍ଗ ହେଉଥାଏ ତେବେ ଯାଇ ସେହି ଆକ୍ରମଣର ସମୁଚିତ ଉତ୍ତର ଦିଅ । ଏହାହିଁ ସେହି ଶିକ୍ଷା ଯାହାଦ୍ୱାରା ପୃଥିବୀରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ହେବା ସମ୍ଭବପର । ଏହି ପ୍ରକାର ଶିକ୍ଷାକୁ ହିଁ ହଜରତ ମୁହମ୍ମଦ[ସଅ] ଆପଣାଇ ନେଇଥିଲେ । ସେ ମକ୍କାରେ ଥିବା ସମୟରେ ନିରନ୍ତର ନିର୍ଯ୍ୟାତନା ଭୋଗ କରିଥିଲେ, ତଥାପି ସଂଘର୍ଷର ସୂତ୍ରପାତ କରି ନଥିଲେ । କିନ୍ତୁ ଯେବେ ସେ ମକ୍କାରୁ ମଦିନା ହିଜରତ୍ କରି ଚାଲିଗଲେ ଓ ଶତ୍ରୁ ତାଙ୍କ ପିଛା ଛାଡ଼ି ନଥିଲା, ସେତେବେଳେ ଈଶ୍ୱର ତାଙ୍କୁ ଆଦେଶ ଦେଲେ କି ଯେହେତୁ ଶତ୍ରୁ ଆକ୍ରମଣର ଭାବନା ନେଇ ଇସଲାମ ଧର୍ମର ସତ୍ତାକୁ ଲୋପ କରିଦେବା ପାଇଁ ଚାହୁଁଛି । ସେପରି ସ୍ଥଳେ ସତ୍ୟ ଓ ଧର୍ମର ପ୍ରତିଷ୍ଠା ପାଇଁ ସେଠାରେ ଅଲ୍ଲାଃଙ୍କ ନିର୍ଦ୍ଦେଶ ହେଲା ଯେ

ଆପଣ ତାଙ୍କ ଆକ୍ରମଣର ମୁକାବିଲା କରନ୍ତୁ ଓ ଏହାକୁ ଦୃଢ ହସ୍ତରେ ପ୍ରତିରୋଧ କରନ୍ତୁ । ପବିତ୍ର କୁରଆନରେ ଏଥି ସମ୍ବନ୍ଧରେ ବିଭିନ୍ନ ସ୍ଥାନରେ ଯେଉଁ ଆଦେଶନାମା ଜାରି କରା ଯାଇଛି, ନିମ୍ନରେ ତାହା ଉଲ୍ଲେଖ ହେଲା;

**(1)** ଅଲ୍ଲାଃତାଲା ପବିତ୍ର କୁରଆନରେ କହୁଛନ୍ତି; أُذِنَ لِلَّذِينَ يُقَاتَلُونَ بِأَنَّهُمْ ظُلِمُوا ۚ وَإِنَّ اللَّهَ عَلَىٰ نَصْرِهِمْ لَقَدِيرٌ ۔ الَّذِينَ أُخْرِجُوا مِن دِيَارِهِم بِغَيْرِ حَقٍّ إِلَّا أَن يَقُولُوا رَبُّنَا اللَّهُ ۗ وَلَوْلَا دَفْعُ اللَّهِ النَّاسَ بَعْضَهُم بِبَعْضٍ لَّهُدِّمَتْ صَوَامِعُ وَبِيَعٌ وَصَلَوَاتٌ وَمَسَاجِدُ يُذْكَرُ فِيهَا اسْمُ اللَّهِ كَثِيرًا ۗ وَلَيَنصُرَنَّ اللَّهُ مَن يَنصُرُهُ ۗ إِنَّ اللَّهَ لَقَوِيٌّ عَزِيزٌ ۔ الَّذِينَ إِن مَّكَّنَّاهُمْ فِي الْأَرْضِ أَقَامُوا الصَّلَاةَ وَآتَوُا الزَّكَاةَ وَأَمَرُوا بِالْمَعْرُوفِ وَنَهَوْا عَنِ الْمُنكَرِ ۗ وَلِلَّهِ عَاقِبَةُ الْأُمُورِ

ଉଜିନା ଲିଲ୍ଲଜିନା ୟୁକାତଲୁନା ବି ଅନ୍ନହୁମ୍ ଜୁଲେମୁଁ; ଓ୍ୱ ଇନ୍ନଲ୍ଲାହା ଅଲା ନସରିହିମ୍ ଲକଦୀର୍ । ଅଲ୍ଲଜିନା ଉଖ୍ରେଜୁ ମିନ୍ ଦିୟାରେହିମ୍ ବିଗୈରେ ହକ୍‌କିନ୍ ଇଲ୍ଲା ଅଇଁୟକୁଲୁ ରବ୍‌ବୁନଲ୍ଲାଃ; ହୁ ଓ୍ୱଲୌଲାଆ ଦଫ୍‌ଉଲ୍ଲାହିନ୍‌ନାସା ବାଆଜୁହୁମ୍ ବି ବାଆଜିଲ୍ଲ ହୁଦ୍‌ଦେମତ୍ ସଓ୍ୱମେଉ ଓ୍ୱା ବେୟାଉଁ ଓ୍ୱ ସଲଓ୍ୱାତୁଁ ଓ୍ୱ ମସାଜିଦୁ ୟୁଜ୍‌କରୋ ଫି ହସ୍‌ମୁଲ୍ଲାଃ କସିରା, ଓଲୟନ୍ ସୁରନ୍ ନଲ୍ଲାହୁ ମୌୟନ୍ ସୁରୁହୁ; ଇନ୍‌ନ୍‌ଲ୍ଲାହା ଲକଓ୍ୱିଉଁ ଅଜିଜ୍ - ଅଲ୍‌ଲଜିନା ଇୟମ୍‌ମକ୍କନ୍ ନାହୁମ୍ ଫିଲ୍ ଅର୍‌ଜେ ଅକାମୁସ୍ ସଲାତା ଓ୍ୱ ଆତୁଜ୍ ଜାକାତା ଓ୍ୱ ଆମ୍‌ରେ ବିଲ୍ ମାଆରୁଫେ ଓ୍ୱନହୌ ଅନିଲ୍ ମୁନକରେ, ଓ୍ୱ ଲିଲ୍ଲାହି ଆକିବତୁଲ୍ ଉମୁର । (ଅଲ୍-ହଜ୍, ୪୦-୪୨)

ଅର୍ଥାତ୍ ଏଥିପାଇଁ ସେହି ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରାଗଲା ଏବଂ ସେହି ମୁସଲମାନଙ୍କୁ ଯେଉଁମାନଙ୍କ ସହିତ ଶତ୍ରୁମାନେ ଯୁଦ୍ଧ ଜାରି ରଖିଛନ୍ତି, ଆଜି ଯୁଦ୍ଧ କରିବା ପାଇଁ ଆଜ୍ଞା ଦିଆ ଯାଉଛି, ଏବଂ ଅଲ୍ଲାଃ ନିଶ୍ଚୟ ହିଁ ସେମାନଙ୍କର ସହାୟତା କରିବାକୁ ସମର୍ଥ । ହଁ, ସେହି ମୁସଲମାନଙ୍କୁ ଯୁଦ୍ଧ କରିବା ପାଇଁ ଆଦେଶ ଦିଆଯାଉଛି ଯାହାକୁ ସେମାନଙ୍କ ଗୃହରୁ ବିନା ଦୋଷରେ ତଡ଼ି ଦିଆଗଲା । ସେମାନଙ୍କର ଏତିକି ମାତ୍ର ଦୋଷ ଥିଲା ଯେ ସେମାନେ କହୁଥିଲେ ଅଲ୍ଲାଃ ହିଁ ଆମର ପାଳନକର୍ତ୍ତା । ଏବଂ ଯଦି ଅଲ୍ଲାଃ କେତେକ ଅତ୍ୟାଚାରୀ ଲୋକଙ୍କୁ ଅନ୍ୟ ନ୍ୟାୟବନ୍ତ ଲୋକଙ୍କ ଦ୍ୱାରା ସେମାନଙ୍କର ଅତ୍ୟାଚାରରୁ ନ ରୋକିଥାନ୍ତେ, ତା'ହେଲେ ଗୀର୍ଜା,

ମନ୍ଦିର, ମସଜିଦ୍ ତଥା ଅନ୍ୟାନ୍ୟ ଉପାସନା ପୀଠଗୁଡ଼ିକ ଯେଉଁଠାରେ ଈଶ୍ୱରଙ୍କ ନାମ ବହୁଳ ଭାବେ ନିଆଯାଉଛି, ଉତ୍ପୀଡ଼ନକାରୀମାନଙ୍କ ଦ୍ୱାରା ଧ୍ୱଂସ ହୋଇ ଯାଆନ୍ତା । (ଏଣୁ ସଂସାରରେ ଧର୍ମର ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବା ପାଇଁ ଅଲ୍ଲାଃ ଅତ୍ୟାଚାରୀଙ୍କ ଠାରୁ ପୀଡିତମାନଙ୍କୁ ଓ ଏପରି ଜାତିମାନଙ୍କୁ ଯାହାଙ୍କ ବିରୁଦ୍ଧରେ ଶତ୍ରୁ ପ୍ରଥମରୁ ହିଁ ଯୁଦ୍ଧ ଘୋଷଣା କରି ଦିଅନ୍ତି, ସେହିମାନଙ୍କ ନିଜସ୍ୱ ସୁରକ୍ଷା ନିମନ୍ତେ ଯୁଦ୍ଧ ପାଇଁ ଅନୁମତି ପ୍ରଦାନ କରୁଛନ୍ତି) । ଏବଂ ନିଶ୍ଚିତ ଭାବେ ଅଲ୍ଲାଃ ସେହିମାନଙ୍କୁ ସହାୟତା କରନ୍ତି, ଯେଉଁମାନେ ଅଲ୍ଲାଃଙ୍କ ଧର୍ମର ସୁରକ୍ଷା ନିମନ୍ତେ ଛିଡା ହୁଅନ୍ତି । ଅଲ୍ଲାଃ ନିଶ୍ଚୟ ହିଁ ମହାନ୍ ଶକ୍ତିଶାଳୀ ଓ ପ୍ରଭୁତ୍ୱ ସମ୍ପନ୍ନ । ହଁ, ଅଲ୍ଲାଃ ସେହି ଲୋକମାନଙ୍କୁ ସାହାଯ୍ୟ କରିଥାନ୍ତି, ଯେଉଁମାନେ ଯଦି ସଂସାରରେ ଶକ୍ତିଶାଳୀ ହୋଇଯାନ୍ତି, ତା'ହେଲେ ଅଲ୍ଲାଃଙ୍କ ଉପାସନାକୁ ଅବଶ୍ୟ ପ୍ରତିଷ୍ଠିତ କରିବେ । ନିର୍ଧନମାନଙ୍କ ସହାୟତା କରିବେ, ଉତ୍ତମ ଆଚରଣ ବିଷୟରେ ପୃଥିବୀବାସୀଙ୍କୁ ଶିକ୍ଷା ଦେବେ, ଦୁଷ୍କୃତିରୁ ସଂସାରକୁ ରୋକିବେ । ଏବଂ ପ୍ରତ୍ୟେକ ବିବାଦର ପରିଣାମ ସେଇଆ ହିଁ ହୋଇଥାଏ, ଯାହା ଅଲ୍ଲାଃ ଚାହାନ୍ତି ।

ଉପରୋକ୍ତ ପଙ୍କ୍ତି ଗୁଡିକରେ ଯାହା ମୁସଲମାନମାନଙ୍କୁ ଯୁଦ୍ଧ ପାଇଁ ଅନୁମତି ପ୍ରଦାନ ସକାଶେ ଅବତୀର୍ଣ୍ଣ ହୋଇଛି, ତହିଁରେ କୁହାଯାଇଛି ଯେ ଯୁଦ୍ଧର ଆଦେଶ ଇସଲାମୀୟ ଶିକ୍ଷାନୁଯାୟୀ ସେହି ପରିସ୍ଥିତିରେ ଦିଆଯିବ, ଯେଉଁଠାରେ ଯେତେବେଳେ କୌଣସି ଜାତି ଅନ୍ୟ ଏକ ଜାତି ଦ୍ୱାରା କ୍ରମାଗତ ଭାବରେ ଦୀର୍ଘ ସମୟ ଧରି ଅତ୍ୟାଚାରର ଶରବ୍ୟ ହୋଇଥିବ ତଥା ଅତ୍ୟାଚାରୀ ଗୋଷ୍ଠୀ ସେମାନଙ୍କ ବିରୁଦ୍ଧରେ ବିନା କାରଣରେ ଯୁଦ୍ଧର ଘୋଷଣା କରିଥିବ । ଏବଂ ତାଙ୍କ ଧର୍ମରେ ଅଯଥା ହସ୍ତକ୍ଷେପ କରୁଥିବ । ଏପରି ପଦଦଳିତ ଜାତିର ଏହା କର୍ତ୍ତବ୍ୟ ହେବ ଯେ ଯଦି ତାକୁ ଶକ୍ତି ପ୍ରାପ୍ତ ହୋଇଯିବ, ତା'ହେଲେ ସେ ଧାର୍ମିକ ସ୍ୱତନ୍ତ୍ରତା ପ୍ରଦାନ କରିବ ତଥା ସେ ଏହି କଥାକୁ ସର୍ବଦୈବ ଦୃଷ୍ଟିରେ ରଖିବ ଯେ ଈଶ୍ୱର ହିଁ ତାକୁ ପ୍ରଭୁତ୍ୱ ଅର୍ପଣ କରିବେ । ଏଣୁ ସେ ସବୁ ଧର୍ମର ରକ୍ଷା କରିବ ତଥା ସମସ୍ତ ଧର୍ମର ପବିତ୍ର ପୀଠର ମାନ ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବ । ଏବଂ ଏହି ପ୍ରଭୁତ୍ୱକୁ ନିଜର ଶକ୍ତି ଓ ବୈଭବର ସାଧନ କରିବ ନାହିଁ । ବରଂ ସେ ଦୁଃଖୀରଙ୍କ ସହାୟତା, ଦେଶର ଅବସ୍ଥାରେ ସୁଧାର ତଥା ଅଶାନ୍ତି ଓ ଉପଦ୍ରବକୁ ଦୂର କରିବା ପାଇଁ ନିଜ ଶକ୍ତିର ପ୍ରୟୋଗ କରିବ । ଏହା କେତେ ସଂକ୍ଷିପ୍ତ, ସୂକ୍ଷ୍ମ ତତ୍ତ୍ୱ ଅଥଚ ସାର୍ବଭୌମ ଓ ସର୍ବ ହିତାୟ ଶିକ୍ଷା । ଏଠାରେ ଏହା ମଧ୍ୟ ଦର୍ଶାଯାଇଛି ଯେ ମୁସଲମାନଙ୍କୁ କାହିଁକି ଯୁଦ୍ଧପାଇଁ ଅନୁମତି ଦିଆଗଲା । ଯଦି ଏବେ ସେମାନେ ଯୁଦ୍ଧ କରିବେ ତାହା ବିଶ୍ୱାସଘାତକତା ହେବ ଅନ୍ୟଥା ଇସଲାମରେ ଆକ୍ରମଣମୂଳକ ଯୁଦ୍ଧର ଆଜ୍ଞା ନାହିଁ । ପୁଣି ପ୍ରାରମ୍ଭରେ କିପରି ଏହା କହି ଦିଆଯାଇଛି ଯେ ମୁସଲମାନମାନଙ୍କୁ

ବିଜୟ ଅବଶ୍ୟ ପ୍ରାପ୍ତ ହେବ । କିନ୍ତୁ ସେମାନଙ୍କୁ ସ୍ମରଣ ରଖିବାକୁ ହେବ ଯେ ସେମାନଙ୍କ ଆଧିପତ୍ୟ ଦିନରେ ତଥା ବିଜୟ ଅବସରରେ ସରକାଙ୍କ ଠାରୁ ନିଜ ପକେଟ ଭର୍ତ୍ତି କରିବାରେ କିମ୍ବା ନିଜର ଅବସ୍ଥା ସୁଧାରିବା ପରିବର୍ତ୍ତେ ସେମାନେ ଦରିଦ୍ରଙ୍କ ଦେଖା ଶୁଣା କରିବା ଓ ସେମାନଙ୍କୁ ସହାୟତା କରିବା, ଶାନ୍ତି ପ୍ରତିଷ୍ଠା ତଥା ଉପଦ୍ରବର ନିବାରଣ, ଜାତି ଓ ଦେଶର ପ୍ରଗତି ପଥରେ ନେଇଯିବା ନେଇ ଯିବା ପ୍ରୟାସକୁ ନିଜର ଲକ୍ଷ୍ୟ କରିବେ ।

**2)** ପୁଣି କୁହାଯାଇଛି وَقَاتِلُوا فِي سَبِيلِ اللَّهِ الَّذِينَ يُقَاتِلُونَكُمْ وَلَا تَعْتَدُوا ۚ إِنَّ اللَّهَ لَا يُحِبُّ الْمُعْتَدِينَ ـ وَاقْتُلُوهُمْ حَيْثُ ثَقِفْتُمُوهُمْ وَأَخْرِجُوهُم مِّنْ حَيْثُ أَخْرَجُوكُمْ ۚ وَالْفِتْنَةُ أَشَدُّ مِنَ الْقَتْلِ ۚ وَلَا تُقَاتِلُوهُمْ عِندَ الْمَسْجِدِ الْحَرَامِ حَتَّىٰ يُقَاتِلُوكُمْ فِيهِ ۖ فَإِن قَاتَلُوكُمْ فَاقْتُلُوهُمْ ۗ كَذَٰلِكَ جَزَاءُ الْكَافِرِينَ ـ فَإِنِ انتَهَوْا فَإِنَّ اللَّهَ غَفُورٌ رَّحِيمٌ ـ وَقَاتِلُوهُمْ حَتَّىٰ لَا تَكُونَ فِتْنَةٌ وَيَكُونَ الدِّينُ لِلَّهِ ۖ فَإِنِ انتَهَوْا فَلَا عُدْوَانَ إِلَّا عَلَى الظَّالِمِينَ

ୱକାତେଲୁ ଫିସବିଲିଲ୍ ଲାହିଲ୍ଲଜିନା ୟୁକାତେଲୁ ନକୁମ୍ ୱଲା ତାଆଦଦୁ; ଇନ୍ନଲ୍ଲାହା ଲା ୟୁହିବ୍ବୁଲ୍ ମୁଅତଦିନ୍-ୱକ୍ତୁଲୁହୁମ୍ ହୈସୋ ସକିଫ୍ତୁମୁହୁମ୍ ୱ ଅଖ୍ରିୟୁହୁମ୍ ମିନ୍ ହୈସୋ ଅଖ୍ରୟୁକୁମ୍ ୱଲ୍ ଫିତ୍ନତୁ ଅଶଦ୍ଦୁ ମିନଲ୍ କତ୍ଲେ, ୱଲା ତୁକାତିଲୁହୁମ୍ ଇନଦଲ୍ ମସ୍‌ଜିଦିଲ୍ ହରାମେ ହତ୍ତା ୟୁକାତେଲୁକୁମ୍ ଫିହେ, ଫଇନ୍ କାତଲୁକୁମ୍ ଫକ୍ତୋଲୁହୁମ୍, କଜାଲିକା ଜଜାଉଲ୍ କାଫେରିନ୍ । ଫାଏନିନ୍ ତହଓ ଫଇନ୍ନଲ୍ଲାହା ଗଫୁରୁର୍ ରହିମ୍ । ୱକାତେଲୁହୁମ୍ ହତ୍ତାଆ ଲା ତକିନା ଫିତନତୁନ୍ ୱ ୟକୁନଦ୍ଦିନୋ ଲିଲ୍ଲାହି, ଫାଇନିନ୍ ତହ୍ଓ ଫଲାଆ ଉଦ୍‌ୱାନା ଇଲ୍ଲା ଅଲଜ୍ ଜାଲେମିନ୍ ।

(ଅଲ୍-ବକରା, ୧୯୧-୧୯୪)

ଅର୍ଥାତ୍ 'ସେହି ଲୋକମାନଙ୍କ ସହିତ ଯୁଦ୍ଧ କର, ଯେଉଁମାନେ ତୁମ ବିପକ୍ଷରେ ଯୁଦ୍ଧ କରୁଛନ୍ତି । ତୁମେମାନେ ମଧ୍ୟ କେବଳ ଅଲ୍ଲାଃଙ୍କ ପାଇଁ ସେମାନଙ୍କ ବିପକ୍ଷରେ ଯୁଦ୍ଧ ଘୋଷଣା କର, ଯହିଁରେ ତୁମର ତାମସିକ କ୍ରୋଧ ଓ ଅନ୍ୟ ହିଂସାତ୍ମକ ଭାବନାର ସମିଶ୍ରଣ ନହେବ । ଏବଂ ମନେରଖ, ଯୁଦ୍ଧରେ କୌଣସି ପ୍ରକାର ଅତ୍ୟାଚାର ମୂଳକ ଆଚରଣ କରିବ ନାହିଁ । କାରଣ ଅଲ୍ଲାଃ ଅତ୍ୟାଚାରୀକୁ ଆଦୌ ପସନ୍ଦ କରନ୍ତି

ନାହିଁ । ଯେଉଁଠାରେ ମଧ୍ୟ ଶତ୍ରୁ ଆକ୍ରମଣର ସମ୍ମୁଖୀନ ହେବ, ସେଠାରେ ତୁମେମାନେ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କର । କିନ୍ତୁ ଶତ୍ରୁ ପକ୍ଷରୁ ଯଦି ଗୋଟିଏ କିମ୍ବା ଦୁଇଟି ଲୋକ କାଁ ଭାଁ ତୁମର ଭେଟ ହୋଇଯାନ୍ତି, ସେମାନଙ୍କ ଉପରେ ଆକ୍ରମଣ କରନାହିଁ । ଏବଂ ଯେହେତୁ ସେମାନେ ତୁମକୁ ଲଢେଇ କରିବା ପାଇଁ ବାହାରିବାକୁ ବିବଶ କରିଛନ୍ତି, ତୁମେ ମଧ୍ୟ ସେମାନଙ୍କୁ ପ୍ରତ୍ୟୁତ୍ତରରେ ଯୁଦ୍ଧର ଆହ୍ୱାନ ଦିଅ । କିନ୍ତୁ ମନେରଖ ଯେ ଯୁଦ୍ଧ ଓ ହତ୍ୟା ଅପେକ୍ଷା ଧର୍ମ ନାମରେ କାହାକୁ କଷ୍ଟରେ ପକାଇବା ଏକ ମହାପାପ । ତେଣୁ ତୁମେ ଏପରି କିଛି କାମ କର ନାହିଁ, କାରଣ ଏହା ଅଧର୍ମୀ ଲୋକଙ୍କ କାର୍ଯ୍ୟ । ଏହା ଅତ୍ୟନ୍ତ ଆବଶ୍ୟକ ଯେ ତୁମେମାନେ ମସଜିଦ୍ ହରାମ (କାବା ଗୃହ) ନିକଟରେ ସେ ପର୍ଯ୍ୟନ୍ତ ଯୁଦ୍ଧ କର ନାହିଁ, ଯେଉଁ ପର୍ଯ୍ୟନ୍ତ ସେମାନେ ଯୁଦ୍ଧ ଆରମ୍ଭ ନ କରିଛନ୍ତି । କାରଣ ଏହି ପୀଠରେ ଯୁଦ୍ଧ କରିବା ଦ୍ୱାରା 'ହଜ ଓ ଉମରା'ରେ ବାଧା ସୃଷ୍ଟି ହୋଇଥାଏ । ହଁ, ଯଦି ସେମାନେ ସ୍ୱୟଂ ଏପରି ଯୁଦ୍ଧ ପାଇଁ ପ୍ରଥମେ ପଦକ୍ଷେପ ଗ୍ରହଣ କରୁଛନ୍ତି, ତା'ହେଲେ ତୁମକୁ ପ୍ରତିକାର ସ୍ୱରୂପ ଯୁଦ୍ଧ ପାଇଁ ଆଜ୍ଞା ଦିଆଯାଉଛି । ଯେଉଁମାନେ ବୁଦ୍ଧିମତ୍ତା ଓ ନ୍ୟାୟସଂଗତ ଆଦେଶକୁ ଅସ୍ୱୀକାର କରି ଦେଇଥାନ୍ତି, ତାଙ୍କ ସହିତ ଏହିପରି ବ୍ୟବହାର କରିବାକୁ ପଡିଥାଏ । କିନ୍ତୁ ସେମାନଙ୍କ ଚେତନା ଜାଗ୍ରତ ହେଲେ ଓ ଏହି ପଦକ୍ଷେପରୁ ନିବୃତ୍ତ ହୋଇଗଲେ, ସେମାନଙ୍କ ପ୍ରତି ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ ଓ ଦୟାବାନ । ସେଥିପାଇଁ ତୁମାନଙ୍କୁ ତାଗିଦ୍ କରାଯାଉଛି ଯେ ତୁମେ ନିଜ ହାତକୁ ଯୁଦ୍ଧରୁ ରୋକିନିଅ ତଥା ଏହା ନହେଉ ସେମାନେ ଯେହେତୁ ଯୁଦ୍ଧ ଆରମ୍ଭ କରି ଦେଇଥିଲେ, ତେଣୁ ଏହାକୁ ଆଳ କରି ତୁମେ ମଧ୍ୟ ଯୁଦ୍ଧର ଆହ୍ୱାନକୁ ଗ୍ରହଣ କର ଓ ସେମାନଙ୍କ ଆକ୍ରମଣର ଜବାବରେ ତୁମେମାନେ ମଧ୍ୟ ଆକ୍ରମଣ କର । ଯେଉଁ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରଖିବେ, ସେ ପର୍ଯ୍ୟନ୍ତ ତୁମେ ମଧ୍ୟ ତାର ପ୍ରତ୍ୟୁତ୍ତରରେ ଯୁଦ୍ଧ ଜାରି ରଖ । ଯେଉଁ ପର୍ଯ୍ୟନ୍ତ ସେମାନେ ଧର୍ମରେ ଅଯଥା ହସ୍ତକ୍ଷେପ କରିବା ଛାଡି ଦେଇନାହାନ୍ତି ଓ ଏହା ସ୍ୱୀକାର କରି ନାହାନ୍ତି ଯେ ଧର୍ମ ସଂକ୍ରାନ୍ତୀୟ ବିଷୟ କେବଳ ଅଲ୍ଲାଃଙ୍କ ସହିତ ସମ୍ବନ୍ଧିତ । ଧର୍ମ ଗ୍ରହଣରେ କାହାକୁ ବାଧ୍ୟ କରିବା କୌଣସି ମନୁଷ୍ୟ ପାଇଁ କଦାପି ସ୍ପୃହଣୀୟ ନୁହଁ । ଯଦି ସେମାନେ ଏହି ନିୟମକୁ ଆପଣାଇ ନିଅନ୍ତି ତଥା ଧର୍ମରେ ହସ୍ତକ୍ଷେପ କରିବାରୁ ରୋକିଯାନ୍ତି, ତା'ହେଲେ ତୁରନ୍ତ ଯୁଦ୍ଧ ବନ୍ଦ କରିଦିଅ । କାରଣ ଶାସ୍ତି କେବଳ ଅତ୍ୟାଚାରୀମାନଙ୍କୁ ହିଁ ଦିଆ ଯାଇଥାଏ । ଯଦି ଏହି ପ୍ରକାର ଅତ୍ୟାଚାରକୁ ପରିହାର କରି ନିଅନ୍ତି, ସେପରି ସ୍ଥଳେ ସେମାନଙ୍କ ସହିତ ଯୁଦ୍ଧ କରିବା ଯଥାର୍ଥ ହୋଇପାରେ ନାହିଁ । ଉପରୋକ୍ତ ଆୟତ ଗୁଡିକରେ କୁହାଯାଇଛି ଯେ

**ପ୍ରଥମ:**ଯୁଦ୍ଧ କେବଳ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ହେବା ଉଚିତ୍ । ଅର୍ଥାତ୍ ନିଜର ସ୍ୱାର୍ଥ, ପ୍ରତିପତ୍ତି ବୃଦ୍ଧି, ଦେଶ ଜୟ କରିବାର ଲାଳସା ରଖି ଯୁଦ୍ଧ କରିବା ଅନୁଚିତ୍ ।

**ଦ୍ୱିତୀୟ:** ଯୁଦ୍ଧ କେବଳ ସେମାନଙ୍କ ବିରୁଦ୍ଧରେ କରାଯିବ, ଯେଉଁମାନେ ଯୁଦ୍ଧର ସୂତ୍ରପାତ ପ୍ରଥମେ କରିଥା'ନ୍ତି ।

**ତୃତୀୟ:** ସେହିମାନଙ୍କ ସହିତ ଯୁଦ୍ଧ କରିବ ବିଧେୟ ଯେଉଁମାନେ ତୁମ ବିରୁଦ୍ଧରେ ଯୁଦ୍ଧ କରୁଛନ୍ତି । ଅର୍ଥାତ୍ ଯେଉଁମାନେ ପ୍ରକୃତ ଅର୍ଥରେ ସୈନିକ ନୁହନ୍ତି, କ୍ରୀୟାତ୍ମକ ଦୃଷ୍ଟିରୁ ଯୁଦ୍ଧ ପ୍ରକ୍ରିୟାରେ ଭାଗିଦାର ହୋଇ ନାହାନ୍ତି, ସେମାନଙ୍କୁ ହତ୍ୟା କରିବା କିମ୍ବା ସେମାନଙ୍କ ସହିତ ଯୁଦ୍ଧ କରିବା ଆଦୌ ଉଚିତ ନୁହେଁ ।

**ଚତୁର୍ଥ:** ଶତ୍ରୁ ଆକ୍ରମଣ ଆରମ୍ଭ କରିଦେଇଥିବା ସତ୍ତ୍ୱେ ଯୁଦ୍ଧକୁ ସେତିକି ସୀମା ପର୍ଯ୍ୟନ୍ତ ଜାରି ରଖିବ, ଯେଉଁ ସ୍ତରରେ ଶତ୍ରୁ ନିଜ ପକ୍ଷର ଯୁଦ୍ଧକୁ ସୀମିତ ରଖିଥିବ । ଯୁଦ୍ଧକୁ ବିଶାଳ ରୂପ ଦେବା ପାଇଁ ଉଦ୍ୟମ କରିବା ଉଚିତ ନୁହେଁ । ନା କ୍ଷତ୍ରିୟ ହେବା ଦୃଷ୍ଟିରୁ ନା ସଂସାଧନ କ୍ଷମତା ଦୃଷ୍ଟିରୁ ।

**ପଞ୍ଚମ:** କେବଳ ଲଢୁଥିବା ସୈନ୍ୟମାନଙ୍କ ସହିତ ଯୁଦ୍ଧ କରାଯିବା ଉଚିତ । ଏପରି ନୁହେଁ ଯେ ଶତ୍ରୁପକ୍ଷର ଜଣେ କି ଦୁଇଜଣ ଲୋକଙ୍କ ସହିତ ଯୁଦ୍ଧ କରିବ ।

**ଷଷ୍ଠ:** ଏହା ମଧ୍ୟ ଦୃଷ୍ଟିରେ ରଖିବା ଆବଶ୍ୟକ ଯେ ଯୁଦ୍ଧ ସମୟରେ ଧାର୍ମିକ ବିଧି ବିଧାନ ପାଳନ କରିବାରେ ବାଧା ଉତ୍ପନ୍ନ ନ ହେଉ । ଯଦି ଶତ୍ରୁ ପକ୍ଷ କୌଣସି ଏପରି ସ୍ଥାନରେ ଯୁଦ୍ଧର ପଟୁଆରା ରଖିବ ନାହିଁ, ଯେଉଁଠାରେ ସେମାନଙ୍କ ଧାର୍ମିକ ଉପାସନାରେ ବିଘ୍ନ ସୃଷ୍ଟି ହେଉଥିବାର ଆଶଙ୍କା ଦେଖା ଦେଉଥିବ, ସେହିଠାରେ ମୁସଲମାନମାନେ ମଧ୍ୟ ଯୁଦ୍ଧରୁ କ୍ଷାନ୍ତ ରହିବା ଉଚିତ ।

**ସପ୍ତମ:** ଯଦି ଶତ୍ରୁ ସ୍ୱୟଂ ଧାର୍ମିକ ଉପାସନା ସ୍ଥଳକୁ ଯୁଦ୍ଧର ସାଧନ କରେ, ତା'ହେଲେ ସେଠାରେ ବିବଶ ହୋଇ ମୁସଲମାନମାନଙ୍କୁ ଯୁଦ୍ଧ କରିବାକୁ ପଡ଼ିବ । ଅନ୍ୟଥା ତୁମକୁ ଏହା ଏଡାଇବାକୁ ପଡିବ । ସେହି କୁରଆନ ପଙ୍କ୍ତିରେ ଏହା ସଙ୍କେତ ଦିଆଯାଇଛି ଯେ ଉପାସନା ଗୃହ ତ ଦୂରର କଥା, ଉପାସନା ସ୍ଥଳର ଆଖପାଖ ଅଞ୍ଚଳରେ ମଧ୍ୟ ଯୁଦ୍ଧକରିବା ପାଇଁ ପ୍ରଶୟ ଦେବା ଉଚିତ ନୁହେଁ । ଏହାର ବିପରୀତରେ କେଉଁ ନିୟମରେ ଅଛି ଯେ ଉପାସନା ସ୍ଥଳୀକୁ ଆକ୍ରମଣ କରି ଉଡାଇ ଦିଆଯାଉ ବା ଭଙ୍ଗାରୁଜା କରି କ୍ଷତିଗ୍ରସ୍ତ କରାଯାଉ । ହିଁ, ଯଦି ଶତ୍ରୁ ନିଜେ ଏହି ଉପାସନା କେନ୍ଦ୍ରକୁ ନିଜ ପକ୍ଷ ଯୁଦ୍ଧର ସୁରକ୍ଷାତ୍ମକ ଦୁର୍ଗ ରୂପେ ବ୍ୟବହାର କରିବ, ତା'ହେଲେ ଏହାର ଧ୍ୱଂସ ଜନିତ କ୍ଷୟକ୍ଷତି ପାଇଁ ସେ ନିଜେ ହିଁ ଦାୟୀ ରହିବେ । ଏହାର ବିନାଶ ପାଇଁ ମୁସଲମାନଙ୍କୁ ଦାୟୀ କରାଯିବ ନାହିଁ ।

**ଅଷ୍ଟମ:** ଯଦି ଶତ୍ରୁ ଦଳ ଉପାସନା କେନ୍ଦ୍ର ମଧ୍ୟରେ ରହି ଯୁଦ୍ଧ ଆରମ୍ଭ କରିବା ପରେ ଏହାର ଭୟାନକ ପରିଣାମକୁ ହୃଦୟଙ୍ଗମ କରେ ଏବଂ ସେହି ସ୍ଥାନରୁ ବାହାରି ନିଜର ସୈନ୍ୟବାହିନୀକୁ ଅନ୍ୟତ୍ର ସ୍ଥାନାନ୍ତରିତ କରି ନୂଆ ରଣକ୍ଷେତ୍ର ସୃଷ୍ଟି କରେ, ସେହି ବାହାନାରେ ମୁସଲମାନମାନେ ଉକ୍ତ ଉପାସନା ସ୍ଥଳୀକୁ କୌଣସି କ୍ଷତି ପହଞ୍ଚାଇବା ଉଚିତ ନୁହେଁ । ବରଂ ସମ୍ମାନର ସହିତ ସେହି ସ୍ଥଳରୁ ବାହାରି ଯିବା ଆବଶ୍ୟକ । ତତ୍‌ସହିତ ମୁସଲମାନମାନେ ନିଜର ରଣନୀତି ବଦଳାଇ ଆକ୍ରମଣର ରୂପ ମଧ୍ୟ ପରିବର୍ତ୍ତନ କରିବା ଉଚିତ ।

**ନବମ:** ଯୁଦ୍ଧ ସେ ପର୍ଯ୍ୟନ୍ତ ଜାରି ରଖାଯିବା ଉଚିତ ଯେଉଁ ପର୍ଯ୍ୟନ୍ତ ଧାର୍ମିକ ହସ୍ତକ୍ଷେପ ସମାପ୍ତ ନ ହୋଇଛି । ଧର୍ମର ସମସ୍ୟାକୁ ନିଜର ବିବେକାନୁମୋଦିତ ଅନ୍ତରାତ୍ମାର ସମସ୍ୟା ରୂପେ ବୁଝିବା ଉଚିତ । ରାଜନୈତିକ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାରେ ହସ୍ତକ୍ଷେପ କଲା ପରି ଏହି ସମ୍ବେଦନଶୀଳ ବିଷୟରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ଯଦି ଶତ୍ରୁ ଧାର୍ମିକ ଓ ବିବେକ ସ୍ୱାଧୀନତାର ଘୋଷଣା କରିଦିଏ ଓ ଏହା ଉପରେ ଆଚରଣ କରିବା ଆରମ୍ଭ କରିଦିଏ, ତା'ହେଲେ ସେ ଆକ୍ରମଣରେ ଆଗୁଆ ପଦକ୍ଷେପ ନେଇଥିଲେ ସୁଦ୍ଧା ଶତ୍ରୁଙ୍କ ସହିତ ଯୁଦ୍ଧ କରାଯିବା ଅନୁଚିତ ।

**3)** ପବିତ୍ର କୁରଆନରେ ଉଲ୍ଲେଖ ଅଛି;

قُل لِّلَّذِينَ كَفَرُوٓا۟ إِن يَنتَهُوا۟ يُغْفَرْ لَهُم مَّا قَدْ سَلَفَ وَإِن
يَعُودُوا۟ فَقَدْ مَضَتْ سُنَّتُ ٱلْأَوَّلِينَ .وَقَـٰتِلُوهُمْ حَتَّىٰ لَا تَكُونَ فِتْنَةٌ وَيَكُونَ
ٱلدِّينُ كُلُّهُۥ لِلَّهِ ۚ فَإِنِ ٱنتَهَوْا۟ فَإِنَّ ٱللَّهَ بِمَا يَعْمَلُونَ بَصِيرٌ .وَإِن تَوَلَّوْا۟ فَٱعْلَمُوٓا۟ أَنَّ ٱللَّهَ
مَوْلَىٰكُمْ ۚ نِعْمَ ٱلْمَوْلَىٰ وَنِعْمَ ٱلنَّصِيرُ

କୁଲ ଲିଲ୍‌ଲଜିନା କଫରୁ ଇଁୟାନତହୁ ୟୁଗଫର୍ ଲହୁମ୍ ମା କଦ୍‌ସଲଫ୍; ୱ୍ ଇଂୟଉଦୁ ଫକଦ୍ ମଜତ୍ ସୁନ୍ନତୁଲ୍ ଅୱ୍ୱଲିନ୍-ୱ୍ କାତେଲୁହୁମ୍ ହତ୍‌ତା ଲା'ତକୁନା ଫିତନତୁଁ ୱ୍ ୟକୁନଦ୍‌ଦିନୋ କୁଲ୍ଲୋହୁ ଲିଲ୍‌ଲାହି; ଫଇନିତ୍ ତହଓ ଫଇନନଲ୍‌ଲାହା ବିମା ୟାମଲୁନା ବଶିର୍- ୱ୍ ଇନ୍ ତୱ୍ୱଲ୍ଲୌ ଫଅଲମୁ ଅନ୍ନଲ୍ଲାହା ମୌଲାକୁମ୍; ନେ'ମଲ୍ ମୌଲା ୱ୍ ନେମନ୍ ନସିର୍ ।

(ଅଲ୍-ଅନ୍‌ଫାଲ୍ ୩୯-୪୦) ।

ଅର୍ଥାତ୍ 'ହେ ମୁହମ୍ମଦ ରସୁଲୁଲ୍ଲାଃ[ସଅ] । ଶତ୍ରୁମାନେ ଯୁଦ୍ଧର ସୂତ୍ରପାତ କରିଛନ୍ତି ଏବଂ ତୁମକୁ ଅଲ୍ଲାଃଙ୍କ ଆଦେଶ କ୍ରମେ ସେମାନଙ୍କ ସହିତ ମୁକାବିଲା କରିବାକୁ ପଡିଲା । ତଥାପି ତୁମେ ଏହା ଘୋଷଣା କର ଯେ ଯଦି ଏବେ ମଧ୍ୟ ସେମାନେ ଯୁଦ୍ଧରୁ ବିରତ ନହୁଅନ୍ତି, ତା'ହେଲେ ଯାହା କିଛି ଅପରାଧ ସେମାନେ ଅତୀତରେ କରିଛନ୍ତି, ସେମାନଙ୍କୁ କ୍ଷମା କରି ଦିଆଯିବ । କିନ୍ତୁ ଯଦି ସେମାନେ ଯୁଦ୍ଧ ବନ୍ଦ ନକରନ୍ତି ଓ ବାରମ୍ବାର ଆକ୍ରମଣ କରନ୍ତି ତା'ହେଲେ ବିଗତ ନବୀମାନଙ୍କ ଶତ୍ରୁଙ୍କ ପରିଣାମ ସେମାନଙ୍କ ସମ୍ମୁଖରେ ଅଛି । ତେଣୁ ସେମାନଙ୍କ ଅନ୍ତ ମଧ୍ୟ ସେୟା ହିଁ ହେବ । ହେ ମୁସଲମାନମାନେ ! ତୁମେମାନେ ସେ ପର୍ଯ୍ୟନ୍ତ ସଂଘର୍ଷ ଚାଲୁ ରଖ, ଯେଉଁ ପର୍ଯ୍ୟନ୍ତ ଧର୍ମ ଜନିତ କାରଣରୁ ଉତ୍ପୀଡନ ସମାପ୍ତ ନହୋଇଛି ତଥା ଧର୍ମକୁ ଈଶ୍ୱରଙ୍କ ନିକଟରେ ପୂର୍ଣ୍ଣତଃ ସମର୍ପିତ ନ କରାଯାଇଛି ଯଦ୍ଦ୍ୱାରା ସେମାନେ ଧର୍ମ ନାମରେ ହସ୍ତକ୍ଷେପ କରିବା ପରିତ୍ୟାଗ କରନ୍ତୁ । କିନ୍ତୁ ଯଦି ସେହି ଲୋକମାନେ ଏଥିରୁ କ୍ଷାନ୍ତ ହୋଇଯାନ୍ତି, ତା'ହେଲେ କେବଳ ସେହି କାରଣରୁ ତୁମେମାନେ ସେମାନଙ୍କ ସହିତ ଯୁଦ୍ଧ କର ନାହିଁ । ଯଦ୍ଦ୍ୱାରା ସେମାନେ ସତ୍‌ମାର୍ଗରୁ ବିଚ୍ୟୁତ ହୋଇଥିବା ଏକ ଧର୍ମର ଅନୁଗାମୀ ହୋଇଛନ୍ତି । ଅଲ୍ଲାଃ ସେମାନଙ୍କ କର୍ମକୁ ଜାଣୁଛନ୍ତି । ଅଲ୍ଲାଃ ସ୍ୱୟଂ ଯାହା ଚାହିଁବେ ତଦନୁଯାୟୀ ବ୍ୟବହାର କରିବେ ।

ସେମାନଙ୍କ ଧର୍ମର ସତ୍ୟତା ପ୍ରତି ଆସ୍ଥା ହରାଇଥିବା କାରଣରୁ ତୁମେ ସେମାନଙ୍କ ଅପଧର୍ମ ପ୍ରତି ଅଯଥା ହସ୍ତକ୍ଷେପ କରିବା ପାଇଁ ଅନୁମତି ଦିଆଯାଉ ନାହିଁ । ଯଦି ଆମର ଏହି ସନ୍ଧିର ଘୋଷଣା କରାଯିବା ପରେ ମଧ୍ୟ ଯେଉଁ ଲୋକମାନେ ଯୁଦ୍ଧ ପରିତ୍ୟାଗ ନ କରି ଚାଲୁ ରଖନ୍ତି, ତା'ହେଲେ ତୁମେ ଭଲ ରୂପେ ଜାଣିରଖ ଯେ ତୁମର ସଂଖ୍ୟା ଅତି ନଗଣ୍ୟ ଥିବା ସତ୍ତ୍ୱେ ତୁମେମାନେ ହିଁ ବିଜୟ ଲାଭ କରିବ । କାରଣ ଅଲ୍ଲାଃ ତୁମର ବଂଧୁ ଓ ଅଲ୍ଲାଃଙ୍କ ବ୍ୟତୀତ ଆଉ କିଏ ଉତ୍ତମ ସଖା ଓ ସାହାଯ୍ୟକାରୀ କେବେ ହୋଇପାରେ ?

ଉପରୋକ୍ତ ପଙ୍‌କ୍ତି ବଦର ଯୁଦ୍ଧ ପରେ ଅବତୀର୍ଣ୍ଣ ହେଇଥିଲା । ଏହି ବଦର ଯୁଦ୍ଧ ସମଗ୍ର ଆରବର କୁଫଫାର ଓ ମୁସଲ୍‌ମାନମାନଙ୍କ ମଧ୍ୟରେ ସର୍ବପ୍ରଥମ ନିୟମାନୁସାରେ ଓ ସଂପୂର୍ଣ୍ଣ ଭାବେ ଏକ ବିଧିବଦ୍ଧ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ କୌଣସି କାରଣ ନ ଥିବା ସତ୍ତ୍ୱେ ଆରବର କୁଫଫାର ଗଣ ମୁସଲ୍‌ମାନମାନଙ୍କ ଉପରେ ଆକ୍ରମଣ କରିଥିଲେ ତଥା ମଦିନାର ଆଖ ପାଖରେ ଷଡଯନ୍ତ୍ରର ଜାଲ ବିଛାଇ ଉପଦ୍ରବ ଚଳାଇଥିଲେ । ତାହା ସତ୍ତ୍ୱେ ମୁସଲମାନମାନେ ସାଫଲ୍ୟ ଅର୍ଜନ କରିଥିଲେ ଓ ଯୁଦ୍ଧରେ ଶତ୍ରୁପକ୍ଷର ବଡ ବଡ ସୁରବୀର ଯୋଦ୍ଧାମାନଙ୍କର ପ୍ରାଣନାଶ କରିଥିଲେ ।

ଅଲ୍ଲାଃ ପବିତ୍ର କୁରଆନରେ ହଜରତ ମୁହମ୍ମଦ[ସଅ]ଙ୍କ ମାଧ୍ୟମରେ ଏହା ଘୋଷଣା କରିଛନ୍ତି ଯେ ଏବେ ମଧ୍ୟ ଯଦି ଶତ୍ରୁପକ୍ଷ ଯୁଦ୍ଧରୁ ନିବୃତ୍ତ ହୋଇଯିବେ, ଆମେ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ ଜାରି ରଖିବୁ ନାହିଁ । ଆମେ ତ କେବଳ ଏତିକି ଚାହୁଁଛୁ ଯେ ବଳପ୍ରୟୋଗ କରି କାହାର ଧର୍ମାନ୍ତରୀକରଣ କରା ନଯାଉ ଏବଂ କାହାରି ଧର୍ମରେ ହସ୍ତକ୍ଷେପ କରା ନଯାଉ ।

4) ଅଲ୍ଲାଃ କହୁଛନ୍ତି : وَإِن جَنَحُوا لِلسَّلْمِ فَاجْنَحْ لَهَا وَتَوَكَّلْ عَلَى اللَّهِ ۚ إِنَّهُ هُوَ السَّمِيعُ الْعَلِيمُ .وَإِن يُرِيدُوا أَن يَخْدَعُوكَ فَإِنَّ حَسْبَكَ اللَّهُ ۚ هُوَ الَّذِي أَيَّدَكَ بِنَصْرِهِ وَبِالْمُؤْمِنِينَ

ୱ ଇନ୍ ଜନହୁ ଲିସ୍‌ସଲ୍‌ମେ ଫଜ୍‌ନହଲହା ୱ ତୱକ୍‌କଲ୍ ଅଲଲ୍‌ଲାହି; ଇନ୍ନହୁ ହୁୱସ୍ ସମିଉଲ୍ ଅଲିମ୍ । ୱଇଁୟୋରିଦୁ ଅଇଁୟଖ୍ ଦୁଉକା ଫଇନ୍ନା ହସ୍‌ବକଲ୍ଲାହୁ: ୱଲ୍‌ଲଜୀ ଅୟଦକା ବେନସ୍‌ରହୀ ୱବିଲ୍ ମୁ' ମେନୀନ୍ ।

(ଅନ୍‌ଫାଲ୍, ୬୨-୬୩)

ଅର୍ଥାତ୍ 'ଯଦି ଅବିଶ୍ୱାସକାରୀମାନେ କୌଣସି ସମୟରେ ସନ୍ଧି ପ୍ରତି ଅବନତ ହୁଅନ୍ତି, ତୁମେମାନେ ତୁରନ୍ତ ତାହାକୁ ସ୍ୱୀକାର କର ଓ ଶାନ୍ତି ସ୍ଥାପନ କର । ଏହି ଭ୍ରମରେ ପଡନାହିଁ ଯେ ସେମାନେ ଧୋକା ଦେଉଛନ୍ତି । ବରଂ ତୁମେମାନେ ଅଲ୍ଲାଃଙ୍କ ଉପରେ ଭରସା ରଖ । ଅଲ୍ଲାଃ ପ୍ରାର୍ଥନା ଶୁଣି ଥାଆନ୍ତି ଓ ସେ ସର୍ବଜ୍ଞ । ହେ ଅଲ୍ଲାଃଙ୍କ ରସୁଲ ! ଯଦି ତୁମର ଏହି ବିଚାର ଠିକ୍ ଲାଗୁଛି ସେମାନେ ତୁମକୁ ଧୋକା ଦେବାକୁ ଚାହୁଁଛନ୍ତି ଏବଂ ବାସ୍ତବରେ ସେମାନେ ତୁମ ସହିତ ବିଶ୍ୱାସ ଘାତକତା କରିବେ, ତେବେ ମନେରଖ ଯେ ତାହା ଦ୍ୱାରା ସେମାନେ ତୁମର କଣ ବିଗାଡି ଦେବେ ? ତୁମକୁ ଅଲ୍ଲାଃଙ୍କ ସହାୟତାରେ ସଫଳତା ପ୍ରାପ୍ତ ହୋଇଛି । କେବଳ ଅଲ୍ଲାଃଙ୍କ ସାହାଯ୍ୟ ହିଁ ତୁମ ପାଇଁ ଯଥେଷ୍ଟ । ଅତୀତରେ ମଧ୍ୟ ଅଲ୍ଲାଃ ତୁମକୁ ସିଧାସଳଖ ନିଜ ସହାୟତା ଦ୍ୱାରା ତଥା ବିଶ୍ୱାସକାରୀ ଭକ୍ତଙ୍କ ସାହାଯ୍ୟ ଦ୍ୱାରା ତୁମକୁ ସମର୍ଥନ କରିଛନ୍ତି ।'

ଉପରୋକ୍ତ ପଙ୍‌କ୍ତିରେ କୁହାଯାଇଛି ଯେ ଯଦି ଶତ୍ରୁ ସନ୍ଧି କରିବା ପାଇଁ ଆଗଭର ହୁଏ, ତା'ହେଲେ ତାହା ସହିତ ଅବଶ୍ୟ ଶାନ୍ତି ସ୍ଥାପନ କରିବା ଉଚିତ । ଲୋକ ଦେଖାଣିଆ ଭାବେ ମଧ୍ୟ ଯଦି ଶତ୍ରୁ ପକ୍ଷ ସନ୍ଧିର ନିୟମକୁ ସ୍ୱୀକାର କରୁଥାଏ, ତେବେ କେବଳ ଏହି ବାହାନାରେ ସନ୍ଧିର ପ୍ରସ୍ତାବକୁ ଅସ୍ୱୀକାର କରିବା ଉଚିତ ନୁହେଁ

ଯେ କାଳେ ଶତ୍ରୁର ଉଦ୍ଦେଶ୍ୟ ଠିକ୍ ନୁହେଁ ଓ ପରବର୍ତ୍ତୀ ସମୟରେ ଶତ୍ରୁ ସଂଗଠିତ ହୋଇ ନିଜ ଶକ୍ତି ପ୍ରଦର୍ଶନ କରିବ ଓ ପୁନର୍ବାର ଆକ୍ରମଣ କରିଦେବ ।

ଏହି ପଙ୍କ୍ତିରେ ଆଗାମୀ ଦିନରେ ଘଟିବାକୁ ଯାଉଥିବା 'ହୁଦବିୟା'ର ଶାନ୍ତି ଚୁକ୍ତି ସମ୍ବନ୍ଧରେ ଭବିଷ୍ୟତବାଣୀର ସଙ୍କେତ ମିଳିଥାଏ । ଏଥିରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ ମୁସଲମାନମାନଙ୍କ ପାଇଁ ଏପରି ସମୟ ଆସିବ, ଯେତେବେଳେ ଶତ୍ରୁ ସନ୍ଧି ପାଇଁ ଉଦ୍ୟମ କରିବ । ଅତୀତରେ ଶତ୍ରୁ ବହୁତ ଅତ୍ୟାଚ଼ର କରିଛି କିମ୍ବା ଭବିଷ୍ୟତରେ ଏହି ବୁଝାମଣା ଚୁକ୍ତିକୁ ମଧ୍ୟ ଭାଙ୍ଗି ଦେଇପାରେ ଇତ୍ୟାଦି ଧାରଣାର ବଶବର୍ତ୍ତୀ ହୋଇ ତୁମେମାନେ ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖାନ କର ନାହିଁ । କାରଣ ଏହା ଯୁକ୍ତିସଂଗତ ଓ ଏହାକୁ ଗ୍ରହଣ କରି ନେବାରେ ହିଁ ମୁସଲମାନମାନଙ୍କ ହିତ ରହିଛି ।

**5)** କୁରଆନ୍ କୁହେ: يَا أَيُّهَا الَّذِينَ آمَنُوا إِذَا ضَرَبْتُمْ فِي سَبِيلِ اللَّهِ فَتَبَيَّنُوا وَلَا تَقُولُوا لِمَنْ أَلْقَىٰ إِلَيْكُمُ السَّلَامَ لَسْتَ مُؤْمِنًا تَبْتَغُونَ عَرَضَ الْحَيَاةِ الدُّنْيَا فَعِندَ اللَّهِ مَغَانِمُ كَثِيرَةٌ ۚ كَذَٰلِكَ كُنتُم مِّن قَبْلُ فَمَنَّ اللَّهُ عَلَيْكُمْ فَتَبَيَّنُوا ۚ إِنَّ اللَّهَ كَانَ بِمَا تَعْمَلُونَ خَبِيرًا

ୟା ଅୟିୟୋହଲ୍ ଲଜିନା ଆମନୁଁ ଇଜା ଜରବ୍‌ତୁମ୍ ଫି ସବିଲିଲ୍ଲାହେ ଫତବୟନୁ ଲା ତକୁଲୁ ଲିମନ୍ ଅଲ୍‌କାଆ ଇଲୈକକୁମସ୍ ସଲାମା ଲସ୍‌ତା ମୁଁ ମିନନ୍ ତକ୍‌ତଗୁନା ଅରଜଲ୍ ହୟାତିଦ ଦୁନ୍‌ୟା; ଫଇନ୍‌ଦଲ୍‌ଲାହି ମଗାନିମୁ କସିରା । କଜାଲିକା କୁନ୍‌ତୁମ୍ ମିନ୍ କବ୍‌ଲୋ ଫମନ୍ନଲ୍ ଲାହୁ ଅଲୈକୁମ୍ ଫତବୟେନୁ । ଇନ୍ନଲ୍ ଲାହା କାନା ବିମା ତା'ମଲୁନା ଖବିରା ।

(ଅନ୍ ନିସା ୯୫)

ଅର୍ଥାତ୍ 'ହେ ବିଶ୍ୱାସକାରୀ ଭକ୍ତ ! ଯେବେ ତୁମେ ଅଲ୍ଲାଃଙ୍କ ସକାଶେ ଯୁଦ୍ଧ କରିବା ପାଇଁ ବାହାରୁଛ, ତା'ହେଲେ ଯୁଦ୍ଧଭୂମିକୁ ଯିବା ପୂର୍ବରୁ ଟିକିନିଖି ଭାବରେ ଏହା ବୁଝିନିଅ ଯେ ତୁମର ଶତ୍ରୁମାନଙ୍କୁ ବୁଝାଇବାର ପ୍ରୟାସ କରି ସାରିଛି ଓ ସେ ହଠାତ୍ ତୁମ ସହିତ ଯୁଦ୍ଧ କରିବା ପାଇଁ ତତ୍ପର ହୋଇଉଠିଛି । ଯଦି କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ତୁମକୁ କୁହେ ଯେ ମୁଁ ଶାନ୍ତି ପାଇଁ ଇଚ୍ଛୁକ ତୁମେ ତାକୁ ଏହା କୁହନାହିଁ ଯେ ଆମକୁ ଧୋକା ଦେଉଛ ଓ ତୁମ ଠାରୁ ଆମେ ସୁରକ୍ଷିତ ରହିବାର ଆଶା ନାହିଁ । ଯଦି ତୁମେମାନେ ଏଭଳି ଆଚରଣ କରିବ, ତା'ହେଲେ ବୁଝିବାକୁ ପଡିବ ଯେ

ତୁମେମାନେ ଅଲ୍ଲାଃଙ୍କ ସକାଶେ ଯୁଦ୍ଧ କରୁନାହ, ବରଂ ସାଂସାରିକ ଲାଳସା ପାଇଁ ଚେଷ୍ଟା କରୁଥିବା ବ୍ୟକ୍ତି ବୋଲି ବିବେଚିତ ହେବ । ସୁତରାଂ ଏପରି କରନାହିଁ । କାରଣ ଯେପରି ଧର୍ମ ଅଲ୍ଲାଃଙ୍କର ବହୁମୂଲ୍ୟ ସମ୍ପଦ ସେହିପରି ପାର୍ଥିବ ବସ୍ତୁ ମଧ୍ୟ ତାଙ୍କ ନିକଟରେ ଠୁଳ ହୋଇ ରହିଛି । ତୁମେ ଜାଣି ରଖିବା ଆବଶ୍ୟକ ଯେ କୌଣସି ବ୍ୟକ୍ତିକୁ ବଧ କରିବା ମୂଳ ଉଦ୍ଦେଶ୍ୟ ନୁହେଁ । ତୁମକୁ କ'ଣ ଜଣା ଅଛି ଯେ କାଲି ସେହି ବ୍ୟକ୍ତି ସତମାର୍ଗକୁ ଚ଼ଲିଆସିବ ? ଦିନେ ତୁମେମାନେ ମଧ୍ୟ ଇସ୍‌ଲାମ୍ ଧର୍ମରୁ ବହିର୍ଭୁତ ହୋଇ ରହିଥିଲ । ଅଲ୍ଲାଃ ତାଙ୍କ ଅଶେଷ କୃପା ବଳରେ ତୁମକୁ ଏହି ଧର୍ମ ଗ୍ରହଣ କରିବାରେ ସାମର୍ଥ୍ୟ ଦେଇଛନ୍ତି । ତେଣୁ କାହାର ପ୍ରାଣନାଶ କରିବାରେ ଶୀଘ୍ରତା କରନାହିଁ । ବରଂ ପ୍ରକୃତ ପରିସ୍ଥିତିକୁ ଅନୁଧ୍ୟାନ କର । ମନେ ରଖ, ଯାହା ତୁମେମାନେ କରୁଛ ଅଲ୍ଲାଃ ସେ ସମସ୍ତ ବିଷୟରେ ଭଲ ଭାବରେ ଅବଗତ ଅଛନ୍ତି ।

ସେହି ଆୟତରେ କୁହାଯାଇଛି ଯେ ଯୁଦ୍ଧ ଆରମ୍ଭରୁ ଏହା ସୁନିଶ୍ଚିତ କରାଯାଉ ଯେ ଶତ୍ରୁର ଅନୁପ୍ରବେଶ ପୂର୍ବକ ଆକ୍ରମଣକାରୀ ରୂପେ ଦେଖା ଯାଉଛି କି ନାହିଁ । କାରଣ ଏହା ମଧ୍ୟ ସମ୍ଭବ ଯେ ଶତ୍ରୁ ଅନୁପ୍ରବେଶ କରିବା ପାଇଁ ଯୋଜନା ନ ଥାଇପାରେ । ବରଂ କୌଣସି କାରଣ ବଶତଃ ଭୟ ଯୋଗୁଁ ଆତ୍ମରକ୍ଷା ସକାଶେ ନିଜ ସୈନ୍ୟ ସମାବେଶ କରି ଥାଇପାରେ । ଏହି ବିଷୟରେ ଭଲ ରୂପେ ଅନୁସନ୍ଧାନ କରାଯିବା ଉଚିତ ଯେ ଶତ୍ରୁ ବିପଦର ଭୟ ଯୋଗୁଁ ନିଜର ସୈନ୍ୟ ପ୍ରସ୍ତୁତ କରଛି କିନ୍ତୁ ଯଦି ତାର ଉଦ୍ଦେଶ୍ୟ ଆକ୍ରମଣାତ୍ମକ ଯୁଦ୍ଧ କରିବାର ଥିବ, ତା'ହେଲେ ତୁମେ ତାର ମୁକାବିଲା କର । ନଚେତ ଯଦି ତାହାର ଆକ୍ରମଣ କରିବାର କୌଣସି ଯୋଜନା ନାହିଁ, ସେପରି ସ୍ଥଳେ ତୁମେ ଏପରି କୁହନାହିଁ ଯେ ତୁମର ସୈନ୍ୟ ଠୁଳ କରିବାରୁ ଏହା ପ୍ରତୀତ ହେଉଛି ଯେ ତୁମେ ନିଶ୍ଚିତ ରୂପେ ଆମକୁ ଆକ୍ରମଣ କରିବାକୁ ଉଦ୍ୟତ ହେଉଛ । ଆମେ କିପରି ଏ କଥା ଜାଣିବୁ ଯେ ଆମେ ତୁମ ନିକଟରୁ ସୁରକ୍ଷିତ ଅଛୁଁ ଓ ଶାନ୍ତ ପରିବେଶରେ ତୁମ ସହିତ ରହିବୁ ? ସୁତରାଂ ତାଙ୍କ କଥାକୁ ସ୍ୱୀକାର କରିନିଅ ଓ ଏହା ବୁଝିନିଅ ଯେ ଶତ୍ରୁର ପୂର୍ବରୁ ଆକ୍ରମଣ କରିବାର ଯୋଜନା ଥାଇପାରେ, କିନ୍ତୁ ପର ମୂହୁର୍ତ୍ତରେ ସେଥିରେ ପରିବର୍ତ୍ତନ ଆସି ଯାଇଥିବ । ତୁମେ ନିଜେ ଏହାର ସାକ୍ଷୀ ହୁଅ ଯେ ହୃଦୟ ପରିବର୍ତ୍ତନ ହୋଇଯାଏ । ତୁମେ ନିଜେ ଇସ୍‌ଲାମ୍‌ର ଶତ୍ରୁ ଥିଲ, କିନ୍ତୁ ଆଜି ଇସ୍‌ଲାମର ସିପାହୀ ହୋଇ ଯାଇଛ ।

**6)** ପୁନଶ୍ଚ ଶତ୍ରୁ ସହିତ ବୁଝାମଣା କରିବା ବିଷୟରେ ପବିତ୍ର କୁରଆନ୍ ଏହିପରି ନିର୍ଦ୍ଦେଶ ଦିଏ:

إِلَّا الَّذِينَ عَاهَدتُّم مِّنَ الْمُشْرِكِينَ ثُمَّ لَمْ يَنقُصُوكُمْ شَيْئًا
وَلَمْ يُظَاهِرُوا عَلَيْكُمْ أَحَدًا فَأَتِمُّوا إِلَيْهِمْ عَهْدَهُمْ إِلَىٰ مُدَّتِهِمْ ۚ إِنَّ اللَّهَ يُحِبُّ الْمُتَّقِينَ

ଇଲ୍ଲଲ୍ଲଜିନା ଆହଦ୍ତୁମ୍ ମିନଲ୍ ମୁଶ୍ରିକିନା ସୁମ୍ମା ଲମ୍ ୟନ୍କୁଶୁକୁମ୍ ଶୈଅଓଁ ଓ୍ୱଲମ୍ ୟୁଜାହେରୁ ଅଲୈକୁମ୍ ଅହଦ ଫତ୍ତେମ୍ମୁ ଇଲୈହିମ୍ ଅହ୍ଦହୁମ୍ ଇଲା ମୁଦ୍ଦତିହିମ୍; ଇନ୍ନଲ୍ଲାହା ୟୋହିବ୍ବୁଲ୍ ମୁତ୍ତକୀନ୍ ।

(ଅଲ୍ ତୌବା:୪)

ଅର୍ଥାତ୍ 'ମୁଶରିକ୍(ମୂର୍ତ୍ତିପୂଜକ)ମାନେ ତୁମ ସହିତ ଅତୀତରେ କେତେକ ବୁଝାମଣା କରିଥିଲେ ଓ ପୁନର୍ବାର ଏହି ଚୁକ୍ତିକୁ ସେମାନେ ଭଙ୍ଗ କରିନାହାନ୍ତି । ତଥା ତୁମ ବିରୁଦ୍ଧରେ ତୁମ ଶତ୍ରୁମାନଙ୍କ ସାହାଯ୍ୟ କରିନାହାନ୍ତି, ଏପରି ସ୍ଥଳେ ଚୁକ୍ତିର ସର୍ତ୍ତକୁ ତାହାର ଅବଧି ପର୍ଯ୍ୟନ୍ତ ପାଳନ କରିବା ତୁମର ସର୍ବାଦୌ କର୍ତ୍ତବ୍ୟ । କାରଣ ଏହା ହିଁ ସଂଯମୀ ଆଦର୍ଶର ଲକ୍ଷଣ ଏବଂ ଅଲ୍ଲାଃ ସଂଯମୀ ପୁରୁଷମାନଙ୍କୁ ହିଁ ପସନ୍ଦ କରନ୍ତି ।'

**7)** ଯୁଦ୍ଧରତ ଶତ୍ରୁପକ୍ଷର କୌଣସି ବ୍ୟକ୍ତି ଯଦି ଇସଲାମ୍ର ବାସ୍ତବିକତା ବିଷୟରେ କିଛି ଜାଣିବାକୁ ଚାହାନ୍ତି, ତା'ହେଲେ ପବିତ୍ର କୁରଆନରେ ଅଲ୍ଲାଃଙ୍କ ନିର୍ଦ୍ଦେଶ ଏହିପରି ରହିଅଛି:

وَإِنْ أَحَدٌ مِّنَ الْمُشْرِكِينَ اسْتَجَارَكَ فَأَجِرْهُ حَتَّىٰ يَسْمَعَ كَلَامَ اللَّهِ ثُمَّ أَبْلِغْهُ
مَأْمَنَهُ ۚ ذَٰلِكَ بِأَنَّهُمْ قَوْمٌ لَّا يَعْلَمُونَ ﴿٦﴾

ଓ୍ୱଇନ୍ ଅହଦୁମ୍ ମିନଲ୍ ମୁଶ୍ରିକିନା ଅସ୍ତଜାରକା ଫଆଜେର୍ହୁ ହତ୍ତା ୟସ୍ମଆ କଲାମଲ୍ଲାହି ସୁମ୍ମା ଅବ୍ଲିଗ୍ହୁ ମା ମନହୁ । ଜଲିକା ବି ଅନ୍ନହୁମ୍ କୌମୁଲ୍ଲା ୟା'ଲମୁନ୍ । (ଅଲ୍ ତୌବା ୬)

ଅର୍ଥାତ୍ 'ଯୁଦ୍ଧରତ ଅନେକେଶ୍ୱରବାଦୀ ମଧ୍ୟରୁ କୌଣସି ବ୍ୟକ୍ତି ଏଥିପାଇଁ ତୁମର ଶରଣ ଭିକ୍ଷା କରିବ ଯେ ଇସଲାମ୍ ବିଷୟରେ ଅନୁସନ୍ଧାନ କରିବା ସକାଶେ ତୁମ ରାଜ୍ୟରେ ପ୍ରବେଶ କରିବାକୁ ଇଚ୍ଛା ପ୍ରକାଶ କରିବ, ତେବେ ସେପରି ସ୍ଥଳେ ଅବଶ୍ୟ ତାକୁ ଶରଣ ଦେବାକୁ ପଡିବ । କୁରଆନ୍ ବିଷୟରେ ଅନୁଧ୍ୟାନ କରିବା ତଥା ଇସଲାମ୍ ସମ୍ବନ୍ଧରେ ଗବେଷଣା କରିବାର ଅବଧି ଶେଷ ହେବାପରେ ସେହି ବ୍ୟକ୍ତିକୁ ପୁନର୍ବାର ସୁରକ୍ଷା ପ୍ରଦାନ ପୂର୍ବକ ଯଥା ସ୍ଥାନରେ ପହଞ୍ଚାଇ ଦିଅ, ଯେଉଁଠାରେ ସେ ଶାନ୍ତିରେ ରହିବାକୁ ଚାହୁଥିବ ।'

**8)** ଯୁଦ୍ଧବନ୍ଦୀମାନଙ୍କ ବିଷୟରେ କୁରଆନ୍‌ର ନିର୍ଦ୍ଦେଶ ହେଉଛି:

مَا كَانَ لِنَبِيٍّ أَن يَكُونَ لَهُ أَسْرَىٰ حَتَّىٰ يُثْخِنَ فِي الْأَرْضِ

ମାକାନା ଲିନବୀୟିନ୍ ଅୟଁ ୟକୁନା ଲହୁ ଅସରା ୟାହତ୍ତା ୟୁସ୍‌ଖିନା ଫିଲ୍ ଅର୍‌ଜେ । (ଅଲ୍ ଅନ୍‌ଫାଲ୍ ୬୮)

ଅର୍ଥାତ୍ 'କୌଣସି ନବୀଙ୍କ ପକ୍ଷେ ଏହା ଶୋଭା ପାଏନାହିଁ ଯେ ସେ ଶତ୍ରୁକୁ ବନ୍ଦୀ କରିନେବେ । କେବଳ ସେହି ଶତ୍ରୁକୁ ବନ୍ଦୀ କରାଯିବ, ଯେଉଁମାନେ ଯୁଦ୍ଧଭୂମିରେ ତୁମ ସହ ଯୁଦ୍ଧ କରି ଧରା ପଡନ୍ତି ।' କିନ୍ତୁ ପୁରାତନ ପ୍ରଥାନୁଯାୟୀ ଶତ୍ରୁକୁ ବିନା କାରଣରେ ବନ୍ଦୀ କରାଯାଉଥିଲା, ଯାହା ଶହଶହ ବର୍ଷ ଧରି ଚାଲି ଆସୁଥିଲା । କିନ୍ତୁ ଏହି ପ୍ରଥାକୁ ଇସଲାମ ପସନ୍ଦ କରେନାହିଁ । କେବଳ ସେହି ଲୋକ ବନ୍ଦୀ ହେବା ଯୋଗ୍ୟ ବିବେଚିତ ହେବେ, ଯେଉଁମାନେ ଯୁଦ୍ଧ ପରେ ସେଠାରେ ବନ୍ଦୀ ହୋଇଥାନ୍ତି ।

**9)** ପୁନଶ୍ଚ ଯୁଦ୍ଧବନ୍ଦୀଙ୍କ ବିଷୟରେ ଏପରି କୁହାଯାଇଛି :

فَإِمَّا مَنًّا بَعْدُ وَإِمَّا فِدَاءً

'ଫଇମ୍ମା ମନ୍‌ନନ୍ ବାଆଦୁ ୱିଇମ୍ମା ଫିଦାଅ' । (ମୁହମ୍ମଦ ୫)

ଅର୍ଥାତ୍ 'ଯଦି ଯୁଦ୍ଧର ସୈନିକ ଧରାଯା'ନ୍ତି, ତେବେ ସେହି ଯୁଦ୍ଧବନ୍ଦୀମାନଙ୍କୁ ଦୟା ପୂର୍ବକ ଛାଡି ଦେଇପାର କିମ୍ବା କୌଣସି ମୁକ୍ତି ମୂଲ୍ୟ ବିନିୟମରେ ଛାଡି ଦେଇ ସେମାନଙ୍କୁ ମୁକ୍ତ କରି ଦେଇପାର ।'

**10)** ଯଦି କେତେକ ଯୁଦ୍ଧବନ୍ଦୀ ଏପରି ଅଛନ୍ତି, ଯାହା ପାଇଁ ଫିଦିୟା (ମୁକ୍ତି ମୂଲ୍ୟ) ଦେବାକୁ କୌଣସି ଲୋକ ଆସନ୍ତି ନାହିଁ । କିମ୍ବା ସେମାନଙ୍କ ନିକଟ ସଂପର୍କୀୟମାନେ ଏହା ମଧ୍ୟ ଚାହି ପାରନ୍ତି ଯେ ସେ ଯୁଦ୍ଧବନ୍ଦୀ ହୋଇ ରହିଲେ ସେମାନଙ୍କ ସଂପତ୍ତିକୁ ଅଧିକାର କରିନେବେ, ସେଥିପାଇଁ ସେମାନେ ଚାହାନ୍ତି ଯେ ବନ୍ଦୀ ହୋଇ ରହିବାଟା ସେମାନଙ୍କ ପାଇଁ ଭଲ । ସେହି ପରିପ୍ରେକ୍ଷୀରେ ପବିତ୍ର କୁରଆନ୍ ନିର୍ଦ୍ଦେଶ ଦିଏ ଯେ:

وَالَّذِينَ يَبْتَغُونَ الْكِتَابَ مِمَّا مَلَكَتْ أَيْمَانُكُمْ فَكَاتِبُوهُمْ
إِنْ عَلِمْتُمْ فِيهِمْ خَيْرًا ۖ وَآتُوهُم مِّن مَّالِ اللَّهِ الَّذِي آتَاكُمْ

ୱଲ୍ ଲଜିନା ୟବ୍‌ତଗୁନଲ୍ କିତାବା ମିମ୍ମା ମଲକତ୍ ଅୟମାନୁକୁମ୍ ଫକାତିବୁହୁମ୍ ଇନ୍ ଅଲିମ୍‌ତୁମ୍ ଫିହିମ୍ ଖୈରାଁ ୱଆତୁହୁମ୍ ମିମ୍‌ମା ଲିଲ୍ଲାହିଲ୍ଲଜି ଆତାଆକୁମ୍ । (ଅଲ୍ ନୁର୍ ୩୪)

ଅର୍ଥାତ୍ 'ତୁମ ଦ୍ୱାରା ଯୁଦ୍ଧରେ ବନ୍ଦୀ କରାଯାଇଥିବା ଲୋକଙ୍କ ମଧ୍ୟରେ ଏପରି ବନ୍ଦୀ ଅଛନ୍ତି, ଯାହାଙ୍କୁ ନା ତୁମେମାନେ ଦୟାବଶତଃ ବନ୍ଧନରୁ ମୁକ୍ତ କରି ପାରିବ ନା ସେମାନଙ୍କ ନିଜ ଜାତି ସେମାନଙ୍କୁ ଫିଦିୟା (ମୁକ୍ତିମୂଲ୍ୟ) ଦେଇ ଛଡାଇ ନେଇ ପାରିବେ । ଯଦି ସେ ତୁମ ନିକଟରେ ଯାଚନା କରନ୍ତି ଯେ ସେମାନଙ୍କୁ ମୁକ୍ତ କରାଯାଉ, ଆମେ ନିଜ ଜୀବିକା ଓ ବ୍ୟବସାୟରୁ ଧନ ଅର୍ଜନ କରି ନିଜ ଭାଗର ଜୋରିମାନା ଦାଖଲ କରିଦେବୁ ଏବଂ ସେମାନେ ତାହା କରିବାରେ ସକ୍ଷମ ବୋଲି ଯଦି ତୁମର ହୃଦ୍‌ବୋଧ ହେଉଥାଏ ଓ ଆଜୀବନ ଉପାର୍ଜନ କରିପାରିବେ, ତା'ହେଲେ ଯୁଦ୍ଧବନ୍ଦୀମାନଙ୍କୁ ଅଚିରେ ମୁକ୍ତ କରିଦିଅ । ବରଂ ସେମାନଙ୍କ ଏହି ପ୍ରୟାସରେ ସେମାନଙ୍କୁ ସାହାଯ୍ୟ କର । ପ୍ରଭୁ ତୁମମାନଙ୍କୁ ଯାହା କିଛି ଦେଇଛନ୍ତି, ସେଥିରୁ ମଧ୍ୟ କିଛି ଅର୍ଥରାଶି ବନ୍ଦୀମାନଙ୍କୁ ମୁକ୍ତ କରିବାରେ ବ୍ୟୟ କର ।' ଅର୍ଥାତ୍ ସେମାନଙ୍କ ଯୁଦ୍ଧ ଖର୍ଚ୍ଚର ଯାହା ଭାଗ ପଡିଛି ସେଥିରୁ କିଛି ଅଂଶ ତା'ର ମାଲିକ ମୁକ୍ତି କରିବାରେ ବିନିଯୋଗ କରିବା ଉଚିତ କିମ୍ବା ଅନ୍ୟାନ୍ୟ ମୁସଲମାନମାନେ ମିଳିମିଶି ଏହି ବନ୍ଦୀକୁ ସାହାଯ୍ୟ କରି ପାରନ୍ତି ଓ ତାକୁ ମୁକ୍ତ କରିପାରନ୍ତି । ଏହି ଧରଣର ସୁବିଧା ସୁଯୋଗର ପରିସ୍ଥିତି ରହିଥିଲେ ଯାଇ ଇସଲାମ ଯୁଦ୍ଧ କରିବାର ଆଜ୍ଞା ଦେଇଥାଏ । ଏବଂ ଏହିସବୁ ନିୟମ ଅନ୍ତର୍ଗତ ହେଲେ ଇସଲାମ ଯୁଦ୍ଧର ଅନୁମତି ପ୍ରଦାନ କରିଥାଏ । ସୁତରାଂ ପବିତ୍ର କୁରଆନ୍‌ର ଏହି ଆୟତଗୁଡିକ ଅନୁଯାୟୀ ହଜରତ୍ ମୁହମ୍ମଦ[ସଅ] ମୁସଲମାନମାନଙ୍କୁ ଯୁଦ୍ଧ ସମ୍ବନ୍ଧରେ ଯେଉଁ ଅତିରିକ୍ତ ଶିକ୍ଷା ଦେଇଛନ୍ତି ତାହା ନିମ୍ନରେ ପ୍ରଦତ୍ତ ହେଲା :

୧) କୌଣସି ପ୍ରକାର ପରିସ୍ଥିତିରେ ମଧ୍ୟ ମୁସଲମାନମାନଙ୍କୁ ଯୁଦ୍ଧରେ ମୃତ ସୈନିକମାନଙ୍କର ଅସମ୍ମାନ ଅର୍ଥାତ୍ ମୃତଶବର ନାକ, କାନ ଇତ୍ୟାଦି ଶରୀରର ଅଙ୍ଗ କାଟିବା ନିଷିଦ୍ଧ କରାଯାଉଛି । (ମୁସଲିମ୍ ମିଶ୍ରୀ, ଖଣ୍ଡ ୨, ପୃ ୬୨)

୨) କୌଣସି ଯୁଦ୍ଧରେ ମୁସଲମାନମାନେ କେବେ ହେଲେ ବିଶ୍ୱାସଘାତକତା କରିବେ ନାହିଁ । ( ମୁସଲିମ୍ କିତାବୁଲ୍ ଯିହାଦ୍,)

୩) ଯୁଦ୍ଧ ସମୟରେ କୌଣସି ଶିଶୁକୁ କିମ୍ବା ମହିଳାକୁ ମାରିବା ନିଷେଧ । ( ମୁସଲିମ୍ କିତାବୁଲ୍ ଯିହାଦ୍,)

୪) ପାଦ୍ରୀ, ପଣ୍ଡିତ ତଥା ଅନ୍ୟାନ୍ୟ ଧର୍ମଯାଜକମାନଙ୍କୁ ହତ୍ୟା କରିବା ନିଷେଧ । (ତାହାଓ୍ୱି, କିତାବୁଲ୍ ଯିହାଦ୍,)

୫) ବୃଦ୍ଧ, ବାଳକ, ମହିଳାମାନଙ୍କୁ ହତ୍ୟା କରିବା ଅନୁଚିତ । ସର୍ବଦା ଶାନ୍ତିପୂର୍ବକ ସନ୍ଧି ଓ ସହୃଦୟତାକୁ ଦୃଷ୍ଟି ସମ୍ମୁଖରେ ରଖିବାକୁ ପଡିବ ।

(ଅବୁଦାଉଦ୍, ପ୍ରଥମ ଭାଗ, କିତାବୁଲ୍ ଯିହାଦ୍, ଫି ଦୁଆଇଲ୍, ମୁଶରେକିନା, ପୃ ୩୫୨)

୬) ଯେବେ ମୁସଲମାନମାନେ ଯୁଦ୍ଧ ଅଭିଯାନରେ ଯିବେ, ଶତ୍ରୁ ଦେଶରେ ଭୟ ଓ ଆତଙ୍କ ସୃଷ୍ଟି କରିବେ ନାହିଁ । ଏବଂ ଜନସାଧାରଣଙ୍କ ପ୍ରତି କଠୋର ବ୍ୟବହାର କରିବେ ନାହିଁ । (ମୁସଲିମ୍, ମିଶ୍ରି, ଭାଗ ୨, ପୃ ୬୨/କିତାବୁଲ୍ ଯିହାଦ୍, ଭାଗ ଫି ଓମରି ଇଲ୍ ଜୁସୁସ୍)

୭) ଯୁଦ୍ଧକୁ ବାହାରିଲେ ମୁସଲିମ୍ ସୈନ୍ୟମାନେ ଏଭଳି ସ୍ଥାନରେ ଶିବିର ପକାଇବେ ନାହିଁ, ଯାହାଦ୍ୱାରା ସ୍ଥାନୀୟ ଜନସାଧାରଣ କଷ୍ଟ ଭୋଗ କରିବେ । ସୈନ୍ୟ ଅପସାରଣ ସମୟରେ ଏପରି ଭାବରେ ପଦଚାଳନା କରିବେ ନାହିଁ, ଯାହା ଫଳରେ ରାସ୍ତା ଖରାପ ହେବା ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହେବ । ଏଥିପାଇଁ ହଜରତ ମୁହମ୍ମଦ[ସଅ] କଠୋର ଆଦେଶ ଦେଇ କହିଥିଲେ; ଯେଉଁ ମୁସଲିମ୍ ସୈନ୍ୟ ଏହି ନିର୍ଦ୍ଦେଶର ବିରୁଦ୍ଧାଚରଣ କରିବେ କିମ୍ବା ଅବହେଳା ପ୍ରଦର୍ଶନ କରିବେ ତା'ହେଲେ ସେ ନିଜ ଇନ୍ଦ୍ରୀୟର ବଶବର୍ତ୍ତୀ ହୋଇ କରିବେ । କିନ୍ତୁ ତାଙ୍କ ଯୁଦ୍ଧ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସାଧିତ ହେବ ନାହିଁ । (ଅବୁଦାଉଦ, ପ୍ରଥମ ଖଣ୍ଡ, ପୃ ୫୩)

୮) ଯୁଦ୍ଧ ସମୟରେ ଶତ୍ରୁର ମୁହଁରେ ଆଘାତ କରା ନଯାଉ । (ହଦିସ୍ ବୁଖାରୀ, ମୁସଲିମ୍)

୯) ଯୁଦ୍ଧ ସମୟରେ ଏହାର ଦେଖିବା ସମୀଚୀନ ହେବ ଯେ ଶତ୍ରୁପକ୍ଷର ସର୍ବନିମ୍ନ କ୍ଷୟକ୍ଷତି ହେବା ଉଚିତ । (ହଦିସ ଅବୁ ଦାଉଦ)

୧୦) ଯୁଦ୍ଧବନ୍ଦୀମାନଙ୍କ ମଧ୍ୟରେ ଯେଉଁମାନେ ନିକଟ ସମ୍ପର୍କୀୟ ଥିବେ ସେମାନଙ୍କ ଠାରୁ ପୃଥକ କରା ନଯାଉ ଓ ସମ୍ପର୍କ ଛିନ୍ନ କରା ନଯାଉ ।

୧୧) ଯୁଦ୍ଧବନ୍ଦୀମାନଙ୍କ ସୁଖ ସୁବିଧାକୁ ନିଜ ସୁଖ ସୁବିଧା ଅପେକ୍ଷା ଅଧିକ ଧ୍ୟାନ ଦେବା ଆବଶ୍ୟକ (ହଦିସ ତିର୍‌ମିଜି, ଅବ୍‌ୱାବୁସିୟର୍)

୧୨) ବିଦେଶୀ ଦୂତ ଓ ପରିବ୍ରାଜକମାନଙ୍କ ଆଦର ସମ୍ମାନ କରାଯିବା ଉଚିତ । ସେମାନଙ୍କ ଦୋଷତ୍ରୁଟିକୁ ନିଜ ଦୃଷ୍ଟିରୁ ଏଡାଇ ଯିବା ପାଇଁ ଚେଷ୍ଟା କରିବା ଉଚିତ । (ହଦିସ ଅବୁଦାଉଦ କିତାବୁଲ୍ ଜିହାଦ୍)

୧୩) ଯଦି କୌଣସି ବ୍ୟକ୍ତି ଯୁଦ୍ଧବନ୍ଦୀଙ୍କ ପ୍ରତି କଠୋର ଆଚରଣ ପ୍ରଦର୍ଶନ କରେ, ତା'ହେଲେ ସେହି ବନ୍ଦୀକୁ ବିନା କୌଣସି ମୁକ୍ତିମୂଲ୍ୟରେ ମୁକ୍ତ କରି ଦିଆଯିବା ଉଚିତ୍ ।

୧୪)ଯଦି କୌଣସି ବ୍ୟକ୍ତି ଅଧୀନରେ କୌଣସି ଯୁଦ୍ଧବନ୍ଦୀକୁ ରଖା ଯାଇଥିବ, ତା'ହେଲେ ଘରର ମାଲିକ ଯାହା ଖାଇବେ, ତାକୁ ମଧ୍ୟ ସେହି ଖାଦ୍ୟ ଦେବା ଉଚିତ । ସେ ଯେପରି ବସ୍ତ୍ର ପିନ୍ଧିବେ, ତାକୁ ମଧ୍ୟ ସେହି ବସ୍ତ୍ର ପିନ୍ଧିବାକୁ ଦେବେ । (ବୁଖାରୀ) ହଜରତ ଅବୁବକ୍କର[ରଅ] ପାଦେ ଆଗେଇ ଯାଇ ନିର୍ଦ୍ଦେଶ ଦେଇଥିଲେ ଯେ କୌଣସି ଅଟ୍ଟାଳିକାକୁ ଧ୍ୱଂସ କରିବା ଓ ବୃକ୍ଷଲତାକୁ ନ କାଟିବା ଉଚିତ । (ମୁଅତ୍ତା ଇମାମ୍ ମାଲିକ, କିତାବୁଲ୍ ଯିହାଦ୍, ପୃ ୧୬୭)

ଏହି ସମସ୍ତ ନିର୍ଦ୍ଦେଶଗୁଡିକର ଏହା ସହଜରେ ଅନୁମେୟ ଯେ ଯୁଦ୍ଧକୁ ରୋକିବା ପାଇଁ କିଭଳି ପଦକ୍ଷେପ ନିଆ ଯାଇଛି ଓ ହଜରତ୍ ମୁହମ୍ମଦ[ସଅ] କିପରି ଏହାକୁ ସଫଳ ରୂପାୟନ କରି ବ୍ୟବହାରିକ କାର୍ଯ୍ୟରେ ପରିଣତ କରିଥିଲେ । କେବଳ ସେତିକି ନୁହେଁ, ମୁସଲ୍ମାନମାନଙ୍କୁ ଏହିସବୁ ନିର୍ଦ୍ଦେଶନାମା କଡାକଡି ଭାବେ ଲାଗୁ କରିବାକୁ ଆଦେଶ ଦେଇଥିଲେ । ପ୍ରତ୍ୟେକ ବ୍ୟକ୍ତି ଏହା ଭଲ ରୂପେ ବୁଝି ପାରୁଥିବେ ଯେ ନା ମୋସେସଙ୍କ ଶିକ୍ଷା ସେହି ଯୁଗରେ ନ୍ୟାୟଭିତ୍ତିକ ଶିକ୍ଷାର ନାମ ଦେଇପାରିଥିଲା ନା ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷା ସେ ଯୁଗରେ ବ୍ୟାବହାରିକ କୁହାଯାଇ ପାରିଥିଲା । ସେହି ଶିକ୍ଷା ଖ୍ରୀଷ୍ଟିୟାନ୍ ଜଗତ ମଧ୍ୟ ଅନୁକରଣ କରିଥିବାର ଆମକୁ ଜଣାନାହିଁ । ଯୁଦ୍ଧ ପାଇଁ କେବଳ ଇସଲାମ୍‌ର ନୀତି ଶିକ୍ଷା ହିଁ ପ୍ରୟୋଗାତ୍ମକ ଭାବରେ ଗ୍ରହଣ କରାଗଲେ ପୃଥିବୀରେ ଶାନ୍ତି ସ୍ଥାପନ କରିବା ସମ୍ଭବପର ।

ଅବଶ୍ୟ ମହାତ୍ମାଗାନ୍ଧୀ ଚଳିତ ଯୁଗରେ ଯୁଦ୍ଧନୀତି ସମ୍ବନ୍ଧରେ ନିଜର ଏକ ଆଭିମୁଖ୍ୟ ସର୍ବ ସମକ୍ଷରେ ପ୍ରସ୍ତୁତ କରି କହିଛନ୍ତି ଯେ 'ଯୁଦ୍ଧ ସମୟରେ ମଧ୍ୟ ଯୁଦ୍ଧ ହେବା ଅନୁଚିତ' । କିନ୍ତୁ ଯେଉଁ ଶିକ୍ଷା ଗାନ୍ଧିଜୀ ପ୍ରଦାନ କରିଛନ୍ତି, ତାହା ଉପରେ ଆଜ ପର୍ଯ୍ୟନ୍ତ ଆଚରଣ ବିଧି ପ୍ରସ୍ତୁତ ହୋଇ ପାରିନାହିଁ ତଥା ବିଶ୍ୱରେ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ତେଣୁ ଏହାର ଉପକାର କିମ୍ବା ଅପକାର ବିଷୟରେ ଆମେ ଏ ପର୍ଯ୍ୟନ୍ତ କିଛି ହେଲେ ଅନୁମାନ ଲଗାଇ ପାରିନାହୁଁ । ଗାନ୍ଧିଜୀଙ୍କ ଜୀବନ କାଳରେ ଅବିଭକ୍ତ ଭାରତରେ କଂଗ୍ରେସ ସରକାର ମିଳିଥିଲା । କିନ୍ତୁ କଂଗ୍ରେସ ସରକାର ସୈନ୍ୟମାନଙ୍କୁ ହଟାଇ ନଥିଲେ । ବରଂ ଏହି ଯୋଜନା କରିଥିଲେ ଯେ ଆଇ.ଏନ.ଏରେ ଥିବା ସେନା ଅଫିସରମାନଙ୍କୁ ଦ୍ୱିତୀୟ ଥର ନିଯୁକ୍ତ କରାଯାଇ ଥିଲା, ଯେଉଁମାନଙ୍କୁ ବ୍ରିଟିଶ ଶାସନର ପଦଚ୍ୟୁତ କରାଯାଇଥିଲା । ଭାରତରେ କଂଗ୍ରେସ ଶାସନ ପ୍ରତିଷ୍ଠା ହେବାର ସାତ ଦିନ ମଧ୍ୟରେ ଓଜିରିସ୍ତାନ ଅଞ୍ଚଳରେ ଅସ୍ତ୍ରହୀନ ଜନସାଧାରଣଙ୍କ ଉପରେ ଆକାଶ ମାର୍ଗରୁ ବୋମା ମାଡ କରା ଯାଇଥିଲା । ସ୍ୱୟଂ ଗାନ୍ଧିଜୀ ନିଜେ ଏହି ଅଞ୍ଚଳରେ କଠୋରପନ୍ଥୀମାନଙ୍କ ସମର୍ଥନ ତଥା ସେମାନଙ୍କୁ ଛାଡି

ଦେବା ପକ୍ଷରେ ରହି ସରକାରଙ୍କ ଉପରେ ସବୁବେଳେ ଚାପ ପକାଇଥିଲେ । ଏଥିରୁ ପ୍ରମାଣିତ ହେଉଛି ଯେ ନା ଗାନ୍ଧିଜୀ ନା ତାଙ୍କ ଅନୁଗାମୀମାନେ ଏହି ଶିକ୍ଷା ଉପରେ ଆଚରଣ କରି ପାରିଛନ୍ତି କିମ୍ୱା ସେମାନେ ସଂସାର ସମ୍ମୁଖରେ ନା କୌଣସି ଏପରି ବ୍ୟାବହାରିକ ପଦକ୍ଷେପ ପ୍ରସ୍ତୁତ କରିବାରେ ସମର୍ଥ ହୋଇ ପାରିବେ । ଯାହାକି ଦେଶ ଦେଶ ମଧ୍ୟରେ କିମ୍ୱା ଜାତି ଜାତି ମଧ୍ୟରେ ଯୁଦ୍ଧକୁ ସଫଳ ଭାବେ ନିୟନ୍ତ୍ରଣ କରିପାରିବେ । କେବଳ ମୁହଁରେ ଜୋର୍‌ଦେଇ ଏହାର ବାଚନିକ ଉପଦେଶ ଦେଉଥିବା ବେଳେ ଏହାର ବିପରୀତ କାର୍ଯ୍ୟ କରିବା ଦ୍ୱାରା ଏହା ପ୍ରମାଣସିଦ୍ଧ ହେଉଛି ଯେ ଏଭଳି ଶିକ୍ଷା ବାସ୍ତବ କ୍ଷେତ୍ରରେ କସ୍ମିନ୍ କାଳେ ପାଳନ କରା ଯାଇ ପାରିବ ନାହିଁ । ସୁତରାଂ ଏହି ସମୟ ପର୍ଯ୍ୟନ୍ତ ସଂସାରକୁ ଯେଉଁ ଅନୁଭୂତି ପ୍ରାପ୍ତ ହେଉଛି ଓ ମନୁଷ୍ୟର ବୁଦ୍ଧି ଯେଉଁ ସୀମା ପର୍ଯ୍ୟନ୍ତ ମନୁଷ୍ୟର ମାର୍ଗଦର୍ଶନ କରି ଆସୁଛି ସେଥିରୁ ଏହା ଜଣାପଡୁଛି ଯେ ମୁହମ୍ମଦ[ସଅ]ଙ୍କ ପନ୍ଥା ହିଁ ପ୍ରକୃତ ପନ୍ଥା ଯାହାକି ଏହି ସମସ୍ୟାର ଅଚିରେ ସମାଧାନ କରିପାରିବ । 'ଅଲ୍ଲାଃହୁମା ସଲ୍ଲେଅଲା ମୁହମ୍ମଦିଁ ଓ୍ୱଅଲା ଆଲେ ମୁହମ୍ମଦିଁ କମା ସଲୈତା ଅଲା ଇବ୍ରାହିମା ଓ୍ୱଅଲା ଆଲେ ଇବ୍ରାହିମା ଇନ୍‌ନକା ହମିଦୁଁ ମଯିଦ୍' ଅର୍ଥାତ୍ 'ହେ ଅଲ୍ଲାଃ ! ତୁମର ଅଶେଷ କୃପା ବାରିଧି ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ହେଉ ଏବଂ ତାଙ୍କ ପରିଜନଙ୍କ ଉପରେ ହେଉ, ଯେମିତି ତୁମର କୃପାବାରିଧି ଇବ୍ରାହିମ୍[ଅସ]ଙ୍କ ଉପରେ ହେଉଥିଲା ଏବଂ ତାଙ୍କର ପରିଜନଙ୍କ ଉପରେ ହେଉଥିଲା ।'

## ଖାଇଯୁଦ୍ଧ ପରେ ଅବିଶ୍ୱାସକାରୀଙ୍କ ପକ୍ଷରୁ ମୁସଲମାନମାନଙ୍କ ଉପରେ ଆକ୍ରମଣ

ଅହଜାବ (ଖାଇ)ଯୁଦ୍ଧ ପରେ ଯଦ୍ୟପି କାଫିର୍‌ଙ୍କ ମିଳିତ ସେନାବାହିନୀର ସାହସ ଓ ମନୋବଳ ଭାଙ୍ଗି ଯାଇଥିଲା ଏବଂ ସେମାନଙ୍କ ଦମ୍ଭ ଓ ଉତ୍ସାହରେ ଧୈର୍ଯ୍ୟଚ୍ୟୁତ ଘଟିଥିଲା । ତଥାପି ସେମାନେ ଚିନ୍ତା କଲେ ଯେ ଯେହେତୁ ସେମାନେ ସଂଖ୍ୟା ଗରିଷ୍ଠ ଅଛନ୍ତି ଓ ମୁସଲମାନ ଅଳ୍ପସଂଖ୍ୟକ, ତେଣୁ ଯଥାସମ୍ଭବ ଆମେ ମୁସଲମାନମାନଙ୍କୁ ଯେଉଁଠି ଏକୁଟିଆ ଦେଖିବୁ ତାଙ୍କୁ ଧରିନେଇ ହତ୍ୟା କରିବୁ ତଥା ଏହି ପ୍ରକାରରେ ନିଜ ପରାଜୟର ପ୍ରତିଶୋଧ ନେଇ ପାରବୁ । ତେଣୁ ଅହଜାବ୍ ଯୁଦ୍ଧ ପରେ ପରେ ଆଖପାଖରେ ଥିବା ଶତ୍ରୁ ଗୋଷ୍ଠୀମାନେ ମୁସଲମାନମାନଙ୍କ ଉପରେ ଗରୀଲା ଆକ୍ରମଣ କରିବା ଆରମ୍ଭ କରିଦେଲେ । ତେଣୁ ଫଜାରହ୍ ଜାତିର କେତେକ ଅଶ୍ୱାରୋହୀ ମଦିନା ନିକଟରେ ଆକ୍ରମଣ କରି ମୁସଲମାନମାନଙ୍କ ଓଟମାନଙ୍କୁ ଚରାଇବାକୁ ନେଇଥିବା ଓଟ ଚରାଳୀକୁ ସେମାନେ ହତ୍ୟା କରି ସେମାନଙ୍କ

ପତ୍ନୀମାନଙ୍କୁ ଅପହରଣ କରି ନେଇଗଲେ । ସ୍ତ୍ରୀ ଲୋକମାନେ କୌଣସି ପ୍ରକାରେ କୌଶଳ କ୍ରମେ ତାଙ୍କ ହାତରୁ ଖସି ପଳାଇ ଆସିଲେ । କିନ୍ତୁ କେତେକ ଓଟଙ୍କୁ ଫଜାରହ୍‌ର ଦସ୍ୟୁମାନେ ନେଇ ଯିବାରେ ସଫଳ ହୋଇଥିଲେ । ଏହି ଘଟଣାରେ ମାସକ ପରେ ଉତ୍ତର ଦିଗରେ ଥିବା ଗତ୍‌ଫାନ ଗୋଷ୍ଠୀର ଲୋକ ମୁସଲମାନମାନଙ୍କ ଓଟର ଏକ ଦଳକୁ ଲୁଟି ନେବା ପାଇଁ ଚେଷ୍ଟା କରିଥିଲେ । ହଜରତ ମୁହମ୍ମଦ[ସଅ] ଘଟଣାର ତଦନ୍ତ ପାଇଁ ନିଜର ଅନୁଚର ମୁହମ୍ମଦ ବିନ୍ ମୁସଲିମ[ରଅ]ଙ୍କ ନେତୃତ୍ୱରେ ଦଶଜଣ ଅଶ୍ୱାରୋହୀଙ୍କୁ ପଠାଇଲେ । କିନ୍ତୁ ଶତ୍ରୁମାନେ ସୁଯୋଗ ଦେଖି ତାଙ୍କୁ ହତ୍ୟା କରି ଫିଙ୍ଗିଦେଇ ପଳାଇଲେ । କିନ୍ତୁ ପ୍ରକୃତରେ ସେ ନ ମରି ଚେତା ଶୂନ୍ୟ ହୋଇ ପଡିଥିଲେ । ଚେତା ଫେରିଲା ପରେ ସେ ମଦିନା ଆସି କହିଲେ ଯେ ତାଙ୍କର ସମସ୍ତ ସାଥୀମାନଙ୍କୁ ହତ୍ୟାକାରୀମାନେ ମାରି ଦେଇଛନ୍ତି ଓ କେବଳ ସେ ଜଣେ ବଞ୍ଚି ଯାଇଛନ୍ତି । ଏହାର କିଛି ଦିନ ପରେ ମୁହମ୍ମଦ[ସଅ]ଙ୍କ ଏକ ଦୂତ ରୋମ ସମ୍ରାଟଙ୍କ ନିକଟକୁ ଯାଉଥିବା ସମୟରେ 'ଜରହମ' ନାମକ ଜାତି ଆକ୍ରମଣ କଲେ ଓ ଜିନିଷ ପତ୍ର ଲୁଟି ନେଇଗଲେ । ଏହି ଘଟଣାର ଏକ ମାସ ପରେ ବନୁ ଫଜାରହ୍ ଗୋଷ୍ଠୀ ମୁସଲମାନ ଯାତ୍ରୀ ଦଳ ଉପରେ ଆକ୍ରମଣ କରି ଲୁଟପାଟ କରିଥିଲେ । ଅବଶ୍ୟ ଏହି ଆକ୍ରମଣ କୌଣସି ଧର୍ମ ବିରୁଦ୍ଧ ଜନିତ କାରଣରୁ ହୋଇ ନଥିଲା । କାରଣ ବନୁ ଖଜାରହ୍ ଏକ ଦସ୍ୟୁଦଳ ରୂପେ ପରିଚିତ ଥିଲେ । ଯାହାଙ୍କ ପେଶା ଥିଲା ବିଭିନ୍ନ ଗୋଷ୍ଠୀର ଯାତ୍ରୀମାନଙ୍କୁ ଲୁଟ୍‌ପାଟ କରି ହତ୍ୟା କରିବା । ସେହି ଯୁଗରେ ଖୈବର ଇହୁଦୀ ଗୋଷ୍ଠୀ ଯେଉଁମାନେ ଅହଜାବ୍ ଯୁଦ୍ଧର କାରଣ ହୋଇଥିଲେ ସେମାନେ ନିଜ ପରାଜୟର ପ୍ରତିଶୋଧ ନେବାପାଇଁ ଆଖପାଖ ଗୋଷ୍ଠୀମାନଙ୍କୁ  ମୁସଲମାନମାନଙ୍କ ବିରୁଦ୍ଧରେ ଉସ୍‌କାଉ ଥିଲେ । ଏତଦ୍‌ବ୍ୟତୀତ ସେମାନେ ସୀମାନ୍ତ ଅଞ୍ଚଳର ରୋମୀୟ ଅଧିକାରୀ ତଥା ଗୋଷ୍ଠୀମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଉତ୍ତେଜିତ କରୁଥିଲେ । ଆରବର ଅବିଶ୍ୱାସକାରୀ ମାନଙ୍କ ଏଣିକି ମଦିନା ଉପରେ ଆକ୍ରମଣ କରିବାର ସାହାସ ତ ନଥିଲା । କିନ୍ତୁ ଇହୁଦିମାନଙ୍କ ସହିତ ସାମିଲ୍ ସମଗ୍ର ଆରବରେ ମୁସଲମାନମାନଙ୍କ ପାଇଁ ସଂକଟ ସୃଷ୍ଟି କରିବା ଓ ଲୁଟ୍‌ପାଟ ତଥା ହତ୍ୟା ଆଦିର ସାଧନ ଏକତ୍ର କରିଥିଲେ । ତଥାପି ହଜରତ ମୁହମ୍ମଦ[ସଅ] ସେ ପର୍ଯ୍ୟନ୍ତ ବିଧର୍ମୀମାନଙ୍କ ବିରୁଦ୍ଧରେ ନିର୍ଣ୍ଣାୟକ ଯୁଦ୍ଧ ପାଇଁ କୌଣସି ନିଷ୍ପତ୍ତି ନେଇ ନଥିଲେ । କାଳେ ଶାନ୍ତି ପ୍ରତିଷ୍ଠା ହୋଇ ଗୃହଯୁଦ୍ଧର ଅବସାନ ଘଟିବ ବୋଲି ସେହି ଆଶାର ପ୍ରତୀକ୍ଷା କରୁଥିଲେ ।

# ପନ୍ଦର ଶହ ଅନୁଚରଙ୍କ ସହିତ ମୁହମ୍ମଦ[ସଅ] ଙ୍କ ମକ୍କା ଅଭିମୁଖେ ପ୍ରସ୍ଥାନ

ଏହି ସମୟରେ ହଜରତ ମୁହମ୍ମଦ[ସଅ] ଦୈବୀ ଦର୍ଶନ ପୂର୍ବକ ଏକର ଅଲୌକିକ ଦୃଶ୍ୟ ଦେଖିଲେ ଯାହା ସମ୍ବନ୍ଧରେ ପବିତ୍ର କୁରଆନରେ ଏହିପରି ଲେଖାଅଛି: لَقَدْ صَدَقَ اللّٰهُ رَسُوْلَهُ الرُّؤْيَا بِالْحَقِّ ۚ لَتَدْخُلُنَّ الْمَسْجِدَ الْحَرَامَ إِنْ شَاءَ اللّٰهُ آمِنِيْنَ مُحَلِّقِيْنَ رُءُوْسَكُمْ وَمُقَصِّرِيْنَ لَا تَخَافُوْنَ ۖ فَعَلِمَ مَا لَمْ تَعْلَمُوْا فَجَعَلَ مِنْ دُوْنِ ذٰلِكَ فَتْحًا قَرِيْبًا

ଲକଦ୍ ସଦକଲ୍ଲାହୁ ରସୁଲହୁର୍ ରୁୟା ବିଲ ହକ୍କେ; ଲତଦ୍ ଖୁଲୁନ୍ନଲ୍ ମସ୍‌ଜିଦଲ୍ ହରାମା ଇନ୍‌ଶାଅଲ୍ଲାଃହୁ ଆ'ମେନୀନା ମୁହଲ୍ଲିକୀନା ରୋଉସକୁମ୍ ଓ୍ୱ ମୁକସ୍‌ସେରିନା ଲା'ତଖାଫୁନା ଫଆଲେମା ମାଲମ୍ ତଆଲମୁ ଫଜଅଲା ମିନ୍‌ଦୁନି ଜାଲିକା ଫତ୍‌ହନ୍ କରିବନ୍।

ଅର୍ଥାତ୍ 'ଅଲ୍ଲାଃଙ୍କ ଇଚ୍ଛାନୁଯାୟୀ ତୁମେମାନେ ଅବଶ୍ୟ ମସଜିଦ୍-ଏ-ହରାମ୍ (କାବା)ରେ ଶାନ୍ତି ପୂର୍ବକ ପ୍ରବେଶ କରିବ । ତୁମମାନଙ୍କ ମଧ୍ୟରୁ କେତେକ ମସ୍ତକ ମୁଣ୍ଡନ କରିବେ ଓ ଅନ୍ୟ କେତେକ ନିଜ ମୁଣ୍ଡର କେଶକୁ କାଟି ଛୋଟ କରିବେ । (ହଜ ଯାତ୍ରୀ ନିଜ ମସ୍ତକ ମୁଣ୍ଡନ କରିଥା'ନ୍ତି) ତୁମେ ସେତେବେଳେ କାହାକୁ ଭୟ କରୁ ନଥିବ । ଅଲ୍ଲାଃ ସେସବୁ ବିଷୟରେ ଅବଗତ ଅଛନ୍ତି, ଯାହା ତୁମମାନଙ୍କୁ ଜଣାନାହିଁ । ଯେଉଁ କାରଣରୁ ଏହି ସ୍ୱପ୍ନ ପୂରଣ ହେବା ପୂର୍ବରୁ ଅଲ୍ଲାଃ ତୁମ ପାଇଁ ଅନ୍ୟ ଏକ ବିଜୟ ନିର୍ଦ୍ଧାରିତ କରି ଦେଇଛନ୍ତି, ଯାହା ସ୍ୱପ୍ନାନୁଭୂତି ବିଜୟର ପୃଷ୍ଠଭୂମି ହେବ ତଥା ସ୍ୱପ୍ନରେ ବାସ୍ତବ ରୂପେ ମୈତ୍ରୀ ଓ ଶାନ୍ତିର ସହିତ ମକ୍କା ବିଜୟର ସୂଚନା ଦିଆଯାଇଥିଲା । ଅଥଚ ରସୁଲୁଲ୍ଲାଃ[ସଅ] ଏହାର ଅର୍ଥ ବାହାର କରି ଏପରି ଚିନ୍ତା କଲେ ଯେ ବୋଧହୁଏ ଅଲ୍ଲାଃଙ୍କ ତରଫରୁ କାବା ମସଜିଦ୍‌ରେ ଯାଇ ତଓ୍ୱାଫ୍ କରିବା ସକାଶେ ଆଦେଶ ପ୍ରାପ୍ତ ହୋଇଛି । ଯେହେତୁ ଏହି ଭ୍ରମ ଧାରଣା ଦ୍ୱାରା ହିଁ ଇସଲାମର ଶାନ୍ତି ଓ ପ୍ରଗତିର ଶିଳାନ୍ୟାସ ପଡିବାକୁ ବିଧିନିର୍ଦ୍ଧିଷ୍ଟ କରା ଯାଇଥିଲା, ତେଣୁ ଅଲ୍ଲାଃ ସେହି ଭୁଲ୍ ସ୍ୱପ୍ନଦର୍ଶନ ବିଷୟରେ ତାଙ୍କୁ ଅବଗତ କଲେ ନାହିଁ । ଫଳତଃ ମହାଭାଗ ନିଜେ ଭୁଲ ଚିନ୍ତାଧାରାର ବଶବର୍ତ୍ତୀ ହୋଇ ନିଜର ଅନୁଚରମାନଙ୍କୁ କାବା ଅଭିମୁଖେ ଯାତ୍ରା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ନିଜ ସହିତ ସେମାନଙ୍କୁ ନେଇ ସେଠାକୁ

ଯିବା ପାଇଁ ଘୋଷଣା ଜାରି କଲେ । ଏହା ମଧ୍ୟ କହିଥିଲେ ଯେ ସେମାନେ କେବଳ ତୱାଫ୍ (ପରିକ୍ରମା) ପାଇଁ କାବାକୁ ଯାଉଛନ୍ତି । ଏବଂ ଏଭଳି କିଛି ପ୍ରଦର୍ଶନ ବା ପୂଜାବିଧି କରିବେ ନାହିଁ, ଯାହା ଶତ୍ରୁମାନଙ୍କର ବିରକ୍ତ ଓ କ୍ରୋଧର କାରଣ ହେବ । ଏହିପରି ସେ ୬୨୮ ମସିହା ଫେବୃୟାରୀ ମାସର ଶେଷ ପର୍ଯ୍ୟାୟରେ ପନ୍ଦର ଶହ ମୁସଲମାନ ଶ୍ରଦ୍ଧାଳୁଙ୍କ ସହିତ ମକ୍କା ଯାତ୍ରା କରିଥିଲେ । ଏହି ପନ୍ଦର ଶହ ସଂଖ୍ୟା ଏହା ଦର୍ଶାଉଛି ଯେ ଅହଜାବ ବା ଖାଇଯୁଦ୍ଧ ସମୟରେ ଯେଉଁ ସଂଖ୍ୟା ୧୨୦୦ ଥିଲା, ତାହା ଏକ ବର୍ଷ ମଧ୍ୟରେ ୧୫୦୦କୁ ବୃଦ୍ଧି ପାଇଥିଲା । ଯେଉଁମାନେ ସେହି ଯୁଦ୍ଧରେ ମୁସଲମାନମାନଙ୍କ ସଂଖ୍ୟା ୩୦୦୦ ବୋଲି କହୁଥିଲେ, ତାହା ଏକ ଭ୍ରମାତ୍ମକ ସଂଖ୍ୟା ଓ ପ୍ରକୃତ ସଂଖ୍ୟା ଥିଲା ୧୨୦୦ । ଏହି ପନ୍ଦର ଶହ ହଜଯାତ୍ରୀ ଦଳଙ୍କ ସମ୍ମୁଖରେ ଅଳ୍ପ ବ୍ୟବଧାନରେ ୨୦ଜଣ ଅଶ୍ୱାରୋହୀଙ୍କୁ ଏଥିପାଇଁ ଯିବା ସକାଶେ ନିର୍ଦ୍ଦେଶ ଦିଆଗଲା ଯେ ସେମାନେ ଶତ୍ରୁ ଆକ୍ରମଣର ଆଗତୁରା ସୂଚନା ଦେଇପାରିବେ । ମକ୍କାବାସୀମାନେ ଯେତେବେଳେ ସେମାନଙ୍କ ଆଗମନର ଉଦ୍ଦେଶ୍ୟ ଜାଣିପାରିଲେ ଯେ କାବାର ପରିକ୍ରମା କରିବାରେ କୌଣସି ବାଧା ଉତ୍ପନ୍ନ କରିବା ଉଚିତ ନୁହେଁ ତଥା ମୁସଲମାନମାନଙ୍କ ଏହାର ସୃଷ୍ଟି ଘୋଷଣା ସତ୍ତ୍ୱେ ଯେ ସେମାନେ କେବଳ ତୀର୍ଥ କରିବା ଉଦ୍ଦେଶ୍ୟରେ ଆସିଛନ୍ତି । କୌଣସି କଳହ ବା ଉପଦ୍ରବ ପାଇଁ ନୁହେଁ ତଥାପି ମକ୍କାବାସୀ ମକ୍କାର ଚତୁଃପାର୍ଶ୍ୱକୁ ଏକ ସୁରକ୍ଷିତ ଦୁର୍ଗରେ ପରିଣତ କରିଦେଲେ । ଏବଂ ଆଖପାଖ ଗୋଷ୍ଠୀର ଲୋକମାନଙ୍କୁ ନିଜର ସହାୟତା ପାଇଁ ପ୍ରବର୍ତ୍ତାଇଲେ । ଯେବେ ହଜରତ ମୁହମ୍ମଦ[ସଅ] ମକ୍କା ନିକଟବର୍ତ୍ତୀ ଅଞ୍ଚଳରେ ପହଞ୍ଚିଲେ, ତାଙ୍କୁ ଖବର ମିଳିଲା ଯେ ମକ୍କାବାସୀ ଚିତାବାଘର ଛାଲ ପିନ୍ଧି ପକାଇଛନ୍ତି ଏବଂ ନିଜର ପତ୍ନୀ ଓ ପିଲାମାନଙ୍କୁ ମଧ୍ୟ ନିଜ ସାଙ୍ଗରେ ନେଇ ଆସୁଛନ୍ତି । ଏହି ଶପଥ ମଧ୍ୟ କରିଛନ୍ତି ଯେ କୌଣସିମତେ ମୁସଲମାନମାନଙ୍କ ମକ୍କା ସହର ମଧ୍ୟରେ ପ୍ରବେଶ କରିବାକୁ ଦେବେନାହିଁ । ସେ କାଳର ଆରବୀୟ ପ୍ରଥାନୁସାରେ ଯଦି କେହି ଚିତାବାଘର ଛାଲ ପିନ୍ଧି ପକାଏ, ତା'ହେଲେ ଏହାର ଅର୍ଥ ତାଙ୍କ ମସ୍ତିଷ୍କ ଓ ବୁଦ୍ଧି କାମ କରିବ ନାହିଁ । ବରଂ ତାଙ୍କ ପାଇଁ ସାହସ ଓ ବୀରତ୍ୱ ସହକାରେ ଜୀବନ ଉତ୍ସର୍ଗ କରିବାର ବେଳ ଆସି ପହଞ୍ଚି ଯାଇଛି । ସେମାନଙ୍କ ଆସିବା ଖବର ମିଳିବା ମାତ୍ରେ ମକ୍କାର ଅବିଶ୍ୱାସକାରୀ ବାହିନୀର ଅଳ୍ପ ସଂଖ୍ୟକ ଅଶ୍ୱାରୋହୀ ଦଳ ମୁସଲମାନମାନଙ୍କ ସମ୍ମୁଖରେ ଆସି ଛିଡା ହେଲା । ସେହି ସ୍ଥାନରୁ ଆଗକୁ ବଢିବା ପାଇଁ କେବଳ ଗୋଟିଏ ବିକଳ୍ପ ଥିଲା ଯେ ତରବାରୀ ବଳରେ ହିଁ ଶତ୍ରୁକୁ ପରାସ୍ତ କରାଯିବ ।

ଯେହେତୁ ହଜରତ ମୁହମ୍ମଦ[ସଅ] ଆଗରୁ ନିଷ୍ପତ୍ତି ନେଇ କହିଥିଲେ ଯେ ଆମେ କୌଣସି ପରିସ୍ଥିତିରେ ସଂଘର୍ଷ କରିବୁ ନାହିଁ । ତେଣୁ ସେ ଜଣେ ଅତ୍ୟନ୍ତ କୁଶଳୀ ମାର୍ଗଦର୍ଶକ ନିଯୁକ୍ତ କରି ତାଙ୍କ ଦ୍ୱାରା ଜଙ୍ଗଲ ପଥରେ ମୁସଲମାନ ଯାତ୍ରୀମାନଙ୍କୁ ବାଟ ଦେଖାଇ ମକ୍କା ନେଇଯିବା ପାଇଁ ମନସ୍ଥ କଲେ । ସେହି ମାର୍ଗଦର୍ଶକ ମହାଭାଗଙ୍କୁ ଓ ତାଙ୍କ ସାଥୀମାନଙ୍କୁ ନେଇ ହୁଦୈବିୟାରେ ଯାଇ ପହଞ୍ଚିଲେ, ଯାହା ମକ୍କା ନିକଟରେ ଥିଲା । ସେଠାରେ ତାଙ୍କ ମାଈ ଓଟଟି ଠିଆ ହୋଇ ରହିଲା ଓ ଆଗକୁ ଯିବାକୁ ଅମଙ୍ଗ ହେଲା । ଅନୁଚରମାନେ କହିଲେ, ‘ହେ ଅଲ୍ଲାଃଙ୍କ ରସୁଲ ! ଆପଣଙ୍କ ମାଈ ଓଟଟି ବୋଧହୁଏ କ୍ଲାନ୍ତ ହୋଇ ପଡିଛି ।  ଆପଣ ଅନ୍ୟ ଏକ ଓଟ ପିଠିରେ ଉପବେଶନ କରନ୍ତୁ ।’ କିନ୍ତୁ ସେ କହିଲେ, ‘ନା ସେ କ୍ଲାନ୍ତ ହୋଇନାହିଁ । ବୋଧହୁଏ ଈଶ୍ୱରଙ୍କ ଏହା ହିଁ ଇଚ୍ଛା ଯେ ଆମେମାନେ ଏହି ସ୍ଥାନରେ ହିଁ ଡେରା ପକାଇବୁ । ମୁଁ ଏହିଠାରେ ରହି ମକ୍କାବାସୀଙ୍କୁ ବିଭିନ୍ନ ଉପାୟ ଦ୍ୱାରା ନିବେଦନ କରିବି ଯେ ସେମାନେ ଆମମାନଙ୍କୁ ହଜ କରିବାକୁ ଅନୁମତି ଦିଅନ୍ତୁ । ସେଥିପାଇଁ ସେମାନେ ଯାହାକିଛି ସର୍ତ୍ତ ଲାଗୁ କରିବା ପାଇଁ ମୋତେ ବାଧ କରିବେ ମୁଁ ସେ ସବୁ ସର୍ତ୍ତ ମାନିନେବୀ ।’ ସେତେବେଳ ପର୍ଯ୍ୟନ୍ତ ମକ୍କାର ସୈନ୍ୟବାହିନୀ ଦୂରସ୍ଥାନରେ ରହି ହଜରତ ମୁହମ୍ମଦ[ସଅ]ଙ୍କୁ ଅପେକ୍ଷା କରୁଥିଲେ । ଯଦି ସେ ଚ୍ହିଥାନ୍ତେ ମକ୍କା ମଧ୍ୟରେ ପ୍ରବେଶ କରି ହଜ ଅବଶ୍ୟ କରିପାରନ୍ତେ । କିନ୍ତୁ ମହାଭାଗ ବହୁ ପୂର୍ବରୁ ନିଷ୍ପତ୍ତି ନେଇ ସାରିଥିଲେ ଯେ ମକ୍କାବାସୀଙ୍କ ଅନୁମତି କ୍ରମେ ହଜ କରିବେ । ଅନ୍ୟଥା ଯଦି ମକ୍କାବାସୀମାନେ ଆକ୍ରମଣର ସୂତ୍ରପାତ କରନ୍ତି, ତା’ହେଲେ ସେ କ୍ଷେତ୍ରରେ ସେ ଯୁଦ୍ଧ କରିବା ପାଇଁ ବାଧ ହେବେ । ତେଣୁ ହୁଦବିୟା ସ୍ଥାନରୁ ମକ୍କା ଯିବା ବାଟ ଉନ୍ମୁକ୍ତ ତଥା ସିଧାସଳଖ ହେବା ସତ୍ତ୍ୱେ ସେ ହୁଦବିୟା ସ୍ଥାନରେ ହିଁ ଶିବିର ପକାଇଲେ । ଅଳ୍ପ ସମୟ ମଧ୍ୟରେ ମକ୍କାବାସୀ ଏହାର ସୂଚନା ପାଇଲେ । ତେଣୁ ମକ୍କାର ସୈନ୍ୟବାହିନୀ ତୁରନ୍ତ ମକ୍କା ନିକଟରେ ଧାଡି ବାନ୍ଧି ଘେରିଗଲେ । ସର୍ବପ୍ରଥମେ ବଦିଲ୍ ନାମକ ଜଣେ ବ୍ୟକ୍ତିକୁ ମୁହମ୍ମଦ[ସଅ]ଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ପଠାଗଲା । ତାଙ୍କ ନିକଟରେ ଉପସ୍ଥିତ ହେବାକୁ ମହାଭାଗ କହିଲେ, ‘ମୁଁ ତ କେବଳ କାବାର ତୱାଫ (ପରିକ୍ରମା) କରିବାକୁ ଆସିଛି । ହଁ, ଯଦି ମକ୍କାବାସୀ ଆମକୁ ବାଧ କରନ୍ତି ତା’ହେଲେ ଆମକୁ ଲଢିବାକୁ ପଡିବ ।’ ଏହା ପରେ ମକ୍କାବାହିନୀର ସେନାପତି ଅବୁ ସୁଫିୟାନର ଜାମାତା ଉର୍‌ୱା ମୁହମ୍ମଦ[ସଅ]ଙ୍କ ସେବାରେ ଉପସ୍ଥିତ ହୋଇ ଅତି କଦର୍ଯ୍ୟ ଭାବରେ କହିଲା, ‘ଏହି ବାଲୁଙ୍ଗା ଛତରା ଲୋକମାନଙ୍କୁ ଆପଣ ଆପଣଙ୍କ ସାଥିରେ ଧରି ଆସିଛନ୍ତି । ସେମାନଙ୍କୁ ମକ୍କାବାସୀମାନେ କୌଣସି ପରିସ୍ଥିତିରେ ମଧ ମକ୍କାରେ ପ୍ରବେଶ କରିବାକୁ ଦେବୁ

ନାହିଁ । ଏହା ପରେ ଜଣକ ପରେ ଜଣେ ମକ୍କାର ପ୍ରତିନିଧି ଆସିବାରେ ଲାଗିଲେ । ଶେଷରେ ମକ୍କାବାସୀମାନେ ସନ୍ଦେଶ ଦେଲେ ଯେ ଯାହା ହେବାର ହୋଇଯାଉ ପଛକେ ଏ ବର୍ଷ ଆମେମାନେ ମୁସଲମାନମାନଙ୍କୁ ମସଜିଦ୍‌ରେ ତୱାଫ୍ କରିବାକୁ ଦେବୁନାହିଁ । କାରଣ ଏହାଦ୍ୱାରା ଆମର ସ୍ୱାଭିମାନ କ୍ଷୁର୍ଣ୍ଣ ହେଉଛି । ହଁ, ଯଦି ଆସନ୍ତା ବର୍ଷ ଆସିବେ, ତା'ହେଲେ ଆମେ ଏଥିପାଇଁ ଅନୁମତି ଦେବୁ । ଆଖପାଖର କେତେକ ବସ୍ତିବାସିନ୍ଦା ଜୋର ଦେଇ କହିଲେ ଯେ ମୁସଲମାନମାନେ ତ କେବଳ ପରିକ୍ରମା କରିବାକୁ ଆସିଛନ୍ତି । ଆପଣମାନେ କାହିଁକି ରୋକୁଛନ୍ତି ? କିନ୍ତୁ ମକ୍କାବାସୀ ସେମାନଙ୍କ ଜିଦ୍‌ରେ ଅଟଳ ରହିଲେ । ଏହାପରେ ବାହ୍ୟଗୋଷ୍ଠୀର ଲୋକମାନେ କହିଲେ ଆପଣମାନଙ୍କ ଢଙ୍ଗ ସୂଚାଇ ଦେଉଛି ଯେ ଆପଣମାନଙ୍କ ଆଭିମୁଖ୍ୟ ଝଗଡା କରିବା, ସନ୍ଧି ସ୍ଥାପନ କରିବା ନୁହେଁ । ସେଥିପାଇଁ ଆମେମାନେ ଆପଣଙ୍କ ସଂଗ ପରିତ୍ୟାଗ କରୁଛୁ । ଏହି ଦେଖି ମକ୍କାବାସୀମାନେ ଭୟଭୀତ ହୋଇଗଲେ ଓ ମୁସଲମାନମାନଙ୍କ ସହିତ ଶାନ୍ତି ଚୁକ୍ତି ସକାଶେ ପ୍ରୟାସ କରିବା ଉପରେ ସହମତି ପ୍ରକାଶ କଲେ । ଏହି ସୂଚନା ଯେବେ ମୁହମ୍ମଦ[ସଅ]ଙ୍କୁ ପ୍ରାପ୍ତ ହେଲା, ସେ ହଜରତ ଉସ୍‌ମାନ[ରଅ]ଙ୍କୁ ନିଜର ଦୂତ ରୂପେ ମକ୍କାବାସୀମାନଙ୍କ ସହିତ କଥାବାର୍ତ୍ତା ପାଇଁ ପଠାଇଲେ । ହଜରତ ଉସମାନ[ରଅ] ପରବର୍ତ୍ତୀ କାଳରେ ମୁସଲମାନ ଜଗତର ତୃତୀୟ ଖଲିଫା (ଉତ୍ତରାଧିକାରୀ) ହୋଇଥିଲେ । ସେ ମକ୍କାର ଏକ ସମୃଦ୍ଧିଶାଳୀ ସମ୍ଭ୍ରାନ୍ତ ପରିବାର ସହିତ ସଂପୃକ୍ତ ଥିଲେ । ଏଠାକାର ବହୁତ ଲୋକ ତାଙ୍କର ବଂଧୁବାଂଧବ ଥିଲେ, ସେମାନେ ବିପୁଳ ସଂଖ୍ୟାରେ ଆସି ଏକତ୍ରିତ ହୋଇ ଉସମାନ୍‌ଙ୍କୁ କହିଲେ, 'ଆପଣ କା'ବା ଗୃହର ପରିକ୍ରମା କରନ୍ତୁ । କିନ୍ତୁ ମୁହମ୍ମଦ[ସଅ]ଙ୍କୁ ଆସନ୍ତା ବର୍ଷ ପରିକ୍ରମା କରିବା ପାଇଁ କୁହନ୍ତୁ ।' ତହୁଁ ଉସମାନ୍ କହିଲେ, 'ମୋର ପ୍ରିୟ ନବୀଙ୍କ ବିନା ମୁଁ କାବାର ପରିକ୍ରମା କରିପାରିବି ନାହିଁ ।' ଦୀର୍ଘ ସମୟ ଧରି ଏହି କଥୋପକଥନ ଯୋଗୁଁ ବିଳମ୍ବ ହେଲା । ଏହାର ଫାଇଦା ଉଠାଇ ମକ୍କାର କେତେକ ଖଳ ପ୍ରକୃତିର ଲୋକ ଗୁଜବ କଲେ ଯେ ଉସ୍‌ମାନ୍‌ଙ୍କୁ ମକ୍କାବାସୀ ହତ୍ୟା କରିଛନ୍ତି । ଏହି ତୁଣ୍ଡ ବାଇଦ ହଜରତ ମୁହମ୍ମଦ[ସଅ]ଙ୍କ ପର୍ଯ୍ୟନ୍ତ ପହଞ୍ଚିଗଲା । ସେ ସମସ୍ତ ବିଶ୍ୱସ୍ତ ଅନୁଚର ମାନଙ୍କୁ ଏକତ୍ରିତ କରି କହିଲେ, 'ଜଣେ ଦୂତର ପ୍ରାଣ ପ୍ରତ୍ୟେକ ଜାତିରେ ସୁରକ୍ଷିତ କରାଯାଇଛି । ତୁମେମାନେ ତ ଶୁଣିଲ ଯେ ହଜରତ ଉସ୍‌ମାନ୍‌ଙ୍କୁ ମକ୍କାବାସୀ ହତ୍ୟା କରି ଦେଇଛନ୍ତି । ଯଦି ଏହି ସମ୍ବାଦ ସତ୍ୟ, ତା'ହେଲେ ଆମେମାନେ ବଳପୂର୍ବକ ମକ୍କାରେ ପ୍ରବେଶ କରିବୁ । (ଅର୍ଥାତ୍ ଆମର ପ୍ରଥମ ଉଦ୍ଦେଶ୍ୟ ଥିଲା ଶାନ୍ତିପୂର୍ବକ ମକ୍କାରେ ପ୍ରବେଶ କରିବୁ । କିନ୍ତୁ ଯେଉଁ ପରିସ୍ଥିତି ବର୍ତ୍ତମାନ ଦେଖାଦେଲାଣି, ଏଥିରେ ପରିବର୍ତ୍ତନ ଘଟିଥିବାରୁ ଶାନ୍ତି ରକ୍ଷା କରିବା ପାଇଁ

ଆମେ ଆଉ ବାଧ୍ୟ ନୋହୁଁ) ଯେଉଁ ଲୋକମାନେ ଏହି ପଣ ନେବାକୁ ଚାହାନ୍ତି ଯେ ଆମେ ମକ୍କାରେ ବିଜୟ ପୂର୍ବକ ପ୍ରବେଶ କରିବୁ ଅଥବା ଜଣ ଜଣ କରି ନିଜ ଜୀବନର ବଳିଦାନ ଦେବୁ, ତା'ହେଲେ ସେମାନେ ମୋ ହାତରେ ଶପଥ କରନ୍ତୁ । ତାଙ୍କର ଏହି ଘୋଷଣା କରିବା ମାତ୍ରେ ୧୫୦୦ ଶ୍ରଦ୍ଧାଳୁ କ୍ଷଣିକ ମଧ୍ୟରେ ୧୫୦୦ ସୈନିକ ରୂପରେ ପରିବର୍ତ୍ତିତ ହୋଇଗଲେ । ଏବଂ ପାଗଳ ପ୍ରାୟ ଜଣେ ଅନ୍ୟକୁ ଡେଇଁ ତାଙ୍କ ହସ୍ତରେ ଅଙ୍ଗୀକାରବଦ୍ଧ ହେବା ପାଇଁ ପ୍ରୟାସ କଲେ । ଏହି ଦୀକ୍ଷା ମୂଳକ ବଜ୍ର ଶପଥ ସମଗ୍ର ଇସଲାମ୍ ଜଗତରେ ଏକ ମହତ୍ତ୍ୱ ରଖିଥାଏ ଏବଂ ଏହାକୁ ବୃକ୍ଷର ପ୍ରତିଜ୍ଞା କୁହାଯାଏ । କାରଣ ଯେଉଁ ସମୟରେ ଏହି ଐତିହାସିକ ଶପଥ ନିଆ ଯାଉଥିଲା, ସେତେବେଳେ ହଜରତ ମୁହମ୍ମଦ[ସଅ] ଏକ ବୃକ୍ଷ ମୂଳରେ ବସିଥିଲେ । ଯେଉଁ ପର୍ଯ୍ୟନ୍ତ ଏପରି ଏ ଭୀଷ୍ମ ପ୍ରତିଜ୍ଞା ମୂଳକ ବୈୟତରେ ସମ୍ମିଳିତ ହୋଇଥିବା ଶେଷବ୍ୟକ୍ତି ଏହି ସଂସାରରେ ଜୀବିତ ରହିଥିଲା, ସେ ଗର୍ବର ସହିତ ଏହି ଶପଥ ବିଷୟରେ ଚର୍ଚ୍ଚା କରୁଥିଲା । କାରଣ ସେଦିନ ପନ୍ଦର ଶହ ବ୍ୟକ୍ତିମାନଙ୍କ ମଧ୍ୟରୁ କେହି ଜଣେ ହେଲେ ବ୍ୟକ୍ତି ମଧ୍ୟ ଏହି ଶପଥର ବଶବର୍ତ୍ତି ହୋଇ ସେ ବିନା ସଂକୋଚରେ ଏହି ପ୍ରତିଜ୍ଞା କରିଥିଲା ଯେ ଯଦି ଶତ୍ରୁ ଇସଲାମର ଦୂତଙ୍କୁ ମାରି ଦେଇଛି, ତା'ହେଲେ ଆଜି ସେମାନଙ୍କ ନିକଟରେ ଦୁଇଟି ପଥ ଉନ୍ମୁକ୍ତ ଥିଲା । ଗୋଟିଏ ହେଉଛି ସନ୍ଧ୍ୟା ହେବା ପୂର୍ବରୁ ମକ୍କା ଉପରେ ସେମାନେ ବିଜୟ ପ୍ରାପ୍ତ କରିବେ କିମ୍ବା ସାୟଂକାଳ ଆଗରୁ ରଣଭୂମିରେ ଯୁଦ୍ଧ କରି ପ୍ରାଣତ୍ୟାଗ କରିବେ । କିନ୍ତୁ ଏହି ଭୀଷ୍ମ ଶପଥ ସମାପ୍ତ ହେବାର କିଛି କ୍ଷଣ ମଧ୍ୟରେ ହଜରତ ଉସ୍‌ମାନ୍[ରଅ] ଆସି ଜୀବିତାବସ୍ଥାରେ ଆସି ପହଞ୍ଚିଗଲେ । ସେ କହିଲେ ମକ୍କାର ଲୋକେ ଏ ବର୍ଷ ଆମମାନଙ୍କ 'ଉମରା' (ଅନ୍ୟ ମାସରେ କରାଯାଉଥିବା ତୀର୍ଥ) କରିବା ପାଇଁ ଅନୁମତି ଦେଇ ପାରିବେ ନାହିଁ । କିନ୍ତୁ ଆଗାମୀ ବର୍ଷ ସେମାନେ ହଜ କରିବାକୁ ଅନୁମତି ଦେବା ପାଇଁ ପ୍ରସ୍ତୁତ ଅଛନ୍ତି । ଏଥି ସମ୍ବନ୍ଧରେ ବୁଝାମଣା କରିବା ପାଇଁ ସେମାନଙ୍କ ତରଫରୁ ଜଣେ ପ୍ରତିନିଧିକୁ ନିଯୁକ୍ତ କରିଛନ୍ତି । ଏହାର ଅଳ୍ପ ସମୟ ପରେ ମକ୍କାର ଜଣେ ସର୍ଦ୍ଦାର ସୁହୈଲ୍ ସନ୍ଧିମୂଳକ ଚୁକ୍ତିନାମା ସ୍ୱାକ୍ଷର କରିବା ପାଇଁ ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ଉପସ୍ଥିତ ହେଲା । ଉକ୍ତ ବୁଝାମଣା ପତ୍ର ନିମ୍ନମତେ ଉଲ୍ଲେଖ କରାଯାଇଥିଲା ।

## ହୁଦୈବିୟା ସନ୍ଧିପତ୍ରର ସର୍ତ୍ତାବଳୀ

ଈଶ୍ୱରଙ୍କ ନାମରେ ସନ୍ଧିର ଏହି ସର୍ତ୍ତାବଳୀ ଅବ୍ଦୁଲ୍ଲାଃଙ୍କ ପୁତ୍ର ହଜରତ ମୁହମ୍ମଦ[ସଅ] ଏବଂ ଉମରଙ୍କ ପୁତ୍ର ସୁହୈଲ ମକ୍କା ପ୍ରଶାସନ ଅଧିକାରୀ ମଧ୍ୟରେ ଏହପରି

ସ୍ଥିରୀକୃତ ହୋଇଥିଲା:

✶ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ କରିବା ଦଶବର୍ଷ ସକାଶେ ବନ୍ଦ କରାଯାଇଛି ।

✶ ଯେଉଁଲୋକ ହଜରତ ମୁହମ୍ମଦ^ସଅ^ଙ୍କ ସହିତ ସମ୍ମିଳିତ ହେବା ପାଇଁ କିମ୍ବା ତାଙ୍କ ସହିତ ସ୍ୱୀକାରୋକ୍ତି ମୂଳକ ସନ୍ଧି କରିବା ପାଇଁ ଇଚ୍ଛୁକ, ସେ ତାହା କରି ପାରେ । ଏବଂ ଯେଉଁ ଲୋକ କୁରେଶ (ମକ୍କାବାସୀ)ଙ୍କ ସହିତ ରହିବା ପାଇଁ ଅଥବା ସ୍ୱୀକାର ପତ୍ର କରିବାକୁ ଇଚ୍ଛା କରେ ସେ ମଧ୍ୟ ତାହା କରିପାରିବ ।

✶ ଯଦି କୌଣସି ବାଳକର ପିତା ଜୀବିତ ଅଛନ୍ତି କିମ୍ବା ଅଳ୍ପ ବୟସ୍କ ହୋଇଥିବ, ସେହି ବାଳକ ନିଜର ପିତା କିମ୍ବା ଅଭିଭାବକଙ୍କ ଆଜ୍ଞା ବିନା ଯଦି ହଜରତ ମୁହମ୍ମଦ^ସଅ^ଙ୍କ ନିକଟକୁ ଚ୍ଛଲିଯାଏ, ତା'ହେଲେ ତାକୁ ନିଜ ପିତା କିମ୍ବା ଅଭିଭାବକଙ୍କ ପାଖକୁ ଫେରାଇ ଦିଆଯିବ । କିନ୍ତୁ ମୁହମ୍ମଦ^ସଅ^ ସାଥୀମାନଙ୍କ ମଧ୍ୟରୁ ମକ୍କାର ଯଦି କେହି କୁରେଶମାନଙ୍କ ପାଖକୁ ଚ୍ଛଲିଯାଏ, ତା'ହେଲେ ସେହି ଲୋକଙ୍କୁ ଫେରାଇ ଅଣାଯାଇ ପାରିବ ।

✶ ମୁହମ୍ମଦ୍^ସଅ^ ଏହି ବର୍ଷ ମକ୍କାରେ ପ୍ରବେଶ ନକରି ଏହିଠାରୁ ହିଁ ପ୍ରତ୍ୟାବର୍ତ୍ତନ କରିବେ । କିନ୍ତୁ ଆଗାମି ବର୍ଷ ମୁହମ୍ମଦ୍^ସଅ^ ଓ ତାଙ୍କ ଅନୁଚରଗଣ ମକ୍କା ଆସି ପାରିବେ । ଏବଂ ଅତି ବେଶିରେ ତିନି ଦିନ ପର୍ଯ୍ୟନ୍ତ ରହି 'କାବା'ର ତଓ୍ୱାଫ୍ କରି ପାରିବେ । ଏହି ତିନି ଦିନର ଅବଧି ପାଇଁ କୁରେଶ୍ ଗୋଷ୍ଠୀ ସହରରୁ ବାହାରେ ଥିବା ପାହାଡ ଉପରକୁ ଚ୍ଛଲିଯିବେ । କିନ୍ତୁ ସର୍ତ୍ତ ରହିବ ଯେ ମକ୍କାକୁ ପ୍ରବେଶ କରିବା ସମୟରେ ମୁହମ୍ମଦ୍^ସଅ^ ଓ ତାଙ୍କ ସାଥୀମାନେ କୌଣସି ଅସ୍ତ୍ରଶସ୍ତ୍ର ଧାରଣ କରିବେ ନାହିଁ । କେବଳ ସେହି ଅସ୍ତ୍ର ନିଜ ପାଖରେ ରଖିପାରିବେ, ଯାହା ଜଣେ ପଥଚ୍ଛରୀ ଧାରଣ କରିଥାଏ । ଅର୍ଥାତ୍ ମିଆଣରେ ଭରା ତରବାରୀ ।"

(ଇବ୍‌ନେ ହିଶାମ୍, ୨ୟ ଖଣ୍ଡ, ପୃ ୧୮୦, ହଦିସ୍ ବୁଖାରୀ, କିତାବୁସ୍ ଶୁରୁତ୍)

ଏହି ଚୁକ୍ତିନାମା ସାକ୍ଷରିତ ହେଲା ବେଳେ ଦୁଇଟି ବିଚିତ୍ର ଘଟଣା ଘଟିଲା । ସର୍ତ୍ତାବଳୀ ପ୍ରସ୍ତୁତ ହେଲା ପରେ ହଜରତ ମୁହମ୍ମଦ^ସଅ^ ଚୁକ୍ତିପତ୍ରରେ ଏହା ଲେଖିବାକୁ ଯାଉଥିଲେ ଯେ 'ଅଲ୍ଲାଃଙ୍କ ନାମ ସହିତ ଯିଏକି ଅଶେଷ କୃପାବାନ ଓ ବାରମ୍ବାର ଦୟାମୟ । ଏହି ଶବ୍ଦମାନଙ୍କ ଉପରେ ଆପତ୍ତି ଜଣାଇ ପ୍ରତିପକ୍ଷ ଦଳର ପ୍ରତିନିଧି ସୁହୈଲ କହିଲା ଯେ ଅଲ୍ଲାଃଙ୍କୁ ତ ଆମେ ଜାଣିଛୁ, କିନ୍ତୁ 'ଅଶେଷ କୃପାବାନ ଓ ବାରମ୍ବାର ଦୟାମୟ କିଏ ଆମେ ଜାଣିନାହୁଁ । ଏହି ରାଜିନାମା ଆପଣ ଓ ଆମ ମଧ୍ୟରେ ହେବାକୁ ଯାଉଛି । ତେଣୁ ଏଥିରେ ଉଭୟ ପକ୍ଷର ଆସ୍ଥାର ସମ୍ମାନ ହେବା

ଉଚିତ୍ । ତା'ର ଏହି ଅଭିଯୋଗକୁ ହଜରତ ମୁହମ୍ମଦ୍[ସଅ] ଗ୍ରହଣ କଲେ । ବାସ୍ ଏତିକି ଲେଖାଗଲା ଯେ ଈଶ୍ୱରଙ୍କ ନାମରେ ଆମେମାନେ ଏହି ଚୁକ୍ତିନାମା ପ୍ରସ୍ତୁତ କରିବାକୁ ଯାଉଛୁ' । ଏହା ପରେ ଆଗକୁ ଲେଖାଗଲା 'ଏହି ସନ୍ଧିପତ୍ର ମକ୍କାବାସୀଙ୍କ ତରଫରୁ ତାଙ୍କର ପ୍ରତିନିଧି ସୁହେଲ ଏବଂ ମୁହମ୍ମଦ୍ ରସୁଲୁଲାଃଙ୍କ ମଧ୍ୟରେ ସ୍ୱାକ୍ଷରିତ ହେବାକୁ ଯାଉଛି ।' ଏଠାରେ ପୁଣି ସୁହେଲ୍ ପ୍ରତିବାଦ ଜଣାଇଲା ଯେ ଯଦି ଆପଣଙ୍କୁ ଆମେ ଅଲ୍ଲାଃଙ୍କ ରସୁଲ ବୋଲି ଗ୍ରହଣ କରିଥାନ୍ତୁ, ତା'ହେଲେ ଆପଣଙ୍କ ସହିତ ଲଢନ୍ତୁ କାହିଁକି ? ଏହି ପ୍ରତିବାଦକୁ ମଧ୍ୟ ହଜରତ ମୁହମ୍ମଦ[ସଅ] ସ୍ୱୀକାର କରିନେଲେ । ଏବଂ 'ମୁହମ୍ମଦ ରସୁଲୁଲ୍ଲାଃ' ପରିବର୍ତ୍ତେ 'ମୁହମ୍ମଦ ବିନ୍ ଅବ୍ଦୁଲାଃ' (ଅର୍ଥାତ୍ ଅବ୍ଦୁଲ୍ଲାଙ୍କ ପୁତ୍ର ମୁହମ୍ମଦ) ବୋଲି ଲେଖାଗଲା । ଯେହେତୁ ସେ ମକ୍କାବାସୀଙ୍କ ପ୍ରତ୍ୟେକ କଥାକୁ ମାନି ଚାଲିଥିଲେ, ଅନୁଚରମାନଙ୍କ ହୃଦୟରେ ଅତ୍ୟଧିକ ଦୁଃଖ ଓ ମାନସିକ ଆଘାତ ସୃଷ୍ଟି ହେବାରେ ଲାଗିଲା । ପ୍ରବଳ କ୍ରୋଧରେ ସେମାନଙ୍କ ରକ୍ତ ତାତି ଉଠିଲା । ଏପରିକି ହଜରତ ଉମର[ରଅ] ନିଜେ ରସୁଲୁଲ୍ଲାଃ[ସଅ]ଙ୍କ ନିକଟରେ ଉପସ୍ଥିତ ହୋଇ ପ୍ରଶ୍ନ କଲେ, 'ହେ ଅଲ୍ଲାଃଙ୍କ ରସୁଲ ! କଣ ଆମେମାନେ ସତ୍ୟ ପଥରେ ନାହୁଁ ?' ମୁହମ୍ମଦ[ସଅ] କହିଲେ, 'ହଁ, ଅବଶ୍ୟ । ପୁଣି ସେ ପ୍ରଶ୍ନ କଲେ, 'କଣ ଆପଣଙ୍କୁ ଅଲ୍ଲାଃ କହି ନଥିଲେ ଯେ ଆମେମାନେ କାବାର ତଓ୍ୱାଫ୍ କରିବୁ ବୋଲି ?' ମୁହମ୍ମଦ[ସଅ] କହିଲେ, 'ହଁ' । ପୁନଶ୍ଚ ପ୍ରଶ୍ନ କରାଗଲା, 'ତା'ହେଲେ ଏହି ସନ୍ଧିପତ୍ର କ'ଣ ପାଇଁ ଲେଖାଯାଉଛି ?' ମହାଭାଗ କହିଲେ, 'ଉମର ! ଅଲ୍ଲାଃତାଲା ମୋତେ କା'ବାର ପରିକ୍ରମା ଶାନ୍ତିର ସହିତ ସମ୍ପାଦନ କରିବା ପାଇଁ କହିଥିଲେ । କିନ୍ତୁ ଏହା ତ କହି ନଥିଲେ ଯେ ଏହି ବର୍ଷ କର ବୋଲି ? ଏହା ତ ମୋର ନିଜସ୍ୱ ମତ ଥିଲା ।' ସେହିପରି ଅନ୍ୟ କେତେକ ସହଚର ଆପତ୍ତି ଉଠାଇଲେ ଯେ ଏହା କଣ ପାଇଁ ଲେଖାଗଲା ଯେ ମକ୍କାର କୌଣସି ଯୁବକ ଯଦି ମୁସଲମାନ ହୋଇଯାଏ, ତା'ହେଲେ ତାକୁ ତା'ର ପିତା କିମ୍ବା ତା'ର ଅଭିଭାବକକୁ ଫେରାଇ ଦିଆଯିବ ? ଅଥଚ ଯେଉଁ ମୁସଲମାନ ମକ୍କାବାସୀ ନିକଟକୁ ପଳାଇଯାଏ,ତା'ହେଲେ ମକ୍କାବାସୀ ଫେରାଇ ଦେବାକୁ ବାଧ୍ୟ ହେବେ ନାହିଁ କାହିଁକି ? ମହାଭାଗ ଉତ୍ତର ଦେଇ କହିଲେ, 'ଏଥିରେ କ'ଣ ଅପରାଧର କଥା ଅଛି ? ପ୍ରତ୍ୟେକ ବ୍ୟକ୍ତି ଯିଏ ମୁସଲମାନ ହୋଇଥାଏ, ଇସଲାମକୁ ସତ୍ୟ ଧର୍ମ ରୂପେ ବୁଝି ବିଚାରି ଗ୍ରହଣ କରିଥାଏ । ସେ କେବଳ ଲୋକ ଦେଖାଣିଆ ଭାବ ପ୍ରଦର୍ଶନ କରି ଏହି ଧର୍ମ ଗ୍ରହଣ କରି ନଥାଏ । ଏହିପରି ବ୍ୟକ୍ତି ଯେଉଁଠାରେ ମଧ୍ୟ ଥିବ, ସେ ଇସଲାମ ଧର୍ମର ପ୍ରଚାର କରିବ ଓ ଇସଲାମ୍‌ର ପ୍ରସାରଣର କାରଣ ହେବ । କିନ୍ତୁ ଯେଉଁ ବ୍ୟକ୍ତି ଇସଲାମ୍ ଧର୍ମ ପରିତ୍ୟାଗ କରିବା ପାଇଁ ଚାହିବ, ଆମେ ତାକୁ ଜୋର ଜବରଦସ୍ତ ରଖି କ'ଣ

କରିବା ? ଯେଉଁ ବ୍ୟକ୍ତି ଆମ ଧର୍ମକୁ ଅସତ୍ୟ ବୋଲି ବୁଝି ନେଇଛି, ସେ ଆମକୁ କ'ଣ ବା ଲାଭ ପହଞ୍ଚାଇବ' ?

ମହାଭାଗଙ୍କର ଏହି ଉତ୍ତର ଆଜିର ସେହି ଇସଲାମୀୟ ଶିକ୍ଷା ଠାରୁ ବିଚ୍ୟୁତ ମୁସଲମାନମାନଙ୍କ ପାଇଁ ମଧ୍ୟ ଯଥାର୍ଥ ଉତ୍ତର, ଯେଉଁମାନେ ଭାବି ନେଇଛନ୍ତି ଯେ ଇସଲାମ ଧର୍ମ ତ୍ୟାଗ କରିଥିବା ବ୍ୟକ୍ତିଙ୍କ ଶାସ୍ତି କେବଳ ମୃତ୍ୟୁ ହୋଇପାରେ । କାରଣ ସେମାନେ ଭୁଲ ଧାରଣାର ବଶବର୍ତ୍ତୀ ହୋଇଛନ୍ତି । ଯଦି ଇସଲାମରେ ସେହି ଧର୍ମରୁ ବିମୁଖ ବ୍ୟକ୍ତିମାନଙ୍କ ଶାସ୍ତି ହତ୍ୟା କରିଦେବା ହୋଇଥାନ୍ତା, ତା'ହେଲେ ରସୁଲୁଲ୍ଲାଃ ଏହି ବିଷୟ ଉପରେ ଆଗ୍ରହ ପ୍ରକାଶ କରିଥାନ୍ତେ ଯେ ଇସଲାମ ଧର୍ମତ୍ୟାଗୀମାନଙ୍କୁ ଫେରାଇ ଆଣି ମୃତ୍ୟୁଦଣ୍ଡ ଦିଆଯାଉ । କିନ୍ତୁ ଏହା ଇସଲାମ ଶିକ୍ଷାର ବହିର୍ଭୁତ ହୋଇଥିବା ଯୋଗୁଁ ଯାହାର ଇଚ୍ଛା ସେ ତା'ର ଧର୍ମଗ୍ରହଣ କରିବା ପାଇଁ ସେ ବାଟ ଉନ୍ମୁକ୍ତ କରିଥିଲେ । ଯେଉଁ ସମୟରେ ଉପରୋକ୍ତ ସର୍ତ୍ତାବଳୀ ସନ୍ଧିପତ୍ରକୁ ଅନ୍ତିମ ରୂପ ଦିଆଯାଇଥିଲା, ସେହି ସମୟରେ ଅଲ୍ଲାଃ ଏହି ସନ୍ଧିପତ୍ରର ସତ୍ୟତାକୁ ପରୀକ୍ଷା କରିବା ପାଇଁ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କଲେ । ସୁହୈଲ ଯିଏ ମକ୍କାବାସୀଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିଲା, ତା'ର ନିଜସ୍ୱ ପୁତ୍ର ଅବୁଜିନ୍ଦଲ ଶକ୍ତ ରଜ୍ଜୁ ଦ୍ୱାରା ବନ୍ଧା ହୋଇ କ୍ଷତବିକ୍ଷତ ଅବସ୍ଥାରେ ହଜରତ ମୁହମ୍ମଦ[ସଅ] ଙ୍କ ପାଦ ତଳେ ପଡିଗଲା । ଏବଂ କହିଲା 'ହେ ଅଲ୍ଲାଃଙ୍କ ରସୁଲ ! ମୁଁ ହୃଦୟ ମଧ୍ୟରେ ମୁସଲମାନ ହୋଇଯାଇଛି ଓ ଇସଲାମ ଧର୍ମ ଗ୍ରହଣ କରିବା ଯୋଗୁଁ ମୋ ପିତା ଆଜି ମୋତେ ଏପରି କଷ୍ଟ ଦେଉଛି । ସେ ଏଠାକୁ ଆସିଥିବାର ଦେଖି ମୁଁ ମଧ୍ୟ ଏହି ଅବସ୍ଥାରେ ଆପଣଙ୍କ ପାଖକୁ ଚାଲି ଆସିଛି ।' ମହାଭାଗ କିଛି କହିବା ପୂର୍ବରୁ ସୁହୈଲ କହିଲା, 'ବର୍ତ୍ତମାନ ଚୁକ୍ତି ସ୍ୱାକ୍ଷରିତ ହୋଇସାରିଛି । ତେଣୁ ଏହି ଯୁବକକୁ ମୋ ସହିତ ଆଜି ଫେରିବାକୁ ହେବ । ଅବୁ ଜନ୍ଦଲର ଅତି ଦୟନୀୟ ଅବସ୍ଥାରେ ପଡିଥିବା ଶରୀର ଉପସ୍ଥିତ ମୁସଲମାନମାନଙ୍କୁ ଅତ୍ୟନ୍ତ ମର୍ମାହତ କରିଥିଲା । ସେମାନଙ୍କ ସମ୍ମୁଖରେ ନିଜର ଜଣେ ମୁସଲମାନ ଭାଇ ଯିଏ ନିଜ ପିତାଙ୍କ ହାତରେ ଏପରି ଅକଥନୀୟ ଅତ୍ୟାଚାର ସହ୍ୟ କରିଥିଲା, ତାକୁ ଆଉ ଥରେ ନିଷ୍ଠୁର ପିତାଙ୍କ ପାଖକୁ ଫେରିଯିବା ସ୍ଥିତିକୁ ସେମାନନେ ଆଦୌ ଦେଖି ପାରୁ ନଥିଲେ । ସେମାନେ ମିଆଣରୁ ତରବାରୀ ବାହାର କରି ସଂକଳ୍ପ କରିନେଲେ ଯେ ସେମାନେ ମରିଯିବେ ପଛକେ ନିଜର ସେହି ଭାଇଙ୍କୁ ଯନ୍ତ୍ରଣାଦାୟକ ସ୍ଥାନକୁ ପୁଣିଥରେ ଯିବାକୁ କଦାପି ଦେବେନାହିଁ । ସ୍ୱୟଂ ଅବୁ ଜନ୍ଦଲ୍ ମଧ୍ୟ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଆପଣ ନିଜେ ତ ମୋର ଏହି ଦୁର୍ଦ୍ଦଶା ଦେଖୁଛନ୍ତି । କ'ଣ ଆପଣ କେବେ ଚାହିଁବେ ଯେ ମୋତେ ଅତ୍ୟାଚାରୀମାନଙ୍କୁ ସମର୍ପଣ କରିଦେବେ ଯଦ୍ୱାରା

ମୋ ଉପରେ ପ୍ରଥମରୁ ଅଧିକ ଅତ୍ୟାଚ୍ଚର କରାଯିବ ?' ତହୁଁ ହଜରତ ମୁହମ୍ମଦ[ସଅ] କହିଲେ, 'ଅଲ୍ଲାଃଙ୍କ ରସୁଲ୍ ଚୁକ୍ତିନାମା ଭଙ୍ଗ କରନ୍ତି ନାହିଁ । ଅବୁ ଜନ୍ଦଲ୍ ! ଆମେ ଚୁକ୍ତିନାମାରେ ସ୍ୱାକ୍ଷର କରି ସାରିଛୁ । ବର୍ତ୍ତମାନ ତୁମେ କେବଳ ଧୈର୍ଯ୍ୟ ଧର ଓ ଈଶ୍ୱରଙ୍କ ଉପରେ ଭରସା ରଖ । ସେ ତୁମ ପାଇଁ ଓ ତୁମ ପରି ଅନ୍ୟ ଯୁବକମାନଙ୍କ ପାଇଁ ସ୍ୱୟଂ କିଛି ନା କିଛି ସୁରକ୍ଷାର ପନ୍ଥା ଅବଶ୍ୟ ବାହାର କରିବେ ।' ଏହି ସନ୍ଧି ହେବା ପରେ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ମଦିନାରେ ପହଞ୍ଚିଲେ । ମକ୍କାର ଅବୁ ବସିର ନାମକ ଜଣେ ଯୁବକ ତାଙ୍କ ପଛେ ପଛେ ଧାଇଁ ମଦିନାରେ ପହଞ୍ଚିଲା । କିନ୍ତୁ ଚୁକ୍ତିନାମା ଅନୁସାରେ ତାକୁ ମଧ୍ୟ ମୁହମ୍ମଦ[ସଅ] ମକ୍କା ଫେରି ଯିବା ପାଇଁ ବାଧ କଲେ । ସେ ଫେରିବା ବାଟରେ ଅବୁ ବସିରକୁ ମକ୍କା ଧରି ନେଉଥିବା ଜଣେ ବ୍ୟକ୍ତିଙ୍କ ସହିତ ସଂଘର୍ଷ ହେଲା ଓ ଅବୁ ବସିର ତାକୁ ହତ୍ୟା କରି ପଳାୟନ କଲା । ତହୁଁ ମକ୍କାବାସୀ ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ଅଭିଯୋଗ କରିବାରୁ ମହାଭାଗ କହିଲେ ଆମେ ତୁମ ବ୍ୟକ୍ତିଙ୍କୁ ତୁମ ପାଖରେ ହସ୍ତାନ୍ତର କରି ଦେଇଥିଲୁ । ଏଥିପାଇଁ ଆମେ ଦାୟୀ ନୋହୁଁ ଯେ ସେ ଯେଉଁଠାରେ ଥିଲେ ବି ଆମେ ପୁଣି ଥରେ ତାକୁ ଖୋଜି ଆଣି ତୁମକୁ ଦେବୁ ।' ଏହି ଘଟଣାର କିଛିଦିନ ପରେ ମକ୍କାର ଜଣେ ମହିଳା ପଳାଇ ଆସି ମଦିନାରେ ପହଞ୍ଚିଗଲା । ତା'ର ପରିଜନ ମାନେ ମଦିନା ପହଞ୍ଚି ସେ ମହିଳାକୁ ଫେରାଇ ନେବା ପାଇଁ ଦାବି କଲେ । କିନ୍ତୁ ମୁହମ୍ମଦ[ସଅ] କହିଲେ ସନ୍ଧିପତ୍ର ଅନୁସାରେ ପୁରୁଷମାନଙ୍କୁ ହିଁ ଫେରସ୍ତ ଦିଆ ଯିବାର ସର୍ତ୍ତ ରହିଛି । ମହିଳାଙ୍କ ପାଇଁ କୌଣସି ସର୍ତ୍ତ ଲେଖା ଯାଇନାହିଁ । ତେଣୁ ଆମେ ମହିଳାଙ୍କୁ ଫେରସ୍ତ କରିବୁ ନାହିଁ ।

## ସମ୍ରାଟମାନଙ୍କ ନାମରେ ଚିଟାଉ

ମଦିନା ପ୍ରତ୍ୟାବର୍ତ୍ତନ ପରେ ହଜରତ ମୁହମ୍ମଦ[ସଅ] ମନସ୍ଥ କଲେ ଯେ ସମସ୍ତ ସଂସାରରେ ନିଜ ଧର୍ମର ପ୍ରଚ୍ଚରକୁ ପରିବ୍ୟାପ୍ତ କରିବେ । ଏହି ଇଚ୍ଛାକୁ ଯେତେବେଳେ ସେ ନିଜ ଅନୁଚରମାନଙ୍କ ନିକଟରେ ପ୍ରକାଶ କଲେ, ରାଜ ଦରବାର ସହିତ ପରିଚିତ ଥିବା କେତେକ ଅନୁଚର କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ସମ୍ରାଟମାନେ କୌଣସି ବାର୍ତ୍ତା କିମ୍ବା ପତ୍ରକୁ ମୋହର ବିନା ଗ୍ରହଣ କରନ୍ତି ନାହିଁ ।' ଏହାପରେ ସେ ଏକ ମୋହର ପ୍ରସ୍ତୁତ କଲେ, ଯାହା ଉପରେ 'ମୁହମ୍ମଦ ରସୁଲୁଲ୍ଲାଃ' ଶବ୍ଦ ଖୋଦେଇ କଲେ । ଅଲ୍ଲାଃଙ୍କ ସମ୍ମାନକୁ ଦୃଷ୍ଟିରେ ରଖି ସର୍ବୋପରେ 'ଅଲ୍ଲାଃ' ଲେଖିଲେ । ତାହା ତଳେ 'ରସୁଲ' ଓ ନିମ୍ନ ଭାଗରେ 'ମୁହମ୍ମଦ' ।

୬୨୮ ମସିହାରେ ମୁହମ୍ମଦ[ସଅ]ଙ୍କ ଲିଖିତ ଚିଟାଉ ନେଇ ବିଭିନ୍ନ ଅନୁଚର ଭିନ୍ନ ଭିନ୍ନ ଦେଶକୁ ପ୍ରସ୍ଥାନ କଲେ। ଏହି ଚିଟାଉମାନଙ୍କ ମଧ୍ୟରେ ରୋମ୍‌ର ସମ୍ରାଟଙ୍କ ନାମର ମଧ୍ୟ ଉଲ୍ଲେଖ ଥିଲା । ଅନ୍ୟ ଏକ ପତ୍ର ଇରାନ୍‌ର ମହାରାଜାଙ୍କ ନାମରେ ରହିଥିଲା । ଗୋଟିଏ ଚିଠି ମିଶର ଦେଶର ରାଜାଙ୍କ ନାମରେ ପ୍ରେରିତ ଥିଲା । ସେତେବେଳେ ମିଶର ଦେଶ ରୋମ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ଥିଲା । ସେହିପରି ଏକ ଚିଟାଉ ହବଶା (ଆବିସିନିଆ)ର ରାଜା ନଜ୍ଜାଶିଙ୍କୁ ମଧ୍ୟ ପ୍ରେରଣ କରାଯାଇଥିଲା । ତଦନୁରୂପ ଅନ୍ୟାନ୍ୟ କେତେକ ରାଜାଙ୍କୁ ସମ୍ବୋଧିତ କରି ସେ ପତ୍ର ଲେଖିଥିଲେ।

## ରୋମ୍‌ର ବାଦଶାହ୍ ହିରକଲ୍‌ଙ୍କ ନାମରେ ପତ୍ର

ଦହ୍‌ୟା କଲ୍‌ବୀ[ରଅ] ନାମକ ଜଣେ ଅନୁଚରଙ୍କ ହସ୍ତରେ ରୋମ୍‌ର ବାଦଶାହଙ୍କ ନାମରେ ଏକ ପତ୍ର ପ୍ରେରଣ କରାଗଲା ଓ ତାଙ୍କୁ କୁହାଗଲା ଯେ ସେ ବସ୍‌ରା (ଇରାକ୍)ରେ ଥିବା ଗଭର୍ଣ୍ଣରଙ୍କୁ ସାକ୍ଷାତ କରି ତାଙ୍କ ମାଧ୍ୟମରେ ରୋମ ସମ୍ରାଟଙ୍କ ନିକଟରେ ପତ୍ର ପହଞ୍ଚାନ୍ତୁ। କାରଣ ବସ୍‌ରାର ଗଭର୍ଣ୍ଣର ଆରବ ବଂଶୀୟ ଥିବା ଯୋଗୁଁ ଚିଟାଉ ପଠାଇବାରେ କିଛି ଅସୁବିଧା ହେବନାହିଁ। ଯେବେ ଦହ୍‌ୟା କଲ୍‌ବୀ[ରଅ] ବସରାର ରାଜ୍ୟପାଳଙ୍କ ପାଖରେ ପତ୍ର ନେଇ ପହଞ୍ଚିଲେ, ସଂଯୋଗ ବଶତଃ ରୋମର ସମ୍ରାଟ ସେଠାକୁ ଗସ୍ତରେ ଆସିଥିଲେ । ସୁତରାଂ ବସରାର ରାଜ୍ୟପାଳ ଦହୟା କଲ୍‌ବିଙ୍କୁ ସମ୍ରାଟଙ୍କ ନିକଟରେ ପହଞ୍ଚାଇ ଦେଲେ । ଯେତେବେଳେ ଦହ୍‌ୟା ବସ୍‌ରାର ଗଭର୍ଣ୍ଣରଙ୍କ ଦ୍ୱାରା ରାଜ ଦରବାରରେ ପ୍ରବେଶ କଲେ, ସେଠାକାର ଅଧିକାରୀମାନେ କହିଲେ ଯେ ରୋମ୍‌ର ସମ୍ରାଟଙ୍କ ସେବାରେ ଉପସ୍ଥିତ ହେଉଥିବା ପ୍ରତ୍ୟେକ ବ୍ୟକ୍ତି ତାଙ୍କୁ ଭୂମିଷ୍ଠ ପ୍ରଣାମ କରିବା ଅନିବାର୍ଯ୍ୟ । ଦହୟା କଲ୍‌ବି[ରଅ] ସ୍ୱଷ୍ଟ ରୂପେ ମନା କରି କହିଲେ, 'ଆମେ ମୁସଲମାନମାନେ କୌଣସି ମଣିଷକୁ ଭୂମିଷ୍ଠ ପ୍ରଣାମ କରୁନାହୁଁ। ସୁତରାଂ ସେ ମସ୍ତକ ପ୍ରଣିପାତ ନ କରି ବାଦଶାହ୍‌ଙ୍କ ସମ୍ମୁଖକୁ ଗଲେ ଓ ମୁହମ୍ମଦ[ସଅ]ଙ୍କ ପତ୍ର ପହଞ୍ଚାଇଲେ । ସମ୍ରାଟ ଅନୁବାଦକାରୀଙ୍କ ଦ୍ୱାରା ପତ୍ରଟିକୁ ପଢାଇଲେ । ଏବଂ ନିର୍ଦ୍ଦେଶ ଦେଲେ ଯେ ଯଦି କୌଣସି ଆରବୀୟ ଗୋଷ୍ଠୀ ଏଠାକୁ ଆସିଛି ତ ତାଙ୍କୁ ଡକାଯାଉ, ଯଦ୍ଦ୍ୱାରା ମୁଁ ସେମାନଙ୍କ ଠାରୁ ଏହି ବ୍ୟକ୍ତିଙ୍କ ସଂବନ୍ଧରେ ସବିଶେଷ ତଥ୍ୟ ପ୍ରାପ୍ତ କରିପାରିବି। ଦୈବାତ୍ ସେଠାରେ ଏକ ବଣିକ ଦଳଙ୍କ ସହିତ ଆରବୀୟ ନେତା ଅବୁସୁଫିୟାନ ଉପସ୍ଥିତ ଥିଲା। ଦରବାରର ପାରିଷଦଗଣ ଅବୁସୁଫିୟାନକୁ ସମ୍ରାଟଙ୍କ ସମ୍ମୁଖରେ ଉପସ୍ଥାପନ କରାଇଲେ । ପୁନଶ୍ଚ ସମ୍ରାଟ ଆଦେଶ ଦେଲେ ଯେ ସବା

ଆଗରେ ଅବୁ ସୁଫିୟାନକୁ ଓ ତାଙ୍କ ପଛରେ ତା'ର ସାଥିମାନଙ୍କୁ ଛିଡା କରାଅ । ଏବଂ ନିର୍ଦ୍ଦେଶ ଦେଲେ ଯେ ଯଦି ଅବୁ ସୁଫିୟାନ କୌଣସି ମିଥ୍ୟା କହେ, ତା'ହେଲେ ତା'ର ସାଥିମାନେ ତୁରନ୍ତ ତାହାକୁ ଖଣ୍ଡନ କରନ୍ତୁ । ଏହାପରେ ସମ୍ରାଟ ଅବୁ ସୁଫିୟାନକୁ ନିମ୍ନମତେ ପ୍ରଶ୍ନ ପଚାରିଲେ :

**ବାଦଶାହ୍‌ଙ୍କ ପ୍ରଶ୍ନ:** 'ଏହି ବ୍ୟକ୍ତି ଯିଏ ନିଜକୁ ନବୀ (ଐଶ୍ୱରିକ ଦୂତ) ହେବାର ଦାବି କରୁଛନ୍ତି ଓ ଯାହାଙ୍କ ପ୍ରେରିତ ପତ୍ର ମୋ ନିକଟକୁ ଆସିଛି ତାଙ୍କର ବଂଶ, ଆଭିଜାତ୍ୟ ସମ୍ବନ୍ଧରେ କ'ଣ ତୁମେ କିଛି ଜାଣିଛ ?'

**ଅବୁ ସୁଫିୟାନର ଉତ୍ତର:** 'ଏହି ବ୍ୟକ୍ତି ଉତ୍ତମ ବଂଶଜ ଓ ମୋର ସମ୍ପର୍କୀୟ ମଧ୍ୟ ।'

**ପ୍ରଶ୍ନ:** 'କ'ଣ ଆରବରେ ଏପରି ଦାବି ଏହା ପୂର୍ବରୁ କେହି କରିଥିଲେ ?'

**ଉତ୍ତର:** ନା' ।

**ପ୍ରଶ୍ନ:** 'କଣ ଏହା ଉପରେ କୌଣସି ମିଥ୍ୟାରୋପ ଲଗାଉଥିଲ ?

**ଉତ୍ତର:** ନା' ।

**ପ୍ରଶ୍ନ:** 'ଏହି ବ୍ୟକ୍ତିଙ୍କ ବଂଶରେ ତା'ର ବାପା ଓ ଅଜାଙ୍କ ମଧ୍ୟରୁ କେହି କେବେ ରାଜା ମହାରାଜା ହୋଇଥିଲେ କି ?'

**ଉତ୍ତର:** 'ନା' ।

**ପ୍ରଶ୍ନ:** 'ଏହି ବ୍ୟକ୍ତିର ବୁଦ୍ଧି ବିବେକ ଓ ବ୍ୟକ୍ତିଗତ ବିଚାର ଶକ୍ତି କିପରି ?'

**ଉତ୍ତର:** 'ଆମ୍ଭେମାନେ ଏହାର ବୁଦ୍ଧି ବିବେଚନା ଓ ମତରେ କୌଣସି ତ୍ରୁଟି ପରିଲକ୍ଷିତ ହେବାର ଦେଖିନାହୁଁ ।'

**ପ୍ରଶ୍ନ:** 'କ'ଣ ବଡବଡ ଅଭିମାନୀ ଓ ଶକ୍ତିଶାଳୀ ବ୍ୟକ୍ତି ଏହାଙ୍କ ସଂପ୍ରଦାୟରେ ଅନ୍ତର୍ଭୁକ୍ତ ହେଉଛନ୍ତି କି ଦରୀଦ୍ର ଓ ଅସହାୟ ବ୍ୟକ୍ତି ?'

**ଉତ୍ତର:** 'ଏହାଙ୍କ ଦଳରେ ଦରୀଦ୍ର, ଅସହାୟ ତଥା ଯୁବକ ଗୋଷ୍ଠୀ ସାମିଲ ହେଉଛନ୍ତି ।'

**ପ୍ରଶ୍ନ:** 'ଏମାନେ ବଢିବାରେ ଲାଗିଛନ୍ତି କି କମିବାରେ ?'

**ଉତ୍ତର:** 'ନିରନ୍ତର ବଢିବାରେ ଲାଗିଛନ୍ତି ।'

**ପ୍ରଶ୍ନ:** 'କଣ କେତେକ ବ୍ୟକ୍ତି ଏପରି ଅଛନ୍ତି, ଯେଉଁମାନେ ତାହାର ଧର୍ମକୁ ଖରାପ କହି ବିମୁଖ ହୋଇ ଯାଇଛନ୍ତି ।'

**ଉତ୍ତର:** 'ନା' ସେପରି ହୋଇନାହିଁ।'

**ପ୍ରଶ୍ନ: '**କ'ଣ ଏହି ବ୍ୟକ୍ତି କେବେ ନିଜର ପ୍ରତିଜ୍ଞା ଭଙ୍ଗ କରିଛନ୍ତି କି ?'

**ଉତ୍ତର:** 'ଅନ୍ତତଃ ଆଜି ପର୍ଯ୍ୟନ୍ତ କୌଣସି ପ୍ରତିଜ୍ଞା ଭଙ୍ଗ କରିନାହିଁ । କିନ୍ତୁ ବର୍ତ୍ତମାନ ଆମେମାନେ ତାଙ୍କୁ ଏକ ସନ୍ଧିଚୁକ୍ତିରେ ଆବଦ୍ଧ କରିଛୁ । ଦେଖାଯାଉ ସେ ଚୁକ୍ତି ଭଙ୍ଗ କରୁଛି କି ନାହିଁ।'

**ପ୍ରଶ୍ନ:** 'ତା'ଦଳ ସହିତ ତୁମମାନଙ୍କ କେବେ କୌଣସି ଯୁଦ୍ଧ ହୋଇଛି କି ?'

**ଉତ୍ତର:** 'ହଁ।'

**ପ୍ରଶ୍ନ:** 'ଏହି ଯୁଦ୍ଧର ପରିଣତି କ'ଣ ହୋଇଛି ?'

**ଉତ୍ତର: '**ଏହା ଘାଟର ପାଣି ସଦୃଶ । କେତେବେଳେ ପାଣି ଗରା ଆମ ହାତରେ ତ କେତେବେଳେ ତାଙ୍କ ହାତରେ । ଥରେ ବଦର୍ ଯୁଦ୍ଧରେ ଯେଉଁଠାରେ ମୁଁ ଉପସ୍ଥିତ ନଥିଲି, ସେ ବିଜୟ ଲାଭ କରିଥିଲା । କିନ୍ତୁ ଦ୍ୱିତୀୟ ଥର ଉହଦ୍ ଯୁଦ୍ଧରେ ଯାହାର ସେନାପତି ରୂପେ ମୁଁ କମାଣ ସମ୍ଭାଳି ଥିଲି, ଆମେ ସେମାନଙ୍କ ପେଟ ଡାଡି ଦେଲୁ । ସେମାନଙ୍କର କାନ କାଟି ଦେଇଥିଲୁ । ଏବଂ ନାକ ମଧ୍ୟ କାଟି ପକାଇଲୁ।'

**ପ୍ରଶ୍ନ:** 'ସେ ତୁମକୁ କ'ଣ ଆଦେଶ ଦେଉଛି ?'

**ଉତ୍ତର:** 'କେବଳ ଏକେଶ୍ୱରଙ୍କ ଉପାସନା କର ଓ ତାଙ୍କ ସହିତ କାହାକୁ ସମକକ୍ଷ କରାଅ ନାହିଁ । ଆମର ପୂର୍ବଜମାନେ ଯେଉଁ ପ୍ରତିମା ଈଶ୍ୱରଙ୍କ ଉପାସନା କରିବା ସଙ୍ଗେ ସଙ୍ଗେ ସତ କୁହ ତଥା ଦୁଷ୍କର୍ମରୁ ବଞ୍ଚିତ ହୁଅ । ଆମକୁ କହୁଛି ଯେ ନିଜର ପ୍ରେମ ଓ ଉତ୍ତମ ପ୍ରତିଜ୍ଞା ବୁଝାମଣା ଉପରେ ପାଳନ କର । ପ୍ରତିଶ୍ରୁତି ତଥା ନିଜ କର୍ତ୍ତବ୍ୟକୁ ସୂଚାରୁ ରୂପେ ସମ୍ପାଦନ କର।'

(ବୁଖାରୀ, ମୁଜ୍‌ତିବାଈ, ପ୍ରଥମ ଖଣ୍ଡ, ପୃଷ୍ଠା ୪, କୈଫାକାନା ବଦଉଲ୍‌ୱାହି)

# ମୁହମ୍ମଦ[ସଅ]ଙ୍କୁ ସତ୍ୟନିଷ୍ଠ ଅବତାର ରୂପେ ରୋମ୍ ସମ୍ରାଟଙ୍କ ନିଷ୍କର୍ଷ

ଏହାପରେ ସମ୍ରାଟ କହିଲେ 'ବର୍ତ୍ତମାନ ଶୁଣ, ମୁଁ ତୁମକୁ ପଚ୍ଚରିଥିଲି ଯେ ମୁହମ୍ମଦ[ସଅ] କେଉଁ ବଂଶ ଆଭିଜାତ୍ୟର ବ୍ୟକ୍ତି ? ତୁମେମାନେ କହିଲ ଯେ ସେ ଉଚ୍ଚ ବଂଶ ଓ ସମ୍ଭ୍ରାନ୍ତ ପରିବାରର । ମନେରଖ, ନବୀମାନେ ସର୍ବଦା ଉଚ୍ଚବଂଶରେ ହିଁ ଜନ୍ମଗ୍ରହଣ କରିଥାନ୍ତି । ପୁନଶ୍ଚ ମୁଁ ପ୍ରଶ୍ନ କରିଥିଲି ଯେ କଣ ଏହା ପୂର୍ବରୁ ଏପରି କେହି

ଅବତାରତ୍ୱର ଦାବି କରିଥିଲେ କି ? ତୁମେମାନେ କହିଲ, ନାହିଁ । ମୁଁ ଏହି ପ୍ରଶ୍ନ ଏଥିପାଇଁ ପଚାରିଥିଲି ଯେ ଯଦି କୌଣସି ବ୍ୟକ୍ତି ନିକଟ ଅତୀତରେ ଏହିପରି ଦାବି କରିଥିବେ । ତା'ହେଲେ ମୁଁ ଭାବିଥାନ୍ତି ଯେ ତାକୁ ଏହି ବ୍ୟକ୍ତି ଅନୁକରଣ କରୁଥିବ । ପୁନଶ୍ଚ ମୁଁ ତୁମକୁ ପ୍ରଶ୍ନ କରିଥିଲି କ'ଣ ଦାବି କରିବା ପୂର୍ବରୁ ଏହି ବ୍ୟକ୍ତି ଉପରେ କେବେ କୌଣସି ମିଥ୍ୟାରୋପ କରାଯାଇଛି ? ତୁମେ କହିଲ ନା' । ତେଣୁ ମୁଁ ବୁଝିଗଲି ଯେ ଯେଉଁ ବ୍ୟକ୍ତି କୌଣସି ମନୁଷ୍ୟ ସମ୍ବନ୍ଧରେ କେବେ ମିଥ୍ୟା କହିନାହିଁ, ସେ ଈଶ୍ୱରଙ୍କ ନାମରେ ମିଥ୍ୟା କହିପାରିବ ନାହିଁ । ପୁନଶ୍ଚ ମୁଁ ତୁମକୁ କହିଥିଲି ଯା ପୂର୍ବଜମାନଙ୍କ ମଧ୍ୟରେ କେହି ବାଦ୍‌ଶାହ୍ ଥିଲେ କି ? ତୁମେମାନେ କହିଲ, ନାହିଁ । ଏଥିରୁ ମୁଁ ବୁଝିଗଲି ଏହି ଦାବିର କାରଣ ଏହା କଦାପି ନୁହେଁ ଯେ ଏହି ବାହାନାରେ ସେ ନିଜ ପୂର୍ବଜମାନଙ୍କ ଅମଳର ଦେଶକୁ ଫେରାଇ ଆଣିବାକୁ ଚାହୁଁଛି । ପୁଣି ମୁଁ ତୁମକୁ ପଚାରିଲି - କ'ଣ ତାଙ୍କ ସଂପ୍ରଦାୟରେ ସ୍ୱାଭିମାନୀ ଓ ଶକ୍ତିଶାଳୀ ବ୍ୟକ୍ତି ସାମିଲ ହେଉଛନ୍ତି ନା ଦୁର୍ବଳ ଓ ଅସହାୟ ଲୋକ ? ତୁମେ ଉତ୍ତର ଦେଲ - ଗରୀବ ଓ ଦୁର୍ବଳ ଶ୍ରେଣୀର ବ୍ୟକ୍ତି । ସେହି କଥାରୁ ମୁଁ ଚିନ୍ତା କଲି ଯେ ସମସ୍ତ ନବୀଙ୍କ ସଂପ୍ରଦାୟରେ ଅଧିକତର ଗରିବ ଓ ଅସହାୟ ଶ୍ରେଣୀର ଲୋକମାନେ ହିଁ ସମ୍ମିଳିତ ହୋଇଥାନ୍ତି । କିନ୍ତୁ ଅହଂକାରୀ ତଥା ବଳବାନ ବ୍ୟକ୍ତି ନୁହନ୍ତି । ପୁଣି ମୁଁ ତୁମକୁ ପଚାରିଲି କଣ ସେମାନେ ବୃଦ୍ଧି ହୁଅନ୍ତି ନା ହ୍ରାସ ପାଅନ୍ତି ? ତୁମେ କହିଲ ସେମାନେ ବୃଦ୍ଧି ହେବାରେ ଲାଗିଛନ୍ତି । ବାସ୍ତବିକ ଏହି ସ୍ଥିତି ନବୀମାନଙ୍କ ସଂପ୍ରଦାୟରେ ଘଟିଥାଏ । ଯେଉଁ ପର୍ଯ୍ୟନ୍ତ ସେମାନେ ଶୀର୍ଷରେ ପହଞ୍ଚି ନାହାନ୍ତି, ସେ ପର୍ଯ୍ୟନ୍ତ ସେମାନଙ୍କ ସଂଖ୍ୟାରେ ନିରନ୍ତର ବୃଦ୍ଧି ହୋଇ ଚାଲେ । ପୁନଶ୍ଚ ମୁଁ ତୁମକୁ ପ୍ରଶ୍ନ କରିଥିଲି କ'ଣ କୌଣସି ବ୍ୟକ୍ତି ବିରକ୍ତି ଭାବ ପ୍ରକାଶ କରି ଏହି ଧର୍ମରୁ ବିମୁଖ ହୋଇନାହିଁ ? ତୁମେ କହିଲ, ନା' ଏପରି ହୋଇନାହିଁ । ଏହାର ତାତ୍ପର୍ଯ୍ୟ ହେଉଛି ନବୀଙ୍କ ସଂପ୍ରଦାୟର ଏହି ସ୍ଥିତି କୌଣସି ହୋଇଥାଏ । ଅନ୍ୟ କୌଣସି କାରଣ ବଶତଃ କୌଣସି ବ୍ୟକ୍ତି ବାହାରିପାରେ, କିନ୍ତୁ ସଂପୃକ୍ତ ଧର୍ମକୁ ଖରାପ ଭାବି କେହି ତ୍ୟାଗ କରି ନଥାଏ । ପୁଣି ତୁମକୁ ପ୍ରଶ୍ନ କରିଥିଲି - ତୁମମାନଙ୍କ ମଧ୍ୟରେ କେବେ ଯୁଦ୍ଧ ହୋଇଥିଲା କି ଓ ଏହାର ପରିଣାମ କ'ଣ ହୋଇଥିଲା ? ଉତ୍ତରରେ ତୁମେ କହିଲ - ପାଣିଗରା ସଦୃଶ କେବେ ପାଣି ଗରା ଖାଲି ହୋଇ ତଳକୁ ଚାଲିଯାଏ, ତ ପୁଣି ପାଣି ନେଇ ଉପରକୁ ଉଠିଥାଏ । ପ୍ରକୃତରେ ନବୀମାନଙ୍କ କ୍ଷେତ୍ରରେ ଏହି ପ୍ରକାର ସ୍ଥିତି ଉପୁଜି ଥାଏ । ପ୍ରାରମ୍ଭରେ ସେମାନଙ୍କ ସଂପ୍ରଦାୟ ଉପରେ ସଂକଟ ଆସେ । କିନ୍ତୁ ଅନ୍ତରେ ସେମାନଙ୍କର ବିଜୟ ହୋଇଥାଏ । ପୁଣି ମୁଁ ତୁମକୁ ପଚାରିଲି - ସେ ତୁମକୁ କି ପ୍ରକାର ଶିକ୍ଷା ଦେଉଛି ? ଉତ୍ତର ଦେଲ - ନମାଜ (ପ୍ରାର୍ଥନା) ସତ୍ୟତା,

ପବିତ୍ରତା, ଶ୍ରଦ୍ଧା ଓ ଅନୁରକ୍ତିର ଭାବ ତଥା ସାଧୁତା ଅବଲମ୍ବନ କରିବାର ଶିକ୍ଷା ଦେଉଛି । ମୁଁ ପୁନଶ୍ଚ ପ୍ରଶ୍ନ କରିଥିଲି - କ'ଣ ସେ କେବେ ବିଶ୍ୱାସ ଘାତକତା ମଧ୍ୟ କରିଛି ? ତୁମେ କହିଲ ନା, ଏବଂ ଏହି ଆଚରଣ ତ ସଦାତ୍ମା ପୁରୁଷମାନଙ୍କର ଚରିତ୍ର । ସୁତରାଂ ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ ସେ ବ୍ୟକ୍ତି ନବୀ ହେବାର ଦାବି ଘୋଷଣା କରିବାରେ ସତ୍ୟ । ମୋର ଧାରଣା ଥିଲା ଯେ ବର୍ତ୍ତମାନ ପରିସ୍ଥିତିରେ କେହି ନା କେହି ଈଶ୍ୱରଙ୍କ ଦୂତ ଆସିବେ । କିନ୍ତୁ ସେ ଆରବୀୟମାନଙ୍କ ମଧ୍ୟରେ ଜନ୍ମଗ୍ରହଣ କରିବେ ବୋଲି ମୋର ଧାରଣା ନଥିଲା । ତୁମେମାନେ ଯେଉଁ ଉତ୍ତରଗୁଡିକ ମୋତେ ଦେଇଛ,ଯଦି ତାହା ସତ୍ୟ ହୋଇଥାଏ, ତା'ହେଲେ ମୁଁ ଜୋର୍ ଦେଇ କହିପାରେ ଯେ ସେହି ବ୍ୟକ୍ତି ଏହି ସବୁ ଦେଶମାନଙ୍କୁ ଅବଶ୍ୟ ଅଧିକାର କରିନେବ । (ସହି ବୁଖାରି) ସମ୍ରାଟଙ୍କ ଏହି ଉକ୍ତିରେ ରାଜ ଦରବାରରେ ଉପସ୍ଥିତ ଲୋକମାନେ ଉତ୍ତେଜିତ ହୋଇ ଉଠିଲେ ଓ କହିଲେ 'ଆପଣ ଜଣେ ଖ୍ରୀଷ୍ଟିୟାନ୍ ହୋଇ ଅନ୍ୟ ଏକ ଜାତିର ବ୍ୟକ୍ତିଙ୍କ ସତ୍ୟତାକୁ ସ୍ୱୀକାର କରୁଛନ୍ତି ?' ପ୍ରତିବାଦର ସ୍ୱର ଗୁଞ୍ଜରିତ ହେବାରୁ ଦରବାରର ଅଧିକାରୀଗଣ ଅବୁ ସୁଫିୟାନ ଓ ତା'ର ସାଥୀମାନଙ୍କୁ ଅତି ଶୀଘ୍ରତାର ସହିତ ଦରବାରରୁ ବାହାର କରିଦେଲେ ।

## ହିରକଲ୍‌ଙ୍କ ନାମରେ ମୁହମ୍ମଦ[ସଅ] ଙ୍କ ବାର୍ତ୍ତାମୂଳକ ପତ୍ର

ହଜରତ ମୁହମ୍ମଦ[ସଅ] ଯେଉଁ ପତ୍ର ରୋମ ସମ୍ରାଟଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ ତାହାର ଆରବୀ ପଙ୍‌କ୍ତି ଏହିପରି:

بِسۡمِ اللّٰهِ الرَّحۡمٰنِ الرَّحِيۡمِ ۔مِنۡ مُّحَمَّدٍعَبۡدِاللّٰهِ وَ رَسُوۡلِهٖ اِلٰى هِرَقۡلَ عَظِيۡمِ الرُّوۡمِ۔ سَلَامٌ عَلٰى مَنِ اتَّبَعَ الۡهُدٰى۔ اَمَّا بَعۡدُ فَاِنِّىۡ اَدۡعُوۡكَ بِدِعَايَةِ الۡاِسۡلَامِ اَسۡلِمۡ تَسۡلَمۡ يُؤۡتِكَ اللّٰهُ اَجۡرَكَ مَرَّتَيۡنِ فَاِنۡ تَوَلَّيۡتَ فَاِنَّ عَلَيۡكَ اِثۡمَ الۡاَرِيۡسِيِّيۡنَ وَ يَااَهۡلَ الۡكِتٰبِ تَعَالَوۡا اِلٰى كَلِمَةٍ سَوَاءٍ بَيۡنَنَا وَبَيۡنَكُمۡ اَلَّانَعۡبُدَ اِلَّااللّٰهَ وَلَانُشۡرِكَ بِهٖ شَيۡـًٔا وَلَايَتَّخِذَ بَعۡضُنَا بَعۡضًا اَرۡبَابًا مِّنۡ دُوۡنِ اللّٰهِ فَاِنۡ تَوَلَّوۡا فَقُوۡلُوا اشۡهَدُوۡا بِاَنَّا مُسۡلِمُوۡنَ

ବିସ୍‌ମିଲ୍ଲାହିର୍ ରହମା ନିର୍‌ରହିମ୍ । ମିନ ମୁହମ୍ମଦିନ୍ ଅବଦିଲ୍ଲାହି ଓ୍ୱ ରସୁଲିହୀ ଇଲା ହିରକ୍‌ଲା ଅଜିମିର୍‌ରୁମ୍ । ସଲାମୁନ ଅଲା ମନିତ୍‌ତବଅଲ୍ ହୁଦା ଅମ୍ମା ବାଆଦୁ ଫଇନ୍‌ନି ଅଦଉକା ବେଦିଆୟତିଲ୍ ଇସ୍‌ଲାମୀ ଅସ୍‌ଲିମ୍ ତସ୍‌ଲମ୍ ୟୁତିକଲ୍ଲାହୁ

ଆଜରକା ମର୍‌ରତୈନେ ଫଇନ୍ ତଓ୍ୱଲ୍ଲୈତା ଫଇନ୍‌ନା ଅଲୈକା ଇସମଲ ଅରୀସିୟିନା ଓ୍ୱ ୟାଅହଲଲ୍ କିତାବେ ତାଆଲୌ ଇଲା କଲିମତିନ୍ ସଓ୍ୱାଇନ୍ ବୈନନା ଓ୍ୱ ବୈନକୁମ୍ ଅଲ୍ଲାଃ ନାଆବୁଦୁ ଇଲ୍‌ଲ୍ଲାହା ଓ୍ୱଲା ନୁଶ୍‌ରିକା ବିହୀ ଶୈଅନ୍ ଓ୍ୱଲା ୟତତିଖଜା ବାଆଜୁନା ବାଆଜନ୍ ଅରବାବମ୍ ମିନଦୁନିଲ୍ଲାହି ଫଇନ୍ ତଓ୍ୱଲ୍ଲୌ ଫକୁଲୁଶ୍‌ହଦୁ ବିଅନ୍ନା ମୁସ୍‌ଲେମୁନ୍ (ବୁଖାରି, କୈଫାକାନା ବଦଉଲ୍ ଓ୍ୱହି ତଥା ଜରକାନୀ, ଖଣ୍ଡ ୩, ପୃ ୩୩)

ଅର୍ଥାତ୍ ଏହି ପତ୍ର ଅଲ୍ଲାଃଙ୍କ ପରମଭକ୍ତ ମୁହମ୍ମଦଙ୍କ ତରଫରୁ ରୋମାନ୍ ସମ୍ରାଟ ହେରାକିଲସ୍‌ଙ୍କ ଉଦ୍ଦେଶ୍ୟରେ ଲେଖାଯାଉଛି । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ନିର୍ଦ୍ଦେଶିତ ପଥ ଅନୁସରଣ କରିବ ଈଶ୍ୱର ତାଙ୍କୁ ଦୀର୍ଘାୟୁ କରନ୍ତୁ । ତତ୍‌ପଶ୍ଚାତ୍ ହେ ସମ୍ରାଟ ! ମୁଁ ତୁମକୁ ଇସଲାମ୍ ଧର୍ମ ଆଡକୁ ଆମନ୍ତ୍ରଣ କରୁଛି । (ଅର୍ଥାତ୍ ଏକେଶ୍ୱର ଅଲ୍ଲାଃ ଓ ତାଙ୍କ ରସୁଲ୍ ମୁହମ୍ମଦ[ସଅ] ଉପରେ ବିଶ୍ୱାସ ସ୍ଥାପନ ପାଇଁ ନିମନ୍ତ୍ରଣ ଦେଉଛି) ହେ ସମ୍ରାଟ ! ତୁମେ ଇସଲାମକୁ ଗ୍ରହଣ କର । ତା'ହେଲେ ଈଶ୍ୱର ତୁମକୁ ବିଭିନ୍ନ ବିପଦରୁ ରକ୍ଷା କରିବେ ତଥା ତୁମକୁ ଦୁଇଗୁଣ ପ୍ରତିଫଳ ପ୍ରଦାନ କରିବେ । (ଅର୍ଥାତ୍ ଯୀଶୁମସିହଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥିବା ଯୋଗୁଁ ଓ ମୁହମ୍ମଦ[ସଅ]ଙ୍କ ଉପରେ ବିଶ୍ୱାସ ଆଣିବା ଯୋଗୁଁ) କିନ୍ତୁ ଯଦି ଏହି କଥାକୁ ତୁମେ ଅବଜ୍ଞା କର, ତା'ହେଲେ ଅବଜ୍ଞା ଜନିତ ପାପ କେବଳ ତୁମକୁ ଲାଗିବ ନାହିଁ, ବରଂ ତୁମର ସମସ୍ତ ଅବଜ୍ଞାକାରୀ ପ୍ରଜାଙ୍କ ପାପର ମଧ୍ୟ ତୁମେ ଭାଗୀଦାର ହେବ ।' ଏହି ପତ୍ରର ଶେଷରେ ପବିତ୍ର କୁରଆନର ଆୟତ୍ (ପଙ୍‌କ୍ତି) ଲେଖାଥିଲା ଯାହାର ଅର୍ଥ ଏହିପରି, 'ଅଲ୍ଲାଃଙ୍କ ବ୍ୟତିରେକ ଅନ୍ୟ କାହାର ଉପାସନା କରିବା ନାହିଁ । ଅଲ୍ଲାଃଙ୍କ ସହିତ କାହାକୁ ସମକକ୍ଷ କରିବା ନାହିଁ । ଏବଂ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାକୁ ଏପରି ସମ୍ମାନ ଦେବା ନାହିଁ ଯାହାଦ୍ୱାରା ସେ ଐଶ୍ୱରିକ ବିଶେଷ ଗୁଣର ଅଧିକାରୀ ବୋଲାଇବ । ଗ୍ରନ୍ଥାଧାରୀମାନେ (ଇହୁଦି-ଖ୍ରୀଷ୍ଟିୟାନ) ଧର୍ମାବଲମ୍ବୀ ଏହି ଏକେଶ୍ୱରବାଦର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରନ୍ତି, ତା'ହେଲେ ହେ ମୁହମ୍ମଦ ଅଲ୍ଲାଃଙ୍କ ରସୁଲ ତଥା ତାଙ୍କ ସହଚରଗଣ ! ସେମାନଙ୍କୁ କହିଦିଅ ଯେ ଆମେମାନେ ତ ଈଶ୍ୱରଙ୍କ ଆଜ୍ଞାବହ ସେବକ । ଅର୍ଥାତ୍ ଈଶ୍ୱରଙ୍କ ବାର୍ତ୍ତା ପହଞ୍ଚାଇ ଦେଇଛୁ ।

କେତେକ ଇତିହାସ ପୁସ୍ତକରେ ଲେଖାଯାଇଛି ଯେ ଯେତେବେଳେ ଉପରୋକ୍ତ ପତ୍ରଟି ସମ୍ରାଟଙ୍କ ସମ୍ମୁଖରେ ଉପସ୍ଥାପନ କରାଗଲା, ସେତେବେଳେ ଦରବାରର କେତେକ ପାରିଷଦ କହିଲେ ଯେ ଏହି ପତ୍ରକୁ ଚିରି ଫିଙ୍ଗି ଦିଆଯାଉ ।

କାରଣ ଏଥିରେ ସମ୍ରାଟଙ୍କ ପ୍ରତି ଅବମାନନା କରାଯାଇଛି ଓ ପତ୍ର ଉପରେ ରୋମ୍‌ର ସମ୍ରାଟ ବୋଲି ଲେଖାଯାଇ ନଥିଲା । ତା' ପରିବର୍ତ୍ତେ ରୋମ୍‌ର ଉତ୍ତରାଧିକାରୀ ଲେଖାଯାଇ ଥିଲା । କିନ୍ତୁ ରୋମ୍‌ର ସମ୍ରାଟ କହିଲେ ଏହା ବୁଦ୍ଧିମାନର କାର୍ଯ୍ୟ ନୁହେଁ ଯେ ପଢିବା ପୂର୍ବରୁ ପତ୍ରକୁ ଫାଡି ଦିଆଯିବ ସେ ଯେଉଁ ଉତ୍ତରାଧିକାରୀ କଥା ଲେଖିଛନ୍ତି, ତାହା ଯଥାର୍ଥ । ମୁଁ ତ ପ୍ରକୃତରେ ରୋମାନ୍ ସାମ୍ରାଜ୍ୟର ଉତ୍ତରାଧିକାରୀ ଯେବେ ମୁହମ୍ମଦ[ସଅ]ଙ୍କ ନିକଟରେ ଏହି ଘଟଣାର ସୂଚନା ପହଞ୍ଚିଲା ସେ କହିଲେ, ରୋମ୍‌ର ସମ୍ରାଟଙ୍କ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କଲେ, ସେଥିପାଇଁ ରୋମ୍‌ର ଶାସନ ଅବଶ୍ୟ ସୁରକ୍ଷିତ ରହିବ ଓ ତାଙ୍କର ଦାୟାଦମାନେ ଏହି ଦେଶକୁ ଦୀର୍ଘ ସମୟ ଧରି ଶାସନ କରିବେ । ଫଳତଃ ସେୟା ହିଁ ହେଲା । ପରବର୍ତ୍ତୀ ଯୁଦ୍ଧମାନଙ୍କରେ ରୋମ୍‌ର ଅନେକ କ୍ଷେତ୍ର ହଜରତ ମୁହମ୍ମଦ[ସଅ]ଙ୍କ ଅନ୍ୟ ଏକ ଭବିଷ୍ୟତବାଣୀ ଅନୁଯାୟୀ ସାମ୍ରାଜ୍ୟରୁ କାଢି ନିଆ ଯାଇଥିଲା ସତ, କିନ୍ତୁ ଏହି ସାମ୍ରାଜ୍ୟର ଶାସନ ଛଅ ଶହ ବର୍ଷ ଧରି ଧରି କନ୍‌ଷ୍ଟାଣ୍ଟିନୋପଲ୍ ହେରାକ୍ଲିସ୍‌ଙ୍କ ବଂଶଧରଙ୍କ ହାତରେ ପରିଚାଳିତ ହୋଇଥିଲା । ରୋମ ସାମ୍ରାଜ୍ୟ ନିକଟରେ ମୁହମ୍ମଦ[ସଅ]ଙ୍କ ପତ୍ରଟି ବହୁ ସମୟ ପର୍ଯ୍ୟନ୍ତ ଅତି ଯତ୍ନ ସହକାରେ ସୁରକ୍ଷିତ ଥିଲା । ଇସ୍‌ଲାମୀୟ ବାଦଶାହ୍ ମନ୍‌ସୁର କଲାଓ୍ବିନ୍‌ଙ୍କ ରାଜଦୂତମାନେ ଏକଦା ରୋମ୍ ସମ୍ରାଟଙ୍କ ନିକଟକୁ ଗଲେ ତ ସମ୍ରାଟ ସେମାନଙ୍କ ଦେଖାଇବା ପାଇଁ ଛୋଟ ସିନ୍ଦୁକ ମଗାଇଲେ ଏବଂ କହିଲେ, ମୋର ପିତୃବ୍ୟଙ୍କ ନାମରେ ତୁମର ରସୁଲଙ୍କ ଏକ ପତ୍ର ଆସିଥିଲା, ଯାହା ଆମମାନଙ୍କ ନିକଟରେ ଆଜି ପର୍ଯ୍ୟନ୍ତ ସୁରକ୍ଷିତ ରହିଛି ।

## ଇରାନ୍‌ର ସମ୍ରାଟଙ୍କ ପାଖକୁ ପତ୍ର

ହଜରତ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କର ଯେଉଁ ପତ୍ର ଇରାନ୍‌ର ବାଦ୍‌ଶାହ୍‌ଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିଲା, ତାହା ଅବ୍ଦୁଲ୍ଲାଃ ବିନ୍ ହୁଜାଫାଙ୍କ ମାଧ୍ୟମରେ ପ୍ରେରଣ କରା ଯାଇଥିଲା । ତାହାର ଅବିକଳ ଶବ୍ଦ ନିମ୍ନରେ ଉଦ୍ଧାର କରାଯାଉଛି:

بِسۡمِ اللّٰہِ الرَّحۡمٰنِ الرَّحِیۡمِ ۔ مِنۡ مُحَمَّدٍ رَسُوۡلِ اللّٰہِ اِلٰی کِسۡرٰی عَظِیۡمِ الۡفَارِس ۔ سَلَامٌ عَلٰی مَنِ اتَّبَعَ الۡھُدٰی ۔ وَاٰمَنَ بِاللّٰہِ وَرَسُوۡلِہٖ وَشَھِدَ اَنۡ لَّاۤ اِلٰہَ اِلَّا اللّٰہُ وَحۡدَہٗ لَاشَرِیۡکَ لَہٗ ۔ وَاَنَّ مُحَمَّدًا عَبۡدُہٗ وَ رَسُوۡلُہٗ وَ اَدۡعُوۡکَ بِدِعَایَۃِ اللّٰہِ عَزَّوَجَلَّ فَاِنِّیۡ اَنَا رَسُوۡلَ اللّٰہِ اِلَی النَّاسِ کَافَّۃً ۔ لِاُنۡذِرَ مَنۡ کَانَ حَیًّا وَّیَحِقَّ الۡقَوۡلُ عَلَی الۡکَافِرِیۡنَ اَسۡلِمۡ تَسۡلَمۡ فَاِنۡ اَبَیۡتَ فَعَلَیۡکَ اِثۡمُ الۡمَجُوۡسِ ۔

ବିସ୍‌ମିଲ୍ଲାହିର୍ ରହମା ନିର୍‌ରହିମ୍ । ମିମ୍ ମୁହମ୍ମଦିନ୍ ରସୁଲ୍‌ଲୁ ଲିଲ୍ଲାହି ଇଲା କିସରା ଅଜିମଲ୍ ଫାରିସ୍ । ସଲାମୁନ୍ ଅଲା ମନିତତ୍‌ବଆ ଅଲ୍‌ହୁଦା । ୱ୍ୱ ଆମନା ବିଲ୍ଲାହି ୱ୍ୱ ରସୁଲେହୀ ୱ୍ୱ ଶହିଦାଅଲ୍ ଲାଇଲାହା ଇଲ୍‌ଲଲ୍ଲହୁ ୱ୍ୱହ୍‌ଦହୁ ଲାଶରୀକା ଲହୁ ୱ୍ୱଅନ୍‌ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱ ରସୁଲୋହୁ ୱ୍ୱ ଅଦ୍‌ଉକା ବିଦିଆୟତିଲ୍ଲାହୀ ଅଜଜା୍ୱ୍ୱଜଲ୍‌ଲା ଫଇନ୍‌ନୀ ଅନା ରସୁଲଲ୍ଲାହି ଇଲନ୍ନାସି କାଫ୍‌ତନ୍ ଲିଉନ୍‌ଜିରା ମନ୍ କାନା ହୈୟନ୍ ୱ୍ୱ ୟହିକ୍‌କଲ୍ କୌଲୁ ଅଲଲ୍ କାଫେରିନା ଅସ୍‌ଲିମ୍ ତସ୍‌ଲମ୍ ଫନା ଅବୈତା ଫଅଲୈକା ଇସ୍‌ମୁଲ ମୟୁସ୍ (ଜରକାନୀ, ତୃତୀୟ ଖଣ୍ଡ, ପୃଷ୍ଠା ୩୪୦ ତଥା ତାରିଖୁଲ୍ ଖମିସ୍, ଚତୁର୍ଥ ଖଣ୍ଡ, ପୃଷ୍ଠା ୩୫)

ଅର୍ଥାତ୍ 'ଅଲ୍ଲାଃଙ୍କ ନାମକୁ ନେଇ ଯିଏ ଅସୀମ କୃପାମୟ ଓ ବାରମ୍ବାର ଦୟା ପ୍ରଦର୍ଶନକାରୀ, ଏହି ପତ୍ର ମୁହମ୍ମଦ ରସୁଲୁଲାଃ ଇରାନ ରାଷ୍ଟ୍ରମୁଖ୍ୟଙ୍କ ନିକଟକୁ ଲେଖୁଛନ୍ତି । ଯେଉଁ ବ୍ୟକ୍ତି ସତମାର୍ଗ ଅନୁସରଣ କରେ ତଥା ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରେ ଏବଂ ସାକ୍ଷ୍ୟ ଦିଏ ଯେ ଅଲ୍ଲାଃ ଏକ ଓ ତାହାଙ୍କର କେହି ସମକକ୍ଷ ନାହାନ୍ତି ଏବଂ ମୁହମ୍ମଦ ତାଙ୍କର ଭକ୍ତ ଓ ରସୁଲ ତାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ବିରାଜିତ ହେଉ । ହେ ସମ୍ରାଟ ! ମୁଁ ତୁମକୁ ଅଲ୍ଲାଃଙ୍କ ନିର୍ଦ୍ଦେଶ କ୍ରମେ ଇସଲାମ୍ ଧର୍ମ ପ୍ରତି ଆମନ୍ତ୍ରଣ କରୁଛି । କାରଣ ମୁଁ ସମଗ୍ର ମାନବ ଜାତି ପାଇଁ ଈଶ୍ୱରଙ୍କ ପ୍ରେରିତ ବାର୍ତ୍ତାବହ ରୂପେ ଆସିଛି, ଯଦ୍ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାବଧାନ କରିଦେବି ଓ ଅବିଶ୍ୱାସକାରୀମାନଙ୍କୁ ସଚେତନ କରାଇ ଦେବି । ହେ ସର୍ଦ୍ଦାର ! ତୁମେ ଇସଲାମ୍ ଧର୍ମ ଗ୍ରହଣ କର, ଯଦ୍ଦ୍ୱାରା ତୁମେ ପ୍ରତ୍ୟେକ ଉପଦ୍ରବ ଓ ଦୁର୍ଦ୍ଦଶାରୁ ସୁରକ୍ଷିତ ରହିବ । କିନ୍ତୁ ଯଦି ତୁମେ ମୋର ଏହି ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିବ, ତା'ହେଲେ ସମସ୍ତ ଅଗ୍ନିପୂଜକମାନଙ୍କ ପାପ ତୁମ ମୁଣ୍ଡରେ ଲାଗିବ ।'

ଅବ୍ଦୁଲ୍ଲାଃ ବିନ୍ ହୁଜାଫା କହନ୍ତି, ମୁଁ ଯେତେବେଳେ ଇରାନ୍ ସମ୍ରାଟଙ୍କ ଦରବାରରେ ପହଞ୍ଚିଲି, ମୋତେ ଭିତରକୁ ଯିବାକୁ ଅନୁମତି ମିଳିଗଲା । ମୁଁ ଆଗକୁ ବଢି ମୁହମ୍ମଦ[ସଅ]ଙ୍କ ପତ୍ର ଇରାନ୍ ବାଦଶାହଙ୍କ ହସ୍ତରେ ଅର୍ପଣ କଲି ଓ ସେ ତାହାକୁ ଅନୁବାଦ କରି ଶୁଣାଇବା ପାଇଁ ଆଦେଶ ଦେଲେ । ଯେବେ ଅନୁବାଦକ ତାହା ପଢି ଶୁଣାଇଲା, ଇରାନ୍‌ର ସମ୍ରାଟ ପ୍ରଚଣ୍ଡ କ୍ରୋଧରେ ପତ୍ରଟିକୁ ଚିରି ପକାଇଲେ । ଏହି ସମ୍ବାଦ ହୁଜାଫା ରସୁଲୁଲ୍ଲାଃ[ସଅ]ଙ୍କୁ ଶୁଣାଇବାରୁ ସେ କହିଲେ 'ଇରାନ୍‌ର ସମ୍ରାଟ ଆମ ପତ୍ର ସହିତ ଯେପରି ଆଚରଣ ପ୍ରଦର୍ଶନ କରିଛି, ଅଲ୍ଲାଃ ତା'ର ସାମ୍ରାଜ୍ୟ ପ୍ରତି ସେହିପରି କରିବେ ।' ସମ୍ରାଟର ଏଭଳି ଆଚରଣର କାରଣ ଆରବର ସେହି ଇହୁଦିମାନେ ଥିଲେ, ଯେଉଁମାନେ ରୋମ୍ ସାମ୍ରାଜ୍ୟରୁ ଇରାନ୍ ସାମ୍ରାଜ୍ୟକୁ ପଳାୟନ

କରିଥିଲେ ତଥା ରୋମ୍ ସାମ୍ରାଜ୍ୟ ବିରୁଦ୍ଧରେ ଷଡଯନ୍ତ୍ରରେ ଲିପ୍ତ ଇରାନ୍ ସମ୍ରାଟଙ୍କ ସହାୟତା କରିବା କାରଣରୁ ଅଧିକ ଉଦ୍ଧତ ଥିଲେ । ତେଣୁ ସେମାନେ ମୁହମ୍ମଦ[ସଅ]ଙ୍କ ବିରୁଦ୍ଧରେ ସମ୍ରାଟକୁ ଭୀଷଣ ଉତ୍ତେଜିତ କରି ରଖିଥିଲେ । ଇହୁଦିମାନେ ଯେଉଁସବୁ ଅଭିଯୋଗ କରୁଥିଲେ, ଏହି ପତ୍ରରେ ଲିଖିତ ତଥ୍ୟ ସେମାନଙ୍କ ବିଚାରର ଅନୁକୂଳ ଥିଲା । ତେଣୁ ସମ୍ରାଟ ମନେ ମନେ ସନ୍ଦେହ କଲା ଯେ ଏହି ବ୍ୟକ୍ତି କାଳେ ମୋ ସରକାର ଉପରେ ଦୃଷ୍ଟି ପକାଇଛି କି ? ସୁତରାଂ ସେ ତୁରନ୍ତ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ୟମନ୍ ରାଜ୍ୟପାଳଙ୍କୁ ଏକ ପତ୍ର ଦ୍ୱାରା ଏହି ଆଦେଶନାମା ଜାରି କଲା । ଯାହାର ସାରମର୍ମ ଏହିପରି ଥିଲା ଯେ କୁରୈଶମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ନବୀ ହେବାର ଦାବି କରୁଛି ଓ ନିଜ ଦାବିରେ ଆଗକୁ ବଢି ଚାଲିଛି । ତୁମେ ତୁରନ୍ତ ଦୁଇଜଣ ଲୋକଙ୍କୁ ପଠାଇ ତାକୁ ଧରି ଆଣି ମୋ ସମ୍ମୁଖରେ ହାଜର କରାଅ । ଏହି ଆଦେଶ ପାଠ କରି 'ବାଜାନ' ଯିଏକି ୟମନ୍‌ର ଗଭର୍ଣ୍ଣର ଥିଲା, ସେ ଜଣେ ଫୌଜି ଅଫିସର ତଥା ଜଣେ ଅଶ୍ୱାରୋହୀ ସିପାହୀକୁ ହଜରତ ମୁହମ୍ମଦ[ସଅ]ଙ୍କ ନିକଟକୁ ପଠାଇଲା । ଏହି ପତ୍ର ଲେଖି ତାଗିଦ୍ କଲା ଯେ ଆପଣ ଯେଉଁ ମୂହୂର୍ତ୍ତରେ ପତ୍ର ପାଇବେ, ସେହି କ୍ଷଣି ଇରାନ୍ ସମ୍ରାଟଙ୍କ ଦରବାରରେ ଉପସ୍ଥିତ ହୋଇ ଯାଆନ୍ତୁ । ସୁତରାଂ ୟମନ୍‌ର ସେହି ଫୌଜି ଅଧିକାରୀ ପ୍ରଥମେ ମକ୍କା ଅଭିମୁଖେ ଗଲା । ତାୟଫ ନିକଟରେ ପହଞ୍ଚି ସେ ଜାଣିବାକୁ ପାଇଲା ଯେ ମୁହମ୍ମଦ ମଦିନାରେ ବାସ କରୁଛନ୍ତି । ତହୁଁ ସେ ମଦିନାରେ ପହଞ୍ଚି ଅଲ୍ଲାଃଙ୍କ ରସୁଲଙ୍କୁ କହିଲା 'ଆପଣଙ୍କୁ ବନ୍ଦୀ କରି ଇରାନ ସମ୍ରାଟଙ୍କ ସମ୍ମୁଖରେ ହାଜର କରିବା ପାଇଁ ସମ୍ରାଟ ୟମନ୍‌ର ଗଭର୍ଣ୍ଣରଙ୍କୁ ଆଦେଶ କରିଛନ୍ତି । ଯଦି ଆପଣ ଏହି ଆଦଶନାମାକୁ ଅମାନ୍ୟ କରିବେ, ତା'ହେଲେ ଆପଣଙ୍କୁ ମୃତ୍ୟୁଦଣ୍ଡ ଦେବା ସଙ୍ଗେ ସଙ୍ଗେ ଆପଣଙ୍କ ଜାତିର ଲୋକମାନଙ୍କୁ ମଧ୍ୟ ହତ୍ୟା କରାଯିବ । ଏବଂ ସେ ଆପଣଙ୍କ ଦେଶକୁ ମଧ୍ୟ ଧ୍ୱଂସ କରିଦେବେ । ତେଣୁ ଆପଣ ଆମ ସାଙ୍ଗରେ ଚାଲନ୍ତୁ ।' ଏକଥା ଶୁଣି ହଜରତ ମୁହମ୍ମଦ[ସଅ] କହିଲେ, 'ଆଚ୍ଛା ! ଆଜି ଅପେକ୍ଷା କର । କାଲି ପୁନର୍ବାର ତୁମେ ମୋ ସହିତ ସାକ୍ଷାତ କରିବ ।' ରାତ୍ରୀର ନିସ୍ତବ୍ଧତାରେ ମହାଭାଗ ପ୍ରାର୍ଥନା କଲେ । ନିଜର ପରମ ତେଜସ୍ୱୀ ଓ ପରାକ୍ରମୀ ଈଶ୍ୱର ତାଙ୍କୁ ସୂଚନା ଦେଲେ, 'ଇରାନ୍ ସମ୍ରାଟର ଔଦ୍ଧତ୍ୟର ଶାସ୍ତି ସ୍ୱରୂପ ଆମ୍ଭେ ତା'ର ପତ୍ରକୁ ତାଙ୍କ ଦେଶର ଶାସନଭାର ଅର୍ପଣ କରି ସମ୍ରାଟକୁ ତାଙ୍କ ଅଧୀନସ୍ଥ କରି ଦେଇଛୁ । ତେବେ ସେ ଏହି ବର୍ଷ ଜମାଦିଉଲ୍ ଅୱଲ ମାସର ୧୦ ତାରିଖ ସୋମବାର ଦିନ ତା'ର ପିତାକୁ ହତ୍ୟା କରିବ ।' ଅନ୍ୟ ଏକ ସୂତ୍ରରୁ ପ୍ରକାଶ ଯେ ମହାଭାଗ କହିଲେ, 'ଆଜି ରାତିରେ ହିଁ ସେ ତାକୁ ହତ୍ୟା କରିଦେଇଛି ।' ଏହା ମଧ୍ୟ ସମ୍ଭବ ହୋଇପାରେ ଯେ ସେହି ରାତିଟି ହିଁ

ଜମାଦିଉଲ୍ ଅୱ୍ୱଲ ମାସର ରାତି ହୋଇ ଥାଇପାରେ । ସୁତରାଂ ଯେବେ ପ୍ରାତଃ କାଳର ଉଦୟ ହେଲା, ରସୁଲୁଲ୍ଲାଃ ୟେମନ୍‌ରୁ ଆସିଥିବା ସେହି ଦୁଇଜଣ ଫୌଜିଙ୍କୁ ଡକାଇ ପଠାଇଲେ ଏବଂ ଉକ୍ତ ଭବିଷ୍ୟତବାଣୀ ସମ୍ବନ୍ଧରେ ଅବଗତ କରାଇଲେ । ୟେମନ୍‌ର ଗଭର୍ଣ୍ଣର ବାଜାନ୍‌କୁ ଏକ ପତ୍ର ଲେଖି ଜଣାଇଲେ ଯେ ଈଶ୍ୱର ମୋତେ ସୂଚନା ଦେଇଛନ୍ତି, ଇରାନ୍‌ର ସମ୍ରାଟକୁ ଅମୁକ ମାସର ଅମୁକ ତାରିଖରେ ହତ୍ୟା କରି ଦିଆଯିବ । ଯେତେବେଳେ ଏହି ପତ୍ର ୟେମନ୍‌ର ଗଭର୍ଣ୍ଣରଙ୍କୁ ପହଞ୍ଚିଲା ସେ ତାକୁ ପଢି କହିଲେ, ଯଦି ମୁହମ୍ମଦ ସଅ ସତ୍ୟନିଷ୍ଠ ଅବତାର ହୋଇଥିବେ, ତା'ହେଲେ ସେ ପତ୍ରରେ ଯାହା ଲେଖା ହୋଇଛି ତାହା ହିଁ ଅବଶ୍ୟ ପୂରଣ ହେବ । ଅନ୍ୟଥା ତାଙ୍କର ଏବଂ ତାଙ୍କ ଦେଶର ଭଲ ଦଶା ହେବ ନାହିଁ । ଏହାର ଅଳ୍ପ ସମୟୋପରାନ୍ତ ଇରାନ୍‌ର ଏକ ଜାହାଜ ୟେମନ୍‌ର ବନ୍ଦରରେ ଆସି ପହଞ୍ଚିଲା ଓ ଗଭର୍ଣ୍ଣରଙ୍କୁ ଇରାନ୍ ସମ୍ରାଟଙ୍କ ଏକ ପତ୍ର ହସ୍ତାନ୍ତର କଲା, ଯାହାର ନୂତନ ମୋହର ଦେଖି ସେ କହି ଉଠିଲେ ଯେ ମଦିନାର ନବୀ ଠିକ୍ କହିଥିଲେ । ଇରାନ୍ ସମ୍ରାଟଙ୍କର ପରିବର୍ତ୍ତନ ହୋଇଛି ଓ ଏହି ପତ୍ର ଉପରେ ଅନ୍ୟ ଏକ ନୂତନ ସମ୍ରାଟଙ୍କର ମୋହର ଲାଗିଛି । ପତ୍ରକୁ ଖୋଲିବା ପରେ ଏଥିରେ ଲେଖାଥିଲା, ଇରାନ୍‌ର ସମ୍ରାଟ 'ଶେରଦିୟା'ଙ୍କ ତରଫରୁ ୟେମନର ଗଭର୍ଣ୍ଣର ବାଜାନଙ୍କୁ ଏହି ପତ୍ର ଲେଖାଯାଉଛି ଯେ ମୁଁ ନିଜ ପିତା ପୂର୍ବତନ ସମ୍ରାଟଙ୍କୁ ହତ୍ୟା କରିଦେଇଛି । କାରଣ ସେ ଏହି ସାମ୍ରାଜ୍ୟରେ ରକ୍ତପାତର ଦ୍ୱାର ଉନ୍ମୁକ୍ତ କରିଦେଇଥିଲା । ଏହି ଦେଶର ସମ୍ମାନିତ ବ୍ୟକ୍ତି ମାନଙ୍କୁ ହତ୍ୟା କରୁଥିଲା ତଥା ପ୍ରଜାମାନଙ୍କ ଉପରେ ଅତ୍ୟାଚ୍ଚର କରୁଥିଲା । ଯେବେ ମୋର ଏହି ପତ୍ର ତୁମ ପାଖରେ ପହଞ୍ଚିବ, ତୁରନ୍ତ ସମସ୍ତ ଅଫିସରଙ୍କ ଠାରୁ ମୋର ବଶତା ସ୍ୱୀକାର କରାଇ ନିଅ । ମୋ ପ୍ରତି ଅନୁରକ୍ତି ତଥା ମୋର ବିଶ୍ୱାସ ଭାଜନ ହେବାର ସଂକଳ୍ପ କର । ଏହା ପୂର୍ବରୁ ମୋର ପିତା ଆରବର ଜଣେ ନବୀଙ୍କୁ ଗିରଫ କରିବାର ଯେଉଁ ଆଦେଶ ଦେଇଥିଲା, ତାହା ରଦ୍ଦ କରାଗଲା ବୋଲି ଜ୍ଞାତ ହୁଅ । ଏହି ପତ୍ର ପଢିଲା ପରେ ଗଭର୍ଣ୍ଣର ବାଜାନ୍ ଅହେତୁକ ଭାବେ ପ୍ରଭାବିତ ହୋଇ ସେ ଓ ତା'ର ଅନେକ ସାଥୀ ଇସଲାମ୍ ଧର୍ମ ଗ୍ରହଣ କଲେ । ସେ ମୁହମ୍ମଦ ରସୁଲୁଲ୍ଲାଃ ସଅ ଙ୍କୁ ତା'ର ଇସଲାମ୍ ଧର୍ମ ଅବଲମ୍ବନର ସୂଚନା ଦେଲା ।

# ହବ୍‌ଶାର ବାଦଶାହ୍ ନଜ୍ଜାସୀଙ୍କ ନାମରେ ପତ୍ର

بِسۡمِ اللّٰہِ الرَّحۡمٰنِ الرَّحِیۡمِ ۔ مِنۡ مُّحَمَّدٍ رَسُوۡلِ اللّٰہِ اِلَی النَّجَاشِیِّ مَلِكِ الۡحَبۡشَةَ سَلِمۡ اَنۡتَ اَمَّا بَعۡدُ فَاِنِّیۡ اَحۡمَدُ اِلَیۡكَ اللّٰہَ الَّذِیۡ لَاۤ اِلٰہَ اِلَّا ھُوَ الۡمَلِكُ الۡقُدُّوۡسُ السَّلَامُ الۡمُؤۡمِنُ الۡمُھَیۡمِنُ ۔ وَاَشۡھَدُ اَنَّ عِیۡسَی ابۡنَ مَرۡیَمَ رُوۡحُ اللّٰہِ وَ کَلِمَتُهٗ اَلۡقَاھَا اِلٰی مَرۡیَمَ الۡبَتُوۡلِ وَاِنِّیۡ اَدۡعُوۡكَ اِلَی اللّٰہِ وَحۡدَہٗ لَاشَرِیۡكَ لَهٗ وَالۡمَوَالَاةَ عَلٰی طَاعَتِهٖ وَاِنۡ تَتَّبِعَنِیۡ وَتُؤۡمِنَ بِالَّذِیۡ جَآءَنِیۡ فَاِنِّیۡ رَسُوۡلُ اللّٰہِ وَاِنِّیۡ اَدۡعُوۡكَ وَ جُنُوۡدَكَ اِلَی اللّٰہِ عَزَّوَجَلَّ وَقَدۡ بَلَّغۡتُ وَ نَصَحۡتُ فَاقۡبَلُوۡا نَصِیۡحَتِیۡ سَلَامٌ عَلٰی مَنِ اتَّبَعَ الۡھُدٰی

ବିସ୍‌ମିଲ୍ଲାହିର୍ ରହମା ନିର୍‌ରହିମ୍ । ମିନ୍ ମୁହମ୍ମଦିନ୍ ରସୁଲିଲ୍ଲାହୀ ଇଲନ୍ ନଜ୍ଜାଶି, ମଲିକିଲ୍ ହବଶତା ସଲିମା ଅନତା । ଅମ୍ମା ବାଅଦୁ ଫଇନ୍‌ନୀ ଅହମଦୁ ଅଲୈକଲ୍ ଲାହଲ୍ ଲଜି ଲାଇଲାହା ଇଲ୍ଲା ହୁଓ୍ୱଲ୍ ମୁଲିକଲ୍ କୁଦ୍‌ଦୁସୁସ୍ ସଲାମୁଲ୍ ମୁମେନୁଲ୍ ମୁହୈମିନୁ । ଓ୍ୱ ଅଶ୍‌ହଦୋ ଅନ୍‌ନା ଇସବ୍‌ନା ମର୍‌ୟମା ରୁହୁଲ୍ଲାହି ଓ୍ୱ କଲିମତୋ ତୂଅଲ୍‌କହା ଇଲା ମର୍‌ୟମଲ୍ ବତୁଲା ଓ୍ୱ ଇନ୍ନି ଅଦ୍‌ଉକା ଇଲଲ୍ଲାହୀ ଓ୍ୱହଦହୁ ଲା’ ଶରିକଲହୁ ଓ୍ୱଲ୍ ମଓ୍ୱାଲାତ ଅଲା ତାଆତେହି । ଓ୍ୱଇନ୍ ତତ୍‌ତବିଅନି ଓ୍ୱତୁମିନା ବିଲ୍ଲଜୀ ଜାଆନି ଫଇନ୍‌ନି ରସୁଲୁଲ୍ଲାହୀ ଓ୍ୱଇନ୍‌ନୀ ଅଦ୍‌ଉକା ଓ୍ୱ ଜୁନୁଦକା ଇଲଲ୍ଲାହୀ ଅଜ୍‌ଜଓ୍ୱଜଲ୍ଲା ଓ୍ୱ କଦ୍ ବଲଘ୍‌ତୁ ଓ୍ୱ ନସ୍‌ହତୁ ଫାକ୍‌ବିଲୁ ନସିହତୀ ସଲାମୁନ୍ ଅଲା ମନିତ୍ତବଲ୍ ହୁଦାଆ । (ଜରକାନୀ, ତୃତୀୟ ଖଣ୍ଡ, ପୃଷ୍ଠା ୩୪୨, ଅସ୍ ସିରତୁଲ୍ ହଲ୍‌ବିୟା, ତୃତୀୟ ଖଣ୍ଡ, ପୃଷ୍ଠା ୨୭୩)

ଅର୍ଥାତ୍ ‘ଅଲ୍ଲାଃଙ୍କ ନାମ ନେଇ ଯିଏ ଅଶେଷ ଦୟାବାନ ଓ ସଦା କରୁଣାମୟ । ମୁହମ୍ମଦ ରସୁଲୁଲ୍ଲାଃଙ୍କ ତରଫରୁ ହବଶାର ସମ୍ରାଟ ନଜ୍ଜାସୀଙ୍କୁ ପତ୍ର ଲେଖୁଛନ୍ତି । ହେ ସମ୍ରାଟ ! ତୁମ ଉପରେ ଈଶ୍ୱରଙ୍କ ଶାନ୍ତି ଓ ଆଶିଷ ବିରାଜିତ ହେଉଛି । (ଯେହେତୁ ଆବିସିନିଆର ରାଜା ନଜ୍ଜାସୀ ଏହା ପୂର୍ବରୁ ମୁସଲମାନମାନଙ୍କୁ ଶରଣ ଦେଇଥିଲେ, ତେଣୁ ସେ ତାଙ୍କୁ ସୂଚନା ଦେଇଥିଲେ ଯେ ତୁମର ଏହି କର୍ମ ଅଲ୍ଲାଃଙ୍କ ଦୃଷ୍ଟିରେ ମହାନ ଥିଲା । ତେଣୁ ନଜ୍ଜାସୀ ଅଲ୍ଲାଃଙ୍କ ସୁରକ୍ଷାରେ ଅବଶ୍ୟ ରହିଛି) ମୁଁ ସେହି ଈଶ୍ୱରଙ୍କ ପ୍ରଶଂସା ତୁମ ସମକ୍ଷରେ ବର୍ଣ୍ଣନା କରୁଛି ଯାହାଙ୍କ ବ୍ୟତିରେକେ ଅନ୍ୟ କେହି ଉପାସ୍ୟ

ନୁହନ୍ତି ଓ ଯିଏ ପ୍ରକୃତ ବିଶ୍ୱ ସମ୍ରାଟ, ଯିଏ ସମସ୍ତ ପବିତ୍ରତାର ସମାହାର, ଯିଏ ସମସ୍ତ ପ୍ରକାର ଦୋଷ ଦୁର୍ବଳତାରୁ ବଞ୍ଚିତ, ଯିଏ ପ୍ରତ୍ୟେକ ତ୍ରୁଟିରୁ ଅନ୍ୟକୁ ରକ୍ଷା କରି ପବିତ୍ର କରିଥାନ୍ତି, ଯିଏକି ନିଜ ଭକ୍ତମାନଙ୍କ ପାଇଁ ଶାନ୍ତି ଓ ସହାବସ୍ଥାନର ବ୍ୟବସ୍ଥା କରିଥାନ୍ତି। ତଥା ନିଜର ସୃଷ୍ଟି ସୁରକ୍ଷା କରିଥାନ୍ତି। ମୁଁ ସାକ୍ଷ୍ୟ ପ୍ରଦାନ କରୁଛି ଯେ ମରିୟମ ପୁତ୍ର ଯୀଶୁ ପ୍ରଭୁଙ୍କ ବାଣୀକୁ ସଂସାରରେ ପ୍ରଚାର କରିବା ତଥା ପ୍ରଭୁଙ୍କ ସେହି ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ଆସିଥିଲେ । ଯାହାକୁ ଈଶ୍ୱର ପୂର୍ବରୁ ମରିୟମ୍‌ଙ୍କ ଠାରୁ ସଂକଳ୍ପ ନେଇଥିଲେ, ଯିଏ ନିଜ ଜୀବନ ପ୍ରଭୁଙ୍କୁ ସମର୍ପିତ କରି ଦେଇଥିଲେ । ମୁଁ ସେହି ଏକେଶ୍ୱରଙ୍କ ସମ୍ପର୍କକୁ ଯାହାଙ୍କର କେହି ସମକକ୍ଷ ନୁହନ୍ତି, ନିବିଡ କରାଇବା ତଥା ତାହାଙ୍କ ଆଜ୍ଞାପାଳନ କରିବା ପାଇଁ ତୁମକୁ ନିମନ୍ତ୍ରଣ କରୁଛି । ଅଲ୍ଲାଃଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବା ପାଇଁ ଆହ୍ୱାନ କରୁଛି ଯିଏକି ମୋତେ ପଠାଇଛନ୍ତି। କାରଣ ମୁଁ ତାଙ୍କର ବାର୍ତ୍ତାବହ ଏବଂ ତୁମ ରାଷ୍ଟ୍ରର ସମସ୍ତ ସେନାଙ୍କୁ ମହାପ୍ରଭୁଙ୍କ ଧର୍ମରେ ଦୀକ୍ଷିତ ହେବା ପାଇଁ ଆହ୍ୱାନ କରୁଛି। ବର୍ତ୍ତମାନ ମୁଁ ମୋ ଦାୟିତ୍ୱ ସମ୍ପନ୍ନ କଲ, ତୁମକୁ ଈଶ୍ୱରଙ୍କ ବାର୍ତ୍ତା ପହଞ୍ଚାଇ ଦେଲି। ତୁମ ନିକଟରେ ସମସ୍ତ ବାସ୍ତବିକତାକୁ ଖୋଲାଖୋଲି ଭାବେ ସ୍ପଷ୍ଟ କରିଦେଲି। ତେଣୁ ମୋର ନିଷ୍ପାପର ଭାବନା ପ୍ରତି ସମ୍ମାନ ବ୍ୟକ୍ତ କର। ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ଈଶ୍ୱରଙ୍କ ନିର୍ଦ୍ଦେଶିତ ସତ୍‌ମାର୍ଗକୁ ଅନୁସରଣ କରେ, ତାକୁ ପ୍ରଭୁଙ୍କ ସୁରକ୍ଷା ପ୍ରାପ୍ତ ହୋଇଥାଏ।'

ଯେତେବେଳେ ଏହି ପତ୍ର ନଜ୍ଜାସୀଙ୍କ ନିକଟରେ ପହଞ୍ଚିଲା, ସେ ସ୍ନାନ ପୂର୍ବକ ଉକ୍ତ ଚିଠିକୁ ଅତି ଯତ୍ନର ସହିତ ନିଜ ଚକ୍ଷୁ ଯୁଗଳରେ ସ୍ପର୍ଶ କଲେ ଓ ରାଜ ସିଂହାସନରୁ ଓହ୍ଲାଇ ତଳେ ଛିଡା ହୋଇଗଲେ ତଥା ହାତୀଦାନ୍ତର ଗୋଟିଏ ଡବା ଆଣିବାକୁ ଆଦେଶ କଲେ। ସେ ପତ୍ରକୁ ସସମ୍ମାନେ ଡବା ମଧ୍ୟରେ ସାଇତି ରଖିଲେ ଓ କହିଲେ 'ଯେଉଁ ପର୍ଯ୍ୟନ୍ତ ଏହି ପତ୍ର ସୁରକ୍ଷିତ ରହିବ, ହବଶାର ଶାସନ ମଧ୍ୟ ସୁରକ୍ଷିତ ରହିବ'। ସୁତରାଂ ରାଜା ନଜ୍ଜାସୀଙ୍କ ଏହି ବିଚାର ଯଥାର୍ଥ ସିଦ୍ଧ ହେଲା। ଏକ ହଜାର ବର୍ଷ ପର୍ଯ୍ୟନ୍ତ ଇସଲାମ ଧର୍ମ ସମଗ୍ର ପୃଥିବୀ ବୃକ୍ଷରେ ସମୁଦ୍ରର ତରଙ୍ଗ ସଦୃଶ ବ୍ୟାପିଗଲା। ହବଶା ଦେଶର ବାମ ପଟେ ବି ଇସଲାମୀ ସେନା ପାର୍ଶ୍ୱକୁ ଲଂଘି ଯାଉଥିଲା ଓ ଦକ୍ଷିଣ ପଟରେ ମଧ୍ୟ ମାଡି ଯାଉଥିଲା। କିନ୍ତୁ ହବଶାର ସୀମାରେଖାକୁ ସେମାନେ କେବେ ହେଲେ ସ୍ପର୍ଶ କରୁ ନଥିଲେ। କାରଣ ସେହି ଉପକାର ଯୋଗୁଁ ଯାହା ହବଶାର ବାଦଶାହ ଇସଲାମର ପ୍ରାରମ୍ଭିକ ଅବସ୍ଥାରେ ମକ୍କାରୁ ବିତାଡିତ ଓ ପଳାତକ ଅସହାୟ ପ୍ରବାସିକ ମୁସଲମାନମାନଙ୍କୁ ଶରଣ ଦେଉଥିଲେ ଏବଂ ହଜରତ ମୁହମ୍ମଦ[ସଅ]ଙ୍କ ପତ୍ର ପ୍ରତି ରାଜା ନଜ୍ଜାସିଙ୍କ ବିଶେଷ ସମ୍ମାନ ପ୍ରଦର୍ଶନ କରି ଋଣି ହୋଇଗଲେ। ସେହି କାରଣରୁ ହବଶା

ପ୍ରତି ଶତ୍ରୁ କେବେହେଲେ ଦୃଷ୍ଟି ଉଠାଇ ମଧ୍ୟ ଦେଖି ନଥିଲେ । ରୋମର ବିଶାଳ ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡ ହୋଇଗଲା । ଇରାନ୍ ପରି ଶାସନାଧୀଶ ସରକାରଙ୍କ ନାମ ନିଶ୍ଚିହ୍ନ ହୋଇଗଲା । ଚୀନ୍ ଓ ଭାରତର ସାମ୍ରାଜ୍ୟକୁ ଧୂଳିସାତ୍ କରି ଦିଆଗଲା । କିନ୍ତୁ ହବ୍ଶା (ଆବିସିନିଆ) ପରି ଏକ କ୍ଷୁଦ୍ର ଦେଶକୁ ସୁରକ୍ଷିତ ରଖାଗଲା । କାରଣ ସେ ମୁହମ୍ମଦ[ସଅ]ଙ୍କ ପ୍ରାରମ୍ଭିକ ସାଥୀମାନଙ୍କ ସହିତ ଦିନେ ଅତୀତରେ ସହାନୁଭୂତି ପୂର୍ଣ୍ଣ ଆଚରଣ କରିଥିଲେ ଏବଂ ତାଙ୍କ ଲିଖିତ ପତ୍ର ପ୍ରତି ଆଦର ସମ୍ମାନ ପୂର୍ବକ ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହା ତ ସାମାନ୍ୟ ବ୍ୟବହାର ଥିଲା, ଯାହା ଏକ ଛୋଟ ଉପକାର ବଦଳରେ ମୁସଲମାନମାନେ ହବଶାର ଦେଶବାସୀଙ୍କ ପ୍ରତି ଦେଖାଇଥିଲେ । କିନ୍ତୁ ଖ୍ରୀଷ୍ଟିୟାନ ସଭ୍ୟତା ଅଧିନସ୍ଥ ଯେଉଁ ଜାତି ଗୋଟିଏ ଗାଲରେ ଚାପୁଡା ମାରିଲେ ଅନ୍ୟ ଗାଲ ଦେଖାଇ ଦେବାର ଦାବିଦାର ବୋଲାଇ ନିଜସ୍ୱ ଧର୍ମ ନୀତିରେ ପରିଚାଳିତ ନିଜ ଧର୍ମାବଲମ୍ବୀ ଓ ଆପଣା ସହ ବର୍ଗୀୟ ହବଶାର ବାଦଶାହ ତଥା ତାଙ୍କ ଜାତି ଭାଇଙ୍କ ପ୍ରତି ଆଜିକାଲି ଯେପରି ନିଷ୍ଠୁର ଅତ୍ୟାଚାର ଚଳାଇଛନ୍ତି, ତାହା ଆଧୁନିକ ଜଗତର ଇତିହାସରେ ସ୍ୱଷ୍ଟ ଚିତ୍ର ପ୍ରଦର୍ଶନ କରିଥାଏ । ବୋମାମାଡ ଦ୍ୱାରା ହବଶାର ସହରମାନଙ୍କୁ ବିଧ୍ୱସ୍ତ କରି ଦିଆଗଲା ଓ ସେଠାକାର ମହାରାଣୀ ତଥା ସନ୍ତାନମାନେ ଯେପରି ନିଜ ମାତୃଭୂମି ଛାଡି ପଳାୟନ କରିଛନ୍ତି, ସେମାନଙ୍କୁ ଅନ୍ୟ ଦେଶରେ ଯାଇ ଶରଣାର୍ଥୀ ହୋଇ ବର୍ଷବର୍ଷ ଧରି ରହିବାକୁ ପଡିଛି, ତାହା ସମସ୍ତଙ୍କୁ ଜଣା । କ'ଣ ହବଶା ପ୍ରତି ଏହି ଦୁଇ ପ୍ରକାର ବ୍ୟବହାର ପ୍ରଥମଟି ମୁସଲମାନଙ୍କ ପକ୍ଷରୁ ଓ ଅନ୍ୟଟି ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀଙ୍କ ପକ୍ଷରୁ ଆବିସିନିୟା ବା ଇଥୋପିୟା ପ୍ରତି କରାଯାଇଥିବା ବ୍ୟବହାର ସେହି ପବିତ୍ର ଅଲୌକିକ ଶକ୍ତିକୁ ପ୍ରଣାମ ସିଦ୍ଧ କରୁନାହିଁ, ଯାହା ମୁହମଦ[ସଅ]ଙ୍କ ବ୍ୟକ୍ତିତ୍ୱରେ ସ୍ୱଷ୍ଟ ରୂପେ ପ୍ରଦର୍ଶିତ ହେଉଥିଲା ? ତାହା ଆଜି ପର୍ଯ୍ୟନ୍ତ ତାଙ୍କର ମହାନୁଭବତାକୁ ଅକ୍ଷୁର୍ଣ୍ଣ ରଖିଛି ! ମୁସଲମାନମାନେ ଆଜି ଇସଲାମ୍ ଧର୍ମର ମୂଳତତ୍ତ୍ୱରୁ ଦୂରେଇ ଯାଇଥିଲେ ସୁଦ୍ଧ ସେମାନଙ୍କ ବିଚାର ଭାବନାକୁ ହଜାରେ ବର୍ଷ ପୂର୍ବରୁ କଲ୍ୟାଣ ଓ କୃତଜ୍ଞତା ପ୍ରତି ମୁଣ୍ଡ ନୁଆଇଁ ରଖିଛି ! !

## ମିଶରର ସମ୍ରାଟ ମକୁକସ୍ଙ୍କ ନାମରେ ପତ୍ର

ଚତୁର୍ଥ ପତ୍ରଟି ସମ୍ରାଟ ମକୁକସ୍ଙ୍କ ନାମରେ ମହାଭାଗ ଲେଖିଥିଲେ । ଏହି ଚିଠିଟି ହାତିବ୍ ଇବ୍ନେ ବଲ୍ତା[ରଅ] ମାଧ୍ୟମରେ ପ୍ରେରଣ କରାଯାଇଥିଲା ।

بِسۡمِ اللّٰهِ الرَّحۡمٰنِ الرَّحِيۡمِ ۔ مِنۡ مُحَمَّدٍ رَسُوۡلِ اللّٰهِ اِلَى الۡمَقُوۡقَسِ عَظِيۡمِ الۡقِبۡطِ سَلَامٌ عَلٰى مَنِ اتَّبَعَ الۡهُدٰى ۔ اَمَّا بَعۡدُ فَاِنِّىۡ اَدۡعُوۡكَ بِدِعَايَةِ الۡاِسۡلَامِ اَسۡلِمۡ تَسۡلَمۡ يُؤۡتِكَ اللّٰهُ اَجۡرَكَ مَرَّتَيۡنِ فَاِنۡ تَوَلَّيۡتَ فَاِنَّمَا عَلَيۡكَ اِثۡمُ الۡقِبۡطِ ۔ وَيَاۤ اَهۡلَ الۡكِتٰبِ تَعَالَوۡا اِلٰى كَلِمَةٍ سَوَآءٍ بَيۡنَنَا وَ بَيۡنَكُمۡ اَنۡ لَّا نَعۡبُدَ اِلَّا اللّٰهَ وَلَا نُشۡرِكَ بِهٖ شَيۡـًٔا وَّلَا يَتَّخِذَ بَعۡضُنَا بَعۡضًا اَرۡبَابًا مِّنۡ دُوۡنِ اللّٰهِ فَاِنۡ تَوَلَّوۡا فَقُوۡلُوا اشۡهَدُوۡا بِاَنَّا مُسۡلِمُوۡنَ

ବିସ୍‌ମିଲା ହିର୍‌ରହମାନ୍ ନିର୍‌ରହିମ୍ । ମିନ ମୁହମ୍ମଦିନ୍ ରସୁଲିଲ୍ଲାହୀ ଇଲଲ୍ ମକଓକସି ଅଜିମିଲ୍‌କିବ୍‌ତି ସଲାମୁନ୍ ଅଲା ମନିତ୍‌ତବଅଲ୍ ହୁଦା; ଅମ୍ମା ବାଆଦୁ ଫଇନ୍‌ନୀ ଅଦଉକା ବିଦିଆଇତିଲ ଇସ୍‌ଲାମେ ଅସ୍‌ଲିମ୍ ତସ୍‌ଲମ୍ ୟୁତିକଲ୍ଲାହୁ ଅଜ୍‌ରକା ମର୍‌ରାତୈନେ ଫଇନ୍ ତଓ୍ୱଲ୍ଲୈତା ଫଇନ୍ନମା ଅଲୈକା ଇସ୍‌ମୁଲ୍ କିବତି; ଓ୍ୱ ୟାଅହଲିଲ୍ କିତାବେ ତଆଲୌ ଇଲା କଲିମତିନ୍ ସଓ୍ୱାଇନ୍ ବୈନନା ଓ୍ୱ ବୈନକୁମ୍ ଅଲ୍ଲା ନାଆବୋଦା ଇଲ୍ଲଲ୍ଲାହା ଓ୍ୱଲା ନୁଶ୍‌ରିକା ବିହି ଶୈଅନ୍ ଓ୍ୱଲା ୟତ୍‌ତଖିଜା ବାଆଜୁନା ବାଆଜାନ୍ ଅର୍‌ବାବମ୍ ମିନ୍ ଦୁନିଲ୍ଲାହି ଫଇନ୍ ତଓ୍ୱଲ୍ଲୌ ଫକୁଲୁଶ୍ ହଦୁ ବେଅନ୍‌ନା ମୁସ୍‌ଲେମୁନ୍ । (ଜରକାନି, ୩ୟ ଖଣ୍ଡ, ପୃଷ୍ଠା ୩୪୭/ ସିରତୁଲ ହଲବିୟା, ୩ୟଖଣ୍ଡ, ପୃଷ୍ଠା୨୭୫)

ଏହି ପତ୍ର ଅବିକଳ ସେହିପରି ଲେଖା ଯାଇଥିଲା, ଯେପରି ରୋମର ସମ୍ରାଟଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ଏତିକି ପ୍ରଭେଦ ଥିଲା ଯେ ଯଦି ତୁମେ ଏହି ଚିଠିରେ ଥିବା ନିର୍ଦ୍ଦେଶ ଗ୍ରହଣ ନ କରିବ, ତା'ହେଲେ ସମଗ୍ର ରୋମବାସୀଙ୍କ ପାପର ବୋଝ ତୁମ ମୁଣ୍ଡରେ ପଡିବ । କିନ୍ତୁ ଏହି ପତ୍ରରେ ସମ୍ରାଟ ମକୁକସଙ୍କୁ ଲେଖାଥିଲା ଯେ ମିଶର ଦେଶର ସମସ୍ତ କବି ସୃଜନୀଙ୍କ ଗୋଷ୍ଠୀର ପାପର ବୋଝ ତୁମ ଉପରେ ପଡିବ । ସୁତରାଂ ହାତିବ୍ ମିଶରରେ ପହଞ୍ଚି ଜାଣିବାକୁ ପାଇଲେ ଯେ ସମ୍ରାଟ ମକୁକସ ରାଜଧାନୀରେ ନାହାନ୍ତି । ସେ ଆଲେକ୍‌ଜାଣ୍ଡ୍ରିଆ ଗସ୍ତାରେ ଅଛନ୍ତି । ହାତିବ୍ ସେଠାକୁ ଗଲେ । ସମୁଦ୍ର କୂଳରେ ସମ୍ରାଟ ମକୁକସ ତାଙ୍କ ଦରବାର ବସାଇଥିଲେ । ହାତିବ୍ ଏକ ନୌକା ସାହାଯ୍ୟରେ ସେଠାରେ ପହଞ୍ଚିଲେ ଯେଉଁଠାରେ ଚାରିଆଡେ କଡା ପହରାର ବ୍ୟବସ୍ଥା ଥିଲା । ସେ ଦୂରରୁ ପତ୍ରକୁ ବନ୍ଦ କରି ଉଚ୍ଚ ସ୍ୱରରେ

ଡାକି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ । ସମ୍ରାଟ ଆଦେଶ ଦେଲେ ଯେ ସେହି ବ୍ୟକ୍ତିକୁ ଆଣି ତାଙ୍କ ସମ୍ମୁଖରେ ହାଜର କରାଯାଉ । ସମ୍ରାଟ ଉକ୍ତ ପତ୍ରକୁ ପଢିଲେ ଓ ହାତିବ୍‌ଙ୍କ ଉଦ୍ଦେଶ୍ୟରେ କହିଲେ, 'ଯଦି ଏହି ବ୍ୟକ୍ତି ପ୍ରକୃତରେ ସତ୍ୟ ନବୀ, ତା'ହେଲେ ସେ ନିଜ ଶତ୍ରୁଙ୍କ ବିରୁଦ୍ଧରେ ପ୍ରାର୍ଥନା କରୁନାହିଁ କାହିଁକି ?' ହାତିବ୍ କହିଲେ 'ଆପଣମାନେ ମରିୟମ୍ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ସ୍ଥାପନ କରୁଛନ୍ତି । ଯୀଶୁଙ୍କୁ ତାଙ୍କ ଶତ୍ରୁମାନେ ବହୁତ କ୍ଳେଶ ଦେଇଥିଲେ, କଣ ସେଥିପାଇଁ ଯୀଶୁଖ୍ରୀଷ୍ଟ ସେମାନଙ୍କ ସର୍ବନାଶ ହୋଇଯାଉ ବୋଲି କେବେ ପ୍ରାର୍ଥନା କରିଥିଲେ ?' ଏହା ଶୁଣି ସମ୍ରାଟ ମକୁକସ କହିଲେ, 'ଆପଣ ଜଣେ ବୁଦ୍ଧିମାନ ବ୍ୟକ୍ତିଙ୍କର ବୁଦ୍ଧିମାନ ଦୂତ ଜଣା ପଡୁଛନ୍ତି । ଆପଣ ସମୁଚିତ ଉତ୍ତର ଦେଇଛନ୍ତି ।' ଏହା ଉପରେ ହାତିବ୍ କହିଲେ 'ହେ ସମ୍ରାଟ ! ତୁମ ପୂର୍ବରୁ ଏଠାରେ ଅନ୍ୟଜଣେ ବ୍ୟକ୍ତି ଏ ଦେଶର ସମ୍ରାଟ ଥିଲା, ଯିଏ ନିଜକୁ ପାଳନିକର୍ତ୍ତା ପ୍ରଭୁ ବୋଲି ଦାବୀ କରୁଥିଲା ଅର୍ଥାତ୍ ଫାରୋହା । ଶେଷରେ ତାଙ୍କ ଉପରେ ଈଶ୍ୱରଙ୍କ ଅଭିଶାପ ହୋଇଥିଲା । ତେଣୁ ତୁମେ ଅହଙ୍କାର କର ନାହିଁ ଏବଂ ଅଲ୍ଲାଃଙ୍କ ପ୍ରେରିତ ଏହି ନବୀ ଉପରେ ବିଶ୍ୱାସ ସ୍ଥାପନ କର । ପ୍ରଭୁଙ୍କ ରାଣ, ମୋସେସ ଯୀଶୁ ମସିହଙ୍କ ସଂକ୍ରାନ୍ତରେ ସେପରି ସୁଚନା ଦେଇ ନାହାନ୍ତି, ଯେପରି ଯୀଶୁ ହଜରତ ମୁହମ୍ମଦ[ସଅ]ଙ୍କ ଆଗମନ ସଂମ୍ବନ୍ଧରେ ସୁଚନା ଦେଇଛନ୍ତି । ଆମେ ଆପଣମାନଙ୍କୁ ମୁହମ୍ମଦ ରସୁଲୁଲ୍ଲାଃଙ୍କ ପ୍ରତି ସେହିଭଳି ଆହ୍ୱାନ କରୁଛୁ, ଯେପରି ଆପଣମାନେ ଇହୁଦିମାନଙ୍କୁ ଯୀଶୁମସିହଙ୍କ ଆଡକୁ ଆମନ୍ତ୍ରଣ କରୁଛନ୍ତି ।' ପ୍ରତ୍ୟେକ ଅବତାରଙ୍କର ଏକ ସଂପ୍ରଦାୟଭୁକ୍ତ ଜାତି ହୋଇଥାଏ, ଯାହାର କର୍ତ୍ତବ୍ୟ ହେଉଛି ସେ ନବଙ୍କ ଆଜ୍ଞାକୁ ପାଳନ କରିବ । ଯେହେତୁ ତୁମେ ଏହି ଯୁଗର ଅବତାରଙ୍କୁ ପାଇଛ, ତେଣୁ ତାଙ୍କୁ ଗ୍ରହଣ କରିବା ଆପଣଙ୍କର ସର୍ବାଦୌ କର୍ତ୍ତବ୍ୟ । ଆମ ଧର୍ମ ଯୀଶୁଖ୍ରୀଷ୍ଟଙ୍କୁ ଅନୁସରଣ କରିବାରୁ ମନା କରୁନାହିଁ । ବରଂ ଆମେମାନେ ଯୀଶୁଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବା ପାଇଁ ଅନ୍ୟମାନଙ୍କୁ ନିର୍ଦ୍ଦେଶ ଦେଉଛୁ । ଏହାପରେ ସମ୍ରାଟ ମକକସ କହିଲେ, 'ମୁଁ ଏହି  ନବୀଙ୍କ ସମ୍ବନ୍ଧରେ ସବୁ ଖବର ରଖିଛି । ମୁଁ ଅନୁଭବ କରୁଛି ଯେ ସେ କଦାପି ଅନୈତିକ ବିଷୟର ଆଦେଶ ଦେଇ ନାହାନ୍ତି ଏବଂ କୌଣସି ଶୁଭକର୍ମ ଓ ନୀତିପୂର୍ଣ୍ଣ ବାକ୍ୟ କହିବାରୁ କାହାକୁ ବଞ୍ଚିତ କରନ୍ତି ନାହିଁ । ମୁଁ ଏହା ମଧ୍ୟ ଜାଣିଛି ଯେ ସେହି ବ୍ୟକ୍ତି କୌଣସି ଜାଦୁଗର, କିମ୍ବା ଜ୍ୟୋତିଷଙ୍କ ପରି ମାୟାବୀ ନୁହନ୍ତି । ମୁଁ ଏହାଙ୍କର କେତେକ ଭବିଷ୍ୟତ ବାଣୀ ପୂରଣ ହେବା ମଧ୍ୟ ଶୁଣିଛି ।' ଏହାପରେ ସମ୍ରାଟ ମକୁକସଙ୍କ ଆଦେଶରେ ଏକ ହାତୀଦାନ୍ତ ନିର୍ମିତ ପେଟିକାରେ ହଜରତ ମୁହମ୍ମଦ[ସଅ]ଙ୍କ ପତ୍ରଟିକୁ ଜଉମୁଦ ଦେଇ ମୋହର ମାରି

ରଖିଦେଲେ ଓ ତାଙ୍କୁ ଉଆସର ଦାସୀଙ୍କୁ ହସ୍ତାନ୍ତର କରି ଦିଆଗଲା । ଏହାପରେ ମୁହମ୍ମଦ[ସଅ]ଙ୍କ ଉଦ୍ଦେଶ୍ୟରେ ଏହି ପତ୍ରି ଲେଖିଲେ ।

'ବିସ୍‌ମିଲ୍ଲା ହିର୍‌ରହ୍‌ମା ନିର୍‌ରହିମ୍ ମୁହମ୍ମଦ ବିନ୍ ଅବ୍ଦୁଲାଙ୍କୁ କିବତିମାନଙ୍କର ସମ୍ରାଟଙ୍କ ତରଫରୁ ପତ୍ର ଲେଖୁଛି ଯେ ଆପଣଙ୍କ ଉପରେ ଈଶ୍ୱରଙ୍କ ଆଶୀଷ ହେଉ । ତତ୍ ପଶ୍ଚାତ ମୁଁ କହୁଛି ଯେ ମୁଁ ଆପଣଙ୍କ ପତ୍ର ପାଠ କଲି ଏବଂ ଏଥିରେ ଆପଣ ଯେଉଁ ବିଷୟ ଲେଖିଛନ୍ତି ତଥା ଯେଉଁ ମାର୍ଗ ଆଡକୁ ମୋତେ ଆମନ୍ତ୍ରିତ କରିଛନ୍ତି, ସେ ସମସ୍ତ ବିଷୟ ଉପରେ ବିଚାର କରିଛି । ମୋ ମତରେ ଇସ୍ରାଇଲୀୟ ଭବିଷ୍ୟତବାଣୀ ଅନୁଯାୟୀ ଜଣେ ନବୀ ଆଗମନ ହେବା ବର୍ତ୍ତମାନ ସମୟ ସାପେକ୍ଷ ଅଛି । ମୋର ଧାରଣା ଥିଲା ଯେ ସେ ସିରିୟା ଦେଶରୁ ପ୍ରକଟ ହେବେ । ମୁଁ ଆପଣଙ୍କ ଦ୍ୱାରା ପ୍ରେରିତ ପତ୍ର ବାହକଙ୍କୁ ସମ୍ମାନର ସହିତ ଆଣି ଅତିଥି ସତ୍କାର କରିଛି । ମୁଁ ତାଙ୍କୁ ଏକ ହଜାର ପାଉଣ୍ଡ ଧନରାଶି ତଥା ପାଞ୍ଚଯୋଡା ରାଜକୀୟ ଅଙ୍ଗବସ୍ତ୍ର ଉପହାର ସ୍ୱରୂପ ପ୍ରଦାନ କରିଛି ଏବଂ ମୁଁ ଦୁଇଟି ମିଶରୀୟ ଯୁବତୀଙ୍କୁ ଆପଣଙ୍କୁ ଭେଟିଦେଇ ପଠାଉଛି । କିବତି ଜାତିରେ ଏହି କନ୍ୟାମାନଙ୍କ ଅଶେଷ ସମ୍ମାନ ରହିଛି । ସେମାନଙ୍କ ମଧ୍ୟରୁ ଜଣଙ୍କର ନାମ ମାରିୟା ଓ ଅନ୍ୟ ଜଣଙ୍କ ନାମ ସରୀନ୍ । କୋଡିଏ ହଳ ବହୁମୂଲ୍ୟ ମିଶରୀୟ ପରିଧାନ ଆପଣଙ୍କ ସେବାରେ ପ୍ରେରଣ କରୁଛି । ସେହିପରି ଏହି ଖଚର ଆପଣଙ୍କ ବ୍ୟବହାର ପାଇଁ ମଧ୍ୟ ପଠାଉଛି । ଏବଂ ମୁଁ ଈଶ୍ୱରଙ୍କ ନିକଟରେ ଆପଣଙ୍କ ଶୁଭ କାମନା କରୁଛି । ସେ ଆପଣଙ୍କୁ ରକ୍ଷା କରନ୍ତୁ ।' (ଜରକାନୀ, ଦ୍ୱିତୀୟ ଖଣ୍ଡ, ପୃଷ୍ଠା ୩୪୯-୩୫୦ ତିବ୍‌ରୀ, ଖଣ୍ଡ ୩ ପୃଷ୍ଠା ୧୫୫୯)

ଉପରୋକ୍ତ ପତ୍ରରୁ ବିଦିତ ହେଉଛି ଯେ ଯଦ୍ୟପି ମକୁକସ ମୁହମ୍ମଦ[ସଅ]ଙ୍କ ପ୍ରତି ଆଦର ସମ୍ମାନ ପ୍ରଦର୍ଶନ କରିଥିଲା, କିନ୍ତୁ ଇସଲାମ ଧର୍ମ ଗ୍ରହଣ କରି ନଥିଲା ।

## ବାହାରୀନ୍‌ର ମୁଖ୍ୟ ମୁନ୍‌ଜିର୍ ତୈମିଙ୍କ ନାମରେ ବାର୍ତ୍ତା

ପଞ୍ଚମ ପତ୍ରଟି ମହାଭାଗ ବାହାରୀନ୍‌ର ମୁଖ୍ୟ ମୁନ୍‌ଜିର୍ ତୈମିଙ୍କ ନିକଟକୁ ପ୍ରେରଣ କରିଥିଲେ । ଏହି ପତ୍ରଟି ଅଲା ବିନ୍ ହଜ୍‌ରମୀ[ରଅ]ଙ୍କ ଦ୍ୱାରା ପଠା ଯାଇଥିଲା । ଏହି ପତ୍ର ପାଇବା କ୍ଷଣି ସେ ତୁରନ୍ତ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ଏବଂ ସେ ମୁହମ୍ମଦ[ସଅ]ଙ୍କ ଉଦ୍ଦେଶ୍ୟରେ ଲେଖିଲେ ଯେ 'ମୁଁ ସ୍ୱୟଂ ଓ ମୋର ଅନେକ ସାଥୀ ଆପଣଙ୍କ ଉପରେ ବିଶ୍ୱାସ ସ୍ଥାପନ କରୁଛୁ । କିନ୍ତୁ କେତେକ ଲୋକ ଇସଲାମ୍ ଧର୍ମ ଗ୍ରହଣ କରୁନାହାନ୍ତି । ମୋ ରାଜ୍ୟରେ କେତେକ ଇହୁଦି ତଥା ଅଗ୍ନି ପୂଜକ ମଧ୍ୟ

ବସବାସ କରୁଛନ୍ତି । ସେମାନଙ୍କ ସମ୍ବନ୍ଧରେ ମୋତେ ଆଦେଶ କରନ୍ତୁ ଯେ ମୁଁ ତାଙ୍କ ସହିତ କି ପ୍ରକାର ବ୍ୟବହାର କରିବି ?' ଅଲ୍ଲାଃଙ୍କ ରସୁଲ ଯେଉଁ ଉତ୍ତର ଲେଖିଲେ ତାହା ଏହିପରି : 'ମୋତେ ଏହା ଶୁଣି ବହୁତ ପ୍ରସନ୍ନତା ପ୍ରାପ୍ତ ହୋଇଛି ଯେ ତୁମେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଛ । ମୋ ତରଫରୁ ଯଦି କୌଣସି ଦୂତ ତୁମ ନିକଟକୁ ଯାଏ ତୁମେ ତା'ର ଆଦେଶ ପାଳନ କର । କାରଣ ତା'ର ଆନୁଗତ୍ୟ ସ୍ୱୀକାର କରିବା ଅର୍ଥ ମୋର ଆନୁଗତ୍ୟ ସ୍ୱୀକାର କରିବା । ମୋର ଯେଉଁ ଦୂତ ତୁମକୁ ସାକ୍ଷାତ୍ କରିବାକୁ ଯାଇଥିଲେ, ସେ ତୁମର ବହୁତ ପ୍ରଶଂସା କରୁଛନ୍ତି । ଏବଂ ତୁମେ ଇସଲାମ୍ ଧର୍ମ ଗ୍ରହଣ କରିଛ ବୋଲି ସମ୍ବାଦ ଦେଇଛନ୍ତି । ମୁଁ ଅଲ୍ଲାଃଙ୍କ ନିକଟରେ ତୁମ ଜାତିର ଲୋକମାନଙ୍କ ସକାଶେ ପ୍ରାର୍ଥନା କରିଛି । ସୁତରାଂ ତୁମେ ମୁସଲମାନମାନଙ୍କ ମଧ୍ୟରେ ଇସଲାମୀୟ ଶିକ୍ଷା ପ୍ରଚଳନ କର ଓ ସେମାନଙ୍କ ଧନ ସଂପତ୍ତିର ସୁରକ୍ଷା ପ୍ରଦାନ କର । ଏବଂ କାହାରିକୁ ଚାରୋଟି ପତ୍ନୀରୁ ଅଧିକ ରଖିବାକୁ ଅନୁମତି ଦିଅନାହିଁ । ମୁସଲମାନ ହେବା ପୂର୍ବରୁ ସେମାନେ ଯେଉଁ ପାପ କରିଥିଲେ ସେ ସବୁକୁ କ୍ଷମା କରାଯାଉ । ଏବଂ ଯେଉଁ ପର୍ଯ୍ୟନ୍ତ ସତକର୍ମ କରୁଥିବ, ସେ ପର୍ଯ୍ୟନ୍ତ ତୁମ ଶାସନକୁ ଅପଦାସ୍ତ କରାଯିବ ନାହିଁ ଅର୍ଥାତ ତୁମକୁ କେହି ସିଂହାସନରୁ ହଟାଇ ପାରିବେ ନାହିଁ । ଏବଂ ଯେଉଁ ଇହୁଦି ଓ ଅଗ୍ନି ଉପାସକ ଅଛନ୍ତି, ସେମାନଙ୍କ ପାଇଁ ଗୋଟିଏ ଟିକସର ପ୍ରାବଧାନ ରହୁ । ତାହା ବ୍ୟତିରେକେ ସେମାନଙ୍କ ଠାରୁ ଅନ୍ୟ କିଛି ଅଧିକ ଦାବି କରନାହିଁ । ନିଜ ଦେଶର ଲୋକମାନଙ୍କ ପ୍ରତି ଧ୍ୟାନ ରଖ ଯେ ଯେଉଁ ଲୋକମାନଙ୍କ ଜୀବିକା ପାଇଁ ଜମି ନାହିଁ, ସେହି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚାରି ଦରହମ୍ ଅର୍ଥରାଶି ଓ ବସ୍ତ୍ର ଯୋଗାଇ ଦିଅ । (ଜରକାନୀ, ତୃତୀୟ ଖଣ୍ଡ, ପୃଷ୍ଠା ୩୫୨-୩୫୩, ଅସ୍ ସିରତୁଲ୍ ହଲ୍‌ବିୟା, ତୃତୀୟ ଖଣ୍ଡ, ପୃଷ୍ଠା ୨୭୮)

ଏହାପରେ ହଜରତ ମୁହମ୍ମଦ[ସଅ] ଓମାନ୍‌ର ସମ୍ରାଟ, ୟମାମାର ସର୍ଦ୍ଦାର, ଗସସାନ ଦେଶର ସମ୍ରାଟ, ୟେମନ୍ ଦେଶର ବନିନହଦ୍ ଗୋଷ୍ଠୀର ସର୍ଦ୍ଦାର ୟେମନ୍‌ର ହମଦାନ ଗୋଷ୍ଠୀ ସର୍ଦ୍ଦାର, ବନି ଅଲିମ୍ କବିଲାର ସର୍ଦ୍ଦାର ଏବଂ ହଜରମୀ ଗୋଷ୍ଠୀର ସର୍ଦ୍ଦାରମାନଙ୍କୁ ମଧ୍ୟ ପତ୍ର ଲେଖିଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ମୁସଲମାନ ହୋଇଗଲେ । ଏହି ସବୁ ପତ୍ର ଲେଖିବା ଏହା ଦର୍ଶାଉଛି ଯେ ହଜରତ ମୁହମ୍ମଦ[ସଅ]ଙ୍କ ଅଲ୍ଲାଃଙ୍କ ପ୍ରତି କିପରି ଅଟଳ ବିଶ୍ୱାସ ରହିଥିଲା । ଏବଂ କିପରି ଆରମ୍ଭରୁ ତାଙ୍କର ଏହି ବିଶ୍ୱାସ ଥିଲା । ସେ କୌଣସି ଏକ ନିର୍ଦ୍ଦିଷ୍ଟ ଜାତି ପାଇଁ ନବୀ ହୋଇ ଆସି ନଥିଲେ, ବରଂ ସମଗ୍ର ମାନବଜାତି ସକାଶେ ଈଶ୍ୱର ପ୍ରେରିତ ନବୀ ରୂପେ ଆବିର୍ଭୁତ ହୋଇଥିଲେ । ନିଃସନ୍ଦେହରେ ଯେଉଁ ବାଦଶାହ ଓ ଅମିରମାନଙ୍କୁ ମହାଭାଗ ପତ୍ର ଲେଖିଥିଲେ ସେମାନଙ୍କ ମଧ୍ୟରୁ କେତେକ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ଅନ୍ୟ

କେତେକ ସମ୍ମାନର ସହିତ ଉକ୍ତ ପତ୍ର ସ୍ୱୀକାର କରିଥିଲେ । କିନ୍ତୁ ଇସଲାମ୍‌ର ଆନୁଗତ୍ୟ ସ୍ୱୀକାର କରି ନଥିଲେ । ସେହିପରି କେତେକ ସାଧାରଣ ଭଦ୍ରାମୀର ପରିଚୟ ଦେଇଥିଲେ । କେତେକ ମଧ୍ୟ ସ୍ୱାଭିମାନ ଓ ଅହଂକାର ପ୍ରଦର୍ଶନ କରିଥିଲେ । କିନ୍ତୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ପରମେଶ୍ୱର ପ୍ରତ୍ୟେକ ସମ୍ରାଟ ଓ ଜାତି ସହିତ ସେହିପରି ବ୍ୟବହାର କଲେ, ଯେପରି ହଜରତ ମୁହମ୍ମଦ[ସଅ]ଙ୍କ ପତ୍ର ପ୍ରତି ସେମାନେ ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହି ଘଟଣା ଉପରେ ପୃଥିବୀର ଇତିହାସ ସାକ୍ଷ୍ୟ ବହନ କରୁଛି ।

# ଖୈବର ଦୁର୍ଗ ଉପରେ ବିଜୟ

ଯେପରି ପୂର୍ବରୁ ବର୍ଣ୍ଣିତ ହୋଇ ସାରିଛ, ଇହୁଦି ଓ ଆରବର ଅବିଶ୍ୱାସକାରୀଗଣ ମୁସଲମାନମାନଙ୍କ ବିରୁଦ୍ଧରେ ଆଖପାଖ ଗୋଷ୍ଠୀର ଲୋକମାନଙ୍କୁ ମତାଇବାରେ ଲାଗିଥିଲେ । ସେମାନେ ଦେଖିଲେ ଯେ ଆରବୀୟମାନଙ୍କ ଆଉ ସେ ପରି ଶକ୍ତି ନଥିଲା ଯେ ସେମାନେ ମୁସଲମାମାନଙ୍କୁ ଧ୍ୱଂସ କରିପାରିବେ କିମ୍ବା ମଦିନା ଉପରେ ଯାଇ ଆକ୍ରମଣ କରିପାରିବେ । ଏକପକ୍ଷେ ଇହୁଦିମାନେ ରୋମାନ୍ ସାମ୍ରାଜ୍ୟର ଦକ୍ଷିଣ ଭାଗରେ ଥିବା ଆରବୀୟ ଖ୍ରୀଷ୍ଟିୟାନ ଗୋଷ୍ଠୀମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ମତାଇବା ଆରମ୍ଭ କରି ଦେଇଥିଲେ । ଅନ୍ୟପକ୍ଷେ ନିଜର ସେହି ଧର୍ମାବଲମ୍ବୀ ଯେଉଁମାନେ ଇରାକ୍ ଦେଶରେ ରହୁଥିଲେ, ସେମାନଙ୍କୁ ମୁହମ୍ମଦ[ସଅ]ଙ୍କ ବିରୁଦ୍ଧରେ ପତ୍ର ଲେଖି ଇରାନ୍‌ର ସମ୍ରାଟଙ୍କୁ ପ୍ରଭାବିତ କରିବା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ । ମୁଁ ଉପରେ ଏହି ବିଷୟରେ ଉଲ୍ଲେଖ କରି ସାରିଛି ଯେ କିପରି ଚପଳତାର ଫଳ ସ୍ୱରୁପ ଇରାନ୍‌ର ସମ୍ରାଟ ଇହୁଦୀମାନଙ୍କ ପ୍ରରୋଚନାରେ ପଡି ଅତ୍ୟଧିକ ଉତ୍ତେଜିତ ହୋଇ ଯାଇଥିଲା । ଏବଂ ହଜରତ ମୁହମ୍ମଦ[ସଅ]ଙ୍କ ବିରୁଦ୍ଧରେ ବିଷୋଦ୍‌ଗାର କରି ତାଙ୍କୁ ବନ୍ଦୀ କରିବା ନିମନ୍ତେ ୟେମନ୍‌ର ଗଭର୍ଣ୍ଣରକୁ ଆଦେଶ ଦେଇଥିଲା । କିନ୍ତୁ ସର୍ବଶକ୍ତିମାନ ଅଲ୍ଲାଃ ନିଜର ବିଶେଷ କୃପା ବଳରେ ମୁହମ୍ମଦ ରସୁଲୁଲ୍ଲାଃଙ୍କୁ ସୁରକ୍ଷିତ ରଖିଲେ ତଥା ଇରାନ୍‌ର ସମ୍ରାଟ ଓ ଇହୁଦିମାନଙ୍କ ଷଡଯନ୍ତ୍ରକୁ ଅସଫଳ କରି ଦେଇଥିଲେ । ଏଥିରୁ ଏହା ସୁସ୍ପଷ୍ଟ ଯେ ଯଦି ଅଲ୍ଲାଃଙ୍କ ସାହାଯ୍ୟ ଓ ବିଶେଷ କୃପା ହୋଇ ନଥାନ୍ତା, ଭୌତିକ ଶକ୍ତି ଓ ସମ୍ବଳ ଦୃଷ୍ଟିକୋଣରୁ ଦେଖିଲେ ଏକପକ୍ଷେ ରୋମ ସାମ୍ରାଜ୍ୟ, ଅନ୍ୟପକ୍ଷେ ଇରାନ୍‌ର ବିଶାଳ ସେନାବାହିନୀ ନିକଟରେ ହଜରତ ମୁହମ୍ମଦ[ସଅ] କିପରି ବା ମୁକାବିଲା କରି ପାରିଥାନ୍ତେ ! ସେହି ଏକମାତ୍ର ଈଶ୍ୱର ହିଁ ଇରାନ୍‌ର ସମ୍ରାଟକୁ ବିନାଶ କରି ତା'ର ପୁତ୍ର

ଦ୍ୱାରା ଏହି ନିର୍ଦ୍ଦେଶନାମା ଜାରି କରାଇଲେ ଯେ ମୁହମ୍ମଦ[ସଅ]ଙ୍କୁ ବନ୍ଦୀ କରିବା କିମ୍ବା ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ । ଏହି ସ୍ୱର୍ଗୀୟ ନିଦର୍ଶନକୁ ଦେଖି ୟେମନ୍ ପ୍ରଶାସନ ଅଧିକାରୀଗଣ ଇସଲାମ୍ ପ୍ରତି ବିଶ୍ୱାସ ସ୍ଥାପନ କରିଥିଲେ ତଥା ୟେମନ୍ ପ୍ରଦେଶ କୌଣସି ସୈନିକ କାର୍ଯ୍ୟନୁଷ୍ଠାନ ନ କରି ଇସଲାମୀୟ ଶାସନରେ ଅନ୍ତର୍ଭୁକ୍ତ ହୋଇ ଯାଇଥିଲା । ଇହୁଦିମାନେ ଯେପରି ପରିସ୍ଥିତି ସୃଷ୍ଟି କରି ଦେଇଥିଲେ, ତାହା ଯୁକ୍ତିଯୁକ୍ତ ଦାବି ବ୍ୟକ୍ତ କରୁଥିଲା ଯେ ମଦିନା ସହରରୁ ସେମାନଙ୍କୁ  ଅଧିକ ଦୂରକୁ ଠେଲି ଦିଆଯିବା ଆବଶ୍ୟକ ହେଉଛି । କାରଣ ସେମାନେ ଯଦି ମଦିନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହି ଥାଆନ୍ତେ, ତା'ହେଲେ ଆହୁରି ଅଧିକ ରକ୍ତପାତ, ଉପଦ୍ରବ ତଥା ହୀନ ଚକ୍ରାନ୍ତ କରିବାରେ ଲିପ୍ତ ରହି ଅପରାଧି ହୋଇଥାନ୍ତେ । ତେଣୁ ହଜରତ ମୁହମ୍ମଦ[ସଅ] ହୁଦୈବିୟା ସନ୍ଧିରୁ ପ୍ରତ୍ୟାବର୍ତ୍ତନର ପାଞ୍ଚ ମାସ ପରେ ନିଷ୍ପତ୍ତି ନେଲେ ଯେ ଇହୁଦିଙ୍କୁ ଖୈବର ଦୁର୍ଗରୁ ଯେଉଁମାନେ ମଦିନାରୁ ଅଳ୍ପ କେତେକ ମାଇଲ ଦୂରରେ ରହିଛନ୍ତି ଏବଂ ଅତି ସହଜରେ ମଦିନାବାସୀଙ୍କ ବିରୁଦ୍ଧରେ ଅହରହ ଷଡଯନ୍ତ୍ର କରି ପାରୁଛନ୍ତି, ସେଠାରୁ ସେମାନଙ୍କୁ ବିତାଡିତ କରି ଦିଆଯିବ । ତେଣୁ ସେ ନିଜର ଷୋହଳ ଶହ ଅନୁଚରଙ୍କ ସହିତ ୬୨୩ ମସିହା ଅଗଷ୍ଟ ମାସ ସାତ ତାରିଖରେ ଖୈବର ଅଭିମୁଖେ ବାହାରିଲେ । ଖୈବର ଏକ ଅଭେଦ୍ୟ ଦୁର୍ଗରେ ପରିବେଷ୍ଟିତ ସହର ଥିଲା । ଏହାର ଚତୁଃପାର୍ଶ୍ୱରେ ପଥର ଚଟାଣ ଓ ଉପରି ଭାଗରେ ବିରାଟ ଦୁର୍ଗ ନିର୍ମିତ ହୋଇଥିଲା । ଏଭଳି ସୁଦୃଢ ସହରକୁ ଏତେ ଅଳ୍ପ ସଂଖ୍ୟକ ସିପାହୀଙ୍କ ଦ୍ୱାରା ଅଧିକାର କରି ବିଜୟ ପ୍ରାପ୍ତ କରିବା ସହଜ କଥା ନଥିଲା । ପାରିପାର୍ଶିକ ଛୋଟ ଛୋଟ ସେନା ଶିବିରଗୁଡିକୁ ତ ଅଳ୍ପ ସମୟର ସଂଘର୍ଷ ପରେ ହିଁ ଜୟ କରାଯାଇ ପାରିଲା । କିନ୍ତୁ ଯେତେବେଳେ ଇହୁଦିମାନେ ଏକତ୍ରିତ ହୋଇ ସହରର ମୁଖ୍ୟ ଦୁର୍ଗ ମଧ୍ୟକୁ ଆସିଗଲେ ଏହା ଉପରେ ବିଜୟ ପ୍ରାପ୍ତ କରିବାର ସମସ୍ତ ଉପାୟ ବ୍ୟର୍ଥ ହେବାକୁ ଲାଗିଲା ତଥା ଏହା ମୁସଲମାନମାନଙ୍କ ପାଇଁ ବଡ ସମସ୍ୟା ସୃଷ୍ଟି କଲା । କିନ୍ତୁ ଦିନେ ହଜରତ ମୁହମ୍ମଦ[ସଅ]ଙ୍କୁ ଅଲ୍ଲାଃ ଦୈବିବାଣୀ ଦ୍ୱାରା ଜଣାଇଲେ ଯେ ଏହି ଦୁର୍ଗ ପରିବେଷ୍ଟିତ ନଗରର ବିଜୟ ହଜରତ ଅଲି[ରଅ]ଙ୍କ ଦ୍ୱାରା ହିଁ ନିଶ୍ଚିତ କରାଯାଉଛି । ପ୍ରାତଃ କାଳରେ ସେ ଘୋଷଣା କଲେ ଯେ 'ମୁଁ ଆଜି ଇସଲାମ୍‌ର ସେହି କୃଷ୍ଣ ଧ୍ୱଜା  ତାହାରି ହାତରେ ଅର୍ପଣ କରିବି, ଯାହାକୁ ଅଲ୍ଲାଃ, ତାଙ୍କ ରସୁଲ୍ ଓ ସମସ୍ତ ମୁସଲମାନ ପ୍ରେମ କରନ୍ତି ।' ଏହାର ପରବର୍ତ୍ତୀ ଦିନ ପ୍ରଭାତରେ ହଜରତ ମୁହମ୍ମଦ[ସଅ] ହଜରତ ଅଲି[ରଅ]ଙ୍କୁ ଡାକି ସେହି କୃଷ୍ଣଧ୍ୱଜାକୁ ତାଙ୍କ ହାତରେ ଦେଲେ, ଯିଏ ସମସ୍ତ ଅନୁଚରଙ୍କ ସେନାବାହିନୀଙ୍କୁ ନେଇ ଦୁର୍ଗ ଉପରେ ଆକ୍ରମଣ କଲେ । ଯଦିଚ

ଇହୁଦିମାନେ ଦୁର୍ଗ ମଧ୍ୟରେ ଚତୁର୍ଦ୍ଦିଗରୁ ଆବଦ୍ଧ ହୋଇ ରହିଥିଲେ, ତଥାପି ଅଲ୍ଲାଃଙ୍କ କରୁଣା ଯୋଗୁଁ ହଜରତ ଅଲି[ରଅ] ତଥା ଅନ୍ୟ ଅନୁଚରମାନଙ୍କୁ ଏପରି ଶକ୍ତି ପ୍ରାପ୍ତ ହୋଇଥିଲା ଯେ ସେଦିନ ସନ୍ଧ୍ୟା ପୂର୍ବରୁ ଦୁର୍ଗ ଉପରେ ସମାନେ ବିଜୟ ପ୍ରାପ୍ତ କଲେ। ଯୁଦ୍ଧ ବିରତିର ସନ୍ଧି ସ୍ୱରୂପ ଇହୁଦିମାନଙ୍କୁ କୁହାଗଲା ଯେ ସମସ୍ତ ଇହୁଦି ସେମାନଙ୍କ ପରିବାର ବର୍ଗଙ୍କୁ ଧରି ମଦିନା ସହରରୁ ବହୁ ଦୂରକୁ ଚାଲି ଯାଆନ୍ତୁ ଏବଂ ସେମାନଙ୍କର ସମସ୍ତ ଧନ ସମ୍ପତ୍ତି ମୁସଲମାନମାନଙ୍କ ଅଧୀନରେ ଶାସ୍ତି ସ୍ୱରୂପ ବାଜ୍ୟାପ୍ତ ରହିବ। ଏ ସକ୍ରାନ୍ତରେ ଯେଉଁ ବ୍ୟକ୍ତି ମିଥ୍ୟାର ଆଶ୍ରୟ ନେବ କିମ୍ବା ନିଜର କୌଣସି ଧନବା ଖାଦ୍ୟଶସ୍ୟ ଲୁଚାଇ ରଖିବ ସେ ଏହି ସନ୍ଧି ଜନିତ ସୁରକ୍ଷାର ଅନ୍ତର୍ଗତ ହେବନାହିଁ। ସେ ବିଶ୍ୱାସଘାତ ମୂଳକ ଶାସ୍ତି ବିଧାନର ଅଧିକାରୀ ହେବ।

## ତିନୋଟି ଆଶ୍ଚର୍ଯ୍ୟଜନକ ଘଟଣା

ଏହି ଖୈବର ଦୁର୍ଗର ପତନ ଜନିତ ଯୁଦ୍ଧ ପରେ ତିନିଗୋଟି ଆଶ୍ଚର୍ଯ୍ୟ ଘଟଣା ଦୃଷ୍ଟି ସମୁଖକୁ ଆସିଥିଲା। ତନ୍ମଧ୍ୟରୁ ଗୋଟିଏ ପରମେଶ୍ୱରଙ୍କ ନିଦର୍ଶନର ସତ୍ୟତା ପ୍ରତିପାଦନ କରୁଛି ଏବଂ ଅନ୍ୟ ଦୁଇଟି ଘଟଣା ହଜରତ ମୁହମ୍ମଦ[ସଅ]ଙ୍କ ଉତ୍ତମ ଚରିତ ଗତ ଶିଷ୍ଟାଚାରର ଉଚ୍ଚ ଉଦାହରଣ ସୃଷ୍ଟି କରୁଛି। ଈଶ୍ୱରଙ୍କ ପ୍ରଥମ ନିଦର୍ଶନ ହେଉଛି, ସେହି ଯୁଦ୍ଧରେ ଖୈବରର ମୁଖ୍ୟ ଦଳପତି କିନାନାର ମୃତ୍ୟୁ ହେବାପରେ ତା'ର ବିଧବା ପତ୍ନୀଙ୍କ ସହିତ ହଜରତ ମୁହମ୍ମଦ[ସଅ]ଙ୍କର ବିବାହ ସଂପନ୍ନ ହୋଇଥିଲା। ସେହି ମହିଳାଙ୍କ ନାମ ସଫିଆ ଥିଲା। ବିବାହ ପରେ ହଜରତ ମୁହମ୍ମଦ[ସଅ] ଦେଖିଲେ ଯେ ସଫିଆଙ୍କ ଚିବୁକରେ ଲମ୍ବାକୃତି ଦାଗ ରହିଛି। ସେ ପ୍ରଶ୍ନ କଲେ, 'ସଫିଆ! ଏହି ପ୍ରକାର ଚିହ୍ନ ତୁମ ଗାଲରେ କିପରି ହେଲା?' ସଫିଆ ଉତ୍ତର ଦେଲେ, 'ହେ ଅଲ୍ଲାଃଙ୍କ ରସୁଲ୍! ମୁଁ ଦିନେ ସ୍ୱପ୍ନରେ ଦେଖିଲି, ଚନ୍ଦ୍ର ଆକାଶ ମାର୍ଗରୁ ଖସି ମୋ କୋଳରେ ପଡି ଯାଇଛି। ମୁଁ ତହିଁ ଆର ଦିନ ନିଜ ପରିବାର ଲୋକଙ୍କୁ ଏହିପରି ସ୍ୱପ୍ନ ଦେଖିବା କଥା କହିବାରୁ ମୋ ସ୍ୱାମୀ କିନାନା କହିଲେ, 'ୟେତ ବିଚିତ୍ର ସ୍ୱପ୍ନ। ତୁମ ପିତା ଜଣେ ବିଦ୍ୱାନ ଲୋକ। ଚାଲ, ତାଙ୍କୁ ଯାଇ ପଚାରିବା।' ସୁତରାଂ ମୁଁ ନିଜ ପିତାଙ୍କୁ ଏହି ସ୍ୱପ୍ନ ବିଷୟରେ କହିବାରୁ ସେ ହଠାତ୍ ମୋ ଗାଲରେ ଶକ୍ତ ଚାପୁଡା ମାରି କହିଲେ 'ଆରେ ନିର୍ବୋଧ, ତୁ କ'ଣ ଆରବର ସମ୍ରାଟକୁ ବିବାହ କରିବାକୁ ଚାହୁଁଛୁ?'(ଅସ ସିରତୁଲ୍ ହଲବିୟା, ତୃତୀୟ ଖଣ୍ଡ, ପୃଷ୍ଠା ୫୦) ସେ ଏକଥା ଏଥିପାଇଁ କହିଲା ଯେ ଚନ୍ଦ୍ର ଆରବ ଜାତିର ରାଷ୍ଟ୍ରୀୟ ଗୌରବର ପ୍ରତୀକ। ଯଦି କୌଣସି ବ୍ୟକ୍ତି ସ୍ୱପ୍ନରେ ଦେଖେ ଯେ ଚନ୍ଦ୍ର ତା'ର କୋଳରେ ପଡିଛି, ତା'ହେଲେ ଏହା ବୁଝିବାକୁ ହେବ ଯେ ଆରବର ସମ୍ରାଟଙ୍କ

ସହିତ ତାହାର ସଂପର୍କ ସ୍ଥାପନ ହୋଇଗଲା । ଏବଂ ଯଦି କୌଣସି ବ୍ୟକ୍ତି ସ୍ୱପ୍ନରେ ଦେଖେ ଯେ ଚନ୍ଦ୍ର ଫାଟି ଯାଇଛି କିମ୍ବା ପଡି ଯାଇଛି, ତା'ହେଲେ ତାହାର ଏହି ଅର୍ଥ ହେବ ଯେ ଆରବ ସାମ୍ରାଜ୍ୟରେ ମତଭେଦ ହୋଇ ଶାସନ ଭୁଷୁଡି ଯିବ । ଏହି ସ୍ୱପ୍ନ ଅଲ୍ଲାଃଙ୍କ ଦିବ୍ୟ ବାର୍ତ୍ତାବହଙ୍କ ସତ୍ୟତାର ଏକ ଜ୍ୱଳନ୍ତ ନିଦର୍ଶନ । ଏହା ମଧ୍ୟ ପ୍ରମାଣ କରେ ଯେ ଅଲ୍ଲାଃ ତାଙ୍କର ଭକ୍ତଙ୍କୁ ପରୋକ୍ଷ ଭାବରେ ଆଗାମୀ ଭବିଷ୍ୟତର ସୂଚନା ଦେଇ ଆସୁଛନ୍ତି । ଏହି ଆଗତ ଭବିଷ୍ୟତର ସମ୍ବାଦ ଈଶ୍ୱରବିଶ୍ୱାସୀଙ୍କୁ ଅଧିକ ଓ ଅନ୍ୟମାନଙ୍କୁ କମ ମିଳିଥାଏ । ହଜରତ ସଫିଆ[ସଅ] ଇହୁଦି ସମ୍ପ୍ରଦାୟର ନାରୀ ଥିବାବେଳେ ତାଙ୍କୁ ଉଜ୍ଜ୍ୱଳ ଭବିଷ୍ୟତର ପରୋକ୍ଷ ସୂଚନା ଦିଆଯାଇଥିଲା । ତଦନୁଯାୟୀ ତାଙ୍କ ପ୍ରତି ସନ୍ଧିର ଚୁକ୍ତି ଅବଜ୍ଞା କରି ବିଶ୍ୱାସଘାତକ ଆଚରଣ ଯୋଗୁଁ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିଲା ଏବଂ ସଫିଆଙ୍କୁ ହଜରତ ମୁହମ୍ମଦ[ସଅ] ଏକ ବିଶ୍ୱସ୍ତ ଅନୁଚରଙ୍କ ହସ୍ତରେ ଅର୍ପଣ କରା ଯାଇଥିଲେ ସୁଦ୍ଧା ଅନ୍ୟ କେତେକ ବ୍ୟକ୍ତିଙ୍କ ଆଗ୍ରହ ଯୋଗୁଁ ମହାଭାଗଙ୍କ ସହିତ ତାଙ୍କର ବିବାହ କରାଯାଇଥିଲା । ଶେଷରେ ପରୋକ୍ଷ ସୂଚନା ଦ୍ୱାରା ଭବିଷ୍ୟତ କଥା ପୂରଣ ହେଲା, ଯାହା ଈଶ୍ୱର ସଫିଆଙ୍କୁ ସ୍ୱପ୍ନ ମାଧ୍ୟମରେ ଜଣାଇଥିଲେ ।

ଦ୍ୱିତୀୟ ଉଲ୍ଲେଖନୀୟ ଘଟଣା ହେଉଛି, ଖୈବର ଦୁର୍ଗ ଅବରୋଧ ସମୟରେ ଜଣେ ଛେଳି ଚରାଳୀ ଇହୁଦି ମୁସଲମାନ ହୋଇଗଲା, ଯିଏ ଜଣେ ସର୍ଦ୍ଦାରଙ୍କ ଛେଳି ଚରାଉଥିଲା । ସେ ମୁହମ୍ମଦ[ସଅ]ଙ୍କୁ କହିଲା, 'ହେ ଅଲ୍ଲାଃଙ୍କ ରସୁଲ ! ମୁଁ ତ ଆଉ ସେ ଇହୁଦି ପାଖକୁ ଯାଇ ପାରିବି ନାହିଁ । କିନ୍ତୁ ଏହି ଛାଗଳଗୁଡିକ ମୋ ନିକଟରେ ଅମାନତ ସ୍ୱରୂପ ରହିଯାଇଛନ୍ତି । ବର୍ତ୍ତମାନ ମୁଁ କଣ କରିବି ?' ମହାଭାଗ କହିଲେ 'ତୁମେ ଛାଗଳମାନଙ୍କ ମୁହଁ ସେହି ଦୁର୍ଗ ଆଡକୁ କରିଦିଅ ଓ ସେମାନଙ୍କୁ ପଛରେ ଧକ୍କା ଦେଇ ପେଲିଦିଅ । ସେମାନେ ଅବଶ୍ୟ ତାଙ୍କ ମାଲିକ ନିକଟରେ ପହଞ୍ଚି ଯିବେ ।' ସୁତରାଂ ସେହି ଯୁବକ ସେଇଆ ହିଁ କଲା ଓ ଛେଳିମାନେ ସିଧାସଳଖ ଦୁର୍ଗ ନିକଟରେ ପହଞ୍ଚିଲେ ଓ ଦୁର୍ଗବାସୀ ସେମାନଙ୍କୁ ଭିତରକୁ ନେଇଗଲେ । (ଅସ୍ ସିରତୁଲ୍ ହଲବିୟାଃ, ତୃତୀୟ ଖଣ୍ଡ, ପୃଷ୍ଠା ୪୪) ଏହି ଘଟଣାରୁ ବିଦିତ ହୁଏ ଯେ ଅମାନତ ରୂପେ ରଖାଯାଇଥିବା ଅନ୍ୟର ଧନ ସମ୍ପତ୍ତିର ସୁରକ୍ଷା ସକାଶେ ହଜରତ ମୁହମ୍ମଦ[ସଅ] କିପରି ନୈଷ୍ଠିକତା ଅବଲମ୍ବନ କରୁଥିଲେ ତଥା ନ୍ୟାସକୁ ଫେରାଇ ଦେବା ପାଇଁ ନିୟମ ଉପରେ କଡାକଡି ପାଳନ କରିବାକୁ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେଉଥିଲେ । କିନ୍ତୁ ଆଜି ମଧ୍ୟ ଯୁଦ୍ଧରତ ଲୋକଙ୍କ ସାମଗ୍ରୀ ଓ ଧନସମ୍ପତ୍ତି ଆଇନ୍‌ସିଦ୍ଧ କରାଯାଉଛି । କ'ଣ ଏପରି ଘଟଣା ବର୍ତ୍ତମାନ ଯୁଗରେ ସୁସଭ୍ୟ ବୋଲାଉଥିବା ସମାଜରେ କେବେ ଘଟିଛି

ଯେ ଶତ୍ରୁସେନାର ଏକ ବିଶାଳ ପଶୁଦଳ ଯାହା ତାଙ୍କ ହାତ ମୁଠାକୁ ଆସି ଯାଇଥିବ, ସେମାନଙ୍କ ଦୁର୍ଗମଧ୍ୟରୁ ପଠାଇ ଦେବାର ଫଳ ସ୍ୱରୂପ ଶତ୍ରୁର ମାସ ମାସର ଖାଦ୍ୟ ବ୍ୟବସ୍ଥା କରାଇ ଦିଆଯିବ । ଯାହା ଉପରେ ନିର୍ଭର କରି ଏକ ଦୀର୍ଘ ଅବଧି ପର୍ଯ୍ୟନ୍ତ ଶତ୍ରୁ ଘେରାବନ୍ଦୀକୁ ଜାରି ରଖିବାର ସାମର୍ଥ୍ୟ ହାସଲ କରିପାରିବ । ଶତ୍ରୁର ଧନ ସମ୍ପତ୍ତି ସୁରକ୍ଷା ଜନିତ ଯେଉଁ ସାଧୁତା ଓ ସଚ୍ଚୋଟ ଆଚରଣ ମୁହମ୍ମଦ[ସଅ] ପ୍ରଦର୍ଶନ କରିଥିଲେ ତାହାର ପଟାନ୍ତର ନାହିଁ । ମହାଭାଗ ସେହି ଛାଗଳ ପଶୁଙ୍କୁ ଦୁର୍ଗ ମଧ୍ୟକୁ ଫେରାଇ ଦେଲେ, ଯଦ୍ୱାରା ଏପରି ଆଶଙ୍କା ଉପୁଜିବ ନାହିଁ ଯେ ସେହି ମୁସଲମାନମାନଙ୍କ ଧାର୍ମିକ ଆସ୍ଥା ଓ ନିଷ୍ଠାରେ କୌଣସି ଦୁର୍ବଳତା କାଳେ ଆସିଯିବ, ଯାହାଙ୍କ ଦାୟୀତ୍ୱରେ ସେହି ଛାଗଳ ପଶୁଙ୍କୁ ଛଡା ଯାଇଥିଲା ।

ତୃତୀୟ ଘଟଣାଟି ହେଉଛି ଯେ ଜଣେ ଇହୁଦି ମହିଳା ମୁହମ୍ମଦ[ସଅ]ଙ୍କ ଅନୁଚରଙ୍କୁ ପଚ୍ଚରିଲା 'ପଶୁମାଂସର କେଉଁ ଅଂଶ ମୁହମ୍ମଦ[ସଅ]ଙ୍କୁ ଅଧିକ ପସନ୍ଦ ?' ସେମାନେ ଉତ୍ତର ଦେଲେ 'ଛାଗଳର ଆଗ ଗୋଡର ମାଂସକୁ ସେ ପସନ୍ଦ କରନ୍ତି ।' ସେହି ସ୍ତ୍ରୀ ଲୋକଟି ଗୋଟିଏ ଛେଳି ଜବହା କରି ତା'ର ସମ୍ମୁଖ ଭାଗର ମାଂସକୁ ତତଲା ପଥରରେ ପୋଡି ସେଥିରେ ବିଷ ମିଶାଇ ଖାଦ୍ୟ ପ୍ରସ୍ତୁତ କଲା । ତାକୁ ଜଣାଥିଲା ଯେ ମହାଭାଗ ଛେଳିର ଆଗ ଗୋଡର ମାଂସକୁ ହିଁ ବେଶି ପସନ୍ଦ କରନ୍ତି । ସୂର୍ଯ୍ୟାସ୍ତ ପରେ ମହାଭାଗ ନମାଜ ସାରି ନିଜ ଘରକୁ ଯାଉଥିବା ବେଳେ ଦେଖିଲେ ଯେ ତାଙ୍କ ଶିବିର ନିକଟରେ ଜଣେ ସ୍ତ୍ରୀ ଲୋକ ବସିଛି । ମହାଭାଗ ପ୍ରଶ୍ନ କଲେ, 'ମାଆ ! ତୁମର ମୋ ନିକଟରେ କି କାର୍ଯ୍ୟ ଅଛି ?' ସେହି ସ୍ତ୍ରୀ ଲୋକଟି କହିଲା, 'ହେ କାଶିମ୍‌ର ପିତା ! ମୁଁ ତୁମକୁ ଭେଟି ଦେବା ପାଇଁ ଏକ ଦ୍ରବ୍ୟ ନେଇ ଆସିଛି ।' ଅଲ୍ଲାଃଙ୍କ ରସୁଲ ତାଙ୍କର ଜଣେ ଅନୁଚରଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେ ଯାହା ଦେବାକୁ କହୁଛି ତାହା ରଖିନିଅ । ଏହାପରେ ସେ ଖାଇବା ପାଇଁ ବସିବାରୁ ଭୋଜନରେ ସେହି ରନ୍ଧା ମାଂସର ଟିକା ମଧ୍ୟ ତାଙ୍କ ସମ୍ମୁଖରେ ପରସା ଗଲା । ମହାଭାଗ ସେଥିରୁ ଖଣ୍ଡେ ପାଟିରେ ପକାଇଲେ । ଏବଂ ଜଣେ ଅନୁଚର ବଶୀର ଇବ୍‌ନେ ଅଲ୍‌ବରା ବିନ ଅଲ୍‌ମା'ରୁର୍ ମଧ୍ୟ ଖଣ୍ଡେ ପାଟିରେ ପକାଇଲେ । ଏତିକି ବେଳେ ଅନ୍ୟ ସହଚରମାନେ ତାହା ଖାଇବାକୁ ହସ୍ତ ପ୍ରସାରଣ କରନ୍ତେ ମହାଭାଗ ବାରଣ କରି କହିଲେ, 'ଏହି ଦ୍ରବ୍ୟକୁ ଖାଅନାହିଁ, କାରଣ ଏହି ହାତ ଖଣ୍ଡିକ ମୋତେ ସୂଚନା ଦେଉଛି ଯେ ମାଂସରେ ବିଷ ମିଶା ଯାଇଛି ।' (ଏହାର ଅର୍ଥ ନୁହେଁ ଯେ ଏ ସମ୍ପର୍କରେ ତାଙ୍କୁ କୌଣସି ଦୈବିବାଣୀ ହୋଇଥିଲା । ଏହା ଏକ ଆରବୀୟ ଢଗ ଥିଲା, ଯାହାର ଅର୍ଥ ମାଂସକୁ ଚାଖିଲେ ଜଣା ପଡୁଛି ଯେ ଏଥିରେ ବିଷ ମିଶ୍ରଣ କରା ଯାଇଛି । ଯେପରି ପବିତ୍ର କୁରଆନରେ ବର୍ଣ୍ଣିତ ଅଲ୍ଲାଃଙ୍କ ପ୍ରେରିତ

ନବୀ ମୋସେସ ଏକ କାନ୍ଥକୁ ଲକ୍ଷ୍ୟ କରି ଦିନେ ଢଗ ମାଧ୍ୟମରେ କହିଥିଲେ ଯେ ଏହି କାନ୍ଥଟି ଭୁଷୁଡି ଯିବାକୁ ଚାହୁଁଛି । ଏହାର ଅର୍ଥ କାନ୍ଥଟି ପଡିଯିବାର ବହୁତ ସମ୍ଭାବନା ଅଛି । ଏଠାର ମଧ୍ୟ ସେହି ଅଭିପ୍ରାୟ ନୁହେଁ ଯେ ଛେଳିର ବାହୁ କହୁଛି । କିନ୍ତୁ ତାତ୍ପର୍ଯ୍ୟ ହେଉଛି ଯେ ମାଂସ ଚାଖିବାରୁ ମୋତେ ଜଣାପଡିଲା । ସୁତରାଂ ପରବର୍ତ୍ତୀ ବାକ୍ୟ ଏହି ଅର୍ଥକୁ ସ୍ପଷ୍ଟ କରି ଦେଉଛି । ଏହା ଉପରେ ଅନୁଚର ବଶୀର[ରଅ] କହିଲେ 'ଯେଉଁ ଈଶ୍ୱର ଆପଣଙ୍କୁ ମହାମହିମ କରିଛନ୍ତି, ତାଙ୍କର ଶପଥ କରି କହୁଛି ଯେ ମୋତେ ଆଭାସ ମିଳିଲା - ଏହି ଖାଦ୍ୟରେ ବିଷ ଅଛି । ମୋର ମନ କହୁଥିଲା ତାହାକୁ ମୁଁ ଫିଙ୍ଗି ଦେବି । କିନ୍ତୁ ପରକ୍ଷଣରେ ଚିନ୍ତା କଲି ଯଦି ମୁଁ ଏପରି କରିବି, ତା'ହେଲେ ଆପଣ ଖରାପ ଭାବିବେ ଓ ଆପଣଙ୍କ ଭୋଜନ ଅକାରଣ ହେବ । କିନ୍ତୁ ଯେତେବେଳେ ଆପଣ ସେ ମାଂସ ଟୁକୁଡାକୁ ଭକ୍ଷଣ କରିବାକୁ ଲାଗିଲେ ମୁଁ ମଧ୍ୟ ଆପଣଙ୍କୁ ଅନୁସରଣ କରି ତାକୁ ଗିଳିଦେଲି ।' ଯଦ୍ୟପି ମୋ ହୃଦୟରେ ସନ୍ଦେହ ଥିଲା ଯେ ଏଥିରେ ବିଷ ଅଛି ! ହାୟ ଅଲ୍ଲାଃଙ୍କ ରସୁଲ ଏହାକୁ ଖାଇ ନ ଥାଆନ୍ତେ କି ? ଏହି ଘଟଣାର କିଛି ସମୟ ପରେ ବଶୀରଙ୍କ ସ୍ୱାସ୍ଥ୍ୟ ଖରାପ ହେବାକୁ ଲାଗିଲା । କେତେକ ସୂତ୍ରରୁ ଜଣାପଡେ ଯେ ସେହି ଖୈବର ଠାରେ ହିଁ ତାଙ୍କର ମୃତ୍ୟୁ ହୋଇଗଲା । ଅନ୍ୟ କେତେକଙ୍କ କଥନ ଅନୁସାରେ ସେ କିଛି ଦିନ ଅସୁସ୍ଥ ରହିବା ପରେ ମୃତ୍ୟୁବରଣ କରିଥିଲେ । ମୁହମ୍ମଦ[ସଅ] ସେହି ମାଂସ ତରକାରୀର କିଛି ଅଂଶ ଏକ କୁକୁରକୁ ଫିଙ୍ଗି ଦେବାରୁ କୁକୁର ତାହା ଖାଇ ତୁରନ୍ତ ମରିଗଲା । ଏହି ଘଟଣା ପରେ ମୁହମ୍ମଦ[ସଅ] ସେହି ଇହୁଦି ସ୍ତ୍ରୀ ଲୋକକୁ ଡକାଇ ପଚାରିଲେ 'ତୁ କଣ ଏହି ଛେଳି ମାଂସରେ ବିଷ ମିଶାଇ ଥିଲୁ ?' ସେ କହିଲା 'ଏକଥା ଆପଣଙ୍କୁ କିଏ କହିଲା ?' ସେତେବେଳେ ମହାଭାଗଙ୍କ ହାତରେ ଛେଳିର ସେହି ମାଂସ ସିଝା ବାହୁ ଥିଲା । ସେ କହିଲେ 'ଏହି ହାତଟି ମୋତେ କହିଲା ।' ସେ ବୁଝିଗଲା ଯେ ତା'ର ରହସ୍ୟ ପଦାରେ ପଡି ଯାଇଛି । ତେଣୁ ମାଂସରେ ବିଷ ମିଶାଇ ଥିବା କଥା ସେ ମାନିଗଲା । ସେ ପ୍ରଶ୍ନ କଲେ ଏଭଳି 'କୁକାର୍ଯ୍ୟରେ ତୁ କ'ଣ ପାଇଁ ଲିପ୍ତ ହେଲୁ ?' ସେ ଉତ୍ତର ଦେଲା 'ମୋର ଗୋଷ୍ଠୀ ସହିତ ଆପଣ ଯୁଦ୍ଧ କରିବାରୁ ମୋର ପରିଜନମାନେ ଯୁଦ୍ଧରେ ନିହତ ହୋଇଛନ୍ତି । ଏଣୁ ମୋ ମନରେ ଏକ ଚିନ୍ତାର ଉଦ୍ରେକ ହେଲା ଯେ ଆପଣଙ୍କୁ ବିଷ ଦିଆଯାଇ ମାରି ଦେବା ଉପଯୁକ୍ତ ପ୍ରତିଶୋଧ ହେବ । ଯଦି ଆପଣଙ୍କର କାର୍ଯ୍ୟ ମାନବକୃତ ହୋଇଥିବ, ତେବେ ଆମକୁ ଆପଣମାନଙ୍କ ଠାରୁ ମୁକ୍ତି ମିଳିଯିବ । ଅର୍ଥାତ ଆପଣ ନିଶ୍ଚିତ ରୂପେ ମୃତ୍ୟୁବରଣ କରିବେ ଓ ଆମେ ଆଶ୍ୱସ୍ତିରେ ନିଶ୍ୱାସ ମାରିବୁ । କିନ୍ତୁ ଯଦି ପ୍ରକୃତରେ ଆପଣ ଅଲ୍ଲାଃଙ୍କ ନବୀ ହୋଇଥିବେ, ତା'ହେଲେ ଅଲ୍ଲାଃ ସ୍ୱୟଂ ଆପଣଙ୍କୁ ରକ୍ଷା କରିବେ ।' ଇହୁଦି ସ୍ତ୍ରୀଲୋକର

ଏକଥା ଶୁଣି ହଜରତ ମୁହମ୍ମଦ[ସଅ] ତାଙ୍କୁ କ୍ଷମା କରିଦେଲେ । (ଅସ୍‌ସିରତୁଲ୍ ହଲବିୟା, ତୃତୀୟ ଖଣ୍ଡ, ପୃଷ୍ଠା ୬୧)

ସେହି ନାରୀର ଆଚରିତ କର୍ମର ଶାସ୍ତି ନିଶ୍ଚିତ ରୂପେ ମୃତ୍ୟୁ ଦଣ୍ଡ ଥିଲା । କିନ୍ତୁ ତାକୁ କ୍ଷମା କରି ଦିଆଗଲା । ଏହି ଘଟଣା ଏହା ସ୍ପଷ୍ଟ ରୂପେ ପ୍ରକାଶ କରୁଛି ଯେ ସେ କିପରି ତାଙ୍କୁ ଜୀବନରୁ ମାରିବା ପାଇଁ ଉଦ୍ୟମ କରୁଥିବା ଅପରାଧି ତଥା ତାଙ୍କ ସାଥୀମାନଙ୍କୁ ହତ୍ୟା କରୁଥିବା ବ୍ୟକ୍ତିମାନଙ୍କୁ କ୍ଷମା କରି ଦେଉଥିଲେ । ପ୍ରକୃତରେ ସେହି ବ୍ୟକ୍ତିମାନଙ୍କୁ ସେହି ସମୟରେ ହିଁ ଶାସ୍ତି ଦେଉଥିଲେ । ଯେତେବେଳେ ତାଙ୍କର ହୃଦ୍‌ବୋଧ ହେଉଥିଲା ଯେ ଯଦି ସେହି ବ୍ୟକ୍ତି ଜୀବିତ ରହିବ, ତା'ହେଲେ ଭବିଷ୍ୟତରେ ଅନେକ ଉପଦ୍ରବ ଓ ରକ୍ତପାତ ସୃଷ୍ଟି କରିବ ।

# କା'ବାର ପରିକ୍ରମା

ମକ୍କାବାସୀମାନଙ୍କ ସହିତ ସନ୍ଧି ଅନୁସାରେ ମହାଭାଗ ହିଜରତର ସପ୍ତମ ବର୍ଷ ୬୨୯ ମସିହା ଫେବୃଆରୀ ମାସରେ କାବାର ପରିକ୍ରମା କରିବା ସକାଶେ ଦୁଇ ହଜାର ଅନୁଚରଙ୍କୁ ଧରି ମକ୍କା ଅଭିମୁଖେ ଯାତ୍ରା କଲେ । ଯେତେବେଳେ ମହାଭାଗ ମୁର୍‌ରଜ୍ ଜୁହ୍ରାନ୍ ଠାରେ ଯାଇ ପହଞ୍ଚିଲେ, ଯାହାକି ମକ୍କାରୁ ଅନତି ଦୂରରେ ରହିଥିଲା, ସେଠାରେ ସନ୍ଧିପତ୍ର ଅନୁଯାୟୀ ସମସ୍ତ ଓଜନିଆ ଅସ୍ତ୍ରଶସ୍ତ୍ର ତଥା କବଚ ଆଦି ଜମା କରିଦେଲେ । କେବଳ ମିଆଣରେ ବନ୍ଦ ତରବାରୀ ଧରି ନିଜର ଅନୁଚରମାନଙ୍କ ସହିତ ହରମ୍ ଦ୍ୱାରା ଆବଦ୍ଧ ପବିତ୍ର 'ଖାନା କା'ବା' (ମକ୍କା ସହରର ସେହି ନିର୍ଦ୍ଧାରିତ ସୀମା ଯାହା ମଧ୍ୟରେ କାହାକୁ ହତ୍ୟା କରିବା ନିଷିଦ୍ଧ) ମଧ୍ୟରେ ପ୍ରବେଶ କଲେ । ସାତବର୍ଷର ନିର୍ବାସନ ଦଣ୍ଡ ପରେ ମୁହାଜେରୀନ୍ (ପ୍ରବାସୀୟ ଶରଣାର୍ଥୀ)ମାନଙ୍କ ମକ୍କାରେ ପ୍ରବେଶ କରିବା ଏକ ସାଧାରଣ କଥା ନଥିଲା । ଏକ ପକ୍ଷରେ ସେମାନଙ୍କ ହୃଦୟ ଏକ ଦୀର୍ଘ ଅତ୍ୟାଚାରର କାହାଣୀକୁ ସ୍ମରଣ କରି ପ୍ରତିଶୋଧର ବହ୍ନିରେ ଜଳୁଥିଲା ତ ଅନ୍ୟ ପକ୍ଷେ ଅଲ୍ଲାଃଙ୍କ ଅଶେଷ କୃପା ଦ୍ୱାରା ସେମାନେ ଏକ ଦୀର୍ଘ ସମୟ ପରେ ପୁନଶ୍ଚ କା'ବାକୁ ପ୍ରଦକ୍ଷୀଣ କରିବାର ଯେଉଁ ସୁଯୋଗ ପାଇଛନ୍ତି, ସେଥିପାଇଁ ସେମାନେ ଖୁସିରେ ଉତ୍‌ଫୁଲ୍ଲ ମଧ୍ୟ ହେଉଥିଲେ । ସେତେବେଳେ ମକ୍କାବାସୀ ମକ୍କାରୁ ବାହାରି ନିକଟସ୍ଥ ପାହାଡ ଚୂଡା ଉପରେ ଛିଡା ହୋଇ ମୁସଲମାନମାନଙ୍କୁ ନିରୀକ୍ଷଣ କରୁଥିଲେ । ମୁସଲମାନମାନଙ୍କ ହୃଦୟ ଏକଥା ଖୋଲି କହିଦେବା ପାଇଁ ଚାହୁଁଥିଲା ଯେ ଅଲ୍ଲାଃ ପୁନଶ୍ଚ ସେମାନଙ୍କୁ ମକ୍କାରେ ପ୍ରବେଶ

କରିବା ପାଇଁ ସାମର୍ଥ୍ୟ ଦେଇଛନ୍ତି କି ନାହିଁ? ସୁତରାଂ ଅବ୍ଦୁଲ୍ଲାଃ ବିନ୍ ରାଓ୍ୱାହା[ରଅ] ଏ ସମ୍ପର୍କରେ ଏକ ବୀରତ୍ୱ ଗାଥାର ସଙ୍ଗୀତ ଗାନ କରିବା ଆରମ୍ଭ କରିଦେଲେ । କିନ୍ତୁ ଅଲ୍ଲାଃଙ୍କ ରସୁଲ୍ ତାଙ୍କୁ ସେଥିରୁ ନିବୃତ୍ତ କରି କହିଲେ, 'ଏପରି ଗୀତ ଗାଅ ନାହିଁ, ବରଂ ଏହା ଘୋଷଣା କର ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହେଁ । ସେହି ଅଲ୍ଲାଃ ହିଁ ନିଜର ରସୁଲ୍‌ଙ୍କୁ ସାହାଯ୍ୟ କରିଛନ୍ତି ଓ ମୁସଲମାନ୍ ବିଶ୍ୱାସକାରୀଙ୍କୁ ଅଧର୍ମର ଗର୍ଭରୁ ବାହାର କରି ସସମ୍ମାନେ ଉଚ୍ଚ ସ୍ଥାନରେ ଅବସ୍ଥାପିତ କରିଛନ୍ତି । ଏବଂ କେବଳ ସେହି ଅଲ୍ଲାଃ ହିଁ ସେମାନଙ୍କ ସମ୍ମୁଖରୁ ଶତ୍ରୁଙ୍କୁ ବିତାଡିତ କରିଛନ୍ତି ।' କାବାର ତଓ୍ୱାଫ୍ ପରେ ପରମ୍ପରା ଅନୁଯାୟୀ 'ସଫା ଏବଂ ମରୁଆ' ପାହାଡ ମଧ୍ୟରେ ଦୌଡିବା କାର୍ଯ୍ୟ ସମାପନ କରି ମୁହମ୍ମଦ[ସଅ] ନିଜ ଅନୁଚରମାନଙ୍କ ସହିତ ତିନିଦିନ ମକ୍କାରେ ଅବସ୍ଥାନ କଲେ । ଅବ୍‌ବାସ୍‌ଙ୍କ ପତ୍ନୀଙ୍କ ଭଉଣୀ ମୈମୁନା ଯିଏକି ଅନେକ ଦିନରୁ ସ୍ୱାମୀଙ୍କୁ ହରାଇ ବିଧବା ହୋଇ ରହିଥିଲେ ତାଙ୍କ ସହିତ ମୁହମ୍ମଦ[ଅସ]ଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିବା ପାଇଁ ଅବ୍‌ବାସ୍[ରଅ] ତାଙ୍କ ଶ୍ରୀଛାମୁରେ ଅନୁରୋଧ କରିଥିଲେ । ତହୁଁ ହଜରତ ମୁହମ୍ମଦ[ସଅ] ଅବ୍‌ବାସ୍‌ଙ୍କ ବିବାହ ପ୍ରସ୍ତାବକୁ ଗ୍ରହଣ କରିଥିଲେ । ଚତୁର୍ଥ ଦିନ ମକ୍କାବାସୀ ଜିଦ୍ ଧରି ବସିଲେ ଯେ ଚୁକ୍ତି ଅନୁସାରେ ବର୍ତ୍ତମାନ ମୁହମ୍ମଦ[ସଅ] ଓ ତାଙ୍କ ସାଥୀମାନେ ମକ୍କା ଛାଡି ଚାଲିଯିବା ଉଚିତ । ସୁତରାଂ ସେ ନିଜ ଅନୁଚରମାନଙ୍କୁ ତୁରନ୍ତ ମକ୍କାରୁ ମଦିନା ଚାଲି ଯିବା ପାଇଁ ନିର୍ଦ୍ଦେଶ ଦେଲେ । ମକ୍କାବାସୀଙ୍କ ଭାବନାକୁ ଦୃଷ୍ଟିରେ ରଖି ନିଜର ନବ ବିବାହିତା ପତ୍ନୀଙ୍କୁ ମଧ୍ୟ ଛାଡି ଦେଇ ମକ୍କାରୁ ପ୍ରସ୍ଥାନ କରିବା ପାଇଁ ମୁହମ୍ମଦ[ସଅ] ପ୍ରସ୍ତୁତ ହୋଇଗଲେ । ପରେ ସୁବିଧା ଦେଖି ଯାତ୍ରା ଅନୁକୂଳ ହେଲେ ନିଜର ପତ୍ନୀ ଓ ତାଙ୍କର ଆସବାବ ପତ୍ର ସହିତ ଆସିବାର ବ୍ୟବସ୍ଥା କରାଗଲା । ସ୍ୱୟଂ କା'ବା ପୀଠ 'ହରମ'ର ସୀମାରୁ ବାହାରି ଚାଲିଗଲେ । ଏବଂ ସେହିଠାରେ ସନ୍ଧ୍ୟା ପରେ ପରେ ପତ୍ନୀ ମୈମୁନାଙ୍କୁ ତାଙ୍କ ନିକଟରେ ପହଞ୍ଚାଇ ଦିଆଗଲା । ସେହି ଅରଣ୍ୟରେ ହିଁ ପ୍ରଥମ ରାତ୍ରୀଟି ହଜରତ ମୈମୁନା ରସୁଲୁଲ୍ଲାଃଙ୍କ ସେବାରେ ମିଳିତ ହୋଇଥିଲେ ।

## ମୁହମ୍ମଦ[ସଅ]ଙ୍କ ବହୁପତ୍ନୀ ବିବାହ ଉପରେ ଆରୋପର ଉତ୍ତର

ଉପରୋକ୍ତ ବୈବାହିକ ଜୀବନ ସଂପର୍କୀୟ ଘଟଣା ଏପରି ଘଟଣା ନୁହେଁ ଯାହାର ବର୍ଣ୍ଣନା ଏହି ସଂକ୍ଷିପ୍ତ ଜୀବନୀ ପୁସ୍ତକରେ କରାଯିବ, ଯେଉଁ ପ୍ରକାର ଜୀବନ ଚରିତ ମୁଁ ଏହି ସମୟରେ ଲେଖୁଛି । କିନ୍ତୁ ଘଟଣାର ଏପରି ବିଶେଷ ଦିଗ ରହିଛି,

ଯାହା ଏପରି ସାଧାରଣ ବିବାହ ଘଟଣାକୁ ଏଠାରେ ଲେଖିବା ପାଇଁ ମୋତେ ବାଧ କରୁଛି । ତାହା ହେଉଛି ଯେ ବହୁପତ୍ନୀ ରଖିବାକୁ ନେଇ ଯେଉଁ ସମାଲୋଚନା ମୁହମ୍ମଦ ରସୁଲଲାଃ[ସଅ]ଙ୍କ ସମ୍ବନ୍ଧରେ କରାଯାଉଛି ଯେ ଏହି ବହୁ ବିବାହ ପଛରେ ତାଙ୍କ କାମ ବାସନା (ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଛୁ) ଚରିତାର୍ଥ କରିବା ଥିଲା ଓ ତାହା ଭୋଗ ବିଳାସ ଉପରେ ଆଧାରିତ ଥିଲା ଇତ୍ୟାଦି ତାଙ୍କ ଚରିତ୍ର ସଂହାର କରୁଛି । ଯେବେ ଆମେ ତାଙ୍କ ସହିତ ତାଙ୍କ ପତ୍ନୀମାନଙ୍କ ନିବିଡତା, ପ୍ରେମ ଓ ସହଚର୍ଯ୍ୟକୁ ଦେଖୁଛୁ, ଏହା ସ୍ୱୀକାର କରିବାକୁ ବାଧ ହେଉଛୁ ଯେ ତାଙ୍କର ବୈବାହିକ ସଂପର୍କ ଏପରି ପବିତ୍ର, ନିଃସ୍ୱାର୍ଥପର ତଥା ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ଥିଲା ଯେ କୌଣସି ଏକ ପତ୍ନୀବ୍ରତ ପୁରୁଷର ନିଜ ପତ୍ନୀ ସହିତ ଏପରି ସମ୍ପର୍କ କଦାପି ହୋଇ ପାରିବ ନାହିଁ । ଯଦି ସେହି ସମ୍ବନ୍ଧ ଭୋଗ ବିଳାସ ପାଇଁ ହୋଇଥାନ୍ତା, ତା'ହେଲେ ଏହାର ପରିଣାମରେ ନିଶ୍ଚିତ ରୂପେ ତାଙ୍କ ପତ୍ନୀମାନଙ୍କ ହୃଦୟ କୌଣସି ଆଧ୍ୟାତ୍ମିକତା ଭାବନା ଦ୍ୱାରା ପ୍ରଭାବିତ ହୋଇ ନ ଥାନ୍ତା ଓ ସେମାନେ ଭଗବତ୍ ପ୍ରେମରେ ଉଦବୁଦ୍ଧ ହୋଇ ନଥାନ୍ତେ । ମୁହମ୍ମଦ[ସଅ]ଙ୍କ ମୃତ୍ୟୁ ପରବର୍ତ୍ତୀ ଘଟଣାଗୁଡିକ ସେହି ଅନାବିଳ ଶ୍ରଦ୍ଧା ଓ ଭକ୍ତିଭାବର ସ୍ପଷ୍ଟ ପ୍ରମାଣ ଦିଏ । ଉଦାହରଣ ସ୍ୱରୂପ ଏକ ଛୋଟ ଘଟଣା ଯେଉଁ ପରିସ୍ଥିତିରେ ମହାଭାଗଙ୍କ ପ୍ରଥମ ମିଳନ ମୈମୁନାଙ୍କ ସହିତ ହରମର ବାହାରେ ଅରଣ୍ୟ ମଧ୍ୟରେ ଥିବା ଶିବିରରେ ହୋଇଥିଲା । ଯଦି ତାଙ୍କ ସହିତ ରସୁଲୁଲ୍ଲାଃଙ୍କ ସଂବନ୍ଧ କୌଣସି ଶାରୀରିକ ସଂପର୍କ ହୋଇଥାନ୍ତା ଏବଂ ଯଦି ସେ ଅନ୍ୟ ପତ୍ନୀମାନଙ୍କୁ ମୈମୁନାଙ୍କ ଅପେକ୍ଷା ଅଧିକ ପ୍ରାଧାନ୍ୟ ଦେଇଥାନ୍ତେ, ତା'ହେଲେ ମୈମୁନା ଏହି ଘଟଣାକୁ ନିଜ ଜୀବନର କୌଣସି ସୁଖଦ ଘଟଣା ଭାବି ନ ଥାନ୍ତେ । ବରଂ ସେ ଜଙ୍ଗଲ ସ୍ଥାନରେ ମିଳନକୁ ଏକ ମସ୍ତବଡ ଭୁଲ ବୋଲି ଭାବି ନିଜ ସ୍ମୃତିପଟରୁ ଲିଭାଇବା ପାଇଁ ପ୍ରୟାସ କରିଥାନ୍ତେ । କିନ୍ତୁ ମୈମୁନା[ରଅ] ହଜରତ ମୁହମ୍ମଦ[ସଅ]ଙ୍କ ମୃତ୍ୟୁର ପଚାଶ ବର୍ଷ ପର୍ଯ୍ୟନ୍ତ ଜୀବିତ ଥିଲେ । ଅଶି ବର୍ଷ ବୟସରେ ହିଁ ତାଙ୍କର ଦେହାନ୍ତ ହୋଇଥିଲା । କିନ୍ତୁ ଏହି ସମ୍ବନ୍ଧକୁ ସେ ଜୀବନ ସାରା ଭୁଲି ପାରି ନଥିଲେ । ଅଶି ବର୍ଷର ପରିଣତ ବୟସରେ ମନୁଷ୍ୟର ଯୌବନ ଶାନ୍ତ ହୋଇଥାଏ ଓ ସେ ନିଜର ସମସ୍ତ ପ୍ରକାର ଦୈହିକ ସୁଖକୁ ପାଶୋରି ଦେଇଥାଏ । କିନ୍ତୁ ମୁହମ୍ମଦ[ସଅ]ଙ୍କ ନିଧନ ପରେ ପଚାଶ ବର୍ଷର ଏକ ପର୍ଯ୍ୟାପ୍ତ ଆୟୁ ଲାଭ କରିଥିବା ମୈମୁନା ସେହି ଦିନଟିକୁ ଆଜୀବନ ମନେ ରଖିଥିଲେ । ଏବଂ ନିଜର ଆଖପାଖର ଲୋକମାନଙ୍କୁ ଅନୁରୋଧ ପୂର୍ବକ ନିଜର ଅନ୍ତିମ ଇଚ୍ଛା ବ୍ୟକ୍ତ କରିଥିଲେ ଯେ ଯଦି ମୁଁ ମରିଯାଏ, ତା'ହେଲେ ମକ୍କା ବାହାରେ ଏକ କୋଶ ଦୂରରେ ଥିବା ସେହି ସ୍ଥାନ, ଯେଉଁଠାରେ ମୋର ପ୍ରିୟତମ ମୁହମ୍ମଦ[ସଅ]ଙ୍କ ଶିବିର ଥିଲା ଓ

ଯେଉଁଠାରେ ତାଙ୍କ ସହିତ ମୋତେ ପ୍ରଥମ ଥର ମିଳନ ପାଇଁ ଉପସ୍ଥିତ କରା ଯାଇଥିଲା, ସେହିଠାରେ ହିଁ ମୋର କବର ନିର୍ମାଣ କରାଯାଉ ଓ ମୋତେ ତହିଁରେ ସମାଧି ଦିଆଯାଉ ।'(ଅସ୍ ସିରତୁଲ୍ ହଲବିୟା, ତୃତୀୟ ଖଣ୍ଡ, ପୃଷ୍ଠା ୭୩)

ସଂସାରରେ ସତ୍ୟ ଉପରେ ଆଧାରିତ ଅଦ୍ଭୁତ ଘଟଣାସବୁ ଦେଖିବାକୁ ମିଳିଥାଏ ଏବଂ ବହୁ କପୋଳ କଳ୍ପିତ କାହାଣୀ ମଧ୍ୟ ଶୁଣିବାକୁ ମିଳିଥାଏ । ସେହି ଦୁଇ ପ୍ରକାର ଘଟଣା ମଧ୍ୟରୁ କ'ଣ ଏମିତି କୌଣସି ବିଶୁଦ୍ଧ ମିଳନର ଗାଥା, ଏହାଠାରୁ ବଳି ଅଗାଧ ପ୍ରେମର ଏପରି ପ୍ରଭାବଶାଳୀ ଦୃଷ୍ଟାନ୍ତ ପ୍ରସ୍ତୁତ କରାଯାଇ ପାରେ ?

## ଖାଲିଦ୍ ବିନ୍ ଓ୍ୱଲିଦ୍ ଓ ଉମ୍‌ର ବିନ୍ ଅଲ୍ ଆସଙ୍କ ଇସଲାମ୍ ଗ୍ରହଣ

ପବିତ୍ର କା'ବା ପରିଦର୍ଶନରୁ ପ୍ରତ୍ୟାବର୍ତ୍ତନ ପରେ ଅତି ଶୀଘ୍ର ଦୁଇଜଣ ଏପରି ବ୍ୟକ୍ତି ଇସଲାମ୍ ଧର୍ମ ଗ୍ରହଣ କଲେ, ଯେଉଁମାନେ ଆରମ୍ଭରୁ ହିଁ ଇସଲାମ ବିରୁଦ୍ଧରେ ମକ୍କାର ବିଧର୍ମୀମାନଙ୍କର ଦୁର୍ଦ୍ଧର୍ଷ ସେନାପତି ଭାବେ ପରିଚିତ ଥିଲେ । କିନ୍ତୁ ଇସଲାମ୍ ଧର୍ମ ଗ୍ରହଣ କରିବା ପରେ ସେମାନେ ଇସଲାମ ଇତିହାସରେ ଏପରି ପ୍ରସିଦ୍ଧ ସେନାପତି ରୂପେ ଖ୍ୟାତି ଅର୍ଜନ କଲେ, ଯାହାଙ୍କ ନାମ ବିସ୍ମୃତ କରାଯାଇ ପାରିବ ନାହିଁ । ସେମାନେ ଦୁଇଜଣ ହେଲେ ଖାଲିଦ୍ ବିନ୍ ଓ୍ୱଲିଦ୍ ଯିଏ ପରବର୍ତ୍ତି ସମୟରେ ରୋମ ସାମ୍ରାଜ୍ୟର ମୂଳଦୂଆକୁ ଦୋହଲାଇ ଦେଇଥିଲେ ଏବଂ ଦେଶ ପରେ ଦେଶ ବିଜୟ ଲାଭ କରି ଇସଲାମ୍ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ କରାଇଥିଲେ । ଦ୍ୱିତୀୟତଃ ଉମର ବିନ୍ ଆଲ ଆସ୍ ମିଶର ଜୟ କରି ଇସଲାମୀୟ ଶାସନଭୁକ୍ତ କରିଥିଲେ ।

## ମୌତଃ ଯୁଦ୍ଧ

ଯେତେବେଳେ କା'ବାରୁ ଦର୍ଶନ ସାରି ମହାଭାଗ ମଦିନା ଆସିଲେ ତାଙ୍କୁ ଖବର ପ୍ରାପ୍ତ ହେଲା ଯେ ସିରିୟା ଦେଶର ସୀମାନ୍ତବର୍ତ୍ତୀ ଇଲାକାରେ ଥିବା ଖ୍ରୀଷ୍ଟିୟାନ ଗୋଷ୍ଠୀ, ଆରବର ଇହୁଦି ଓ ଅମାନ୍ୟକାରୀଙ୍କ ପ୍ରରୋଚନାରେ ପଡି ମୁସଲମାନମାନଙ୍କ ବିରୁଦ୍ଧରେ ଆକ୍ରମଣ କରିବା ସକାଶେ ପ୍ରସ୍ତୁତ ହେଉଛନ୍ତି । ଏହି ସମାଚାର କେତେ ଦୂର ସତ୍ୟ, ତାହା ଜାଣିବା ପାଇଁ ମହାଭାଗ ପନ୍ଦର ଜଣ ବ୍ୟକ୍ତିଙ୍କୁ ସିରିୟାର ସୀମାନ୍ତ ଅଞ୍ଚଳକୁ ପ୍ରେରଣ କଲେ । ସେମାନେ ସେଠାରେ ପହଞ୍ଚି ଦେଖିଲେ ଯେ ଗୋଟିଏ ସୈନ୍ୟ ସମାବେଶ ସଂଗଠିତ ହେବାରେ ଲାଗିଛି । ଏହି ସୂଚନା ଦେବା

ପାଇଁ ଫେରି ଆସିବା ପରିବର୍ତ୍ତେ ସେମାନେ ଉତ୍ସାହିତ ହୋଇ ଇସଲାମର ପ୍ରଚାର କାର୍ଯ୍ୟରେ ଲାଗି ପଡିଲେ । ସେ ସମୟରେ ଧର୍ମ ପ୍ରଚାର କରିବା ପ୍ରକୃତ ବିଶ୍ୱାସକାରୀଙ୍କ ପ୍ରଧାନ କର୍ତ୍ତବ୍ୟ ବୋଲି ମନେ କରାଯାଉଥିଲା । ସୁତରାଂ ଭାବାବେଗରେ ଆସି ସେମାନେ ଅତ୍ୟନ୍ତ ସାହାସର ସହିତ ସେହି ସୀମାବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଧର୍ମଶିକ୍ଷା ଦେବାରେ ଲାଗିଲେ । କିନ୍ତୁ ଯେଉଁ ଲୋକମାନେ ଶତ୍ରୁ ଷଡଯନ୍ତ୍ରର ପ୍ରରୋଚନାରେ ପଡି ହଜରତ ମୁହମ୍ମଦ[ସଅ]ଙ୍କ ଦେଶ ଉପରେ ଆକ୍ରମଣ କରି ତାହା ଉପରେ ବିଜୟପ୍ରାପ୍ତ କରିବାର ଅଭିଳାଷ ରଖିଛନ୍ତି, ସେମାନେ ଧର୍ମଶିକ୍ଷା ଦ୍ୱାରା କଣ ପ୍ରଭାବିତ ହେବେ ? ସେହି ବ୍ୟକ୍ତିମାନେ ଯେଉଁ କ୍ଷଣି ପ୍ରଚାର ଆରମ୍ଭ କରି ଦେଇଛନ୍ତି, ସେଠାକାର ସୈନ୍ୟମାନେ ଚାରିପଟୁ ଘେରି ଯାଇ ତୀର କମାଣ ବର୍ଷା କଲେ । ଯେତେବେଳେ ସେହି ମୁସଲମାନ ଦେଖିଲେ ଯେ ଆମ ପ୍ରଚାରର ଉତ୍ତରରେ ତର୍କ ଓ ପ୍ରମାଣ ପ୍ରସ୍ତୁତ କରିବା ପରିବର୍ତ୍ତେ ତୀର ଫିଙ୍ଗୁଛନ୍ତି, ସେମାନେ ଆଉ ପଛଘୁଞ୍ଚା ଦେଲେ ନାହିଁ । ଏହି ଶତ ସହସ୍ର ଆକ୍ରମଣକାରୀଙ୍କ ଭିଡ ମଧ୍ୟରେ ମାତ୍ର ପନ୍ଦର ଜଣ ଲୋକ ନିଜ ଜୀବନ ରକ୍ଷା କରିବା ପାଇଁ କୌଣସି ଉଦ୍ୟମ ନ କରି ଶତାଧିକ ଶତ୍ରୁ ସୈନ୍ୟଙ୍କ ବିପକ୍ଷରେ ବୀରତ୍ୱର ସହିତ ମୁକାବିଲା କରି ସେହି ସ୍ଥାନରେ ହିଁ ପ୍ରାଣ ବିସର୍ଜନ କରିଥିଲେ । ହଜରତ ମୁହମ୍ମଦ[ସଅ]ଙ୍କୁ ଏହି ଦୁଃସମ୍ବାଦ ପହଞ୍ଚିବାରୁ ସେ ହତ୍ୟାକାରୀମାନଙ୍କୁ ଶାସ୍ତି ଦେବା ପାଇଁ ଅଧିକ ସଂଖ୍ୟକ ସୈନ୍ୟ ପଠାଇବାକୁ ଚାହୁଁଥିଲେ । ମାତ୍ର ଖବର ମିଳିଲା ଯେ ସେମାନେ ଇତଃସ୍ତତ ହୋଇ ପଳାୟନ କରିଛନ୍ତି । ତେଣୁ ସେ କିଛି ସମୟ ପାଇଁ ଏହି ଅଭିଯାନକୁ ସ୍ଥଗିତ ରଖିଲେ ।

ଗସସାନ ଗୋଷ୍ଠୀର ମୁଖ୍ୟ ଭାବରେ ରୋମାନ୍ ସାମ୍ରାଜ୍ୟଭୁକ୍ତ ବାସ୍ରାର ଅଧିକାରୀଙ୍କ ଉଦ୍ଦେଶ୍ୟରେ ମୁହମ୍ମଦ[ସଅ] ଏକ ପତ୍ର ଲେଖିଲେ । ସମ୍ଭବତଃ ଉକ୍ତ ପତ୍ରରେ ଉପରୋକ୍ତ ଘଟଣାର ଅଭିଯୋଗ ରହିଥିଲା ଯେ ସିରିୟା ସୀମାବର୍ତ୍ତୀ କେତେକ ଖ୍ରୀଷ୍ଟିୟାନ ଗୋଷ୍ଠୀଙ୍କ ଦ୍ୱାରା ପନ୍ଦର ଜଣ ମୁସଲମାନଙ୍କୁ ଜଘନ୍ୟ ଭାବରେ ହତ୍ୟା ତଥା ଇସ୍‌ଲାମୀୟ କ୍ଷେତ୍ର ଉପରେ ଆକ୍ରମଣ କରିବା ଯୋଜନା କରାଯଇଛି । ଏହି ପତ୍ରଟି ଅଲ୍ ହରସ୍ ନାମକ ଜଣେ ବିଶ୍ୱସ୍ତ ଅନୁଚରଙ୍କ ହାତରେ ଦିଆଯାଇଥିଲା । ଅଲ୍ ହରସ୍ ସିରିୟା ଅଭିମୁଖେ ଯାତ୍ରା କରୁଥିବା ସମୟରେ ମୌତଃ ନାମକ ଏକ ସ୍ଥାନରେ ପହଞ୍ଚିଲେ, ଯେଉଁଠାରେ ଗସ୍‌ସାନ୍ କବିଲାର ସର୍ଜିଲ ନାମକ ଜଣେ ଦଳପତି ଦେଶ ଦ୍ୱାରା ନିଯୁକ୍ତ ଅଧିକାରୀମାନଙ୍କ ଦଳ ମଧ୍ୟରୁ ଥିଲା, ତାର ଅଲ୍ ହରସ୍‌ଙ୍କ ସହିତ ଦେଖାହେଲା । ସେ ପ୍ରଶ୍ନ କଲା, 'ତୁମେ କୁଆଡେ ଯାଉଛ ? ବୋଧହୁଏ ତୁମେ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ସନ୍ଦେଶ ବାହକ ।' ସେ କହିଲେ 'ହଁ ।' ବାସ୍ ସେତିକିରେ

ସର୍ଜିଲ ତାଙ୍କୁ ଗିରଫ କରି ଶକ୍ତ ଦଉଡିରେ ବାନ୍ଧି ପିଟି ପିଟି ଶେଷରେ ମାରିଦେଲା । ଅବଶ୍ୟ ଏ ବିଷୟରେ ଇତିହାସ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରୁନାହିଁ ସତ, ତଥାପି ଏହି ଘଟଣା ଉପରୋକ୍ତ ବିଷୟ ଉପରେ ଆଲୋକପାତ କରେ ଯେ ଯେଉଁ ସେନା ଏଥି ପୂର୍ବରୁ ପନ୍ଦର ଜଣ ନିରୀହ ଅନୁଚରଙ୍କୁ ହତ୍ୟା କରିଥିଲେ, ସେହି ବ୍ୟକ୍ତି ବୋଧହୁଏ ସେହି ଦଳର ଜଣେ ଦଳପତି ହୋଇ ଥାଇ ପାରନ୍ତି । ତେଣୁ ସେ ଏପରି ପ୍ରଶ୍ନ କରିବା ଯେ ତୁମେ ହଜରତ ମୁହମ୍ମଦ[ସଅ] ଙ୍କ ସନ୍ଦେଶ ବାହକ ହୋଇଥିବା କଥା ସେହି ଆଡକୁ ସଂକେତ ଦିଏ ଯେ ସେଥିରେ ତା'ର ଭୟ ରହିଥିଲା କାଳେ ମୁହମ୍ମଦ ରସୁଲୁଲ୍ଲାଃ ରୋମ୍‌ର ସମ୍ରାଟଙ୍କ ନିକଟରେ ଅଭିଯୋଗ କରିବେ ଯେ ତୁମ ରାଜ୍ୟର ଲୋକ ଆମ ରାଜ୍ୟର ଲୋକଙ୍କ ଉପରେ ଆକ୍ରମଣ କରୁଛନ୍ତି । ତେଣୁ ତାଙ୍କ ବିରୁଦ୍ଧରେ ଅଯଥା ତଦନ୍ତ ହେବ । ସୁତରାଂ ସେ ନିଜ ହିତପାଇଁ ସେହି ଦୂତଙ୍କୁ ମୂଳରୁ ମାରିଦେଲେ ଆଉ ବାର୍ତ୍ତା ପହଞ୍ଚି ପାରିବ ନାହିଁ କି ତଦନ୍ତ ହେବ ନାହିଁ । ମାତ୍ର ତାର ଏହି ହୀନ ଭାବନାକୁ ପୂରଣ କରିବାକୁ ଦିଆଗଲା ନାହିଁ ଏବଂ ହଜରତ ମୁହମ୍ମଦ[ସଅ] ଙ୍କୁ କୌଣସି ନା କୌଣସି ସୂତ୍ରରୁ ହରସ୍‌ଙ୍କୁ ହୋଇଥିବା ଜଘନ୍ୟ ହତ୍ୟାକାଣ୍ଡର ଖବର ମିଳିଗଲା । ମହାଭାଗ ଏହାର ପୂର୍ବବର୍ତ୍ତୀ ଘଟଣା ଓ ବର୍ତ୍ତମାନର ଏହି ଘଟଣାକୁ ଦୃଷ୍ଟିରେ ରଖି ଅପରାଧିମାନଙ୍କୁ ଶାସ୍ତି ଦେବା ସକାଶେ ତିନି ହଜାର ସୈନ୍ୟ ପ୍ରସ୍ତୁତ କରି ଜୈଦ୍ ବିନ୍ ହାରିଶ (ଯିଏ କି ଦାସତ୍ୱରୁ ମୁକ୍ତ ଥିଲେ) ଏବଂ ଯାହାଙ୍କ ବିଷୟରେ ମକ୍କା ଜୀବନ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି, ତାଙ୍କ ନେତୃତ୍ୱରେ ସିରିଆ ଅଭିମୁଖେ ପ୍ରେରଣ କରିଥିଲେ । ଏହା ନିର୍ଦ୍ଦେଶ ଥିଲା, 'ଜୈଦ୍ ବିନ୍ ହାରିଶ ସୈନ୍ୟବାହିନୀର ସେନାପତି ଦାୟୀତ୍ୱ ତୁଲାଇବେ ଏବଂ ଯୁଦ୍ଧଭୂମିରେ ତାଙ୍କର ମୃତ୍ୟୁ ଘଟିଲେ ତାଙ୍କ ଅନ୍ତେ ଜାଫର୍ ବିନ୍ ଅବୁ ତାଲିବ୍ ଓ ତାଙ୍କ ଅନ୍ତେ ଅବ୍ଦୁଲ୍ଲାଃ ବିନ୍ ରାଓ୍ବାହା ସେନାପତି ହେବେ । ଯଦି ତାଙ୍କର ମଧ ମୃତ୍ୟୁ ହୋଇଯାଏ, ତା'ହେଲେ ମୁସ୍‌ଲିମ୍ ସୈନ୍ୟମାନେ ଆପଣା ମଧ୍ୟରୁ ଜଣେ ସେନାପତି ଚୟନ କରିବେ ।' ସୁତରାଂ ତାଙ୍କ ଗହଣରେ ବସିଥିବା ଜନୈକ ଇହୁଦି କହି ଉଠିଲା 'ହେ କାଶିମ୍‌ର ପିତା (ଅବୁ କାଶିମ) ! ଯଦି ତୁମେ ପ୍ରକୃତରେ ସତ୍ୟବାଦୀ ତାହାହେଲେ ଏହି ତିନିଜଣ ଲୋକ ନିଶ୍ଚିତ ମୃତ୍ୟୁ ମୁଖରେ ପଡିବେ । କାରଣ ଅଲ୍ଲାଃ ନିଜ ନବୀଙ୍କ ମୁଖନିଃସୃତ ବାଣୀକୁ ଅବଶ୍ୟ ପୂରଣ କରିଥାନ୍ତି । ସେ ଇହୁଦି ଜଣକ ଜୈଦ୍‌ଙ୍କ ଆଡକୁ ସମ୍ବୋଧିତ କରି କହିଲା 'ମୁଁ ତୁମକୁ ନିରାଟ ସତକଥା କହୁଛି ଯେ ଯଦି ହଜରତ ମୁହମ୍ମଦ[ସଅ] ଅଲ୍ଲାଃଙ୍କ ତରଫରୁ ସତ୍ୟ ନବୀ ହୋଇଥିବେ, ତାହାହେଲେ ତୁମେ କେବେହେଲେ ଜୀବିତ ହୋଇ ଫେରିବ ନାହିଁ ।' ଜୈଦ ଉତ୍ତର ଦେଲେ 'ମୁଁ ଫେରେ କି ନ ଫେରେ କିନ୍ତୁ ମୁହମ୍ମଦ[ସଅ] ଅଲ୍ଲାଃଙ୍କ ପ୍ରେରିତ ସତ୍ୟ ନବୀ ।'

ତା'ପରେ ପ୍ରାତଃ କାଳରେ ସେନାବାହିନୀର ଯୁଦ୍ଧ ଅଭିଯାନ ଆରମ୍ଭ ହେଲା । ମହାଭାଗ ଓ ତାଙ୍କ ଅନୁଚରମାନେ ସୈନ୍ୟବାହିନୀଙ୍କୁ ବିଦାୟ ଦେବାକୁ କିଛି ବାଟ ଗଲେ । ମୁହମ୍ମଦ[ସଅ] ତାଙ୍କ ନେତୃତ୍ୱ ବିନା ନିଜ ଜୀବନ କାଳରେ କେବେ କୌଣସି ମହତ୍ୱପୂର୍ଣ୍ଣ କାର୍ଯ୍ୟପାଇଁ ଏଭଳି ବିଶାଳ ସେନାବାହିନୀଙ୍କ ନେତୃତ୍ୱ ଅନ୍ୟ କୌଣସି ମୁସଲମାନ ସେନାପତିଙ୍କୁ ଅର୍ପଣ କରି ନଥିଲେ । ଶେଷରେ ମଦିନାର ଉପକଣ୍ଠରେ ପହଞ୍ଚି ଯେଉଁ ସ୍ଥାନରେ ମଦିନାର ଅତିଥିମାନଙ୍କୁ ବିଦାୟ ଜଣାଇଥାନ୍ତି, ସେଠାରେ ଛିଡାହୋଇ କହିଲେ 'ମୁଁ ତୁମମାନଙ୍କୁ ଅଲ୍ଲାଃଙ୍କ ପ୍ରତି ଭୟ ଓ ସଂଯମତାର ଉପଦେଶ ଦେଉଛି । ଏବଂ ତୁମ ସହିତ ଯେତେ ସଂଖ୍ୟାରେ ମୁସଲମାନ ଅଛନ୍ତି, ସେମାନଙ୍କ ସହିତ ସଦ୍ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଉଛି । ତୁମେ ଅଲ୍ଲାଃଙ୍କ ନାମନେଇ ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ । ଏବଂ ତୁମର ଓ ଈଶ୍ୱରଙ୍କ ଯେଉଁ ଶତ୍ରୁମାନେ ସିରିୟାରେ ଅଛନ୍ତି, ତାଙ୍କ ସହିତ ଯୁଦ୍ଧ କର । ତୁମେ ସିରିୟାରେ ପ୍ରବେଶ କଲେ କେତେକ ଲୋକ ଦେବାଳୟରେ ବସି ପ୍ରଭୁଙ୍କ ନାମ ଜପ କରୁଥିବାର ଦେଖିବ । ତୁମେ ସେଭଳି ଲୋକଙ୍କ ସହିତ କଳହ କରିବ ନାହିଁ କି ସେମାନଙ୍କର କୌଣସି ପ୍ରକାରର କ୍ଷତି ସାଧନ କରିବ ନାହିଁ । ତୁମେମାନେ ଶତ୍ରୁ ଦେଶର କୌଣସି ନାରୀଙ୍କୁ ବଧ କରିବ ନାହିଁ । କୌଣସି ଅନ୍ଧ ଲୋକକୁ ମାରିବ ନାହିଁ । କୌଣସି ବୃଦ୍ଧ ଲୋକକୁ ମାରିବ ନାହିଁ । କୌଣସି ବୃକ୍ଷକୁ କାଟିବ ନାହିଁ ବା କୌଣସି କୋଠାବାଡିକୁ ଭାଙ୍ଗିବ ନାହିଁ ।' ଏହିପରି ଉପଦେଶ ଦେଇ ସେ ମଦିନା ଫେରି ଆସିଲେ । ଏବଂ ଇସ୍‌ଲାମୀୟ ସେନାବାହିନୀ ସିରିୟା ଅଭିମୁଖେ ଚାଲିଗଲା । ଏହା ପ୍ରଥମ ସେନା ଥିଲା ଯାହା ଖ୍ରୀଷ୍ଟିୟାନମାନଙ୍କ ମୁକାବିଲା କରିବା ପାଇଁ ଯୁଦ୍ଧ ଅଭିଯାନରେ ବାହାରିଥିଲା । ଯେତେବେଳେ ଏହି ସେନା ସିରିୟାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପହଞ୍ଚିଲା, ସେତେବେଳେ ଜଣାପଡିଲା ଯେ ରୋମ ସମ୍ରାଟ ସ୍ୱୟଂ ଏକ ଲକ୍ଷ ସୈନ୍ୟଙ୍କ ସହିତ ସେଠାରେ ଉପସ୍ଥିତ ଅଛନ୍ତି ଏବଂ ତା' ସହିତ କେତେକ ଆରବୀୟ ଖ୍ରୀଷ୍ଟିୟାନ ଗୋଷ୍ଠୀ ସେହି ସେନାବାହିନୀରେ ସାମିଲ ହୋଇଛନ୍ତି । ମୁସଲ୍‌ମାନମାନେ ଏହା ଦେଖି ସ୍ଥିରକଲେ ଯେ ସେ ସେହି ବାଟରେ ହିଁ ଶିବିର ପକାଇ ଅଲାଃଙ୍କ ବାର୍ତ୍ତାବହଙ୍କୁ ଅଧିକ ସୈନ୍ୟ ପଠାଇବା ପାଇଁ ସୂଚନା କିମ୍ବା ଏଥିପାଇଁ ଅତିରିକ୍ତ ନିର୍ଦ୍ଦେଶକୁ ଅପେକ୍ଷା କରାଯିବ । ଏହିପରି ବିଗ୍ଭର ବିମର୍ଷ ଗ୍ଭଲିଥିବା ସମୟରେ ହଜରତ ଅବ୍ଦୁଲ୍ଲା ବିନ୍ ରାୱାହା ଉତ୍ତେଜିତ ହୋଇ କହିଲେ 'ହେ ମୋର ଭାଇମାନେ ! ତୁମେମାନେ ସମସ୍ତେ ଅଲ୍ଲାଃଙ୍କ ମାର୍ଗରେ ପ୍ରାଣ ଦେଇ ଶହୀଦ ହେବ ଓ ବୀରଗତିକୁ ପ୍ରାପ୍ତ ହେବାକୁ ବାହାରିଥିଲ । ଏବଂ ଯାହା ପାଇଁ ବାହାରିଥିଲ ତାକୁ ଦେଖି ଭୟ କରୁଛ ? ଆମେମାନେ ଆମର ସଂଖ୍ୟା, ଆମର ଶକ୍ତିକୁ ଦେଖି ତ କେବେ ଯୁଦ୍ଧ

କରିନାହୁଁ । ଆମେ ତ ସେହି ଧର୍ମ ସକାଶେ ଯୁଦ୍ଧ କରୁଛୁ, ଯାହା ଅଲ୍ଲାଃଙ୍କ ଆଶୀର୍ବାଦ ସ୍ୱରୂପ ଆମ ଉପରେ ସଂଚାରିତ ହେଉଛି । ଶତ୍ରୁପକ୍ଷର ସଂଖ୍ୟା ଗରିଷ୍ଠତା ଯେତେ ଅଧିକ ହେଉଛି ତ ହେଉ । ଶେଷରେ ଆମକୁ ଦୁଇଗୋଟି ପୁଣ୍ୟରୁ ଗୋଟିକରୁ ତ ଲାଭ ମିଳିବ । ଆମେ ବିଜୟ ଲାଭ କରିବୁ ନଚେତ୍ ଶହୀଦ୍ ହୋଇ ବୀରଗତି ପ୍ରାପ୍ତ କରିବୁ ।' ଲୋକମାନେ ଏହା ଶୁଣି କହିଲେ 'ଇବ୍‌ନେ ରାଓ୍ୱାହା[ରଅ] ଖାଣ୍ଟି ସତ କହୁଛନ୍ତି ।' ତେବେ ଯୁଦ୍ଧର କମାଣ ସମ୍ଭାଳି ତୁରନ୍ତ ଲଢେଇ ଆରମ୍ଭ କରିବା ପାଇଁ ଆଦେଶ ଦିଆଗଲା । ସେମାନେ ଆଗେଇବାରୁ ରୋମାନ୍ ସେନାବାହିନୀ ନିକଟତର ହେଉଥିବାର ଦେଖିପାରିଲେ । ଏହାପରେ ମୌତଃ ନାମକ ସ୍ଥାନରେ ମୁସଲମାନ୍ ସୈନ୍ୟ ଦଳଗତ ଧାଡି ବାନ୍ଧି ରହିଲେ ଓ ଯୁଦ୍ଧ ଆରମ୍ଭ ହେଲା । ଅଳ୍ପ ସମୟ ମଧ୍ୟରେ ହିଁ ମୁସଲମାନ ସେନାପତି ଜୈଦ୍ ବିନ୍ ହାରିଶ୍ ମୃତ୍ୟୁମୁଖରେ ପଡି ବୀରଗତି ପ୍ରାପ୍ତ ହେଲେ । ତାଙ୍କ ପରେ ଇସଲାମ୍ ସେନାର କମାଣ ଜାଫର ବିନ୍ ଅବୁତାଲିବ୍ ସମ୍ଭାଳିଲେ ଯେକି ହଜରତ ମୁହମ୍ମଦ[ସଅ]ଙ୍କ କକା ପୁଅ ଭାଇ ଥିଲେ । ସେ ନିଜ କୌଶଳରେ ଯୁଦ୍ଧ ପରିଚ୍ଳନା ଆରମ୍ଭ କରିଦେଲେ । ତାଙ୍କ ନେତୃତ୍ୱରେ ସଂଖ୍ୟାନ୍ୟୁନ ସେନା ଆଡକୁ ବିଶାଳ ରୋମାନ୍ ସେନାବାହିନୀ ପର୍ବତ ପରି ମାଡି ଆସିବାରୁ ଏବଂ ସେମାନଙ୍କ ପ୍ରବଳ ଚ୍ପର ବଶବର୍ତ୍ତୀ ହୋଇ ସେ ଘୋଡାରୁ ତଳକୁ ଲମ୍ଫ ପ୍ରଦାନ କରି ଘୋଡାର ଗୋଡ କାଟି ପକାଇଲେ । ଏହା ଦ୍ୱାରା ସେ ସମସ୍ତଙ୍କୁ ଜଣାଇଦେବା ପାଇଁ ଚ୍ହୁଁଥିଲେ ଯେ ଅନ୍ତତଃ ସେ ଯୁଦ୍ଧଭୁମିରୁ ପଳାୟନ ପାଇଁ ପ୍ରସ୍ତୁତ ନୁହନ୍ତି । ସେ ମୃତ୍ୟୁକୁ ଶ୍ରେୟ ମଣିବେ ପଛକେ କାପୁରୁଷ ପରି ପଳାୟନକୁ ପସନ୍ଦ କରିବେ ନାହିଁ । ଏକ ଆରବୀୟ ପରମ୍ପରା ଅନୁଯାୟୀ ସେ ଘୋଡାର ଗୋଡ କାଟି ଦେବା ଫଳରେ ଅଶ୍ୱାରୋହଣ କରିବା ସମ୍ଭବ ହେବ ନାହିଁ ଯଦ୍ୱାରା ଧାଁ ଦୌଡରେ ଉପଦ୍ରବ ସୃଷ୍ଟି ନ କରି ରଣ କ୍ଷେତ୍ରରେ ଶତ୍ରୁଙ୍କ ମୁକାବିଲା କରି ପାରିବ । କିନ୍ତୁ ଏହି ଯୁଦ୍ଧରେ ତାଙ୍କର ଦକ୍ଷିଣ ହାତ କଟିଗଲା । ସେ ବାମ ହସ୍ତରେ ଇସ୍‌ଲାମୀୟ ଧ୍ୱଜା ଧାରଣ କଲେ । କିଛି କ୍ଷଣ ମଧ୍ୟରେ ତାଙ୍କ ବାମ ହସ୍ତ ମଧ୍ୟ କଟିଗଲା । ଏହାପରେ ଥୁଣ୍ଟା ହାତ ଦ୍ୱୟ ସାହାଯ୍ୟରେ ଧ୍ୱଜାକୁ ନିଜ ବକ୍ଷରେ ଚାପି ଧରି ଯୁଦ୍ଧଭୂମିରେ ସେହିପରି ଦଣ୍ଡାୟମାନ ହୋଇ ରହିଲେ । ସେହି ଅବସ୍ଥାରେ ହିଁ ସେ ଇହଧାମ ତ୍ୟାଗ କଲେ । ଏହାପରେ ହଜରତ ମୁହମ୍ମଦ[ସଅ]ଙ୍କ ଆଦେଶ ଅନୁସାରେ ଅବ୍ଦୁଲ୍ଲାଃ ବିନ୍ ରାଓ୍ୱାହ ଇସଲାମୀୟ ଧ୍ୱଜାକୁ ଧରି ସେନାର ନେତୃତ୍ୱ ଗ୍ରହଣ କଲେ । ସେ ମଧ୍ୟ ଯୁଦ୍ଧ କରୁ କରୁ ଶତ୍ରୁ ହାତରେ ନିହତ ହେଲେ । ଏପରି ଭୀଷଣ ଯୁଦ୍ଧ ଚାଲିଥିବା ସମୟରେ ସୈନ୍ୟମାନଙ୍କୁ କୌଣସି ଅବସର ମିଳି ନଥିଲା ଯେ ନିଜ ମଧ୍ୟରେ ବିଚ୍ର ବିମର୍ଷ କରି କାହାକୁ ନିଜର ସେନାପତି ମନୋନୀତ

କରିବେ । ପରିସ୍ଥିତି ଏପରି ହେଲା ଯେ ମୁସଲମାନ ସୈନ୍ୟ ପଛଘୁଞ୍ଚା ଦେଇ ପଳାୟନ କରିବା ଅବସ୍ଥାକୁ ଆସିବା ପୂର୍ବରୁ ହିଁ ଖାଲିଦ୍ ବିନ୍ ଓ୍ୱଲିଦ୍ ଜଣେ ସାଥିଙ୍କ ଠାରୁ ପ୍ରେରଣା ପାଇ ଇସ୍‌ଲାମୀୟ ପତାକାକୁ ଦୃଢ ହସ୍ତରେ ଟେକି ଧରିଲେ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଶତ୍ରୁର ମୁକାବିଲା କରିଥିଲେ ।

ଯୁଦ୍ଧର ଦ୍ୱିତୀୟ ଦିନ ଖାଲିଦ୍ ନିଜର ଅତୀବ କ୍ଳାନ୍ତ ଓ ଆଘାତ ପ୍ରାପ୍ତ ସୈନ୍ୟମାନଙ୍କୁ ନେଇ ରୋମାନ୍ ସେନାବାହିନୀର ସମ୍ମୁଖୀନ ହେବାକୁ ଗଲେ । ସେ ଏକ କୌଶଳ ଅବଲମ୍ବନ କରି ସମ୍ମୁଖରେ ଥିବା ନିଜର ସୈନ୍ୟମାନଙ୍କୁ ପଛକୁ ପଠାଇଲେ ଏବଂ ପଛ ଭାଗର ସୈନ୍ୟମାନଙ୍କୁ ସମ୍ମୁଖ ଭାଗକୁ ଆଣିଲେ । ସେହିପରି ସୈନ୍ୟମାନଙ୍କୁ ବାମରୁ ଦକ୍ଷିଣ ପାର୍ଶ୍ୱକୁ ଓ ଦକ୍ଷିଣରୁ ବାମ ପାର୍ଶ୍ୱକୁ ଅଦଳ ବଦଳ କରି ଏପରି ଜୟଘୋଷ କଲେ ଯେ ସୈନ୍ୟଙ୍କ ଚଳପ୍ରଚଳ ଓ କୋଳାହଳ ଶୁଣି ଶତ୍ରୁ ପକ୍ଷ ଭାବିଲେ ଯେ ବୋଧହୁଏ ମୁସଲମାନମାନଙ୍କୁ ଅତିରିକ୍ତ ସହାୟତା ପହଞ୍ଚିଯାଇଛି । ଫଳରେ ସେମାନେ ପଛଘୁଞ୍ଚା ଦେଇ ପଛକୁ ହଟିବାକୁ ଆରମ୍ଭ କଲେ । ଖାଲିଦ୍ ଏହି ସୁଯୋଗରେ ମୁସଲମାନ ସୈନ୍ୟମାନଙ୍କୁ ନିରାପଦରେ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହେଲେ । (ଅସ୍‌ସିରତୁଲ୍ ହଲବିୟ୍ୟା, ତୃତୀୟ ଖଣ୍ଡ, ପୃଷ୍ଠା ୭୫)

ଏହି ଘଟଣାଟିକୁ ଅଲ୍ଲାଃ ନିଜର ପ୍ରିୟତମ ରସୁଲଙ୍କୁ ଦୈବୀବାଣୀ ମାଧ୍ୟମରେ ଜଣାଇ ଦେଇଥିଲେ । ଏହି ସମ୍ବାଦ ମିଳିବା ପରେ ମହାଭାଗ ସମସ୍ତ ମୁସଲମାନମାନଙ୍କୁ ମସଜିଦ୍‌ରେ ଏକତ୍ରୀତ ହେବାକୁ ଆଦେଶ ଦେଲେ । ଯେତେବେଳେ ମହାଭାଗ ମଞ୍ଚ ଉପରକୁ ଉଠିଲେ ତାଙ୍କ ଚକ୍ଷୁ ଯୁଗଳରୁ ଅବାରିତ ଅଶ୍ରୁ ପ୍ରବାହିତ ହେଉଥିଲା । ସେ କହିଲେ, 'ହେ ଲୋକମାନେ ! ଯୁଦ୍ଧ ଅଭିଯାନରେ ଯାଇଥିବା ସେନାବାହିନୀ ବିଷୟରେ ମୁଁ ତୁମମାନଙ୍କୁ ଏହି ସୂଚନା ଦେଉଛି । ଆମ ସୈନ୍ୟବାହିନୀ ଏଠାରୁ ଯାଇ ଶତ୍ରୁ ସହିତ ମୁକାବିଲା କଲା ଓ ଯୁଦ୍ଧର ପ୍ରାରମ୍ଭରେ ହିଁ ସେନାପତି ଜୈଦ୍ ବୀରଗତି ପ୍ରାପ୍ତ କଲେ । ଏଣୁ ତୁମେମାନେ ଜୈଦ୍‌ଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କର । ଏହାପରେ ସେନାପିତ ଜାଫର[ରଅ] ଧ୍ୱଜା ଧାରଣ କରି ନିଜ ହସ୍ତକୁ ନେଇଗଲେ ଓ ଶତ୍ରୁଙ୍କ ଉପରେ ଆକ୍ରମଣ କଲେ । ସେ ମଧ୍ୟ ଶହୀଦ ହୋଇ ଗଲେ । ଏଣୁ ତୁମେମାନେ ତାଙ୍କ ପାଇଁ ମଧ୍ୟ ପ୍ରାର୍ଥନା କର । ପୁନଶ୍ଚ ଏହି ଧ୍ୱଜାକୁ ଅବ୍ଦୁଲ୍ଲା ବିନ୍ ରାଓ୍ୱାହ[ରଅ] ନିଜ ହସ୍ତରେ ଟେକିଧରି ସାହାସର ସହିତ ଶତ୍ରୁ ସେନାର ମୁକାବିଲା କଲେ । କିନ୍ତୁ ଶେଷରେ ସେ ମଧ୍ୟ ଶହୀଦ୍ ହୋଇଗଲେ । ତୁମେ ତାଙ୍କ ପାଇଁ ମଧ୍ୟ ପ୍ରାର୍ଥନା କର । ସର୍ବଶେଷରେ ଖାଲିଦ୍ ବିନ୍ ଓ୍ୱଲିଦ୍ ବୀରତ୍ୱର ସହିତ ସେହି ଇସଲାମୀୟ ଧ୍ୱଜାକୁ ଉଡାଇ ଚତୁର ରଣ କୌଶଳ ଦ୍ୱାରା ଇସଲାମ ସେନାକୁ ରକ୍ଷା

କଲେ । ମୁଁ ଖାଲିଦ୍‌କୁ ସେନାପତି ରୂପେ ନିଯୁକ୍ତ କରି ନଥିଲି । କିନ୍ତୁ ସେ ନିଜକୁ ସେନାପତି ରୂପେ ନିୟୋଜିତ କଲେ । ସୁତରାଂ ସେହି ବୀର ଯୋଦ୍ଧା ଈଶ୍ୱରଙ୍କ ତରବାରୀ ମଧ୍ୟରୁ ସ୍ୱୟଂ ଏକ ତରବାରୀ । ଅଲ୍ଲାଃଙ୍କ ସହାୟତା ବଳରେ ସେ ମୁସଲମାନ ସେନାଙ୍କୁ ସୁରକ୍ଷିତ ରୂପେ ମଦିନା ଫେରାଇ ଆଣି ପାରିଛନ୍ତି । ଦିବ୍ୟ ଅବତାରଙ୍କ ଏହି ଘୋଷଣା ଫଳରେ ମୁସଲମାନମାନଙ୍କ ମଧ୍ୟରେ ଖାଲିଦ୍‌ଙ୍କ ନାମ 'ସୈଫୁଲ୍ଲା' ଅର୍ଥାତ୍ ଅଲ୍ଲାଃଙ୍କ ତରବାରୀ ରୂପେ ସବୁଆଡେ ରାଷ୍ଟ୍ର ହୋଇଗଲା । ଯେହେତୁ ଖାଲିଦ୍ ବହୁ ପଛରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ, ତେଣୁ କେତେକ ଅନୁଚର ଖାଲିଦ୍‌ଙ୍କୁ ଅବସର ବିନୋଦନ ପାଇଁ ପରିହାସ କରି ଅନେକ କଟାକ୍ଷ କରନ୍ତି । ଥରେ ଅବ୍ଦୁର ରହମାନ ବିନ୍ ଅଉଫଙ୍କ ସହିତ ଖାଲିଦଙ୍କ ବିବାଦ ହୋଇଗଲା । ସେ ମୁହମ୍ମଦ[ସଅ]ଙ୍କ ନିକଟରେ ଖାଲିଦ୍‌ଙ୍କ ବିରୁଦ୍ଧରେ ଅଭିଯୋଗ କଲେ । ଏହା ଶୁଣି ଅଲ୍ଲାଃଙ୍କ ରସୁଲ କହିଲେ, 'ଖାଲିଦ୍ ! ଏଭଳି ଜଣେ ବ୍ୟକ୍ତି ଯିଏକି ବଦର ଯୁଦ୍ଧ ସମୟରୁ ହିଁ ଇସଲାମ୍ ଧର୍ମର ସେବାରେ ନିଜକୁ ନିୟୋଜିତ କରି ରଖିଛନ୍ତି, ତାଙ୍କୁ ତୁମେ କାହିଁକି ଅଯଥାଟାରେ କଷ୍ଟ ଦେଉଛ ? ଯଦି ତୁମେ ଉହଦ୍ ପାହାଡ ସମାନ ସ୍ୱର୍ଣ୍ଣ ମଧ୍ୟ ବ୍ୟୟ କରିଦେବ, ତଥାପି ତୁମେ ତାଙ୍କର ଅଲ୍ଲାଃଙ୍କ ପ୍ରତି ଆସ୍ଥା ଓ ସେବାରେ ସମକକ୍ଷ ହୋଇ ପାରିବ ନାହିଁ ।' ଏହାପରେ ଖାଲିଦ୍ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଏ ମହାଶୟ ମୋତେ ସବୁବେଳେ ଆକ୍ଷେପ କରି ଚିଡେଇ କଥା କହୁଛନ୍ତି । ମୁଁ କେବଳ ତାର ପ୍ରତ୍ୟୁତ୍ତର ହିଁ ଦେଉଛି ।' ଏହାଶୁଣି ହଜରତ ମୁହମ୍ମଦ[ସଅ] ସମବେତ ଜନତାକୁ କହିଲେ, 'ତୁମେମାନେ ଖାଲିଦ୍‌କୁ କୌଣସି ପ୍ରକାର କଷ୍ଟ ଦିଅନାହିଁ । ଏହି ବ୍ୟକ୍ତି ଅଲ୍ଲାଃଙ୍କ ତରବାରୀ ମଧ୍ୟରୁ ଏକ ତରବାରୀ ସଦୃଶ, ଯାହାଙ୍କୁ ବିଧର୍ମୀମାନଙ୍କ ବିନାଶ କରିବା ସକାଶେ ଅଲ୍ଲାଃ ନିଜେ ସର୍ବଦା ଉତ୍ତୋଳନ କରି ରଖିଛନ୍ତି ।'(ଅସ୍‌ସିରତୁଲ୍, ହଲବିୟା, ଦ୍ୱିତୀୟ ଖଣ୍ଡ, ପୃଷ୍ଠା ୭୭)

ଉପରୋକ୍ତ ଭବିଷ୍ୟତବାଣୀ କିଛି ବର୍ଷ ପରେ ଅକ୍ଷରେ ଅକ୍ଷରେ ପୂରଣ ହେଲା । ଖାଲିଦ୍ ନିଜର ସୈନ୍ୟବାହିନୀ ଧରି ମଦିନା ଫେରି ଆସିବାରୁ ଯେଉଁ ଅନୁଚରମାନେ ଯୁଦ୍ଧ କରିବାକୁ ସାଥୀରେ ଯାଇନଥିଲେ, ସେମାନେ ସେହି ସେନାଙ୍କୁ 'ପଳାୟନ ପନ୍ଥୀ' ବୋଲି ପରିହାସ କରୁଥିଲେ ଏବଂ ଅଭିପ୍ରାୟ ଥିଲା ଯେ ତୁମେମାନେ ସେଠାରେ ଲଢି ଲଢି ମରିଯିବା ଉଚିତ ହୋଇଥାନ୍ତା । କିନ୍ତୁ ତୁମମାନଙ୍କୁ ଫେରି ଆସିବାର ନଥିଲା । କିନ୍ତୁ ଅଲ୍ଲାଃଙ୍କ ରସୁଲ୍ କହିଲେ 'ଏମାନେ ପଳାତକ ନୁହନ୍ତି । ଏମାନେ ହେଉଛନ୍ତି ବାରମ୍ବାର ଶତ୍ରୁଙ୍କୁ ପାଲଟା ଆକ୍ରମଣ କରିବାର ଦକ୍ଷତା ରଖିଥିବା ସେନା । ହଜରତ ମୁହମ୍ମଦ[ସଅ] ଏହି ବଚନ ଦ୍ୱାରା ଏକ ଭବିଷ୍ୟତବାଣୀର ଅବତାରଣା କରିଥିଲେ । ଫଳସ୍ୱରୂପ ଭବିଷ୍ୟତରେ ସିରିୟା ସହିତ ଆଗାମୀ ଯୁଦ୍ଧର ସୂଚନା ମଧ୍ୟ ମିଳିଥିଲା ।

# ମକ୍କାବିଜୟ

ଆଠ ହିଜ୍ରି ଅନୁଯାୟୀ ରମଜାନ ମାସ ଅର୍ଥାତ ୬୨୯ ମସିହାରେ ଡିସେମ୍ବର ମାସ ଥିଲା ଅନ୍ତିମ ଯୁଦ୍ଧର ଅବକାଶ । ଦିବ୍ୟ ଅବତାର ନିଜ ଜନ୍ମଭୂମୀ ମକ୍କା ଅଭିଯାନରେ ବାହିରଲେ, ଯେଉଁ ଯୁଦ୍ଧଯୋଗୁଁ ସମଗ୍ର ଆରବ ଦେଶରେ ଇସଲାମ୍ ଧର୍ମ ପ୍ରତିଷ୍ଠା ଲାଭ କରିଥିଲା । ସେହି ଅଭିଯାନରେ ଯାହା ସବୁ ଘଟଣା ଘଟିଗଲା ତାହାର ବିବରଣୀ ଏହିପରି ଉଲ୍ଲେଖ ଅଛି । ହୁଦବିୟା ଚୁକ୍ତି ଅବସରରେ ଏହା ନିଷ୍ପତ୍ତି ହୋଇଥିଲା ଯେ ଆରବ ଜନଜାତି ଗୋଷ୍ଠୀମାନଙ୍କ ମଧ୍ୟରୁ ଯିଏ ଇଚ୍ଛା କରିବ, ମକ୍କବାସୀଙ୍କ ସହିତ ମିଳିତ ହୋଇ ରହିବେ ଏବଂ ଯିଏ ଚାହିଁବ ହଜରତ ମୁହମ୍ମଦ[ସଅ]ଙ୍କ ଅନୁଗାମୀ ମୁସଲମାନ ସମ୍ପ୍ରଦାୟ ସହିତ ରହିବ । ଏହି ଚୁକ୍ତି ଦଶ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ । ଯେଉଁ ଅବଧିରେ କାହାକୁ ଯୁଦ୍ଧ କରିବା ପାଇଁ କିମ୍ବା ଆକ୍ରମଣ କରିବା ପାଇଁ ଅନୁମତି ଦିଆଯିବ ନାହିଁ । କେବଳ ଯିଏ ଚୁକ୍ତି ଭଙ୍ଗ କରି ଜଣେ ଅନ୍ୟକୁ ଆକ୍ରମଣ କରିବ, ତାଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଯିବ । ଏହି ସନ୍ଧି ଅନୁସାରେ ଆରବର ବନୁବିକ୍ର ଗୋଷ୍ଠୀ ମକ୍କାବାସୀଙ୍କ ସହିତ ଏବଂ ଖୁଜାଅ ଗୋଷ୍ଠୀ ହଜରତ ମୁହମ୍ମଦ[ସଅ]ଙ୍କ ସମ୍ପ୍ରଦାୟ ସହିତ ସାମିଲ୍ ହୋଇଥିଲା । ବିଧର୍ମୀ ଆରବୀୟ ଗୋଷ୍ଠୀମାନେ ବୁଝାମଣା ପତ୍ର ଜନିତ ସନ୍ଧିର କ୍ୱଚିତ୍ ସମ୍ମାନ କରୁଥିଲେ । ବିଶେଷ କରି ସେମାନେ ମୁସଲମାନମାନଙ୍କ ପରି ସନ୍ଧିର କୌଣସି ସର୍ତ୍ତକୁ କଡାକଡି ଭାବରେ ମାନୁ ନଥିଲେ । ମୁସଲମାନ୍ ସମର୍ଥିତ ଖୁଜଆ ଗୋଷ୍ଠୀ ପ୍ରତି ମକ୍କାବାସୀଙ୍କ ସମର୍ଥକ ବନୁବିକ୍ର ଗୋଷ୍ଠୀଙ୍କ ପୂର୍ବରୁ ଶତ୍ରୁତା ଥିଲା । 'ସୁଲାହ ହୁଦାବିୟା' (ହୁଦାବିୟା ସନ୍ଧି)ର କିଛି ସମୟ ପରେ ବନୁବିକ୍ର ଗୋଷ୍ଠୀ ମକ୍କାବାସୀଙ୍କ ସହିତ ବିଚାର ବିମର୍ଷ କଲେ ଯେ 'ଖୁଜାଅ ଗୋଷ୍ଠୀ ତ ସନ୍ଧି ହେବା କାରଣରୁ ବହୁତ ସନ୍ତୁଷ୍ଟ ଅଛନ୍ତି । ଏବେ ଅବସର ମିଳିଛି ଯେ ଆମେ ସେମାନଙ୍କ ବିରୁଦ୍ଧରେ ପ୍ରତିଶୋଧ ନେଇ ପାରନ୍ତେ ?' ସୁତରାଂ ମକ୍କାର କୁରୈଶ ଓ ବନୁବିକ୍ର ଗୋଷ୍ଠୀ ମିଶି ରାତ୍ରି କାଳୀନ ସମୟରେ ଅଚାନକ ଚଢାଉ କରିଦେଲେ । ଫଳ ସ୍ୱରୂପ ଖୁଜାଅ ଗୋଷ୍ଠୀର ବହୁଲୋକ ନିହତ ହେଲେ । ଯେତେବେଳେ ଖୁଜାଅ ଗୋଷ୍ଠୀଙ୍କୁ ଜଣା ପଡିଲା ଯେ ମକ୍କାବାସୀ ଓ ବନୁବିକ୍ର ଏପରି ମିଳିତ ଆକ୍ରମଣ କରିଛନ୍ତି, ସେମାନେ ଚାଳିଶ ଜଣ ଲୋକଙ୍କୁ ଦ୍ରୁତଗାମୀ ଓଟମାନଙ୍କ ସହିତ ତୁରନ୍ତ ମଦିନା ପଠାଇଲେ ଓ ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ହୁଦବିୟା ଚୁକ୍ତି ଭଙ୍ଗ ହୋଇଥିବାର ଦାବୀ ଉପସ୍ଥାପନ କଲେ । ପରସ୍ପର ମଧ୍ୟରେ ହୋଇଥିବା ଚୁକ୍ତି ଦୃଷ୍ଟିରୁ ଏବେ ଆପଣଙ୍କ କର୍ତ୍ତବ୍ୟ ହେଉଛି ଯେ ଆମର ପ୍ରତିଶୋଧ ନିଅନ୍ତୁ ଏବଂ ମକ୍କା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଯେବେ ଏହି ଦଳ ମୁହମ୍ମଦ[ସଅ]ଙ୍କ ନିକଟରେ

ପହଞ୍ଚିଲା, ସେ କହିଲେ, 'ତୁମର ଦୁଃଖ ହେଉଛି ମୋର ଦୁଃଖ । ମୁଁ ନିଜ ଚୁକ୍ତିରେ ଦୃଢ ସଂକଳ୍ପ ରହିଛି । ଏହି ମେଘ ଯାହା ଏବେ ତୁମ ସମ୍ମୁଖରେ ବରଷୁଛି (ସେହି ସମୟରେ ବର୍ଷା ହେଉଥିଲା) ଠିକ୍ ସେହିପରି ତୁମମାନଙ୍କ ସାହାଯ୍ୟ ସକାଶେ ଇସଲାମୀୟ ସେନାବାହିନୀ ଅବଶ୍ୟ ପହଞ୍ଚିବ ।'ଯେତେବେଳେ ମକ୍କାବାସୀଙ୍କୁ ସେହି ଦଳ ସମ୍ବନ୍ଧରେ ଜ୍ଞାତ ହେଲା, ସେମାନେ ଘାବରା ହୋଇ ସେମାନଙ୍କ ନେତା ଅବୁ ସୁଫିୟାନକୁ ଯେନତେନ ପ୍ରକାରେଣ ମୁସଲମାନମାନଙ୍କ ଆକ୍ରମଣରୁ ରୋକିବା ପାଇଁ ମଦିନା ପଠାଇଲେ । ସେ ମଦିନା ପହଞ୍ଚି ମୁହମ୍ମଦ[ସଅ]ଙ୍କ ଉପରେ ଚାପ ପକାଇ କହିଲା, ଯେହେତୁ ଅବୁସୁଫିୟାନ ହୁଦବିୟାର ସନ୍ଧି ସମୟରେ ଉପସ୍ଥିତ ନଥିଲା, ତେଣୁ ସେହି ସନ୍ଧିପତ୍ର ନୂତନ ଭାବେ ଆଉ ଥରେ ସାକ୍ଷରିତ ହେଉ । କିନ୍ତୁ ମହାଭାଗ ଏହାର କୌଣସି ଉତ୍ତର ଦେଲେ ନାହିଁ । କାରଣ ଯଦି ଉତ୍ତର ଦିଆଯାଏ, ତାହେଲେ ଏହି ରହସ୍ୟଟି ଉଦ୍‌ଘାଟିତ ହୋଇଯିବ । ଅବୁସୁଫିୟାନ ନିରାଶ ହୋଇ ଘାବରାରେ ମସ୍‌ଜିଦରେ ଛିଡା ହୋଇ ଘୋଷଣା କଲା 'ହେ ଲୋକମାନେ ଶୁଣ ! ମୁଁ ମକ୍କାବାସୀଙ୍କ ତରଫରୁ ନୂତନ ଭାବେ ଶାନ୍ତି ଚୁକ୍ତିର ଘୋଷଣା କରୁଛି ।' ଅବୁସୁଫିୟାନର ବୋକାମି ଦେଖି ଉପସ୍ଥିତ ଜନତା ହସିହସି ଗଡିଗଲେ । ତହୁଁ ମୁହମ୍ମଦ[ସଅ] କହିଲେ, 'ଅବୁସୁଫିୟାନ ! ତୁମେ ଏକଥା ଏକ ତରଫା ଭାବେ କହୁଛ । ଆମେମାନେ ତ ସେ ପ୍ରକାରର କୌଣସି ସନ୍ଧି ତୁମ ସହିତ କରିନାହୁଁ ?'

ଇତ୍ୟବସରରେ ଅଲ୍ଲାଃଙ୍କ ରସୁଲ୍ ମୁସଲମାନ ସମର୍ଥିତ ସମସ୍ତ ଆରବୀୟ ଗୋଷ୍ଠୀଙ୍କୁ ସମ୍ବାଦ ବାହକମାନଙ୍କ ମାଧ୍ୟମରେ ଖବର ପଠାଇ ଦେଲେ ଯେ ସେମାନେ ସମସ୍ତେ ମକ୍କା ଅଭିଯାନ ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ । ଯେତେବେଳେ ସୂଚନା ମିଳିଲା ଯେ ମୁସଲମାନଙ୍କ ସମସ୍ତ ଗୋଷ୍ଠୀ ପ୍ରସ୍ତୁତ ଅଛନ୍ତି ତଥା ମକ୍କା ଯିବା ମାର୍ଗରେ ଯେ ଯାହା ସ୍ଥାନରୁ ଆସି ମିଳିତ ହୋଇଯିବେ, ସେ ମଦିନାବାସୀଙ୍କୁ ଅସ୍ତ୍ରଶସ୍ତ୍ର ଧାରଣ କରି ମକ୍କା ଉଦ୍ଦେଶ୍ୟରେ ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ ।

୬୩୦ ମସିହା ଜାନୁଆରୀ ମାସର ପ୍ରଥମ ଦିବସରେ ଏହି ସେନାବାହିନୀ ମଦିନାରୁ ବାହାରିଥିଲା । ଯିବା ବାଟରେ ଚତୁର୍ଦ୍ଦିଗରୁ ମୁସଲମାନ ଗୋଷ୍ଠୀର ଲୋକ ଏଥିରେ ସମ୍ମିଳିତ ହୋଇ ଚାଲିଲେ । ଅଳ୍ପ କେତେକ କୋଶର ଦୂରତ୍ୱ ଅତିକ୍ରମ କରିବା ପରେ ଫାରାନ୍ ନାମକ ଜଙ୍ଗଲ ମଧ୍ୟରେ ଇସ୍‌ଲାମୀୟ ବାହିନୀ ପ୍ରବେଶ କରନ୍ତେ ଏହାର ସଂଖ୍ୟା ସୁଲେମାନ ନବୀଙ୍କ ଭବିଷ୍ୟତବାଣୀ ଅନୁଯାଇ ଦଶ ହଜାର ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ଏଣେ ବିଶାଳବାହିନୀ ମକ୍କା ଆଡକୁ ମାଡି ଚାଲିଥିଲା । ତେଣେ ମକ୍କାବାସୀ ସର୍ବତ୍ର ନୀରବତାର ବାତାବରଣ ଯୋଗୁଁ ବିପଦର ଅହେତୁକ ଆଶଙ୍କାରେ

ଅଧିକରୁ ଅଧିକ ଭୟଭୀତ ହୋଇ ଯାଇଥିଲେ । ଶେଷରେ ସେମାନେ ପରସ୍ପର ମଧ୍ୟରେ ଆଲୋଚନା କରି ଅବୁ ସୁଫିୟାନ୍‌କୁ ପୁଣି ଥରେ ପ୍ରସ୍ତୁତ କଲେ ଯେ ସେ ମକ୍କା ବାହାରକୁ ଯାଇ ଦେଖି ଆସୁ ଯେ ମୁସଲମାନ୍‌ମାନେ କଣ କରିବାକୁ ଚାହୁଁଛନ୍ତି ? ସେ ମକ୍କାରୁ ଏକ କୋଶ ଦୂରରେ ପହଞ୍ଚି ଦେଖିଲା ଯେ ରାତ୍ରୀର ଘନ ଅନ୍ଧକାର ମଧ୍ୟରେ ସମଗ୍ର ଜଙ୍ଗଲ ଆଲୋକମୟ ହୋଇଯାଇଛି । ମୁହମ୍ମଦ[ସଅ] ପୂର୍ବରୁ ଆଦେଶ ଦେଇଥିଲେ ଯେ ସମସ୍ତେ ନିଜ ନିଜର ଶିବିର ସମ୍ମୁଖରେ ରାତିରେ ନିଆଁ ଜଳାଇ ରଖନ୍ତୁ । ତେଣୁ ଦଶ ହଜାର ଲୋକଙ୍କର ଶିବିର ସମ୍ମୁଖରେ ଆଲୋକର ପ୍ରଚଣ୍ଡ ଅଗ୍ନିଶିଖାର ଦୃଶ୍ୟ ଏକ ଭୟଙ୍କର ପରିବେଶ ସୃଷ୍ଟି କରୁଥିଲା । ଅବୁସୁଫିୟାନ ନିଜ ସାଥୀମାନଙ୍କୁ ପ୍ରଶ୍ନ କଲା, 'ଏହା କି ଦୃଶ୍ୟ ? ସତେ କଣ ଆକାଶରୁ କୌଣସି ସେନାବାହିନୀ ଅବତରଣ କରିଛି ?' କାରଣ ଆରବରେ ଆଜି ପର୍ଯ୍ୟନ୍ତ କୌଣସି ଜାତିର ଏପରି ବିଶାଳ ସେନାବାହିନୀ କେବେ ଦେଖା ଯାଉ ନଥିଲା । ତାର ସାଥୀମାନେ ଭିନ୍ନ ଭିନ୍ନ ଗୋଷ୍ଠୀର ନାମ କହିଲେ । କିନ୍ତୁ ଅବୁସୁଫିୟାନ କହିଲା, 'ନା' ନା, କଦାପି ନୁହେଁ । ଆରବୀୟ ଗୋଷ୍ଠୀମାନଙ୍କ ମଧ୍ୟରେ ଏତେ ବିଶାଳ ସେନାବାହିନୀ କାହାର ବା ହୋଇପାରେ ?' ଏହିପରି କଥାବାର୍ତ୍ତା ହେଉଥିବା ସମୟରେ ଅନ୍ଧାର କୋଣରୁ ଏକ ସ୍ୱର ଶୁଭିଲା । ଅବୁହନ୍‌ଜଲା ! (ଏହା ଅବୁସୁଫିୟାନର ଉପନାମ) ଏହା ଶୁଣି ଅବୁସୁଫିୟାନ ଚମକି ପଡି କହିଲା 'ଅବ୍‌ବାସ୍ ! ତୁମେ ଏଠାରେ କଣ କରୁଛ ?' ଅବ୍‌ବାସ୍ ଉତ୍ତର ଦେଲେ 'ମୁହମ୍ମଦ[ସଅ]ଙ୍କ ସେନାବାହିନୀ ସମ୍ମୁଖ ଭାଗରେ ଡେରା ପକାଇଛନ୍ତି । ତୁମେମାନେ ଯଦି ଶୀଘ୍ର କୌଣସି ଉପାୟ ନ କରିପାରୁଛ, ତାହାହେଲେ ତୁମ ପାଇଁ ପରାଜୟର ଗ୍ଲାନି ଓ ଅପମାନ ନିଶ୍ଚିତ ଜାଣ ।' ଯେହେତୁ ଅବୁସୁଫିୟାନ ଅବ୍‌ବାସଙ୍କର ଅତି ପୁରୁଣା ବନ୍ଧୁ ଥିଲେ, ତେଣୁ ଏହି କଥା କହିବା ପରେ ସେ ଅବୁସୁଫିୟାନ ଠାରେ ଏପରି ଆଗ୍ରହ ପ୍ରକାଶ କଲେ ଯେ ସେ ତାଙ୍କ ବାହନରେ ବସି ତୁରନ୍ତ ହଜରତ ମୁହମ୍ମଦ[ସଅ]ଙ୍କ ସେବାରେ ଉପସ୍ଥିତ ହୋଇଯାଆନ୍ତୁ । ଏହା କହି ସେ ଅବୁସୁଫିୟାନର ହାତ ଧରି ନିଜ ଓଟ ପିଠିରେ ବସାଇ ଦେଲେ ଓ ମୁହମ୍ମଦ[ସଅ]ଙ୍କ ଶ୍ରୀଛାମୁରେ ଯାଇ ପହଞ୍ଚିଲେ । ଅବ୍‌ବାସ୍ ଭୟ କରୁଥିଲେ ଯେ ମହାଭାଗଙ୍କଙ୍କ ସୁରକ୍ଷା ଦାୟିତ୍ୱରେ ନିଯୁକ୍ତ ହୋଇ ପହରା ଦେଉଥିବା ହଜରତ ଉମର[ରଅ] କାଳେ ଉତ୍‌କ୍ଷିପ୍ତ ହୋଇ ଅବୁସୁଫିୟାନଙ୍କୁ ହତ୍ୟା କରିଦେବେ । କିନ୍ତୁ ଏହା ପୂର୍ବରୁ ହଜରତ ମୁହମ୍ମଦ[ସଅ] ଘୋଷଣା କରିଥିଲେ ଯେ ଅବୁସୁଫିୟାନ ସହିତ ଯଦି କାଳେ କେବେ ଭେଟ ହୋଇଯାଏ, ତେବେ ତାକୁ କେହି ବଧ କରିବେ ନାହିଁ । ଏ ସମସ୍ତ ଦୃଶ୍ୟାବଳୀ ଅବୁସୁଫୟାନ ମନରେ ଏକ ବିରାଟ ପରିବର୍ତ୍ତନ ଆଣି ସାରିଥିଲା । ଅବୁ ସୁଫିୟାନ ଦେଖିଲା ଯେ ଅଳ୍ପ କେତେ ବର୍ଷ ତଳେ

ଆମେ ହଜରତ ମୁହମ୍ମଦ[ସଅ]ଙ୍କୁ କେବଳ ତାଙ୍କର ଜଣେ ସାଥି ସହିତ ମକ୍କାରୁ ବିତାଡିତ କରିବା ପାଇଁ ବାଧ କରିଥିଲୁ । ବର୍ତ୍ତମାନ ମାତ୍ର ସାତଗୋଟି ବର୍ଷ ଅତିକ୍ରାନ୍ତ ନହେଉଣୁ ସେ ଦଶ ହଜାର ପୁଣ୍ୟାତ୍ମା ଜନଙ୍କ ସହିତ କୌଣସି ଜୋର୍ ଜୁଲମ ନକରି ବିନା ଅତ୍ୟାଚାରରେ ବୈଧ ଉପାୟରେ ତଥା ବିଧି ସଂଗତ ଭାବରେ ମକ୍କା ଅଭିଯାନରେ ଆସିଛନ୍ତି ଏବଂ ମକ୍କାବାସୀଙ୍କର କୌଣସି ଶକ୍ତି ମଧ ନାହିଁ ଯେ ସେମାନଙ୍କୁ ଅଟକାଇ ପାରିବେ । ଏଭଳି କିଛି ବୈପ୍ଲବିକ ପରିବର୍ତ୍ତନ ତଥା ଏପରି ଭୟ ଓ ଆଶଙ୍କା ଜନିତ ଚିନ୍ତାରେ ଭାରାକ୍ରାନ୍ତ ହୋଇ ସେ ହଜରତ ମୁହମ୍ମଦ[ସଅ]ଙ୍କ ସଭାସ୍ଥଳରେ ପହଞ୍ଚି ସ୍ତବ୍ଧ ହୋଇଗଲା । ତା'ର ଏଭଳି ଦଶା ଦେଖି ହଜରତ ମୁହମ୍ମଦ[ସଅ], ଅବବାସ୍[ରଅ]ଙ୍କୁ କହିଲେ, 'ଅବୁସୁଫିୟାନଙ୍କୁ ସାଥିରେ ନେଇଯାଅ ଓ ରାତ୍ରୀକାଳରେ ନିଜ ଘରକୁ ନେଇ ନିଜ ପାଖରେ ରଖ । ସକାଳ ହେଲେ ମୋ ନିକଟକୁ ନେଇ ଆସିବ ।' ସୁତରାଂ ଅବୁସୁଫିୟାନ ଅବ୍‌ବାସ୍‌ଙ୍କ ଘରେ ରାତ୍ରୀଯାପନ କରିଥିଲା । ପ୍ରାତଃ କାଳରେ ଅବ୍‌ବାସ୍ ତାକୁ ନେଇ ହଜରତ ମୁହମ୍ମଦ[ସଅ]ଙ୍କ ସାକ୍ଷାତ୍ ପାଇଁ ଯାଆନ୍ତେ ଫଜର ନମାଜର ସମୟ ହୋଇ ଯାଇଥିଲା । ମକ୍କାର ଲୋକ ସକାଳୁ ଉଠି ନମାଜ କ'ଣ ଜାଣି ନଥିଲେ । ଲୋକମାନେ ପାଣିଇ ଢାଳ ନେଇ ନମାଜ ପୂର୍ବରୁ ପ୍ରକ୍ଷାଳନ ପାଇଁ ଆତଯାତ ହେଉଥିବାର ଦେଖିଲା ଏବଂ ପରେ ପରେ ଧାଡି ବାନ୍ଧି ଠିଆ ହେବା ଦୃଶ୍ୟ ଦେଖି ସେ ଭାବିଲା ଯେ ବୋଧ ହୁଏ ତାକୁ ଦଣ୍ଡଦେବା ପାଇଁ ଏପରି ଏକ ଅଭିନବ ଉପାୟ ପ୍ରସ୍ତୁତ କରାଯାଉଛି । ଏଣୁ ସେ ବ୍ୟସ୍ତ ହୋଇ ପଡି ଅବ୍‌ବାସ୍‌ଙ୍କୁ ପ୍ରଶ୍ନ କଲା ଏତେ ସକାଳୁ ଏମାନେ କ'ଣ କରୁଛନ୍ତି ? ହଜରତ୍ ଅବ୍‌ବାସ ତାକୁ ଶାନ୍ତ୍ୱନା ଦେଇ କହିଲେ ଭୟଭୀତ ହେବାର କୌଣସି କାରଣ ନାହିଁ । ଏହି ଲୋକମାନେ ନମାଜରେ ପ୍ରାର୍ଥନାରତ ଅଛନ୍ତି । ଏହାପରେ ଅବୁସୁଫିଆନ୍ ଦେଖିଲା ଯେ ହଜାର ମୁସଲ୍‌ମାନ୍ ଅଲ୍ଲାଃଙ୍କ ରସୁଲଙ୍କ ପଛରେ ଦଣ୍ଡାୟମାନ ହୋଇ ରହିଛନ୍ତି । ହଜରତ୍ ମୁହମ୍ମଦ[ସଅ] ଯେତେବେଳେ ନମାଜରେ ରୁକୁ କରୁଛନ୍ତି (ଆଣ୍ଠୁରେ ଭରା ଦେଇ ନଇଁ ରହିବା) ସେମାନେ ସେହି ଅବସ୍ଥାକୁ ଯାଉଛନ୍ତି, ପୁନଶ୍ଚ ମହାଭାଗ ଯେତେବେଳେ ସଜ୍‌ଦା (ଭୂମିଷ୍ଟ ପ୍ରଣାମ ହେବା) ଅବସ୍ଥାକୁ ଯାଉଅଛନ୍ତି ସେହି ସମୟରେ ସମସ୍ତେ ତାହାକୁ ଅନୁକରଣ କରି ମୁଣ୍ଡିଆ ମାରୁଛନ୍ତି । ହଜରତ ଅବ୍‌ବାସ୍ ପହରା ଦେଉଥିବା କାରଣରୁ ନମାଜରେ ସମ୍ମିଳିତ ନଥିଲେ । ତେଣୁ ଅବୁସୁଫିୟାନ ପଚାରିଲା 'ଏମାନେ ଏସବୁ କଣ କରୁଛନ୍ତି ? ମୁଁ ଦେଖୁଛି, ଯାହା ମୁହମ୍ମଦ[ସଅ] କରୁଛନ୍ତି ଏମାନେ ସମସ୍ତେ ସେୟା ହିଁ କରୁଛନ୍ତି ? ହଜରତ ଅବବାସ୍[ରଅ] କହିଲେ ତୁମେ କେଉଁ ଧାରଣାର ବଶବର୍ତ୍ତୀ ହୋଇଛ ? ଯେ ତ ନମାଜ (ପ୍ରାର୍ଥନା)ରେ ମଗ୍ନ ରହିଛନ୍ତି ହଜରତ ମୁହମ୍ମଦ[ସଅ] ଯଦି

ଆଦେଶ ଦେବେ ଯେ ଖାଇବା ପିଇବା ଛାଡିଦିଅ, ତାହେଲେ ଏହି ଲୋକମାନେ ତତକ୍ଷଣାତ ଖାଇବା ପିଇବା ମଧ୍ୟ ଛାଡିଦେବେ । ଅବୁସୁଫିୟାନ୍ କହିଲା ମୁଁ ରୋମ ରାଜ ଦରବାର ଦେଖିଛି ଏବଂ ଇରାନ ସମ୍ରାଟଙ୍କର ଦରବାର ମଧ୍ୟ ଦେଖିଛି । କିନ୍ତୁ ସେମାନଙ୍କ ଲୋକଙ୍କୁ ଏପରି ଉପାସନାରେ ଆସକ୍ତ ହେବାର କେବେ ଦେଖି ନାହିଁ ।' ସେ ପୁଣି ହଜରତ ଅବବାସ୍ ରଅ ଙ୍କୁ ପ୍ରଶ୍ନ କଲା, କଣ ଏହା ସମ୍ଭବପର ନୁହେଁ ଯେ ତୁମେ ଅଲ୍ଲାଃଙ୍କ ରସୁଲଙ୍କୁ ନିବେଦନ କର ଯେ ନିଜ ଜାତି ସହିତ କ୍ଷମା ଆଚରଣ କରିବେ ?

ନମାଜ ପାଠ ସମାପ୍ତି ପରେ ହଜରତ ଅବବାସ୍ ଅବୁସୁଫିୟାନକୁ ନେଇ ହଜରତ ମୁହମ୍ମଦ ସଅ ଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ମହାମହିମ କହିଲେ 'ଅବୁସୁଫିୟାନ ! କଣ ଏବେ ମଧ୍ୟ ସମୟ ଆସିନାହିଁ ଯେ ତୁମ ପ୍ରତି ଏହି ବାସ୍ତବିକତା ପ୍ରକଟ କରାଯିବ ଯେ ଅଲ୍ଲାଃ ଏକ ଓ ତାଙ୍କ ଅତିରିକ୍ତ ଅନ୍ୟ କେହି ଉପାସ୍ୟ ନାହାନ୍ତି ?

ଅବୁ ସୁଫିୟାନ୍ କହିଲା ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗିତ ହୁଅନ୍ତୁ ଯେ ଆପଣ ସୁଶୀଳ, ସଭ୍ୟ ପରିଜନ ସହିତ ଦୟାଭାବ ରଖୁଥିବା ବ୍ୟକ୍ତି । ମୁଁ ଏକଥା ତ ହୃଦୟଙ୍ଗମ କରିସାରିଛି ଯେ ଯଦି ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କୌଣସି ଉପାସ୍ୟ ବସ୍ତୁ ଥା'ନ୍ତା ତା'ହେଲେ ସେ ଆମକୁ ତ କିଛି ହେଲେ ସାହାଯ୍ୟ କରିଥାନ୍ତା ?' ଏହାପରେ ଅଲ୍ଲାଃଙ୍କ ରସୁଲ ପ୍ରଶ୍ନ କଲେ 'ଅବୁସୁଫିୟାନ କଣ ଏହା ବୁଝିବାକୁ ଆଉ ବାକି ରହିଛି ଯେ ମୁଁ ଅଲ୍ଲାଃଙ୍କ ରସୁଲ ?' ଅବୁ ସୁଫିୟାନ କହିଲା 'ମୋ ବାପା ମାଆ ଆପଣଙ୍କ ଉପରେ ଉତ୍ସର୍ଗୀକୃତ । ଏ ବିଷୟରେ ମୋର କିଏ ଦ୍ୱିଧା ରହିଛି ।' ତେଣେ ତା'ର ଦୁଇଜଣ ସାଥୀ ଯେଉଁମାନେ ମୁସଲମାନ୍ ଫୌଜଙ୍କ ଗତିବିଧି ଲକ୍ଷ୍ୟ କରିବା ଉଦ୍ଦେଶ୍ୟରେ ଅବୁସୁଫିୟାନ ସହିତ ମକ୍କାରୁ ଆସିଥିଲେ ସେମାନଙ୍କ ମଧ୍ୟରୁ ଜନୈକ ହକିମ୍ ବିନ୍ ହଜଜାମ୍ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଗଲେ । ତାହା ଦେଖି ଅବୁ ସୁଫିୟାନ୍ ମଧ୍ୟ ଇସଲାମ ଧର୍ମ ଗ୍ରହଣ କଲା । କିନ୍ତୁ ମକ୍କା ବିଜୟ ପରେ ସେ ସଂପୂର୍ଣ୍ଣ ରୂପେ ସନ୍ତୁଷ୍ଟ ହେଲା ଏବଂ ପ୍ରକୃତ ଅର୍ଥରେ ତା'ର ହୃଦୟ ପରିବର୍ତ୍ତନ ହୋଇଥିଲା । ଇସଲାମ୍ ଧର୍ମ ଗ୍ରହଣ ପରେ ହକିମ୍ ବିନ୍ ହଜ୍ଜାମ୍ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଆପଣ କଣ ଏହି ବିଶାଳ ସେନାକୁ ନିଜ ଜାତିର ବିନାଶ ପାଇଁ ନେଇ ଆସିଛନ୍ତି ?' ଅଲ୍ଲାଃଙ୍କ ରସୁଲ କହିଲେ, 'ଏହି ଲୋକମାନେ (ମକ୍କାବାସୀମାନେ) ଅତ୍ୟାଚାର କରିଛନ୍ତି । ସେମାନେ ପାପ କରିଛନ୍ତି । ଏଣୁ ତୁମେମାନେ ହୁଦବିୟା ସନ୍ଧିର ଶପଥକୁ ଭାଙ୍ଗିଛ । ନିରୀହ ଖୁଜାଅ ଗୋଷ୍ଠୀ ବିରୁଦ୍ଧରେ ଅତ୍ୟାଚ୍ରର ପୂର୍ଣ୍ଣ ଯୁଦ୍ଧ କରିଛ । ପୁଣି ମକ୍କାର ଏକ ପବିତ୍ର ପୀଠ ନିକଟରେ କରିଛ ଯେଉଁଠାରେ ଈଶ୍ୱର ସମସ୍ତଙ୍କୁ ଶାନ୍ତି ଓ ସହାବସ୍ଥାନ ପ୍ରଦାନ କରିଛନ୍ତି ? ହକିମ୍ କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ଏହା ସପୂର୍ଣ୍ଣ

ସତ୍ୟ । ଆପଣଙ୍କ ଜାତି ଭାଇ ଅବଶ୍ୟ ଏପରି ଆଚରଣ କରିଛନ୍ତି । କିନ୍ତୁ ସେ କ୍ଷେତ୍ରରେ ଆପଣ ମକ୍କା ବଦଳରେ ହାୱାଜାନ୍ ଗୋଷ୍ଠୀ ଉପରେ ଆକ୍ରମଣ କରିବା ଅଧିକ ସମିଚୀନ ଥିଲା ।' ଅଲ୍ଲାଃଙ୍କ ରସୁଲ୍ କହିଲେ, 'ସେ (ହାୱାଜାନ) ଜାତି ମଧ୍ୟ ଅତ୍ୟାଚ୍ଚରୀ । କିନ୍ତୁ ମୁଁ ଅଲ୍ଲାଃଙ୍କ ଠାରୁ ଏହା ଆଶା କରେ ଯେ ସେ ମକ୍କା ବିଜୟ ଏବଂ ହାୱାଜାନ୍ ଗୋଷ୍ଠୀର ପରାଜୟ ଏ ସମସ୍ତ କଥା ମୋ ଦ୍ୱାରା ହିଁ ସମ୍ପନ୍ନ କରିବେ ।' ଏହାପରେ ଅବୁ ସୁଫିୟାନ କହିଲା 'ହେ ଅଲ୍ଲାଃଙ୍କ ରସୁଲ୍ ! ଯଦି ମକ୍କାର ଲୋକ ତରବାରୀ ଉତ୍ତୋଳନ ନ କରନ୍ତି, ତାହାହେଲେ କ'ଣ ସେମାନେ ଶାନ୍ତିର ସହିତ ସୁରକ୍ଷିତ ରହିପାରିବେ ?' ମହାଭାଗ କହିଲେ, 'ହଁ ! ପ୍ରତ୍ୟେକ ବ୍ୟକ୍ତି ଯିଏ ନିଜ ଘରର ଦ୍ୱାର ବନ୍ଦ କରି ରଖିବେ, ସେ ସୁରକ୍ଷିତ ରହିବ ।' ହଜରତ ଅବବାସ୍[ରଅ] କହିଲେ, 'ହେ ଅଲ୍ଲାଃଙ୍କ ରସୁଲ୍ ! ଅବୁ ସୁଫିୟାନ୍ ଜଣେ ସ୍ୱାଭିମାନୀ ଲୋକ । ତାଙ୍କର ଉଦ୍ଦେଶ୍ୟ ହେଉଛି ତାଙ୍କ ସମ୍ମାନକୁ ବଜାୟ ରଖିବାର ବ୍ୟବସ୍ଥା ହେଉ ।' ହଜରତ ମୁହମ୍ମଦ କହିଲେ 'ଠିକ୍ ଅଛି, ✡ ଯେଉଁ ବ୍ୟକ୍ତି ଅବୁ ସୁଫିୟାନ ଘରକୁ ଚ୍ଚଲିଯିବ, ସେ ବ୍ୟକ୍ତି ମଧ୍ୟ ସୁରକ୍ଷିତ ରହିବ । ✡ ଯେଉଁ ବ୍ୟକ୍ତି ହକିମ୍ ବିନ୍ ହଜଜାମ୍‌ଙ୍କ ଘରକୁ ଚ୍ଚଲିଯିବ, ସେ ମଧ୍ୟ ଶାନ୍ତିରେ ରହିବ । ✡ ଯିଏ କେହି ପବିତ୍ର କା'ବା ଗୃହରେ ପ୍ରବେଶ କରିବ, ତାକୁ ମଧ୍ୟ ନିରାପତ୍ତା ପ୍ରଦାନ କରାଯିବ ।' ✡ ଯେଉଁ ବ୍ୟକ୍ତି ନିଜ ଅସ୍ତ୍ର ଫିଙ୍ଗି ଦେବ, ସେ ମଧ୍ୟ ସୁରକ୍ଷିତ ରହିବ । ଏହାପରେ ଅବୁ ରୱିହା ଯାହାଙ୍କୁ ସେ ହଜରତ ବିଲାଲ୍‌ଙ୍କ ଆଫ୍ରିକୀୟଙ୍କ ଭାଇ ବୋଲି ଘୋଷଣା କରିଥିଲେ, ତାଙ୍କୁ ଲକ୍ଷ୍ୟ କରି କହିଲେ 'ବର୍ତ୍ତମାନ ମୁଁ ଅବୁ ରୱିହାଙ୍କୁ ନିଜର ଏକ ଧ୍ୱଜା ପ୍ରଦାନ କରୁଛି । ଯେଉଁ ବ୍ୟକ୍ତି ଅବୁ ରୱିହାଙ୍କ ଧ୍ୱଜା ପତାକା ତଳେ ଠିଆ ହୋଇଯିବ, ତାକୁ ଶାନ୍ତି ପ୍ରଦାନ କରାଯିବ ।' ଏବଂ ବିଲାଲ୍‌ଙ୍କୁ ନିର୍ଦ୍ଦେଶ ଦେଲେ 'ତୁମେ ତାଙ୍କ ସହିତ ଏହା ଘୋଷଣା କରି ଚ୍ଚଲ ଯେ ଯେଉଁ ବ୍ୟକ୍ତି ଅବୁ ରୱିହାଙ୍କ ପତକା ତଳେ ଆଶ୍ରିତ ହେବ, ତାକୁ ସମସ୍ତ ନିରାପତ୍ତା ଯୋଗାଇ ଦିଆଯିବ ।' (ଅଲ୍ ସିରତୁଲ୍ ହଲ୍‌ବିୟା, ତୃତୀୟ ଖଣ୍ଡ, ପୃଷ୍ଠା – ୯୧)

ଏହି ଆଦେଶ ପଛରେ ଏକ ମହତ୍ୱ ପୂର୍ଣ୍ଣ ରହସ୍ୟ ନିହିତ ଥିଲା । ମକ୍କାର ଲୋକେ ବିଲାଲ୍‌ଙ୍କ ଗୋଡରେ ଦଉଡି ବାନ୍ଧି ମକ୍କାର ଗଳିକନ୍ଦିରେ ଅତି ବର୍ବରତା ସହ ଘୋଷାଡି ନେଉଥିଲେ । ବିଲାଲ୍‌ଙ୍କ ପାଇଁ ଶାନ୍ତି ଓ ନିରାପତ୍ତାର ସ୍ଥାନ ନଥିଲା ବରଂ ପ୍ରତାରଣା, ଅପମାନ ତଥା ଲାଞ୍ଛନାର ସ୍ଥାନ ଥିଲା । ରସୁଲଲ୍ଲାଃ[ସଅ]ଙ୍କ ମନରେ ଏହି ଚିନ୍ତାର ଘାରିଥିଲା ଯେ ବର୍ତ୍ତମାନ ପରିସ୍ଥିତିରେ ବିଲାଲ୍‌ର ହୃଦୟରେ ଆଜି ବାରମ୍ବାର ପ୍ରତିଶୋଧର ବହ୍ନି ଜଳୁଥିବ । ଏହି ବିଶ୍ୱସ୍ତ ସାଥିଙ୍କ ପ୍ରତିଶୋଧ ନେବା ଅତ୍ୟନ୍ତ ଜରୁରୀ । କିନ୍ତୁ ସେହି ପ୍ରତିଶୋଧ ଇସଲାମୀୟ ପ୍ରତିଷ୍ଠାର ଅନୁକୂଳ ହେବା ଅତ୍ୟନ୍ତ ଆବଶ୍ୟକ ।

ସୁତରାଂ କରୁଣାର ଅବତାର ବିଲାଲ୍‌ଙ୍କ ପ୍ରତିଶୋଧ ଏପରି ନେଇ ନଥିଲେ ଯେ ତରବାରୀ ହାତରେ ଧରାଇ ବିଲାଲ୍‌ଙ୍କ ଦ୍ୱାରା ସମସ୍ତଙ୍କ ଶୀରଚ୍ଛେଦନ କରାଯିବ । ବରଂ ଏହା ପରିବର୍ତ୍ତେ ତାଙ୍କ ଭାଇଙ୍କ ହାତରେ ଏକ ପତାକା ଧରାଇ ଦେଇ ଗୋଟିଏ ସ୍ଥାନରେ ଛିଡା କରାଇ ଦେଲେ ଏବଂ ବିଲାଲ୍‌ଙ୍କୁ ଏହି ଉଦ୍ଦେଶ୍ୟରେ ନିଯୁକ୍ତ କରିଦେଲେ ଯେ ସେ ଏହା ଘୋଷଣା କରନ୍ତୁ । 'ଆଜି ଯେ କୌଣସି ବ୍ୟକ୍ତି ମୋ ଭାଇର ପତାକା ତଳେ ଆସି ଶରଣ ପଶିବ, ତାକୁ ଶାନ୍ତିର ଛାୟା ପ୍ରଦାନ କରାଯିବ ।' ଆହା କି ପ୍ରକାର ମହାନ ପ୍ରତିଶୋଧ ? କେତେ ସୁନ୍ଦର ପ୍ରତିଶୋଧ, ଯାହାର ଦୃଷ୍ଟାନ୍ତ କ୍ୱଚିତ୍ ଦେଖାଯାଏ । ଯେଉଁ ସମୟରେ ବିଲାଲ୍ ଉଚ୍ଚ ସ୍ୱରରେ ଏହା ଘୋଷଣା କରୁଥିବେ ଯେ 'ହେ ମକ୍କାର ଅଧିବାସୀମାନେ ! ଆସ ମୋ ଭାଇର ପତାକା ତଳେ ଦଣ୍ଡାୟମାନ ହୋଇଯାଅ, ତୁମକୁ ସୁରକ୍ଷା ପ୍ରଦାନ କରାଯିବ ।' ସେହି ପ୍ରକାର ଘୋଷଣା ଦ୍ୱାରା ତା'ର ହୃଦୟରୁ ପ୍ରତିଶୋଧ ଆପଣା ଛାଏଁ ଅପସରି ଯାଉଥିବ ଏବଂ ସେ ଅନୁଭବ କରୁଥିବ, ଯେଉଁ ପ୍ରକାରର ପ୍ରତିଶୋଧ ମୋ ପାଇଁ ହଜରତ ମୁହମ୍ମଦ[ସଅ] ପ୍ରସ୍ତାବିତ କରିଛନ୍ତି, ତାହା କିପରି ଏକ ମହାନ୍ ପ୍ରତିଶୋଧ । ଏହାର ଅନ୍ୟ କୌଣସି ପ୍ରତିଶୋଧ ମୋ ପାଇଁ ଅଧିକ ସୁନ୍ଦର ଓ ଶ୍ରେୟସ୍କର ହୋଇ ନପାରେ । ଯେବେ ସେନାବାହିନୀ ମକ୍କା ଆଡକୁ ଅଗ୍ରସର ହେବାକୁ ଲାଗିଲେ ଅଲ୍ଲାଃଙ୍କ ରସୁଲ୍ ଅବବାସ୍[ରଅ] ଙ୍କୁ ଆଦେଶ ଦେଲେ ଯେ ସେ ସଡକର କୌଣସି କୋଣରେ ଅବୁ ସୁଫିୟାନ ଓ ତାଙ୍କ ସାଥୀମାନଙ୍କୁ ଆଣି ଛିଡା କରାଇ ଦିଅ । ଯେପରିକି ସେ ଇସଲାମୀୟ ସେନାବାହିନୀର ଦକ୍ଷତା ଓ ମୁହମ୍ମଦ[ସଅ]ଙ୍କ ପ୍ରତି ଉତ୍ସର୍ଗୀ କୃତ ଭାବନା ଓ ଅନୁରକ୍ତିକୁ ଭଲ ରୂପେ ଦେଖି ପାରୁଥିବ । ହଜରତ ଅବବାସ୍[ରଅ] ସେୟା ହିଁ କଲେ । ଅବୁ ସୁଫିୟାନ ଓ ତାର ସାଥୀମାନଙ୍କ ସାମ୍ନାରେ ବିଭିନ୍ନ ଦିଗରୁ ଆରବର ମୁସଲିମ ଜନଜାତି ଗୋଷ୍ଠୀମାନେ ଗୋଟିକ ପରେ ଗୋଟିଏ ଦଳ ପାରେଡ କରି ଚ୍ଛଲିଲେ, ଯେଉଁ ଗୋଷ୍ଠୀଗୁଡିକର ସହାୟତା ଉପରେ ମକ୍କା ଭରସା କରୁଥିଲା । କିନ୍ତୁ ଆଜି ସେମାନେ ବିଧର୍ମୀ ହୋଇ ଅବିଶ୍ୱାସକାରୀଙ୍କ ପତାକା ଉଡାଉ ନଥିଲେ । ବରଂ ଆଜି ସେମାନେ ଇସଲାମ୍‌ର ବିଜୟ ଧ୍ୱଜାକୁ ଉଡାଉଥିଲେ ଏବଂ ସେମାନଙ୍କ ମୁହଁରେ ସର୍ବ ଶକ୍ତିମାନ ପ୍ରଭୁଙ୍କର ଏକେଶ୍ୱର ମହିମା ଉଦଘୋଷିତ ହେଉଥିଲା ।

ସେମାନେ ଅଲ୍ଲାଃଙ୍କ ରସୁଲଙ୍କ ପ୍ରାଣ ନେବାକୁ ଅଗ୍ରସର ହେଉ ନଥିଲେ । କିନ୍ତୁ ଆଜି ମୁହମ୍ମଦ[ସଅ]ଙ୍କ ପାଇଁ ସେମାନଙ୍କ ଶେଷ ରକ୍ତ ବିନ୍ଦୁ ବୁହାଇବା ପାଇଁ ପ୍ରସ୍ତୁତ ଥିଲେ । ସେମାନଙ୍କର ସର୍ବାଧିକ ଇଚ୍ଛା ଥିଲା ଯେ ଏକେଶ୍ୱରବାଦ ତଥା ଇସଲାମର ସତ୍ୟ ବାଣୀ ସମଗ୍ର ସଂସାରରେ ପ୍ରତିଷ୍ଠିତ କରାଯିବ । ସେନା ପରେ ସେନା ସଦଳ ବଳେ

ଫ୍ଲାଗମାର୍ଚ କରି ଚ୍ଛଲିଥିଲେ । ଇତିମଧ୍ୟରେ ଅଶଜଅ ଗୋଷ୍ଠୀର ସେନାବାହିନୀ ଅଗ୍ରସର ହେବାକୁ ଲାଗିଲେ । ସେମାନଙ୍କର ଇସଲାମ ପ୍ରତି ପ୍ରେମ ଓ ଆତ୍ମ ବଳିଦାନର ଉତ୍ସାହ ଓ ଉଦ୍ଦୀପନା ସେମାନଙ୍କ ଚେହେରାରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା । ଏହା ଦେଖି ଅବୁ ସୁଫିୟାନ ଅବବାସ୍‌ଙ୍କ ମୁହଁକୁ ଚ୍ଛହିଁ କହିଲା, 'ଅବବାସ୍ ! ଏମାନେ କିଏ ସେ ?' ସେ କହିଲେ 'ଅଶଜଅ କବିଲା ।' ସେ ପୁଣି ଆଶ୍ଚର୍ଯ୍ୟ ଚକିତ ହୋଇ କହିଲା 'ସମଗ୍ର ଆରବରେ ହଜରତ ମୁହମ୍ମଦ[ସଅ]ଙ୍କର ସବୁଠାରୁ ବଡ ଶତ୍ରୁ ଏହି ଅଶ୍‌ଜଅ ଗୋଷ୍ଠୀ ହିଁ ଥିଲା ।' ଅବବାସ୍ କହିଲେ ଏହାତ ବିଭୁକୃପା । ଯେବେ ସେ ଇଚ୍ଛାକଲେ ଏମାନଙ୍କ ହୃଦୟରେ ଇସଲାମ୍‌ର ପ୍ରବେଶ କରିଗଲା । ସର୍ବଶେଷରେ ହଜରତ ମୁହମ୍ମଦ ନିଜର ଅନ୍‌ସାର ଏବଂ ମୁହାଜେରୀନ୍‌ମାନଙ୍କ ସେନାବାହିନୀ ସହିତ ସେହି ବାଟ ଦେଇ ଅଗ୍ରସର ହେଲେ । ସେମାନଙ୍କ ସଂଖ୍ୟା ଦୁଇ ହଜାର ଥିଲା । ସେମାନେ ଆପାଦ ମସ୍ତକ ଲୌହ ସାଞ୍ଜୁ ଦ୍ୱାରା ଆବୃତ୍ତ ଥିଲେ । ହଜରତ ଉମର୍ ସେମାନଙ୍କୁ ଶୃଙ୍ଖଳାର ସହିତ ଧାଡିବାନ୍ଧି ଚଲାଉ ଥିଲେ ଓ ନିର୍ଦ୍ଦେଶ ଦେଉଥିଲେ ଯେ ଗୋଡକୁ ଗୋଡ ଠିକ୍ ରୂପେ ସମ୍ଭାଳି ଚ୍ଛଲ, ଯେପରି ଧାଡି ମଧ୍ୟରେ ଦୂରତା ସମାନ ରହିବ । ଇସଲାମର ପୁରାତନ ଉତ୍ସର୍ଗୀକୃତ ମୁସଲମାନମାନଙ୍କ ଉତ୍ସାହ, ସଂକଳ୍ପ ବଦ୍ଧତା ସେମାନଙ୍କ ଚେହେରାରୁ ସ୍ୱତଃସ୍ଫୂର୍ତ ଭାବରେ ଉଦଭାସିତ ହେଉଥିଲା । ସେମାନଙ୍କୁ ଦେଖି ଅବୁସୁଫିୟାନ୍‌ର ହୃଦୟ ଦୁଲୁକି ଉଠିଲା । ସେ ପଚ୍ଛରିଲା 'ଅବବାସ୍ ! ଏମାନେ ସବୁ କିଏ ?' ଅବବାସ୍ କହିଲେ, 'ରସୁଲୁଲ୍ଲାଃ ଅନ୍‌ସାର୍ ଓ ମୁହାଜେରୀନ୍‌ମାନଙ୍କ ସୈନ୍ୟସାମନ୍ତଙ୍କ ଗହଣରେ ଯାଉଛନ୍ତି ।' ଅବୁ ସୁଫିୟାନ କହିଲା, 'ସଂସାର ଭିତରେ ଏପରି ସେନାର ମୁକାବିଲା କରିବା ପାଇଁ କାହାର ସାଧ ଅଛି କି ?' ପୁନଶ୍ଚ ସେ ଅବବାସ୍‌ଙ୍କ ଆଡକୁ ଚ୍ଛହିଁ କହିଲା, 'ଅବବାସ୍ ! ତୁମ ଭାଇର ପୁଅ ଆଜି ପୃଥିବୀର ସବୁଠାରୁ ବଡ ସମ୍ରାଟରେ ପରିଣତ ହୋଇଛି ।' ଅବବାସ୍ କହିଲେ, 'କଣ ତୁମ ହୃଦୟର ଚକ୍ଷୁ ଏପର୍ଯ୍ୟନ୍ତ ଖୋଲିନାହିଁ ? ଏହା ବାଦଶାହତ (ସମ୍ରାଟଙ୍କ ରାଜତ୍ୱ) ନୁହେଁ । ଏହା ହେଉଛି ନବୁଓ୍ୱତ୍ (ଅବତାରତ୍ୱ) ଶାସନ । ଅବୁ ସୁଫିୟାନ କହିଲା 'ହଁ, ତାହା ନବୁଓ୍ୱତ୍ ହେଉ ପଛକେ ।' ଯେତେବେଳେ ସେହି ସୈନ୍ୟ ଅବୁ ସୁଫିୟାନ ସମ୍ମୁଖରେ ଅତିକ୍ରମ କଲା, ଅନ୍‌ସାର୍ ବାହିନୀର କମାଣ୍ଡର ସାଆଦ୍ ବିନ୍ ଓବାଦା ଅବୁ ସୁଫିୟାନକୁ ଦେଖି କହିଲେ 'ଆଜି ଈଶ୍ୱର ତରବାରୀ ବଳରେ ମକ୍କାରେ ପ୍ରବେଶ କରିବା ଆମ ପାଇଁ ସିଦ୍ଧ କରିଛନ୍ତି । ଆଜି କୁରୈଶ୍‌ମାନଙ୍କୁ ଲାଞ୍ଛିତ ଓ ଅପମାନିତ କରାଯିବ । ଯେତେବେଳେ ହଜରତ ମୁହମ୍ମଦ[ସଅ] ଅବୁ ସୁଫିୟାନ ପାଖ ଦେଇ ଅଗ୍ରସର ହେଲେ ଅବୁ ସୁଫିୟାନ ଉଚ୍ଚ ସ୍ୱରରେ କହିଲା 'ହେ ଅଲ୍ଲାଃଙ୍କ ରସୁଲ୍ ! କଣ ଆପଣ ନିଜ ଜାତିଭାଇଙ୍କୁ ହତ୍ୟା କରିବା ପାଇଁ

ଅନୁମତି ପ୍ରଦାନ କରିଛନ୍ତି ? ଏହି କ୍ଷଣି ଅନସାର୍‌ମାନଙ୍କ ସର୍ଦ୍ଦାର ସାଆଦ୍ ଓ ତାଙ୍କ ସାଥୀମାନେ ଏକଥା କହୁଥିଲେ । ସେମାନେ ଉଚ୍ଚସ୍ୱରରେ ଏହା ମଧ୍ୟ କହୁଥିଲେ ଯେ ଆଜି ଲଢେଇ ହେବ । ମକ୍କାର ପବିତ୍ରତା ଆଜି ଆମକୁ ଯୁଦ୍ଧରୁ କ୍ଷାନ୍ତ କରିପାରିବ ନାହିଁ ଏବଂ କୁରୈଶ୍‌ମାନଙ୍କୁ ଆମେ ଅପମାନିତ କରି ଛାଡିବୁ । ହେ ଅଲ୍ଲାଃଙ୍କ ରସୁଲ ! ଆପଣ ତ ସମଗ୍ର ସଂସାରରେ ସବୁଠାରୁ ବଡ ସଦାଚାରୀ, ଦୟାବାନ ବ୍ୟକ୍ତି ଯିଏ ନିଜର ପରିଜନଙ୍କ ସହିତ ସବୁଠାରୁ ଅଧିକ ସଦ ବ୍ୟବହାର କରିଥାନ୍ତି । କଣ ଆଜି ନିଜ ଜାତିର ଅତ୍ୟାଗ୍ଚରକୁ ଭୁଲି ଯିବେ ନାହିଁ କି ? ଅବୁସୁଫିୟାନର ଏପରି ମର୍ମସ୍ପର୍ଶୀ ଯାଚନା ଓ ଅଭିଯୋଗ ଶୁଣି ମୁହାଜେରୀନ୍ ଯେଉଁମାନଙ୍କୁ ମକ୍କାର ଗଳିରେ ନାନା ପ୍ରକାର ଉତ୍ପୀଡନ ଓ ମାଡଗାଳି ଦିଆଯାଉଥିଲା । ଯେଉଁମାନଙ୍କ ଠାରରେ ନିଜର ଘରଡିହ ଓ ଜମିର ଅଧିକାର ଛଡାଇ ନିଆଯାଉଥିଲା, ସେମାନଙ୍କ ହୃଦୟ ମଧ୍ୟ ଉଦବେଳିତ ହୋଇ ଉଠିଲା ଓ ମକ୍କାର ଲୋକଙ୍କ ପ୍ରତି ଦୟାଭାବ ସୃଷ୍ଟି ହୋଇଗଲା । ସେମାନେ କହିଲେ 'ହେ ଅଲ୍ଲାଃଙ୍କ ରସୁଲ୍ ! ମକ୍କାର କୁରୈଶ୍‌ମାନେ ଯେଉଁ ଅତ୍ୟାଗ୍ଚର ଓ ଅମାନୁଷିକ କାଣ୍ଡ ଭିଆଇଥିଲେ ଏବଂ ଯାହାକୁ ଶୁଣି ଆଜି ଅନ୍‌ସାର୍‌ମାନେ ମକ୍କାବାସୀଙ୍କୁ କ'ଣ ଦଣ୍ଡ ଦେବେ, ଆମେ ଜାଣିନାହୁଁ ।' ହଜରତ ମୁହମ୍ମଦ[ସଅ] କହିଲେ 'ଅବୁ ସୁଫିୟାନ ! ସାଆଦ୍ ଠିକ୍ କଥା କହି ନାହାନ୍ତି । **ଆଜି ଦୟା ପ୍ରଦର୍ଶନର ଦିବସ** । ଆଜି ଅଲ୍ଲାଃ କୁରୈଶ ଜାତି ଓ ପବିତ୍ର କାବା ମସଜିଦ୍‌କୁ ସମ୍ମାନ ପ୍ରଦାନ କରିବାକୁ ଯାଉଛନ୍ତି ।' ଏହାପରେ ମହାଭାଗ ଜଣେ ବ୍ୟକ୍ତିଙ୍କୁ ପଠାଇ ସାଆଦ୍‌ଙ୍କୁ ଆଦେଶ ଦେଲେ 'ଆପଣ ନିଜ ଧ୍ୱଜାକୁ ନିଜ ପୁତ୍ର କୈସ୍‌ଙ୍କୁ ପ୍ରଦାନ କରନ୍ତୁ । ସେ ବର୍ତ୍ତମାନ ଠାରୁ ଅନସାର୍ ସେନାଦଳର ସେନାପତି ହେବେ । (ଅଲ୍ ସିରତୁଲ, ହଲବିୟା, ତୃତୀୟ ଖଣ୍ଡ, ପୃଷ୍ଠା ୯୩)

ଏହିପରି ଭାବରେ ମହାଭାଗ ମକ୍କାବାସୀଙ୍କ ସନ୍ତାପିତ ହୃଦୟରେ ଚନ୍ଦନ ବୋଳିଦେଲେ ଏବଂ ମଦିନାବାସୀ ଅନସାର୍‌ମାନଙ୍କ ହୃଦୟରେ ଆଘାତ ପହଞ୍ଚାଇବାରୁ ରକ୍ଷା କଲେ । କୈସ୍‌ଙ୍କ ଉପରେ ଅଲ୍ଲାଃଙ୍କ ରସୁଲଙ୍କ ସମ୍ପୂର୍ଣ୍ଣ ଭରସା ଥିଲା । କୈସ୍ ଜଣେ ଅତ୍ୟନ୍ତ ଭଦ୍ରଶୀଳ ଯୁବକ ଥିଲେ । ଏପରି ଭଦ୍ର ଯେ ଇତିହାସ ପୃଷ୍ଠାରେ ଲେଖା ଅଛି ଯେ ଆସନ୍ନ ମୃତ୍ୟୁର ସମୟରେ କୈସ୍ ଦେଖିଲେ ଯେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦେଖିବା ପାଇଁ ବହୁଲୋକ ଆସୁଛନ୍ତି । କିନ୍ତୁ ତାଙ୍କର ବହୁ ଜଣାଶୁଣା କେତେକ ବ୍ୟକ୍ତି ଆସୁ ନାହାନ୍ତି । ଏହାର କାରଣ ଜାଣିବାକୁ ଗ୍ଚହିଁବାରୁ ତାଙ୍କ ସାଥୀମାନେ କହିଲେ ଯେ କୈସ ଜଣେ ଦାନଶୀଳ ଧନୀକ ବ୍ୟକ୍ତି ଥିଲେ । ବହୁତ ଲୋକଙ୍କୁ ସେ ଦୁଃଖ ଅନାଟନ ସମୟରେ କରଜ ଦେଇ ଥିଲେ । ସେମାନେ ବର୍ତ୍ତମାନ ଋଣ ସୁଝି ପାରି ନଥିବା ଯୋଗୁଁ

ଏପରି ଅସୁସ୍ଥ ଥିବା ସମୟରେ ତାଙ୍କୁ ଦେଖା କରିବାକୁ ଆସି ପାରୁନାହାନ୍ତି । କାଳେ ସେମାନଙ୍କୁ ସେ ଦେଇଥିବା ଋଣ ପରିଶୋଧ କରିବାକୁ କହିଦେବେ ? କୈସ କହିଲେ 'ଆହା ! ମୋ ସାଥୀମାନଙ୍କୁ ଅଯଥାରେ କଷ୍ଟ ଦିଆଗଲା ।' ସେ ଉପସ୍ଥିତ ଲୋକମାନଙ୍କୁ କହିଲେ 'ସହରରେ ଡେଙ୍ଗୁରା ଦେଇ ଘୋଷଣା କରିଦିଅ ଯେ କୈସ ଠାରୁ ଯେଉଁମାନେ ଋଣ ନେଇଛନ୍ତି ଆଜିଠାରୁ ତାକୁ ମାଫ କରାଗଲା ଓ ସେମାନେ ସମସ୍ତେ ଋଣମୁକ୍ତ ହେଲେ । ତା'ପରେ ଏତେ ଲୋକ ତାଙ୍କୁ ଦେଖିବାକୁ ଆସିଲେ ଯେ ତାଙ୍କ ଘରର ସିଡି ଭାଙ୍ଗିଗଲା ।

ସମସ୍ତ ସୈନ୍ୟବାହିନୀ ସେମାନଙ୍କୁ ଅତିକ୍ରମ କଲାପରେ ଅବବାସ୍ ଅବୁ ସୁଫିୟାନଙ୍କୁ କହିଲେ ଯେ ନିଜ ବାହାନ ଦୌଡାଇ ତୁରନ୍ତ ମକ୍କାରେ ପହଞ୍ଚି ଖବର ଦିଅ ଯେ ହଜରତ ମୁହମ୍ମଦ[ସଅ] ମକ୍କାରେ ପଦାର୍ପଣ କରି ସାରିଛନ୍ତି । ଏବଂ ମକ୍କାବାସୀମାନଙ୍କୁ ଯେଉଁ ପ୍ରକାରରେ ସୁରକ୍ଷା ଓ ଶାନ୍ତିର ମାର୍ଗର ପ୍ରସ୍ତାବ ଦେଇଛନ୍ତି ସେହି ପ୍ରକାର ଆଚରଣ ସେମାନେ ଯେପରି ପ୍ରଦର୍ଶନ କରନ୍ତି, ତାହା ସେମାନଙ୍କୁ ବୁଝାଇ ଦିଅ ।

ଅବୁ ସୁଫିୟାନ ମନେ ମନେ ବହୁତ ପ୍ରସନ୍ନ ଥିଲେ ଯେ ଯାହା ହେଉନା କାହିଁକି, ମୁଁ ଶେଷରେ ମକ୍କାବାସୀଙ୍କ ମୁକ୍ତିର ମାର୍ଗ ବାହାର କରିବାରେ ସଫଳ ହୋଇଗଲି । ଅବୁ ସୁଫିୟାନର ପତ୍ନୀ ହିନ୍ଦା ମକ୍କାବାସୀଙ୍କ ତରଫରୁ ଇସଲାମ୍ର ପ୍ରାରମ୍ଭିକ କାଳରେ ଲୋକମାନଙ୍କୁ ଇସଲାମ୍ ପ୍ରତି ଘୃଣା ଓ ବିଦ୍ୱେଷ ଭାବ ପୋଷଣ କରିବା ପାଇଁ ଶିକ୍ଷା ଦେଉଥିଲେ । ସେ ଜଣେ ବିଧର୍ମୀ ହୋଇଥିଲେ ସୁଦ୍ଧା ବଡ ସାହାସୀ ମହିଳା ମଧ୍ୟ ଥିଲେ । ସେ ଅବୁ ସଫୁୟାନ୍ର ଦାଢିକୁ ଝିଙ୍କି ଧରି ମକ୍କାବାସୀଙ୍କୁ ଡାକ ଛାଡିଲା ଯେ ଆସ ଏହି ମୁର୍ଖ ବୁଢା ଲୋକକୁ ହତ୍ୟା କର । ସେ ଏପରି ପରାମର୍ଶ ଦେବା ପରିବର୍ତ୍ତେ ଯେ ନିଜ ପ୍ରାଣ ଓ ସହରର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଯୁଦ୍ଧ କରି ପ୍ରାଣ ଦିଅ, ଏହା କହିଲା ଯେ ଏହି ଲୋକଟି ତୁମମାନଙ୍କ ଶାନ୍ତି ଓ ସୁରକ୍ଷାର ଘୋଷଣା କରୁଛି ।' ଅବୁସୁଫିୟାନ କହିଲେ 'ଶୁଣ ! ହେ ନିର୍ବୋଧ ନାରୀ ବର୍ତ୍ତମାନ ଏହା କରିବାର ସମୟ ଆଉ ନାହିଁ । ତୁ ଯାଅ ନିଜ ଘରେ ଲୁଚିଯା । ମୁଁ ସେହି ସେନାବାହିନୀଙ୍କୁ ଦେଖି ଆସିଛି । ତାଙ୍କ ସହିତ ମୁକାବିଲା କରିବାର ଶକ୍ତି ସମଗ୍ର ଆରବରେ ଆଜି କାହା ପାଖରେ ନାହିଁ । ଏହା ପରେ ଅବୁସୁଫିୟାନ୍ ଉଚ୍ଚ ସ୍ୱରରେ ଶାନ୍ତି ଏବଂ ନିରାପତ୍ତାର ସର୍ତ୍ତ ମାନ ଘୋଷଣା କରିବାରେ ଲାଗିଲା । ଲୋକମାନେ ଅତିଦ୍ରୁତ ଗତିରେ ସେହି ସ୍ଥାନ ଓ ଘର ଅଭିମୁଖେ ଧାଇଁବାରେ ଲାଗିଲେ, ଯେଉଁଠାରେ ଶାନ୍ତିର ଘୋଷଣା କରା ଯାଇଥିଲା । କେବଳ ୧୧ ଜଣ ପୁରୁଷ ଓ ୪ ଜଣ ମହିଳାଙ୍କ ବ୍ୟତିତ ଅନ୍ୟମାନେଙ୍କୁ ଆଶ୍ରୟ ନେବାକୁ କୁହାଯାଇଥିଲା । ସେମାନଙ୍କ ବିରୁଦ୍ଧରେ ଜଘନ୍ୟ ହତ୍ୟାକାଣ୍ଡ ଓ

ଉପଦ୍ରବ ତଥା ଅନ୍ୟାନ୍ୟ ଷଡଯନ୍ତ୍ରରେ ଲିପ୍ତ ରହି ଯୁଦ୍ଧ ଅପରାଧ ରୂପେ ପ୍ରମାଣ ମିଳିବାରୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ସେମାନଙ୍କୁ ମୃତ୍ୟୁଦଣ୍ଡ ଦେବାର ଘୋଷଣା କରାଯାଇଥିଲା । ଏବଂ ହଜରତ ମୁହମ୍ମଦ[ସଅ] ଙ୍କ ନିର୍ଦ୍ଦେଶ ରହିଥିଲାଯେ ସେମାନଙ୍କୁ ବଧ କରାଯାଉ । ସେହିପରି ଖାଲିଦ୍ ବିନ୍ ୱ୍ାଲିଦ୍‌ଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ ଯେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଲଢେଇ ନ କରେ ସେ ପର୍ଯ୍ୟନ୍ତ ତୁମେ ତାଙ୍କ ସହିତ ଲଢିବ ନାହିଁ । କିନ୍ତୁ ଖାଲିଦ୍ ଯେଉଁ ପଟରୁ ମକ୍କାରେ ସୈନ୍ୟ ଧରି ପ୍ରବେଶ କରିଥିଲେ ସେଠାକାର ଲୋକଙ୍କୁ ଶାନ୍ତିର ବାର୍ତ୍ତା ଓ ସାଧାରଣ କ୍ଷମାର ଘୋଷଣା ପହଞ୍ଚି ନଥିଲା । ତେଣୁ ସେହି କ୍ଷେତ୍ରରେ ସୈନ୍ୟମାନେ ଖାଲିଦ୍‌ଙ୍କ ସହିତ ମୁକାବିଲା ଆରମ୍ଭ କରିଦେଲେ । ଏଥିରେ ୨୪ଜଣ ଲୋକ ନିହତ ହୋଇଥିଲେ । ଯେହେତୁ ଖାଲିଦ୍‌ଙ୍କ ସ୍ୱଭାବ ପ୍ରବଳ ଉଗ୍ର ପ୍ରକୃତିର ଥିଲା । ସେଥିପାଇଁ କେହି ଜଣେ ଦୌଡି ଯାଇ ହଜରତ ମୁହମ୍ମଦ[ସଅ]ଙ୍କୁ ଖବର ଦେଲା ଯେ ଖାଲିଦ୍‌ଙ୍କୁ ଅଟକାଇ ରଖାଯାଉ । ନଚେତ୍ ସେ ସମଗ୍ର ମକ୍କାବାସୀଙ୍କୁ ହତ୍ୟା କରିଦେବେ । ମହାଭାଗ ଅତିଶୀଘ୍ର ଖାଲିଦ୍‌ଙ୍କୁ ଡକାଇ ପଠାଇଲେ ଏବଂ ପ୍ରଶ୍ନ 'କଲେ କଣ ମୁଁ ତୁମକୁ ଯୁଦ୍ଧରୁ କ୍ଷାନ୍ତ ରହିବା ପାଇଁ କହି ନଥିଲି ?' ଖାଲିଦ୍ କହିଲେ 'ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ତ ଯୁଦ୍ଧ କରିବାକୁ ମନା କରିଥିଲେ । କିନ୍ତୁ ସେମାନେ ଆମ ଉପରେ ପ୍ରଚଣ୍ଡ ଆକ୍ରମଣ ଆରମ୍ଭ କରିଦେଲେ ଓ ତୀରବୃଷ୍ଟି ମଧ କଲେ । ଆମେ କିଛି ସମୟ ପାଇଁ ଅଟକି ଗଲୁ । ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କଲି ଯେ ଆମେମାନେ ସେମାନଙ୍କୁ ଆକ୍ରମଣ କରିବାକୁ ଆସିନାହୁଁ । ତେଣୁ ଆପଣମାନେ ଯୁଦ୍ଧରୁ କ୍ଷାନ୍ତ ରୁହନ୍ତୁ । ସେମାନେ କିନ୍ତୁ ଆମ କଥା ଆଦୌ ଶୁଣିଲେ ନାହିଁ । ତେଣୁ ମୁଁ ସେମାନଙ୍କୁ ଏଣେତେଣ ଘଉଡାଇ ଦେଲି ।'

ଏପରି ଗୋଟିଏ ଛୋଟ ଘଟଣାକୁ ଛାଡିଦେଲେ ଅନ୍ୟ କୌଣସି ଘଟଣା ଦେଖିବାକୁ ମିଳି ନଥିଲା । ହଜରତ ମୁହମ୍ମଦ[ସଅ] ମକ୍କାକୁ ନିଜ ଅକ୍ତିଆରକୁ ଆଣି ପାରିଲେ ଓ ସମଗ୍ର ମକ୍କା ତାଙ୍କ ଅଧିକାରକୁ ଆସିଗଲା । ଯେତେବେଳେ ସେ ମକ୍କାରେ ପ୍ରବେଶ କରିଥିଲେ ଲୋକମାନେ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ୍ ! କଣ ଆପଣ ନିଜ ଘରେ ରହିବାକୁ ପସନ୍ଦ କରିବେ ?' ସେ ପ୍ରଶ୍ନ କଲେ ଅକିଲ୍ ! (ତାଙ୍କ କକା ପୁଅ ଭାଇ) ଆମପାଇଁ କୌଣସି ବାସଗୃହ ଛାଡିଛନ୍ତି କି ? ଅର୍ଥାତ ମୋର ହିଜରତ ବା ପ୍ରବାସୀ ହେବା ପରେ ମୋର ପରିଜନମାନେ ସମସ୍ତ ସମ୍ପତ୍ତି ବାଡିକୁ ବିକି ଭାଙ୍ଗି ଖାଇ ଦେଇଛନ୍ତି । ତେଣୁ ବର୍ତ୍ତମାନ ମକ୍କାରେ ରହିବା ପାଇଁ ଖଣ୍ଡିଏ ବାସସ୍ଥାନ ବି ନାହିଁ । ଏହାପରେ ସେ କହିଲେ ବର୍ତ୍ତମାନ ଆମେ 'ଖୈଫ୍ ବନୀ କିନାନା'ରେ ଅବସ୍ଥାନ କରିବୁ । ଏହି ଜାଗାଟି ମକ୍କାର ଏକ ପଡିଆ ଥିଲା । ଏହି ପଡିଆରେ କୁରୈଶ୍ ଓ କିନାନ୍

ଗୋଷ୍ଠୀର ଲୋକ ମିଳିତ ଭାବେ ପ୍ରତିଜ୍ଞା କରିଥିଲେ ଯେ ଯେପର୍ଯ୍ୟନ୍ତ ବନୁ ହାସିମ୍ ଓ ବନୁ ଅବ୍ଦୁଲ୍ ମୁତଲିବ୍ ଗୋଷ୍ଠୀ ହଜରତ ମୁହମ୍ମଦ[ସଅ]ଙ୍କୁ ଧରି ଆମକୁ ଅର୍ପଣ ନକରିଛନ୍ତି ଏବଂ ତାଙ୍କ ସହଚାର୍ଯ୍ୟ ତ୍ୟାଗ ନ କରିଛନ୍ତି ସେ ପର୍ଯ୍ୟନ୍ତ ସେମାନଙ୍କ ସହିତ ନା କୌଣସି ବୈବାହିକ ସମ୍ପର୍କ ରଖିବୁ ନା କୌଣସି କ୍ରୟବିକ୍ରୟ କାରବାର କରିବୁ । ଏହି ଘୋଷଣା ପରେ ମକ୍କାରେ ଥିବା ସମୟରେ ହଜରତ ମୁହମ୍ମଦ[ସଅ] ଏବଂ ତାଙ୍କର କକା ଆବୁତାଲିବ୍ ତଥା ସାଥୀ ସହୋଦରମାନେ ଆବୁତାଲିବ୍ ଘାଟିରେ ଯାଇ ଶରଣ ନେଇଥିଲେ ଏବଂ ସେଠାରେ ତିନି ବର୍ଷ ଧରି କଠୋର ନିର୍ଯ୍ୟାତନା ଭୋଗ କଲାପରେ ଅଲ୍ଲାଃଙ୍କ କୃପାରୁ ସେଠରୁ ସେମାନଙ୍କୁ ମୁକ୍ତି ମିଳିଥିଲା । ମୁହମ୍ମଦ[ସଅ]ଙ୍କ ସେହି ଖୈଫ ସ୍ଥାନର ଚୟନ କେତେ ଯେ ମହତ୍ୱପୂର୍ଣ୍ଣ ଥିଲା ସତେ ! ମକ୍କାବାସୀ ଏହି ସ୍ଥାନରେ ଭୀଷ୍ମ ପ୍ରତିଜ୍ଞା କରିଥିଲେ ଯେ ଯେଉଁ ପର୍ଯ୍ୟନ୍ତ ମୁହମ୍ମଦ[ସଅ]ଙ୍କୁ ଆମ ନିକଟରେ ସମର୍ପଣ କରା ନ ଯାଇଛି, ସେ ପର୍ଯ୍ୟନ୍ତ ଆମେ ମକ୍କାର ଗୋଷ୍ଠୀ ସହିତ କଦାପି ସନ୍ଧି କରିବୁ ନାହିଁ । ଆଜି ସେହି ମୈଦାନରେ ହଜରତ ମୁହମ୍ମଦ[ସଅ] ଅବତରଣ ଏବଂ ମକ୍କାବାସୀଙ୍କୁ ଯେପରି କହିବାକୁ ଚାହୁଁଥିଲେ ଯେ ଯେଉଁଠାରେ ତୁମେମାନେ ଧରିବାକୁ ଚାହୁଁଥିଲ ଦେଖ, ମୁଁ ସ୍ୱୟଂ ଆଜି ସେଠାକୁ ଚାଲି ଆସିଛି । କିନ୍ତୁ ଟିକିଏ ଚିନ୍ତା କରି ଦେଖ ଯେ କଣ ତୁମମାନଙ୍କ ନିକଟରେ ଶକ୍ତି ଅଛି ଯାହା ବଳରେ ତୁମେ ଆଜି ମୋତେ ଅତ୍ୟାଚାରରେ କବଳିତ କରିପାରିବ ? ଏହା ହେଉଛି ସେହି ସ୍ଥାନ, ଯେଉଁଠାରେ ତୁମେମାନେ ମୋତେ ତିରସ୍କୃତ ଓ କୋପଗ୍ରସ୍ତ ଅବସ୍ଥାରେ ଦେଖିବାକୁ ଚାହୁଥିଲ । ମନରେ ଏହା ମଧ୍ୟ ଭାବୁଥିଲ ଯେ ମୋ'ଜାତିର ଲୋକ ମୋତେ ଧରି ତୁମ ହାତରେ ସମର୍ପଣ କରିଦେବେ । କିନ୍ତୁ ମୁଁ ଏଠାକୁ ଏପରି ଅବସ୍ଥାରେ ଆସିଛି ଯେ କେବଳ ମୋର ଗୋଷ୍ଠୀ ନୁହେଁ, ବରଂ ସମଗ୍ର ଆରବ ଜଗତ ଆଜି ମୋ ସହିତ ଅଛନ୍ତି । ମୋର ଜାତି ମୋତେ ତୁମ ହାତରେ ସମର୍ପଣ କରିନାହିଁ, ବରଂ ମୋର ଜାତି ଆଜି ତୁମମାନଙ୍କୁ ମୋ ନିକଟରେ ସମର୍ପଣ କରି ଦେଇଛନ୍ତି । ପ୍ରଭୁଙ୍କ ବିଚିତ୍ର ଲୀଳା, ଆଜି ଏହି ଦିବସଟି ମଧ୍ୟ ସୋମବାର, ସେଦିନ ମଧ୍ୟ ସୋମବାର ହିଁ ଥିଲା ଯେଉଁ ଦିନ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଶୋର ନାମକ ଗୁମ୍ଫାରୁ ବାହାରି କେବଳ ଅବୁବକ୍କରଙ୍କ ସହିତ ମଦିନା ଅଭିମୁଖେ ହିଜରତ କରିଥିଲେ । ଅତି ଦୁଃଖର ସହିତ ସୌର ପବତ ଶୀଖରରୁ ମକ୍କା ଆଡକୁ ଲକ୍ଷ୍ୟ କରି କହିଥିଲେ, 'ହେ ମକ୍କା ! ତୁ ମୋତେ ସଂସାରର ସମସ୍ତ ଗ୍ରାମଠାରୁ ଅଧିକ ପ୍ରିୟ ! କିନ୍ତୁ ତୋର ବାସିନ୍ଦା ମୋତେ ଏଠାରେ ରହିବାକୁ ଦେଉ ନାହାନ୍ତି ।'

ମକ୍କାର ପ୍ରବେଶ କରୁଥିଲା ବେଳେ ଶ୍ରୀଛାମୁଙ୍କ ଓଟ ବାହନର ଦୌଡି ହଜରତ୍ ଅବୁବକ୍କର ହିଁ ଧର ତାଙ୍କ ସହିତ କଥାବାର୍ତ୍ତା କରି ଚାଲିଥିଲେ । ଏବଂ ସୁରଃ

ଫତାହର ଯେଉଁଠାରେ ମୁସଲମାନମାନଙ୍କୁ ମକ୍କା ବିଜୟ ସମ୍ବନ୍ଧରେ ସୂଚନା ଦିଆ ଯାଇଛି ସେହି ବାଣୀକୁ ପାଠ କରୁଥିଲେ । ହଜରତ୍ ମୁହମ୍ମଦ[ସଅ] ସିଧାସଳଖ ପବିତ୍ର କାବା ପୀଠକୁ ଆସିଲେ ଏବଂ ଓଟ ପିଠିରେ ବସି ଥିବା ଅବସ୍ଥାରେ କାବାକୁ ସାତ ଥର ପରିକ୍ରମା କଲେ । ଏହି ସମୟରେ ଛାମୁଙ୍କ ହାତରେ ଗୋଟିଏ ବାଡି ଥିଲା । ମହାଭାଗ କାବା ଉପାସନା ଗୃହ, ଯାହାକୁ ହଜରତ୍ ଇବ୍ରାହିମ୍ ଏବଂ ତାଙ୍କ ପୁତ୍ର ହଜରତ୍ ଇସ୍‌ମାଇଲ ଏକେଶ୍ୱରବାଦ ଉପାସନା ସକାଶେ ନିର୍ମାଣ କରିଥିଲେ ଓ ଯେଉଁଠାରେ କାଳକ୍ରମେ ୩୬୦ଗୋଟି ପ୍ରତୀମା ପୂଜା କରା ଯାଉଥିଲା । ହଜରତ ମୁହମ୍ମଦ[ସଅ] ତାହାର ଚତୁର୍ପାର୍ଶ୍ୱରେ ପରିକ୍ରମା କରିବା ସମୟରେ କୁରଆନ୍‌ର ଏହି ପଙ୍‌କ୍ତି

جَآءَ الْحَقُّ وَزَهَقَ الْبَاطِلُ ۖ إِنَّ الْبَاطِلَ كَانَ زَهُوقًا

ଯାଆଲ୍‌ହକ୍‌କୋ ଓ୍ୱଜହକଲ୍ ବାତିଲୁ ଇନ୍ନଲ୍ ବାଆତିଲା କା'ନାଜହୁକା

ଅର୍ଥାତ୍ 'ସତ୍ୟ ପ୍ରତିଷ୍ଠା ହେଲା ଓ ମିଥ୍ୟା ଅପସରି ଗଲା'କୁ ଆବୃତ୍ତି କରି କରି ଗୋଟିକ ପରେ ଗୋଟିଏ ମୂର୍ତ୍ତି ଉପରେ ନିଜ ବାଡିରେ ମାରିବାକୁ ଲାଗିଲେ ।

ଉପରୋକ୍ତ ଶ୍ଳୋକଟି ମକ୍କାରୁ ହିଜରତର ବହୁ ପୂର୍ବରୁ ସୁରଃ ବନି ଇସ୍ରାଇଲ୍ ଅଧ୍ୟାୟରେ ମହାଭାଗଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଓ ମହାଭାଗଙ୍କୁ ହିଜରତ ଓ ମକ୍କା ବିଜୟ ସୂଚନା ଦିଆଯାଇଥିଲା । ୟୁରୋପୀୟ ଲେଖକମାନେ ଏଥିରେ ସହମତ ପ୍ରକାଶ କରନ୍ତି ଯେ ଏହି ଆୟତ ହଜରତ ମୁହମ୍ମଦ[ସଅ]ଙ୍କ ହିଜରତ ପୂର୍ବରୁ କୁରଆନ୍‌ର ବାଣୀ ରୂପେ ଅବତୀର୍ଣ୍ଣ ହଇଥିଲା । ଏହି ଅଧ୍ୟାୟରେ ଏହା ବର୍ଣ୍ଣନା କରାଯାଇଛି ।

وَقُل رَّبِّ أَدْخِلْنِي مُدْخَلَ صِدْقٍ وَأَخْرِجْنِي مُخْرَجَ صِدْقٍ وَاجْعَل لِّي
مِن لَّدُنكَ سُلْطَانًا نَّصِيرًا .وَقُلْ جَاءَ الْحَقُّ وَزَهَقَ الْبَاطِلُ ۚ إِنَّ الْبَاطِلَ كَانَ زَهُوقًا

ଓ୍ୱ କୁର୍ ରବବେ ଅଦ୍‌ଖିଲ୍‌ନୀ ମୁଦ୍‌ଖଲା ସିଦକ୍ୱିଁ ଓ୍ୱଅଖ୍‌ରିଜ୍‌ନୀ ମୁଖ୍‌ରଜା ସିଦକ୍ୱିଁ ଓ୍ୱ ଜାଆଲ୍‌ଲି ମିଲ୍‌ଲ ଦୁନ୍‌କା ସୁଲତାନନ୍ ନସିରା । ଓ୍ୱକୁଲ ଯାଆଲ୍ ହକ୍‌କୋ ଓ୍ୱଅଝ୍‌ହକଲ୍ ବାତିଲୁ ଇନ୍ନଲ୍ ବାଆତିଲା କାଆନା ଯହୁକା'

(ବନି ଇସ୍ରାଇଲ ୮୧,୮୨)

ଅର୍ଥାତ୍ ତୁମେ ଘୋଷଣା କରିଦିଅ 'ହେ ମୋର ପାଳନକର୍ତ୍ତା ! ମୋତେ ଏହି ସହର ଅର୍ଥାତ ମକ୍କାରେ ଭବ୍ୟ କଲ୍ୟାଣ ସହକାରେ ପ୍ରବେଶ କରାଅ । ଅର୍ଥାତ୍ ହିଜରତ ପରେ ବିଜୟ ଉଲ୍ଲାସ ତଥା ପ୍ରଭୁତ୍ୱ ପ୍ରଦାନ ପୂର୍ବକ ପ୍ରବେଶ କରାଇଦିଅ । ଏବଂ ଏହି ସହରରୁ କୁଶଳତା ପୂର୍ବକ ମଧ୍ୟ ବାହାର କରାଅ । ହିଜରତ୍ ସମୟରେ ଓ ସ୍ୱୟଂ ନିଜ

ସମୀପରୁ ମୋର ସହୟତା ଓ ପ୍ରଭୁତ୍ୱର ସମସ୍ତ ସଂସାଧନ ଉପଲବଧ୍ କରନ୍ତୁ । ତୁମେ ଏହା ମଧ କୁହ ଯେ ସତ୍ୟ ଆସିଗଲା ଓ ମିଥ୍ୟା ଅର୍ଥାତ ଅନେକଶ୍ୱରବାଦ ପରାଜିତ ହୋଇ ପଳାୟନ କଲା । ଏହି ଭବିଷ୍ୟତ ବାଣୀ ଅକ୍ଷରେ ଅକ୍ଷରେ ପୂରଣ ହେବା ତଥା ହଜରତ୍ ଅବୁବକ୍କରଙ୍କ କୁରଆନ୍ ପଙ୍କ୍ତି ଉଚ୍ଚାରଣ କରିବା ସମୟରେ ମୁସଲ୍‌ମାନ ଓ ବିଧର୍ମୀମାନଙ୍କ ହୃଦୟରେ ଆଜି ଯେଉଁ ଭାବନା ସୃଷ୍ଟି ହୋଇଥିବ, ତାହା ବର୍ଣ୍ଣନା କରିବା କାଠିକର ପାଠ । ଯାହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ଆଜିର ଏହି ଦିବସଟିକୁ ଅବ୍ରାହମଙ୍କ ପବିତ୍ର ଗୃହକୁ ଏକ ଈଶ୍ୱରଙ୍କ ଉପାସନା ସକାଶେ ପୁନର୍ବାର ପ୍ରତିଷ୍ଠା କରାଯାଇ ଏକ ବୈଶିଷ୍ଟ୍ୟ ପ୍ରଦାନ କରାଗଲା  ତଥା ପ୍ରତିମାକୁ ସବୁଦିନ ପାଇଁ ନିଶ୍ଚିହ୍ନ କରି ଦିଆଗଲା । ଯେତେବେଳେ ହଜରତ୍ ମୁହମ୍ମଦ[ସଅ] ନିଜ ବାଡିଦ୍ୱାରା 'ହୁବୁଲ୍' ନାମକ ପ୍ରତିମା ଉପରେ ପ୍ରହାର କରିଥିଲେ, ତାହା ନିଜ ସ୍ଥାନରୁ ପଡିଯାଇ ଭାଙ୍ଗିଗଲା । ହଜରତ୍ ଜୁବେର[ରଅ] ଅବୁସୁଫିଆନ ଆଡକୁ ସ୍ମିତ ହାସ୍ୟ କରି ଦେଖିଲେ ଓ କହିଲେ 'ଅବୁସୁଫିଆନ୍ ! ତୁମର ମନେଥିବ ଯେ ଉହଦ୍ ଯୁଦ୍ଧକ୍ଷେତ୍ରରେ ଯେତେବେଳେ ମୁସଲମାନ ଭୀଷଣ ଭାବେ ଆହାତ ହୋଇ ଗୋଟିଏ ପଟରେ ଛିଡା ହୋଇଥିଲେ, ସେତେବେଳେ ତୁମେ ଗର୍ବର ସହିତ 'ଉଲୋ ହୁବୁଲ୍' ଅର୍ଥାତ୍ ହୁବୁଲ୍‌ର ଜୟ, ହୁବୁଲର ଜୟ ବୋଲି ଘୋଷଣା କରୁଥିଲ । ଯେଉଁ ତଥାକଥିତ ହୁବୁଲ୍ ହିଁ ତୁମକୁ ଯୁଦ୍ଧରେ ବିଜୟ କରାଇଥିଲା ବୋଲି ତୁମେ ଚିତ୍କାର କରୁଥିଲ । ଆଜି ଦେଖ, ସେ ଖଣ୍ଡ ଖଣ୍ଡ ହୋଇ କିପରି ତୁମ ସମ୍ମୁଖରେ ପଡିରହିଛି ?' ଅବୁସୁଫିଆନ୍ କହିଲା 'ଜୁବେର ! ସେ ବିଷୟ ଛାଡ । ଆଜି ଆମେମାନେ ଭଲରୂପେ ଦେଖିପାରୁଛେ, ଯଦି ହଜରତ ମୁହମ୍ମଦ[ସଅ]ଙ୍କର ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ଈଶ୍ୱର ଥାଆନ୍ତେ, ତାହେଲେ ଅନ୍ତତଃ ଆଜି ଭଳି ଏ ଦୁର୍ଦ୍ଦଶା କଦାପି ହୋଇ ନଥାନ୍ତା ।' ତତ୍‌ପରେ ହଜରତ ମୁହମ୍ମଦ[ସଅ] କାବା ମଧରେ ହଜରତ ଇବ୍ରାହିମ୍‌ଙ୍କ ପ୍ରତିଛବି ତଥା ଅନ୍ୟାନ୍ୟ ଯେଉଁ ଚିତ୍ର ତିଆରି ହୋଇଥିଲା,  ସେଗୁଡିକୁ ମିଟାଇ ଦେବାକୁ ଆଦେଶ ଦେଲେ ଏବଂ କାବା ଗୃହରେ ପ୍ରଭୁଙ୍କ ପ୍ରତିଶ୍ରୁତି ପୂରଣ ହୋଇଥିବାରୁ ହଜରତ ମୁହମ୍ମଦ[ସଅ] ଅଲ୍ଲାଃଙ୍କ ପ୍ରତି କୃତଜ୍ଞତା ସ୍ୱରୂପ ଦୁଇ ରକାତ ନମାଜ ପାଠ କରିଥିଲେ । କାବା ଗୃହ ମଧରେ ଅଙ୍କା ଯାଇଥିବା ଚିତ୍ରସବୁକୁ ମିଟାଇ ଦେବା ସକାସେ ରସୁଲୁଲ୍ଲାଃ[ସଅ] ହଜରତ ଉମର[ରଅ]ଙ୍କୁ ନିୟୋଜିତ କରିଥିଲେ । ସେ ଭାବିଲେ ଯେହେତୁ ହଜରତ ଇବ୍ରାହିମ୍‌ଙ୍କୁ ମଧ ଆମେମାନେ ଅଲ୍ଲାଃଙ୍କ ନବୀ ବୋଲି ବିଶ୍ୱାସ କରୁଛୁ, ତେଣୁ ତାଙ୍କ ପ୍ରତିଛବିକୁ ରହିବାକୁ ଦେଲେ । ଅଲ୍ଲାଃଙ୍କ ରସୁଲ ଯେବେ ସେହି ଚିତ୍ରକୁ ଯଥାବତ ଦେଖିଲେ, ସେ କହି ଉଠିଲେ, 'ଉମର୍ ତୁମେ ଏ କଣ କଲ ? କଣ ଅଲ୍ଲାଃ ପବିତ୍ର କୁରଆନ୍‌ରେ କହିନାହାନ୍ତି :

مَا كَانَ اِبْرَاهِيْمُ يَهُوْدِيًّا وَّ لَا نَصْرَانِيًّا وَّ لٰكِنْ كَانَ حَنِيْفًا مُّسْلِمًا ؕ وَمَا كَانَ مِنَ الْمُشْرِكِيْنَ

ମାଆ କାଆନା ଇବ୍ରାହିମୋ ୟହୁଦିୟୌଂ ଓ୍ୱଲା ନସ୍‌ରାନିୟୌଂ ଓ୍ୱଲାକିନ୍ କାଆନା ହନିଫମ୍ ମୁସ୍‌ଲିମା; ଓ୍ୱମାକାନା ମିନଲ୍ ମୁଶ୍‌ରିକିନ୍

(ଆଲେ ଇମ୍‌ରାନ୍, ୬୮)

ଅର୍ଥାତ୍ 'ଇବ୍ରାହିମ୍ ଇହୁଦି ନଥିଲେ କି ଖ୍ରୀଷ୍ଟିୟାନ ନଥିଲେ । ବରଂ ସେ ଅଲ୍ଲାଃଙ୍କ ଏକ ସମ୍ପୂର୍ଣ୍ଣ ଆଜ୍ଞାକାରୀ ତଥା ସମସ୍ତ ସତ୍ୟତାକୁ ମାନିଥିବା ଏକେଶ୍ୱରବାଦୀ ଭକ୍ତ ଥିଲେ । ସୁତରାଂ ମହାଭାଗଙ୍କ ଆଦେଶରେ ସେହି ପ୍ରତିଛବିକୁ ମଧ ମିଟାଇ ଦିଆଗଲା ।

ଈଶ୍ୱରଙ୍କ ଚମତ୍କାରୀତାକୁ ଦେଖି ସେହି ଦିନ ମୁସଲମାନମାନଙ୍କ ହୃଦୟ ବିଶ୍ୱାସରେ ଗଦଗଦ ହୋଇ ଉଠିଲା । ହଜରତ ମୁହମ୍ମଦ[ସଅ]ଙ୍କ ମହିମାରେ ସେହି ବିଶ୍ୱାସ ଏପରି ଉନ୍ନତତର ହେବାକୁ ଲାଗିଲା ଯେବେ ରସୁଲୁଲ୍ଲାଃ ଜମଜମର ଝରଣାରୁ ଜଳପାନ କରିବାକୁ ମଗାଇଲେ ସେଥିରୁ କିଛି ପିଇ ସାରି ଅବଶିଷ୍ଟ ଜଳରେ 'ଓ୍ୱଜୁ' (ହସ୍ତପଦାଦି ପ୍ରକ୍ଷାଳନ) କଲେ । ମହାଭାଗଙ୍କ ଶରୀରରୁ ଟୋପାଏ ହେଲେ ଜଳ ଭୂମିରେ ପଡିପାରୁ ନଥିଲା । କାରଣ ତାଙ୍କ ଚାରିପଟେ ଘେରି ରହିଥିବା ମୁସଲମାନ ଶ୍ରଦ୍ଧାଳୁ ସେହି ଜଳକୁ ତୁରନ୍ତ ଆଞ୍ଜୁଳାରେ ନେଇ ପ୍ରସାଦ ସ୍ୱରୂପ ନିଜ ଶରୀର ଉପରେ ମଳୁଥିଲେ । ଏହା ଦେଖି ମୁଶରି (ଅନେକଶ୍ୱରବାଦୀ) କହି ଉଠୁଥିଲେ ଯେ ଆମେମାନେ ସଂସାରରେ ଏପରି କୌଣସି ସମ୍ରାଟ ଦେଖିନାହୁଁ ଯାହାଙ୍କ ସହିତ ତାଙ୍କ ଅନୁଗାମୀ ଏତେ ଅଧିକ ପ୍ରେମ କରି ପାରନ୍ତି । ଯେବେ ମହାଭାଗ ସେହି କାର୍ଯ୍ୟରୁ ନିବୃତ ହେଲେ ଏବଂ ମକ୍କାବାସୀଙ୍କୁ ତାଙ୍କ ଶ୍ରୀଛାମୁରେ ଉପସ୍ଥିତ କରାଗଲା, ସେ କହିଲେ 'ହେ ମକ୍କାର ଲୋକମାନେ ! ତୁମେ ଦେଖିନେଲ ଯେ ପ୍ରଭୁଙ୍କ ଚମତ୍କାରିତା କିପରି ଅକ୍ଷରେ ଅକ୍ଷରେ ପୂରଣ ହେଲା । ବର୍ତ୍ତମାନ କୁହ ଯେ ତୁମର ପୂର୍ବକୃତ ଅତ୍ୟାଚାର ଓ ଉପଦ୍ରବ ପାଇଁ କିପରି ଶାସ୍ତି ଦିଆଯିବ । ଯାହା ତୁମେ ଏକ ପ୍ରଭୁଙ୍କ ଉପାସନା କରୁଥିବା ନିର୍ଧନ ଓ ନିରୀହ ଭକ୍ତଙ୍କ ଉପରେ ଚଳାଇଥିଲ । ମକ୍କାର ଲୋକମାନେ କହିଲେ 'ଆମେମାନେ ଆପଣଙ୍କ ଠାରୁ ସେହି ଆଚରଣର ଆଶା ରଖୁଅଛୁ, ଯାହା ହଜରତ ୟୁସୁଫ ନିଜ ଭାଇମାନଙ୍କ ଧୃଷ୍ଟତା ପାଇଁ କରିଥିଲେ'। ଏହା ପ୍ରଭୁଙ୍କ ଅପାର ଲୀଳା ଯେ ମକ୍କାବାସୀଙ୍କ ମୁହଁରୁ ସେହି ଶବ୍ଦ ବାହାରିଲା, ଯାହାର

ଭବିଷ୍ୟତ ବାଣୀ ଈଶ୍ୱର 'ସୁରଃ ୟୁସୁଫ' ଅଧ୍ୟାୟରେ ପୂର୍ବରୁ କରି ରଖିଥିଲେ ତଥା ମକ୍କା ବିଜୟର ଦଶ ବର୍ଷ ପୂର୍ବରୁ ଏହା ସୂଚାଇ ଦେଇଥିଲେ ଯେ ତୁମେ ମକ୍କାବାସୀଙ୍କ ସହିତ ସେହିପରି ବ୍ୟବହାର କରିବ, ଯେପରି ୟୁସୁଫ ନିଜ ଭାଇମାନଙ୍କ ସହିତ କରିଥିଲେ । ସୁତରାଂ ଯେବେ ମକ୍କାବାସୀଙ୍କ ମୁହଁରୁ ସ୍ୱତଃସ୍ଫୂର୍ତ ଭାବରେ ଏହା ପ୍ରମାଣିତ ହୋଇଗଲା ଯେ ମୁହମ୍ମଦ ରସୁଲୁଲ୍ଲାଃ ୟୁସୁଫଙ୍କ ସାମଞ୍ଜସ୍ୟ ରକ୍ଷା କରିଥିଲେ । ତେଣୁ ୟୁସୁଫଙ୍କ ସଦୃଶ ଅଲ୍ଲାଃତାଲା ମୁହମ୍ମଦ[ସଅ] ଙ୍କୁ ମଧ୍ୟ ନିଜ ଭାଇମାନଙ୍କ ଉପରେ ବିଜୟ ପ୍ରଦାନ କରିଥିଲେ । ସେ ମଧ୍ୟ ଘୋଷଣା କଲେ, تَاللّٰهِ لَا تَثْرِيْبَ عَلَيْكُمُ الْيَوْمَ

'ତାଲ୍ଲାଃହେ ଲା' ତଶ୍ରିବା ଆଲୈକୁମୁଲ୍ ୟୌମ୍'

ଅର୍ଥାତ୍ ଅଲ୍ଲାଃଙ୍କ ଦ୍ୱାହି ଦେଇ ଘୋଷଣା କରୁଛି ଯେ ଆଜି ତୁମମାନଙ୍କୁ କୌଣସି ପ୍ରକାରର ଶାସ୍ତି ଦିଆଯିବ ନାହିଁ କି କୌଣସି ପ୍ରକାରର କୈଫିୟତ ତଲବ କରାଯିବ ନାହିଁ।'

ଯେବେ ହଜରତ ମୁହମ୍ମଦ[ସଅ] ପବିତ୍ର କାବା ପୀଠର ଦର୍ଶନ ପୂର୍ବକ ଆନୁଷ୍ଠାନିକ ଭାବେ ଉପାସନାରେ ବ୍ୟସ୍ତଥିଲେ ଓ ନିଜ ଜାତିର ଲୋକମାନଙ୍କ ସହିତ ଦୟା ଓ କ୍ଷମା ପୂର୍ବକ ବ୍ୟବହାର କରୁଥିଲେ, ତାହା ଦେଖି ମଦିନାରୁ ଆସିଥିବା ଅନ୍‌ସାରମାନଙ୍କ ମନ ଅଜଣା ଆଶଙ୍କାରେ ଦ୍ରବୀଭୂତ ହେବାରେ ଲାଗିଥିଲା । ସେମାନେ ଜଣେ ଅନ୍ୟଜଣକୁ ସଙ୍କେତ କରି କହୁଥିଲେ, ଆଜି ଆମେ ନିଶ୍ଚୟ ଅଲ୍ଲାଃଙ୍କ ରସୁଲ୍‌ଙ୍କୁ ଆମଠାରୁ ପୃଥକ କରିଦେଇଛୁ । ଯେହେତୁ ଈଶ୍ୱର ତାଙ୍କ ହାତରେ ତାଙ୍କ ସହର ମକ୍କାକୁ ବିଜୟ ପ୍ରାପ୍ତ କରାଇଛନ୍ତି ଏବଂ ତାଙ୍କ କବିଲା କୋରୈଶ ଗୋଷ୍ଠୀ ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଛନ୍ତି । ସେହି ସମୟରେ ଅନ୍‌ସାର୍ ଭାଇମାନଙ୍କ ଏତାଦୃଶ ଆଶଙ୍କାକୁ ଅଲ୍ଲାଃ ଦୈବୀବାଣୀ ମାଧ୍ୟମରେ ମୁହମ୍ମଦ[ସଅ] ଙ୍କୁ ଜଣାଇଦେଲେ । ସୁତରାଂ ମହାଭାଗ ନିଜ ଶୀର ଉପରକୁ ଉଠାଇଲେ ଓ ଅନ୍‌ସାର୍ ଭାଇମାନଙ୍କ ଆଡକୁ ଚାହିଁ କହିଲେ, 'ହେ ଅନସାର! ତୁମେମାନେ ଭାବୁଥିବ ଯେ ଆଜି ମୁହମ୍ମଦ ରସୁଲୁଲ୍ଲାଃଙ୍କୁ ନିଜର ସହର ମକ୍କାର ପ୍ରେମ ବ୍ୟାକୁଳ କରୁଥିବ ତଥା ନିଜ ଜାତି ପ୍ରତି ବିଚ୍ଛେଦ ବେଦନାରେ ସେ ବ୍ୟଥିତ ହେଉଥିବେ, ଆଜି ମକ୍କାରେ ନିଜ ଜାତି ଭାଇଙ୍କ ଗହଣରେ ରହିଥିବାରୁ ତାଙ୍କ ହୃଦୟ ଆନନ୍ଦରେ କୁରୁଳି ଉଠୁଥିବ । ଅନ୍‌ସାରମାନେ କହିଲେ 'ହେ ଅଲ୍ଲାଃଙ୍କ ରସୁଲ୍! ଆପଣ ଠିକ୍ କହିଛନ୍ତି । ଆମ ହୃଦୟରେ ଏପରି ଧାରଣା ସୃଷ୍ଟି ହୋଇଛି ।' ତହୁଁ ମହାଭାଗ କହିଲେ 'ତୁମେ ଜାଣିଛ କି ମୋ ନାମ କ'ଣ ?' ଅର୍ଥାତ୍ ଏହି ପ୍ରଶ୍ନର ତାତ୍ପର୍ଯ୍ୟ ହେଉଛି ମୁଁ ଅଲ୍ଲାଃଙ୍କର ପରମ ଭକ୍ତ ଓ ତାଙ୍କ

ରସୁଲ୍ ହୋଇ ଆସିଛି ।। ପୁଣି ଏହା କିପରି ସମ୍ଭବ ଯେ ଇସଲାମ ଧର୍ମର ଦୁର୍ଦ୍ଦିନ ସମୟରେ ତୁମେମାନେ ନିଜ ପ୍ରାଣର ବଳିଦାନ ଦେଇଛ । ତୁମମାନଙ୍କୁ ଛାଡି ଦେଇ ମୁଁ କିପରି ଅନ୍ୟ ସ୍ଥାନକୁ ଚାଲିଯିବି ?' ମହାଭାଗ ପୁଣି କହିଲେ 'ହେ ଅନ୍‌ସାର ! ଏହା ମୋ ଦ୍ୱାରା କଦାପି ହୋଇପାରେ ନା । ମୁଁ ଅଲ୍ଲାଃଙ୍କ ଭକ୍ତ ଓ ତାଙ୍କର ବାର୍ତ୍ତାବହ । ମୁଁ ଅଲ୍ଲାଃଙ୍କ ସକାଶେ ନିଜର ମାତୃଭୂମି ତ୍ୟାଗ କରିଥିଲି । ଏହାପରେ ମୁଁ ଆଉଥରେ ନିଜ ମାତୃଭୂମିକୁ ପ୍ରତ୍ୟାବର୍ତ୍ତନ କରି ପାରିବି ନାହିଁ । ମୋର ଜୀବନ ତୁମ ଜୀବନ ସହିତ ଜଡିତ ଓ ମୋର ମରଣ ତୁମ ମୃତ୍ୟୁ ସହିତ ସମ୍ବନ୍ଧିତ । ମଦିନାର ଅନ୍‌ସାରମାନେ ହଜରତ ମୁହମ୍ମଦ[ସଅ]ଙ୍କ ଏତାଦୃଶ ପ୍ରେମ ଓ ମମତାରେ ଉଦ୍‌ବେଳିତ ହୋଇ ଅଶ୍ରୁ ତର୍ପଣ କଲେ ଏବଂ ଆଗେଇ ଆସି କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ଅଲ୍ଲାଃଙ୍କ ସୌଗନ୍ଧ, ଆମେ ନିଜ ପ୍ରଭୁ ଓ ତାଙ୍କ ରସୁଲଙ୍କ ପ୍ରତି ବୃଥା ଆସ୍ଫାଳନ କରିଛୁ ।' (ସୀରତ ଇବ୍ନ ହିଶାମ, ଖଣ୍ଡ ୪ ପୃ ୫୯, ମିଶର ୧୯୩୬)

ବାସ୍ତବିକତା ହେଉଛି, ଆମମାନଙ୍କୁ ଓ ଆମ ସହରକୁ ଛାଡି ଆପଣ ଆଉ କେଉଁ ସ୍ଥାନକୁ ଗ୍ଭଲିଯିବେ, ତାହା ଆମେ କଦାପି ବରଦାସ୍ତ କରିପାରିବୁ ନାହିଁ । ମହାଭାଗ କହିଲେ 'ଅଲ୍ଲାଃ ଓ ତାଙ୍କର ରସୁଲ ଆପଣମାନଙ୍କୁ ନିର୍ଦ୍ଦୋଷ ଦେଖୁଛନ୍ତି । ତୁମମାନଙ୍କ ନିଷ୍ଠାଭାବକୁ ପ୍ରମାଣସିଦ୍ଧ ଘୋଷଣା କରୁଛନ୍ତି । ଯେବେ ମୁହମ୍ମଦ[ସଅ] ଓ ମଦିନାବାସୀଙ୍କ ମଧ୍ୟରେ ଏପରି ପ୍ରେମ ବାର୍ତ୍ତାଳାପକୁ ଦେଖି ମକ୍କାବାସୀ ଯଦିଓ ଆଖିରୁ ଅଶ୍ରୁ ଝରାଇ ନଥିବେ, ମାତ୍ର ସେମାନଙ୍କ ହୃଦୟ ନିଶ୍ଚୟ ଅନୁଶୋଚନାର ଅଶ୍ରୁ ବୁହାଉଥିବ । ସେମାନେ ଭାବୁଥିବେ ଯେ ଏପରି ବହୁମୂଲ୍ୟ ହୀରା, ଯାହାଠାରୁ ଅଧିକ ମୂଲ୍ୟବାନ ବସ୍ତୁ ଏହି ସଂସାରରେ ଉତ୍ପନ୍ନ ହୋଇନାହିଁ, ଯାହାକୁ ଅଲ୍ଲାଃ ସେମାନଙ୍କୁ ପ୍ରଦାନ କରିଥିଲେ ତାଙ୍କୁ ସେମାନେ ଘରୁ ବାହାର କରି ଫିଙ୍ଗି ଦେଇଥିଲେ । କିନ୍ତୁ ଆଜି ଯେବେ ସେ ଈଶ୍ୱରଙ୍କ କୃପା ଓ ସହାୟତା ବଳରେ ମକ୍କାକୁ ଦ୍ୱିତୀୟ ଥର ଆସିଥିଲା, ସେ ନିଜ ପ୍ରତିଶ୍ରୁତି ପାଳନ କରିବା ପାଇଁ ନିଜ ସହମତି ଓ ଖୁସିରେ ମକ୍କା ଛାଡି ମଦିନା ଫେରି ଯାଉଛି ।

ଯେଉଁ ଅପରାଧିଙ୍କ ସମ୍ବନ୍ଧରେ ରସୁଲୁଲ୍ଲାଃ ନିଷ୍ପତ୍ତି ନେଇଥିଲେ ଯେ ସେମାନଙ୍କ ଜଘନ୍ୟ ଅତ୍ୟାଚାର ଓ ହତ୍ୟା ସକାଶେ ସେମାନଙ୍କୁ ବଧ କରାଯାଉ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଅପରାଧିଙ୍କୁ ଛାଡିଦେବା ପାଇଁ ଅନେକ ମୁସଲମାନ ମୁହମ୍ମଦ[ସଅ]ଙ୍କୁ ସୁପାରିଶ କରିଥିଲେ । ଯେଉଁମାନଙ୍କୁ ସେ କ୍ଷମା ଦେଇଥିଲେ, ସେମାନଙ୍କ ମଧ୍ୟରେ ପରମ ଶତ୍ରୁ ଅବୁଜହେଲର ପୁତ୍ର ଇକ୍ରିମା ମଧ୍ୟ ଥିଲେ । ଇକ୍ରିମାର ପତ୍ନୀ ହୃଦୟ ଭିତରେ ଇସଲାମ ଧର୍ମ ଗ୍ରହଣ କରି ସାରିଥିଲେ । ସେ ବିନତି କରି

କହିଲେ 'ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ସ୍ୱାମୀ ଇକ୍ରିମାକୁ ଆପଣ କ୍ଷମା କରି ଦିଅନ୍ତୁ ।' ମହାଭାଗ କହିଲେ 'ହଁ, ତାକୁ ମଧ୍ୟ ଆମେ କ୍ଷମା ପ୍ରଦାନ କରୁଛୁ ।' ଇତି ମଧ୍ୟରେ ଇକ୍ରିମା ମକ୍କାରୁ ୟେମନ୍ ଆଡକୁ ପଳାୟନ କରି ଯାଉଥିବା ସମୟରେ ତାର ସ୍ତ୍ରୀ ପ୍ରେମାତୁର ହୋଇ ନିଜ ସ୍ୱାମୀକୁ ଖୋଜି ଖୋଜି ଯାଇ ସମୁଦ୍ର କୂଳରେ ପହଞ୍ଚିଲା । ଡଙ୍ଗାରେ ନିଜ ସ୍ୱାମୀକୁ ସବୁଦିନ ପାଇଁ ଆରବ ଦେଶ ଛାଡି ଚାଲିଯାଉଥିବାର ଦେଖି ସେ ଆତୁର ଓ ବ୍ୟତିବ୍ୟସ୍ତ ହୋଇ କହିଲା, 'ହେ ମୋ କକାର ପୁଅ ! (ଆରବର ସ୍ତ୍ରୀଲୋକମାନେ ନିଜ ସ୍ୱାମୀକୁ କକାର ପୁଅ ନାମରେ ଡାକୁଥିଲେ) ମୁହମ୍ମଦଙ୍କ ପରି ଏପରି ଭଦ୍ର ଓ ଅସୀମ ଦୟାଶୀଳ ବ୍ୟକ୍ତିଙ୍କୁ ଛାଡି ଆପଣ କୁଆଡେ ଯାଉଛନ୍ତି ?' ତହୁଁ ଇକ୍ରିମା କିଂକର୍ତ୍ତବ୍ୟବିମୂଢ ହୋଇ ନିଜ ପତ୍ନୀକୁ ପଚାରିଲା 'କଣ ମୋର ଏପରି ଅକ୍ଷମଣୀୟ ଅପରାଧ ଓ ସକଳ ଶତ୍ରୁତା ଥିବା ସତ୍ତ୍ୱେ ମୋତେ ଅଲ୍ଲାଃଙ୍କ ରସୁଲ୍ କ୍ଷମା କରିଦେବେ ?' ଇକ୍ରିମାର ପତ୍ନୀ କହିଲେ 'ହଁ ମୁଁ ତାଙ୍କ ଠାରୁ ଏ ବିଷୟରେ ବଚନ ନେଇ ଆସିଛି । ସେ ତୁମକୁ କ୍ଷମା କରି ଦେଇଛନ୍ତି ।' ଇକ୍ରିମା ରସୁଲୁଲ୍ଲାଃଙ୍କ ନିକଟରେ ଉପସ୍ଥିତ ହୋଇ ପଚ୍ଚରିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ମୋ ସ୍ତ୍ରୀ କହୁଛି ମୋ ଭଳି ଅପରାଧୀକୁ ମଧ୍ୟ ଆପଣ କ୍ଷମା କରି ଦେଇଛନ୍ତି ।' ମହାଭାଗ ଉତ୍ତର ଦେଲେ 'ତୁମ ସ୍ତ୍ରୀ ଠିକ୍ କହୁଛି । ମୁଁ ତୁମକୁ କ୍ଷମା କରିଦେଇଛି ।' ଇକ୍ରିମା କହି ଉଠିଲେ 'ଯେଉଁ ବ୍ୟକ୍ତି ଏଭଳି ଜଘନ୍ୟ ଅପରାଧୀକୁ ମଧ୍ୟ କ୍ଷମା ଦେଇପାରନ୍ତି, ସେ କଦାପି ମିଥ୍ୟାବାଦୀ ହୋଇ ନ ପାରନ୍ତି । ମୁଁ ସାକ୍ଷ୍ୟ ଦେଉଛି ଯେ ଅଲ୍ଲାଃ ଏକ ଓ ଅଦ୍ୱିତୀୟ । ତାଙ୍କର କେହି ସମକକ୍ଷ ନୁହନ୍ତି । ଏବଂ ମୁଁ ପୁନଶ୍ଚ ସାକ୍ଷ୍ୟ ଦେଉଛି ହେ ମୁହମ୍ମଦ[ସଅ] ! ତୁମେ ଅଲ୍ଲାଃଙ୍କ ଭକ୍ତ ଓ ତାଙ୍କର ରସୁଲ ।' ଏତିକି କହି ସେ ଲଜ୍ଜାରେ ନିଜ ମୁଣ୍ଡ ତଳକୁ କରିଦେଲେ । ଇକ୍ରିମାର ଏତାଦୃଶ ବ୍ୟବହାର ଦେଖି ତାଙ୍କୁ ସାନ୍ତ୍ୱନା ଦେବା ଉଦ୍ଦେଶ୍ୟରେ କହିଲେ 'ଇକ୍ରିମା ! ଆମ୍ଭେ ତୁମକୁ କେବଳ କ୍ଷମା ପ୍ରଦାନ କରିନାହୁଁ । ବରଂ ତାହା ଠାରୁ ବଳି ଆଜି ଯଦି ମୋଠାରୁ ଏପରି ବସ୍ତୁ ମାଗିବ, ଯାହା ଦେବା ମୋ ସାମର୍ଥ୍ୟରେ ଅଛି, ତାହାକୁ ମଧ୍ୟ ଦେବା ପାଇଁ ମୁଁ କୁଣ୍ଠାବୋଧ କରିବି ନାହିଁ ।' ଇକ୍ରିମା କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଏହାଠାରୁ ବଳି ଆଜି ମୋର ଆଉ କଣ ଅଭିଳାଷ ରହିପାରେ ଯେ ଅଲ୍ଲାଃଙ୍କ ନିକଟରେ ଆପଣ ମୋ ଶତ୍ରୁତା ଆଚରଣ ପାଇଁ କ୍ଷମା ପ୍ରାର୍ଥନା କରନ୍ତୁ ।' ହଜରତ ମୁହମ୍ମଦ[ସଅ] ସେହି ସମୟରେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରି କହିଲେ 'ହେ ମୋର ଅଲ୍ଲାଃ ! ଇକ୍ରିମା ମୋ ବିରୁଦ୍ଧରେ ଯେଉଁ ସବୁ ଶତ୍ରୁତା ଆଚରଣ କରିଥିଲା ଓ ଯେଉଁ ପ୍ରକାରର ଗାଳିମନ୍ଦ ତା' ତୁଣ୍ଡରୁ ବାହାରି ଥିଲା ସେସବୁକୁ କ୍ଷମା କରିଦିଅ ।' ଏହାପରେ ମହାଭାଗ ଉଠି ଛିଡା ହେଲେ ଏବଂ ନିଜର ଘୋଡିଥିବା ଅଙ୍ଗବସ୍ତ୍ର

(ଗ୍ଦର) ବାହାର କରି ଇକ୍ରିମାକୁ ପିନ୍ଧାଇ ଦେଇ କହିଲେ 'ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ଉପରେ ବିଶ୍ୱାସ ସ୍ଥାପନ କରି ଆମ ନିକଟକୁ ଆସେ, ସେପରି ସ୍ଥଳେ ଆମର ଗୃହ ତାହାର ଗୃହ ଆମର ସ୍ଥାନ ତାହାର ସ୍ଥାନ ।'

ଇକ୍ରିମାର ଇସଲାମ ଧର୍ମ ଗ୍ରହଣ ସମ୍ପର୍କରେ ଏକ ଭବିଷ୍ୟତବାଣୀ ପୂରଣ ହେଲା । ଯାହାକୁ ବହୁ ବର୍ଷ ଧରି ହଜରତ ମୁହମ୍ମଦ[ସଅ] ନିଜ ଅନୁଚରମାନଙ୍କୁ କହୁଥିବାର ଜଣାଯାଏ । ଏକଦା ହଜରତ ମୁହମ୍ମଦ[ସଅ] ସ୍ୱପ୍ନରେ ଦେଖିଲେ ଯେ ସେ ସ୍ୱର୍ଗରେ ଅଛନ୍ତି । ଅଙ୍ଗୁରର ଏକ ପେନ୍ଥା ଦେଖି ପ୍ରଶ୍ନ କଲେ 'ଏ ଅଙ୍ଗୁର ପେନ୍ଥାଟି କାହା ପାଇଁ ?' କେହି ଜଣେ ଉତ୍ତର ଦେଲେ ଯେ 'ଏହା ଅବୁଜହେଲ ପାଇଁ ରଖାଯାଇଛି ।' ଏକଥା ଶୁଣି ମୋତେ ବଡ ବିଚିତ୍ର ଲାଗିଲା ଏବଂ ମୁଁ କହିଲି 'ସ୍ୱର୍ଗରେ ବିଶ୍ୱାସକାରୀ ଈଶ୍ୱର ଭକ୍ତମାନଙ୍କ ବ୍ୟତୀତ ଅନ୍ୟ କେହି ପ୍ରବେଶ କରି ପାରିବ ନାହିଁ । ତେବେ ଅବୁଜହେଲ ପାଇଁ ବୈକୁଣ୍ଠରେ ଅଙ୍ଗୁର କିପରି ରଖାଯାଇଛି । ଯେବେ ଇକ୍ରିମା ବିଶ୍ୱାସ ସ୍ଥାପନ କଲେ, ମହାଭାଗ କହିଲେ 'ସେ ଅଙ୍ଗୁର ପେନ୍ଥା ପ୍ରକୃତରେ ଇକ୍ରିମା ପାଇଁ ଉଦ୍ଦିଷ୍ଟ ରହିଥିଲା । ଈଶ୍ୱର ପୁତ୍ର ସ୍ଥାନରେ ପିତାର ନାମ ପ୍ରକଟ କରିଥିଲେ, ଯେପରି ସ୍ୱପ୍ନରେ ବହୁବାର ଦେଖିବାକୁ ମିଳିଥାଏ ।'

ଯେଉଁ ଲୋକମାନଙ୍କ ପାଇଁ ମୃତ୍ୟୁଦଣ୍ଡର ଆଦେଶ ରହିଥିଲା ସେମାନଙ୍କ ମଧ୍ୟରେ ଏଭଳି ଜଣେ ପାଷାଣ୍ଡ ମଧ ଥିଲା  ଯିଏ ମୁହମ୍ମଦ[ସଅ]ଙ୍କ କନ୍ୟା ଜୈନବ୍‌ଙ୍କ ମୃତ୍ୟୁର କାରଣ ହୋଇଥିଲା । ଏହି ବ୍ୟକ୍ତିର ନାମ ହିବାର । କନ୍ୟା ଜୈନବ୍ ଓଟ ପିଠିରେ ବସିଥିବା ସମୟରେ ସେ ଓଟର ଦୌଡି କାଟି ଦେଇଥିଲା, ଯଦ୍ୱାରା ଜୈନବ୍ ଓଟ ଉପରୁ ଖସି ତଳେ ପଡି ଯାଇଥିଲେ । ସେ ଆସନ୍ନ ପ୍ରସବା ଥିବାରୁ ତାଙ୍କର ଗର୍ଭପାତ ହୋଇଥିଲା । ଫଳରେ ଅଳ୍ପଦିନ ମଧ୍ୟରେ ଆହତ  ଜୈନବ୍‌ଙ୍କ ମୃତ୍ୟୁ ହୋଇଗଲା । ତେବେ ଅନ୍ୟାନ୍ୟ ଅପରାଧ ବ୍ୟତୀତ ଏହି ଅପରାଧ ଅତ୍ୟନ୍ତ ଦଣ୍ଡନୀୟ ଥିଲା । ସେଥିପାଇଁ ତାକୁ ମୃତ୍ୟୁଦଣ୍ଡ ଦେବାର ଘୋଷଣା କରା ଯାଇଥିଲା । ସେହି ବ୍ୟକ୍ତି ହିବାର ଶ୍ରୀଛାମୁରେ ଉପସ୍ଥିତ ହୋଇ କହିଲା, 'ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଅପରାଧ ପାଇଁ ଦଣ୍ଡିତ ହେବା ଭୟରେ ଇରାନ୍ ପଳାୟନ କରିଥିଲି । ପୁଣି ମୁଁ ଚିନ୍ତା କଲି ଯେ ଅଲ୍ଲାଃଙ୍କ ରସୁଲଙ୍କ ମାଧ୍ୟମରେ ଅଲ୍ଲାଃ ଆମ ମନରୁ ଦ୍ୱୈତବାଦ ପୂଜାର ବିଚାରଧାରାକୁ ଦୂର କରି ଦେଇଛନ୍ତି । ଏତତ୍‌ଦ୍ୱାରା ସେ ଆମକୁ ଏକ ଆଧ୍ୟାତ୍ମିକ ମୃତ୍ୟୁରୁ ସୁରକ୍ଷିତ କରି ଦେଇଛନ୍ତି । ମୁଁ ଅନ୍ୟ ଲୋକଙ୍କ ଗହଣରେ ନ ଯାଇ ତାଙ୍କ ନିକଟକୁ ଯିବି ଓ ନିଜ ପାପକୁ ସ୍ୱୀକାର କରି ପ୍ରାୟଶ୍ଚିତ କରିବା ପାଇଁ ତାଙ୍କ ନିକଟରେ ଗୁହାରି କରିବି ।' ଅଲ୍ଲାଃଙ୍କ ରସୁଲ କହିଲେ 'ହେ ହିବାର ! ଯଦି ପ୍ରଭୁ ତୁମ ହୃଦୟରେ ଇସଲାମ୍ ପ୍ରତି ଶ୍ରଦ୍ଧାଭାବ

ଜନ୍ମ କରି ଦେଇଛନ୍ତି, ସେଭଳି ସ୍ଥଳେ ମୁଁ ତୁମ ପାପକୁ କାହିଁକି କ୍ଷମା କରି ନଦେବି ? ଯାଅ, ମୁଁ ତୁମକୁ କ୍ଷମା ପ୍ରଦାନ କଲି । ଇସଲାମ୍ ଧର୍ମ ତୁମର ଅତୀତର ସମସ୍ତ ଅପରାଧକୁ ଧୋଇ ଦେଇଛି ।' ଏଠାରେ ବିସ୍ତାର ପୂର୍ବକ ଏହି ପ୍ରସଙ୍ଗ ଲେଖିବାର ଅବକାଶ ନାହିଁ । ଅନ୍ୟଥା ଏପରି ଭୟଙ୍କର ଅପରାଧୀ ଯେଉଁମାନଙ୍କୁ ସାଧାରଣ ବାହାନା ଦେଖାଇ ଟିକିଏ ମାତ୍ର ଅନୁନୟ ବିନୟ ଦ୍ୱାରା କ୍ଷମା କରି ଦିଆ ଯାଇଥିଲା । ଅଧିକାଂଶ ଲୋକଙ୍କ ଅପରାଧୀକ ଘଟଣା ଏତେ ଭୟାନକ ଥିବା ସତ୍ତ୍ୱେ ରସୁଲୁଲ୍ଲାଃଙ୍କ ଦୟା ଓ କ୍ଷମାଭାବକୁ ଦର୍ଶାଇ ଦେଉଛି, ଯାହା ଏକ କ୍ରୁର ଓ ପାଷାଣ ହୃଦୟର ମଣିଷକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରିଥାଏ ।

# ହୁନୈନ୍ ଯୁଦ୍ଧ

ଯେହେତୁ ହଜରତ ମୁହମ୍ମଦ[ସଅ] ମକ୍କାରେ ହଠାତ୍ ପ୍ରବେଶ କରିଥିଲେ ସେଥିପାଇଁ ମକ୍କାରୁ ଅନତି ଦୂରରେ ଯେଉଁ ଦୁଇଟି ଜନଜାତି ଗୋଷ୍ଠୀ ରହୁଥିଲେ ବିଶେଷତଃ ଦକ୍ଷୀଣ ପାର୍ଶ୍ୱରେ, ସେମାନଙ୍କୁ ଏହି ସୂଚନା ବିଳମ୍ବରେ ପହଞ୍ଚିଲା ଯେ ମକ୍କା ଉପରେ ଆକ୍ରମଣ ହେବ । ସେମାନେ ଏହି ସମ୍ବାଦ ପାଇବା କ୍ଷଣି ତୁରନ୍ତ ଯୁଦ୍ଧ ଅଭିଯାନ ସକାଶେ ନିଜ ସେନାକୁ ସଙ୍ଗଠିତ କରି ପ୍ରସ୍ତୁତ ହେବାରେ ଲାଗିଗଲେ । ହୱାଜନ ଓ ଶକଫ୍ ନାମକ ଆରବ କବିଲା ନିଜକୁ ବିଶେଷ ଭାବରେ ବାହାଦୁର ଭାବୁଥିଲେ । ସେମାନେ ତୁରନ୍ତ ପରସ୍ପର ମଧ୍ୟରେ ବିଗ୍ରର ବିମର୍ଷ କରି ଏକଜୁଟ ହୋଇଗଲେ ଏବଂ ମାଲିକ୍ ଇବ୍‌ନେ ଅଉଫ୍ ନାମକ ବ୍ୟକ୍ତିକୁ ନିଜର ସେନାପତି ଚୟନ କରିଥିଲେ । ଏତଦ ବ୍ୟତୀତ ଆଖପାଖର ଅନ୍ୟାନ୍ୟ ଗୋଷ୍ଠୀମାନଙ୍କୁ ମଧ୍ୟ ନିଜ ସୈନ୍ୟବାହିନୀରେ ସାମିଲ୍ ହେବା ପାଇଁ ଆମନ୍ତ୍ରଣ କଲେ । ଗୋଷ୍ଠୀମାନଙ୍କ ମଧ୍ୟରେ ବନୁ ସାଆଦ୍ ବିନ୍ ବକୈର୍ ଗୋଷ୍ଠୀ ଅନ୍ୟତମ । ପ୍ରକାଶ ଥାଉ କି ଏହି କବିଲାର ହଲିମା ନାମକ ଧାଇ ଶିଶୁ ମୁହମ୍ମଦ[ସଅ]ଙ୍କୁ ନିଜର ଦୁଗ୍ଧ ପାନ କରାଇଥିଲେ । ଏବଂ ହଜରତ ମୁହମ୍ମଦ ନିଜର ଶୈଶବ କାଳ ଏହି ଗୋଷ୍ଠୀରେ ବିତାଇଥିଲେ । ଏହି ଗୋଷ୍ଠୀର ଲୋକମାନେ ସଂଗଠିତ ହୋଇ ନିଜ ସହିତ ନିଜ ପରିବାର ଏବଂ ସମସ୍ତ ଧନ ସମ୍ପତ୍ତିକୁ ସଂଗରେ ଧରି ମକ୍କା ଅଭିଯାନରେ ବାହାରିଲେ । ଏହାଦ୍ୱାରା ସେମାନଙ୍କ ସଂକଳ୍ପ ଅତି ସହଜରେ ଜଣାପଡୁଥିଲା । ଯେବେ ସେହି ଗୋଷ୍ଠୀର ସର୍ଦ୍ଦାରକୁ ପଚରାଗଲା ଯେ ସେମାନେ ଏପରି ପ୍ରସ୍ତୁତି କାହିଁକି କରୁଛନ୍ତି ? ସେମାନେ ଉତ୍ତର ଦେଲେ ଯେ ସିପାହୀମାନଙ୍କ ଏହି ଧ୍ୟାନ ରହବ ଯେ ଯଦି ଆମେମାନେ ଯୁଦ୍ଧକ୍ଷେତ୍ରରୁ ପଳାୟନ କରୁଁ ତା'ହେଲେ ଆମର ପତ୍ନୀ ଓ ସନ୍ତାନସନ୍ତତି ଶତ୍ରୁ ଦ୍ୱାରା ବନ୍ଦୀ ହୋଇଯିବେ ତଥା ଆମର

ଧନସମ୍ପତ୍ତି ଲୁଟ କରାଯିବ । ଏହି ପ୍ରକାର ମନୋବୃତ୍ତିରୁ ଏହା ସୁସ୍ପଷ୍ଟ ଯେ ସେମାନେ ମୁସଲମାନମାନଙ୍କୁ ବିନାଶ କରିବା ପାଇଁ କିପରି ଏକ ଦୃଢ ସଂକଳ୍ପ କରି ଯୁଦ୍ଧଭୂମିକୁ ଆସିଥିଲେ । ପରିଶେଷରେ ଏହି ମିଳିତ ସୈନ୍ୟବାହିନୀ ରୌତାସ୍ ଘାଟିରେ ଆସି ପହଞ୍ଚିଲେ । ଯାହା ଯୁଦ୍ଧର ଆବଶ୍ୟକତା ଅନୁଯାୟୀ ଦକ୍ଷ ଯୁଦ୍ଧ ପରିଚାଳନା ଦୃଷ୍ଟିରୁ ଅତି ଉତ୍ତମ ଶ୍ରେଣୀର ଘାଟି ଥିଲା ଓ ଯୁଦ୍ଧ ପାଇଁ ଏକ ପ୍ରକୃଷ୍ଟ କ୍ଷେତ୍ର ଥିଲା । ଏଠାରେ ଆଶ୍ରୟ ନେବାର ସ୍ଥାନ ରହିଥିଲା ଓ ପଶୁମାନଙ୍କ ପାଇଁ ଚରାର ବ୍ୟବସ୍ଥା ଥିଲା । ମନୁଷ୍ୟମାନଙ୍କ ପାଇଁ ପିଇବା ସକାଶେ ପାଣି ଥିଲା ଏବଂ ଅଶ୍ୱମାନଙ୍କ ପାଇଁ ଦୌଡିବାର ଭୁମି ଅନୁକୁଳ ଥିଲା ।

ଯେବେ ଶତ୍ରୁ ଏକତ୍ରିତ ହେବାର ସୂଚନା ହଜରତ୍ ମୁହମ୍ମଦ[ସଅ] ଙ୍କୁ ମିଳିଲା, ଅବ୍ଦୁଲା ବିନ୍ ଅବି ହଦରଦ୍[ରଅ] ନାମକ ଅନୁଚରଙ୍କୁ ବାସ୍ତବିକ ସ୍ଥିତିକୁ ଅନୁଧ୍ୟାନ କରିବା ସକାଶେ ପ୍ରେରଣ କଲେ । ଅବ୍ଦୁଲା ଘଟଣା ସ୍ଥଳରୁ ଫେରି ଖବର ଦେଲେ ଯେ ଶତ୍ରୁମାନଙ୍କ ଏକ ବିଶାଳ ସେନା 'କର ବା ମର' ନୀତିରେ ଯୁଦ୍ଧ କରିବା ପାଇଁ ତତ୍ପର ଅଛନ୍ତି । ଯେହେତୁ ଏହି ଗୋଷ୍ଠୀ ଧନୁର୍ବିଦ୍ୟାରେ ଅତି ପାରଙ୍ଗମ ଓ ଯେଉଁ ଜାଗାରେ ସେମାନେ ଡେରା ପକାଇ ଥିଲେ, ତାହା ଏପରି ସ୍ଥାନ ଥିଲା ଯେ କେବଳ ଏକ ସୀମିତ ସ୍ଥାନ ଉପରେ ଯୁଦ୍ଧ କରାଯାଇ ପାରିବ ଓ ସେହି ସ୍ଥାନରେ ଆକ୍ରମଣକାରୀ ଅତି କୌଶଳରେ ତୀର ଆକ୍ରମଣ ଦ୍ୱାରା ଲକ୍ଷ୍ୟ ସାଧନ କରିପାରିବ । ଏହାପରେ ମୁହମ୍ମଦ[ସଅ] ମକ୍କାର ଜଣେ ସର୍ଦ୍ଦାର ସଫୱାନ୍ ଯେ କି ଏକ ଧନାଢ୍ୟ ବ୍ୟବସାୟୀ ଥିଲା, ତାଙ୍କଠାରୁ ଯୁଦ୍ଧ ପାଇଁ ଅସ୍ତ୍ରଶସ୍ତ୍ର ଓ କିଛି ଧନ ଧାର ସୂତ୍ରରେ ମାଗିଲେ । ସଫୱାନ୍ କହିଲା, 'ହେ ମୁହମ୍ମଦ[ସଅ] ! କଣ ଶାସନ କରିବା ଶକ୍ତି ଯୋଗୁଁ ଆପଣ ମୋ ଠାରୁ ସବୁ ଜିନିଷ ଛଡାଇ ନେଇ ଯିବାକୁ ଚାହୁଛନ୍ତି ?' ମହାଭାଗ ଉତ୍ତର ଦେଲେ 'ନା' ନା' ! ଆମେ ଛଡାଇ ନେଇଯିବାକୁ ଚାହୁଁନାହୁଁ । ଆମେ ଧାର ସୂତ୍ରରେ ସାମୟିକ ଭାବେ ନେବାକୁ ଚାହୁଁଛୁ ଓ ସେଥିପାଇଁ ଜିମାନାମା ଲେଖି ଦେବାକୁ ପ୍ରସ୍ତୁତ ମଧ୍ୟ ଅଛୁ ।' ଏକଥା ଶୁଣି ସଫୱାନ୍ କହିଲା 'ତା'ହେଲେ ମୋର ଆପଣଙ୍କୁ ଦେବାରେ କୌଣସି ଆପତ୍ତି ନାହିଁ । ଆପଣ ସେ ସମସ୍ତ ଜିନିଷ ମୋ ଠାରୁ ନେଇପାରନ୍ତି ।' ସୁତରାଂ ହଜରତ ମୁହମ୍ମଦ[ସଅ] ଙ୍କୁ ୧୦୦ଖଣ୍ଡ ସାଞ୍ଜୁଆ କବଚ, ତା' ସହିତ ଉଚିତ ପରିମାଣର ଅସ୍ତ୍ରଶସ୍ତ୍ର ଦେବା ସଙ୍ଗେ ସଙ୍ଗେ ୩୦୦୦ ଅର୍ଥ ରାଶି ଧାର ସୂତ୍ରରେ ଦେଲା । ହଜରତ ମୁହମ୍ମଦ[ସଅ] ନିଜ କକା ପୁଅ ଭାଇ ନୌଫିଲ୍ ବିନ୍ ହାରିଶ୍‌ଙ୍କ ଠାରୁ ୩୦୦୦ ବର୍ଛା ଅସ୍ଥାୟୀ ରୂପେ ନେଇଥିଲେ । ଯେତେବେଳେ ଏହି ସଶସ୍ତ୍ର ସେନାବାହିନୀ ହୱାଜନ୍ ଆଡକୁ ଅଗ୍ରସର ହେବାକୁ ଲାଗିଲା, ମକ୍କାବାସୀ କହିଲେ 'ଆମେ ମଧ୍ୟ ଯୁଦ୍ଧରେ ଭାଗ ନେବାକୁ ଚାହୁଁଛୁ । ଯଦିଚ

ଆମେ ଇସଲାମ ଧର୍ମ ଗ୍ରହଣ କରିନାହୁଁ, ତଥାପି ଯେହେତୁ ଆମେ ଇସ୍‌ଲାମୀୟ ପ୍ରଶାସନ ଅଧୀନରେ ଅଛୁ, ତେଣୁ ଆମମାନଙ୍କୁ ମଧ୍ୟ ଯୁଦ୍ଧରେ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ଦିଆଯାଉ । ସୁତରାଂ ୨୦୦୦ ଲୋକ ତାଙ୍କ ସହିତ ମକ୍କାରୁ ବାହାରିଲେ । ତାଙ୍କ ଯିବା ମାର୍ଗରେ ଜାତ୍ ଅନ୍‌ୱାତ୍ ନାମକ ଏକ ପ୍ରସିଦ୍ଧ ସ୍ଥଳୀ ପଡିଲା । ସେଠାରେ ଏକ ପୁରୁଣା ବରକୋଳି ଗଛ ଥିଲା, ଯାହାକୁ ଯୋଦ୍ଧାମାନେ ନିଜର କିଣିଥିବା ନୂତନ ଅସ୍ତ୍ରଶସ୍ତ୍ରକୁ ସମୃଦ୍ଧିଶାଳୀ କରିବା ପାଇଁ ଜାତ୍ ଅନ୍‌ୱାତ୍ ବରକୋଳି ବୃକ୍ଷରେ ଟଙ୍ଗାଇଥାନ୍ତି । ସେମାନଙ୍କ ବିଶ୍ୱାସ ଯେ ଏପରି କଲେ ସେମାନଙ୍କ ଅସ୍ତ୍ରଶସ୍ତ୍ର ଶକ୍ତିବର୍ଦ୍ଧକ ହୋଇଥାଏ । ଏହି ଦର୍ଶନ ସ୍ଥଳ ଦେଇ ଅତିକ୍ରମ କଲାବେଳେ ହଜରତ ମୁହମ୍ମଦ[ସଅ]ଙ୍କ କେତେକ ଅନୁଚର କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଆମ ପାଇଁ ମଧ୍ୟ ଜାତେ ଅନ୍‌ୱାତ୍ ନିର୍ଦ୍ଧାରିତ କରନ୍ତୁ ।' ଏହା ଶୁଣି ମହାଭାଗ କହିଲେ 'ଅଲ୍ଲାଃ ହିଁ ଶ୍ରେଷ୍ଠ । ତୁମର ଏପରି ଜିଜ୍ଞାସା ହଜରତ ମୁସା[ଅସ]ଙ୍କ ଅନୁଚରମାନଙ୍କ ପରି ହୋଇଗଲା । ଯେତେବେଳେ ସେମାନେ କିନ୍‌ନାନ୍ ଦେଶକୁ ଯାଉଥିଲେ, ସେଠାକାର ଗୋଷ୍ଠୀମାନେ ପ୍ରତିମା ପୂଜା କରୁଥିବାର ଦେଖି ମୁସାଙ୍କ ଅନୁଚରମାନେ କହିଲେ,

يٰمُوْسَى اجْعَلْ لَّنَآ اِلٰهًا كَمَا لَهُمْ اٰلِهَةٌ

'ୟାମୁସା ଅଜ୍‌ଅଲ୍‌ଲନା ଇଲାହନ୍ କମା ଲହୁମ ଆଲେହତୁନ୍'

ଅର୍ଥାତ୍ 'ହେ ମୁସା ! ଯେପରି ଏହି ଲୋକମାନଙ୍କର ଉପାସ୍ୟ ଅଛି, ଆମମାନଙ୍କ ସକାଶେ ମଧ୍ୟ ସେହିପରି ଉପାସ୍ୟ ଗଢି ଦିଅନ୍ତୁ ।'

(ଅଲ୍ ଆରାଫ୍, ୧୩୯)

ହଜରତ ମୁହମ୍ମଦ[ସଅ] କହିଲେ 'ଏପରି ଜିଜ୍ଞାସା କରିବା ଅର୍ଥ ଅଜ୍ଞାନତାକୁ ପ୍ରଶୟ ଦେବା । ମୋତେ ଭୟ ଲାଗୁଛି ଯେ କାଳେ ତୁମମାନଙ୍କ ମଧ୍ୟରୁ ଗୋଟିଏ ଦଳ ବାହାରି ଏପରି ଗତିବିଧିରେ ଲିପ୍ତ ହୋଇ ନଯାନ୍ତୁ ।'

ଏଣେ ହୱାଜନ୍ ଓ ତାଙ୍କ ସହଯୋଗୀ ଗୋଷ୍ଠୀର ଲୋକ ଏକ ନିଭୃତ ସ୍ଥାନ ବାଛିଲେ ଏବଂ ସେଠାରେ ଗୁପ୍ତ ମୋର୍ଚ୍ଚା କରି ମୁସଲମାନମାନଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଉଥିଲେ । ଯେବେ ଇସଲାମୀୟ ସୈନ୍ୟବାହିନୀ ହୁନେନ୍ ନାମକ ସ୍ଥାନରେ ପହଞ୍ଚିଲେ ସେମାନଙ୍କ ସମ୍ମୁଖରେ ଛୋଟ ଛୋଟ ମାଟିକାନ୍ଥ ତିଆରି କରି ହୱାଜନ୍ ଗୋଷ୍ଠୀର ସୈନ୍ୟ କାନ୍ଥ ପଛପଟେ ଲୁଚି ବସି ରହିଲେ । ମଧ୍ୟ ଭାଗରେ ମୁସଲମାନଙ୍କ ପାଇଁ ଏକ ସଂକୀର୍ଣ୍ଣ ମାର୍ଗ ଛାଡି ଦେଲେ । କେତେକ ସୈନ୍ୟ ଓଟମାନଙ୍କ ସମ୍ମୁଖରେ ଧାଡି ବାନ୍ଧି ଛିଡା ହୋଇଗଲେ । ଓଟ

ସମ୍ମୁଖରେ ଯେଉଁ ଲୋକ ଛିଡା ହୋଇଥିଲେ, ସେହିମାନେ ହିଁ ହଓ୍ୱାଜନ୍ ବୋଲି ଭାବି ମୁସଲମାନମାନେ ସେମାନଙ୍କ ଉପରେ ଆକ୍ରମଣ କଲେ । ଯେତେବେଳେ ମୁସଲମାନମାନେ ବହୁ ଆଗକୁ ମାଡି ଚାଲିଗଲେ । ସେତେବେଳେ ମୋର୍ଚ୍ଚା ବାନ୍ଧି ଲୁଚି ରହିଥିବା ଶତ୍ରୁ ସୈନ୍ୟ କାନ୍ଥ ପଛରୁ ପ୍ରବଳ ଆକ୍ରମଣ ଆରମ୍ଭ କରିଦେଲେ ଏବଂ ସମ୍ମୁଖରେ ଥିବା ମୁସଲମାନ ସୈନ୍ୟଙ୍କୁ ଅନ୍ୟ ପଟରୁ ଅତର୍କିତ ଭାବେ ତୀରବୃଷ୍ଟି କଲେ । ମକ୍କାରୁ ଆସିଥିବା ସୈନ୍ୟ ଯେଉଁମାନେ ନିଜର ସାହସ ଓ ବୀରତ୍ୱ ପ୍ରଦର୍ଶନ କରିବାର ଅବସର ପାଇବେ ବୋଲି ଭାବି ଆସିଥିଲେ, ଦୁଇପଟୁ ଆକ୍ରମଣ ସହ୍ୟ କରି ନପାରି ମକ୍କା ଆଡକୁ ପଳାୟନ କରିବାକୁ ଲାଗିଲେ । ମୁସଲମାନମାନେ ଏହି ସବୁ ପ୍ରତିକୂଳ ପରିସ୍ଥିତିରେ କଦାପି ଭୟ କରନ୍ତି ନାହିଁ । ସେମାନେ କଷ୍ଟ ସହ୍ୟ କରିବାରେ ଅଭ୍ୟସ୍ତ ଥିଲେ ସୁଦ୍ଧା ମକ୍କାବାସୀଙ୍କର ଦୁଇ ହଜାର ସୈନ୍ୟ, ଅଶ୍ୱ ଓ ଓଟମାନଙ୍କୁ ଦୌଡିବା ଦେଖି ସମଗ୍ର ସେନାବାହିନୀର ଘୋଡା ତଥା ଓଟ ତରକି ଗଲେ ଏବଂ ସେମାନେ ନିୟନ୍ତ୍ରଣ ହରାଇ ଦୌଡିବାକୁ ଲାଗିଲେ । ତିନିପଟରୁ ଆରମ୍ଭ ହୋଇଥିବା ଏହି ଆକ୍ରମଣ ପ୍ରତିହତ କରିବା ପାଇଁ ଏକାକୀ ହଜରତ ମୁହମ୍ମଦ[ସଅ] ଏବଂ ତାଙ୍କର ବାରଜଣ ଅନୁଚର କିଂକର୍ତ୍ତବ୍ୟବିମୂଢ ହୋଇ ଦଣ୍ଡାୟମାନ ଥିଲେ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ତାଙ୍କର ସମସ୍ତ ସାଥୀ ଯୁଦ୍ଧକ୍ଷେତ୍ରରୁ ପଳାୟନ କରିଥିଲେ । ସେଥିରୁ ପ୍ରାୟ ଶହେ ଜଣ ଯୁଦ୍ଧଭୂମିରେ ଉପସ୍ଥିତ ରହି ରହିଥିଲେ । କିନ୍ତୁ ସେମାନେ ରସୁଲୁଲ୍ଲାଃଙ୍କ ଠାରୁ ଅନେକ ଦୂରରେ ଥିଲେ । ଏବଂ ତାଙ୍କ ନିକଟରେ କେବଳ ବାର ଜଣ ଲୋକ ରହିଯାଇଥିଲେ । ସେଥି ମଧ୍ୟରୁ ଜଣେ ଅନୁଚରଙ୍କ କହିବା ଅନୁଯାୟୀ ଦୁଇ ହଜାର ଓଟଙ୍କ ପଳାୟନ ଦ୍ୱାରା ଆମ ଘୋଡା ଏମିତି ତରକି ଯାଇଥିଲେ ଯେ ସେମାନଙ୍କୁ ଆୟତ୍ତକୁ ଆଣିବାକୁ ଯାଇ ଆମ ହାତ ପାପୁଲି ଭୀଷଣ ଖଣ୍ଡିଆ ଖାବରା ହୋଇ ଯାଇଥିଲା । ତଥାପି ଆମ ଓଟ ଓ ଘୋଡାମାନେ ତରକି ଯାଇ ଫେରି ଆସିବାର ନାମ ନେଉନଥିଲେ ଓ ଇତଃସ୍ତତ ଭାବେ ଦୌଡିବାରେ ଲାଗିଥିଲେ । ଆମେମାନେ ଗୋଡ ଗୋଇଠିରେ ଏଡା ମାରି ଯୁଦ୍ଧ କ୍ଷେତ୍ର ଆଡକୁ ସେମାନଙ୍କୁ ଯେତେ ମୋଡିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଅନ୍ୟ ଦିଗରେ ତୀବ୍ର ଗତିରେ ଧାଇଁବାରେ ଲାଗିଥିଲେ । ଆମ ଛାତିରେ ଛନକା ପଶିଲା ଯେ ଅଲ୍ଲାଃଙ୍କ ରସୁଲ୍ ଆମ ପଛରେ ଏକୁଟିଆ ରହି ଯାଇଛନ୍ତି । ଏବେ କ'ଣ ହେବ ? ଆମେ ସମ୍ପୂର୍ଣ୍ଣ ରୂପେ ଅସହାୟ ହୋଇପଡିଥିଲୁ । ଏକ ପକ୍ଷେ ଅନୁଚରମାନଙ୍କ ଏପରି ବିବଶତା, ଅନ୍ୟ ପକ୍ଷେ ମୁହମ୍ମଦ[ସଅ] କେବଳ ବାରଜଣ ସାଥିଙ୍କ ସହିତ ଯୁଦ୍ଧକ୍ଷେତ୍ର ମଧ୍ୟରେ ନିଛାଟିଆ ହୋଇ ଛିଡା ହୋଇଥିଲେ । ତାଙ୍କ ଆଡକୁ ବାମ, ଦକ୍ଷିଣ ଓ ସମ୍ମୁଖ ଭାଗରୁ ପ୍ରବଳ ତୀର ବର୍ଷଣ

ହେଉଥିଲା । ପଛପଟେ କେବଳ ଏକ ସଂକୀର୍ଣ୍ଣ ଗଳି ରାସ୍ତା ଥିଲା । ଏକ ସମୟରେ ଏହି ରାସ୍ତାରେ ଯତ୍ କିଞ୍ଚିତ ଲୋକ ଯିବା ସମ୍ଭବପର ଥିଲା । ତଥାପି ଜୀବନ ରକ୍ଷା କରିବା ପାଇଁ ଏହା ହିଁ ଏକ ମାତ୍ର ବାଟ ଥିଲା । ଏହି ସମୟରେ ହଜରତ ଅବୁବକ୍କର[ରଅ] ନିଜର ବାହନରୁ ଓହ୍ଲାଇ ଅଲ୍ଲାଃଙ୍କ ରସୁଲଙ୍କ ଖଚରଟିର ଲଗାମ୍‌କୁ ଧରି ପକାଇଲେ ଓ କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ମୁସଲମାନମାନଙ୍କ ସୈନ୍ୟ ସଂଗଠିତ ହେବା ପର୍ଯ୍ୟନ୍ତ ଆପଣ ଟିକିଏ ପଛଲୁ ହଟି ଯାଆନ୍ତୁ ।' ମହାଭାଗ କହିଲେ 'ଅବୁବକ୍କର ! ମୋର ଖଚରର ଲଗାମ ଛାଡିଦିଅ ।' ଏତିକି କହି ଗୋଇଠିରେ ଖଚରକୁ ଏଡା ମାରି ସେହି ସଂକୀର୍ଣ୍ଣ ରାସ୍ତାରେ ଆଗେଇ ଚାଲିଲେ, ଯାହାର ଉଭୟ ପାର୍ଶ୍ୱରେ ଶତ୍ରୁ ମୋର୍ଚ୍ଚାରେ ବସି ରହି ତୀର ବର୍ଷା କରୁଥିଲେ । ମୁହମ୍ମଦ[ସଅ] ଘୋଷଣା କଲେ,

أَنَا النَّبِيُّ لاَ كَذِبْ أَنَا ابْنُ عَبْدِ الْمُطَّلِبْ

'ଅନନ୍ ନବୀୟୋ ଲାକଜିବ୍ ଅନାବ୍‌ନୋ ଅବ୍ଦିଲ ମୁତ୍‌ତଲିବ'

ଅର୍ଥାତ୍ 'ମୁଁ ଅଲ୍ଲାଃଙ୍କ ନବୀ, ମୁଁ ମିଥ୍ୟାବାଦୀ ନୁହେଁ । କିନ୍ତୁ ଏହା ମଧ ମନେରଖ ! ବର୍ତ୍ତମାନର ଏହି ବିପଦ ଶଙ୍କୁଳ ସ୍ଥାନରେ ଶତ୍ରୁ ଆକ୍ରମଣରୁ ମୁଁ ସୁରକ୍ଷିତ ରହିଥିବାର ଏହା ଅର୍ଥ ନୁହେଁ ଯେ ମୋ ଶରୀରରେ ଐଶ୍ୱରିକ ଶକ୍ତିର ଚମତ୍କାରିତା ରହିଛି, ବରଂ ମୁଁ ଏକ ଛାର ଦେହଧାରୀ ମାନବ ଓ ଅବ୍ଦୁଲ ମୁତଲିବଙ୍କ ପୌତ୍ର । ପୁଣି ହଜରତ ଅବ୍‌ବାସ୍[ରଅ] ଯାହାଙ୍କର କଣ୍ଠସ୍ୱର ବହୁତ ଉଚ୍ଚ ଥିଲା, ତାଙ୍କୁ ଆଦେଶ ଦେଇ ମହାଭାଗ କହିଲେ 'ଅବ୍‌ବାସ୍ ! ତୁମେ ଚିତ୍କାର କରି କୁହ ହେ ମୋର ଅନୁଚରଗଣ ଯେଉଁମାନେ ହୁଦବିୟା ଦିନ ବୃକ୍ଷ ତଳେ ଦୀକ୍ଷା ନେଇଥିଲ' ଏବଂ 'ହେ ଲୋକମାନେ ଯେଉଁମାନେ ସୁରଃ ବକ୍‌ରା (ଦ୍ୱିତୀୟ ଅଧ୍ୟାୟ) ଅବତୀର୍ଣ୍ଣ ହେବା ସମୟରୁ ମୁସଲମାନ ହୋଇଛନ୍ତି, ଆଜି ସେମାନଙ୍କୁ ଅଲ୍ଲାଃଙ୍କ ରସୁଲ୍ ଆହ୍ୱାନ କରିଛନ୍ତି ।' ସୁତରାଂ ଦିବ୍ୟ ବାର୍ତ୍ତାବହଙ୍କ ଏହି ଉକ୍ତିକୁ ଅବ୍‌ବାସ୍ ଅତି ବଡପାଟିରେ ଘୋଷଣା କଲେ । ଏହି ବଜ୍ର ନିନାଦ ବାଣୀ ଶୁଣି ସେମାନଙ୍କର ଅବସ୍ଥା ଏପରି ହୋଇ ଯାଇଥିଲା ଯେ ତାହାର ଅନୁମାନ କେବଳ ସେମାନଙ୍କ ମୁହଁରୁ ବୃତ୍ତାନ୍ତ ଶୁଣି ଲଗାଯାଇ ପାରିବ । ଜଣେ ଅନୁଚର କହିଛନ୍ତି, 'ଆମେମାନେ ଓଟ ଓ ଘୋଡାମାନଙ୍କୁ ଫେରାଇ ଆଣିବାକୁ ଅବିରତ ଭାବେ ପ୍ରୟାସରତ ଥିବା ସମୟରେ ଅବ୍‌ବାସ୍‌ଙ୍କ ଘୋଷଣା ଆମ କାନରେ ପଡିଲା । ସେତେବେଳେ ଆମକୁ ଲାଗିଲା ଯେ ସେତେ ଯେପରି ଆମେ ଏହି ସଂସାରରେ ନୁହଁ, ଅନ୍ତିମ ବିଚାର ଦିବସରେ ଅଲ୍ଲାଃଙ୍କ ସମ୍ମୁଖରେ ଉପସ୍ଥିତ ହୋଇଛୁ । ତାହାଙ୍କ ଦେବଦୂତମାନେ ଆମମାନଙ୍କୁ ହିସାବ ନିକାସ କରିବା ପାଇଁ ଡାକୁଛନ୍ତି । ଆମମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ନିଜ ତରବାରୀ ଓ ଢାଲକୁ ନିଜ ହାତରେ

ନେଇଗଲୁ ଏବଂ ଓଟରୁ ତଳକୁ ଡେଇଁ ପଡ଼ିଲୁ । ଭୟଭୀତ ଓଟମାନଙ୍କୁ ଛାଡି ଦେଲୁ ତଦ୍ୱାରା ସେମାନେ ଯୁଆଡେ ଇଚ୍ଛା ସେୟାଡେ ଚାଲି ଯାଆନ୍ତୁ । ପୁଣି ଅନେକ ବ୍ୟକ୍ତି ଘୋଡା ଓ ଓଟମାନଙ୍କ ବେକରେ ଦୌଡି କାଟି ସିଧାସଳଖ ଖାଲି ପାଦରେ ମୁହମ୍ମଦ[ସଅ]ଙ୍କ ଆଡକୁ ଦୌଡିବାକୁ ଲାଗିଲେ । ସେମାନେ ଏପରି ଧାଉଁଥିଲେ ସତେ ଯେପରି ଗୋମାତା ଓ ମାଈ ଓଟମାନେ ନିଜ ଛୁଆଙ୍କ ଚିତ୍କାର ଶୁଣି ସେମାନଙ୍କ ଆଡକୁ ତୀବ୍ର ବେଗରେ ଦୌଡିବାରେ ଲାଗିଛନ୍ତି । ଅଳ୍ପ ସମୟ ମଧ୍ୟରେ ଅନ୍‌ସାର୍‌ମାନଙ୍କ ଗୋଷ୍ଠୀ ବହୁ ସଂଖ୍ୟାରେ ହଜରତ ମୁହମ୍ମଦ[ସଅ]ଙ୍କ ଚତୁର୍ପାଶ୍ୱରେ ଆସି ବେଢିଗଲେ ଓ ଶତ୍ରୁ ପରାଜିତ ହେଲା ।

ହଜରତ ମୁହମ୍ମଦ[ସଅ]ଙ୍କ ଏହି ଦିବ୍ୟ ଅଲୌକିକ ଶକ୍ତି ଏପରି ଚମତ୍କାର ଥିଲା ଯେ ଯେଉଁ ବ୍ୟକ୍ତି ମାତ୍ର କିଛି ଦିନ ପୂର୍ବେ ତାଙ୍କ ଜୀବନର ପରମ ଶତ୍ରୁ ରୂପେ ପରିଚିତ ଥିଲା ଏବଂ ତାଙ୍କ ବିରୁଦ୍ଧରେ ମକ୍କାର ସୈନ୍ୟବାହିନୀର ନେତୃତ୍ୱ, ନେଉଥିଲା ଅର୍ଥାତ ଅବୁସୁଫିୟାନ ଆଜି ହୁନୈନ୍ ଯୁଦ୍ଧରେ ମହାମହୀମଙ୍କ ସାଥିରେ ଥିଲା । ଯେବେ ବିଧର୍ମୀମାନଙ୍କ ପକ୍ଷରୁ ଯୁଦ୍ଧରେ ଭାଗ ନେବା ପାଇଁ ଆସିଥିବା ଓଟ ପଛଘୁଞ୍ଚା ଦେଇ ଦୌଡି ପଳାଉଥିଲେ, ତାହା ଦେଖି ଅତୀବ ଦକ୍ଷ ଯୋଦ୍ଧା ଓ ବୁଦ୍ଧିମାନ ଅବୁସୁଫିୟାନ ନିଜ ଘୋଡା କାଳେ ଅଣାୟତ୍ତ ହୋଇଯିବ, ସେ ତୁରନ୍ତ ଘୋଡାରୁ ଲମ୍ଫ ପ୍ରଦାନ କରି ହଜରତ ମୁହମ୍ମଦ[ସଅ]ଙ୍କ ଖଚରର ଲଗାମ ଧରି ଖାଲି ପାଦରେ ଚାଲି ଚାଲି ତାଙ୍କ ସହିତ ଅଗ୍ରସର ହେଲା । ଅବୁସୁଫିୟାନ ନିଜେ କହନ୍ତି, ସେହି ଘଡସନ୍ଧି ମୂହୁର୍ତ୍ତରେ ମୋ ହାତରେ ନଗ୍ନ ତରବାରୀ ଥିଲା ଓ ମୋ ଅଲ୍ଲାଃ ଯିଏକି ହୃଦୟର ରହସ୍ୟକୁ ଜାଣନ୍ତି, ମୁଁ ତାଙ୍କ ସୌଗନ୍ଧ ଖାଇ କହୁଛି ଯେ ମୁଁ ମୁହମ୍ମଦ[ସଅ]ଙ୍କ ମାର୍ଗରେ ଏପରି ଦୃଢ ପରିକର ହୋଇ ଛିଡା ହୋଇଥିଲି ଯେ କୌଣସି ବ୍ୟକ୍ତି ମୋତେ ନ ମାରିବା ପର୍ଯ୍ୟନ୍ତ ମୁହମ୍ମଦ[ସଅ]ଙ୍କ ନିକଟରେ ପହଞ୍ଚି ପାରିବ ନାହିଁ । ମୋର ଏହି ଦୃଢ ଆଜ୍ଞାକାରୀ ଭାବକୁ ମୁହମ୍ମଦ[ସଅ] ଅତି ଆଶ୍ଚର୍ଯ୍ୟ ଭାବେ ନିରୀକ୍ଷଣ କରୁଥିଲେ । ବୋଧହୁଏ ସେ ଭାବୁଥିଲେ ଯେ ଏହି ବ୍ୟକ୍ତି ମାତ୍ର ଦଶ ପନ୍ଦର ଦିନ ପୂର୍ବେ ମକ୍କାର ବିଧର୍ମୀମାନଙ୍କ ସେନାପତି ସାଜି ମୋତେ ହତ୍ୟା କରିବା ପାଇଁ ପ୍ରସ୍ତୁତ ହୋଇ ମକ୍କାରୁ ବାହାରିଥିଲା । କିନ୍ତୁ ମାତ୍ର କିଛିଦିନ ମଧ୍ୟରେ ତାର ହୃଦୟରେ ଏପରି ପରିବର୍ତ୍ତନ ଆସିଲା ଯେ ମକ୍କାର ଏହି ଦୁର୍ଦ୍ଦଶ ସେନାପତି ଆଜି ଏକ ସାଧାରଣ ସିପାହୀ ହୋଇ ମୁହମ୍ମଦ[ସଅ]ଙ୍କ ଖଚରର ଲଗାମ ଧରି ତାଙ୍କ ସୁରକ୍ଷାରେ ନିୟୋଜିତ ହୋଇଛି । ତା'ର ହାବଭାବରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ସତେ ଯେପରି ସେ ଚାହୁଛି ଯେ ତା'ର ସମସ୍ତ ପାପ ଆଜି ନିଜ ମୃତ୍ୟୁ ଦ୍ୱାରା ନିବାରଣ କରିବ । ଅଲ୍ଲାଃଙ୍କ ରସୁଲଙ୍କୁ ଏତାଦୃଶ ଆଶ୍ଚର୍ଯ୍ୟ ହେବା ଦେଖି ଅବ୍‌ବାସ୍ କହିଲେ, 'ହେ

ଅଲ୍ଲାଃଙ୍କ ରସୁଲ୍ ! ଏହି ଅବୁସୁଫିୟାନ ଯିଏ କି ଆପଣଙ୍କ କକାପୁଅ ଭାଇ, ଆଜିର ଦିନରେ ଅନ୍ତତଃ ତା' ପ୍ରତି ସଦୟ ହୋଇ ଯାଆନ୍ତୁ ।' ଉତ୍ତରରେ ମହାଭାଗ କହିଲେ 'ସମସ୍ତ ଶତ୍ରୁତା ଆଚରଣ ଯାହା ଅବୁସୁଫିୟାନ ମୋ ବିରୁଦ୍ଧରେ କରି ଆସିଛି, ଅଲ୍ଲାଃ ତାକୁ କ୍ଷମା କରିଦିଅନ୍ତୁ ।' ପୁଣି ଅବୁସୁଫିୟାନକୁ ସମ୍ବୋଧିତ କରି ଏତିକି କହିଲେ 'ଭାଇ !' ତହୁଁ ଅବୁସୁଫିୟାନ କହୁଛନ୍ତି 'ମୁଁ ଏପରି ପ୍ରେମପୂର୍ଣ୍ଣ ସମ୍ବୋଧନ ଶୁଣି ଅତ୍ୟନ୍ତ ଭାବ ବିଭୋର ହୋଇ ପଡିଲି । ଆବେଗରେ ମୁହମ୍ମଦ[ସଅ]ଙ୍କ ଶ୍ରୀ ପାଦପଦ୍ମ ଯୁଗଳ ଯାହା ଘୋଡାର ରେକାବ୍‌ରେ ଥିଲା, ତାକୁ ଚୁମ୍ବନ ଦେଇ ପକାଇଲି ।'

ମକ୍କା ବିଜୟ ପରେ ସଫୱାନ ଠାରୁ ଯୁଦ୍ଧ ପାଇଁ ନେଇଥିବା ଅସ୍ତ୍ରଶସ୍ତ୍ରକୁ ମୁହମ୍ମଦ[ସଅ] ତାର ମାଲିକମାନଙ୍କୁ ଫେରସ୍ତ କରିଦେଲେ । ଏତଦ୍ ବ୍ୟତୀତ ସମସ୍ତଙ୍କୁ ବହୁତ ପୁରସ୍କାର ମଧ୍ୟ ଦେଇଥିଲେ । ଏହା ଦେଖି ଲୋକମାନେ ଭାବିଲେ ଯେ ମୁହମ୍ମଦ[ସଅ] କୌଣସି ସାଧାରଣ ବ୍ୟକ୍ତି ନୁହନ୍ତି । ସଫ୍‌ୱାନ ମଧ୍ୟ ସେହି ସମୟରେ ଇସଲାମ୍ ଧର୍ମ ଗ୍ରହଣ କରି ନେଲେ ।

ଏହି ହୁନୈନ୍ ଯୁଦ୍ଧରେ ଏକ ବିଚିତ୍ର ଘଟଣା ମଧ୍ୟ ଲୋକଲୋଚନକୁ ଆସିଛି, ଯାହା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି । ଶୈବା ନାମକ ବ୍ୟକ୍ତି ଯିଏ ମକ୍କାର ବାସିନ୍ଦା ଥିଲେ ଓ କା'ବା ମନ୍ଦିରରେ ପୂଜାର୍ଚ୍ଚନାରେ ନିୟୋଜିତ ଥିଲେ, ସେ ନିଜର ଅନୁଭୂତି ବର୍ଣ୍ଣନା କରିବାକୁ ଯାଇ କହନ୍ତି, 'ମୁଁ ମଧ୍ୟ ହୁନୈନ୍ ଯୁଦ୍ଧରେ ସାମିଲ୍ ହୋଇ ଥିଲି । କିନ୍ତୁ ମୋର ଉଦ୍ଦେଶ୍ୟ ରହିଥିଲା ଯେ ଯେଉଁ ସମୟରେ ଇସଲାମର ଶତ୍ରୁ ସୈନ୍ୟ ପରସ୍ପର ମଧ୍ୟରେ ମୁହାଁମୁହିଁ ସଂଘର୍ଷରତ ଥିବେ, ଠିକ୍ ସେତିକିବେଳେ ମୁଁ ସୁବିଧା ଦେଖି ରସୁଲୁଲ୍ଲାଃଙ୍କୁ ହତ୍ୟା କରିଦେବି । ମୁଁ ମନେ ମନେ ପ୍ରତିଜ୍ଞା କଲି ଯେ ଆରବୀୟ ଓ ଅଣ-ଆରବୀୟ ତ ଦୂରର କଥା ଯଦି ସାରା ସଂସାର ମଧ୍ୟ ମୁହମ୍ମଦ[ସଅ]ଙ୍କ ପ୍ରବର୍ତ୍ତିତ ଧର୍ମକୁ ଗ୍ରହଣ କରି ନେବେ, ତଥାପି ମୁଁ କଦାପି ଇସଲାମ ଧର୍ମରେ ପ୍ରବେଶ କରିବି ନାହିଁ ।' ସୁତରାଂ ଯେତେବେଳେ ଯୁଦ୍ଧ ହେଲା ଉଭୟ ପକ୍ଷର ଲୋକଙ୍କ ମଧ୍ୟରେ ସଂଗ୍ରାମ ତୀବ୍ରତର ହେଲା । ଏପଟର ଲୋକ ସେପଟର ଲୋକଙ୍କ ସହିତ ମିଶିଗଲେ, ସେତିକିବେଳେ ମୁଁ ତରବାରୀ ଉତ୍ତୋଳନ କରି ମୁହମ୍ମଦ[ସଅ]ଙ୍କ ନିକଟତର ହେବାରେ ଲାଗିଲି । କିନ୍ତୁ ସେତେବେଳେ ମୋତେ ପ୍ରତୀତ ହେଲା ଯେ ମହାଭାଗ ଓ ମୋ ମଧ୍ୟରେ ଏକ ପ୍ରଚଣ୍ଡ ଅଗ୍ନିଶିଖା ପ୍ରଜ୍ୱଳିତ ହୋଇଛି ଯାହାକି ମୋତେ ନିମିଷକ ମଧ୍ୟରେ ଭସ୍ମ କରି ଦେବାକୁ ପାଖେଇ ଆସୁଛି । ଠିକ୍ ଏହି ସମୟରେ ମୁହମ୍ମଦ[ସଅ]ଙ୍କ ସ୍ୱର ଶୁଭିଲା । ସେ କହିଲେ 'ଶୈବା ! ମୋ ନିକଟକୁ ଆସ ।' ମୁଁ ମହାଭାଗଙ୍କ ନିକଟରେ ପହଞ୍ଚିଲି । ସେ ମୋ ବକ୍ଷ ଉପରେ ଆଉଁସି ଦେଇ କହିଲେ, 'ହେ ଈଶ୍ୱର ! ଶୈବାକୁ ଶୈତାନୀ

ଚିନ୍ତାଧାରାରୁ ମୁକ୍ତି ପ୍ରଦାନ କର ।' ଶୈବା କହନ୍ତି ଯେ ରସୁଲୁଲ୍ଲାଃଙ୍କ ହାତର କୋମଳ ସ୍ପର୍ଶ ମୋ ଛାତିରେ ବାଜିବା କ୍ଷଣି ମୋ ହୃଦୟରୁ ସମସ୍ତ ଶତ୍ରୁତା ଓ କ୍ରୋଧ କୁଆଡେ ଅନ୍ତର୍ଦ୍ଧାନ ହୋଇଗଲା । ସେହି ମୁହୁର୍ତ୍ତରୁ ମହାଭାଗ ମୋତେ ନିଜ ଚକ୍ଷୁରେ, ନିଜ କର୍ଣ୍ଣରେ ଓ ମୋର ହୃଦୟ ଠାରୁ ଅଧିକ ପ୍ରିୟ ହୋଇଗଲେ । ପୁଣି ମହାଭାଗ ମୋତେ କହିଲେ, ଶୈବା ! ଆଗକୁ ଅଗ୍ରସର ହୁଅ ଓ ଯୁଦ୍ଧ କର ।' ତାପରେ ମୁଁ ଆଗେଇଲି ଓ ସେହି ସମୟରେ ମୋର ଏକ ମାତ୍ର ଲକ୍ଷ୍ୟ ଥିଲା ଯେ ମୁଁ ନିଜ ପ୍ରାଣର ଆହୁତି ଦେଇ ମୁହମ୍ମଦ[ସଅ]ଙ୍କ ଜୀବନ ରକ୍ଷା କରିବି । ଯଦି ଏହି ସମୟରେ ମୋ ବାପା ମଧ୍ୟ ଜୀବିତ ଥାଆନ୍ତେ ଏବଂ ମୋ ସମ୍ମୁଖକୁ ଆସିଥାନ୍ତେ, ତା'ହେଲେ ମୋ ତରବାରୀକୁ ତାଙ୍କ ବକ୍ଷରେ ଭୁଷି ଦେବାକୁ ମୁଁ ତିଳେ ହେଲେ ସଂକୋଚ କରିନଥାନ୍ତି ।' (ଅସ୍‌ସିରତୁଲ୍ ହଲ୍‌ବିୟାଃ, ତୃତୀୟ ଖଣ୍ଡ, ପୃଷ୍ଠା ୧୩୫)

ଏହି ଘଟଣା ପରେ ମୁହମ୍ମଦ[ସଅ] ତାୟଫ୍ ସହରୁ ଅଭିଯାନରେ ବାହାରିଲେ, ଯେଉଁ ସହରବାସୀ ପଥର ବର୍ଷା କରି ମୁହମ୍ମଦ[ସଅ]ଙ୍କୁ ନିଜ ସହରରୁ ବାହାର କରିଦେଇ ଥିଲେ । ସେହି ତାୟଫ୍ ସହର ମଧ୍ୟ ମୁସଲମାନମାନଙ୍କ ଦ୍ୱାରା କବଳିତ ହେଲା । କିଛି ସମୟ ମଧ୍ୟରେ ସେଠାକାର ଲୋକେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ ।

## ମକ୍କା ବିଜୟ ଓ ହୁନୈନ୍ ଯୁଦ୍ଧ ପରବର୍ତ୍ତୀ ଘଟଣା

ସେହି ଯୁଦ୍ଧରୁ ନିବୃତ୍ତ ହେବା ପରେ ସେହି ଧନ ଦୌଲତ ଯାହା ପରାଜିତ ଶତ୍ରୁ ଉପରେ ଜୋରିମାନା ଅର୍ଥ ତଥା ରଣଭୁମିରୁ ଛାଡି ଯାଇଥିବା ସାମଗ୍ରୀ ଏକତ୍ର ଠୁଳ କରାଗଲା । ଇସଲାମୀୟ ସେନାବାହିନୀ ମଧ୍ୟରେ ଆବଣ୍ଟନ ହେବା ଆଇନ ସମ୍ମତ । କିନ୍ତୁ ହଜରତ ମୁହମ୍ମଦ[ସଅ] ଏ ସମସ୍ତ ବିଜୟଲବ୍ଧ ବସ୍ତୁ ଓ ଧନସମ୍ପତ୍ତି ଗୁଡିକୁ ମକ୍କାବାସୀ ତଥା ମକ୍କାର ଆଖପାଖ ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ସେହି ଲୋକମାନଙ୍କ ମଧ୍ୟରେ ଧର୍ମ ବିଶ୍ୱାସ ଉଦ୍ରେକ ହୋଇ ନଥିଲା ଓ ବହୁତ ଲୋକ ସେପର୍ଯ୍ୟନ୍ତ ବିଧର୍ମୀ ଥିଲେ କିମ୍ବା ନୂତନ ଭାବେ ଇସଲାମ ଧର୍ମ ଗ୍ରହଣ କରି ନୂଆ ନୂଆ ମୁସଲମାନ ହୋଇଥିଲେ । ସେମାନଙ୍କ ପାଇଁ ଏହା ସଂପୂର୍ଣ୍ଣ ନୂଆ କଥା ଥିଲା ଯେ ଜାତି ନିଜ ଅର୍ଜିତ ଧନ ସମ୍ପତ୍ତିକୁ ଅନ୍ୟାନ୍ୟ ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଉଛନ୍ତି । ଧନ ବିତରଣ ହେବା ଯୋଗୁଁ ସେମାନଙ୍କ ହୃଦୟରେ ପୁଣ୍ୟ ଓ ଆତ୍ମସଂଯମ ସୃଷ୍ଟି ହେବା ପରିବର୍ତ୍ତେ ଲୋଭ ଓ ଈର୍ଷାଭାବ ବଳବତ୍ତର ହେବାକୁ ଲାଗିଲା । ସେମାନେ ହଜରତ ମୁହମ୍ମଦ[ସଅ]ଙ୍କ ଚ୍ଛରିପଟେ ବେଢିଗଲେ ଓ ଅତିରିକ୍ତ ଲାଳସାର ବଶବର୍ତ୍ତୀ ହୋଇ ଧନ ଦ୍ରବ୍ୟ ମାଗିବାକୁ ଲାଗିଲେ । ଏପରିକି ତାଙ୍କୁ ଠେଲି ପେଲି ଏକ ଗଛ ନିକଟକୁ

ନେଇଗଲେ ଓ ତାଙ୍କୁ ବ୍ୟତିବ୍ୟସ୍ତ କରି ପକାଇଲେ । କେବଳ ସେତିକ ନୁହେଁ, ଜଣେ ଲୋକ ଆସି ହଜରତ ମୁହମ୍ମଦ[ସଅ]ଙ୍କ କାନ୍ଧ ଉପରେ ପଡିଥିବା ଚାଦରଟିକୁ ଏପରି ଭାବେ ମୋଡିବାକୁ ଲାଗିଲା ଯେ ତାଙ୍କ ବେକ ଚାପି ହୋଇ ନିଃଶ୍ୱାସ ବନ୍ଦ ହେବାକୁ ଲାଗିଲା । ମହାଭାଗ ଛାଟିପିଟି ହୋଇ କୌଣସି ମତେ ନିଜକୁ ରକ୍ଷା କରି କହିଲେ, 'ଲୋକମାନେ ଶୁଣ ! ମୋ ପାଖରେ ଯାହା ଦ୍ରବ୍ୟ ଥିଲା ମୁଁ ସବୁ ଦେଇଦେଲି । ଆଉ ଯଦି କିଛି ମୋ ପାଖରେ ଥାଆନ୍ତା, ସେସବୁକୁ ମଧ୍ୟ ମୁଁ ଦେଇ ଦିଅନ୍ତି । ତୁମେମାନେ କେବେବି ମୋତେ କଞ୍ଜୁସ କିମ୍ବା ସଂକୁଚିତ ହୃଦୟର ବୋଲି ଭାବିବ ନାହିଁ ।' ଏହା ପରେ ମହାଭାଗ ଓଟ ପାଖକୁ ଗଲେ ଓ ତା'ର ଏକ ଲୋମ ଛିଣ୍ଡାଇ ତାକୁ ହାତରେ ଉଠାଇ କହିଲେ, 'ଦେଖ ! ମୋତେ ତୁମ ବାଳ ମଧ୍ୟରୁ ଏହି ଲୋମ ସଦୃଶ ବାଳ ସମାନ ପ୍ରତିଦାନର ମଧ୍ୟ ଆବଶ୍ୟକତା ନାହିଁ । ହଁ, କେବଳ ଆରବ ଦେଶର ଆଇନ ଅନୁସାରେ ଶାସନ ଚଳାଇବା ପାଇଁ ଏକ ପଞ୍ଚମାଂଶ ଧନ ସରକାରଙ୍କର । ସେହି ଭାଗକୁ ମୁଁ ନିଜ ଖର୍ଚ୍ଚପାଇଁ ରଖିନାହିଁ । ଏହା ତୁମର ଉପକାର ସକାଶେ ତୁମ ପାଇଁ ବ୍ୟୟ କରାଯିବ । ମନେରଖ ! ଧନ ଆତ୍ମସାତ୍ କରୁଥିବା ବ୍ୟକ୍ତି ତା'ର ଅସାଧୁ ପଣ ସକାଶେ ଅନ୍ତିମ ବିଚାର ଦିନ ଈଶ୍ୱରଙ୍କ ନିକଟରେ ଅପମାନିତ ହେବ ।'

କେତେକ ଲୋକ କହନ୍ତି, ହଜରତ ମୁହମ୍ମଦ[ସଅ]ଙ୍କ ମନରେ ସମ୍ରାଟ ହେବାର ଅଭିଳାଷ ଥିଲା । କିନ୍ତୁ କଣ କୌଣସି ସମ୍ରାଟ ଓ ସାମାନ୍ୟ ଜନତାଙ୍କ ମଧ୍ୟରେ ଏପରି ସମ୍ପର୍କ କେବେ ସ୍ଥାପନ କରିବା କେବେ ସମ୍ଭବ ହୋଇପାରେ ? କଣ କାହାର ଏପରି ଶକ୍ତି ଅଛି ଯେ ସେ ସମ୍ରାଟକୁ ଠେଲାପେଲା ଓ ଟଣାଓଟରା କରି ନେଇଯିବ ଓ ବେକରେ ରଶି ଲଗାଇ ତା'ର ତଣ୍ଟି ଚିପି ଦେଇ ପାରିବ ? କେବଳ ଅଲ୍ଲାଃଙ୍କ ରସୁଲ୍ ବ୍ୟତୀତ ଏହି ଆଦର୍ଶ ଆଉ କିଏ ପ୍ରଦର୍ଶିତ କରିପାରେ ? କିନ୍ତୁ ସମସ୍ତ ଧନ ସମ୍ପତ୍ତି ଗରିବମାନଙ୍କ ମଧ୍ୟରେ ବିତରଣ କରି ଦେଇଥିବା ସତ୍ତ୍ୱେ ଏପରି ନିଷ୍ଠୁର ଲୋକ ମଧ୍ୟ ଥିଲେ, ଯେଉଁମାନେ ମୁହମ୍ମଦ[ସଅ]ଙ୍କ ଏହି ଧନ ବିତରଣକୁ ନ୍ୟାୟ ସଂଗତ ବୋଲି ଭାବୁ ନଥିଲେ । ସୁତରାଂ ଜୁଲ୍‌ଖୁବୈସରା ନାମକ ବ୍ୟକ୍ତି ଅଭିଯୋଗ କରି କହିଲା 'ହେ ମୁହମ୍ମଦ ! ଆପଣ ଆଜି ଯାହା କଲେ ମୁଁ ସେସବୁ ଦେଖିଲି ।' ମହାଭାଗ ପଚାରିଲେ 'ତୁମେ ଆଜି କଣ ଦେଖିଲ ?' ସେ କହିଲା 'ମୁଁ ଆଜି ଦେଖିଲି ଯେ ଆପଣ ଅନ୍ୟାୟ କରିଛନ୍ତି । କୌଣସି ନ୍ୟାୟ କାର୍ଯ୍ୟ କରି ନାହାନ୍ତି ।' ମୁହମ୍ମଦ[ସଅ] କହିଲେ 'ହାୟ, ଯଦି ମୁଁ ନ୍ୟାୟ କରିନାହିଁ ତା'ହେଲେ ଦୁନିଆରେ ଆଉ କେଉଁ ମନୁଷ୍ୟ ନ୍ୟାୟ କରିବ ?' ସେହି ସମୟରେ ସମସ୍ତ ଅନୁଚରଗଣ ଉତ୍ତେଜିତ ହୋଇ ଛିଡା ହୋଇଗଲେ । ଯେବେ ସେହି ବ୍ୟକ୍ତି ମସଜିଦ୍‌ରୁ ଉଠି ଚାଲିଗଲା, କେତେକ ଅନୁଚର କହିଲେ 'ହେ ଅଲ୍ଲାଃଙ୍କ

ରସୁଲ ! ଏହି ବ୍ୟକ୍ତି ମୃତ୍ୟୁ ଦଣ୍ଡ ପାଇବା ପାଇଁ ଯୋଗ୍ୟ । ତାକୁ ବଧ କରିବା ପାଇଁ କଣ ଆପଣ ଅନୁମତି ପ୍ରଦାନ କରିବେ ?' ମହାଭାଗ କହିଲେ 'ଯେପର୍ଯ୍ୟନ୍ତ ଏହି ବ୍ୟକ୍ତି ଆଇନକୁ ମାନୁଛି, ଆମେ ତାକୁ କିପରି ଶାସ୍ତି ଦେଇପାରିବୁ ?' ସାଥୀମାନେ ପୁନଶ୍ଚ ପ୍ରଶ୍ନ କଲେ 'ହେ ଅଲ୍ଲାଃଙ୍କ ରସୁଲ ! ଜଣେ ବ୍ୟକ୍ତି ପ୍ରକାଶ୍ୟରେ କିଛି ପ୍ରକଟ କରୁଛି, କିନ୍ତୁ ତାର ହୃଦୟରେ ଅନ୍ୟ କିଛି ରହିଥିବ, କଣ ଏପରି ବ୍ୟକ୍ତି ଶାସ୍ତି ଭୋଗ କରିବାର ପାତ୍ର ନୁହେଁ ?' ମହାଭାଗ କହିଲେ 'ଈଶ୍ୱର ମୋତେ ଏହି ଆଦେଶ ଦେଇ ନାହାନ୍ତି ଯେ ମୁଁ ଲୋକଙ୍କ ସହିତ ତାଙ୍କ ହୃଦୟରେ ଥିବା ବିଚାର ଅନୁଯାୟୀ ବ୍ୟବହାର କରିବି । ମୋତେ ଈଶ୍ୱରଙ୍କ ଆଦେଶ ମିଳିଛି ଯେ ମୁଁ ସେମାନଙ୍କ ବାହ୍ୟ ବ୍ୟବହାର ଓ ଚଳନ ଅନୁସାରେ ହିଁ ନିଷ୍ପତ୍ତି ନେବି ।' ପୁନଶ୍ଚ ମହାଭାଗ କହିଲେ 'ଏହି ବ୍ୟକ୍ତି ଓ ଏହାର ସାଥୀମାନେ ଦିନେ ଇସଲାମ ସହିତ ବିଦ୍ରୋହ ସୃଷ୍ଟି କରିବେ ।' ସୁତରାଂ ହଜରତ ଅଲି[ରଅ]ଙ୍କ ଖିଲାଫତ କାଳରେ ସେହି ବ୍ୟକ୍ତି ଓ ତା'ର ଗୋଷ୍ଠୀର ଲୋକମାନେ ସେହି ବିଦ୍ରୋହୀ ଦଳର ନେତୃତ୍ୱ ନେଇଥିଲେ । ଯେଉଁମାନେ ହଜରତ ଅଲ୍ଲୀଙ୍କ ସହିତ ବିଦ୍ରୋହ ସୃଷ୍ଟି କଲେ ତଥା ଆଜି ପର୍ଯ୍ୟନ୍ତ ସେମାନେ ଖୱାରିଜ୍ ଗୋଷ୍ଠୀ ନାମରେ କୁଖ୍ୟାତି ଅର୍ଜନ କରିଛନ୍ତି ।

ତେବେ ହୱାଜନ୍‌ମାନଙ୍କୁ ପରାସ୍ତ କଲାପରେ ମୁହମ୍ମଦ[ସଅ] ମଦିନା ପ୍ରସ୍ଥାନ କଲେ । ମଦିନାବାସୀଙ୍କ ସକାଶେ ପୁଣି ଏକ ଆନନ୍ଦର ଦିବସ ଥିଲା । ଏକଦା ଅଲ୍ଲାଃଙ୍କ ରସୁଲ୍ ମକ୍କାବାସୀଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ମଦିନାଭିମୁଖୀ ହୋଇଥିଲେ । ଆଜି ସେହି ପ୍ରଭୁଙ୍କ ପ୍ରେରିତ ମକ୍କା ବିଜୟ ପରେ ନିଜ ଖୁସିରେ ଓ ନିଜ ପ୍ରତିଜ୍ଞା ପାଳନ ନିମନ୍ତେ ପୁନର୍ବାର ମଦିନା ପ୍ରବେଶ କରୁଥିଲେ ।

## ତବୁକ୍ ଯୁଦ୍ଧ

ଯେବେ ହଜରତ ମୁହମ୍ମଦ[ସଅ] ମକ୍କା ବିଜୟ କରିଥିଲେ, ଅବୁ ଆମିର୍ ମଦନି ନାମକ ବ୍ୟକ୍ତି ଯିଏ ଖଜ୍‌ରଜ୍ ଗୋଷ୍ଠୀର ଲୋକ ଥିଲା, ତଥା ସେ ଇହୁଦି ଏବଂ ଖ୍ରୀଷ୍ଟିୟାନଙ୍କ ସହିତ ଆଳାପ ଓ ମିଳାମିଶା ଯୋଗୁଁ ଈଶ୍ୱରଙ୍କ ନାମ ଜପିବାରେ ଅଭ୍ୟସ୍ତ ଥିଲା । ସେହି କାରଣରୁ ଲୋକମାନେ ତା'କୁ 'ଖ୍ରୀଷ୍ଟ ସନ୍ୟାସୀ' ବୋଲି ସମ୍ବୋଧନ କରୁ ଥିଲେ । କିନ୍ତୁ ଧର୍ମମତ ଦୃଷ୍ଟିରୁ ସେ ଖ୍ରୀଷ୍ଟିୟାନ ନ ଥିଲା । ସେହି ବ୍ୟକ୍ତି ମୁହମ୍ମଦ[ସଅ]ଙ୍କ ମକ୍କାରୁ ମଦିନା ପହଞ୍ଚିବା ପରେ ମକ୍କା ଆଡକୁ ପଳାୟନ କରିଥିଲା । ଯେବେ ମକ୍କା ବିଜୟ ହେଲା, ସେ ଚିନ୍ତାକଲା ଏବେ ମୋତେ ଇସଲାମ ବିରୁଦ୍ଧରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଅନ୍ୟ ଉପାୟ କରିବାକୁ ପଡିବ । ପରିଶେଷରେ ସେ ନିଜ ନାମ ଓ

ଚେହେରା ବଦଳାଇ ମଦିନା ନିକଟସ୍ଥ କୁବା ନାମକ ଗ୍ରାମରେ ଯାଇ ରହିଲା । ବର୍ଷ ବର୍ଷ ଧରି ବାହାରେ ରହିଥିବା କାରଣରୁ ଓ ନିଜର ବେଶଭୂଷା ପରିବର୍ତ୍ତନ କରୁଥିବା ଯୋଗୁଁ ମଦିନାର ଲୋକ ସାମାନ୍ୟ ଭାବେ ତାକୁ ଚିହ୍ନିପାରୁ ନଥିଲେ । କେବଳ ସେହି ମୁନାଫିକ୍ (କପଟ ବିଶ୍ୱାସୀ) ତାକୁ ଜାଣୁଥିଲେ, ଯେଉଁମାନଙ୍କ ସହିତ ସେ ସମ୍ପର୍କ ରଖିଥିଲା । ସେ ମଦିନାର ମୁନାଫିକ୍‌ମାନଙ୍କ ସହିତ ମିଶି ଏକ ଯୋଜନା ତିଆରି କଲା ଯେ ମୁଁ ସିରିୟା ଯାଇ ସେଠାକାର ସିରିୟା ଖ୍ରୀଷ୍ଟିୟାନ୍ ସରକାର ଓ ଆରବର ଖ୍ରୀଷ୍ଟିୟାନ୍ ଗୋଷ୍ଠୀମାନଙ୍କୁ ମଦିନା ଆକ୍ରମଣ କରିବାକୁ ପ୍ରରୋଚିତ କରିବି । ଏଠାରେ ତୁମେମାନେ ଏପରି ଗୁଜବ ପ୍ରଚାର କର ଯେ ସିରିୟାର ସୈନ୍ୟ ମଦିନା ଆକ୍ରମଣ କରିବାକୁ ଆସୁଛନ୍ତି । ମୋର ଏହି ଯୋଜନା ଯଦି ସଫଳ ହେବ ତ ଉଭୟ ସୈନ୍ୟଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଲାଗିଯିବ । ମୋର ଯୋଜନା କାର୍ଯ୍ୟକାରୀ ନହେଲେ ମଧ୍ୟ ଗୁଜବ ଯୋଗୁଁ ମଦିନାର ମୁସଲମାନମାନେ ବୋଧହୁଏ ସିରିୟା ଉପରେ ଚଢାଉ କରି ପାରନ୍ତି । ଏହା ଦ୍ୱାରା ଆମ କାର୍ଯ୍ୟ ମଧ୍ୟ ସାଧନ ହୋଇଯିବ । ଏହିପରି ମନ୍ତ୍ରଣା କରି ଆବୁଆମିର ସିରିୟା ଆଡକୁ ଚାଲିଗଲା । ଏଣେ ମଦିନାର ମୁନାଫିକମାନେ ପ୍ରତିଦିନ ପ୍ରଚାର କରିବାକୁ ଲାଗିଲେ ଯେ ଅମୁକ ଦଳ ସହିତ ଆମର ଭେଟ ହୋଇଥିଲା । ସେମାନେ କହୁଥିଲେ ଯେ ସିରିୟାର ସୈନ୍ୟ ମଦିନା ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛନ୍ତି । ପୁଣି ଦ୍ୱିତୀୟ ଦିନ ମଧ୍ୟ ଏହି ଦଳଗୁଡିକ ଆମ ସହିତ ଭେଟ ହୋଇ କହୁଥିଲେ ଯେ ସିରିୟାର ସେନା ମଦିନା ଆକ୍ରମଣ କରିବାକୁ ଯାଉଛନ୍ତି । ଏହି ଗୁଜବ ବାରମ୍ବାର ଏପରି ଦ୍ରୁତ ଗତିରେ ପ୍ରସାରିତ ହେବାକୁ ଲାଗିଲା ଯେ ମୁହମ୍ମଦ[ସଅ]ଙ୍କ କାନକୁ ଏକଥା ଗଲାପରେ ମହାଭାଗ ଉଚିତ ମଣିଲେ ଯେ ଇସ୍‌ଲାମୀୟ ସେନା ସ୍ୱୟଂ ମୁକାବିଲା କରିବା ପାଇଁ ସିରିୟା ଅଭିଯାନରେ ଯିବେ । ଏହି ସମୟ ମୁସଲ୍‌ମାନମାନଙ୍କ ପାଇଁ ଅତ୍ୟନ୍ତ କଷ୍ଟ ଦାୟକ ଥିଲା । ଦୁର୍ଭିକ୍ଷର ବର୍ଷ ଥିଲା ଓ ମରୁଡିର ପ୍ରକୋପ ଦେଖା ଦେଇଥିଲା । ପୂର୍ବ ବର୍ଷ ଫସଲ କମ୍ ହୋଇଥିଲା ଓ ଚଳିତ ବର୍ଷ ସେପର୍ଯ୍ୟନ୍ତ ଫସଲ ଉତ୍ପାଦନ ହୋଇ ନଥିଲା । ସେପ୍ଟେମ୍ବର୍ ମାସର ଶେଷ ଓ ଅକ୍ଟୋବର ମାସର ପ୍ରାରମ୍ଭ ଥିଲା । ଯେତେବେଳେ ମହାଭାଗ ସାମରିକ ବାହିନୀ ସହିତ ଏହି ସଂଗ୍ରାମରେ ବାହାରିଲେ, ମୁନାଫିକ୍‌ମାନେ ଜାଣିଥିଲେ ଯେ ସେମାନଙ୍କ ଏହି ଛଳ ଯୋଗୁଁ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ଏପରି ପ୍ରତାରଣା ମୂଳକ ଯୋଜନା ହୋଇଥିଲା ଯେ ଯଦି ସିରିୟା ଫୌଜ ଆକ୍ରମଣ ନ କରନ୍ତି, ମୁସଲ୍‌ମାନମାନେ ସ୍ୱୟଂ ସିରିୟା ସେନଙ୍କ ସହିତ ଲଢେଇ କରି ନିଜକୁ ଧ୍ୱଂସ କରିଦେବେ । ଏଥି ପୂର୍ବରୁ ମୌତା ଯୁଦ୍ଧର ପରିଣାମ ମଦିନାର ସେନାବାହିନୀ ଭୋଗି ସାରିଛନ୍ତି । ସେ ସମୟରେ ସିରିୟାର ଏକ ବିଶାଳ ସେନାବାହିନୀ ସହିତ

ମୁସଲ୍‌ମାନଙ୍କ କ୍ଷୁଦ୍ର ସୈନ୍ୟଦଳ ବହୁ କ୍ଷତି ଉଠାଇ ଅଳ୍ପକେ ରକ୍ଷା ପାଇ ଯାଇଥିଲେ । ବର୍ତ୍ତମାନ ଶଠ ବ୍ୟକ୍ତିମାନେ ଅନ୍ୟ ଏକ ଭୟଙ୍କର ମୌକା ଦେଖିବାକୁ ଚାହୁଁଥିଲେ । ଯେଉଁଥିରେ ସ୍ୱୟଂ ଅଲ୍ଲାଃଙ୍କ ରସୁଲ ଶହୀଦ୍ ହୋଇ ମୃତ୍ୟୁ ବରଣ କରନ୍ତୁ । ଏସବୁକୁ ଦୃଷ୍ଟିରେ ରଖି ମୁନାଫିକ୍‌ମାନେ ସିରିୟା ଯୁଦ୍ଧର ଭୟାବହତା ପ୍ରଚାର କରୁଥିଲେ । ଆଜି ଅମୁକ ଦଳମାନଙ୍କ ଠାରୁ କାଲି ସମୁକ ଯାତ୍ରୀ ଦଳ ଠାରୁ ଖବର ମିଳିଛି, ଯଦ୍ୱାରା ସିରିୟାର ବିଶାଳ ସୈନ୍ୟଙ୍କୁ ମୁକାବିଲା କରିବା ସହଜ ନୁହେଁ । ସେମାନେ ଲୋକଙ୍କ ଭୟଭୀତ କରି କହୁଥିଲେ, ତୁମେ ଯୁଦ୍ଧକୁ ଯାଅନା, ବିଫଳ ମନୋରଥ ହୋଇ ଫେରିବ ଇତ୍ୟାଦି । ଏହା ଦ୍ୱାରା ସେମାନଙ୍କ ଅଭିପ୍ରାୟ ଥିଲା ଯେ ମୁସଲମାନମାନେ ଯୁଦ୍ଧ କରିବାକୁ ଯାଆନ୍ତୁ, କିନ୍ତୁ କମ୍ ସଂଖ୍ୟକ ଗଲେ ସେମାନଙ୍କର ପରାଜୟ ସୁନିଶ୍ଚିତ ହୋଇଯିବ । କିନ୍ତୁ ଏଣେ ଅଲ୍ଲାଃଙ୍କ ରସୁଲଙ୍କ ଆହ୍ୱାନରେ ମୁସଲମାନମାନେ ନିଜର ସର୍ବସ୍ୱ ତ୍ୟାଗ କରିବା ପାଇଁ ପ୍ରସ୍ତୁତ ହେଉଥିଲେ । ଅତି ଗରିବ ମୁସଲମାନମାନଙ୍କ ନିକଟରେ ଯୁଦ୍ଧ ସରଞ୍ଜାମ ଅବା ଥାଆନ୍ତା କିପରି ? ସରକାରୀ କୋଷାଗାର ମଧ୍ୟ ଶୂନ୍ୟ ହୋଇ ଯାଇଥିଲା । ସେମାନଙ୍କ ସମୃଦ୍ଧିଶାଳୀ ଭାଇମାନେ ହିଁ ସହାୟତା ଯୋଗଇବା ପାଇଁ ଆସି ପାରିବେ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଏକୁ ଅରେକ ବଳି ତ୍ୟାଗ ସ୍ୱୀକାର କରିବାକୁ ଆଗଭର ହେଉଥିଲା । ହଜରତ ଉସ୍‌ମାନ[ରଅ] ସେହି ଦିନ ନିଜ ଧନର ଅନେକ ଭାଗ ହଜରତ ମୁହମ୍ମଦ[ସଅ]ଙ୍କ ସେବାରେ ଉତ୍ସର୍ଗ କରି ଦେଇଥିଲେ । ସେ ଏକହଜାର ସ୍ୱର୍ଣ୍ଣ ଦିନାର ଅର୍ପଣ କରିଥିଲେ, ଯାହର ମୂଲ୍ୟ ପଚିଶ ହଜାର ଟଙ୍କା । ଏହିପରି ଅନ୍ୟାନ୍ୟ ଅନୁଚରମାନେ ନିଜର ସାମର୍ଥ୍ୟ ଅନୁସାରେ ଅନୁଦାନ ଦେଇଥିଲେ । ଯାହା ଫଳରେ ଗରିବ ମୁସଲମାନମାନଙ୍କ ପାଇଁ ଯୁଦ୍ଧ କରିବା ସକାଶେ ବାହନ, ତରବାରୀ ଓ ବର୍ଚ୍ଛା ଆଦିର ଉପଲବ୍ଧ କରା ଯାଇପାରିଲା । ଅନୁଚରମାନଙ୍କ ମଧ୍ୟରେ ତ୍ୟାଗର ଏପରି ଭାବନା ଥିଲା ତାହା ଅବର୍ଣ୍ଣନୀୟ । ୟମନ୍‌ର କେତେକ ଲୋକ ଯେଉଁମାନେ ମୁସଲମାନ ହୋଇ ନିଜ ଭିଟାମାଟି ଛାଡି ମଦିନାରେ ଆଶ୍ରୟ ନେଇଥିଲେ, ସେମାନେ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ ହୋଇଥିବା ସତ୍ତ୍ୱେ ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଆମମାନଙ୍କୁ ମଧ୍ୟ ସାଙ୍ଗରେ ନିଅନ୍ତୁ । କେବଳ ଏତିକି ମିନତି କରୁଛୁ ଯେ ସେଠାରେ ପହଞ୍ଚିବାର ବ୍ୟବସ୍ଥା କରିଦିଅନ୍ତୁ । ପବିତ୍ର କୁରଆନରେ ଏହି ଲୋକମାନଙ୍କ ବର୍ଣ୍ଣନା ଏପରି ଶବ୍ଦରେ କରାଯାଇଛି ।

وَلَا عَلَى الَّذِينَ إِذَا مَا أَتَوْكَ لِتَحْمِلَهُمْ قُلْتَ لَا أَجِدُ مَا أَحْمِلُكُمْ عَلَيْهِ ص
تَوَلَّوا وَّأَعْيُنُهُمْ تَفِيضُ مِنَ الدَّمْعِ حَزَنًا أَلَّا يَجِدُوا مَا يُنفِقُونَ

ଓ୍ୱଲା ଅଲଲ୍‌ଲଜିନା ଇଜା ମାଆ ଅତୌକା ଲିତହମିଲ୍‌ହୁମ୍ କୁଲ୍‌ତା ଲାଅଜେଦୁ ମାଆ ଅହମିଲୁ କୁମ୍ ଅଲୈହି ତଓ୍ୱଲ୍ଲୌ ୱାୟୁନୁହୁମ୍ ତଫିଜୋ ମିନଦ୍‌ଦମଏ ହଜ୍‌ନାନ୍ ଅଲ୍ଲାଃ ୟଜିଦୁ ମାୟୁନ୍‌ଫେକୁନ୍।’

(ଅଲ୍ ତୌବା ୯୨)

ଅର୍ଥାତ୍ ଏହି ଯୁଦ୍ଧରେ ଅଂଶ ଗ୍ରହଣ ନ କରିବା ଦ୍ୱାରା ଏହି ଲୋକଙ୍କ ପାଇଁ କୌଣସି ପାପ ନାହିଁ। ଯେଉଁମାନେ ତୁମ ନିକଟକୁ ଏଥିପାଇଁ ଆସିଛନ୍ତି ଯେ ତୁମେ ସେମାନଙ୍କ ସକାଶେ ଏପରି ସାମଗ୍ରୀ ଉପଲବ୍ଧ କରାଇଦିଅ, ଯାହାଦ୍ୱାରା ସେମାନେ ସେଠାରେ ପହଞ୍ଚି ପାରିବେ। କିନ୍ତୁ ତୁମେ ସେମାନଙ୍କୁ କହିଲ ଯେ ମୋ ନିକଟରେ ତ ତୁମକୁ ସେଠରେ ପହଞ୍ଚାଇବା ପାଇଁ କୌଣସି ସାମଗ୍ରୀ ନାହିଁ। ତେବେ ସେମାନେ ତୁମ ସଭାରୁ ନିରାଶ ହୋଇ ଉଠି ଚ୍ଲି ଯାଇଥିଲେ। ଏପରି ଅବସ୍ଥାରେ ସେମାନଙ୍କ ଚକ୍ଷୁରୁ ଅଶ୍ରୁ ଏଥିପାଇଁ ଝରୁଥିଲା ଯେ ଦୁର୍ଭାଗ୍ୟବଶତଃ ସେମାନଙ୍କ ପାଖରେ ଧନ ନଥିଲା, ଯାହାକୁ ବ୍ୟୟ କରି ଆଜି ସେମାନେ ଇସଲାମର ସେବା କରିପାରିବେ। ହଜରତ ଅବୁ ମୁସା[ରଅ] ଏହି ଦଳର ମୁଖ୍ୟ ଥିଲେ। ଯେବେ ତାଙ୍କୁ ପଚରାଗଲା ‘ତୁମେ ସେ ସମୟରେ ଅଲ୍ଲାଃଙ୍କ ରସୁଲଙ୍କୁ କଣ ମାଗିଥିଲ ?’ ଅବୁ ମୁସା କହିଲେ, ‘ଅଲ୍ଲାଃଙ୍କ ରାଣ ! ଆମେ ଓଟ ମାଗି ନଥିଲୁ କି ଘୋଡା ମାଗି ନଥିଲୁ। ଆମେ କେବଳ ଏତିକି କହିଥିଲୁ ଯେ ଆମେ ଖାଲି ପାଦରେ ଅଛୁ ଓ ଫୁଙ୍ଗୁଳା ପାଦରେ ଏତେବଡ ଦୂର ଯାତ୍ରା ସମ୍ଭବପର ନୁହେଁ। ଯୋତା ହଲେ ମିଳି ଯାଇଥିଲେ ଆମେମାନେ ଧାଇଁ ଯାଇ ନିଜର ଭାଇମାନଙ୍କ ସହିତ ମିଳିତ ହୋଇ ଥାନ୍ତୁ ଓ ଯୁଦ୍ଧରେ ଅଂଶଗ୍ରହଣ କରିବା ପାଇଁ ପହଞ୍ଚି ଯାଇଥାଆନ୍ତୁ।

ଯେହେତୁ ସୈନ୍ୟମାନଙ୍କୁ ସିରିୟା ଦେଶକୁ ଯିବାକୁ ଥିଲା ଏବଂ ମୌତା ଯୁଦ୍ଧର ଦୃଶ୍ୟ ମୁସଲମାନଙ୍କ ଆଖି ଆଗରେ ନାଚି ଉଠୁଥିଲା, ସେଥିପାଇଁ ପ୍ରତ୍ୟେକ ମୁସଲମାନର ହୃଦୟରେ ମୁହମ୍ମଦ[ସଅ]ଙ୍କ ନିରାପତ୍ତା ଓ ପ୍ରାଣର ସୁରକ୍ଷାର ଚିନ୍ତା ସମସ୍ତ ବିଚାର ଠାରୁ ପ୍ରମୁଖ ଥିଲା। ମହିଳାମାନେ ମଧ୍ୟ ଏହି ବିପଦକୁ ଅନୁଭବ କରି ନିଜର ସ୍ୱାମୀ ଓ ପୁତ୍ରମାନଙ୍କୁ ଯୁଦ୍ଧରେ ସାମିଲ ହେବା ନିମନ୍ତେ ନିରନ୍ତର ପ୍ରରୋଚିତ କରୁଥିଲେ। ମହିଳାମାନଙ୍କର ଯେଉଁ ଭକ୍ତି ଓ ଉଦ୍ଦୀପନା ଅଲ୍ଲାଃଙ୍କ ରସୁଲଙ୍କ ପ୍ରତି ଥିଲା, ତାହାର ଅନୁମାନ ଏହି ଘଟଣାରୁ ଲଗା ଯାଇପାରେ। ଜଣେ ଅନୁଚର କୌଣସି ଏକ କାର୍ଯ୍ୟବଶତଃ ବାହାରକୁ ଯାଇଥିଲେ। ତାଙ୍କର ଫେରିବା ବେଳକୁ ମୁହମ୍ମଦ[ସଅ] ନିଜ ସେନା ସହିତ ମଦିନାରୁ ପ୍ରସ୍ଥାନ କରି ସାରିଥିଲେ। ଦୀର୍ଘ ସମୟର ବିୟୋଗ ପରେ ଯେବେ ସେ ଏହି ବିଚାର ମନରେ ବାନ୍ଧି ଗୃହମଧ୍ୟକୁ ପ୍ରବେଶ କଲେ ଯେ ନିଜ ପ୍ରିୟ ପତ୍ନୀକୁ ଯାଇ ଦେଖିବେ ଓ ପ୍ରସନ୍ନ ହେବେ। ତାଙ୍କୁ ଗୃହ ସମ୍ମୁଖରେ ବସିଥିବା ଦେଖି

ପ୍ରବଳ ଆବେଗରେ ଓ ପ୍ରେମରେ ଆଲିଙ୍ଗନ କରିବା ପାଇଁ ଶୀଘ୍ର ତାଙ୍କ ଆଡକୁ ଅଗ୍ରସର ହେଲେ । କିନ୍ତୁ ତାଙ୍କ ପତ୍ନୀ ନିଜ ଦୁଇ ହାତରେ ତାଙ୍କୁ ଧକ୍କା ଦେଇ ପଛକୁ ପେଲି ଦେଲେ । ସେହି ଅନୁଚର ଆଶ୍ଚର୍ଯ୍ୟ ହୋଇ ନିଜ ପତ୍ନୀ ମୁହଁକୁ ଚାହିଁ ପ୍ରଶ୍ନ କଲେ 'ଏତେଦିନ ପରେ ମିଳନ ହେବା ମୁହୂର୍ତ୍ତରେ ଏପରି ବ୍ୟବହାର କାହିଁକି ?' ପତ୍ନୀ ଜବାବ୍ ଦେଲେ 'ତୁମକୁ ଲଜ୍ୟା ଲାଗୁନାହିଁ? ଅଲ୍ଲାଃଙ୍କ ରସୁଲ ଏକ ଅତ୍ୟନ୍ତ ସଙ୍କଟାପନ୍ନ ସ୍ଥାନକୁ ଯାତ୍ରା କରୁଛନ୍ତି ଅଥଚ ତୁମେ ଏଠାରେ ନିଜ ପତ୍ନୀ ସହିତ ପ୍ରେମାଳାପ କରିବାକୁ ଆସିଛ ? ପ୍ରଥମେ ନିଜ କର୍ତ୍ତବ୍ୟ ପାଳନ କର, ଏସବୁ କଥା ପରେ ଦେଖାଯିବ ।' ସେ ଅନୁଚର ତତକ୍ଷଣାତ ଘରୁ ବାହାରି ଗଲେ, ନିଜର ଘୋଡା ଝପଟାଇ ୩୦କୋଶ ବାଟ ଅତିକ୍ରମ କରିବା ପରେ ମୁହମ୍ମଦ[ସଅ]ଙ୍କ ସହିତ ସମ୍ମିଳିତ ହେଲେ ।

କୁଫଫାର (ଅବିଶ୍ୱାସୀକାରୀ)ମାନେ ତ ଏହି ଚିନ୍ତା କରୁଥିଲେ ଯେ ଗୁଜବ ଦ୍ୱାରା ପ୍ରେରୋଚିତ ହୋଇ ହଜରତ୍ ମୁହମ୍ମଦ[ସଅ] କିଛି ନବୁଝି ନସୁଝି ସିରିୟାର ସୈନ୍ୟମାନଙ୍କ ଉପରେ ଆକ୍ରମଣ କରିଦେବେ । କିନ୍ତୁ ଅଲ୍ଲାଃଙ୍କ ରସୁଲ୍ ଇସଲାମୀୟ ଯୁଦ୍ଧ ପଦ୍ଧତିକୁ ସମ୍ମାନ ଦେଉଥିଲେ । ମହାଭାଗ ଯେବେ ସିରିୟାର ନିକଟବର୍ତ୍ତୀ ସ୍ଥାନ ତବୁକ୍ ଠାରେ ପହଞ୍ଚିଲେ, ସେଠାକାର ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ବିଭିନ୍ନ ଦିଗକୁ ନିଜର ଅନୁଚରମାନଙ୍କୁ ପଠାଇଲେ । ସେହି ଦୂତମାନେ ସର୍ବ ସମ୍ମତି ପୂର୍ବକ ଖବର ନେଇ ଆସିଲେ ଯେ କୌଣସି ସିରିୟା ସେନା କେଉଁଠାରେ ହେଲେ ଏକତ୍ରିତ ହୋଇନାହାନ୍ତି । ସୁତରାଂ ମହାଭାଗ କିଛି ଦିନ ସେଠାରେ ରହି ଆଖପାଖ ଗୋଷ୍ଠୀର ଲୋକମାନଙ୍କ ସହିତ କେତେକ ବୁଝାମଣାର ଚୁକ୍ତି କରି କୌଣସି ଯୁଦ୍ଧ କରିବା ବିନା ମଦିନା ଫେରି ଆସିଲେ ।

ଏହି ସମର ଅଭିଯାନ ପାଇଁ ସର୍ବମୋଟ ଦୁଇ ମାସ ପନ୍ଦର ଦିନ ସମୟ ଲାଗିଥିଲା । ଯେବେ ମଦିନାର ମୁନାଫିକ୍‌ମାନଙ୍କୁ ସମ୍ବାଦ ମିଳିଲା ଯେ କୌଣସି ଯୁଦ୍ଧ ହୋଇନାହିଁ, ଏବଂ ମହାଭାଗ କୁଶଳତା ପୂର୍ବକ ମଦିନା ପ୍ରତ୍ୟାବର୍ତ୍ତନ କରୁଛନ୍ତି । ସେମାନେ ବୁଝିନେଲେ ଯେ ସେମାନଙ୍କ ଛଳ ଓ କପଟତାରେ ପରିପୂର୍ଣ୍ଣ ଷଡଯନ୍ତ୍ରର ଭେଦ ଏବେ ମୁହମ୍ମଦ[ସଅ]ଙ୍କ ଉପରେ ପ୍ରକଟ ହୋଇଯାଇଛି ଏବଂ ସେମାନେ ଶାସ୍ତିରୁ ନିସ୍ତାର ପାଇ ପାରିବେ ନାହିଁ । ତେଣୁ ସେମାନେ ମୁହମ୍ମଦ[ସଅ]ଙ୍କୁ ଜୀବନରୁ ମାରିଦେବା ପାଇଁ ଏକ ଷଡଯନ୍ତ୍ର କଲେ । ସେମାନେ ମଦିନାର ଅଳ୍ପ ଦୂରରେ କେତେକ ଲୋକଙ୍କୁ ଏପରି ଏକ ମାର୍ଗରେ ବସାଇ ଦେଲେ, ଯାହା ବହୁତ ସଂକୀର୍ଣ୍ଣ ଥିଲା ଓ ଯେଉଁ ରାସ୍ତାଦେଇ କେବଳ ଜଣେ ମାତ୍ର ଆରୋହୀ ଯାଇପାରିବ । ମହାଭାଗ ଉକ୍ତ

ଅଣଓସାରିଆ ରାସ୍ତାର ନିକଟବର୍ତ୍ତୀ ହେବାରୁ ତାଙ୍କୁ ଦୈବୀବାଣୀ ହେଲା ଯେ ସେହି ସ୍ଥାନର ଦୁଇ ପାର୍ଶ୍ୱରେ ଶତ୍ରୁ ଲୁଚି ବସିଛି । ସୁତରାଂ ମହାଭାଗ ଜଣେ ଅନୁଚରଙ୍କୁ ଆଦେଶ ଦେଲେ 'ସେ ସ୍ଥାନକୁ ଯାଅ ଓ ସେଠାରେ କଣ ଅଛି ଦେଖ ।' ଅନୁଚର ଜଣକ ତ୍ୱରିତ ବେଗରେ ସେଠାରେ ପହଞ୍ଚି ଦେଖିଲେ କେତେକ ଲୋକ ଏପରି ଲୁଚି ରହିଛନ୍ତି, ଯେପରି ଆକ୍ରମଣକାରୀ ବସିଥାନ୍ତି । ଅନୁଚର ସେଠାରେ ପହଞ୍ଚିବା ମାତ୍ରେ ତାଙ୍କୁ ଦେଖି ଦୁର୍ବୃତ୍ତମାନେ ସେଠାରୁ ପଳାୟନ କଲେ । କିନ୍ତୁ ସେମାନଙ୍କୁ ଗୋଡାଇ ଧରିବା ପାଇଁ ଅଲ୍ଲାଃଙ୍କ ରସୁଲ୍ ସମିଚୀନ ମନେ କଲେ ନାହିଁ ।

ଯେବେ ମହାଭାଗ ମଦିନାରେ ପହଞ୍ଚିଲେ ଯେଉଁ ମୁନାଫିକ୍‌ମାନେ ଏହି ଯୁଦ୍ଧରେ ଅଂଶଗ୍ରହଣ କରି ନଥିଲେ, ସେମାନେ ସେଥିପାଇଁ ବିଭିନ୍ନ ପ୍ରକାର କାରଣ ଓ ବାହାନା ଦର୍ଶାଇବାକୁ ଲାଗିଲେ । ଅଲ୍ଲାଃଙ୍କ ରସୁଲ୍ ମଧ୍ୟ ତାଙ୍କ କଥା ସ୍ୱୀକାର କରିନେଲେ । କିନ୍ତୁ ବର୍ତ୍ତମାନ ସମୟ ଆସି ଯାଇଥିଲା ଯେ ମୁସଲମାନମାନଙ୍କ ଉପରେ ମୁନାଫିକମାନଙ୍କ ବାସ୍ତବିକତା ପ୍ରଘଟ କରାଯିବ । ଅଲ୍ଲାଃଙ୍କ ଦୈବୀବାଣୀ ଦ୍ୱାରା ପ୍ରଭାବିତ ହୋଇ ଅଲ୍ଲାଃଙ୍କ ରସୁଲ୍ କୁବା ନାମକ ସ୍ଥାନରେ ମୁନାଫିକମାନଙ୍କ ଦ୍ୱାରା ନିର୍ମିତ ସେହି ମସଜିଦ, ଯେଉଁଠାରେ ନମାଜ ପାଠ ବାହାନାରେ ବିଭିନ୍ନ ଷଡଯନ୍ତ୍ର ରଚନା କରିବା ପାଇଁ ସେମାନେ ଏକତ୍ରିତ ହେଉଥିଲେ । ତାହାକୁ ଭାଙ୍ଗି ଦେବା ପାଇଁ ନିର୍ଦ୍ଦେଶ ଦେଲେ । ଅନ୍ୟାନ୍ୟ ମୁସଲମାନମାନେ ଯେଉଁ ମସ୍‌ଜିଦ୍‌ରେ ନମାଜ ପାଠ କରୁଥିଲେ ସେଠାକୁ ଯାଇ ନମାଜ ପଢିବା ପାଇଁ ସେମାନଙ୍କୁ କୁହାଗଲା । ଏହି ଷଡଯନ୍ତ୍ର ସତ୍ତ୍ୱେ ଅନ୍ୟ କିଛି ଶାରୀରିକ କିମ୍ବା ଅର୍ଥ ଦଣ୍ଡରେ ସେମାନଙ୍କୁ ଦଣ୍ଡିତ କରାଯାଇ ନଥିଲା ।

ତବୁକ୍‌ରୁ ପ୍ରତ୍ୟାବର୍ତ୍ତନ ପରେ ତାୟଫ୍ ସହରର ଲୋକେ ଆସି ଇସଲାମ୍ ପ୍ରତି ନିଜର ଆସ୍ଥା ପ୍ରକଟ କରି ଆନୁଗତ୍ୟ ସ୍ୱୀକାର କରିଥିଲେ । ଏହାପରେ ଆରବର ବିଭିନ୍ନ କବାଇଲ୍ (ଗୋଷ୍ଠୀ) ଗୋଟିକ ପରେ ଗୋଟିଏ ଆସି ଇସଲାମ୍ ଧର୍ମରେ ଦୀକ୍ଷିତ ହେବାପାଇଁ ଅନୁମତି ଭିକ୍ଷା କରିଥିଲେ । ଗ୍ରହୁଁ ଗ୍ରହୁଁ ଅଳ୍ପ ସମୟ ମଧ୍ୟରେ ସମଗ୍ର ଆରବ ଦେଶରେ ଇସଲାମ୍‌ର ଧର୍ମଧ୍ୱଜା ଉଡିବାରେ ଲାଗିଲା ।

# ହୁଜଜତୁଲ ଓ୍ୱିଦା ଏବଂ ମୁହମ୍ମଦ[ସଅ]ଙ୍କ ସାରଗର୍ଭକ ଭାଷଣ

ହିଜରତର ନବମ ବର୍ଷ (ନବମ ହିଜ୍ରି)ରେ ମହାଭାଗ ମକ୍କାକୁ ଯାଇ ହଜ୍ କଲେ। ସେହି ଦିନ ପବିତ୍ର କୁରଆନର ଏହି ପ୍ରସିଦ୍ଧ ପଙ୍‌କ୍ତି ଅବତୀର୍ଣ୍ଣ ହୋଇଥିଲା।

اَلْيَوْمَ أَكْمَلْتُ لَكُمْ دِينَكُمْ وَأَتْمَمْتُ عَلَيْكُمْ نِعْمَتِي
وَرَضِيتُ لَكُمُ الْإِسْلَامَ دِينًا

ଅଲୟୋମା ଅକ୍‌ମଲ୍‌ତୁ ଲକୁମ୍ ଦିନକୁମ୍ ଓ୍ୱ ଅତ୍‌ମମ୍‌ତୁ ଅଲୈକୁମ୍ ନେୟମତି ଓ୍ୱ ରଜିତୁ ଲକୁମୁଲ୍ ଇସ୍‌ଲାମା ଦିଇନା। (ଅଲ୍ ମାଇଦା, ୪)

ଅର୍ଥାତ୍ 'ଆଜି ମୁଁ ତୁମ ଧର୍ମକୁ ତୁମ ସକାଶେ ସମ୍ପୂର୍ଣ୍ଣ କରିଦେଲି ଏବଂ ଯେଉଁ ସବୁ ଆଧାତ୍ମିକ ପୁରସ୍କାର ଅଲ୍ଲାଃଙ୍କ ତରଫରୁ ଭକ୍ତମାନଙ୍କ ପ୍ରତି ପ୍ରଦତ୍ତ ହୋଇଅଛି ସେସବୁକୁ ତୁମ ମତାବଲମ୍ବୀମାନଙ୍କୁ ପ୍ରଦାନ କରିଛି । ଏବଂ ଆଜି ଏହା ନିଷ୍ପତ୍ତି ନିଆଯାଇଛି ଯେ ତୁମର ଧର୍ମ କେବଳ ଅଲ୍ଲାଃଙ୍କ ଆଜ୍ଞାକାରୀତା ଉପରେ ଆଧାରିତ ହେବ।'

ଉପରୋକ୍ତ ପଙ୍‌କ୍ତିଟିକୁ ମହାଭାଗ ମୁଜଦଲଫା ନାମକ ମୈଦାନରେ ଏକତ୍ରିତ ହୋଇଥିବା ହଜଯାତ୍ରୀଙ୍କ ବିଶାଳ ସମାବେଶରେ ସମସ୍ତଙ୍କୁ ଉଚ୍ଚସ୍ୱରରେ ପଢ଼ି ଶୁଣାଇଲେ । ମୁଜ୍‌ଦଲଫାରୁ ଫେରିବା ପରେ ହଜ୍‌ବିଧି ଅନୁସାରେ ମହାଭାଗ 'ମିନା' ଠାରେ ରାତ୍ରୀ ଯାପନ କଲେ। ଜିଲ୍‌ହଜ୍ ମାସର ଏକାଦଶ ଦିବସରେ ମହାଭାଗ ସମସ୍ତ ମୁସଲମାନମାନଙ୍କ ସମକ୍ଷରେ ଦଣ୍ଡାୟମାନ ହୋଇ ଏକ ସାରଗର୍ଭକ ଭାଷଣ ଦେଇଥିଲେ। ତାହାର ସାରମର୍ମ ନିମ୍ନରେ ପ୍ରଦତ୍ତ ହେଲା;

> 'ହେ ମାନବଜାତି ! ମୋ କଥାକୁ ଧ୍ୟାନପୂର୍ବକ ଶୁଣ । କାରଣ ମୁଁ ଜାଣିନାହିଁ ଯେ ଏହି ବର୍ଷ ପରେ କେବେବି ତୁମମାନଙ୍କ ଗହଣରେ ଏହି ସ୍ଥାନରେ ଭାଷଣ ଦେଇପାରିବି । ତୁମ ଜୀବନ ଓ ତୁମ ଧନସମ୍ପତ୍ତିକୁ ଈଶ୍ୱର ପରସ୍ପର ଆକ୍ରମଣରୁ ଅନ୍ତିମ ବିଚାର ଦିବସ ପର୍ଯ୍ୟନ୍ତ ସୁରକ୍ଷିତ କରି ଦେଇଛନ୍ତି । ଈଶ୍ୱର ପ୍ରତ୍ୟେକ ବ୍ୟକ୍ତି ପାଇଁ ପୈତୃକ ସମ୍ପତ୍ତି ମଧ୍ୟରୁ ତା'ର ଅଂଶକୁ ନିର୍ଦ୍ଧାରିତ କରି ଦେଇଛନ୍ତି । ଏପରି କୌଣସି ଇଚ୍ଛାପତ୍ର (Will) ବୈଧ ନୁହେଁ ଯାହା ଅନ୍ୟର ନ୍ୟାଯ୍ୟ ସମ୍ପତ୍ତିର ଅଧିକାରକୁ କ୍ଷତି ପହଞ୍ଚାଉ ଥିବ । ଯେଉଁ ସନ୍ତାନ ଯାହା ଘରେ ଜନ୍ମ ହୋଇଛି, ସେହି ସନ୍ତାନଟି ତାହାର ବୋଲି

ପରିଗଣିତ ହେବ । ଯଦି କୌଣସି ବ୍ୟକ୍ତି ନିଜର ଦୁରାଚାର କାରଣରୁ ଜନ୍ମିତ ସନ୍ତାନ ଯିଏ ଅନ୍ୟ ଘରେ ଅଛି, ତାରୁ ନିଜର ବୋଲି ଦାବୀ କରିବ, ତା'ହେଲେ ସେହି ବ୍ୟକ୍ତି ଶରୀୟତ ବିଧାନ ଅନୁଯାୟୀ ଦଣ୍ଡର ପାତ୍ର ହେବ । ଯଦି କୌଣସି ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତିର ପିତା ବୋଲି ଦାବି କରିଥାଏ କିମ୍ବା ମିଥ୍ୟାରେ ସେହି ବ୍ୟକ୍ତିକୁ ନିଜର ମୁନିବ ବୋଲି ଘୋଷଣା କରୁଥାଏ, ତା'ହେଲେ ଈଶ୍ୱର, ତାଙ୍କର ସମସ୍ତ ଦେବଦୂତ ତଥା ସମଗ୍ର ମାନବଜାତିର ଅଭିଶାପ ତା' ଉପରେ ପଡିବ । ହେ ମାନବ ସମାଜ ! ତୁମର କିଛି କର୍ତ୍ତବ୍ୟ ତୁମମାନଙ୍କ ପତ୍ନୀମାନଙ୍କ ସକାଶେ ରହିଛି ତଥା ତୁମ ପତ୍ନୀମାନଙ୍କର ମଧ୍ୟ ତୁମମାନଙ୍କ ସକାଶେ କେତେକ କର୍ତ୍ତବ୍ୟ ରହିଛି । ସେମାନଙ୍କର ଉପରେ ତୁମର ଅଧିକାର ହେଉଛି ଯେ ସେମାନେ ସତୀତ୍ୱର ଜୀବନ ନିର୍ବାହ କରନ୍ତୁ । ସେମାନେ ଏପରି ବ୍ୟଭିଚାର ମୂଳକ ଅଧମତାର ଢଙ୍ଗ ପ୍ରଦର୍ଶନ ନକରନ୍ତୁ, ଯାହା ଫଳରେ ସେମାନଙ୍କ ସ୍ୱାମୀମାନେ ସମାଜରେ ମୁଣ୍ଡ ଟେକି ଚାଲି ପାରିବେ ନାହିଁ । ଯଦି ପତ୍ନୀମାନେ ଏହିପରି ଆଚରଣ କରନ୍ତି, ସେହି ସ୍ଥଳରେ (ଯେପରି ପବିତ୍ର କୁରଆନର ନିର୍ଦ୍ଦେଶ ମୁତାବକ ପୂର୍ଣ୍ଣ ତଦନ୍ତ କରାଯାଇ ଆଇନ ଅନୁଯାୟୀ ଅଦାଲତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ) ସେମାନଙ୍କ ପାଇଁ ଦଣ୍ଡବିଧାନ କରିପାରିବ । କିନ୍ତୁ ଏଥିରେ କଠୋରତା ପ୍ରୟୋଗ କର ନାହିଁ । ଯଦି ସେମାନେ ସେଭଳି କୌଣସି ଅପରାଧ କରୁନାହାନ୍ତି ଯଦ୍ୱାରା ସ୍ୱାମୀ ଓ ପରିବାରର ସମ୍ମାନ ହାନୀ ହେଉନାହିଁ, ତା'ହେଲେ ତୁମର କର୍ତ୍ତବ୍ୟ ହେଉଛି ଯେ ତୁମ ନିଜ ପ୍ରତିଷ୍ଠା ଓ ସାଧ୍ୟ ଅନୁଯାୟୀ ସେମାନଙ୍କୁ ଖୋରାକ୍ ଓ ପୋଷାକର ବ୍ୟବସ୍ଥା କର । ମନେରଖ, ନିଜ ପତ୍ନୀଙ୍କ ସହିତ ସର୍ବଦା ଉତ୍ତମ ବ୍ୟବହାର କର । କାରଣ ଅଲ୍ଲାଃ ସେମାନଙ୍କ ଭରଣପୋଷଣ ଏବଂ ସୁରକ୍ଷା ଦାୟୀତ୍ୱ ତୁମଠାରେ ନ୍ୟସ୍ତ କରିଛନ୍ତି । ନାରୀ ଅବଳା ଓ ଦୁର୍ବଳା ମନା । ସେ ନିଜର ଅଧିକାରର ସ୍ୱୟଂ ରକ୍ଷା କରିପାରେ ନାହିଁ । ତୁମେ ତାଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହେଲା ପରଠାରୁ ଅଲ୍ଲାଃ ତୁମକୁ ତାଙ୍କର ରକ୍ଷାକର୍ତ୍ତା ରୂପେ ସିଦ୍ଧ କରି ଦେଇଛନ୍ତି । ଏବଂ ଅଲ୍ଲାଃଙ୍କ ବିଧାନ ଅନୁସାରେ ହିଁ ତୁମେମାନେ ସେ ମାନଙ୍କୁ ନିଜ ଗୃହକୁ ଆଣିଥିଲ । (ତେଣୁ ଅଲ୍ଲାଃଙ୍କ ନିର୍ଦ୍ଦେଶକୁ ତିରସ୍କାର କରନାହିଁ ଓ ପତ୍ନୀମାନଙ୍କ ଅଧିକାର ଦେବା ନିମନ୍ତେ ସର୍ବଦା ଧ୍ୟାନ ଦେବା ଉଚିତ) । ହେ ଲୋକମାନେ ! ତୁମ ଅଧୀନରେ ଏବେ ମଧ୍ୟ କେତେକ ଯୁଦ୍ଧବନ୍ଦୀ ରହିଛନ୍ତି ।

ମୁଁ ତୁମକୁ ଉପଦେଶ ଦେଉଅଛି ଯେ ତୁମେ ସେମାନଙ୍କୁ ସେୟା ଖୁଆଅ, ଯାହା ତୁମେ ନିଜେ ଖାଉଛ । ତୁମେମାନେ ସେମାନଙ୍କୁ ସେୟା ପିନ୍ଧାଅ, ଯେଉଁ ବସ୍ତ୍ର ନିଜେ ପରିଧାନ କରୁଛ । ଯଦି ସେମାନଙ୍କ ଦ୍ୱାରା ଏପରି ଅପରାଧ ହୋଇଯାଏ, ଯାହା ତୁମେ କ୍ଷମା ନକରିପାରିବ, ତା'ହେଲେ ଅନ୍ୟ କାହାକୁ ବିକ୍ରୟ କରିଦିଅ । କାରଣ ସେମାନେ ମଧ୍ୟ ଅଲ୍ଲାଃଙ୍କର ଭକ୍ତ ଓ ସେମାନଙ୍କୁ କଷ୍ଟ ଦେବା କୌଣସିମତେ ଉଚିତ ନୁହେଁ । ହେ ଲୋକମାନେ ! ଯାହା ମୁଁ କହୁଛି ତାହା ମନଦେଇ ଶୁଣ ! ପ୍ରତ୍ୟେକ ମୁସଲମାନ ଅନ୍ୟ ଏକ ମୁସଲମାନର ଭାଇ । ତୁମେମାନେ ଯେକୌଣସି ଜାତି ବା ସ୍ତରର ହୋଇଥାଅନା କାହିଁକି  ମନୁଷ୍ୟ ହୋଇଥିବା ଦୃଷ୍ଟିରୁ ବିଶେଷ ପ୍ରତିଷ୍ଠା ଓ ସମ୍ମାନର ଅଧିକାରୀ ହୋଇ ରହିବ । ଏହା କହି ମହାଭାଗ ନିଜର ଦୁଇ ହସ୍ତ ଉପରକୁ ଉଠାଇ ହାତର ଅଙ୍ଗୁଳିକୁ ମିଳାଇ ଦେଲେ ଓ କହିଲେ ଯେପରି ଏହି ଦୁଇ ହାତର ଅଙ୍ଗୁଳି ନିଜ ହାତରେ ମିଶି ଯାଉଛନ୍ତି, ସେହିପରି ତୁମେ ସମସ୍ତ ମାନବ ପରସ୍ପର ସମାନ । ତୁମକୁ ଜଣେ ଅନ୍ୟ ଜଣକ ଉପରେ ଶ୍ରେଷ୍ଠତା ଓ ପ୍ରତିଷ୍ଠା ପ୍ରକଟ କରିବା ଅର୍ଥାତ ନିଜର ବଡପଣିଆ ଜାହିର କରିବାର କୌଣସି ଅଧିକାର ନାହିଁ । ତୁମେ ପରସ୍ପର ଭ୍ରାତୃ ସଦୃଶ । ଅଲ୍ଲାଃଙ୍କ ରସୁଲ ପୁଣି କହିଲେ ' କଣ ତୁମେ ଜାଣିଛ ଯେ ଏଇଟା କେଉଁ ମାସ ? କଣ ତୁମକୁ ଜଣାଅଛି ଏହି କ୍ଷେତ୍ର କଣ ଓ ଏହି ସ୍ଥାନଟି କିପରି  ? କଣ ତୁମେ ଜାଣିଛ, ଆଜିର ଦିବସ କଣ ?' ସମବେତ ଜନତା କହିଲେ 'ଏହା ପବିତ୍ର ମାସ, ଏହି ସ୍ଥାନଟି ପବିତ୍ର କ୍ଷେତ୍ର ତଥା ଆଜିର ଏହି ଦିନଟି ପବିତ୍ର ହଜ ଦିବସ ।' ପ୍ରତ୍ୟେକ ଉତ୍ତର ଉପରେ ରସୁଲୁଲ୍ଲାଃ କହି ଚାଲିଥିଲେ 'ଯେପରି ଏହି ମାସଟି ପବିତ୍ର, ଯେପରି ଏହି କ୍ଷେତ୍ର ପବିତ୍ର, ଏହି ଦିବସଟି ପବିତ୍ର, ଠିକ୍ ସେହିପରି ଭାବରେ ଅଲ୍ଲାଃତାଲା ପ୍ରତ୍ୟେକ ମାନବର ଜୀବନ ଓ ଧନକୁ ପବିତ୍ର କରି ଦେଇଛନ୍ତି । କାହାରି ପ୍ରାଣ ଓ ଧନ ଉପରେ ଆକ୍ରମଣ କରିବା ସେହିପରି  ନିଷିଦ୍ଧ କରି ଦେଇଛନ୍ତି, ଯେପରି ଏହି ମାସ, ଏହି କ୍ଷେତ୍ର ଓ ଏହି ଦିବସର ଅପମାନ କରିବା  ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ।  ଏହି ଆଦେଶ କେବଳ ଆଜି ପାଇଁ ନୁହେଁ, ବରଂ ସେହି ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ଯେଉଁ ଦିନ ତୁମେ ପ୍ରଭୁଙ୍କ ସହିତ ମିଳିତ ହେବ । ପୁନଶ୍ଚ ମହାଭାଗ କହିଲେ 'ଯେଉଁ କଥା ଆଜି ମୁଁ ତୁମମାନଙ୍କୁ କହୁଛି, ତାହାକୁ ପୃଥିବୀର କୋଣେ କୋଣେ ପହଞ୍ଚାଇ ଦିଅ । କାରଣ ଏହା ସମ୍ଭବ ହୋଇପାରେ ଯେଉଁ ଲୋକ

ଆଜି ମୋ କଥାକୁ ଶୁଣୁଛନ୍ତି, ଏମାନଙ୍କ ଅପେକ୍ଷା ସେମାନେ ମୋ ଉପଦେଶ ଉପରେ ଅଧିକ ଆଚରଣ କରିପାରନ୍ତି, ଯେଉଁମାନେ ଆଜି ମୋ ଠାରୁ ଶୁଣିବାରୁ ବଞ୍ଚିତ ହୋଇଛନ୍ତି।'

(ହଦିସ୍ ବୁଖାରି, କିତାବୁଲ ମଗାଜି, ଭାଗ ହୁଜ୍ଜତୁଲ୍ ୱିଦା)

ଏହି ସଂକ୍ଷୀପ୍ତ ବହୁମୂଲ୍ୟ ଉପଦେଶ ଆଲୋକପାତ କରୁଛି ଯେ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ମାନବ ସମାଜର କଲ୍ୟାଣ ଓ ସେମାନଙ୍କ ଶାନ୍ତି କାମନା କରିବା ପ୍ରତି କେତେ ଧ୍ୟାନ ରଖୁଥିଲେ। ମହାଭାଗ ଅବଳା ନାରୀଜାତିର ଅଧିକାରକୁ ସୁରକ୍ଷା ପ୍ରଦାନ କରିବା ପ୍ରତି କେତେ ସଚେତନ ଥିଲେ । ଅଲ୍ଲାଃଙ୍କ ରସୁଲ୍ ଏହା ହୃଦୟଙ୍ଗମ କରି ପାରୁଥିଲେ ଯେ ଏବେ ତାଙ୍କ ମୃତ୍ୟୁ ସମୟ ଆସନ୍ନ ପ୍ରାୟ । ବୋଧହୁଏ ପ୍ରଭୁ ତାଙ୍କୁ ସୂଚୀତ କରି ଦେଇଥିଲେ ଯେ ଏବେ ତାଙ୍କ ଜୀବନର ଦିନ କେଇଟା ମାତ୍ର ରହିଯାଇଛି । ଏଥିପାଇଁ ମହାଭାଗ ଏହା ଚାହୁଁ ନଥିଲେ ଯେ ନାରୀ ଜାତି ଯିଏ ମାନବ ଉପତ୍ତିର ପ୍ରାରମ୍ଭରୁ ପୁରୁଷର ଦାସୀରୂପେ ନିଷ୍ପେସିତ ହୋଇ ଆସୁଥିଲେ, ସେମାନଙ୍କ ଅଧିକାରକୁ ସୁରକ୍ଷିତ କରି ରଖିବାର ଆଦେଶ ଦେବା ପୂର୍ବରୁ ଇହଧାମ ତ୍ୟାଗ କରନ୍ତୁ। ସେହି ଯୁଦ୍ଧ କଏଦୀ ଯେଉଁମାନଙ୍କୁ ଦାସର ସଂଜ୍ଞା ଦେଇ ନାନା ପ୍ରକାର ଅତ୍ୟାଚାର ଓ ଶୋଷଣ କରାଯାଉଥିଲା, ସେମାନଙ୍କ ଅଧିକାରକୁ ସୁରକ୍ଷିତ ନ କରିବା ଯାଏ ସେ ଏହି ନଶ୍ୱର ସଂସାରରୁ ବିଦାୟ ନେବେ ନାହିଁ । ସେହି ଲୋକମାନଙ୍କ ପରସ୍ପର ଭେଦଭାବ ଯାହା ମନୁଷ୍ୟ ମଧ୍ୟରୁ କେତେକଙ୍କୁ ଆକାଶକୁ ଚଢାଇ ଦେଉଥିଲା ଓ ଅନ୍ୟ କେତେକଙ୍କୁ ରସାତଳଗାମୀ କରି ଦେଉଥିଲା ଏବଂ ସେହି ବର୍ଣ୍ଣ ବୈଷମ୍ୟ ଓ ଅସ୍ପୃଶ୍ୟତା ଜାତିକୁ ଜାତି ସହିତ, ଦେଶକୁ ଦେଶ ସହିତ ଭେଦଭାବର କୁତ୍ସିତ ପରମ୍ପରାକୁ ଜନ୍ମଦେବାର କାରଣ ସୃଷ୍ଟି କରୁଥିଲା ଏବଂ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଯୁଦ୍ଧ ଓ କଳହର ସୂତ୍ରପାତ କରାଉଥିଲା। ସେଥିପାଇଁ ସେ ଚାହୁ ନଥିଲେ ଯେ ତାର ବିଲୋପ ନହେବା ପର୍ଯ୍ୟନ୍ତ ଏହି ଭବ ସଂସାରରୁ ଚାଲିଯିବେ । ଜଣେ ଅନ୍ୟର ଅଧିକାରକୁ ବଳ ପୂର୍ବକ ଛଡାଇ ନେବା ତଥା ଜଣେ ଅନ୍ୟର ଜୀବନ ନେବା ଓ ଧନ ଆତ୍ମସାତ କରିବାକୁ ବୈଧ ବୋଲି ବିବେଚନା କରିବା, ଯାହା ସର୍ବଦା ଅସଭ୍ୟ ଯୁଗରେ ମନୁଷ୍ୟର ସବୁଠାରୁ ବଡ ଅଭିଶାପ ବୋଲାଇଥାଏ। ସେ କେବେ ଚାହୁଁ ନଥିଲେ ଯେ, ଯେଉଁ ପର୍ଯ୍ୟନ୍ତ ସେହି ଘୃଣିତ ଭାବନାକୁ ପଦଦଳିତ ନ କରିଛନ୍ତି, ଏବଂ ଯେଉଁ ପର୍ଯ୍ୟନ୍ତ ଲୋକଙ୍କ ଜୀବନ ସେମାନଙ୍କ ଧନ ସମ୍ପତ୍ତିକୁ ଠିକ୍ ସେହି ପବିତ୍ରତା ଓ ସେହି ସମ୍ମାନ ପ୍ରଦାନ ନ କରିଛନ୍ତି, ଯାହାକି ପ୍ରଭୁଙ୍କ ପବିତ୍ର ମାସ ଶୁଦ୍ଧପୂତ ସ୍ଥାନଗୁଡିକୁ ପ୍ରାପ୍ତ ହୁଏ,

ସେ ଏହି ସଂସାରରୁ ଯିବେ ନାହିଁ ।  ଏଠାରେ ପ୍ରଶ୍ନ ହେଉଛି, କ'ଣ ନାରୀ ଜାତିର କଲ୍ୟାଣ, ଅଧସ୍ତନ ଓ ଦଳିତମାନଙ୍କ ପ୍ରତି ସହାନୁଭୂତି ତଥା ପ୍ରଜାମାନଙ୍କ ମଧ୍ୟରେ ଶାନ୍ତି ଓ ମୈତ୍ରୀ ସ୍ଥାପନ କରିବାର ଇଚ୍ଛା ଓ ସମସ୍ତ ମନୁଷ୍ୟ ପ୍ରତି ସାମ୍ୟଭାବ ପୋଷଣର ଅଦମ୍ୟ ଅଭିଳାଷ ଇତ୍ୟାଦି ସଂସାରର ଅନ୍ୟ କୌଣସି ବ୍ୟକ୍ତିଙ୍କ ଠାରେ କେବେ ଦୃଷ୍ଟିଗୋଚର ହୋଇପାରିବ ? କଣ ଆଦମଙ୍କ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ କୌଣସି ମନୁଷ୍ୟ ଜାତି ପ୍ରତି ସହାନୁଭୁତିର ଏପରି ଭାବନା ଦେଖାଇ ପାରିଛି ? ଏହି କାରଣରୁ ନାରୀ ଜାତି ନିଜ ପିତା ସମ୍ପତ୍ତିର ଅଧିକାରିଣୀ ହୋଇପାରିଛି । କିନ୍ତୁ ୟୁରୋପୀୟ ଦେଶମାନେ ହଜରତ ମୁହମ୍ମଦ[ସଅ]ଙ୍କ ମୃତ୍ୟୁର ତେରଶହ ବର୍ଷ ପରେ ଯାଇ ସେମାନଙ୍କ ଦେଶର ନାରୀମାନଙ୍କୁ ପିତାର ମାଲିକାନା ସତ୍ତ୍ୱରୁ ଅଂଶ ପ୍ରଦାନ କରିବା ପାଇଁ ଆଇନ୍ ପ୍ରସ୍ତୁତ କରିଛନ୍ତି । ଏହା ହିଁ ଏକମାତ୍ର କାରଣ ଯେ କୌଣସି ବ୍ୟକ୍ତି ସେ ଯେ କୌଣସି ବର୍ଣ୍ଣ ଓ ବର୍ଗର ହେଉ ତଥା ନିକୃଷ୍ଟ ବୋଲାଉଥିବା ଦଳିତ ଓ ନୀଚ ଜାତିର ହୋଇ ଥାଉନା କାହିଁକି ସେ ଇସଲାମ୍‌ରେ ପ୍ରବେଶ କରିବା ପରେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ସହ ସମକକ୍ଷ ଓ ସମାନ ହୋଇଯାଏ । ସମତା ଓ ସ୍ୱାଧୀନ ଚିନ୍ତାଧାରାର ବାତାବରଣ କେବଳ ଇସଲାମ୍ ହିଁ ଦୁନିଆରେ ପ୍ରତିଷ୍ଠା କରିଛି । ଏପରି ଭାବେ ପ୍ରତିଷ୍ଠା କରିପାରିଛି ଯେ ପୃଥିବୀର ଅନ୍ୟ କୌଣସି ଜାତି ଏପରି ଦୃଷ୍ଟାନ୍ତ ସୃଷ୍ଟି କରିବା ଏପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ । ଆମର ମସ୍‌ଜିଦ୍ ଉପାସନା ଗୃହରେ ଜଣେ ରାଜା ଓ ପ୍ରଜା, ଏକ ଧାର୍ମିକ ଅଧିନାୟକ ଓ ଜଣେ ଅତି ସାଧାରଣ ବ୍ୟକ୍ତି ସମସ୍ତେ ପରସ୍ପର ସମାନ ବିବେଚିତ ହୋଇଥାନ୍ତି । ସେମାନଙ୍କ ମଧ୍ୟରେ କୌଣସି ପ୍ରକାରର ଭେଦଭାବ ସୃଷ୍ଟି କରିବା ସମ୍ଭବ ହୋଇ ନପାରେ । ଏହାର ବିପରୀତରେ ଅନ୍ୟାନ୍ୟ ଧର୍ମରେ ଛୋଟ ଓ ବଡଲୋକଙ୍କ ମଧ୍ୟରେ ପ୍ରଭେଦର ପ୍ରଥା ଅଦ୍ୟାବିଧି ପ୍ରଚଳିତ ହୋଇ ରହିଛି । ଯଦିଓ ଏହି ଧର୍ମାବଲମ୍ବୀମାନେ ପରସ୍ପର ମଧ୍ୟରେ ସମାନତା ଓ ସ୍ୱାଧୀନ ବିଚାରଧାର ରଖିଥିବାର ପ୍ରଚ୍ଚର ମୁସଲ୍‌ମାନମାନଙ୍କ ଠାରୁ ମଧ୍ୟ ଅଧିକ ଉଚ୍ଚ ସ୍ୱରରେ ଘୋଷଣା କରିଥାଆନ୍ତି ।

## ହଜରତ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ନିଧନ

ମହାଭାଗ ଯେତେବେଳେ ହଜ୍ ଯାତ୍ରାରୁ ପ୍ରତ୍ୟାବର୍ତ୍ତନ କରୁଥିଲେ ସେତେବେଳେ ସେ ନିଜ ଅନୁଚରମାନଙ୍କୁ ନିଜ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଥିଲେ । ମହାଭାଗ କହିଥିଲେ ' ହେ ଲୋକମାନେ ! ମୁଁ ମଧ୍ୟ ତୁମମାନଙ୍କ ପରି ଜଣେ ସାଧାରଣ ମନୁଷ୍ୟ । ହୁଏତ ମୋ ନିକଟକୁ ଅଲ୍ଲାଃଙ୍କ ସନ୍ଦେଶବାହାକ ଆସି

ମୋତେ ତୁମମାନଙ୍କ ବିଷୟରେ ପ୍ରଶ୍ନ କରିପାରନ୍ତି ।' ପୁନଶ୍ଚ କହିଲେ, 'ହେ ମାନବ ଶୁଣ ! ମୋର ଅତୀବ ଦୟାଳୁ ପ୍ରଭୁ ତଥା ସର୍ବଜ୍ଞ ମୁନିବ ମୋତେ ସୂଚନା ଦେଇଛନ୍ତି ଯେ ଈଶ୍ୱରଙ୍କ ଅବତାର, ପୂର୍ବବର୍ତ୍ତୀ ଅବତାରଙ୍କ ଅର୍ଦ୍ଧେକ ଆୟୁଷ ପାଇ ଇହଲୀଳା ସମ୍ବରଣ କରିଥାନ୍ତି । ମୁହମ୍ମଦ[ସଅ]ଙ୍କୁ ବତା ଯାଇଥିଲା ଯେ ତାଙ୍କ ପୂର୍ବରୁ ଆସିଥିବା ନବୀ ଯୀଶୁଖ୍ରୀଷ୍ଟଙ୍କ ବୟସ ୧୨୦ବର୍ଷ ଥିଲା । ଯେହେତୁ ମୁହମ୍ମଦ[ସଅ]ଙ୍କୁ ସେତେବେଳେ ୬୨ରୁ ୬୩ ବର୍ଷ ବୟସ ହୋଇଥିଲା, ଏଥିରୁ ମହାଭାଗ ସଂକେତ ଦେଲେ ଯେ ବର୍ତ୍ତମାନ ମୋର ପରମାୟୁ ସମାପ୍ତ ହେବାକୁ ବସିଲାଣି ବୋଲ ମନେ ହେଉଛି । ଏହି ହଦିସର ଅର୍ଥ ଏହା କଦାପି ନୁହେଁ ଯେ ପ୍ରତ୍ୟେକ ନବୀ ନିଜ ପୂର୍ବରୁ ଆବିର୍ଭାବ ହୋଇଥିବା ନବୀଙ୍କର ଅଧା ବୟସ ପାଇବେ । କିନ୍ତୁ ହଜରତ ମୁହମ୍ମଦ[ସଅ]ଙ୍କ କେବଳ ଯୀଶୁଖ୍ରୀଷ୍ଟଙ୍କ ବୟସ ସହିତ ତୁଳନା କରି ନିଜକୁ ତାଙ୍କ ଅଧା ବୟସରେ ମୃତ୍ୟୁ ହୋଇଯିବାର ସମ୍ଭାବନା ଦର୍ଶାଇଥିଲେ । ମହାଭାଗ ବିଚାରିଲେ ଏବେ ମୋର ଶୀଘ୍ର ଡାକରା ଆସିଯିବ ବୋଲି ଧାରଣା ହେଉଛି ଓ ମୁଁ ମୃତ୍ୟୁ ଲାଭ କରିବି । ହେ ମୋର ସାଥିମାନେ ! ମୋତେ ମଧ୍ୟ ଅଲ୍ଲାଃଙ୍କ ନିକଟରେ କୈଫିୟତ ଦେବାକୁ ପଡିବ । ତୁମେମାନେ ସେତେବେଳେ କଣ କହିବ ?' ସେମାନେ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଆମେମାନେ କହିବୁ ଯେ ଆପଣ ସମୁଚିତ ଉପାୟରେ ଇସଲାମର ପ୍ରଚାର କରିଥିଲେ । ଆପଣ ନିଜ ଜୀବନକୁ ସମ୍ପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଧର୍ମର ସେବାରେ ସମର୍ପିତ କରିଥିଲେ । ଏବଂ ଆପଣ ମାନବ ସମାଜର କଲ୍ୟାଣକୁ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚାଇ ଦେଇଥିଲେ । ଅଲ୍ଲାଃ ଆପଣଙ୍କୁ ଆମମାନଙ୍କ ତରଫରୁ ଉତ୍ତମରୁ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ଓ ବିଶେଷ କୃପାଶୀଷ ବର୍ଷଣ କରନ୍ତୁ । ଆପଣଙ୍କ ପୁଣ୍ୟର ପ୍ରତିବଦଳରେ ଅନେକ ପୁଣ୍ୟଫଳ ପ୍ରଦାନ କରନ୍ତୁ ।' ହଜରତ ମୁହମ୍ମଦ[ସଅ] ପୁଣି କହିଲେ, ' କଣ ତୁମେମାନେ ଏହାର ସାକ୍ଷ୍ୟ ପ୍ରଦାନ କରୁନାହଁ ଯେ ଅଲ୍ଲାଃ ଏକ ଏବଂ ମୁହମ୍ମଦ ଅଲ୍ଲାଃଙ୍କ ଭକ୍ତ ଓ ରସୁଲ (ବାର୍ତ୍ତାବହ) । ସ୍ୱର୍ଗ ଏକ ଧ୍ରୁବ ସତ୍ୟ ଓ ନର୍କ ମଧ୍ୟ ଏକ ସତ୍ୟ । ଏହା ମଧ୍ୟ ସତ୍ୟ ଯେ ମୃତ୍ୟୁ ସମସ୍ତଙ୍କୁ ଦିନେ ନା ଦିନେ ଅବଶ୍ୟ ଗ୍ରାସ କରିବ ଏବଂ ମୃତ୍ୟୁପରାନ୍ତ ଜୀବନ ପ୍ରତ୍ୟେକ ମନୁଷ୍ୟକୁ ନିଶ୍ଚୟ ମିଳିବ । ଅନ୍ତିମ ବିଚାର ଦିବସ ମଧ୍ୟ ଅବଶ୍ୟ ଆସିବ ଏବଂ ଅଲ୍ଲାଃ ସମସ୍ତ ଲୋକଙ୍କୁ କବରରୁ ଉତ୍ଥିତ କରି ପୁନଃଜୀବିତ କରିବେ ।' ସେମାନେ ସମସ୍ତେ ଏହା ଶୁଣି ଏକ ସ୍ୱରରେ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଆମେ ଏହାର ସାକ୍ଷ୍ୟ ଦେଇଛୁ ।' ଏହାପରେ ମହାଭାଗ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସମ୍ବୋଧିତ କରି କହିଲେ, 'ହେ ଅଲ୍ଲାଃ ! ତୁମ୍ଭେ ମଧ୍ୟ ସାକ୍ଷୀ ରୁହ ଯେ ମୁଁ ଏମାନଙ୍କୁ ଇସଲାମର ସିଦ୍ଧାନ୍ତ ପହଞ୍ଚାଇ ଦେଇଛି ।'

ମୁହମ୍ମଦ[ସଅ] ମକ୍କାରୁ ସେହି ହଜରୁ ଫେରି ଆସିବା ପରେ ମୁସଲମାନମାନଙ୍କ ଚାରିତ୍ରିକ ଅବସ୍ଥାକୁ ସୁଧାରିବା ପାଇଁ ଶିଷ୍ଟାଚାରର ଶିକ୍ଷା ଦେବାରେ ବ୍ୟସ୍ତ ରହିଲେ । ସେହିପରି ମୁସଲମାନମାନଙ୍କୁ ମହାଭାଗଙ୍କ ମହାପ୍ରୟାଣ ଯୋଗୁଁ ପହଞ୍ଚିବାକୁ ଥିବା ମାନସିକ ଆଘାତ ସହ୍ୟ କରିବା ପାଇଁ ପ୍ରସ୍ତୁତ କରୁଥିଲେ । ଦିନେ ମହାଭାଗ ଭାଷଣ ଦେବା ପାଇଁ ଛିଡା ହେଲେ ଓ କହିଲେ 'ଆଜି ଅଲ୍ଲାଃ ମୋତେ ଦୈବୀବାଣୀ ଦ୍ୱାରା କହିଛନ୍ତି ଯେ ସେହି ଦିନକୁ ମନେରଖ, ଯେଉଁଦିନ ଅଲ୍ଲାଃଙ୍କ ସହାୟତା ଓ ବିଜୟ ଗୁଡିକ ପୂର୍ବକାଳୀନ ଯୁଗ ଠାରୁ ମଧ୍ୟ ଅଧିକ ତୀବ୍ରତାରେ ଆସିବ ତଥା ପ୍ରତ୍ୟେକ ଜାତି ଓ ଧର୍ମ ଲୋକ ଦଳ ଦଳ ହୋଇ ସାମଗ୍ରୀକ ଭାବରେ ଇସଲାମ ଧର୍ମରେ ପ୍ରବେଶ କରିବେ । ସୁତରାଂ 'ହେ ମୁହମ୍ମଦ ରସୁଲୁଲ୍ଲାଃ ! ବର୍ତ୍ତମାନ ତୁମେ ଅଲ୍ଲାଃଙ୍କ ସ୍ତୁତିରେ ଲାଗିଯାଅ ଓ ପ୍ରାର୍ଥନା କର ଯେ ଧର୍ମର ମୂଳଦୂଆ ତୁମେ ସ୍ଥାପନ କରିଛ । ସେଥିରୁ ସମସ୍ତ ପ୍ରକାର ଦୋଷତ୍ରୁଟିର କାଳିମାକୁ ଅଲ୍ଲାଃ ଦୂର କରି ଦିଅନ୍ତୁ । ଯଦି ଏହି ଧରଣର ପ୍ରାର୍ଥନା କରିବ, ତେବେ ଅଲ୍ଲାଃ ତୁମ ପ୍ରାର୍ଥନାକୁ ଅବଶ୍ୟ ଶୁଣିବେ ।'

ସେହିପରି ମହାଭାଗ କହିଲେ 'ପ୍ରଭୁ ନିଜର ଜନୈକ ଭକ୍ତକୁ କହିଛନ୍ତି ଯେ ତୁମେ ଚାହିଁଲେ ମୋ ନିକଟକୁ ଚାଲିଆସ କିମ୍ବା ତୁମର ଯଦି ଇଚ୍ଛା ଅଛି, ତା' ହେଲେ ଆଉ କିଛି ସମୟ ପର୍ଯ୍ୟନ୍ତ ପୃଥିବୀରେ ରହି ସଂସାରର ସୁଧାର କର ।' ଏହା ଶୁଣି ପ୍ରଭୁଙ୍କ ସେହି ଭକ୍ତ ଉତ୍ତର ଦେଲା 'ମୁଁ ଆପଣଙ୍କ ନିକଟକୁ ଚାଲିଯିବାକୁ ଅଧିକ ଶ୍ରେୟସ୍କର ମଣିବି ।' ଯେତେବେଳେ ସଭାରେ ମହାଭାଗ ଏହି କଥା ଶୁଣାଇଲେ, ହଜରତ ଅବୁବକ୍କର[ରଅ] କାନ୍ଦି ପକାଇଲେ । ଉପସ୍ଥିତ ସହଚରମାନଙ୍କୁ ଆଶ୍ଚର୍ଯ୍ୟ ଲାଗିଲା ଯେ ରସୁଲୁଲ୍ଲାଃ ତ ଇସଲାମର ବିଜୟ ସମାଚାର ଶୁଣାଉଛନ୍ତି, କିନ୍ତୁ ଅବୁବକ୍କର[ରଅ] କାହିଁକି କାନ୍ଦୁଛନ୍ତି ? ତହୁଁ ହଜରତ ଉମର[ରଅ] କହି ଉଠିଲେ 'ଏହି ବୃଦ୍ଧକୁ କଣ ହୋଇଗଲା ଯେ ଏକ ଖୁସିର ସମାଚାର ଶୁଣି କ୍ରନ୍ଦନ କରୁଛି ?' କିନ୍ତୁ ଅଲ୍ଲାଃଙ୍କ ରସୁଲ ଅନୁଭବ କଲେ ତାଙ୍କ କଥାକୁ ଅବୁବକ୍କର ହିଁ ଯଥାର୍ଥରେ ବୁଝି ପାରିଛନ୍ତି । ସେ ଏହା ବୁଝିନେଲେ ଯେ ସେହି ଅଧ୍ୟାୟରେ ମୋର ମୃତ୍ୟୁର ସମ୍ବାଦ ରହିଛି । ମହାଭାଗ କହିଲେ 'ଅବୁବକ୍କର ମୋର ଅତ୍ୟନ୍ତ ଆପଣାର । ଯଦି ଅଲ୍ଲାଃଙ୍କ ବ୍ୟତୀତ ଆଉ କାହାକୁ ଅସୀମ ପ୍ରେମ କରିବା ବୈଧ ହୁଅନ୍ତା ତା'ହେଲେ ମୁଁ ଅବୁବକ୍କରଙ୍କୁ ହିଁ ପ୍ରେମ କରନ୍ତି । ହେ ଲୋକମାନେ ! ମସଜିଦ୍‌ରେ ଯେତେ ଲୋକଙ୍କ ଦ୍ୱାର ଖୋଲା ଅଛି, ଆଜିଠାରୁ ସେସବୁ ଦ୍ୱାର ବନ୍ଦ କରି ଦିଆଯାଉ । କେବଳ ଅବୁବକ୍କରଙ୍କ ଦ୍ୱାର ହିଁ ଉନ୍ମୁକ୍ତ ରହିଥାଉ ।

ଏଥିରେ ଏକ ଭବିଷ୍ୟତବାଣୀ ରହିଥିଲା ଯେ ହଜରତ ମୁହମ୍ମଦ[ସଅ]ଙ୍କ ଦେହାନ୍ତ ପରେ ହଜରତ ଅବୁବକ୍କର[ରଅ] ତାଙ୍କର ଖଲିଫା ବା ଉତ୍ତରାଧୀକାରୀ ହେବେ । ଏବଂ ନମାଜ ପାଠପାଇଁ ମସଜିଦକୁ ସେହି ମାର୍ଗରେ ଆସିବାକୁ ପଡିବ । ଏହି ଘଟଣାର ବହୁବର୍ଷ ପରେ ଯେବେ ହଜରତ ଉମର[ରଅ] ଇସଲାମର ଦ୍ୱିତୀୟ ଖଲିଫା ହେଲେ, ଏକଦା ସେ ସଭାରେ ବସିଥିଲେ ଓ କହିଲେ 'ଇଜାଜା ନଶ୍ରୁଲ୍ଲାହି ଓଲ୍‌ଫତହୁ'ର ପଙ୍‌କ୍ତି ବିଶିଷ୍ଟ ଅଧ୍ୟାୟରେ କେଉଁ ସନ୍ଦର୍ଭ ପ୍ରତି ସଂକେତ ଅଛି ? କଥିତ ସନ୍ଦର୍ଭରେ ମୁହମ୍ମଦ[ସଅ] ନିଜର ଉପସ୍ଥିତ ଶିଷ୍ୟମାନଙ୍କ ଠାରୁ ପରୀକ୍ଷା ନେଲେ । ଯାହାକୁ ବୁଝିବା ପାଇଁ ଏହି ଅଧ୍ୟାୟ ଅବତୀର୍ଣ୍ଣ ହେବା ସମୟରେ ସେମାନେ ଅସମର୍ଥ ଥିଲେ । କିନ୍ତୁ ଇବ୍‌ନେ ଅବ୍‌ବାସ୍[ରଅ]ଙ୍କ ଏହି ଘଟଣା ସମୟରେ ଦଶ ବା ଏଗାର ବର୍ଷ ବୟସ୍କ ବାଳକ ଥିଲେ ଏବଂ ଉକ୍ତ ସଭାରେ ଆଲୋଚନା ସମୟରେ ସେ ସତର ବା ଅଠର ବର୍ଷ ବୟସର ଯୁବକରେ ପରିଣତ ହୋଇଥିଲେ । ଅନ୍ୟ ଅନୁଚରଗଣ ତ ସେକଥା କହିପାରିଲେ ନାହିଁ । କିନ୍ତୁ ସେ କହିଲେ 'ହେ ବିଶ୍ୱାସକାରୀଙ୍କ ନେତା ! ଏହି ପଙ୍‌କ୍ତିରେ ହଜରତ ମୁହମ୍ମଦ[ସଅ]ଙ୍କ ମୃତ୍ୟୁର ସମ୍ବାଦ ଦିଆଯାଇଥିଲା । କାରଣ ନବୀ ଯେତେବେଳେ ନିଜର କର୍ମ ସମାପ୍ତ କରିଦିଏ, ସେ ସଂସାରରେ ରହିବାକୁ ଆଉ ପସନ୍ଦ କରେ କରେନାହିଁ ।' ହଜରତ ଉମର[ରଅ] କହିଲେ 'ଏହା ହିଁ ସତ୍ୟ । ମୁଁ ତୁମ ବୁଦ୍ଧିକୁ ପ୍ରଶଂସା କରୁଛି । ଯେବେ ଏହି ଅଧ୍ୟାୟ ଅବତୀର୍ଣ୍ଣ ହୋଇଥିଲା, ଅବୁବକର[ରଅ] ଏହି କୁରଆନ ବାଣୀର ଅର୍ଥ ବୁଝିଗଲେ, କିନ୍ତୁ ଆମେମାନେ ବୁଝି ପାରିଲୁ ନାହିଁ ।

ଶେଷରେ ସେହି ଦିନ ଆସିଗଲା ଯାହା ପ୍ରତ୍ୟେକ ମନୁଷ୍ୟ ପାଇଁ ଆସିଥାଏ । ମୁହମ୍ମଦ[ସଅ] ନିଜ କର୍ମମୟ ସଂସାରକୁ ଚୁଡାନ୍ତ କରି ନିଜ ଜୀବନରେ ଯବନିକା ପକାଇଲେ । ପ୍ରଭୁଙ୍କ ଦୈବୀବାଣୀ ସମ୍ପୂର୍ଣ୍ଣ ରୂପେ ପ୍ରକଟିତ ହୋଇ ସାରିଥିଲା । ମୁହମ୍ମଦ[ସଅ]ଙ୍କ ଦିବ୍ୟ ଶକ୍ତି ବଳରେ ଏକ ନୂତନ ଜାତି, ନୂତନ ଆକାଶ ଓ ନୂତନ ପୃଥିବୀର ଭିତ୍ତିଭୂମି ପ୍ରସ୍ତୁତ ହୋଇଗଲା । ବୀଜ ବପନକାରୀ ନିଜର କ୍ଷେତ୍ରରେ ଭୂମି କର୍ଷଣ କଲା, ହଳ ଚଲାଇଲା, ଜମିରେ ପାଣି ମଡାଇଲା ଓ ଫସଲ ପ୍ରସ୍ତୁତ କଲା । ବର୍ତ୍ତମାନ ଫସଲ କାଟିବାର ଦାୟୀତ୍ୱ କିନ୍ତୁ ତାହାଙ୍କ ନଥିଲା । ସେ ଏକ ମଜୁରିଆ ଭାବେ ଏହି ସଂସାରକୁ ଆସିଥିଲା ଓ ମଜୁରିଆ ଭାବରେ ଏହି ସଂସାରରୁ ବିଦାୟ ନେବାର ଭାର ବହନ କଲା । କାରଣ ତାଙ୍କ କର୍ମର ପୁରସ୍କାର ସଂସାରର କୌଣସି ପାର୍ଥିବ ବସ୍ତୁ ନଥିଲା । ବରଂ ତାଙ୍କ ପୁରସ୍କାର ନିଜ ପରମ ସ୍ରଷ୍ଟା ତଥା ପ୍ରେରଣ କର୍ତ୍ତାଙ୍କ ପ୍ରସନ୍ନତା ହିଁ ଥିଲା । ଯେବେ ଫସଲ ଅମଳ ହେବା ସମୟ ଆସି ପହଞ୍ଚିଲା, ସେତେବେଳେ ସେହି କର୍ମଯୋଗୀ ତା'ର ପାଳନକର୍ତ୍ତାଙ୍କ ଛାମୁରେ ଏହି

ମନୋକାମନା ପ୍ରକାଶ କରି ନେହୁରା ହୋଇ କହିଲା 'ମୋତେ ଏହି ଦୁନିଆରୁ ଉଠାଇ ନିଅ । ଏହି ଫସଲକୁ ପରବର୍ତ୍ତୀ ସମୟରେ ଅନ୍ୟମାନେ ଅବଶ୍ୟ ଅମଳ କରି ନିଅନ୍ତୁ ।' ସୁତରାଂ ମୁହମ୍ମଦ[ସଅ] ଅସୁସ୍ଥ ହେବାକୁ ଲାଗିଲେ । ତଥାପି କିଛି ଦିନ କଷ୍ଟ ଉଠାଇ ମସଜିଦ୍‌କୁ ନମାଜ ପଢାଇବା ପାଇଁ ଆସୁଥିଲେ । ଶେଷରେ ମସଜିଦ୍‌କୁ ଆସିବା ପାଇଁ ମଧ ତାଙ୍କର ଆଉ ବଳ ପାଇଲା ନାହିଁ । ଅନୁଚରମାନେ କେବେ ଚିନ୍ତା ମଧ କରିପାରୁ ନଥିଲେ ଯେ ମହାଭାଗଙ୍କ ମୃତ୍ୟୁ ଘଟିବ । କିନ୍ତୁ ମହାଭାଗ ବାରମ୍ବାର ନିଜ ମୃତ୍ୟୁ ପାଖେଇ ଆସୁଥିବାର ସମ୍ବାଦ ସମସ୍ତଙ୍କୁ ଦେଉଥିଲେ । ଥରେ ଅନୁଚରମାନଙ୍କ ଏକ ସଭା ଲାଗିଥିଲା । ସେଠାରେ ମହାଭାଗ କହିଲେ 'କୌଣସି ବ୍ୟକ୍ତିର ଯଦି କୌଣସି ଭୁଲ ହୋଇଯାଏ, ତାହେଲେ ଉଚିତ ହେବ ଯେ ସେ ଏହି ଭବ ସଂସାରରେ ହିଁ ତାହାର ନିବାରଣ କରିଦେଉ, ଯଦ୍ୱାରା ସେ ପ୍ରଭୁଙ୍କ ସମ୍ମୁଖରେ ଆଉ ଲଜ୍ଜିତ ହେବ ନାହିଁ । ଯଦି ମୋ ହାତରେ ଅଜାଣତରେ କାହାର ଅଧିକାର ଛିନ୍ନ ହୋଇଛି, ସେ ମୋ ଠାରୁ ତା'ର ଅଧିକାର ବର୍ତ୍ତମାନ ମାଗି ନେଉ । ଯଦି ମୋ ଦ୍ୱାରା କାହା ମନରେ କଷ୍ଟ ପହଞ୍ଚିଛି ତ ସେ ଆଜି ତାହାର ପ୍ରତିଶୋଧ ନେଇପାରେ । କାରଣ ମୁଁ ଚାହୁଁନାହିଁ ଯେ ମୋତେ ପ୍ରଭୁଙ୍କ ନିକଟରେ ଲଜ୍ଜିତ ହେବାକୁ ପଡିବ ।' ଅନ୍ୟ ଅନୁଚରମାନେ ଏହା ଶୁଣି ଦୁଃଖରେ ମ୍ରିୟମାଣ ହୋଇ ସେମାନଙ୍କ ଆଖି ଅଶ୍ରୁସିକ୍ତ ହୋଇଗଲା । ସେମାନଙ୍କ ହୃଦୟରେ ଏହି ବଚାର ବସା ବାନ୍ଧିଲା ଯେ ରସୁଲୁଲ୍ଲାଃ ନିଜେ ଏତେ କଷ୍ଟ ସ୍ୱୀକାର କରି ସେମାନଙ୍କୁ ଆରାମ ଦେଉଥିଲେ । ସେ କିପରି ଭୋକିଲା ରହି ସେମାନଙ୍କୁ ଖୁଆଉ ଥିଲେ । ନିଜେ ତାଳିପକା ପୋଷାକ ପିନ୍ଧି ସେମାନଙ୍କୁ ବସ୍ତ୍ର ପିନ୍ଧାଉଥିଲେ । ଏହା ସତ୍ତ୍ୱେ ଆଜି ମହାଭାଗଙ୍କର ଅନ୍ୟମାନଙ୍କ ଅଧିକାର ପାଇଁ କେତେ ଚିନ୍ତା ଘାରିଛି । ଯାହା ପାଇଁ ସେ ସ୍ୱୟଂ ଦାବୀ କରୁଛନ୍ତି ଯେ ମୁଁ ଯଦି କାହା ପ୍ରତି ଅଜାଣତରେ ଦୁଃଖ କ୍ଲେଶ ପହଞ୍ଚାଇ ଥିବି, ତେବେ ତାହାର ତୁମେ ପ୍ରତିଶୋଧ ନେଇପାର । ଏହା ଶୁଣି ଅନୁଚରମାନଙ୍କ ମଧ୍ୟରୁ ଜଣେ ନିଜ ସ୍ଥାନରୁ ଉଠି ମହାଭାଗଙ୍କ ଆଡକୁ ଅଗ୍ରସର ହେଲେ ଓ କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ଥରେ ଆପଣଙ୍କ ଠାରୁ ମୁଁ କଷ୍ଟ ପାଇଥିଲି । ଯୁଦ୍ଧ ପାଇଁ ଧାଡିବାନ୍ଧି ଛିଡା କରାଯାଉଥିବା ସମୟରେ ଆପଣ ସେହି ଧାଡି ଅତିକ୍ରମ କଲାବେଳକୁ ଆପଣଙ୍କ କହୁଣିଟି ମୋର ଦେହରେ ବାଜିଥିଲା । ଯେହେତୁ ଆପଣ କହିଲେ ଯେ ଅଜାଣତରେ ହେଉ ପଛକେ ଯଦି ମୋ ଦ୍ୱାରା କାହାକୁ କଷ୍ଟ ପହଞ୍ଚି ଥିବ, ତାହେଲେ ଆଜି ମୋ ଠାରୁ ତାହାର ପ୍ରତିଶୋଧ ନେଇପାର । ତେଣୁ ମୁଁ ଚାହୁଁଛି ବର୍ତ୍ତମାନ ଆପଣଙ୍କ ଠାରୁ ସେହି କଷ୍ଟର ପ୍ରତିଶୋଧ ନେବି । ଅନୁଚରଗଣ ଶୋକ ସାଗରରେ ବୁଡି ରହିଥିଲେ, ସହସା ସେମାନଙ୍କ ଅବସ୍ଥାରେ ପରିବର୍ତ୍ତନ ଦେଖାଦେଲା ।

ସେମାନଙ୍କ ଚକ୍ଷରୁ କ୍ରୋଧର ବହ୍ନି ଝରିବାରେ ଲାଗିଲା । ଏବଂ ପ୍ରତ୍ୟେକ ବ୍ୟକ୍ତି ଏହା ଅନୁଭବ କରୁଥିଲା ଯେ ଆଜିର ଏହି ଅବସରରୁ ଏହି ବ୍ୟକ୍ତିଜଣକ କୌଣସି ଶିକ୍ଷା ଗ୍ରହଣ କରିବା ପରିବର୍ତ୍ତେ ଏପରି ଅପବାଦର କଥା ମହାନୁଭବଙ୍କ ପ୍ରତି ଆରପିତ କରୁଛି, ଯାହା ପାଇଁ ସେ ଅତ୍ୟନ୍ତ କଠୋର ଶାସ୍ତିର ପାତ୍ର । କିନ୍ତୁ ସେହି ଅନୁଚରଟି ସେଥିପ୍ରତି କୌଣସି ଭ୍ରୁକ୍ଷେପ କଲାନାହିଁ । ମହାମହିମ କହିଲେ, 'ତୁମେ ଠିକ୍ କହିଛ । ଏହା ତୁମର ଅଧିକାର ଅଛି ଯେ ତୁମେ ମୋ ଠାରୁ ଏହାର ବଦଳା ନେଇପାର ।' ଏହା କହି ମହାଭାଗ ଶୟନ ମୁଦ୍ରାରେ ଥିବାବେଳେ କଡ ଲେଉଟାଇଲେ ଓ ନିଜର ପିଠିକୁ ତାଙ୍କ ଆଡକୁ ବୁଲାଇ କହିଲେ, 'ଆସ ମୋତେ କହୁଣି ମାର ।' ସେ ପୁଣି କହିଲା, 'ହେ ଅଲ୍ଲାଃଙ୍କ ରସୁଲ୍ ! ଯେତେବେଳେ ଆପଣଙ୍କ କହୁଣି ମୋ ଦେହରେ ବାଜିଥିଲା, ମୋ ଦେହ ପୁଙ୍ଗୁଳା ଥିଲା । କାରଣ ପିନ୍ଧିବା ସକାଶେ ସେତେବେଳେ ମୋ ପାଖରେ କୌଣସି ପୋଷାକ ନଥିଲା ।' ତହୁଁ ମହାଭାଗ କହିଲେ 'ମୋ ଦେହରୁ କୁର୍ତ୍ତା ହଟାଇ ଦିଅ ଓ ମୋର ପୁଙ୍ଗୁଳା ଶରୀର ଉପରେ ତୁମର କହୁଣି ମାରି ତାହାର ବଦଳା ନିଅ ।' ସେହି ବ୍ୟକ୍ତି ଛାମୁଙ୍କ କୁର୍ତ୍ତା ଉଠାଇଲା ଏବଂ ନିଜ କମ୍ପିତ ଓଠରେ ଓ ଧାର ଧାର ଅଶ୍ରୁ ଜର୍ଜରିତ ଚକ୍ଷୁରେ ନଇଁ ପଡି ଶ୍ରୀଛାମୁଙ୍କ କଟିଦେଶକୁ ଚୁମ୍ବନ ଦେଲେ । ହଜରତ ମୁହମ୍ମଦ[ସଅ] ପ୍ରଶ୍ନ କଲେ 'ଏହା କ'ଣ ?' ସେ ଉତ୍ତର ଦେଇ କହିଲା, 'ହେ ଅଲ୍ଲାଃଙ୍କ ରସୁଲ୍ ! ଯେତେବେଳେ ଆପଣ କହୁଛନ୍ତି ଯେ ମୃତ୍ୟୁ ଆପଣଙ୍କ ନିକଟରେ ଉପସ୍ଥିତ ହୋଇଛି, ସେପରି ସ୍ଥଳେ ଆପଣଙ୍କୁ ସ୍ପର୍ଶ କରିବା ଓ ଆପଣଙ୍କୁ ପ୍ରେମ କରିବାର ଅବସର ଆମକୁ ଆଉ କେବେ ପର୍ଯ୍ୟନ୍ତ ମିଳିବ ? ଅବଶ୍ୟ ଯୁଦ୍ଧ ସମୟରେ ମୋ ଦେହରେ ଆପଣଙ୍କ କହୁଣିଟି ବାଜିଥିଲା ସତ । କିନ୍ତୁ କାହା ହୃଦୟରେ ଏହି କହୁଣି ବାଜିବାର ବଦଳା ନେବା ବିଚାର ଆସିପାରେ କି ? ମୋ ମନରେ ବିଚାର ଆସିଲା ଯେତେବେଳେ କି ଛାମୁ କହୁଛନ୍ତି ଯେ ଆଜି ମୋ ଠାରୁ ବଦଳା ନିଅ, ସେତେବେଳେ ମୁଁ ଭାବିଲି, ଚାଲ ଏହି ବାହାନାରେ ଆଜି ଆପଣଙ୍କ ଶ୍ରୀଅଙ୍ଗକୁ ମୁଁ ଟିକିଏ ପ୍ରେମ କରି ପକାଏ ।' (ବୁଖାରି କିତାବୁଲ୍ ମଗାଜି ଭାଗ ମରଜ୍ ଅନ୍ନବିଯ୍ୟେ ଓ ୱଫାତହୁ) ସେହି ଅନୁଚରଗଣ ଯେଉଁମାନଙ୍କ ମନ ପ୍ରଚଣ୍ଡ କ୍ରୋଧରେ ଜର୍ଜରିତ ହେଉଥିଲା, ସେହି ବ୍ୟକ୍ତିର କଥା ଶୁଣି ସେମାନଙ୍କ ହୃଦୟ ନିରାଶାରେ ଭରି ଗଲା ଯେ ହାୟ ଏହି ଅବସର ଆମମାନଙ୍କୁ କାଳେ ମିଳି ଯାଇଥାନ୍ତା କି !

ବ୍ୟାଧିର ଜ୍ୱାଳା ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଲା । ମୃତ୍ୟୁ ସନ୍ନିକଟ ହେବାକୁ ଲାଗିଲା । ମଦିନାର ସୂର୍ଯ୍ୟ ପୂର୍ବଭାନ୍ତି ପୂର୍ଣ୍ଣ ଆଭା ସହିତ ଚମକିବା ସତ୍ତ୍ୱେ ଅନୁଚରମାନଙ୍କ ଦୃଷ୍ଟିରେ କେମିତି ମଳିନ ଦିଶୁଥିଲା । ଦିନର ଉଦୟ ଭାନୁ ଉକୁଟି

ହୋଇ ଚାଲି ଥିଲା, କିନ୍ତୁ ସେମାନଙ୍କ ଆଖି ଉପରେ ପରଦା ପଡିଯାଇଥିଲା । ପରିଶେଷରେ ସେ ସମୟ ଉପସ୍ଥିତ ହେଲା, ଯେଉଁ ସମୟରେ କି ଅଲ୍ଲାଃଙ୍କ ରସୁଲଙ୍କ ଆତ୍ମା ସଂସାର ତ୍ୟାଗ କରି ନିଜର ସୃଜନକର୍ତ୍ତାଙ୍କ ସମକ୍ଷରେ ଉପସ୍ଥିତ ହେବା ପାଇଁ ପ୍ରସ୍ତୁତ ହେଉଥିଲା । ଦିବ୍ୟ ଅବତାରଙ୍କ ନିଃଶ୍ୱାସ ପ୍ରଖର ଗତିରେ ବୋହିବାକୁ ଲାଗିଲା ତଥା ଶ୍ୱାସପ୍ରକ୍ରିୟା ଅଟକି ଯାଇ ମନ୍ଥର ଗତିରେ ଚାଲୁଥିଲା । ଅଲ୍ଲାଃଙ୍କ ରସୁଲ ନିଜ ପତ୍ନୀ ଆଏଶାଙ୍କୁ କହିଲେ 'ମୋ ମୁଣ୍ଡକୁ ଉଠାଇ ତୁମ ବକ୍ଷରେ ଲଗାଇ ରଖ । କାରଣ ଶୋଇ ରହିବା ଯୋଗୁଁ ମୋତେ ନିଃଶ୍ୱାସ ନେବାରେ ବହୁତ କଷ୍ଟ ହେଉଛି ।' ସୁତରାଂ ହଜରତ ଆଏଶା[ରଅ] ନିଜ ପ୍ରାଣପ୍ରିୟଙ୍କ ମୁଣ୍ଡକୁ ଉଠାଇ ନିଜ ବକ୍ଷରେ ଚାପି ଧରିଲେ ଓ ତାଙ୍କୁ ସାହାରା ଦେଇ ନିଜେ ବସି ରହିଲେ । ମୃତ୍ୟୁର ଯନ୍ତ୍ରଣା ମହାଭାଗଙ୍କ ଶରୀରରେ ବ୍ୟାପିବାକୁ ଲାଗିଲା । ସେ ଅତ୍ୟନ୍ତ ଘାବରାରେ ବିଚଳିତ ହୋଇ ବସିଥିବା ମୁଦ୍ରାରେ କେବେ ଏ କଡକୁ ଝୁଙ୍କି ପଡୁଥିଲେ ତ କେବେ ସେ କଡକୁ । ଶେଷରେ କହିବାକୁ ଲାଗିଲେ, 'ଇହୁଦୀ ଓ ଖ୍ରୀଷ୍ଟିୟାନମାନଙ୍କୁ ଧିକ ଯେ ସେମାନେ ନିଜର ଅବତାରମାନଙ୍କ ମୃତ୍ୟୁ ପରେ ସେମାନଙ୍କ ସମାଧିକୁ ମସଜିଦ (ପୂଜା ସ୍ଥଳୀ)ରେ ପରିଣତ କରିଦେଲେ । (ବୁଖାରି କିତାବୁଲ୍ ମଗାଜି ଭାଗ ମରଜ୍ ଅନ୍ନବିସ୍ୱେ ଓ ଓ୍ୱଫାତହୁ) ଏହା ଶ୍ରୀମୁଖରୁ ଉଚ୍ଚାରିତ ଶେଷ ଉପଦେଶ ଥିଲା । ଏତଦ୍‌ଦ୍ୱାରା ସେ ଜଣାଇ ଦେବାକୁ ଚାହୁଁଥିଲେ 'ଯେବେ ତୁମେମାନେ ମୋତେ ସମସ୍ତ ଅବତାରଙ୍କ ମଧ୍ୟରେ ସର୍ବୋତ୍ତମ ଦେଖିବ ଓ ସର୍ବାଧିକ ସଫଳ ହୋଇଥିବାର ପାଇବ, କିନ୍ତୁ ଏହା ଯେପରି ପାଶୋରି ଯିବ ନାହିଁ ଯେ ମୁଁ ଜଣେ ମନବ । ପ୍ରଭୁଙ୍କ ସ୍ଥାନ କେବଳ ପ୍ରଭୁଙ୍କ ପାଇଁ ସଂରକ୍ଷିତ । ଏବଂ ମୋର କବର (ସମାଧି)କୁ ଏକ ସମାଧି ଠାରୁ ଆଉ ଅଧିକ କିଛି ମନେ କରିବ ନାହିଁ । ଅନ୍ୟ ସମ୍ପ୍ରଦାୟର ଲୋକମାନେ ନିଜ ଅବତାରଙ୍କ ସମାଧି ସ୍ଥଳକୁ ନିଃସନ୍ଦେହରେ ଉପାସନା ପୀଠରେ ପରିଣତ କରି ଦିଅନ୍ତୁ । ଭୋଗ ଚଢାଇ ଯେତେ ମୁଣ୍ଡିଆ ମାରନ୍ତୁ ପଛକେ ତୁମର ଏପରି କାର୍ଯ୍ୟକଳାପ ନହେବା ଉଚିତ । ତୁମେ ଏକେଶ୍ୱର ଉପସନାର ପ୍ରତିଷ୍ଠା ପାଇଁ ଛିଡା ହୋଇଛ ।'ଏତିକି କହୁ କହୁ ନବୀଶ୍ରେଷ୍ଠଙ୍କ ଚକ୍ଷୁ ଭୃକୁଞ୍ଚିତ ହୋଇଗଲା ତଥା ତାଙ୍କ ଜିହ୍ୱାରୁ ଏହି ଶବ୍ଦମାନ ଉଚ୍ଚାରିତ ହେଲା ।

اِلَى الرَّفِيْقِ الْاَعْلٰى  اِلَى الرَّفِيْقِ الْاَعْلٰى

'ଇଲା ଅର୍‌ରଫି କିଲ୍ ଆଆଲା, ଇଲା ଅର୍‌ରଫି କିଲ୍ ଆଆଲା'

ଅର୍ଥାତ୍ 'ମୁଁ ନିଜର ସର୍ବୋଚ୍ଚ କର୍ତ୍ତା ସ୍ୱର୍ଗାଧୀଶ୍ୱର ପ୍ରିୟତମ ସଖାଙ୍କ ଅଭିମୁଖେ ଯାତ୍ରା କରୁଛି ।' ଏତିକି କହୁ କହୁ ତାହାଙ୍କ ଆତ୍ମା ଏହି ପାର୍ଥୀବ ଶରୀରରୁ ପୃଥକ ହୋଇଗଲା ।

# ମୁହମ୍ମଦ[ସଅ]ଙ୍କ ନିଧନ ପରେ ଅନୁଚରମାନଙ୍କ ଦଶା

ଅନୁଚରବର୍ଗଙ୍କୁ ଯେତେବେଳେ ଏହି ମୃତ୍ୟୁର ସମାଚାର ମସଜିଦରେ ମିଳିଲା, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ନିଜ କାମଧନ୍ଦା ଛାଡି ମୁହମ୍ମଦ[ସଅ]ଙ୍କ ସ୍ୱାସ୍ଥ୍ୟ ବିଷୟରେ ଶୁଭ ସମାଚାର ଶୁଣିବା ପ୍ରତୀକ୍ଷାରେ ରହିଥିଲେ । ସେମାନଙ୍କ ଉପରେ ସତେ ଯେପରି ଏକ ବିରାଟ ଦୁଃଖର ପାହାଡ ଖସି ପଡିଲା । ହଜରତ ଅବୁବକ୍କର[ରଅ] କିଛି ସମୟ ପାଇଁ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ । କିନ୍ତୁ ହଜରତ ଉମର[ରଅ] ମସଜିଦ୍ ଭିତରେ ଥିଲେ । ସେ ଯେତେବେଳେ ଲୋକଙ୍କ ଠାରୁ ଶୁଣିବାକୁ ପାଇଲେ ଯେ ହଜରତ ମୁହମ୍ମଦ[ସଅ]ଙ୍କ ମୃତ୍ୟୁ ହୋଇଗଲା, ସେ ଖୋଳ ଭିତରୁ ତରବାରୀ ବାହାର କରି କହିଲେ 'ଅଲ୍ଲାଃଙ୍କ ଶପଥ ! ଯେଉଁ ବ୍ୟକ୍ତି କହିବ ଯେ ହଜରତ ମୁହମ୍ମଦ[ସଅ]ଙ୍କ ନିଧନ ହୋଇ ଯାଇଛି, ମୁଁ ତା'ର ଶୀର ଛେଦନ କରିବି । କାରଣ ଯେ ପର୍ଯ୍ୟନ୍ତ କପଟାଚାରୀ ବ୍ୟକ୍ତି ଏ ସଂସାରରେ ରହିଥିବେ ସେମାନଙ୍କୁ ଉଚିତ ଶିକ୍ଷା ଦେବାପାଇଁ ମୁହମ୍ମଦ[ସଅ]ଙ୍କ ମୃତ୍ୟୁ କଦାପି ହୋଇ ପାରିବ ନାହିଁ । ଯଦି ତାଙ୍କ ଆତ୍ମା ପିଣ୍ଡରୁ ଅଲଗା ହୋଇ ଯାଇଛି, ତାହା କେବଳ ମୋସେସଙ୍କ ସମ ପ୍ରଭୁଙ୍କୁ ଭେଟ କରିବା ପାଇଁ ଯାଇଛି । ଆତ୍ମା ପୁଣି ଫେରି ଆସିବ ଓ ମୁନାଫିକ (କପଟ ବିଶ୍ୱାସୀ)ଙ୍କୁ ବିନାଶ କରିବ ।' ଏହା କହି ସେ ଶାଣିତ ତରବାରୀ ଧରି ଏପରି ଦୁଃଖଦ ହୃଦୟ ବିଦାରକ ସମ୍ବାଦର ଆଘାତରେ ପାଗଳ ସମାନ ଏଣେତେଣେ ପଦଚାରଣ କରିବାକୁ ଲାଗିଲେ । ତତସହିତ ଏହା ମଧ୍ୟ କହୁଥିଲେ 'ଯଦି କୌଣସି ଲୋକ କହିବ ଯେ ମୁହମ୍ମଦ[ସଅ]ଙ୍କ ମୃତ୍ୟୁ ହୋଇ ଯାଇଛି, ମୁଁ ତାକୁ ହତ୍ୟା କରି ଦେବି ।' ଅନୁଚରମାନେ କହିଲେ 'ଯେତେବେଳେ ଉମର ଦ୍ରୁତ ପଦଚାରଣ କରି ଏହିପରି କହୁଥିବାର ଆମେ ଶୁଣିଲୁ, ଆମ ମନରେ ଦମ୍ଭ ଆସିଲା ଓ ଆମେମାନେ କହିଲୁ ଯେ ଉମର ସତ୍ୟ କହୁଛନ୍ତି । ମୁହମ୍ମଦ[ସଅ] ପ୍ରକୃତରେ ମରିନାହାନ୍ତି । ଏ ବିଷୟରେ ଲୋକମାନେ ଅବଶ୍ୟ ଭ୍ରମରେ ପଡିଛନ୍ତି । ତେଣୁ ଆମେମାନେ ନିଜ ହୃଦୟକୁ ଶାନ୍ତ୍ୱନା ଦେବାରେ ଲାଗିଲୁ ।' ଇତି ମଧ୍ୟରେ କେତେକ ଲୋକ ଦୌଡିଯାଇ ହଜରତ ଅବୁବକ୍କର[ରଅ]ଙ୍କୁ ପରିସ୍ଥିତି ସମ୍ବନ୍ଧରେ ଅବଗତ କରାଇଲେ । ସେ ମଧ୍ୟ ମସଜିଦ୍‌ରେ ପ୍ରବେଶ କଲେ, କିନ୍ତୁ କାହା ସହିତ କଥାବାର୍ତ୍ତା ହେଲେ ନାହିଁ । ସିଧାସଳଖ ଗୃହ ମଧ୍ୟକୁ ଚାଲି ଗଲେ ଓ ମୁହମ୍ମଦ[ସଅ]ଙ୍କ ପତ୍ନୀ ହଜରତ ଆଏଶା[ରଅ]ଙ୍କୁ ପ୍ରଶ୍ନ କଲେ, 'କଣ ହଜରତ ମୁହମ୍ମଦ[ସଅ]ଙ୍କ ଦେହାନ୍ତ ହୋଇଛି ?' ଆଏଶା ଉତ୍ତର ଦେଲେ, 'ହଁ' । ଏହାପରେ ସେ ଅଲ୍ଲାଃଙ୍କ ରସୁଲଙ୍କ ମର ଶରୀର ନିକଟକୁ ଗଲେ । ତାଙ୍କ ଶ୍ରୀମୁଖରୁ ଚାଦର ହଟାଇଲେ, ତାଙ୍କ ମଥାରେ ଚୁମ୍ବନ ଦେଲେ ଓ ନିଜର ପ୍ରିୟତମ ସଖାଙ୍କ ବିଚ୍ଛେଦରେ ଅଧିର ହୋଇ ତାଙ୍କ ଚକ୍ଷୁରୁ ଧାର

ଧାର ଅଶ୍ରୁ ନିର୍ଗତ ହେବାରେ ଲାଗିଲା । ସେ କହିଲେ 'ପ୍ରଭୁଙ୍କ ଶପଥ ! ଈଶ୍ୱର ତାଙ୍କୁ ଦ୍ୱିତୀୟ ଥର ମୃତ୍ୟୁ ଦେବେ ନାହିଁ ।' ଅର୍ଥାତ୍ ଏହା କେବେ ହେବ ନାହିଁ ଯେ ମୁହମ୍ମଦ[ସଅ] ଶାରୀରିକ ଦୃଷ୍ଟିକୋଣରୁ ମୃତ୍ୟୁ ଲାଭ କରିଛନ୍ତି ସତ, କିନ୍ତୁ ଦ୍ୱିତୀୟ ଥର ଏପରି ମୃତ୍ୟୁ ନ ଆସୁ ଯେ ତାଙ୍କ ସମ୍ପ୍ରଦାୟ ଭ୍ରାନ୍ତ ସିଦ୍ଧାନ୍ତ ଓ ଭୂଲ ଧାରଣାର ବଶବର୍ତ୍ତୀ ହୋଇଯିବେ ।' ସେ ଏହା କହି ବାହାରକୁ ଆସିଲେ ଓ ଲୋକାରଣ୍ୟ ହୋଇଥିବା ଭିଡକୁ ଅତିକ୍ରମ କରି ମଞ୍ଚ ଆଡକୁ ଅଗ୍ରସର ହେଲେ । ତାଙ୍କୁ ମଞ୍ଚ ଉପରେ ଦଣ୍ଡାୟମାନ ହେବାର ଦେଖି ହଜରତ ଉମର[ରଅ] ମଧ୍ୟ ତରବାରୀ ଉତ୍ତୋଳନ ପୂର୍ବକ ଅବୁବକ୍କରଙ୍କ ପାର୍ଶ୍ୱରେ ଛିଡା ହୋଇଗଲେ । ସେ ମନରେ ଏହି ସଂକଳ୍ପ କଲେ ଯେ ଯଦି ଅବୁବକର କହିଦିଅନ୍ତି ଯେ ହଜରତ ମୁହମ୍ମଦ[ସଅ]ଙ୍କ ପରଲୋକ ହୋଇଯାଇଛି, ତାହେଲେ ତାଙ୍କର ମୁଣ୍ଡକାଟ ହେବ । ହଜରତ ଅବୁବକ୍କର[ରଅ] କିଛି କହିବାକୁ ଉଦ୍ୟତ ହୁଅନ୍ତେ, ଉମର ତାଙ୍କର ଲୁଗାକୁ ଟାଣିବାରେ ଲାଗିଲେ ଏବଂ ନୀରବ ରହିବାକୁ ନିର୍ଦ୍ଦେଶ ଦେଲେ । ଅବୁବକ୍କର କିନ୍ତୁ ନିଜ ଲୁଗାକୁ ଟାଣି ଭିଡି ଉମରଙ୍କ ହାତରୁ ଛଡାଇ ନେଲେ ଓ ପବିତ୍ର କୁରଆନର ନିମ୍ନ ପଙ୍କ୍ତି ଆବୃତ୍ତି କରିବାକୁ ଲାଗିଲେ ।

وَمَا مُحَمَّدٌ إِلَّا رَسُولٌ قَدْ خَلَتْ مِن قَبْلِهِ الرُّسُلُ
أَفَإِن مَّاتَ أَوْ قُتِلَ انقَلَبْتُمْ عَلَىٰ أَعْقَابِكُمْ

'ୱ୍ମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍; କଦ୍‌ଖଲତ୍ ମିନ୍ କବ୍‌ଲେହିର ରୋସୋଲ୍;
ଅଫାଇମ୍ମାତା ଅଓ କୁତେଲନ୍ କଲବ୍‌ତୁମ୍ ଅଲାଆ ଆକାବେକୁମ୍'

(ଆଲେ ଇମରାନ୍ ୧୪୫)

ଅର୍ଥାତ୍ 'ହେ ଲୋକମାନେ, ହଜରତ ମୁହମ୍ମଦ[ସଅ] ଅଲ୍ଲାଃଙ୍କର କେବଳ ଏକ ରସୁଲ୍ ଥିଲେ । ତାଙ୍କ ପୂର୍ବରୁ ଅନେକ ରସୁଲ୍ ଆସିଥିଲେ ଓ ସମସ୍ତେ ଇହଧାମ ତ୍ୟାଗ କରିଛନ୍ତି । ଯଦି ସେ (ମୁହମ୍ମଦ[ସଅ]) ମୃତ୍ୟୁଲାଭ କରନ୍ତି କିମ୍ବା ତାଙ୍କୁ ମାରି ଦିଆଯାଏ, ତା'ହେଲେ କ'ଣ ତୁମେମାନେ ନିଜ ଧର୍ମ ତ୍ୟାଗକରି ବିମୁଖ ହୋଇଯିବ ? ଧର୍ମ ଈଶ୍ୱରଙ୍କ କର୍ତ୍ତୃତ୍ୱାଧୀନ । ଏହା ମୁହମ୍ମଦ[ସଅ]ଙ୍କର ଅଧିନରେ ନାହିଁ ।

ଏହି ଆୟତ ଉହଦ୍ ଯୁଦ୍ଧ ସମୟରେ ଅବତୀର୍ଣ୍ଣ ହୋଇଥିଲା । ସେତେବେଳେ କେତେକ ଲୋକ ମୁହମ୍ମଦ[ସଅ] ଯୁଦ୍ଧଭୂମିରେ ଶହୀଦ ହୋଇ ଯାଇଛନ୍ତି ବୋଲି ଶୁଣି ହତୋତ୍ସାହିତ ହୋଇ ବସି ପଡିଥିଲେ । ସୁତରାଂ ସେହି ପଙ୍କ୍ତିକୁ ଏଠାରେ ପୁନରାବୃତ୍ତି କରି ସାରି ପୁଣି ଅବୁବକ୍କର[ରଅ] କହିଲେ,

مَن كَانَ يَعْبُدُ اللَّهَ فَإِنَّ اللَّهَ حَيٌّ لَا يَمُوتُ

'ମନ୍‌କା'ନା ୟାବୁଦୁଲ୍ଲାହି ଫଇନ୍ନଲ୍‌ଲାହା ହୟୁନ ଲା ୟମୁତୋ'

ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ଯିଏ ଅଲ୍ଲାଃଙ୍କ ଉପାସନା କରୁଥିଲା, ତାକୁ ମନେ ରଖିବା ଉଚିତ ଯେ ଅଲ୍ଲାଃ ସର୍ବଦା ଜୀବିତ ଓ ତାଙ୍କର କେବେ ମୃତ୍ୟୁ ହୁଏ ନାହିଁ।

وَمَنْ كَانَ مِنْكُمْ يَعْبُدُ مُحَمَّدًا فَإِنَّ مُحَمَّدًا قَدْمَاتَ

ଓ୍ୱମନ୍ କାନା ମିନ୍‌କୁମ୍ ୟାଆବୁଦୁ ମୁହମ୍ମଦନ୍ ଫଇନ୍ନା ମୁହମ୍ମଦନ୍ କଦ୍‌ମାତା

ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ମୁହମ୍ମଦ[ସଅ]ଙ୍କ ଉପାସନା କରୁଥିଲା, ତାହାକୁ ମୁଁ କହି ଦେବାକୁ ଚାହେଁ ଯେ ମୁହମ୍ମଦ[ସଅ]ଙ୍କ ମୃତ୍ୟୁ ହୋଇ ଯାଇଛି ।' ହଜରତ ଉମର[ରଅ] ବର୍ଣ୍ଣନା କରୁଛନ୍ତି, 'ଯେଉଁ ସମୟରେ ହଜରତ ଅବୁବକ୍କର 'ଓ୍ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍' ପଙ୍କ୍ତି ପଢିବା ଆରମ୍ଭ କଲେ, ମୋର ଚେତନା ଜାଗ୍ରତ ହେଲା । ଏହି ଆୟତର ଆବୃତ୍ତି ଶେଷ ହେବା ମଧ୍ୟରେ ମୋର ଆଧ୍ୟାତ୍ମିକ ନେତ୍ର ଖୋଲିଗଲା ଏବଂ ମୁଁ ବୁଝିପାରିଲି ଯେ ମୁହମ୍ମଦ[ସଅ] ପ୍ରକୃତରେ ମୃତ୍ୟୁ ବରଣ କରିଛନ୍ତି । ସେତେବେଳେ ମୋ ଆଣ୍ଠୁରେ କମ୍ପନ ସୃଷ୍ଟି ହେବାରେ ଲାଗିଲା ଏବଂ ମୁଁ ଅତି କ୍ଲାନ୍ତ ଓ ଅବଶ ହୋଇ ଭୂମି ଉପରେ ପଡିଗଲି । ସେହି ବ୍ୟକ୍ତି ଯିଏ ତରବାରୀ ଦ୍ୱାରା ଅବୁବକ୍କରଙ୍କୁ ହତ୍ୟା କରିବାକୁ ପଣ କରିଥିଲା, ସେ ବ୍ୟକ୍ତି ଅବୁବକ୍କରଙ୍କ ସତ୍ୟତାରେ ପରିପୂର୍ଣ୍ଣ ଶବ୍ଦାବଳୀ ଦ୍ୱାରା ସ୍ୱୟଂ ବଧ ହୋଇଗଲା । ଅନୁଚରମାନେ ବର୍ଣ୍ଣନା କରିଛନ୍ତି ଯେ ସେ ସମୟରେ ଆମମାନଙ୍କୁ ବିଦିତ ହେଉଥିଲା ସତେ ଯେପରି ଏହି ଆୟତ ଆଜିହିଁ ଅବତୀର୍ଣ୍ଣ ହୋଇଛି । ଏହି ସମୟରେ ମଦିନା ସହରର ଏକ ମହାନ କବି ହସାନ୍ ବିନ୍ ସାବିତ୍ ଏକ ମର୍ମସ୍ପର୍ଶୀ କବିତା ଗାୟନ କଲେ ।

كُنْتَ السَّوَادَ لِنَاظِرِىْ فَعَمِىَ عَلَىَّ النَّاظِرُ

مَنْ شَاءَ بَعْدَكَ فَلْيَمُتْ فَعَلَيْكَ كُنْتُ اُحَاذِرُ

'କୁନତସ୍ ସୱାଦା ଲିନାଜିରୀ ଫଅମୀ ଅଲୈୟନ୍ନାଜିର୍ ।
ମନ୍‌ଶାଆ ବାଆଦକା ଫଲ୍‌ୟମୁତ୍ ଫଅଲୈକା କୁନ୍‌ତୁ ଓହାଜିର୍'

(ଦିଓ୍ୱାନ ହସାନ୍ ବିନ୍ ସାବିତ୍ ପୃ ୮୯)

ଅର୍ଥାତ୍ 'ହେ ମୁହମ୍ମଦ[ସଅ] ! ତୁମେ ତ ମୋ ଆଖିର ପିତୁଳା ଥିଲ । ଆଜି ତୁମ ମୃତ୍ୟୁରେ ମୋ ଆଖି ଅନ୍ଧ ହୋଇ ଯାଇଛି । ଏବେ ତୁମ ନିଧନ ପରେ କେହିବି ମରନ୍ତୁ । ମୋର ବାପା ମରୁ କି ଭାଇ ମରୁ, ମୋର ପୁଅ ମରୁ କି ମୋର ପତ୍ନୀ କେହି ମରନ୍ତୁ ପଛକେ ମୋତେ ସେମାନଙ୍କ ମଧ୍ୟରୁ କାହାରି ମୃତ୍ୟୁର ପରବାୟ ନାହିଁ । ମୁଁ ତ କେବଳ ତୁମ ମୃତ୍ୟୁକୁ ହିଁ ଡରୁଥିଲି ।'

ଉପରୋକ୍ତ କବିତା ପ୍ରତ୍ୟେକ ମୁସଲମାନର ହୃଦୟର ସ୍ୱର ଥିଲା । ଏହା ପରେ ଅନେକ ବର୍ଷ ଧରି ମଦିନାର ଗଳିକନ୍ଦିରେ ମୁସଲିମ ମହିଳା ଓ ପିଲାମାନେ ଏହି କବିତାର ପଙ୍‌କ୍ତି ଗାନ କରି ବୁଲୁଥିଲେ ଯେ ହେ ମୁହମ୍ମଦ[ସଅ] ! ତୁମେ ତ ଆମ ଚକ୍ଷୁର ପିତୂଳା ଥିଲ । ତୁମର ମୃତ୍ୟୁରେ ଆମେମାନେ ତ ଆଜି ଅନ୍ଧ ହୋଇଗଲୁ । ଏବେ ଆମର କୌଣସି ବନ୍ଧୁ ସହୋଦର ବା ନିକଟ ସମ୍ପର୍କୀୟ ମରି ଯାଆନ୍ତୁ ପଛକେ ଆମର ସେଥିପ୍ରତି ଭୃକ୍ଷେପ ନାହିଁ । ଆମମାନଙ୍କୁ ତୁମ ମୃତ୍ୟୁର ହିଁ ଭୟ ଥିଲା ।

اللهم صلى على محمد وعلى آل محمد وبارك وسلم

ଅଲ୍ଲାହୁମ୍ମା ସଲ୍ଲେ ଅଲା ମୁହମ୍ମଦିନ୍ ଓ୍ୱ ଅଲା ଆଲେ ମୁହମ୍ମଦିନ୍ ଓ୍ୱ ବାରିକ୍ ଓ୍ୱସଲ୍ଲିମ୍

# ହଜରତ୍ ମୁହମ୍ମଦ[ସଅ]ଙ୍କ ଆଦର୍ଶ ଚରିତ୍ର

ହଜରତ୍ ମୁହମ୍ମଦ[ସଅ]ଙ୍କ ଜୀବନର ଘଟଣାବଳୀ ବର୍ଣ୍ଣନା କରିବା ପରେ ବର୍ତ୍ତମାନ ମୁଁ ତାଙ୍କ ଆଦର୍ଶ ଚରିତ୍ର ଉପରେ ଆଲୋକପାତ କରିବାକୁ ଚାହୁଁଛି । ତାଙ୍କ ମହାନ ଚରିତ୍ର ସମ୍ବନ୍ଧରେ ସେହି ତଥ୍ୟକୁ ସର୍ବସମ୍ମତି ସାକ୍ଷ୍ୟ ରୂପେ ବିବେଚନା କରାଯିବ ଯାହା ତାଙ୍କ ଜାତିର ମତାବଲମ୍ବୀମାନେ ତାଙ୍କୁ ଦେଇଛନ୍ତି । ମହାଭାଗଙ୍କ ଅବତାରତ୍ୱର ଦାବି ଘୋଷଣା ପୂର୍ବରୁ ତାଙ୍କ ଜାତି ତାଙ୍କୁ 'ଅମିନ୍' (ସଚ୍ଚୋଟ) ଓ 'ସିଦ୍ଧିକ' (ସତ୍ୟନିଷ୍ଠ)ରୂପେ ଅଭିହିତ କରିଥିଲେ ।

ସଂସାରରେ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯାହାଙ୍କ କଳଙ୍କିତ ଜୀବନ ଓ ଅସାଧୁ ଚରିତ୍ର ସମ୍ବନ୍ଧରେ କୌଣସି ତଥ୍ୟ ଜଣା ପଡେନାହିଁ । ଏପରି ମଧ୍ୟ ବହୁତ ଲୋକ ଅଛନ୍ତି, ଯାହାଙ୍କ ଜୀବନ କଠୋର ପରୀକ୍ଷାର ସମ୍ମୁଖୀନ ହେବାର ଅବକାଶ ପାଇ ନଥାନ୍ତି । ହଁ, ସେମାନେ ଅବଶ୍ୟ ସାମାନ୍ୟ ପରୀକ୍ଷା ମଧ୍ୟ ଦେଇ ଗତି କରନ୍ତି ଓ ସେମାନଙ୍କ ବିଶ୍ୱସ୍ତତା ଅକ୍ଷୁର୍ଣ୍ଣ ରହିଥିଲେ ସୁଦ୍ଧା ସେମାନଙ୍କ ଜାତି କୌଣସି ଖ୍ୟାତି ଦେଇ ସେମାନଙ୍କୁ ମନେ ପକାନ୍ତି ନାହିଁ । ସେଥିଯୋଗୁଁ ଯଦି କୌଣସି ବ୍ୟକ୍ତି କେତେକ ବିଶେଷ ଗୁଣରେ ଅନ୍ୟ ସମସ୍ତ ଲୋକଙ୍କ ଉପରେ ଶ୍ରେଷ୍ଠତା ପ୍ରାପ୍ତ କରେ, ସେତେବେଳେ ତାଙ୍କ ନାମର ଯଶଗାନ କରାଯାଏ । ଯୁଦ୍ଧରେ ଅଂଶ ଗ୍ରହଣ କରୁଥିବା ପ୍ରତ୍ୟେକ ସୈନିକ ନିଜ ଜୀବନକୁ ବିପଦରେ ପକାଇଥାଏ । ମାତ୍ର ନା ଇଂରେଜ ସରକାର ତାକୁ ଭିକ୍ଟୋରିଆ କ୍ରାସ୍‌ର ମେଡାଲ ଦିଏ, ନା ଜର୍ମାନ ଜାତି ପ୍ରତ୍ୟେକ ସୈନିକକୁ ଲୌହ କ୍ରସର ସେନା ମେଡାଲ ପ୍ରଦାନ କରେ । ଫ୍ରାନ୍ସର ନାଗରିକ ବୌଦ୍ଧିକ ଜ୍ଞାନରେ ଅଧ୍ୟବସାୟ ଲାଭ କରି ଲକ୍ଷ ଲକ୍ଷ ସଂଖ୍ୟାରେ ବୃତ୍ତି କରନ୍ତି, ମାତ୍ର ସମସ୍ତଙ୍କୁ Legion of Honourର ବେଲ୍‌ଟ ମିଳେ ନାହିଁ । ସୁତରାଂ କୌଣସି ବ୍ୟକ୍ତି ସାଧୁ ବା ସତ୍ୟନିଷ୍ଠ ହେବା ତାହାର ଶ୍ରେଷ୍ଠତ୍ୱ ଉପରେ ବିଶେଷ ପ୍ରଭାବ ପକାଏ ନାହିଁ । କିନ୍ତୁ କୌଣସି ବ୍ୟକ୍ତିକୁ ସମସ୍ତ ଜାତିର ଲୋକ ସାଧୁ ଓ ସତ୍ୟବାଦୀର ଉପାଧି ଦେବା ଏକ ଅସାଧାରଣ ବିଷୟ ନିଶ୍ଚୟ । ଯଦି ମକ୍କାର ଲୋକ ପ୍ରତ୍ୟେକ ବଂଶରୁ କୌଣସି ବ୍ୟକ୍ତିକୁ ସାଧୁ ଓ ସତ୍ୟନିଷ୍ଠ ହେବାର ଆଖ୍ୟା ଦେଇଥା'ନ୍ତେ, ତେବେ ମଧ୍ୟ ଆଖ୍ୟା ବହନକାରୀ ବ୍ୟକ୍ତି ମହାପୁରୁଷ ରୂପେ ବିବେଚିତ ହୋଇଥା'ନ୍ତେ । କିନ୍ତୁ ଆରବର ଇତିହାସ କୁହେ

ଯେ ସେହି ଲୋକମାନଙ୍କ କୌଣସି ବଂଶରୁ କେବେ କେହି ବ୍ୟକ୍ତିଙ୍କୁ ଏପରି ଉପାଧି ଦିଆଯାଇନାହିଁ । ମାତ୍ର ଶହ ଶହ ବର୍ଷ ଇତିହାସରେ କେବଳ ଏକ ମାତ୍ର ଉଦାହରଣ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ପାଇଁ ମିଳିଥାଏ ଯେ ତାଙ୍କୁ ସମଗ୍ର ଆରବ ଜାତି 'ଅମିନ' ଓ 'ସିଦ୍ଦିକ'ର ଉପାଧିରେ ଭୂଷିତ କରିଥିଲେ । ସୁତରାଂ ଶତ ସହସ୍ର ବର୍ଷର ପୁରୁଣା ଆରବ ଇତିହାସରେ ଏକ ସୁନାମଧନ୍ୟ ଜାତିର ଏକମାତ୍ର ବ୍ୟକ୍ତିଙ୍କୁ ଏହି ନାମରେ ଆଖ୍ୟାୟିତ କରିବା ସ୍ପଷ୍ଟ ପ୍ରମାଣ ଦର୍ଶାଉଛି ଯେ ସେହି ବ୍ୟକ୍ତିର ସାଧୁତାପଣ ଓ ସତ୍ୟବାନ ହେବା ଏପରି ଉଚ୍ଚକୋଟୀର ଥିଲା, ଯାହାର ଦୃଷ୍ଟାନ୍ତ ଆରବର କୌଣସି ବ୍ୟକ୍ତିଙ୍କ ଠାରେ ମିଳି ନଥିଲା । ଆରବୀୟମାନେ ନିଜ ସୂକ୍ଷ୍ମ ବିଚାର ଦୃଷ୍ଟିକୋଣରୁ ସଂସାରରେ ପ୍ରସିଦ୍ଧି ଲାଭ କରିଥିଲେ । ଏହି କାରଣରୁ କୁହାଯିବ ଯେ ଯେଉଁ ବସ୍ତୁକୁ ସେମାନେ ଅନୁପମ କହୁଥିଲେ, ତାହା ନିଶ୍ଚିତ ରୂପେ ସଂସାରରେ ଅନୁପମ ହେବାର ଯୋଗ୍ୟ ବିବେଚିତ ହେଉଥିଲା ।

ଏତଦ୍‌ବ୍ୟତୀତ ତାଙ୍କ ଚରିତ୍ର ସମ୍ବନ୍ଧରେ ଅବତାରତ୍ୱ ପ୍ରାପ୍ତି ପରେ ତାଙ୍କ ଧର୍ମପତ୍ନୀ ହଜରତ ଖଦିଜା[ରଅ] ଯେଉଁ ସର୍ବସମ୍ମତ ସାକ୍ଷ୍ୟ ପ୍ରଦାନ କରିଛନ୍ତି, ତାହାର ଉଲ୍ଲେଖ ତାଙ୍କ ଜୀବନ କାହାଣୀ ମଧ୍ୟରେ ପୂର୍ବରୁ କରାଯାଇଛି । ଏବେ ମୁଁ ସାମୁହିକ ଭାବରେ ତାଙ୍କ ଆଦର୍ଶ ଚରିତ୍ର ଉପରେ ଆଲୋକପାତ କରିବା ପାଇଁ କେତେକ ଉଦାହରଣ ଉପସ୍ଥାପନ କରିବି, ଯଦ୍ଦ୍ୱାରା ତାଙ୍କ ଜୀବନାଦର୍ଶ ଭିତ୍ତିକ ମଗାନ ଚରିତ୍ରାବଳୀର ଅନେକ ଗୋପନ ଦିଗ ପ୍ରତି ଏହି ପ୍ରବନ୍ଧରେ ପାଠକମାନଙ୍କ ଦୃଷ୍ଟି ପଡି ପାରିବ ।

## ହଜରତ ମୁହମ୍ମଦ[ସଅ]ଙ୍କ ବାହ୍ୟ ଓ ଅନ୍ତରୀଣ ସ୍ୱଚ୍ଛଗୁଣ

ଦିବ୍ୟ ବାର୍ତ୍ତାବହ ମୁହମ୍ମଦ[ସଅ]ଙ୍କ ସମ୍ବନ୍ଧରେ ପ୍ରମାଣ ମିଳୁଛି ଯେ ନା ସେ କେବେ କଥାବାର୍ତ୍ତାରେ କୌଣସି ଅପଶବ୍ଦ ପ୍ରୟୋଗ କରୁଥିଲେ ନା ଅଯଥାରେ ରାଣ ଖାଉଥିଲେ (ବୁଖାରି, କିତାବୁଲ୍ ଅଦବ୍) । ଆରବ ଦେଶରେ ରହିବା ସତ୍ତ୍ୱେ ଏପରି ଗୁଣ ପ୍ରକାଶ କରିବା ଏକ ଅସାଧାରଣ ବିଷୟ ଥିଲା । ଆମେ ଏହା ତ କହିପାରିବା ନାହିଁ ଯେ ଅଶ୍ଳୀଳତା ଆରବୀୟଙ୍କ ସ୍ୱଭାବରେ ମିଶି ରହିଥିଲା । କିନ୍ତୁ ନିଃସନ୍ଦେହରେ ମିଥ୍ୟା ରାଣ ପକାଇବା ସେମାନଙ୍କର ଅଭ୍ୟାସଗତ ଥିଲା ଏବଂ ଆଜି ମଧ୍ୟ ଏହା ପ୍ରଚଳିତ ଅଛି । କିନ୍ତୁ ମୁହମ୍ମଦ[ସଅ]ଙ୍କ ମାନସ ପଟଳରେ ପ୍ରଭୁଙ୍କ ମହିମା ଓ ପ୍ରତିଷ୍ଠା ଏତେ ଅଧିକ ଥିଲା ଯେ ରସୁଲୁଲ୍ଲାଃ[ସଅ] ଅକାରଣରେ ତାହାଙ୍କ ନାମ ନେଇ ରାଣ ଖାଇବାକୁ କଦାପି ପସନ୍ଦ

କରୁ ନଥିଲେ । ତାଙ୍କୁ ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ରହିଥିଲା । ସେ ସଦା ସର୍ବଦା ଦନ୍ତ ମଞ୍ଜନ କରୁଥିଲେ ଓ ଏହା କରିବା ଉପରେ ଏପରି ଜୋର୍ ଦେଉଥିଲେ ଯେ ମହାଭାଗ ଅନେକ ଥର ଏହା କହି ଦେଉଥିଲେ, 'ଯଦି ମୁସଲମାନମାନେ କଷ୍ଟରେ ପଡିଯିବାର ମୋର ଭୟ ନଥାନ୍ତା, ତା'ହେଲେ ପ୍ରତ୍ୟେକ ନମାଜ ପୂର୍ବରୁ ସେମାନେ ଦାନ୍ତ ଘଷିବା ପାଇଁ ମୁଁ ଆଦେଶ ଦିଅନ୍ତି ।' (ମିସକାତ କିତାବୁଲ୍ ତହାରତ)

ସେ ଭୋଜନ କରିବା ପୂର୍ବରୁ ହାତ ଧୋଉଥିଲେ ତଥା ଭୋଜନ ପରେ ମଧ୍ୟ ହାତ ଧୋଉଥିଲେ ଓ କୁଳି କରୁଥିଲେ । ଏପରିକି ପ୍ରତ୍ୟେକ ପାଚିଲା ବା ଶିଝିଲା ଖାଦ୍ୟ ଖାଇବା ପରେ କୁଳି କରୁଥିଲେ । ଏହି ପ୍ରକାର ବସ୍ତୁ ଖାଇବା ପରେ କୁଳି ନ କରି ନମାଜ ପଢିବାକୁ ପସନ୍ଦ କରୁ ନଥିଲେ । (ବୁଖାରି କିତାବୁଲ୍ ଅତଆମହ)

ମସଜିଦ୍ ହେଉଛି ମୁସଲମାନମାନଙ୍କୁ ଏକତ୍ରିତ ହେବାର ଏକମାତ୍ର ପବିତ୍ର ସ୍ଥାନ । ତାହାର ସ୍ୱଚ୍ଛତା ପ୍ରତି ସେ ବିଶେଷ ଧ୍ୟାନ ଦେଉଥିଲେ । ତେଣୁ ସେ ମୁସଲମାନମାନଙ୍କୁ ବିଶେଷ ସମାରୋହ ହେଉଥିବା ଦିନମାନଙ୍କରେ ମସଜିଦ୍‌କୁ ପରିଷ୍କାର ପରିଚ୍ଛନ୍ନ କରି ରଖିବା ପାଇଁ ପ୍ରେରଣା ଦେଉଥିଲେ । ବିଶୁଦ୍ଧ ବାୟୁ ପାଇବା ପାଇଁ ତହିଁରେ ସୁଗନ୍ଧିତ ଦ୍ରବ୍ୟ ପକାଇବାର ବ୍ୟବସ୍ଥା କରୁଥିଲେ । (ମିଶକାତ କିତାବୁସ୍ ସଲାତ୍) । ସେହିପରି ଅନୁଚରମାନଙ୍କ ସର୍ବଦା ସମାରୋହର ଅବକାଶରେ ଦୁର୍ଗନ୍ଧ ଜାତ ଦ୍ରବ୍ୟ ଖାଇ ନଆସିବା ପାଇଁ ଉପଦେଶ ଦେଉଥିଲେ । (ବୁଖାରି କିତାବୁଲ ଅତଆମହ) । ସେହି ରାସ୍ତାଘାଟରେ ପଡିଥିବା ଅଳିଆ ଆବର୍ଜନା ଇଟା ପଥର କିମ୍ବା ଅନ୍ୟ କୌଣସି ବାଧା ଉପୁଜାଇବା ପଦାର୍ଥ ଦେଖିଲେ ସେହି ସବୁ ଦ୍ରବ୍ୟକୁ ହଟାଇ ସଡକ ସଫା ସୁତୁରା ରଖିବା ପାଇଁ ଉପଦେଶ ଦେବା ସଙ୍ଗେ ସଙ୍ଗେ ନିଜେ ମଧ୍ୟ ଉଠାଇ ସଡକର ଏକ କଡରେ ପକାଇ ଦେଉଥିଲେ । ସେ ସର୍ବଦା କହୁଥିଲେ ଯେ ଯେଉଁ ବ୍ୟକ୍ତି ସଡକର ସ୍ୱଚ୍ଛତା ପ୍ରତି ଧ୍ୟାନ ଦିଏ । ଅଲ୍ଲାଃ ତାଙ୍କ ପ୍ରତି ପ୍ରସନ୍ନ ହୁଅନ୍ତି । ସେପରି ବ୍ୟକ୍ତି ପୁଣ୍ୟ ପ୍ରାପ୍ତିର ଅଧିକାରୀ ହୋଇଯାଏ । (ମୁସଲିମ୍ କିତାବୁଲ୍ ବିରଂଓ୍ୱସିଲ୍ହ) । ଏହିପରି ସେ କହୁଥିଲେ ଯେ ମାର୍ଗକୁ ରୋକିବା ଠିକ ନୁହେଁ । ରାସ୍ତା ଉପରେ ବସିବା ତଥା ଏପରି ବସ୍ତୁ ରଖିଦେବା ଯଦ୍ୱାରା ଯାତ୍ରୀମାନେ ଅସୁବିଧା ଭୋଗ କରିବା କିମ୍ବା ବାଟରେ ମଳମୂତ୍ର ତ୍ୟାଗ କରିବା ଆଦି କାର୍ଯ୍ୟକୁ ପ୍ରଭୁ ପସନ୍ଦ କରନ୍ତି ନାହିଁ । (ମିଶକାତ୍ କିତାବୁତ୍ ତହାରତ) ।

ଜଳର ବିଶୁଦ୍ଧତା ପ୍ରତି ମଧ୍ୟ ସେ ବିଶେଷ ଧ୍ୟାନ ଦେଉଥିଲେ । ସେ ନିଜ ଅନୁଚରମାନଙ୍କୁ ସର୍ବଦା ଅବରୁଦ୍ଧ ହୋଇ ରହୁଥିବା ପାଣିକୁ ମଇଳା ନ କରିବା ପାଇଁ

ଉପଦେଶ ଦେଉଥିଲେ । ସେହିପରି ନିଷ୍କାସିତ ହୋଇ ପାରୁ ନଥିବା ଜଳକୁ ଶୌଚ୍ଛାଦିରେ ବ୍ୟବହାର କରିବାରୁ ସେମାନଙ୍କୁ ସେ ଦୃଢ ଭାବରେ ରୋକୁଥିଲେ।

## ଖାଦ୍ୟପେୟରେ ସରଳତା ଓ ସନ୍ତୁଳନ

ସେ ନିରାଡମ୍ବର ଓ ସନ୍ତୁଳିତ ଆହାର ପ୍ରତି ସର୍ବଦା ଦୃଷ୍ଟି ଦେଉଥିଲେ । ଯଦି କେବେ ଭୋଜନରେ ଲୁଣ ଅଧିକ ହୋଇଯାଉଥିଲା ବା ଅଲଣା ଲାଗୁଥିଲା, ଅଥବା ରନ୍ଧାଖାଦ୍ୟ ଭଲ ନହୋଇ ଥିଲେ ମଧ୍ୟ ସେ କେବେ ବିରକ୍ତ ହେଉ ନଥିଲେ । ଏପରି ଖାଦ୍ୟ ଆହରଣ କରି ସେ ରାନ୍ଧୁଣିଆ ମନରେ କଷ୍ଟ ନଦେବାକୁ ଯଥା ସମ୍ଭବ ପ୍ରୟାସ କରୁଥିଲେ । ଯଦି ବି କେବେ ଖାଦ୍ୟ ଅରୁଚିକର ବୋଧ ହେଉଥିଲା, ସେ କେବଳ ଖାଇବାରୁ ନିଜ ହାତ ଯଥାସମ୍ଭବ ରୋକି ଦେଉଥିଲେ ଓ ତାଙ୍କୁ ସେହି ଖାଦ୍ୟ ଆଦୌ ଭଲ ଲାଗୁନାହିଁ ବୋଲି ସେ କେବେ ମୁହଁରେ ପ୍ରକାଶ କରୁ ନଥିଲେ। (ବୁଖାରି, କିତାବୁଲ୍ ଅତଆମହ ମନ୍ ଅବି ହୁରୈରା) । ଯଦି ସେ ଭୋଜନ କରିବାରେ ଲାଗୁଥିଲେ । ତେବେ ସେ ଖାଇବା ପ୍ରତି ମନଯୋଗୀ ହୋଇ ବସୁଥିଲେ ଏବଂ କହୁଥିଲେ, ମୋତେ ସେମାନଙ୍କ ଅହଂକାର ପୂର୍ଣ୍ଣ ଆଚରଣ ପସନ୍ଦ ଲାଗେ ନାହିଁ,ଯେଉଁମାନେ ଖାଇବା ସ୍ଥାନରେ ଭୋଜନ କରିବା ପ୍ରତି ସ୍ପୃହା ନଥିଲା ଭଳି ଆଡେଇ ହୋଇ ବସନ୍ତି । (ବୁଖାରି, କିତାବୁଲ ଅତଆମହ) । ଯେତେବେଳେ ମହାଭାଗଙ୍କ ପାଇଁ କୌଣସି ଖାଦ୍ୟ ପଦାର୍ଥ ଆସୁଥିଲା, ସେ ନିଜ ଅନୁଚରଙ୍କ ଗହଣରେ ବାଣ୍ଟି ଖାଉଥିଲେ । ଥରେ ମହାଭାଗଙ୍କ ନିକଟକୁ କେତେକ ଖଜୁରୀ ଆସିଲା । ସେ ଅନୁମାନ ଲଗାଇଲେ ଯେ ଜଣକ ପିଛା ସାତୋଟି ଲେଖାଏଁ ଖଜୁରୀ ଭାଗ ପଡୁଛି । ସେଠାରେ ଉପସ୍ଥିତ ସବୁ ସଦସ୍ୟଙ୍କ ମଧ୍ୟରେ ସାତୋଟି କରି ଖଜୁରି ବିତରଣ କରିଦେଲେ (ବୁଖାରି, କିତାବୁଲ୍ ଅତଆମହ ମନ ଅବି ହୁରୈରା) ତାଙ୍କର ଜଣେ ଅନ୍ତରଙ୍ଗ ସହଚର ହଜରତ ଅବୁହୁରୈରା[ରଅ] କହିଛନ୍ତି: ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଜଅର ଅଟାରେ ତିଆରି ରୁଟି କଦାପି ପେଟଭରି ଖାଇ ନାହାନ୍ତି। (ବୁଖାରି, କିତାବୁଲ୍ ଅତଆମହ)

ଥରେ ମହାଭାଗ ରାସ୍ତାରେ ଯାଉଥିବା ବେଳେ ଦେଖିଲେ ଯେ ଏକ ଛେଳିର ରନ୍ଧା ମାଂସ ଲୋକମାନଙ୍କ ସମ୍ମୁଖରେ ଥୁଆ ହୋଇଥିଲା ଓ ନିମନ୍ତ୍ରିତ ବ୍ୟକ୍ତିମାନେ ଏହାର ମଜା ଉଠାଇ ଖାଇବାରେ ମାତିଥିଲେ । ସେମାନେ ତାଙ୍କୁ ଖାଇବା ପାଇଁ ଡାକିଲେ, କିନ୍ତୁ ମହାଭାଗ ଯିବାକୁ ମନା କରିଦେଲେ । (ବୁଖାରି, କିତାବୁଲ୍ ଅତଆମହ) ସେ ନଯିବାର କାରଣ ଏହା ନଥିଲା ଯେ ସେ ରନ୍ଧା ମାଂସ ଖାଆନ୍ତି ନାହିଁ । ବରଂ

ସେମାନଙ୍କର ଆଡମ୍ବର ତାଙ୍କୁ ପସନ୍ଦ ନଥିଲା ଯେ ଆଖପାଖରେ ଗରିବ ଲୋକ ଭୋକ ଉପାସରେ ଆଉଟୁ ପାଉଟୁ ହେଉଥିବେ, ଅଥଚ ସେମାନଙ୍କ ଆଖି ଆଗରେ ଲୋକମାନେ ଛେଳିର ମାଂସ ଶିଝାଇ ଖାଉଥିବେ । ଅନ୍ୟଥା ଅନ୍ୟ ହଦିସ୍‌ରୁ ସେ ଶିଝା ମାଂସ ଖାଉଥିବାର ପ୍ରମାଣ ମିଳୁଛି ।

ହଜରତ ଆଇଶା[ରଅ] ବର୍ଣ୍ଣନା କରିଛନ୍ତି ଯେ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ନିଜ ଜୀବଦ୍ଦଶାରେ କେବେ ତିନିଦିନ କ୍ରମାଗତ ଭାବରେ ପେଟଭରି ଖାଇ ନାହାନ୍ତି । ଏହି ଆଚରଣ ମୃତ୍ୟୁ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । (ବୁଖାରି, କତାବୁଲ୍ ଅତଆମହ) ଭୋଜନ ସଂବନ୍ଧରେ ସେ ଏଥିପ୍ରତି ବିଶେଷ ଧ୍ୟାନ ଦେଉଥିଲେ ଯେ କୌଣସି ବ୍ୟକ୍ତି ବିନା ନିମନ୍ତ୍ରଣରେ କାହାଘରକୁ ଖାଇବାକୁ ଚାଲି ନଯାଉ । ଜଣେ ବ୍ୟକ୍ତି ତାଙ୍କୁ ନିଜ ଘରକୁ ନିମନ୍ତ୍ରଣ କଲେ ଓ ଅନ୍ୟ ଚାରିଜଣ ବ୍ୟକ୍ତିଙ୍କୁ ସାଥିରେ ନେଇଯିବା ପାଇଁ ଅନୁରୋଧ କଲେ । ଯେତେବେଳେ ସେ ତାଙ୍କ ଗୃହର ଦ୍ୱାର ନିକଟରେ ପହଞ୍ଚିଲେ ତାଙ୍କୁ ଜଣା ପଡିଲା ଯେ ଜଣେ ପଞ୍ଚମ ବ୍ୟକ୍ତି ମଧ୍ୟ ମହାଭାଗଙ୍କ ସହିତ ଯାଇଛନ୍ତି । ଗୃହ କର୍ତ୍ତା ବାହାରକୁ ଆସିବାରୁ ହଜରତ୍ ମୁହମ୍ମଦ[ସଅ] ତାଙ୍କୁ କହିଲେ 'ଆପଣ ମୋ ସମେତ ପାଞ୍ଚଜଣ ବ୍ୟକ୍ତିଙ୍କୁ ଖାଇବା ପାଇଁ ଆମନ୍ତ୍ରିତ କରିଛନ୍ତି । ଆପଣ ଚାହିଲେ ସେହି ଅଧିକ ବ୍ୟକ୍ତିକୁ ମଧ୍ୟ ଆତିଥ୍ୟ ଦେବାପାଇଁ ଅନୁମତି ଦେଇପାରନ୍ତି ଓ ଯଦି ଚାହିବେ ତାଙ୍କୁ ମନା କରି ଦେଇପାରନ୍ତି ।' ତହୁଁ ଗୃହକର୍ତ୍ତା କହିଲେ, 'ନା, ମୁଁ ତାଙ୍କୁ ମଧ୍ୟ ଅତିଥିମାନଙ୍କ ମଧ୍ୟରେ ସମ୍ମିଳିତି କରୁଛି । ସେ ମଧ୍ୟ ଗୃହ ଭିତରକୁ ଆସନ୍ତୁ ।'

ଯେତେବେଳେ ମହାଭାଗ ଭୋଜନ ଆରମ୍ଭ କରୁଥିଲେ, ସର୍ବଦା 'ବିସମିଲ୍ଲାଃ' କହୁଥିଲେ ଓ ଭୋଜନ ସମାପ୍ତ କରି ସାରି ନିମ୍ନୋକ୍ତ ବାକ୍ୟ ଦ୍ୱାରା ଅଲ୍ଲାଃଙ୍କ ଯଶଗାନ କରୁଥିଲେ ।

اَلْحَمْدُ لِلّٰهِ حَمْدًا كَثِيْرًا طَيِّبًا مُبَارَكًا فِيْهِ غَيْرَ مُكْفِيٍّ وَّلَا مُوَدَّعٍ
وَلَا مُسْتَغْنًى عَنْهُ رَبَّنَا

'ଅଲ୍ ହମଦୁ ଲିଲ୍ଲାହି ହମ୍‌ଦନ୍ କସିରନ୍ ତିୟେବନ୍ ମୁବାରକନ୍ ଫିହେ; ଗୈରା ମୁକ୍‌ଫିଇନ୍ ଓ୍ୱଲା ମୁଅଦଦଇନ୍ ଓ୍ୱଲା ମୁସ୍‌ତଗ୍‌ନିନ୍ ଅନ୍‌ହୋ ରବ୍‌ବନା ।'

ଅର୍ଥାତ୍ ମୁଁ ସେହି ମହାପ୍ରଭୁଙ୍କ ଯଶଗାନ କରୁଛି ଯିଏ ମୋତେ ଆହାର ଖୁଆଇଲେ । ସେ ହିଁ ସମସ୍ତ ପ୍ରକାର ଶ୍ରେଷ୍ଠ ପ୍ରଶଂସା ତଥା ଯଶଗାନର ପାତ୍ର । ସେ ପ୍ରତ୍ୟେକ ପ୍ରକାର ହୀନମନ୍ୟତା ଓ ଦୋଷତ୍ରୁଟିରୁ ବଞ୍ଚିତ । ସେହିଁ ବିଶୁଦ୍ଧ ଦିବ୍ୟମୟ

ତଥା ସର୍ବବ୍ୟାପକ । 'ହେ ପ୍ରଭୁ ! ମୋ ମନରେ ଏହି କୁଭାବନା କେବେ ଉତ୍ପନ୍ନ ନ ହେଉ ଯେ ମୁଁ ଧନ୍ୟବାଦ ସ୍ୱରୂପ ଯେତେ ଗୁଣଗାନ କଲି, ତାହା ପର୍ଯ୍ୟାପ୍ତ ହୋଇଗଲା ଓ ଏହାଠାରୁ ଅଧିକ ଯଶଗାନ କରିବାର ଆବଶ୍ୟକତା ନାହିଁ କିମ୍ବା ତାହା ପ୍ରଶଂସାର ଯୋଗ୍ୟ ନୁହେଁ । ହେ ଆମ୍ଭ ପାଳନକର୍ତ୍ତା ! ଆମକୁ ଏହିପରି କରିଦିଅ ।' ଅନ୍ୟ କେତେକ ସ୍ଥାନରେ ଏପରି ବ୍ୟାଖ୍ୟା ରହିଛି:

اَلْحَمْدُ لِلّٰهِ الَّذِیْ كَفَانَا وَاَرْوَانَا غَیْرَ مُكْفِیٍّ وَلَا مَكْفُوْرٍ

ଅଲ୍ ହମ୍ଦୁ ଲିଲ୍ଲାହିଲ୍ ଲଜି କଫାନା ଓ୍ୱ ଅର୍ଓ୍ୱାନା ଗୈରା ମୁକ୍ଫିନ୍ ଓ୍ୱଲା ମକ୍ଫୁର୍ ।

ଅର୍ଥାତ୍ 'ସମସ୍ତ ପ୍ରଶଂସାର ଅଧିକାରୀ ସେହି ଅଲ୍ଲାଃ, ଯିଏ ଆମର କ୍ଷୁଧା ଓ ତୃଷ୍ଣା ନିବାରଣ କରିଦେଲେ । ଆମ ହୃଦୟ ତାହାଙ୍କ ପ୍ରଶଂସାରେ ଶତମୁଖ ହେବାରେ କେବେ ଭରି ନ ଯାଉ ଓ ମନ ତୃପ୍ତ ନହେଉ । ଆମେ କଦାପି ତାହାଙ୍କର କୃତଘ୍ନ ନ ହୋଇଯାଉ ।'(ବୁଖାରି, କିତାବୁଲ୍ ଅତଆମହ)

ମହାଭାଗ ନିଜ ଅନୁଚରମାନଙ୍କୁ ସର୍ବଦା ଉପଦେଶ ଦେଉଥିଲେ ଯେ ପେଟ ଭର୍ତ୍ତି ହେବା ପୂର୍ବରୁ ଖାଦ୍ୟ ଖାଇବା ଛାଡିଦିଅ । ଜଣେ ବ୍ୟକ୍ତିର ଆହାର ଦୁଇ ଜଣ ବ୍ୟକ୍ତିଙ୍କ ପାଇଁ ପର୍ଯ୍ୟାପ୍ତ ହେବା ଉଚିତ । (ବୁଖାରି, କତାବୁଲ୍ ଅତଆମହ) । ସେହିପରି ମହାଭାଗ ନିଜ ପଡୋଶୀଙ୍କ ଘରକୁ ଅଧିକାଂଶ ସମୟରେ ଉପହାର ପଠାଉଥିଲେ (ବୁଖାରି, କିତାବୁଲ୍ ଅଦବ୍) ସେ ନିଜର ଅସହାୟ ଥିବା ଅନୁଚରଙ୍କ ଚେହେରାକୁ ପଢି ଜାଣିବାକୁ ବ୍ୟଗ୍ର ଥିଲେ ସେ ସେମାନଙ୍କ ମଧ୍ୟରେ କେହି କ୍ଷୁଧାର୍ତ୍ତ ରହିଛି କି ନାହିଁ । ହଜରତ ଅବୁହୁରୈରା[ରଅ] ବର୍ଣ୍ଣନା କରିଛନ୍ତି ଯେ ଥରେ ସେମାନେ ଅନେକ ଦିନ ପର୍ଯ୍ୟନ୍ତ ଅନାହାରରେ ପୀଡିତ ରହିଲେ । ଦିନେ ଦୀର୍ଘ ସମୟ ଧରି କୌଣସି ଭୋଜନ ନମିଳିବା ଯୋଗୁଁ ସେମାନେ ଭୋକରେ ବ୍ୟାକୁଳ ହୋଇ ମସଜିଦ୍‌ର ଦ୍ୱାରା ସମ୍ମୁଖରେ ଯାଇ ଛିଡା ହୋଇଗଲେ । ସଂଯୋଗ ବଶତଃ ହଜରତ ଅବୁବକର[ରଅ] ସେହି ବାଟରେ ଯାଉଥିଲେ । ତାଙ୍କୁ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଏପରି ଏକ କୁରଆନ୍ ବାଣୀର ଅର୍ଥ ପଚ୍ଚରିଲେ, ଯହିଁରେ ଗରିବକୁ ଆହାର ଯୋଗାଇବାର ଆଦେଶ ରହିଛି । ଅବୁବକର[ରଅ] ତା'ର ସେହି ପ୍ରଶ୍ନରୁ ବୁଝିଲେ ଯେ ବୋଧହୁଏ ଏହି ଆୟତର ଅର୍ଥ ତାଙ୍କୁ ଜଣା ନଥିବ । ତେଣୁ ଏହାର ଅର୍ଥ ବତାଇ ଦେଇ ସେ ଚ୍ଚଲିଗଲେ । ଲୋକ ମାନଙ୍କ ଆଗରେ ସେହି ବିଷୟକୁ ବର୍ଣ୍ଣନା କଲାବେଳେ ସେହି ବ୍ୟକ୍ତି କ୍ରୋଧିତ ହୋଇ କହୁଥିଲେ, 'କଣ ଅବୁବକର[ରଅ] ମୋ ଠାରୁ ଅଧିକ କୁରଆନ୍ ଜାଣିଥିଲା ? ମୁଁ ତାକୁ

ଏହାର ଅର୍ଥ ପଚ୍ଚରିବାର ରହସ୍ୟ ହେଉଛି ଯେ ସେଥିରେ ନିହିତ ଗୁଢମର୍ମ ପ୍ରତି ତାଙ୍କ ଧ୍ୟାନ ଆକର୍ଷିତ ହୋଇଯିବ ଯଦ୍ୱାରା ସେ ମୋତେ କିପରି ଭୋଜନ କରାଇଦିଅନ୍ତେ । ସେତିକି ବେଳେ ହଜରତ ଉମର[ରଅ] ସେହି ବାଟ ଦେଇ ଗଲେ । ଅବୁ ହୁରୈରା[ରଅ] କହୁଛନ୍ତି 'ମୁଁ ତାଙ୍କୁ ମଧ୍ୟ ସେହ ଆୟତର ଅର୍ଥ ପଚ୍ଚରିଲି । ସେ ଏହାର ଅର୍ଥ ବୁଝାଇ ଦେଇ ଚ୍ଚଲିଗଲେ ।' ତେବେ ଏହି ଘଟଣାରୁ ଜଣାପଡୁଛି ଯେ ବୁଭୁକ୍ଷୁ ଥିବା ଅନୁଚରମାନେ ଖାଇବାକୁ ମାଗିବା କଥାକୁ ଖରାପ ଭାବୁଥିଲେ । ଯେତେବେଳେ ଅବୁହୁରୈରାଃ[ରଅ] ଦେଖିଲେ ଯେ ନମାଗିଲେ ଭୋଜନ ପାଇଁ ଖାଦ୍ୟ ମିଳିବାର କୌଣସି ଉପାୟ ଦେଖା ଯାଉନାହିଁ, ସେ ନିଜେ ମଧ୍ୟ ଦୀର୍ଘ ଦିନ ଧରି ଭୋକିଲା ରହିଥିବା ଯୋଗୁଁ ମୁର୍ଚ୍ଛା ହୋଇ ତଳେ ପଡିଗଲେ । କାରଣ ଅଧିକ ସମୟ ସେଠାରେ ଛିଡା ହେବା ପାଇଁ ତାଙ୍କର ଧୈର୍ଯ୍ୟ ଶକ୍ତି ନଥିଲା । ସେ ବର୍ଣ୍ଣନା କରୁଛନ୍ତି 'ମୁଁ ସେହି ଦ୍ୱାର ନିକଟରେ ମୁହଁ ଫେରାଇ ଉଠିବା ମାତ୍ରେ ମୋ କାନରେ ଅତି ମଧୁର ଓ ସ୍ନେହାସିକ୍ତ ସ୍ୱର ଶୁଣାଗଲା । କେହି ମୋତେ ଡାକି କହୁଥିଲା, 'ହେ ଅବୁହୁରୈରା ! ହେ ଅବୁହୁରୈରା !' ମୁଁ ବୁଲିପଡି ଦେଖୁଛି ଯେ ରସୁଲୁଲ୍ଲାଃ[ସଅ] ନିଜ ଗୃହର ଝରକା ଖୋଲି ଛିଡା ହୋଇଥିଲେ ଓ ମୁରୁକି ମୁରିକି ହସୁଥିଲେ । ମୋତେ ଦେଖି ସେ କହିଲେ, 'ଅବୁହୁରୈରା ! କ'ଣ ତୁମେ ଭୋକିଲା ଅଛ ?' ମୁଁ କହିଲି - 'ହଁ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଭୋକିଲା ଅଛି ।' ତହୁଁ ସେ କହିଲେ, 'ଆମ ଘରେ ମଧ୍ୟ ଖାଇବା ପାଇଁ କିଛି ହେଲେ ନଥିଲା । ବର୍ତ୍ତମାନ ଜଣେ ବ୍ୟକ୍ତି ଏକ ପାତ୍ରରେ କ୍ଷୀର ପଠାଇଛନ୍ତି । ତୁମେ ମସଜିଦ୍‌କୁ ଯାଇ ଦେଖ । କାଳେ ଆମମାନଙ୍କ ପରି ଅନ୍ୟ କୌଣସି ମୁସଲମାନ ମଧ୍ୟ ସମଦଶା ଭୋଗ କରୁଥିବେ, ଯାହାକୁ ଭୋଜନର ଆବଶ୍ୟକତା ଥିବ ।' ଅବୁହୁରୈରା[ରଅ] ମନେ ମନେ ଭାବିଲେ ମୋତେ ଏପରି ଭୋକ ଲାଗୁଛି ଯେ ମୁଁ ଏକାକୀ ସେହି କ୍ଷୀର ପାତ୍ରରୁ ସବୁ ପିଇଦେବି । ଏବେ ପୁଣି ରସୁଲୁଲ୍ଲାଃ ଅନ୍ୟ ଲୋକମାନଙ୍କୁ ମଧ୍ୟ କ୍ଷୀର ପିଇବା ସକାଶେ ଡାକି କହିଲେଣି । ଏପରି ସ୍ଥିତିରେ ମୋତେ ତ ବହୁତ ଅଳ୍ପ କ୍ଷୀର ହିଁ ମିଳିବ । ତେବେ ମୁହମ୍ମଦ[ସଅ]ଙ୍କ ଆଦେଶ ଶିରୋଧାର୍ଯ୍ୟ । ସୁତରାଂ ସେ ମସଜିଦ୍ ଭିତରକୁ ଯାଇ ଦେଖିଲେ ସେଠାରେ ଆହୁରି ଛଅଜଣ ବ୍ୟକ୍ତି ବସିଛନ୍ତି । ସେମାନଙ୍କୁ ସାଥିରେ ନେଇ ସେ ମୁହମ୍ମଦ[ସଅ]ଙ୍କ ଦ୍ୱାର ନିକଟରେ ପହଞ୍ଚିଲେ । ମହାଭାଗ ସେହି ନବୀ ଆଗନ୍ତୁକ ଛଅଜଣ ବ୍ୟକ୍ତିଙ୍କ ମଧ୍ୟରୁ କୌଣସି ଜଣେ ବ୍ୟକ୍ତିଙ୍କ ହାତରେ କ୍ଷୀର ପାତ୍ର ଧରାଇ ଦେଇ କହିଲେ, 'ଏହାକୁ ପିଇନିଅ ।' ଯେବେ ସେ କ୍ଷୀର ପିଇ ସାରି ପାତ୍ରଟିକୁ ନିଜ ମୁହଁରୁ ଅଲଗା କଲା, ମହାଭାଗ ଆଗ୍ରହ ପ୍ରକାଶ କରି କହିଲେ, 'ତୁମେ ଆହୁରି ପିଅ ।' ତୃତୀୟ ଥର ମଧ୍ୟ କହିଲେ 'ଆହୁରି ପିଅ ।' ଏହା ଦେଖି ଅବୁହୁରୈରାଃ[ରଅ] ମନେମନେ

ପ୍ରତ୍ୟେକ ଥର ଆପଣାକୁ କହୁଥିଲେ, 'ଏବେ ମୁଁ ମଲି । ମୋର କିବା ଆଉ ଭାଗ ପଡିବ ?' କିନ୍ତୁ ଯେତେବେଳେ ସମସ୍ତ ଛଅ ଜଣଯାକ କ୍ଷୀର ପାନ କରିସାରିଲେ, ରସୁଲୁଲ୍ଲାଃ[ସଅ] ସେହି ବଳକା ଦୁଗ୍ଧ ପାତ୍ରକୁ ମୋ ହାତକୁ ବଢାଇ ଦେଲେ । କିନ୍ତୁ ମୁଁ ଯେ କଣ ଦେଖୁଛି । ଏବେ ମଧ୍ୟ ସେହି ପାତ୍ରରେ ଅନେକ କ୍ଷୀର ବଳକା ରହିଥିଲା । ଯେବେ ମୁଁ ସେହି କ୍ଷୀର ପିଇବାକୁ ଲାଗିଲି, ମହାଭାଗ ତିନିଥର ଆହୁରି ପିଇବାକୁ ଜିଜ୍ଞାସା କଲେ । ପୁଣି ମୋ ଠାରୁ ବଳକା ରହିଥିବା ଅବଶେଷ କ୍ଷୀର ସେ ସ୍ୱୟଂ ପାନ କଲେ ଏବଂ ଈଶ୍ୱରଙ୍କ ନିକଟରେ ଧନ୍ୟବାଦ ବ୍ୟକ୍ତ କରି ନିଜ ଦ୍ୱାର ବନ୍ଦ କଲେ । (ବୁଖାରି, କିତାବୁର୍ ରିକାକ୍)

ସର୍ବଶେଷରେ ଅବୁହୁରୈରାଃ[ରଅ]ଙ୍କୁ ଦୁଗ୍ଧ ପାତ୍ର ଦେବା ମୂଳରେ ଏହି ଶିକ୍ଷଣୀୟ ତତ୍ତ୍ୱ ଦେବାର ଉଦ୍ଦେଶ୍ୟ ରହିଥିଲା ଯେ ସେ ଈଶ୍ୱରଙ୍କ ଉପରେ ଭରସା ରଖି ସେହିପରି ଅନାହାରରେ ବସି ରହିବା ଉଚିତ ଏବଂ ଧୈର୍ଯ୍ୟହରା ହୋଇ ସାଙ୍କେତିକ ଭାବକୁ ନ ବୁଝି କୌଣସି ପ୍ରଶ୍ନ ଉଠାଇବା ଆଦୌ ଉଚିତ ନୁହେଁ ।

ହଜରତ ମୁହମ୍ମଦ[ସଅ] ସର୍ବଦା ଦକ୍ଷିଣ ହସ୍ତରେ ଖାଉଥିଲେ ଓ ପାଣି ପିଇବା ମଝିରେ ତିନି/ଚାରିଥର ନିଃଶ୍ୱାସ ନେଉଥିଲେ । ଏଥିରେ ଚିକିତ୍ସାଶାସ୍ତ୍ର ଭିତ୍ତିକ ରହସ୍ୟ ଅଛି । ଏକ ନିଃଶ୍ୱାସରେ ପିଇଦେଲେ ଅଧିକ ମାତ୍ରାରେ ପାଣି ପେଟକୁ ଚାଲିଯାଏ, ଯଦ୍ୱାରା ଅମାଶୟରେ ତ୍ରୁଟି ଜାତ ହେବାର ଆଶଙ୍କା ଦେଖାଦିଏ । ଖାଇବା ସମ୍ବନ୍ଧରେ ତାଙ୍କର ଏହି ନିୟମ ଥିଲା ଯେ ଯେଉଁ ବସ୍ତୁ ପବିତ୍ର ଅର୍ଥାତ୍ ସାତ୍ତ୍ୱିକ ଆହାର ତଥା ସ୍ୱଭାବର ଅନୁକୂଳ ହୋଇଥିବ, ସେହି ଖାଦ୍ୟ ଗ୍ରହଣ କରିବା ବିଧେୟ । ମାତ୍ର ଏପରି ମାତ୍ରାରେ ନୁହେଁ ଯେ ଗରିବର ଅଧିକାର ଛଡାଇ ନେବ କିମ୍ବା ଭୋଗ ବିଳାସର ଅଭ୍ୟସ୍ତ ହୋଇଯିବ । ସୁତରାଂ ସାମାନ୍ୟ ଢଙ୍ଗରେ ପ୍ରସ୍ତୁତ ଅତି ସାଧାସିଧା ଖାଦ୍ୟ ତାଙ୍କର ବ୍ୟଞ୍ଜନ ଥିଲା । କିନ୍ତୁ ଯଦି କୌଣସି ବ୍ୟକ୍ତି ଉପହାର ସ୍ୱରୂପ ଭଲ ଖାଦ୍ୟ ପଦାର୍ଥ ନେଇ ଆସୁଥିଲା, ସେ ତାହା ଖାଇବାକୁ ମନା କରୁ ନଥିଲେ । ପରନ୍ତୁ ନିଜର ସ୍ୱାଭାବିକ ଖାଦ୍ୟପେୟର ଅଭ୍ୟାସ ଯୋଗୁଁ ତାଙ୍କର କୌଣସି ଜାକ ଜମକରେ ଭରା ସୁସ୍ୱାଦୁ ବା ଉତ୍କୃଷ୍ଟ ଖାଦ୍ୟର ଅଭିଳାଷ ନଥିଲା । ମହୁ ଓ ଖଜୁରି ତାଙ୍କର ପ୍ରିୟ ପସନ୍ଦ ଥିଲା । ମହାଭାଗଙ୍କ କଥନ ଅନୁସାରେ ଖଜୁରି ଓ ବିଶ୍ୱାସକାରୀ ମଧ୍ୟରେ ଏକ ସମ୍ପର୍କ ରହିଛି । ଖଜୁରି ଗଛର ପତ୍ର, ଛେଲି, କଞ୍ଚା ଓ ପାଚିଲା ଫଳ ଓ ଏହାର ଗଣ୍ଠି ଇତ୍ୟାଦି ସମସ୍ତ ବସ୍ତୁ ଅତ୍ୟନ୍ତ ଉପାଦେୟ । ଏହାର କୌଣସି ଅଂଶ ବ୍ୟର୍ଥ ଯାଏନାହିଁ । ତଦନୁରୂପ ସମ୍ପୂର୍ଣ୍ଣ ବିଶ୍ୱାସକାରୀ ଏହିପରି ହୋଇଥାଏ । ତାହାର କୌଣସି କାର୍ଯ୍ୟ ନିରର୍ଥକ ନୁହେଁ । ବରଂ ତା'ର ପ୍ରତ୍ୟେକ କର୍ମ ମାନବ ସମାଜ ପାଇଁ ଲାଭ ଦାୟକ ହୋଇଥାଏ ।

# ବସ୍ତ୍ର ତଥା ଆଭୁଷଣରେ ସଂଯମ ରକ୍ଷା ଓ ଶାଳୀନତା

ହଜରତ୍ ମୁହମ୍ମଦ[ସଅ]ଙ୍କ ବସ୍ତ୍ର ସମ୍ବନ୍ଧରେ ଏତିକି କୁହାଯାଇପାରେ ଯେ ସେ ସରଳ ଓ ନିରାଡମ୍ବର ପରିଧାନକୁ ଅଧିକ ପସନ୍ଦ କରୁଥିଲେ । ତାଙ୍କର ପୋଷାକ ସାମାନ୍ୟ ଧରଣର କୁର୍ତ୍ତା, ଧୋତି ଓ ପାଇଜାମା ଥିଲା । ସେ ନିଜ ଧୋତି ବା ପାଇଜାମାକୁ ଗୋଇଠି ଉପରକୁ ଓ ଆଣ୍ଠୁ ତଳକୁ ପିନ୍ଧୁଥିଲେ । ଆଣ୍ଠୁ ପର୍ଯ୍ୟନ୍ତ ବା ଆଣ୍ଠୁର ଉପରି ଭାଗ ଫୁଙ୍ଗୁଳା କରି ରଖିବାକୁ ସେ ପସନ୍ଦ କରୁ ନଥିଲେ । ସେପରି ବିଶେଷ ସ୍ଥିତିକୁ ଛାଡିଦେଲେ କୌଣସି ବସ୍ତ୍ର ଉପରେ ଚିତ୍ର ବିଚିତ୍ର ଛବିକୁ ସେ ନାପସନ୍ଦ କରୁଥିଲେ । ଗୃହର ପର୍ଦ୍ଦା ବା ପିନ୍ଧାଲୁଗା ଉପରେ ଅନେକେଶ୍ୱର ଲକ୍ଷଣା ଦିଥିବା ଦେବାଦେବୀଙ୍କ ବଡ ଚିତ୍ର ଆଙ୍କିତ ବସ୍ତ୍ରକୁ ସେ ଅନୁମତି ଦେଉନଥିଲେ । ଏତାଦୃଶ କପଡା ଘରେ ଲଟକା ଯାଇଥିବାର ଦେଖି ସେ ତାକୁ କାଢି ଦେଇଥିଲେ । ଅବଶ୍ୟ ଯେଉଁ ବସ୍ତ୍ର ଉପରେ କ୍ଷୁଦ୍ର ଚିତ୍ର ଥିଲା ତାହା ହାନୀକାରକ ନଥିଲା । କାରଣ ସେଥିରେ ଦେବାଦେବୀଙ୍କ ପ୍ରତିଛବି ଅଙ୍କା ଯାଉ ନଥିଲା, ଯାହା ବହୁବାଦ ପୂଜା ବା ଅନେକେଶ୍ୱରର ଭାବନା ମନରେ ଆଣିବ । ସେ କଦାପି ରେଶମୀ ବସ୍ତ୍ର ପିନ୍ଧୁ ନଥିଲେ ତଥା ଅନ୍ୟ ମୁସଲମାନ ପୁରୁଷଙ୍କୁ ଏହି ରେଶମ ବସ୍ତ୍ର ପିନ୍ଧିବା ପାଇଁ ଅନୁମତି ଦେଉ ନଥିଲେ ବା ଦଶାହମାନଙ୍କୁ ପତ୍ର ଲେଖିବା ଉଦ୍ଦେଶ୍ୟରେ ସେ ନିଜର ମୋହର ଥିବା ମୁଦି ତିଆରି କରିଥିଲେ, ଯାହା ସୁନା ପରିବର୍ତ୍ତେ ରୂପାର ଥିଲା । କାରଣ ସେ କହିଥିଲେ ଯେ ମୋ ସଂପ୍ରଦାୟର ପୁରୁଷମାନଙ୍କୁ ସୁନା ଧାତୁର ଦ୍ରବ୍ୟ ପିନ୍ଧିବା ପାଇଁ ଅଲ୍ଲାଃ ନିଷିଦ୍ଧ କରିଛନ୍ତି । କିନ୍ତୁ ମହିଳାମାନେ ରେଶମି ବସ୍ତ୍ର ଓ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧି ପାରିବେ ବୋଲି ଦୈବି ଆଜ୍ଞା ରହିଛି । ତେଣୁ ସେ ସର୍ବଦା ଉପଦେଶ ଦେଉଥିଲେ ଯେ ଅତିଶୟ ଜଟିଳ ପରିସ୍ଥିତି ସୃଷ୍ଟି କରା ନଯାଉ । ଏକଦା ଦରିଦ୍ରମାନଙ୍କ ଥଇଥାନ ପାଇଁ ସେ ଆର୍ଥିକ ଚାନ୍ଦା ସଂଗ୍ରହ କଲେ । ଜଣେ ମହିଳା ନିଜର ଗୋଟିଏ ହାତରୁ କଂକଣ ଉତାରି ତାଙ୍କ ସମ୍ମୁଖରେ ରଖିଦେଲା । ସେ ଏହା ଦେଖି କହିଲେ 'କଣ ଦ୍ୱିତୀୟ ହାତ ନର୍କରୁ ମୁକ୍ତି ପାଇବାର ଅଧିକାର ପାଇବ ନାହିଁ ?' ଏହା ଶୁଣି ସେହି ମହିଳା ତା'ର ଦ୍ୱିତୀୟ ହାତର କଙ୍କଣ ମଧ୍ୟ ବାହାର କରି ଗରିବମାନଙ୍କ ପାଇଁ ରଖିଦେଲା । ତେବେ ମୁହମ୍ମଦ[ସଅ]ଙ୍କ ପତ୍ନୀମାନଙ୍କର ପ୍ରାୟତଃ ଅଳଙ୍କାର ନଥିଲା କହିଲେ ଚଳେ । ତାଙ୍କ ଅନୁଚରମାନଙ୍କ ପତ୍ନୀମାନେ ଏହି ଶିକ୍ଷାକୁ ପାଳନ କରି ଆଭୂଷଣ ତିଆରି କରିବାରୁ ବଞ୍ଚିତ ରହୁଥିଲେ । ସେ ପବିତ୍ର କୁରଆନ୍‌ର ଶିକ୍ଷାନୁଯାୟୀ ନିଜ ଅନୁଗାମୀମାନଙ୍କୁ କହୁଥିଲେ ଯେ 'ଧନ ସଂଚୟ କରି ରଖିବା ନିର୍ଧନ ଲୋକଙ୍କ ଅଧିକାରକୁ ନଷ୍ଟ କରିଦିଏ । ତେଣୁ ସୁନା ରୂପାକୁ

କୌଣସି ରୂପରେ ସଂଚିତ କରି ରଖାଗଲେ ସମାଜର ଆର୍ଥିକ ଅବସ୍ଥାକୁ ଧରାଶାୟୀ କରି ଦେବାର ଆଶଙ୍କା ରହିଛି, ଯାହା ଏକ ସାମାଜିକ ଅପରାଧ ।' ଥରେ ହଜରତ ଉମର[ରଅ] ମହାଭାଗଙ୍କୁ ବିନୟ ପୂର୍ବକ ଅନୁରୋଧ କଲେ 'ଏବେ ବଡ ବଡ ରାଜା ମହାରାଜାଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ରାଜଦୂତମାନେ ଆପଣଙ୍କ ନିକଟକୁ ଆସୁଛନ୍ତି । ତେଣୁ ସେମାନଙ୍କ ସହିତ ସାକ୍ଷାତ ଅବସରରେ ଆପଣ ମୂଲ୍ୟବାନ ଅଙ୍ଗବସ୍ତ୍ର ପରିଧାନ କରନ୍ତୁ ।' ସେ ଉମର[ରଅ]ଙ୍କ ଏହି କଥା ଶୁଣି ଅସନ୍ତୋଷ ବ୍ୟକ୍ତ କରି କହିଲେ, 'ପ୍ରଭୁ ମୋତେ ଏହି ଉଦ୍ଦେଶ୍ୟରେ ସୃଷ୍ଟି କରିନାହାନ୍ତି । ଏହା ଆଡମ୍ବର ପୂର୍ଣ୍ଣ ବିଳାସ ବ୍ୟସନର କଥା । ମୋର ଯେପରି ବସ୍ତ୍ର ଉପଲବ୍ଧ ଅଛି, ମୁଁ ତାକୁ ପିନ୍ଧି ସମସ୍ତଙ୍କ ସହିତ ମିଶିବି ।' ଥରେ ତାଙ୍କ ନିକଟକୁ ଏକ ରେଶମ ତିଆରି ଅଙ୍ଗବସ୍ତ୍ର ଅଣାଗଲା ଯାହାକୁ ସେ ହଜରତ ଉମର[ରଅ]ଙ୍କୁ ଉପହାର ସ୍ୱରୂପ ଦେଇଦେଲେ । ତା'ପରଦିନ ଦେଖିଲା ବେଳକୁ ଉମର ଏହି ପୋଷାକ ପିନ୍ଧି ବୁଲୁଛନ୍ତି । ଏହା ଦେଖି ମୁହମ୍ମଦ[ସଅ] ତାଙ୍କ ଉପରେ ଅସନ୍ତୁଷ୍ଟ ହେଲେ । ଯେବେ ଉମର[ରଅ] କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ଆପଣ ତ ମୋତେ ଏହି ଉପହାର ଦେଇଛନ୍ତି ।' ମହାଭାଗ ଉତ୍ତର ଦେଲେ, 'ପ୍ରତ୍ୟେକ ବସ୍ତୁ ନିଜସ୍ୱ ଉପଯୋଗ ପାଇଁ ତ ତିଆରି ହୋଇ ନଥାଏ । ଅର୍ଥାତ୍ ସେହି ଆଭୂଷଣ ଯେହେତୁ ରେଶମ କପଡାରେ ନିର୍ମିତ ହୋଇଥିଲା, ତେଣୁ ତୁମେ ତାକୁ ନିଜ ପତ୍ନୀ କିମ୍ବା କନ୍ୟାକୁ ଦେଇଥାନ୍ତ ଅଥବା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରି ପାରିଥାନ୍ତ, ତା'ହେଲେ ଉଚିତ ହୋଇଥାନ୍ତା । କିନ୍ତୁ ତାହାକୁ ନିଜ ପୋଷାକ ରୂପେ ବ୍ୟବହାର କରିବା ସମିଚୀନ ହୋଇନାହିଁ ।

## ସାଧାରଣ ବିଛଣା

ଦିବ୍ୟ ଅବତାରଙ୍କ ବିଛଣା ଅତ୍ୟନ୍ତ ସାଧାରଣ ଥିଲା । ମହାଭାଗ ସାମାନ୍ୟତଃ ଏକ ଚମଡା ବା ଓଟର ବାଳରେ ନିର୍ମିତ ଏକ କପଡାକୁ ବିଛଣା କରି ଶୟନ କରୁଥିଲେ । ତାଙ୍କ ଧର୍ମପତ୍ନୀ ହଜରତ ଆଇଶା[ରଅ] କହିଛନ୍ତି; 'ଆମ ବିଛଣା ଏପରି ଛୋଟ ଥିଲା ଯେ ଯେବେ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ରାତିରେ ଉପାସନା କରିବା ପାଇଁ ଉଠୁଥିଲେ, ମୁଁ ଏକ କଡକୁ ଆଉଜି ଯାଉଥିଲି । ବିଛଣା ଛୋଟ ହେବା ଯୋଗୁଁ ଯେତେବେଳେ ମହାଭାଗ ଉପାସନାରେ ଦଣ୍ଡାୟମାନ ମୁଦ୍ରାରେ ରହୁଥିଲେ, ମୁଁ ନିଜ ଗୋଡ ପ୍ରସାରଣ କରି ଦେଉଥିଲି ଏବଂ ଯେତେବେଳେ ସେ (ସଜ୍‌ଦାଃ) ଭୂମିଷ୍ଠ ପ୍ରଣାମର ମୁଦ୍ରାକୁ ଯାଉଥିଲେ, ମୁଁ ଗୋଡକୁ ସଂକୁଚିତ କରି ଦେଉଥିଲି ।'

# ସାଧାସିଧା ବାସଗୃହ ଓ ସରଳ ଜୀବନଯାପନ

ମାମୁଲି ଧରଣର ବାସଗୃହ ଓ ବସବାସକୁ ସେ ପସନ୍ଦ କରୁଥିଲେ । ରହିବା ପାଇଁ ସାଧାରଣ କୋଠରୀ ଓ ଏକ ଛୋଟ ଅଗଣା । ସେହି ପ୍ରକୋଷ୍ଠ ମଧ୍ୟରେ ଏକ ଦଉଡି ଟାଣି ଏକ ଲୁଗାକୁ ପର୍ଦ୍ଦା ରୂପେ ପକାଇଥିଲେ । ତାହାରି ଆଢୁଆଳରେ ରହି ନିର୍ଦ୍ଧାରିତ ସମୟରେ ସାକ୍ଷାତ କରିବାକୁ ଆସୁଥିବା ଲୋକମାନଙ୍କ ସହିତ ପୃଥକ ଭାବେ ବସି ବାର୍ତ୍ତାଳାପ କରୁଥିଲେ । ମହାଭାଗ ଖଟ ବା ଖଟିଆ ବ୍ୟବହାର କରୁ ନଥିଲେ । ବରଂ ଭୂମି ଉପରେ ବିଛଣା ପାରି ଶୋଇ ଯାଉଥିଲେ । ମହାଭାଗଙ୍କର ଜୀବନଧାରଣ ଏତେ ଅଧିକ ସରଳ ଥିଲା ଯେ ହଜରତ ଆଇଶା[ରଅ] ତାଙ୍କ ନିଧନ ପରେ କହିଥିଲେ 'ଆମକୁ ରସୁଲୁଲ୍ଲାଃ[ସଅ]ଙ୍କ ଜୀବଦ୍ଦଶାରେ ଅନେକ ଥର କେବଳ ପାଣି ଓ ଖଜୁରି ଖାଇ ଗୁଜୁରାଣ ମେଣ୍ଟାଇବାକୁ ପଡିଥିଲା । ଏପରିକି ଯେଉଁ ଦିନ ତାଙ୍କର ଦେହାନ୍ତ ହେଲା, ସେଦିନ ମଧ୍ୟ ଆମ ଘରେ ଖାଇବା ପାଇଁ ଖଜୁରୀ ଓ ପାଣି ବ୍ୟତୀତ ଆଉ କିଛି ନଥିଲା ।'

# ଈଶ୍ୱର ପ୍ରେମ ଓ ତାହାଙ୍କ ଉପାସନା

ହଜରତ ମୁହମ୍ମଦ[ସଅ] ସାରା ଜୀବନ ଈଶ୍ୱରଙ୍କ ପ୍ରେମ ଓ ଆରାଧନାରେ ନିମଜ୍ଜିତ ଥିଲେ । ଏତେ ବଡ ସାମାଜିକ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିବା ସତ୍ତ୍ୱେ ସେ ଦିବାରାତ୍ର ବିଭୁ ଉପାସନାରେ ବ୍ୟସ୍ତ ରହୁଥିଲେ । ନିଶାର୍ଦ୍ଧର ନିଃସ୍ତବ୍ଧତାରେ ମହାଭାଗ ପ୍ରଭୁଙ୍କୁ ଉପାସନା କରିବା ପାଇଁ ଛିଡା ହୋଇ ଯାଉଥିଲେ ଏବଂ ପ୍ରାତଃକାଳ ପର୍ଯ୍ୟନ୍ତ ତହିଁରେ ନିମଗ୍ନ ରହୁଥିଲେ । ଏପରିକି ବହୁବାର ତାଙ୍କ ଗୋଡ ଓ ପାଦ ଫୁଲି ଯାଉଥିଲା । ଏପରି ଅବସ୍ଥାକୁ ଦେଖୁଥିବା ବ୍ୟକ୍ତିଙ୍କ ମନରେ ତାଙ୍କ ପ୍ରତି ଦୟା ଲାଗୁଥିଲା । ହଜରତ ଆଇଶା[ରଅ] କହିଛନ୍ତି, ଥରେ ମୁଁ ତାଙ୍କର ଏପରି ଦଶା ଦେଖି କହିଲି, 'ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣଙ୍କୁ ପ୍ରଥମରୁ ହିଁ ଐଶ୍ୱରୀକ ସାନିଧ୍ୟ ପ୍ରାପ୍ତ ହୋଇଛି, ପୁଣି ଆପଣ ନିଜକୁ ଏତେ କଷ୍ଟ କାହିଁକି ଦେଉଛନ୍ତି ?' ସେ କହିଲେ, 'ହେ ଆଇଶା !

ଅଫଲା ଅକୁନୁ ଅବ୍‌ଦନ୍ ଶକୁରା' أَفَلَا أَكُونُ عَبْدًا شَكُورًا

'ଯଦି ଏହା ସତ୍ୟ ଯେ ମୋତେ ପ୍ରଭୁଙ୍କ ସାନିଧ ପ୍ରାପ୍ତି ହୋଇଛି, ଏହା ତାଙ୍କର ମହାନ କୃପା ଯୋଗୁଁ ସମ୍ଭବ ହୋଇଛି । କଣ ଏହା ମୋର କର୍ତ୍ତବ୍ୟ ନୁହେଁ ଯେ ମୁଁ ଯଥାସାଧ୍ୟ ତାଙ୍କୁ ଧନ୍ୟବାଦ ଅର୍ପଣ କରିବି ? କାରଣ ଏହି କୃତଜ୍ଞତା ଉପକାର ପାଇବା ଯୋଗୁଁ ହିଁ ବ୍ୟକ୍ତ କରାଯାଏ ।'

ମହାଭାଗ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଈଶ୍ୱରଙ୍କ ଆଜ୍ଞା ବିନା କରୁ ନଥିଲେ । ସୁତରାଂ ତାଙ୍କ ଜୀବନ ବୃତ୍ତାନ୍ତର ଏହାର ଉଲ୍ଲେଖ ପୂର୍ବରୁ କରାଯାଇଛି । ମକ୍କାବାସୀଙ୍କ ଅକଥନୀୟ ଅତ୍ୟାଚ୍ଚର ଓ ଉତ୍ପୀଡନ ସତ୍ତ୍ୱେ ସେ ମକ୍କା ସହରକୁ ସେ ପର୍ଯ୍ୟନ୍ତ ତ୍ୟାଗ କଲେ ନାହିଁ, ଯେ ପର୍ଯ୍ୟନ୍ତ ତାଙ୍କ ଉପରେ ଦେଶତ୍ୟାଗ କରିବାର ଆଦେଶ ସମ୍ପର୍କିତ ଦୈବିବାଣୀ ହୋଇ ନଥିଲା । ସେହି ଦୁର୍ବିସହ ନିର୍ଯ୍ୟାତନା ଯୋଗୁଁ ମକ୍କା ଛାଡି ହବ୍‌ଶା ଦେଶକୁ ଚ୍ଚଲିଯିବା ପାଇଁ ମହାଭାଗ ନିଜ ଅନୁଗାମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ସେମାନଙ୍କ ସହିତ ନିଜେ ପ୍ରବାସୀ ହୋଇ ଯିବାକୁ ମନା କରି କହିଲେ 'ମୋତେ ଏ ଯାବତ୍ ଦୈବୀ ଆଜ୍ଞା ମିଳିନାହିଁ । ଆତଙ୍କର ବାତାବରଣ ଓ ଅତ୍ୟାଚ୍ଚର ହେଉଥିବା ସମୟରେ ଲୋକମାନେ ନିଜ ବନ୍ଧୁ ପରିଜନଙ୍କୁ ଏକତ୍ରିତ କରି ନିଅନ୍ତି । ସେତିକିବେଳେ ସେ ନିଜ ସଂପ୍ରଦାୟକୁ ହବ୍‌ଶା ଯିବାପାଇଁ ନିର୍ଦ୍ଦେଶ ଦେଲେ ଓ ସ୍ୱୟଂ ମକ୍କାରେ ଏକାକୀ ରହିଗଲେ । କାରଣ ତାଙ୍କୁ ହିଜରତ (ଦେଶାନ୍ତର ଗମନ) କରିବା ପାଇଁ ପ୍ରଭୁଙ୍କ ଆଦେଶ ପ୍ରାପ୍ତ ହୋଇ ନଥିଲା ।

ସେ ପ୍ରଭୁଙ୍କ ଦିବ୍ୟବାଣୀ ଶୁଣିବା କ୍ଷଣି ତାଙ୍କ ଆଖି ଆପଣା ଛାଏଁ ଲୋତକରେ ଭରି ଯାଉଥିଲା । ବିଶେଷତଃ ଯେତେବେଳେ ତାଙ୍କ ପ୍ରତି ଦାୟୀତ୍ୱ ଅର୍ପଣ କରାଯିବା ସଂପର୍କିତ ପଙ୍କ୍ତିଗୁଡିକ ଅବତୀର୍ଣ୍ଣ ହେଉଥିଲା । ସୁତରାଂ ଅବ୍ଦୁଲ୍ଲାଃ ବିନ୍ ମସଉଦ[ରଅ] ବର୍ଣ୍ଣନା କରିଛନ୍ତି ଯେ ଥରେ ଅଲ୍ଲାଃଙ୍କ ନବୀ କହିଲେ 'ପବିତ୍ର କୁରଆନର କେତେକ ପଙ୍କ୍ତି ମୋତେ ଶୁଣାଅ ।' ମୁଁ ଉତ୍ତର ଦେଲି 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କୁରଆନ ବାଣୀ ତ ଆପଣଙ୍କ ପ୍ରତି ଅବତାର୍ଣ୍ଣ ହୋଇଛି । ମୁଁ ଆପଣଙ୍କୁ କ'ଣ ଶୁଣାଇବି ?' ସେ କହିଲେ 'ମୁଁ ଚାହୁଁଛି ଯେ ଅନ୍ୟ ଲୋକ ମୋତେ କୁରଆନ ପଢି ଶୁଣାନ୍ତୁ । ଏହା ପରେ ମୁଁ ସୁରଃ ଅନ୍ ନିସା ପାଠକରି ଶୁଣାଇବା ଆରମ୍ଭ କଲି । ତାହା ପଢୁ ପଢୁ ମୁଁ ଏହି ଆୟତରେ ପହଞ୍ଚିଲି ।

فَكَيْفَ إِذَا جِئْنَا مِن كُلِّ أُمَّةٍۭ بِشَهِيدٍ وَجِئْنَا بِكَ عَلَىٰ هَٰٓؤُلَآءِ شَهِيدًا

ଫକୈଫା ଇଜା ଜିନା ମିନ୍‌କୁଲ୍ଲେ ଉମ୍ମତିନ୍ ବେ ଶହିଦୁଁ ଓ୍ୱଜିନା ବିକା ଅଲା ହା' ଉଲ୍ଲାଏ ଶହିଦା -

ଅର୍ଥାତ୍ 'ସେ ସମୟର ଅବସ୍ଥା କଣ ହେବ ଯେବେ ଆମ୍ଭେ ପ୍ରତ୍ୟେକ ସଂପ୍ରଦାୟ ମଧ୍ୟରୁ ତାଙ୍କ ପାଇଁ ପ୍ରେରିତ ନବିଙ୍କୁ ସେହି ଜାତିର ଲୋକଙ୍କ ସମ୍ମୁଖରେ ଛିଡା କରାଇ ସଂପୃକ୍ତ ଜାତିର ହିସାବ ନେବୁ ଏବଂ ତୋତେ ମଧ୍ୟ ତୋ ସଂପ୍ରଦାୟ ଆଗରେ ଛିଡା କରାଇ ସେମାନଙ୍କ ହିସାବ ନେବୁ ।' ସେତିକିବେଳେ ମୁହମ୍ମଦ[ସଅ] କହି

ଉଠିଲେ 'ବାସ୍ ସେତିକି ଥାଉ, ବାସ୍ ସେତିକି ଥାଉ ।' ମୁଁ ତାଙ୍କ ଆଡକୁ ଚାହିଁ ଦେଖିଲି ଯେ ତାଙ୍କ ଦୁଇ ଆଖିରୁ ଧାର ଧାର ହୋଇ ଲୁହ ବହିବାରେ ଲାଗିଛି ।

ତାଙ୍କର ନମାଜ ପାଠ କରିବାରେ ଏପରି ନିଷ୍ଠା ଥିଲା ଯେ ଅତ୍ୟଧିକ ରୋଗଗ୍ରସ୍ତ ଥିବା ଅବସ୍ଥାରେ ମଧ୍ୟ ସାହାରା ନେଇ ମସଜିଦ୍‌କୁ ନମାଜ ପଢାଇବା ପାଇଁ ଆସୁଥିଲେ । କିନ୍ତୁ ସେହି ପରିସ୍ଥିତିରେ ଘରେ ଅବଶ୍ୟ ନମାଜ ପଢି ନେବାର ପ୍ରଭୁଙ୍କ ଆଜ୍ଞା ରହିଛି । ଦିନେ ମହାଭାଗ ନମାଜରେ ଯୋଗ ଦେବା ପାଇଁ ଆସି ନପାରିବା ଯୋଗୁଁ ହଜରତ ଅବୁବକର[ରଅ]ଙ୍କୁ ନମାଜ ପଢାଇବା ପାଇଁ ଆଦେଶ ଦେଲେ । କିଛି ସମୟ ମଧ୍ୟରେ ସ୍ୱାସ୍ଥ୍ୟ ଅବସ୍ଥାରେ କିଛି ଉନ୍ନତି ପରିଲକ୍ଷିତ ହେବାରୁ ସେ ତୁରନ୍ତ ଦୁଇଜଣ ବ୍ୟକ୍ତିଙ୍କ ସାହାରା ନେଇ ମସଜିଦ୍ ଯିବାକୁ ବାହାରି ପଡିଲେ । ମାତ୍ର ହଜରତ ଆଇସା[ରଅ]ଙ୍କ କଥନ ଅନୁଯାୟୀ ଅଧିକ ଦୁର୍ବଳତା କାରଣରୁ ତାଙ୍କ ଦୁଇପାଦ ଭୂଇଁ ଉପରେ ଘୋଷାରି ହୋଇ ଯାଉଥିଲା ।

ସଂସାର ଭିତରେ ପ୍ରଶଂସା ପ୍ରତି ଧ୍ୟାନ ଆକର୍ଷଣ କରାଇବା ପାଇଁ ତାଳି ବଜାଇବାର ପ୍ରଥା ରହିଛି । ଆରବରେ ଏହାର ପ୍ରଚଳନ ଥିବା ସତ୍ତ୍ୱେ ପ୍ରଭୁଙ୍କୁ ସ୍ମରଣ କରିବା ଓ ସ୍ତୁତିଗାନ କରିବା ପ୍ରତି ତାଙ୍କର ଏପରି ମାତ୍ରାରେ ପସନ୍ଦ ଥିଲା ଯେ ସେହି ଉଦ୍ଦେଶ୍ୟରେ ପ୍ରଭୁଙ୍କ ମହିମା ଗାନ କରିବା ପାଇଁ ସେ ଆଦେଶ ଦେଲେ । କଥିତ ଅଛି ଯେ ଏକଦା ମହାମହିମ କାର୍ଯ୍ୟବ୍ୟସ୍ତ ଥିବା ବେଳେ ନମାଜର ସମୟ ହୋଇଗଲା । ମହାଭାଗ କହିଲେ ଅବୁବକର[ରଅ] ନମାଜ ପଢାଇ ଦିଅନ୍ତୁ । ଇତି ମଧ୍ୟରେ ମହାଭାଗ କାର୍ଯ୍ୟରୁ ନିବୃତ୍ତ ହୋଇ ତୁରନ୍ତ ମସଜିଦ୍ ଅଭିମୁଖେ ଅଗ୍ରସର ହେଲେ । ମହାଭାଗ ମସଜିଦ୍‌ରେ ପହଞ୍ଚିବା ସମୟରେ ହଜରତ ଅବୁବକର[ରଅ] ନମାଜ ପଢାଉଥିଲେ । ଯେତେବେଳେ ଲୋକମାନଙ୍କୁ ଜଣା ପଡିଲା ଯେ ମହାଭାଗଙ୍କର ଆଗମନ ହୋଇଛି, ସେମାନେ ଅତି ଶୀଘ୍ର ତାଳି ବଜାଇବା ଆରମ୍ଭ କରିଦେଲେ । ପ୍ରଥମତଃ ସେ ଆସିଯିବା ଦ୍ୱାରା ଲୋକମାନେ ନିଜର ପ୍ରସନ୍ନତା ପ୍ରକଟ କରିବେ । ଦ୍ୱିତୀୟତଃ ଅବୁବକର[ରଅ]ଙ୍କ ଧ୍ୟାନ ଏଥିପ୍ରତି ଆକର୍ଷିତ କରିବାକୁ ହେବ ଯେ ରସୁଲୁଲ୍ଲାଃ ସ୍ୱୟଂ ମସଜିଦ୍‌ରେ ପହଞ୍ଚି ଯାଇଥିବାରୁ ନମାଜ ପଢାଇବାରେ ତାଙ୍କର ନେତୃତ୍ୱ ନେବା ଏବେ ଶେଷ ହୋଇଯାଇଛି । ସୁତରାଂ ହଅବୁବକର[ରଅ] ଏହା ଅନୁଭବ କରି ପଛକୁ ହଟିଗଲେ ଏବଂ ନମାଜ ପରିଚାଳନା କରିବା ପାଇଁ ଇମାମ୍ ପଢାଉଥିବା ସ୍ଥାନଟି ଛାଡିଦେଲେ । ନମାଜ ସମାପ୍ତି ହେବା ପରେ ହଜରତ ମୁହମ୍ମଦ[ସଅ] ପଚାରିଲେ 'ହେ ଅବୁବକର ! ମୁଁ ତୁମକୁ ନମାଜ ପରିଚାଳନା କରିବା ପାଇଁ ଦାୟିତ୍ୱ ଦେଇଥିଲି । ତୁମେ ପଛକୁ କିମ୍ପାଇଁ ହଟିଗଲ ?' ଅବୁବକର[ରଅ] କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ଦିବ୍ୟ ବାର୍ତ୍ତାବହଙ୍କ

ଉପସ୍ଥିତିରେ ଅବୁକୁହାଫାଙ୍କ ପୁତ୍ର (ଅର୍ଥାତ୍ ଅବୁବକର)ର କ'ଣ ବା ଅଧିକାର ଅଛି ଯେ ସେ ନମାଜ ପଢାଇବ ?' ପୁଣି ମୁହମ୍ମଦ[ସଅ] ଅନୁଚରମାନଙ୍କୁ ସମ୍ବୋଧିତ କରି କହିଲେ, 'ତୁମମାନଙ୍କର ତାଳି ବଜାଇବାର କି ଅଭିପ୍ରାୟ ଥିଲା ? ଈଶ୍ୱରଙ୍କ ସ୍ତୁତି ସମୟରେ ତାଳି ବଜାଇବା ସମିଚୀନ ବୋଧ ହେଉନାହିଁ । ଯଦି ନମାଜ ପାଠ କରାଯାଉଥିବା ସମୟରେ କୌଣସି ଏପରି ବିଷୟ ପ୍ରତି ଧ୍ୟାନ ଆକର୍ଷିତ କରିବାର ଆବଶ୍ୟକ ପଡୁଛି, ତା'ହେଲେ ତାଳି ବଜାଇବା ପରିବର୍ତ୍ତେ ପ୍ରଭୁଙ୍କ ନାମ ଉଚ୍ଚ ସ୍ୱରରେ ନିଆଯିବା ଉଚିତ । ଯଦି ତୁମେ ସେପରି କରିବ, ତେବେ ଅନ୍ୟମାନଙ୍କ ଧ୍ୟାନ ସେଇ ଆଡକୁ କେନ୍ଦ୍ରୀତ ହୋଇଯିବ ।' କିନ୍ତୁ ଏଥି ସହିତ ସେ ଲୋକ ଦେଖାଣିଆ ଭାବରେ କରାଯାଉଥିବା ଉପାସନାକୁ ମଧ୍ୟ ପସନ୍ଦ କରୁ ନଥିଲେ । ଥରେ ସେ ଘରକୁ ଯାଇ ଦେଖିଲେ ଦୁଇଟି ଖୁଣ୍ଟ ମଝିରେ ଏକ ଦଉଡି ଟଣା ଯାଇଛି । ସେ ପଚାରିଲେ, 'ଏହି ଦଉଡିଟି କାହିଁକି ବନ୍ଧା ହୋଇଛି ?' ଲୋକମାନେ କହିଲେ,'ଏହା ହଜରତ ଜୈନବ[ରଅ]ଙ୍କ ଦଉଡି । ଯେତେବେଳେ ପ୍ରାର୍ଥନା କରୁ କରୁ ଥକି ପଡନ୍ତି, ସେ ଏହି ଦଉଡିର ସାହାରା ନେଇ ତାକୁ ଧରି ପକାନ୍ତି ।' ସେ କହିଲେ 'ଏପରି କରିବା ଆଦୌ ଉଚିତ ନୁହେଁ । ଏହି ଦଉଡିଟିକୁ ଖୋଲିଦିଅ । ପ୍ରତ୍ୟେକ ଉପାସନାକାରୀ ସେହି ସମୟ ପର୍ଯ୍ୟନ୍ତ ଉପାସନା କରୁ ଯେ ପର୍ଯ୍ୟନ୍ତ ତାହାର ହୃଦୟରେ ଉଲ୍ଲାସ ମନୋଭାବ ରହିଛି । ଯେବେ ସେ ଥକି ପଡିବ, ତା'ହେଲେ ସେ ସଙ୍ଗେ ସଙ୍ଗେ ବସି ପଡିବା ଉଚିତ । ଏପରି କଷ୍ଟ ସ୍ୱୀକାର ପୂର୍ବକ ଉପାସନା କରିବା କୌଣସି ଲାଭପ୍ରଦ ହୁଏ ନାହିଁ ।

ଅନେକେଶ୍ୱରବାଦ ବା ଶିର୍କ ପ୍ରତି ତାଙ୍କର ଏତେ ଘୃଣାଭାବ ଥିଲା ଯେ ମୃତ୍ୟୁ ଶଯ୍ୟାରେ କେବେ ଡାହାଣକୁ ତ କେବେ ବାମ ପଟକୁ କଡ ଲେଉଟାଉଥିବା ସମୟରେ ମଧ୍ୟ ସେ ଏହିପରି କହୁଥିଲେ : 'ପ୍ରଭୁ ସେହି ଇହୁଦି ଓ ଖ୍ରୀଷ୍ଟିୟାନଙ୍କ ଉପରେ ଅଭିଶାପ ପକାନ୍ତୁ, ଯେଉଁମାନେ ନିଜ ଅବତାରଙ୍କ ସମାଧି ସ୍ଥଳକୁ ମସଜିଦ୍‌ରେ ପରିଣତ କରିଦେଇଛନ୍ତି ।' ଅର୍ଥାତ୍ ସେମାନେ ନବିଙ୍କ କବର ଉପରେ (ସିଜ୍‌ଦାଃ) ମୁଣ୍ଡିଆ ମାରୁଛନ୍ତି ଓ ସେମାନଙ୍କୁ ଗୁହାରି କରୁଛନ୍ତି । ତାଙ୍କର କହିବାର ଏହି ଉଦ୍ଦେଶ୍ୟ ଥଲା ଯେ ମୋର ମରଣୋପରାନ୍ତ ମୋ ଜାତିର ଅନୁଗାମୀ ଯଦି ଏପରି କାର୍ଯ୍ୟ କରିବେ, ତା'ହେଲେ ସେମାନେ ଏହା ଭାବନ୍ତୁ ନାହିଁ ଯେ ସେମାନେ ମୋ ପ୍ରାର୍ଥନା ଓ ଆଶୀର୍ବାଦର ପାତ୍ର ହେବେ । ବରଂ ମୁଁ ସେମାନଙ୍କ ଠାରୁ ପୂର୍ଣ୍ଣତଃ ପୃଥକ ହୋଇଯିବି ।

ଈଶ୍ୱରଙ୍କ ପ୍ରତି ତାଙ୍କର ରହିଥିବା କୋମଳ ମନୋଭାବର ଆଲୋଚନା ତାଙ୍କ ଜୀବନର ଐତିହାସିକ ଘଟଣାବଳୀରେ ଉଲ୍ଲେଖ କରାଯାଇଛି । ପ୍ରତିମା ପୂଜା ବିରୋଧରେ ଦିବ୍ୟ ବାର୍ତ୍ତାବହଙ୍କ ବାର୍ତ୍ତାକୁ ଖଣ୍ଡନ କରିବା ପାଇଁ ଯେତେବେଳେ ତାଙ୍କୁ

ମକ୍କାର ଲୋକଙ୍କ ଦ୍ୱାରା ନାନା ପ୍ରକାର ପ୍ରଲୋଭନ ଦିଆଗଲା, । ଏପରିକି ତାଙ୍କ ପିତୃବ୍ୟ ଅବୁତାଲିବ ସୁପାରିଶ କରି ତାଙ୍କୁ କହିଲେ, 'ଯଦି ତୁମେ ଏହି କଥାକୁ ସ୍ୱୀକାର ନକରିବ, ତା'ହେଲେ ମୁଁ ତୁମ ଠାରୁ ସଂପର୍କ ଛିନ୍ନ ନ କଲେ, ସେମାନେ ତ୍ୟାଗ କରି ଦେବେ । ଏହା ଶୁଣି ମୁହମ୍ମଦ[ସଅ] କହିଥିଲେ 'ଯଦି ସେହି ଲୋକମାନେ ମୋ ଦକ୍ଷିଣ ହସ୍ତରେ ସୂର୍ଯ୍ୟ ଓ ବାମ ହସ୍ତରେ ଚନ୍ଦ୍ର ଆଣି ରଖିଦିଅନ୍ତି, ତଥାପି ଈଶ୍ୱର ଏକ ହେବାର ଆସ୍ଥା ଅର୍ଥାତ୍ ଏକେଶ୍ୱରବାଦ ସିଦ୍ଧାନ୍ତର ପ୍ରଚ୍ଚର କରିବାରୁ ମୁଁ କଦାପି ବିଚ୍ୟୁତ ହୋଇ ପାରିବି ନାହିଁ।

ସେହିପରି ଉହଦ୍ ଯୁଦ୍ଧ ଅବସରରେ ମୁସଲମାନ ସୈନ୍ୟମାନେ ଆହତ ଓ ଅସ୍ତବ୍ୟସ୍ତ ହୋଇ ରହିଥିବା ଅବସ୍ଥାରେ ଏକ ପାହାଡ ପାଦଦେଶରେ ହତୋତ୍ସାହ ହୋଇ ଛିଡା ହୋଇଥିଲେ । ସେତେବେଳେ ଶତ୍ରୁପକ୍ଷର ସୈନ୍ୟମାନେ ନିଜର ସମସ୍ତ ବାହୁବଳ ପ୍ରୟୋଗ ଦ୍ୱାରା ପ୍ରସନ୍ନତାର ସହିତ ଏହି ଜୟଘୋଷ କରୁଥିଲେ ଯେ ଆମେ ମୁସଲମାନମାନଙ୍କର ସମସ୍ତ ଶକ୍ତିକୁ ପରାହତ କରି ଦେଇଛୁ । ଯେତେବେଳେ ତାଙ୍କ ସେନାପତି ଅବୁସୁଫିୟାନ କହି ଉଠିଲା 'ଉଲୋ ହୁବଲ୍, ଉ'ଲୋ ହୁବଲ ।' ଅର୍ଥାତ୍ 'ହୁବଲର ଜୟ ହେଉ, ହୁବଲର ଜୟ ହେଉ ।' ସେହି କ୍ଷଣି ମୁହମ୍ମଦ ରସୁଲୁଲ୍ଲାଃ ନିଜ ଅନୁଚର ଯେଉଁମାନେ ଶତ୍ରୁଙ୍କ ଦୃଷ୍ଟିର ଅନ୍ତରାଳରେ ଲୁଚି ଛିଡା ହୋଇଥିଲେ ତଥା ସେହି ଲୁଚିବାରେ ହିଁ ତାଙ୍କର ମଙ୍ଗଳ ଥିଲା, ସେମାନଙ୍କୁ ଏହି ଆଦେଶ ଦେଲେ 'ତୁମେ ଉତ୍ତର ଦିଅ: ଅଲ୍ଲାହୁ ଆ'ଲା ଓ୍ୱ ଅଜଲ୍ଲୋ - ଅଲ୍ଲାହୁ ଆ'ଲା ଓ୍ୱ ଅଜଲ୍ଲୋ' ଅର୍ଥାତ ଅଲ୍ଲାଃ ହିଁ ସର୍ବୋଚ୍ଚ, ତେଜସ୍ୱୀ ଓ ମହାନ ଗୌରବଶାଳୀ । ପରାକ୍ରମ ଓ ପ୍ରଭୁତ୍ୱର ସେ ହିଁ କେବଳ ଏକମାତ୍ର ଅଧିକାରୀ।

ଈଶ୍ୱରଙ୍କ ପ୍ରତି ରହିଥିବା ସ୍ୱାଭିମାନର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଉଦାହରଣ ତାଙ୍କ ଜୀବନ କାଳରେ ଦେଖିବାକୁ ମିଳେ । ଇସଲାମ୍ ପୂର୍ବରୁ ଅନ୍ୟ ସମସ୍ତ ଧର୍ମରେ ସାଧାରଣତଃ ଏହି ବିଚ୍ଚର ରହିଛି ଯେ ନବିମାନଙ୍କ ପ୍ରସନ୍ନତା ପ୍ରାପ୍ତି କିମ୍ବା କଷ୍ଟ ପହଞ୍ଚିବା କାରଣରୁ ପୃଥିବୀ ଓ ଆକାଶରେ ପରିବର୍ତ୍ତନ ପ୍ରକଟିତ ହୋଇଥାଏ । ଆକାଶର ଗ୍ରହ ନକ୍ଷତ୍ର ସେମାନଙ୍କ ଅଧିକାରକୁ ଖସି ଆସି ନବୀମାନଙ୍କ ବଶତାକୁ ସ୍ୱୀକାର କରନ୍ତି । ସୁତରାଂ କଥିତ ଅଛି ଯେ କୌଣସି ଅବତାର ସୂର୍ଯ୍ୟକୁ ଆଦେଶ ଦେଲେ 'ତୁମେ ସ୍ଥିର ହୋଇଯାଅ ।' ତେଣୁ ସେ ସ୍ଥିର ହୋଇ ଯାଇଥିଲା । ଅନ୍ୟ କୌଣସି ଅବତାର ଚନ୍ଦ୍ରମାର ପରିକ୍ରମାକୁ ରୋକିଦେଲେ । ଅନ୍ୟ କେହି ଜଳପ୍ରବାହକୁ ବନ୍ଦ କରିଦେଲେ । କିନ୍ତୁ ଏହିସବୁ ଚିନ୍ତାଧାରା ତ୍ରୁଟିଯୁକ୍ତ କାଳ୍ପନିକ କଥାବସ୍ତୁ ଉପରେ ଆଧାରିତ ବୋଲି ସେ ସୂଚନା ଦେଇଥିଲେ ଏବଂ କହିଲେ, ଏସବୁ ଘଟଣା

ଉପମାସୂଚକ ଯାହାକୁ ବିଶ୍ୱାସ କରି ଲୋକମାନେ ଲାଭ ପାଇବା ପରିବର୍ତ୍ତେ ଭ୍ରମରେ ପଡିଯାନ୍ତି । କିନ୍ତୁ ଏହିସବୁ ତଥ୍ୟର ସ୍ପଷ୍ଟୀକରଣ ଦେବା ସତ୍ତ୍ୱେ ଏହି ବିଗ୍ରହର ପ୍ରଭାବ ଲୋକମାନଙ୍କ ମନ ମସ୍ତିଷ୍କରେ ରହିଥାଏ । ସୁତରାଂ ମୁହମ୍ମଦ[ସଅ] ବାର୍ଦ୍ଧକ୍ୟର ସାୟାହ୍ନରେ ପହଞ୍ଚିବା ସମୟରେ ଯେତେବେଳେ ତାଙ୍କର ଏକମାତ୍ର ପୁତ୍ର ଇବ୍ରାହିମ୍‌ଙ୍କର ଅଢେଇ ବର୍ଷ ବୟସରେ ମୃତ୍ୟୁ ହେଲା, ସଂଯୋଗବଶତଃ ସେହିଦିନ ସୂର୍ଯ୍ୟଙ୍କୁ ଗ୍ରହଣ ଲାଗିଲା । ସେହି ସମୟରେ କେତେକ ଲୋକ ମଦିନାରେ ପ୍ରଚାର କରିଦେଲେ ଯେ ମୁହମ୍ମଦ ରସୁଲୁଲ୍ଲାଃଙ୍କ ପୁତ୍ରର ନିଧନ ହେବା ଯୋଗୁଁ ସୂର୍ଯ୍ୟ ଅନ୍ଧକାରମୟ ହୋଇଗଲେ । ଯେବେ ମହାଭାଗଙ୍କୁ ଏହାର ସୂଚନା ମିଳିଲା, ସେ ଅସନ୍ତୋଷ ବ୍ୟକ୍ତ କଲେ । କିନ୍ତୁ ନୀରବରେ ବସି ପାରିଲେ ନାହିଁ । ବରଂ କଠୋର ଭାବରେ ଏହାକୁ ଖଣ୍ଡନ କରି କହିଲେ 'ସୂର୍ଯ୍ୟ ଓ ଚନ୍ଦ୍ର ଈଶ୍ୱରଙ୍କ ନିର୍ଦ୍ଧାରିତ ନିୟମକୁ ପ୍ରକଟ କରୁଥିବା ଅସ୍ତିତ୍ୱ ମାତ୍ର । ସେମାନଙ୍କର କୌଣସି ମହାମାନବ ବା ତୁଚ୍ଛ ମନୁଷ୍ୟର ଜନ୍ମ ବା ମୃତ୍ୟୁ ସହିତ କ'ଣ ସମ୍ବନ୍ଧ ଅଛି ? (ବୁଖାରି କିତାବୁଲ୍ କୁସୁଫ୍) ଯଦି କୌଣସି ବ୍ୟକ୍ତି ଆରବର ପରମ୍ପରା ଅନୁଯାୟୀ ଏହା କହୁଥିଲା ଯେ ଅମୁକ ନକ୍ଷତ୍ର ଅମୁକ ରାଶିରେ ରହିଥିବା କାରଣରୁ ଆମ ଉପରେ ବର୍ଷା ହେଲା, ଏହା ଶୁଣି ତାଙ୍କ ଚେହେରା ଲାଲ ହୋଇ ଯାଉଥିଲା । ମହାଭାଗ ସର୍ବଦା କହୁଥିଲେ, 'ହେ ଲୋକମାନେ ! ଗ୍ରହ ନକ୍ଷତ୍ରର ଚଳନ ବା ରାଶି ଇତ୍ୟାଦି ଆକାଶୀୟ ପିଣ୍ଡର ମନୁଷ୍ୟ ଉପରେ କୌଣସି ପ୍ରଭାବ ପଡେନାହିଁ । ପ୍ରଭୁଙ୍କ ଦିବ୍ୟ ପୁରସ୍କାରକୁ ଅନ୍ୟ ପିଣ୍ଡଗୁଡକ ସହିତ କାହିଁକି ସମ୍ବନ୍ଧିତ କରୁଛ ? ଗ୍ରୀଷ୍ମ ବର୍ଷା ଇତ୍ୟାଦି ସକଳ ପ୍ରାକୃତିକ ଯୋଗ ପାଗ ବା ଋତୁଚକ୍ର ପ୍ରଭୁଙ୍କ ନିର୍ଦ୍ଧାରିତ ନିୟମ ଅନୁଯାୟୀ ହୋଇଥାଏ । ଏସବୁ ଘଟଣା ଦେବୀ ଦେବତା ଅଥବା ଅନ୍ୟ କୌଣସି ଆଧାତ୍ମିକ ଶକ୍ତିର ପ୍ରଭାବ, ଅନୁକମ୍ପା ଓ ଦାନର ଫଳସ୍ୱରୂପ ଘଟି ନଥାଏ । (ମୁସଲିମ୍ କିତାବୁଲ୍ ଇମାନ)

## ଈଶ୍ୱରଙ୍କ ଉପରେ ଭରସା

ଦିବ୍ୟ ଅବତାରଙ୍କର ଈଶ୍ୱରଙ୍କ ଉପରେ ଭରସା ଏପରି ଅତୁଟ ଥିଲା ଯେ ଯେତେବେଳେ ଜଣେ ବ୍ୟକ୍ତି ତାଙ୍କୁ ଏକୁଟିଆ ଦେଖି ନିଜ ତରବାରୀ ଉଠାଇଲା ଓ କହିଲା 'ଏବେ ମୋ ହାତରୁ ତୁମକୁ କିଏ ରକ୍ଷା କରି ପାରିବ ?' ସେତେବେଳେ ସେ ନିରସ୍ତ୍ର ଥିବା ସତ୍ତ୍ୱେ ସେପରି ଶୋଇ ରହିବା ଅବସ୍ଥାରେ କୌଣସି ମତେ ପ୍ରତିବାଦ କରିପାରି ନଥାନ୍ତେ । ତଥାପି ଅତ୍ୟନ୍ତ ସନ୍ତୋଷ ଓ ଶାନ୍ତ ଭାବରେ ଉତ୍ତର ଦେଲେ 'ଅଲ୍ଲାହ୍' । ଏହି ଶବ୍ଦ ତାଙ୍କ ମୁଖରୁ ଏପରି ବିଶ୍ୱାସ ଓ ଦୃଢତାର ସହ ବାହାରିଲା ଯେ

ସେହି ଅମାନ୍ୟକାରୀର ହୃଦୟ ମଧ୍ୟ ମହାଭାଗଙ୍କ ଈଶ୍ୱରଙ୍କ ପ୍ରତି ଆସ୍ଥା ଓ ଅଟଳ ବିଶ୍ୱାସକୁ ସ୍ୱୀକାର ନକରି ରହିପାରିଲା ନାହିଁ । ଫଳତଃ ତତ୍କ୍ଷଣାତ୍ ତା'ହାତରୁ ତରବାରୀ ତଳେ ଖସି ପଡିଲା ଏବଂ ଯିଏ ତାଙ୍କୁ ହତ୍ୟା କରିବାକୁ ଆସିଥିଲା, ତାଙ୍କ ସମ୍ମୁଖରେ ଜଣେ ଅପରାଧୀ ପରି ଛିଡା ହୋଇଗଲା । (ମୁସଲିମ୍, ଖଣ୍ଡ ୨, କିତାବୁଲ୍ ଫଜାଏଲ୍)

ପ୍ରଭୁଙ୍କ ପଦାରବିନ୍ଦରେ ବିନମ୍ରତାର ଭାବ ମହାମାନବଙ୍କ ଜୀବନକାଳରେ ଏପରି ପ୍ରସ୍ଫୁଟିତ ହୋଇ ବାହାରୁଥିଲା, ଯେତେବେଳେ ଲୋକମାନେ ତାଙ୍କୁ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଆପଣ ନିଜ କର୍ମ ବଳରେ ଈଶ୍ୱରଙ୍କ କୃପାର ପାତ୍ର ହୋଇଯିବେ ।' ସେତେବେଳେ ସେ କହିଲେ, 'ନା ନା ! ମୁଁ ମଧ୍ୟ ପ୍ରଭୁ କୃପାସିନ୍ଧୁଙ୍କ କରୁଣା ହେଲେ ଯାଇ ମୋକ୍ଷ ଲାଭ କରିବି ।' ସୁତରାଂ ହଜରତ ଅବୁହୁରେରା[ରଅ] ବର୍ଣ୍ଣନା କରିଛନ୍ତି: ମୁହମ୍ମଦ ରସୁଲୁଲ୍ଲାଃ ଦିନେ ଏପରି କହିଥିବାର ମୁଁ ଶୁଣିଛି । କୌଣସି ବ୍ୟକ୍ତି ନିଜ କର୍ମ ବଳରେ ସ୍ୱର୍ଗରେ ପ୍ରବେଶ କରିପାରିବ ନାହିଁ । ତହୁଁ ମୁଁ କହିଲି 'ହେ ଅଲ୍ଲାଃଙ୍କ ରସୁଲ ! କ'ଣ ଆପଣ ମଧ୍ୟ ନିଜ କର୍ମ ଯୋଗୁଁ ସ୍ୱର୍ଗରେ ପ୍ରବେଶ କରି ପାରିବେ ନାହିଁ ?' ସେ ଉତ୍ତର ଦେଲେ 'ମୁଁ ମଧ୍ୟ ନିଜ କର୍ମ ଯୋଗୁଁ ସ୍ୱର୍ଗରେ ପ୍ରବେଶ କରିପାରିବି ନାହିଁ । ହିଁ, ଯଦି ଈଶ୍ୱରଙ୍କ କୃପା ଓ କରୁଣା ରୂପକ ଚଦର ମୋ ଉପରେ ଢାଙ୍କିଦେବ, ତା'ହେଲେ ଏହା ହିଁ ମୁକ୍ତିର ଏକମାତ୍ର ମାର୍ଗ ହେବ ।' (ବୁଖାରି, କିତାବୁଲ୍ ରିକାକ୍) ସେ ପୁଣି କହିଲେ, 'ନିଜ କର୍ମରେ କଲ୍ୟାଣମୟ ଦିଗକୁ ଦୃଷ୍ଟିରେ ରଖିଥାଅ ତଥା ସାନିଧ୍ୟ ପ୍ରାପ୍ତି ମାର୍ଗର ସନ୍ଧାନରେ ଲାଗିଥାଅ । ତୁମମାନଙ୍କ ମଧ୍ୟରେ କୌଣସି ବ୍ୟକ୍ତି ନିଜ ମୃତ୍ୟୁର କାମନା କରନାହିଁ । କାରଣ ଯେଉଁବ୍ୟକ୍ତି ସଦାଚାରୀ, ସେ ଜୀବିତ ରହି ଅନେକ ପୁଣ୍ୟ ଓ ସତକର୍ମରେ ଅଧିକ ଉନ୍ନତି କରିବ । ଯଦି ସେ ଦୁରାଚାରୀ, ତେବେ ସେ ଜୀବିତ ରହି ନିଜ ପାପର ପ୍ରାୟଶ୍ଚିତ କରିବାର ଅବସର ପ୍ରାପ୍ତ କରିବ । ' (ବୁଖାରି, କିତାବୁତ୍ ତମନ୍ନା ଓ କିତାବୁଦ୍ ଦାୱାତ୍)

★ ପ୍ରଭୁଙ୍କ ପ୍ରେମରେ ସେ ଏପରି ନିମଜ୍ଜିତ ରହିଥିଲେ ଯେ ଅନେକ ଦିନ ପରେ ଯେବେ ମେଘ ଦେଖା ଦେଉଥିଲା, ସେ ନିଜ ଜିହ୍ୱା ଉପରେ ବର୍ଷାର ଟୋପା ଟୋପା ଜଳବିନ୍ଦୁକୁ ନେଇ କହୁଥିଲେ - 'ଦେଖ, ମୋ ପାଳନକର୍ତ୍ତାଙ୍କ ସଦ୍ୟତମ ଆଶୀଷର ଧାରାକୁ !'

★ ଯେବେ ସେ କୌଣସି ସଭାରେ ବସୁଥିଲେ, ସର୍ବଦା ଇସ୍ତଗ୍‌ଫାର୍ (ବିନୟ ଭାବରେ କ୍ଷମା ପ୍ରାର୍ଥନାର ଜପ) କରିବାରେ ନିମଗ୍ନ ରହୁଥିଲେ । ତାଙ୍କର

ଅଧିକାଂଶ ସମୟ ଏହିପରି ବ୍ୟତୀତ ହେଉଥିଲା । ସାନୁନୟ ପୂର୍ବକ କ୍ଷମାମାଗିବା ଦ୍ୱାରା ତାଙ୍କ ଜାତି ଲୋକ ତଥା ବନ୍ଧୁ ପ୍ରିୟଜନ ପ୍ରଭୁଙ୍କ ପ୍ରକୋପରୁ ରକ୍ଷା ପାଇ ପାରିବେ ତଥା ପ୍ରଭୁଙ୍କ କ୍ଷମାର ଚ଼ଦର ସମସ୍ତଙ୍କୁ ଆଚ୍ଛାଦିତ କରିପାରିବ । (ବୁଖାରି, କିତାବୁତ୍ ଦାୱାତ୍ ତଥା ମୁସଲିମ କିତାବୁଜ୍ ଜିକ୍ରୱ୍ଦୁଆ)

★ ପ୍ରଭୁଙ୍କ ସମ୍ମୁଖରେ ନିଜ ଉପସ୍ଥିତିକୁ ସଦୈବ ଜାହିର କରୁଥିଲେ । ତେଣୁ ଶୋଇବାକୁ ଯିବା ସମୟରେ ଏହା କହି ଶୋଉଥିଲେ –

بِاسْمِكَ اَللّٰهُمَّ اَمُوْتُ وَاَحْىٰ

'ବିସ୍‌ମେକା ଅଲ୍ଲାହୁମ୍ମା ଅମୁତୋ ୱ୍ ଅହ୍‌ୟା' ଅର୍ଥାତ୍ 'ହେ ପ୍ରଭୁ ! ତୁମ ନାମ ନେଇ ମୁଁ ମୃତ୍ୟୁ ନିଦ୍ରାକୁ ଯାଉଛି ଓ ତୁମ୍ଭ ନାମ ନେଇ ଜୀବନ୍ୟାସ ପାଉଛି ।'

ପ୍ରାତଃକାଳରେ ଉଠିବା ସମୟରେ କହୁଥିଲେ,

اَلْحَمْدُ لِلّٰهِ الَّذِىْ اَحْيَانَا بَعْدَ مَا اَمَا تَنَا وَاِلَيْهِ النُّشُوْرُ

'ଅଲ୍‌ହମଦୁ ଲିଲ୍ଲାହିଲ୍ଲଜି ଅହ୍‌ୟା ନା ବା'ଦା ମାଅମାତନା ୱ୍ ଇଲୈହିନ୍ ନୋଶୁର୍ ।' ଅର୍ଥାତ ସମସ୍ତ ପ୍ରଶଂସା ଅଲ୍ଲାଃଙ୍କର ଯିଏ ଆମକୁ ମୃତ୍ୟୁପରାନ୍ତ ଜୀବିତ କଲେ ଓ ପୁଣି ଆମେ ପାଳନକର୍ତ୍ତାଙ୍କ ସମ୍ମୁଖକୁ ଲେଉଟିଯିବୁ । (ବୁଖାରି, କିତାବୁଦ୍ ଦାୱାତ୍)

★ ତାଙ୍କ ହୃଦୟରେ ଈଶ୍ୱରଙ୍କ ସହଚର୍ଯ୍ୟର ଏପରି ଉତ୍କଣ୍ଠା ଥିଲା ଯେ ସର୍ବଦା ସେ ପ୍ରଭୁଙ୍କ ନିକଟରେ ଏହିପରି ପ୍ରାର୍ଥନା କରୁଥିଲେ:

اَللّٰهُمَّ اجْعَلْ فِىْ قَلْبِىْ نُوْرًا وَّ فِىْ بَصَرِىْ نُوْرًا وَّ فِىْ سَمْعِىْ نُوْرًا وَّعَنْ يَمِيْنِىْ نُوْرًا

وَّعَنْ يَسَارِىْ نُوْرًا وَّفَوْقِىْ نُوْرًا وَّتَحْتِىْ نُوْرًا وَّ اَمَامِىْ نُوْرًا وَّخَلْفِىْ نُوْرًا وَّاجْعَلْ لِّىْ نُوْر

ଅଲ୍ଲାହୁମ୍ମଜ୍ ଅଲ୍ ଫିକଲ୍‌ବି ନୁରନ୍ ୱ୍ ଫି ବସରା ନୁରନ୍ ୱ୍ ଫି ସମ୍‌ୟି ନୁରନ୍ ୱ୍ଅଇଁ ୟମିନୀ ନୁରନ୍ ୱ୍ ଅନ୍‌ୟସାରି ନୁରନ୍ ୱ୍ ଫୌକିନୁରନ୍ ୱ୍ ତହତିନୁରନ୍ ୱ୍ଅମାମି ନୁରନ୍ ୱ୍ ଖଲ୍‌ଫୀ ନୁରନ୍ ୱ୍ଜ୍ଅଲ୍‌ଲୀ ନୁରନ୍ ॥

ଅର୍ଥାତ୍ ହେ ମୋର ପ୍ରତିପାଳକ ଈଶ୍ୱର ! ମୋ ହୃଦୟରେ ମଧ୍ୟ ଜ୍ୟୋତି ଭରିଦିଅ ଓ ମୋ କାନରେ ମଧ୍ୟ ଜ୍ୟୋତି ଭରିଦିଅ, ମୋ ଉର୍ଦ୍ଧ୍ୱରେ ତୁମ୍ଭ ପ୍ରକାଶ ରହୁ ଓ ମୋ ନିମ୍ନ ଭାଗରେ ମଧ୍ୟ ତୁମ୍ଭ ଜ୍ୟୋତି ଝଟକୁଥାଉ । ହେ ମୋର ପାଳନକର୍ତ୍ତା ! ମୋର ସର୍ବାଙ୍ଗ ଅସ୍ତିତ୍ୱକୁ ତୁମ୍ଭ ଦିବ୍ୟ ଜ୍ୟୋତିରେ ପ୍ରକାଶମୟ କରିଦିଅ । (ବୁଖାରି କିତାବୁତ୍ ଦାୱାତ୍ ଅନ୍ ଇବ୍ନ ଅବ୍‌ବାସ)

✶ ଇବ୍ନ ଅବ୍‌ବାସ[ରଅ] ବର୍ଣ୍ଣନା କରିଛନ୍ତି ଯେ ମହାଭାଗଙ୍କ ଦେହାନ୍ତ ହେବାର କିଛି ସମୟ ପୂର୍ବରୁ ମୁସୈଲମା କଜ୍‌ଜାବ ଆସି କହିଲା 'ଯଦି ମୁହମ୍ମଦ ରସୁଲୁଲ୍ଲାଃ[ସଅ] ନିଜ ଉତ୍ତାରେ ମୋତେ ତାଙ୍କର ଉତ୍ତରାଧିକାରୀ କରିଦେବେ, ତା'ହେଲେ ମୁଁ ତାଙ୍କ ଅନୁଗାମୀ ହୋଇଯିବି ।' ସେହି ସମୟରେ ତା'ସହିତ ଏକ ବଡ ଜନସମୂହ ମଧ୍ୟ ଥିଲା । ସେ ଯେଉଁ ଜାତି ସହିତ ସମ୍ବନ୍ଧିତ ଥିଲା, ତାହା ଆରବର ସମସ୍ତ ଜାତି ମଧ୍ୟରେ ସର୍ବାଧିକ ଥିଲେ । ସେ ସଦଳବଳେ ମଦିନା ଆସୁଥିବାର ଯେତେବେଳେ ରସୁଲୁଲ୍ଲାଃ[ସଅ]ଙ୍କୁ ସୂଚନା ମିଳିଲା, ସେ ତାଙ୍କ ନିକଟକୁ ଗଲେ । ସାବିତ୍ ବିନ୍ କୈସ୍ ବିନ ଶମାସ୍ ମଧ୍ୟ ତାଙ୍କ ସହିତ ଥିଲେ । ମୁହମ୍ମଦ[ସଅ]ଙ୍କ ହାତରେ ଖଜୁରି ଗଛର ଏକ ଡାଳ ଥିଲା । ମହାଭାଗ ସେମାନଙ୍କ ଜନ ସମାବେଶ ପାଖକୁ ଆସି ମୁସୈଲିମା କଜ୍‌ଜାବ୍ ଆଗରେ ଛିଡା ହୋଇଗଲେ । ଇତି ମଧ୍ୟରେ ମୁହମ୍ମଦ[ସଅ]ଙ୍କ ଚତୁପାର୍ଶ୍ୱରେ ତାଙ୍କ ଅନୁଚରଗଣ ଏକତ୍ର ରୁଣ୍ଡ ହୋଇ ଛିଡା ହୋଇଗଲେ । ତହୁଁ ସେ ମୁସୈଲିମାକୁ ସମ୍ବୋଧିତ କରି କହିଲେ 'ତୁମେ କହୁଛ ଯେ ମୁହମ୍ମଦ ରସୁଲୁଲ୍ଲାଃ ଯଦି ନିଜର ଉତ୍ତାରେ ମୋତେ ଖଲିଫା ଭାବରେ ନିଯୁକ୍ତ କରିଦେବେ, ତେବେ ମୁଁ ତାଙ୍କ ଅନୁଗାମୀ ହେବା ପାଇଁ ପ୍ରସ୍ତୁତ ଅଛି । କିନ୍ତୁ ମୁଁ ତ ପ୍ରଭୁଙ୍କ ଆଦେଶ କ୍ରମେ ଏହାର ବିପରୀତରେ ଖଜୁରି ଗଛର ଏହି ଡାଳକୁ ମଧ୍ୟ ତୁମକୁ ଦେବା ପାଇଁ ପ୍ରସ୍ତୁତ ନୁହେଁ । ମୋ ଜୀବନ ଅନ୍ତରେ ତାହା ହିଁ ଘଟିବ, ଯାହା ପ୍ରଭୁ ମୋ ପାଇଁ ନିର୍ଦ୍ଧାରିତ କରି ରଖିଛନ୍ତି । ଯଦି ତୁମେ ମୋର ଏହି ମନ୍ତବ୍ୟକୁ ପ୍ରତ୍ୟାଖ୍ୟାନ କରି ଏଠାରୁ ଚ୍ଲିଯିବ, ତା'ହେଲେ ଈଶ୍ୱର ତୁମ ପାଦ କାଟିଦେବେ । ମୁଁ ଏବେ ଦେଖିପାରୁଛି ଯେ ପ୍ରଭୁ ମୋତେ ସ୍ୱପ୍ନାବସ୍ଥାରେ ଯାହା ଦେଖାଇଥିଲେ, ତାହା ହିଁ ତୁମ ସହିତ ଘଟିବ । ବର୍ତ୍ତମାନ ମୁଁ ଫେରି ଯାଉଛି । ମୋ ପକ୍ଷରୁ ସାବିତ୍ ବିନ୍ ଶମାସଙ୍କ ସହିତ ତୁମେ କଥାବାର୍ତ୍ତା କର ।' ଏହା କହି ମହାଭାଗ ଚ୍ଲିଗଲେ । ହଜରତ ଅବୁ ହୁରୈରା[ରଅ] ତାଙ୍କ ସହିତ ଯାଉଥିଲେ । ବାଟରେ କୌଣସି ବ୍ୟକ୍ତି ମୁହମ୍ମଦ[ସଅ]ଙ୍କୁ ପଚ୍ରିଲା, 'ହେ ଅଲ୍ଲାଃଙ୍କ ରସୁଲ ! ଆପଣ ଏପରି କଣ କହିଲେ ଯେ ପ୍ରଭୁ ଯାହା ମୋତେ ଦେଖାଇଲେ ତୋତେ ମୁଁ ସେହିପରି ଦେଖୁଛି ?' ଏହା ଶୁଣି ମହାଭାଗ ଉତ୍ତର ଦେଲେ 'ମୁଁ ସ୍ୱପ୍ନରେ ଦେଖିଲି ଯେ ମୋ ହାତରେ ଦୁଇଟି କଡା ବା ଲୌହ ଶୃଙ୍ଖଳ ରହିଛି । ସେ ସମୟରେ ମୋତେ ଦୈବିବାଣୀ ହେଲା ଯେ ମୁଁ ତାଙ୍କ ଉପରେ ଫୁଙ୍କି ଦେବି । ଯେବେ ମୁଁ ଫୁଙ୍କି ଦେଲି, ସେହି କଡା ଦୁଇଟି ଉଡିଗଲେ । ମୁଁ ତାହାର ଏହି ବ୍ୟାଖ୍ୟା କଲି ଯେ ମୋ ପରେ ଦୁଇଜଣ ମିଥ୍ୟା ଦାବିଦାର ପ୍ରକଟ ହେବେ ।' (ବୁଖାରି କିତାବୁଲ୍ ମଗାଜି)

★ ହଜରତ ମୁହମ୍ମଦ[ସଅ]ଙ୍କ ବୟସ ଅନ୍ତିମ ଚରଣରେ ଉପନୀତ ହେଲା । ଆରବର ସବୁଠାରୁ ବୃହତ ତଥା ଅନ୍ତିମ ଜାତି ତାଙ୍କ ନୀତିକୁ ଅନୁସରଣ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ସର୍ତ୍ତ କେବଳ ଏତିକି ରହିଥିଲା ଯେ ଦିବ୍ୟ ବାର୍ତ୍ତାବହ ତାଙ୍କ ଦଳପତିଙ୍କୁ ନିଜ ମୃତ୍ୟୁ ପରେ ଖଲିଫା ରୂପେ ଘୋଷଣା କରିଦେବେ । ଯଦି ରସୁଲୁଲ୍ଲାଃଙ୍କ ହୃଦୟରେ ନିଜର ବ୍ୟକ୍ତିଗତ ପ୍ରତିଷ୍ଠାର ଭାବନା ରହିଥାନ୍ତା, ଏପରି ପରିସ୍ଥିତିରେ ଯେବେ କି ତାଙ୍କର ପୁତ୍ର ସନ୍ତାନ ନଥିଲେ, ସେ ଆରବର ସବୁଠାରୁ ବୃହତ ଜାତିର ବୃହତ୍ତମ ସର୍ଦ୍ଦାରଙ୍କୁ ନିଜର ଉତ୍ତରାଧିକାରୀ ରୂପେ ନିଯୁକ୍ତ କରିବା ତାଙ୍କପରେ କୌଣସି କଷ୍ଟକର ବିଷୟ ହୋଇ ନଥାନ୍ତା । ତାଙ୍କୁ ଖଲିଫା ପଦରେ ଅଭିଷିକ୍ତ କରିବାର ବଚନ ଦେଇ ସମଗ୍ର ଆରବ ଜାତିଙ୍କ ପାଇଁ ଏକତାର ମାର୍ଗ ପ୍ରଶସ୍ତ କରି ଦେଇଥାନ୍ତେ । କିନ୍ତୁ ରସୁଲୁଲ୍ଲାଃ[ସଅ] କୌଣସି କ୍ଷୁଦ୍ରାତିକ୍ଷୁଦ୍ର ବସ୍ତୁକୁ ନିଜର ବସ୍ତୁ ବୋଲି ଭାବୁ ନଥିଲେ । ସେପରି ସ୍ଥଳେ ଇସଲାମର ଶାସନକୁ କିପରି ନିଜର ବ୍ୟକ୍ତିଗତ ସଂପତ୍ତି ବୋଲି ମଣିଥାନ୍ତେ ? ତାଙ୍କ ନିକଟରେ ଇସଲାମୀ ଶାସନ ଈଶ୍ୱରଙ୍କ ନ୍ୟାସ ସ୍ୱରୂପ ଓ ସେହି ନ୍ୟାସକୁ ଈଶ୍ୱରଙ୍କୁ ଅର୍ପଣ କରିଦେବା ଉଚିତ । ସେଥିପାଇଁ ସେ ଉକ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଲେ ଓ କହିଲେ 'ସାମ୍ରାଜ୍ୟ ତ ଦୂରର କଥା, ଈଶ୍ୱରଙ୍କ ଆଜ୍ଞା ବିନା ମୁଁ ଖଜୁରି ଗଛର ଏକ ଡାଳକୁ ମଧ୍ୟ ତୁମକୁ ଦେବା ପାଇଁ ପ୍ରସ୍ତୁତ ନୁହେଁ ।'

★ ମହାଭାଗ ଯେବେ ବି ଅଲ୍ଲାଃଙ୍କ ନାମ ଜପନ କରୁଥିଲେ, ତାହାଙ୍କ ପ୍ରେମରେ ତନ୍ମୟ ହୋଇ ଯାଉଥିଲେ ଏବଂ ସେହି ପ୍ରେମାବେଗ ଅବସ୍ଥାରେ ମହାଭାଗଙ୍କ ଅନ୍ତର ଓ ବାହ୍ୟ ରୂପ ସ୍ୱତଃସ୍ଫୂର୍ତ୍ତ ଭାବରେ ଜ୍ୟୋତିର୍ମୟ ହୋଇ ଯାଉଥିଲା । ସେତେବେଳେ ଏପରି ପ୍ରତୀତ ହେଉଥିଲା, ସତେ ଯେପରି ନିଜର ସର୍ବାଙ୍ଗ ଅସ୍ତିତ୍ୱ ସ୍ୱର୍ଗୀୟ ପ୍ରେମରେ ଏକାକାର ହୋଇ ଯାଉଥିଲା । ପରମେଶ୍ୱରଙ୍କ ଉପାସନାରେ ତାଙ୍କୁ ସାବଲୀଳ ଓ ସରଳ ଆତ୍ମିକ ଭାବ ଏପରି ପସନ୍ଦ ଥିଲା ଯେ ମସଜିଦ୍ ଭିତରେ କୌଣସି ଗାଲିଚ୍ଛ ବା ଚଦର ବିଛା ହୋଇ ନଥିଲେ ସୁଦ୍ଧା ସେ ଖାଲି ଭୂମି ଉପରେ ନମାଜ ପାଠ କରୁଥିଲେ ଏବଂ ଆଗରେ ଛିଡା ହୋଇ ନମାଜ ପରିଚ୍ଛଳନା କରୁଥିଲେ । ଅନେକ ସମୟରେ ବର୍ଷା ହେଲେ ଛାତରୁ ପାଣି ଗଳୁଥିଲା ଓ ଦିବ୍ୟ ଅବତାରଙ୍କ ଶରୀର ପାଣି ଓ କାଦୁଅରେ ଭିଜି ଓଦା ସରସର ହୋଇ ଯାଉଥିଲା । ତଥାପି ସେ ଉପାସନାରେ ନିରନ୍ତର ମଗ୍ନ ରହୁଥିଲେ । କିନ୍ତୁ ମନରେ ଏପରି ଭାବନା କଦାପି ଆସୁ ନଥିଲା ଯେ ନିଜ ଶରୀର ଓ କପଡାର ସୁରକ୍ଷା ପାଇଁ ସେହି ସମୟର ନମାଜକୁ ସ୍ଥଗିତ କରିଦେବେ ଅଥବା ସେଠାରୁ ଘୁଞ୍ଚି ଯାଇ ଅନ୍ୟସ୍ଥାନରେ ଯାଇ ନମାଜ ପାଠ କରିବେ । (ବୁଖାରି, କିତାବୁସ୍ ସୌମ୍)

ମହାନୁଭବ ନିଜ ଅନୁଚରମାନଙ୍କ ଉପାସନା ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେଉଥିଲେ । ଥରେ ଜଣେ ଅତ୍ୟନ୍ତ ସଦାଚାରୀ ଓ ଭଦ୍ର ସ୍ୱଭାବଶୀଳ ଅନୁଚର ହଜରତ ଅବ୍ଦୁଲ୍ଲାଃ ବିନ୍ ଉମର[ରଅ]ଙ୍କ ସମ୍ବନ୍ଧରେ ସେ କହିଥିଲେ ଅବ୍ଦୁଲ୍ଲାଃ ବିନ୍ ଉମର ଉତ୍ତମ ବ୍ୟକ୍ତି ବୋଲାଇବେ, ଯଦି ସେ ତହଜ୍ଜୁଦ୍ ନମାଜ (ଅର୍ଦ୍ଧରାତ୍ରୀ ପର ଏକନିଷ୍ଠ ଉପାସନା) ମଧ୍ୟ ନିୟମିତ ରୂପେ ପଢିପାରନ୍ତେ । (ମୁସଲିମ୍, କିତାବ୍ ଫଜାଇଲୁସ୍ ସାହାବା) ଯେତେବେଳେ ଅବ୍ଦୁଲ୍ଲାଃ ବିନ୍ ଉମରଙ୍କୁ ଏହି ସୂଚନା ମିଳିଲା, ସେହି ଦିନଠାରୁ ହିଁ ସେ ତହଜ୍ଜୁଦ୍ ନମାଜ ଆରମ୍ଭ କରିଦେଲେ । ସେହିପରି ଲେଖାଅଛି ଯେ ମହାଭାଗ ଥରେ ରାତିରେ ନିଜ ଜାମାତା ହଜରତ ଅଲି[ରଅ] ଓ କନ୍ୟା ଫାତିମା[ରଅ]ଙ୍କ ଘରକୁ ଗଲେ । ସେମାନଙ୍କୁ ପଚାରିଲେ, 'କଣ ତୁମେମାନେ ରାତିରେ ଉଠି ତହଜ୍ଜୁଦ ନମାଜ ପଢୁଛ ?' ହଜରତ ଅଲି[ରଅ] କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ପଢିବା ପାଇଁ ପ୍ରୟାସ ତ କରୁଛୁ । କିନ୍ତୁ ପ୍ରଭୁଙ୍କ ଇଚ୍ଛା ଅନୁରୂପ ଯଦି କୌଣସି ସମୟରେ ଆମ ଆଖି ବନ୍ଦ ରହୁଛି ଅର୍ଥାତ୍ ନିଦ ଭାଙ୍ଗୁନାହିଁ, ତା'ହେଲେ ତହଜ୍ଜୁଦ୍ ପଢି ହେଉନାହିଁ ।' ଏହା ଶୁଣି ମହାଭାଗ କହିଲେ, 'ତହଜ୍ଜୁଦ୍ ଅବଶ୍ୟ ପଢୁଥାଅ ।' ଏହା କହି ସେ ନିଜ ଗୃହକୁ ପ୍ରସ୍ଥାନ କଲେ । କିନ୍ତୁ ଯିବା ରାସ୍ତାରେ ବାରମ୍ବାର ଏହା କହୁଥିଲେ,

وَكَانَ الْإِنْسَانُ أَكْثَرَ شَيْءٍ جَدَلًا

'ଓ୍ୱ କା'ନଲ୍ ଇନ୍ସାନୋ ଅକ୍ସରୋ ଶୈଇଂ ଜଦଲନ୍ ।'

ଏହା ପବିତ୍ର କୁରଆନ୍ର ଏକ ପଙ୍କ୍ତି ଯାହାର ଅର୍ଥ ହେଉଛି, ମନୁଷ୍ୟ ପ୍ରାୟତଃ ନିଜ ଭୁଲ୍ ସ୍ୱୀକାର କରିବାକୁ ଘାବରା ହୋଇଥାଏ ଏବଂ ବିଭିନ୍ନ ପ୍ରକାର ତର୍କ କରି ନିଜ ଭୁଲ୍ ଉପରେ ପରଦା ପକାଇଦିଏ । ତାତ୍ପର୍ଯ୍ୟ ଏହା ଥିଲା ଯେ ହଜରତ ଅଲି[ରଅ] ଓ ଫାତିମା[ରଅ] ସେପରି ନକହି ଏହା କହିଥାନ୍ତେ ଯେ ଆମର ବେଳେବେଳେ ଭୁଲ ହୋଇଯାଏ । କିନ୍ତୁ ସେମାନେ ଏପରି କାହିଁକି କହିଲେ ଯେବେ ଈଶ୍ୱରଙ୍କ ଇଚ୍ଛାକୁ ଜାଗ୍ରତ ନ କରିବା ପାଇଁ ଥାଏ, ତେବେ ଆମେ ଶୋଇ ରହିଥାଉ । ନିଜ ଦୋଷକୁ ଅଲ୍ଲାଃଙ୍କ ସହିତ ସଂପୃକ୍ତି କରିବାର କୌଣସି ଯଥାର୍ଥତା ନାହିଁ । ତେଣୁ ସେ ଅଲ୍ଲାଃଙ୍କ ସହିତ ନିବିଡ ପ୍ରେମ ସଂପର୍କ ରଖିଥିବା ସତ୍ତ୍ୱେ କାହାର ଲୋକ ଦେଖାଣିଆ ଉପାସନା ବା ଅନୁମାନ ଲଗାଇ ପରୋକ୍ଷରେ ବାହାନା ପୂର୍ବକ କଥାବାର୍ତ୍ତା କରିବା ପାଇଁ ବହୁତ ଘୃଣା କରୁଥିଲେ । ତାଙ୍କର ଏହି ସିଦ୍ଧାନ୍ତ ଥିଲା ଯେ ମନୁଷ୍ୟକୁ ଈଶ୍ୱର ଯେଉଁ ଶକ୍ତି ଓ ସାମର୍ଥ୍ୟ ଦେଇଛନ୍ତି, ତାକୁ ସଠିକ ରୂପେ ଓ ଯଥାସ୍ଥାନରେ ଉପଯୋଗ କରିବାକୁ ହିଁ ଉପାସନା କୁହାଯାଏ । ଆଖି ଥାଇ ଆଖିକୁ ବନ୍ଦ କରି ଦେବା ଉପାସନା ନୁହେଁ, ବରଂ ତାକୁ ଧୃଷ୍ଟତା କୁହାଯିବ । ଦୃଷ୍ଟିଶକ୍ତିର ଦୂରୁପଯୋଗ କରିବା ହେଉଛି ପାପ । କାନକୁ

ଅସ୍ତ୍ରୋପଚାର କରିବା ଦ୍ୱାରା ଶ୍ରବଣ ଶକ୍ତିରୁ ବଞ୍ଚିତ କରିଦେବା ପ୍ରଭୁଙ୍କ ପ୍ରତି ଧୃଷ୍ଟତା କୁହାଯିବ । ହଁ, ଲୋକଙ୍କ ଚୁଗୁଲି ଶୁଣିବା ବା ଖରାପ କଥା ଶୁଣିବା ପାପ । ଅନଶନ ଧର୍ମଘଟ କରି ଭୋଜନ ପରିତ୍ୟାଗ କରିବା ତଥା ଆତ୍ମହତ୍ୟା କରିବା ଇତ୍ୟାଦି ଈଶ୍ୱରଙ୍କ ପ୍ରତି କୃତଘ୍ନତା ହେବ । ଖାଦ୍ୟପେୟରେ ବ୍ୟସ୍ତ ରହିବା, ଅବୈଧ ଓ ଅରୁଚିକର ବସ୍ତୁ ସେବନ କରିବା ପାପ ଅନ୍ତର୍ଗତ । ଏହି ସବୁ ସୂକ୍ଷ୍ମ ଅନୁଶାସନ ଭିତ୍ତିକ ରହସ୍ୟ ଥିଲା, ଯାହାକୁ ମୁହମ୍ମଦ[ସଅ] ସଂସାର ସମ୍ମୁଖରେ ଉପସ୍ଥାପନ କଲେ । ଏହି ସବୁ ତତ୍ତ୍ୱ ତାଙ୍କ ପୂର୍ବବର୍ତ୍ତୀ କୌଣସି ଅବତାର ପ୍ରସ୍ତୁତ କରି ନଥିଲେ । ଉଚ୍ଚକୋଟୀର ଶିଷ୍ଟାଚାରର ନାମ ସେତେବେଳେ ବ୍ୟବହାରରେ ଲାଗିବ, ଯେତେବେଳେ ସ୍ୱାଭାବଗତ ଶକ୍ତିଗୁଡିକର ଯଥାର୍ଥ ଭାବେ ପ୍ରୟୋଗ କରା ଯାଇଥିବ । ସ୍ୱାଭାବିକ ଶକ୍ତିଗୁଡିକୁ ନଷ୍ଟ କରି ଦେବା ହେଉଛି ନିର୍ବୋଧତା । ସେଗୁଡିକୁ ଅନୈତିକ କାର୍ଯ୍ୟରେ ଲଗାଇବା ଦୁରାଚାର ଏବଂ ଏହାର ସମୁଚିତ ପ୍ରୟୋଗକୁ ପ୍ରକୃତ ସଦାଚାରୀତା କୁହାଯିବ । ଏହା ହିଁ ମୁହମ୍ମଦ[ସଅ]ଙ୍କ ଶିକ୍ଷାର ସାରତତ୍ତ୍ୱ ଓ ତାଙ୍କ ଜୀବନାଦର୍ଶର ସାରାଂଶ ଓ ତାଙ୍କ ଆଚରଣର ପ୍ରତିଫଳନ । ସୁତରାଂ ତାଙ୍କ ଧର୍ମପନ୍ନୀ ହଜରତ ଆଇଶା[ରଅ] ତାଙ୍କ ସମ୍ବନ୍ଧରେ କହିଛନ୍ତି :

مَا خُيِّرَ رَسُوْلُ اللّٰهِ ﷺ بَيْنَ اَمْرَيْنِ اِلَّا اَخَذَ اَيْسَرَ هُمَا مَالَمْ يَكُنْ اِثْمًا فَاِنْ كَانَ
اِثْمًا كَانَ اَبْعَدَ النَّاسِ مِنْهُ

ମା ଖୁଇୟେରା ରସୁଲୁଲ୍ଲାହି ବୈନା ଅମ୍ରୈନେ ଇଲ୍ଲା ଅଖଜା ଐସରାହୁମା ମାଲମ୍ ୟକୁନ୍ ଇସ୍‌ମନ୍ ଫଇନ୍ କା'ନା ଇସ୍‌ମନ୍ କାନା ଅବ୍‌ଅଦନ୍ ନାସେ ମିନ୍‌ହୁ ।

ଅର୍ଥାତ୍ ମୁହମ୍ମଦ ରସୁଲୁଲ୍ଲାଃଙ୍କ ଜୀବନରେ ଏପରି ଅବସର କେବେ ଆସିନାହିଁ, ଯେବେ ଦୁଇଟି ମାର୍ଗ ଖୋଲା ରହିଥିଲା, ତନ୍ମଧ୍ୟରୁ ସେ ଯେଉଁଟି ସହଜ ମାର୍ଗ ତାକୁ ଆପଣାଇ ନାହାନ୍ତି । କିନ୍ତୁ ଏଥିପ୍ରତି ମହାଭାଗ ସର୍ବଦା ସଜାଗ ରହୁଥିଲେ ଯେ ସେହି ସରଳମାର୍ଗ ଅବଲମ୍ବନ କରିବା ମଧ୍ୟରେ ଯେପରି କୌଣସି ପାପର ଆଶଙ୍କା ନଥିବ । ଯଦି କଞ୍ଚିତ ମାତ୍ର ପାପର ଆଭାସ ପାଉଥିଲେ, ସେ ଅନ୍ୟ ସମସ୍ତ ଲୋକଙ୍କ ଅପେକ୍ଷା ଅଧିକ ସେହି ମାର୍ଗରୁ ଦୂରେଇ ରହୁଥିଲେ । ଏହା କିପରି ଉତ୍ତମ ଓ କିପରି ଉଚ୍ଚକୋଟିର ଆଚରଣ ଥିଲା । କିନ୍ତୁ ଏହାର ବିପରୀତରେ ସଂସାରକୁ ଧୋକା ଦେବା ପାଇଁ ଲୋକମାନେ ଅକାରଣରେ ନିଜକୁ ଅନେକ ପ୍ରକାର ଦୁଃଖ ଓ ଅସୁବିଧାରେ ପକାଇ ଦିଅନ୍ତି । ସେମାନଙ୍କ ଏହି କାର୍ଯ୍ୟ ପରମେଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ ନ

ଥାଏ । କାରଣ ଈଶ୍ୱରଙ୍କ ସକାଶେ କୌଣସି ନିରର୍ଥକ କାର୍ଯ୍ୟ କରାଯାଏ ନାହିଁ, ସେମାନେ ଲୋକମାନଙ୍କୁ ଧୋକା ଦେଇ ନିଜକୁ କଷ୍ଟରେ ପକାନ୍ତି ସତ, ମାତ୍ର ସେଥିରେ ବାସ୍ତବ କଲ୍ୟାଣ ବହୁତ କମ୍ ଦେଖାଯାଏ । ସେମାନେ ଆଡମ୍ବର ପୂର୍ଣ୍ଣ ଆଚରଣ ଦ୍ୱାରା ଲୋକମାନଙ୍କ ଉପରେ ନିଜ ପ୍ରଭାବ ବିସ୍ତାର କରିଥାନ୍ତି । ନିଜ ଦୋଷକୁ ଘୋଡାଇବା ପାଇଁ ଲୋକମାନଙ୍କ ଆଖିରେ ଧୂଳି ଦେବାକୁ ଚାହାନ୍ତି । କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଙ୍କ ଉଦ୍ଦେଶ୍ୟ ଈଶ୍ୱରଙ୍କ ଯଶଗାନ ତଥା ଯଥାର୍ଥ ସଦାଚ୍ଚର ଥିଲା । ତାଙ୍କୁ ଏପରି ବୃଥା ଆଡମ୍ବର ଯୁକ୍ତ ସଦାଚ୍ଚରୀତାର କ'ଣ ଆବଶ୍ୟକତା ଥିଲା ? ସଂସାର ତାଙ୍କୁ ଖରାପ ଭାବୁ କି ଭଲ ଉଭୟ କ୍ଷେତ୍ର ତାଙ୍କ ପାଇଁ ସମାନ ଥିଲା । ମହାଭାଗ ତ କେବଳ ଏତିକି ଦେଖୁଥିଲେ ଯେ ମୋ ପରମେଶ୍ୱର ମୋତେ କେଉଁ ଦୃଷ୍ଟିରେ ଦେଖୁଛନ୍ତି ଓ ମୋ ହୃଦୟ ଆତ୍ମ ସନ୍ତୋଷ ଲାଭ କରୁଛି କି ନାହିଁ । ସ୍ୱୟଂ ପରମେଶ୍ୱରଙ୍କ ସାନିଧ ଓ ନିଜ ହୃଦୟରେ ସାକ୍ଷ୍ୟ ପରେ ଯଦି ଲୋକମାନେ ତାଙ୍କ ସତ୍ୟତାର ସାକ୍ଷ୍ୟ ଦେଉଥିଲେ ସେଥିପାଇଁ ମହାଭାଗ ଆଭାର ବ୍ୟକ୍ତ କରୁଥିଲେ । ଯଦି ସେମାନେ ଆଡ ନୟନରେ ଦେଖି ବିଦ୍ୱେଷ ଭାବ ପ୍ରକଟ କରୁଥିଲେ, ତା'ହେଲେ ସେମାନଙ୍କ ଦୃଷ୍ଟିଶକ୍ତି ଦୂର୍ବଳ ଓ ଆଖିର ଜ୍ୟୋତିରେ ଅଭାବ ଦେଖାଯିବା ଉପରେ ଦୁଃଖ ପ୍ରକାଶ କରୁଥିଲେ ଏବଂ ସେମାନଙ୍କ ମତାମତକୁ କୌଣସି ମହତ୍ୱ ଦେଉ ନଥିଲେ ।

## ମୁହମ୍ମଦ[ସଅ] ଙ୍କ ମାନବଜାତି ପ୍ରତି ବ୍ୟବହାର

ପତ୍ନୀମାନଙ୍କ ପ୍ରତି ତାଙ୍କର ଆଚରଣ ଅତ୍ୟନ୍ତ ସହାନୁଭୁତି ପୂର୍ଣ୍ଣ ତଥା ନ୍ୟାୟ ସଂଗତ ଥିଲା । ଅନେକ ଥର ତାଙ୍କ ପତ୍ନୀମାନେ ତାଙ୍କ ସହିତ କଠୋର ବ୍ୟବହାର କରୁଥିଲେ ମଧ ମହାଭାଗ ନୀରବରେ ତାଙ୍କ କଥାକୁ ହସି ଟାଳି ଦେଉଥିଲେ । ଥରେ ସେ ପତ୍ନୀ ଆଏଶାକୁ କହିଲେ, 'ହେ ଆଏଶା ! ଯଦି ତୁମେ ମୋ ଉପରେ ରୁଷି ଯାଉଛ, ମୋତେ ତାହା ଜଣାପଡି ଯାଉଛି ।' ସେ ପଚ୍ଚରିଲେ, 'ଆପଣ କିପରି ଜାଣି ପାରୁଛନ୍ତି ?' ମହାଭାଗ ଉତ୍ତର ଦେଲେ, 'ଯେତେବେଳେ ତୁମେ ମୋ ଉପରେ ଖୁସି ହୋଇ ଯାଉଛ ଓ କୌଣସି ରାଣ ଖାଇ ତାହା ବ୍ୟକ୍ତ କରୁଛ, ତା'ହେଲେ ତୁମେ ସବୁବେଳେ କହୁଛ, 'ମୁହମ୍ମଦଙ୍କ ପାଳନକର୍ତ୍ତାଙ୍କ ରାଣ ଖାଇ କହୁଛି ଯେ କଥାଟା ଏହିପରି ।' ଯେତେବେଳେ ତୁମେ ମୋ ଉପରେ ରାଗରୁଷାରେ ନିଜର ଅଭିମାନ ବ୍ୟକ୍ତ କରୁଛ ଓ ସେଥିପାଇଁ ରାଣ ଖାଇବାର ଆବଶ୍ୟକତା ପଡୁଛି, ସେତେବେଳେ ଏତିକି କହୁଛ-'ଇବ୍ରାହିମଙ୍କ ଭଗବାନଙ୍କ ରାଣ, ଏପରି କଥା ହୋଇ ଯାଇଛି ।'

ହଜରତ ଆଇଶା[ରଅ] ଏହା ଶୁଣି ହସିଦେଲେ ଓ ତାଙ୍କ କଥାରେ ସହମତି ପ୍ରକାଶ କରି କହିଲେ, 'ଆପଣ ଠିକ ବୁଝିଛନ୍ତି ।' (ବୁଖାରି କିତାବୁନ୍ ନିକାହ)

ହଜରତ ଖଦିଜା[ରଅ] ଦିବ୍ୟ ଅବତାରଙ୍କର ସବୁଠାରୁ ବଡ ପତ୍ନୀ ଥିଲେ । ସେ ତାଙ୍କ ପାଇଁ ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି । ତାଙ୍କ ମରଣୋପରାନ୍ତ ଅନେକ ନବୀ ଯୌବନା ମୁହମ୍ମଦ[ସଅ]ଙ୍କ ପତ୍ନୀ ହୋଇ ଆସିଛନ୍ତି । ଏହା ସତ୍ତ୍ୱେ ହଜରତ ଖଦିଜା[ରଅ]ଙ୍କ ଦାମ୍ପତ୍ୟ ସମ୍ପର୍କକୁ ସେ କେବେ ଭୁଲି ପାରି ନଥିଲେ । ଖଦିଜା[ରଅ]ଙ୍କ ବାନ୍ଧବୀ ଯେବେ ବି ଆସୁଥିଲେ ସେ ସେମାନଙ୍କୁ ସ୍ୱାଗତ ଜଣାଇବା ପାଇଁ ଛିଡା ହୋଇ ଯାଉଥିଲେ (ମୁସଲିମ, ଭାଗ ଫଜାଏଲ୍ ଏ ଖଦିଜା) । ଖଦିଜା[ରଅ]ଙ୍କ ହାତ ତିଆରି କୌଣସି ବସ୍ତୁ ଯଦି ତାଙ୍କ ଆଖି ସମ୍ମୁଖକୁ ଆସୁଥିଲା ତାଙ୍କ ଆଖିରେ ଲୁହ ଭରି ଯାଉଥିଲା । ବଦର ଯୁଦ୍ଧରେ ଯେତେବେଳେ ତାଙ୍କର ଜଣେ ଜାମାତା ବନ୍ଦୀ ହୋଇ ଆସିଲେ, ତାଙ୍କୁ ମୁକ୍ତ କରିବା ପାଇଁ କୌଣସି ଫିଦ୍‌ୟା (ମୁକ୍ତିମୂଲ୍ୟ) ଦେବା ପାଇଁ ଧନ ନଥିଲା । ହଜରତ ମୁହମ୍ମଦ[ସଅ]ଙ୍କ କନ୍ୟା ଯେତେବେଳେ ଦେଖିଲେ ଯେ ନିଜ ପତିଙ୍କୁ ବନ୍ଦୀମୁକ୍ତ କରି ନେଇଯିବା ପାଇଁ ପାଖରେ କୌଣସି ଧନ ନାହିଁ , ସେ ନିଜ ମାତାଙ୍କ ଅନ୍ତିମ ଚିହ୍ନ ସ୍ୱରୂପ ରହିଥିବା ବେକର ହାରକୁ ନିଜ ପତିଙ୍କ ଫିଦ୍‌ୟା ରୂପେ ମଦିନା ପଠାଇଦେଲେ । ସେହି ହାର ମୁହମ୍ମଦ[ସଅ]ଙ୍କ ସମ୍ମୁଖରେ ରଖାଯିବାରୁ, ତାହା ଦେଖି ବିଗତ ସ୍ମୃତି ତାଙ୍କ ଆଖିରେ ନାଚି ଉଠିଲା । ପ୍ରଥମ ପତ୍ନୀଙ୍କ ହାରକୁ ଚିହ୍ନି ପାରି ତାଙ୍କ ଚକ୍ଷୁ ଲୋତକରେ ପୂର୍ଣ୍ଣ ହୋଇଗଲା । ମହାଭାଗ ନିଜ ଅନୁଚରମାନଙ୍କୁ କହିଲେ, 'ତୁମକୁ ଏହାର ଆଦେଶ ଦେବା ପାଇଁ ମୋର କୌଣସି ଅଧିକାରୀ ନାହିଁ । କିନ୍ତୁ ମୁଁ ଜାଣିଛି ଯେ ଏହି ହାର ଜୈନେବ୍ (ମୁହମ୍ମଦଙ୍କ କନ୍ୟା)ଙ୍କ ନିକଟରେ ତା' ମାତାଙ୍କ ଅନ୍ତିମ ସ୍ମୃତି ହୋଇ ରହିଥିଲା । ତାକୁ ସେ ନିଜ ସ୍ୱାମୀକୁ ଛଡାଇବା ଉଦ୍ଦେଶ୍ୟରେ ଦେଇ ଦେଇଛି । ଯଦି ଖୁସି ମନରେ ଆପଣମାନେ ଏପରି କରିପାରିବେ, ତା'ହେଲେ ମୁଁ କେବଳ ସୁପାରିଶ କରୁଛି ଯେ କନ୍ୟାକୁ ତା'ମାତାର ଶେଷ ସନ୍ତକରୁ ବଞ୍ଚିତ କରନ୍ତୁ ନାହିଁ ।' ଏହା ଶୁଣି ଅନୁଚରଗଣ ଏକ ସ୍ୱରରେ କହି ଉଠିଲେ, 'ହେ ଅଲ୍ଲାଃଙ୍କ ରସୁଲ୍ ! ଆମମାନଙ୍କ ପାଇଁ ଏହାଠାରୁ ଅଧିକ ଆନନ୍ଦ ଆଉ କ'ଣ ହୋଇପାରେ ।' ତହୁଁ ସେମାନେ ହଜରତ ଜୈନେବଙ୍କୁ ସେହି ହାର ଫେରାଇ ଦେଲେ (ଅସ୍‌ସିରତୁଲ୍ ହଲବିୟା, ଖଣ୍ଡ ୨, ପୃ ୨୧୫) । ପତ୍ନୀ ଖଦିଜା[ରଅ]ଙ୍କ ତ୍ୟାଗର ନିଦର୍ଶନ ତାଙ୍କ ହୃଦୟରେ ଏପରି ରେଖାପାତ କରିଥିଲା ଯେ ମହାଭାଗ ଅନ୍ୟ ପତ୍ନୀମାନଙ୍କ ସମ୍ମୁଖରେ ତାଙ୍କର ଶୁଭକର୍ମର ପ୍ରାୟତଃ ସବୁବେଳେ ଆଲୋଚନା କରୁଥିଲେ । ଏହିପରି ଥରେ ମହାଭାଗ ସର୍ବ କନିଷ୍ଠ ପତ୍ନୀ ହଜରତ ଆଇଶା[ରଅ]ଙ୍କୁ ଖଦିଜା[ରଅ]ଙ୍କ ଗୁଣ ଚର୍ଚ୍ଚା କରୁଥିବା ସମୟରେ ସେ ଚିଡିଯାଇ

କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଏବେ ସେହି ବୃଦ୍ଧା ସ୍ତ୍ରୀଲୋକଙ୍କ ଜୀବନି ମୋ ଆଗରେ ବଖାଣନ୍ତୁ ନାହିଁ । ଅଲ୍ଲାଃତାଲା ତାଙ୍କ ଠାରୁ ଅଧିକ ଉତ୍ତମ, ଯୌବନପ୍ରାପ୍ତ ସୁନ୍ଦରୀମାନଙ୍କୁ ପତ୍ନୀ ରୂପେ ଆପଣଙ୍କୁ ଅର୍ପଣ କରିଛନ୍ତି ।' ଏହା ଶୁଣି ରସୁଲୁଲ୍ଲାଃ ସଅ ଙ୍କ ଆଖିରେ ଲୁହ ଭରିଗଲା । ମହାଭାଗ କହିଲେ, 'ଆଇଶା ! ତୁମକୁ ଏହା ଜଣାନାହିଁ ଯେ ଖଦିଜା ମୋର କେତେ ସେବା କରିଛନ୍ତି ।' (ବୁଖାରି, କିତାବ ବଦଉଲ୍ ଖଲ୍କ, ଭାଗ ତଜ୍‌ଓ୍ୱିଜୁନ୍‌ନବିଯ୍ୟ)

# ଆଦର୍ଶ ଚରିତ୍ରବାନ୍ ବ୍ୟକ୍ତିତ୍ୱ

ମହାଭାଗଙ୍କ ସ୍ୱଭାବ ବହୁତ ସରଳ ଓ ଅମାୟିକ ଥିଲା । କୌଣସି କଷ୍ଟ ପଡିଲେ ସେ ଘାବରା ହେଉ ନଥିଲେ । କେବେ କୌଣସି ଇଚ୍ଛା ଓ ଅଭଳାଷ ପ୍ରତି ସେ ଅତ୍ୟଧିକ ପ୍ରଭାବିତ ହେଉ ନଥିଲେ । ତାଙ୍କ ଜୀବନ ଚରିତରେ ପୂର୍ବରୁ କୁହାଯାଇଛି ଯେ ସେ ଜନ୍ମ ହେବା ପୂର୍ବରୁ ତାଙ୍କ ପିତା ଓ ବାଲ୍ୟକାଳରେ ତାଙ୍କ ମାତାଙ୍କ ନିଧନ ହୋଇ ଯାଇଥିଲା । ପ୍ରାରମ୍ଭିକ ଆଠ ବର୍ଷ ନିଜ ପିତାମହ ଅବ୍‌ଦୁଲ ମୁତ୍ତଲିବଙ୍କ ତତ୍ତ୍ୱାବଧାନରେ ଅତିବାହିତ କଲେ । ତତ୍‌ପଶ୍ଚାତ୍ ତାଙ୍କ ଲାଳନ ପାଳନ ପିତୃବ୍ୟ ଅବୁତାଲିବ୍‌ଙ୍କ ଛତ୍ରଛାୟା ତଳେ ହୋଇଥିଲା । କକା ତାଙ୍କର ରକ୍ତ ସମ୍ପର୍କୀୟ ଥିଲେ ମଧ୍ୟ ତାଙ୍କ ପିତା ମୃତ୍ୟୁ ପୂର୍ବରୁ ମୁହମ୍ମଦ ସଅ ଙ୍କ ସପକ୍ଷରେ ବିଶେଷ ଯତ୍ନ ନେବା ସକାଶେ ପୁତ୍ରକୁ କହି ଯାଇଥିଲେ । ସେଥିପାଇଁ ସେ ରସୁଲୁଲ୍ଲାଃ ସଅ ଙ୍କର ପ୍ରତିପୋଷଣ ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ ସୁଦ୍ଧା ଗୃହରେ କାକି (ଅବୁତାଲିବଙ୍କ ପତ୍ନୀ)ଙ୍କର ପୁତୁରାଙ୍କ ପ୍ରତି କୌଣସି ସହାନୁଭୂତି ନଥିଲା । ସେ ଘରୋଇ ଦାୟୀତ୍ୱ ତୁଲାଇବାରେ ଅବହେଳା ପ୍ରଦର୍ଶନ କରୁଥିଲେ । ଯଦି କୌଣସି ପିଲାଙ୍କ ବ୍ୟବହାର୍ଯ୍ୟ ବସ୍ତୁ ଘରକୁ ଆସୁଥିଲା, ସେ ପ୍ରାତୟଃ ନିଜ ପିଲାଙ୍କୁ ପ୍ରଥମେ ଦେଉଥିଲେ ଓ ଶିଶୁ ମୁହମ୍ମଦଙ୍କୁ ସବୁବେଳେ ଅଣଦେଖା କରୁଥିଲେ । ଅବୁତାଲିବ୍ ଘରକୁ ଆସି ନିଜ ଛୋଟ ପୁତୁରାକୁ କେବେ କାନ୍ଦିବାର ବା ଅଳି ଅଝଟ କରିବାର ଦେଖି ନଥିଲେ । ବରଂ ଯେତେବେଳେ ଏକ ପକ୍ଷେ ନିଜସ୍ୱ ସନ୍ତାନ ତ ଖାଇବା ପଦାର୍ଥ ହାତରେ ଧରି ଖାଉଥିଲେ, ଅଥଚ କୁନି ପୁତୁରା ସ୍ୱାଭିମାନୀ ଓ ସାକ୍ଷାତ ଗାରିମାର ପ୍ରତୀକ ହୋଇ ଘର କୋଣରେ ଚୁପ୍‌ଚାପ୍ ବସି ରହୁଥିଲେ । କକାଙ୍କର ପିତୃବତ୍ସଳ ପ୍ରେମ ଓ ପାରିବାରିକ ଦାୟୀତ୍ୱକୁ ବୁଝିପାରି ସେ ତତ୍‌କ୍ଷଣାତ୍ ପୁତୁରାକୁ ନିଜ କୋଳକୁ ଟେକି ନେଉଥିଲେ ଓ ନିଜ ପତ୍ନୀକୁ କହୁଥିଲେ, 'ମୋର ଏହି ପୁଅ ପ୍ରତି ଟିକିଏ ଧ୍ୟାନ ଦିଅ, ମୋ ପୁଅ ପ୍ରତି ଟିକିଏ ତ ଧ୍ୟାନ

ଦିଅ ।' ଏହିପରି ଅନ୍ୟାୟ ସବୁବେଳେ ହେଉଥିଲା ଓ ଦେଖୁଥିବା ଲୋକ କହୁଥିଲେ ମୁହମ୍ମଦ[ସଅ] କେବେହେଲେ ତାଙ୍କ ପ୍ରତି ହେଉଥିବା ଅବହେଳାର ଅଭିଯୋଗ କରି ନାହାନ୍ତି କିମ୍ବା ତାଙ୍କ ଚେହେରାରେ ଉଦାସୀନତା ଦେଖାଦେଇ ନାହିଁ କିମ୍ବା କେବେ ବିଷାଦର ଛାୟା ପ୍ରକଟ ହୋଇ ନାହିଁ । ତାଙ୍କ ସ୍ୱଭାବରେ କେବେ ଅଝଟ ଅଳୀ କରିବା ବା ବିରକ୍ତି ଭାବ ପ୍ରକାଶ କରିବାର ଚିହ୍ନ ନଥିଲା । ନା ନିଜ କକାପୁଅ ଭାଇମାନଙ୍କ ପ୍ରତି ଏଥିପାଇଁ ମନରେ ଈର୍ଷା ଭାବ ଜାତ ହୋଇଥିଲା । ତାଙ୍କର ଏହି ଜନ୍ମଗତ ଚରିତ ଓ ସଦ୍‌ଗୁଣ ପରବର୍ତ୍ତୀ ପରିସ୍ଥିତିରେ ବିକଶିତ ହୋଇଥିବାର ପ୍ରମାଣ ମିଳେ । ତାଙ୍କ ଜୀବଦ୍ଦଶାରେ ଅନାଥ ବାଳୁତ ହଜରତ ଅଲି ତଥା ହଜରତ ଜାଫରଙ୍କୁ ନିଜ ପାଖରେ ଆଣି ରଖି ପାଳିଥିଲେ ଓ ସେମାନଙ୍କୁ ବଢାଇ କୁଢାଇ ଜୀବନରେ ଚାରିତ୍ରିକ ବିକାଶ ଘଟାଇଥିଲେ ।

ଦିବ୍ୟ ବାର୍ତ୍ତାବହଙ୍କ ସାଂସାରିକ ଜୀବନ ଅତ୍ୟନ୍ତ ଦୁଃଖ ଓ ଅନାଟନ ମଧ୍ୟ ଦେଇ ଗତି କରିଥିଲା । ତାଙ୍କ ସାମାଜିକ ପରିସ୍ଥିତି ଦୁର୍ବିସହ ଯନ୍ତ୍ରଣାରେ ପରିପୂର୍ଣ୍ଣ ଥିଲା । ଜନ୍ମନେବା ପୂର୍ବରୁ ପିତାଙ୍କ ନିଧନ, ପୁଣି ମାତା ଓ ପିତାମହ ଜଣକ ପରେ ଜଣେ ତାଙ୍କୁ ଶୋକ ସାଗରରେ ଭସାଇ ଆରପାରିକୁ ଚାଲିଗଲେ । ଏହାପରେ ତାଙ୍କର ଅନେକ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା । ଯେଉଁମାନଙ୍କ ମଧ୍ୟରେ ହଜରତ ଖଦିଜା[ରଅ] ପରି ଅନୁରକ୍ତ ଓ ସ୍ନେହ ବତ୍ସଳା ନାରୀ ଅନ୍ୟତମ । ସେ ସାରା ଜୀବନ ପତି ମୁହମ୍ମଦ[ସଅ]ଙ୍କ ପାଖରେ ରହି ତାଙ୍କର ଅକୁଣ୍ଠଚିତ୍ତ ସେବା ଯତ୍ନ କରିବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ଏହିପରି ସକଳ ପ୍ରକାର ସଂକଟଜନକ ପରିସ୍ଥିତିକୁ ମହାଭାଗ ପ୍ରସନ୍ନତା ପୂର୍ବକ ସହ୍ୟ କଲେ ଏବଂ ଏହି ଦୁଃଖ କଷ୍ଟ ନା ତାଙ୍କୁ ହତାଶ କରିପାରିଲା ନା ତାଙ୍କର ଆମୋଦିତ ମନ ଉପରେ କୌଣସି ପ୍ରଭାବ ପକାଇ ପାରିଲା । ହୃଦୟର ବ୍ୟଥା କେବେ ନେତ୍ର ଉପରେ ଝଲସୁ ନଥିଲା । ବରଂ ଚେହେରାରେ ଉଲ୍ଲାସ ଓ ଆତ୍ମୀୟତାର ଭାବ ସବୁରି ପାଇଁ ସବୁବେଳେ ଫୁଟି ଉଠୁଥିଲା । ବହୁତ କମ ଅବସରରେ ତାଙ୍କ ଅନ୍ତରର ଦରଦକୁ ସେ ପ୍ରକଟ କରିଥିଲେ ।

ଏକଦା ଜଣେ ସ୍ତ୍ରୀ ଲୋକର ପୁତ୍ରର ମୃତ୍ୟୁ ହୋଇଗଲା ଓ ସେ ତା'ର ସମାଧି ପାଖରେ ବସି କାନ୍ଦୁଥିଲା । ରସୁଲୁଲ୍ଲାଃ[ସଅ] ସେଇ ବାଟ ଦେଇ ଯାଉଥିଲେ । ଏହା ଦେଖି ମହାଭାଗ କହିଲେ, 'ହେ ନାରୀ ! ଧୈର୍ଯ୍ୟ ଧାରଣ କର । ଈଶ୍ୱରଙ୍କ ଇଚ୍ଛା ମହାନ ଓ ଲୀଳା ଅପାର' । ସେହି ସ୍ତ୍ରୀ ଲୋକ ମୁହମ୍ମଦ[ସଅ]ଙ୍କ ଚିହ୍ନି ନଥିଲା । ତେଣୁ ଉତ୍ତର ଦେଲା 'ଯେପରି ମୋ ପୁଅ ମରିଛି, ସେପରି ତୁମ ପୁଅ ମରିଥିଲେ ତୁମେ ଜାଣି ନଥାନ୍ତ ଯେ ଧୈର୍ଯ୍ୟ କିପରି ରଖାଯାଏ ।' ତହୁଁ ରସୁଲୁଲ୍ଲାଃ ଏହା କହି ସେଠାରୁ ଚାଲିଗଲେ ଯେ

ଜଣେ ନୁହେଁ, ଗୋଟିକ ପରେ ଗୋଟିଏ ସାତ ଜଣ ସନ୍ତାନଙ୍କ ମୃତ୍ୟୁ ହୋଇଛି । ନିଜ ହୃଦୟର ପୀଡାକୁ ସେ ଏହିପରି ଦର୍ଶାଇ ଦେଉଥିଲେ । ନଚେତ ପ୍ରଜାଙ୍କ ମଙ୍ଗଳ ତଥା ଶୁଭ ମନାସିବାରେ ନା ସେ କେବେ ଉଣା କରିଛନ୍ତି ନା ତାଙ୍କ ମନର ପ୍ରଫୁଲ୍ଲତାରେ କେବେ ଅନ୍ତର ଆସିଛି ।

## ସହନଶୀଳତା

ମହାଭାଗଙ୍କଠାରେ ସହନଶୀଳତା ଏତେ ଅଧିକ ମାତ୍ରାରେ ଭରି ରହିଥିଲା ଯେ ତାଙ୍କୁ ସେହି ଯୁଦ୍ଧରେ ମଧ୍ୟ ସାମ୍ରାଜ୍ୟ ଅର୍ପଣ କରାଯାଇଥିଲା । ମହାଭାଗ ସବୁରି ଲୋକଙ୍କର ପ୍ରତ୍ୟେକ ବ୍ୟଥା ଶୁଣୁଥିଲେ ଓ ହୃଦୟଙ୍ଗମ କରୁଥିଲେ । ଯଦି କୌଣସି ବ୍ୟକ୍ତି କଠୋର ବାଣୀ ପ୍ରୟୋଗ କରୁଥିଲେ ମହାଭାଗ ନୀରବ ହୋଇ ରହି ଯାଉଥିଲେ ଏବଂ ତାହାର ଉତ୍ତର କଦାପି କଟୁଭାଷାରେ ଦେଉ ନଥିଲେ । ମୁସଲମାନମାନେ ମୁହମ୍ମଦ[ସଅ]ଙ୍କୁ ତାଙ୍କର ଆଧ୍ୟାତ୍ମିକ ଉପାଧି ଦ୍ୱାରା ଅର୍ଥାତ୍ 'ରସୁଲୁଲ୍ଲାଃ' କହି ସମ୍ବୋଧିତ କରୁଥିଲେ । କିନ୍ତୁ ଅନ୍ୟ ଧର୍ମାବଲମ୍ବୀ ତାଙ୍କୁ ଆଦର ସମ୍ମାନ ପୂର୍ବକ ଏସୀୟ ପ୍ରଥାନୁଯାୟୀ ଏପରି କରୁଥିଲେ ଯେ 'ମୁହମ୍ମଦ' ନାମ ନଧରି କୌଳିକ ତଥା ବଂଶଗତ ନାମରେ 'ଅବୁକାଶିମ୍' କହି ଡାକୁଥିଲେ । (ଅବୁକାଶିମ୍ ଅର୍ଥାତ୍ କାସିମର ବାପା, କାସିମ ତାଙ୍କର ଜଣେ ପୁତ୍ର ଥିଲେ) ଥରେ ଜଣେ ଇହୁଦୀ ମଦିନା ଆସିଲେ ଓ ତାଙ୍କ ସହିତ ବିତର୍କ କରିବାକୁ ଲାଗିଲେ । କଥା କଥାରେ ସେ କହୁଥିଲା 'ହେ ମୁହମ୍ମଦ ! କଥାଟି ଏପରି , ହେ ମୁହମ୍ମଦ ! କଥାଟି ସେପରି' କିନ୍ତୁ ଅଲ୍ଲାଃଙ୍କ ବର୍ତ୍ତାବହ ବିନା ସଂକୋଚରେ ତା' କଥାର ଉତ୍ତର ଦେଉଥିଲେ । ସେହି ଲୋକର ଏପରି ଧୃଷ୍ଟତା ଦେଖି ଅନୁଚରମାନେ ବ୍ୟାକୁଳ ହୋଇ ଉଠିଲେ । ଏହା ସମ୍ଭାଳି ନପାରି ଶେଷରେ ଜଣେ ଅନୁଚର ସେହି ଇହୁଦିକୁ କହିଲେ 'ଖବରଦାର ! ମହାଭାଗଙ୍କ ନାମ ନେଇ କଥାବାର୍ତ୍ତା କରନାହିଁ । ତୁମେ ରସୁଲୁଲ୍ଲାଃ ବୋଲି ଯଦି ନ କହିପାରୁଛ ଅନ୍ତତଃ ଅବୁକାଶିମ୍ କୁହ ।' ଇହୁଦି ଜଣକ କହିଲା 'ମୁଁ ତ ସେହିନାମ ନେଇ ସମ୍ବୋଧିତ କରିବି ଯେଉଁ ନାମ ତାଙ୍କ ପିତା ମାତା ଦେଇଛନ୍ତି ।' ଅଲ୍ଲାଃଙ୍କ ବାର୍ତ୍ତାବହ ଏହା ଶୁଣି ସ୍ମିତହାସ୍ୟ କରି ସେହି ଅନୁଚରଙ୍କୁ କହିଲେ 'ଦେଖ ସେ ଠିକ୍ କହୁଛି, ମୋର ପିତା ମାତା ମୋ ନାମ ମୁହମ୍ମଦ ହିଁ ରଖିଥିଲେ । ସେ ଯେଉଁ ନାମ ଧରି କହୁଛି ତାକୁ କହିବାକୁ ଦିଅ । ସେଥିପାଇଁ କ୍ରୋଧିତ ହୁଅନାହିଁ ।'

ମହାଭାଗ ଯେତେବେଳେ ବାହାରକୁ କୌଣସି କାମରେ ଯାଉଥିଲେ, କେତେକ ଲୋକ ତାଙ୍କ ଯିବା ପଥକୁ ଓଗାଳି ଛିଡା ହେଉଥିଲେ ଓ ନିଜର ଆବଶ୍ୟକୀୟ

ବିଷୟ ଉପରେ କଥାବର୍ତ୍ତା କରୁଥିଲେ । ଯେତେବେଳ ପର୍ଯ୍ୟନ୍ତ ସେମାନେ କଥାବାର୍ତ୍ତା ଜାରି ରଖୁଥିଲେ, ତାହା ଶେଷ ନ ହେବା ପର୍ଯ୍ୟନ୍ତ ମହାଭାଗ ସେମିତି ଅବସ୍ଥାରେ ଛିଡା ହୋଇ ରହୁଥିଲେ । ତାଙ୍କ କଥା ସରିଲା ପରେ ସେ ଆଗକୁ ଅଗ୍ରସର ହେଉଥିଲେ । ସେହିପରି କରମର୍ଦ୍ଦନ କରିବା ପାଇଁ ଲୋକମାନେ ତାଙ୍କ ହାତକୁ ବହୁ ସମୟ ପର୍ଯ୍ୟନ୍ତ ଚାପି ଧରୁଥିଲେ । ଏହା କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରେ ଓ ଏକ ଅପ୍ରିୟ ଢଙ୍ଗର କାର୍ଯ୍ୟ । ତଥାପି ସେହି ବ୍ୟକ୍ତି ନିଜ ହାତକୁ ଛଡାଇ ନ ନେବା ପର୍ଯ୍ୟନ୍ତ ମୁହମ୍ମଦ[ସଅ] ନିଜ ହାତ ତାଙ୍କ ହାତରେ ରଖିବାକୁ ଦେଉଥିଲେ । ଅନେକ ପ୍ରକାର ଆବଶ୍ୟକତା ନେଇ ବିଭିନ୍ନ ଲୋକ ଆସୁଥିଲେ । ଯଦି କୌଣସି ମାଗୁଥିବା ଲୋକ ତା'ର ଆବଶ୍ୟକତା ଅନୁଯାୟୀ କିଛି ମାଗି ନେବା ପରେ ମଧ୍ୟ ଲାଳସା ରଖି ଆହୁରି ଅଧିକ ଦାବି କରୁଥିଲା, ସେ ପୁନର୍ବାର ତା'ର ଇଚ୍ଛା ପୂରଣ କରି ଦେଉଥିଲେ । କେତେକ ଲୋକ ଅନେକ ଥର ମାଗୁଥିଲେ ଓ ସେ ପ୍ରତ୍ୟକ ଥର ତାକୁ କିଛି ନା କିଛି ଦେଇ ଚାଲିଥିଲେ । ଯଦି କୌଣସି ବ୍ୟକ୍ତି ବିଶେଷ ରୂପେ ସ୍ୱଚ୍ଛଳ ଥିବାର ଜଣା ପଡୁଥିଲା, ତାକୁ ମାଗିବାର ଇଚ୍ଛା ପୂରଣ କଲା ପରେ ତାକୁ କେବଳ ଏତିକି କହୁଥିଲେ 'କେତେ ଉତ୍ତମ ହୁଅନ୍ତା, ଯଦି ତୁମେ ପ୍ରଭୁଙ୍କ ଉପରେ ଭରସା କରନ୍ତ ।' ସୁତରାଂ ଜଣେ ଉତ୍ତମ ଭକ୍ତ ନିଜ ଆବଶ୍ୟକତା ପୂରଣ କରିବା ପାଇଁ ବାରମ୍ବାର ଅର୍ଥ ମାଗି ନେଇ ଯାଉଥିଲା । ମୁହମ୍ମଦ[ସଅ] ତା'ର ଇଚ୍ଛା ପୂରଣ କରି ସାରି ଶେଷରେ ଏତିକି କହିଲେ, 'ମାଗିବାର ସବୁଠାରୁ ଉତ୍କୃଷ୍ଟ ସ୍ଥାନ ହେଉଛି ଈଶ୍ୱରଙ୍କ ଦରବାର । ତେଣୁ ମନୁଷ୍ୟ ସେହି ମହାଦାନୀ ଈଶ୍ୱରଙ୍କ ଉପରେ ଭରସା ରଖିବା ଉଚିତ ।' ସେହି ଅନୁଚର ଜଣକ ସୁସଭ୍ୟ ଓ ନିଷ୍କପଟ ଥିବା ଯୋଗୁଁ ନେଇଥିବା ସାମଗ୍ରୀ ଆଉ ଫେରାଇଲେ ନାହିଁ ସତ, କିନ୍ତୁ ନିଜ ଭବିଷ୍ୟତକୁ ବିଚାରି କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ଏହା ମୋର ଅନ୍ତିମ କଥା । ଭବିଷ୍ୟତରେ ମୁଁ କାହାକୁ କୌଣସି ଅବସ୍ଥାରେ ମଧ୍ୟ କେବେ ବି ପ୍ରଶ୍ନ କରିବି ନାହିଁ ।'

ଥରେ ଅତି ଭୀଷଣ ଭାବେ ଯୁଦ୍ଧ ହେଉଥିଲା । ଉଭୟ ପକ୍ଷରୁ ବର୍ଚ୍ଛା ବିଦ୍ଧ କରା ଯାଉଥିଲା । ତୀର ବର୍ଷା ହେଉଥିଲା ଓ ପରସ୍ପର ମଧ୍ୟରେ ତରବାରୀ ଚାଳନା ପ୍ରଖର ଗତିରେ ହେଉଥିଲା । ସୈନିକମାନଙ୍କ ମଧ୍ୟରେ ଘମାଘୋଟ ଲଢେଇ ଚାଲିଥିଲା । ସେହି ମାଗିଥିବା ଅନୁଚରଙ୍କ ହାତରୁ ହଠାତ୍ କୋରଡା ଖସି ତଳେ ପଡିଗଲା । ଶତ୍ରୁ ଚାରିପଟେ ଘେରି ରହିଥିଲେ । ସେତିକିବେଳେ ଜଣେ ଶତ୍ରୁ ସୈନ୍ୟ ଚିନ୍ତା କଲା ଯେ ଯଦି ଏହି ଅଫିସର ତଳକୁ ଓହ୍ଲାଇ ପଡନ୍ତି, ତା'ହେଲେ ଆମର ବହୁତ କ୍ଷତି ଘଟାଇ ପାରନ୍ତି । ତେଣୁ ସେ ଉକ୍ତ କୋରଡା ଉଠାଇ ତାଙ୍କୁ ବଢାଇ ଦେବା ପାଇଁ ତଳକୁ ନଇଁବାକୁ ଉଦ୍ୟତ ହୁଅନ୍ତେ ସେହି ଅନୁଚରଙ୍କ ଦୃଷ୍ଟି ପଡିଲା । ସେ କହିଲେ, 'ହେ

ଭାଇ ! ତୋତେ ପ୍ରଭୁଙ୍କ ରାଣ, ତୁମେ ମୋ କୋରଡାରେ ହାତ ଲଗାଅ ନାହିଁ ।' ଏହା କହି ସେ ଅଶ୍ୱରୁ ଡେଇଁପଡି କୋରଡାକୁ ଉଠାଇନେଲେ । ପୁଣି ସେହି ପଦାତିକ ସୈନ୍ୟକୁ କହିଲେ, 'ମୁଁ ରସୁଲୁଲ୍ଲାଃ[ସଅ]ଙ୍କୁ କଥା ଦେଇଥିଲି ଯେ ମୁଁ କାହାଠାରୁ ମାଗିବା ପାଇଁ କାହା ପାଖରେ ହାତ ପତାଇବି ନାହିଁ । ଯଦି ମୁଁ ତୁମକୁ ଅଯାଚିତ ଭାବରେ କୋରଡା ଉଠାଇବାକୁ  ଦେଇଥାନ୍ତି, ତା'ହେଲେ ବର୍ତ୍ତମାନ ପରିସ୍ଥିତିରେ ମୋର ଏହି ହସ୍ତ ପ୍ରସାରଣ ଭିକ୍ଷା ବୃତ୍ତି ହୋଇ ଯିବାର ଆଶଙ୍କା ଥିଲା । ତଦ୍ୱାରା ମୁଁ ଜଣେ ବଚନ ଭଙ୍ଗକାରୀ ହୋଇ ଯାଇଥାନ୍ତି । ଏହା ଯୁଦ୍ଧଭୂମି ହୋଇଥିଲେ ମଧ୍ୟ ମୁଁ ନିଜ କାର୍ଯ୍ୟ ନିଜେ କରିବି ।'

## ନ୍ୟାୟ

ଦିବ୍ୟ ଅବତାରଙ୍କ ମଧ୍ୟରେ ନ୍ୟାୟ ଓ ନିରପେକ୍ଷ ବିଚ୍ଚର କରିବା କ୍ଷମତା ଅତ୍ୟଧିକ ମାତ୍ରାରେ ରହିଥିଲା, ଯାହାର ଦୃଷ୍ଟାନ୍ତ ଜଗତରେ କେଉଁଠାରେ ମିଳେ ନାହିଁ । ଆରବୀୟମାନଙ୍କ ମଧ୍ୟରେ ପକ୍ଷପାତିତା ଓ ସୁପାରିଶକୁ ଗ୍ରହଣ କରିବା ଏକ ବ୍ୟାଧିରେ ପରିଣତ ହୋଇ ଯାଇଥିଲା । କେବଳ ଆରବ କାହିଁକି, ଆଧୁନିକ ଯୁଗରେ ସଭ୍ୟ ଦେଶ ମାନଙ୍କରେ ମଧ୍ୟ ଏହା ଦେଖାଯାଉଛି ଯେ ବଡ ପ୍ରତିପତ୍ତି ଓ କ୍ଷମତାଶାଳୀ ବ୍ୟକ୍ତିଙ୍କୁ ଅପରାଧ ପାଇଁ କୌଣସି ଶାସ୍ତି ଦେବା ବେଳେ ସଂକୋଚ କରାଯାଉଛି ଓ ଗରିବମାନଙ୍କୁ ଦଣ୍ଡବିଧାନ କଲାବେଳେ ଘାବରା ହୁଅନ୍ତି ନାହିଁ । ଥରେ ମୁହମ୍ମଦ[ସଅ]ଙ୍କ ନିକଟକୁ ଏକ ମକଦ୍ଦମା ଆସିଲା । ଜଣେ ସମ୍ଭ୍ରାନ୍ତ ବଂଶର ସ୍ତ୍ରୀଲୋକ ଅନ୍ୟ ଜଣେ ବ୍ୟକ୍ତିର ଅର୍ଥ ଆତ୍ମସାତ କରିଥିଲା । ବାସ୍ତବିକତା ଜଣାପଡିଲା ପରେ ଆରବୀୟଙ୍କ ମଧ୍ୟରେ ସେ ଏକ ପ୍ରତିଷ୍ଠିତ ପରିବାରର ମହିଳା ଥିବା ଯୋଗୁଁ ହଇଚଇ ସୃଷ୍ଟି ହୋଇଗଲା । ସେମାନେ ଚ୍ଛହୁଥିଲେ ଯେ ମୁହମ୍ମଦ[ସଅ]ଙ୍କ ଦରବାରରେ ଏହି ମାମଲା ଆଣି ତା'ର କ୍ଷମା ପାଇଁ ନିବେଦନ କରାଯିବ । କୌଣସି ବ୍ୟକ୍ତି ଏହି କଥା କହିବାକୁ ରସୁଲୁଲ୍ଲାଃଙ୍କ ସାମନା କରିବା ପାଇଁ ସାହସ କରିପାରିଲେ ନାହିଁ । କିନ୍ତୁ ଲୋକମାନେ ରସୁଲୁଲ୍ଲାଃଙ୍କର ଜଣେ ପ୍ରିୟ ଅନୁଚର ଓସାମା ବିନ୍ ଜୈଦ୍[ରଅ]ଙ୍କୁ ତାହା ସପକ୍ଷରେ ସୁପାରିଶ କରିବା ପାଇଁ ନିଯୁକ୍ତ କଲେ । ସେ ନିଜ କଥା ଆରମ୍ଭ ନକରୁଣୁ ମୁହମ୍ମଦ[ସଅ]ଙ୍କ ଚେହେରାରେ କ୍ରୋଧଭାବ ଜାଗ୍ରତ ହେଲା ସେ କହିଲେ 'ଓସାମା ! ତୁମେ ଏପରି କଣ କହୁଛ ? ପୂର୍ବକାଳୀନ ଜାତି ବା ସଂପ୍ରଦାୟର ଲୋକମାନେ ତ ଏହିପରି ବଡ ଲୋକଙ୍କ ସହିତ ବ୍ୟବହାରରେ କୋମଳ ମନୋଭାବ ଦେଖାଇ ଥାନ୍ତି ତଥା ଛୋଟ ବର୍ଗର ଲୋକଙ୍କ ସହିତ ଅନ୍ୟାୟ କରି ନଷ୍ଟଭ୍ରଷ୍ଟ ହୋଇ ଯାଇଛନ୍ତି । ଇସଲାମ୍ ଏହାର ଅନୁମତି

ଦେଉନାହିଁ ଓ ମୁଁ ଏହା କଦାପି କରିପାରିବି ନାହିଁ । ଈଶ୍ୱରଙ୍କ ରାଣ ! ଯଦି ମୋ ଝିଅ ଫାତିମା ମଧ୍ୟ ଏହି ଧରଣର ଅପରାଧ କରିଥାନ୍ତା, ତେବେ ମୁଁ ତାକୁ ଶାସ୍ତି ନ ଦେଇ ଛାଡି ନଥାନ୍ତି ।'

ଏହି ଘଟଣା ତାଙ୍କ ଜୀବନ ବୃତ୍ତାନ୍ତରେ ବର୍ଣ୍ଣନା କରାଯାଇଛି । ବଦର ଯୁଦ୍ଧରେ ଯେବେ ମୁହମ୍ମଦ[ସଅ]ଙ୍କ ଆତ୍ମୀୟ ହଜରତ୍ ଅବ୍ବାସ ବନ୍ଦୀ ହେଲେ, ସେତେବେଳେ ତାଙ୍କ ଚିତ୍କାର ଶୁଣି ମୁହମ୍ମଦ[ସଅ] ବହୁତ କଷ୍ଟ ଅନୁଭବ କଲେ । ତାଙ୍କ ବ୍ୟାକୁଳତା ଦେଖି ଯେବେ ଅନୁଚରମାନେ ଅବ୍ବାସଙ୍କ ହସ୍ତର ବନ୍ଧନକୁ ଖୋଲି ଦେଲେ ମୁହମ୍ମଦ[ସଅ] ଏକଥା ଜାଣିବା ପରେ କହିଲେ 'ମୋର ବନ୍ଧୁବାନ୍ଧବ ଯେପରି ଅନ୍ୟମାନଙ୍କ ବନ୍ଧୁବାନ୍ଧବ ମଧ୍ୟ ସେହିପରି । ଯା ତ ମୋର କକା ଅବ୍ବାସଙ୍କୁ ପୁଣି ଥରେ ରଜ୍ଜୁରେ ବାନ୍ଧିଦିଅ, ନଚେତ ସମସ୍ତ ବନ୍ଦୀମାନଙ୍କ ବନ୍ଧା ଦଉଡିର ଶୃଙ୍ଖଳ ଖୋଲିଦିଅ ।' ଯେହେତୁ ଅନୁଚରମାନଙ୍କୁ ମୁହମ୍ମଦ[ସଅ]ଙ୍କ ହୃଦୟର ପୀଡାର ଆଭାସ ଥିଲା, ତେଣୁ ସେମାନେ କହିଲେ 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେ ସମସ୍ତ ବନ୍ଦୀମାନଙ୍କ ବଂଧନର ଶୃଙ୍ଖଳ ଖୋଲି ଦେଉଛୁ ।' ସୁତରାଂ ସେମାନେ ସମସ୍ତଙ୍କ ଦଉଡି ଫିଟାଇ ଦେଲେ । ସେ ଯୁଦ୍ଧକାଳୀନ ଅବସରରେ ମଧ୍ୟ ନ୍ୟାୟ ପ୍ରତି ଧ୍ୟାନ ଦେଉଥିଲେ । ଥରେ ସେ କେତେକ ଅନୁଚରଙ୍କୁ ଶତ୍ରୁପକ୍ଷର ସୂଚନା ଆଣିବା ପାଇଁ ବାହାରକୁ ପଠାଇଲେ । ତେବେ ସେମାନେ ଯାଉଯାଉ କେତେକ ଶତ୍ରୁଙ୍କ ସହିତ ବିଶେଷ ପବିତ୍ର ସ୍ଥାନ ହରମ୍ର ସୀମାରେ ତାଙ୍କର ଦେଖା ହୋଇଗଲା । ସେମାନେ ଚିନ୍ତା କଲେ ଯଦି ଏହି ଶତ୍ରୁପକ୍ଷର ଲୋକମାନଙ୍କୁ ଆମେ ଜୀବିତ ଛାଡିଦେବୁ, ତା'ହେଲେ ଏମାନେ ଯାଇ ମକ୍କାବାସୀଙ୍କୁ ଆମର ଉପସ୍ଥିତି ସଂବନ୍ଧରେ ଜଣାଇଦେବେ । ସୁତରାଂ ସେମାନଙ୍କ ଉପରେ ତୁରନ୍ତ ଆକ୍ରମଣ କରିଦେଲେ । ଫଳତଃ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମରିଗଲା । ଯେତେବେଳେ ଶତ୍ରୁଙ୍କ ସଂବନ୍ଧରେ ସୂଚନା ଆଣିବା ପାଇଁ ଯାଇଥିବା ଦଳ ମଦିନାରେ ପହଞ୍ଚିଲେ, ସେମାନଙ୍କ ପଛେ ପଛେ ମକ୍କାବାସୀଙ୍କ ପକ୍ଷରୁ ମଧ୍ୟ ଏକ ଦଳ ଯାଇ ଅଭିଯୋଗ କଲେ ଯେ ଆପଣଙ୍କ ଲୋକମାନେ ହରମର ସୀମାବଦ୍ଧ ଅଂଚଳରେ ଆମର ଦୁଇଜଣ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି । ଯେଉଁମାନେ ପୂର୍ବରୁ ହରମ୍ର ସୀମା ଭିତରେ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଉପରେ ଅତ୍ୟାଚ୍ଚର ଚଳାଇ ଆସୁଥିଲେ, ତାଙ୍କୁ ଏହି ଉତ୍ତର ଦିଆଯାଇ ପାରିଥାନ୍ତା ଯେ ତୁମେମାନେ କେବେ ହରମ୍ର ସମ୍ମାନ କରିଛ ଯେ ତୁମେ ଆମଠାରୁ ହରମ୍ର ସମ୍ମାନ ଆଶା ରଖୁଛ ? କିନ୍ତୁ ମୁହମ୍ମଦ[ସଅ] ଏପରି ଉତ୍ତର ତ ଦେଲେ ନାହିଁ, ବରଂ ଏତିକି କହିଲେ, 'ହଁ ଅନ୍ୟାୟ ହୋଇଛି, କାରଣ ସମ୍ଭବତଃ ସେମାନେ ହରମ୍ ମଧ୍ୟରେ ସୁରକ୍ଷିତ ଅଛନ୍ତି ବୋଲି ଭାବି ନିଜ ସୁରକ୍ଷାର ପୂର୍ଣ୍ଣ ପ୍ରୟାସ

କରି ନଥିବେ । ସେଥିପାଇଁ ଆପଣମାନଙ୍କୁ ସେହି ମୃତବ୍ୟକ୍ତିଙ୍କ ପାଇଁ ଫିଦିୟା (କ୍ଷତିପୂରଣ ସ୍ୱରୂପ ନଗଦ ରାଶି) ଦିଆଯିବ । ସୁତରାଂ ମହାଭାଗ ହତ୍ୟା କରାଯାଇଥିବା ବ୍ୟକ୍ତିଙ୍କ ଉତ୍ତରାଧିକାରୀମାନଙ୍କୁ ଆରବର ପ୍ରଚଳିତ ପ୍ରଥା ଅନୁଯାୟୀ ଫିଦିୟା ପ୍ରଦାନ କରିଥିଲେ ।'

## ଭାବନାର ଆଦର

ଆପଣା ଲୋକତ ନିଜର ବୋଲି ଆଦର ପାଏ । କିନ୍ତୁ ଅପର ଲୋକଙ୍କ ଭାବନାକୁ ମଧ୍ୟ ମହାଭାଗ ଅତ୍ୟଧିକ ସମ୍ମାନ ଦେଉଥିଲେ । ଥରେ ତାଙ୍କ ଛାମୁରେ ଜଣେ ଇହୁଦି ଆସି କହିଲା, 'ଦେଖନ୍ତୁ ମହାଶୟ, ଅବୁବକର ଏହିପରି କହି ମୋର ହୃଦୟରେ ଗଭୀର ଦୁଃଖ ପହଞ୍ଚାଇଛନ୍ତି ଯେ ମୁଁ ମୁହମ୍ମଦ[ସଅ]ଙ୍କ ରାଣ ଖାଇ କହୁଛି, ଯାହାଙ୍କୁ ଈଶ୍ୱର ମୋସେସ୍ ଅବତାରଙ୍କ ଠାରୁ ଶ୍ରେଷ୍ଠତର କରିଛନ୍ତି ।' ଏହି କଥାରେ ମୁଁ ମର୍ମାହତ ହୋଇଛି । ଏହାଶୁଣି ମହାଭାଗ ଅବୁବକର[ରଅ]ଙ୍କୁ ଡକାଇ ପଚାରିଲେ, 'କଥା କ'ଣ ?' ସେ ଉତ୍ତର ଦେଲେ 'ହେ ଅଲ୍ଲାଃଙ୍କ ରସୁଲ ! କଥାବାର୍ତ୍ତା ଆରମ୍ଭ କରି ଏହି ଲୋକ ହିଁ ମୋତେ କହିଥିଲେ 'ମୁଁ ମୋସେସ୍‌ଙ୍କ ରାଣ ଖାଇ କହୁଛି, ଯାହାଙ୍କୁ ଈଶ୍ୱର ସମସ୍ତ ସଂସାର ଉପରେ ଶ୍ରେଷ୍ଠତା ପ୍ରଦାନ କରିଛନ୍ତି ।' ଏହା ଉପରେ ମୁଁ ଟିପ୍ପଣୀ ଦେଇ କହିଲି 'ମୁଁ ମୁହମ୍ମଦ ରସୁଲୁଲ୍ଲାଃଙ୍କ ରାଣ ଖାଇ କହୁଛି, ଯାହାକୁ ପ୍ରଭୁ ମୋସେସ୍‌ଙ୍କ ଠାରୁ ଶ୍ରେଷ୍ଠତର କରିଛନ୍ତି ।' ତା'ପରେ ମୁହମ୍ମଦ[ସଅ] କହିଲେ, 'ଏପରି କରିବା ସମିଚୀନ ନୁହେଁ । ଅନ୍ୟମାନଙ୍କ ଭାବନା ପ୍ରତି ସମ୍ମାନ ଜଣାଇବା ଉଚିତ । ମୋତେ ମୋସେସ୍‌ଙ୍କ ଉପରେ ଶ୍ରେଷ୍ଠତା ଦିଅ ନାହିଁ ।' ତେବେ ଏହି ବାଣୀର ତାତ୍ପର୍ଯ୍ୟ ଏପରି ନଥିଲା ଯେ ମହାଭାଗ ନିଜକୁ ମୋସେସ୍‌ଙ୍କ ଠାରୁ ଶ୍ରେଷ୍ଠ ଭାବୁ ନଥିଲେ । ବରଂ ତାଙ୍କ କହିବାର ଏହି ତାତ୍ପର୍ଯ୍ୟ ଥିଲା ଯେ ମୁହମ୍ମଦ[ସଅ]ଙ୍କୁ ମୋସେସ୍‌ଙ୍କ ଠାରୁ ଅଧିକ ମାନ୍ୟତା ଦେଇ କହିବା ଦ୍ୱାରା ଇହୁଦିମାନଙ୍କ ହୃଦୟରେ କଷ୍ଟ ପହଞ୍ଚୁଛି ।

## ଦରୀଦ୍ରଙ୍କ ପ୍ରତି ସହାନୁଭୂତି ତଥା ଭାବନାକୁ ସମ୍ମାନ

ମହାଭାଗ ଦରୀଦ୍ରମାନଙ୍କ ଅବସ୍ଥାରେ ସୁଧାର କରିବା ପାଇଁ ସର୍ବଦା ଚେଷ୍ଟିତ ଥିଲେ । ସେମାନଙ୍କୁ ସମାଜରେ ଉପଯୁକ୍ତ ସ୍ଥାନ ଦେବା ପାଇଁ ପ୍ରଯତ୍ନ କରୁଥିଲେ । ମହାଭାଗ ଥରେ ବସିଥିବା ସମୟରେ ଜଣେ ଧନାଢ୍ୟ ବ୍ୟକ୍ତି ତାଙ୍କ ସମ୍ମୁଖରେ ଗଲା । ମହାଭାଗ ନିଜର ଜଣେ ଅନୁଚରଙ୍କୁ ପଚାରିଲେ 'ଏହି ବ୍ୟକ୍ତି ସମ୍ବନ୍ଧରେ ତୁମର କ'ଣ ଧାରଣା ଅଛି ?' ସେ କହିଲେ, 'ଏହି ବ୍ୟକ୍ତି ଜଣେ ପ୍ରତିଷ୍ଠିତ ଓ ଧନୀକ ଶ୍ରେଣୀୟ

ବ୍ୟକ୍ତି । ଯଦି ସେ କୌଣସି ଝିଅକୁ ବିବାହ କରିବାକୁ ଇଚ୍ଛା କରିବ, ତା' କଥାକୁ ସଂଗେ ସଂଗେ ଗ୍ରହଣ କରାଯିବ । ଯଦି ସେ କାହାପାଇଁ ସୁପାରିଶ କରିବ ତା'ର ସୁପାରିଶ ସ୍ୱୀକାର କରାଯିବ ।' ହଜରତ ମୁହମ୍ମଦ[ସଅ] ଏହା ଶୁଣି ଏହା ଶୁଣି ନୀରବ ରହିଲେ । ଇତ୍ୟବସରରେ ଅନ୍ୟ ଜଣେ ସେହି ପଥ ଦେଇ ଅତିକ୍ରମ କଲା, ଯିଏ ଜଣେ ଦୀନହୀନ ଓ ଦରୀଦ୍ର ଜଣା ପଡୁଥିଲା । ଅଲ୍ଲାଃଙ୍କ ବାର୍ତ୍ତାବହ ସେହି ଅନୁଚରଙ୍କୁ ପଚାରିଲେ 'ଏହି ବ୍ୟକ୍ତି ବିଷୟରେ ତୁମର କ'ଣ ମତ ?' ସେ କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ଏହି ବ୍ୟକ୍ତି ଏପରି ହୀନମନ୍ୟ ଯେ ଯଦି କୌଣସି ଝିଅ ସହିତ ବିବାହ କରିବାକୁ ପ୍ରସ୍ତାବ ଦେବ, ତାର ନିବେଦନକୁ ପ୍ରତ୍ୟାଖ୍ୟାନ କରାଯିବ । ଯଦି ସେ ସୁପାରିଶ କରିବାକୁ ଯିବ, ତା'ର ସୁପାରିଶ ଗ୍ରହଣ କରାଯିବ ନାହିଁ । ସେ କୌଣସି କଥା ଶୁଣାଇବାକୁ ଇଚ୍ଛା କଲେ ତା'ର କଥା ପ୍ରତି ଆଦୌ ଧ୍ୟାନ ଦିଆଯାଏ ନାହିଁ ।' ଏହା ଶୁଣି ଦିବ୍ୟ ବାର୍ତ୍ତାବହ କହିଲେ, 'ଏହି ନିର୍ଧନ ଓ ଦରୀଦ୍ର ବ୍ୟକ୍ତିର ମହତ୍ୱ ଉକ୍ତ ଧନୀ ବ୍ୟକ୍ତି ଠାରୁ ଏପରି ଅଧିକ ଯେପରି ସମସ୍ତ ସଂସାର ସୁବର୍ଣ୍ଣରେ ପରିପୂର୍ଣ୍ଣ କରି ଦିଆଯାଏ ।' (ବୁଖାରି, କିତାବୁଲ୍ ରିକାକ୍)

ଜଣେ ଗରିବ ସ୍ତ୍ରୀ ଲୋକ ମସଜିଦ୍‌ର ସଫାସୁତୁରା କରୁଥିଲା । କିନ୍ତୁ ଅନେକ ଦିନ ପର୍ଯ୍ୟନ୍ତ ସେ ଝାଡୁ କରିବାକୁ ଆସୁ ନଥିବାର ଦେଖି ମୁହମ୍ମଦ[ସଅ] ପଚାରିଲେ, 'ସେ ସ୍ତ୍ରୀ ଲୋକଟି ଆଜିକାଲି କାହିଁକି ଦେଖାଯାଉ ନାହିଁ ?' ଲୋକମାନେ କହିଲେ 'ତାର ମୃତ୍ୟୁ ହୋଇ ଯାଇଛି ।' ତହୁଁ ମହାଭାଗ କହିଲେ 'ଆପଣମାନେ ତାର ମୃତ୍ୟୁହେବା ଘଟଣା ସମ୍ବନ୍ଧରେ ମୋତେ ପୂର୍ବରୁ କାହିଁକି ସୂଚୀତ କଲନାହିଁ ? ମୁଁ ମଧ୍ୟ ତାର ଜନାଜାଃ (ଅନ୍ତେଷ୍ଟିକ୍ରୀୟା ନମାଜ) ରେ ସମ୍ମିଳିତ ହୋଇଥାନ୍ତି ? ତୁମେ ନିଶ୍ଚୟ ତାକୁ ଗରୀବ ଭାବି ନେଇଛ । ଏପରି କରିବା ତୁମ ପକ୍ଷେ ଆଦୌ ଉଚିତ ହୋଇନାହିଁ । ମୋତେ କୁହ, ତାର କବର କେଉଁଠି ଅଛି ?' ତା'ପରେ ମହାଭାଗ ତାର କବର ନିକଟକୁ ଯାଇ ତାର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କଲେ । (ବୁଖାରି କିତାବୁସ୍ ସଲାତ, ଭାଗ କନ୍‌ସୁଲ୍ ମସଜିଦ)

ଦିବ୍ୟ ଅବତାର ସର୍ବଦା କହୁଥିଲେ ଯେ ଅନେକ ବ୍ୟକ୍ତି ଏପରି ଅଛନ୍ତି, ଯାହାଙ୍କ ମୁଣ୍ଡର କେଶ ଅଡୁଆ ହୋଇ ଦେଖାଯାଉଥିବ । ସେମାନଙ୍କ ଦେହ ଉପରେ ଧୂଳି ମାଟି ପଡିଥିବ । ଯଦି ସେମାନେ ଲୋକଙ୍କୁ ଦେଖା କରିବାକୁ ଯାଆନ୍ତି, ଲୋକମାନେ ନିଜ ଗୃହର ଦ୍ୱାର ବନ୍ଦ କରି ଦିଅନ୍ତି । କିନ୍ତୁ ଏପରି ଜୀର୍ଣ୍ଣଶୀର୍ଣ୍ଣ ଲୋକ ଯଦି ପ୍ରଭୁଙ୍କ ରାଣ ଖାଇ କୌଣସି ସଂକଳ୍ପ କରି ବସନ୍ତି, ପ୍ରଭୁ ସେମାନଙ୍କର ଏତେ ସମ୍ମାନ କରନ୍ତି ଯେ ସେମାନଙ୍କ ସଂକଳ୍ପକୁ ପୂରଣ କରିବାକୁ ବାଧ୍ୟ ହୁଅନ୍ତି ।' (ମୁସଲିମ,ଖଣ୍ଡ ୨, କିତାବୁଲ୍ ବିର୍‌ରେ ଓ୍ୱସ୍‌ସିଲ୍‌ହ)

ଥରେ କେତେକ ଦାସତ୍ୱରୁ ମୁକ୍ତ ଗରୀବ ଶ୍ରେଣୀର ଅନୁଚର ବସିଥିଲେ । ଇସଲାମର ପରମ ଶତ୍ରୁ ଅବୁସୁଫିୟାନ ସେହି ବାଟ ଦେଇ ଯିବାବେଳେ ସେମାନେ ଇସଲାମର କେତେକ ବିଜୟଗାଥା ତାକୁ ଶୁଣାଇଲେ । ଏକଥା ବସି ଶୁଣୁଥିବା ଅବୁବକର[ରଅ]ଙ୍କୁ ଅପ୍ରିୟ ଲାଗିଲା ଯେ କୁରୈଶର ସର୍ଦ୍ଦାରଙ୍କୁ ଏହା କହିବା ଦ୍ୱାରା ଅପମାନିତ କରାଯାଇଛି । ସେ ସେହି ନିର୍ଧନ ବ୍ୟକ୍ତିମାନଙ୍କୁ କହିଲେ 'ତୁମେମାନେ କୁରୈଶର ଦଳପତିଙ୍କୁ ଏପରି କହି କାହିଁକି ଅପମାନ କରୁଛ ?' ପୁଣି ଅବୁବକର[ରଅ] ଏହି ଘଟଣାକୁ ମୁହମ୍ମଦ[ସଅ]ଙ୍କ ନିକଟରେ ଅଭିଯୋଗ ଛଳରେ ବଖାଣିଲେ । ମହାଭାଗ ଉତ୍ତର ଦେଲେ 'ହେ ଅବୁବକର ! ତୁମେ ବୋଧହୁଏ ଅଲ୍ଲାଃଙ୍କ ଏହି ପ୍ରିୟତମ ଭକ୍ତମାନଙ୍କୁ ଅସନ୍ତୁଷ୍ଟ କରିଛ । ଯଦି ତୁମେ ସେମାନଙ୍କୁ ଏପରି କ୍ଷୁବ୍ଧ କରିଥିବ, ତେବେ ମନେରଖ ଯେ ତୁମ ପାଳନକର୍ତ୍ତା ମଧ୍ୟ ତୁମ ପ୍ରତି ଅପ୍ରସନ୍ନ ହୋଇଯିବେ ।' ହଜରତ ଅବୁବକର[ରଅ] ସେହି ମୁହୂର୍ତ୍ତରେ ଉଠି ସେମାନଙ୍କ ନିକଟକୁ ଫେରିଗଲେ ଓ କହିଲେ 'ହେ ମୋର ଭାଇମାନେ ! କ'ଣ ମୋ କଥା ଶୁଣି ତୁମେମାନେ ମୋ ଉପରେ ଅସନ୍ତୋଷ ବ୍ୟକ୍ତ କରୁଛ ?' ସେହି ଦାସମାନେ ଉତ୍ତର ଦେଲେ 'ହେ ଆମ ଭାଇ ! ଆମେ ତୁମ କଥାରେ ଅସନ୍ତୁଷ୍ଟ ହୋଇନାହୁଁ । ପ୍ରଭୁ ଆପଣଙ୍କ ଭୁଲ ପାଇଁ କ୍ଷମା କରିଦିଅନ୍ତୁ ।'(ମୁସଲିମ୍, କିତାବୁଲ୍ ଫଜାଏଲ୍)

ମହାଭାଗ ଯେପରି ଦୀନ ଦରିଦ୍ରମାନଙ୍କୁ ମାନ ସମ୍ମାନ ଦେଉଥିଲେ, ସେହିପରି ସେମାନଙ୍କୁ ଆତ୍ମସମ୍ମାନ ରକ୍ଷା କରିବାର ଶିକ୍ଷା ଦେଉଥିଲେ । ମାଗିବା ବା ଭିକ୍ଷା ବୃତ୍ତିରୁ ବାରଣ କରୁଥିଲେ । ସୁତରାଂ ମହାଭାଗ ସର୍ବଦା କହୁଥିଲେ ଯେ ଗରିବ ସେହି ବ୍ୟକ୍ତି ନୁହେଁ, ଯିଏ ଗୋଟିଏ କି ଦୁଇଟି ଖଜୁର କିମ୍ବା ଢୋକେ କି ଦି ଢୋକ ପାଣିରେ ନିଜର ଖାଦ୍ୟାଭାବ ମେଣ୍ଟାଇ ସେଥିରେ ସନ୍ତୁଷ୍ଟ ହୋଇଥାଏ । ବରଂ ପ୍ରକୃତ ଗରିବ ସେହି ବ୍ୟକ୍ତି ଯିଏ ସଂକଟରେ ପଡିଥିଲେ ମଧ୍ୟ କାହାକୁ ହାତ ପତାଇ ମାଗେନାହିଁ । (ବୁଖାରି, କିତାବୁଲ୍ କୁରୁବ) । ମହାଭାଗ ନିଜ ସଂପ୍ରଦାୟକୁ ଏହି ଉପଦେଶ ମଧ୍ୟ ଦେଉଥିଲେ ଯେ ସେପରି ପ୍ରତ୍ୟେକ ପ୍ରକାରର ପ୍ରିତି ଭୋଜନ ଯହିଁରେ ଗରିବମାନଙ୍କୁ ଖାଇବାକୁ ନିମନ୍ତ୍ରଣ ଦିଆଯାଏ ନାହିଁ, ତାକୁ ସର୍ବଥା ଅମାନ୍ୟଜନକ ପ୍ରିତି ଭୋଜନ ବୋଲି କୁହାଯିବ । (ବୁଖାରି, କିତାବୁନ୍ ନିକାହ)

ହଜରତ ଆଇଶା[ରଅ] କହିଛନ୍ତି: ଥରେ ଜଣେ ଗରିବ ମହିଳା ମୋ ନିକଟକୁ ଆସିଲା । ତା'ସହିତ ଦୁଇଟି କନ୍ୟା ମଧ୍ୟ ଥିଲେ । ସେତେବେଳେ ଆମ ଘରେ ଗୋଟିଏ ଖଜୁରି ବ୍ୟତୀତ ଅନ୍ୟ କିଛି ନଥିଲା । ମୁଁ ତାଙ୍କୁ ସେହି ଖଜୁରିଟି ଧରାଇ ଦେଲି । ସେ ତାକୁ ଅଧା ଅଧା କରି ତା'ର ଦୁଇ କନ୍ୟାକୁ ଖାଇବାକୁ ଦେଲା ଓ ସେମାନେ ଉଠି

ଚ୍ଛଲିଗଲେ । ଯେବେ ରସୁଲୁଲ୍ଲାଃ[ସଅ] ଘରକୁ ଆସିଲେ, ମୁଁ ତାଙ୍କୁ ଏହି ବୃତ୍ତାନ୍ତ ଶୁଣାଇଲି । ମହାଭାଗ କହିଲେ, 'ଯେଉଁ ଗରିବ ଘରେ ଦୁଇଟି କନ୍ୟା ଥିବେ ଓ ସେ ସେମାନଙ୍କ ସହିତ ସଦ୍‌ବ୍ୟବହାର କରିଥିବ, ତାକୁ ମହାପ୍ରଳୟ ବା ଅନ୍ତିମ ବିଚ୍ଛର ଦିନ ନର୍କର ଶାସ୍ତିରୁ ଅଲ୍ଲାଃ ସୁରକ୍ଷିତ ରଖିବେ ।' ପୁଣି କହିଲେ 'ଅଲ୍ଲାଃ ସେହି ସ୍ତ୍ରୀଲୋକକୁ ଏହି କର୍ମ ପାଇଁ ଅର୍ଥାତ୍ ନିଜେ ନଖାଇ କନ୍ୟା ସନ୍ତାନକୁ ଖୁଆଇବା କର୍ମର ପ୍ରତିଫଳ ସ୍ୱରୂପ ସ୍ୱର୍ଗର ଅଧିକାରୀଣି କରାଇବେ ।'(ମୁସଲିମ୍, ଭାଗ-୨, କିତାବୁଲ୍ ଫଜାଏଲ୍)

ଏଠାରେ ଉଲ୍ଲେଖଯୋଗ୍ୟ ଯେ ତାଙ୍କର ଜଣେ ଧନାଢ୍ୟ ଅନୁଚର ସା'ଦ୍[ରଅ] ସର୍ବଦା ଅନ୍ୟମାନଙ୍କ ଆଗରେ ନିଜର ବଡିମା ଦେଖାଉଥିଲେ । ଏହି ବିଷୟରେ ଅବଗତ ହେବା କ୍ଷଣି ମୁହମ୍ମଦ ରସୁଲୁଲ୍ଲାଃ[ସଅ] କହିଲେ 'କ'ଣ ତୁମେ ଭାବୁଛ ଯେ ତୁମର ଏହି ସମୃଦ୍ଧି ଓ ପ୍ରତିପତ୍ତି ନିଜ ବାହୁ ବଳରେ ପ୍ରାପ୍ତ ହୋଇଛି । ଏପରି କଦାପି ନୁହେଁ । ତୁମର ସାମାଜିକ ପ୍ରତିଷ୍ଠା, ଧନସମ୍ପତ୍ତି ଓ ଶକ୍ତି ସବୁକିଛି ଦୀନ ଦରିଦ୍ରଙ୍କ ଦ୍ୱାରା ତୁମ ନିକଟକୁ ଆସିଛି ।' ମହାଭାଗ ସର୍ବଦା ଏହି ପ୍ରାର୍ଥନା କରୁଥିଲେ;

**اَللّٰهُمَّ اَحْيِنِىْ مِسْكِيْنًا وَاَمِتْنِىْ مِسْكِيْنًا وَاحْشُرْنِىْ فِىْ زُمْرَةِ الْمَسَاكِيْنِ يَوْمَ الْقِيَامَةِ**

ଅଲ୍ଲାହୁମ୍ମା ମହ୍‌ୟିନି ମିସ୍‌କିନନ୍ ଓ୍ୱ ଅମିତ୍‌ନି ମିସ୍‌କିନନ୍ ଓ୍ୱହ୍‌ଶୁର୍‌ନି ଫି ଜୁମ୍‌ରତିଲ୍ ମସାକିନେ ୟୋମଲ୍ କେୟାମାଃ । (ତିର୍‌ମିଜି, ଖଣ୍ଡ୨, ଅବ୍‌ଓ୍ୱାବୁଜ୍ ଜୁହଦ୍)

ଅର୍ଥାତ୍ 'ହେ ଅଲ୍ଲାଃ ! ମୋତେ ଦୀନହୀନ ଅବସ୍ଥାରେ ଜୀବିତ ରଖନ୍ତୁ । ଦୀନହୀନ ଅବସ୍ଥାରେ ହିଁ ମୃତ୍ୟୁ ଦିଅନ୍ତୁ ତଥା ମୋତେ ଅନ୍ତିମ ପ୍ରଳୟ ଦିନ ସେହି ଅବସ୍ଥାରେ ଉତ୍‌ଥିତ କରନ୍ତୁ ।'

ଏକଦା ହଜରତ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଙ୍କର ବଜାର ମଧ୍ୟରେ ଜଣେ ଦରିଦ୍ର ଅନୁଚରଙ୍କ ସହିତ ଭେଟ ହେଲା । ସେ ସଂଯୋଗ ବଶତଃ ଅତ୍ୟନ୍ତ ଜୀର୍ଣ୍ଣ ମଳିନ ଓ କୁତ୍ସିତ ରୂପୀ ମନୁଷ୍ୟ ଥିଲେ । ସେ ଗ୍ରୀଷ୍ମ ଋତୁରେ ନିଜ କାନ୍ଧରେ ଭାରକୁ କାନ୍ଧେଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୋହିନେଇ ଯାଉଥିଲେ । ପ୍ରଥମତଃ ତାଙ୍କ ଚେହେରା କୁରୂପ ଥିଲା ଓ ଧୂଳିମାଟି ତଥା ଝାଳ ଯୋଗୁଁ ସେ ଅଧିକ ବିଭତ୍ସ ଦେଖା ଯାଉଥିଲେ । ଠିକ୍ ସେହି ସମୟରେ ମୁହମ୍ମଦ[ସଅ] ତାଙ୍କ ମୁଖ ମଣ୍ଡଳରେ ଉଦାସୀନତାର ଲକ୍ଷଣ ଦେଖି ନୀରବରେ ତାଙ୍କ ପଛେ ପଛେ ଗଲେ । ପିଲାମାନେ ନିଜ ଭିତରେ ଜଣେ ଅନ୍ୟର ଆଖି ବନ୍ଦ କରି ଲୁଚକାଳି ଖେଳିବା ପରି ପୁଣ୍ୟାତ୍ମା ପଛପଟୁ ଯାଇ ତାଙ୍କ ଆଖିରେ ନିଜ ହାତ ରଖିଦେଲେ । ସେହି ଅନୁଚର ନିଜ ହାତରେ ତାଙ୍କ ବାହୁ ଓ ଶରୀରକୁ ଅଣ୍ଡାଳି ଜାଣି

ପକାଇଲେ ଯେ ସେ ହେଉଛନ୍ତି ସ୍ୱୟଂ ମୁହମ୍ମଦ[ସଅ] । ଏପରି ଜଣେ କୁତ୍ସିତ କଦାକାର ମ୍ଳେଚ୍ଛ ତଥା ଦୀନହୀନ ଲୋକଙ୍କ ସହିତ ମହାନୁଭବଙ୍କ ବ୍ୟତୀତ ଆଉ କିଏ ଏପରି ନିଷ୍କପଟ ପ୍ରେମଭାବ ପ୍ରକଟ କରିପାରିବ ? ନିଶ୍ଚୟ ଅଲ୍ଲାଃଙ୍କ ଦିବ୍ୟ ବାର୍ତ୍ତାବହ ମୁହମ୍ମଦ ହିଁ ତାଙ୍କ ସହିତ ଅପାର ଶ୍ରଦ୍ଧା ଓ ପ୍ରେମ କରୁଛନ୍ତି । ଏହା ଚିନ୍ତାକରି ନିଜର ଜୀର୍ଣ୍ଣଶୀର୍ଣ୍ଣ ମାଟିବୋଳା ମଳିନ ଶରୀରକୁ ରସୁଲୁଲ୍ଲାଃଙ୍କ ଶ୍ରୀଅଂଗରେ ପରିହିତ ବସ୍ତ୍ର ଉପରେ ଘଷିବା ଆରମ୍ଭ କରିଦେଲେ । ଏପରି କରି ସେ ଦେଖିବାକୁ ଗ୍ରହୁଥିଲେ ଯେ ରସୁଲୁଲ୍ଲାଃ[ସଅ]ଙ୍କ ପ୍ରେମ ଓ ସହନଶୀଳତା ଗଭୀରତା କେତେ ତାହା କଳନା କରା ଯାଇପାରିବ । ମୁହମ୍ମଦ[ସଅ] ତା'ର ମନୋଭାବକୁ ପରଖି ନେଇ ଏପରି କାର୍ଯ୍ୟକଳାପରୁ ତାଙ୍କୁ ରୋକିଲେ ନାହିଁ । ମହାଭାଗ ହସିହସି ତାଙ୍କୁ ସେହିପରି ନିଜ ଶ୍ରଅଙ୍ଗ ମାଧୁରୀ ସହିତ ଖେଳିବାକୁ ପ୍ରଶୟ ଦେଲେ । ଯେତେବେଳେ ସେ ନିଜ ମନ ଭରି ଶ୍ରୀଛାମୁଙ୍କ ଅଂଗବସ୍ତ୍ରକୁ ଖରାପ କରିଦେଲେ, ମହାଭାଗ ସହାସ୍ୟ ବଦନରେ କହିଲେ 'ମୋ ନିକଟରେ ଏକ ଦାସ ଅଛି । କେହି ଏହାକୁ କିଣି ନେବ କି ?' ତାଙ୍କ ଶ୍ରୀମୁଖରୁ ଉଚ୍ଚାରିତ ଏହି ବାକ୍ୟ ସେହି ହୀନମନ୍ୟ ଭାବନାଗ୍ରସ୍ତ ମନୁଷ୍ୟର ମନୋଭାବକୁ ଏପରି ବଦଳାଇ ଦେଲା ଯେ ମୁହମ୍ମଦ ରସୁଲୁଲ୍ଲାଃଙ୍କ ବ୍ୟତୀତ ଆଉ କିଏ ମୋତେ ଏପରି ସମ୍ମାନଜନକ ଦୃଷ୍ଟିରେ ଦେଖିପାରିବ ? ମୁଁ ଏହାର ଯୋଗ୍ୟ ନୁହେଁ ଯେ ମୋତେ ଦାସ ରୂପେ କେହି କ୍ରୟ କରିବେ !' ସୁତରାଂ ସେ ଚେହେରାରେ ଉଦାସୀନତାର ଭାବ ଆଣି କହିଲା, 'ହେ ଅଲ୍ଲାଃଙ୍କ ରସୁଲ ! ମୋର କ୍ରୟ କରିବାକୁ ସଂସାରରେ କେହି ନାହିଁ ।' ମହାଭାଗ କହିଲେ, 'ନା ନା ଏପରି କୁହନାହିଁ । ପ୍ରଭୁଙ୍କ ଦୃଷ୍ଟିରେ ତୁମର ମହତ୍ତ୍ୱ ବହୁତ ଅଧିକ ।'

ଦଳିତ ନିଷ୍ପେସିତ ତଥା ଦୁଃଖି ରଙ୍କଙ୍କ ପ୍ରତି ନା କେବଳ ତାଙ୍କର ସମବେଦନା ଓ କୃପାଦୃଷ୍ଟି ରହିଥିଲା, ବରଂ ନିଜର ଅନୁଗାମୀମାନଙ୍କୁ ମଧ୍ୟ ମହାଭାଗ ଦୀନଜନଙ୍କ ପ୍ରତି ସଦୈବ କୃପାଦୃଷ୍ଟି ରଖିବାକୁ ଉପଦେଶ ଦେଉଥିଲେ । ସୁତରାଂ ହଜରତ ଅବୁ ମୁସା ଅଶ୍ଅରି[ରଅ] ବର୍ଣ୍ଣନା କରିଛନ୍ତି; ଯେବେ କୌଣସି ଅଭାବଗ୍ରସ୍ତ ଓ ଅସହାୟ ଲୋକ ମୁହମ୍ମଦ[ସଅ]ଙ୍କ ନିକଟକୁ ସାହାଯ୍ୟ ଭିକ୍ଷା କରିବାକୁ ଆସୁଥିଲା, ସେ ସଭାରେ ବସିଥିବା ଲୋକମାନଙ୍କୁ ମଧ୍ୟ କହୁଥିଲେ ଯେ ତା'ର ସାହାଯ୍ୟାର୍ଥେ ତୁମେମାନେ ସୁପାରିଶ କର । ଯଦ୍ଦ୍ୱାରା ଏହି ଶୁଭକର୍ମର ସୁପାରିଶ ଯୋଗୁଁ ପୁଣ୍ୟଫଳ ଅର୍ଜନ କରିବାରେ ତୁମେମାନେ ମଧ୍ୟ ସମ୍ମିଳିତ ହୋଇଯିବ । (ବୁଖାରି, କିତାବୁଜ୍ ଜକାତ୍, ମୁସଲିମ୍) ଏହିପରି ଭାବରେ ସେ ନିଜ ସଂପ୍ରଦାୟର ଲୋକମାନଙ୍କ ହୃଦୟରେ ଦରିଦ୍ର ନାରାୟଣ ସେବା ଓ ସହାୟତାର ଭାବନା ଜାଗୃତ କରୁଥିଲେ । ଅପର ପକ୍ଷେ ମାଗୁଥିବା

ଲୋକଙ୍କ ହୃଦୟରେ ଅନ୍ୟ ମୁସଲମାନଙ୍କ ପ୍ରତି ପ୍ରେମ ଭାବନାର ଅନୁଭବ ସୃଷ୍ଟି କରିବା ପାଇଁ ପ୍ରୟାସ କରୁଥିଲେ ।

## ଦରୀଦ୍ରମାନଙ୍କ ସମ୍ପତ୍ତିର ସୁରକ୍ଷା

ଇସଲାମର ବିଜୟ ପରେ ରସୁଲୁଲ୍ଲାଃ[ସଅ]ଙ୍କ ନିକଟକୁ ବହୁତ ପରିମାଣର ଧନ ସଂପତ୍ତି ଆସୁଥିଲା ଓ ସେ ତାକୁ ଅଭାବଗ୍ରସ୍ତ ଲୋକଙ୍କ ମଧ୍ୟରେ ବିତରଣ କରି ଦେଉଥିଲେ । ଥରେ ମହାଭାଗଙ୍କ ନିକଟରେ ଅନେକ ସଂପତ୍ତି ଆସି ଗଦା ହେଲା । ଏହା ଦେଖି ତାଙ୍କ ସୁପୁତ୍ରୀ ହଜରତ ଫାତିମା[ରଅ] ତାଙ୍କ ଛାମୁରେ ଆସି କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! ଏଇ ଦେଖନ୍ତୁ, ମୋ ହାତର ପାପୁଲି ଚକି ପେଷି ପେଷି କିପରି ଖଣ୍ଡିଆ ହୋଇ ଯାଇଛି । ଯଦି ଆପଣ ମୋତେ ଏହି ଠୁଳ ହୋଇଥିବା ସମ୍ପତ୍ତି ମଧ୍ୟରୁ କୌଣସି ଦାସ ବା ଦାସୀ ଯୋଗାଇ ଦିଅନ୍ତେ, ତା'ହେଲେ ସେ ମୋର ସହାୟତା କରନ୍ତା ।' ତହୁଁ ମହାଭାଗ କହିଲେ 'ହେ ମୋ କନ୍ୟା ଫାତିମା ! ମୁଁ ତୋତେ ଦାସୀ ବା ସେବିକା ରଖିବା ଅପେକ୍ଷା ଅଧିକ ମୂଲ୍ୟବାନ ବିଷୟର ସୂଚନା ଦେଉଛି । ଯଦି ତୁମେ ଶୟନ କରିବା ପାଇଁ ବିଛଣାକୁ ଯିବ, ତା'ହେଲେ ୩୩ଥର 'ସୁବ୍ହାନଲ୍ଲାଃ', ୩୩ଥର 'ଅଲ୍‌ହମ୍‌ଦୋଲିଲ୍ଲାଃ' ଓ ୩୪ ଥର 'ଅଲ୍ଲାହୁ ଅକବର' ପଢିନିଅ । ଏହା ତୁମ ପକ୍ଷେ ଦାସୀ ବା ସେବକ ଠାରୁ ଅଧିକ ଉତ୍ତମ ହେବ ।' (ବୁଖାରି, କିତାବୁତ୍ ଦାଓ୍ୱାତ୍)

ଥରେ କେତେକ ଧନରାଶି ତାଙ୍କ ନିକଟକୁ ଆସିଲା ଓ ସେ ତାହା ବିତରଣ କରିଦେଲେ । ସେହି ସମୟରେ ତାଙ୍କ ହାତରୁ ଏକ ଦିନାର (ଆରବର ମୁଦ୍ରା) ଖସି ପଡିଲା ଓ କୌଣସି ବସ୍ତୁ ଆଡୁଆଳରେ ରହିଗଲା । ଧନ ବିତରଣ କରିବାର ବ୍ୟସ୍ତତା ମଧ୍ୟରେ ରହି ଏହି କଥାକୁ ସେ ଏକବାରେ ପାଶୋରି ପକାଇଲେ । ବେଳ ବୁଡିଯିବା ପରେ ମସଜିଦ୍ ଆସି ସେ ନମାଜ ପଢାଇବାରେ ନିମଗ୍ନ ରହିଲେ । ନମାଜ ଶେଷ କରିବା ପରେ ସେ ନିୟମିତ ରୂପେ ଅଭ୍ୟାସ କରୁଥିବା ଆବଶ୍ୟକୀୟ ସ୍ତୁତିଗାନ, ମନ୍ତ୍ରଜପ ଆଦିକୁ ଛାଡିଦେଇ ହଠାତ୍ ତରବର ହୋଇ ନିଜ ଘରକୁ ଚ୍ଲିଗଲେ । ଏପରିକି ବଡ ବଡ ପାହୁଣ୍ଡ ପକାଇ ଯାଇଥିବାର କେତେକ ଅନୁଚର କହିଛନ୍ତି । ପୁଣି ସେ ଗୃହ ମଧ୍ୟରେ ସେହି ଦିନାର୍ ମୁଦ୍ରା ଖୋଜି ବାହାର କଲେ ଓ ତାକୁ ଜଣେ ଅଭାବି ଲୋକଙ୍କୁ ଦାନ କରିଦେଲେ । ତା'ପରେ କହିଲେ 'ଏହି ଦିନାର ତଳେ ପଡି ଯାଇଥିଲା, ଯାହା ମୁଁ ଭୁଲି ଯାଇଥିଲି । ମୋର ନମାଜ ପଢାଇବା ସମୟରେ ସେକଥା ମନେ ପଡିଗଲା । ମୋ ହୃଦୟ ଏହି ଚିନ୍ତାରେ ବ୍ୟାକୁଳ ହୋଇ ଉଠିଲା ଯଦି ମୋର ଏହି କ୍ଷଣି ମୃତ୍ୟୁ ହୋଇଯାଏ ଓ ଲୋକଙ୍କ ଧନ ମୋ ଘରେ ପଡି ରହିଥିବ, ତା'ହେଲେ

ଈଶ୍ୱରଙ୍କୁ ମୁଁ କିପରି ମୁହଁ ଦେଖାଇବି ଓ କି ଉତ୍ତର ଦେବି ? ସେଥିପାଇଁ ମୁଁ ତୁରନ୍ତ ଭିତରକୁ ଗଲି ଓ ତାକୁ ବାହାର କରି ଆଣିଲି । (ବୁଖାରି କିତାବୁଲ୍ କୁସୁଫ୍)

ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ସେ ନିଜ ସନ୍ତାନମାନଙ୍କୁ 'ସଦ୍‌କା' (ଦାନ ସ୍ୱରୂପ ଅର୍ଥରାଶି) ଗ୍ରହଣ କରିବାକୁ ନିଷିଦ୍ଧ କରି ଦେଇଥିଲେ । ଯଦ୍ଦ୍ୱାରା ଏପରି ନହେଉ ଯେ କାଳେ ତାଙ୍କ ସମ୍ମାନ ଓ ପ୍ରତିଷ୍ଠା କାରଣରୁ ଦାନରେ ଆସୁଥିବା ସେହି ଧନକୁ ଲୋକମାନେ ସେହି ସନ୍ତାନ ସନ୍ତତିମାନଙ୍କ ମଧ୍ୟରେ ବିତରଣ କରିଦେବେ ଏବଂ ପ୍ରକୃତ ଅଭାବଗ୍ରସ୍ତ ଓ ଦରିଦ୍ର ଲୋକ ତାହା ପାଇବାରୁ ବଞ୍ଚିତ ରହିଯିବେ ।

ଥରେ କେତେକ ଖଜୁରିରେ ଭରା ଝୁଡି ଦାନ ସ୍ୱରୂପ ତାଙ୍କ ପାଖକୁ ଆସିଲା । ତାଙ୍କ ନାତି ହଜରତ ଇମାମ ହସନ[ରଅ] ଏକ ଅଢେଇ ବର୍ଷର ବାଳକ ସେହି ଖଜୁରିର ଏକ ଦାନା ମୁହଁରେ ପକାଇଦେଲେ । ଅଲ୍ଲାଃଙ୍କ ବାର୍ତ୍ତାବହ ତୁରନ୍ତ ସେହି ଖଜୁରୀକୁ ତାଙ୍କ ମୁହଁରୁ ଅଂଗୁଳି ପୁରାଇ ବାହାର କରିଦେଲେ ଏବଂ କହିଲେ, 'ଏହା ଉପରେ ଆମର ଅଧିକାର ନାହିଁ । ପ୍ରଭୁଙ୍କ ଦୃଷ୍ଟିରେ ଯେଉଁମାନେ ଦୀନ ଅରକ୍ଷିତ, ସେମାନଙ୍କର ଏହାକୁ ଖାଇବାର ଅଧିକାର ଅଛି ।' (ବୁଖାରି, କିତାବୁଲ୍ କୁସୁଫ୍)

## ଦାସମାନଙ୍କ ସହିତ ସଦ୍‌ବ୍ୟବହାର

ମହାଭାଗ ଦାସମାନଙ୍କ ସହିତ ସଦ୍‌ବ୍ୟବହାର କରିବା ପାଇଁ ସର୍ବଦା ଉପଦେଶ ଦେଉଥିଲେ । ଯଦି ଜଣେ ବ୍ୟକ୍ତିଙ୍କ ଅଧୀନରେ ରହିଥିବା ଦାସକୁ ମୁକ୍ତ କରିବା ପାଇଁ ତା'ର ସାମର୍ଥ୍ୟ ନଥିବ,ତା'ହେଲେ କେତେବେଳେ କ୍ରୋଧ ବଶତଃ ତାକୁ ଗାଳିମନ୍ଦ ବା ମାରପିଟ କଲେ, ସେଥିପାଇଁ ଉପଯୁକ୍ତ ପ୍ରାୟଶ୍ଚିତ ହେଉଛି ତାକୁ ସ୍ୱାଧୀନ କରିଦେବା । (ମୁସଲିମ, ଖଣ୍ଡ ୨, କିତାବୁଲ ଇମାନ)

ସେହିପରି ଦାସମାନଙ୍କୁ ମୁକ୍ତ କରିବା ପାଇଁ ଏପରି ଜୋର ଦେଉଥିଲେ ଯେ ସର୍ବଦା ଏହା କହୁଥିଲେ, 'ଯେଉଁ ବ୍ୟକ୍ତି ଦାସଙ୍କୁ ମୁକ୍ତ କରିଦିଏ, ପ୍ରଭୁ ସେହି ଦାସର ପ୍ରତ୍ୟେକ ଅଂଗର ପ୍ରତି ବଦଳରେ ମୁକ୍ତିଦାତାର ପ୍ରତ୍ୟେକ ଅଙ୍ଗ ଉପରେ ନରକାଗ୍ନିକୁ ଉପଶମ କରିବା ପାଇଁ ଶାନ୍ତ ଓ ଶୀତଳତା ଭରି ଦେବେ । ପୁଣି ସେ କହୁଥିଲେ, 'ଦାସମାନଙ୍କ ଠାରୁ ସାମର୍ଥ୍ୟରୁ ଅଧିକ କାମ ନିଅ ନାହିଁ । ଯଦି ତା'ଠାରୁ କୌଣସି କାମ କରାଇବ, ତା'ହେଲେ ତା' ସହିତ ମିଳିମିଶି କାମ କର, ଯଦ୍ଦ୍ୱାରା ତାକୁ ଅପମାନ ବୋଧ ହେବ ନାହିଁ । (ମୁସଲିମ୍, ଖଣ୍ଡ ୨, କିତାବୁଲ୍ ଇମାନ୍)

ଯାତ୍ରା କରୁଥିବା ସମୟରେ ଦାସଙ୍କୁ ନିଜ ପାଖରେ ବସାଅ । ଅଥବା ବାହନ ଉପରେ ବସିବା ପୂର୍ବରୁ ତାଙ୍କୁ ସହଯାତ୍ରୀ କରି ନେଇଯିବାକୁ ନିର୍ଦ୍ଧାରିତ କର । ଏଥି ସମ୍ବନ୍ଧରେ ମହାଭାଗ ଏତେ ଅଧିକ ଗୁରୁତ୍ୱ ଦେଉଥିଲେ ଯେ ତାଙ୍କର ଅନ୍ତରଙ୍ଗ ସହଚର ହଜରତ ଅବୁହୁରୈରା[ରଅ] ଯିଏ ଇସଲାମ ଧର୍ମଗ୍ରହଣ କରିବା ପରେ ତାଙ୍କ ସହଚର୍ଯ୍ୟ ଲାଭ କରି ସବୁବେଳେ ପାଖେ ପାଖେ ରହୁଥିଲେ, ସେ ଏହି ଶିକ୍ଷାକୁ ବାରମ୍ବାର ଶୁଣି କହୁଥିଲେ, 'ପ୍ରଭୁଙ୍କ ରାଣ, ଯାହାଙ୍କ ହାତରେ ଅବୁହୁରୈରାର ପ୍ରାଣ ଅଛି, ଯଦି ଈଶ୍ୱରଙ୍କ ମାର୍ଗରେ 'ଜେହାଦ୍ କରିବା' (ଇସଲାମ ଧର୍ମକୁ ଲୋପ କରିବାକୁ ଚାହୁଁଥିବା ବିଧର୍ମୀଙ୍କ ସହିତ ରକ୍ଷାତ୍ମକ ଯୁଦ୍ଧ) ଅବସର ତଥା ହଜ କରିବା ପାଇଁ ସୁଯୋଗ ମିଳନ୍ତା ନାହିଁ ଏବଂ ମୋର ସେବା ଉପରେ ନିର୍ଭର ହୋଇ ପଡିଥିବା ମୋ ବୁଢିମା ଜୀବିତ ନଥାନ୍ତେ, ତା'ହେଲେ ମୁଁ ଏହା ଅବଶ୍ୟ ଇଚ୍ଛା କରନ୍ତି ଯେ ମୋର ମୃତ୍ୟୁ ଦାସତ୍ୱ ଥିବା ଅବସ୍ଥାରେ ହିଁ ହେଉ । କାରଣ ମୋର ପ୍ରିୟ ମୁନିବ ମୁହମ୍ମଦ[ସଅ] ଦାସମାନଙ୍କ ପ୍ରତି ସର୍ବଦା ହିତକାରକ ଉପଦେଶ ଦେଉଥିଲେ ।' (ମୁସଲିମ, ଖଣ୍ଡ ୨, କିତାବୁଲ୍ ଇମାନ୍)

ମା'ରୁର୍ ବିନ୍ ସୁୱେଦ୍[ରଅ] ବର୍ଣ୍ଣନା କରିଛନ୍ତି, ମୁଁ ରସୁଲୁଲ୍ଲାଃ[ସଅ]ଙ୍କର ଜଣେ ବିଶ୍ୱସ୍ତ ଅନୁଚର ହଜରତ ଅବୁଜର ଗଫାରୀ[ରଅ]ଙ୍କୁ ଦେଖିଲି ଯେ ସେ ରଖିଥିବା କ୍ରୀତଦାସର ପିନ୍ଧିବା ପୋଷାକ ଯେପରି ଥିଲା, ତାଙ୍କ ନିଜ ପୋଷାକ ମଧ୍ୟ ସେହିପରି ଥିଲା । ଏହାର କାରଣ ପଚାରିଲି 'ଆପଣଙ୍କର ଓ ଆପଣଙ୍କ ଦାସଙ୍କ ପରିହିତ ବସ୍ତ୍ର ସମାନ କାହିଁକି ?' ସେ ବତାଇଲେ ଯେ ମୁହମ୍ମଦ[ସଅ]ଙ୍କ ଯୁଗରେ ଜଣେ ବ୍ୟକ୍ତି ନିଜ ମାତାଙ୍କ ପ୍ରତି କଟାକ୍ଷ କରୁଥିଲେ ଯେ ସେ ଜଣେ ଦାସୀ ଥିଲେ । ଏହା ଦେଖି ରସୁଲୁଲ୍ଲାଃ ତାକୁ କହିଲେ 'ତୁମେ ଜଣେ ଏପରି ବ୍ୟକ୍ତି ଯାହା ମଧ୍ୟରେ ବିଧର୍ମତାର ଛାପ ଲିଭି ନାହିଁ ଦାସର ମହତ୍ତ୍ୱ କ'ଣ ଓ ଦାସ କେଉଁମାନେ ? ତୁମର ସେହି ଭାଇ ତୁମ ଶକ୍ତିର ସାଧନ । ଈଶ୍ୱରଙ୍କ କୌଣସି ଗୁଢ ରହସ୍ୟର ଅଧୀନସ୍ଥ ହୋଇ ସେମାନେ ତୁମ ଅଧୀକାରର କବଳକୁ ଆସି ଯାଆନ୍ତି । ତେଣୁ ଏହା ଆବଶ୍ୟକ ଯେ ଯାହାର ସେହିପରି ଭାଇ ତାଙ୍କ ସେବାର ଅଧୀନରେ ଆସି ରହେ, ସେ ଯାହା ଖାଉଛି ତା'କୁ ମଧ୍ୟ ଖୁଆଇବ । ଯାହା ପିନ୍ଧୁଛି, ତା'କୁ ମଧ୍ୟ ପିନ୍ଧାଇବ । ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି କୌଣସି ଦାସକୁ ଏପରି ଖଟାଇବ ନାହିଁ, ଯାହାର ସେତିକି ଖଟିବାର ବଳ ନଥିବ । ଯେବେ ଦାସକୁ କୌଣସି କାମ ବତାଇବ, ତା' ସହିତ ମିଶି ସେହି କାମଟିକୁ ସାରିଦେବ ।(ମୁସଲିମ୍, ଖଣ୍ଡ ୨, କିତାବୁଲ୍ ଇମାନ୍)

ଏହିପରି ମହାଭାଗ କହୁଥିଲେ, 'ଯଦି ତୁମର ଚାକର ତୁମ ପାଇଁ ଖାଦ୍ୟ ନେଇଆସେ, ତାକୁ ନିଜ ସହିତ ବସାଇ ଯତ୍‌କିଞ୍ଚିତ୍ ଖାଦ୍ୟ ଅବଶ୍ୟ ଖୁଆଇବ । କାରଣ ସେ ଖାଦ୍ୟ ରନ୍ଧନ କରି ନିଜ ସ୍ୱତ୍ତ୍ୱାଧୀକାରକୁ ନିର୍ଦ୍ଧାରିତ କରି ନେଇଛି ।'(ମୁସଲିମ୍, ଖଣ୍ଡ ୨, କିତାବୁଲ୍ ଇମାନ୍)

# ମାନବସମାଜର ସେବକମାନଙ୍କ ପ୍ରତି ସମ୍ମାନ

ଦିବ୍ୟ ଅବତାର ମୁହମ୍ମଦ[ସଅ] ସେହି ଲୋକମାନଙ୍କର ବିଶେଷ ଧ୍ୟାନ ରଖୁଥିଲେ, ଯେଉଁମାନେ ମାନବସେବାକୁ ନିଜ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ଯେବେ 'ତୟି' କବିଲାର ଲୋକମାନେ ରସୁଲୁଲ୍ଲାଃ[ସଅ]ଙ୍କ ସହିତ ଯୁଦ୍ଧ କଲେ, ଯୁଦ୍ଧବନ୍ଦୀ ରୂପେ ଆସିଥିବା ଲୋକମାନଙ୍କ ମଧ୍ୟରେ ଆରବର ପ୍ରସିଦ୍ଧ ବଦାନ୍ୟ ବ୍ୟକ୍ତି ହାତିମ୍‌ର କନ୍ୟା ମଧ୍ୟ ଥିଲା । ଯେତେବେଳେ ସେ ହାତିମର କନ୍ୟା ବୋଲି ମୁହମ୍ମଦ[ସଅ]ଙ୍କ ନିକଟରେ ନିଜର ପରିଚୟ ଦେଲା, ମହାଭାଗ ତାକୁ ଯଥୋଚିତ ସମ୍ମାନ ଓ ଆଦର କଲେ ତଥା ତା'ର ଅନୁରୋଧ ରକ୍ଷା କରି ତା'ର ଗୋଷ୍ଠୀର ବନ୍ଦୀମାନଙ୍କୁ ମୁକ୍ତି କରିଦେଲେ ଓ ସେମାନଙ୍କ ଦଣ୍ଡ କ୍ଷମା କରିଦେଲେ । (ଅସ୍ ସିରତୁଲ୍ ହଲବିୟାଃ, ଖଣ୍ଡ ୩, ପୃ ୨୭୭)

# ପତ୍ନୀମାନଙ୍କ ସହିତ ସଦ୍‌ବ୍ୟବହାର

ପତ୍ନୀମାନଙ୍କ ପ୍ରତି ସଦ୍‌ବ୍ୟବହାର କରିବା ଓ ମହିଳାମାନଙ୍କୁ ଯଥୋଚିତ ସମ୍ମାନ ଓ ସମାଦର କରିବା ପାଇଁ ମହାଭାଗ ଜୋର ଦେଉଥିଲେ । ମୁହମ୍ମଦ[ସଅ] ସଂସାରରେ ସର୍ବ ପ୍ରଥମେ ପତ୍ନୀମାନଙ୍କର ସଂପତ୍ତି ଅଧିକାରକୁ ମାନ୍ୟତା ପ୍ରଦାନ କରିଛନ୍ତି । ସୁତରାଂ ଏହି ସଂପତ୍ତିଗତ ଅଧିକାରକୁ ଭିତ୍ତି କରି ପବିତ୍ର କୁରଆନରେ ପୁତ୍ର ଓ କନ୍ୟାଙ୍କ ପିତାମାତାଙ୍କ ମୃତ୍ୟୁ ଉପରାନ୍ତେ ସେମାନଙ୍କୁ ପୈତୃକ ସଂପତ୍ତିରେ ଉତ୍ତରାଧିକାରୀ ରୂପେ ନିର୍ଦ୍ଦିଷ୍ଟ କରିଛନ୍ତି । ସେହିପରି ମାତା ଓ ପତ୍ନୀମାନଙ୍କୁ କନ୍ୟା ତଥା ପତିମାନଙ୍କର ସଂପତ୍ତିରେ ଭାଗିଦାର କରିଛନ୍ତି । କେତେକ ପରିସ୍ଥିତିରେ ଭଉଣୀମାନଙ୍କୁ ମଧ୍ୟ ଭାଇମାନଙ୍କ ସଂପତ୍ତିରେ ଅଧିକା ରହିଥିବା ଗ୍ରହଣ କରାଯାଇଛି । ଇସ୍‌ଲାମ୍ ପୂର୍ବରୁ ସଂସାରରେ କୌଣସି ଧର୍ମରେ ଏହି ଧରଣର ଅଧିକାରର ମାନ୍ୟତା ଦିଆଯାଇନାହିଁ । ସେହିପରି ମୁହମ୍ମଦ ରସୁଲୁଲ୍ଲାଃ[ସଅ] ପତ୍ନୀକୁ ତାର ଅର୍ଜିତ ସଂପତ୍ତିର ସ୍ଥାୟୀ ମାଲିକାନା ସ୍ୱତ୍ତ୍ୱ ଦେଇଛନ୍ତି । ସ୍ୱାମୀର ଏହା ଅଧିକାର ନାହିଁ ଯେ ସେ ଗୃହକର୍ତ୍ତା ହୋଇଥିବା କାରଣରୁ ପତ୍ନୀର ଧନରେ ହସ୍ତକ୍ଷେପ କରିବ । ଇସଲାମରେ ନାରୀ ନିଜ

ଧନକୁ ବ୍ୟୟ କରିବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ଅର୍ଜନ କରିଛି । ନାରୀମାନଙ୍କ ସହିତ ସଦବ୍ୟବହାର କରିବାରେ ମହାଭାଗ ଏତେ ଆଗକୁ ବଢି ଯାଇଥିଲେ ଯେ ଏହି ବିଷୟରେ ଅଭ୍ୟସ୍ତ ନଥିବା ଆରବର ଲୋକମାନଙ୍କୁ ଏହା ମାନସିକ ଆଘାତ ଦେଉଥିଲା । ସୁତରାଂ ହଜରତ ଉମର[ରଅ] ବର୍ଣ୍ଣନା କରିଛନ୍ତି ଯେ ମୋର ପତ୍ନୀ ଅନେକ ଥର ମୋର କଥାରେ ହସ୍ତକ୍ଷେପ କରୁଥିଲେ । ମୁଁ ତାକୁ ଆକଟ କରି କହୁଥିଲି ଆରବର ଲୋକମାନେ ନାରୀମାନଙ୍କ ଏହି ଅଧିକାରକୁ ସ୍ୱୀକୃତି ଦେଇ ନାହାନ୍ତି ଯେ ସେମାନେ ପୁରୁଷଙ୍କ କାର୍ଯ୍ୟରେ ସେମାନଙ୍କୁ ପରାମର୍ଶ ଦେଇ ପାରିବେ । ଏହା ଶୁଣି ମୋ ପତ୍ନୀ କହୁଥିଲେ ଯା'ଯା' ! ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କୁ ତାଙ୍କ ପତ୍ନୀମାନେ ତ ପରାମର୍ଶ ଦେଉଛନ୍ତି ଏବଂ ଏହା କରିବାକୁ ସେ କେବେ ସେମାନଙ୍କୁ ରୋକୁ ନାହାନ୍ତି । ଏହା ଶୁଣି ମୁଁ ମୋ ସ୍ତ୍ରୀକୁ କହିଲି ଆଇଶା[ରଅ] ତ ତାଙ୍କର ଅତି ଅଲିଅଳ ପତ୍ନୀ ଥିଲେ ତାଙ୍କ କଥା ମୋଟେ କୁହ ନାହିଁ । ବାକି ରହିଲା ତୁମ ଝିଅ ଯଦି ଏହା କରୁଥିବ, ତା'ହେଲେ ଏହି ଧୃଷ୍ଟତାର ଫଳ ସେ ଭୋଗ କରିବ ।

ଥରେ ରସୁଲୁଲ୍ଲାଃ[ସଅ] କୌଣସି କଥାରେ ନାରାଜ ହୋଇ କିଛି ଦିନ ବାହାରେ କଟାଇବେ ବୋଲି ସ୍ଥିର କଲେ । ସେ ପତ୍ନୀମାନଙ୍କ ନିକଟକୁ ଯିବେ ନାହିଁ ବୋଲି ମନସ୍ଥ କଲେ । ହଜରତ ଉମର[ରଅ]ଙ୍କୁ ଯେତେବେଳେ ଏହାର ସୂଚନା ମିଳିଲା, ସେ କହିଲେ ଯାହା ମୁଁ କହିଥିଲି ସେହି କଥା ହୋଇଗଲା । ମୁଁ ନିଜ ଝିଅ ହଫ୍‌ସା[ରଅ]ଙ୍କ ଘରକୁ ଗଲି ତ ଦେଖିଲି ଯେ ସେ ବସି କାନ୍ଦୁଛି । ମୁଁ ପଚାରିଲି 'ହଫ୍‌ସା ! ତୁମର କ'ଣ ହୋଇଛି ? କ'ଣ ରସୁଲୁଲ୍ଲାଃ[ସଅ] ତୁମକୁ ଛାଡପତ୍ର ଦେଇଛନ୍ତି ?' ସେ କହିଲା 'ନା ଏହା ତ ମତେ ଜଣାନାହିଁ । କିନ୍ତୁ ମୁହମ୍ମଦ[ସଅ] ଏହା ସ୍ଥିର କରିଛନ୍ତି ଯେ ସେ କିଛି କାଳ ଘରକୁ ଆସିବେ ନାହିଁ ।' ତହୁ ମୁଁ କଥାର ଗୁରୁତ୍ୱକୁ ବୁଝିପାରି କହିଲି 'ହଫ୍‌ସା ! ମୁଁ ତୁମକୁ କହିନଥିଲି ଯେ ତୁମେ ଆଇଶା[ରଅ]ଙ୍କ ନକଲ କରନାହିଁ ବୋଲି କାରଣ ସେ ତ ରସୁଲୁଲ୍ଲାଃଙ୍କର ଅତି ପ୍ରିୟ ଅର୍ଦ୍ଧାଙ୍ଗୀନି ହୋଇଥିବାରୁ ତାଙ୍କ ଦୃଷ୍ଟିରେ ସେ ବିଶେଷ ସ୍ଥାନର ଅଧିକାରିଣୀ ହୋଇଛନ୍ତି । କିନ୍ତୁ ଶେଷରେ ତୁମେ ସେହି ବିପଦକୁ ମୁଣ୍ଡାଇଲ ଯାହାର ମୋତେ ଭୟ ଥିଲା !' ଏହା କହି ମୁଁ (ଉମର) ରସୁଲୁଲ୍ଲାଃଙ୍କ ନିକଟକୁ ଗଲି । ସେ ଏକ ତାଳ ପତ୍ରର ମଶିଣା ଉପରେ ଶୋଇଥିଲେ । ଶରୀର ଉପରେ କୌଣସି କୁର୍ତ୍ତା ନ ଥିଲା ତଥା ତାଙ୍କ ଛାତି ଓ ଅଣ୍ଟା ଉପରେ ମଶିଣାର ଦାଗ ରହିଥିଲା । ମୁଁ ତାଙ୍କ ପାଖରେ ବସିପଡି କହିଲି 'ହେ ଅଲ୍ଲାଃଙ୍କ ରସୁଲ ! ଇରାନ ଓ ରୋମର ବାଦଶାହ ଈଶ୍ୱରଙ୍କ ପୁରସ୍କାରର କିପରି ଅଧିକାରୀ ହୋଇପାରିବେ ଯେଉଁମାନେ ଆରାମ ଓ ବିଳାସ ବ୍ୟସନରେ ନିଜ ଜୀବନ ବିତାଉଛନ୍ତି, ଅଥଚ ପ୍ରଭୁଙ୍କ ଦିବ୍ୟ ରସୁଲ ଏହି କଷ୍ଟ ଭୋଗ କରୁଛନ୍ତି !' ମହାଭାଗ

କହି ଉଠିଲେ ଯେ ଉମରଙ୍କୁ ଏପରି କହିବା ଉଚିତ ନଥିଲା । ଭୋଗ ବିଳାସର ପାର୍ଥିବ ଜୀବନ ପ୍ରଭୁଙ୍କ ପ୍ରେରିତ ଅବତାରମାନଙ୍କର ନଥାଏ । ଏହା ସାଂସାରିକ ରାଜା ମହାରାଜାମାନଙ୍କ କାର୍ଯ୍ୟ । ଏହାପରେ ମୁଁ ମୋର ପତ୍ନୀ ଓ କନ୍ୟାଙ୍କ ଉପରେ ବିତିଥିବା ଘଟଣାର ବୃତ୍ତାନ୍ତ ତାଙ୍କୁ କହିଲି । ମହାଭାଗ ମୋକଥା ଶୁଣି ହସି ପକାଇଲେ ଓ କହିଲେ 'ଉମର ଏହା ସତ୍ୟ ନୁହେଁ ଯେ ମୁଁ ନିଜର ପତ୍ନୀମାନଙ୍କୁ ଛାଡପତ୍ର ଦେଇଛି । ମୁଁ ତ ଏକ ହିତକୁ ଦୃଷ୍ଟିରେ ରଖି ନିଜ ଘର ବାହାରେ ରହିବା ପାଇଁ ନିଷ୍ପତ୍ତି ନେଇଛି ।'(ବୁଖାରି, କିତାବୁନ୍ ନିକାହ)

ଦିବ୍ୟ ଅବତାରକୁ ନାରୀମାନଙ୍କ ଭାବନା ପ୍ରତି ଅଧିକ ଧ୍ୟାନ ରହୁଥିଲା । ଦୃଷ୍ଟାନ୍ତ ସ୍ୱରୂପ ଥରେ ନମାଜରେ ଏକ ଛୁଆ କାନ୍ଦିବାର ସ୍ୱର ଶୁଣାଗଲା । ସେ ଶୀଘ୍ର ଶୀଘ୍ର ନମାଜ ପାଠ ଶେଷ କରିଦେଲେ । ମହାଭାଗଙ୍କୁ ଏହାର କାରଣ ପଚରାଯିବାରୁ ସେ କହିଲେ, 'ମୁଁ ଭାବିଲି ଯେଉଁ ଛୁଆର କାନ୍ଦିବା ଶବ୍ଦ ଶୁଭିଲା, ତାର ମାଆକୁ କେତେ କଷ୍ଟ ହେଉଥିବ । ତେଣୁ ମୁଁ ନମାଜକୁ ଶୀଘ୍ର ଏଥିପାଇଁ ସାରିଦେଲି, ଯଦ୍ୱାରା ମାଆ ନିଜ ଶିଶୁର ଦେଖାଶୁଣା କରିପାରିବ ।(ବୁଖାରି, କିତାବୁଲ୍ ସଲାତ୍)

ଯେବେ ମୁହମ୍ମଦ[ସଅ] କୌଣସି ସ୍ଥାନକୁ ଯାତ୍ରା କରୁଥିଲେ ଯହିଁରେ ମହିଳାମାନେ ସାଥିରେ ଯାଉଥିଲେ, ମହାଭାଗ ସର୍ବଦା ଧିରେ ଧିରେ ଚାଲିବା ପାଇଁ ଆଦେଶ ଦେଉଥିଲେ । ଥରେ ଏପରି ଏକ ଅବସରରେ ସିପାହୀଗଣ ନିଜ ଘୋଡାର ଲଗାମ ତଥା ଓଟର ଦୌଡିକୁ କୋହଳ କରିଦେଲେ । ମହାଭାଗ କହିଲେ

'ରିଫ୍‌କନ୍ ବିଲ୍ କଓ୍ୱାରିରେ' رِفْقًا بِالْقَوَارِيْرِ

'ଆରେ ! ତୁମେ ଯେ କ'ଣ କରୁଛ ମହିଳାମାନେ ମଧ୍ୟ ସାଥିରେ ଅଛନ୍ତି ।' (ବୁଖାରି, କିତାବଲ୍ ଅଦବ୍) ଥରେ ଯୁଦ୍ଧ ଭୂମିରେ କୌଣସି ବିଭ୍ରାଟ ଯୋଗୁଁ ଅଶ୍ୱାରୋହୀମାନେ ଅସ୍ତବ୍ୟସ୍ତ ହୋଇଗଲେ । ମହାଭାଗ ସ୍ୱୟଂ ଘୋଡାରୁ ତଳେ ପଡିଗଲେ ଓ କେତେକ ମହିଳା ମଧ୍ୟ । ରସୁଲୁଲ୍ଲାଃଙ୍କ ପଛେ ପଛେ ଓଟରେ ଯାଉଥିବା ଜଣେ ଅନୁଚର ତାଙ୍କୁ ପଡିଯିବାର ଦେଖି ଉଦ୍‌ବିଗ୍ନ ହୋଇ ଓଟ ଉପରୁ ଡେଇଁ ପଡିଲେ ଓ ମୁହମ୍ମଦ[ସଅ]ଙ୍କ ପଛରେ ଦୌଡି କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ମୁଁ ମରିଯିବି ପଛକେ ଆପଣ ସୁରକ୍ଷିତ ଥାଆନ୍ତୁ ।' ମହାଭାଗଙ୍କ ପାଦ ରକାବ୍ ଭିତରେ ଫସି ଯାଇଥିଲା । ସେ ଅତି ଶୀଘ୍ର ତହିଁରୁ ପାଦ କାଢି ପକାଇଲେ ଏବଂ ସେହି ଅନୁଚରଙ୍କ ଆଡକୁ ମୁହଁ କରି କହିଲେ, 'ମୋତେ ଛାଡ ଓ ତୁମେ ସେହି ମହିଳାମାନଙ୍କ ଆଡକୁ ଯାଅ ।'

ଯେବେ ମୁହମ୍ମଦ[ସଅ]ଙ୍କ ମୃତ୍ୟୁ ସନ୍ନିକଟ ହେଲା, ସେ ସମସ୍ତ ମୁସଲମାନମାନଙ୍କୁ ଏକତ୍ରିତ କରି ଯେଉଁ ଇଚ୍ଛାପତ୍ର ପ୍ରକାଶ କରିଥିଲେ, ସେଥିରେ ଏହାର ମଧ୍ୟ ଉଲ୍ଲେଖ ରହିଥିଲା ଯେ ତୁମମାନଙ୍କ ପାଇଁ ଏହା ମୋର ଶେଷ ଇଚ୍ଛାପତ୍ର ଯେ ମହିଳାମାନଙ୍କ ପ୍ରତି ସର୍ବଦା ସଦ୍‌ବ୍ୟବହାର କରୁଥିବ । ସେ ପ୍ରାୟତଃ ଏପରି କହୁଥିଲେ 'ଯାହା ଘରେ କନ୍ୟା ସନ୍ତାନ ଅଛନ୍ତି ଓ ପିତାମାତା ତାଙ୍କୁ ଶିକ୍ଷିତା କରି ଉପଯୁକ୍ତ ସଂସ୍କାର ତଥା ପ୍ରଶିକ୍ଷଣ ଦିଅନ୍ତି, ଈଶ୍ୱର ମହାପ୍ରଳୟ ଦିନ ତାଙ୍କ ସକାଶେ ନର୍କକୁ ନିଷିଦ୍ଧ କରି ଦେଇଥାନ୍ତି ।'(ତିରମିଜି, ଖଣ୍ଡ ୨, ଅବ୍‌ୱାବୁଲ୍ ବିର୍‌ରେଁ ଓ୍ୱସ୍‌ସିଲତେ)

ଆରବର କୁପ୍ରଥା ପ୍ରଚଳିତ ଥିଲା, ଯଦି କୌଣସି ମହିଳାର କୌଣସି ଭୁଲ ହୋଇ ଯାଉଥିଲା ତାଙ୍କୁ ମାରପିଟ କରାଯାଉଥିଲା । ହଜରତ ମୁହମ୍ମଦ[ସଅ]ଙ୍କୁ ଯେବେ ଏହାର ସୂଚନା ମିଳିଲା, ସେ କହିଲେ 'ନାରୀମାନେ ପ୍ରଭୁଙ୍କ ଦାସୀ, ତୁମର ଦାସୀ ନୁହନ୍ତି । ସେମାନଙ୍କୁ ମାରପିଟ କର ନାହିଁ ।' ଯେହେତୁ ନାରୀମାନେ ସଂପୂର୍ଣ୍ଣ ରୂପେ ପ୍ରଶିକ୍ଷିତ ହୋଇ ନଥିଲେ, ତେଣୁ ଏହାର ଦୁଇଟି ଅର୍ଥ ବାହାର କରି ନିର୍ଭୀକ ହୋଇ ପୁରୁଷମାନଙ୍କ ମୁକାବିଲା କରିବାକୁ ଲାଗିଲେ । ଫଳରେ ଘରମାନଙ୍କରେ କଳି ଝଗଡା ହେବାକୁ ଲାଗିଲା । ପରିଶେଷରେ ହଜରତ ଉମର[ରଅ] ରସୁଲୁଲ୍ଲାଃଙ୍କ ନିକଟରେ ଅଭିଯୋଗ ଆଣିଲେ, 'ଆପଣ ତ ସ୍ତ୍ରୀମାନଙ୍କୁ ମାଡ ମାରିବାରୁ ଆମମାନଙ୍କୁ ରୋକି ଦେଇଛନ୍ତି, ଯଦ୍ୱାରା ସେମାନେ ଅତ୍ୟନ୍ତ ନିର୍ଭୀକ ହୋଇ ଯାଇଛନ୍ତି । ଏପରି ଅବସ୍ଥାରେ ଅନ୍ତତଃ ଆମକୁ ଏହି ଆଜ୍ଞା ମିଳୁ ଯେ ଆମେ ତାଙ୍କୁ ମାରପିଟ କରିପାରିବୁ ।' ଯେହେତୁ ସେ ସମୟ ପର୍ଯ୍ୟନ୍ତ ନାରୀମାନଙ୍କ ସଂବନ୍ଧରେ ବିସ୍ତାରପୂର୍ବକ ଐଶୀ ଆଦେଶ ପ୍ରକଟିତ ହୋଇ ନଥିଲା, ତେଣୁ ସେ କହିଲେ 'ଯଦି କୌଣସି ନାରୀ ସୀମା ଲଂଘନ କାର୍ଯ୍ୟ କରୁଛି, ତା'ହେଲେ ନିଜ ପ୍ରଥାନୁସାରେ ତାକୁ କୌଣସି ଶାସ୍ତି ଦିଆ ଯାଇପାରେ । କିନ୍ତୁ ଏହାର ପରିଣାମ ଏପରି ହେଲା କୌଣସି ଅପବାଦ ସ୍ୱରୂପ ପୁରୁଷ ନିଜ ସ୍ତ୍ରୀକୁ ଶାରୀରିକ ଦଣ୍ଡ ଦେବା ପରିବର୍ତ୍ତେ ସେହି ତଥାକଥିତ ପୁରୁଣା ଆରବୀୟ ପ୍ରଥା ପ୍ରଚଳନ କରିଦେଲେ । ମହିଳାମାନେ ଦିବ୍ୟ ବାର୍ତ୍ତାବହଙ୍କ ପତ୍ନୀମାନଙ୍କୁ ଏଥି ସଂବନ୍ଧରେ ଅଭିଯୋଗ କରିବାରୁ ସେ ନିଜ ଅନୁଚରମାନଙ୍କୁ କହିଲେ, ଯେଉଁ ଲୋକମାନେ ନିଜ ପତ୍ନୀମାନଙ୍କ ସହିତ ଉତ୍ତମ ବ୍ୟବହାର କରୁନାହାନ୍ତି କିମ୍ବା ସେମାନଙ୍କୁ ମାରପିଟ କରୁଛନ୍ତି, ସେଥିପାଇଁ ମୁଁ ତୁମମାନଙ୍କୁ କହି ରଖୁଛି ଯେ ସେମାନେ ପ୍ରଭୁଙ୍କ ନିକଟରେ ସତ୍ ପୁରୁଷ ପଦବାଚ୍ୟ ନୁହନ୍ତି । ଏହାପରେ ନାରୀମାନଙ୍କ ସୁରକ୍ଷା ଅଧିକାରର ନିୟମ ଲାଗୁ କରି ଦିଆଗଲା ଏବଂ ନାରୀ ଜାତି ମୁହମ୍ମଦ[ସଅ]ଙ୍କ କୃପାରୁ ପ୍ରଥମ ଥର ସ୍ୱାଧୀନ ହେବାର ଶାନ୍ତିରେ ନିଃଶ୍ୱାସ ମାରିଲେ । (ଅବୁ ଦାଉଦ, କିତାବୁନ୍ ନିକାହ)

ମୁଆବିୟା ବିନ୍ ହିଦା କହିଛନ୍ତି ଯେ ମୁଁ ଦିବ୍ୟ ବାର୍ତ୍ତାବହଙ୍କୁ ପଚାରିଲି 'ହେ ଅଲ୍ଲାଃଙ୍କ ରସୁଲ ! ପତ୍ନୀର ଆମ ଉପରେ କ'ଣ ଅଧିକାର ରହିଛି ?' ମହାଭାଗ କହିଲେ 'ପ୍ରଭୁ ଯାହା ତୁମକୁ ଖାଇବାକୁ ଦେଇଛନ୍ତି, ତାହା ତାଙ୍କୁ ଖୁଆଅ, ଯାହା ପିନ୍ଧିବାକୁ ଦେଉଛନ୍ତି ତାହା ତାଙ୍କୁ ପିନ୍ଧାଅ । ତାଙ୍କୁ ଚାପୁଡା ମାରନାହିଁ । ଗାଳିମନ୍ଦ ଦିଅନାହିଁ ଓ ଘରୁ ତାଙ୍କୁ ବିତାଡିତ କରନାହିଁ ।' (ଅବୁ ଦାଉଦ୍)

ମହାଭାଗ ସ୍ତ୍ରୀମାନଙ୍କ ଭାବନାକୁ ଏପରି ଗୁରୁତ୍ୱ ଦେଉଥିଲେ ଯେ ଯେଉଁ ଲୋକ ବାହାରକୁ ଯାତ୍ରା କରି ଯାଉଥିଲେ, ତାଙ୍କୁ ଶୀଘ୍ର ଘରକୁ ଲେଉଟିବା ପାଇଁ କହୁଥିଲେ, ଯଦ୍ୱାରା ସେମାନଙ୍କ ପରିବାର ବର୍ଗଙ୍କୁ କୌଣସି ପ୍ରକାର ଅସୁବିଧା ହେବ ନାହିଁ । ସୁତରାଂ ହଜରତ ଅବୁ ହୁରୈରା[ରଅ] ବର୍ଣ୍ଣନା କରିଛନ୍ତି: 'କୌଣସି ବ୍ୟକ୍ତି ଯେଉଁ କାର୍ଯ୍ୟ ଉଦ୍ଦେଶ୍ୟରେ ଯାତ୍ରା କରୁଥିବେ, ସେହି କାର୍ଯ୍ୟ ସାରି ନିଜ ପରିଜନଙ୍କ ଧ୍ୟାନ ରଖି ସ୍ୱଗୃହକୁ ଯଥା ଶୀଘ୍ର ଫେରି ଆସିବା ଉଚିତ ।' (ବୁଖାରି ତଥା ମୁସଲିମ)

ମହାଭାଗଙ୍କର ଏହା ନିୟମିତ ଆଚରଣ ଥିଲା ଯେ କୌଣସି ଯାତ୍ରାରୁ ଫେରିବା ସମୟରେ ସେ ଦିନବେଳା ସହର ମଧ୍ୟକୁ ପ୍ରବେଶ କରୁଥିଲେ । ଯଦି ରାତି ହୋଇ ଯାଉଥିଲା, ତା'ହେଲେ ସହର ବାହାରେ ଡେରା ପକାଉଥିଲେ । ପ୍ରାତଃ କାଳରେ ସହରରେ ପ୍ରବେଶ କରୁଥିଲେ । ସେ ନିଜ ଅନୁଚରମାନଙ୍କୁ ସର୍ବଦା ଅଚାନକ ଘର ଭିତରକୁ ପଶି ଆସି ପରିବାର ବର୍ଗଙ୍କୁ କଷ୍ଟ ଦେବା ପାଇଁ ବାରଣ କରୁଥିଲେ । (ବୁଖାରି ଓ ମୁସଲିମ୍) ଏପରି କରିବାରେ ଏହି ଉଦ୍ଦେଶ୍ୟ ନିହିତ ଥିଲା ଯେ ପତିପତ୍ନୀ ବା ସ୍ତ୍ରୀପୁରୁଷଙ୍କ ସଂପର୍କ ଅତ୍ୟନ୍ତ କୋମଳ ହୋଇଥାଏ । ଯଦି ପତିଙ୍କ ଅନୁପସ୍ଥିତିରେ ପତ୍ନୀ ନିଜ ଶରୀର ଓ ବସ୍ତ୍ରର ସ୍ୱଚ୍ଛତା ପ୍ରତି ଧ୍ୟାନ ଦେଇ ନଥିବ, ଏବଂ ପତି ଗୃହ ମଧ୍ୟକୁ ଅକସ୍ମାତ ପଶି ଆସେ, ତା'ହେଲେ ପତିପତ୍ନୀଙ୍କ ପ୍ରେମ ସମ୍ପର୍କରେ ବ୍ୟାଘାତ ପହଞ୍ଚିବାର ଆଶଙ୍କା ଦେଖାଦେବ । ସେଥିପାଇଁ ସେ ଏହି ନିର୍ଦ୍ଦେଶ ଦେଲେ ଯେ ପୁରୁଷ ଯେବେ ବି ଯାତ୍ରାରୁ ଫେରିବ, ଦିନବେଳା ହିଁ ଘରେ ପ୍ରବେଶ କରିବ । ଘରେ ଥିବା ସ୍ତ୍ରୀ ଲୋକ ତଥା ପିଲାମାନଙ୍କୁ ଆସିବାର ସୂଚନା ଦେବା ପରେ ଭିତରକୁ ଯିବ । ଯଦ୍ୱାରା ତାଙ୍କ ଆଗମନକୁ ସ୍ୱାଗତ କରାଯାଇ ପାରିବ ।

## ମୃତ୍ୟୁପ୍ରାପ୍ତ ଲୋକମାନଙ୍କ ସମ୍ବନ୍ଧରେ ଆଦର୍ଶାଚରଣ

ମହାଭାଗ ସବୁବେଳେ ଏହି ଉପଦେଶ ଦେଇଥିଲେ ଯେ ମୃତ୍ୟୁ ପୂର୍ବରୁ ଜଣେ ବ୍ୟକ୍ତି ଇଚ୍ଛାପତ୍ର ପ୍ରସ୍ତୁତ କରିଦେବା ଉଚିତ, ଯଦ୍ୱାରା ତା'ର ମରଣୋପରାନ୍ତ ତାହାର ପରିବାର ବର୍ଗଙ୍କୁ କୌଣସି କଷ୍ଟ ପହଞ୍ଚିବ ନାହିଁ । ମରିବା ଲୋକ ସଂବନ୍ଧରେ

ମହାଭାଗଙ୍କର ଏହି ନିର୍ଦ୍ଦେଶ ରହିଥିଲା ଯେ ଯଦି କୌଣସି ବ୍ୟକ୍ତି ସହରରେ ମୃତ୍ୟୁ ଲାଭ କରେ, ତା'ହେଲେ ଲୋକମାନେ ତା'ର ବଦ୍‌ଗୁଣ ବର୍ଣ୍ଣନା କରିବା ପରିବର୍ତ୍ତେ ତା'ର ସତକର୍ମ ଓ ସଦଗୁଣ ସମ୍ବନ୍ଧରେ ବର୍ଣ୍ଣନା କରିବା ଉଚିତ । ତା'ର ଖରାପ ବଖାଣିବାରେ କୌଣସି ଲାଭ ମିଳେ ନାହିଁ । ବରଂ ତା'ର ସତ୍‌କର୍ମର ଆଲୋଚନା କରିବାରେ ଅନେକ ଲାଭ ହୋଇଥାଏ ଏବଂ ଲୋକଙ୍କର ମଙ୍ଗଳ ତଥା ସମାଜର ହିତ ସାଧନ ହୋଇଥାଏ, ଯଦ୍ଦ୍ୱାରା ଲୋକଙ୍କ ହୃଦୟରେ ତାଙ୍କ ପାଇଁ ପ୍ରାର୍ଥନା ଓ ଆଶୀଷର ପ୍ରେରଣା ଉତ୍ପନ୍ନ ହୁଏ ।

ନବିଶ୍ରେଷ୍ଠ ମୁହମ୍ମଦ[ସଅ] ଏହି ବିଷୟରେ ବିଶେଷ ଧ୍ୟାନ ରଖୁଥିଲେ ଯେ ଯେଉଁ ଲୋକମାନଙ୍କ ନିଧନ ହୋଇଯାଏ, ସେମାନଙ୍କ ଋଣ ଶତ ପ୍ରତିଶତ ପରିଶୋଧ କରିବାକୁ ହେବ । ସୁତରାଂ ଯେବେ କାହାର ମୃତ୍ୟୁ ହେଉଥିଲା ଓ ସେ ଋଣଗ୍ରସ୍ତ ଥିଲା, ତା'ହେଲେ ସେ ସ୍ୱୟଂ ସେ ବ୍ୟକ୍ତିର ଋଣ ଶୁଝି ଦେଉଥିଲେ । ନଚେତ ଯଦି ତାଙ୍କର ଋଣ ଶୁଝିବାର ସାମର୍ଥ୍ୟ ନଥିଲା, ମହାଭାଗ ମୃତ ବ୍ୟକ୍ତିର ନିକଟ ସଂପର୍କୀୟମାନଙ୍କୁ ତାହା ପରିଶୋଧ କରିବାକୁ କହୁଥିଲେ । ସେ ପରଲୋକ ଗତ ବ୍ୟକ୍ତିର ଜନାଜାଃ (ଅନ୍ତ୍ୟେଷ୍ଟି କ୍ରିୟା ଜନିତ ନମାଜ) ସେତେବେଳ ପର୍ଯ୍ୟନ୍ତ ପଢାଉ ନଥିଲେ, ଯେପର୍ଯ୍ୟନ୍ତ ତାହାର ଋଣ ପରିଶୋଧ କରାଯାଉ ନଥିଲା ।

## ପ୍ରତିବେଶୀଙ୍କ ସହିତ ସଦ୍‌ବ୍ୟବହାର

ପଡୋଶୀ ଲୋକଙ୍କ ସହିତ ତାଙ୍କର ବ୍ୟବହାର ଅତ୍ୟନ୍ତ ଅମାୟିକ ଥିଲା । ସେ କହୁଥିଲେ ଯେ ଜିବ୍ରାଇଲ୍ ଦେବଦୂତ ମୋତେ ପଡୋଶୀଙ୍କ ସହିତ ସତ୍ ବ୍ୟବହାର କରିବା ପାଇଁ ବାରମ୍ବାର ଆଦେଶ ଦେଉଛନ୍ତି । ଏପରିକି ମୁଁ ଚିନ୍ତା କରୁଥିଲି ଯେ କାଳେ ପ୍ରତିବେଶୀଙ୍କୁ ଉତ୍ତରାଧିକାରୀ କରିଦିଆ ଯିବ ନାହିଁ ତ ! (ବୁଖାରି, ତଥା ମୁସଲିମ୍)

ହଜରତ ଅବୁଜର[ରଅ] କହିଛନ୍ତି ଯେ ହଜରତ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ମୋତେ କହି ଆସୁଥିଲେ 'ହେ ଅବୁଜର ! ଯଦି କେବେ ଶୋରବା (ସନ୍ତୁଳା ରସା) ତିଆରି କରିବ, ସେଥିରେ ପାଣି ଟିକିଏ ଅଧିକ ପକାଇବ ତଥା ନିଜ ପଡୋଶୀଙ୍କର ମଧ୍ୟ ଧ୍ୟାନ ରଖିବ (ମୁସଲିମ) ଏହାର ତାତ୍ପର୍ଯ୍ୟ ନୁହେଁ ଯେ ସେମାନଙ୍କୁ ଅନ୍ୟ କିଛି ରନ୍ଧା ଖାଦ୍ୟ ଦେବାର ଆବଶ୍ୟକତା ନାହିଁ । ଯେହେତୁ ଆରବୀୟମାନେ ଯାଯାବର ଜୀବନଯାପନ କରୁଥିଲେ, ସେମାନଙ୍କର ସର୍ବଶ୍ରେଷ୍ଠ ଭୋଜନ ସନ୍ତୁଳା ବା ମାଂସ ଶିଝା ପାଣି ଥିଲା । ତେଣୁ ସେ ପଡୋଶୀଙ୍କୁ ସହାୟତା କରିବା ଦୃଷ୍ଟିରୁ ସେହି ଖାଦ୍ୟ ବିଷୟରେ କହିଥିଲେ

ଯେ 'ନିଜର ସ୍ୱାଦିଷ୍ଟ ବା ରୁଚିକର ଖାଦ୍ୟ ପ୍ରତି ଗୁରୁତ୍ୱ ଦିଅ ନାହିଁ, ବରଂ ଏଥିପ୍ରତି ଧ୍ୟାନ ଦିଅ ଯେ ତୁମ ପଡୋଶୀ କିପରି ତୁମ ରନ୍ଧା ଖାଦ୍ୟରେ ସମ୍ମିଳିତ ହୋଇପାରିବ।

ହଜରତ ଅବୁହୁରୈରା[ରଅ] ବର୍ଣ୍ଣନା କରିଛନ୍ତି ଯେ ଥରେ ରସୁଲୁଲ୍ଲାଃ ନିଜ ଆସନରେ ଉପବେଶନ ହୋଇଥିଲେ । ହଠାତ୍ କହି ଉଠିଲେ 'ପ୍ରଭୁଙ୍କ ରାଣ ସେ କଦାପି ବିଶ୍ୱାସକାରୀ ନୁହେଁ, ପ୍ରଭୁଙ୍କ ରାଣ ସେ କଦାପି ବିଶ୍ୱାସକାରୀ ନୁହେଁ, ପ୍ରଭୁଙ୍କ ରାଣ ସେ କଦାପି ବିଶ୍ୱାସକାରୀ ନୁହେଁ ।' ଅନୁଚରଗଣ ପ୍ରଶ୍ନକଲେ 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ କିଏ ବିଶ୍ୱାସକାରୀ ନୁହେଁ ?' ସେ କହିଲେ 'ସେହି ବ୍ୟକ୍ତି ଯାହାର ପଡୋଶୀକୁ ସେ କ୍ଷତି ପହଞ୍ଚାଇବ ଓ ଯାହାର ଅଭଦ୍ରାମି ତଥା ଦୁର୍ବ୍ୟବହାରରୁ ପଡୋଶୀ ସୁରକ୍ଷିତ ନଥିବ (ବୁଖାରି, ତଥା ମୁସଲିମ୍) ସେ ମହିଳା ମାନଙ୍କୁ ମଧ୍ୟ ଏ ବିଷୟରେ ଉପଦେଶ ଦେଉଥିଲେ ଯେ ନିଜ ପଡୋଶୀମାନଙ୍କ ପ୍ରତି ଦୃଷ୍ଟିଦିଅ।

ଥରେ ମହାଭାଗ ଏକ ମହିଳାମାନଙ୍କ ଏକ ସମାବେଶରେ ପ୍ରବଚନ ଦେଉଥିଲେ । ସେ କହିଲେ 'ଯଦି ଜଣେ ସ୍ତ୍ରୀଲୋକଙ୍କୁ ଛେଳି ମାଂସର ଏକ କ୍ଷୁଦ୍ରାଂଶ ଗୋଡ ବି ମିଳେ, ସେଥିରେ ସେ ନିଜ ପଡୋଶୀକୁ ଭାଗିଦାର କରୁ । (ବୁଖାରି ଓ ମୁସଲିମ୍)

ସେ ଅନୁଚରବର୍ଗଙ୍କୁ ସର୍ବଦା ଉପଦେଶ ଦେଉଥିଲେ, ଯଦି ତୁମ ପଡୋଶୀ ଲୋକ ତୁମ ଘର ପାଚେରି ଉପରେ ଖୁଣ୍ଟି ପୋତିଦିଏ କିମ୍ବା ତୁମ ପାଚେରି କାନ୍ଥ ଦ୍ୱାରା ଉପକୃତ ହେବା ପାଇଁ ଚେଷ୍ଟା କରେ ଯଦ୍ଦ୍ୱାରା ତୁମର କୌଣସି କ୍ଷତି ହେବନାହିଁ, ତା'ହେଲେ ତୁମେ ତାକୁ ସେହି କାର୍ଯ୍ୟରୁ ରୋକନାହିଁ।

ହଜରତ ଅବୁହୁରୈରାଃ[ରଅ] କହିଛନ୍ତି ଯେ ଦିବ୍ୟ ବାର୍ତ୍ତାବହ ଏହିପରି କହୁଥିଲେ 'ଯେଉଁ ବ୍ୟକ୍ତି ଈଶ୍ୱର ଓ ଅନ୍ତିମ ବିଚାର ଦିବସ ଉପରେ ବିଶ୍ୱାସ ସ୍ଥାପନ କରେ, ସେ ନିଜ ପଡୋଶୀଙ୍କୁ କୌଣସି କ୍ଷତି ପହଞ୍ଚାଇବା ଉଚିତ ନୁହେଁ। ଯେଉଁ ବ୍ୟକ୍ତି ଅଲ୍ଲାଃ ଓ ଅନ୍ତିମ ବିଚ଼ର ଦିବସ ଉପରେ ବିଶ୍ୱାସ ରଖୁଛି, ସେ ଉତ୍ତମ ବଚନ କହୁ ନତୁବା ନୀରବ ରହୁ।' (ମୁସଲିମ)

# ପିତାମାତା ଓ ଅନ୍ୟ ବଂଧୁ ପରିଜନଙ୍କ ସହିତ ସଦ୍‌ବ୍ୟବହାର

ସଂସାରର ଅଧିକାଂଶ ଲୋକ ବୟସ୍କ ହୋଇଯିବା ପରେ ପିତାମାତାଙ୍କ ପ୍ରତି ସଦ୍‌ବ୍ୟବହାର କରିବାରେ କ୍ରମେ କ୍ରମେ ପଛକୁ ହଟିଯାନ୍ତି । ହଜରତ ମୁହମ୍ମଦ

ମୁସ୍ତଫା[ସଅ] ଏହି ଦୋଷକୁ ନିବାରଣ କରିବା ପାଇଁ ପିତାମାତାଙ୍କ ପ୍ରତି ସଦ୍‌ବ୍ୟବହାରର ମହତ୍ତ୍ୱକୁ ବାରମ୍ବାର ବ୍ୟକ୍ତ କରୁଥିଲେ । ସୁତରାଂ ଅବୁହୁରୈରା[ରଅ] ବର୍ଣ୍ଣନା କରିଛନ୍ତି ଯେ ଜଣେ ବ୍ୟକ୍ତି ରସୁଲୁଲ୍ଲାଃଙ୍କ ଛାମୁରେ ଉପସ୍ଥିତ ହୋଇ କହିଲା, 'ହେ ଅଲ୍ଲାଃଙ୍କ ରସୁଲ ! ମୋର ସଦ୍‌ବ୍ୟବହାରର କିଏ ଅଧିକ ହକ୍‌ଦାର ?' ମହାଭାଗ କହିଲେ, 'ତୁମ ମାତା ।' ସେ ପଚାରିଲା, 'ଏହାପରେ ?' ସେ କହିଲେ, 'ତୁମ ମାତା । ସେ ପୁଣି ପ୍ରଶ୍ନ କଲା, 'ହେ ଅଲ୍ଲାଃଙ୍କ ରସୁଲ ! ଏହାପରେ ? ସେ କହିଲେ 'ତା'ପରେ ତୁମ ମାତା ।' ସେ ଚତୁର୍ଥ ଥର ପ୍ରଶ୍ନ କଲା, 'ହେ ଅଲ୍ଲାଃଙ୍କ ରସୁଲ ! ଏହାପରେ ?' ସେ କହିଲେ 'ପୁଣି ତୁମ ପିତା ଏବଂ ଏହାପରେ ଯେଉଁମାନେ ତୁମ ନିକଟ ସଂପର୍କୀୟ ହୋଇଥିବେ ଓ ତତ୍‌ପଶ୍ଚାତ୍ ଯେଉଁମାନେ ତାଙ୍କ ପରେ ନିକଟ ସଂପର୍କୀୟ ହୋଇଥିବେ ।'(ବୁଖାରି ତଥା ମୁସଲିମ)

ଦିବ୍ୟ ଅବତାରଙ୍କ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ତ ତାଙ୍କ ବାଲ୍ୟ କାଳରେ ହିଁ ମୃତ୍ୟୁ ହୋଇ ଯାଇଥିଲା । ସେମାନଙ୍କ ମଧ୍ୟରେ ଯେଉଁମାନେ ପତ୍ନୀମାନଙ୍କ ମୁରବି ହୋଇ ରହିଥିଲେ, ମହାଭାଗ ସର୍ବଦା ସେମାନଙ୍କର ସମ୍ମାନ କରୁଥିଲେ । ଯେବେ ମକ୍କା ବିଜୟ ଅବସରରେ ସେ ଜଣେ ବିଜୟୀ ସେନାପତି ରୂପେ ମକ୍କାରେ ପ୍ରବେଶ କଲେ, ସେତେବେଳେ ହଜରତ ଅବୁବକର[ରଅ] ନିଜ ପିତାଙ୍କୁ ତାଙ୍କର ସାକ୍ଷାତ କରାଇଲେ । ତହୁଁ ଅବୁବକର[ରଅ]ଙ୍କୁ ସେ କହିଲେ, 'ଆପଣ ତାଙ୍କୁ ମୋ ପାଖକୁ ଆଣିବା ପାଇଁ କାହିଁକି କଷ୍ଟ ଦେଲେ ? ମୁଁ ନିଜେ ତାଙ୍କ ନିକଟକୁ ଚାଲି ଯାଇଥାନ୍ତି ।'(ଅସ୍‌ସିରତୁଲ ହଲବିୟାଃ, ଖଣ୍ଡ ୩, ପୃ ୯୯)

ସେ ସର୍ବଦା ନିଜ ଅନୁଚରଗଣଙ୍କୁ କହୁଥିଲେ, ଯେଉଁ ବ୍ୟକ୍ତି ନିଜ ପିତାମାତାଙ୍କ ବୃଦ୍ଧାବସ୍ଥା ସମୟରେ ଉପସ୍ଥିତ ଥିବ ଅଥଚ ସେ ସ୍ୱର୍ଗର ଅଧିକାରୀ ହୋଇପାରିବ ନାହିଁ, ତା'ହେଲେ ଏହା ତା'ର ଦୁର୍ଭାଗ୍ୟ । ତାତ୍ପର୍ଯ୍ୟ ହେଉଛି; ପିତାମାତାଙ୍କ ବାର୍ଦ୍ଧକ୍ୟ ଅବସ୍ଥାରେ ସେବା କରିବା ଦ୍ୱାରା ମନୁଷ୍ୟ ଅଲ୍ଲାଃଙ୍କ ଅନୁଗ୍ରହ ଓ ଆଶୀର୍ବାଦର ଏପରି ପ୍ରିୟପାତ୍ର ହୋଇଯାଏ ଯେ ଏହାର ଅବସର ମିଳୁଥିବା ବ୍ୟକ୍ତି ଅବଶ୍ୟ ଶୁଭ କର୍ମରେ ଦୃଢୀଭୂତ ହୋଇଯାନ୍ତି ତଥା ଈଶ୍ୱରଙ୍କ ଅନୁକମ୍ପାରେ ଭାଗୀଦାର ହୋଇଯାନ୍ତି ।' (ମୁସଲିମ)

ଥରେ ଜଣେ ବ୍ୟକ୍ତି ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ଛାମୁରେ ଆସି ଅଭିଯୋଗ କଲା, 'ହେ ଅଲ୍ଲାଃଙ୍କ ରସୁଲ ! ମୋର ପରିଜନ ଏପରି ଧରଣର ଯେ ମୁଁ ସେମାନଙ୍କ ପ୍ରତି ସଦ୍‌ବ୍ୟବହାର କରୁଥିଲେ ସୁଦ୍ଧା ସେମାନେ ମୋତେ ଅସଦାଚରଣ କରୁଛନ୍ତି । ମୁଁ ସେମାନଙ୍କର ଉପକାର ପାଇଁ କାର୍ଯ୍ୟ କରୁଛି, ଅଥଚ ସେମାନେ ମୋ ପ୍ରତି ଅନ୍ୟାୟ

ମୂଳକ ଆଚରଣ କରୁଛନ୍ତି । ମୁଁ ସେମାନଙ୍କ ସହିତ ପ୍ରେମ ଓ ସୌହାର୍ଦ୍ଦ୍ୟର ଭାବ ପ୍ରଦର୍ଶନ କରୁଛି, ଅଥଚ ସେମାନେ ରୁକ୍ଷ ସ୍ୱଭାବ ଦେଖାଇ ମୋ ପ୍ରତି କଠୋର ମନୋଭାବ ପୋଷଣ କରୁଛନ୍ତି ।' ସବୁକଥା ଶୁଣି ମୁହମ୍ମଦ[ସଅ] କହିଲେ 'ଯଦି ଏପରି କଥା, ତାହେଲେ ଏହା ତୁମର ସୌଭାଗ୍ୟ । ପ୍ରଭୁଙ୍କ ସହାୟତା ଓ ସମର୍ଥନ ତୁମ ସହିତ ସର୍ବଦା ରହିବ ।' (ମୁସଲିମ କିତାବୁଲ୍ ବିର୍‌ରେ ଓସ୍‌ସିଲ୍‌ହ)

ଏକଦା ଅବତାର ଶିରୋମଣି ମୁହମ୍ମଦ[ସଅ] ଦାନପୁଣ୍ୟର ଉପଦେଶ ଦେଉଥିଲେ । ତାଙ୍କର ଜଣେ ଅନୁଚର ଅବୁତଲହା ଅନ୍‌ସାରି (ମଦିନା ବାସିନ୍ଦା) ଏଥିରେ ପ୍ରଭାବିତ ହୋଇ ନିଜର ଏକ ଫଳ ଉଦ୍ୟାନ ଦାନ ସ୍ୱରୂପ ଅର୍ପଣ କରିଦେଲେ । ଏହା ଦେଖି ମହାଭାଗ ଅତ୍ୟନ୍ତ ପ୍ରସନ୍ନ ହେଲେ ଓ କହିଲେ 'ଅତି ଉତ୍ତମ ଦାନ, ବହୁତ ଭଲ ସମର୍ପିତ ଭାବନା ନେଇ ତୁମେ ଦାନ କରିଛ । ପୁନଶ୍ଚ ଯାହା ତୁମେ ଦେଇ ସାରିଛ, ମୋ ହୃଦୟ ଚାହୁଁଛି ଏହାକୁ ତୁମେ ନିଜର ନିକଟ ସଂପର୍କୀୟଙ୍କ ମଧ୍ୟରେ ବିତରଣ କରିଦିଅ ।' (ବୁଖାରି, କିତାବୁତ୍ ତଫ୍‌ସିର୍)

ଥରେ ଜଣେ ବ୍ୟକ୍ତି ଆସି କହିଲା 'ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଆପଣଙ୍କ ଠାରୁ ଦେଶତ୍ୟାଗ (ହିଜରତ)ର ଆଶାୟୀ ହୋଇ ଆନୁଗତ୍ୟ ସ୍ୱୀକାର କରୁଛି ଏବଂ ମୁଁ ଈଶ୍ୱରଙ୍କ ମାର୍ଗରେ ଆତ୍ମଶୁଦ୍ଧି ମୂଳକ ଧର୍ମରକ୍ଷା (ଜିହାଦ୍)ର ଦୀକ୍ଷା ନେଉଛି । କାରଣ ମୁଁ ଚାହୁଁଛି ଯେ ପରମେଶ୍ୱର ମୋ ପ୍ରତି ପ୍ରସନ୍ନ ହୁଅନ୍ତୁ ।' ତହୁଁ ସେ କହିଲେ 'କ'ଣ ତୁମର ପିତାମାତା କେହି ଜୀବିତ ଅଛନ୍ତି ?' ସେ ଉତ୍ତର ଦେଲା 'ଉଭୟ ଜୀବିତ ଅଛନ୍ତି ।' ପୁଣି ସେ ପଚାରିଲେ 'କ'ଣ ତୁମେ ଚାହୁଁଛ ଯେ ଈଶ୍ୱର ତୁମ ପ୍ରତି ପ୍ରସନ୍ନ ହୋଇଯାନ୍ତୁ ?' ତହୁଁ ସେ ଉତ୍ତର ଦେଲା 'ହଁ, ମୋର ମୁନିବ ।' ମହାଭାଗ ତାକୁ କହିଲେ 'ପୁଣି ଏହା ହିଁ ତୁମ ପକ୍ଷେ ଶ୍ରେୟସ୍କର ଯେ ତୁମେ ଫେରିଯାଅ ଓ ନିଜ ପିତାମାତାଙ୍କ ସେବାରେ ଲାଗିପଡ ତଥା ମନପ୍ରାଣ ଦେଇ ସେମାନଙ୍କ ସେବାଯତ୍ନ କର ।'(ବୁଖାରି ତଥା ମୁସଲିମ)

ବିଶ୍ୱ ଅବତାର ମୁହମ୍ମଦ[ସଅ] ସଦୈବ ଏହି ଉପଦେଶ ଦେଉଥିଲେ ଯେ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ପାଇଁ କୌଣସି ଧର୍ମଗତ ସର୍ତ୍ତ ନାହିଁ । ଦୀନ ଦୁଃଖି, ବନ୍ଧୁ ପରିଜନ ଯେଉଁ ଧର୍ମାବଲମ୍ବୀ ହୋଇଥା'ନ୍ତୁ ନା କାହିଁକି ସେମାନଙ୍କ ସହିତ ସଦ୍‌ବ୍ୟବହାର କରିବା ଏକ କଲ୍ୟାଣକାରୀ କର୍ମ । ହଜରତ ଅବୁବକର[ରଅ] ଙ୍କ ଏକ ପତ୍ନୀ ଅନେକେଶ୍ୱର (ପ୍ରତିମା ପୂଜକ) ସଂପ୍ରଦାୟର ଥିଲେ । ତାଙ୍କ କନ୍ୟା ଅସ୍‌ମା[ରଅ] ମୁହମ୍ମଦ[ସଅ]ଙ୍କୁ ପଚାରିଲେ 'ହେ ଅଲ୍ଲାଃଙ୍କ ରସୁଲ ! କ'ଣ ମୁଁ ତାଙ୍କ ସହିତ ସଦ୍‌ବ୍ୟବହାର କରିପାରିବି ?' ମହାଭାଗ ଉତ୍ତର ଦେଲେ 'ଅବଶ୍ୟ । ସେ ତୁମ ମାଆ, ତାଙ୍କ ସହିତ ଉତ୍ତମ ବ୍ୟବହାର କର ।' (ବୁଖାରି, କିତାବୁଲ୍ ଅଦବ୍)

ବଂଧୁ ପରିଜନଙ୍କ କଥା ପଛେ ଥାଉ ମହାଭାଗ ନିଜ ପରିଜନଙ୍କ ବନ୍ଧୁବାନ୍ଧବ ତଥା ସେମାନଙ୍କ ମିତ୍ରମାନଙ୍କର ମଧ୍ୟ ବିଶେଷ ଧ୍ୟାନ ରଖୁ ଥିଲେ । ଯେବେ ମହାଭାଗ ଜୀବ ବଳି (କୁର୍ବାନି) କରୁଥିଲେ, ପ୍ରଥମ ପତ୍ନୀ ଖଦିଜା[ରଅ]ଙ୍କ ସଖିମାନଙ୍କ ପାଇଁ ମାଂସ ଅବଶ୍ୟ ପଠାଉଥିଲେ ଏବଂ ସର୍ବଦା କହୁଥିଲେ ଯେ ଖଦିଜାଙ୍କ ସଖିମାନଙ୍କୁ କେବେ ଭୁଲିଯିବ ନାହିଁ । ସେମାନଙ୍କ ପାଖକୁ ମାଂସ ଅବଶ୍ୟ ପଠାଇବ ।' (ବୁଖାରି ଓ ମୁସଲିମ୍)

ଖଦିଜା[ରଅ]ଙ୍କ ମୃତ୍ୟୁର ବହୁ ବର୍ଷ ପରେ ସେ ଏକ ସଭାରେ ବସିଥିବା ବେଳେ ଖଦିଜା[ରଅ]ଙ୍କ ଭଉଣୀ ହାଲା[ରଅ] ତାଙ୍କୁ ସାକ୍ଷାତ କରିବା ପାଇଁ ଆସିଲେ । ଦ୍ୱାର ନିକଟରେ ଛିଡାହୋଇ କହିଲେ 'କ'ଣ ମୁଁ ଭିତରକୁ ଆସିପାରେ କି ?' ପୂର୍ବ ପତ୍ନୀଙ୍କ ଭଉଣୀଙ୍କ ସ୍ୱର ଶବ୍ଦ ଶୁଣି ସ୍ୱର୍ଗୀୟା ପତ୍ନୀ ଖଦିଜା[ରଅ]ଙ୍କ ଅତୀତର ସ୍ମୃତି ତାଙ୍କ ମାନସ ପଟଳରେ ଭାସି ଉଠିଲା । ଏହି ଶବ୍ଦ କାନରେ ପଡିବା କ୍ଷଣି ମୁହମ୍ମଦ[ସଅ]ଙ୍କ ଶରୀରରେ ଅପୂର୍ବ ଶିହରଣ ଖେଳିଗଲା । ପୁଣି ମହାଭାଗ ନିଜକୁ ସମ୍ଭାଳି ନେଲେ ଓ ଅଶ୍ରୁ ସିକ୍ତ ଭରା କଂଠରେ କହିଲେ 'ହେ ମୋର ପ୍ରଭୁ ! ଯେ ତ ଖଦିଜାଙ୍କ ଭଉଣୀ ହାଲି ଆସିଛନ୍ତି ।' (ବୁଖାରି ଓ ମୁସଲିମ)

ପ୍ରକୃତ ପ୍ରେମର ନିୟମ ହେଉଛି, ଯାହା ସହିତ ଅନ୍ତରରେ ପ୍ରେମ କରୁଥିବ ଓ ଯାହାର ସମ୍ମାନ ଓ ପ୍ରତିଷ୍ଠା ମନ ଭିତରେ ରହିଥିବ, ତାଙ୍କର ନିକଟ ସଂପର୍କୀୟ ତଥା ହିତୈଷୀମାନଙ୍କ ସହିତ ମଧ୍ୟ ପ୍ରେମ ଆପେ ଆପେ ଜାତ ହୋଇଯାଏ ।

ହଜରତ ଅନସ ବିନ୍ ମାଲିକ[ରଅ] କହିଛନ୍ତି 'ଏକ ଯାତ୍ରାକାଳୀନ ସମୟରେ ମୋ ସହିତ ଅନ୍ୟ ଜଣେ ଅନୁଚର ଜୁରୈର୍ ବିନ୍ ଅବ୍ଦୁଲ୍ଲା[ରଅ] ମଧ୍ୟ ଯାତ୍ରା କରୁଥିଲେ । ସେ ମୋ ଠାରୁ ବୟସରେ ଢେର ବଡ ହୋଇଥିଲେ ମଧ୍ୟ ଜଣେ ଭୃତ୍ୟ ଭଳି ମୋ କାର୍ଯ୍ୟ କରି ପକାଉଥିଲେ । ମୁଁ ତାଙ୍କୁ ମନ ଭିତରେ ସମ୍ମାନ କରୁଥିଲି । ତେଣୁ ଏପରି ମୋ ପାଇଁ କାର୍ଯ୍ୟ କରିବାରୁ କ୍ଷାନ୍ତ ରହିବା ପାଇଁ ତାଙ୍କୁ କହିଲି । ଏହାର ଉତ୍ତରରେ ଜୁରୈର[ରଅ] କହୁଥିଲେ 'ମୁଁ ଅନସାର୍ ଭାଇମାନଙ୍କୁ ମୁହମ୍ମଦ[ସଅ]ଙ୍କର ଅତ୍ୟଧିକ ସେବା କରୁଥିବାର ଦେଖିଛି । ସେମାନଙ୍କର ଅଲ୍ଲାଃଙ୍କ ବାର୍ତ୍ତାବହଙ୍କ ସହିତ ପ୍ରେମ ଓ ଅନୁରକ୍ତିରେ ଏପରି ନିବିଡତା ଦେଖି ହୃଦୟରେ ସଂକଳ୍ପ କଲି, ଯେତେବେଳେ ମୋତେ କୌଣସି ଅନସାରୀଙ୍କ ସହିତ ଯାତ୍ରା କରିବାର ଅବସର ମିଳିବ, ମୁଁ ତାଙ୍କର ସେବା କରିବି । ସେଥିପାଇଁ ଆପଣ ମୋତେ ରୋକିବେ ନାହିଁ । ମୁଁ ନିଜ ସଂକଳ୍ପ ପୂରଣ କରୁଛି ।' (ବୁଖାରି ଓ ମୁସଲିମ)

ଏହି ଘଟଣାରୁ ସ୍ୱଷ୍ଟ ରୂପେ ଏହା ସିଦ୍ଧ ହେଉଛି ଯେ ନିଜ ପ୍ରିୟତମ ବା ଅତି ଆଦରଣୀୟ ପ୍ରାଣୀଙ୍କ ସେବା କରୁଥିବା ବ୍ୟକ୍ତି ମଧ୍ୟ ମନୁଷ୍ୟର ପ୍ରିୟ ହୋଇଯାଏ ।

ସୁତରାଂ ଯେଉଁ ବ୍ୟକ୍ତିମାନଙ୍କ ହୃଦୟରେ ପିତାମାତାଙ୍କ ପ୍ରତି ପ୍ରକୃତ ଆଦର ସମ୍ମାନ ରହିଥାଏ, ସେମାନେ ନିଜ ପିତାମାତାଙ୍କ ବ୍ୟତୀତ ତାଙ୍କ ବନ୍ଧୁ ପରିଜନଙ୍କୁ ମଧ୍ୟ ସମ୍ମାନ କରନ୍ତି ।

ଥରେ ମୁହମ୍ମଦ[ସଅ]ଙ୍କ ସଭାରେ ଆତ୍ମୀୟମାନଙ୍କ ପ୍ରତି ସେବାର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା ହେଉଥିଲା । ମହାଭାଗ କହିଲେ 'ସର୍ବୋତ୍ତମ ମଙ୍ଗଳ କାର୍ଯ୍ୟ ହେଉଛି ମନୁଷ୍ୟ ନିଜ ପିତାମାତାଙ୍କ ବଂଧୁମାନଙ୍କ ପ୍ରତି ସମାଦର ପୂର୍ଣ୍ଣ ଦୃଷ୍ଟି ରଖିବା ।' ଏହା ମହାଭାଗ ହଜରତ ଅବ୍‌ଦୁଲ୍ଲାଃ ବିନ ଉମରଙ୍କୁ କହିଥିଲେ । ସେ ଏହି ଉପଦେଶକୁ ଅନୁସରଣ କରି ଆଜ୍ଞାନୁବର୍ତ୍ତୀତାର ଦୃଷ୍ଟାନ୍ତ ଦେଖାଇ ଯାଇଛନ୍ତି । ସେ ଏହାକୁ ଏପରି ପାଳନ କରିଥିଲେ ଯେ ଥରେ ହଜକୁ ଯାଉଥିବା ସମୟରେ ତାଙ୍କୁ ଜଣେ ପଥଚାରୀ ବ୍ୟକ୍ତି ଦେଖା ହେଲା । ସେ ନିଜ ଗଧର ବାହନ ସହିତ ନିଜର ସୁନ୍ଦର ପଗଡିକୁ ମୁଣ୍ଡରୁ କାଢି ତାଙ୍କୁ ଦାନ କରିଦେଲେ । ଏହା ଦେଖି ତାଙ୍କ ସାଥିମାନେ ପଚାରିଲେ 'ଆପଣ ଏପରି କାହିଁକି କଲେ ? ଏମାନେ ଗ୍ରାମୀଣ ଲୋକ, ତାଙ୍କୁ ଅଳ୍ପକେ ସନ୍ତୁଷ୍ଟ କଲେ ସେମାନେ ଖୁସି ହୋଇଯାନ୍ତି ।' ଅବ୍ଦୁଲ୍ଲାଃ ବିନ ଉମର[ରଅ] କହିଲେ 'ଏହାର ବାପା ହଜରତ ଉମର[ରଅ]ଙ୍କ ବଂଧୁ ଥିଲେ । ମୁଁ ରସୁଲୁଲ୍ଲାଃଙ୍କ ଠାରୁ ଏହା କହୁଥିବାର ଶୁଣିଛି ଯେ ସର୍ବୋତ୍ତମ ସତକର୍ମ ହେଉଛି ମନୁଷ୍ୟ ନିଜ ପିତାଙ୍କ ମିତ୍ରମାନଙ୍କ ବିଷୟରେ ଅଧିକ ଧ୍ୟାନ ରଖିବ । (ମୁସଲିମ୍)

# ସତ୍‌ସଂଗ

ଅବତାର ମହିମ ନିଜ ଆଖପାଖରେ ସଦାଚାରୀ ଲୋକ ରହିବାକୁ ଅଧିକ ପସନ୍ଦ କରୁଥିଲେ । ଯଦି କାହାରି ଠାରେ କୌଣସି ଅଭାବ ଅନୁଭବ କରୁଥିଲେ, ତା'ହେଲେ ତାକୁ ସାବଲୀଳ ଢଙ୍ଗରେ ବୁଝାଉଥିଲେ ଓ ତା'ର ସେହି ତ୍ରୁଟିଯୁକ୍ତ କର୍ମକୁ ଅଣଦେଖା କରି ଉପଦେଶ ଦେଉଥିଲେ । ହଜରତ ଅବୁ ମୁସା ଅଶଅରି[ରଅ] କହିଛନ୍ତି ଯେ ମୁହମ୍ମଦ ରସୁଲୁଲ୍ଲାଃ କହୁଥିଲେ 'ଭଲ ମିତ୍ର ଓ ଉତ୍ତମ ସଂଗତି ତଥା ଖରାପ ବଂଧୁ ଓ ଦୁଃସଂଗତିର ଦୃଷ୍ଟାନ୍ତ ଏପରି ଦିଆଯାଇପାରେ ଯେପରି ଜଣେ ବ୍ୟକ୍ତି କସ୍ତୁରି ଧରି ବୁଲୁଥାଏ । ଯଦି ସେ ତାକୁ ଖାଇବ ତାହେଲେ ସ୍ୱାସ୍ଥ୍ୟ ପକ୍ଷେ ଲାଭପ୍ରଦ ହେବ । ମାତ୍ର ଯଦି ତାକୁ ପାଖରେ ରଖିଦେବ ବା ଥୋଇଦେବ, ତେବେ ମଧ୍ୟ ଏହାର ସୁଗନ୍ଧ ପ୍ରାପ୍ତ କରିବ । ସେହିପରି ଯାହାର ସାଥୀଙ୍କ ଠାରୁ ଖରାପ ବା ଅସତ୍ ସଂଗତି ମିଳିଥିବ, ତା'ର ଉଦାହରଣ ଏପରି ହୋଇଥାଏ ଯେପରି ନିଆଁ ଭାଟିରେ କେହି ଫୁଙ୍କ ମାରୁଛି । ଏଥିରୁ କେବଳ ଏତିକି ଆଶା କରା ଯାଇପାରେ ଯେ କୌଣସି ନିଆଁର ପିଣ୍ଡୁଳା ଉଡି ଆସି

ତା'ର ପୋଷାକକୁ ଜଳାଇଦେବ କିମ୍ବା କୋଇଲାର ଦୁର୍ଗନ୍ଧରେ ତା'ର ମନ ମସ୍ତିଷ୍କ ଖରାପ ହୋଇଯିବ ।

ମହାଭାଗ ନିଜ ଅନୁଚରମାନଙ୍କୁ ବାରମ୍ବାର କହୁଥିଲେ ଯେ ମନୁଷ୍ୟର ଆଚରଣ ଓ ସ୍ୱଭାବ ସେହିପରି ହୋଇଯାଏ, ଯେପରି ଧରଣର ସଭା ସମିତିରେ ସେ ବସାଉଠା କରେ । ତେଣୁ ତୁମେମାନେ ସତ୍‌ସଂଗକୁ ଗ୍ରହଣ କର । ସତସଂଗର ମାର୍ଗକୁ ଆପଣାଇବା ସବୁଠାରୁ ଭଲ କାମ । (ବୁଖାରି ଓ ମୁସଲିମ)

## ଲୋକଙ୍କ ବିଶ୍ୱାସର ସୁରକ୍ଷା ପ୍ରତି ଚେତନା

କୌଣସି ବ୍ୟକ୍ତିକୁ କୌଣସି ବିଷୟରେ ଭ୍ରମରେ ପଡିବା ଯୋଗୁଁ ଯେପରି ମାନସିକ ଆଘାତ ନ ଲାଗିବ, ସେଥିପ୍ରତି ସେ ଅଧିକ ସଚେତନ ଥିଲେ । ଥରେ ମହାଭାଗ ମସଜିଦ୍‌ରେ ଥିବା ସମୟରେ ତାଙ୍କର ଜଣେ ପତ୍ନୀ ସଫିୟା ବିନ୍‌ତ୍ ହୁୟି[ରଅ] ତାଙ୍କୁ ଦେଖା କରିବାକୁ ଆସିଲେ । କଥାବାର୍ତ୍ତା କରୁ କରୁ ଅଧିକ ବିଳମ୍ବ ହୋଇଯିବାରୁ ସେ ତାଙ୍କୁ ଘରେ ନେଇ ପହଞ୍ଚାଇବା ଉଚିତ ମନେ କଲେ । ଯେବେ ତାଙ୍କୁ ଘରେ ଛାଡି ଆସିବା ପାଇଁ ଯାଉଥିଲେ, ବାଟରେ ଦୁଇଜଣ ବ୍ୟକ୍ତି ଦେଖିଲେ । କାଳେ ସେମାନଙ୍କ ମନରେ କୌଣସି ସନ୍ଦେହ ଜାତ ହେବ, ଏହି ଆଶଙ୍କା କରି ମହାଭାଗ ଦୁହିଁଙ୍କୁ ଅଟକାଇ ତାଙ୍କ ଭ୍ରମ ଦୂର କରିବା ପାଇଁ କହିଲେ, 'ଦେଖ ଯେ ମୋର ପତ୍ନୀ ସଫିୟା ।' ସେମାନେ କହିଲେ 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମ ହୃଦୟରେ ଆପଣଙ୍କ ପ୍ରତି କୌଣସି ଅସତ ଭାବନା କିପରି ସୃଷ୍ଟି ହୋଇ ପାରିବ ?' ସେ କହିଲେ 'ଶୈତାନ ମନୁଷ୍ୟ ରକ୍ତରେ ବିଚରଣ କରୁଛି । ମୋତେ ଭୟ ହେଲା ଯେ ତୁମର ସତ ବିଶ୍ୱାସରେ କୌଣସି ଆଘାତ ନ ପହଞ୍ଚୁ ।' (ବୁଖାରି, ଅବୁଓ୍ୱାବୁଲ୍ ଏତିକାଫ୍)

## ଅନ୍ୟମାନଙ୍କ ଦୋଷ ଘୋଡାଇବା

ମୁହମ୍ମଦ[ସଅ]ଙ୍କୁ ଯେତେବେଳେ କାହାର ଦୋଷ ଜଣା ପଡୁଥିଲା, ସେ ତାକୁ ଲୁଚାଉଥିଲେ ଓ ଯଦି କେହି ନିଜ ଦୋଷକୁ ପ୍ରକଟ କରୁଥିଲା, ତାକୁ ମଧ୍ୟ ତାହା କରିବା ପାଇଁ ବାରଣ କରୁଥିଲେ । ତାଙ୍କର କହିବାର ଥିଲା ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିର ପାପକୁ ସଂସାରରେ ଲୁଚାଇ ରଖିବ, ଅଲ୍ଲାଃ ତା'ର ଦୋଷକୁ ପରକାଳରେ ଲୁଚାଇବେ । (ମୁସଲିମ, କିତାବୁଲ୍ ବର୍‌ରେ ଓସ୍‌ସଲାତ୍)

ମହାଭାଗ ଏହା ମଧ୍ୟ କହୁଥିଲେ ମୋ ସଂପ୍ରଦାୟରେ ଅନ୍ତର୍ଭୁକ୍ତ ପ୍ରତ୍ୟେକ ବ୍ୟକ୍ତିର ପାପ ପଶ୍ଚାତାପ ଦ୍ୱାରା ଲିଭି ଯାଇପାରେ । କିନ୍ତୁ ଯିଏ ନିଜ ପାପକୁ ସ୍ୱୟଂ

ପ୍ରକାଶ କରି ବୁଲନ୍ତି, ତାହାର କୌଣସି ପ୍ରତିକାର ନାହିଁ । ସ୍ୱୟଂ ଏହାକୁ ପ୍ରକଟ କରିବାର ତାତ୍ପର୍ଯ୍ୟ ହେଉଛି ଯେ ଜଣେ ବ୍ୟକ୍ତି ରାତିବେଳେ ପାପ କରୁଛି ତ ଅଲ୍ଲାଃ ତାହା ଉପରେ ପର୍ଦ୍ଦା ପକାଇ ଦଅନ୍ତି । କିନ୍ତୁ ସକାଳେ ସେ ନିଜ ବନ୍ଧୁମାନଙ୍କ ଆଗରେ ଏହା କୁହେ 'ହେ ଭାଇ ! ମୁଁ ରାତିରେ ଏହି ପାପ କରିଥିଲି ।' ଏହିପରି ସେ ବାରମ୍ବାର ଗୋଟି ଗୋଟି କରି ସବୁ ମିତ୍ରମାନଙ୍କ ଆଗରେ ନିଜକୃତ ସବୁ ମନ୍ଦକର୍ମକୁ ପ୍ରଘଟ କରିଦିଏ । ଏହିପରି ପ୍ରଭୁ ରାତିରେ ତାର ପାପକୁ ଘୋଡାଇ ପକାନ୍ତି ଓ ସକାଳ ହେବା ବେଳକୁ ସେ ନିଜ ପାପକୁ ନଗ୍ନ କରିଦିଏ । (ବୁଖାରି ଓ ମୁସଲିମ୍)

କେତେକ ଲୋକ ମୂର୍ଖତା ବଶତଃ ଏହା ବୁଝିଥାନ୍ତି ଯେ ନିଜ ପାପକୁ ପ୍ରକଟ କରିଦେବା ଦ୍ୱାରା ତାହା ତୌବା(ପ୍ରାୟଶ୍ଚିତ)କରିବାକୁ ଜନ୍ମ ଦେଇଥାଏ । କିନ୍ତୁ ବାସ୍ତବିକ କଥା ହେଉଛି ଯେ ପାପକୁ ପ୍ରକାଶ କରିବା ପଶ୍ଚାତାପର ଭାବନା ସୃଷ୍ଟି କରେ ନାହିଁ । କିନ୍ତୁ ନିର୍ଲ୍ଲଜ ଭାବକୁ ଦର୍ଶାଇଥାଏ । ପାପ କରିବା ତ ନିଶ୍ଚିତ ଭାବେ ଖରାପ, କିନ୍ତୁ ଯେଉଁ ଲୋକ ପାପ କରୁଛନ୍ତି ଓ ହୃଦୟରେ ଲଜ୍ଜା ଓ ଗ୍ଲାନି ଭାବ ଅନୁଭବ କରୁଛନ୍ତି, ତାଙ୍କ ପାଇଁ ପ୍ରାୟଶ୍ଚିତର ମାର୍ଗ ଖୋଲିଯାଏ ଓ ସଂଯମତା ଅବଲମ୍ବନ କରିବାର ଉତ୍ସାହ ତାହା ପଛେ ପଛେ ଯାଉଥାଏ । ଏପରି ଶୁଭ ଅବସର କେତେବେଳେ ହେଲେ ବି ଆସିଯାଏ । ଫଳତଃ ସଂଯମତା ବିଜୟୀ ହୋଇଯାଏ ଓ ପାପ ପଳାୟନ କରେ । କିନ୍ତୁ ଯେଉଁଲୋକ ନିଜ ପାପକୁ ପ୍ରସାର କରି ତା'ପାଇଁ ଗର୍ବ କରନ୍ତି, ତାଙ୍କ ହୃଦୟରୁ ପାପର ଅନୁଭବ ଲୋପ ପାଇଯାଏ । ଯଦି ପାପ ଅର୍ଜନ କରି ସେହି ଭୁଲର ଅନୁଭବ ହୃଦୟରେ ଜାତ ହୁଏ, ପୁଣି ତୌବା ଅର୍ଥାତ୍ ପାପ ପାଇଁ ପଶ୍ଚାତାପ କରିବାର ପ୍ରଶ୍ନ ଉଠୁନାହିଁ ।

ଥରେ ରସୁଲୁଲ୍ଲାଃ[ସଅ] ଙ୍କ ସେବାରେ ଜଣେ ବ୍ୟକ୍ତି ଉପସ୍ଥିତ ହୋଇ କହିଲା 'ହେ ଅଲ୍ଲାଃଙ୍କ ରସୁଲ ! ମୁଁ ବ୍ୟଭିଚାର କରିଛି ।' ବ୍ୟଭିଚାର ଇସ୍‌ଲାମର ଶରୀୟତ (ଧର୍ମୀୟ ବିଧାନ)ରେ ଏକ ଦଣ୍ଡନୀୟ ଅପରାଧ ହୋଇଥିବା ଯୋଗୁଁ ଏହି ଆଇନ ଲାଗୁ ହେଉଥିବା ସ୍ଥଳେ ଯେବେ ଜଣେ ବ୍ୟଭିଚାରୀ ବ୍ୟକ୍ତିର ଅପରାଧ ପ୍ରମାଣିତ ହୋଇଯିବ, ସେଠାରେ ତାକୁ ଶାରୀରିକ ଦଣ୍ଡ ଦିଆଯାଏ । ସୁତରାଂ ସେହି ବ୍ୟକ୍ତି ମୁହମ୍ମଦ[ସଅ] ଙ୍କ ସମ୍ମୁଖରେ ନିଜର ଏହି ଦୋଷ ସ୍ୱୀକାର କରିବା ବେଳେ ମହାଭାଗ ଅନ୍ୟ ଦିଗକୁ ମୁହଁ ଫେରାଇ ନେଲେ ତଥା ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ହୋଇଗଲେ । ବସ୍ତୁତଃ ମହାଭାଗ ତାକୁ ଏହି କଥା ବତାଇ ଦେବାକୁ ଚାହୁଁଥିଲେ ଯେ ଯେଉଁ ପାପ ଉପରେ ଈଶ୍ୱର ନିଜର କରୁଣାର ଚାଦର ଘୋଡାଇ ଦିଅନ୍ତି, ତାହାର ପ୍ରତିକାର ତୌବା, ଅନୁଶୋଚନା, ପଶ୍ଚାତାପ ଇତ୍ୟାଦି ହୋଇଥାଏ । ମାତ୍ର ତାହାର ଉପଚାର ପାପର

ଘୋଷଣା ଦ୍ୱାରା କରାଯାଏ ନାହିଁ । କିନ୍ତୁ ଏହି ଗୁଢ ମର୍ମକୁ ନ ବୁଝିପାରି ସେହି ବ୍ୟଭିଚାରୀ ଏହା ଭାବିଲା ଯେ ମୁହମ୍ମଦ[ସଅ] ମୋ କଥା ଆଦୌ ଶୁଣି ନାହାନ୍ତି । ତେଣୁ ଯେଉଁ ପଟକୁ ତାଙ୍କର ମୁଖ ରହିଥିଲା, ସେ ପଟରେ ଯାଇ ଛିଡା ହୋଇଗଲା ଓ ପୁଣି କହିଲା 'ହେ ଅଲ୍ଲାଃଙ୍କ ରସୁଲ ! ମୁଁ ବ୍ୟଭିଚାର କରିଛି ।' ଏହିପରି ଥରକୁ ଥର ସେ ନିଜ ପାପର ଘୋଷଣା କରୁଥିଲା ଓ ଦିବ୍ୟ ଅବତାର ତାହା ନଶୁଣିଲା ପରି ନିଜ ମୁଖ ମଣ୍ଡଳକୁ ଅନ୍ୟପଟକୁ ଫେରାଇ ନେଉଥିଲେ । ଯେବେ ଚତୁର୍ଥ ଥର ସେ ଏହାର ପୁନରାବୃତ୍ତି କଲା, ମହାଭାଗ ବାଧ ହୋଇ କହିଲେ, 'ମୁଁ ଚାହୁଁଥିଲି ଯେ ସେ ନିଜକୃତ ପାପକର୍ମକୁ ଏଠାରେ ପ୍ରକାଶ ନକରୁ, ଯେପର୍ଯ୍ୟନ୍ତ ପ୍ରଭୁ ତାକୁ ଅଭିଯୁକ୍ତ ରୂପେ ଧରିବାର ନିଷ୍ପତ୍ତି ନେଇ ନାହାନ୍ତି । କିନ୍ତୁ ସେ ଚାରିଥର ନିଜ ବିଷୟରେ ସାକ୍ଷ୍ୟ ଦେଇଛି, ତେଣୁ ମୁଁ ନାଚାର ।' (ତିରମିଜି, ଅବୱାବୁଲ୍ ହୁଦୁଦ୍)

ପୁଣି ପୁଣ୍ୟାତ୍ମା କହିଲେ, 'ଏହି ବ୍ୟକ୍ତି ନିଜ ଉପରେ ଆରୋପ ଲଗାଇଛି । ସେ ସେହି ସ୍ତ୍ରୀ ନୁହେଁ ଯାହା ସହିତ ସେ ଦୁଷ୍କର୍ମ କରିଥିବାର ସ୍ୱୀକାର କରୁଛି । ସେହି ସ୍ତ୍ରୀକୁ ପଚାର, ଯଦି ସେ ଅସ୍ୱୀକାର କରେ ତା'ହେଲେ ତାକୁ କିଛି କୁହନାହିଁ । କେବଳ ଏହି ବ୍ୟକ୍ତିକୁ ନିଜର ସ୍ୱୀକାରୋକ୍ତି ଅନୁଯାୟୀ ଶାସ୍ତି ଦିଅ । ଯଦି ନାରୀ ଏଥିରେ ଜଡିତ ଥିବାର ସ୍ୱୀକାର କରୁଛି, ତା'ହେଲେ ତାକୁ ମଧ ଦଣ୍ଡ ବିଧାନ କର ।' ଏହିପରି ଭାବରେ ମୁହମ୍ମଦ[ସଅ]ଙ୍କର ଏହା ନିୟମ ଥିଲା ଯେ ଯେଉଁ ପ୍ରସଙ୍ଗ ଉପରେ ପବିତ୍ର କୁରଆନ୍ ଶିକ୍ଷା ଅଦ୍ୟାବଧି ଅବତୀର୍ଣ୍ଣ ହୋଇନାହିଁ, ସେ ସଂକ୍ରାନ୍ତରେ ତୋରାହ୍ ଗ୍ରନ୍ଥର ଶିକ୍ଷାନୁଯାୟୀ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ । ତେବେ ଇହୁଦୀ ଗ୍ରନ୍ଥ ତୋରାହ୍‌ର ବ୍ୟଭିଚାର କରିବାର ଶାସ୍ତି 'ସଂଗସାର୍' ଅର୍ଥାତ୍ ଅଣ୍ଟାଯାଏ ଭୂମିରେ ପୋତି ପଥର ମାରି ମାରି ଅପରାଧିକୁ ମୃତ୍ୟୁଦଣ୍ଡ ଦେବା । ତେବେ ସେହି ଆଦେଶାନୁସାରେ ତାକୁ ପଥର ଫିଙ୍ଗିବା ପାଇଁ ଲୋକମାନେ ଉଦ୍ୟତ ହୁଅନ୍ତେ ସେ ପଳାଇଯିବାକୁ ବସିଲା । କିନ୍ତୁ ଲୋକମାନେ ତାହାର ପିଛା କଲେ ଓ ତୋରାହ୍ ଆଦେଶ କ୍ରମେ ତାକୁ ସଂଗ୍‌ସାର କରି ବଧ କରିଦେଲେ । ଯେବେ ରସୁଲୁଲ୍ଲାଃ[ସଅ]ଙ୍କୁ ଏହି ସୂଚନା ମିଳିଲା ମହାଭାଗ ଏହି କାର୍ଯ୍ୟକୁ ନାପସନ୍ଦ କଲେ ଏବଂ କହିଲେ 'ତାହାର ଶାସ୍ତି ନିଜର ସ୍ୱୀକାରୋକ୍ତି ଅନୁଯାୟୀ ଦିଆଯାଉଥିଲା । କିନ୍ତୁ ସେ ଯେତେବେଳେ ପଳାଇଲା ସେ ନିଜ ସ୍ୱୀକାରକୁ ଫେରାଇ ନେଲା । ତେଣୁ ତୁମର କୌଣସି ଅଧିକାର ନାହିଁ ଯେ ତୁମେ ତାକୁ ଧରି ଆଣି ହତ୍ୟା କରି ଦେବ, ବରଂ ତାକୁ ଛାଡିଦେବା ବିଧେୟ ।'

ମହାଭାଗ ସବୁବେଳେ ଶରିୟତ (ଧର୍ମୀୟ ଅନୁଶାସନ)କୁ ପ୍ରତ୍ୟେକଙ୍କ ଉପରେ ସିଧାସଳଖ ଭାବରେ ଲାଗୁ ହେବା ଉପରେ ଗୁରୁତ୍ୱ ଦେବାପାଇଁ

ଆଦେଶନାମା ଜାରି କରିଥିଲେ । ଥରେ କେତେକ ଅନୁଚର ଏକ ଯୁଦ୍ଧରେ ଯାଇଥିଲେ । ରାସ୍ତାରେ ତାଙ୍କୁ ଏପରି ଜଣେ ମୂର୍ତ୍ତିପୂଜକ ମିଳିଲା ଯିଏ ବଣମଧ୍ୟରେ ଏଣେ ତେଣେ ଲୁଚିଛପି ଘୁରି ବୁଲୁଥିଲା ଓ ଯେବେ କୌଣସି ମୁସଲମାନ ଏକାକୀ ତା' ହାବୁଡରେ ପଡୁଥିଲେ ତା' ଉପରେ ଆକ୍ରମଣ କରି ତାଙ୍କୁ ହତ୍ୟା କରୁଥିଲା । ଉସାମା ବିନ ଜୈଦ[ରଅ] ତା'ର ପିଛା କରି ତାକୁ ଧରି ପକାଇଲେ ଓ ମାରିଦେବା ପାଇଁ ତରବାରୀ ଉଠାଇଲେ । ସେହି ଶତ୍ରୁ ଜଣକ ଧରା ପଡିଯିବା ଭୟରେ କହିଲା 'ଲାଇଲାହା ଇଲ୍ଲଲ୍ଲାଃ' ଏହି ସ୍ୱୀକାରୋକ୍ତି ପଛରେ ତାର ଛଳନାର ଉଦ୍ଦେଶ୍ୟ ରହିଥିଲା ଯେ ମୁଁ ମୁସଲମାନ ହୋଇଗଲି । କିନ୍ତୁ ଉସାମା[ରଅ] ତାର ଏହି ସ୍ୱୀକୀରୋକ୍ତିକୁ ଖାତିର ନକରି ହତ୍ୟା କରିଦେଲେ । ଜଣେ ବ୍ୟକ୍ତି ଏହି ଯୁଦ୍ଧର ସମସ୍ତ ଘଟଣାର ସୂଚନା ଦେବାପାଇଁ ମଦିନାରେ ପହଞ୍ଚିଲା ତଥା ମୁହମ୍ମଦ[ସଅ]ଙ୍କ ସମ୍ମୁଖରେ ସମସ୍ତ ବୃତ୍ତାନ୍ତ ଶୁଣାଇବା ସମୟରେ ଉକ୍ତ ଘଟଣାକୁ ମଧ୍ୟ ବର୍ଣ୍ଣନା କଲା । ଏ ବିଷୟରେ ଅବଗତ ହେବା ପରେ ମୁହମ୍ମଦ[ସଅ] ଉସାମା[ରଅ]ଙ୍କୁ ଡକାଇଲେ ଓ ପଚାରିଲେ 'କଣ ତୁମେ ସେହି ବ୍ୟକ୍ତିକୁ ହତ୍ୟା କରିଥିଲ ?' ଉସାମା ଉତ୍ତର ଦେଲେ 'ହଁ ମହାଭାଗ !' ତହୁଁ ମହାଭାଗ କହିଲେ 'ତୁମେ କୟାମତ (ଅନ୍ତିମ ବିଚାର) ଦିନ କ'ଣ କରିବ ଯେବେ ତା'ର 'ଲାଇଲାହା ଇଲ୍ଲଲ୍ଲାଃ' ତୁମ ବିରୁଦ୍ଧରେ ସାକ୍ଷ୍ୟ ଦେବ ?' ଅର୍ଥାତ୍ ଈଶ୍ୱରଙ୍କ ଦରବାରରେ ତୁମକୁ ପ୍ରଶ୍ନ କରାଯିବ ଯେ ଯେତେବେଳେ ସେହି ବ୍ୟକ୍ତି ଲାଇଲାହା ଇଲ୍ଲଲ୍ଲାଃ (ଏକେଶ୍ୱରବାଦର ମୂଳମନ୍ତ୍ର) ଉଚ୍ଚାରଣ କଲା ତା'ପରେ ତୁମେ ତାକୁ କାହିଁକି ହତ୍ୟା କଲ ? ଯଦିଚ ସେ ଜଣେ ହତ୍ୟାକାରି ଥିଲା, କିନ୍ତୁ ସେ ତୌବା (ଅନୁତାପ) କରିସାରିଥିଲା । ହଜରତ ଉସାମା[ରଅ] ଉତ୍ତରରେ ଅନେକ ଥର କହିଥିଲେ 'ହେ ଅଲ୍ଲାଃଙ୍କ ରସୁଲ ! ସେ ତ ଭୟ ଯୋଗୁଁ ବିଶ୍ୱାସକୁ ପ୍ରକଟ କରୁଥିଲା ।' ଏହା ଶୁଣି ମହାଭାଗ କହିଲେ 'ତୁମେ କ'ଣ ତା'ର ହୃଦୟକୁ ଫାଡି ଦେଖିଥିଲ କି ସେ ମିଥ୍ୟା କହୁଥିଲା ?' ପୁଣି ମହାଭାଗ ଏହି ବାକ୍ୟକୁ ନିରନ୍ତର କହି ଚାଲିଲେ ଯେ ତୁମେ ପ୍ରଳୟ ଦିନ କି ଉତ୍ତର ଦେବ ଯେବେ ତାହାର 'ଲା'ଇଲାହା ଇଲ୍ଲଲ୍ଲାଃ' ତୁମ ସମ୍ମୁଖରେ ପ୍ରସ୍ତୁତ କରାଯିବ । ଉସାମା କହୁଛନ୍ତି 'ସେହି ସମୟରେ ମୋ ହୃଦୟରେ ଏହି ଇଚ୍ଛା ଜାଗ୍ରତ ହେଲା ଯେ ହାୟ ! ମୁଁ ଆଜି ହିଁ ଇସଲାମ ଗ୍ରହଣ କରିଥାନ୍ତି କି ! ମୋ ଦ୍ୱାରା ଏହି ଘଟଣା ଘଟି ନଥାନ୍ତା ।' (ମୁସଲିମ୍)

ଦିବ୍ୟ ଅବତାରଙ୍କ ମନରେ ପାପ କ୍ଷମା କରି ଦେବାର ଉତ୍କଣ୍ଠା ଏତେ ଅଧିକ ଥିଲା ଯେ ଯେତେବେଳେ କେତେକ ବ୍ୟକ୍ତି ତାଙ୍କ ପତ୍ନୀ ହଜରତ ଆଇଶା[ରଅ]ଙ୍କ ଉପରେ ଆରୋପ ଲଗାଇଲେ, ସେହି ଆରୋପକାରୀମାନଙ୍କ ମଧ୍ୟରେ ଅବୁବକର[ରଅ]ଙ୍କ ଘରେ

ପ୍ରତିପାଳିତ ଜଣେ ବ୍ୟକ୍ତି ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଯେବେ ସେହି ଆରୋପ ମିଥ୍ୟା ପ୍ରମାଣିତ ହେଲା, ହଜରତ ଅବୁବକର[ରଅ] କ୍ରୋଧରେ ଆସି ନିଜ କନ୍ୟା ଅର୍ଥାତ୍ ମୁହମ୍ମଦ[ସଅ]ଙ୍କ ଧର୍ମପତ୍ନୀ ଆଇଶା[ରଅ] ଉପରେ ମିଥ୍ୟାରୋପରେ ଜଡିତ ସେହି ବ୍ୟକ୍ତିର ପ୍ରତିପୋଷଣ ବନ୍ଦ କରିଦେଲେ । ସଂସାରରେ ଏହି ମନୁଷ୍ୟ ବ୍ୟତୀତ ଆଉ କିଏ ଅଛି ଯିଏ ଏପରି କୋହଳ ସିଦ୍ଧାନ୍ତ ନେଇପାରିବ ? ଅଧିକାଂଶ ବ୍ୟକ୍ତି ତ କ୍ରୋଧରେ ଉତ୍ତେଜିତ ହୋଇ ସେପରି ଦୋଷୀଙ୍କୁ ହତ୍ୟା କରିଦେଇ ପାରନ୍ତି । କିନ୍ତୁ ଅବୁବକର[ରଅ] କେବଳ ତାର ପାଳନପୋଷଣ ବନ୍ଦ କରିଦେଲେ । ରସୁଲୁଲ୍ଲାଃ ଏହା ଜାଣିବା ପରେ ତାଙ୍କୁ ବୁଝାସୁଝା କରି କହିଲେ 'ସେହି ବ୍ୟକ୍ତିର ତ ଭୁଲି ହୋଇଛି ଯେ ସେ ପାପ କରିଛି । ଆପଣଙ୍କ ଗୌରବ ତା'ଠାରୁ ଏତେ ଉପରେ ରହିଛି ଯେ ଜଣେ ବ୍ୟକ୍ତି ପାପ କରିବା ଯୋଗୁଁ ତାକୁ ତାର ଆଜୀବନ ଆହାର ଯୋଗାଇବାରୁ ବଞ୍ଚିତ କରି ଦେବକି ?' ସୁତରାଂ ଅବୁବକର[ରଅ] ତାଙ୍କ ଉପଦେଶ ଗ୍ରହଣ କରି ପୁନର୍ବାର ତା'ର ଭରଣପୋଷଣ କଲେ । (ବୁଖାରି, କିତାବୁଲ୍ ତଫ୍‌ସିର)

## ଧୈର୍ଯ୍ୟଶୀଳତା

ମହାଭାଗ କହୁଥିଲେ ଯେ ବିଶ୍ୱାସକାରୀ ପାଇଁ ସଂସାରରେ କଲ୍ୟାଣ ହିଁ କଲ୍ୟାଣ ନିହିତ ଅଛି । ଜଣେ ବିଶ୍ୱାସକାରୀଙ୍କ ବ୍ୟତୀତ ଏହି ସ୍ଥାନର ଅଧିକାରୀ ଅନ୍ୟ କେହି ହୋଇ ପାରିବେ ନାହିଁ । ଯଦି ତାକୁ କୌଣସି କାର୍ଯ୍ୟରେ ସଫଳତା ମିଳେ, ସେ ପ୍ରଥମେ ଭଗବାନଙ୍କୁ ଧନ୍ୟବାଦ ଅର୍ପଣ କରେ ତଥା ତାହାଙ୍କ ଦିବ୍ୟ ପୁରସ୍କାର ଲାଭ କରିବାର ଯୋଗ୍ୟତା ଅର୍ଜନ କରେ । କିନ୍ତୁ ଯଦି ତାକୁ କୌଣସି କଷ୍ଟ ଭୋଗ କରିବାକୁ ପଡେ ତା'ହେଲେ ସେ ଧୈର୍ଯ୍ୟ ଓ ସହିଷ୍ଣୁତା ଅବଲମ୍ବନ କରେ । ଏହିପରି ଉପାୟରେ ମଧ୍ୟ ସେ ଈଶ୍ୱରଙ୍କ ପୁରସ୍କାର ପ୍ରାପ୍ତିର ହକଦାର ହୋଇଯାଏ । (ମୁସଲିମ୍)

ଯେତେବେଳେ ମହାମହିମଙ୍କ ମୃତ୍ୟୁ ସମୟ ଆସିଲା ଓ ସେ ବ୍ୟାଧି ଜନିତ ପୀଡାରେ ଛଟପଟ ହେଉଥିଲେ ତାଙ୍କ କନ୍ୟା ଫାତିମା[ରଅ] ଥରେ ବ୍ୟାକୁଳ ହୋଇ କହିଲେ 'ଆହା, ମୋ ପିତାଙ୍କ ଅସହ୍ୟ ଯନ୍ତ୍ରଣାକୁ ଦେଖି ମୁଁ ସମ୍ଭାଳି ହୋଇ ରହି ପାରୁନାହିଁ ।' ରସୁଲୁଲ୍ଲାଃ ଏହା ଶୁଣି କହିଲେ 'ଧୈର୍ଯ୍ୟ ଧର ମା' ଆଜିଠାରୁ ତୁମ ପିତାଙ୍କୁ ଆଉ କଷ୍ଟ ଭୋଗ କରିବାକୁ ପଡିବ ନାହିଁ ।' (ବୁଖାରି) ଅର୍ଥାତ୍ ମୋର ଯନ୍ତ୍ରଣା ଏହି ପାର୍ଥିବ ଜୀବନ ପର୍ଯ୍ୟନ୍ତ ସୀମିତ । ଆଜି ମୁଁ ନିଜ ପାଳନକର୍ତ୍ତାଙ୍କ ନିକଟକୁ ଚାଲିଯିବି, ଯାହାପରେ କୌଣସି ଶାରୀରିକ ଯନ୍ତ୍ରଣାର ସମୟ ଆଉ କେବେ ଆସିବ ନାହିଁ ।'

ଏହି ସନ୍ଦର୍ଭରେ ଏକ ଘଟଣା ବର୍ଣ୍ଣନା କରାଯାଇପାରେ ଯେ ସଂକ୍ରାମକ ରୋଗ ବ୍ୟାପୁଥିବା ସମୟରେ ଗୋଟିଏ ସହରରୁ ଅନ୍ୟ ଏକ ସହରକୁ ପଳାୟନ କରିବାକୁ ମହାଭାଗ ଆଦୌ ପସନ୍ଦ କରୁ ନଥିଲେ । କାରଣ ଏହା ଦ୍ୱାରା ରୋଗ ସଂକ୍ରମିତ ହେବାର ଆଶଙ୍କା ଦେଖାଦିଏ । ଯଦି କାହାର ମୃତ୍ୟୁ ଘଟେ, ସେ ଶହୀଦ ପଦବାଚ୍ୟ ହେବ । (ବୁଖାରି, କିତାବୁତ୍ ତିବ୍)

# ପାରସ୍ପରିକ ସହଯୋଗ

ମହାଭାଗ ନିଜ ଅନୁଚରବର୍ଗଙ୍କୁ ସଦୈବ ଏହି ଉପଦେଶ ଦେଉଥିଲେ ଯେ ପାରସ୍ପରିକ ସହଯୋଗ ଭିତ୍ତିରେ ସବୁବେଳେ କାମକର । ସୁତରାଂ ସେ ନିଜ ସଂପ୍ରଦାୟର ଲୋକମାନଙ୍କ ପାଇଁ ଏହି ନିୟମ ପ୍ରଣୟନ କରିଥିଲେ ଯେ ଯଦି କୌଣସି ବ୍ୟକ୍ତି ଅପରାଧ କରି ବସେ ଯାହା ବିନିମୟରେ କୌଣସି ଧନରାଶି ଦେବାକୁ ପଡିଥାଏ ଅଥଚ ସେହି ଅର୍ଥ ଦେବା ତାର ସାମର୍ଥ୍ୟ ବାହାରେ, ସେପରି ସ୍ଥଳେ ତାର ସାହି, ଗ୍ରାମ ବା ନଗର ପକ୍ଷରୁ ଅଥବା ସମସ୍ତ ଲୋକ ମିଶି ସାମୁହିକ ରୂପେ ସେହି ଜୋରିମାନା ରାଶି ପୈଠ କରିବାକୁ ପଡିବ ।

କେତେକ ବ୍ୟକ୍ତି ଧର୍ମସେବା ମନୋଭାବ ନେଇ ମୁହମ୍ମଦ[ସଅ]ଙ୍କ ନିକଟକୁ ଯା'ଆସ କରୁଥିଲେ । ସେମାନଙ୍କ ସଂପର୍କୀୟମାନଙ୍କୁ ସେ ସର୍ବଦା ଏହି ପରାମର୍ଶ ଦେଉଥିଲେ ଯେ ସେମାନଙ୍କ ଦାୟୀତ୍ୱ ଭାର ସମ୍ଭାଳିବା ଓ ଆବଶ୍ୟକତାକୁ ପୂରଣ କରିବାରେ ସେମାନଙ୍କୁ ସହଯୋଗ ପ୍ରଦାନ କରନ୍ତୁ । ହଜରତ ଅନସ[ରଅ] ବର୍ଣ୍ଣନା କରିଛନ୍ତି; ମୁହମ୍ମଦ[ସଅ]ଙ୍କ ଯୁଗରେ ଦୁଇଜଣ ଭାଇ ଇସଲାମ ଧର୍ମ ଗ୍ରହଣ କଲେ । ଜଣେ ଭାଇ ରସୁଲୁଲ୍ଲାଃଙ୍କ ସଂସର୍ଗରେ ରହିଲା ଓ ଅନ୍ୟ ଭାଇ ନିଜ କାର୍ଯ୍ୟରେ ବ୍ୟସ୍ତ ଥିଲା । ସେହି କର୍ମଠ ଭାଇ ଜଣକ ଆସି ଅଭିଯୋଗ କଲା ଯେ ଆପଣଙ୍କ ସଂସର୍ଗରେ ଆସିଥିବା ଭାଇ କୌଣସି କାମଧନ୍ଦା ନକରି ସବୁବେଳେ ବେକାର ହୋଇ ବସିଛି । କିନ୍ତୁ ମହାଭାଗ ଉତ୍ତର ଦେଲେ; 'ଏପରି କୁହ ନାହିଁ, ଈଶ୍ୱର ତାଙ୍କରି ମାଧ୍ୟମରେ ତୁମକୁ ଜୀବିକା ପ୍ରଦାନ କରିଛନ୍ତି । ସେଥିପାଇଁ ତା'ର ସେବାଯତ୍ନ କର ଓ ତାକୁ ଧାର୍ମିକ କାର୍ଯ୍ୟ ପାଇଁ ସ୍ୱାଧୀନତା ଦିଅ ।' (ହଦିସ୍ ତିରମିଜି)

ଥରେ ଦିବ୍ୟ ଅବତାର ଅନୁଚରମାନଙ୍କ ଗହଣରେ ଯାତ୍ରା କରୁଥିବା ସମୟରେ ପଥପ୍ରାନ୍ତରେ ବିଶ୍ରାମ ନେବା ପାଇଁ ଅଟକିଗଲେ । ଅନୁଚରଗଣ ଶିବିର ଲଗାଇବା ପାଇଁ ନିଜ ନିଜ ମଧ୍ୟରେ କାର୍ଯ୍ୟ ବାଣ୍ଟିନେଲେ । ଅଥଚ ରସୁଲୁଲ୍ଲାଃଙ୍କ ପାଇଁ

କୌଣସି ଦାୟିତ୍ୱ ନ୍ୟସ୍ତ କରାଗଲା ନାହିଁ । ମହାଭାଗ କହିଲେ, 'ତୁମେମାନେ ମୋ ପାଇଁ କୌଣସି କାର୍ଯ୍ୟ କାହିଁକି ଅର୍ପଣ କରିନାହଁ । ତେଣୁ ମୁଁ ଭୋଜନ ପ୍ରସ୍ତୁତ କରିବା ପାଇଁ ଜାଳେଣି କାଠ ଏକତ୍ର କରିବି ।' ଅନୁଚରମାନେ ପ୍ରଶ୍ନ କଲେ, 'ହେ ଅଲ୍ଲାଃଙ୍କ ରସୁଲ ! ସମସ୍ତ କାର୍ଯ୍ୟ ତୁଲାଇବା ପାଇଁ ଆମେମାନେ ପ୍ରସ୍ତୁତ ଅଛୁ । ଆପଣ କାମ କରିବାର କି ଆବଶ୍ୟକତା ଅଛି ?' ଏହା ଶୁଣି ମହାଭାଗ କହିଲେ, 'ନା, ନା ଏହା ମୋର କର୍ତ୍ତବ୍ୟ ଯେ କାମରେ ତୁମମାନଙ୍କୁ ସହଯୋଗ କରିବି ।' ତେଣୁ ସେ ସ୍ୱୟଂ ବଣକୁ ଯାଇ କାଠ ଯୋଗାଡ଼ କରିବାରେ ଲାଗିଲେ, ଯଦ୍ୱାରା ଅନୁଚରମାନେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରିପାରିବେ । (ଜରକାନି, ଖଣ୍ଡ – ୪, ପୃ ୩୦୪)

# ଦୋଷତ୍ରୁଟିକୁ ଅଣଦେଖା କରିବା

ମହାଭାଗ ସର୍ବଦା ଉପଦେଶ ଦେଉଥିଲେ ଯେ ଅକାରଣରେ ଅନ୍ୟମାନଙ୍କ କାର୍ଯ୍ୟକୁ ଆକ୍ଷେପ କରନାହିଁ । ଏପରି କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରନାହିଁ, ଯାହା ସହିତ ତୁମର କୌଣସି ସଂପର୍କ ନାହିଁ । କାରଣ ଏହାଦ୍ୱାରା ବିଶୃଙ୍ଖଳା ଜାତ ହୁଏ । ଇସଲାମର ସର୍ବଶ୍ରେଷ୍ଠ ଆଦର୍ଶଗତ ଶିକ୍ଷା ହେଉଛି; ମନୁଷ୍ୟର ଯେଉଁ ବିଷୟ ସହିତ ସିଧାସଳଖ ସଂପର୍କ ନାହିଁ, ସେଥିରେ ସେ ଅଯଥାରେ ହସ୍ତକ୍ଷେପ ନକରୁ । ମୁହମ୍ମଦ[ସଅ]ଙ୍କର ଏହି ଆଚରଣ ବିଧି ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ବାଟ କଢାଇଥାଏ । ଏହାର ଅଭାବରୁ ହିଁ ପୃଥିବୀରେ ବିଭିନ୍ନ ପ୍ରକାର ଅସତ୍‌କର୍ମ ଓ ବିଭ୍ରାଟ ଉତ୍ପନ୍ନ ହଉଛି । ଯଦ୍ୱାରା ଲୋକମାନେ ବିପଦଗ୍ରସ୍ତ ପୀଡିତମାନଙ୍କ ସହାୟତା ପାଇଁ ପ୍ରସ୍ତୁତ ହୁଅନ୍ତି ନାହିଁ । କିନ୍ତୁ ଅଯଥାଟାରେ ଅନ୍ୟ ଲୋକଙ୍କ ମାମଲାରେ ଆପତ୍ତି ଉଠାଇବା ପାଇଁ ତତ୍ପର ହୋଇଯାନ୍ତି ।

# ସତ୍ୟର ପୂଜାରୀ

ଦିବ୍ୟ ବାର୍ତ୍ତାବହ[ସଅ] ସତ୍ୟ ଉପରେ ସଦାସର୍ବଦା ପ୍ରତିଷ୍ଠିତ ହୋଇ ରହିଥିବା ଯୋଗୁଁ ତାଙ୍କ ବ୍ୟକ୍ତିଗତ ସ୍ଥାନ ଏତେ ଉଚ୍ଚରେ ଯେ ତାଙ୍କ ଜାତିର ଲୋକ ତାଙ୍କୁ ସିଦ୍ଦିକ୍ (ସଦାତ୍ମା)ର ଆଖ୍ୟା ଦେଇଥିଲେ । ସତ୍ୟ ଉପରେ ମହାଭାଗ ନିଜ ଅନୁଗାମୀମାନଙ୍କୁ ଦୃଢ ହୋଇ ରହିବା ପାଇଁ ମଧ୍ୟ ଆହ୍ୱାନ କରିଥିଲେ । ସତ୍ୟର ଏପରି ଉଚ୍ଚତମ ସୋପାନରେ ପହଞ୍ଚାଇବା ପାଇଁ ସେ ସର୍ବଦା ପ୍ରୟାସ କରୁଥିଲେ, ଯେଉଁ ସ୍ଥାନରେ ମିଥ୍ୟାର ଆବିଳତା ଲେଶମାତ୍ର ନଥିବ । ମହାଭାଗ କହୁଥିଲେ ସତ୍ୟ ହିଁ ସତକର୍ମ ପାଇଁ ପ୍ରେରଣା ଦିଏ ଓ ସତ୍ୟ ହିଁ ମନୁଷ୍ୟକୁ ସ୍ୱର୍ଗର ଅଧିକାରୀ କରାଏ । ସତ୍ୟର ବାସ୍ତବ

ସ୍ୱରୂପର ଝଲକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଫଳିତ ହେବା ଆବଶ୍ୟକ । ଏପରିକି ପରମେଶ୍ୱରଙ୍କ ସମ୍ମୁଖରେ ସେ ସତ୍ୟର ପୂଜାରୀ ହୋଇ ପ୍ରତୀୟମାନ ହେବ। (ବୁଖାରି ଓ ମୁସଲିମ)

ଥରେ ମୁହମ୍ମଦ[ସଅ]ଙ୍କ ଛାମୁରେ ଜଣେ ବ୍ୟକ୍ତିକୁ ବନ୍ଦୀ କରି ଅଣାଗଲା, ଯିଏ ଅନେକ ମୁସଲମାନଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଅପରାଧି ଥିଲା । ହଜରତ ଉମର[ରଅ] ଭାବୁଥିଲେ ଯେ ସେହି ବ୍ୟକ୍ତିକୁ ମୃତ୍ୟୁଦଣ୍ଡ ଦିଆଯିବ ଉଚିତ । ତେଣୁ ସେ ମୁହମ୍ମଦ[ସଅ]ଙ୍କ ଠାରୁ ସଂକେତ ପାଇବା ମାତ୍ରେ ସେହି ଅପରାଧିକୁ ହତ୍ୟା କରିଦେବା ପାଇଁ ବାରମ୍ବାର ଶ୍ରୀମୁଖ ବଦନକୁ ଚାହୁଁଥିଲେ । କିନ୍ତୁ ଯେତେବେଳେ ସେହି ବ୍ୟକ୍ତି ସେଠାରୁ ଉଠି ଚାଲିଗଲା, ହଜରତ ଉମର[ରଅ] କହିବାକୁ ଲାଗିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ସେହି ବ୍ୟକ୍ତି ମୃତ୍ୟୁଦଣ୍ଡ ପାଇବାର ପାତ୍ର ଥିଲା, ଅଥଚ ସେ କେମିତି ଚାଲିଗଲା ?' ମହାଭାଗ କହିଲେ 'ଯଦି ତାକୁ ମୃତ୍ୟୁର ଶାସ୍ତି ଦେବା ଅନିବାର୍ଯ୍ୟ ଥିଲା, ତା'ହେଲେ ତୁମେ କାହିଁକି ତାକୁ ବଧ କଲ ନାହିଁ?' ସେ ଉତ୍ତର ଦେଲେ, 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଆପଣ ଆଖିର ଇସାରାରେ କେବଳ ଏତିକି ସଂକେତ ଦେଇଥାନ୍ତେ, ମୁଁ ଆଖି ପିଛୁଳାକେ ତାକୁ ହତ୍ୟା କରି ଦେଇଥାନ୍ତି ।' ତହୁଁ ମହାଭାଗ କହିଲେ, 'ନବୀ କେବେ ପ୍ରତାରକ ହୋଇ ନପାରନ୍ତି । ଏହା କିପରି ସମ୍ଭବ ହୋଇଥାନ୍ତା ଯେ ମୁଁ ମୁଖରେ ପ୍ରେମର ମଧୁର ବଚନ କହୁଥାନ୍ତି, କିନ୍ତୁ ଆଖିର ଇସାରାରେ ତାକୁ ବଧ କରିବାର ସଂକେତ ଦେଇଥାନ୍ତି ।'(ସିରତ୍ ଇବ୍ନ, ହିସାମ, ଖଣ୍ଡ ୨, ପୃ ୨୧୭)

ଜଣେ ବ୍ୟକ୍ତି ତାହାଙ୍କ ଶ୍ରୀ ଛାମୁରେ ଉପସ୍ଥିତ ହୋଇ କହିଲା, 'ହେ ଅଲ୍ଲାଃଙ୍କ ରସୁଲ ! ମୋର ତିନୋଟି ଗୁରୁତର ଦୋଷ ରହିଛି । ମିଥ୍ୟା, ମଦିରା ପାନ ଓ ବ୍ୟଭିଚାର । ମହାତ୍ମା ! ଏହିସବୁ ଦୋଷରୁ ମୁକ୍ତି ପାଇବା ପାଇଁ ମୁଁ ବହୁତ ପ୍ରୟାସ କରିଛି । କିନ୍ତୁ ନିଜ ପ୍ରୟାସରେ ସଫଳ ହୋଇ ପାରିଲି ନାହିଁ । ଆପଣ କୌଣସି ଉପାୟ ବତାନ୍ତୁ ଯଦ୍ୱାରା ଏସବୁ କାଳିମା ମୋ ଠାରୁ ଦୂର ହୋଇପାରିବ ।' ଏହା ଶୁଣି ମହାଭାଗ କହିଲେ, 'ତୁମେ ସେଥି ମଧ୍ୟରୁ କୌଣସି ଗୋଟିଏ କୁକର୍ମ ଛାଡି ଦେବ ବୋଲି ମୋତେ କଥା ଦିଅ । ତା'ହେଲେ ଅନ୍ୟ ଦୁଇଟିକୁ ମୁଁ ଛଡାଇ ଦେବି ।' ସେ କହିଲା, 'ମୁଁ ପ୍ରତିଶ୍ରୁତି ଦେଉଛି, କୁହନ୍ତୁ କେଉଁ ଦୋଷକୁ ପରିତ୍ୟାଗ କରିବି ।' ମହାଭାଗ ଉପଦେଶ ଦେଲେ, 'ମିଥ୍ୟାକୁ ପରିହାର କର ।' ପୁଣି କିଛି ଦିନ ପରେ ସେ ଆସି କହିଲା, 'ମହାଭାଗ ! ଆପଣଙ୍କ ଉପଦେଶ ମୁଁ ପାଳନ କଲି । ଏବେ ମୋର ସବୁ ଦୋଷ ଦୂର ହୋଇଯାଇଛି ।' ମହାଭାଗ ପୁଣି ଜିଜ୍ଞାସା କଲେ: 'କୁହ, କ'ଣ ହୋଇଛି ?' ତହୁଁ ସେ

ଏହିପରି ବର୍ଣ୍ଣନା କଲା; 'ମୋ ହୃଦୟରେ ଥରେ ମଦିରା ପାନ କରିବାକୁ ପ୍ରବଳ ଇଚ୍ଛା ହେଲା । ମୁଁ ମଦ୍ୟପାନ ପାଇଁ ଉଦ୍ୟତ ହେଲାବେଳେ ଚିନ୍ତା କଲି ଯେ ଯଦି ମୋ ବଂଧୁମାନେ ମୋତେ ପଚାରିବେ ଯେ କ'ଣ ତୁମେ ମଦ୍ୟପାନ କରିଛ ? ତା'ପରେ ମୁଁ ପୂର୍ବ ଅଭ୍ୟାସ ଭଳି ମିଛ ତ କହିବି ନାହିଁ, ଯେହେତୁ ଏବେ ମୁଁ ସତ କହିବା ପାଇଁ ବଚନବଦ୍ଧ ହୋଇଛି । ଯଦି ମୁଁ ମଦ ପିଇଛି ବୋଲି କହିବି, ସେମାନେ ମୋ ଠାରୁ ପୃଥକ ହୋଇଯିବେ । ଯଦି ମୁଁ ନାହିଁ କରିବି, ତା'ହେଲେ ମୋତେ ମିଥ୍ୟା କହିବାର ପାପ ଲାଗିବ । ଯାହା କରିବି ନାହିଁ ବୋଲି ସଂକଳ୍ପ କରିଛି । ସୁତରାଂ ଏପରି ଦୋଦୁଲ୍ୟମାନ ଅବସ୍ଥାରେ ରହି ମୁଁ ମନରେ ସ୍ଥିର କଲି ଯେ ବର୍ତ୍ତମାନ ପାଇଁ ମୁଁ ମଦ୍ୟକୁ ସ୍ପର୍ଶ କରିବି ନାହିଁ । ପୁଣି ଆଉ ସୁଯୋଗ ମିଳିଲେ ମଦିରା ପାନ କରିବି । ସେହିପରି ମୋ ହୃଦୟରେ ବ୍ୟଭିଚାର କରିବା ସମ୍ବନ୍ଧରେ ଦ୍ୱନ୍ଦ୍ୱ ଉପୁଜିଲା ଯେ ମୋର ମିତ୍ରଗଣ ମୋତେ ପଚାରିଲେ ମୁଁ କି ଉତ୍ତର ଦେବି । ଯଦି ମୁଁ କହିବି ଯେ ମୁଁ ବ୍ୟଭିଚାର କରିଛି, ତା'ହେଲେ ସେମାନେ ମୋ ଠାରୁ ଦୂରେଇ ଯିବେ । ଯଦି ନାହିଁ କରିବି ତାହା ମିଥ୍ୟା ହେବ, ଯାହା ନକରିବା ପାଇଁ ମୁଁ ପ୍ରତିଶ୍ରୁତି ଦେଇସାରିଛି । ଏହିପରି ଭାବରେ ମୋ ହୃଦୟ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଲା । ଏହି ଦୁଇଟି ମନ୍ଦ ଅଭ୍ୟାସରୁ ବଞ୍ଚିତ ହୋଇ ରହିବା ଯୋଗୁଁ ମୋ ମନରେ ସେହି କର୍ମ ପ୍ରତି ଆଉ ଆକର୍ଷଣ ରହିଲା ନାହିଁ । ବରଂ ସେଥିପ୍ରତି ବିତୃଷ୍ଣା ଭାବ ଆସିଲା । ବିଶେଷତଃ ସତ୍ୟକୁ ସ୍ୱୀକାର କରିଥିବା କାରଣରୁ ଅବଶିଷ୍ଟ ଦୁଇଟି ଯାକ ପାପରୁ ମୁଁ ସୁରକ୍ଷିତ ରହିଲି ।

# ପରଛିଦ୍ରାନ୍ୱେଷର ନିଷେଧାଜ୍ଞା ତଥା ସଦ୍‌ଭାବନାର ଆଦେଶ

ଲୁଚିଛପି ପରଛିଦ୍ର ଖୋଜିବା ପ୍ରତି ମୁହମ୍ମଦ ରସୁଲୁଲ୍ଲାଃ[ସଅ] ବାରଣ କରୁଥିଲେ ତଥା ପରସ୍ପର ମଧ୍ୟରେ ସଦ୍‌ଭାବନା ପୋଷଣ କରିବା ପାଇଁ ଆଦେଶ ଦେଉଥିଲେ । ହଜରତ ଅବୁହୁରୈରା[ରଅ] କହିଛନ୍ତି, ଦିବ୍ୟ ରସୁଲ କହୁଥିଲେ 'ଅନ୍ୟ ପ୍ରତି ମନ୍ଦ ଭାବନା ରଖିବା ସବୁଠାରୁ ବଡ ମିଥ୍ୟା ତଥା ସେମାନଙ୍କ ଦୋଷ ତ୍ରୁଟି ଉପରେ ଗୁପ୍ତ ଭାବେ ଦୃଷ୍ଟି ରଖିବା ଉଚିତ ନୁହେଁ । ସେହିପରି ଅନ୍ୟ ବ୍ୟକ୍ତିଙ୍କୁ ତିରସ୍କାର ପୂର୍ବକ ତା'ର ନିଜସ୍ୱ ମୂଳ ନାମକୁ ହଟାଇ ଅନ୍ୟ ନାମରେ ଡାକନାହିଁ । ଅଂହକାର କରନାହିଁ ତଥା ପରସ୍ପର ମଧ୍ୟରେ ବିଦ୍ୱେଷ ଭାବ ରଖନାହିଁ । ସମସ୍ତେ ଈଶ୍ୱରଙ୍କ ସନ୍ତାନ ହୋଇଥିବା ଦୃଷ୍ଟିରୁ ନିଜକୁ ତାହାଙ୍କ ପରମ ଭକ୍ତ ରୂପେ ବିବେଚନା କର ଓ ପ୍ରଭୁଙ୍କ ଆଦେଶାନୁଯାୟୀ ପରସ୍ପର ଭାଇ ଭାଇ ହୋଇଯାଅ ।' ପୁଣି କହିଥିଲେ; 'ମନେରଖ ! ପ୍ରତ୍ୟେକ

ମୁସଲମାନ ଅନ୍ୟ ମୁସଲମାନର ଭାଇ । ନା ସେ ନିଜ ଭାଇ ଉପରେ ଅତ୍ୟାଚାର କରିବ ନା ସଙ୍କଟମୟ ପରିସ୍ଥିତିରେ ତାଙ୍କ ଠାରୁ ସଂପର୍କ ତୁଟାଇ ଦେବ । ଧନ, ଜ୍ଞାନ, ଯଶ ବା ଅନ୍ୟ କୌଣସି ବସ୍ତୁର ଅଭାବ ଯୋଗୁଁ ଅନ୍ୟ କାହାକୁ ହୀନ ମଣିବ ନାହିଁ । ସଂଯମତା ମନୁଷ୍ୟର ହୃଦୟରୁ ସୃଷ୍ଟି ହୁଏ । ମନୁଷ୍ୟର ରୁଗ୍‌ଣ ମାନସିକତା ଆସିବା ନିଜ ଭାଇକୁ ହତାଦର ଓ ହେୟ ଜ୍ଞାନ କରିବା ପାଇଁ ଯଥେଷ୍ଟ । ପ୍ରତ୍ୟେକ ମୁସଲମାନ ଅନ୍ୟ ଜଣେ ମୁସଲମାନର ପ୍ରାଣ, ସମ୍ମାନ ଓ ଧନ ଉପରେ ପ୍ରହାର କରିବାକୁ ନିଷିଦ୍ଧ କରାଯାଇଛି । ପରମେଶ୍ୱର ମନୁଷ୍ୟର ବାହ୍ୟ ଆବରଣ ଓ ରୂପରଂଗକୁ ଦେଖନ୍ତି ନାହିଁ କିମ୍ଵା ତୁମମାନଙ୍କ କର୍ମର ବାହ୍ୟ ପ୍ରଦର୍ଶନ ପ୍ରତି ତାଙ୍କର ନଜର ନଥାଏ । ବରଂ ତାହାଙ୍କ ଦିବ୍ୟଦୃଷ୍ଟି ତୁମ ହୃଦୟ ଉପରେ ପଡିଥାଏ ।' (ମୁସଲିମ୍, କିତୁବୁଲ୍‌ବିର୍‌ରେ ଓ୍ୱସ୍‌ସିଲ୍‌ହ)

## ବେପାର ବଣିଜରେ ଠକାମି ପ୍ରତି ଘୃଣା

ମୁସଲମାନମାନଙ୍କ ମଧ୍ୟରେ ଧୋକାବାଜି ଓ ଛଳ କପଟ ଆଦି ଆଚରଣ ନ କରାଯିବା ପାଇଁ ସେ ବିଶେଷ ରୂପେ ଧ୍ୟାନ ଦେଉଥିଲେ । ଥରେ ମହାଭାଗ ବଜାରରେ ଯାଉଥିବା ସମୟରେ ଖାଦ୍ୟଶସ୍ୟ ନିଲାମ ହେଉଥିବାର ଦେଖିଲେ । ସେ ଶସ୍ୟ ଗଦା ମଧ୍ୟରେ ହାତ ପୁରାଇ ଦେଖିଲେ ଯେ ବାହାରୁ ଶୁଖିଲା ରହିଥିବା ବେଳେ ଭିତରେ ଓଦା ଥିଲା । ସେ ଶସ୍ୟ ମାଲିକକୁ ପଚାରିଲେ; 'ଏପରି କ'ଣ ହୋଇଛି ?' ସେ କହିଲା, 'ହେ ଅଲ୍ଲାଃଙ୍କ ରସୁଲ ! ବର୍ଷା ଛିଟା ପଡିବାରୁ ତାହା ଓଦା ହୋଇ ଯାଇଛି ।' ଏହା ଶୁଣି ମହାଭାଗ କହିଲେ, 'ଠିକ ଅଛି । କିନ୍ତୁ ଓଦା ହୋଇଥିବା ଖାଦ୍ୟ ଶସ୍ୟକୁ କାଢି ବାହାରେ କାହିଁକି ରଖିଲ ନାହିଁ, ଯଦ୍ଦ୍ୱାରା ଲୋକମାନଙ୍କୁ ତାହା ଜଣା ପଡିବ । ପୁଣି କହିଲେ, ଯେଉଁ ବ୍ୟକ୍ତି ଅନ୍ୟମାନଙ୍କୁ ଧୋକା ଦିଏ, ସେ ମୋ ସଂପ୍ରଦାୟର ଲାଭପ୍ରଦ ବା ହିତକାରକ ଅଂଶ ହୋଇ ପାରିବ ନାହିଁ ।' (ମୁସଲିମ) ସେ ଜୋର୍ ଦେଇ କହୁଥିଲେ ଯେ ବେପାର ବଣିଜରେ ଠକାମି କରିବା ବା ଧୂର୍ତ୍ତ ପଣିଆ ଆଦୌ ସମିଚୀନ ନୁହେଁ । ବିନା ଦେଖିବାରେ କୌଣସି ସାମଗ୍ରୀ କିଣାବିକା କରିବା ମଧ୍ୟ ଉଚିତ ନୁହେଁ । କୌଣସି ସଉଦାର କାରବାର ଉପରେ ପୁଣି ଥରେ ସଉଦା କରିବା ଅନୁଚିତ । କୌଣସି ପଦାର୍ଥର ଦାମ ଭବିଷ୍ୟତରେ ବୃଦ୍ଧି ପାଇବାର ଆଶା ରଖି ତାକୁ ବିକ୍ରି ନକରି ଅଟକାଇ ରଖିବା ଉଚିତ ନୁହେଁ । ବରଂ ଯାହାର ସେହି ବସ୍ତୁର ଆବଶ୍ୟକତା ରହିଛି, ଚାହିଦା ପୂରଣ କରି ସେହିସବୁ ସାମଗ୍ରୀକୁ ତୁରନ୍ତ ସମୁଚିତ ମୂଲ୍ୟରେ ବିକ୍ରିକରି ଦେବା ଉଚିତ ।

# ନୈରାଶ୍ୟ ଭାବ

ମହାଭାଗ ନିରାଶାର ଭାବନା ପ୍ରତି ପ୍ରବଳ ବିରୋଧି ଥିଲେ । ସେ କହୁଥିଲେ ଯେଉଁ ବ୍ୟକ୍ତି ଲୋକମାନଙ୍କ ମଧ୍ୟରେ ବସି ନିରାଶାଜନକ କଥାବାର୍ତ୍ତା କରେ, ସେ ଲୋକମାନଙ୍କ ବିନାଶ ପାଇଁ ଉତ୍ତରଦାୟୀ ହୋଇଥାଏ । କାରଣ ଏପରି କେତେକ କଥା ବ୍ୟାପିଗଲେ ଜନସାଧାରଣଙ୍କ ମନୋବଳ ଭାଙ୍ଗିଯାଏ, ତଥା ଅବନତି ଆରମ୍ଭ ହୋଇଯାଏ । ସେହିପରି ସେ ଗର୍ବ ଓ ଅହଂକାରରୁ ନିବୃତ୍ତ ରହିବା ପାଇଁ ଲୋକମାନଙ୍କୁ ତାଗିଦ୍ କରୁଥିଲେ । ଏହା ପ୍ରଦର୍ଶନ କରିବା ଦ୍ୱାରା ସେମାନଙ୍କ ଜୀବନ ଅବନତି ଆଡକୁ ଅଗ୍ରସର ହୁଏ । ଏହି ଦୁଇଟି କର୍ମର ମଧ୍ୟବର୍ତ୍ତୀ ମାର୍ଗ ଅବଲମ୍ବନ କରିବାକୁ ସେ ଆଦେଶ ଦେଉଥିଲେ । ନା କୌଣସି ମନୁଷ୍ୟ ଗର୍ବ ଓ ଅହଂକାର ପଥ ଅନୁସରଣ କରିବ ନା ନୈରାଶ୍ୟପୂର୍ଣ୍ଣ କର୍ମ କରିବା ଉଚିତ । କିନ୍ତୁ ନିରାସକ୍ତ କର୍ମ ଭାବନା ରଖି ସତକର୍ମ କରି ଚ୍ଚଲିବ, ଯାହାର ଫଳର ଆଶା ପରମେଶ୍ୱରଙ୍କ ଉପରେ ଛାଡିଦେବ । ନିଜ ସଂପ୍ରଦାୟର ଉନ୍ନତିର ଇଚ୍ଛା ତା'ର ହୃଦୟରେ ରହିଥାଉ, ମାତ୍ର କୌଣସି ଗର୍ବ ବା ଆତ୍ମବଡିମା ମନରେ ସୃଷ୍ଟି ନହେଉ ।

# ପଶୁମାନଙ୍କ ପ୍ରତି ଦୟା

ମହାନୁଭବ ପଶୁମାନଙ୍କ ପ୍ରତି କରାଯାଉଥିବା ଅତ୍ୟାଚ୍ଚରକୁ ପସନ୍ଦ କରୁ ନଥିଲେ । ସେ କହୁଥିଲେ ଯେ ଇସ୍ରାଇଲ ଜାତିର ଜଣେ ମହିଳା ନିଜର ପୋଷା ବିରାଡିକୁ ଭୋକ ଉପାସରେ ମାରି ଦେଇଥିବା ଯୋଗୁଁ ତାକୁ ଦୈବିଶାସ୍ତି ମିଳିଥିଲା । ସେହିପରି ସେ କହିଥିଲେ, 'ପୂର୍ବବର୍ତ୍ତୀ ଜାତିମାନଙ୍କ ମଧ୍ୟରେ ଜଣେ ବ୍ୟକ୍ତିଙ୍କୁ ଏହି କାରଣରୁ ମୋକ୍ଷ ପ୍ରଦାନ କରାଯାଇଥିଲା ଯେ ସେ ଏକ କୁକୁରଙ୍କୁ ଶୋଷରେ ଆଉଟୁ ପାଉଟୁ ହୋଇଥିବାର ଦେଖି ନିକଟରେ ଥିବା ପାଣିର ଗାତ ମଧ୍ୟରୁ ନିଜ ଜୋତା ଦ୍ୱାରା ପାଣି କାଢି ତାକୁ ପିଆଇଥିଲେ । ସେହି ସତକର୍ମ ଯୋଗୁଁ ପ୍ରଭୁ ତା'ର ସମସ୍ତ ପାପକୁ କ୍ଷମା କରି ଦେଇଥିଲେ ।'

ହଜରତ ଅବ୍ଦୁଲ୍ଲାଃ ବିନ୍ ମସଉଦ୍[ରଅ] କହିଛନ୍ତି, 'ଥରେ ଆମେ ମହାଭାଗଙ୍କ ସହିତ ଯାତ୍ରା କରୁଥିଲୁ । ରାସ୍ତାରେ ଏକ କପୋତ ପକ୍ଷୀର ଦୁଇଟି ଛୋଟ ଶାବକକୁ ଦେଖିଲୁ ଓ ଆମେ ସେମାନଙ୍କୁ ଧରିନେଲୁ । କପୋତ ଫେରି ଆସି ନିଜ ଛୁଆଙ୍କୁ ନ ଦେଖି ଏଣେତେଣେ ଉଡି ଖୋଜିବାକୁ ଲାଗିଲା । ଇତି ମଧ୍ୟରେ ମୁହମ୍ମଦ[ସଅ] ସେଠାକୁ ଆସି ପଚ୍ଚରିଲେ, 'ଏହି ପ୍ରାଣୀକୁ ଶାବକଙ୍କ ଠାରୁ ବିଚ୍ଛେଦ କରାଇ କିଏ କଷ୍ଟ

ପହଞ୍ଚାଇଛି ? ଏହି ଛୁଆଙ୍କୁ ତୁରନ୍ତ ଛାଡିଦିଅ, ଯଦ୍ଦ୍ୱାରା ମାଆକୁ ସାନ୍ତ୍ୱନା ମିଳିବ ।' (ହଦିସ-ଅବୁଦାଉଦ) ସେହିପରି ହଜରତ ଅବ୍ଦୁଲ୍ଲାଃ ବିନ୍ ମସଉଦ[ରଅ] କହିଛନ୍ତି; 'ଥରେ ଆମେ ପିମ୍ପୁଡିମାନଙ୍କ ବସାକୁ ଶୁଖିଲା ଘାସ ପକାଇ ଜଳାଇଦେଲୁ । ଏଥିରେ ବ୍ୟଥିତ ହୋଇ ମୁହମ୍ମଦ[ସଅ] କହିଲେ, 'ତୁମେ ଏପରି କାହିଁକି କଲ ? ଏହା ଆଦୌ ସ୍ପୃହଣୀୟ ନୁହେଁ ।'

ଥରେ ରସୁଲୁଲ୍ଲାଃ[ସଅ] ଗଧ ମୁହଁରେ ଦାଗ ଲଗା ଯାଉଥିବାର ଦେଖି କହିଲେ: 'ଏଠାରେ ଦାଗ କାହିଁକି ଲଗାଉଛ ?' ଲୋକମାନେ କହିଲେ, 'ରୋମୀୟ ଲୋକମାନେ ଉତ୍କୃଷ୍ଟ ଗଧଙ୍କୁ ଚିହ୍ନଟ କରିବା ପାଇଁ ଏପରି କରନ୍ତି ।' ତହୁଁ ମହାଭାଗ କହିଲେ: 'ଯଦି ଏପରି ଦାଗ ଲଗାଇ ଚିହ୍ନଟ କରିବାକୁ ପଡୁଛି, ତା'ହେଲେ ପଶୁଙ୍କ ପିଠି ଉପରେ ଲଗାଅ' (ହଦିସ-ଅବୁଦାଉଦ ଓ ତିରମିଜି) । ସୁତରାଂ ସେହିଦିନ ଠାରୁ ମୁସଲମାନମାନେ ପଶୁଙ୍କ ପିଠିରେ ସେହି ଚିହ୍ନ ଲଗାନ୍ତି । ଏବେ ତାହାକୁ ୟୁରୋପୀୟ ଲୋକମାନେ ଅନୁକରଣ କରୁଛନ୍ତି ।

# ଧାର୍ମିକ ସହିଷ୍ଣୁତା

ମହାନୁଭବ ଧାର୍ମିକ ସହିଷ୍ଣୁତା ଉପରେ ଅଧିକ ଜୋର୍ ଦେଉଥିଲେ । ସେ ସ୍ୱୟଂ ମଧ୍ୟ ସହନଶୀଳତାର ଉଚ୍ଚକୋଟୀର ଆଚରଣ ପ୍ରଦର୍ଶନ କରି ଯାଇଛନ୍ତି । ମହାଭାଗଙ୍କ ନିକଟକୁ ୟେମେନ୍‌ରୁ ଏକ ଖ୍ରୀଷ୍ଟ ଯାଜକ ମଣ୍ଡଳୀ ଧାର୍ମିକ ବିଗ୍ରର ବିନିମୟ କରିବା ଉଦ୍ଦେଶ୍ୟରେ ଆସିଲେ । ସେମାନଙ୍କ ମଧ୍ୟରେ ବଡ ବଡ ପାଦ୍ରୀ ମଧ୍ୟ ଥିଲେ । ମସଜିଦ୍ ମଧ୍ୟରେ ବାର୍ତ୍ତାଳାପ କରୁ କରୁ ବହୁ ଲମ୍ବା ସମୟ ଅତିକ୍ରାନ୍ତ ହୋଇଗଲା । ତାଙ୍କ ଦଳର ପାଦ୍ରୀ କହିଲେ 'ଆମର ପ୍ରାର୍ଥନା କରିବା ସମୟ ହୋଇଗଲା । ଆମେ ଏବେ ବାହାରକୁ ଯାଇ ଉପାସନା କରିବୁ ।' ଏହା ଶୁଣି ମହାଭାଗ ଉତ୍ତର ଦେଲେ, 'ବାହାରକୁ ଯିବାର କ'ଣ ଆବଶ୍ୟକତା ଅଛି ? ଆମ ମସଜିଦ୍ ଭିତରେ ହିଁ ଉପାସନା କରନ୍ତୁ । ଏହା ତ ଈଶ୍ୱରଙ୍କ ସ୍ତୁତି ନିମନ୍ତେ ନିର୍ମାଣ କରାଯାଇଛି ।' (ଜରକାନୀ)

# ବୀରତ୍ୱ ପ୍ରଦର୍ଶନ

ହଜରତ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ବୀରତ୍ୱର ଅନେକ ଘଟଣା ତାଙ୍କ ଜୀବନ ଚରିତରେ ପୂର୍ବରୁ ବର୍ଣ୍ଣନା କରାଯାଇଛି । ଏଠାରେ ଗୋଟିଏ ଘଟଣା ଉଲ୍ଲେଖ ଯୋଗ୍ୟ । ଯେବେ ମଦିନାରେ ଏହି ଖବର ପ୍ରସାରିତ ହୋଇଗଲା ଯେ ରୋମ୍ ସରକାର ମଦିନା

ଆକ୍ରମଣ କରିବା ପାଇଁ ବିଶାଳ ସେନାବାହିନୀ ପଠାଉଛି, ମୁସଲମାନ ରାତ୍ରୀକାଳରେ ଜାଗ୍ରତ ରହି ସତର୍କତା ଅବଲମ୍ବନ କରୁଥିଲେ । ଥରେ ବାହାର ବଣ ମଧ୍ୟରୁ କୋଳାହଳ ଶୁଣାଗଲା ଓ ତତ୍କ୍ଷଣାତ୍ ଅନୁଚରମାନେ ଘରୁ ବାହାରି ଆସିଲେ ଓ ଅନ୍ୟ କେତେକ ଇତସ୍ତତଃ ହୋଇ ଧାଇଁବାରେ ଲାଗିଲେ । କେତେକ ବ୍ୟକ୍ତି ମସଜିଦ୍‌ରେ ଏକତ୍ରିତ ହୋଇ ମହାତ୍ମାଙ୍କ ଆଦେଶର ପ୍ରତୀକ୍ଷା କରିବାକୁ ଲାଗିଲେ । କିନ୍ତୁ ସେ କ'ଣ ଦେଖୁଛନ୍ତି ! ସେ ନିଜ ଘରୁ ଅଶ୍ୱ ଉପରେ ଆରୋହଣ କରି ଏକାକୀ ବାହାରି ଆସୁଛନ୍ତି । କିନ୍ତୁ ଯାହା ଜଣାପଡିଲା, ସେହି ଅଶ୍ୱାରୋହୀ ଜଣକ ଆଉକେହି ନୁହନ୍ତି ବରଂ ସ୍ୱୟଂ ମୁହମ୍ମଦ[ସଅ] । ଶତ୍ରୁଭୟର ଆଶଙ୍କା କରି ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଅନୁଚରମାନଙ୍କ ସହାୟତାକୁ ଅପେକ୍ଷା ନକରି ଅପୂର୍ବ ବୀରତ୍ୱ ପ୍ରଦର୍ଶନ ପୂର୍ବକ ଜଙ୍ଗଲ ମଧ୍ୟକୁ ଏକାକୀ ଚାଲି ଯାଇଥିଲେ । ବାସ୍ତବିକ ସ୍ଥିତି ପ୍ରତି ଅବଗତ ହୋଇ ଫେରି ଆସି କହିଲେ, 'ଭୟର କୌଣସି କାରଣ ନାହିଁ । ତୁମେମାନେ ନିଶ୍ଚିନ୍ତରେ ଘରକୁ ଯାଇ ଶୋଇପଡ ।' (ବୁଖାରି, ବାବୁସ୍ ସୁଜାଅତ୍ ଫିଲ୍ ହର୍ବ୍)

## ସ୍ୱଳ୍ପବୁଦ୍ଧି ସଂପନ୍ନ ବ୍ୟକ୍ତିଙ୍କ ସହିତ ଅମାୟିକ ବ୍ୟବହାର

ସ୍ୱଳ୍ପ ଜ୍ଞାନ ଓ ବୁଦ୍ଧି ରଖିଥିବା ଲୋକଙ୍କୁ ମହାଭାଗ ଗଭୀର ପ୍ରେମ କରୁଥିଲେ ଓ ସେମାନଙ୍କ ସହିତ ସହାନୁଭୂତି ଓ ମୈତ୍ରୀପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ । ଥରେ ଜଣେ ଗ୍ରାମୀଣ ବ୍ୟକ୍ତି ନବୀ ଦୀକ୍ଷିତ ମୁସଲମାନ ହୋଇଥିଲା । ମସଜିଦ୍ ମଧ୍ୟରେ ବସିଥିବା ବେଳେ ତାକୁ ପରିସ୍ରା ଲାଗିବାରୁ ସେ ଉଠିଯାଇ ମସଜିଦ୍‌ର ଏକ କୋଣରେ ହିଁ ପରିସ୍ରା କରିଦେଲା । ଅନୁଚରଗଣ ତାକୁ ବାରଣ କରିବାକୁ ଉଦ୍ୟତ ହୁଅନ୍ତେ, ମହାଭାଗ ସେମାନଙ୍କୁ ଅଟକାଇ କହିଲେ; 'ଏହା ତା'କୁ କ୍ଷତି ପହଞ୍ଚାଇବ । ତେଣୁ ତୁମେ ମନା କରନାହିଁ । ଯେତେବେଳେ ସେ ପରିସ୍ରା କରି ସାରିବ, ତା'ପରେ ସେହି ସ୍ଥାନକୁ ପାଣି ଢାଳି ସଫା କରିଦେବ ।' (ହଦିସ୍ ସହି ବୁଖାରି)

## ପ୍ରତିଶ୍ରୁତି ପାଳନ

କୌଣସି ବଚନ ଉପରେ ପାଳନ କରିବା ପ୍ରତି ମହାଭାଗ ଏପରି ବିଶେଷ ଧ୍ୟାନ ଦେଉଥିଲେ ଯେ ଥରେ ଜଣେ ସରକାରୀ ଦୂତ କୌଣସି ବାର୍ତ୍ତା ନେଇ ଆସିଲା ଓ ମହାତ୍ମାଙ୍କ ସତ୍‌ସଂଗରେ କିଛିଦିନ ରହି ଇସଲାମର ସତ୍ୟତାକୁ ସ୍ୱୀକାର କଲା । ସେ କହିଲା, 'ହେ ଅଲ୍ଲାଃଙ୍କ ରସୁଲ ! ମୁଁ ତ ହୃଦୟରେ ମୁସଲମାନ ହୋଇସାରିଛି । ତେଣୁ ନିଜର ଇସଲାମ ପ୍ରତି ଗଭୀର ଆସ୍ଥା ପ୍ରକଟ କରିବାକୁ ଚାହୁଁଛି ।' ମହାଭାଗ ଉତ୍ତର

ଦେଲେ, 'ଏହା ଉଚିତ ନୁହେଁ । ତୁମେ ନିଜ ସରକାରଙ୍କ ତରଫରୁ ଏକ ସମ୍ମାନିତ ଉଚ୍ଚାଧିକାରୀ ପଦରେ ନିଯୁକ୍ତ ହୋଇଆସିଛ । ତେଣୁ ଯଥାବତ୍ ଏଠାରୁ ପ୍ରସ୍ଥାନ କର । ଯଦି ତୁମ ହୃଦୟରେ ଇସଲାମ ପ୍ରତି ପ୍ରେମ ଓ ଆସକ୍ତିର ଭାବନା ତିଷ୍ଠି ରହେ, ତା'ହେଲେ ଦ୍ୱିତୀୟ ଥର ଆସି ଇସଲାମ ଗ୍ରହଣ କର ।' (ଅବୁଦାଉଦ, ଭାଗ ଅଲ୍‌ୱାଫା ବିଲ୍ ଅହଦ୍)

ବିଶ୍ୱବନ୍ଦିତ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ଜୀବନ ଚରିତ୍ରର ଗାଥା କୌଣସି ସାଧାରଣ ବିଷୟବସ୍ତୁ ନୁହେଁ, ଯାହାକୁ ମାତ୍ର କେତେଗୋଟି ପୃଷ୍ଠା ମଧ୍ୟରେ ସମାପ୍ତ କରାଯାଇ ପାରିବ, ଅଥବା ଯାହାର କେବଳ ସୀମିତ ଦୃଷ୍ଟିକୋଣରୁ ଆକଳନ କରାଯାଇ ପାରିବ । ଯେହେତୁ ଏହି ପବିତ୍ର ଜୀବନ ଚରିତ ରଚନା କରିବା ଦୃଷ୍ଟିକୋଣରୁ ଏହି ପୁସ୍ତକ ଯଥେଷ୍ଟ ନୁହେଁ ଏବଂ ଏପରି ଏକ ମହାନ ସନ୍ଦର୍ଭରେ ଏକ ଦୀର୍ଘକାୟ ପ୍ରସଙ୍ଗ ଉପସ୍ଥାପନ କରିବା ପାଇଁ ଏଠାରେ ସ୍ଥାନ ନାହିଁ, ବରଂ କେତୋଟି ମାତ୍ର ଦିଗ ଉପରେ ଆଲୋକପାତ କରିବା କେବଳ ସମ୍ଭବ ହୋଇ ପାରିଛି । ସେଥିପାଇଁ ମୁଁ ଏତିକି ଲେଖିବା ପର୍ଯ୍ୟାପ୍ତ ମନେ କରୁଛି । ଏହାକୁ ମୋର ଏକ ସାର୍ଥକ କୃତି ବୋଲି ବିବେଚନା କରୁଛି ।

اللهم صل على محمد وعلى آل محمد وبارك وسلم

ଅଲ୍ଲାହୁମ୍ମା ସଲ୍ଲେ ଅଲା ମୁହମ୍ମଦିନ୍ ୱ ଅଲା ଆଲେ ମୁହମ୍ମଦିନ୍ ୱ ବାରିକ୍ ୱସଲ୍ଲିମ୍